

# ମାତୃରଚନାବଳି

## ଦଶମ ଖଣ୍ଡ

## ‘ବିଚାର ଓ ସୂତ୍ରାବଳୀ’ ସମ୍ବନ୍ଧରେ

# ଶ୍ରୀମା

**ଜନ୍ମଗ୍ରହଣ :**

ଫେବ୍ରୁଆରି ୨୧, ୧୮୭୮

**ଭାରତବର୍ଷରେ ପଦାର୍ପଣ :**

ମାର୍ଚ୍ଚ ୨୯, ୧୯୧୪

**ମହାପ୍ରୟାଣ :**

ନଭେମ୍ବର ୧୭, ୧୯୭୩

**ଜନ୍ମଶତବାର୍ଷିକୀ :**

ଫେବ୍ରୁଆରି ୨୧, ୧୯୭୮

# ମାତୃରଚନାବଳି : ୧୦ମ ଖଣ୍ଡ

(ବିଚାର ଓ ସୂତ୍ରାବଳି ସମ୍ବନ୍ଧରେ)

ଶ୍ରୀମା'ଙ୍କର "*On Thoughts and Aphorisms* – 1958-70" ଗ୍ରନ୍ଥର

ଓଡ଼ିଆ ଅନୁବାଦ

ଅନୁବାଦ : ଶ୍ରୀ ଚିତ୍ତରଂଜନ ଦାସ

ପ୍ରଥମ ମୁଦ୍ରଣ : ୨୦୦୨

ସର୍ବସ୍ୱତ୍ୱ ସଂରକ୍ଷିତ :

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ – ୬୦୫ ୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

**MATRIRACHANABALI** (Oriya) – **Vol. 10**

On Thoughts and Aphorisms – 1958-70

Translated by : Sri Chittaranjan Das

1st Edition : 2002

© Sri Aurobindo Ashram Trust, Pondicherry - 605 002

Published by : Navajyoti Karyalaya, Publication Department,

Sri Aurobindo Ashram, Pondicherry - 605 002

---

Printed at Sri Aurobindo Ashram Press, Pondicherry - 605002

# ପ୍ରକାଶକଙ୍କ ଟିପ୍ପଣୀ

୧୯୫୮ ମସିହାରୁ ଆରମ୍ଭ କରି ୧୯୭୦ ମସିହା ପର୍ଯ୍ୟନ୍ତ ଦୀର୍ଘ ବାର ବର୍ଷର ବିଭିନ୍ନ ସମୟରେ ମାଆ ଶ୍ରୀଅରବିନ୍ଦଙ୍କର ''ବିଚାର ଓ ସୂତ୍ରାବଳୀ'' ସମ୍ବନ୍ଧରେ ମନ୍ତବ୍ୟମାନ ଦେଇଥିଲେ । ତାରିଖ, ବିଷୟବସ୍ତୁ ଏବଂ ଆକାର ଅନୁସାରେ ସେହି ମନ୍ତବ୍ୟଗୁଡ଼ିକୁ ଚାରିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ପାରିବ ।

୧. ସୂତ୍ରାବଳୀ ୧-୧୨ (୧୯୫୮) : ଆଶ୍ରମର ଛାତ୍ର, ଶିକ୍ଷକ ଓ ସାଧକମାନେ ଲିଖିତ ଆକାରରେ ଆଗରୁ ଯେଉଁସବୁ ପ୍ରଶ୍ନ ପଚାରୁଥିଲେ, ମାଆ ଅଧିକାଂଶତଃ ଲିଖିତ ଆକାରରେ ଆଶ୍ରମ ପ୍ଲେଗ୍ରାଉଣ୍ଡର ''ବୁଧବାର କ୍ଲାସ୍'' ମାନଙ୍କରେ ସେଗୁଡ଼ିକର ଉତ୍ତର ଦେଉଥିଲେ ।

୨. ସୂତ୍ରାବଳୀ ୧୩-୬୮ (୧୯୬୦-୬୧) : ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ଜଣେ ତରୁଣ ''ଅଧିନାୟକ'' ମାଆଙ୍କୁ ଲିଖିତ ଭାବରେ ଯେଉଁସବୁ ପ୍ରଶ୍ନ କରିଥିଲେ, ମାଆ ଅଧିକାଂଶତଃ ଲିଖିତ ଓ ଅଳ୍ପ କେତେଗୋଟି ମୌଖିକ ଭାବରେ ସେଗୁଡ଼ିକର ଉତ୍ତର ଦେଇଥିଲେ ।

୩. ସୂତ୍ରାବଳୀ ୬୯-୧୨୪ (୧୯୬୨-୬୬) : ତାଙ୍କର ଜଣେ ଶିଷ୍ୟକୁ ମୌଖିକ ଭାବରେ ଦିଆ ଯାଇଥିବା ଉତ୍ତରଗୁଡ଼ିକ । ଏହି ପର୍ଯ୍ୟାୟଟିରେ ମାଆ ସୂତ୍ରାବଳୀ ଉପରେ ସିଧା ମନ୍ତବ୍ୟ ଦେବା ହେତୁ ଅଧିକରୁ ଅଧିକ ବିଷୟ ବାହାରକୁ ଯାଇ ନାନା ବିଷୟାନ୍ତରର ଚର୍ଚ୍ଚା କରୁଥିଲେ ଏବଂ ସେହି ସମୟରେ ତାଙ୍କର ଉପଲବ୍ଧ ହୋଇଥିବା ଅନୁଭୂତିଗୁଡ଼ିକର ବ୍ୟାଖ୍ୟା କରି କହିଦେବା ଲାଗି ଏହି ଅବସରଗୁଡ଼ିକୁ କାମରେ ଲଗାଉଥିଲେ ।

୪. ସୂତ୍ରାବଳୀ ୧୨୫-୫୪୧ (୧୯୬୯-୭୦) : ପୂର୍ବୋକ୍ତ ଅଧିନାୟକ ପଚାରିଥିବା ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଲିଖିତ ଉତ୍ତର । ଉକ୍ତ ଅଥବା ଲିଖିତ, ମାଆଙ୍କର ଏହି ଯାବତୀୟ ମନ୍ତବ୍ୟ ଫରାସୀ ଭାଷାରେ ପ୍ରଦତ୍ତ ହୋଇଥିଲା ଏବଂ ମାଆ ସ୍ୱୟଂ କରିଥିବା ''ବିଚାର ଓ ସୂତ୍ରାବଳୀ''ର ଏକ ଫରାସୀ ଅନୁବାଦର ପାଠ ଉପରେ ସେଗୁଡ଼ିକ ଆଧାରିତ ହୋଇ ରହିଥିଲା ।

ମାଆଙ୍କ କୃତ ପ୍ରଥମ ବାରଗୋଟି ସୂତ୍ରର ଅନୁବାଦ ଓ ମନ୍ତବ୍ୟ ୧୯୫୯ ମସିହାରେ Pensées et Aphoris mes : Traduits et Commentés par la mère ଶୀର୍ଷକରେ ପ୍ରକାଶିତ ହୋଇଥିଲା । ଅବଶିଷ୍ଟ ଅନୁବାଦ ଓ ମନ୍ତବ୍ୟଗୁଡ଼ିକ ଏପ୍ରିଲ, ୧୯୬୦

ଏବଂ ଅଗଷ୍ଟ ୧୯୭୬ ମଧ୍ୟରେ Bulletin of Sri Aurobindo International Centre of Education ତ୍ରୈମାସିକ ପତ୍ରିକାରେ ଧାରାବାହିକ ଭାବରେ ଉଭୟ ଫରାସୀ ଏବଂ ଇଂରାଜୀ ଭାଷାରେ ପ୍ରକାଶିତ ହୋଇଥିଲା । ଫରାସୀ ସଂପୂର୍ଣ୍ଣ ସଂସ୍କରଣଟି ଦୁଇଟି ଖଣ୍ଡରେ ଯଥାକ୍ରମେ ୧୯୭୪ ଓ ୧୯୭୬ ରେ Pensées et Aphorismes : Traduits et Commentés par la Mère ଶୀର୍ଷକରେ ପ୍ରକାଶିତ ହେଲା । ପ୍ରସ୍ତୁତ ଖଣ୍ଡଟି, ସଂପୂର୍ଣ୍ଣ ମାତୃ-ରଚନାବଳୀ (ଶତବାର୍ଷିକୀ ସଂସ୍କରଣ)ର ଏହି ଦଶମ ଖଣ୍ଡଟି, ହେଉଛି ଇଂରାଜୀ ଭାଷାରେ ଲିଖିତ ସଂପୂର୍ଣ୍ଣ ପ୍ରଥମ ସଂସ୍କରଣ । ପ୍ରଥମ ବାରଗୋଟି ସୂତ୍ର ଓ ତାହାର ଅନୁବାଦକୁ ଏଠାରେ ସର୍ବପ୍ରଥମ ଥର ପାଇଁ ଇଂରାଜୀରେ ପ୍ରକାଶ କରାଯାଉଛି । ବୁଲେଟିନ୍‌ରେ ବାହାରିଥିବା ଇଂରାଜୀ ପାଠାନୁବାଦକୁ ସଂଶୋଧିତ କରାଯାଇ ଅବଶିଷ୍ଟଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ।

ଶ୍ରୀଅରବିନ୍ଦଙ୍କର ''ବିଚାର ଓ ସୂତ୍ରାବଳୀ'' ପଣ୍ଡିଚେରୀରେ ତାଙ୍କର ରହଣିର ପ୍ରଥମ କାଳରେ, ନିଶ୍ଚିତ ଭାବରେ ୧୯୧୫ ପୂର୍ବରୁ, ଲେଖା ହୋଇଥିଲା; ଏବଂ ଖୁବ୍ ସମ୍ଭବ ଏହି ସନଟିର ଠିକ୍ ପୂର୍ବରୁ ଲେଖା ହୋଇଥିଲା । ତାଙ୍କର ଜୀବନକାଳରେ ଏଗୁଡ଼ିକର କୌଣସି ସଂଶୋଧନ କିଂବା ପ୍ରକାଶନ ହୋଇ ନ ଥିଲା; ଲେଖକଙ୍କର ପ୍ରଦତ୍ତ ତିନୋଟି ଶୀର୍ଷକ, ଜ୍ଞାନ, କର୍ମ ଓ ଭକ୍ତିରେ ଏଗୁଡ଼ିକୁ ୧୯୫୮ ମସିହାରେ ପ୍ରଥମେ ପ୍ରକାଶ କରାଗଲା ।

୧୯୭୭ ମସିହାରେ, ଇଂରାଜୀ ପାଠର ଏକ ନୂତନ ସଂସ୍କରଣ ପ୍ରସ୍ତୁତ କରିବା ସମୟରେ ଯେତେବେଳେ ''ବିଚାର ଓ ସୂତ୍ରାବଳୀ''ର ମୂଳ ପାଣ୍ଡୁଲିପିଟିକୁ ପରୀକ୍ଷା କରି ଦେଖାଗଲା, ସେତେବେଳେ ଜଣାପଡ଼ିଲା ଯେ ପ୍ରଥମ ସଂସ୍କରଣର ପାଠରେ ଏକାଧିକ ସ୍ଥଳରେ ପ୍ରମାଦମାନ ରହିଯାଇଛି । ମାଆ ସେହି ପ୍ରଥମଟିର ଅନୁବାଦ କରିଥିଲେ ଓ ତାହାରି ଭିତ୍ତିରେ ଆପଣାର ମନ୍ତବ୍ୟଗୁଡ଼ିକୁ ଦେଇଥିଲେ । ''ବିଚାର ଓ ସୂତ୍ରାବଳୀ''ର ପ୍ରସ୍ତୁତ ସଂସ୍କରଣରେ ସେହି ପ୍ରମାଦ– ଅଧିକାଂଶତଃ ଗୌଣ,– ସଂଶୋଧନ କରି ଦିଆଯାଇଛି । ମାଆଙ୍କର ମନ୍ତବ୍ୟ ସହିତ ସଂଶୋଧିତ ପାଠଟି ଯେଉଁଠାରେ ମେଳ ଖାଉ ନାହିଁ, ସେଠାରେ ତାହାକୁ ଏକ ପାଦଟୀକାରେ ସୂଚାଇ ଦିଆଯାଇଛି ।

# ବିଷୟ-ସୂଚୀ

## ଜ୍ଞାନ

## ଟିପ୍ପଣୀଗୁଡ଼ିକର ପ୍ରଥମ ପର୍ଯ୍ୟାୟ (୧୯୫୮)


| | | | | ପୃଷ୍ଠା |
|---|---|---|---|---|
| ସୂତ୍ର | ୧ | ଜ୍ଞାନ ଓ ପ୍ରଜ୍ଞା : ସମ୍ବନ୍ଧିତ ଶକ୍ତିଦ୍ୱୟ | ... | ୧ |
| | | ''ଏକ ବିକୃତ ମାଧ୍ୟମ ଦେଇ ଦୃଷ୍ଟ ହେଉଥିବା ସତ୍ୟ'' | ... | ୨ |
| | | ଶୁଭ୍ର ଆଲୋକ ସହିତ ସତ୍ୟର ତୁଳନା | ... | ୩ |
| | ୨ | ପ୍ରେରଣା : ଉଜ୍ଜ୍ୱଳତାର ଏକ କ୍ଷୀଣକାୟା ନଦୀ | ... | ୫ |
| | | ପ୍ରେରଣା, ବୁଦ୍ଧିଯୁକ୍ତି ଏବଂ ଇନ୍ଦ୍ରିୟଗଣ | ... | ୬ |
| | | ''ପ୍ରେରଣାର ସାମର୍ଥ୍ୟକୁ ବୃଦ୍ଧିକରାଯାଇ ପାରିବ କିପରି ?'' | ... | ୮ |
| | | ଶ୍ରୀଅରବିନ୍ଦଙ୍କ ରଚନା ଦ୍ୱାରା ଉପକୃତ ହେବାର ସର୍ବୋତ୍ତମ ଉପାୟ | ... | ୯ |
| | ୩ | ଉଚ୍ଚତର ସତ୍ୟଗୁଡ଼ିକ ଆଗରେ ବୁଦ୍ଧିଯୁକ୍ତି ଥରହର ହେଉଥାଏ | ... | ୧୧ |
| | | ଅତିମାନସ ବିପ୍ଳବ | ... | ୧୨ |
| | ୪ | ଜ୍ଞାନ ଓ କର୍ମ | ... | ୧୩ |
| | | ପୂର୍ଣ୍ଣ ଗ୍ରହଣଶୀଳତା-ଜନିତ ନୀରବତା | ... | ୧୩ |
| | ୫ | ଉପଲବ୍ଧି-ପଥରେ ବାଧା | ... | ୧୫ |
| | | ଭୟ, ସନ୍ଦେହ ଓ ସଂଶୟବାଦ | ... | ୧୬ |
| | | ଅଗ୍ରଗତି ଲାଗି ପ୍ରକୃତିର ମାର୍ଗ | ... | ୧୮ |
| | ୬ | ସୂତ୍ରଗୁଡ଼ିକରୁ ମନ ଆଘାତ ପାଇବ | ... | ୨୦ |
| | | ବୁଦ୍ଧିଯୁକ୍ତିର ଭୂମିକା | ... | ୨୧ |
| | | ବୁଦ୍ଧିଯୁକ୍ତିକୁ ପରିତ୍ୟାଗ କରିବାର ବିପଦ | ... | ୨୨ |
| | | ଯଥାର୍ଥ ପ୍ରଜ୍ଞା | ... | ୨୪ |
| | ୭ | ଲୋକେ ଯାହାକୁ ଜ୍ଞାନ ବୋଲି କହନ୍ତି | ... | ୨୪ |
| | | ପ୍ରତିଭାସ ଓ ''ଚେତନାର ପ୍ରତିବର୍ତ୍ତନ'' | ... | ୨୬ |
| | | ''ସେହି ଅନୁଭୂତିଟି କିପରି ଲାଭ କରାଯାଇ ପାରିବ ?'' | ... | ୨୮ |
| | ୮ | ଧର୍ମଗୁଡ଼ିକ ପ୍ରତି ଅସହିଷ୍ଣୁ-ଭାବ | ... | ୨୯ |

বিষয়-সূচী


| বিষয়-সূচী | | | ପୃଷ୍ଠା |
|---|---|---|---|
| | ଅସହିଷ୍ଣୁତା କ୍ରିୟାଶୀଳ ହେବାର ପଦ୍ଧତି | ... | ୩୦ |
| | ଅନୁଭୂତି : ବ୍ୟକ୍ତିଗତ ଏବଂ ବିଶ୍ୱଗତ | ... | ୩୦ |
| | ସମ୍ବନ୍ଧଚୟ : ଏକ ଦର୍ପଣ ପରି | ... | ୩୨ |
| | ନିଜ ଭିତରେ ଯଥାର୍ଥ ପରିପୂର୍ଣ୍ଣତା | ... | ୩୩ |
| ୯ | ଆତ୍ମା କ'ଣ ଦେଖୁଛି, ଆମେ ସେକଥା ଜାଣୁ କିପରି ? | ... | ୩୪ |
| | ମନ ଓ ପ୍ରାଣ : ଆତ୍ମା ଲାଗି ପ୍ରତିବନ୍ଧକ | ... | ୩୬ |
| | ଆତ୍ମାର କଥାକୁ ଶୁଣିବା | ... | ୩୭ |
| ୧୦ | କେବଳ ଆତ୍ମାହିଁ ଆତ୍ମାକୁ ଜାଣିବ | ... | ୩୮ |
| | ମନୁଷ୍ୟଜାତିର ସର୍ବୋତ୍ତମ ଅଗ୍ରଗତି କାହାଦ୍ୱାରା ସମ୍ଭବ ହେବ ? | ... | ୩୯ |
| ୧୧ | ''ମାନସିକ ବ୍ୟକ୍ତିସତ୍ତା କହିଲେ କାହାକୁ ବୁଝାଇବ ?'' | ... | ୪୦ |
| | ଶ୍ରୀଅରବିନ୍ଦ ଯାହାକୁ ଅମରତ୍ୱ ବୋଲି କହିଛନ୍ତି | ... | ୪୧ |
| | ଶରୀର ଅନିର୍ଦ୍ଦିଷ୍ଟ କାଳଯାଏ ରହିପାରିବାର ସର୍ତ୍ତ | ... | ୪୨ |
| | ଚୈତ୍ୟ ବ୍ୟକ୍ତିତ୍ୱ ଓ ଶରୀରର ପରିପୂର୍ଣ୍ଣତା-ଲାଭ | ... | ୪୩ |
| | ଶରୀରର କୃଷ୍ଟି | ... | ୪୩ |
| | ଶରୀରର ସାଧନା | ... | ୪୫ |
| ୧୨ | ମନ ସାହାଯ୍ୟରେ ତୁମେ ସବୁକିଛି ପ୍ରମାଣ କରିଦେଇ ପାରିବ | ... | ୪୭ |
| | ସର୍ବୋଚ୍ଚ ପରମସତ୍ତାଙ୍କର ଏକ ବିନୋଦନବୋଧ ରହିଛି | ... | ୪୮ |
| | ଅଧିକ ଶିକ୍ଷା କରିବାର ସର୍ବୋତ୍ତମ ଉପାୟ | ... | ୫୦ |
| | କରୁଣା ଓ ଦେଖିବାକୁ ସମର୍ଥ ହେବା | ... | ୫୧ |


## ଜ୍ଞାନ :

## ଟିପ୍ପଣୀଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ (୧୯୬୦-୬୧)


| | | | |
|---|---|---|---|
| ୧୩ | ଦୃଷ୍ଟିଭ୍ରମ | ... | ୫୫ |
| | ''ମନୁଷ୍ୟ-ବୁଦ୍ଧିର ଅଦ୍ଭୁତ ଶକ୍ତିଶାଳିତା'' | ... | ୫୬ |
| ୧୪ | ଦୃଷ୍ଟିଭ୍ରମ : ବିଜ୍ଞାନର ଶବ୍ଦ | ... | ୫୬ |
| | ''ସଂଯୋଗ'' | ... | ୫୭ |
| ୧୫ | ଦୃଷ୍ଟିଭ୍ରମ ଓ ଦୃଷ୍ଟିଲାଭ | ... | ୫୭ |
| ୧୬ | ମନର ନାନା ଭୂମି | ... | ୫୯ |

| | ବିଷୟ-ସୂଚୀ | | ପୃଷ୍ଠା |
|---|---|---|---|
| ୧୭ | ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା | ... | ୬୧ |
| | ଭୌତିକ ମନ ଏବଂ ଈଶ୍ୱରଜ୍ଞାନ | ... | ୬୧ |
| ୧୮ | ଭ୍ରମର ଧାରଣା ହେଉଛି ସ୍ୱୟଂ ଗୋଟିଏ ଭ୍ରମ | ... | ୬୨ |
| | ଜଗତ ମିଥ୍ୟା ନୁହେଁ; ଜଗତ ବିଷୟରେ ଭ୍ରମାତ୍ମକ ବୋଧ ରହିଛି | ... | ୬୩ |
| ୧୯ | କେବଳ ବୁଦ୍ଧିଯୁକ୍ତି କ'ଣ ବସ୍ତୁଗୁଡ଼ିକୁ କୁତ୍ସିତ ରୂପେ ଦେଖେ ? | ... | ୬୩ |
| | ସୌନ୍ଦର୍ଯ୍ୟ ଓ କୁତ୍ସିତତା ପରସ୍ପରର ଆପେକ୍ଷିକ | ... | ୬୪ |
| ୨୦ | ବୀଭତ୍ସର ସୌନ୍ଦର୍ଯ୍ୟ | ... | ୬୫ |
| ୨୧ | କ୍ଷମା ଓ ଦିବ୍ୟ ପରମସତ୍ତା | ... | ୬୫ |
| ୨୨-୨୩ | ''ଈଶ୍ୱର ମୋତେ ଉତ୍ତମ ମାଡ଼ଟିଏ ଦେଲେ'' | ... | ୬୭ |
| | କ୍ଷମା ଦେବାକୁ କିଛି ନାହିଁ ବା କେହି ନାହାନ୍ତି | ... | ୬୭ |
| ୨୪ | ଦୁର୍ଭାଗ୍ୟର ମୂଳ | ... | ୬୮ |
| ୨୫ | ପ୍ରଜ୍ଞା ଓ ଯନ୍ତ୍ରଣାଭୋଗ | ... | ୬୯ |
| ୨୬ | ପ୍ରଭୁଙ୍କର କରୁଣା ହେତୁ ସବୁକିଛି ଘଟେ | ... | ୭୦ |
| ୨୭ | ''କୃଷ୍ଣଙ୍କ ସହିତ କ୍ରୀଡ଼ା କରିବା'' | ... | ୭୧ |
| | ଉତ୍ପୀଡ଼ନକାରୀ ରୂପେ ପରମେଶ୍ୱର | ... | ୭୨ |
| ୨୮ | ଯୁଦ୍ଧ ଓ ବିବର୍ତ୍ତନ | ... | ୭୩ |
| | ଅତିମାନସର ଅବତରଣ ଓ ଯୁଦ୍ଧ | ... | ୭୪ |
| ୨୯ | ଦିବ୍ୟ ଇଚ୍ଛା ଓ ବ୍ୟକ୍ତିର ଇଚ୍ଛା | ... | ୭୫ |
| ୩୦ | ସହଜାତ ପ୍ରବୃତ୍ତିର ଶୁଦ୍ଧତା ଓ ମନଃସ୍ତରୀୟ ଅହଂ | ... | ୭୬ |
| ୩୧ | ଅଗ୍ରଗତି ଓ ନିରାଶା | ... | ୭୮ |
| | ଏକ ବିଫଳତାମୟ ଜୀବନର ଅନୁଭବ | ... | ୭୮ |
| ୩୨ | ନାସ୍ତିକ ହେଉଛି ଭଗବାନ | ... | ୭୯ |
| ୩୩ | ଦିବ୍ୟ ପରିପୂର୍ଣ୍ଣତା ଓ ମାଡ଼ ଖାଇବା | ... | ୮୦ |
| ୩୪ | ଦୁର୍ଭାଗ୍ୟର ଆଶୀର୍ବାଦ | ... | ୮୧ |
| ୩୫-୩୬ | କୃଷ୍ଣ ଓ ଖ୍ରୀଷ୍ଟ | ... | ୮୩ |
| | ଲୋକେ ଦୁଃଖ ପାଇବାକୁ ଏବଂ ଘୃଣା ପାଇବାକୁ ଭଲ ପାଆନ୍ତି | ... | ୮୩ |
| ୩୭ | ବୃନ୍ଦାବନ ଓ କୃଷ୍ଣଙ୍କର ଅସ୍ତିତ୍ୱ | ... | ୮୪ |
| ୩୮ | ବିବର୍ତ୍ତନ ଓ ଯିଶୁଖ୍ରୀଷ୍ଟଙ୍କର ମୃତ୍ୟୁ | ... | ୮୫ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | | |
|---|---|---|---|
| | ଏକ ଅବତାରରୂପେ ଯିଶୁଖ୍ରୀଷ୍ଟ | ... | ୮୫ |
| ୩୯ | ଇତିହାସ ଓ ପ୍ରାଚୀନ ଆଖ୍ୟାୟିକା | ... | ୮୭ |
| ୪୦ | ଇତିହାସର ଚାରୋଟି ବୃହତ୍ ଘଟଣା | ... | ୮୭ |
| | "କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା କୃଷ୍ଣ-ଅର୍ଜୁନ-ସଂବାଦ ଦ୍ୱାରା ମାନବସମାଜର ମୁକ୍ତିଲାଭ — ଏଇଟି ହେବାକୁ ବାକି ରହିଛି" | ... | ୮୮ |
| ୪୧ | ବାଇବେଲ-ସମାଚାରଗୁଡ଼ିକର ଭୂମିକା | ... | ୮୯ |
| ୪୨ | ସ୍ୱର୍ଗ ଓ ନର୍କର ଅସ୍ତିତ୍ୱ | ... | ୯୦ |
| | ନର୍କ ହେଉଛି ଚେତନାର ଏକ ସ୍ଥିତି | ... | ୯୦ |
| ୪୩ | ବିରୋଧ ଅଭୀପ୍ସାକୁ ପ୍ରଗାଢ଼ କରେ | ... | ୯୨ |
| ୪୪ | ମନର ଭୂମିରେ ମିଥ୍ୟାର ସୃଷ୍ଟି | ... | ୯୩ |
| ୪୫ | ନ୍ୟାୟଯୁକ୍ତି ଓ ବୁଦ୍ଧିର ଭୂମିକା | ... | ୯୩ |
| ୪୬ | କାରାଗାରରେ ଶ୍ରୀଅରବିନ୍ଦଙ୍କର ଅନୁଭୂତି | ... | ୯୫ |
| ୪୭ | ମନ ଉପରେ ବିଜୟ ଓ ମନର ରୂପାନ୍ତର | ... | ୯୬ |
| ୪୮ | "କୁତ୍ସିତ ଭିତରେ ଥିବା ସୌନ୍ଦର୍ଯ୍ୟ" | ... | ୯୭ |
| | ଶବ୍ଦଚୟ ଓ ଅନୁଭୂତି | ... | ୯୮ |
| ୪୯ | ମନ୍ଦ ଏବଂ କୁତ୍ସିତର ଆରୋଗ୍ୟ ବିଧାନ | ... | ୯୮ |
| | ଯଥାର୍ଥ ସହଯୋଗିତା | ... | ୧୦୧ |
| | ପ୍ରେମ ଓ ରୂପାନ୍ତରସାଧନ | ... | ୧୦୧ |
| | ପ୍ରେମର ପ୍ରସାର କରିବା | ... | ୧୦୨ |
| | ଦିବ୍ୟ ଅବତାରର ରହସ୍ୟ | ... | ୧୦୨ |
| | ଦିବ୍ୟ ପ୍ରେମର ଗ୍ରହଣଶୀଳତା | ... | ୧୦୪ |
| ୫୦ | ଏପରି ଗୋଟିଏ ପାପ ନାହିଁ ଯାହାକି ଆମର ପାପ ନୁହେଁ | ... | ୧୦୪ |
| | ସାମୂହିକ ମନୁଷ୍ୟସ୍ତରୀୟ ମନସ୍ତାତ୍ତ୍ୱିକ ଚେତନା | ... | ୧୦୫ |
| | ପାପ : ଆପଣାର ଯଥାର୍ଥ ସ୍ଥାନରେ ରହି ନ ଥିବା ଏକ ବସ୍ତୁ | ... | ୧୦୭ |
| | ଏକ ଶକ୍ତିହୀନ ଇଚ୍ଛାର ଅନୁଭବ ହେଉଛି ବିଦ୍ରୋହ | ... | ୧୦୮ |
| | ସର୍ବଶକ୍ତିମତ୍ତାର ଅର୍ଥ | ... | ୧୦୯ |
| | ଗୁଣବାନ୍‌ର ଘୃଣା | ... | ୧୧୦ |
| ୫୧ | ଆତ୍ମ-ପ୍ରତାରଣାର ପ୍ରକୃତି | ... | ୧୧୨ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| | କ୍ରୋଧ : ପ୍ରାଣିକ ଶକ୍ତିର ବିକୃତି | ... ୧୧୪ |
| | ଯାବତୀୟ କ୍ରିୟାତ୍ମକତା ଲାଗି ଏକ ବ୍ୟାଖ୍ୟା ବାଢ଼ିଦେବା | ... ୧୧୫ |
| **୫୨** | ଲୋକହିତୈଷିତା ଓ ଦିବ୍ୟ ପରମସତ୍ତାଙ୍କର ସେବା | ... ୧୧୬ |
| | ଦିବ୍ୟ ପରମସତ୍ତାଙ୍କ ଲାଗି ପ୍ରେମ ଓ ମନୁଷ୍ୟ ଲାଗି ପ୍ରେମ | ... ୧୧୭ |
| **୫୩-୫୪** | ଧର୍ମଚୟ ଏବଂ ଅମରତ୍ୱଲାଭ | ... ୧୧୭ |
| | ଭୌତିକ ଅମରତ୍ୱଲାଭ | ... ୧୧୮ |
| **୫୫** | କାଳୀ ଏବଂ ସର୍ବୋଚ୍ଚ ଉପଲବ୍ଧି | ... ୧୧୯ |
| **୫୬** | ଜ୍ଞାନ ଓ ତର୍କକାରିତା | ... ୧୨୧ |
| | ଯାହା ସତ୍ୟ ବୋଲି ଅନୁଭୂତ ହେଉଛି, ତାହାକୁ ପ୍ରମାଣ କରିବା | ... ୧୨୨ |
| **୫୭** | ମନୁଷ୍ୟର ଯଥାର୍ଥ ସ୍ୱାଭାବିକ ସ୍ଥିତି | ... ୧୨୨ |
| | ମନ ଓ ବ୍ୟକ୍ତିକୈନ୍ଦ୍ରିକତା | ... ୧୨୪ |
| **୫୮** | ଧରାସ୍ୱର୍ଗ ବିଷୟରେ ମାଆଙ୍କର ସ୍ମୃତି | ... ୧୨୫ |
| | ଜ୍ଞାନବୃକ୍ଷର ପ୍ରତୀକ | ... ୧୨୭ |
| | ପ୍ରଥମ ମନୁଷ୍ୟାକୃତି | ... ୧୨୮ |
| | ବିବର୍ତ୍ତନ ଓ ପତନ | ... ୧୨୯ |
| | ସର୍ପର କାହାଣୀ | ... ୧୩୦ |
| | ସର୍ବବୃହତ୍ ଅସୁର ଯାଭେ | ... ୧୩୧ |
| | ବିଶ୍ୱ-ପରିବେଶକୁ ନଷ୍ଟ କରିଦେବା | ... ୧୩୩ |
| **୫୯** | ପରମେଶ୍ୱରଙ୍କୁ ମାଡ଼ ମାରିବା | ... ୧୩୪ |
| | ପ୍ରତିମାଗୁଡ଼ିକର ପ୍ରକୃତି | ... ୧୩୫ |
| | ଶ୍ରୀଅରବିନ୍ଦଙ୍କର ଶିକ୍ଷାବଳୀ ଓ ଧର୍ମ | ... ୧୩୬ |
| **୬୦** | ପୂର୍ବ ଜୀବନଗୁଡ଼ିକର ସ୍ମୃତି | ... ୧୩୭ |
| | ବ୍ୟକ୍ତିର ବିକାଶ | ... ୧୩୭ |
| **୬୧** | ପରମ ଅନନ୍ତଙ୍କର ଅନୁଭୂତି | ... ୧୩୮ |
| **୬୨** | ମୂର୍ଖତା : ପରମସତ୍ୟର ବିକୃତ ମୁଖା | ... ୧୩୯ |
| | ସଂପୂର୍ଣ୍ଣ ମିଥ୍ୟା ବୋଲି କିଛି ନାହିଁ | ... ୧୩୯ |
| | ''ଏକ ବିଶ୍ୱଜଗତର ବିନାଶ'' | ... ୧୪୦ |
| | ନିର୍ବାଣ ଏବଂ ଅସ୍ତିତ୍ୱର ଆହୁରି ସେପାଖରେ | ... ୧୪୧ |
| **୬୩-୬୫** | ପରମେଶ୍ୱରଙ୍କର ଦୁର୍ବଳତା | ... ୧୪୩ |

| | ବିଷୟ-ସୂଚୀ | | ପୃଷ୍ଠା |
|---|---|---|---|
| | ''ସୃଷ୍ଟିକର୍ତ୍ତା ଭଗବାନ''ଙ୍କର ଧାରଣା | ... | ୧୪୩ |
| | ପରମେଶ୍ୱରଙ୍କ ବ୍ୟତୀତ ଆଉ ଆଦୌ କିଛି ନୁହେଁ | ... | ୧୪୪ |
| | ଦିବ୍ୟ ପରମସତ୍ତାଙ୍କର ଲୀଳା | ... | ୧୪୬ |
| | ପରିପୂର୍ଣ୍ଣତା | ... | ୧୪୬ |
| | ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବାର ନାନା ମାର୍ଗ | ... | ୧୪୮ |
| ୬୬ | ଦିବ୍ୟ ପରମ ସତ୍ତାଙ୍କର ଏକ ଅଭିବ୍ୟକ୍ତି ରୂପେ ନୃଶଂସତା | ... | ୧୪୮ |
| | ପରପୀଡ଼ନରେ ସୁଖର ବୋଧ ଏବଂ ତାମସିକତା | ... | ୧୫୦ |
| | ଆନନ୍ଦ ଓ ନୃଶଂସତା | ... | ୧୫୧ |
| | ବିଭିନ୍ନ ବିଶ୍ୱଗୁଡ଼ିକର ପ୍ରଳୟ | ... | ୧୫୨ |
| | ସମତାବସ୍ଥା ଓ ପରିପୂର୍ଣ୍ଣତା | ... | ୧୫୨ |
| | ଅତିମାନସ ପ୍ରତ୍ୟେକ ବସ୍ତୁକୁ ତା'ର | ... | ୧୫୩ |
| | ଯଥାର୍ଥ ସ୍ଥାନରେ ନେଇ ରଖିଦିଏ | ... | ୧୫୩ |
| ୬୭-୬୮ | ପାପ ଏବଂ ଅହଂ | ... | ୧୫୪ |

## ଜ୍ଞାନ

### ଟିପ୍ପଣୀଗୁଡ଼ିକର ତୃତୀୟ ପର୍ଯ୍ୟାୟ (୧୯୬୨-୬୬)

| | | | |
|---|---|---|---|
| ୬୯ | ଅତିମାନସ ଜଗତକୁ ବ୍ୟକ୍ତ କରିବାର ସାମର୍ଥ୍ୟ | ... | ୧୬୦ |
| | ସମତା ଓ ଅତିମାନସ | ... | ୧୬୧ |
| | ଅତିମାନସ ଉପଲବ୍ଧି ଲାଗି ଦୁଇଗୋଟି ସର୍ତ୍ତ | ... | ୧୬୧ |
| | ଭୌତିକ ରୂପାନ୍ତରର ସମସ୍ୟା | ... | ୧୬୩ |
| | ଆତ୍ମସତ୍ତାର ଇଚ୍ଛା | ... | ୧୬୪ |
| | ଅତିମାନସ ଜୀବନ ଓ ମନ | ... | ୧୬୬ |
| | ବ୍ୟକ୍ତିରୂପରେ ସମାବେଶନ | ... | ୧୬୮ |
| | ଶରୀରକୁ ଆହୁରି ପ୍ରଶସ୍ତ କରିବା | ... | ୧୬୮ |
| | ନୂତନ ଶରୀରର ଗୂଢ଼ବିଦ୍ୟାଗତ ସର୍ଜନା | ... | ୧୭୦ |
| ୭୦ | ସୃଜନକ୍ଷେତ୍ରରେ ପ୍ରତିକୂଳ ଶକ୍ତିଗୁଡ଼ିକର ଭୂମିକା | ... | ୧୭୧ |
| | ପୃଥ୍ୱୀ-ଚେତନାର ଆତ୍ମ-ନିବେଦନ | ... | ୧୭୧ |
| | ସର୍ବୋଚ୍ଚ ପ୍ରେମର ଚେତନା | ... | ୧୭୨ |
| | ମିଥ୍ୟାର ମୂଳ | ... | ୧୭୪ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| | ଶୁଦ୍ଧମାନଙ୍କର ଗୋଷ୍ଠୀରେ ରହିବାକୁ ଚେଷ୍ଟା କର ନାହିଁ | ... ୧୭୪ |
| ୭୧ | ଭାବନା ଓ ସତ୍ୟ | ... ୧୭୪ |
| | ପରମସତ୍ୟକୁ ସମଗ୍ର କରି ଦେଖିବା | ... ୧୭୬ |
| | ମନ ସର୍ବଦା ପୂର୍ବାପର କରି ଦେଖୁଥାଏ | ... ୧୭୭ |
| ୭୨ | ଭବିଷ୍ୟଘଟଣାର ସୂଚକ ସ୍ୱପ୍ନମାନ | ... ୧୭୮ |
| | ସୂକ୍ଷ୍ମଭୌତିକ ଏବଂ ଭୌତିକସ୍ତର ମଧ୍ୟରେ ସମ୍ବନ୍ଧ | ... ୧୭୯ |
| | ଅନ୍ୟମାନଙ୍କୁ ସୂକ୍ଷ୍ମଭୌତିକ ସ୍ତରରେ ଦେଖିବା | ... ୧୮୧ |
| | ଦୃଷ୍ଟିଲାଭର ବିବିଧ ଉତ୍ସ | ... ୧୮୨ |
| | ବିଶ୍ୱଗତ ମନଃସ୍ତରୀୟ ଦୃଷ୍ଟି | ... ୧୮୩ |
| | ଆନ୍ତରିକତା ଓ ଭବିଷ୍ୟକଥନର ଶକ୍ତି | ... ୧୮୪ |
| | ସୂକ୍ଷ୍ମଭୌତିକ ସ୍ତରରେ ଘଟଣାଗୁଡ଼ିକୁ ବଦଳାଇ ଦେବା | ... ୧୮୫ |
| | ସଂପ୍ରସାରିତ ଚେତନା ବିଷୟରେ ମାଆଙ୍କର ଅନୁଭୂତି | ... ୧୮୮ |
| | ସୂକ୍ଷ୍ମ ଇନ୍ଦ୍ରିୟଗୁଡ଼ିକୁ ବିକଶିତ କରି ଆଣିବାର ପଦ୍ଧତି | ... ୧୯୧ |
| | ଦୂରରେ ଥାଇ ମଧ୍ୟ ଦେଖିପାରିବା | ... ୧୯୧ |
| ୭୩ | ପ୍ରଜ୍ଞା ଓ ଜ୍ଞାନ | ... ୧୯୩ |
| ୭୪-୭୫ | ବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ମାର୍ଗର ଅଯଥେଷ୍ଟତା | ... ୧୯୪ |
| | ସମଗ୍ର ପରମ ଜ୍ଞାନକୁ ଦ୍ୱାର | ... ୧୯୭ |
| | ଅତିମାନସର ଉପଲବ୍ଧି ଲାଗି ଏକାଧିକ ଅବତାରଙ୍କର ପ୍ରୟୋଜନ | ... ୧୯୮ |
| | ଭୌତିକ ଜଗତ ବିଷୟରେ ମାଆଙ୍କର ଦର୍ଶନାନୁଭୂତି | ... ୧୯୯ |
| | ଚାରିପ୍ରସ୍ଥବିଶିଷ୍ଟ ପୃଥିବୀ ଏକ ସ୍ଥୂଳ ପୃଥିବୀ | ... ୨୦୦ |
| ୭୬ | ଏକ ଶିଶୁ ଇଉରୋପକୁ ନଷ୍ଟ କରିଦେବ | ... ୨୦୧ |
| | ସୂତ୍ର ମଧ୍ୟରେ ଯଥାର୍ଥ ଭବିଷ୍ୟ କଥା କୁହାଯାଇଛି | ... ୨୦୩ |
| ୭୭-୭୮ | ପ୍ରେରଣା ଦ୍ୱାରା ଜ୍ଞାନଲାଭ | ... ୨୦୪ |
| | ଜ୍ଞାନ ଓ ରୂପାନ୍ତରସାଧନ | ... ୨୦୬ |
| | ଶରୀରର ରୂପାନ୍ତର | ... ୨୦୭ |
| | ଇନ୍ଦ୍ରିୟଗୁଡ଼ିକର ସ୍ଥାନାପନ୍ନ ରୂପେ ଚକ୍ର | ... ୨୦୮ |
| ୭୯-୮୦ | ପ୍ରମାଦ ବୋଲି ଆଦୌ କିଛି ନାହିଁ | ... ୨୧୦ |
| | ଗୋଟିଏ ବସ୍ତୁ ଏକ ସମୟରେ ଅଛି ଓ ନାହିଁ | ... ୨୧୧ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|
| | ପରମ ପ୍ରଭୁଙ୍କର ନାଟକ | ··· ୨୧୨ |
| | ମନୁଷ୍ୟହିଁ ଏହି ନାଟକକୁ ଦୁଃଖମୟ କରିଦିଏ | ··· ୨୧୩ |
| | ''ଜୀବିତ'' ଓ ''ମୃତ'' ମାନଙ୍କର ପୃଥିବୀ | ··· ୨୧୪ |
| | ଉଦ୍‌ବିଗ୍ନତା ଓ ନାଟକ | ··· ୨୧୪ |
| | ଭୁଲ୍ ଏବଂ ଅନନ୍ତ ସମ୍ଭାବନା | ··· ୨୧୭ |
| | ଦୁଃଖମୟତାରୁ ଉଦ୍ଧାରର ଉପାୟ | ··· ୨୧୮ |
| | ପୁରାତନ ଚେତନାର ସମ୍ମୁଖୀନ ହେବା | ··· ୨୧୯ |
| | ପରମପ୍ରଭୁଙ୍କର ସାକାର ଉପସ୍ଥିତି | ··· ୨୨୧ |
| | ଯେଉଁ ସ୍ପନ୍ଦନ ମଧ୍ୟରେ ସବୁକିଛି ରହିଛି | ··· ୨୨୨ |
| ୮୧-୮୩ | ପରମେଶ୍ୱରଙ୍କର ହାସ୍ୟ | ··· ୨୨୪ |
| | ଈଶ୍ୱର ତାଙ୍କ କାର୍ଯ୍ୟକୁ କଦାପି ଗମ୍ଭୀରଭାବେ ନିଅନ୍ତି ନାହିଁ | ··· ୨୨୫ |
| | ସଦ୍‌ଗୁଣ ଓ ପରିପୂର୍ଣ୍ଣତା | ··· ୨୨୫ |
| | ଜୀବନକୁ କଠୋର ଭାବରେ ଗ୍ରହଣ କରିବାର ନାନା ଅସୁବିଧା | ··· ୨୨୫ |
| | ଜୀବନରେ ପରିପୂର୍ଣ୍ଣତା ଆଣିବାର ଏକମାତ୍ର ବାଟ | ··· ୨୨୬ |
| | ଦୁଃଖ ଓ ଯନ୍ତ୍ରଣାର ନିରାକରଣ | ··· ୨୨୭ |
| | ଜୀବନ ପ୍ରତି ଗମ୍ଭୀର ଦୃଷ୍ଟିକୋଣ ରଖିଥିବା ଲୋକଙ୍କଠାରୁ ଦୂରରେ ରହ | ··· ୨୨୭ |
| | ଖେଳିବାର କାଇଦା ଜାଣିବାକୁ ହେବ | ··· ୨୨୮ |
| ୮୪-୮୭ | ଲୋକେ ଯାହାକୁ ଅଲୌକିକ ଘଟଣା ବୋଲି କହନ୍ତି | ··· ୨୨୯ |
| | ମନର ଭୂମିରେ ଶ୍ରୀଅରବିନ୍ଦ ଅଲୌକିକ ଘଟଣା ଘଟାଇଥିଲେ | ··· ୨୩୦ |
| | ଗୋଟିଏ ପ୍ରକୃତ ଅଲୌକିକ ଘଟଣା କିପରି ହୋଇଥିବ ? | ··· ୨୩୨ |
| | ଅଲୌକିକ ଘଟଣା କେବଳ ଏହି ସସୀମ ଜଗତରେ ଘଟେ | ··· ୨୩୪ |
| | ଅଦ୍ଭୁତ ବିଷୟ ପ୍ରତି ଆକାଙ୍‌କ୍ଷା | ··· ୨୩୬ |
| ୮୮-୯୨ | ଅଲୌକିକ ଘଟଣା ଓ ଅଭୀପ୍ସା | ··· ୨୩୭ |
| | ବିପରୀତ ବସ୍ତୁଗୁଡ଼ିକର ସ୍ୱଭାବ | ··· ୨୩୯ |
| | ବିରୋଧ ଏବଂ ଅଗ୍ରଗତି | ··· ୨୪୦ |
| | ଜଡ଼ତା ମଧ୍ୟରୁ ସୃଷ୍ଟିକୁ ମୁକ୍ତ କରି ଆଣିବା | ··· ୨୪୨ |
| | ସରଳତା | ··· ୨୪୩ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| ୯୩ | ଯନ୍ତ୍ରଣା,— ଆମ ଦିବ୍ୟଜନନୀଙ୍କର ଏକ ସ୍ପର୍ଶ | ... ୨୪୫ |
| | ଯନ୍ତ୍ରଣା ସହ୍ୟ କରିବା ଲାଗି ଶରୀରକୁ ଶିକ୍ଷାଦେବା | ... ୨୪୫ |
| | ଦୁଃଖ ଏବଂ ଭୟ | ... ୨୪୬ |
| ୯୪ | ମା : କିଛି ତ୍ୟାଗ କରୁଥିବାର ଅନୁଭୂତି ତାଙ୍କର କ୍ୱଚିତ୍ ହୋଇଛି | ... ୨୪୮ |
| | ଅଗ୍ରଗତି ଏବଂ ଭାଙ୍ଗିଦେବାର ଶକ୍ତି | ... ୨୪୯ |
| | ତ୍ୟାଗ ଏବଂ ଆତ୍ମକେନ୍ଦ୍ରିତ ଚେତନା | ... ୨୫୦ |
| | ଆନନ୍ଦ ଏବଂ ଶକ୍ତିମତ୍ତା | ... ୨୫୨ |
| | ଚେତନାର ଉଲ୍ଲାସମୟ ସ୍ଥିତି ଅତ୍ୟନ୍ତ ବିପଦପୂର୍ଣ୍ଣ | ... ୨୫୩ |
| ୯୫ | ପରିପୂର୍ଣ୍ଣ ବିଷୟତ୍ୟାଗ ଏବଂ ବାସନାର ପରିତର୍ପଣ | ... ୨୫୪ |
| | ବାସନାର ସ୍ପନ୍ଦନ ଓ ଦିବ୍ୟ ପରମ ଇଚ୍ଛା | ... ୨୫୫ |
| | ଗ୍ରହଣଶୀଳତାର ଅଭାବ ଏବଂ ବାସନା | ... ୨୫୬ |
| | ସ୍ପନ୍ଦନଗତ ଗୁଣାତ୍ମକତାରେ ପ୍ରଭେଦ | ... ୨୫୭ |
| | ଭୌତିକ ଭୂମି ନାନା ସ୍ପନ୍ଦନର ଭୂମି | ... ୨୫୮ |
| | ସର୍ବୋଚ୍ଚ ପରମଶକ୍ତି ଲାଗି କୋଷଗୁଡ଼ିକର ଅନୁସ୍ପନ୍ଦନ | ... ୨୫୯ |
| | ସ୍ପନ୍ଦନଗତ ସଂପୂର୍ଣ୍ଣ କ୍ଷେତ୍ରଟିର ଅବବୋଧ | ... ୨୬୦ |
| | କର୍ମ, ବାସନା ଓ ଇଚ୍ଛାଶକ୍ତିର ସ୍ପନ୍ଦନ | ... ୨୬୧ |
| ୯୬ | ଶାସ୍ତ୍ର ହେଉଛି ଅନୁଭୂତିରହିଁ ଏକ ଅଳ୍ପାକୃତି ବ୍ୟାଖ୍ୟା | ... ୨୬୩ |
| ୯୭ | ସତ୍ୟ ଓ ବ୍ୟକ୍ତିଗତ ଅନୁଭୂତି | ... ୨୬୩ |
| ୯୮ | ସତ୍ୟୋଦ୍‌ଘାଟନ ପରମସତ୍ୟର ସ୍ମୃତି | ... ୨୬୪ |
| | ସତ୍ୟୋଦ୍‌ଘାଟନର ରୂପ ସର୍ବଦା ବ୍ୟକ୍ତିଗତ | ... ୨୬୫ |
| | ଅନୁଭୂତି, ଧାରଣା ଏବଂ ଶବ୍ଦ | ... ୨୬୬ |
| | ସତ୍ୟଶକ୍ତିର ବିସ୍ଫୋରଣ | ... ୨୬୭ |
| ୯୯-୧୦୦ | ବୁଝିବା ଶକ୍ତି ଓ ଶାସ୍ତ୍ରବାକ୍ୟ | ... ୨୬୮ |
| ୧୦୧-୧୦୨ | ସୂର୍ଯ୍ୟ-ଚେତନା ଏବଂ ପୃଥ୍ୱୀ-ଚେତନା | ... ୨୬୯ |
| | ସତ୍ୟ-ଚେତନା ଏବଂ ବିଶ୍ୱ-ପ୍ରତିଭାସ | ... ୨୭୧ |
| | ପୃଥିବୀକୁ ବଦଳାଇବାର ଏକମାତ୍ର ବାଟ | ... ୨୭୨ |
| | ପରମ ପ୍ରଭୁଙ୍କର ଚେତନା | ... ୨୭୩ |
| | ପରମ ଏକତ୍ୱର ପରିପୂର୍ଣ୍ଣ ବୋଧ | ... ୨୭୫ |
| | ''ଚେତନାର ସମ୍ବନ୍ଧ'' | ... ୨୭୫ |

| | ବିଷୟ-ସୂଚୀ | | ପୃଷ୍ଠା |
|---|---|---|---|
| | ସମଞ୍ଜସତାର ସ୍ପନ୍ଦନର ହସ୍ତକ୍ଷେପ | ··· | ୨୭୭ |
| | ପରମ ରତ-ଚିତ୍ର କ୍ରିୟା | ··· | ୨୭୮ |
| | ମିଥ୍ୟାର ସ୍ଥାନାପନ୍ନରୂପେ ପରମ ଆଲୋକ | ··· | ୨୭୯ |
| **୧୦୩-୧୦୭** | ବିବେକାନନ୍ଦ ଓ ସନ୍ନ୍ୟାସ | ··· | ୨୮୧ |
| | ଯାବତୀୟ ବନ୍ଧନରୁ ମୁକ୍ତ ହେବା | ··· | ୨୮୨ |
| | ଭୁଲ୍ କରିବାର ଭୟ | ··· | ୨୮୩ |
| | ସଂସାରତ୍ୟାଗ ଏବଂ ଉଚ୍ଛେଦ କରିବା | ··· | ୨୮୪ |
| | ଆଧୁନିକ କର୍ମାତିବ୍ୟସ୍ତତା | ··· | ୨୮୬ |
| | ଆଶ୍ରମ କାହିଁକି ଆରମ୍ଭ ହୋଇଥିଲା | ··· | ୨୮୭ |
| | ବାହ୍ୟ ପୃଥିବୀରେ ଅଭୀପ୍ସା ଅଧିକ ପ୍ରଗାଢ଼ | ··· | ୨୮୮ |
| | ମନୁଷ୍ୟ ପାଇଁ ଅତ୍ୟଧିକଗୁଡ଼ିକର ଆବଶ୍ୟକତା | ··· | ୨୮୯ |
| | ଦିବ୍ୟ ପରମପ୍ରେମର ଅଭିବ୍ୟକ୍ତି | ··· | ୨୯୦ |
| | **ଶୁଦ୍ଧ** ପ୍ରେମର ଶକ୍ତି | ··· | ୨୯୦ |
| | ଅଭୀପ୍ସା : ପ୍ରଗାଢ଼ ହେବ, ମାତ୍ର ସେଥିରେ ଅଧୀରତା ନ ଥିବ | ··· | ୨୯୧ |
| | ମଣିଷମାନେ ତରତରିଆ ଜୀବନ ବଞ୍ଚନ୍ତି | ··· | ୨୯୨ |
| | ନିଷ୍ଠାଯୁକ୍ତ ଉପଲବ୍ଧି | ··· | ୨୯୩ |
| **୧୦୮** | ନାରଦ ଓ ଜନକ | ··· | ୨୯୪ |
| | ଦେବତାମାନଙ୍କର କୌଣସି ଚୈତ୍ୟସତ୍ତା ନାହିଁ | ··· | ୨୯୪ |
| | ଅତିମାନସ ସହିତ ଶିବଙ୍କର ଆଗମନ ହେବ | ··· | ୨୯୫ |
| | କେବଳ ମନୁଷ୍ୟରହିଁ ଚୈତ୍ୟସତ୍ତା ରହିଛି | ··· | ୨୯୫ |
| **୧୦୯** | ଶ୍ରୀଅରବିନ୍ଦ ହେଉଛନ୍ତି ପରମେଶ୍ୱରଙ୍କର ଏକ ଅଂଶ | ··· | ୨୯୬ |
| | ସୃଷ୍ଟିର ମିଥ୍ୟା | ··· | ୨୯୭ |
| **୧୧୦** | ଭୌତିକ ବିଜ୍ଞାନଗୁଡ଼ିକର ବିସ୍ମୟ ଓ ଆତ୍ମା | ··· | ୨୯୭ |
| | ବିଜ୍ଞାନ ଭବିଷ୍ୟ ବିଷୟରେ କିଛି କହି ପାରିବ ନାହିଁ | ··· | ୨୯୯ |
| | ଜଡ଼ ଉପରେ ଆତ୍ମାର ଶକ୍ତି | ··· | ୩୦୧ |
| | ଅନୁଭୂତି ଓ ସମ୍ୟକ୍ ବୋଧ | ··· | ୩୦୩ |
| | ନୂତନର ଅବବୋଧ | ··· | ୩୦୪ |
| | ଜାଣିବାକୁ ଅସମ୍ମତି | ··· | ୩୦୬ |
| **୧୧୧-୧୧୨** | ନୀରବତାର ଶକ୍ତି | ··· | ୩୦୭ |


○

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| | ସତ୍ୟର ଆପାତ ଅସ୍ୱୀକାରକୁ ସ୍ୱୀକାର କରିନେବା | ... ୩୦୯ |
| | ଦିବ୍ୟ ପରମସତ୍ତା ତାଙ୍କ ଶକ୍ତି ଦେଖାନ୍ତୁ ବୋଲି ଦାବି କରିବା | ... ୩୧୦ |
| **୧୧୩-୧୧୪** | ଘୃଣା ଓ ପ୍ରେମର ସ୍ପନ୍ଦନ ସେହି ଏକାଭଳି | ... ୩୧୧ |
| | କେନ୍ଦ୍ରସ୍ଥ ସ୍ପନ୍ଦନର ଶୁଦ୍ଧତା | ... ୩୧୨ |
| | ନୈତିକତା : ଦୁଇ ବିକୃତି ମଧ୍ୟରୁ ଗୋଟିକୁ ବାଛିନେବା | ... ୩୧୪ |
| **୧୧୫-୧୧୬** | ''କୌଣସି ଶେଷ ନାହିଁ କି କୌଣସି ଆରମ୍ଭ ନାହିଁ'' | ... ୩୧୫ |
| | ''ଶାଶ୍ୱତତାର ସ୍ମୃତି'' | ... ୩୧୭ |
| | ପୃଥିବୀର ଆୟୁ | ... ୩୧୭ |
| | ଚେତନା ଓ ସୀମାଚୟ | ... ୩୧୯ |
| | ମନୁଷ୍ୟର ମନ ଗୋଟିଏ ବାସସ୍ଥାନ ତିଆରି କରିବାକୁ ଇଚ୍ଛା କରୁଥାଏ | ... ୩୨୧ |
| | ଭୌତିକ ଜଗତର ''ଭ୍ରାନ୍ତି'' ଅପରିହାର୍ଯ୍ୟ ଥିଲା | ... ୩୨୨ |
| | ଅଗ୍ରଗତି ବିନା କୌଣସି ଅଭିବ୍ୟକ୍ତି ନାହିଁ | ... ୩୨୩ |
| | ପୃଥିବୀରେ ମୃତମାନଙ୍କର ଚେତନା | ... ୩୨୫ |
| | ଚେତନା ଦ୍ୱାରା ଦେଖିବା, ଚେତନା ଦ୍ୱାରା ଶୁଣିବା | ... ୩୨୭ |
| | ''ତୁ ଯେକୌଣସି କଥା ପାଇଁ ପ୍ରସ୍ତୁତ ହୋଇ ରହିଛୁ ତ ?'' | ... ୩୨୮ |
| | ଶରୀରର ଚେତନା | ... ୩୨୯ |
| | ଦର୍ଶନ ଓ ଶ୍ରବଣର ପରିପୂର୍ଣ୍ଣତା | ... ୩୩୧ |
| | ମାଆଙ୍କର ଶରୀର ଉପରେ ମନୁଷ୍ୟ-ଇଚ୍ଛାର କ୍ରିୟା | ... ୩୩୨ |
| **୧୧୭-୧୨୧** | ଏକ ଅପ୍ରତିରୋଧ ପରମଶକ୍ତି ଏହି ସବୁକିଛିର ଶାସନ କରୁଛି | ... ୩୩୪ |
| | ଊର୍ଦ୍ଧ୍ୱରୁ ଆସୁଥିବା ଇଚ୍ଛାଶକ୍ତିର ପ୍ରକୃତି | ... ୩୩୫ |
| | ପ୍ରତିରୋଧ ଏବଂ ଦିବ୍ୟ କ୍ରିୟା | ... ୩୩୬ |
| | ପରମଶକ୍ତି କିପରି କାର୍ଯ୍ୟ କରୁଛି ? | ... ୩୩୮ |
| | ପ୍ରତିରୋଧକୁ ବନ୍ଦ କରିଦେବା | ... ୩୪୦ |
| **୧୨୨-୧୨୪** | ମତର ପ୍ରକୃତି | ... ୩୪୧ |
| | କର୍ମ ଓ ମତ | ... ୩୪୧ |
| | କାହାରି କାର୍ଯ୍ୟରେ ହସ୍ତକ୍ଷେପ କରିବାର ସର୍ତ୍ତ | ... ୩୪୩ |
| | ମତଗୁଡ଼ିକ ତିଆରି ହୁଅନ୍ତି କିପରି ? | ... ୩୪୫ |

## ଜ୍ଞାନ

## ଟିପ୍ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ (୧୯୬୯-୭୦)

ପୃଷ୍ଠା


| | | |
|---|---|---|
| ୧୨୫-୧୨୬ | ପ୍ରକୃତିର ନିୟମଗୁଡ଼ିକୁ ଡେଇଁଯିବା | ··· ୩୪୯ |
| ୧୨୭ | ଚୈତ୍ୟସତ୍ତା ଓ ପ୍ରକୃତିର ନିୟମମାନ | ··· ୩୫୦ |
| ୧୨୮-୧୨୯ | ''ଯେଉଁ ପ୍ରକୃତି ଶରୀରକୁ ଅତିକ୍ରମ କରି ରହିଥାଏ'' | ··· ୩୫୦ |
| ୧୩୦ | ମନୁଷ୍ୟର ଅଭୀପ୍ସା ଏବଂ ଉଦ୍ୟମର ଭୂମିକା | ··· ୩୫୧ |
| ୧୩୧-୧୩୨ | ମନୁଷ୍ୟସ୍ତରର ଯାବତୀୟ ନୈତିକ ଧାରଣା ଅନ୍ତର୍ହିତ ହୋଇଯିବା | ··· ୩୫୨ |
| ୧୩୩ | ଅସୁରମାନେ ଦେବତାଙ୍କଠାରୁ ଅଧିକ ବଳବାନ୍ | ··· ୩୫୨ |
| ୧୩୪-୧୩୬ | କଷ୍ଟ ସହିବା ଓ ଆନନ୍ଦ | ··· ୩୫୪ |
| ୧୩୭ | ସୁଖ ଓ ଯନ୍ତ୍ରଣାର ବୋଧ ଅନ୍ତର୍ଗତ ଦୃଷ୍ଟିକୋଣ ଉପରେ ନିର୍ଭର କରେ | ··· ୩୫୪ |
| ୧୩୮ | ସମ୍ବନ୍ଧଚୟ ଓ ଚୈତ୍ୟ ସଂସ୍ପର୍ଶ | ··· ୩୫୫ |
| ୧୩୯ | ଅତିମାନବ କିଏ ? | ··· ୩୫୬ |
| ୧୪୦ | ମନୁଷ୍ୟର ଅହଂ ଏବଂ ଅତିମାନବ | ··· ୩୫୬ |
| ୧୪୧ | ଅତିମାନବର ଗୁଣଚୟ | ··· ୩୫୭ |
| ୧୪୨ | ସତ୍ତାର ଅଭିବୃଦ୍ଧି ଲାଗି ଯେଉଁସବୁ ଗୁଣ ଆବଶ୍ୟକ | ··· ୩୫୮ |
| ୧୪୩-୧୪୪ | ପ୍ରକୃତି ଯାହା ଲୁକ୍କାୟିତ କରି ରଖିଥାଏ, କଳା ତାହାରି ଉନ୍ମୋଚନ ଘଟାଏ | ··· ୩୫୮ |
| | ଫଟୋଗ୍ରାଫି ଓ ଆଧୁନିକ କଳା | ··· ୩୫୯ |
| ୧୪୫ | ପ୍ରକୃତିର ନିଗୂଢ଼ ଆତ୍ମା | ··· ୩୫୯ |
| ୧୪୬-୧୫୦ | ସେକ୍ସପିଅର୍ : ବିଶ୍ୱବାଦୀ | ··· ୩୬୦ |
| | ବିରୋଧ ଏବଂ ଖଣ୍ଡନ ଦ୍ୱାରା କ୍ରିୟା କରିବା | ··· ୩୬୨ |
| ୧୫୧ | ପ୍ରମାଣ ଓ ସଂଯୋଗ | ··· ୩୬୨ |
| | ଶିକ୍ଷାକରିବାକୁ ନାସ୍ତି କରିଦେବା | ··· ୩୬୩ |
| ୧୫୨-୧୫୩ | ଅତିମାନସ ଚେତନା, ଅଭୌତିକ ଚେତନା ଓ ଭୌତିକ ଚେତନା | ··· ୩୬୪ |
| ୧୫୪-୧୫୬ | ମନ ଓ ସୃଜନ | ··· ୩୬୫ |
| ୧୫୭-୧୫୮ | ଶ୍ରୀଅରବିନ୍ଦ : ସର୍ବଶେଷ ଅବତାର | ··· ୩୬୬ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| **୧୫୯** | ଦେବଦେବୀଙ୍କର ଉପାସନା | ... ୩୬୭ |
| **୧୬୦-୧୬୧** | ଜ୍ଞାନ ଓ ଆନନ୍ଦ | ... ୩୬୭ |
| | ‘‘ବୌଦ୍ଧିକ ଅନୁଶୀଳନର ସଂସ୍କୃତି’’ | ... ୩୬୭ |
| **୧୬୨** | ମାନବରୁ ଅତିମାନବର ବିକାଶ ହୁଏ | ... ୩୬୮ |
| **୧୬୩-୧୬୪** | ନିୟମ ଓ ସ୍ୱାଧୀନତା | ... ୩୬୯ |
| **୧୬୫** | ଆତ୍ମା-ଆରୋପିତ ଶୃଙ୍ଖଳା | ... ୩୭୦ |
| **୧୬୬** | ପାପ-ପୁଣ୍ୟର ବିଧାନ | ... ୩୭୧ |
| | ନିୟମ ଓ ଅଗ୍ରଗତି | ... ୩୭୨ |
| **୧୬୭** | ଅଜ୍ଞାନ ଓ ଦିବ୍ୟ ଲକ୍ଷ୍ୟ | ... ୩୭୩ |
| **୧୬୮-୧୬୯** | ଯୋଗସାଧନାରେ କ୍ରସ୍‌ର ପ୍ରତୀକ | ... ୩୭୩ |
| **୧୭୦-୧୭୧** | ଯିଶୁଖ୍ରୀଷ୍ଟ ଓ ମହମ୍ମଦଙ୍କର ବିଫଳତା | ... ୩୭୪ |
| **୧୭୨** | ସ୍ୱାଧୀନତା, ବାସନା, ଅଜ୍ଞାନ ଓ ଅହଂକାରିତା | ... ୩୭୫ |
| **୧୭୩-୧୭୪** | ମନୁଷ୍ୟ-ବୁଝିବାର ମାର୍ଗ | ... ୩୭୬ |
| **୧୭୫** | ବିଫଳତାର ତାତ୍ପର୍ଯ୍ୟ | ... ୩୭୭ |
| **୧୭୬-୧୭୭** | ପରିପୂର୍ଣ୍ଣ ବିଶ୍ୱ-ଦୃଷ୍ଟି | ... ୩୭୮ |
| **୧୭୮** | ଅହଂହିଁ କାରାଗାର | ... ୩୭୯ |
| **୧୭୯** | ପରମେଶ୍ୱରଙ୍କ ପାଇଁ ବଞ୍ଚିବା | ... ୩୭୯ |
| **୧୮୦** | ଶାଶ୍ୱତତାର ଅନୁଭୂତି | ... ୩୮୦ |
| **୧୮୧-୧୮୨** | ଯେତେ କମ୍ କଥା କହିବ, ସେତେ ଭଲ | ... ୩୮୧ |
| **୧୮୩-୧୮୪** | ପରିପୂର୍ଣ୍ଣତା ଓ ସମଞ୍ଜସତା | ... ୩୮୨ |
| **୧୮୫-୧୮୬** | ଭଲ ଓ ମନ୍ଦକୁ ଡେଇଁ ଯାଉଥିବା ଚେତନା | ... ୩୮୩ |
| **୧୮୭-୧୮୮** | ବିବର୍ତ୍ତନ କାର୍ଯ୍ୟରେ ଲାଗୁଥିବା ପାପ ଓ ପୁଣ୍ୟ | ... ୩୮୪ |
| **୧୮୯-୧୯୧** | ଦାରିଦ୍ର୍ୟ ପ୍ରତି ରହିଥିବା ଦୃଷ୍ଟିକୋଣ | ... ୩୮୪ |
| **୧୯୨** | ଆପଣାର ସ୍ୱଭାବ ଅନୁସାରେହିଁ ବ୍ୟକ୍ତିର ଶ୍ରେଣୀବିଭାଗ | ... ୩୮୫ |
| **୧୯୩-୧୯୬** | ଦାରିଦ୍ର୍ୟ ଓ ମନୁଷ୍ୟସମାଜ | ... ୩୮୬ |
| | ଆଶ୍ରମ ଏବଂ ଅରୋଭିଲ୍‌ର ଆଦର୍ଶ | ... ୩୮୭ |
| **୧୯୭-୧୯୮** | ସୁଖଲାଭର ସର୍ତ୍ତ | ... ୩୮୮ |
| **୧୯୯-୨୦୦** | ମନୁଷ୍ୟର ଅହଂଲାଗି ଫଳପ୍ରଦ ଔଷଧ | ... ୩୮୯ |
| **୨୦୧-୨୦୨** | ମନୁଷ୍ୟ ଲାଗି ସନ୍ଦେଶ | ... ୩୮୯ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୨୦୩-୨୦୪** | ମନୁଷ୍ୟଜାତିର ସର୍ବବୃହତ୍ ଅଗ୍ରଗତି ଲାଗି ସର୍ତ୍ତମାନ | ... ୩୯୧ |
| **୨୦୫** | ଅତିମାନବର ସର୍ବପ୍ରଥମ ପଦକ୍ଷେପ | ... ୩୯୨ |


## କର୍ମ

### ଟିପ୍ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ (୧୯୬୯-୭୦)


| | | |
|---|---|---|
| **୨୦୬** | ଅତୀତର ଭୁଲ୍‌ଗୁଡ଼ିକର ପରିଣାମରୁ ନିଷ୍କୃତି | ... ୩୯୫ |
| **୨୦୭** | ଅନର୍ଥ ଏବଂ କଷ୍ଟଭୋଗରୁ ରକ୍ଷା | ... ୩୯୬ |
| **୨୦୮-୨୦୯** | ଅହଂ ଏବଂ ପରମାନନ୍ଦ | ... ୩୯୬ |
| | ଆତ୍ମ-ବିସ୍ମରଣ ଓ ଆତ୍ମଦାନ | ... ୩୯୭ |
| **୨୧୦-୨୧୧** | କ୍ରୋଧ ଓ ପ୍ରତିଶୋଧ | ... ୩୯୮ |
| **୨୧୨** | ଗୋଟିଏ ମାତ୍ର ଦୁଃଖ : ଆପଣାର ଆତ୍ମାକୁ ଜାଣିବାରେ ବିଫଳତା | ... ୩୯୮ |
| **୨୧୩** | ଦୁଃଖ ଏବଂ ବିବର୍ତ୍ତନ | ... ୩୯୯ |
| **୨୧୪-୨୧୫** | ପ୍ରତିଭାର ସ୍ୱଭାବ | ... ୩୯୯ |
| **୨୧୬** | ପ୍ରେରଣା ଓ ପାଗଳପଣ | ... ୪୦୦ |
| **୨୧୭** | ହିଂସା ଉପରେ କର୍ତ୍ତୃତ୍ୱ ଏବଂ ବିଜୟ | ... ୪୦୦ |
| **୨୧୮-୨୨୧** | ମନୁଷ୍ୟଜାତିର ଐକ୍ୟ | ... ୪୦୧ |
| **୨୨୨-୨୨୪** | ଏକ ଦୀକ୍ଷାନ୍ତରିତ ଅସୁରର ଗୁଣଚୟ | ... ୪୦୨ |
| **୨୨୫-୨୨୭** | ପରାର୍ଥପରତା ଅନ୍ୟମାନଙ୍କର ଆତ୍ମାକୁ ମାରିଦେଇପାରେ | ... ୪୦୩ |
| **୨୨୮-୨୩୦** | ସଂହାର କରିବା ଲାଗି ଭଗବାନଙ୍କର ଆଦେଶ | ... ୪୦୩ |
| **୨୩୧-୨୩୪** | ଗୁଣଚୟ | ... ୪୦୪ |
| **୨୩୫-୨୩୭** | ଆତ୍ମାର ସାଧନ ଓ କାରାଗାର | ... ୪୦୪ |
| **୨୩୮-୨୪୦** | ମହାନ୍ ଏବଂ ଉଦାତ୍ତ ବିଫଳତାଗୁଡ଼ିକ ଦେଇହିଁ ମନୁଷ୍ୟଜାତିର ଅଗ୍ରଗତି ସାଧିତ ହୁଏ | ... ୪୦୭ |
| **୨୪୧-୨୪୨** | ନାସ୍ତିକତା ଓ ଧର୍ମ | ... ୪୦୭ |
| **୨୪୩-୨୪୭** | ପରମେଶ୍ୱର ଓ ପ୍ରଲୋଭନ | ... ୪୦୮ |
| | ନିଜକୁ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଉତ୍ସର୍ଗ କରିଦେବା | ... ୪୦୯ |
| **୨୪୮-୨୫୦** | ଦିବ୍ୟ ପରମ ଇଚ୍ଛା ବିଷୟରେ ସଚେତନ ହେବା | ... ୪୧୦ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୨୫୧** | କେବଳ ଗୋଟିଏ କଥା ବାଛିନେବାକୁ ହେବ | ... ୪୧୧ |
| **୨୫୨-୨୫୪** | ପରମେଶ୍ୱର ଆମ ଚାରିପାଖରେ ବୁଲି ପହରା ଦେଉଛନ୍ତି | ... ୪୧୨ |
| **୨୫୫-୨୫୭** | ''ଯୁକ୍ତି-ଅସମର୍ଥିତ-ବିଶ୍ୱାସ'' | ... ୪୧୪ |
| **୨୫୮-୨୬୧** | ବୁଦ୍ଧିଯୁକ୍ତି, ବିଶ୍ୱାସ ଏବଂ ସହଜାତ ପ୍ରବୃତ୍ତି | ... ୪୧୫ |
| | ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟ | ... ୪୧୫ |
| **୨୬୨-୨୬୪** | ଦିବ୍ୟ ପରମନିର୍ଦ୍ଦେଶକୁ ଜାଣିବା | ... ୪୧୭ |
| **୨୬୫-୨୬୯** | କର୍ମ କରିବା ପଛରେ ନିହିତ ପ୍ରେରଣା | ... ୪୧୭ |
| **୨୭୦-୨୭୧** | ଉଦ୍ୟମରେ ଅବିଚଳ | ... ୪୧୯ |
| **୨୭୨-୨୭୩** | ସତ୍ୟକୁ ହାସଲ କରିବା କଷ୍ଟସାଧ୍ୟ | ... ୪୧୯ |
| **୨୭୪-୨୭୬** | ବୈରାଗ୍ୟଜୀବନର ମୂଲ୍ୟ | ... ୪୨୦ |
| **୨୭୭-୨୭୮** | ଆତ୍ମା ଓ କର୍ମ | ... ୪୨୧ |
| **୨୭୯** | ଦିବ୍ୟ ପରମସତ୍ତାଙ୍କ ପାଖରେ ପୂର୍ଣ୍ଣ ଉତ୍ସର୍ଗ | ... ୪୨୧ |
| **୨୮୦-୨୮୧** | ଆତ୍ମା ଓ କଷ୍ଟଭୋଗର ନିରାକରଣ | ... ୪୨୨ |
| **୨୮୨** | ଶୁଦ୍ଧତା ଏବଂ କର୍ମ | ... ୪୨୨ |
| **୨୮୩-୨୮୫** | ଦୁଃଖ ଓ ବିବର୍ତ୍ତନ | ... ୪୨୩ |
| **୨୮୬-୨୮୮** | ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ମିଳିତ ହେବା ଲାଗି ମନୁଷ୍ୟର ସମ୍ଭାବନା | ... ୪୨୪ |
| **୨୮୯-୨୯୦** | ସକଳ ପରିସ୍ଥିତିରେ ପ୍ରେମରହିଁ ବିକିରଣ | ... ୪୨୫ |
| **୨୯୧-୨୯୨** | ମନୁଷ୍ୟର ବିଚାର | ... ୪୨୬ |
| **୨୯୩-୨୯୪** | ଆତ୍ମ-ପ୍ରବଞ୍ଚନାର ତିନି ପ୍ରକାର | ... ୪୨୭ |
| **୨୯୫-୨୯୬** | ଦିବ୍ୟ ପରମସତ୍ତାଙ୍କୁ ବ୍ୟକ୍ତ କରିବା ପାଇଁ ଏହି ପୃଥିବୀ ସମର୍ଥ | ... ୪୨୮ |
| **୨୯୭-୨୯୮** | ସୌନ୍ଦର୍ଯ୍ୟ ଓ କୁତ୍ସିତତା | ... ୪୨୮ |
| **୨୯୯-୩୦୨** | ପରମସତ୍ୟର ଅନୁସରଣରେ ଜୀବନ ବଞ୍ଚିବା | ... ୪୩୦ |
| **୩୦୩-୩୦୫** | ନାରୀ ଓ ଆଧ୍ୟାତ୍ମିକତା | ... ୪୩୧ |
| **୩୦୬** | ବୈରାଗ୍ୟମାର୍ଗ ଏବଂ ପୃଥିବୀର କର୍ମ | ... ୪୩୧ |
| **୩୦୭** | ପରମେଶ୍ୱର ଶଙ୍କରଙ୍କୁ ଦେଖି ହସିଥିଲେ | ... ୪୩୧ |
| **୩୦୮-୩୧୦** | ଦୁଃଖ ଦ୍ୱାରା ମୌଳିକ ଗୁଣଗୁଡ଼ିକର ବିକାଶ ହୁଏ | ... ୪୩୨ |
| **୩୧୧-୩୧୨** | ରୂପାନ୍ତର ପ୍ରତି ଦୃଷ୍ଟିକୋଣ | ... ୪୩୩ |
| **୩୧୩-୩୧୪** | ବିପରୀତଗୁଡ଼ିକର ସମ୍ମିଳନରେ ପ୍ରଜ୍ଞା ନିହିତ ରହିଛି | ... ୪୩୪ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୩୧୫-୩୧୬** | ସମସ୍ତେ ନିଜ ଭିତରେ ଦିବ୍ୟ ଲକ୍ଷ୍ୟଟିକୁହିଁ ବହନ କରୁଛନ୍ତି ··· | ୪୩୪ |
| **୩୧୭-୩୧୮** | ଶାଶ୍ୱତ କାଳରୁ ସବୁକିଛି ରହିଛି ··· | ୪୩୫ |
| **୩୧୯** | ବ୍ରହ୍ମଙ୍କର ଇଚ୍ଛା ··· | ୪୩୬ |
| **୩୨୦-୩୨୧** | ନୈରାଜ୍ୟବାଦ : ମନୁଷ୍ୟର ଯଥାର୍ଥ ଦିବ୍ୟ ସ୍ଥିତି ··· | ୪୩୬ |
| **୩୨୨-୩୨୪** | ସଫଳ ସାମ୍ୟବାଦ ··· | ୪୩୭ |
| | ବେଦାନ୍ତ ଓ ସାମ୍ୟବାଦ ··· | ୪୩୭ |
| **୩୨୫-୩୨୬** | ''ମୁକ୍ତି, ସମତା, ଭ୍ରାତୃତ୍ୱ'' ଏବଂ ଅହଂ ··· | ୪୩୮ |
| **୩୨୭-୩୨୮** | ବ୍ୟକ୍ତି ଓ ସମାଜର ପୂର୍ଣ୍ଣତାପ୍ରାପ୍ତ ଅବସ୍ଥା ··· | ୪୩୯ |
| **୩୨୯-୩୩୧** | କୌଣସି କର୍ମର ମହତ୍ତ୍ୱ ··· | ୪୪୦ |
| **୩୩୨-୩୩୪** | ଜାତୀୟ ଏବଂ ମାନବିକ ଏକତା ··· | ୪୪୧ |
| **୩୩୫-୩୩୬** | ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ ଏବଂ ମାନବ-ଏକତା ··· | ୪୪୨ |
| **୩୩୭-୩୩୮** | କଳାକାର : ଅନୁକରଣକାରୀ ଓ ସ୍ରଷ୍ଟା ··· | ୪୪୩ |
| **୩୩୯** | ଦିବ୍ୟ ପରମସତ୍ତା ସକଳ ଭଲ ଓ ମନ୍ଦର ସେପାଖରେ ··· | ୪୪୩ |
| **୩୪୦** | ପ୍ରତିକ୍ରିୟା ଅଗ୍ରଗତିକୁ ପୂର୍ଣ୍ଣତା ଆଣିଦିଏ, ତ୍ୱରାନ୍ୱିତ କରେ ··· | ୪୪୪ |
| **୩୪୧-୩୪୩** | ଗଣତନ୍ତ୍ର, ସାମ୍ୟବାଦ ଓ ନୈରାଜ୍ୟବାଦ ··· | ୪୪୪ |
| | ମନୁଷ୍ୟ ଦ୍ୱାରା ପରିଚାଳିତ ଯାବତୀୟ ଶାସନ ମିଥ୍ୟାର ଶାସନ··· | ୪୪୫ |
| **୩୪୪-୩୪୫** | ଆତ୍ମାର ପୂର୍ଣ୍ଣତାପ୍ରାପ୍ତି ଏବଂ ବାହ୍ୟ ପରିବେଶ ··· | ୪୪୫ |
| **୩୪୬-୩୪୮** | ଯଥାର୍ଥ ସଚ୍ଛଜୀବନ ··· | ୪୪୭ |
| **୩୪୯-୩୫୧** | ପରମେଶ୍ୱରଙ୍କର ଇଚ୍ଛାକୁ ଜାଣିବା ··· | ୪୪୭ |
| | ''ଯେଉଁ ଆତ୍ମା ନିରାବରଣ ଓ ଲଜ୍ଜାମୁକ୍ତ'' ··· | ୪୪୮ |
| **୩୫୨-୩୫୬** | ଯଥାର୍ଥ ସତ୍ୟ ସକଳ ବିପରୀତର ଊର୍ଦ୍ଧ୍ୱରେ ··· | ୪୪୯ |
| **୩୫୭** | ମନୁଷ୍ୟଜାତିର ପ୍ରକୃତ ଶାସକ ··· | ୪୫୦ |
| **୩୫୮-୩୬୧** | ଅତିମାନସ ଚେତନାର ଫଳ ··· | ୪୫୧ |
| **୩୬୨** | ଭାରତବର୍ଷ ଓ ଧର୍ମୀୟ ପରମ୍ପରା ··· | ୪୫୨ |
| **୩୬୩-୩୬୯** | ଆନ୍ତରିକତା : ପରମପ୍ରଭୁଙ୍କର ବାଣୀକୁ ଶୁଣିପାରିବାର ସର୍ତ୍ତ ··· | ୪୫୫ |
| **୩୭୦-୩୭୩** | ତୁମେ ଯାହାକିଛି କର, ସେଥିରେ ପରମକରୁଣାହିଁ ତୁମକୁ ପରିଚାଳିତ କରେ ··· | ୪୫୬ |
| **୩୭୪-୩୭୬** | ମୃତ୍ୟୁ ଓ ଅହଂ ··· | ୪୫୭ |
| | ''ଯିଏ ଦିବ୍ୟ ପରମସତ୍ତାଙ୍କର ହୋଇ ସାରିଛି'' ··· | ୪୫୭ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୩୭୭-୩୭୮** | ଅହଂରୁ ମୁକ୍ତି | ... ୪୫୯ |
| **୩୭୯-୩୮୧** | ଯେକୌଣସି ଦିଗରେ ଅତିରିକ୍ତତା ହେଉଛି ହିଂସା | ... ୪୬୦ |
| **୩୮୨** | ଔଷଧ ଏବଂ ପ୍ରାକୃତିକ ସ୍ୱାସ୍ଥ୍ୟ | ... ୪୬୦ |
| **୩୮୩-୩୮୫** | ଆଧୁନିକ ମାନବସମାଜର ବର୍ବରତା | ... ୪୬୧ |

**ରୋଗ ଓ ଚିକିତ୍ସାବିଜ୍ଞାନ**

| | | |
|---|---|---|
| **୩୮୬-୩୮୯** | ରୋଗ ଓ ମନ | ... ୪୬୨ |
| | ପରମକରୁଣାର ଆରୋଗ୍ୟକାରିଣୀ ଶକ୍ତି | ... ୪୬୩ |
| **୩୯୦-୩୯୩** | ଔଷଧସେବନରେ ମନ ଏବଂ ବିଶ୍ୱାସର ଭୂମିକା | ... ୪୬୪ |
| **୩୯୪-୩୯୯** | ଦିବ୍ୟ ସ୍ୱାସ୍ଥ୍ୟ ଓ ରୋଗଭୋଗ | ... ୪୬୫ |
| **୪୦୦-୪୦୩** | ଔଷଧ ଉପରେ ମନର ବିଶ୍ୱାସ | ... ୪୬୬ |
| **୪୦୪-୪୦୭** | ଔଷଧସେବନ ଓ ଶରୀର | ... ୪୬୭ |

**ଭକ୍ତି**

**ଟିପ୍ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ (୧୯୬୯-୭୦)**

| | | |
|---|---|---|
| **୪୦୮-୪୧୨** | ପରମେଶ୍ୱରଙ୍କୁ ନାରୀରୂପେ ଜାଣିବା | ... ୪୭୪ |
| **୪୧୩** | ପରମେଶ୍ୱରଙ୍କ ସହ ଅବୈଧ ପ୍ରଣୟ | ... ୪୭୫ |
| **୪୧୪-୪୨୦** | ପରମେଶ୍ୱରଙ୍କର ଶତ୍ରୁ ହେବାର ଆନନ୍ଦ | ... ୪୭୬ |
| **୪୨୧-୪୨୪** | ''ଦୁଃଖର ଚାରୋଟି ପର୍ଯ୍ୟାୟ'' | ... ୪୭୮ |
| **୪୨୫-୪୨୭** | କେବଳ ଦିବ୍ୟ ପରମସତ୍ତାଙ୍କୁ ଭଲ ପାଇବା | ... ୪୭୯ |
| **୪୨୮** | କୃଷ୍ଣ ଏବଂ କାଳୀଙ୍କୁ ଭଲ ପାଇବା | ... ୪୭୯ |
| **୪୨୯-୪୩୦** | ଆତ୍ମା ଦ୍ୱାରା ପ୍ରକୃତିକୁ ଉପଭୋଗ କରିବା | ... ୪୮୦ |
| **୪୩୧-୪୩୪** | ପରମେଶ୍ୱର ଓ ପୃଥିବୀ | ... ୪୮୦ |
| | ପ୍ରଜ୍ଞା : ସକଳ ସିଦ୍ଧାନ୍ତକୁ ସ୍ୱୀକାର କରିନେବାର ସାମର୍ଥ୍ୟ | ... ୪୮୧ |
| **୪୩୫-୪୩୮** | କୃଷ୍ଣଙ୍କୁ ଭଲ ପାଇବା | ... ୪୮୧ |
| **୪୩୯-୪୪୪** | ପ୍ରେମିକରୂପେ ଭଗବାନ | ... ୪୮୨ |
| **୪୪୫-୪୪୯** | ଶ୍ରୀଅରବିନ୍ଦ ଅସ୍ତିତ୍ୱର ରହସ୍ୟକୁ ଉଦ୍‌ଘାଟିତ କରି ଦେଇଛନ୍ତି | ... ୪୮୫ |
| **୪୫୦-୪୫୫** | ଦ୍ୱେଷରୁ ମୁକ୍ତ ହେବା | ... ୪୮୬ |
| **୪୫୬-୪୬୧** | ଭଗବାନ ଓ ସଇତାନ | ... ୪୮୭ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୪୬୨-୪୬୩** | ଗୁଣଗୁଡ଼ିକୁ ଦେଖିବାର କ୍ଷେତ୍ରରେ ଦିବ୍ୟ ପରମ ସତ୍ତାଙ୍କର ପଦ୍ଧତି ··· | ୪୮୯ |
| **୪୬୪-୪୬୫** | ପୃଥିବୀ ଦିବ୍ୟ ଆନନ୍ଦକୁ ବ୍ୟକ୍ତ କରିବ ··· | ୪୯୦ |
| **୪୬୬-୪୬୮** | ମନ ଓ ପରମେଶ୍ୱର ··· | ୪୯୧ |
| **୪୬୯-୪୭୧** | ମଣିଷକୁ ସବୁକିଛି ପରମକରୁଣା ବୋଲି ଗ୍ରହଣ କରିବାକୁ ହେବ ··· | ୪୯୨ |
| **୪୭୨** | ଯାବତୀୟ ମାନସିକ ବିରଚନାକୁ ସାବଧାନ ··· | ୪୯୩ |
| **୪୭୩** | ଦିବ୍ୟ ପରମସତ୍ତା ଯାବତୀୟ ନିଷ୍ଠାଯୁକ୍ତ ଅଭୀପ୍ସାକୁ ଗ୍ରହଣ କରନ୍ତି ··· | ୪୯୪ |
| **୪୭୪-୪୭୫** | ପରମେଶ୍ୱର ଏବଂ ନର୍କ ··· | ୪୯୫ |
| | ଆନନ୍ଦକୁ ମନୁଷ୍ୟମାନେ ହୁଏତ ସହ୍ୟ କରିପାରିବେ ନାହିଁ ··· | ୪୯୫ |
| **୪୭୬** | ଜୀବନର ସାତଗୋଟି ନିଃଶ୍ରେୟସ ··· | ୪୯୫ |
| **୪୭୭-୪୭୯** | ପୃଥିବୀ ସ୍ୱର୍ଗ ହେବାର ସର୍ତ୍ତାବଳୀ ··· | ୪୯୫ |
| **୪୮୦-୪୮୧** | ସାଧାରଣ ମନୁଷ୍ୟ ଚେତନାର ମିଥ୍ୟାମୟତା ··· | ୪୯୭ |
| **୪୮୨-୪୮୩** | କୃଷ୍ଣଙ୍କ ଦ୍ୱାରା ଗୋପୀମାନଙ୍କର ବସ୍ତ୍ରହରଣ ··· | ୪୯୭ |
| **୪୮୪** | କୃଷ୍ଣ ଓ ପାପ ··· | ୪୯୮ |
| **୪୮୫-୪୮୯** | ଯଥାର୍ଥ ଏକତ୍ୱର ଉପଲବ୍ଧି ··· | ୫୦୦ |
| **୪୯୦-୪୯୨** | ଯାବତୀୟ ପରିସ୍ଥିତିରେ ଦିବ୍ୟ ପରମସତ୍ତାଙ୍କ ସହିତ ସଂସ୍ପର୍ଶ ରଖିବା ··· | ୫୦୧ |
| **୪୯୩-୪୯୪** | ଭଗବତ୍ ଦର୍ଶନର ମାର୍ଗଚୟ ··· | ୫୦୧ |
| **୪୯୫-୪୯୬** | କଷ୍ଟଭୋଗ ଓ ଯନ୍ତ୍ରଣାର ମୂଲ୍ୟ ··· | ୫୦୨ |
| **୪୯୭-୪୯୯** | କଷ୍ଟଭୋଗ : ଆନନ୍ଦ ଲାଗି ଶିକ୍ଷା ଏକମାତ୍ର ଯଥାର୍ଥ ପ୍ରଜ୍ଞା ··· | ୫୦୩ |
| **୫୦୦-୫୦୩** | ଦୁଃଖ ଓ କଷ୍ଟଭୋଗର ଭୂମିକା ··· | ୫୦୪ |
| **୫୦୪** | ଆମର ଏହି ଦୁଃଖମୟ ଯୁଗରେ ଦିବ୍ୟ ପରମ ପ୍ରେମ ଆବଶ୍ୟକ ··· | ୫୦୫ |
| **୫୦୫** | ବିଜ୍ଞାନ, ଈଶ୍ୱରପ୍ରେମିକ ଓ ଈଶ୍ୱରଜ୍ଞାତା ··· | ୫୦୬ |
| **୫୦୬** | ଏହି ପୃଥିବୀ ପ୍ରତି ହସି ପାରିବା ··· | ୫୦୬ |
| **୫୦୭** | ମାନବୀୟ ବିଜ୍ଞାନ ଓ ଗୂଢ଼ବିଦ୍ୟା ··· | ୫୦୭ |
| **୫୦୮** | ଶରୀରର ରୂପାନ୍ତର କ୍ଷେତ୍ରରେ ମାଆଙ୍କର ଅନୁଭୂତି ··· | ୫୦୮ |
| **୫୦୯-୫୧୨** | ଶାସ୍ତ୍ରଗୁଡ଼ିକୁ ବୁଝିବାର ପ୍ରକୃତ ମାର୍ଗ ··· | ୫୦୯ |
| **୫୧୩-୫୧୪** | ଦିବ୍ୟ ପରମସତ୍ତାଙ୍କର ସେବା ··· | ୫୧୦ |

| | ବିଷୟ-ସୂଚୀ | ପୃଷ୍ଠା |
|---|---|---|
| **୫୧୫-୫୧୬** | ମନୁଷ୍ୟମାନଙ୍କର ହିତ କରିବା | ... ୫୧୦ |
| | ଯାବତୀୟ ପାରମ୍ପରିକ ନୈତିକତାରୁ ମୁକ୍ତି | ... ୫୧୦ |
| **୫୧୭-୫୧୮** | ଦୁର୍ବଳତା ଓ ଦିବ୍ୟ ପରମସତ୍ତା | ... ୫୧୦ |
| **୫୧୯** | ଅମରତ୍ୱଲାଭ ଲାଗି ଦାନବର ଚାରି ପାଦ | ... ୫୧୧ |
| **୫୨୦** | ବିଶ୍ୱଜଗତକୁ ବୁଝିବା | ... ୫୧୨ |
| **୫୨୧** | ଦିବ୍ୟ ପରମସତ୍ତାଙ୍କର ବୋଧ | ... ୫୧୨ |
| **୫୨୨-୫୨୩** | କଷ୍ଟଭୋଗ ଏବଂ ଆନନ୍ଦ | ... ୫୧୩ |
| **୫୨୪** | ଆତ୍ମା, ମନ ଓ କଷ୍ଟଭୋଗ | ... ୫୧୩ |
| **୫୨୫-୫୨୬** | ସହାନୁଭବ ଓ ଦିବ୍ୟ ପରମଚେତନା | ... ୫୧୩ |
| **୫୨୭-୫୨୮** | ଭଲ ପାଇବା ଓ ଦୟା ଦେଖାଇବା | ... ୫୧୪ |
| **୫୨୯-୫୩୦** | ସହାନୁଭବ ଓ ଦୟାପ୍ରଦର୍ଶନ | ... ୫୧୫ |
| **୫୩୧-୫୩୩** | ଉଦ୍ୟମ ଓ ବିଶ୍ୱାସରେ ସତତତା | ... ୫୧୬ |
| **୫୩୪** | ପ୍ରେମ : ମାନବୀୟ ଓ ଦିବ୍ୟ | ... ୫୧୭ |
| **୫୩୫** | ‘‘ଦିବ୍ୟମନ’’ | ... ୫୧୭ |
| **୫୩୬-୫୩୭** | ଯଥାର୍ଥ ଜ୍ଞାନର ଗୋଟିଏ ବିନ୍ଦୁ ଏକ ବିପ୍ଳବ ସୃଷ୍ଟି କରିପାରେ | ... ୫୧୮ |
| **୫୩୮** | ମାୟାର ଅନ୍ତର୍ମର୍ମ ଓ ଶକ୍ତି | ... ୫୧୮ |
| **୫୩୯-୫୪୦** | ହକ୍ସ୍‌ଲେ ଏବଂ ହେକେଲ୍‌ଙ୍କ ମଧ୍ୟରେ ପରମେଶ୍ୱରଙ୍କୁ ଦେଖିବା | ... ୫୧୯ |
| **୫୪୧** | ଉତ୍ପୀଡ଼ନକାରୀ ଓ ସଂହାରକାରୀ ମଧ୍ୟରେ ପରମେଶ୍ୱରଙ୍କୁ ଦେଖିବା | ... ୫୨୦ |

## ଜ୍ଞାନ

ଯଦି ଆମେ ସେଗୁଡ଼ିକରେ ରହିଥିବା ଶିକ୍ଷା ଓ ନିର୍ଦ୍ଦେଶ ଅନୁସାରେ ପ୍ରକୃତରେ ବଞ୍ଚିବାଲାଗି ଏକ ସଂକଳ୍ପ ଗ୍ରହଣ ନ କରିଥିବା, ତେବେ ପଥପ୍ରଦର୍ଶନକାରୀ ଏହି ପୁସ୍ତକଗୁଡ଼ିକୁ ପାଠ କରିବା ଦ୍ୱାରା ଆମର ଆଦୌ କୌଣସି ଲାଭ ହେବ ନାହିଁ।

ଅନେକ ଆଶୀର୍ବାଦ

ମାଆ

**୧. ମନୁଷ୍ୟ ଭିତରେ ଦୁଇଟି ଶକ୍ତି ପରସ୍ପର ସହିତ ସହବଦ୍ଧ ହୋଇରହିଛି; ସେହି ଦୁଇ ଶକ୍ତି ହେଉଛି ଜ୍ଞାନ ଓ ପ୍ରଜ୍ଞା। ଅନ୍ଧାର ମଧ୍ୟରେ ଅଣ୍ଡାଳି ଅଣ୍ଡାଳି ଏକ ବିକୃତ ମାଧ୍ୟମ ସାହାଯ୍ୟରେ ମନ ଯେତିକି ସତ୍ୟର ଦର୍ଶନ କରିଥାଏ, ତାହା ହେଉଛି ଜ୍ଞାନ; ଦିବ୍ୟ ପ୍ରଜ୍ଞାର ଚକ୍ଷୁ ଆତ୍ମା ମଧ୍ୟରେ ଯାହା ଦେଖିବାକୁ ସମର୍ଥ ହୁଏ, ତାହାହିଁ ପ୍ରଜ୍ଞା।**

''ଶକ୍ତି ଦୁଇଟି ପରସ୍ପର ସହିତ ସହବଦ୍ଧ ହୋଇ ରହିଛନ୍ତି'' ବୋଲି କାହିଁକି କୁହାଯାଇଛି, ମୋତେ କେହି ଜଣେ ପ୍ରଶ୍ନ କରିଛନ୍ତି।

ମନୁଷ୍ୟ ମଧ୍ୟରେ ରହିଥିବା ଯାବତୀୟ ଉପାଦାନ ପରସ୍ପର ସହିତ କଳହରତ ହୋଇ ରହିଛନ୍ତି ବୋଲି ଦେଖିବାରେ ଆମେ ଏପରି ଅଭ୍ୟସ୍ତ ହୋଇ ରହିଥାଉ ଯେ, ସେମାନେ ପରସ୍ପର ସହିତ ''ସହବଦ୍ଧ'' ହୋଇ ରହିଛନ୍ତି ବୋଲି କହିଲେ ଆମେ ଭାରି ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଡ଼ିଥାଉ। ମାତ୍ର, ସେହିସବୁ କଳହ କେବଳ ଆପାତ କଳହ। ଉଚ୍ଚତର କ୍ଷେତ୍ରଗୁଡ଼ିକରୁ ଉଦ୍‌ଗତ ହୋଇ ଆସୁଥିବା ଯାବତୀୟ ଶକ୍ତି ବସ୍ତୁତଃ ପ୍ରୟୋଜନବଶ ଭାବରେ ସହବଦ୍ଧ ହୋଇ ରହିଛନ୍ତି— ସେମାନେ ଏକତ୍ୱବଦ୍ଧ ହୋଇ ରହିଛନ୍ତି, ପରମ ଅଜ୍ଞାନ ସହିତ ଯୁଦ୍ଧ କରିବା ଲାଗି ସମ୍ମତିର ସହିତହିଁ ଏକାଠି ହୋଇଛନ୍ତି। ଏବଂ, ଯେଉଁମାନଙ୍କର ବୁଝିବା ଲାଗି ସାମର୍ଥ୍ୟ ରହିଛି ସେମାନଙ୍କ ଲାଗି ଶ୍ରୀଅରବିନ୍ଦ ଯଥେଷ୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଏହି ଦୁଇଟି ମଧ୍ୟରୁ ଗୋଟିଏ ଶକ୍ତି ହେଉଛି ମନଃରାଜ୍ୟର ଏବଂ ଦ୍ୱିତୀୟଟି ହେଉଛି ଆତ୍ମାର ଅନ୍ତର୍ଗତ। ନିଜର ସୂତ୍ରଟି ମଧ୍ୟରେ ଶ୍ରୀଅରବିନ୍ଦ ଠିକ୍ ଏହି ଗଭୀର ସତ୍ୟଟିରହିଁ ପ୍ରକାଶ ଘଟାଇବାକୁ ଇଚ୍ଛା କରିଛନ୍ତି : ଯଦି ମନ ଏହି କ୍ଷେତ୍ରରେ ରହିଥିବା ଦ୍ୱିତୀୟ ଶକ୍ତିଟିକୁ ଅର୍ଜନ କରିବା ଲାଗି ଚେଷ୍ଟା କରିବ, ତେବେ ସେଥିରେ ସିଏ କଦାପି ସଫଳ ହେବ ନାହିଁ, କାରଣ ତାହା ହେଉଛି ଚିଦ୍‌ଗତତା-କ୍ଷେତ୍ରର ଏକ ସମ୍ପଦ

ଏବଂ କେବଳ ଆଧ୍ୟାତ୍ମିକ ଚେତନାର ସହଗାମୀ ରୂପେହିଁ ମନୁଷ୍ୟ ସତ୍ତାରେ ତାହାର ଆବିର୍ଭାବ ହୋଇଥାଏ ।

ଜ୍ଞାନ ହେଉଛି ଏପରି ଏକ ବସ୍ତୁ, ଯାହାକୁ କି ମନ ପ୍ରଭୂତ ପ୍ରୟାସବଳରେ ଲାଭ କରିଥାଏ । ମାତ୍ର ଏହା କଦାପି ଯଥାର୍ଥ ଜ୍ଞାନ ନୁହେଁ, ଏହା ହେଉଛି ଜ୍ଞାନର କେବଳ ଏକ ମନୋଗତ ବିଭାବ; ଅନ୍ୟ ପକ୍ଷରେ, ପ୍ରଜ୍ଞାକୁ ମନୋରାଜ୍ୟର ଏକ ଉତ୍ପାଦ ବୋଲି କୁହାଯାଇ ପାରିବ ନାହିଁ, ମନ ତାହାକୁ ଅର୍ଜନ କରିବା ଲାଗି ସଂପୂର୍ଣ୍ଣ ଅସମର୍ଥ ହୋଇ ରହିଥାଏ; କାରଣ, ତାହା ଯେ ପ୍ରକୃତରେ କିଭଳି ବସ୍ତୁ, ମନକୁ ସେକଥା ଜଣା ମଧ୍ୟ ନ ଥାଏ । ମୁଁ ଆଉ ଥରେ କହୁଛି, ପ୍ରଜ୍ଞା ହେଉଛି ମର୍ମତଃ ପରମ ଚିଦ୍‌ଗତତାରହିଁ ଏକ ଶକ୍ତି ଏବଂ କେବଳ ଆଧ୍ୟାତ୍ମିକ ଚେତନା ସହିତହିଁ ତାହାର ଜାଗୃତି ଘଟିଥାଏ ।

''ଏକ ବିକୃତ ମାଧ୍ୟମରେ ଦର୍ଶନ କରାଯାଉଥିବା ସତ୍ୟ'' ବୋଲି କହିଲାବେଳେ ଶ୍ରୀଅରବିନ୍ଦ ତଦ୍ଦ୍ୱାରା ପ୍ରକୃତରେ କ'ଣ କହିବାକୁ ଚାହୁଁଛନ୍ତି, ସେକଥା ପଚାରିଥିଲେ ତାହା ଯଥାର୍ଥରେ ଆଗ୍ରହୋଦ୍ଦୀପକ ହୋଇଥା'ନ୍ତା । ପ୍ରଥମ କଥା ହେଉଛି, ଏହି ''ବିକୃତ ମାଧ୍ୟମ''ର ଅର୍ଥ କ'ଣ ଏବଂ ଏକ ''ବିକୃତ ମାଧ୍ୟମ'' ଭିତରେ ପଡ଼ି ସତ୍ୟ ପ୍ରକୃତରେ କି ଆକାର ଧାରଣ କରେ ?

ସର୍ବଦା ଯେପରି ହୋଇଥାଏ, ଏଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ତାହାର ଅର୍ଥରେ ଏକାଧିକ ସ୍ତର ମଧ୍ୟ ଥାଇପାରେ,– ଗୋଟିଏ ହେଉଛି ଏକ ଅପେକ୍ଷାକୃତ ଅଧିକ ନିର୍ଦ୍ଦିଷ୍ଟ ସ୍ତର, ଆରଟି ଅପେକ୍ଷାକୃତ ଅଧିକ ସାଧାରଣ । ସବୁଠାରୁ ଅଧିକ ନିର୍ଦ୍ଦିଷ୍ଟ ସ୍ତରର ଅର୍ଥରେ କହିବାକୁ ଗଲେ, ବିକୃତ ମାଧ୍ୟମ କହିଲେ ଏଠାରେ ଆମର ଏହି ମନୋଗତ ମାଧ୍ୟମକୁହିଁ ବୁଝାଇବ;– ଏହି ମାଧ୍ୟମଟି ଅଜ୍ଞାନ ମଧ୍ୟରେ କାର୍ଯ୍ୟ କରୁଥାଏ ଏବଂ ତେଣୁ ବିଶୁଦ୍ଧ ସତ୍ୟଟିକୁ ଆଦୌ ପ୍ରକାଶ କରିପାରେ ନାହିଁ । ମାତ୍ର, ଏହି ଜୀବନକୁ ମଧ୍ୟ ସମଗ୍ରତଃ ଅଜ୍ଞାନ ମଧ୍ୟରେ ବଞ୍ଚିବାକୁ ପଡୁଥିବାରୁହିଁ, ସେହି ବିକୃତ ମାଧ୍ୟମଟି ଏହି ପୃଥ୍ୱୀପରିବେଶରେ ମଧ୍ୟ ପରିଣତ ହୋଇ ରହିଛି ଏବଂ ଏହି ପରିବେଶଟି ଜରିଆରେ ଯେଉଁ ସତ୍ୟ ଆପଣାକୁ ପ୍ରକାଶିତ କରି ଆଣିବାକୁ ଚେଷ୍ଟା କରୁଛି, ଏହା ତାହାକୁ ସଂପୂର୍ଣ୍ଣ ଭାବରେ ବିକୃତ କରି ପକାଉଛି ।

ଏବଂ, ଠିକ୍ ଏହିଠାରେହିଁ ସୂତ୍ରଟିର ସୂକ୍ଷ୍ମତମ ମର୍ମଟି ନିହିତ ହୋଇ ରହିଛି । ଆପଣାର ଯାବତୀୟ ଅଣ୍ଡାଳି ହେବାର ସାହାଯ୍ୟରେ ମନ ପ୍ରକୃତରେ କେଉଁଠାରେ ଯାଇ ଉପନୀତ ହୋଇପାରିବ ? ଆମେ ଭଲକରି ଜାଣିଛୁ ଯେ, ମନ ସର୍ବଦା ଅଣ୍ଡାଳି ହେବାରେ ଲାଗିଥାଏ, ଜାଣିବା ପାଇଁ ଚେଷ୍ଟା କରୁଥାଏ, ଭୁଲ୍ କରୁଥାଏ, ପୁନର୍ବାର ଆପଣାର

ପୂର୍ବକୃତ ପ୍ରୟାସଗୁଡ଼ିକ ପାଖକୁ ଫେରି ଆସୁଥାଏ ଓ ପୁଣି ଚେଷ୍ଟା କରିବାରେ ଲାଗିଥାଏ । ...ତାହାର ଅଗ୍ରଗତି ଅତ୍ୟନ୍ତ, ଅତ୍ୟନ୍ତ ମନ୍ଥର ହୋଇ ରହିଥାଏ । ମାତ୍ର ସତ୍ୟ ବିଷୟରେ ତାହା ପ୍ରକୃତରେ କେତେ କ'ଣ ଜାଣେ ? ଏକ ଅଂଶକୁ ଜାଣେ, ଖଣ୍ଡକୁ ଜାଣେ; ତାହାକୁ ତଥାପି ସତ୍ୟ ବୋଲି କୁହାଯାଇପାରିବ ସତ, ମାତ୍ର କେବଳ ଆଂଶିକ ଓ ଅପୂର୍ଣ୍ଣ ଭାବରେହିଁ କୁହାଯିବ । ଅଥବା, ସେତେବେଳେ ତାହା ଆଉ ଆଦୌ ସତ୍ୟ ହୋଇ ରହେ ନାହିଁ ବୋଲି କୁହାଯାଇପାରିବ କି ? ତାହାହିଁ ପ୍ରକୃତରେ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ସମସ୍ୟା ।

ଆମକୁ ବାରବାର ଏକଥା କୁହାଯାଇଥିବ ଯେ,– ସମ୍ଭବତଃ ଆମେ ନିଜେ ମଧ୍ୟ ବହୁବାର ତାହାକୁ ପୁନରାବୃତ୍ତି କରି କହିଥିବା,– ଏହି କ୍ଷେତ୍ରରେ ଆମ ଲାଗି କେବଳ ଏକ ଆଂଶିକ, ଅସଂପୂର୍ଣ୍ଣ ଏବଂ ଖଣ୍ଡିତ ଜ୍ଞାନହିଁ ଉପଲବ୍ଧ ହେବ ଏବଂ ତେଣୁ ତାହାକୁ କଦାପି ଯଥାର୍ଥ ଜ୍ଞାନ ବୋଲି କୁହାଯିବ ନାହିଁ । ଏହି ଦୃଷ୍ଟିକୋଣଟି ହେଉଛି ଏକ ଅତି ସାଧାରଣ ଦୃଷ୍ଟିକୋଣ : ଏହି କଥାଟି ସମ୍ବନ୍ଧରେ ସଜ୍ଞାନ ହୋଇପାରିବା ଲାଗି ଜୀବନରେ କିଞ୍ଚିତ୍ ଅଧ୍ୟୟନ କରିଥିବାହିଁ ଯଥେଷ୍ଟ ହେବ । ମାତ୍ର, ''ଏକ ବିକୃତ ମାଧ୍ୟମ ସାହାଯ୍ୟରେ ଦୃଷ୍ଟ ହେଉଥିବା ସତ୍ୟ'' ବୋଲି ଶ୍ରୀଅରବିନ୍ଦଙ୍କର କହିବାର ଅର୍ଥ, ତାହା ହେଉଛି ଏହାଠାରୁ ଅନେକ ଅଧିକ ପରିମାଣରେ ଆଗ୍ରହୋଦ୍ଦୀପକ ।

ଏହି କ୍ଷେତ୍ରରେ ସତ୍ୟର ବିଭାବଟିହିଁ ବଦଳି ଯାଇଥାଏ,– ଏହି ମାଧ୍ୟମ ଭିତରେ ଆସି ସତ୍ୟ ଆଉ ସତ୍ୟ ହୋଇ ରହେ ନାହିଁ, ସତ୍ୟର ଏକ ବିକୃତ ରୂପରେହିଁ ପରିଣତ ହୁଏ । ଫଳରେ, ଏଥିରୁ ଯାହା ପ୍ରାପ୍ତ ହୁଏ, ତାହା ସତ୍ୟ ବୋଲି ଦାବି କରାଯାଇ ପାରୁଥିବା ଏକ ଅଂଶ ହୋଇ ମୋଟେ ରହେ ନାହିଁ, ମାତ୍ର ସତ୍ୟର ଏକ ବିଭାବରେ ପରିଣତ ହୁଏ, ସତ୍ୟର ଏକ ମିଥ୍ୟା ଅତୀତରେହିଁ ଅବଶିଷ୍ଟ ହୋଇ ରହେ,– ସେହି କ୍ଷେତ୍ରରେ ସତ୍ୟ ସଂପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ରହିଥାଏ ।

ମୋ' କଥାଟିକୁ ତୁମେମାନେ ଯେପରି ଠିକ୍ ଭାବରେ ବୁଝିପାରିବ, ସେଥିଲାଗି ମୁଁ ତୁମମାନଙ୍କ ଆଗରେ ଏକ ପ୍ରତିରୂପର ଉପସ୍ଥାପନା କରିବାକୁ ଯାଉଛି; ଏହା କେବଳ ଏକ ପ୍ରତିରୂପ, ମୋଟେ ଅଧିକ କିଛି ନୁହେଁ, ତେଣୁ ତୁମେମାନେ ଏହାକୁ କଦାପି ଆକ୍ଷରିକ ଅର୍ଥରେ ବୁଝିବ ନାହିଁ ।

ମୂଳସତ୍ୟଟିକୁ ଯଦି ଆମେ ଚକ୍ଷୁ ଝଲସାଇ ଦେଉଥିବା ଏକ ସ୍ୱଚ୍ଛ ଓ ଶୁଭ୍ର ଆଲୋକମଣ୍ଡଳ ସହିତ ତୁଳନା କରିବା, ତେବେ ଆମେ ଏପରି କହିପାରିବା ଯେ, ମାନସିକ ମାଧ୍ୟମ ଓ ମାନସିକ ପରିବେଶ ମଧ୍ୟରେ ପ୍ରବେଶ କରି ସେହି ସମଗ୍ର ଶୁଭ୍ର ଆଲୋକଟି ହଜାର ହଜାର ଛାୟାୟତନକୁ ରୂପାନ୍ତରିତ ହୋଇଯାଇଥାଏ,– ପ୍ରତ୍ୟେକଟି

ଆୟତନର ନିଜର ଏକ ସ୍ପଷ୍ଟ ଓ ସ୍ୱତନ୍ତ୍ର ରଙ୍ଗ ରହିଥାଏ, କାରଣ ସେଗୁଡ଼ିକ ସମସ୍ତେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥା'ନ୍ତି । ମାଧ୍ୟମଟିହିଁ ସେହି ଶୁଭ୍ର ଆଲୋକଟିକୁ ବିକୃତ କରିଦିଏ ଏବଂ ତାହା ମଧ୍ୟରେ ଲାଲ, ସବୁଜ, ପୀତ ପ୍ରଭୃତି ଅଗଣିତ ନାନା ରଙ୍ଗର ପ୍ରତୀତିକୁ ଆଣି ପ୍ରବିଷ୍ଟ କରାଇଦିଏ; ଏହି ରଙ୍ଗଗୁଡ଼ିକ ଅନେକ ସମୟରେ ଭାରି ବେମେଳ ହୋଇ ରହିଥା'ନ୍ତି । ଏବଂ ମନ ପ୍ରକୃତରେ ଯାହା ଗ୍ରହଣ କରିବାକୁ ସମର୍ଥ ହୁଏ, ତାହାକୁ କଦାପି ସେହି ଶୁଭ୍ର ମଣ୍ଡଳସ୍ଥ ଶୁଭ୍ର ଆଲୋକର ଏକ କ୍ଷୁଦ୍ର ଖଣ୍ଡ ବା ଭାଗ ବୋଲି କୁହାଯିବ ନାହିଁ; ତାହା ସେହି ବହୁବିଧ ରଙ୍ଗର ଅଳ୍ପସଂଖ୍ୟକ ଅଥବା ବହୁସଂଖ୍ୟକ କ୍ଷୁଦ୍ର କ୍ଷୁଦ୍ର ଆଲୋକକୁହିଁ ଗ୍ରହଣ କରିଥାଏ । ସେହି ଆଲୋକଗୁଡ଼ିକ ଦ୍ୱାରା ତାହା ଅସଲ ଶୁଭ୍ର ଆଲୋକଟିକୁ ପୁନର୍ଗଠିତ ବି କରିପାରେ ନାହିଁ । ତେଣୁ ତାହା ସତ୍ୟଯାଏ ଆଦୌ ପହଞ୍ଚିପାରେ ନାହିଁ । ତାହା ଅସଲ ସତ୍ୟର କେତୋଟି ଖଣ୍ଡକୁ ଅଦୌ ଧାରଣ କରି ନ ଥାଏ, ମାତ୍ର ଏପରି ଏକ ସତ୍ୟକୁ ଧାରଣ କରି ରହିଥାଏ, ଯାହାକି ଭାଙ୍ଗି ଛିନ୍ନଛତ୍ର ହୋଇଯାଇଥାଏ । ଏହାକୁ ଅପଘଟନର ଏକ ସ୍ଥିତି ବୋଲିହିଁ କୁହାଯିବ ।

ସତ୍ୟ ହେଉଛି ଏକ ସମଗ୍ର ବସ୍ତୁ ଏବଂ ସେଥିରେ ସବୁକିଛିର ଏକ ଆବଶ୍ୟକତାଗତ ସଂଗତି ରହିଥାଏ । ମାନସିକ ପରିବେଶରୂପୀ ଯେଉଁ ବିକୃତ ମାଧ୍ୟମ ଦ୍ୱାରା ତୁମେ ତାହାକୁ ଦେଖିବାକୁ ଚେଷ୍ଟା କରୁଥାଅ, ତାହା ଯାବତୀୟ ଉପାଦାନର ପରିପ୍ରକାଶ, ଅଭିବ୍ୟକ୍ତି ଓ ଏପରିକି ଅବବୋଧ ଲାଗି ମଧ୍ୟ ଏକାନ୍ତ ଅନୁପଯୁକ୍ତ ହୋଇ ରହିଥାଏ । ଏବଂ, ଆମେ ଏପରି ବି କହିପାରିବା ଯେ, ଏହାଦ୍ୱାରା ଅପେକ୍ଷାକୃତ ଅଧିକ ଅସଲ ଅଂଶଟି ହାତଛଡ଼ା ହୋଇ ରହିଯାଏ । ତେଣୁ ତାହାକୁ ଆଉ ଆଦୌ ସତ୍ୟ ବୋଲି କୁହାଯାଇପାରେ ନାହିଁ; ତାହାକୁ ଏପରି ଏକ ବସ୍ତୁ ବୋଲି କୁହାଯାଇପାରେ, ଯାହାକି ମର୍ମତଃ ସତ୍ୟ ହୋଇ ରହିଥାଏ, ମାତ୍ର ତଥାପି ସେହି ମାନସିକ ପରିବେଶଟି ମଧ୍ୟରେ ଆପଣାର ସତ୍ୟତ୍ୱକୁ ହରାଇ ଦେଇଥାଏ,– ତାହା ଏକ ଅଜ୍ଞାନରେ ପରିଣତ ହୋଇ ରହିଥାଏ ।

ତେଣୁ, ମୁଁ ଉପସଂହାର କରିଆଣି କହିବି ଯେ, ମନୁଷ୍ୟର ମନ ଯେଉଁ ସତ୍ୟର ଅବଧାରଣା କରିଥାଏ, ତାହା ନିଶ୍ଚିତ ଭାବରେ ଏକ ଅଜ୍ଞାନସ୍ଥ ଜ୍ଞାନରେ ପରିଣତ ହୋଇ ରହେ । ତାହାକୁ ପ୍ରାୟ ଏକ ଅଜ୍ଞାନପୂର୍ଣ୍ଣ ଜ୍ଞାନ ବୋଲି ମଧ୍ୟ କୁହାଯାଇପାରେ ।

ପ୍ରଜ୍ଞା ହେଉଛି ସତ୍ୟର ମର୍ମକୁ ଦର୍ଶନ କରିବା ଏବଂ ଏହି ବ୍ୟକ୍ତ ସୃଷ୍ଟିରେ ତାହାର ପ୍ରୟୋଗ କରିବା ।

**୨. ପ୍ରେରଣା ହେଉଛି ଦୀପ୍ତିର ଏକ ସ୍ରୋତସ୍ୱିନୀ କ୍ଷୀଣକାୟା ନଦୀ ଯାହାକି ଏକ ବିଶାଳ ଓ ଚିରନ୍ତନ ଜ୍ଞାନର ଆୟତନରୁ ଲମ୍ଫପ୍ରଦାନ କରି ଏଠାକୁ ଆସିଥାଏ । ଇନ୍ଦ୍ରିୟ-ଜ୍ଞାନକୁ ବିବେକବୁଦ୍ଧି ଯେପରି ଅତିକ୍ରମ କରିଥାଏ, ଅନ୍ତଃପ୍ରେରଣା ବିବେକକୁ ଆହୁରି ଅଧିକ ପୂର୍ଣ୍ଣ ଭାବରେ ଅତିକ୍ରମ କରିଥାଏ ।**

ଏହି ବିଷୟରେ ତୁମେମାନେ ପଚାରିଥିବା କେତେଗୁଡ଼ିଏ ପ୍ରଶ୍ନ ପରସ୍ପର ସହିତ ଏକାବେଳେକେ ମିଳିଯାଉଛି : ''ଶ୍ରୀଅରବିନ୍ଦ ଏହି କଥାଟିକୁ କାହିଁକି ଏପରି ଭାବରେ କହିଛନ୍ତି ?'' – ଏଇଟିକୁ ବା ସେଇଟିକୁ, ସିଏ କାହିଁକି ଏପରି ଭାବରେ କହିଛନ୍ତି ।

ମୁଁ ଉତ୍ତର ଦେଇ କହିବି, ''ସିଏ ସେପରି ଭାବରେ କହିଛନ୍ତି, କାରଣ ସିଏ ତାହାକୁ ସେହିପରି ଭାବରେହିଁ ଦେଖିଛନ୍ତି ।'' ମାତ୍ର ପ୍ରଥମେ ଗୋଟିଏ କଥା ବୁଝିଥିବା ଉଚିତ; ଏଗୁଡ଼ିକ ହେଉଛି ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦତ୍ତ ଗୋଟିଏ ଗୋଟିଏ ସଂଜ୍ଞା । ଆମକୁ ଭାବିବା ପାଇଁ ବାଧ କରିବା ସକାଶେ ସେ ଏହି ସଂଜ୍ଞାଗୁଡ଼ିକୁ ସାଧାରଣତଃ ଏକ ବିରୋଧାଭାସୀ ବାହ୍ୟରୂପରେହିଁ ପ୍ରଦାନ କରିଛନ୍ତି ।

ଅଭିଧାନମାନଙ୍କରେ ବି ନାନା ସଂଜ୍ଞା ଦିଆଯାଇଥାଏ; ଶବ୍ଦଗୁଡ଼ିକୁ ଆମେ ସାଧାରଣତଃ ଯେଉଁପରି ବୁଝିଥାଉ, ସେଥିରେ ସେହିପରି ଭାବରେ ସେଗୁଡ଼ିକର ସାଧାରଣତଃ ବ୍ୟାଖ୍ୟାମାନ ରହିଥାଏ । ସେଗୁଡ଼ିକ ଆମକୁ ଆଦୌ ଚିନ୍ତା କରିବା ଲାଗି ବାଧ କରନ୍ତି ନାହିଁ । ମାତ୍ର, ଶ୍ରୀଅରବିନ୍ଦ ଯାହାସବୁ କହିଥା'ନ୍ତି, ତାହା ଆମର ସାଧାରଣ ଧାରଣାଗୁଡ଼ିକୁ ଭାଙ୍ଗିଦେବା ଲାଗି ସେପରି କୁହାଯାଇଥାଏ, ଆମ ସହିତ ଏକ ବୃହତ୍ତର ସତ୍ୟର ସଂସ୍ପର୍ଶ ଘଟାଇବାକୁ ଉଦ୍ଦିଷ୍ଟ ହୋଇ ରହିଥାଏ । ଏହିପରି ଭାବରେ ବହୁ ପ୍ରଶ୍ନକୁ ବହିଷ୍କୃତ କରି ଦିଆଯାଇଥାଏ ।

ତେଣୁ, ସାଧାରଣ ରୀତିରେ ଗୋଟିଏ ଶବ୍ଦର ସଂଜ୍ଞା ନ ଦେଇ ଶ୍ରୀଅରବିନ୍ଦ ଏହିପରି ଭାବରେ ଯେଉଁ ଗଭୀରତର ଜ୍ଞାନ ଓ ଗଭୀରତର ସତ୍ୟକୁ ବ୍ୟକ୍ତ କରିଥା'ନ୍ତି, ତାହାର ଅବଧାରଣା କରି ପାରିବାକୁ ହେଲେ ଆମକୁ ଆବଶ୍ୟକ ପ୍ରୟାସଟିକୁହିଁ କରିବାକୁ ପଡ଼ିବ ।

ମୁଁ କେତୋଟି ପ୍ରଶ୍ନକୁ ବାଛି ସେହିଗୁଡ଼ିକରହିଁ ଉତ୍ତର ଦେବି : ପ୍ରଥମଟିକୁ ଜଣେ ଚିନ୍ତାଶୀଳ ବ୍ୟକ୍ତି ପଚାରିଛନ୍ତି ଏବଂ ତେଣୁ ମୁଁ ତାହାକୁ ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ ବୋଲି ଅନୁଭବ କରୁଛି । ''ଜ୍ଞାନ'' ଶବ୍ଦଟି ଉପରେ ପ୍ରଶ୍ନଟି ପଚରା ଯାଇଛି; ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଶବ୍ଦଟିକୁ ଯେପରି ଭାବରେ ପ୍ରୟୋଗ କରୁଛନ୍ତି ଏବଂ ଗତ ସପ୍ତାହରେ

ଆମେ ପାଠ କରିଥିବା ସୂତ୍ରରେ ସିଏ ତାହାକୁହିଁ ଯେଉଁ ଅର୍ଥରେ ବ୍ୟବହାର କରିଥିଲେ, ପ୍ରଶ୍ନକର୍ତ୍ତା ଦୁଇଟି ମଧ୍ୟରେ ଏକ ତୁଳନା କରିଛନ୍ତି ।

ଆମେ ହୁଏତ ଏପରି କହିପାରିବା ଯେ ଗତ ସପ୍ତାହର ସୂତ୍ରଟିରେ ଶ୍ରୀଅରବିନ୍ଦ 'ଜ୍ଞାନ' ଓ 'ପ୍ରଜ୍ଞା'କୁ ପରସ୍ପରର ବିରୋଧୀ ଭାବରେ ବର୍ଣ୍ଣନା କରିଥିଲେ । ମନୁଷ୍ୟର ସାଧାରଣ ଚେତନାରେ ସିଏ ଜ୍ଞାନକୁ ଯେଉଁପରି ଭାବରେ ବଞ୍ଚିଥାଏ, ଉଦ୍ୟମ ଏବଂ ମାନସିକ ବିକାଶ ଦ୍ୱାରା ଯେଉଁ ଜ୍ଞାନକୁ ଲାଭ କରାଯାଇଥାଏ, ସେଠାରେ ସିଏ ସେହି ଜ୍ଞାନର କଥା କହୁଥିଲେ । ମାତ୍ର, ଅପର ପକ୍ଷରେ, ସେ ଏଠାରେ ଯେଉଁ ଜ୍ଞାନର କଥା କହୁଛନ୍ତି, ତାହା ହେଉଛି ଯଥାର୍ଥ ପରମଜ୍ଞାନ, ତାହା ଅତିମାନସ ଦିବ୍ୟଜ୍ଞାନ, ଏକାତ୍ମକତା ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ । ସେହି କାରଣରୁହିଁ ସିଏ ଏଠାରେ ସେହି ଜ୍ଞାନକୁ ''ବିସ୍ତାରଯୁକ୍ତ ଓ ଚିରନ୍ତନ'' ବୋଲି କହିଛନ୍ତି । ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ସୂଚିତ କରିଦେଉଛି ଯେ, ମନୁଷ୍ୟର ଜ୍ଞାନ କହିଲେ ଆମେ ସାଧାରଣତଃ ଯାହା ବୁଝିଥାଉ, ଏହା ସେହି ଜ୍ଞାନ ଆଦୌ ନୁହେଁ ।

ଶ୍ରୀଅରବିନ୍ଦ ନଦୀଟିକୁ କାହିଁକି ''କ୍ଷୀଣକାୟା'' ବୋଲି କହିଛନ୍ତି, ଅନେକ ବ୍ୟକ୍ତି ତାହା ଜାଣିବାକୁ ଚାହିଁଛନ୍ତି । ଏହାକୁ ଆମେ ଏକ ଅଭିବ୍ୟକ୍ତି-ପ୍ରଦାନକାରୀ ପ୍ରତିରୂପ ବୋଲି ଗ୍ରହଣ କରିବା, ଯାହାକି, ଗୋଟିଏ ପାଖରେ, ଏହି ପ୍ରେରଣାର ଉତ୍ସରୂପେ ଅବସ୍ଥିତ ରହିଥିବା ସେହି ଅନନ୍ତ, ଦିବ୍ୟ, ଅତିମାନସ ପରମଜ୍ଞାନର ବିପୁଳତା, ଏବଂ ଅପର ପକ୍ଷରେ ମନୁଷ୍ୟର ମନ ତାହା ବିଷୟରେ ଯେଉଁ ଅବବୋଧ ଲାଭ କରିପାରିବ ଏବଂ ସେଥିରୁ ଯେତିକି ଗ୍ରହଣ କରିପାରିବ,— ଏହି ଦୁଇଟି ମଧ୍ୟରେ ଏକ ସ୍ପଷ୍ଟ ଭେଦର ଉପସ୍ଥାପନା କରିଦେଉଛି । ଏପରିକି, ତୁମେ ଯେତେବେଳେ ଏହିସବୁ ରାଜ୍ୟ ସହିତ ଏକ ସଂପର୍କ ସ୍ଥାପନ କରି ରହିଥାଅ, ସେତେବେଳେ ତାହାର ଯେଉଁ ଅଂଶଟି ତୁମର ଅବବୋଧ ମଧ୍ୟରେ ପ୍ରବେଶ କରିଥାଏ, ତାହା ଅତ୍ୟନ୍ତ ଅଳ୍ପ, ଅତ୍ୟନ୍ତ କ୍ଷୀଣ । ତାହାକୁ ଆମେ ଏକ ଅତିକ୍ଷୁଦ୍ର ଜଳସ୍ରୋତ ସହିତ ତୁଳନା କରିପାରିବା, ତଳକୁ ଖସି ପଡୁଥିବା ମାତ୍ର କେତୋଟି ବିନ୍ଦୁ ସହିତ ତୁଳନା କରିପାରିବା । ଏହି ବିନ୍ଦୁଗୁଡ଼ିକ ଆପଣା ମଧ୍ୟରେ ଏଡ଼େ ଶୁଦ୍ଧ, ଉଜ୍ଜ୍ୱଳ ଓ ସଂପୂର୍ଣ୍ଣ ହୋଇ ରହିଥା'ନ୍ତି ଯେ, ସେମାନେ ତୁମକୁ ଏକ ଅପୂର୍ବ ପ୍ରେରଣାର ବୋଧ ଆଣି ଦେଇଯାଆନ୍ତି; ତୁମେ ସତେଅବା କେଉଁ ଅନନ୍ତ ଧାମଗୁଡ଼ିକରେ ଯାଇ ପ୍ରବେଶ କରିଛ ଏବଂ ଏହି ସାଧାରଣ ମନୁଷ୍ୟସ୍ତରରୁ ଅନେକ ଊର୍ଦ୍ଧ୍ୱକୁ ଉଠିଯାଇପାରିଛ, ତୁମକୁ ସେହିପରି ଏକ ବୋଧ ଆଣି ଦେଇ ଯାଉଥା'ନ୍ତି । ମାତ୍ର, ଏହାପରେ ଆଉ ଯାହାସବୁ ଅବବୋଧ କରିବାକୁ ରହିଥାଏ, ତାହା ତୁଳନାରେ ଏହା ଆଦୌ କିଛି ନୁହେଁ ।

ଆମର ଚୈତ୍ୟସତ୍ତା ବା ଚୈତ୍ୟଚେତନାର ମାଧ୍ୟମରେ ଉକ୍ତ ପ୍ରେରଣାକୁ ଲାଭ କରାଯାଏ କି ନାହିଁ, ମୋତେ ସେକଥା ମଧ୍ୟ ପଚରାଯାଇଛି ।

ସାଧାରଣ ଭାବରେ, ସେହିପରି ହୁଏ ବୋଲି କୁହାଯାଇପାରିବ । ଉଚ୍ଚତର କ୍ଷେତ୍ରଗୁଡ଼ିକ ସହିତ ତୁମର ଯେଉଁ ପ୍ରଥମ ସଂପର୍କ ସ୍ଥାପିତ ହୋଇଥାଏ, ତାହା ହେଉଛି ଏକ ଚୈତ୍ୟ ସଂପର୍କ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏକ ଅନ୍ତର୍ଗତ ଚୈତ୍ୟ ଉନ୍ମୋଚନ ସମ୍ଭବ ହେବା ପୂର୍ବରୁ ଏହି ପ୍ରେରଣାଗୁଡ଼ିକୁ ଲାଭ କରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର । ଏହା ହୁଏତ ଏକ ବ୍ୟତିକ୍ରମ ରୂପେ ଘଟିପାରେ, କରୁଣାରୂପେ ବିଶେଷ ଭାବରେ ସ୍ୱତନ୍ତ୍ର ହୋଇ ରହିଥିବା କେତେକ ପରିସ୍ଥିତିରେ ମଧ୍ୟ ଘଟିପାରେ; ମାତ୍ର କେବଳ ଚୈତ୍ୟର ମାଧ୍ୟମରେହିଁ ଯଥାର୍ଥ ସଂପର୍କ ସ୍ଥାପନ ସମ୍ଭବ ହୁଏ; କାରଣ ସେହି ଚୈତ୍ୟ ଚେତନାହିଁ ଏକମାତ୍ର ମାଧ୍ୟମ, ଯାହାର କି ନିଃସନ୍ଦେହ ଭାବରେ ଦିବ୍ୟ ପରମସତ୍ୟ ସହିତ ସର୍ବାଧିକ ସାଦୃଶ୍ୟ ରହିଛି ।

ପରେ, ଯେତେବେଳେ ବ୍ୟକ୍ତି ମାନସିକ ଚେତନା ମଧ୍ୟରୁ ବାହାରି ମନର ଆହୁରି ସେପାଖରେ ଅବସ୍ଥିତ, ଏପରିକି ଉଚ୍ଚତର ମନର ଆହୁରି ସେପାଖରେ ଅବସ୍ଥିତ ଏକ ଉଚ୍ଚତର ଚେତନା ମଧ୍ୟରେ ଯାଇ ପ୍ରବିଷ୍ଟ ହୁଏ, ଏବଂ, ଯେତେବେଳେ ସିଏ ଆପଣାକୁ ଅଧିମାନସ କ୍ଷେତ୍ରଗୁଡ଼ିକ ଆଡ଼କୁ ଉନ୍ମୁକ୍ତ କରିଦିଏ ଓ ଅଧିମାନସ ମାଧ୍ୟମରେ ଅତିମାନସ ମଧ୍ୟକୁ ଉନ୍ମୁକ୍ତ କରିଦିଏ, ସେତେବେଳେ ସିଏ ପ୍ରତ୍ୟକ୍ଷ ଭାବରେହିଁ ପ୍ରେରଣାଗୁଡ଼ିକୁ ଲାଭ କରିପାରେ । ଏବଂ, ସେହି ବିନ୍ଦୁକୁ ଆସି ସେଗୁଡ଼ିକ ଅଧିକ ନିରନ୍ତର ହୋଇ ଆସିବାକୁ ଲାଗେ, ଅପେକ୍ଷାକୃତ ଅଧିକ ଐଶ୍ୱର୍ଯ୍ୟଶାଳୀ ହୁଏ, ଏବଂ, ଯଦି ସେପରି କୁହାଯାଇପାରେ, ଅପେକ୍ଷାକୃତ ଅଧିକ ସଂପୂର୍ଣ୍ଣତାଯୁକ୍ତ ମଧ୍ୟ ହୋଇଥାଏ । ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି ଇଚ୍ଛା କରିବା ମାତ୍ରକେହିଁ ପ୍ରେରଣା ପ୍ରାପ୍ତ ହୋଇଥାଏ, ମାତ୍ର ସେଥିଲାଗି ପ୍ରଭୂତ ଅନ୍ତର୍ଗତ ବିକାଶ ଲାଭର ଆବଶ୍ୟକତା ରହିଥାଏ ।

ଆମେ ବର୍ତ୍ତମାନ ଯେପରି କହିଲୁ, ମନର ଅନେକ ଊର୍ଦ୍ଧ୍ୱରେ ରହିଥିବା ରାଜ୍ୟଗୁଡ଼ିକରୁ ଆଗତ ଏହି ପ୍ରେରଣା ଆପଣାର ମୂଲ୍ୟ ଓ ଗୁଣର ଭୂମିରେ ମନଃକ୍ଷେତ୍ରର ସର୍ବୋଚ୍ଚ ପ୍ରାପ୍ତି ଏବଂ ସାମର୍ଥ୍ୟଗୁଡ଼ିକଠାରୁ ମଧ୍ୟ ଅନେକ ଅଧିକ ହୋଇ ରହିଥାଏ । ଏଠାରେ ବିବେକବୁଦ୍ଧିକୁ ଏକ ଉଦାହରଣ ରୂପେ ଗ୍ରହଣ କରାଯାଇପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମନୁଷ୍ୟର ମନଃସ୍ତରୀୟ କ୍ରିୟାତ୍ମକତାର ଭୂମିରେ ଆମେ ବିବେକବୁଦ୍ଧିକୁହିଁ ସର୍ବୋଚ୍ଚ ପ୍ରାପ୍ତି ବୋଲି କହିପାରିବା । ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଲବ୍ଧ ହେଉଥିବା ଜ୍ଞାନ ଉପରେ ବିବେକବୁଦ୍ଧି ପୁନରବଲୋକନ କରିପାରେ, ତାହା ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରିପାରେ । ଅନେକ ସମୟରେ ଉକ୍ତ ହୋଇ ଆସିଛି ଯେ, ଜ୍ଞାନ ଲାଭ କରିବାର

ସାଧନ ହିସାବରେ ଆମର ଇନ୍ଦ୍ରିୟଗୁଡ଼ିକ ସର୍ବଥା ନାନା ଦୋଷରେ ପୂର୍ଣ୍ଣ ହୋଇ ରହିଥା'ନ୍ତି, ସେଗୁଡ଼ିକ ବସ୍ତୁଗୁଡ଼ିକର ଯଥାର୍ଥ ବୋଧ ଲାଭ କରିବାକୁ ଆଦୌ ସମର୍ଥ ହୁଅନ୍ତି ନାହିଁ । ସେମାନେ ଆମକୁ କେବଳ ଯାବତୀୟ ସ୍ତରର ବହିଃପୃଷ୍ଠୀୟ ସମ୍ବାଦ ଆଣି ଦେଇଥା'ନ୍ତି ଏବଂ ଅଧିକାଂଶ ସମୟରେ ତାହା ଦୋଷଯୁକ୍ତ ହୋଇ ରହିଥାଏ । ପୂର୍ଣ୍ଣ ବିକାଶ ଲାଭ କରିବା ପରେ ମନୁଷ୍ୟର ବିବେକବୁଦ୍ଧି ତାହା ଜାଣିବାକୁ ସମର୍ଥ ହୁଏ ଏବଂ ଇନ୍ଦ୍ରିୟ ଦ୍ୱାରା ଲବ୍ଧଜ୍ଞାନ ଉପରେ ଆଉ ଆସ୍ଥା ରଖିପାରେ ନାହିଁ । ମୁଁ ହୁଏତ ଏପରି କହିପାରିବି ଯେ, ଯଦି ଜଣେ ବ୍ୟକ୍ତି ଅବବୌଦ୍ଧିକ ସ୍ତରରେ ଯାଇ ରହିଥାଏ, ତେବେ ସିଏ ବିଶ୍ୱାସ କରିବାରେ ଲାଗିଥାଏ ଯେ, ସିଏ ଯାହାକିଛି ଦେଖୁଛି, ଶୁଣୁଛି ଅଥବା ସ୍ପର୍ଶ କରୁଛି, ତାହା ହେଉଛି ସଂପୂର୍ଣ୍ଣ ଭାବରେ ସତ । ଉଚ୍ଚତର ବିବେକବୁଦ୍ଧିର ରାଜ୍ୟରେ ବିକାଶଲାଭ କରିବା ପରେ, ବ୍ୟକ୍ତି ଏକଥା ଜାଣିବାକୁ ସମର୍ଥ ହୁଏ ଯେ, ଏହିସବୁ ଯାବତୀୟ ଧାରଣା ହେଉଛି ପ୍ରାୟ ମର୍ମତଃ ମିଥ୍ୟା ଏବଂ ତେଣୁ ସେଗୁଡ଼ିକ ଉପରେ ଆଦୌ ଆସ୍ଥା ସ୍ଥାପନ କରାଯାଇ ପାରିବ ନାହିଁ । ମାତ୍ର, ଏହି ଅତିମାନସ ବା ଦିବ୍ୟ କ୍ଷେତ୍ରଟିରୁ ଆମେ ଯେଉଁ ଜ୍ଞାନ ଲାଭ କରିଥାଉ, ତାହା ଆମ ବିବେକବୁଦ୍ଧିର ବୋଧ ଏବଂ ପହୁଞ୍ଚର ସୀମା ଭିତରେ ରହିଥିବା ସବୁକିଛିକୁ ଅତିକ୍ରମ କରିଯାଏ; ବିବେକବୁଦ୍ଧି ଇନ୍ଦ୍ରିୟଲବ୍ଧ ଜ୍ଞାନକୁ ଯେତିକି ପରିମାଣରେ ଅତିକ୍ରମ କରି ଯାଇଥାଏ, ଏହା ଅନ୍ତତଃ ସେହି ପରିମାଣରେ ଅତିକ୍ରମ କରିଯାଏ ।

ଏକ ବ୍ୟାବହାରିକ ସମସ୍ୟା ବିଷୟରେ କେତୋଟି ପ୍ରଶ୍ନ ପଚରା ଯାଇଛି : ''ପ୍ରେରଣାର ସାମର୍ଥ୍ୟକୁ ବୃଦ୍ଧି କରାଯାଇ ପାରିବ କିପରି ?'' ''ପ୍ରେରଣା ଲାଭ କରିବାର ସର୍ତ୍ତମାନ କ'ଣ ଓ ତାହାକୁ ସତତ ଲାଭ କରାଯାଇ ପାରିବ କି ?''

ମୁଁ ଆଗରୁ ତାହାର ଉତ୍ତର ଦେଇ ସାରିଛି । ଯେତେବେଳେ ଆମେ ଆପଣାକୁ ଅତିମାନସ ରାଜ୍ୟଗୁଡ଼ିକ ଆଡ଼କୁ ଉନ୍ମୋଚିତ କରିଦେଇ ପାରିବା, ସେତେବେଳେ ଆମେ ସେହି ପ୍ରେରଣାଗୁଡ଼ିକୁ ସତତ ଲାଭ କରିବା ପାଇଁ ମଧ୍ୟ ଆପଣାକୁ ଏକ ଅନୁକୂଳ ସ୍ଥିତିରେ ନେଇ ରଖିପାରିବା । ସେହି କଥାଟି ସମ୍ଭବ ହେବା ପର୍ଯ୍ୟନ୍ତ, ସବୁଠାରୁ ଉତ୍ତମ କାର୍ଯ୍ୟ ହେଉଛି ଯେ, ଆମେ ଆମ ମନକୁ ଯଥାସମ୍ଭବ ଅଧିକ ନୀରବ କରି ଆଣିବା, ତାହାକୁ ଊର୍ଦ୍ଧ୍ୱାଭିମୁଖ କରି ରଖିବା ଏବଂ ଏକ ନୀରବ ତଥା ଅଭିନିବେଶିତ ଗ୍ରହଣଶୀଳତାର ସ୍ଥିତିରେ ଅପେକ୍ଷା କରି ରହିବା । ନିଜର ମନ ଭିତରେ ଏହି ନୀରବ ଓ ସଂପୂର୍ଣ୍ଣ ଶାନ୍ତ ଅବସ୍ଥାକୁ ଆମେ ଯେତେ ଅଧିକ ପରିମାଣରେ ପ୍ରତିଷ୍ଠା କରି ରଖି ପାରିବା, ଆମେ ସେତିକି ଅଧିକ ପରିମାଣରେ ପ୍ରେରଣା ଲାଭ କରିବାର ସାମର୍ଥ୍ୟ ଅର୍ଜନ କରିପାରିବା ।

ଗୁଣାତ୍ମକ ଦୃଷ୍ଟିରୁ ପ୍ରେରଣାଗୁଡ଼ିକ ମଧ୍ୟରେ ମାତ୍ରାଭେଦ ରହିଛି କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରାଯାଇଛି ।

ସେଗୁଡ଼ିକର ଉତ୍ସ-କ୍ଷେତ୍ରରେ କୌଣସି ଭେଦ ନାହିଁ । ସେଗୁଡ଼ିକ ସର୍ବଦାହିଁ ବିଶୁଦ୍ଧ ପରମଜ୍ଞାନର କ୍ଷେତ୍ରଗୁଡ଼ିକରୁ ନିର୍ଗତ ହୋଇ ଆସିଥାନ୍ତି, ଏବଂ ମନୁଷ୍ୟ ମଧ୍ୟରେ ଯେଉଁ ଅଂଶଟି ସବୁଠାରୁ ଅଧିକ ଗ୍ରହଣଶୀଳ ହୋଇ ରହିଥାଏ ଓ ସେଗୁଡ଼ିକୁ ଗ୍ରହଣ କରିବା ଲାଗି ସର୍ବାପେକ୍ଷା ଅଧିକ ଅନୁକୂଳ ହୋଇ ରହିଥାଏ, ସେଗୁଡ଼ିକୁ ତାହାକୁ ଭେଦ କରି ଭିତରେ ପ୍ରବେଶ କରନ୍ତି— ମାତ୍ର ଏହିସବୁ ପ୍ରେରଣା କର୍ମର ଭିନ୍ନ ଭିନ୍ନ କ୍ଷେତ୍ରରେ ଆଣି ଆପଣାକୁ ପ୍ରୟୋଗ କରିଥା'ନ୍ତି । ସେଗୁଡ଼ିକ ଶୁଦ୍ଧ ଜ୍ଞାନର ପ୍ରେରଣା ହୋଇ ପାରନ୍ତି, ଅଗ୍ରଗତି ଲାଗି ଜଣେ ବ୍ୟକ୍ତି କରୁଥିବା ଉଦ୍ୟମରେ ହୁଏତ ସେମାନଙ୍କର ଏକ ଅବଦାନ ସମ୍ଭବ ହୋଇପାରେ; ଏବଂ ସେଗୁଡ଼ିକ କର୍ମକ୍ଷେତ୍ରର ପ୍ରେରଣାରୂପେ ମଧ୍ୟ କାର୍ଯ୍ୟ କରିପାରନ୍ତି, ଯାହାକି ବ୍ୟାବହାରିକ ତଥା ବାହ୍ୟ ନାନା ଉପଲବ୍ଧିରେ ସହାୟତା କରିଥାଏ । ମାତ୍ର, ଜଣେ ବ୍ୟକ୍ତି ସେହି ପ୍ରେରଣାକୁ କିପରି ଭାବରେ କାମରେ ଲଗାଏ, ଏଠାରେ ତାହାହିଁ ହେଉଛି ଅସଲ ପ୍ରଶ୍ନ । ପ୍ରେରଣାର ଗୁଣାତ୍ମକତା ଅସଲ ପ୍ରଶ୍ନ ନୁହେଁ । ପ୍ରେରଣା ସର୍ବଦା ସତ୍ୟ ଓ ଆଲୋକର ଏକ ବିନ୍ଦୁ ପ୍ରାୟ ହୋଇ ରହିଥାଏ, ଯାହାକି ମନୁଷ୍ୟ-ଚେତନାକୁ ଭେଦ କରିବାରେ ସଫଳତା ଲାଭ କରିଥାଏ ।

ମନୁଷ୍ୟର ଚେତନା ଏହି ବିନ୍ଦୁଟିକୁ ନେଇ ପ୍ରକୃତରେ କ'ଣ କରେ, ତାହା ସେହି କ୍ଷେତ୍ରରେ ରହିଥିବା ଦୃଷ୍ଟିକୋଣ, ଆବଶ୍ୟକତା, ଅବସର ତଥା ପରିସ୍ଥିତିଗୁଡ଼ିକ ଉପରେ ନିର୍ଭର କରିଥାଏ । ତଦ୍ଦ୍ୱାରା ପ୍ରେରଣାର ମୂଳ ସ୍ୱଭାବଟି ଆଦୌ ବଦଳିଯାଏ ନାହିଁ, ମାତ୍ର, ଆମେ ତାହାକୁ ଯେପରି ଭାବରେ କାର୍ଯ୍ୟରେ ଲଗାଉ, କାର୍ଯ୍ୟତଃ ତାହାର ଯେପରି ପ୍ରୟୋଗ କରୁ, ତାହା ଅବଶ୍ୟ ବଦଳି ଯାଇଥାଏ ।

ପ୍ରେରଣା ଏବଂ ଅନ୍ତର୍ବୋଧ ମଧ୍ୟରେ ରହିଥିବା ପ୍ରଭେଦ ବିଷୟରେ ଅନ୍ୟ ପ୍ରଶ୍ନଗୁଡ଼ିକ ମଧ୍ୟରୁ କେତେକ ପଚରା ଯାଇଛି । ଦୁଇଟିଯାକ ଆଦୌ ଗୋଟିଏ କଥା ନୁହେଁ; ମାତ୍ର ମୁଁ ଭାବୁଛି ଯେ ଏହି ପଠନକାଳରେ ଆମକୁ ପରେ ଏହି ବିଷୟଟିକୁ ପୁଣି ଫେରି ଆସିବାର ଏକ ସୁଯୋଗ ମିଳିବ । ଯେତେବେଳେ, ଶ୍ରୀଅରବିନ୍ଦ ଅନ୍ତର୍ବୋଧ କହିଲେ କ'ଣ ବୁଝନ୍ତି, ଆମକୁ ସେହି କଥା କହିବେ, ଆମେ ସେତିକିବେଳେ ଏହି ବିଷୟଟିକୁ ପୁନର୍ବାର ଫେରି ଆସିବା ।

ଏକ ସାଧାରଣ ଓ ପ୍ରାୟ ସଂପୂର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହିସବୁ ପାଠରୁ ତୁମେମାନେ ଯଦି ଯଥାର୍ଥରେ ଲାଭବାନ୍ ହେବାକୁ ଇଚ୍ଛା କରୁଥାଅ, ଶ୍ରୀଅରବିନ୍ଦଙ୍କର ଯାବତୀୟ ରଚନା ପରି ଏହାକୁହିଁ ସେଥିଲାଗି ସର୍ବୋତ୍ତମ ପଦ୍ଧତି ବୋଲି କୁହାଯିବ : ତୁମେ ଆପଣାର ଚେତନାକୁ ଏକତ୍ରିତ କରି ଆଣିବ ଏବଂ ଯାହା ପାଠ କରୁଛ, ତାହାରି ଉପରେହିଁ ଆପଣାର ଦୃଷ୍ଟିକୁ ଅଭିନିବେଶିତ କରି ରଖିବ; ତୁମକୁ ଏକ

ସର୍ବନିମ୍ନ ମାନସିକ ଶାନ୍ତ-ଅବସ୍ଥାକୁ ସମ୍ଭବ କରିବାକୁ ପଡ଼ିବ – ପୂର୍ଣ୍ଣ ନୀରବତା ଅର୍ଜନ କରିବାହିଁ ଏହି କ୍ଷେତ୍ରରେ ସର୍ବୋତ୍ତମ ହେବ ଏହାଦ୍ୱାରା ମନ ନିଶ୍ଚଳ ହୋଇ ଆସିବ, ମୁଁ ହୁଏତ କହିପାରିବି ଯେ, ତୁମର ମସ୍ତିଷ୍କ ମଧ୍ୟ ନିଶ୍ଚଳ ହୋଇ ଆସିବ, ଯେପରିକି ତୁମର ଦୃଷ୍ଟି ଠିକ୍ ଗୋଟିଏ ଦର୍ପଣ ପରି ସ୍ଥିର ଓ ନିଶ୍ଚଳ ହୋଇଯିବ, ସଂପୂର୍ଣ୍ଣ ସ୍ଥିର ହୋଇ ରହିଥିବା ଜଳର ସମତଳ ପରି ନିଶ୍ଚଳ ହୋଇଯିବ । ତେବେ, ତୁମେ ଯାହା ପଢ଼ିଥିବ, ତାହା ଉପରିଭାଗକୁ ଅତିକ୍ରମ କରି ସତ୍ତାର ଏପରି ଏକ ଗଭୀର ମଧ୍ୟରେ ପ୍ରବିଷ୍ଟ ହେବ, ଯେଉଁଠାରେ କି ସର୍ବନିମ୍ନ ବିକୃତି ସହିତ ତାହାକୁ ଗ୍ରହଣ କରିବା ସମ୍ଭବ ହେବ । ତା'ପରେ– ବେଳେବେଳେ ଏହାର ଦୀର୍ଘକାଳ ପରେ – ତାହା ପୁନର୍ବାର ସେହି ଗଭୀର କ୍ଷେତ୍ରଗୁଡ଼ିକରୁ ଉତ୍ପ୍ଲାବିତ ହୋଇ ଆସିବ ଏବଂ ବୋଧର ପୂର୍ଣ୍ଣ ଶକ୍ତି ସହିତ ମସ୍ତିଷ୍କରେ ବ୍ୟକ୍ତ ହେବାକୁ ଲାଗିବ; ବାହାରୁ ଉପାର୍ଜିତ କୌଣସି ଜ୍ଞାନ ରୂପେ ନୁହେଁ, ତୁମେ ନିଜେ ଭିତରକୁ ବହନ କରି ନେଇଥିବା ଏକ ଆଲୋକ ରୂପେ ଉତ୍ସାରିତ ହୋଇ ଆସିବ ।

ଏହିପରି ଭାବରେ ତୁମର ବୋଧସାମର୍ଥ୍ୟ ତାହାର ଉଚ୍ଚତମ ସୀମାକୁ ସ୍ପର୍ଶ କରିବ । ମାତ୍ର, ଯଦି ଅପରପକ୍ଷରେ, ପଢୁଥିବା ସମୟରେ ତୁମର ମନ ଉତ୍ତେଜନାପୂର୍ଣ୍ଣ ହୋଇ ରହିଥିବ ଏବଂ ତୁମେ ପାଠ କରୁଥିବା ବସ୍ତୁଗୁଡ଼ିକୁ ତତ୍କ୍ଷଣାତ୍ ବୁଝିବାକୁ ଚେଷ୍ଟା କରିବ, ତେବେ ତଦ୍ୱାରା ତୁମେ ଶବ୍ଦଗୁଡ଼ିକରେ ରହିଥିବା ତିନି-ଚତୁର୍ଥାଂଶ ଶକ୍ତି, ଜ୍ଞାନ ଏବଂ ସତ୍ୟକୁ ହରାଇ ବସିବ । ଏବଂ, ସମାବେଶନ ଏବଂ ଅନ୍ତଃଜାଗୃତିର ଏହି ପ୍ରକ୍ରିୟାଟି ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଯଦି ତୁମେ କୌଣସି ପ୍ରଶ୍ନ ପଚାରିବାରୁ ଆପଣାକୁ ନିବୃତ୍ତ କରି ରଖିପାରିବ, ତେବେ ତୁମେ ଆବିଷ୍କାର କରିବାକୁ ଆରମ୍ଭ କରିବ ଯେ ତୁମର ପ୍ରକୃତରେ ଅଳ୍ପରୁ ଆହୁରି ଅଳ୍ପସଂଖ୍ୟକ ପ୍ରଶ୍ନ ପଚାରିବାକୁ ରହିଛି, କାରଣ, ତୁମେ ଯାହା ପାଠ କରିଛ, ବର୍ତ୍ତମାନ ତୁମେ ତାହାକୁ ଅଧିକ ଭଲ ଭାବରେ ବୁଝି ପାରୁଥିବ ।

୧୯ ସେପ୍ଟେମ୍ବର, ୧୯୫୮

**୩. ଯେତେବେଳେ ମୁଁ କଥା କହୁଛି, ସେତେବେଳେ ବୁଦ୍ଧିର ଯୁକ୍ତି କହୁଛି, ''ଏକଥା ମୁଁ ନିଶ୍ଚୟ କହିବି''; ମାତ୍ର ପରମେଶ୍ୱର ସେହି କଥାଟିକୁ ମୋ' ମୁହଁରୁ ଛଡ଼ାଇ ନେଉଛନ୍ତି ଏବଂ ଓଠଗୁଡ଼ିକ ସେତେବେଳେ ଏପରି ଅନ୍ୟ କଥାଟିଏ କହୁଛନ୍ତି, ଯାହା ଶୁଣି ବୁଦ୍ଧିର ହୃତ୍କମ୍ପ ଜାତ ହେଉଛି ।**

ଯେତେବେଳେ ଶ୍ରୀଅରବିନ୍ଦ ''ମୁଁ'' ବୋଲି କହୁଛନ୍ତି, ସେତେବେଳେ ସେ ନିଜ ବିଷୟରେ

ଏବଂ ନିଜର ଅନୁଭୂତି ବିଷୟରେ କହୁଛନ୍ତି । ଆମେ ଏହି କଥାଟିକୁ କହିବା ଲାଗି ଅବଶ୍ୟ ସମର୍ଥ ହେବାକୁ ଇଚ୍ଛା କରିବା ଯେ, ସିଏ ଯାହା କହୁଛନ୍ତି, ତାହାକୁ **ପ୍ରତୀକାତ୍ମକ** ଭାବରେ କହୁଛନ୍ତି ଏବଂ ତାହା ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇ ପାରିବ । ମାତ୍ର, ଦୁର୍ଭାଗ୍ୟବଶତଃ, ତାହା ଆଦୌ ସେପରି ନୁହେଁ ।

କହିବା ସମୟରେ, ଆମେ ଯାହା କହିବୁ ବୋଲି ଇଚ୍ଛା କରିଥିଲୁ, ଆମେ ପ୍ରକୃତରେ ସେକଥା ନ କହି ଆଉ କୌଣସି କଥା ଯେ କହି ବସିଥାଉ, ଏହି ଅନୁଭୂତିଟି ଏକ ସାଧାରଣ ଅନୁଭୂତି । ମାତ୍ର ଶ୍ରୀଅରବିନ୍ଦ ଏଠାରେ ତାହାର ଠିକ୍ ବିପରୀତ କଥାଟିକୁ କହିଛନ୍ତି । ଅର୍ଥାତ୍, ଯେତେବେଳେ ତୁମେ ଘରେ ସ୍ଥିର ହୋଇ ବସି ଆପଣାର ବୁଦ୍ଧିଗତ ବିବେକକୁ ପୂର୍ଣ୍ଣମାତ୍ରାରେ କାମରେ ଲଗାଉଥାଅ, ସେତେବେଳେ ତୁମେ ଏଇଟା ବା ସେଇଟା କହିବ ବୋଲି ନିଷ୍ପତ୍ତି କରିଥାଅ, ଅମୁକ କଥାଟିହିଁ ସବୁଠାରୁ ଅଧିକ ଯୁକ୍ତିଯୁକ୍ତ ବୋଲି ମନେ କରିଥାଅ; ମାତ୍ର ଅଧିକାଂଶତଃ, ଯେତେବେଳେ ତୁମେ କଥା କହିବାକୁ ଆରମ୍ଭ କର, ସେତେବେଳେ ତୁମର ନିମ୍ନତର ଆବେଗଗୁଡ଼ାକ, ସକଳ ବିବେକର ବହିର୍ଭୂତ ହୋଇ ରହିଥିବା ତୁମର ଭାବସଂବେଗ ଏବଂ ପ୍ରାଣିକ ପ୍ରତିକ୍ରିୟାମାନେହିଁ ତୁମର ଜିହ୍ବାକୁ ଆସି ଅଧିକାର କରିନିଅନ୍ତି ଓ ତୁମର ଯାହା ପ୍ରକୃତରେ କହିବା ଉଚିତ ନୁହେଁ, ତୁମ ପାଟିରୁ ସେହି କଥାକୁ କୁହାଇ ନିଅନ୍ତି ।

ଏଠାରେ ମଧ୍ୟ ଠିକ୍ ସେହି କଥାଟିର ଆଲୋଚନା କରାଯାଇଛି; ମାତ୍ର, ମୁଁ ଯେପରି କହିଲି, ଠିକ୍ ଓଲଟା କରି କୁହାଯାଇଛି । ତୁମକୁ ନାନା ଉତ୍ତେଜନା ଏବଂ ପ୍ରବଳାବେଗ ଦ୍ୱାରା ତାଡ଼ିତ କରି ତୁମ ପାଟିରୁ କିଛି ବାହାର କରି ଆଣୁଥିବା ନାନା ଅବବୌଦ୍ଧିକ ଆବେଗ ପରିବର୍ତ୍ତେ ଏଠାରେ ସମ୍ପୂର୍ଣ୍ଣ ବିପରୀତ କଥାଟିହିଁ ଘଟୁଛି; ଏଠାରେ ଊର୍ଦ୍ଧ୍ୱରୁ ଏକ ପ୍ରେରଣା ଆସୁଛି, ତୁମର ବୁଦ୍ଧିଗତ ବିବେକଠାରୁ ବୃହତ୍ତର ଏକ ଆଲୋକ ଆସୁଛି, ଏକ ଜ୍ଞାନ ଆସୁଛି, ତୁମ ଜିହ୍ବାକୁ ଅଧିକାର କରି ନେଉଛି, ଏବଂ ସବୁଠାରୁ ଅଧିକ ଆଲୋକପାତ ସମ୍ଭବ ହୋଇଥିବା ତୁମର ବିଚାରବୁଦ୍ଧି ଯାହାକିଛି କହିବାକୁ କଦାପି ସମର୍ଥ ହୋଇ ନ ଥା'ନ୍ତା, ତୁମ ମୁଖରୁ ସେହି କଥାଗୁଡ଼ିକୁ ବାହାର କରି ଆଣୁଛି ।

ଶ୍ରୀଅରବିନ୍ଦ ଆମକୁ ''ବୁଦ୍ଧିର ହୃତ୍‌କମ୍ପ ଜାତ ହେଉଛି'' ବୋଲି କହୁଛନ୍ତି, କାରଣ ମନୁଷ୍ୟର ସାଧାରଣ ଭୂମିଟିରେ ଏହି ଉଚ୍ଚତର ସତ୍ୟଗୁଡ଼ିକ କେବଳ ନାନା ବିରୋଧାଭାସ ପରି ପ୍ରତୀତ ହୋଇଥା'ନ୍ତି, ବୁଦ୍ଧି ଏବଂ ଯୁକ୍ତିର ବିରୋଧୀ ହୋଇ ରହିଥିବା କେତେକ ହଠାତ୍-ଉଦ୍ଭାସ ବୋଲି ପ୍ରତୀତ ହୋଇଥା'ନ୍ତି । ଉଚ୍ଚତର କ୍ଷେତ୍ରଗୁଡ଼ିକରୁ ଯାହା ଆସେ, ତାହାକୁ ବୁଝିବା ଲାଗି ବୁଦ୍ଧି ଅସମର୍ଥ ହୋଇ ରହିଥାଏ ବୋଲି ଯେ ଏପରି ହୁଏ, ତାହା ନୁହେଁ; ମାତ୍ର ବୁଦ୍ଧି ଯେତିକି ବୁଝିଛି ବା ଗ୍ରହଣ କରିଛି, ଏହିସବୁ ସତ୍ୟୋଦ୍‌ଘାଟନ

ସର୍ବଦା ତା'ଠାରୁ ଆଗରେ, ଅନେକ ଆଗରେ ଯାଇ ରହିଥାଏ ବୋଲି ତାହା ଘଟିଥାଏ । ବର୍ତ୍ତମାନର ମନୁଷ୍ୟବୁଦ୍ଧି ଯାହାକୁ ଯୁକ୍ତିସଙ୍ଗତ ବୋଲି ବିଚାର କରୁଛି, ତାହାକୁ ଅତୀତରେ ବିରୋଧାଭାସପୂର୍ଣ୍ଣ ଏବଂ ଯୁକ୍ତିହୀନ ବୋଲି ବିଚାର କରାଯାଇଥିଲା; ଏବଂ ସମ୍ଭବତଃ— ଆମେ ହୁଏତ ସୁନିଶ୍ଚିତ ବୋଲି କହିପାରିବା – ଏହିସବୁ ଯେଉଁ ଅପ୍ରତ୍ୟାଶିତ, ବିରୋଧାଭାସମୟ ଓ ଆଲୋଡ଼ନସୃଷ୍ଟିକାରୀ ସତ୍ୟୋଦ୍‌ଘାଟନ ବର୍ତ୍ତମାନ ପ୍ରକଟ ହେଉଛନ୍ତି ଏବଂ ବୁଦ୍ଧିର ହୃତ୍‌କମ୍ପ ଜାତ କରାଉଛନ୍ତି, ତାହା ମଧ୍ୟ ଭବିଷ୍ୟତରେ ଅତ୍ୟନ୍ତ ବୁଦ୍ଧିସମର୍ଥିତ ଜ୍ଞାନ ବୋଲି ସ୍ୱୀକୃତ ହେବ, – ଏବଂ, ସେଇଟି ମଧ୍ୟ ତା' ନିଜ ପାଳି ଆସିବା ବେଳକୁ ଆହୁରି ନୂତନ ନାନା ସତ୍ୟୋଦ୍‌ଘାଟନ ସମ୍ମୁଖରେ କମ୍ପିବାରେ ଲାଗିଥିବ ।

ଏହିପରି ଏକ ବସ୍ତୁ, ଯାହାକି ସତତ ଚଳମାନ ହୋଇ ରହିଛି, ଆଗକୁ ଯାଉଛି ଓ ରୂପାନ୍ତରିତ ହେବାରେ ଲାଗିଛି, ଏହିସବୁ ସଂକ୍ଷିପ୍ତ ବାକ୍ୟାଂଶର ମାଧ୍ୟମରେ ଶ୍ରୀଅରବିନ୍ଦ ଆମକୁ ତାହାରି ଏକ ବୋଧ ଆଣି ଦେବା ଲାଗି ଚେଷ୍ଟା କରୁଛନ୍ତି; ସେହି ବାକ୍ୟାଂଶଗୁଡ଼ିକ ବର୍ତ୍ତମାନ ପାଇଁ ବସ୍ତୁଗୁଡ଼ିକ ବିଷୟରେ ଆମର ଆଗରୁ ରହି ଆସିଥିବା ବୋଧକୁ ଏକାବେଳେକେ ଦୋହଲାଇ ଦେଉଛନ୍ତି । ଆମକୁ ଆଗକୁ ଆଗକୁ ପରିଚାଳିତ କରି ନେଇଯିବା ଲାଗି ସିଏ ସେହି ଚେଷ୍ଟା କରୁଛନ୍ତି; ଏହି ଜଗତରେ ପ୍ରକଟିତ ହେଉଥିବା ଯାବତୀୟ ବସ୍ତୁ ଯେ ସଂପୂର୍ଣ୍ଣ ଭାବରେ ଆପେକ୍ଷିକ ହୋଇ ରହିଛନ୍ତି ଏବଂ ଏହି ବିଶ୍ୱଜଗତ ଯେ ସତତ ଗତିଶୀଳ ହୋଇ ରହିଛି ଓ ଅନୁକ୍ଷଣ ଏକ ଉଚ୍ଚତର ଏବଂ ବୃହତ୍ତର ସତ୍ୟ ଆଡ଼କୁ ଗତି କରିବାରେ ଲାଗିଛି, ଆମ ଭିତରେ ସେହି ବୋଧଟିକୁ ଆଣି ଦେବା ଲାଗି ଶ୍ରୀଅରବିନ୍ଦ ସେହି ଚେଷ୍ଟା କରୁଛନ୍ତି ।

ଉପସ୍ଥିତ ବର୍ତ୍ତମାନ କ୍ଷଣଟିରେ ଆମ ଲାଗି ଅତିମାନସ ରୂପାନ୍ତରହିଁ ସର୍ବୋଚ୍ଚ ସତ୍ୟର ଅଭିବ୍ୟକ୍ତି ରୂପେ ଅବସ୍ଥିତ ରହିଛି; ଆମକୁ ଏହି ପୃଥିବୀରେ ସେହି ବିପ୍ଳବଟିକୁହିଁ ସଂଘଟିତ କରିବାକୁ ପଡ଼ିବ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅଧିକସଂଖ୍ୟକ ମନୁଷ୍ୟଙ୍କୁ ସେହି ବିପ୍ଳବକୁ ଏକ ଅବଶ୍ୟମ୍ଭାବୀ ସତ୍ୟ ବୋଲି ଅନୁଭବ କରିବାକୁ ହେବ, ତା' ନ ହେଲେ ସେମାନେ ତାହାକୁ କେବେହେଲେ ସମ୍ଭବ କରାଇ ପାରିବେ ନାହିଁ । ଏହି ଅବଶ୍ୟମ୍ଭାବୀ ସତ୍ୟଟି ଯେ ତଥାପି ଆପେକ୍ଷିକ ହୋଇ ରହିଛି ଏବଂ ଯାବତୀୟ ରୂପାୟଣକୁ ଯେ ଆହୁରି ଅଧିକ ପରମ ଓ ନିର୍ବିଶେଷ ହୋଇ ରହିଥିବା ଏବଂ ଏକ ପରବର୍ତ୍ତୀ କାଳରେ ପ୍ରକଟ ହେବାକୁ ଯାଉଥିବା ସେହି ପରମ-ଅପ୍ରକଟଙ୍କର ଓ ପରମ-ନିର୍ବିଶେଷଙ୍କର ପରିପ୍ରେକ୍ଷୀରେ ଅବଶ୍ୟ ଆପେକ୍ଷିକ ହୋଇ ରହିବାକୁ ପଡ଼ିବ, ଏକଥା ଆଦୌ ଭୁଲି ନ ଯିବାକୁ ଶ୍ରୀଅରବିନ୍ଦ ଜୋର ଦେଇ କହୁଛନ୍ତି ।

୨୬ ସେପ୍ଟେମ୍ବର, ୧୯୫୮

**୪. ମୁଁ ଜ୍ଞାନୀ* ନୁହେଁ; କାରଣ ଈଶ୍ୱର ତାଙ୍କ କର୍ମ ସାଧନ ପାଇଁ ଯେତିକି ଜ୍ଞାନ ଦିଅନ୍ତି ମୋଠାରେ ତା'ଠାରୁ ଅଧିକ ନାହିଁ । ମୁଁ ଯେତିକି ଦେଖି ପାରୁଛି ତାହା ପ୍ରକୃତରେ ଯୁକ୍ତିସଂଗତ ଅଥବା ପ୍ରମାଦପୂର୍ଣ୍ଣ ବୋଲି ଜାଣିପାରିବି କିପରି ? ନା, ତାହା ଦୁଇଟିରୁ କୌଣସିଟି ମଧ୍ୟ ନୁହେଁ; କାରଣ, ଯେଉଁ କଥାଟି ଦୃଶ୍ୟ ହେଉଛି, ତାହାକୁ ସରଳଭାବେ ସତ୍ୟ ବୋଲିହିଁ କୁହାଯିବ, ଭ୍ରାନ୍ତି କିଂବା ଯୁକ୍ତିସଂଗତ ବୋଲି ଆଦୌ କୁହାଯାଇ ପାରିବ ନାହିଁ ।**

''ମୁଁ ଜ୍ଞାନୀ ନୁହେଁ...'' ଜ୍ଞାନୀ ଜ୍ଞାନମାର୍ଗର ଅନୁସରଣ କରେ, ଐକାନ୍ତିକ ଭାବରେ ଜ୍ଞାନର ମାର୍ଗରେହିଁ ଯୋଗ ଉପଲବ୍ଧି ଇଚ୍ଛା କରୁଥାଏ । ସିଏ ବିଶୁଦ୍ଧ ଭାବରେ ବୁଦ୍ଧିର ମାର୍ଗରେ ଅଗ୍ରସର ହେଉଥାଏ, ବୁଦ୍ଧିର ଗାରକୁ ପାର ହୋଇ ଯଥାର୍ଥ ଜ୍ଞାନକୁ ଲାଭ କରିବ ବୋଲି ଇଚ୍ଛା ରଖିଥାଏ । ଯଥାର୍ଥ ଜ୍ଞାନ ଆଉ ବୁଦ୍ଧି-ସ୍ତରର ହୋଇ ରହି ନ ଥାଏ, ତାହା ଆଧ୍ୟାତ୍ମିକ ସ୍ତରର ହୋଇ ରହିଥାଏ । ଏବଂ ଶ୍ରୀଅରବିନ୍ଦ କହୁଛନ୍ତି : ମୁଁ ଜ୍ଞାନୀ ନୁହେଁ... ମୁଁ ଜ୍ଞାନର ଅନୁସରଣ କରୁ ନାହିଁ । ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟକୁ ସାଧନ କରିବା ପାଇଁ ମୁଁ ଆପଣାକୁ ତାଙ୍କରି ପାଖରେ ସମର୍ପଣ କରି ଦେଇଛି ଏବଂ ସେହି ଦିବ୍ୟ ପରମକରୁଣାର ବଳରେହିଁ, ଏହି କାର୍ଯ୍ୟଟିକୁ ସାଧନ କରିବା ଲାଗି ଯାହାକିଛି ଜାଣିବା ଆବଶ୍ୟକ, ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ତାହା ଅବଶ୍ୟ ଜାଣୁଛି ।

ଏହି ସ୍ଥିତି ଏକ ଅତ୍ୟନ୍ତ ପ୍ରଶଂସନୀୟ ସ୍ଥିତି; ଏହା ପରିପୂର୍ଣ୍ଣ ମାନସିକ ଶାନ୍ତିର ପରିଚାୟକ ହୋଇ ରହିଛି । ଏହି ସ୍ଥିତିକୁ ଆସିଲେ ଆଉ ଉପାର୍ଜିତ ଜ୍ଞାନଗୁଡ଼ିକୁ ସଂଗ୍ରହ କରିବାର କୌଣସି ପ୍ରୟୋଜନ ନ ଥାଏ, ପ୍ରାପ୍ତ ଧାରଣାଗୁଡ଼ିକୁ ଆଦୌ ମୁଖସ୍ଥ କରି ରଖିବାକୁ ପଡ଼େ ନାହିଁ; ସେତେବେଳେ ମସ୍ତିଷ୍କଟାକୁ ହଜାର ହଜାର ବସ୍ତୁର ସ୍ତୂପ ଦ୍ୱାରା ଅସ୍ତବ୍ୟସ୍ତ କରି ରଖିବାକୁ ପଡ଼େ ନାହିଁ; ସମୟ ଆସି ପହଞ୍ଚିଲେ କୌଣସି ଏକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ, କାହାକୁ କିଛି ଶିକ୍ଷା ଦେବା ପାଇଁ ଏବଂ କୌଣସି ସମସ୍ୟାର ସମାଧାନ କରିବା ପାଇଁ ଆବଶ୍ୟକ ହେଉଥିବା ଜ୍ଞାନଟିକୁ ନିଜର ଅକ୍ତିଆରରେ ରଖିବା ସକାଶେ ଏପରି ଆଦୌ କରିବାକୁ ପଡ଼େ ନାହିଁ । ମନ ନୀରବ ହୋଇ ରହିଥାଏ, ମସ୍ତିଷ୍କ ନିଶ୍ଚଳ ରହିଥାଏ, ସବୁକିଛି ସ୍ୱଚ୍ଛ, ସ୍ଥିର ଓ ଶାନ୍ତ ହୋଇ ରହିଥାଏ; ଏବଂ ଉଚିତ ମୁହୂର୍ତ୍ତଟିକୁ ଜାଣି, ଦିବ୍ୟ ପରମ କରୁଣାବଳରେ ଚେତନା ମଧ୍ୟରେ ଏକ ଆଲୋକବିନ୍ଦୁର ପାତନ

* ସେ ଜ୍ଞାନମାର୍ଗର ସାଧକ; ପ୍ରେମମାର୍ଗ ଓ କର୍ମମାର୍ଗକୁ ବିରୋଧ କରୁଥାଏ ।

ହୁଏ ଏବଂ ତାହାରି ଫଳରେହିଁ, ଯାହା ଜାଣିବାକୁ ଥାଏ, ତାହା ଜ୍ଞାତ ହୋଇଯାଏ । ତେବେ ଆଉ ସ୍ମରଣ ରଖିବାକୁ ପଡ଼ିବ କାହିଁକି — ଲବ୍ଧ ଜ୍ଞାନଟିକୁ ଧାରଣ କରି ରଖିବା ସକାଶେ ଆଉ ଚେଷ୍ଟା କରିବାକୁ ପଡ଼ିବ କାହିଁକି ? ଯେଉଁ ଦିନ ବା ଯେଉଁ ମୁହୂର୍ତ୍ତରେ ତାହାର ପ୍ରୟୋଜନ ହେବ, ସେଇଟି ପୁନର୍ବାର ଆସି ପହଞ୍ଚିଯିବ । ପ୍ରତ୍ୟେକ ମୁହୂର୍ତ୍ତରେହିଁ ଆମେ ଗୋଟିଏ ଅଲିଖିତ କାଗଜପୃଷ୍ଠା ପରି ହୋଇ ରହିଥିବା, ଯାହା ଉପରେ କି, ଯାହା ଅବଶ୍ୟ ଜାଣିବା ଆବଶ୍ୟକ, ତାହା ଅନୁଲିଖିତ ହୋଇଯାଉଥିବ — ଏକ ପରିପୂର୍ଣ୍ଣ ଗ୍ରହଣଶୀଳତାର ଶାନ୍ତି, ନିରୁଦ୍‌ବିଗ୍ନତା ଏବଂ ନୀରବତା ମଧ୍ୟରେ ଲିଖିତ ହୋଇଯାଉଥିବ ।

ଯାହା ଜ୍ଞାତବ୍ୟ, ଆମେ ତାହା ଜାଣି ପାରିବା, ଯାହା ଅବଶ୍ୟ ଦ୍ରଷ୍ଟବ୍ୟ, ଆମେ ତାହା ଦେଖି ପାରିବା; ଏବଂ, ଯାହା ଅବଶ୍ୟ ଜାଣିବାକୁ ଓ ଅବଶ୍ୟ ଦେଖିବାକୁ ହେବ, ତାହା ସେହି ସର୍ବୋଚ୍ଚ ସତ୍ତାଙ୍କ କ୍ଷେତ୍ରରୁହିଁ ପ୍ରତ୍ୟକ୍ଷ ଭାବରେ ନିଷ୍ପନ୍ନ ହୋଇ ଆସୁଥିବାରୁ, ତାହା ସେହି ପରମସତ୍ୟ ସହିତ ଅଭେଦ ହୋଇ ରହିଥିବ । ଏବଂ, ବୁଦ୍ଧି ଅଥବା ଭ୍ରାନ୍ତିର ଯାବତୀୟ ଧାରଣା ତାହାର ଆଦୌ କୌଣସି କଳନା କରି ପାରିବେ ନାହିଁ । ଯାହା ସତ୍ୟ, ତାହାହିଁ ସତ୍ୟ ହୋଇ ରହିଥିବ,— ବାସ୍, ସେତିକି କଥା । ଏବଂ, ଏହା ଏକ ଭ୍ରାନ୍ତି ନା ଏହା ପଛରେ ବୁଦ୍ଧିର ସମର୍ଥନ ରହିଛି, ସେକଥା ଅନୁସନ୍ଧାନ କରି ଦେଖିବା ପାଇଁ ଆମକୁ ପ୍ରକୃତରେ ଅତ୍ୟନ୍ତ ନିମ୍ନକୁ ଖସି ଆସିବାକୁ ପଡ଼ିବ ।

ନୀରବତା, ଏବଂ ଏକ ବିନମ୍ର, ଅନୁଦ୍ଧତ ଓ ଅଭିନିବେଶିତ ଗ୍ରହଣଶୀଳତା । ପ୍ରତିଭାସଗୁଡ଼ିକ ଲାଗି ଆଦୌ କୌଣସି ଅପେକ୍ଷା ନାହିଁ କିଂବା ଏପରିକି କୌଣସି ବ୍ୟସ୍ତତା ମଧ୍ୟ ନାହିଁ; ଅତ୍ୟନ୍ତ ବିନମ୍ର ଭାବରେ ଓ ସହଜ ଭାବରେ ଆମେ କେବଳ ଗୋଟିଏ ଯନ୍ତ୍ର ହୋଇ ରହିଥିବା, ଯାହା ସ୍ୱୟଂ କିଛି ଜାଣି ନ ଥିବ, ଆପଣାକୁ ଆଦୌ କିଛି ବୋଲି ମନେ କରୁ ନ ଥିବ, ମାତ୍ର ସବୁକିଛି ଗ୍ରହଣ କରିବାକୁ ଏବଂ ସଂଚାରିତ କରିଦେବାକୁ ପ୍ରସ୍ତୁତ ହୋଇ ରହିଥିବ ।

ଆତ୍ମ-ବିସ୍ମରଣ, ଏକ ସଂପୂର୍ଣ୍ଣ ଆତ୍ମଦାନ ଏବଂ ଅହଂର ସଂପୂର୍ଣ୍ଣ ଅନୁପସ୍ଥିତି,— ଏହା ହେଉଛି ସର୍ବପ୍ରଥମ ସର୍ତ୍ତ ।

ଏବଂ, ଶରୀର ମଧ୍ୟ ସେହି ସର୍ବୋଚ୍ଚ ପରମପ୍ରଭୁଙ୍କୁ କହୁଥିବ, ''ଆପଣ ମୋତେ ଯାହା ହେବାକୁ ଚାହୁଁଛନ୍ତି, ମୁଁ ତାହାହିଁ ହେବି; ଆପଣ ମୋତେ ଯାହା ଜାଣିବାକୁ ଚାହୁଁଛନ୍ତି, ମୁଁ ତାହାହିଁ ଜାଣିବି; ଆପଣ ମୁଁ ଯାହା କରେ ବୋଲି ଇଚ୍ଛା କରୁଛନ୍ତି, ମୁଁ ତାହାହିଁ କରିବି ।''

୩ ଅକ୍ଟୋବର, ୧୯୫୮

**୫. ଆମର ଏହି ବିବର୍ତ୍ତିତ ପଶୁସ୍ତର ଯେଉଁ ପଥଗୁଡ଼ିକ ଉପରେ ଏପର୍ଯ୍ୟନ୍ତ ବିଜୟ ହାସଲ କରିପାରି ନାହିଁ, ସେହି ପଥରେ ଆମ ଲାଗି କେତେକେତେ ପୂର୍ଣ୍ଣତାପ୍ରାପ୍ତ ଶକ୍ତି, ସ୍ୱତଃସ୍ଫୂର୍ତ୍ତ ଜ୍ଞାନର କେତେକେତେ ସନ୍ଦୀପନାମୟ ରାଜ୍ୟ ଏବଂ ଆମ ସତ୍ତାର କେତେକେତେ ପରିବ୍ୟାପ୍ତ ପ୍ରଶାନ୍ତି ଯେ ଆମ ଲାଗି ଅପେକ୍ଷା କରି ରହିଛି, ମନୁଷ୍ୟମାନେ ଯଦି ଥରେ ହେଲେ ତାହାର ଏକ ଝଲକମାତ୍ର ବି ଦେଖିବାକୁ ସମର୍ଥ ହୁଅନ୍ତେ, ତେବେ ସେମାନେ ଅନ୍ୟ ସବୁକିଛିକୁ ଛାଡ଼ିଦେଇ ଚାଲି ଆସନ୍ତେ ଏବଂ ଏହିସବୁ ସଂପଦର ଅଧିକାରୀ ନ ହେବା ପର୍ଯ୍ୟନ୍ତ କଦାପି ବିଶ୍ରାମ ଗ୍ରହଣ କରିବାକୁ ଇଚ୍ଛା କରନ୍ତେ ନାହିଁ । ମାତ୍ର ଏହି ପଥଟି ବଡ଼ ଅଣଓସାରିଆ, କବାଟଗୁଡ଼ାକୁ ଠେଲି ଖୋଲିଦେଇ ପାରିବା ବଡ଼ କଷ୍ଟକର, ଏବଂ 'ପ୍ରକୃତି'ର ତୋରଣରକ୍ଷକ ଭାବେ ଭୟ, ଅବିଶ୍ୱାସ ଏବଂ ସଂଶୟପ୍ରବଣତା ପ୍ରଭୃତି ଜଗିରହିଛନ୍ତି ପ୍ରକୃତିର ସେହି ସାଧାରଣ ଆୟତନଗୁଡ଼ିକ ମଧ୍ୟରୁ ଆମେ ଯେପରି ଗୋଡ଼ କାଢ଼ି ଆଗକୁ ଚାଲି ନ ଯିବୁ ।**

ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, [''ଏକ ଝଲକମାତ୍ର ବି ଦେଖିବା''] ତାହାକୁ ଏଠାରେ ଫରାସୀ ଭାଷାରେ entrevoyaient ବୋଲି ଅନୁବାଦ କରାଯାଇଛି । ତାହାର ଅର୍ଥ ହେଉଛି କୌଣସି ବସ୍ତୁକୁ ସମଗ୍ର ଭାବରେ ଦେଖିବା, ମାତ୍ର କେବଳ ଅଳ୍ପ କେତୋଟି କ୍ଷଣ ଲାଗି ଦେଖିବା । ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ଯଦି ଆମେ ଏହିସବୁ ବିସ୍ମୟକୁ ସତତ ପ୍ରତ୍ୟକ୍ଷ କରି ପାରୁଥାନ୍ତୁ, ତେବେ ସେହି ପଥର ଅନୁସରଣ କରିବା ଲାଗି ମଧ୍ୟ ଆମେ ସ୍ୱତଃ ବାଧ୍ୟ ହେଲାପରି ଅନୁଭବ କରନ୍ତୁ । ଏକଥା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ଏକ କ୍ଷୁଦ୍ର ଓ ଖଣ୍ଡିତ ଝଲକମାତ୍ର ପାଇଲେ ତାହା ଆଦୌ ଯଥେଷ୍ଟ ହେବ ନାହିଁ, ସେହି ପଥଟିରେ ଯଥାର୍ଥରେ ଅଗ୍ରସର ହେବା ଲାଗି ତୁମକୁ ବାଧ୍ୟ କରିବା ସକାଶେ ତାହା ଭିତରେ ଆଦୌ ଯଥେଷ୍ଟ ଓଜନ ନ ଥିବ ।

ମାତ୍ର, ଯେତେ ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲେ ମଧ୍ୟ ଯଦି ତୁମେ ଏକ ସମଗ୍ର ଦୃଷ୍ଟି ଲାଭ କରିଥିବ, ତେବେ, ତାହାକୁ ଉପଲବ୍ଧି କରିବା ପାଇଁ ଆବଶ୍ୟକ ପ୍ରୟାସଟିକୁ କରିବାର ପ୍ରଲୋଭନକୁ ତୁମେ କଦାପି ଏଡ଼ିଦେଇ ପାରିବ ନାହିଁ । ମାତ୍ର, ବସ୍ତୁତଃ, ଏହି ସମଗ୍ର ଦୃଷ୍ଟି ପ୍ରାୟ ଏକ ବ୍ୟତିକ୍ରମ ରୂପେହିଁ ସମ୍ଭବ ହୋଇଥାଏ; ଏବଂ ତେଣୁ ଶ୍ରୀଅରବିନ୍ଦ ଆମକୁ ''ଯଦି ମନୁଷ୍ୟମାନେ ଥରେ ହେଲେ'' ବୋଲି କହିଛନ୍ତି ।

ସତକଥା କହିବାକୁ ଗଲେ, ଏପରି ଅତି କ୍ୱଚିତ୍ ଘଟିଥାଏ ଯେ, ଯେଉଁମାନେ ପ୍ରସ୍ତୁତ ଥାଆନ୍ତି, ନିଃସନ୍ଦେହ ଭାବରେ ଯେଉଁମାନେ ଉପଲବ୍ଧି ଲାଗି ଅଭିପ୍ରେତ ହୋଇ ରହିଥାନ୍ତି, କେବଳ କେତୋଟିମାତ୍ର ମୁହୂର୍ତ୍ତ ଲାଗି ହେଲେ ମଧ୍ୟ, ସେମାନଙ୍କ ଜୀବନର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସେମାନେ ସେହି ଉପଲବ୍ଧିର ସ୍ୱରୂପ ବିଷୟରେ ଏକ ଅନୁଭବ ଆଦୌ ଲାଭ କରି ନ ଥାନ୍ତି ।

ମାତ୍ର, ନିଃଶ୍ୱାସରେ ଗ୍ରହଣ କରୁଥିବା ପବନ ସହିତ ଆମେ ଗ୍ରହଣ କରୁଥିବା ପରି ମନେ ହେଉଥିବା ଏହି ''ବସ୍ତୁ''ଟି ବିରୋଧରେ ଦୃଢ଼ ଓ ଶକ୍ତିଶାଳୀ ଭାବରେ ସଂଗ୍ରାମ କରିବାହିଁ ନିଶ୍ଚିତ ଭାବରେ ଯେଉଁମାନଙ୍କର ନିୟତି ହୋଇ ରହିଥାଏ : ଏଠାରେ ସେହି ଭୟ ଓ କ'ଣ ଯେ ହୁଏତ ଘଟିବ, ତାହା ପ୍ରତି ରହିଥିବା ଏକ ଆତଙ୍କଭାବ ବିଷୟରେ କୁହାଯାଉଛି । ଏବଂ ଏହା ପ୍ରକୃତରେ ଏକ ଅତ୍ୟନ୍ତ ନିର୍ବୋଧ କଥା, କାରଣ, ଅନ୍ତିମ ଗତିଟିର ନ୍ୟାୟ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିକୁ ସେହି ଗୋଟିଏ ନିୟତିର ସମ୍ମୁଖୀନ ହେବାକୁ ପଡ଼େ : ତୁମେ ଜନ୍ମ ହୁଅ, ଅଳ୍ପ ବା ବହୁତ ସନ୍ତୋଷଜନକ ଭାବରେ ଏଠାରେ ଜୀବନଧାରଣ କର— ଏବଂ ମୃତ୍ୟୁର ସମ୍ମୁଖୀନ ହୁଅ । ତା'ପରେ ମଧ୍ୟବର୍ତ୍ତୀ କିଛିକାଳ ଅପେକ୍ଷା କରିବାକୁ ହୁଏ ଏବଂ ତା'ପରେ ତୁମେ ପୁଣି ଜନ୍ମ ନେବାକୁ ଆସ, ଅଳ୍ପ ବା ଅଧିକ ସନ୍ତୋଷଜନକ ଭାବରେ ଏଠାରେ ଜୀବନ ଧାରଣ କର— ଏବଂ ପୁନର୍ବାର ମୃତ୍ୟୁମୁଖରେ ପତିତ ହୁଅ । ଏବଂ ଏହିପରି ଅନନ୍ତ ଭାବରେ ଲାଗି ରହିଥାଏ,— ତୁମେ ଯଥେଷ୍ଟ ହେଲା ବୋଲି ଅନୁଭବ କରିବା ପର୍ଯ୍ୟନ୍ତ ତାହା ଲାଗି ରହିଥାଏ ।

କାହା ସକାଶେ ଭୟ ? ଏହି ଗୁଳାଟି ଭିତରୁ ବାହାରି ଆସିବାର ଭୟ ? ବିମୋଚିତ ହୋଇଯିବାର ଭୟ ? ଆଉ କାଳେ ବନ୍ଦୀ ହୋଇ ରହି ନ ପାରିବ, ତାହାରି ଭୟ ?

ଏବଂ ତା'ପରେ ଯେତେବେଳେ ତୁମେ ''ଯାହା ହେବାର ହେବ ପଛକେ ! ଏହି କ୍ଷେତ୍ରରେ ଆଦୌ ଖୁବ୍‌ବେଶୀ ହରାଇବାକୁ ପଡ଼ିବ ନାହିଁ'' ବୋଲି କୁହ ଓ ଏହି ଭୟଟିକୁ ଉତ୍ତୀର୍ଣ୍ଣ ହୋଇଯିବା ସକାଶେ ତୁମ ଭିତରେ ଯେତେବେଳେ ଯଥେଷ୍ଟ ସାହସ ଆସେ, ସେତେବେଳେ ତୁମେ ସତର୍କ ହୁଅ,— ଏହା ପ୍ରକୃତରେ ଯୁକ୍ତିଯୁକ୍ତ କି, ସତ୍ୟ କି, ଏସବୁ ପ୍ରକୃତରେ ଏକ ମାୟା ନୁହେଁ କି, କେବଳ ତୁମର ଗୁଡ଼ାଏ କଳ୍ପନା ନୁହେଁ କି ଓ ଏହା ମଧ୍ୟରେ ପ୍ରକୃତରେ ସାର ବୋଲି କିଛି ରହିଛି କି,— ଆପଣାକୁ ତୁମେ ଏହିସବୁ ପ୍ରଶ୍ନ ପଚାରିବାକୁ ଆରମ୍ଭ କର । ଏବଂ, ସ୍ମରଣ ରଖିବା ଉଚିତ ଯେ, ଏହି ଅବିଶ୍ୱାସ ତୁମକୁ ଅତ୍ୟନ୍ତ ନର୍ବୋଧ ବୋଲି ମନେହୁଏ, ତଥାପି ଅତ୍ୟନ୍ତ ବୁଦ୍ଧିସଂପନ୍ନ ଭାବରେ ତୁମେ ତାହାର ସମ୍ମୁଖୀନ ହେବାକୁ ଯାଅ,— ଏପରିକି, ଯେଉଁମାନଙ୍କର ଏହି ବିଷୟରେ ମୀମାଂସକ

ଅନୁଭୂତିମାନ ହୋଇ ସାରିଥାଏ,— ତୁମେ ଏହାକୁ ସତେଅବା ତୁମର ଖାଉଥିବା ଖାଦ୍ୟ ସହିତ, ନିଃଶ୍ୱାସରେ ନେଉଥିବା ପବନ ସହିତ ଓ ଅନ୍ୟମାନଙ୍କ ସହିତ ରହିଥିବା ତୁମର ସଂପର୍କଗୁଡ଼ିକ ସହିତହିଁ ଆପଣା ଭିତରକୁ ଗ୍ରହଣ କରି ନେଇଥାଅ; ସେଇଥିଲାଗି ତୁମେ ''ପ୍ରକୃତିର ଗ୍ରାସକାରୀ ଭୁଜ''* ବିଷୟରେ କହିପାର; ସବୁ ଜାଗାରେ, ସକଳ ବସ୍ତୁରେ ତାହା ଅକ୍ଟୋପସ୍ ପରି ଗୁପ୍ତ ଭାବରେ ଭିତରକୁ ପ୍ରବେଶ କରି ତୁମକୁ ଧରି ପକାଉଛି ଓ ବାନ୍ଧି ପକାଉଛି ବୋଲି କହିଥାଅ ।

ଯେତେବେଳେ ତୁମେ ଏହି ଦୁଇଟିଯାକ ବାଧାକୁ ପାର ହୋଇ ଯାଇଥାଅ, ଯେତେବେଳେ ତୁମର ଅନୁଭୂତି ଏପରି ଶକ୍ତିଶାଳୀ ହୋଇଥାଏ ଯେ ଆଉ ସନ୍ଦେହ କରିବାର ଆଦୌ କିଛି ନ ଥାଏ, ସନ୍ଦେହ କରିବା ଅସମ୍ଭବ ହୋଇପଡ଼େ— ଉଦାହରଣ ସ୍ୱରୂପ, ଆପଣାର ନିଜ ଜୀବନ ବିଷୟରେ ସନ୍ଦେହ ବ୍ୟକ୍ତ କରିବା— ସେତେବେଳେ କେବଳ ସେହି ଭୟାନକ, କ୍ଷୁଦ୍ର, ଶୁଷ୍କ ଓ କ୍ଷୟକାରୀ ତୃତୀୟ ବସ୍ତୁଟି ଅବଶେଷ ରହିଥାଏ । ତାହା ହେଉଛି ସଂଶୟପ୍ରବଣତା । ମନୁଷ୍ୟ ଭିତରେ ରହିଥିବା ଗର୍ବ ତାହାର ମୂଳଦୁଆ ପରି କାର୍ଯ୍ୟ କରେ, ଏବଂ ସେହି କାରଣରୁହିଁ ତାହା ବହୁକାଳ ସ୍ଥାୟୀ ହୋଇ ରହିଯାଏ । ତୁମେ ଯେ ଏହି ସବୁକିଛିର ଊର୍ଦ୍ଧ୍ୱରେ ରହିଛ, ତୁମେ ସେହିପରି ଭାବିବାକୁ ଇଚ୍ଛା କରୁଥାଅ, ''ନାଇଁ, ନାଇଁ, ମୁଁ କଦାପି ଏସବୁ ଜାଲରେ ପଡ଼ିଯିବି ନାହିଁ ! ମୁଁ ଜଣେ ବୁଦ୍ଧିସଂପନ୍ନ ବ୍ୟକ୍ତି, ମୁଁ ବ୍ୟାବହାରିକ ଦୃଷ୍ଟିକୋଣରୁ ଯାବତୀୟ କଥାର ବିଚାର କରିଥାଏ । ମୋତେ ଏଡ଼େ ସହଜରେ କଦାପି ଠକି ହେବ ନାହିଁ ।''... ଏହା ପ୍ରକୃତରେ ଭୟାନକ... ବଡ଼ ଦୈନ୍ୟଯୁକ୍ତ,... ମାତ୍ର ବିପଜ୍ଜନକ ।

ଏପରିକି ଯେଉଁସବୁ ମୁହୂର୍ତ୍ତରେ ଉତ୍ସାହର ତରଙ୍ଗ ତା'ର ଉଚ୍ଚତମ ସୀମାକୁ ସ୍ପର୍ଶ କରିଥାଏ, ଏପରିକି ଯେତେବେଳେ ଆମେ ବିଶେଷ ଭାବରେ ଏକ ଅଦ୍ଭୁତ ଅନୁଭୂତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଉଁ, ସେତେବେଳେ ତାହା ଆମର କେଉଁ ନିମ୍ନତମ ଗଭୀର ତଳରୁ ମସ୍ତକ ଉତ୍ତୋଳନ କରି ଆସି ପହଞ୍ଚିଯାଏ । ଏହା ପ୍ରକୃତରେ ଭାରି କୁତ୍ସିତ, ଭାରି କର୍ଦ୍ଦମାକ୍ତ ଓ ବିରକ୍ତିକାରକ । ତଥାପି ତାହା ମସ୍ତକ ଉତ୍ତୋଳନ କରେ ଏବଂ ସବୁକିଛିକୁ ନଷ୍ଟ କରିଦିଏ ।

ତାହାକୁ ଜୟ କରିବାକୁ ହେଲେ ଆମକୁ ଜଣେ ଶକ୍ତିଶାଳୀ ଯୋଦ୍ଧା ହେବାକୁ ପଡ଼ିବ । ପ୍ରକୃତିର ଯାବତୀୟ ଅସ୍ୱଚ୍ଛତା ବିରୋଧରେ ସଂଗ୍ରାମ କରିବାକୁ ହେବ, ତାହାର ଯାବତୀୟ କୌଶଳ ଏବଂ ଯାବତୀୟ ପ୍ରଲୋଭନ ସହିତ ସଂଗ୍ରାମ କରିବାକୁ ପଡ଼ିବ ।

---

*ମା'ଙ୍କ ଆଗରେ ଯେଉଁ ଅନୂଦିତ ପୁସ୍ତକଟି ଥିଲା ସେଥିରେ ''ପ୍ରକୃତିର ପ୍ରହରୀ'' ବଦଳରେ ''ପ୍ରକୃତିର ଗ୍ରାସକାରୀ ଭୁଜ'' ରହିଥିଲା ।

ପ୍ରକୃତି ଏକଥା କରେ କାହିଁକି ? ସତେଯେପରି ସିଏ ଆପଣାର ଲକ୍ଷ୍ୟପଥରୁହିଁ ବିଚ୍ୟୁତ ହୋଇ ଚାଲି ଯାଉଥାଏ । ମାତ୍ର ମୁଁ ଆଗରୁ ତୁମମାନଙ୍କୁ ଏହି କଥାଟିକୁ ବୁଝାଇକରି କହିଛି । ପ୍ରକୃତି ପ୍ରକୃତରେ କେଉଁଠାକୁ ଯାଉଛି ଓ ଶେଷରେ ପରିଣାମ କ'ଣ ହେବ, ପ୍ରକୃତି ସେହି କଥାଟିକୁ ଖୁବ୍ ଭଲ ଭାବରେ ଜାଣିଥାଏ । ସିଏ ଏହି କଥାହିଁ ଇଚ୍ଛା କରୁଥାଏ ସତ, ମାତ୍ର... ତା' ଆପଣା ବାଟରେ ଇଚ୍ଛା କରୁଥାଏ । ଏହିପରି ଭାବରେ ପ୍ରକୃତରେ କୌଣସି ସମୟ ନଷ୍ଟ ହୋଇଯାଉଛି ବୋଲି ସିଏ ମୋଟେ ଅନୁଭବ କରିପାରେ ନାହିଁ । ତା' ଆଗରେ ସତେଅବା ସମଗ୍ର ଶାଶ୍ୱତକାଳ ପଡ଼ି ରହିଥାଏ । ସିଏ ଯେପରି ମନ କରେ, ଠିକ୍ ସେହିପରି ଭାବରେ ଆପଣାର ପଥଟିକୁ ଅନୁସରଣ କରିବ ବୋଲି ଇଚ୍ଛା କରୁଥାଏ । ଯେତେ ବୁଲାଣି ବା ବଙ୍କା ବାଟ ହେଲେ ମଧ୍ୟ ତାକୁ ତଥାପି ଭଲ ଲାଗେ; ବେଳେ ବେଳେ ପଛକୁ ଫେରି ଯାଉଥାଏ, ସିଧା ବାଟରୁ କେତେ ବଙ୍କାଢଙ୍କା ଆଡ଼କୁ ଚାଲି ଯାଉଥାଏ; ପ୍ରକୃତରେ କ'ଣସବୁ ଘଟିବ ବୋଲି ଜାଣିବାକୁ ସେଇ ବାଟକୁ ଏକାଧିକ ବାର ପୁନର୍ବାର ଚାଲିବା ପାଇଁ ମନ କରେ । ଏବଂ ଏହି ସନ୍ଦୀପନ ପ୍ରାପ୍ତ ପାଗଳମାନେ, ଯେଉଁମାନେ ସଙ୍ଗେ ସଙ୍ଗେ ସେଠାରେ ଯାଇ ପହଞ୍ଚିବାକୁ ଇଚ୍ଛା କରନ୍ତି, ଯଥାସମ୍ଭବ ଶୀଘ୍ର ପହଞ୍ଚିବାକୁ ଚାହାନ୍ତି, ଯେଉଁମାନେ ସତ୍ୟ, ଆଲୋକ, ସୌନ୍ଦର୍ଯ୍ୟ ଓ ସୌଷମ୍ୟ ଲାଗି ପିପାସିତ ହୋଇ ରହିଥାନ୍ତି,— ସେମାନେ ପ୍ରକୃତିକୁ ଭାରି ସନ୍ତାପିତ କରୁଥା'ନ୍ତି, ସେମାନେ ତାହାକୁ ଆଗକୁ ଦଉଡ଼ାଇ ନେବାରେ ଲାଗିଥା'ନ୍ତି, ପ୍ରକୃତି ବୃଥା ତା' ସମୟ ନଷ୍ଟ କରୁଛି ବୋଲି ତାକୁ କହିବାରେ ଲାଗିଥା'ନ୍ତି । ତା'ର ପୁଣି ସମୟ ! ସିଏ ସବୁବେଳେ ଉତ୍ତର ଦେଉଥାଏ, ''ମାତ୍ର ମୋ'ଆଗରେ ଶାଶ୍ୱତକାଳ ପଡ଼ି ରହିଛି । ମୁଁ କାହିଁକି ତରତର ହେବି ? ତୁମେ କାହିଁକି ଏଡ଼େ ତରତର ହେଉଛ କହିଲ ?'' ଏବଂ, ପୁଣି ହସିକରି କହେ, ''ତୁମେ ମଣିଷମାନଙ୍କ ପରି ଭାରି ତରତର ହେଉଛ; ଆପଣାକୁ ପ୍ରଶସ୍ତ କର, ଅନନ୍ତ ହୁଅ, ଶାଶ୍ୱତ ହୁଅ,— ତେବେ ଆଉ ମୋଟେ ତରତର ହେବ ନାହିଁ ।''

ପ୍ରକୃତି ଲାଗି ବାଟରେ କେତେ କ'ଣ କୌତୁକପ୍ରଦ ହୋଇ ରହିଥାଏ... ମାତ୍ର ସମସ୍ତଙ୍କ ପାଇଁ ଆଦୌ ନୁହେଁ ।

ଏକ ବୃହତ୍ ଉଚ୍ଚତାରୁ ଓ ଦୂରତାରୁ ଅବଲୋକନ କରୁଥିବା ସମୟରେ ଏହି କଥା ଘଟିଥାଏ । ସେତେବେଳେ ଆମର ଦୃଷ୍ଟି ପରିବ୍ୟାପ୍ତ ହୋଇ ରହିଥାଏ, ପ୍ରାୟ ଅନନ୍ତ ହୋଇ ରହିଥାଏ । ତେଣୁ ଯାହାକିଛି ମନୁଷ୍ୟମାନଙ୍କୁ ଅଶାନ୍ତ ଓ ଦୁଃଖିତ କରିପକାଏ ଓ ସେମାନଙ୍କୁ କଷ୍ଟଭୋଗ କରିବାକୁ ବାଧ୍ୟ କରେ, ତାହା ଅନ୍ତର୍ହିତ ହୋଇଯାଏ । ତେଣୁ, ଯେଉଁମାନଙ୍କଠାରେ ଅଧିକ ପ୍ରଜ୍ଞା ରହିଥାଏ, ଉଚ୍ଚତର ପ୍ରଜ୍ଞା ସକାଶେ ଯେଉଁମାନେ ଜୀବନକୁ ବର୍ଜନ କରି ଆସିଥା'ନ୍ତି, ସେମାନେ ମୁରୁକି ହସି ଆସି ତୁମମାନଙ୍କୁ କହନ୍ତି,

''କାହିଁକି ଏତେ କଷ୍ଟ ପାଉଛ ? ଏଥି ଭିତରୁ ବାହାରି ଆସିଲେ ତୁମେ ଆଦୌ କୌଣସି କଷ୍ଟ ପାଇବ ନାହିଁ ।'' ବ୍ୟକ୍ତିଗତ ଦୃଷ୍ଟିରୁ ଦେଖିଲେ ତାହା ଭାରି ଭଲ କଥା; ମାତ୍ର ବସ୍ତୁତଃ, ଯଦି ତୁମେ ଅନ୍ୟମାନଙ୍କର କଥା ମଧ୍ଯ ବିଚାର କରୁଥିବ, ତେବେ ତୁମେ ହୁଏତ ଆଶା କରିବ ଯେ, ଏହି ଦୁଃଖଦ ପ୍ରହସନର ଖୁବ୍ ଶୀଘ୍ର ଏକ ଅବସାନ ନିଶ୍ଚୟ ଘଟିବ । ଏବଂ, ଏଥିରେ ଅନେକ ଔଚିତ୍ୟ ରହିଛି ଯେ, ପଡ଼ିଆରେ ଚରୁଥିବା ଗୋଟାଏ ପଶୁ ପରି, ଗୋଟାଏ ଅରା ଘାସରୁ ଆଉ ଗୋଟାଏ ଅରାକୁ ଯିବାରେ ଲାଗିଥିବା, କେଉଁଠି ଗୋଟାଏ କୋଣରେ ଯାଇ ପାକୁଳି କରୁଥିବା, ଏହିଭଳି ସଂକୀର୍ଣ୍ଣ ଦିଗ୍‌ବଳୟଗୁଡ଼ାକ ମଧ୍ଯରେ ବାସ କରୁଥିବା ଓ ଜୀବନର ଯାବତୀୟ ମହିମା ଓ ଗୌରବ ହୋଇ ରହିଥିବା ଗୋଟାଏ ପଶୁର ଜୀବନ ବଞ୍ଚି ତୁମେ ପ୍ରକୃତରେ ଭାରି କ୍ଳାନ୍ତ ଅନୁଭବ କରିବ ।

ଆମେ ଏହିପରି ଅବସ୍ଥାରେ ଥାଉ ବୋଲି ଦେଖିବାକୁ ସମ୍ଭବତଃ ପ୍ରକୃତିକୁ ଭାରି ଆମୋଦ ଲାଗେ; ମାତ୍ର ଆମେ ଭାରି କ୍ଳାନ୍ତ ହୋଇପଡୁ, ଆମେ ଅଲଗା ପ୍ରକାରର ହେବାକୁ ଇଚ୍ଛା କରୁଥାଉ ।

ଏବଂ କଥାଟି ପ୍ରକୃତରେ ଏହିପରି । ଯେତେବେଳେ ଏଗୁଡ଼ାକ ଯଥେଷ୍ଟ ହେଲା ବୋଲି ତୁମେ ଅନୁଭବ କରିବାକୁ ଆରମ୍ଭ କର ଏବଂ ସବୁକିଛି ଅନ୍ୟ ପ୍ରକାରର ହେଉ ବୋଲି ଇଚ୍ଛା କରୁଥାଅ, ସେତେବେଳେ ଯାଇ ତୁମର ସାହସ ହୁଏ, ଏହି ତିନୋଟିଯାକ ଭୟଙ୍କର ଶତ୍ରୁଙ୍କ ଉପରେ ବିଜୟ ଲାଭ କରିବାକୁ ତୁମ ଭିତରେ ବଳ ଆସେ, ସାମର୍ଥ୍ୟ ଆସେ । ଭୟ, ଅବିଶ୍ୱାସ ଏବଂ ସଂଶୟପ୍ରବଣତା,– ଏହି ତିନି ଶତ୍ରୁଙ୍କ ଉପରେ । ମାତ୍ର ମୁଁ ପୁନରାବୃତ୍ତି କରି କହୁଛି, କୌଣସି ଏକ ଶୁଭ ଦିନରେ ତୁମେ ହଠାତ୍ ଉଠି ବସିବ, ଆପଣା ଉପରେ ଅବଲୋକନ କରିବ ଏବଂ ନିଜ ଭିତରେ ରହିଥିବା ଏହି ବସ୍ତୁଗୁଡ଼ିକ ସହିତ ସଂଗ୍ରାମ କରି ସେମାନଙ୍କୁ ଶେଷ କରିଦେବାକୁ ବାହାରିବ,– ଏତିକି ଆଦୌ ଯଥେଷ୍ଟ ନୁହେଁ । ତୁମକୁ ଏହା ବାରବାର, ବାରବାର କରିବାକୁ ପଡ଼ିବ, ଏବଂ ପ୍ରାୟ ଅସରନ୍ତି ବୋଲି ମନେ ହେଉଥିବା ଏକ ରୀତିରେ ତାହା କରିବାକୁ ପଡୁଥିବ; ତେବେ ଯାଇ ସଂପୂର୍ଣ୍ଣ ଭାବରେ ଏହି ସବୁକିଛିର କବଳରୁ ରକ୍ଷା ପାଇଲ ବୋଲି ତୁମେ ନିଶ୍ଚିତ ହୋଇ ପାରିବ । ବାସ୍ତବିକ ତୁମେ କଦାପି ଯଥାର୍ଥରେ ଏହା କବଳରୁ ରକ୍ଷା ପାଇବ ନାହିଁ; ମାତ୍ର ତଥାପି ଏପରି ଗୋଟିଏ ସମୟ ଆସିବ, ତୁମ ଭିତରେ ତୁମେ ଏପରି ଅନ୍ୟ ପ୍ରକାରର ହୋଇଯିବ ଯେ ତୁମକୁ ଏହିସବୁ ବସ୍ତୁ ଆଉ ସ୍ପର୍ଶ ମଧ୍ଯ କରିପାରିବ ନାହିଁ । ଏଗୁଡ଼ିକୁ ତୁମେ ଦେଖୁଥିବ ସତ, ମାତ୍ର ମୁରୁକି ହସି ଦୂରରେ ଥାଇ ଦେଖୁଥିବ, ଏବଂ ତୁମେ ଏତେଟିକିଏ ଇଙ୍ଗିତ କରିବା ମାତ୍ରକେହିଁ ସେମାନେ ତୁମ ପାଖରୁ ହଟି ଚାଲି ଯାଉଥିବେ; ଯେଉଁଠାରୁ ଆସିଥିଲେ, ସେମାନେ ସେଇଠାକୁ ଫେରି ଯାଉଥିବେ । ସମ୍ଭବତଃ

କିଞ୍ଚିତ୍ ପରିବର୍ତ୍ତିତ ହୋଇ ଚାଲିଯାଉଥିବେ, କିଞ୍ଚିତ୍ କମ୍ ଶକ୍ତିଶାଳୀ, କମ୍ ଦୁରାଗ୍ରହୀ ଓ କମ୍ ଆକ୍ରମଣଶୀଳ ହୋଇ ଚାଲି ଯାଉଥିବେ;– ଏହିପରି ଭାବରେ ଶେଷରେ ଦିନେ ପରମ ଆଲୋକଟି ଏପରି ଶକ୍ତିଶାଳୀ ଓ ଦୀପ୍ତ ହୋଇଉଠିବ ଯେ, ସେତେବେଳେ ଯାବତୀୟ ଅନ୍ଧକାର କୁଆଡ଼େ ଅନ୍ତର୍ହିତ ହୋଇ ରହିବ ।

ଶ୍ରୀଅରବିନ୍ଦ ଆମକୁ ଯେଉଁ ଅଦ୍ଭୁତ ବିସ୍ମୟଗୁଡ଼ିକର କଥା କହିଛନ୍ତି, ସେଗୁଡ଼ିକୁ ବର୍ଣ୍ଣନା କରି ନ କହିବାହିଁ ବରଂ ଅଧିକ ଭଲ ହେବ, କାରଣ ସେଗୁଡ଼ିକୁ ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରେ, ଅଙ୍ଗେ ନିଭାଏ, ନିଜର ଧାରାରେ ସେଗୁଡ଼ିକର ଅନୁଭୂତି ମଧ୍ୟ ଲାଭ କରିଥାଏ । ଏବଂ, ପ୍ରତ୍ୟେକ ବ୍ୟକ୍ତି ପାଇଁ ତାହାହିଁ ହେଉଛି ସର୍ବୋତ୍ତମ ପଦ୍ଧତି । ଜଣେ ବ୍ୟକ୍ତି କଦାପି ଆଉ ଜଣେ ବ୍ୟକ୍ତିର ମାର୍ଗକୁ ଅନୁସରଣ କରିବ ନାହିଁ, ତାକୁ ଆପଣାର ମାର୍ଗଟିରେହିଁ ଗତି କରିବାକୁ ପଡ଼ିବ । ତେବେ ଯାଇ ଲବ୍ଧ ଅନୁଭୂତିଟିର ଏକ ପୂର୍ଣ୍ଣ ମୂଲ୍ୟ ରହିପାରିବ, ତାହାର ପୂର୍ଣ୍ଣ ଓ ଅକଳନ ମୂଲ୍ୟ ରହିବା ସମ୍ଭବ ହେବ ।

ଏବଂ, ମୁଁ ସର୍ବଶେଷରେ ଆଶା କରୁଛି ଯେ, ତୁମେମାନେ ସମସ୍ତେ ନିଜେ ଏହି ଅନୁଭୂତିଗୁଡ଼ିକୁ ଲାଭ କରିବ । ଏବଂ ସେଥିଲାଗି ବିଶ୍ୱାସ ଦରକାର, ପୂର୍ଣ୍ଣ ପ୍ରତ୍ୟୟ ଦରକାର, ଅନେକ ପରିମାଣରେ ସହୃଦୟତା ଦରକାର, ଏବଂ ଏକ ବୃହତ୍ ସଦିଚ୍ଛା ମଧ୍ୟ ଦରକାର ।

ଆପଣାକୁ ଉନ୍ମୋଚିତ କରିଦିଅ, ଅଭୀପ୍ସା କର,... ଅପେକ୍ଷା କର ।... ଏହା ଅବଶ୍ୟ ସମ୍ଭବ ହେବ, ପରମକରୁଣା ସର୍ବଦାହିଁ ମହଜୁଦ ହୋଇ ରହିଛି । ଏହା ଯେପରି ପ୍ରତ୍ୟେକଙ୍କ ଲାଗି କାର୍ଯ୍ୟ କରିବାକୁ ସମର୍ଥ ହେବ, ଏହା କେବଳ ସେତିକି ପ୍ରତ୍ୟାଶା କରୁଛି ।

୧୦ ଅକ୍ଟୋବର, ୧୯୫୮

**୬. କେବଳ ପରେ ଯାଇ ମୁଁ ଜାଣିବାକୁ ପାଇଲି ଯେ, ଯେତେବେଳେ ଯୁକ୍ତି ବୁଦ୍ଧିର ମୃତ୍ୟୁ ହେଲା, ସେତେବେଳେ ଯାଇ ପ୍ରଜ୍ଞା ଜନ୍ମଲାଭ କଲା । ଏହି ବିମୋଚନଟି ସମ୍ଭବ ହେବା ପୂର୍ବରୁ, ମୋର କେବଳ ଜ୍ଞାନହିଁ ରହିଥିଲା ।**

ମୁଁ ଆଉଥରେ ମଧ୍ୟ ସେହି ପୁରୁଣା କଥାଟିକୁ କହି ରଖୁଛି ଯେ, ଏହି ସୂତ୍ରଗୁଡ଼ିକୁ ଜାଣିଶୁଣି ଏକ ବିରୋଧାଭାସୀ ବାହ୍ୟ ରୂପ ଦିଆ ଯାଇଥିଲା, ଯେପରିକି ତଦ୍ଦ୍ୱାରା ମନ ଉପରେ ଚାଉଁ କରି ଏକ ଆଘାତ ଆସି ବାଜିବ ଏବଂ ଯେପରିକି ତାହା ଯଥାର୍ଥ ଭାବରେ ବୁଝିବା ସକାଶେ ଏକ ଉଦ୍ୟମ କରିବା ଲାଗି ମନକୁ ଯଥେଷ୍ଟ ପରିମାଣରେ ଜାଗ୍ରତ କରି ପାରିବ । ଏହି ସୂତ୍ରଗୁଡ଼ିକୁ ଆମେ ଆଦୌ ଆକ୍ଷରିକ ଭାବରେ ବୁଝିବାକୁ ଚେଷ୍ଟା କରିବା ନାହିଁ । ପ୍ରଜ୍ଞାକୁ ସମ୍ଭବ କରିବାକୁ ହେଲେ ବୁଦ୍ଧିର ଯୁକ୍ତିକୁ ଯେ ଅପସରି ଯିବାକୁ ପଡ଼ିବ, ଏହା

ଧାରଣା କରିବା ମାତ୍ରେହିଁ ଅନେକ ଲୋକ ଚିନ୍ତିତ ହୋଇ ପଡ଼ନ୍ତି । ଏହା ପ୍ରକୃତରେ ସେପରି ନୁହେଁ, ସେପରି କଥା ଆଦୌ ନୁହେଁ ।

ଅସଲ କଥା ହେଉଛି, ସେତେବେଳେ ବୁଦ୍ଧିଯୁକ୍ତି ଆଉ ଏକାବେଳେକେ ଶିଖର ଦେଶରେ ଯାଇ ରହିବ ନାହିଁ ଏବଂ କର୍ତ୍ତା ହେବାକୁ ମନ କରିବ ନାହିଁ ।

ଜୀବନରେ ଏକ ଦୀର୍ଘ ଅବଧି ପର୍ଯ୍ୟନ୍ତ, ଆମେ ଯଥାର୍ଥ ଜ୍ଞାନ ବୋଲି କିଛି ହାସଲ କରିବା ପର୍ଯ୍ୟନ୍ତ, ଏହା ଏକାନ୍ତ ଅପରିହାର୍ଯ୍ୟ ଯେ, ଆମର ବୁଦ୍ଧିସ୍ତରର ବିବେକହିଁ ଆମର ସର୍ବପ୍ରଧାନ ନିର୍ଦ୍ଦେଶକ ହୋଇ ରହିବ; ତା' ନ ହେଲେ ଆମେ କେବଳ ଆମ ନିଜର ଆବେଗ ଓ କଳ୍ପନାଗୁଡ଼ାକ ହାତରେ ଅଳ୍ପବହୁତ ଶୃଙ୍ଖଳାହୀନ ହୋଇ ରହିଥିବା ଆମର କଳ୍ପନାଗତ ଧାବନଗୁଡ଼ାକ ହାତରେହିଁ କ୍ରୀଡ଼ନକପ୍ରାୟ ହୋଇ ରହିଥିବା; ସେତେବେଳେ ଯେ କେବଳ ଆମେ ଯାବତୀୟ ପ୍ରଜ୍ଞାଠାରୁ କେତେ ନା କେତେ ଦୂରବର୍ତ୍ତୀ ହୋଇ ରହିଥିବାର ଏକ ବିପଦ ରହିଥିବ ସେତିକି ନୁହେଁ, ମାତ୍ର ଆପଣାକୁ ଗ୍ରହଣାତ୍ମକ ଭାବରେ ପରିଚାଳିତ କରି ନେଇଯିବା ସକାଶେ ଯେତିକି ଜ୍ଞାନର ଆବଶ୍ୟକତା ରହିଛି, ଆମେ ତାହାଠାରୁ ମଧ୍ୟ କେତେ ନା କେତେ ଦୂରରେ ଯାଇ ରହିଥିବା । ମାତ୍ର, ଯେତେବେଳେ, ଏହି ସାଧାରଣ ମନୁଷ୍ୟ ବୁଦ୍ଧିର ସର୍ବୋଚ୍ଚ ଶୀର୍ଷ ହୋଇ ରହିଥିବା ବୁଦ୍ଧି ଓ ତା'ର ବିବେକ ସାହାଯ୍ୟରେ ଆମେ ସତ୍ତାର ସବୁଯାକ ନିମ୍ନତର ଅଂଶଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରି ପାରିବା, ତେବେ ସେତେବେଳେ ଏହି ବିନ୍ଦୁଟିକୁ ଅତିକ୍ରମ କରି ଆହୁରି ଆଗକୁ ଯିବା ଲାଗି ଇଚ୍ଛା କଲେ ଏବଂ ସାଧାରଣ ଜୀବନ ମଧ୍ୟରୁ ଆପଣାକୁ ମୁକ୍ତ କରି ଆଣିବାକୁ ଇଚ୍ଛା କରୁଥିଲେ, ଏହି ସାଧାରଣ ଜୀବନର ଭାବନା ଓ ବସ୍ତୁଦୃଷ୍ଟି ମଧ୍ୟରୁ ମୁକୁଳି ବାହାରି ଆସିବାକୁ ମନ କରୁଥିଲେ ତେବେ ମୁଁ ହୁଏତ ଏପରି କହିପାରିବି ଯେ, ଆମକୁ ବୁଦ୍ଧିର ମସ୍ତକ ଉପରେ ଯାଇ ଦଣ୍ଡାୟମାନ ହେବାକୁ ପଡ଼ିବ,— କୌଣସି ଘୃଣାର ସହିତ ସେହି ମସ୍ତକ ଦଳି ଚୂନା କରିଦେବାକୁ ହେବ ନାହିଁ, ମାତ୍ର ଏହାଠାରୁ ଉଚ୍ଚତର ଏବଂ ଏହାଠାରୁ ଆହୁରି ସେପାଖକୁ ରହିଥିବା କୌଣସି ଏକ ସଂପଦ ଲାଗି ଏହାକୁ ଏକ ମଧ୍ୟବର୍ତ୍ତୀ ସୋପାନରୂପେ ବ୍ୟବହାର କରି ଏପରି ଏକ ବସ୍ତୁର ଉପଲବ୍ଧି କରିବାକୁ ହେବ, ଯାହାକି ବୁଦ୍ଧିର ଅନୁଜ୍ଞାଗୁଡ଼ିକ ଲାଗି ପ୍ରାୟ ଆଦୌ କୌଣସି ଅପେକ୍ଷା ରଖୁ ନ ଥିବ; ଯାହାକି ଆପଣାକୁ ଏକାବେଳେକେ ଅସଙ୍ଗତ ହେବା ଲାଗି ମଧ୍ୟ ବାଟ ଛାଡ଼ି ଦେଉଥିବ, କାରଣ ତାହା ଏକ ଉଚ୍ଚତର ଅସଙ୍ଗତି ହୋଇ ରହିଥିବ ଏବଂ ଏକ ଉଚ୍ଚତର ଆଲୋକ ଦ୍ୱାରା ପରିଚାଳିତ ହେଉଥିବ;— ଯାହାକି ନିତ୍ୟନୈମିତ୍ତିକ ଯାବତୀୟ ଜ୍ଞାନ ଲାଗି ଅତୀତ ହୋଇ ରହିଥିବ, ଊର୍ଦ୍ଧ୍ୱରୁ, ଅନେକ ଊର୍ଦ୍ଧ୍ୱରୁ ଆପଣାର ପ୍ରେରଣାକୁ ଲାଭ କରୁଥିବ, ଦିବ୍ୟ ପରମ ପ୍ରଜ୍ଞାର କ୍ଷେତ୍ରରୁ ତାହାକୁ ଲାଭ କରୁଥିବ ।

ତାହାହିଁ ଏହାର ତାତ୍ପର୍ଯ୍ୟ ।

ଏଠାରେ ଶ୍ରୀଅରବିନ୍ଦ ଯେଉଁ ଜ୍ଞାନ ବିଷୟରେ କହୁଛନ୍ତି, ତାହା ହେଉଛି ସାଧାରଣ ସ୍ତରର ଜ୍ଞାନ, ଏକାତ୍ମକତା ଦ୍ୱାରା ଯେଉଁ ଜ୍ଞାନ ଅର୍ଜନ କରାଯାଏ ତାହା ମୋଟେ ନୁହେଁ । ଭାବନା ଓ ଅନ୍ୟ ସାଧାରଣ ସାଧନଗୁଡ଼ିକ ସାହାଯ୍ୟରେ ବୁଦ୍ଧି ଯେଉଁ ଜ୍ଞାନକୁ ହାସଲ କରେ, ଏହା ହେଉଛି ସେହି ଜ୍ଞାନ ।

ମାତ୍ର ପୁଣିଥରେ,— ଏବଂ ପରବର୍ତ୍ତୀ ସୂତ୍ରଟିକୁ ଆଲୋଚନା କଲାବେଳେ ଆମେ ନିଶ୍ଚିତ ଭାବରେ ପୁଣି ଏହି କଥାଟି ଆଲୋଚନା କରିବାର ଅବସର ଲାଭ କରିବା— ତୁମକୁ ସଙ୍ଗେ ସଙ୍ଗେ ପ୍ରଜ୍ଞା ମିଳିଯିବ ବୋଲି ଏକ ବିଶ୍ୱାସ ଦ୍ୱାରା ପ୍ରଣୋଦିତ ହୋଇ ତୁମେ କଦାପି ତରତର ହୋଇ ନିଜର ବୁଦ୍ଧିସ୍ତରର ଅବଲମ୍ବନଗୁଡ଼ିକୁ ବର୍ଜନ କରିବ ନାହିଁ; କାରଣ, ସେହି ପ୍ରଜ୍ଞା ଲାଗି ଯଥାର୍ଥ ଭାବରେ ତିଆରି ହେବାକୁ ପଡ଼ିବ । ତା' ନ ହେଲେ, ଏହିପରି ଭାବରେ ବୁଦ୍ଧିର ଅବଲମ୍ବନକୁ ପରିହାର କରିବା ଦ୍ୱାରା ତୁମ ଲାଗି ଅବିବେକ ମଧ୍ୟରେ ଯାଇ ପତିତ ହେବାର ଏକ ବିପଦ ଅତ୍ୟଧିକ ପରିମାଣରେ ରହିଥିବ, ଏବଂ ତାହାକୁ ପ୍ରକୃତରେ ଅତ୍ୟନ୍ତ ବିପଜ୍ଜନକ ବୋଲି କୁହାଯିବ ।

ଆପଣାର ରଚନାଗୁଡ଼ିକରେ ଅନେକ ସମୟରେ, ବିଶେଷ ଭାବରେ **ଯୋଗ-ସମନ୍ୱୟ** ଗ୍ରନ୍ଥରେ ଶ୍ରୀଅରବିନ୍ଦ ଆମକୁ ଏପରି ବ୍ୟକ୍ତିମାନଙ୍କର କଳ୍ପନାଗୁଡ଼ାକ ବିଷୟରେ ସାବଧାନ କରି ଦେଇଛନ୍ତି, ଯେଉଁମାନେ ବିଶ୍ୱାସ କରୁଥା'ନ୍ତି ଯେ କଠୋର ଆତ୍ମସଂଯମ ବ୍ୟତୀତ ସେମାନେ ଅବଶ୍ୟ ଆପଣାର ସାଧନା କରିପାରିବେ । ସେମାନେ ଯାବତୀୟ ପ୍ରକାରର ପ୍ରେରଣା ଲାଗି ମନ ଦେବାରେ ଲାଗିଥା'ନ୍ତି, ଯାହାକି ସେମାନଙ୍କୁ ଏକ ବିପଜ୍ଜନକ ଭାରସାମ୍ୟହୀନତାର ସ୍ଥିତିକୁ ପରିଚାଳିତ କରି ନେଇଯାଏ, ଏବଂ ସେହି ସ୍ଥିତିରେ ଉପନୀତ ହୋଇ, ନିତ୍ୟନୈମିତ୍ତିକ ରୂଢ଼ିଗତ ବନ୍ଧନ ଓ ନିତ୍ୟନୈମିତ୍ତିକ ବୁଦ୍ଧିରୁ ମୁକ୍ତ ହୋଇ ଆସିବାର ବାହାନାରେ ସେମାନଙ୍କର ଯାବତୀୟ ଅବଦମିତ ଓ ପ୍ରଚ୍ଛନ୍ନ ଗୋପନବାସନା ବାହାରକୁ ବାହାରି ଆସିଥାଏ ।

କେବଳ ଊର୍ଦ୍ଧ୍ୱ ଆଡ଼କୁ ଗତି କରି, ମନୁଷ୍ୟସ୍ତରୀୟ ପ୍ରବଳ ବାସନାଗୁଡ଼ିକର ସ୍ତରଠାରୁ ଅନେକ, ଅନେକ ଊର୍ଦ୍ଧ୍ୱକୁ ଯାଇପାରିଲେ ଯାଇ ଯଥାର୍ଥ ମୁକ୍ତି ସମ୍ଭବ ହେବ । ଏକ ଉଚ୍ଚତର, ନିଃସ୍ୱାର୍ଥ ମୁକ୍ତି ହାସଲ କରିପାରିଲେ ଏବଂ ଯାବତୀୟ ବାସନା ଏବଂ ପ୍ରବଳାବେଗକୁ ନିର୍ମୂଳ କରିପାରିଲେ ଯାଇ ଜଣେ ବ୍ୟକ୍ତି ମୁକ୍ତ ହେବାର ଅଧିକାରକୁ ଲାଭ କରିଥାଏ ।

ମାତ୍ର, ଯେଉଁ ବ୍ୟକ୍ତିମାନେ ସାଧାରଣ ସାମାଜିକ ବିଧାନଗୁଡ଼ିକ ଦୃଷ୍ଟିରୁ ଭାରି ବୁଦ୍ଧି-ଉଚିତ ଏବଂ ନୈତିକଜୀବନ ଯାପନ କରୁଥା'ନ୍ତି ସେମାନଙ୍କର ମଧ୍ୟ ଆପଣାକୁ

ଯଥାର୍ଥ ପ୍ରଜ୍ଞାସଂପନ୍ନ ବୋଲି ମନେକରିବା ଆଦୌ ଉଚିତ ହେବ ନାହିଁ; କାରଣ ସେମାନଙ୍କର ସେହି ପ୍ରଜ୍ଞା କେବଳ ମୋହାଚ୍ଛନ୍ନ ହୋଇ ରହିଥିବ ଏବଂ ସେଥିରେ ଆଦୌ କୌଣସି ଗଭୀର ସତ୍ୟ ନିହିତ ନ ଥିବ ।

ଯିଏ ବିଧାନକୁ ଭାଙ୍ଗିବ ସିଏ ଅବଶ୍ୟ ବିଧାନର ଊର୍ଦ୍ଧ୍ୱରେହିଁ ରହିଥିବ । ଯିଏ ପରଂପରାକୁ ଅପେକ୍ଷା ନ କରିବ, ତାକୁ ପରଂପରାର ଊର୍ଦ୍ଧ୍ୱରେ ରହିବାକୁ ପଡ଼ିବ । ଯିଏ ଯାବତୀୟ ନିୟମକୁ ଘୃଣା କରୁଛି, ସିଏ ଅବଶ୍ୟ ଯାବତୀୟ ନିୟମର ଊର୍ଦ୍ଧ୍ୱରେ ରହିଥିବ । ଏବଂ, ଏହି ବିମୋଚନର ଉଦ୍ଦେଶ୍ୟ ମଧ କଦାପି ବ୍ୟକ୍ତିଗତ ହୋଇ ରହିବ ନାହିଁ, ସେଥିରେ ଆଦୌ କୌଣସି ଅହଂଭାବନା ରହି ନ ଥିବ । ସେଥିରେ ଆପଣାର ମହତ୍ତ୍ୱ-ଆକାଙ୍‌କ୍ଷାକୁ ଚରିତାର୍ଥ କରିବାର କୌଣସି ବାସନା ନ ଥିବ, ଆପଣାର ବ୍ୟକ୍ତି-ଆବରଣଟିକୁ ବୃଦ୍ଧି କରାଇବାର ଅଭିଳାଷ ନ ଥିବ,– ଆପଣାକୁ ଅନ୍ୟମାନଙ୍କଠାରୁ ଅଧିକ ଓ ଉଚ୍ଚ ବୋଲି ମଣି, ଅନ୍ୟମାନଙ୍କ ପ୍ରତି ଅବଜ୍ଞାଭାବ ରଖି, ଆପଣାକୁ ଅବଶିଷ୍ଟ ଗୋଷ୍ଠୀ ତୁଳନାରେ ଉପରେ ନେଇ ରଖିବା ଓ ସେହି ଗୋଷ୍ଠୀକୁ କୃପାଦୃଷ୍ଟିରେ ଦେଖିବାର କୌଣସି ଆଗ୍ରହ ମଧ ନ ଥିବ । ଯେତେବେଳେ ତୁମେ ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ବୋଲି ଅନୁଭବ କରୁଛ ଓ ଅନ୍ୟମାନଙ୍କୁ ବିଦ୍ରୂପର ମନୋଭାବ ନେଇ ଦେଖୁଛ, ସତେଯେପରି ''ମୁଁ ଏକାବେଳେକେ ଅନ୍ୟ ଧାତୁରେ ତିଆରି ହୋଇଛି'' ବୋଲି କହିବାକୁ ମନ କରୁଛ, ସେତେବେଳେ ତୁମକୁ ଭାରି ସାବଧାନ ରହିବାକୁ ପଡ଼ିବ । କାରଣ, ସେପରି ହେଲେ ତୁମେ ପଥଚ୍ୟୁତ ହୋଇଯିବ ଏବଂ ଏକ ଗର୍ତ୍ତ ଭିତରେ ଯାଇ ପଡ଼ିଯିବାର ଭୟ ସର୍ବଦାହିଁ ରହିଥିବ ।

ଯେତେବେଳେ ତୁମେ ଯଥାର୍ଥରେ ପ୍ରଜ୍ଞାର ଅଧିକାରୀ ହେବ, ଶ୍ରୀଅରବିନ୍ଦ ଏଠାରେ ଯେଉଁ ପ୍ରଜ୍ଞାର କଥା କହୁଛନ୍ତି, ତାହାର ଅଧିକାରୀ ହୋଇପାରିବ, ସେତେବେଳେ ଉଚ୍ଚତର ଓ ନିମ୍ନତରର ଆଉ ଆଦୌ କୌଣସି ଭେଦ ରହିବ ନାହିଁ । ସେତେବେଳେ ସବୁକିଛି କେବଳ ଶକ୍ତିଚୟର ଏକ ଲୀଳାରୂପେହିଁ ପରିଦୃଷ୍ଟ ହେବ, ଯେଉଁଟି ମଧରେ କି ପ୍ରତ୍ୟେକ ବସ୍ତୁର ଏକ ନିଜସ୍ୱ ସ୍ଥାନ ରହିଥିବ, ନିଜସ୍ୱ ମହତ୍ତ୍ୱ ବି ରହିଥିବ । ଏବଂ, ଯଦି ସେହି କ୍ଷେତ୍ରରେ ଏକ ସୋପାନକ୍ରମ ରହିଥାଏ, ତେବେ ତାହା ସର୍ବୋଚ୍ଚ ପରମସତ୍ତାଙ୍କ ଲାଗି ଆପଣାକୁ ସମର୍ପିତ କରି ରଖିବାରହିଁ ସୋପାନକ୍ରମ ହୋଇ ରହିଥିବ । ଯାହା ନିମ୍ନତର ହୋଇ ଅବସ୍ଥିତ ରହିଛି, ତାହାରି ପରିପ୍ରେକ୍ଷୀରେ ଆପଣାକୁ ମାନ୍ୟତର ବୋଲି ମନେ କରୁଥିବା ଏକ ସୋପାନକ୍ରମ ହୋଇ ଆଦୌ ରହି ନ ଥିବ ।

ଏବଂ, ଏହି ମନୁଷ୍ୟସ୍ତରରେ ଯେତିକି ବୁଝିବା ଶକ୍ତି ରହିଛି, ଯେତିକି ବୁଦ୍ଧି ଜ୍ଞାନ ଓ ବିବେକ ରହିଛି, କେବଳ ସେତିକି ଦ୍ୱାରା ପରିଚାଳିତ ହୋଇ କେହି କଦାପି ଏହି

ସୋପାନକ୍ରମର ପରିଚୟ ପାଇ ପାରିବ ନାହିଁ । କେବଳ ଗୋଟିଏ ଜାଗୃତ ଆତ୍ମାହିଁ ଆଉ ଗୋଟିଏ ଜାଗୃତ ଆତ୍ମାକୁ ଚିହ୍ନିପାରିବ; ଏବଂ ସେତେବେଳେ ମାନ୍ୟତରତା ବା ଉଚ୍ଚତରତାର ଯାବତୀୟ ବୋଧ ସଂପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବ ।

କେବଳ ଅହଂର ବିଲୁପ୍ତି ଦ୍ୱାରାହିଁ ଯଥାର୍ଥ ପ୍ରଜ୍ଞା ସମ୍ଭବ ହେବ; ଏବଂ, ତୁମେ ଯେତେବେଳେ ଆଦୌ କୌଣସି ବ୍ୟକ୍ତିଗତ ଅଭିପ୍ରାୟ ନ ରଖି ଏବଂ ଆଦୌ କୌଣସି ଲାଭର ପ୍ରତ୍ୟାଶା ନ କରି ଆପଣାକୁ ସଂପୂର୍ଣ୍ଣ ଭାବରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ହାତରେ ଛାଡ଼ିଦେଇ ପାରିବ, ଯେତେବେଳେ ଆଉ ଅନ୍ୟକିଛି କରିପାରୁ ନ ଥିବାରୁହିଁ ତୁମେ ତାହା କରିପାରିବ, କେବଳ ସେତିକିବେଳେ ଯାଇ ଅହଂର ବିଲୋପସାଧନ ସମ୍ଭବ ହେବ ।

୧୭ ଅକ୍ଟୋବର, ୧୯୫୮

**୭. ଲୋକେ ଯାହାକୁ ଜ୍ଞାନ ବୋଲି କହନ୍ତି, ତାହା ହେଲା ମିଥ୍ୟା ପ୍ରତିଭାସ ବା ବାହ୍ୟ ରୂପ ଗୁଡ଼ିକୁ ଯୁକ୍ତିର ବ୍ୟାଖ୍ୟା ଦେଇ ଗ୍ରହଣ କରିବା । ପ୍ରଜ୍ଞା ଆବରଣର ସେପାଖକୁ ଅବଲୋକନ କରିବାକୁ ସମର୍ଥ ହୁଏ ଏବଂ ଯଥାର୍ଥରେ ଦେଖିପାରେ । ବୁଦ୍ଧି ଭାଗ ଭାଗ କରିଦିଏ, ଟିକିନିଖିଗୁଡ଼ିକୁ ସୁନିର୍ଦ୍ଦିଷ୍ଟ କରି ରଖେ ଓ ସେଗୁଡ଼ିକ ଭିତରେ ଥିବା ବିରୋଧିତାକୁ ତୁଳନା କରେ, ପ୍ରଜ୍ଞା ଯୁକ୍ତକରିଆଣେ, ଏକ ଅଭେଦ ସୌଷମ୍ୟ ମଧ୍ୟରେ ବିରୋଧଗୁଡ଼ିକୁ ପରିଣୟ-ସୂତ୍ରରେ ଏକାଠି ବାନ୍ଧିଦିଏ ।**

ଜ୍ଞାନ, ବୁଦ୍ଧି ଓ ପ୍ରଜ୍ଞା ବିଷୟରେ ଶ୍ରୀଅରବିନ୍ଦ ଯାହାକିଛି ଲେଖିଛନ୍ତି, ଆମକୁ ପାରମ୍ପରିକ ଭାବନାର ଗୁଳା ଭିତରୁ ବାହାରକୁ ବାହାର କରି ଆଣିବାକୁ, ଏବଂ ସମ୍ଭବ ହେଲେ ଆମକୁ ପ୍ରତିଭାସଗୁଡ଼ିକର ପଶ୍ଚାତରେ ରହିଥିବା ସତ୍ୟର ବୋଧ ଲାଭ କରିବାରେ ସମର୍ଥ କରାଇବାକୁହିଁ ସିଏ ସେହିସବୁ କଥା କହିଛନ୍ତି ।

ଏକ ସାଧାରଣ ନିୟମ ହିସାବରେ,— ଏହି କ୍ଷେତ୍ରରେ ଅତ୍ୟନ୍ତ ବିରଳ ଭାବରେ ହୁଏତ ଅଳ୍ପ କେତେକ ବ୍ୟତିକ୍ରମ ରହିଛି,— ମନୁଷ୍ୟମାନଙ୍କର ଚାରିପାଖରେ ଓ ବେଳେବେଳେ ସେମାନଙ୍କ ନିଜ ଭିତରେ ଯାହାସବୁ ଘଟୁଥାଏ, ସେମାନେ ଅଳ୍ପବହୁତ ନିର୍ଭୁଲ ଭାବରେ କେବଳ ସେହିଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିହିଁ ସନ୍ତୁଷ୍ଟ ରହିଥା'ନ୍ତି; ଏବଂ, କୌଣସି ଏକ ନ୍ୟାୟଯୁକ୍ତିର ଏକ ଉପରିସ୍ତରୀୟ ବ୍ୟବସ୍ଥା ଅନୁସାରେହିଁ ସେମାନେ ଏହିସବୁ ପର୍ଯ୍ୟବେକ୍ଷଣର ଏକ ଶ୍ରେଣୀବିଭାଗ କରୁଥା'ନ୍ତି । ଏବଂ ସେମାନେ ତାହାକୁ ସଂଗଠନ ବୋଲି କହନ୍ତି ଓ ଏହିସବୁ ବ୍ୟବସ୍ଥାକୁ ''ଜ୍ଞାନ'' ବୋଲି କହନ୍ତି । ସେମାନେ ଏକଥା

କେବେହେଲେ ଭାବି ନ ଥା'ନ୍ତି ଓ ସେମାନେ ଏକଥା ବୋଧ କରିବାକୁ ମଧ୍ୟ ଆରମ୍ଭ କରି ନ ଥା'ନ୍ତି ଯେ, ସେମାନେ ଯେଉଁସବୁ ବସ୍ତୁକୁ ଦେଖୁଛନ୍ତି, ସ୍ପର୍ଶ କରୁଛନ୍ତି, ଅନୁଭବ କରୁଛନ୍ତି ବା ଅଙ୍ଗେ ନିଭାଉଛନ୍ତି, ସେଗୁଡ଼ିକ ପ୍ରକୃତ ସତ୍ୟ ନୁହେଁ, ସେଗୁଡ଼ିକ କେବଳ ମିଥ୍ୟା ପ୍ରତିଭାସ ମାତ୍ର ।

ସେମାନେ ସର୍ବଦା ଏହି ସାଧାରଣ ଯୁକ୍ତିଟିକୁ ବାଢୁଥା'ନ୍ତି, ''ମୁଇଁ ଏହାକୁ ଦେଖୁଛି, ମୁଇଁ ସ୍ପର୍ଶ କରୁଛି, ମୁଇଁ ଅନୁଭବ କରୁଛି– ଏବଂ ତେଣୁ ଏହା ହେଉଛି ଅବଶ୍ୟ ସତ୍ୟ ।''

ଓଲଟି, ସେମାନେ ନିଜକୁ ପ୍ରକୃତରେ ଏକଥା କହୁଥା'ନ୍ତେ, ''ମୁଁ ଏହା ଦେଖୁଛି, ଏହାକୁ ସ୍ପର୍ଶ କରୁଛି, ଅନୁଭବ କରୁଛି; – ଏବଂ ତେଣୁ ଏହା ଆଦୌ ସତ୍ୟ ନୁହେଁ ।'' ଆମେ ଏହିପରି ଭାବରେ ଦୁଇ ବିପରୀତ ମେରୁରେ ଯାଇ ଅବସ୍ଥିତ ରହିଥାଉ ଏବଂ ଏକ ବୁଝାମଣାରେ ପହଞ୍ଚିବା ଲାଗି ଆଉ କୌଣସି ବାଟ ନ ଥାଏ ।

ଶ୍ରୀଅରବିନ୍ଦଙ୍କ ଲାଗି ଯଥାର୍ଥ ଜ୍ଞାନ ହେଉଛି ଏକାତ୍ମକତା ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ; ଏବଂ ଏହି ଯଥାର୍ଥ ଜ୍ଞାନର ସ୍ତରରେ ଯାଇ ପହଞ୍ଚି ପାରିଲେହିଁ ପ୍ରଜ୍ଞାର ଉପଲବ୍ଧି ସମ୍ଭବ ହୋଇଥାଏ । ଏଠାରେ ସେ କହିଛନ୍ତି : ପ୍ରଜ୍ଞା ମିଥ୍ୟାମୟ ପ୍ରତିଭାସଗୁଡ଼ିକର ଆବରଣର ସେପାଖକୁ ଦେଖିବା ଲାଗି ସମର୍ଥ ହୁଏ, ତା'ର ପଶ୍ଚାତରେ ରହିଥିବା ସତ୍ୟର ପ୍ରତ୍ୟକ୍ଷ କରିବା ଲାଗି ସମର୍ଥ ହୁଏ । ଏବଂ ଶ୍ରୀଅରବିନ୍ଦ ଅତୀବ ଗୁରୁତ୍ୱ ଦେଇ କହୁଛନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ତା'ର ଏହି ଉପରିସ୍ତରୀୟ ବାହ୍ୟଜ୍ଞାନ ଦ୍ୱାରା କୌଣସି ସଂଜ୍ଞାର ନିରୂପଣ କରି ବାହାରେ, ସେତେବେଳେ ତାହାର ବିପରୀତ ପରିପ୍ରେକ୍ଷୀ ରୂପେ ସର୍ବଦାହିଁ ଆଉ କିଛି ଅବସ୍ଥିତ ରହିଥାଏ । କେବଳ ଏକ ପ୍ରତିବେଶନ ସାହାଯ୍ୟରେହିଁ ସିଏ ଯାହାକିଛି ଦେଖେ, ଅନୁଭବ କରେ ଓ ସ୍ପର୍ଶ କରେ, ତାହାକୁ ବ୍ୟାଖ୍ୟା କରିବାରେ ଲାଗିଥାଏ,– ଏବଂ ଆଦୌ କିଛି ହେଲେ ବୁଝୁ ନ ଥାଏ ।

ବୁଦ୍ଧି ସର୍ବଦା ଗୋଟିଏ ବସ୍ତୁକୁ ଆଉ ଗୋଟିଏ ବସ୍ତୁର ବିରୋଧୀ ରୂପେ ସ୍ଥାପନ କରି ପ୍ରଦର୍ଶିତ କରାଏ ଏବଂ ଦୁଇଟି ମଧ୍ୟରୁ ଗୋଟିକୁ ବାଛିନେବାକୁ ତୁମକୁ ବାଧ୍ୟ କରୁଥାଏ । ଯେଉଁ ବ୍ୟକ୍ତିମାନଙ୍କର ଭାବନା ଓ ବୁଦ୍ଧି ପରିଚ୍ଛନ୍ନ ହୋଇ ରହିଥାଏ, ସେମାନେ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଦେଖୁଥା'ନ୍ତି । ଏହା ପ୍ରକୃତରେ ଏକ ଉଲ୍ଲେଖନୀୟ କଥା ଯେ, କେବଳ ପାର୍ଥକ୍ୟଗୁଡ଼ିକର ସାହାଯ୍ୟରେହିଁ ବୁଦ୍ଧି ଆପଣାକୁ କ୍ରିୟାଶୀଳ କରି ରଖିପାରେ । ଏପରି ହୁଏ, କାରଣ ଜଣେ ବ୍ୟକ୍ତି ଏଇଟା ଏବଂ ସେଇଟା ଭିତରେ, ଏହି କାର୍ଯ୍ୟ ଏବଂ ସେହି କାର୍ଯ୍ୟ ଅଥବା ଗୋଟିଏ ବସ୍ତୁ ଓ ଅନ୍ୟଗୋଟିଏ ବସ୍ତୁ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଦେଖୁଥାଏ, ସେଇଥିରୁ ଏକ ନିଷ୍ପତ୍ତିରେ ଆସି ପହଞ୍ଚେ ଏବଂ ବୁଦ୍ଧିହିଁ ତା'ଲାଗି ସେହି କାର୍ଯ୍ୟଟିକୁ କରିଦିଏ ।

ମାତ୍ର, କେବଳ ଯଥାର୍ଥ ଜ୍ଞାନ, ଏକାତ୍ମକତା ଦ୍ୱାରା ଲବ୍ଧ ହେଉଥିବା ଜ୍ଞାନ ଓ ତାହାର ପରିଣାମ ସ୍ୱରୂପ ଉପଲବ୍ଧ ପ୍ରଜ୍ଞା,– ଏଗୁଡ଼ିକ ପ୍ରକୃତରେ ସେହି ବିନ୍ଦୁଟିକୁ ପ୍ରତ୍ୟକ୍ଷ କରିପାରନ୍ତି ଯେଉଁଠାରେ କି ଆପାତ ଯାବତୀୟ ବିରୋଧୀ ବସ୍ତୁ ସମଞ୍ଜସତା ରକ୍ଷା କରି ରହିଥା'ନ୍ତି, ପରସ୍ପରର ପୂରକ ହୋଇ ରହିଥା'ନ୍ତି, ସଂପୂର୍ଣ୍ଣ ଭାବରେ ସଂବଦ୍ଧ ଏବଂ ସଂହତ ଏକ ସମଗ୍ରର ରଚନା କରି ରହିଥା'ନ୍ତି । ଏବଂ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତାହାହିଁ ଦୃଷ୍ଟିକୋଣଟିକୁ ସଂପୂର୍ଣ୍ଣ ଭାବରେ ବଦଳାଇ ଦିଏ, ଅବବୋଧକୁ ବଦଳାଇ ଦିଏ ଏବଂ କର୍ମର ଭୂମିରେ ତାହାର ପରିଣାମକୁ ମଧ୍ୟ ବଦଳାଇ ଦିଏ ।

ଏଥିଲାଗି ସଂପୂର୍ଣ୍ଣ ଅପରିହାର୍ଯ୍ୟ ପ୍ରଥମ ପଦକ୍ଷେପଟି ହେଉଛି ଯେ, ତୁମେ ଅଳ୍ପ ବା ବହୁତ ପରିମାଣରେ ସତେଅବା ଯନ୍ତ୍ରଚାଳିତ ଭାବରେ, ତୁମେ କ'ଣ ସବୁ କହୁଛ, ତାହାକୁ ଆଦୌ ଭଲ କରି ନ ଜାଣି ''ପ୍ରତିଭାସଗୁଡ଼ିକ ମିଥ୍ୟା'' ବୋଲି ମୋଟେ ବାରବାର କହିବ ନାହିଁ । ତୁମେ ଏପରି କହୁଛ, କାରଣ ଶ୍ରୀଅରବିନ୍ଦ ତାହା କହିଛନ୍ତି, ମାତ୍ର ସେହି କଥାଟିକୁ ତୁମେ ମୋଟେ ଯଥାର୍ଥ ଭାବରେ ବୁଝି ନାହଁ । ମାତ୍ର ତଥାପି, ଯେତେବେଳେ ତୁମେ କୌଣସି ବସ୍ତୁକୁ ବୁଝିବାକୁ ଇଚ୍ଛା କରୁଛ, ତୁମେ ସେହି ପୂର୍ବପରି ଦେଖିବାରେ ଲାଗିଛ, ପର୍ଯ୍ୟବେକ୍ଷଣ କରୁଛ, ସ୍ପର୍ଶ କରୁଛ, ସ୍ୱାଦ ନିରୂପଣ କରୁଛ ଅଥବା ଅନୁଭବ କରୁଛ, କାରଣ ତୁମେ ବିଶ୍ୱାସ କରୁଛ ଯେ, ଅବଲୋକନ କରିବା ଲାଗି ଆଉ ପ୍ରକୃତରେ ଅନ୍ୟ କୌଣସି ପଦ୍ଧତି ନାହିଁ । ''ଚେତନାର ଭୂମିରେ କେବଳ ଏକ ପ୍ରତିବର୍ତ୍ତନ'' ସମ୍ଭବ କରି ପାରିଲେ ଯାଇ, ଅର୍ଥାତ୍, ଯେତେବେଳେ ତୁମେ ଏହିସବୁ ବସ୍ତୁର ପଶ୍ଚାତକୁ ଅଧିଗମି ପାରୁଛ, ଯେତେବେଳେ ମୂର୍ତ୍ତତମ ଭାବରେ ତୁମେ ସେଗୁଡ଼ିକର ଭ୍ରାନ୍ତିକାରୀ ପ୍ରାତିଭାସିକତାକୁ ଅନୁଭବ କରୁଛ ଓ ଅଙ୍ଗେ ନିଭାଉଛ, ସେତେବେଳେ ଯାଇ ତୁମେ ବୁଝିବାକୁ ସମର୍ଥ ହେଉଛ । ମାତ୍ର, ସେହି ଅନୁଭୂତିଟି ନ ହେବା ପର୍ଯ୍ୟନ୍ତ, ତୁମେ ହୁଏତ ଏହି ସବୁଯାକ ସୂତ୍ରକୁ ପଢ଼ି ଶେଷ କରିଦେବ, ସେଗୁଡ଼ିକୁ ବାରବାର ଉଚ୍ଚାରଣ କରି ମୁଖସ୍ଥ କରି ରଖିବ, ସେଗୁଡ଼ିକ ଉପରେ ବିଶ୍ୱାସ ସ୍ଥାପନ କରିବ ସତ, ମାତ୍ର ତଥାପି ସେଗୁଡ଼ିକୁ ବୁଝିପାରି ନ ଥିବ । ତୁମ ଲାଗି ସେଗୁଡ଼ିକର ଆଦୌ କୌଣସି ଯଥାର୍ଥତା ନ ଥିବ । ଏହି ଯାବତୀୟ ପ୍ରତିଭାସହିଁ ବର୍ତ୍ତମାନ ବାହ୍ୟ ଜଗତ ସହିତ ସଂପର୍କରେ ଆସିବାର ଏବଂ ଯାହା ପ୍ରକୃତରେ ଅଛି, ତାହା ବିଷୟରେ ସଜ୍ଞାନତା ଲାଭ କରିବାର ଏକମାତ୍ର ଦ୍ୱାର ଓ ସାଧନ ହୋଇ ରହିଛି । ଏବଂ, ଅନେକ ସମୟରେ ଏପରି ହେବ ଯେ, ବସ୍ତୁଗୁଡ଼ିକ ପ୍ରତିଭାସିକ କ୍ଷେତ୍ରରେ କିପରି ହୋଇ ରହିଛନ୍ତି, ତାହା ଜାଣିବାରେହିଁ ତୁମର ସମସ୍ତ ଜୀବନକାଳ ଅତିବାହିତ ହୋଇଯିବ ଏବଂ ତୁମକୁ ସମସ୍ତେ ଅତ୍ୟନ୍ତ ସଂସ୍କୃତି ସଂପନ୍ନ ବୋଲି ବିଚାର କରୁଥିବେ, ଭାରି ବୁଦ୍ଧିମାନ ଏବଂ ଭାରି ଜାଣିବା ମଣିଷ ବୋଲି ସ୍ୱୀକାର

କରୁଥିବେ । ସେତେବେଳେ ତୁମେ ଏହି ସବୁକିଛିକୁ ତନ୍ନତନ୍ନ କରି ଜାଣିଥିବ ଓ ଯାହାକିଛି ଦେଖିଥିବ କିଂବା ଶିକ୍ଷା କରିଥିବ, ତାହାକୁ ସ୍ମରଣ ମଧ୍ୟ ରଖିଥିବ ।...

ପ୍ରକୃତ କଥା କହିଲେ, ଏଦିଗରେ କଠିନ ଉଦ୍ୟମ କରିବା ପରେ, ତୁମେ ଏହି ପ୍ରତିଭାସଗୁଡ଼ିକ ଉପରେ କିଞ୍ଚିତ୍ ପରିମାଣରେ କିଛି ପ୍ରଭାବ ମଧ୍ୟ ପକାଇ ପାରିବ, ସେଗୁଡ଼ିକୁ କିଞ୍ଚିତ୍ ପରିମାଣରେ ବଦଳାଇ ବି ଦେଇ ପାରିବ,– ଠିକ୍ ଏହି ପଦ୍ଧତିରେହିଁ ତୁମେ ବିଜ୍ଞାନ ମାଧ୍ୟମରେ ତୁମେ ଜଡ଼କୁ କେତେପ୍ରକାରେ ଗଠିତ ଓ ବିଗଠିତ କରିପାରୁଛ,– ମାତ୍ର ତଥାପି, ଏହି କ୍ଷେତ୍ରରେ ଆଦୌ କୌଣସି ଯଥାର୍ଥ ପରିବର୍ତ୍ତନ ଘଟିବ ନାହିଁ ଏବଂ କୌଣସି ଯଥାର୍ଥ ଶକ୍ତିର ବି ଉପଲବ୍ଧି ହେବ ନାହିଁ । ଏବଂ, ଯେତେବେଳେ ତୁମେ ସେହି ସ୍ଥିତିରେ ଅବସ୍ଥିତ ଥିବ, ସେତେବେଳେ ଏହି ବିଷୟରେ ତୁମର ଏକ ପୂର୍ଣ୍ଣ ପ୍ରତ୍ୟୟ ରହିଥିବ ଯେ, ଆପଣାର ସ୍ୱଭାବକୁ ବଦଳାଇ ପାରିବା ଲାଗି ତୁମେ ଆଦୌ କିଛି ହେଲେ କରିପାରିବ ନାହିଁ । ତୁମେ ଏପରି ଏକ ଭାଗ୍ୟବାଦର ଫାଶରେ ଯାଇ ପଡ଼ି ଯାଇଥିବ, ଯାହାକି ତୁମକୁ ପରାଭୂତ କରି ରଖିଥିବ ଓ ତୁମେ କେଉଁଠାରୁ ବା କିପରି,– ଏସବୁ ବିଷୟରେ ମୋଟେ କିଛି ଜାଣି ନ ଥିବ । ତୁମର ଜନ୍ମ ମଧ୍ୟ ଏହିପରି ଏକ ଭୂମି ଉପରେ ହୋଇଥିବ,– ଏହିପରି ଅମୁକ ବା ସମୁକ ଗୋଟିଏ ଜାଗାରେ, ଅମୁକ ବା ସମୁକ ଏକ ପରିସ୍ଥିତିରେ ଏବଂ ଅମୁକ ବା ସମୁକ ପରି ଗୋଟିଏ ସ୍ୱଭାବ ବହନ କରି ହୋଇଥିବ । ଏବଂ, ତୁମେ ଯଥାସମ୍ଭବ ଅଧିକ ଉତ୍ତମ ଭାବରେ ସେହି ଜୀବନକୁ ପହଁରି ପାରି ହେବାକୁ ଚେଷ୍ଟା କରୁଥାଅ, ବସ୍ତୁଗୁଡ଼ିକ ଉପରେ ତୁମର ଖୁବ୍ ବେଶୀ ପ୍ରଭାବ ନ ଥାଏ ଓ ତେଣୁ ସେଗୁଡ଼ିକ ସହିତ ଆପଣାକୁ ଖାପ ଖୁଆଇ ନେବାରେ ଲାଗିଥାଅ; ଏବଂ, ଆପଣାର ସ୍ୱଭାବଟିକୁ ବଦଳାଇବା ପାଇଁ କୌଣସି ଶକ୍ତି ନ ଥିବାରୁ ତୁମେ ତାହାର ଅଭାବଗୁଡ଼ିକୁ ଲାଘବ କରି ଆଣିବା ପାଇଁ ଚେଷ୍ଟା ମଧ୍ୟ କରୁଥାଅ । ତୁମେ ସତେଅବା ଗୋଟାଏ ଜାଲ ଭିତରେ ପଡ଼ିଗଲା ପରି ଅନୁଭବ କରୁଥାଅ, ଏପରି ଗୋଟାଏ କାହାରି କବଳରେ ପଡ଼ି କ୍ରୀତଦାସ ହୋଇ ରହିଥାଅ, ଯାହା ବିଷୟରେ କି ତୁମର ଆଦୌ କୌଣସି ସଜ୍ଞାନତା ନ ଥାଏ । ତୁମେ ନାନା ପରିସ୍ଥିତି ତଥା ଅଜ୍ଞାତ ଶକ୍ତିର ହାତରେ ସତେଅବା ଏକ ଖେଳନା ପରି ହୋଇ ରହିଥାଅ, ଏପରି ଏକ ଇଚ୍ଛାର ଇଙ୍ଗିତ ଅନୁସାରେ ଖେଳିବାରେ ଲାଗିଥାଅ, ଯାହାପାଖରେ କି ତୁମେ ଆଦୌ ବଶ୍ୟତା ସ୍ୱୀକାର କରି ନ ଥାଅ ମାତ୍ର ଯିଏ କି ତୁମକୁ ନାନା ପ୍ରକାରେ ବାଧ୍ୟ କରିବାରେ ଲାଗିଥାଏ । ଏପରିକି ସବୁଠାରୁ ଅଧିକ ବିଦ୍ରୋହୀ-ମନୋଭାବାପନ୍ନମାନେ ମଧ୍ୟ ଭୃତ୍ୟ ପରି ହୋଇ ରହିଥା'ନ୍ତି, କାରଣ, ଠିକ୍ ଯେଉଁ ଗୋଟିଏ କାର୍ଯ୍ୟ କଲେ ତୁମର ବନ୍ଧନମୁକ୍ତି ସମ୍ଭବ ହୋଇପାରନ୍ତି, ତାହା ହେଉଛି ଯେ, ତୁମେ ସେହି ଆବରଣଟିକୁ ଭେଦ କରି ତା'ର ପଶ୍ଚାତକୁ ଚାଲିଯାଇ ପାରନ୍ତ ଏବଂ ତାହାର

ଅତୀତ ହୋଇ ଯାହାକିଛି ରହିଛି, ତାହାକୁ ଆବିଷ୍କାର କରିପାରନ୍ତ । ଥରେ ସେହି କଥାଟିକୁ ଆବିଷ୍କାର କରିବା ଲାଗି ସମର୍ଥ ହେଲେ, ତୁମେ ଯେ ପ୍ରକୃତରେ କିଏ, ସେକଥା ଜାଣିପାରନ୍ତ, ଏବଂ ଥରେ ଆପଣାର ଯଥାର୍ଥ ପରିଚୟ ଲାଭ କରିପାରିଲେ, ଯଥାର୍ଥ ରୂପାନ୍ତର ଲାଗି ମଧ୍ୟ ତୁମକୁ ଆବଶ୍ୟକ ଚାବିକାଠିଟି ମିଳିଯାଇ ପାରନ୍ତା ।

ଆମେ କେତେ କ'ଣ ପାଠ କରୁ, ଆମେ ବୁଝିବାକୁ ଚେଷ୍ଟା କରୁ, ବ୍ୟାଖ୍ୟାମାନ ବାଢ଼ିଦେଉ ଏବଂ ଜାଣିବାକୁ ଚେଷ୍ଟାକରୁ । ମାତ୍ର ଗୋଟିଏ ମୁହୂର୍ତ୍ତର ଯଥାର୍ଥ ଅଭିଜ୍ଞତାହିଁ ଆମକୁ ଲକ୍ଷଲକ୍ଷ ଶବ୍ଦ ଏବଂ ଶହଶହ ବ୍ୟାଖ୍ୟା ଅପେକ୍ଷା ଅଧିକ ଶିକ୍ଷା ଦେବାକୁ ସମର୍ଥ ହୋଇଥାଏ ।

ତେଣୁ, ସର୍ବପ୍ରଥମ ପ୍ରଶ୍ନଟି ହେଲା : ''ସେହି ଅନୁଭୂତିଟି କିପରି ଲାଭ କରାଯାଇ ପାରିବ ?''

ଆପଣା ଭିତରକୁ ପ୍ରବେଶ କରିବା, ଏହା ହେଉଛି ପ୍ରଥମ ସୋପାନ ।

ଏବଂ ତା'ପରେ, ଯାହା ତୁମ ଭିତରେ ଅବସ୍ଥିତ ରହିଛି, ତାହାରି ସତ୍ୟକୁ ଅନୁଭବ କରିପାରିବା ଭଳି ଯଥେଷ୍ଟ ପରିମାଣରେ ଆପଣା ଭିତରେ ପ୍ରବେଶ କରିବାକୁ ସଫଳ ହୋଇଗଲା ପରେ, ତୁମେ ଆପଣାକୁ ଉତ୍ତରୋତ୍ତର ଅଧିକ ପରିମାଣରେ ପ୍ରଶସ୍ତ କରିଦେବ, ଏହି କାର୍ଯ୍ୟଟିକୁ ତୁମେ ବିଧିବଦ୍ଧ ଭାବରେ କରିବ, ତୁମେ ଏହି ବିଶ୍ୱଜଗତ ପରି ପରିବ୍ୟାପ୍ତ ଓ ବିସ୍ତୃତ ହୋଇଯିବ ଏବଂ, ସୀମା ଭିତରେ ରହିଥିବାର ସକଳ ବୋଧକୁ ହରାଇ ବସିବ ।

ଏଗୁଡ଼ିକୁ ଆମେ ପ୍ରସ୍ତୁତିକାଳର ଦୁଇଟି କ୍ରିୟା ବୋଲି ଜାଣିବା ।

ଏବଂ, ଯଥାସମ୍ଭବ ଅଧିକ ସ୍ଥିରତା, ଶାନ୍ତି ଏବଂ ବିକ୍ଷୋଭହୀନତା ମଧ୍ୟରେହିଁ ଏହି ଦୁଇଟି କାର୍ଯ୍ୟକୁ କରିବାକୁ ହେବ । ଏହି ଶାନ୍ତି ଓ ଏହି ବିକ୍ଷୋଭହୀନତା ତୁମର ମନକୁ ଶାନ୍ତ କରି ଆଣିବ ଏବଂ ପ୍ରାଣିକର ରାଜ୍ୟରେ ନିଶ୍ଚଳତା ଆଣିଦେବ ।

ଏହି ଉଦ୍ୟମ ଓ ଏହି ପ୍ରୟାସଟିକୁ ଅତ୍ୟନ୍ତ ନିୟମିତ ଭାବରେ ବାରବାର କରିବାକୁ ପଡ଼ିବ, କ୍ରମାଗତ ଅବିଚ୍ଛିନ୍ନ ଭାବରେ କରିବାକୁ ପଡ଼ିବ । ଏବଂ କେତେ ସମୟ ଗତ ହୋଇଗଲା ପରେ,— ତାହା ଦୀର୍ଘ ହୋଇପାରେ, ଅପେକ୍ଷାକୃତ ଅଧିକ ଅଳ୍ପ ବି ହୋଇପାରେ, ତୁମେ ଏପରି ଏକ ସତ୍ୟର ବୋଧ ଲାଭ କରିବାକୁ ଆରମ୍ଭ କରିବ, ଯାହାକି ତୁମର ସାଧାରଣ, ବାହ୍ୟ ଚେତନାରେ ଅନୁଭୂତ ହେଉଥିବା ସତ୍ୟଠାରୁ ଅଲଗା ପ୍ରକାରର ହୋଇଥିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପରମକରୁଣାର କ୍ରିୟା ବଳରେ, ଆବରଣଟି ସେହି ଭିତରୁହିଁ ହଠାତ୍ ବିଦୀର୍ଣ୍ଣ ହୋଇ ଯାଇପାରେ ଏବଂ ତେଣୁ ତୁମେ ତତ୍‌କ୍ଷଣାତ୍ ଯଥାର୍ଥ ସତ୍ୟ ମଧ୍ୟରେ ଯାଇ ପ୍ରବେଶ କରିପାର । ମାତ୍ର ସେପରି ଏକ

ଘଟଣା ଘଟିଲେ ମଧ୍ୟ, ଅନୁଭୂତିଟିର ସଂପୂର୍ଣ୍ଣ ମୂଲ୍ୟ ଏବଂ ସଂପୂର୍ଣ୍ଣ ପରିଣାମଟିକୁ ଲାଭ କରିବା ନିମନ୍ତେ, ତୁମକୁ ଅନ୍ତର୍ଗତ ଗ୍ରହଣଶୀଳତାର ଏକ ସ୍ଥିତିରେ ଅବସ୍ଥିତ ହୋଇ ରହିବାକୁ ପଡ଼ିବ; ଏବଂ ସେକଥା କରି ପାରିବାକୁ ହେଲେ, ତୁମକୁ ଏକାନ୍ତ ଅପରିହାର୍ଯ୍ୟ ଭାବରେ ପ୍ରତ୍ୟହ ଆପଣା ଭିତରକୁ ପ୍ରବେଶ କରିବାକୁ ପଡ଼ିବ ।

୨୪ ଅକ୍ଟୋବର, ୧୯୫୮

## ୮. ତୁମେ କେବଳ ନିଜର ବିଶ୍ୱାସଗୁଡ଼ାକୁ ଜ୍ଞାନ ବୋଲି ଅଭିହିତ କରି ଅନ୍ୟମାନଙ୍କର ଯାବତୀୟ ବିଶ୍ୱାସକୁ ଭୁଲ୍, ଅଜ୍ଞାନ ବା କପଟକାରିତା ବୋଲି କୁହ ନାହିଁ; ଅଥବା ବିଭିନ୍ନ ସଂପ୍ରଦାୟର ମତ ତଥା ସେଗୁଡ଼ିକର ଅସହନଶୀଳତାକୁ କୌଣସି ପ୍ରକାରେ ବିଦ୍ରୂପଭାବ ଦେଖାଅ ନାହିଁ ।

ସମ୍ପ୍ରଦାୟମାନେ ଆପଣାର ମତଗୁଡ଼ିକ ବିଷୟରେ ଅନମନୀୟତା ଦେଖାନ୍ତି ଓ ଧର୍ମମାନେ ଭାରି ଅସହିଷ୍ଣୁ ହୋଇ ରହିଥା'ନ୍ତି,– ଏହାର ମୂଳ କାରଣ ହେଉଛି ଯେ, ସମ୍ପ୍ରଦାୟ ଓ ଧର୍ମମାନେ କେବଳ ଆପଣାର ବିଶ୍ୱାସଗୁଡ଼ାକୁହିଁ ଏକମାତ୍ର ଜ୍ଞାନ ବୋଲି ବିଚାର କରନ୍ତି ଏବଂ ଅନ୍ୟମାନଙ୍କର ବିଶ୍ୱାସକୁ ଭୁଲ୍ ବୋଲି କହନ୍ତି, ଅଜ୍ଞାନ ଓ କପଟକାରିତା ବୋଲି କହନ୍ତି ।

ଏହିପରି ଏକ ସରଳ ଯୁକ୍ତି ଦ୍ୱାରା ପ୍ରବୃତ୍ତ ହୋଇ ସେମାନେ ଆପଣାର ବିଶ୍ୱାସଗୁଡ଼ିକୁହିଁ ଏକମାତ୍ର ସତ୍ୟମତ ବୋଲି ଘୋଷଣା କରନ୍ତି ଏବଂ ଯାହାକୁ ଅନ୍ୟମାନେ ସତ୍ୟ ବୋଲି ବିଶ୍ୱାସ କରୁଥା'ନ୍ତି, ତାହାକୁ ସେମାନେ ଅତ୍ୟନ୍ତ ତୀବ୍ର ଭାବରେ ନିନ୍ଦା କରିବାରେ ଲାଗିଥା'ନ୍ତି । ତୁମର ଜ୍ଞାନଟାହିଁ ଏକମାତ୍ର ସତ୍ୟଜ୍ଞାନ, ତୁମରି ବିଶ୍ୱାସ ହେଉଛି ଏକମାତ୍ର ସତ୍ୟ ବିଶ୍ୱାସ ଏବଂ ଅନ୍ୟମାନଙ୍କର ବିଶ୍ୱାସମାନ ଆଦୌ ସତ୍ୟ ନୁହେଁ, ଯାବତୀୟ ସଂପ୍ରଦାୟ ତଥା ଧର୍ମ ଠିକ୍ ତାହାହିଁ ଭାବିଥା'ନ୍ତି ।

ତେଣୁ, ସଂପ୍ରଦାୟ ଓ ଧର୍ମମାନଙ୍କରେ ଯେପରି ହେଉଛି, ତୁମେ ଯଦି ଠିକ୍ ସେହିକଥା କରିବ, ତେବେ ସେମାନଙ୍କୁ ପରିହାସ କରିବା ଲାଗି ତୁମର ଆଦୌ କୌଣସି ଅଧିକାର ରହିବ ନାହିଁ । ଏପରି ବିଦ୍ରୂପ ଓ ପରିହାସ କରିବା ତୁମକୁ ଅତ୍ୟନ୍ତ ସ୍ୱାଭାବିକ ମନେ ହେଉଛି ବୋଲି ତୁମେ ସଂପୂର୍ଣ୍ଣ ଅସଜ୍ଞାନ ଭାବରେ ଠିକ୍ ସେହି କଥା କରିବାରେ ଲାଗିଛ । ଶ୍ରୀଅରବିନ୍ଦ ତୁମକୁ ଏହି କଥାଟି ବୁଝାଇ ଦେବାକୁ ଇଚ୍ଛା କରୁଛନ୍ତି ଯେ, ଯେତେବେଳେ ତୁମେ ''କେବଳ ଆମେହିଁ ସତ୍ୟର ଅଧିକାରୀ ହୋଇ ରହିଛୁ ଏବଂ ଏହି ସତ୍ୟଟି ବ୍ୟତୀତ ଆଉ ସବୁକିଛି ଅସତ୍ୟ'' ବୋଲି କହୁଛ,– ଅବଶ୍ୟ ଏକଥା ସତ ଯେ ତୁମେ ଏହି କଥାଟିକୁ ଏପରି ଅମାର୍ଜିତ ଭାବରେ କହିବାକୁ କଦାପି ସାହସ କରିବ

ନାହିଁ,— ସେତେବେଳେ ତୁମେ, ଅନ୍ୟ ସକଳ ଧର୍ମ ଓ ସଂପ୍ରଦାୟମାନେ ଯାହା କରୁଛନ୍ତି, ଠିକ୍ ତାହାହିଁ କରିବାରେ ଲାଗିଛ ।

ଯଦି ତୁମେ ଏହି କଥାଟିକୁ କିଞ୍ଚିତ୍ ନିଷ୍ପକ୍ଷ ଭାବରେ ବିଚାର କରିବାକୁ ଚେଷ୍ଟା କରିବ, ତେବେ ଅବଶ୍ୟ ଦେଖିବାକୁ ପାଇବ ଯେ, ପ୍ରାୟ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ତୁମେ ପ୍ରକୃତରେ କ'ଣ କରୁଛ, ସେହି କଥାକୁ ଆଦୌ ହୃଦୟଙ୍ଗମ ନ କରି, ତୁମେ ଯାହାକିଛି ଶିକ୍ଷା କରିଛ, ଯାହାକିଛି ଚିନ୍ତା କରିଛ ଓ ଯାହାକିଛି ବିଶେଷ ଭାବରେ ସତ୍ୟ ଏବଂ ପ୍ରଧାନତଃ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ତୁମ ମନରେ ଏକ ଧାରଣାର ସୃଷ୍ଟି କରିଛି, ତୁମେ ସେହିଗୁଡ଼ିକହିଁ ଜ୍ଞାନର ପ୍ରତିଷ୍ଠା ପ୍ରଦାନ କରି ରଖିଛ; ଏବଂ, ଯେଉଁମାନେ ''ନାଇଁ ନାଇଁ, ଏହି କଥାଟି ଏପରି, ଆଦୌ ସେପରି ନୁହେଁ'' ବୋଲି କହୁଛନ୍ତି ଓ ଏକ ଅନ୍ୟ ଧାରଣା ପୋଷଣ କରୁଛନ୍ତି, ତୁମେ ସେମାନଙ୍କର ମତକୁ ଖଣ୍ଡନ କରିବା ଲାଗି ବେଶ୍ ପ୍ରସ୍ତୁତ ହୋଇ ଯାଉଛ ।

ଯଦି ତୁମେ ଆପଣାର କ୍ରିୟାଟିକୁ ନିରୀକ୍ଷଣ କରି ଦେଖିବ, ତେବେ ତୁମେ ଏହି ଅସହିଷ୍ଣୁତା ଆପଣାକୁ କିପରି କାର୍ଯ୍ୟକାରୀ କରୁଛି, ସେକଥା ଅବଶ୍ୟ ବୁଝିବାକୁ ସମର୍ଥ ହେବ ଏବଂ ତେଣୁ ସଙ୍ଗେ ସଙ୍ଗେ ଏହିସବୁ ନିରର୍ଥକ ଆଲୋଚନାର ଏକ ସମାପ୍ତି ଘଟାଇ ପାରିବ । ମୁଁ ଆଗରୁ ଥରେ ତୁମମାନଙ୍କୁ ଯାହା କହିଥିଲି, ଏହି କଥାଟି ଆମକୁ ପୁନର୍ବାରେ ସେହିଠାରେ ଆଣି ପହଞ୍ଚାଇ ଦେଉଛି : ବସ୍ତୁଗୁଡ଼ିକର ସତ୍ୟ ସହିତ ତୁମର ଯେଉଁ ସଂସ୍ପର୍ଶଲାଭ, ବ୍ୟକ୍ତିଗତ ସଂସ୍ପର୍ଶଲାଭ ସମ୍ଭବ ହୋଇଛି, ଏହିପରି ଯେଉଁ ସଂସ୍ପର୍ଶଟି ଅଳ୍ପବହୁତ ପରିମାଣରେ ପରିଷ୍କାର, ଗଭୀର, ବିସ୍ତାରଯୁକ୍ତ ଓ ଶୁଦ୍ଧ ହୋଇ ରହିଛି, ତାହାହିଁ ହୁଏତ ଜଣେ ବ୍ୟକ୍ତି ହିସାବରେ **ତୁମକୁ** ଏକ ଆଗ୍ରହୋଦ୍ଦୀପକ ଓ ସମ୍ଭବତଃ ଏପରିକି ଏକ ମୀମାଂସକ ଅନୁଭୂତି ଆଣି ପ୍ରଦାନ କରି ପାରିଛି । ମାତ୍ର, ଏହି ସଂସ୍ପର୍ଶ ତୁମ ଲାଗି ହୁଏତ ଏକ ମୀମାଂସକ ମହତ୍ତ୍ୱ ରହିଥିବା ଅନୁଭୂତିକୁ ବହନ କରି ଆଣିଥିଲେ ମଧ୍ୟ, ତୁମର କଦାପି ଏପରି କଳ୍ପନା କରିବା ଉଚିତ ନୁହେଁ ଯେ ତାହା ହେଉଛି ଏକ ବିଶ୍ୱସତ୍ୟ-ସ୍ତରୀୟ ଅନୁଭୂତି ଏବଂ ସେହି ସଂସ୍ପର୍ଶ ଅନ୍ୟମାନଙ୍କ ଲାଗି ମଧ୍ୟ ଠିକ୍ ସେହି ଅନୁଭୂତିଟିକୁ ଅବଶ୍ୟ ବହନ କରି ଆଣିବ । ଏବଂ ଯଦି ତୁମେ ଏହି କଥାଟିକୁ ବୁଝିପାରିବ, ଯଦି ତୁମେ ଏହି ଅନୁଭୂତିଟିକୁ ସଂପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ଭାବରେ ଜଣେ ମନୁଷ୍ୟର ସ୍ୱୀୟ ଅନୁଭୂତି ବୋଲି ବୁଝିବ ଏବଂ ତାହାକୁ କଦାପି ଏକ ସାଧାରଣ ପରମ ବିଧାନ ବୋଲି ଗ୍ରହଣ କରିବ ନାହିଁ, ତେବେ ତୁମେ ଆଉ ମୋଟେ ଅନ୍ୟମାନଙ୍କର ଜ୍ଞାନକୁ ହୀନ ବୋଲି ଦେଖିବ ନାହିଁ, ଏବଂ ଅନ୍ୟମାନଙ୍କ ଉପରେ ଆପଣାର ନିଜ ଦୃଷ୍ଟିକୋଣ ଏବଂ ଅନୁଭୂତିକୁ ଲଦିଦେବା ଲାଗି ଆଦୌ କୌଣସି ପ୍ରବୃତ୍ତି ଦେଖାଇବ ନାହିଁ । ଏତିକି ବୋଧ

ରହିଥିଲେହିଁ ସକଳ ମାନସିକ କଳହର ନିରାକରଣ ହୋଇପାରିବ । ସେହି କଳହଗୁଡ଼ାକ ସର୍ବଦା କେବଳ ନିରର୍ଥକହିଁ ହୋଇ ରହିଥାଏ ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, ଆମେ ସୂତ୍ରଟିର ପ୍ରଥମ ଭାଗକୁ ଗୋଟିଏ ଉପଦେଶ ରୂପେ ଗ୍ରହଣ କରି ପାରିବା, ମାତ୍ର ଏହାକୁ ଲେଖିବା ସମୟରେ ଏହା କଦାପି ଶ୍ରୀଅରବିନ୍ଦଙ୍କର ଅଭିପ୍ରାୟ ନ ଥିଲା । ଆମେ ନିଜ ଭିତରେ ଯେଉଁ ଭୁଲ୍‌ଟିକୁ କରୁ ଓ ଅନ୍ୟମାନଙ୍କ ଭିତରେ ଯେପରି ସେଇଟିକୁହିଁ ବିଦ୍ରୂପ କରିବାରେ ଲାଗିଥାଉଁ, ଆମକୁ ସିଏ ତାହାରି ବିଷୟରେ ସଚେତନ କରିଦେବାକୁ ଇଚ୍ଛା କରିଛନ୍ତି । ଏପରି କରିବା ଆମର ଏକ ଅଭ୍ୟାସ ହୋଇ ଯାଇଛି,– କେବଳ ଏହି ଗୋଟିଏ କ୍ଷେତ୍ରରେ ଯେ ସେପରି ହୋଇଛି ତାହା ନୁହେଁ, ମାତ୍ର ଯାବତୀୟ କ୍ଷେତ୍ରରେ ମଧ୍ୟ ହୋଇଛି । ଏହି କଥାଟି ପ୍ରକୃତରେ ଭାରି ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ଆମ ଭିତରେ କୌଣସି ଏକ ଦୁର୍ବଳତା ରହିଥାଏ,– ଉଦାହରଣ ସ୍ୱରୂପ, କୌଣସି ଏକ ହାସ୍ୟାସ୍ପଦ ଅଭ୍ୟାସ, ଏକ ଅଭାବ ଅଥବା ଏକ ଅପୂର୍ଣ୍ଣତା– ସେଇଟି ଅଳ୍ପବହୁତ ପରିମାଣରେ ଆମର ସ୍ୱଭାବର ଏକ ଅଂଶରେ ପରିଣତ ହୋଇ ଯାଇଥିବାରୁ, ଆମେ ତାହାକୁ ଏକ ଅତ୍ୟନ୍ତ ସ୍ୱାଭାବିକ କଥା ବୋଲି ମନେ କରୁଥାଉ, ତାହା ଆମକୁ ଆଦୌ କୌଣସି ପ୍ରକାରେ ଆତଙ୍କିତ କରୁ ନ ଥାଏ । ମାତ୍ର, ଠିକ୍ ସେହି ଦୁର୍ବଳତା, ସେହି ଅଭାବ ଓ ସେହି ହାସ୍ୟାସ୍ପଦ ଅଭ୍ୟାସଟିକୁ ଆମେ ଯେମିତି ଅନ୍ୟ କାହାରିଠାରେ ଦେଖିବାକୁ ପାଉ, ସେତେବେଳେ ଆମେ ତାହାକୁ ଦେଖିବା ମାତ୍ରକେହିଁ ଆତଙ୍କିତ ହୋଇଉଠୁ ଏବଂ ''କ'ଣ ହେଲା ! ସିଏ ସତରେ ଏହିପରି ଗୋଟାଏ ବ୍ୟକ୍ତି ?'' ବୋଲି କହିବାକୁ ଆରମ୍ଭ କରୁ । ଆମେ ନିଜେ ଯେ ଠିକ୍ ''ସେହିପରି'' ହୋଇ ରହିଥାଉ, ସେକଥା ଆମର ମୋଟେ ଆଖିରେ ପଡ଼େ ନାହିଁ । ଏବଂ, ଏହିପରି ଭାବରେ, ଆଗରୁ ଆମ ଭିତରେ ଯେଉଁ ଦୁର୍ବଳତା ଏବଂ ଅପୂର୍ଣ୍ଣତା ରହିଥାଏ, ଆମେ ତାହା ସହିତ ସେଗୁଡ଼ିକ ପ୍ରତି ଆଦୌ ଆଖି ନ ପକାଇବାର ଅସମ୍ଭବତାଟିକୁ ଆଣି ଯୋଡ଼ି ଦେଇଥାଉ ।

ଏଥିରୁ ଆମେ ଗୋଟିଏ କଥା ଅବଶ୍ୟ ଶିକ୍ଷା କରିପାରିବା । ଆଉଜଣେ ବ୍ୟକ୍ତି ମଧ୍ୟରେ ଯେତେବେଳେ କୌଣସି କଥା ତୁମକୁ ସଂପୂର୍ଣ୍ଣ ଅଗ୍ରହଣୀୟ ଅଥବା ହାସ୍ୟାସ୍ପଦ ବୋଲି ବୋଧ ହେବାକୁ ଲାଗେ, ଯେତେବେଳେ ତୁମେ ''କ'ଣ ହେଲା ! ସିଏ ପ୍ରକୃତରେ ସେହିପରି ମଣିଷ, ସିଏ ପ୍ରକୃତରେ ସେହିପରି ବ୍ୟବହାର କରୁଛି, ସେହିପରି କଥା କହୁଛି ଓ ସେହିପରି କାର୍ଯ୍ୟଗୁଡ଼ାକୁ କରୁଛି ?'' ବୋଲି କହିବା ପରି ଅନୁଭବ କରୁଥାଅ, ସେତେବେଳେ ତୁମେ ନିଜକୁ ଯାଇ କହିବ, ''ହଁ ହେଲା, ମାତ୍ର ମୁଁ ବି ତ ହୁଏତ ଠିକ୍ ସେହି କଥାଗୁଡ଼ାକୁ କରୁଛି ଓ ତାହା ଆଦୌ ଜାଣି ପାରୁ ନାହିଁ । ତେଣୁ ତାକୁ ସମାଲୋଚନା

କରିବା ପୂର୍ବରୁ ମୋର ଆଗ ନିଜ ଭିତରକୁ ଅନାଇ ଦେଖିବା ଉଚିତ; କିଞ୍ଚିତ୍ ଭିନ୍ନ ପ୍ରକାରେ ମୁଁ ନିଜେ ମଧ୍ୟ ଠିକ୍ ସେହି କଥାଟିକୁ କରୁଛି କି ନାହିଁ, ମୋ'ର ଆଗ ସେହି ବିଷୟରେ ପରିଷ୍କାର ହୋଇଯିବା ଉଚିତ ।'' ଆଉଜଣେ ବ୍ୟକ୍ତିର ଆଚରଣରେ ଆତଙ୍କ ପ୍ରକାଶ କରୁଥିବା ସମୟରେ ପ୍ରତ୍ୟେକ ଥର ଯଦି ଏହିପରି କରିବାର ସମୁଚିତ ବୋଧ ଏବଂ ବୁଦ୍ଧି ତୁମ ପାଖରେ ରହିଥାଏ, ତେବେ ତୁମେ ନିଶ୍ଚୟ ଉପଲବ୍ଧି କରିବ ଯେ, ଜୀବନରେ ଅନ୍ୟମାନଙ୍କ ସହିତ ରହିଥିବା ତୁମର ସମ୍ବନ୍ଧ ପ୍ରକୃତରେ ଏକ ଦର୍ପଣ ପରି; ସେହି ଦର୍ପଣଟି ତୁମ ପାଖରେ ରହିଛି, ଯେପରିକି ତୁମେ ଅପେକ୍ଷାକୃତ ଅଧିକ ସହଜ ଏବଂ ପରିଷ୍କାର ଭାବରେ ନିଜ ଭିତରେ ବହନ କରୁଥିବା ଦୁର୍ବଳତାଗୁଡ଼ିକୁ ଦେଖି ପାରିବ ।

ସାଧାରଣ ଓ ପ୍ରାୟ ସାର୍ବଜନୀନ ଭାବରେ କହିବାକୁ ଗଲେ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁ କଥାଟି ରହିଥିବାର ଦେଖି ତୁମେ ଆତଙ୍କିତ ହୋଇଉଠ, ତୁମେ ନିଜ ଭିତରେ ମଧ୍ୟ ଅଳ୍ପବହୁତ ଏକ ଆବରଣ ମଧ୍ୟରେ ଓ ଅଳ୍ପ ବହୁତ ପ୍ରଚ୍ଛନ୍ନ ଭାବରେ ଠିକ୍ ସେହି କଥାଟିକୁ ବହନ କରି ରହିଥାଅ; ସମ୍ଭବତଃ କିଞ୍ଚିତ୍ ପରିମାଣରେ ଏକ ଭିନ୍ନ ଖୋଳର ତଳେ ତାହାକୁ ବହନ କରୁଥାଅ ଏବଂ ନିଜକୁ ଧୋକା ଦେଇ ରହିବାକୁ ତାହା ତୁମକୁ ବାଟ ଛାଡ଼ି ଦେଇଥାଏ । ଏବଂ, ତୁମ ନିଜ ଭିତରେ ଯାହା ଅତ୍ୟନ୍ତ ଅହାନିକର ଓ ଆପତ୍ତିହୀନ ବୋଲି ମନେ ହେଉଥାଏ, ତୁମେ ଅନ୍ୟମାନଙ୍କ ଭିତରେ ସେହି କଥାଟିକୁ ଦେଖିବାକୁ ପାଇବା ମାତ୍ରକେ ତାହା ତୁମ ଲାଗି ସଙ୍ଗେ ସଙ୍ଗେ ଭୀମାକାର ହୋଇ ଉଠିଥାଏ ।

ତୁମେ ଏହି କଥାଟିକୁ ଅନୁଭବ କରିବାକୁ ଚେଷ୍ଟା କରିବ; ନିଜକୁ ବଦଳାଇବାରେ ଏହା ତୁମକୁ ପ୍ରଭୂତ ସାହାଯ୍ୟ କରିବ । ଏବଂ, ଯୁଗପତ୍ ଭାବରେ ତାହା ତୁମ ଭିତରେ ଅନ୍ୟମାନଙ୍କ ସହିତ ରହିଥିବା ତୁମ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ଏକ ଉଷ୍ମ ସହନଶୀଳତାର ଭାବ ମଧ୍ୟ ଆଣିଦେବ; ସମ୍ୟକ୍ ବୁଝାମଣାରୁ ଯେଉଁ ସଦିଚ୍ଛା ଜାତ ହୋଇଥାଏ, ସେହି ସଦିଚ୍ଛା ଆଣିଦେବ । ଏବଂ ତଦ୍ଦ୍ୱାରା ଅନେକ ସମୟରେ ସଂପୂର୍ଣ୍ଣ ଭାବରେ ନିରର୍ଥକ ହୋଇ ରହିଥିବା ଏହି ଯାବତୀୟ ବିବାଦର ମଧ୍ୟ ଏକ ଅବସାନ ଘଟିବ ।

କୌଣସି କଳହ ନ କରି ଆମେ ଅବଶ୍ୟ ଆପଣାର ଜୀବନଟିକୁ ବଞ୍ଚିପାରିବା । ଏକଥା କହିବା ସମୟରେ କାହାକୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥିବ, କାରଣ, ବସ୍ତୁଗୁଡ଼ିକ ବର୍ତ୍ତମାନ ଯେଉଁଭଳି ସ୍ଥିତିରେ ରହିଛନ୍ତି, ସେଥିରେ ତାହାର ଠିକ୍ ବିପରୀତ କଥାଟିହିଁ ପ୍ରକୃତ ବୋଲି ମନେହେବ ଯେ, ଜୀବନଟା ପ୍ରକୃତରେ କଳହ କରିବା ଲାଗି ତିଆରି ହୋଇଛି; ମନେ ହେବ ଯେ, ଯେଉଁମାନେ ପରସ୍ପର ସହିତ ଏକତ୍ର ବାସ କରୁଛନ୍ତି, କଳି କରିବାହିଁ ହେଉଛି ସେମାନଙ୍କର ପ୍ରଧାନତମ ଧନ୍ଦା, —ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଉଭୟ ରୀତିରେ କଳହ କରିବା ହେଉଛି ସେମାନଙ୍କର ସର୍ବପ୍ରଧାନ କାର୍ଯ୍ୟ । ସବୁବେଳେ ଯେ

ମୁହଁ ଖୋଲି କିଛି କହିବାକୁ ପଡ଼େ ଅଥବା ପରସ୍ପର ସହିତ ମାଡ଼ ମରାମରି ହେବାକୁ ପଡ଼େ, ସେକଥା ଆଦୌ ନୁହେଁ । ଆମର ପରମ ସୌଭାଗ୍ୟ ଯେ ସେପରି ପ୍ରକୃତରେ ହୁଏ ନାହିଁ; ମାତ୍ର ଆପଣା ଭିତରେ ତୁମେ ଏକ ସତତ ଉତ୍ତେଜନାର ଅବସ୍ଥାରେ ରହିଥାଅ, କାରଣ, ତୁମେ ନିଜ ଜୀବନରେ ଯେଉଁ ପରିପୂର୍ଣ୍ଣ ପୂର୍ଣ୍ଣାଙ୍ଗତା ଉପଲବ୍ଧି କରିବାକୁ ଇଚ୍ଛା କରୁଛ, ତାହାକୁ ତୁମେ ନିଜ ଚତୁର୍ଦ୍ଦିଗରେ ଆଦୌ ଦେଖିବାକୁ ପାଉ ନାହଁ । ତୁମେ ନିଜେ ମଧ୍ୟ ତାହାର ଉପଲବ୍ଧି କରିବାକୁ ଅତ୍ୟନ୍ତ କଷ୍ଟକର ବୋଲି ଦେଖିବାକୁ ପାଉଛ,– ମାତ୍ର ଏହାକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରତ୍ୟାଶା କରୁଛ ଯେ ଅନ୍ୟମାନଙ୍କର ଅବଶ୍ୟ ସେହି ଉପଲବ୍ଧିଟି ହୋଇଥିବା ଉଚିତ ।

''ସେମାନେ କିପରି ସେହିଭଳି ହେବେ ?...'' ''ସେପରି ନ ହେବା'' ତୁମ ନିଜ ପାଇଁ ଯେ ପ୍ରକୃତରେ କେଡ଼େ କଷ୍ଟକର, ସେକଥା ତୁମେ ଏକାବେଳେକେ ଭୁଲି ଯାଉଛ !

ଚେଷ୍ଟା କର, ତୁମେ ମଧ୍ୟ ବୁଝି ପାରିବ ।

ଏକ ଉଦାର ଈଷତ୍‌ହାସ୍ୟ ଦ୍ୱାରାହିଁ ସବୁକିଛି ଉପରେ ଦୃଷ୍ଟିପାତ କରିପାରିବା ଉଚିତ । ଯେଉଁସବୁ ବସ୍ତୁ ତୁମକୁ ଉତ୍ତେଜିତ କରି ପକାଉଛି, ତୁମେ ତାହାକୁ ନିଜ ଲାଗି ଏକ ଶିକ୍ଷାରୂପେ ଗ୍ରହଣ କର । ତଦ୍ଦ୍ୱାରା ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ହେବ, ଅଧିକ ଫଳସମର୍ଥ ମଧ୍ୟ ହୋଇପାରିବ । କାରଣ ବର୍ତ୍ତମାନ ଏପରି ହେବାରେ ଲାଗିଛି ଯେ, ଯେଉଁ ପରିପୂର୍ଣ୍ଣତାକୁ ତୁମେ ନିଜ ଭିତରେ ହାସଲ କରିବାକୁ ଇଚ୍ଛା କରୁଛ, ତାହାକୁ ଅନ୍ୟମାନଙ୍କ ମଧ୍ୟରେ ଦେଖିବାକୁ ନ ପାଇ ଉତ୍ତେଜିତ ହେବା ଦ୍ୱାରାହିଁ ତୁମ ଶକ୍ତିର ଏକ ବୃହତ୍ ଅଂଶ ନିଶ୍ଚିତ ଭାବରେ କେବଳ ନଷ୍ଟହିଁ ହୋଇଯାଉଛି ।

ଅନ୍ୟମାନଙ୍କର ଯେଉଁ ପରିପୂର୍ଣ୍ଣତା ଅର୍ଜନ କରିବା ଉଚିତ, ତୁମେ ଏହିପରି ଭାବରେ ତାହାରି ପାଖରେ ଆସି ଅଟକି ଯାଉଛ ଏବଂ, ତୁମେ ନିଜେ ଯେଉଁ ଲକ୍ଷ୍ୟଟିର ଅନୁଧାବନ କରୁଥାନ୍ତ, ସେଇଟି ବିଷୟରେ କ୍ୱଚିତ୍ ସଚେତନ ହୋଇପାରୁଛ । ଯଦି ତୁମେ ପ୍ରକୃତରେ ତାହା ବିଷୟରେ ସଚେତନ, ତେବେ **ତୁମ ଉପରେ** ଯେଉଁ କାର୍ଯ୍ୟଟିକୁ ନ୍ୟସ୍ତ କରାଯାଇଛି, ତୁମେ ତାହାରିଠାରୁହିଁ ନିଜର କାର୍ଯ୍ୟ ଆରମ୍ଭ କର । ଅର୍ଥାତ୍, ଯାହା ତୁମକୁ କରିବାକୁ ହେବ, ତୁମେ ସେଇଟିକୁହିଁ ସାଧନ କର ଏବଂ, ଅନ୍ୟମାନେ କ'ଣ କରୁଛନ୍ତି, ସେକଥା ନେଇ ଆଦୌ କୌଣସି ଚିନ୍ତା କର ନାହିଁ । କାରଣ, ଅସଲ କଥା ହେଉଛି, ଏହା ମୋଟେ ତୁମର କାମ ନୁହେଁ । ଏବଂ, କେବଳ ଏତିକି କହିପାରିବାକୁହିଁ ଯଥାର୍ଥ ଦୃଷ୍ଟିକୋଣ ବୋଲି କୁହାଯିବ : ''ଯେଉଁମାନେ ମୋ' ଚତୁର୍ଦ୍ଦିଗରେ ରହିଛନ୍ତି, ମୋ' ଜୀବନର ଯାବତୀୟ ପରିସ୍ଥିତି, ମୋ ପାଖରେ ରହିଥିବା ସବୁ ମଣିଷ, – ଦିବ୍ୟ ପରମସତ୍ତା

ସେଗୁଡ଼ିକୁ ଏକ ଦର୍ପଣ ପରି ମୋ ସମ୍ମୁଖରେ ଧରି ରଖିଛନ୍ତି; — ମୋତେ ଯେଉଁ ଅଗ୍ରଗତିଟିକୁ ଅବଶ୍ୟ କରିବାକୁ ପଡ଼ିବ, ମୋତେ ତାହା ଦର୍ଶାଇ ଦେବାକୁ ସେ ସେହି ଦର୍ପଣଟିକୁ ଧରି ରଖିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଯାହାକିଛି ମୋତେ ଆତଙ୍କିତ କରିଦେଉଛି, ତାହା ମୁଁ ମୋ ନିଜ ଭିତରେ କରିବାକୁ ରହିଥିବା କାର୍ଯ୍ୟଟି ବିଷୟରେ ଏକ ବ୍ୟଞ୍ଜନା ଆଣି ଯୋଗାଇ ଦେଉଛି ।

ଏବଂ ସମ୍ଭବତଃ ଏକଥା ମଧ୍ୟ ସତ ଯେ, ଯଦି ଜଣେ ବ୍ୟକ୍ତି ଆପଣା ଭିତରେହିଁ ଯଥାର୍ଥ ପରିପୂର୍ଣ୍ଣତାକୁ ବହନ କରୁଥିବ, ତେବେ ସିଏ ଅଧିକତର ଅନେକ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବି ସେହି ପରିପୂର୍ଣ୍ଣତାକୁ ଆବିଷ୍କାର କରିପାରିବ ।

୭ ନଭେମ୍ବର, ୧୯୫୮

## ୯. ଆତ୍ମା ଯେତିକି ଦେଖିଛି ଓ ଯେତିକି ଅନୁଭବ କରିଛି, ସିଏ କେବଳ ସେତିକି ଜାଣିଛି । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ତାହା ହେଉଛି ପ୍ରତିଭାସ, ପୂର୍ବଗ୍ରହ ଏବଂ ମନ୍ତବ୍ୟ ।

ଏପରି କହିବାର ମର୍ମ ହେଉଛି ଯେ, ଯେଉଁ ଜ୍ଞାନ ଆତ୍ମାର ଦୃଷ୍ଟିଲାଭ ବା ଅନୁଭବର ପରିଣାମ ସ୍ୱରୂପ ଲବ୍ଧ ହୋଇ ନାହିଁ, ତାହାର କୌଣସି ଯଥାର୍ଥ ମୂଲ୍ୟ ନାହିଁ ।

ମାତ୍ର ସଙ୍ଗେ ସଙ୍ଗେ ଏପରି ଗୋଟିଏ ପ୍ରଶ୍ନ ମଧ୍ୟ ଉଠିବ— ବସ୍ତୁତଃ, ମୋତେ ଏହି ପ୍ରଶ୍ନଟି ପଚରା ହୋଇଥିଲା— ''ଆତ୍ମା ପ୍ରକୃତରେ କ'ଣ ଦେଖୁଛି, ଆମେ ସେକଥା ଜାଣିପାରିବା କିପରି ?''

ସ୍ପଷ୍ଟତଃ ଏହାର କେବଳ ଗୋଟିଏ ସମାଧାନ ରହିଛି : ଆମେ ଆମ ଆତ୍ମା ବିଷୟରେ ସଚେତନ ହୋଇ ରହିଥିବା । ଏବଂ, ଏହାହିଁ ସୂତ୍ରଟିକୁ ସଂପୂର୍ଣ୍ଣ କରିଦେଉଛି : ଆମେ ନିଜର ଆତ୍ମା ବିଷୟରେ ସଚେତନ ନ ହୋଇଥିବା ପର୍ଯ୍ୟନ୍ତ ଆମର ଯଥାର୍ଥ ଜ୍ଞାନ ଲାଭ କରିବା ଆଦୌ ସମ୍ଭବ ହେବ ନାହିଁ । ତେଣୁ ଭିତରେ ରହିଥିବା ଆତ୍ମାକୁ ଦେଖି ପାରିବାହିଁ ଆମର ସର୍ବପ୍ରଥମ ପ୍ରୟାସ ହୋଇ ରହିବ; ତାହା ସହିତ ଏକତ୍ୱ ଲାଭ କରିବା ଓ ତାହାକୁ ଆମ ଜୀବନର ପରିଚାଳନା କରିବା ଲାଗି ବାଟ ଛାଡ଼ିଦେବାହିଁ ସର୍ବପ୍ରଥମ ଉଦ୍ୟମ ହୋଇ ରହିବ ।

କେତେକ ଲୋକ ପଚାରନ୍ତି, ''ଏହା ଆମର ଆତ୍ମା ବୋଲି ଆମେ ଜାଣିବା କିପରି ?'' ମୁଁ ଏକାଧିକବାର ଏହି ପ୍ରଶ୍ନଟିର ଉତ୍ତର ଦେଇଛି । ଯେଉଁମାନେ ଏହି ପ୍ରଶ୍ନଟିକୁ ପଚାରନ୍ତି, ଏପରି ପଚାରିବା ଦ୍ୱାରାହିଁ ସେମାନେ ପ୍ରମାଣ କରି ଦିଅନ୍ତି ଯେ, ସେମାନେ

ନିଜର ଆତ୍ମା ବିଷୟରେ ପ୍ରକୃତରେ ସଚେତନତା ଲାଭ କରି ନାହାନ୍ତି; କାରଣ, ନିଜ ଆତ୍ମା ବିଷୟରେ ସଚେତନ ହୋଇ ତାହା ସହିତ ଏକତ୍ୱ ଲାଭ କରିବା ସଙ୍ଗେ ସଙ୍ଗେହିଁ ସେମାନେ ତାହା ବିଷୟରେ ଏକ ସୁନିଶ୍ଚିତ ଜ୍ଞାନ ଲାଭ କରିଥା'ନ୍ତି ଏବଂ, ଆତ୍ମାକୁ କିପରି ଜାଣିବାକୁ ହୁଏ, ସେହି ପ୍ରଶ୍ନଟିକୁ ଆଦୌ ପଚାରନ୍ତି ନାହିଁ । ଏବଂ, ନକଲ କରି ବା କେବଳ କଳ୍ପନା କରିହିଁ ଆମେ କଦାପି ସେହି ଅନୁଭବର ପରିଚୟ ପାଇ ପାରିବା ନାହିଁ; ଆତ୍ମା ସହିତ ତୁମର ସଂପର୍କସ୍ଥାପନ ହୋଇଯାଇଛି ବୋଲି ତୁମେ ଛଳନା ମଧ୍ୟ କରି ପାରିବ ନାହିଁ,— ଏହା ଏପରି ଏକ ଘଟଣା, ଯାହାକୁ ତୁମେ ମନରୁ ଫାନ୍ଦି କହି ପାରିବ ନାହିଁ ଅଥବା ନକଲ କରି ଦେଖାଇ ବି ପାରିବ ନାହିଁ । ଯେତେବେଳେ ଆତ୍ମାହିଁ ତୁମ ଜୀବନର ପରିଚାଳନା କରିବାକୁ ଆରମ୍ଭ କରିବ, ସେତେବେଳେ ତୁମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସେକଥା ଜାଣିବାକୁ ପାଇବ ଏବଂ ତା'ପରେ ଆଉ ଆଦୌ କୌଣସି ପ୍ରଶ୍ନ ପଚାରିବ ନାହିଁ ।

ମାତ୍ର, ଆମେ ଯେଉଁ ସୂତ୍ରଟିକୁ ବର୍ତ୍ତମାନ ପାଠ କଲେ, ତାହାର ପ୍ରକୃତ ଉପକାରଟି ହେଉଛି ଯେ, ତୁମେ ଯାହାକିଛି ଜାଣିଛ ବୋଲି ଭାବୁଛ, ଯାହାକିଛି ଶିକ୍ଷା କରିଛ, ବ୍ୟକ୍ତିଗତ ପର୍ଯ୍ୟବେକ୍ଷଣ, ନିଗମନ ଏବଂ ତୁଳନା ସାହାଯ୍ୟରେ ଯାହାକିଛି ତୁମ ଜୀବନରେ ତୁମ ପାଖକୁ ଆସିଛି, ତୁମେ ସେହି ଯାବତୀୟ କ୍ଷେତ୍ରରେ ସର୍ବଦା ଏହି କଥା ଅବଶ୍ୟ ବୁଝିବ ଯେ, ସେହି ସବୁକିଛି ହେଉଛି କେବଳ ଅତ୍ୟନ୍ତ ପରିମାଣରେ ଗୋଟିଏ ଗୋଟିଏ ଆପେକ୍ଷିକ ଜ୍ଞାନ ଏବଂ ତାହାକୁ ଆଧାର କରି ତୁମେ କଦାପି ଜୀବନର ଏକ ସ୍ଥାୟୀ ଏବଂ ଯଥାର୍ଥରେ ଫଳପ୍ରଦ ମାର୍ଗ ଓ ଧାରାର ପ୍ରତିଷ୍ଠା କରି ପାରିବ ନାହିଁ ।

ଆମେ ପୁନରାବୃତ୍ତି କରି ଏ କଥାଟିକୁ କେତେଥର ନ କହିଛୁ : ଯାହାକିଛି ମନରୁ ଉଦୟ ହୋଇ ଆସୁଛି, ତାହା ହେଉଛି ଆପେକ୍ଷିକ । ଆମର ମନ ଆପଣାକୁ ଯେତିକି ଅଧିକ ପରିମାଣରେ ପ୍ରଶିକ୍ଷିତ କରିଥାଏ ଏବଂ ଆପଣାକୁ ବିଭିନ୍ନ ଶୃଙ୍ଖଳା ମଧ୍ୟରେ ନେଇ ପ୍ରୟୋଗ କରିଥାଏ, ସେତିକି ଅଧିକ ପରିମାଣରେ ତାହା ଏହି କଥାଟିକୁ ପ୍ରମାଣ କରି ଦେଇପାରେ ଯେ, ସିଏ ଯାହାକିଛି ଉପସ୍ଥାପିତ କରୁଛି ବା କହୁଛି, ତାହା ପ୍ରକୃତରେ ସତ । ଯୁକ୍ତି କରି ଆମେ ଯେକୌଣସି ବିଷୟର ସତ୍ୟତାକୁ ପ୍ରମାଣ କରିଦେଇ ପାରିବା, ମାତ୍ର ତା'ବୋଲି ତାହା ଯେ ପ୍ରକୃତରେ ସତ ହୋଇଯିବ, ସେକଥା ଆଦୌ ନୁହେଁ । ତାହା ତଥାପି ଏକ ମତ ହୋଇ ରହିଥିବ, ଏକ ପୂର୍ବ କଳ୍ପିତ ଧାରଣା ହୋଇ ରହିଥିବ, ଏପରି ଏକ ଜ୍ଞାନ ହୋଇ ରହିଥିବ, ଯାହାକି ସ୍ୱକ୍ଷେତ୍ରରେ ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥିବା କେତେକ ପ୍ରତିଭାସ ଉପରେହିଁ ପର୍ଯ୍ୟବସିତ ହୋଇ ରହିଥିବ ।

ତେଣୁ, ଏହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ରାସ୍ତା ରହିଥିବା ପରି ମନେ

ହେଉଛି । ତାହା ହେଉଛି ଯେ, ଆମେ ଆମ ଆତ୍ମାର ସନ୍ଧାନ କରିବା ଓ ତାହାକୁ ଆବିଷ୍କାର କରିବା । ଆତ୍ମା ତା' ଆପଣା ସ୍ଥାନରେ ସର୍ବଦା ରହିଥାଏ, କଦାପି ଲୁଚି ରହିବାକୁ ମନ କରେ ନାହିଁ, ବସ୍ତୁଗୁଡ଼ିକୁ କେବଳ ଅଧିକ କଷ୍ଟସାଧ୍ୟ କରି ପକାଇବା ସକାଶେ ତାହା ତୁମ ସହିତ କୌଣସି ଖେଳ ଖେଳେ ନାହିଁ । ବରଂ, ଅନ୍ୟ ପକ୍ଷରେ, ତୁମକୁ ତାକୁ ଆବିଷ୍କାର କରିବାରେ ସାହାଯ୍ୟ କରିବାକୁ ସିଏ କେତେକେତେ ଚେଷ୍ଟା କରୁଥାଏ, ଆପଣାକୁ ଶ୍ରୁତିଗୋଚର କରାଇବା ଲାଗି ଉଦ୍ୟମ କରୁଥାଏ । ମାତ୍ର, କେବଳ ଏତିକି କଥା ଯେ, ତୁମର ଆତ୍ମା ଓ ତୁମ ଭିତରେ ସକ୍ରିୟ ହୋଇ ରହିଥିବା ଚେତନା ମଧ୍ୟରେ ଦୁଇଟି ଏପରି ଚରିତ୍ର ରହିଥା'ନ୍ତି, ଯେଉଁମାନେ କି ଗୁଡ଼ାଏ କୋଳାହଳ କରିବାରେ ଭାରି ଅଭ୍ୟସ୍ତ ହୋଇ ରହିଥା'ନ୍ତି; ସେମାନେ ହେଉଛନ୍ତି ମନ ଓ ପ୍ରାଣିକ ସତ୍ତା । ଏବଂ, ସେମାନେ ଏତେ କୋଳାହଳ କରୁଥିବାରୁ, ଏବଂ ଆତ୍ମା ଆଦୌ କୌଣସି କୋଳାହଳ କରୁ ନ ଥିବାରୁ ବା, ବରଂ ଏପରି କୁହାଯିବ ଯେ ଯଥାସମ୍ଭବ ଅଧିକ କମ୍ କୋଳାହଳ କରୁଥିବାରୁ, ସେମାନଙ୍କର କୋଳାହଳ ତୁମକୁ ଆତ୍ମାର ବାଣୀକୁ ଆଦୌ ଶୁଣିବାକୁ ଦିଏ ନାହିଁ ।

ତୁମର ଆତ୍ମା ଯାହା ଜାଣିଛି, ଯେତେବେଳେ ତୁମେ ତାହାହିଁ ଜାଣିବାକୁ ଇଚ୍ଛା କରିବ, ସେତେବେଳେ ତୁମକୁ ଏକ ଅନ୍ତର୍ଗତ ପ୍ରୟାସ କରିବାକୁ ପଡ଼ିବ, ଅତ୍ୟନ୍ତ ଅଭିନିବେଶିତ ହୋଇ ରହିବାକୁ ହେବ; ଏବଂ ବସ୍ତୁତଃ, ଅଭିନିବେଶିତ ହୋଇ ରହିପାରିଲେ, ମନ ଏବଂ ପ୍ରାଣିକର ଯାବତୀୟ ବାହ୍ୟ କୋଳାହଳ ପଛରେ ତୁମେ ଅତ୍ୟନ୍ତ ସୂକ୍ଷ୍ମ, ଅତ୍ୟନ୍ତ ସ୍ଥିର ଓ ଅତ୍ୟନ୍ତ ଶାନ୍ତ ଏପରି ଏକ ବସ୍ତୁର ପରିଚୟ ଲାଭ କରିପାରିବ, ଯାହାକି ଯଥାର୍ଥରେ ଜାଣିଥିବ ଓ ଜାଣିଛି ବୋଲି କହି ପାରୁଥିବ । ମାତ୍ର, ଅନ୍ୟଗୁଡ଼ିକର ଦୁରାଗ୍ରହ ଏତେ ଅଧିକ ପରିମାଣରେ ଉଦ୍ଧତ ହୋଇ ରହିଥାଏ ଓ **ସେଇଟି** ଏତେ ସ୍ଥିର ହୋଇଥାଏ ଯେ, ଯେଉଁଟି ସବୁଠାରୁ ଅଧିକ ପାଟିତୁଣ୍ଡ କରୁଛି, ତୁମେ ବିପଥଗାମୀ ହୋଇ ନିଜକୁ ତାହାରି କଥା ଶୁଣିବାକୁହିଁ ପରିଚାଳିତ କରିନିଅ; ଅଧିକାଂଶ ସମୟରେ ତୁମେ କେବଳ ପରେ ଯାଇ ସଜ୍ଞାନ ହୋଇଥାଅ ଯେ ସେହି ଅନ୍ୟଟି ପ୍ରକୃତରେ ଠିକ୍ କଥାହିଁ କହୁଥିଲା । ସେଇଟି କଦାପି ଆପଣାକୁ ଲଦି ଦେବାକୁ ଆସେ ନାହିଁ, ତୁମକୁ ତା'କଥା ଶୁଣିବାକୁ ବାଧ୍ୟ ବି କରେ ନାହିଁ, କାରଣ ତା'ଭିତରେ ଆଦୌ କୌଣସି ଉଗ୍ରତା ନ ଥାଏ ।

ଯେତେବେଳେ ତୁମେ କୁଣ୍ଠା ପ୍ରକାଶ କରୁଥାଅ, ଏଭଳି ଅଥବା ସେଭଳି ଏକ ପରସ୍ଥିତିରେ ତୁମକୁ କ'ଣ କରିବାକୁ ହେବ ବୋଲି ଯେତେବେଳେ ଠିକ୍ କରି ପାରୁ ନ ଥାଅ, ସେତିକିବେଳେହିଁ ତୁମର ମନ ଓ ପ୍ରାଣିକ ଉଭୟ ସ୍ତରର ବାସନା ଓ ଅଗ୍ରରୁଚିଗୁଡ଼ାକ ଆସି ତୁମପାଖରେ ପହଞ୍ଚି ଯାଆନ୍ତି, ଚାପ ଦିଅନ୍ତି, ଜିଦ୍ କରନ୍ତି, ଆପଣାକୁ ପ୍ରତିଷ୍ଠିତ କରିବାରେ ଓ ଲଦି ଦେବାରେ ଲାଗିଥା'ନ୍ତି । ଏବଂ, ଏହି ପୃଥିବୀରେ ରହିଥିବା ସର୍ବୋତ୍ତମ

ଯୁକ୍ତି ସହିତ ସେମାନେ ଆପଣା ସପକ୍ଷରେ ସମ୍ପୂର୍ଣ୍ଣ ପ୍ରତିବେଦନଟିଏ ଆଣି ଠିଆ କରାଇ ଦିଅନ୍ତି । ଏବଂ ଯଦି ତୁମେ ଯଥେଷ୍ଟ ସତର୍କ ନ ଥାଅ, ଯଦି ତୁମ ଭିତରେ କୌଣସି ଦୃଢ଼ ଶୃଙ୍ଖଳା ନ ଥାଏ, ଯଦି ଆପଣାକୁ ନିୟନ୍ତ୍ରିତ କରି ରଖିବାର କୌଣସି ଅଭ୍ୟାସ ନ ଥାଏ, ସେମାନେ ପରିଶେଷରେ ସେହିମାନଙ୍କ କଥା ଠିକ୍ ବୋଲି ତୁମର ପୂର୍ଣ୍ଣ ହୃଦ୍‌ବୋଧ କରାଇ ନିଅନ୍ତି । ଏବଂ, ମୁଁ ଯେପରି ଅଳ୍ପ ସମୟ ପୂର୍ବେ କହୁଥିଲି, ସେମାନେ ଏତେବେଶୀ କୋଳାହଳ କରିବାକୁ ଆରମ୍ଭ କରନ୍ତି ଯେ, ତୁମେ ''ଏ କାମ ତୁମେ କର ନାହିଁ ।'' ବୋଲି କହୁଥିବା ତୁମ ଆତ୍ମାର ସେହି କ୍ଷୀଣ କଣ୍ଠଟିକୁ, ତା'ର ସେହି କ୍ଷୁଦ୍ର ଓ ଅତ୍ୟନ୍ତ ସ୍ଥିର ସଙ୍କେତଟିକୁ ଆଦୌ ଶୁଣିପାର ନାହିଁ ।

''ଏ କାମ ତୁମେ କର ନାହିଁ''ର ଏହି ସଙ୍କେତ ଅନେକ ସମୟରେ ଆସେ, ମାତ୍ର ତୁମେ ତାହାକୁ ଏକ ଆଦୌ ଶକ୍ତି ନ ଥିବା ବସ୍ତୁ ପରି ପ୍ରତ୍ୟାଖ୍ୟାନହିଁ କରୁଥାଅ ଏବଂ ଆପଣାର ଆବେଗ-ପରିଚାଳିତ ନିୟତିଟିରହିଁ ଅନୁସରଣ କରିବାରେ ଲାଗିଥାଅ । ମାତ୍ର, ସତ୍ୟକୁ ଆବିଷ୍କାର କରି ତାହାରି ଅନୁସାରେ ବଞ୍ଚିବାର ତୁମ ଇଚ୍ଛାରେ ଯଦି ତୁମେ ପ୍ରକୃତ ଆନ୍ତରିକତା ରଖିଥାଅ, ତେବେ ତୁମେ ଅଧିକରୁ ଅଧିକ ଭଲ ଭାବରେ ଶୁଣି ଶିଖ, ଅଧିକରୁ ଅଧିକ ତାରତମ୍ୟ ନିର୍ଣ୍ଣୟ କରିବାକୁ ମଧ୍ୟ ଶିଖ, ଏବଂ, ଏହାଦ୍ୱାରା ତୁମକୁ ଏକ ପ୍ରୟାସ କରିବାକୁ ପଡୁଥିଲେ ଓ ଯନ୍ତ୍ରଣା ସହ୍ୟ କରିବାକୁ ପଡୁଥିଲେ ମଧ୍ୟ ତୁମେ କଥା ମାନିବାକୁ ବି ଶିଖିଯାଅ । ଏବଂ, କେବଳ ଗୋଟିଏ ଥର ସକାଶେ କଥା ମାନୁଥିଲେ ମଧ୍ୟ, ତଦ୍ୱାରା ଏକ ଶକ୍ତିଶାଳୀ ସହାୟତା ଉପଲବ୍ଧ ହୋଇଯାଏ, ଏବଂ, ଆତ୍ମା ପ୍ରକୃତରେ କ'ଣ ଓ ପ୍ରକୃତରେ କ'ଣ ନୁହେଁ, ଦୁଇଟି ମଧ୍ୟରେ ବିବେକର ସହିତ ବିଚାର କରିପାରିବା ଦିଗରେ ତୁମେ ପ୍ରଭୂତ ଅଗ୍ରଗତି ସମ୍ଭବ କରିଥାଅ । ଏହି ବିବେକ ଏବଂ ଆବଶ୍ୟକ ଆନ୍ତରିକତା ସହିତ ତୁମେ ସୁନିଶ୍ଚିତ ଭାବରେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିପାର ।

ମାତ୍ର ଏହି କ୍ଷେତ୍ରରେ ଆଦୌ ତରତର ହେବା ଉଚିତ ନୁହେଁ, ମୋଟେ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ । ତୁମକୁ ଅନେକ ଅଧ୍ୟବସାୟ ଅବଲମ୍ବନ କରିବାକୁ ପଡ଼ିବ । ଥରେ ଠିକ୍ କଥାଟିକୁ କଲେ ତୁମେ ହୁଏତ ଭୁଲ୍ କଥାଟିକୁ ଦଶଥର ଲାଗି କରୁଥିବ । ମାତ୍ର, ଭୁଲ୍ କଥାଟିକୁ କରୁଥିବା ବେଳେ ତୁମେ କଦାପି ନିରାଶ ହୋଇ ସବୁକିଛି ଛାଡ଼ି ଦେବ ନାହିଁ; ମାତ୍ର ଆପଣାକୁ କହିବାରେ ଲାଗିଥିବ ଯେ ପରମକରୁଣା ତୁମକୁ କଦାପି ଛାଡ଼ି ଚାଲି ଯିବ ନାହିଁ ଏବଂ ପରବର୍ତ୍ତୀ ଥର ବର୍ତ୍ତମାନ ଅପେକ୍ଷା ନିଶ୍ଚୟ ଅଧିକ ଭଲ ହେବ ।

ତେଣୁ, ମୁଁ ଉପସଂହାର କରି କହିବି ଯେ, ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ସେହିପରି ଜାଣିବାକୁ ହେଲେ ତୁମକୁ ସର୍ବପଥରେ ନିଜର ଆତ୍ମା ସହିତ ଯୁକ୍ତ

ହୋଇ ରହିବାକୁ ହେବ ଏବଂ, ନିଜର ଆତ୍ମା ସହିତ ଯୁକ୍ତ ହୋଇ ରହିବାକୁ ହେଲେ ତୁମକୁ ଏକ ଅବିଚଳ ଆଗ୍ରହ ଏବଂ ଅଧ୍ୟବସାୟ ସହିତ ସେଥିଲାଗି ଇଚ୍ଛା କରିବାକୁ ପଡ଼ିବ ।

ଲକ୍ଷ୍ୟ ଉପରେ ତୁମେ ନିଜକୁ ଯେତିକି ଅଧିକ ପରିମାଣରେ ଅଭିନିବେଶିତ କରି ରଖିପାରିବ, ତୁମର ମାର୍ଗ ସେତିକି ଅଧିକ ଅଳ୍ପ ହୋଇ ଯାଉଥିବ ।

୧୪ ନଭେମ୍ବର, ୧୯୫୮

**୧୦. ମୋର ଆତ୍ମା ଜାଣିଛି ଯେ ସିଏ ଅମର । ମାତ୍ର ତୁମେ ଗୋଟାଏ ମୃତ ଦେହକୁ ଖଣ୍ଡଖଣ୍ଡ କରି କାଟି ଦେଉଛ ଏବଂ ସତେଅବା ଜଣେ ବିଜୟୀ ପରି ଚିତ୍କାର କରି କହୁଛ, ''ତୁମର ଆତ୍ମା ଏହା ଭିତରେ କେଉଁଠି ଓ ତୁମର ଅମରତ୍ୱ ବି କେଉଁଠି ?''**

କେବଳ ସଦୃଶହିଁ ସଦୃଶକୁ ଜାଣିପାରେ ବୋଲି ଆଗରୁ ପୁନରାବୃତ୍ତି କରି କେତେଥର କୁହାଯାଇଛି; ମାତ୍ର, କେବଳ କେତୋଟି ନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତକୁ ଛାଡ଼ିଦେଲେ ଖୁବ୍ କ୍ୱଚିତ୍ ଲୋକମାନେ ତାହାର ପ୍ରକୃତ ମର୍ମକୁ ବୁଝି ପାରିଛନ୍ତି । ଏହି କଥାଟିକୁ ଯଦି ସେମାନେ ବୁଝିପାରନ୍ତେ, ତେବେ ଏହି ପୃଥିବୀର ଅଜ୍ଞାନ ଅନେକ ପରିମାଣରେ ଅନ୍ତର୍ହିତ ହୋଇଯାଇ ପାରନ୍ତା ।

କେବଳ ଆତ୍ମାହିଁ ଆତ୍ମାକୁ ଜାଣିପାରିବ, ଏବଂ ତେଣୁ, ସତ୍ତାର ପ୍ରତ୍ୟେକ ସ୍ତରରେ, କେବଳ ତାହାର ଅନୁରୂପ ସମସ୍ତରଟିହିଁ କୌଣସି ଏକ ସ୍ତରକୁ ଜାଣିବା ପାଇଁ ସମର୍ଥ ହୁଏ । କେବଳ ପରମ ଦିବ୍ୟତାହିଁ ପରମ ଦିବ୍ୟତାକୁ ଜାଣିପାରେ; ଏବଂ ଆମେ ପ୍ରତ୍ୟେକେ ସେହି ପରମ ଦିବ୍ୟତାକୁ ନିଜ ଭିତରେ ବହନ କରି ରହିଥିବାରୁହିଁ, ଆମେ ତାଙ୍କୁ ଦେଖି ପାରିବାର ଓ ଚିହ୍ନି ପାରିବାର ସାମର୍ଥ୍ୟକୁ ମଧ୍ୟ ଅର୍ଜନ କରିଛୁ । ମାତ୍ର ଯଦି ଆମେ ଏହି କ୍ଷେତ୍ରରେ ଆମ ଇନ୍ଦ୍ରିୟଗୁଡ଼ିକୁ ପ୍ରୟୋଗ କରି ବାହ୍ୟ ନାନା ଉପାୟରେ ଅନ୍ତର୍ଗତ ଜୀବନର କୌଣସି ବସ୍ତୁକୁ ବୁଝିବା ଲାଗି ଚେଷ୍ଟା କରିବା, ତେବେ ପରିଣାମ ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ କେବଳ ବିଫଳହିଁ ହେବା ଏବଂ ଆମେ ନିଜକୁ ମଧ୍ୟ ତଦ୍ୱାରା ସଂପୂର୍ଣ୍ଣ ଭାବରେ ପ୍ରବଞ୍ଚିତ କରି ରଖିବା ।

ତେଣୁ, ଯେତେବେଳେ ତୁମେ ପ୍ରକୃତିର ରହସ୍ୟଗୁଡ଼ିକୁ ଜାଣିପାରିବ ବୋଲି କଳ୍ପନା କରୁଛ ଏବଂ ତଥାପି ଆପଣାକୁ ସଂପୂର୍ଣ୍ଣ ଭାବରେ ଏକ ଭୌତିକ ଚେତନା ମଧ୍ୟରେ ଅବସ୍ଥାପିତ କରି ରଖୁଛ, ସେତେବେଳେ ତୁମେ ସଂପୂର୍ଣ୍ଣ ଭାବରେ ପ୍ରବଞ୍ଚିତହିଁ ହେଉଛ । ଏବଂ, କୌଣସି ବସ୍ତୁର ସତ୍ୟକୁ ସ୍ୱୀକାର କରିବା ପୂର୍ବରୁ ତାହାର ସପକ୍ଷରେ

ମୂର୍ତ୍ତ ଏବଂ ସ୍ଥୂଳ ପ୍ରମାଣସବୁ ଦାବି କରିବା,— ଏହାକୁ ସେହି ଅଜ୍ଞାନରହିଁ ଏକ ଅତ୍ୟନ୍ତ ସୁସ୍ପଷ୍ଟ ପରିଣାମ ବୋଲି କହିବାକୁ ହେବ । ସେହିପରି ଏକ ଦୃଷ୍ଟିକୋଣର ପୋଷଣ କରି ଯେକୌଣସି ନିର୍ବୋଧ ବ୍ୟକ୍ତି ମଧ୍ୟ ବେଶ୍ କଳ୍ପନା କରି ପାରିବ ଯେ, ସିଏ ଉଚ୍ଚତମ ବସ୍ତୁଗୁଡ଼ିକ ବିଷୟରେ ମଧ୍ୟ ବିଚାର କରି ତାକୁ ଏଇଟା ଅଥବା ସେଇଟା ବୋଲି କହିଦେଇ ପାରିବ ଏବଂ ଆମର ଗଭୀରତମ ଅନୁଭୂତିଗୁଡ଼ିକୁ ମଧ୍ୟ ଅସ୍ୱୀକାର କରି ପାରିବ ।

ଆତ୍ମା ତାକୁ ଛାଡ଼ିକରି ଚାଲିଯାଇଛି ବୋଲି ଯେଉଁ ଶରୀର ଜୀବନହୀନ ହୋଇ ପଡ଼ିଛି, ତାହାର ଏକ ବ୍ୟବଚ୍ଛେଦ କରି ଆମେ କେବେହେଲେ ଆତ୍ମାର ସନ୍ଧାନ ପାଇପାରିବା ନାହିଁ । ଆତ୍ମା ସେହି ଶରୀରକୁ ଛାଡ଼ି ଚାଲିଯାଇ ନ ଥିଲେ ତାହା କଦାପି ଏକ ମୃତ ଶରୀରରେ ପରିଣତ ହୋଇ ନ ଥାନ୍ତା ! ଏହି ଦାବିର ଅସମ୍ଭବତା ବିଷୟରେ ଆମର ହୃଦ୍‌ବୋଧ ଆଣି ଦେବାକୁ ଶ୍ରୀଅରବିନ୍ଦ ଏହି ସୂତ୍ରଟିକୁ ଲେଖିଛନ୍ତି ।

କେବଳ ସଂପୂର୍ଣ୍ଣ ଭାବରେ ଜଡ଼ସ୍ତରୀୟ ହୋଇ ରହିଥିବା ବିଷୟଗୁଡ଼ିକୁ ଛାଡ଼ିଦେଲେ, ଯେତେବେଳେ ସଂଶୟୀ ମନ ଓ ଯାବତୀୟ ବୈଜ୍ଞାନିକ ଅନୁସନ୍ଧାନ ପଦ୍ଧତି ଅନ୍ୟ ବିଷୟଗୁଡ଼ିକର ବିଚାର କରି ବସନ୍ତି, ସେହି ସକଳ କ୍ଷେତ୍ରରେ ଆମେ ଏହି ସୂତ୍ରଟିକୁ ପ୍ରୟୋଗ କରିପାରିବା ।

ଏଥିରୁ ଆମେ ସର୍ବଦା ସେହି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିବା : ବିନୟର ଦୃଷ୍ଟିହିଁ ଏକମାତ୍ର ଯଥାର୍ଥ ଦୃଷ୍ଟି । ଆମେ ଯାହା ଜାଣି ନାହୁଁ, ତାହା ପ୍ରତି ଏକ କୋଳାହଳ-ଶୂନ୍ୟ ସମ୍ମାନ ପ୍ରଦର୍ଶନ କରିବା, ଆମର ଅଜ୍ଞାନ ମଧ୍ୟରୁ ବାହାରକୁ ବାହାରି ଆସିବା ନିମନ୍ତେ ଆମ ଭିତରେ ଏକ ଅଭୀପ୍ସା ରହିଥିବ, ତାହାହିଁ ଯଥାର୍ଥ ଦୃଷ୍ଟି । ମନୁଷ୍ୟମାନେ ଯାହା ଜାଣି ନାହାନ୍ତି, ସେମାନେ ତାହା ପ୍ରତି ସମ୍ମାନ ପ୍ରଦର୍ଶନ କରିବେ, ସେମାନେ କୌଣସି କଥାକୁ ଜାଣି ନାହାନ୍ତି ଓ ତେଣୁ ତାହା ବିଷୟରେ କୌଣସି ବିଚାର କରିପାରିବେ ନାହିଁ ବୋଲି ସ୍ୱେଚ୍ଛାପ୍ରଣୋଦିତ ହୋଇ ସ୍ୱୀକାର କରିବେ, ଅନ୍ୟାନ୍ୟ ବହୁ ଉପାୟ ମଧ୍ୟରେ ଏଇଟି ମଧ୍ୟ ସେମାନଙ୍କର ଅଗ୍ରଗତିରେ ସବୁଠାରୁ ଅଧିକ ପରିମାଣରେ ସାହାଯ୍ୟ କରିପାରିବ । ଆମେ ସର୍ବଦା ଠିକ୍ ତାହାର ବିପରୀତ କଥାଟାକୁହିଁ କରିଥାଉ । ଯାହା ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନ ଥାଏ, ଆମେ ସେଗୁଡ଼ିକ ସମ୍ବନ୍ଧରେ ଚୂଡ଼ାନ୍ତ ମତମାନ ବ୍ୟକ୍ତ କରିଥାଉ ଏବଂ ଏକ ଅସହିଷ୍ଣୁତା ସହିତ କହୁ, ‘‘ଏଇଟା ଅବଶ୍ୟ ସମ୍ଭବ । ମାତ୍ର ସେଇଟା ଏକାବେଳେକେ ଅସମ୍ଭବ ।’’ ଆମେ ପ୍ରକୃତରେ କେଉଁ ବିଷୟରେ କହୁଛୁ, ସେତେବେଳେ ଆମକୁ ସେକଥା ଜଣା ମଧ୍ୟ ନ ଥାଏ । ଏବଂ, ଯେଉଁସବୁ ବିଷୟରେ ଆମର କସ୍ମିନ୍ କାଳେ ବି କୌଣସି ଜ୍ଞାନ ନ ଥିଲା, ଆମେ ସେଗୁଡ଼ିକ ସମ୍ବନ୍ଧରେ ସନ୍ଦେହ

ପ୍ରକାଶ କରୁଛୁ ବୋଲି ଆପଣାକୁ କେଡ଼େ ବଡ଼ ଓ କେଡ଼େ ଯୋଗ୍ୟ ବୋଲି ଦେଖାଇ ହେଉ ନ ଥାଉ !

ମନୁଷ୍ୟମାନେ ସନ୍ଦେହ କରିବାକୁ ଅଧିକ ଯୋଗ୍ୟତାର ଏକ ସଙ୍କେତ ବୋଲି ଭାବନ୍ତି; ମାତ୍ର ପ୍ରକୃତରେ ତାହା ଏକ ଅଯୋଗ୍ୟତାରହିଁ ପରିଚୟ ଦେଇଥାଏ ।

ସଂଶୟବାଦ ଓ ସନ୍ଦେହ,— ଅଗ୍ରଗତି ପଥରେ ଏମାନେ ଗୋଟିଏ ଗୋଟିଏ ସବୁଠାରୁ ବଡ଼ ବାଧା । ସେମାନେ ଅଜ୍ଞାନ ସହିତ ଏକ ଅନମନୀୟତାକୁ ଆଣି ଯୋଡ଼ି ଦେଇଥା'ନ୍ତି ।

୨୧ ନଭେମ୍ବର, ୧୯୫୮

**୧୧. ମୃତ୍ୟୁ ପରେ ମାନସିକ ବ୍ୟକ୍ତିସତ୍ତା ବିନଷ୍ଟ ହୋଇ ନ ଯିବା ଅମରତ୍ୱ ନୁହେଁ, ଯଦିଓ ତାହା ମଧ୍ୟ ସମ୍ଭବ ହୋଇଥାଏ; ମାତ୍ର ଯଥାର୍ଥ ଅମରତ୍ୱ ହେଉଛି ଜନ୍ମରହିତ ଏବଂ ମରଣହୀନ ଆତ୍ମାର ଜାଗ୍ରତ ଅଧିକାରଲାଭ । ଶରୀର ହେଉଛି ଆତ୍ମାର ଏକ ଯନ୍ତ୍ର ଓ ଏକ ଛାୟା ।**

ଏଠାରେ ତିନୋଟି ବିବୃତି ରହିଛି, ଯେଉଁଥିରେ କି ପ୍ରଶ୍ନମାନ ପଚରା ଯାଇଛି । ପ୍ରଥମଟି ହେଉଛି, ''ମାନସିକ ବ୍ୟକ୍ତିସତ୍ତା କହିଲେ କାହାକୁ ବୁଝାଇବ ?''

ପ୍ରତ୍ୟେକ ମନୁଷ୍ୟ ଭିତରେ ପ୍ରାଣିକ ସତ୍ତାହିଁ ତା'ର ଶରୀରରେ ଜୀବନର ସଞ୍ଚାର କରି ରଖିଥାଏ । ଏବଂ ତାହା ଏକ ମାନସିକ ସତ୍ତା ଦ୍ୱାରା ପରିଚାଳିତ, ବା ଆଂଶିକ ଭାବରେ ପରିଚାଳିତ ହେଉଥାଏ । ଏକ ସାଧାରଣ ନିୟମ ହିସାବରେ ଏପରି କୁହାଯାଇ ପାରିବ, ମାତ୍ର ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ତା'ର ମାନସିକ ସତ୍ତା କେତେ ପରିମାଣରେ ନିର୍ମିତ ହୋଇପାରିଛି ଓ ଏକ ବ୍ୟକ୍ତିରୂପ ଧାରଣ କରିଛି, ତାହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନ ହୋଇ ରହିଥାଏ । ଅଧିକତର ମନୁଷ୍ୟଙ୍କର କ୍ଷେତ୍ରରେ ସେମାନଙ୍କର ମନ ତରଳ ଅବସ୍ଥାରେ ରହିଥାଏ, ସେଥିରେ ତା'ର ନିଜସ୍ୱ ସଂଗଠନ ବୋଲି କିଛି ନ ଥାଏ; ଏବଂ ସେହି କାରଣରୁ ତାହାର କୌଣସି ସ୍ୱତନ୍ତ୍ର ବ୍ୟକ୍ତି ପରିଚୟ ମଧ୍ୟ ନ ଥାଏ । ଏବଂ, ମନ ସେହିପରି ଏକ ଅବସ୍ଥାରେ ରହିଥିବା ପର୍ଯ୍ୟନ୍ତ, ଅର୍ଥାତ୍ ତରଳ ଓ ଅସଂରଚିତ ହୋଇ ରହିଥିବା ପର୍ଯ୍ୟନ୍ତ ଏବଂ ତା'ର ନିଜର କୌଣସି ସଂବଦ୍ଧ ଜୀବନ ବା ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସମ୍ଭବ ହୋଇ ନ ଥିବା ପର୍ଯ୍ୟନ୍ତ, ମନ ପକ୍ଷରେ ମୃତ୍ୟୁ ପରେ ଏକ ସ୍ୱତନ୍ତ୍ର ସତ୍ତାରୂପେ ତିଷ୍ଠି ରହିବା ମଧ୍ୟ ସମ୍ଭବ ହୁଏ ନାହିଁ । ମନରୂପୀ ସତ୍ତାଟି ଯେଉଁସବୁ ଉପାଦାନ ଦେଇ ତିଆରି ହୋଇଥିଲା, ତାହା ମନୋମୟ ଆୟତନଟି ମଧ୍ୟରେ ଲୀନ ହୋଇଯାଏ ।

ଶରୀର ଅର୍ଥାତ୍ ଶରୀରକୁ ଏକ ଗଠନରୂପ ଦେଇଥିବା ଉପାଦାନଗୁଡ଼ିକ ଭୌତିକ ଉପାଦାନ ମଧ୍ୟରେ ଲୀନ ହୋଇଯିବା ବେଳେ ସେପରି ଘଟିଥାଏ ।

ମାତ୍ର, ମନୋମୟ ସତ୍ତା ଏକ ଆକୃତି ଲାଭ କରି ସଂଗଠିତ ହୋଇ ଏକ ସ୍ୱତନ୍ତ୍ର ବ୍ୟକ୍ତି ପରିଚୟ ଲାଭ କରିବା ମାତ୍ରକେ, ତାହାର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସମ୍ଭବ ହେବା ମାତ୍ରକେ ତାହା ଆଉ ଆପଣାର ଅସ୍ତିତ୍ୱ ଲାଗି ଶରୀର ଉପରେ ଆଦୌ ନିର୍ଭର କରି ରହେ ନାହିଁ ଏବଂ ତେଣୁ, ଶରୀରର ମୃତ୍ୟୁ ପରେ ମଧ୍ୟ ତଥାପି ତିଷ୍ଠି ରହେ । ଏହିପରି ଭାବରେ ଏହି ଜଗତର ମାନସ ବାୟୁମଣ୍ଡଳଟି ଏପରି ଅନେକ ସତ୍ତା ଅର୍ଥାତ୍ ମନୋମୟ ବ୍ୟକ୍ତିସତ୍ତାରେ ପୂର୍ଣ୍ଣ ହୋଇ ରହିଥା'ନ୍ତି, ଯେଉଁମାନଙ୍କର କି ଶରୀର ଚାଲିଯିବା ପରେ ମଧ୍ୟ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଥାଏ । ଆତ୍ମା ଅର୍ଥାତ୍ ଯଥାର୍ଥ ଆତ୍ମସତ୍ତା ପୁନର୍ବାର ଅବତୀର୍ଣ୍ଣ ହେବା ସମୟରେ ସେହି ସତ୍ତାଗୁଡ଼ିକ ମଧ୍ୟ ଏକ ନୂତନ ଶରୀରରେ ଅବତୀର୍ଣ୍ଣ ହୋଇଥା'ନ୍ତି ଏବଂ ଏହିପରି ଭାବରେ, ଆପଣାର ପୂର୍ବତନ ଜୀବନଗୁଡ଼ିକର ସ୍ମୃତିକୁ ମଧ୍ୟ ବହନ କରିଥା'ନ୍ତି ।

ମାତ୍ର ଶ୍ରୀଅରବିନ୍ଦ ଏହାକୁହିଁ ଅମରତ୍ୱଲାଭ ବୋଲି ଆଦୌ କହି ନାହାନ୍ତି । ଅମରତ୍ୱ ହେଉଛି ଏକ ଜୀବନ, ଯାହାର କି ଆଦି ନାହିଁ କି ଅନ୍ତ ନାହିଁ, ଯେଉଁଥିରେ ଜନ୍ମ ନାହିଁ କି ମୃତ୍ୟୁ ନାହିଁ ଏବଂ ଯାହାକି ଏହି ଶରୀର ପାଖରେ ଆଦୌ କୌଣସି ପ୍ରକାରେ ଅଧୀନ ହୋଇ ରହି ନାହିଁ । ଏହା ହେଉଛି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅସଲ ସତ୍ତାରୂପେ ବିଦ୍ୟମାନ ରହିଥିବା ସେହି ପରମ ଆତ୍ମସତ୍ତାର ଜୀବନ ଏବଂ ତାହା ବିଶ୍ୱଗତ ଆତ୍ମାଠାରୁ ଆଦୌ ବିଚ୍ଛିନ୍ନ ହୋଇ ରହି ନାହିଁ । ଏବଂ, ଏହି ଅସଲ ସତ୍ତାଟିର ବିଶ୍ୱଗତ ଆତ୍ମା ସହିତ ଏକ ଏକାତ୍ମକତା-ବୋଧ ରହିଥାଏ; ଏହାକୁ ପ୍ରକୃତରେ ସେହି ବିଶ୍ୱଗତ ଆତ୍ମାରହିଁ ବ୍ୟକ୍ତିର ପରିଚ୍ଛଦ ଧାରଣ କରି ବ୍ୟକ୍ତିଭାବବିଶିଷ୍ଟ ହୋଇ ରହିଥିବା ଏକ ଅଭିବ୍ୟକ୍ତି ବୋଲିହିଁ କୁହାଯିବ । ସେହି ଆତ୍ମାର ମୂଳ ନାହିଁ କି ଶେଷ ନାହିଁ, ଜୀବନ ନାହିଁ କି ମୃତ୍ୟୁ ନାହିଁ; ତାହା ଶାଶ୍ୱତ କାଳ ଲାଗି ବିଦ୍ୟମାନ ରହିଛି ଏବଂ ଅମରତ୍ୱ କହିଲେ କେବଳ ତାହାକୁହିଁ ବୁଝାଇବ । ଯେତେବେଳେ ଆମେ ଏହି ଆତ୍ମାଟି ବିଷୟରେ ସଚେତନ ହୋଇପାରୁ, ସେତେବେଳେ ଆମେ ତାହାର ଶାଶ୍ୱତ ଜୀବନରେ ମଧ୍ୟ ଅଂଶଗ୍ରହଣ କରିଥାଉ, ଏବଂ ତେଣୁ ଆମେ ସେହିପରି ଭାବରେହିଁ ଅମରତ୍ୱ ଲାଭ କରୁ ।

ମାତ୍ର, ''ଅମରତ୍ୱ'' ଶବ୍ଦଟି ବିଷୟରେ ମଧ୍ୟ କେତେକ ଭୁଲ୍ ବୁଝାମଣା ରହିଛି,— ଏବଂ ଏପରି ଏକ ଭୁଲ୍ ବୁଝାମଣା ରହିବା ମୋଟେ ନୂଆ କଥା ନୁହେଁ । ଏହିପରି ଭୁଲ୍ ବୁଝାମଣା ବାରବାର ହୋଇଛି । ଯେତେବେଳେ କେହି ଅମରତ୍ୱ ଲାଭ ବିଷୟରେ କିଛି କହିଛି, ସେତେବେଳେ ଅଧିକାଂଶ ବ୍ୟକ୍ତି ତାହାକୁ ଅନିର୍ଦ୍ଦିଷ୍ଟ କାଳ ସକାଶେ ଆମ ଶରୀରର ତିଷ୍ଠି ରହିବା ଅର୍ଥରେ ବୁଝିଛନ୍ତି ।

ଶରୀର ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ତିଷ୍ଠି ରହି ପାରିବ, ଯଦି, ପ୍ରଥମତଃ, ତାହା ସେହି ଅମର ଆତ୍ମସତ୍ତାଟି ସମ୍ବନ୍ଧରେ ସଂପୂର୍ଣ୍ଣ ଭାବରେ ସଚେତନ ହୋଇ ପାରିବ ଏବଂ ତାହା ସହିତ ଆପଣାକୁ ସଂଯୁକ୍ତ କରି ରଖିପାରିବ; ତାହା ସହିତ ଏପରି ଭାବରେ ଏକାତ୍ମକ ହୋଇ ରହିପାରିବ ଯେ, ସତତ ରୂପାନ୍ତରିତ ହୋଇ ପାରିବା ଲାଗି ତାହାର ମଧ୍ୟ ସେହି ଏକା ସାମର୍ଥ୍ୟ ଓ ଶକ୍ତି ରହିଥିବ, ଯାହାଫଳରେ କି ତାହା ବିଶ୍ୱ-କ୍ରିୟାତ୍ମକତା ସହିତ ସମତାଳ ହୋଇ ଗତି କରିବାକୁ ମଧ୍ୟ ସମର୍ଥ ହେଉଥିବ । ଶରୀର ସର୍ବକାଳ ଲାଗି ସ୍ଥାୟୀ ହୋଇ ରହିବା ଲାଗି ଏହା ହେଉଛି ଏକ ଏକାନ୍ତ ଅପରିହାର୍ଯ୍ୟ ସତ୍ୟ । କାରଣ, ଶରୀର ଭିତରେ ଏକ କଠିନତା ରହିଥାଏ, କାରଣ ତାହା ସେହି ଅନ୍ୟ କ୍ରିୟାତ୍ମକତାଟି ସହିତ ଆଦୌ ସମତାଳ ହୋଇ ଗତି କରେ ନାହିଁ ଏବଂ ବିଶ୍ୱବିବର୍ତ୍ତନର ପ୍ରକ୍ରିୟା ସହିତ ସତତ ଏକାତ୍ମକ ହୋଇ ରହିପାରିବାକୁ ତାହା ଯଥେଷ୍ଟ ତ୍ୱରାର ସହିତ ଆପଣାକୁ ଆଦୌ ରୂପାନ୍ତରିତ କରିପାରେ ନାହିଁ । ଶରୀର କ୍ରମଶଃ ଗଳିତ ହେବାରେ ଲାଗିଥାଏ ଏବଂ ମୃତ୍ୟୁମୁଖରେ ପଡ଼େ । ଏହାର ଅପରିବର୍ତ୍ତିତତା ଓ ଆପଣାକୁ ରୂପାନ୍ତରିତ କରିବାର ଅସମର୍ଥତା ତାହାର ବିନାଶକୁ ଆବଶ୍ୟକ କରାଇଥା'ନ୍ତି, ଯେପରିକି ସେଥିରେ ରହିଥିବା ଉପାଦାନଟି ଭୌତିକ ଉପାଦାନରେ ସାଧାରଣ ମୂଳ-ଆୟତନଟି ମଧ୍ୟକୁ ଫେରିଯାଇ ପାରିବ ଓ ଯେପରିକି, ଆହୁରି ଅଗ୍ରଗତି ପାଇଁ ସମର୍ଥ ହେବାକୁ ଶରୀରକୁ ଆହୁରି ନାନା ନୂତନ ଆକାରରେ ପୁନର୍ବାର ଗଠନ କରାଯାଇ ପାରିବ । ମାତ୍ର ସାଧାରଣତଃ, କେହି ଅମରତ୍ୱ ବିଷୟରେ କହୁଥିବା ସମୟରେ, ଲୋକମାନେ ଏହି ଶରୀରରହିଁ ସବୁକାଳ ଲାଗି ତିଷ୍ଠି ରହିବା ଅର୍ଥରେ ତାହାକୁ ବୁଝନ୍ତି; ଏବଂ, କହିବା ବାହୁଲ୍ୟ ଯେ, ଏହାକୁ ଏପର୍ଯ୍ୟନ୍ତ କେହି ଉପଲବ୍ଧି କରିପାରି ନାହାନ୍ତି ।

ଶ୍ରୀଅରବିନ୍ଦ ଏହାକୁ ସମ୍ଭବ ବୋଲି କହିଛନ୍ତି, ଏପରିକି ତାହା ଦିନେ ନା ଦିନେ ଘଟିବ ବୋଲି ମଧ୍ୟ କହିଛନ୍ତି; ମାତ୍ର ସେଥିଲାଗି ସିଏ ଗୋଟିଏ ସର୍ତ୍ତ ମଧ୍ୟ ରଖିଛନ୍ତି : ଶରୀରକୁ ଅତିମାନସ ମଧ୍ୟକୁ ସଂଚାରିତ ହୋଇଯିବାକୁ ପଡ଼ିବ, ଏଥିରେ ଅତିମାନସ ସତ୍ତାର କେତେକ ଗୁଣଲକ୍ଷଣ ଅବଶ୍ୟ ରହିବ । ସେହି ଗୁଣଗୁଡ଼ିକ ହେଉଛି ନମନୀୟତା ଏବଂ ସତତ ରୂପାନ୍ତରର କ୍ଷମତା । ଏବଂ, ଶ୍ରୀଅରବିନ୍ଦ ଯେତେବେଳେ ଶରୀର ହେଉଛି ''କେବଳ ଏକ ଯନ୍ତ୍ର ଓ ଏକ ଛାୟା'' ବୋଲି ଲେଖୁଛନ୍ତି, ସେତେବେଳେ ସିଏ ଏହି ବର୍ତ୍ତମାନର ଅବସ୍ଥାରେ ରହିଥିବା ଶରୀରର କଥା କହୁଛନ୍ତି; ଏହି ଶରୀର ସମ୍ଭବତଃ ଆହୁରି ଦୀର୍ଘକାଳ ଲାଗି ମଧ୍ୟ ଏହି ଅବସ୍ଥାରେ ରହିବ । ଏହା ହେଉଛି ପରମ ଆତ୍ମସତ୍ତାର କେବଳ ଏକ ଯନ୍ତ୍ର, ଏକ ଛାୟା– ଶାଶ୍ୱତ ଆତ୍ମସତ୍ତାର ଆଲୋକ ଏବଂ ଅତିସ୍ୱଷ୍ଟତା

ସହିତ ତୁଳନା କରି ଦେଖିଲେ ତାହା ହେଉଛି ଏକ ଛାୟା,— ଅତ୍ୟନ୍ତ ଅସ୍ପଷ୍ଟ ଏବଂ ଅନିଶ୍ଚିତ ହୋଇ ରହିଥିବା ଏକ ବସ୍ତୁ ।

ଏହି ଛାୟା ଓ ଏହି ଯନ୍ତ୍ରଟି କିପରି ଆତ୍ମାର ବିକାଶରେ ସାହାଯ୍ୟ କରିପାରିବ ଏବଂ ସେହି ଯନ୍ତ୍ରଟିର କର୍ଷଣ ଦ୍ୱାରା ଜଣେ ବ୍ୟକ୍ତି ତା'ର ଭବିଷ୍ୟତ ଜୀବନଗୁଡ଼ିକ ଲାଗି ମଧ୍ୟ ସହାୟତା କରିପାରିବ, ଏହିସବୁ ପ୍ରଶ୍ନ ଅବଶ୍ୟ ମନରେ ଅନେକ ଆଗ୍ରହ ସୃଷ୍ଟି କରୁଥିବେ ।

ଆତ୍ମା ଯେତେଥର ଏକ ନୂତନ ଶରୀର ମଧ୍ୟରେ ଆସି ଜନ୍ମଗ୍ରହଣ କରେ, ତାହା ସେତେବେଳେ ଏକ ନୂତନ ଅଭିଜ୍ଞତା ଲାଭ କରିବାର ଅଭିପ୍ରାୟ ନେଇହିଁ ଆସିଥାଏ, ଯାହାକି ତାକୁ ଆପଣା ବ୍ୟକ୍ତିତ୍ୱର ବିକାଶ ଏବଂ ପରିପୂର୍ଣ୍ଣତା ଲାଭରେ ସାହାଯ୍ୟ କରିପାରିବ । ଚୈତ୍ୟ ସତ୍ତା ଏହିପରି ଭାବରେହିଁ ଗୋଟିଏ ଜନ୍ମରୁ ଆଉ ଗୋଟିଏ ଜନ୍ମକୁ ଅତିକ୍ରମ କରି ଗଠିତ ହେବାରେ ଲାଗିଥାଏ ଏବଂ କ୍ରମଶଃ ସଂପୂର୍ଣ୍ଣ ଭାବରେ ଏକ ସଚେତନ ଏବଂ ସ୍ୱତନ୍ତ୍ର ବ୍ୟକ୍ତିତ୍ୱରେ ପରିଣତ ହେଉଥାଏ, ଯାହାକି, ତାହା ଯେତେବେଳେ ଆପଣା ବିକାଶର ଶିଖରଦେଶରେ ଆସି ପହଞ୍ଚିଯାଏ, କେବଳ ଯେ ଆପଣାର ଅବତୀର୍ଣ୍ଣ ହେବାର ସମୟଟିକୁ ସ୍ୱୟଂ ନିର୍ବାଚନ କରିନେବାର ସ୍ୱତନ୍ତ୍ରତା ଲାଭ କରେ ତା' ନୁହେଁ, ମାତ୍ର ଅବତୀର୍ଣ୍ଣ ହେବାର ସ୍ଥାନ, ଉଦ୍ଦେଶ୍ୟ ତଥା ସେଠାରେ ସମ୍ପନ୍ନ କରିବାକୁ ରହିଥିବା କାର୍ଯ୍ୟଟିକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ନିର୍ଦ୍ଧାରିତ କରିବାର ସାମର୍ଥ୍ୟ ଲାଭ କରେ ।

ଭୌତିକ ଶରୀର ମଧ୍ୟରେ ଅବତୀର୍ଣ୍ଣ ହେବାକୁ ଅବଶ୍ୟମ୍ଭାବୀ ଭାବରେ ଅନ୍ଧକାର, ଅଜ୍ଞାନ ଏବଂ ଅଚେତନା ମଧ୍ୟକୁହିଁ ଅବତରଣ କରି ଆସିବା ବୋଲି କୁହାଯିବ; ଏବଂ, ଯେଉଁ ଅଭିଜ୍ଞତା ଲାଭ କରିବା ଲାଗି ସିଏ ସଂସାରକୁ ଆସିଛି, ସେଥିପାଇଁ ଶରୀରକୁ କାର୍ଯ୍ୟରେ ଲଗାଇ ପାରିବା ପୂର୍ବରୁହିଁ ତାକୁ ଶରୀରର ଜଡ଼ୋପାଦାନ ମଧ୍ୟରେ କିଞ୍ଚିତ୍ ଚେତନା ସଞ୍ଚାରିତ କରି ଆଣିବାକୁ ପଡ଼ିଥାଏ ଏବଂ ସେତିକି ସକାଶେ ମଧ୍ୟ ତାହାକୁ ଦୀର୍ଘ କାଳ ପ୍ରୟାସ କରିବାକୁ ହୁଏ । ତେଣୁ, ଯଦି ଆମେ ସ୍ୱଚ୍ଛଦୃଷ୍ଟି ଏବଂ ବିବେକଯୁକ୍ତ ଭାବରେ ଏହି ଶରୀରର କର୍ଷଣ କରିପାରିବା, ତେବେ ଆମେ ତଦ୍ଦ୍ୱାରା ଯୁଗପତ୍ ଭାବରେ ଆତ୍ମାର ଅଭିବୃଦ୍ଧି, ଅଗ୍ରଗତି ଏବଂ ଆଲୋକନରେ ମଧ୍ୟ ସାହାଯ୍ୟ କରିପାରିବା ।

ଶରୀରର କୋଷଗୁଡ଼ିକ ମଧ୍ୟକୁ ଚେତନାକୁ ସଂଚାରିତ କରି ଆଣିବା,— ତାହାହିଁ ହେଉଛି ଶରୀରର କର୍ଷଣ । ଆମକୁ ସେହି କଥାଟି ଜଣାଥାଇପାରେ ବା ନ ଥାଇପାରେ, ମାତ୍ର ତାହା ପ୍ରକୃତରେ ଏକ ସତ କଥା । ଆମେ ଯେତେବେଳେ ଆମ ମାଂସପେଶୀଗୁଡ଼ିକୁ ଆମ ନିଜ ଇଚ୍ଛା ଅନୁସାରେ ସଂଚାଳିତ କରି ପାରିବା ଲାଗି ଆପଣାକୁ ଅଭିନିବେଶିତ

କରିଆଣୁ, ଆପଣାର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଅଧିକ ନମନୀୟ କରିବା ଲାଗି କୌଣସି ପ୍ରୟାସ କରୁ, ସେଗୁଡ଼ିକ ଭିତରେ ସାଧାରଣତଃ ଯାହା ରହି ନ ଥାଏ, ସେଗୁଡ଼ିକୁ ସେହିପରି ଏକ କୁଶଳତା, କିଂବା ଏକ ଶକ୍ତି ବା ଏକ ପ୍ରତିରୋଧସାମର୍ଥ୍ୟ ଅଥବା ନମନୀୟତା ଆଣିଦେବା ଲାଗି ଚେଷ୍ଟା କରୁ, ସେତେବେଳେ ଆମେ ଶରୀରର କୋଷଗୁଡ଼ିକ ମଧ୍ୟରେ ଏପରି ଏକ ଚେତନାର ସଂଚାରଣ ଘଟାଉ, ଯାହାକି ସେଠାରେ ପୂର୍ବରୁ ଉପସ୍ଥିତ ନ ଥିଲା । ଏହିପରି ଭାବରେ ଆମେ ଶରୀରକୁ ଅଧିକରୁ ଅଧିକ ପରିମାଣରେ ଏକ ସମରୂପ ଓ ଗ୍ରହଣସମର୍ଥ ଯନ୍ତ୍ର ରୂପେ ପ୍ରସ୍ତୁତ କରିଆଣୁ, ଯାହାକି ଆପଣା କ୍ରିୟାତ୍ମକତାରେ ଏବଂ ସେହି କ୍ରିୟାତ୍ମକତାଗୁଡ଼ିକର ମାଧ୍ୟମରେ ଅଗ୍ରଗତି କରିବାକୁ ଆରମ୍ଭ କରେ । ଶାରୀରିକ କର୍ଷଣର ସର୍ବମୂଳ ମହତ୍ତ୍ୱରୂପେ ଆମେ ଏହାକୁହିଁ ଜାଣି ରଖିବା । ଅବଶ୍ୟ ଏକଥା ସତ ଯେ, କେବଳ ସେତିକି ଦ୍ୱାରାହିଁ ଶରୀର ମଧ୍ୟକୁ ଚେତନା ଆସିଯାଏ ନାହିଁ; ମାତ୍ର ତଥାପି ଏହା ଏପରି ଏକ ବସ୍ତୁ, ଯାହାକି ସମଗ୍ର ଭାବରେ କାର୍ଯ୍ୟ କରିଥାଏ, ଏବଂ ସେକଥା ପ୍ରକୃତରେ ଅତ୍ୟନ୍ତ କ୍ୱଚିତ୍ ଦେଖିବାକୁ ମିଳେ । ମୁଁ ପୂର୍ବରୁ ତୁମମାନଙ୍କୁ ଏକାଧିକ ବାର କହିଛି ଯେ, ଜଣେ କଳାକାର ତା'ର ହାତ ଭିତରକୁ ପ୍ରଭୂତ ପରିମାଣର ଚେତନାଶକ୍ତି ସଂଚାରିତ କରି ଆଣିଥାଏ; ଜଣେ ବୁଦ୍ଧିଜୀବୀ ମସ୍ତିଷ୍କ ଭିତରକୁ ତାହା ଯେପରି ସଂଚାରିତ କରିଆଣେ, ଠିକ୍ ସେହିପରି । ମାତ୍ର, ଏଗୁଡ଼ିକୁ ସତେଅବା ଏକ ସ୍ଥାନୀୟ ବ୍ୟାପାର ବୋଲି କୁହାଯିବ, ଏବଂ ଅନ୍ୟ ପକ୍ଷରେ ଶାରୀରିକ କର୍ଷଣକୁ ଅପେକ୍ଷାକୃତ ଏକ ଅଧିକ ସାଧାରଣ ବ୍ୟାପାର ବୋଲି କୁହାଯିବ । ଏବଂ, ଯେତେବେଳେ ଜଣେ ବ୍ୟକ୍ତି ଏହି କର୍ଷଣର ସଂପୂର୍ଣ୍ଣ ଭାବରେ ବିସ୍ମୟକାରୀ ପରିଣାମଗୁଡ଼ିକୁ ଦେଖିବାକୁ ଆରମ୍ଭ କରେ, ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଶରୀରର ଯେ ପ୍ରକୃତରେ କେତେ ପରିମାଣରେ ସାମର୍ଥ୍ୟ ରହିଛି, ଯେତେବେଳେ ସେକଥାଟିକୁ ନିରୀକ୍ଷଣ କରିହୁଏ, ସେତେବେଳେ, ଏହି ଭୌତିକ ଉପାଦାନଟି ମଧ୍ୟରେ ପ୍ରବେଶ କରିଥିବା ଚୈତ୍ୟ ସତ୍ତାର କାର୍ଯ୍ୟ ଲାଗି ମଧ୍ୟ ତାହା କେତେ ଅଧିକ ପରିମାଣରେ ଉପଯୋଗୀ ହୋଇପାରିବ, ବ୍ୟକ୍ତି ସେକଥା ବୁଝିବାକୁ ସମର୍ଥ ହୁଏ । କାରଣ, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଏତେ ବଳ, ନମନୀୟତା ତଥା ସମ୍ଭାବନା ପୂର୍ଣ୍ଣ ହୋଇ ରହିଥିବା ଏକ ସୁସଂଗଠିତ ଓ ସମଞ୍ଜସତାଯୁକ୍ତ ଯନ୍ତ୍ରର ଅଧିକାର ଲାଭ କରିବା ଦ୍ୱାରା ତାହାର କାର୍ଯ୍ୟଟି ମଧ୍ୟ ବହୁ ପରିମାଣରେ ସହଜ ହୋଇଯାଏ ।

ମୁଁ ଏକଥା ମୋଟେ କହୁ ନାହିଁ ଯେ, ଯେଉଁ ଲୋକମାନେ ଅଭ୍ୟସ୍ତ ଭାବରେ ଶରୀରର କର୍ଷଣ କରନ୍ତି, ସେମାନେ ସବୁ କ୍ଷେତ୍ରରେ ତାହାକୁ ଏହିଭଳି ଏକ ଉଦ୍ଦେଶ୍ୟ ରଖିହିଁ କରନ୍ତି; କାରଣ ଖୁବ୍ କମ୍ ସଂଖ୍ୟକ ଲୋକ ଏହାର ଏପରି ଏକ ପରିଣାମ ରହିଛି ବୋଲି ପ୍ରକୃତରେ ଜାଣିଥାନ୍ତି । ମାତ୍ର ସେମାନେ ସେବିଷୟରେ ସଜ୍ଞାନ ଥାଆନ୍ତୁ ବା ନ

ଥାନ୍ତୁ, ପରିଣାମ ଏହାହିଁ ହୁଏ । ପୁନଶ୍ଚ, ଯଦି ତୁମ ଭିତରେ କିଞ୍ଚିତ୍ ଗ୍ରହଣଶୀଳତା ରହିଥାଏ, ତେବେ, ବିଧିବଦ୍ଧ ଏବଂ ବିବେକଯୁକ୍ତ ଭାବରେ ଶାରୀରିକ କର୍ଷଣର ଅଭ୍ୟାସ ରଖିଥିବା ଜଣେ ବ୍ୟକ୍ତିର ଗତିଶୀଳ ଶରୀର ଉପରେ ଦୃଷ୍ଟି ପଡ଼ିଯିବା ମାତ୍ରକେ ତୁମେ ତା' ଭିତରେ ଏକ ଆଲୋକ ଓ ଏକ ଚେତନା ଦେଖିବାକୁ ପାଅ, ଯାହାକି ଅନ୍ୟମାନଙ୍କର ଶରୀରରେ ଦେଖିବାକୁ ମିଳେ ନାହିଁ ।

ସବୁ କଥାରେ ସଂପୂର୍ଣ୍ଣ ଭାବରେ କେବଳ ଏକ ବାହ୍ୟ ମତ ପୋଷଣ କରୁଥିବା ଏପରି କେତେକ ଲୋକ ସର୍ବଦା ଥାଆନ୍ତି, ଯେଉଁମାନେ କହନ୍ତି କି, ''ଉଦାହରଣ ସ୍ୱରୂପ ଶ୍ରମିକମାନଙ୍କୁ ତ କଠିନ ଶ୍ରମ କରିବାକୁ ପଡ଼ିଥାଏ, ସେମାନଙ୍କର କାର୍ଯ୍ୟ ସେମାନଙ୍କୁ କେଡ଼େ କେଡ଼େ ଭାରି ଜିନିଷସବୁ ବୋହିବାକୁ ବାଧ୍ୟ କରେ,– ସେମାନେ ବି ନିଜ ମାଂସପେଶୀଗୁଡ଼ିକର ନିର୍ମାଣ କରନ୍ତି, ଏବଂ, ଆଦୌ କୌଣସି ବାହ୍ୟଫଳ ମିଳୁ ନ ଥିବା ବ୍ୟାୟାମମାନ କରିବାରେ ସମୟ ନଷ୍ଟ କରି ଦେଉଥିବା ବଡ଼ଲୋକମାନଙ୍କ ପରି ନ ହୋଇ ସେମାନେ ଅନ୍ତତଃ କିଛି ନା କିଛି ଉତ୍ପାଦନ କରିବାରେ ସାହାଯ୍ୟ କରିଥାନ୍ତି ।'' ଏପରି କହିବା ଅଜ୍ଞାନର ପରିଚୟ ଦେଇଥାଏ । କାରଣ, ବିଶେଷ କୌଣସି କାର୍ଯ୍ୟ କରିବାର ମାଧ୍ୟମରେ ମାଂସପେଶୀକୁ ସ୍ଥାନୀୟ ଏବଂ ସୀମିତ ଭାବରେ ସଂଚାଳିତ କରି ସେଗୁଡ଼ିକର ବିକାଶ କରାଇବା ଏବଂ ଶରୀରର କୌଣସି ଅଂଶକୁ ଅକର୍ମ ଏବଂ ଅସଂଚାଳିତ କରି ନ ରଖି ଏକ ସମଗ୍ର କାର୍ଯ୍ୟକ୍ରମ ଦ୍ୱାରା ଇଚ୍ଛାକୃତ ତଥା ସୁସମଞ୍ଜସ ଭାବରେ ମାଂସପେଶୀଗୁଡ଼ିକର ବିକାଶ କରାଇବା,– ଦୁଇଟି ମଧ୍ୟରେ ଅବଶ୍ୟ ଏକ ମୌଳିକ ପାର୍ଥକ୍ୟ ରହିଛି ।

ଶ୍ରମିକ ଏବଂ କୃଷକମାନଙ୍କ ଭଳି ବ୍ୟକ୍ତିମାନେ, ଯେଉଁମାନଙ୍କର ଏକ ନିର୍ଦ୍ଦିଷ୍ଟ ଧନ୍ଦା ରହିଥାଏ ଏବଂ ତେଣୁ ଯେଉଁମାନଙ୍କର କେବଳ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀ ବିକାଶଲାଭ କରିଥାଏ, ସେମାନଙ୍କୁ ତଦ୍ଦ୍ୱାରା ଶେଷରେ ସେହି ଧନ୍ଦାଜନିତ ନାନା ଶାରୀରିକ ବିକୃତିର ଶିକାର ହେବାକୁ ପଡ଼ିଥାଏ । ଏବଂ, ଏହା ସେମାନଙ୍କର ଚୈତ୍ୟ ଅଗ୍ରଗତିରେ ମଧ୍ୟ ଆଦୌ କୌଣସି ସହାୟତା କରେ ନାହିଁ; କାରଣ, ସେମାନଙ୍କର ସମୁଦାୟ ଜୀବନହିଁ ସେମାନଙ୍କ ଚୈତ୍ୟସ୍ତରୀୟ ବିକାଶରେ ସହାୟତା କରୁଥିଲେ ହେଁ, ଏହା ଏପରି ଅଚେତନ ଭାବରେ ଓ ଏଡ଼େ ମନ୍ଥର ଗତିରେ ଘଟିଥାଏ ଯେ, ବିଚାରା ଚୈତ୍ୟ ସତ୍ତାକୁ ଆପଣାର ଉଦ୍ଦେଶ୍ୟସିଦ୍ଧି ପାଇଁ ଅନିର୍ଦ୍ଦିଷ୍ଟ ଭାବରେ ପୁନର୍ବାର ଓ ପୁନର୍ବାର ଫେରି ଆସିବାକୁ ପଡ଼ିଥାଏ । ତେଣୁ ଭୁଲ୍ କରିବାର କୌଣସି ଭୟ ନ ରଖି ଏହି କଥା କୁହାଯାଇ ପାରିବ ଯେ, ଶରୀରର କର୍ଷଣ ହେଉଛି ପ୍ରକୃତରେ ଆମ ଶରୀରର ସାଧନା ଏବଂ ଯାବତୀୟ ସାଧନା ଅବଶ୍ୟମ୍ଭାବୀ ଭାବରେ ଲକ୍ଷ୍ୟର ପ୍ରାପ୍ତିକୁ ଅଧିକ ବେଗଯୁକ୍ତ କରିବାରେହିଁ ସାହାଯ୍ୟ

କରିଥାଏ । ତୁମେ ଯେତିକି ଅଧିକ ସଚେତନ ଭାବରେ ସେହି କଥାଟିକୁ କରିପାରିବ, ଲବ୍ଧ ଫଳଟି ସେତିକି ଅଧିକ ପରିମାଣରେ ଅଧିକ ସମଗ୍ର ହେବ ଓ ଅଧିକ ସତ୍ୱର ପ୍ରାପ୍ତ ହେବ । ମାତ୍ର, ଯଦି ତୁମେ ଅନ୍ଧ ଭାବରେ ବି ସେକଥା କରିବ, ଯଦି ତୁମେ ନିଜର ଆଙ୍ଗୁଠି ଅଗ, ଗୋଡ଼ ବା ନାକଠାରୁ ଆଉ ମୋଟେ ଅଧିକ ଆଗକୁ ଦେଖିପାରୁ ନ ଥିବ, ତେବେ ତଥାପି ତୁମେ ଆପଣାର ସମୁଦାୟ ବିକାଶରେ ସହାୟତା କରିପାରିବ ।

ପରିଶେଷରେ, ଆମେ ଏକଥା ମଧ୍ୟ କହିପାରିବା ଯେ, କଠୋରତା, ନିଷ୍ଠା ଏବଂ ସ୍ୱେଚ୍ଛାର ସହିତ ଆମେ ଯେକୌଣସି ଶୃଙ୍ଖଳାର ପାଳନ କରିବା, ତାହା ଆମକୁ ଅବଶ୍ୟ ପ୍ରଭୂତ ଭାବରେ ସାହାଯ୍ୟ କରିବ; କାରଣ ତାହା ଏହି ଜାଗତିକ ଜୀବନକୁ ଅଧିକ ସତ୍ୱରତା ସହିତ ଆପଣାର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥାଏ ଏବଂ ନୂତନ ଜୀବନକୁ ଗ୍ରହଣ କରିବା ଲାଗି ତାହାକୁ ପ୍ରସ୍ତୁତ କରି ଆଣେ । ଆପଣାକୁ ଶୃଙ୍ଖଳିତ କରିବାର ଅର୍ଥ ହେଉଛି ଏହି ନୂତନ ଜୀବନର ଆଗମନକୁ ତ୍ୱରାନ୍ୱିତ କରିବା ଏବଂ ଅତିମାନସ ସତ୍ୟ ସହିତ ଆପଣାର ସଂଯୋଗସ୍ଥାପନାକୁ ମଧ୍ୟ ତ୍ୱରାନ୍ୱିତ କରି ଆଣିବା ।

ଏହି ଭୌତିକ ଶରୀର ବର୍ତ୍ତମାନ ଯେଉଁଭଳି ସ୍ଥିତିରେ ରହିଛି, ସେହି ସ୍ଥିତିରେ ତାହା ଆତ୍ମାନ୍ତରର ସେହି ଶାଶ୍ୱତ ଜୀବନରହିଁ ଏକ ଅତ୍ୟନ୍ତ ବିକୃତ ଛାୟା ପରି ହୋଇ ରହିଛି । ମାତ୍ର, ଏହି ଭୌତିକ ଶରୀର ମଧ୍ୟରେ ଉତ୍ତରୋତ୍ତର ବିକାଶର ସାମର୍ଥ୍ୟ ମଧ୍ୟ ରହିଛି; ବ୍ୟକ୍ତି ଆକାର ଧାରଣ କରିବାର ପ୍ରତ୍ୟେକ ପର୍ଯ୍ୟାୟ ମଧ୍ୟଦେଇ ଭୌତିକ ଉପାଦାନଟି ଅଗ୍ରଗତି କରିବାରେ ଲାଗିଛି; ଏବଂ ଏପରି ଗୋଟିଏ ଦିନ ଅବଶ୍ୟ ଆସିବ, ଯେତେବେଳେ କି ତାହା, ଆମେ ଏହି ଜଡ଼ସ୍ଥ ଜୀବନକୁ ଯେପରି ଭାବରେ ଜାଣିଛୁ ଏବଂ ଯେଉଁ ଅତିମାନସ ଜୀବନ ଆପଣାକୁ ପ୍ରକଟ କରିବାକୁ ଯାଉଛି, ଦୁହିଁଙ୍କ ମଧ୍ୟରେ ଏକ ସଂଯୋଗକାରୀ ସେତୁ ନିର୍ମାଣ କରିବାରେ ସମର୍ଥ ହୋଇଯିବ ।

୨୮ ନଭେମ୍ବର, ୧୯୫୮

**୧୨. ଈଶ୍ୱର ନାହାନ୍ତି ବୋଲି ହୃଦ୍‌ବୋଧକାରୀ କେତେ କାରଣ ଦର୍ଶାଇ ସେମାନେ ମୋ' ଆଗରେ ପ୍ରମାଣ କରିଦେଲେ, ଏବଂ ସେମାନଙ୍କ କଥାରେ ମୋ'ର ବିଶ୍ୱାସ ହୋଇଗଲା । ପରେ ମୋ'ର ଈଶ୍ୱରଙ୍କ ସହିତ ଦର୍ଶନ ହେଲା; କାରଣ ସିଏ ଆସି ମୋତେ ଆଲିଙ୍ଗନ କଲେ । ଏବଂ, ବର୍ତ୍ତମାନ ମୁଁ ପ୍ରକୃତରେ କେଉଁଟିକୁ ବିଶ୍ୱାସ କରିବି, ଅନ୍ୟମାନଙ୍କର ଯୁକ୍ତି ଓ ପ୍ରମାଣକୁ ନା ମୋ'ର ନିଜର ଅନୁଭୂତିକୁ ?**

ଏଠାରେ ଶ୍ରୀଅରବିନ୍ଦ କୌଣସି ପ୍ରଶ୍ନ ପଚାରୁ ନାହାନ୍ତି, ମାତ୍ର ବରଂ ଏକ ବ୍ୟଙ୍ଗ୍ୟାତ୍ମକ ମନ୍ତବ୍ୟ ପ୍ରକାଶ କରିଛନ୍ତି । ମନ ଯାହା ପ୍ରକୃତରେ ଜାଣି ନ ଥାଏ, ତାହାରି ବିଷୟରେ ସିଏ କେତେ କ'ଣ କହି ପାରିବ ବୋଲି କଳ୍ପନା କରୁଥାଏ । ସେହି ମନର ଯାବତୀୟ ଯୁକ୍ତିର ନିର୍ବୋଧତାକୁ ସ୍ପଷ୍ଟ ଭାବରେ ଦର୍ଶାଇ ଦେବାକୁହିଁ ସିଏ ଏପରି କହିଛନ୍ତି । ଆଉ ଅନ୍ୟ କିଛି କହି ନାହାନ୍ତି ।

ମନର ସାହାଯ୍ୟରେ ତୁମେ ଯାହାକିଛି ବି ପ୍ରମାଣ କରିଦେଇ ପାରିବ । ଯେତେବେଳେ ମନକୁ କାମରେ ଲଗାଇବା କାଇଦାଟି ତୁମକୁ ଜ୍ଞାତ ହୋଇଯିବ ଓ ଯୁକ୍ତି ଦର୍ଶାଇବା ଏବଂ ସିଦ୍ଧାନ୍ତ କାଢ଼ିବାର ଉପାୟଗୁଡ଼ାକ ତୁମର ଅକ୍ତିଆରକୁ ଆସିଯିବ, ସେତେବେଳେ ତୁମେ ଯାହା ଇଚ୍ଛା ତାହା ପ୍ରମାଣ କରିଦେଇପାରିବ । ବସ୍ତୁତଃ, ମନକୁ ଅଧିକ ନମନୀୟ କରାଇ ଆଣିବାର ଅଭିପ୍ରାୟରେ ବିଶ୍ୱବିଦ୍ୟାଳୟମାନଙ୍କରେ ଏହିପରି ଏକ ବ୍ୟାୟାମ କରିବାକୁ କୁହାଯାଇଥାଏ : ତୁମକୁ ଗୋଟିଏ କିଛି ପ୍ରତିପାଦନ କରିବାକୁ ଦିଆଯାଏ, ଏବଂ ତା'ର ଅବ୍ୟବହିତ ପରେ, ପ୍ରାୟ ସମାନ ସଂପ୍ରତ୍ୟୟ ସହିତ, ତୁମକୁ ତାହାର ବିପରୀତ କଥାଟିକୁ ମଧ୍ୟ ପ୍ରମାଣ କରିବାକୁ କୁହାଯାଏ;— ସେତେବେଳେ ତୁମଠାରୁ ଏହି ଆଶା କରାଯାଉଥାଏ ଯେ, ତୁମେ ଦୁଇଟିଯାକ ପକ୍ଷରୁ କିଞ୍ଚିତ୍ ପରିମାଣରେ ଊର୍ଦ୍ଧ୍ୱକୁ ଉଠିଯାଇ ପାରିଲେ ତୁମେ ତା'ପରେ ସେଥିରେ ନିହିତ ହୋଇ ରହିଥିବା ସମନ୍ୱୟଟିକୁ ମଧ୍ୟ ଆବିଷ୍କାର କରିପାରିବ ।

ତେଣୁ, ଯେକୌଣସି କଥାକୁ ପ୍ରମାଣିତ କରି ଦିଆଯାଇ ପାରିବ ବୋଲି ଥରେ ମାନି ନିଆଗଲେ, ତା'ପରେ ଆମେ ଏହି ନିଷ୍କର୍ଷରେ ଆସି ପହଞ୍ଚିବା ଯେ, ଯୁକ୍ତି ଦ୍ୱାରା ଆମେ ଆଦୌ କୌଣସି ସତ୍ୟରେ ପହଞ୍ଚିପାରିବା ନାହିଁ; କାରଣ, ଯଦି ତୁମେ ଏହି ମୁହୂର୍ତ୍ତରେ ଗୋଟିଏ କଥାକୁ ପ୍ରମାଣ କରିଥିବ ଏବଂ ପର ମୁହୂର୍ତ୍ତରେ ତାହାର ବିପରୀତ କଥାଟିକୁ ମଧ୍ୟ ପ୍ରମାଣ କରି ପାରୁଥିବ, ତେବେ ସେଥିରୁ ଏହାହିଁ ପ୍ରମାଣିତ ହୋଇଯିବ ଯେ ତୁମ ପ୍ରମାଣଗୁଡ଼ିକର ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନାହିଁ ।

ଏ ବିଷୟରେ ଅନୁଭୂତି ରହିଛି । ଏକ ସରଳ ହୃଦୟ ପାଇଁ, ଏକ ନିଷ୍ଠାଯୁକ୍ତ ଏବଂ ସାଧୁ ପ୍ରକୃତି ପାଇଁ, ଏପରି ଏକ ପ୍ରକୃତି ଯାହାକି ନିଜର ଅନୁଭୂତି ନିଷ୍ଠାଯୁକ୍ତ ହୋଇ ରହିଛି ବୋଲି ଜାଣିଥିବ, ତା'ର ଅନୁଭୂତିଟି ଆଦୌ କୌଣସି ବାସନା କିଂବା ମାନସିକ ଉଚ୍ଚାକାଙ୍କ୍ଷା ଦ୍ୱାରା ମିଥ୍ୟାରେ ପରିଣତ ହେବାର ଜାଣି ନ ଥିବ ଏବଂ ଏକ ସ୍ୱତଃସ୍ଫୂର୍ତ୍ତ କ୍ରିୟାରୂପେ ଆତ୍ମାରୁହିଁ ଉଦ୍‌ଗତ ହୋଇ ଆସୁଛି ବୋଲି ଜାଣିଥିବ, ତା'ପାଇଁ ତା'ର ଅନୁଭୂତିଟି ଅବଶ୍ୟ ସଂପୂର୍ଣ୍ଣ ଭାବରେ ସଂପ୍ରତ୍ୟୟଯୁକ୍ତ ହୋଇ ରହିଥିବ । ଯେତେବେଳେ ଏକ ଅନୁଭୂତି ଲାଭ କରିବାର ବାସନା ଅଥବା ଆପଣାକୁ ଭାରି ଅଧିକ ବୋଲି ଭାବିବାର

ମହତ୍ତ୍ୱାକାଙ୍‌କ୍ଷା ଏଥିରେ ଆସି ମିଶ୍ରିତ ହୋଇଯିବ, ସେତେବେଳେ ତାହାର ସଂପ୍ରତ୍ୟୟଶକ୍ତି ନଷ୍ଟ ହୋଇଯିବ । ଯଦି ତୁମ ଭିତରେ ସେହିପରି କିଛି ରହିଥାଏ, ତେବେ ତୁମକୁ ଭାରି ସତର୍କ ହେବାକୁ ପଡ଼ିବ, କାରଣ ବାସନା ଏବଂ ମହତ୍ତ୍ୱାକାଙ୍‌କ୍ଷା ଅନୁଭୂତି ଭିତରେ କେତେ ମିଥ୍ୟା ଆଣି ଭର୍ତ୍ତି କରି ଦେଇଥା'ନ୍ତି । ମନ ହେଉଛି ଏକ ନିର୍ମାଣାତ୍ମକ ସାମର୍ଥ୍ୟ, ଏବଂ, ତୁମ ଭିତରେ ଯଦି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କିଛି ଘଟୁ ବୋଲି ଏକ ଅତି ପ୍ରବଳ ବାସନା ରହିଥାଏ, ତେବେ ତୁମେ ତାହାକୁ ନିଶ୍ଚୟ ସମ୍ଭବ କରାଇ ପାରିବ; ଅନ୍ତତଃ, ଯେଉଁମାନେ ବସ୍ତୁଗୁଡ଼ିକୁ କେବଳ ଉପର ସ୍ତରରେହିଁ ଦେଖିଥା'ନ୍ତି, ସେମାନଙ୍କର ଦେଖିପାରିବା ଭଳି ତାହା ଅବଶ୍ୟ ସମ୍ଭବ କରାଇ ପାରିବ । ମାତ୍ର, ଏହିସବୁ ଦୃଷ୍ଟାନ୍ତକୁ ବାଦ୍ ଦେଲେ, ଯଦି ତୁମ ଭିତରେ ସାଧୁତା, ଆନ୍ତରିକତା ଓ ସ୍ୱତଃସ୍ଫୂର୍ତ୍ତତା ରହିଥାଏ, ଏବଂ ବିଶେଷତଃ, ଅନୁଭୂତି ଲାଭ କରିବା ପାଇଁ ତୁମେ ନିଜେ କୌଣସି ଚେଷ୍ଟା ନ କରି ଯେତେବେଳେ ତୁମର ଗଭୀରତର ଅଭୀପ୍ସାର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ରୂପେ ଅନୁଭୂତିଗୁଡ଼ିକ ତୁମ ପାଖକୁ ଆସୁଥାଏ, ତେବେ ସେଗୁଡ଼ିକ ଆପଣା ଉପରେ ଏକ ପୂର୍ଣ୍ଣ ପ୍ରାମାଣିକତାର ମୋହର ବହନ କରୁଥାଏ । ଏବଂ, ସେଗୁଡ଼ିକ ନିରର୍ଥକ ଓ ଭ୍ରମାତ୍ମକ ବୋଲି ସେତେବେଳେ ସମସ୍ତ ସଂସାର କହିବାକୁ ଆସିଲେ ମଧ୍ୟ, ତଦ୍ୱାରା ତୁମର ବ୍ୟକ୍ତିଗତ ସଂପ୍ରତ୍ୟୟଗୁଡ଼ିକ ଆଦୌ ବଦଳିଯାଏ ନାହିଁ । ମାତ୍ର, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ତାହାକୁ ସମ୍ଭବ କରିପାରିବାକୁ ହେଲେ, ତୁମେ ଆଉ ନିଜକୁ କୌଣସି ଧୋକା ଦେଇପାରିବ ନାହିଁ । ଏକ ଅନ୍ତର୍ଗତ ସାଧୁତା ସହିତ ତୁମକୁ ନିଷ୍ଠା ଏବଂ ଆନ୍ତରିକତାଯୁକ୍ତ ହୋଇ ରହିବାକୁ ପଡ଼ିବ ।

ମୋତେ ପଚରାଯାଇଛି, ''ପରମେଶ୍ୱର ତାଙ୍କୁ ବିଶ୍ୱାସ କରୁ ନ ଥିବା ଜଣେ ବ୍ୟକ୍ତି ଆଗରେ ଆପଣାକୁ କିପରି ପ୍ରକଟ କରିପାରିବେ ?'' ପ୍ରଶ୍ନଟି ବଡ଼ କୌତୁକପ୍ରଦ; କାରଣ ଜଣେ ଅବିଶ୍ୱାସୀ ବ୍ୟକ୍ତି ଆଗରେ ନିଜକୁ ପ୍ରକଟ କରିବା ପାଇଁ ପରମେଶ୍ୱରଙ୍କର ଯଦି ମନ ହେବ, ତେବେ କେଉଁ କଥା ତାଙ୍କୁ ସେପରି କରିବାରୁ ଅଟକାଇ ରଖିପାରିବ, ମୁଁ ସେବିଷୟରେ କିଛି ଅନୁମାନ କରିପାରୁ ନାହିଁ ।

ବରଂ ଓଲଟି, ପରମେଶ୍ୱରଙ୍କଠାରେ ଏକ ବିନୋଦବୋଧ ଅବଶ୍ୟ ରହିଥିବ । ଶ୍ରୀଅରବିନ୍ଦ ଆମକୁ ଅନେକଥର କହିଛନ୍ତି ଯେ ସର୍ବୋଚ୍ଚ ପରମସତ୍ତାଙ୍କର ସର୍ବଦା ଏକ ବିନୋଦବୋଧ ଥାଏ ଏବଂ **ଆମେ**ହିଁ ତାଙ୍କୁ ଆମ ତରଫରୁ ଏକ ଗମ୍ଭୀର ଏବଂ ସୁନିଶ୍ଚିତ ଭାବରେ ଏକ ଭାରିମୁହଁ ଚରିତ୍ର କରି ତିଆରି କରି ରଖିବାକୁ ଇଚ୍ଛା କରୁଥାଉ,– ତାଙ୍କୁ ବିଶ୍ୱାସ କରୁ ନ ଥିବା ଜଣେ ବ୍ୟକ୍ତି ପାଖକୁ ଆସି ତାକୁ ଆଲିଙ୍ଗନ କରି ଧରିବାରେ ତାଙ୍କୁ ପ୍ରକୃତରେ ହୁଏତ ଭାରି କୌତୁକପୂର୍ଣ୍ଣ ବି ଲାଗିପାରେ । ଠିକ୍ ପୂର୍ବ ଦିନ ଯେଉଁ ବ୍ୟକ୍ତି

''ଭଗବାନ କେଉଁଠିହେଲେ ନାହାନ୍ତି । ମୁଁ ତାଙ୍କୁ ଆଦୌ ବିଶ୍ୱାସ କରେ ନାହିଁ । ସେଗୁଡ଼ାକ ପ୍ରକୃତରେ ଖାଲି ନିର୍ବୋଧତା ଏବଂ ଅଜ୍ଞାନର ପରିଚାୟକ...'' ବୋଲି ଘୋଷଣା କରିଛି, ସିଏ ହୁଏତ ସେହି ବ୍ୟକ୍ତିକୁ ନିଜ ବାହୁବେଢ଼ ଭିତରକୁ ନେଇ କୁଣ୍ଢାଇ ଧରିବେ, ତାକୁ ନିଜ ହୃଦୟ ପାଖକୁ ଚାପି ଧରିବେ– ଏବଂ ତା'ରି ସମ୍ମୁଖରେ ତା' ମୁହଁକୁ ଅନାଇ ହସିବାରେ ଲାଗିଥିବେ ।

ସବୁକିଛି ସମ୍ଭବ ହୋଇପାରେ,– ଏପରିକି, ଯାହା ଆମର କ୍ଷୁଦ୍ର ଏବଂ ସୀମିତ ବୁଦ୍ଧିକୁ ଅସମ୍ଭବ ବୋଲି ମନେ ହେଉଥିବ, ସେଗୁଡ଼ିକ ମଧ୍ୟ ।

ବସ୍ତୁତଃ, ଆମେ ଯେତେବେଳେ ଏହି ସୂତ୍ରଗୁଡ଼ିକୁ ଶେଷ ପର୍ଯ୍ୟନ୍ତ ପାଠ କରିପାରିବା, ସେତେବେଳେ ଯାଇ ଆମେ ସେଗୁଡ଼ିକୁ ବୁଝିପାରିବା; କାରଣ ପ୍ରତ୍ୟେକଟି ସୂତ୍ରରେ ଶ୍ରୀଅରବିନ୍ଦ ଆବିଷ୍କୃତ ହେବାକୁ ରହିଥିବା ସତ୍ୟଟିର ପରିପ୍ରେକ୍ଷୀରେ ଆମକୁ ଏକାବେଳେକେ ଭିନ୍ନ ହୋଇ ରହିଥିବା ସ୍ଥିତିରେ ଆଣି ପକାଇ ଦେଇଛନ୍ତି । ଏହିସବୁର ଅଗଣିତ ଦିଗ ରହିଛି, ଅଗଣିତ ଦୃଷ୍ଟିକୋଣ ରହିଛି । କୌଣସି ପ୍ରକାର ଅସଂଗତି ଅଥବା ବିରୋଧର ସୃଷ୍ଟି ନ କରି ଜଣେ ବ୍ୟକ୍ତି ଅତ୍ୟନ୍ତ ପରସ୍ପରବିରୋଧୀ କଥାମାନ ମଧ୍ୟ କହିଦେଇ ପାରିବ । ତେଣୁ, ସବୁକିଛି ତୁମ ଦେଖିବାର ରୀତିଟି ଉପରେହିଁ ନିର୍ଭର କରୁଥାଏ । ଏବଂ ଏପରିକି, ଆମ ଦ୍ୱାରା ସମ୍ଭବ ଦେଖିବାକୁ ହେଉଥିବା ଯାବତୀୟ ଦୃଷ୍ଟିକୋଣରୁ ଆମେ ଶାଶ୍ୱତ ସତ୍ୟକୁ ବେଷ୍ଟିତ କରିରହିଥିବା ଯାବତୀୟ ବସ୍ତୁକୁ ଦେଖିବାକୁ ସମର୍ଥ ହୋଇଗଲେ ମଧ୍ୟ ତଥାପି ଆମେ କେବଳ ଈଷତ୍ ପରିମାଣରେ ଏତେଟିକିଏ ଦେଖିଲୁ ବୋଲି କୁହାଯିବ,– ପରମ ସତ୍ୟ ସକଳ ପାର୍ଶ୍ୱରୁହିଁ ଆମକୁ ସଙ୍ଗେ ସଙ୍ଗେ ଏଡ଼ିକରି ପଳାଇ ଯାଉଥିବ । ମାତ୍ର ଏହି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ଯେ, ଦିବ୍ୟ ପରମସତ୍ତାଙ୍କ ସହିତ ଗୋଟିଏ ମାତ୍ର ସଂସ୍ପର୍ଶ ହେଲେ ମଧ୍ୟ ଥରେ ଏକ ଯଥାର୍ଥ, ସ୍ୱତଃସ୍ଫୂର୍ତ୍ତ ଏବଂ ନିଷ୍ଠାଯୁକ୍ତ ସଂସ୍ପର୍ଶାନୁଭୂତି ଲାଭ କରିପାରିଲେ, ଠିକ୍ ସେହି ମୁହୂର୍ତ୍ତଟିରେ, ସେହି ଅନୁଭୂତିଟି ମଧ୍ୟରେହିଁ ଆମେ ସବୁକିଛି ଜାଣିପାରିବା, ଏପରିକି ଆହୁରି ଅଧିକ ମଧ୍ୟ ଜାଣି ପାରିବା । ତେଣୁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ, ତୁମେ ଯେତିକି ଜାଣିଛ, ତାହା ଯେତେ ଅଳପ ହୋଇଥିଲେ ମଧ୍ୟ ତୁମେ ପୂର୍ଣ୍ଣ ନିଷ୍ଠାର ସହିତ ତାହାକୁ ପ୍ରକୃତରେ ବଞ୍ଚିବ, ଯେପରିକି ତୁମେ ଆହୁରି ଅଧିକ ଅନୁଭୂତି ଲାଭ କରିବାକୁ ସମର୍ଥ ହେବ; ଅନୁଭୂତି ଦ୍ୱାରା ଜାଣିବ,– ମନୋମୟ ଭାବରେ ନୁହେଁ, ମାତ୍ର ତୁମେ ଏହିସବୁ ବସ୍ତୁକୁ ନିଜ ଜୀବନରେ ବଞ୍ଚୁଛ ବୋଲି ଜାଣିବାକୁ ସମର୍ଥ ହେବ, ସେଗୁଡ଼ିକ ତୁମ ଜୀବନର ଓ ତୁମ ଚେତନାର ଏକ ଅଂଶରେ ପରିଣତ ହୋଇଯାଇଥିବେ ବୋଲି ସେଗୁଡ଼ିକୁ ଜାଣି ପାରୁଥିବ ।

ତୁମେ ଯେତିକି ଜାଣିଛ, ତାହା ଯେତେ ଅଳ୍ପ ହୋଇଥିଲେ ମଧ୍ୟ ତୁମେ ତାହାକୁ ନିଜ ଜୀବନରେ ପ୍ରୟୋଗ କରିପାରୁଥିବ, ଆହୁରି ଅଧିକ ଶିକ୍ଷା କରିବା ନିମନ୍ତେ ଏହାହିଁ ସର୍ବୋତ୍ତମ ଉପାୟ, ଆପଣାର ମାର୍ଗରେ ଅଗ୍ରଗତି କରିବା ନିମନ୍ତେ ଏହାହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନ ରୂପେ କାର୍ଯ୍ୟ କରିବ । ପ୍ରକୃତରେ ନିଷ୍ଠାଯୁକ୍ତ ଭାବରେ ତାହାକୁ ଜୀବନରେ ପ୍ରୟୋଗ କରିବା– ତାହା ଯେତେ ଅଳ୍ପ ହୋଇଥାଉ ପଛକେ । ଉଦାହରଣସ୍ୱରୂପ, ଯାହା କରିବା ଉଚିତ ନୁହେଁ ବୋଲି ତୁମେ ଭଲ କରି ଜାଣିଛ, ତୁମେ ତାହାକୁ ଆଦୌ କରିବ ନାହିଁ । ନିଜ ସତ୍ତାରେ ତୁମେ କୌଣସି ଦୁର୍ବଳତା ବା ଅସମର୍ଥତା ରହିଛି ବୋଲି ଯେତେବେଳେ ତୁମେ ଦେଖିବାକୁ ପାଇବ, ସେତେବେଳେ ତୁମେ ତାହାକୁ ପୁନର୍ବାର ଘଟିବା ଲାଗି କେବେହେଲେ ବାଟ ଛାଡ଼ିଦେବ ନାହିଁ । ତୁମର ଯାହା ଅବଶ୍ୟ ହେବା ଉଚିତ, ଯେତେବେଳେ ତୁମେ ଗୋଟିଏ ମୁହୂର୍ତ୍ତ ସକାଶେହିଁ ତାହାକୁ ଆପଣାର ଦୃଷ୍ଟି ସମକ୍ଷରେ ଅନୁଭବ କରିପାରିବ, ସେତେବେଳେ ଏକ ଉଦ୍ଦୀପ୍ତ ଅଭୀପ୍ସା ଦ୍ୱାରା ତୁମେ ତାହା ପ୍ରକୃତରେ ହେବାକୁ କଦାପି ପାସୋରି ପକାଇବ ନାହିଁ ।

କେତେକ ଲୋକ ଆପଣାର ଅସମର୍ଥତାଗୁଡ଼ିକ ବିଷୟରେ ସର୍ବଦା ଅଭିଯୋଗ କରିବାରେ ଲାଗିଛନ୍ତି । ମାତ୍ର, ସେପରି କରି ତୁମେ ଆଦୌ ବେଶୀ ଦୂର ଯାଇପାରିବ ନାହିଁ । ଯଦି ତୁମେ ନିଜର ଦୁର୍ବଳତାକୁ ଥରେ ମଧ୍ୟ ଯଥାର୍ଥ ଭାବରେ ଦେଖି ପାରିଥିବ, ତୁମର ଆଦୌ ସେପରି ହେବା ଉଚିତ ନୁହେଁ ବୋଲି ଯଦି ପ୍ରକୃତରେ ନିଷ୍ଠାପର ଭାବରେ ବୁଝିପାରିଥିବ ଓ ଦେଖିବାକୁ ପାଇଥିବ,– ତେବେ ତୁମକୁ ତା'ପରେ ଆଉ ମୋଟେ ଅଭିଯୋଗ କରିବାକୁ ପଡ଼ିବ ନାହିଁ । ତା'ପରେ ତୁମେ ପ୍ରତିଦିନ ପ୍ରୟାସ କରିବାକୁ ଆରମ୍ଭ କରିଦେବ, ଏକ ଇଚ୍ଛାଶକ୍ତିର ନିର୍ମାଣ କରିବ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ସତର୍କ ରହି ଶିଖିବ । ତୁମେ ଯେଉଁ ଭୁଲକୁ ଭୁଲ ବୋଲି ଜାଣି ସାରିଲଣି, ତାହାକୁ କଦାପି ଆଉଥରେ ଘଟିବାକୁ ଅନୁମତି ଦେବ ନାହିଁ । ଅଜ୍ଞାନ ହେତୁ ଭୁଲ୍ କରିବା, ଅଚେତନା ହେତୁ ଭୁଲ୍ କରିବା,– ଏହାକୁ ନିଃସନ୍ଦେହ ଭାବରେ ଏକ ଦୁର୍ଭାଗ୍ୟର କଥା ବୋଲି କୁହାଯିବ; ମାତ୍ର ତାହାକୁ ତଥାପି ସଂଶୋଧନ କରାଯାଇ ପାରିବ । ଅନ୍ୟ ପକ୍ଷରେ, ଆମେ ସେହି ଗୋଟିଏ ଭୁଲ୍‌କୁ ବାରବାର କରିବାରେ ଲାଗିଥିବା,– ସେଇଟିକୁ କଦାପି କରିବା ଉଚିତ ନୁହେଁ ବୋଲି ଭଲ କରି ଜାଣିଥିବା,– ତାହାକୁ କେବଳ ଏକ ଭୀରୁତା ବୋଲିହିଁ କହିବାକୁ ହେବ, ଏବଂ ତାହା ଲାଗି ଆମେ ନିଜକୁ କଦାପି ଅନୁମତି ଦେବା ନାହିଁ ।

''ମନୁଷ୍ୟର ସ୍ୱଭାବ ସେହିପରି ହୋଇ ତିଆରି ହୋଇଛି, ଆମେ ସମସ୍ତେ ଏହି ଅଚେତନା ମଧ୍ୟରେହିଁ ରହିଛୁ, ଅଜ୍ଞାନ ଭିତରେ ପଡ଼ି ରହିଛୁ''– ଏଭଳି କହିବାରେ

ଲାଗିଥିବା,— ଏସବୁ ହେଉଛି ଆଳସ୍ୟ ଏବଂ ଦୁର୍ବଳତା । ଏବଂ, ସେହି ଆଳସ୍ୟ ତଥା ଦୁର୍ବଳତା ପଛରେ ଏକ ପ୍ରକାଣ୍ଡ ଅସଦିଚ୍ଛା ଠିଆ ହୋଇ ରହିଥାଏ । ବୁଝିଲ ?

ଅନେକ,— ପ୍ରକୃତରେ ଅନେକ ଲୋକ ମୋ'ପାଖରେ ଆସି ଏହିପରି ମନ୍ତବ୍ୟ କରିଛନ୍ତି ବୋଲି ମୁଁ ଏପରି କହୁଛି । ଏବଂ ସର୍ବଦା ଆପଣାକୁ ଉଚିତ ବୋଲି ପ୍ରତିପାଦିତ କରିବାକୁ ତାହା କରାଯାଇଥାଏ : ''ଆମ ଦ୍ୱାରା ଯାହା ସମ୍ଭବ, ଆମେ ଅବଶ୍ୟ କରୁଛୁ ।'' ଏକଥା ଆଦୌ ସତ ନୁହେଁ । କାରଣ, ଯଦି ତୁମ ଭିତରେ ଆନ୍ତରିକତା ରହିଥିବ, ଯଦି ତୁମେ ଥରେ ଯଥାର୍ଥ ଦର୍ଶନଟିକୁ ସମ୍ଭବ କରିଥିବ,— ଯଦି ସେଇଟି ହୋଇ ନ ଥିବ, ତେବେ ସେବିଷୟରେ ଆଉ କିଛି କୁହାଯାଇ ପାରିବ ନାହିଁ । ମାତ୍ର, ତୁମେ ଯେଉଁ ମୁହୂର୍ତ୍ତରେ ତାହାକୁ ଦେଖିପାରିବ, ସେହି ମୁହୂର୍ତ୍ତରେହିଁ ତୁମେ ଦିବ୍ୟ ପରମ କରୁଣାକୁ ଲାଭ କରିବାକୁ ସମର୍ଥ ହେବ; ଏବଂ, ଥରେ ସେହି କରୁଣାକୁ ଲାଭ କରିବା ପରେ, ତା'ପରେ ତାହାକୁ ପାସୋରି ଦେବା ଲାଗି ତୁମର ଆଉ କୌଣସି ଅଧିକାର ନ ଥିବ ।*

୫ ଡିସେମ୍ବର, ୧୯୫୮

*ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଯେଉଁ ''ଶୁକ୍ରବାର କ୍ଲାସ''ଗୁଡ଼ିକ ହେଉଥିଲା, ତାହା ଏଇଠି ସରିଲା; ଏବଂ ତା'ସହିତ ମାଆଙ୍କ ପ୍ରଦତ୍ତ ଟିପ୍ପଣୀଗୁଡ଼ିକର ପ୍ରଥମ କିସ୍ତିଟି ମଧ୍ୟ ଏହିଠାରେ ଶେଷ ହେଲା ।

# ଜ୍ଞାନ

## ଟିପ୍ପଣୀଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ
## (୧୯୬୦-୧୯୬୧)

**୧୩. ସେମାନେ ମୋତେ କହିଲେ, ''ଏଗୁଡ଼ାକ ଖାଲି ଦୃଷ୍ଟିଭ୍ରମ ।'' ଦୃଷ୍ଟିଭ୍ରମ କହିଲେ କ'ଣ ବୁଝାଏ, ମୁଁ ସେକଥା ଅନୁସନ୍ଧାନ କଲି, ଏବଂ ଜାଣିବାକୁ ପାଇଲି ଯେ ଏହା ହେଉଛି ଏକ ବ୍ୟକ୍ତିସାପେକ୍ଷ ଅର୍ଥାତ୍ ଅତିଭୌତିକ ଅନୁଭବ, ଯାହାର ଅନୁରୂପ ହୋଇ ଆଦୌ କୌଣସି ବାସ୍ତବ ବା ଭୌତିକ ସତ୍ୟ ବିଦ୍ୟମାନ ନ ଥାଏ । ଏବଂ ତା'ପରେ ମୁଁ ବସିକରି ମନୁଷ୍ୟ ବୁଦ୍ଧିର ଅଦ୍ଭୁତ ଶକ୍ତିଶାଳିତା ବିଷୟରେ ବିସ୍ମିତ ହେବାକୁ ଲାଗିଲି ।**

*ଏଠାରେ ''ମନୁଷ୍ୟବୁଦ୍ଧିର ଅଦ୍ଭୁତ ଶକ୍ତିଶାଳିତା'' ଦ୍ୱାରା ଶ୍ରୀଅରବିନ୍ଦ କ'ଣ କହିବାକୁ ଚାହୁଁଛନ୍ତି ?*

ଏହି ସୂତ୍ରଟିରେ ''ସେମାନେ'' ବୋଲି କହିବାବେଳେ ଶ୍ରୀଅରବିନ୍ଦ ଜଡ଼ବାଦୀ ଓ ଜଡ଼ବିଜ୍ଞାନୀମାନଙ୍କ ବିଷୟରେ କହୁଛନ୍ତି, ଏବଂ ସାଧାରଣ ଭାବରେ ସେହିସବୁ ବ୍ୟକ୍ତିଙ୍କୁ ଇଙ୍ଗିତ କରୁଛନ୍ତି, ଯେଉଁମାନେ କେବଳ ଭୌତିକ ସତ୍ୟକୁହିଁ ଏକମାତ୍ର ସତ୍ୟ ବୋଲି ବିଶ୍ୱାସ କରନ୍ତି ଏବଂ ତେଣୁ ମନୁଷ୍ୟର ବୁଦ୍ଧିକୁ ଆଦୌ କୌଣସି ଭୁଲ୍ କରୁ ନ ଥିବା ଏକମାତ୍ର ବିଚାରକ ରୂପେ ଗ୍ରହଣ କରିଥା'ନ୍ତି । ପୁନଶ୍ଚ, ଏଠାରେ ସିଏ ''ଏଗୁଡ଼ାକ'' କହିଲେ, ଯାହାସବୁ ଜଡ଼ତର ପୃଥିବୀରେ ଅବସ୍ଥିତ ରହିଛି, ଯାହାକୁ କେବଳ ଆମର ଜଡ଼ତର ଆଖିଗୁଡ଼ିକ ଦ୍ୱାରା ଦେଖିପାରିବା ସମ୍ଭବ ହେବ, ସିଏ ସେହି ସବୁକିଛିକୁ ବୁଝୁଛନ୍ତି; ପ୍ରାଣିକ ଜଗତର ଇନ୍ଦ୍ରିୟବୋଧଗୁଡ଼ିକଠାରୁ ଆରମ୍ଭ କରି ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିକୁ ଅନୁଭବ କରିବାର ସୂକ୍ଷ୍ମ କ୍ଷେତ୍ରଗୁଡ଼ିକରେ ଆମେ ଯେଉଁସବୁ ଅନୁଭୂତି ଲାଭ କରିବାକୁ ସମର୍ଥ ହେଉ, ଶ୍ରୀଅରବିନ୍ଦ ଏହାଦ୍ୱାରା ସେହି ଯାବତୀୟ ଅନୁଭବକୁ ବୁଝୁଛନ୍ତି ।

ଏଗୁଡ଼ିକୁ ଓ ତତ୍ତୁଲ୍ୟ ଅନ୍ୟାନ୍ୟ ''ବସ୍ତୁ'' ବିଷୟରେ ଚର୍ଚ୍ଚା କଲାବେଳେ ସେଗୁଡ଼ିକ କେବଳ ''ଦୃଷ୍ଟିଭ୍ରମ'' ବୋଲି ଶ୍ରୀଅରବିନ୍ଦଙ୍କୁ କୁହାଯାଇଥିଲା । ଅଭିଧାନରେ ''ଦୃଷ୍ଟିଭ୍ରମ'' ଶବ୍ଦଟିର ଅର୍ଥଟିକୁ ଖୋଜି ବାହାର କଲେ ଆମେ ସେଠାରେ ଏହି ସଂଜ୍ଞାଟି ଦିଆଯାଇ ଥିବାର ଦେଖିବାକୁ ପାଇବା : ''ଏକ ବିକୃତ ବସ୍ତୁବୋଧ ଯାହାକି କୌଣସି ପ୍ରକୃତ ବସ୍ତୁର ବୋଧ ଦ୍ୱାରା ଉତ୍ପନ୍ନ ହୁଏ ନାହିଁ । ଏହା ହେଉଛି ବସ୍ତୁକୁ ବାଦ୍ ଦେଇ ହେଉଥିବା ଏକ ବସ୍ତୁବୋଧ ।'' ଶ୍ରୀଅରବିନ୍ଦ ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ ଏହାର ବ୍ୟାଖ୍ୟା କରିଛନ୍ତି ବା ବ୍ୟକ୍ତ କରି ପାରିଛନ୍ତି : ''ଏକ ବ୍ୟକ୍ତିସାପେକ୍ଷ ଅର୍ଥାତ୍ ଅତିଭୌତିକ ଅନୁଭବ, ଯାହାର ଅନୁରୂପ ହୋଇ ଆଦୌ କୌଣସି ବାସ୍ତବ ବା ଭୌତିକ ସତ୍ୟ ବିଦ୍ୟମାନ ନ ଥାଏ ।''

ଅନ୍ତର୍ଗତ ଚେତନାର ଏହି ବ୍ୟାପାରଗୁଡ଼ିକର ଏକ ଅଧିକ ଭଲ ବ୍ୟାଖ୍ୟା ଆଦୌ ଦିଆଯାଇ ପାରି ନ ଥା'ନ୍ତା । ଏହିସବୁ ବୋଧ ମନୁଷ୍ୟ ଲାଗି ଅତ୍ୟନ୍ତ ମୂଲ୍ୟବାନ୍ ଏବଂ ସେହି ବୋଧ ଲାଭ କରିବା ଦ୍ୱାରା ମନୁଷ୍ୟ କେବଳ ଏକ ଭାବନା ସମର୍ଥ ପ୍ରାଣୀଠାରୁ ଆହୁରି ଊର୍ଦ୍ଧ୍ୱକୁ ଉନ୍ନୀତ ହୋଇଯିବାକୁ ସମର୍ଥ ହୁଏ । ମନୁଷ୍ୟର ବୁଦ୍ଧି ଏତେ ଅଧିକ ପରିମାଣରେ ସୀମାଗୁଡ଼ାକ ଭିତରେ ରହିଥାଏ, ଏହି ପୃଥିବୀଟା ସହିତ ଏତେବେଶୀ ବାନ୍ଧିହୋଇ ପଡ଼ିଥାଏ ଏବଂ ଏତେ ଉଦ୍ଧତ ଭାବରେ ଅଜ୍ଞାନଗ୍ରସ୍ତ ହୋଇ ରହିଥାଏ ଯେ, ଯେଉଁସବୁ ସାମର୍ଥ୍ୟ ମନୁଷ୍ୟ ଲାଗି ଏକ ଉଚ୍ଚତର ଏବଂ ଅଧିକ ବିସ୍ମୟମୟ ଜୀବନର ଦ୍ୱାରଗୁଡ଼ିକୁ ଉନ୍ମୋଚିତ କରିଦିଅନ୍ତି, ତାହା କେବଳ ଗୋଟାଏ ନିନ୍ଦାତ୍ମକ ଶବ୍ଦ ପ୍ରୟୋଗ କରି ସେଗୁଡ଼ିକର ପ୍ରତିଷ୍ଠାକୁ ନଷ୍ଟ କରିଦେବାକୁ ଇଚ୍ଛା କରୁଥାଏ ।... ଏହି ଅନମନୀୟ ଅଜ୍ଞାନର ପରିପ୍ରେକ୍ଷୀରେହିଁ ଶ୍ରୀଅରବିନ୍ଦ **ବ୍ୟଙ୍ଗ୍ୟାତ୍ମକ ଭାବରେ** ''ମନୁଷ୍ୟବୁଦ୍ଧିର ଅଦ୍ଭୁତ ଶକ୍ତିଶାଳିତା'' ବିଷୟରେ ବିସ୍ମୟ ପ୍ରକାଶ କରିଛନ୍ତି । କାରଣ ଏତେ ଅଧିକ ପରିମାଣରେ ସତ୍ୟକୁ ମିଥ୍ୟାରେ ପରିଣତ କରିଦେବାର ଶକ୍ତିକୁ ନିଶ୍ଚିତ ଭାବରେ ଏକ ଅଦ୍ଭୁତ ଶକ୍ତିଶାଳିତା ବୋଲି କୁହାଯିବ ।

୫ ଜାନୁଆରି, ୧୯୬୦*

**୧୪. ଜଡ଼ବସ୍ତୁ ସହିତ ଆମେ ଅତିରିକ୍ତ ଜଡ଼ିତ ହୋଇ ରହିଥିବା ହେତୁ ଆମଠାରୁ ଯେଉଁସବୁ ସତ୍ୟ ବିଚ୍ଛିନ୍ନ ହୋଇପଡ଼ିଛି, ତଥାପି ତାହାର ଯେଉଁ ସାମୟିକ ଝଲକଗୁଡ଼ିକୁ ଆମେ ପାଉ ତାହାକୁ ବିଜ୍ଞାନ ଦୃଷ୍ଟିଭ୍ରମ ବୋଲି ଆଖ୍ୟା ଦେଇଛି; ସେହି ସର୍ବୋଚ୍ଚ ଓ ପରମ ବିଶ୍ୱମୟ ପ୍ରଜ୍ଞା ଜଣେ କଳାକାର ପରି ଆପଣାର ସଚେତନ ସତ୍ତାର ଭୂମିରେ ଏକ ପଟ ଉପରେ ଆଙ୍କିଦେଲା ପରି ଏହି ଯେଉଁ ପୃଥିବୀର ଯୋଜନା କରିଛି ଓ ତାହାକୁ ଏକ ବାସ୍ତବ ରୂପ ଦେଇଛି ତାହାର ବିସ୍ମୟକାରୀ ସ୍ପର୍ଶଗୁଡ଼ିକୁ ବିଜ୍ଞାନ କେବଳ ଏକ କାକତାଳୀୟ ଆକସ୍ମିକ ସଂଯୋଗ ବୋଲି ଆଖ୍ୟା ଦେଇଛି ।**

---

*ସ୍ମରଣ ରଖିବା ଉଚିତ ଯେ, ଲିଖିତ ପ୍ରଶ୍ନଗୁଡ଼ିକରେ ଯେଉଁସବୁ ତାରିଖ ଦିଆ ଯାଇଥିଲା, ଏହି ଭାଗଟିରେ ଅଧିକାଂଶ ସ୍ଥଳରେ ସେହି ତାରିଖଗୁଡ଼ିକୁହିଁ ଦିଆଯାଇଛି । ତାଙ୍କ ପାଖରେ ପ୍ରଶ୍ନଟି ପହଞ୍ଚିବାର ବହୁକାଳ ପରେ ଯାଇ ମାଆ ବେଳେ ବେଳେ ତାହାର ଉତ୍ତର ଦେଉଥିଲେ । ତାଙ୍କ ଉତ୍ତରରେ କୌଣସି ତାରିଖ ରହୁ ନ ଥିଲା । ଏହି ଭାଗଟିର ଶେଷ ଆଡ଼କୁ ଥିବା କେତୋଟି ପ୍ରଶ୍ନ ମୌଖିକ ଭାବରେ ପଚରା ଯାଇଥିଲା ଓ ମାଆ ମୌଖିକ ଭାବରେ ସେଗୁଡ଼ିକର ଉତ୍ତର ଦେଇଥିଲେ ।

*ଏଠାରେ ''କଳାକାର'' ଉପମାଟି କାହାର ପ୍ରତିନିଧିତ୍ୱ କରୁଛି ?*

ଏଠାରେ ଶ୍ରୀଅରବିନ୍ଦ ବିଶ୍ୱଭୁବନର ସୃଷ୍ଟିକର୍ତ୍ତା ସେହି ସର୍ବୋଚ୍ଚ ପରମକର୍ତ୍ତାଙ୍କର କାର୍ଯ୍ୟକୁ ଆପଣା ସଚେତନ ସତ୍ତାର ଭୂମିରେ ଅବସ୍ଥିତ ରହି ଚିତ୍ର ଆଙ୍କୁଥିବା ଜଣେ କଳାକାର ସହିତ ତୁଳନା କରିଛନ୍ତି; କଳାକାର ଯେପରି ଆପଣାର ସତ୍ତ୍ୱର ତୂଳୀଚାଳନା ଦ୍ୱାରା କାନ୍‌ଭାସ୍ ଉପରେ ଏହି ପୃଥିବୀର ଚିତ୍ର ଆଙ୍କେ, ତାହାରି ସହିତ ତୁଳନା କରିଛନ୍ତି । ଏବଂ, ଯେତେବେଳେ ''ବିସ୍ମୟକାରୀ ସ୍ପର୍ଶଗୁଡ଼ିକ'' ଦ୍ୱାରା ସିଏ ତୂଳୀ ସାହାଯ୍ୟରେ ଗୋଟିକପରେ ଗୋଟିଏ ଗାର ମାରିଦେଇ ଛବିଟିଏ ଆଙ୍କି ଥୋଇଦିଏ, ସେତେବେଳେ ସେଇଥିରୁହିଁ ଏକ ଅନୁରୂପତା ବା ''ସଂଯୋଗ'' ରଚିତ ହୋଇ ଆସିଥାଏ ।

''ସଂଯୋଗ'' କହିଲେ ସାଧାରଣତଃ ଏକ ଅଚେତନ ଓ ଅର୍ଥହୀନ ଆକସ୍ମିକତାକୁ ସୂଚିତ କରି ଦେଇଥାଏ । ଶ୍ରୀଅରବିନ୍ଦ ଆମକୁ ବୁଝାଇ ଦେବାକୁ ଚାହୁଁଛନ୍ତି ଯେ, ଏହି କ୍ଷେତ୍ରରେ ଆକସ୍ମିକତା ଓ ଅଚେତନା ଲାଗି ଆଦୌ କୌଣସି ସ୍ଥାନ ନାହିଁ । ଅନ୍ୟ ପକ୍ଷରେ ତାହା ଏକ ମାର୍ଜିତ ରୁଚିସଚେତନତାକୁ ବୁଝାଇଥାଏ, ଜଣେ କଳାକାର ଚେତନା ପରି ଏକ ଚେତନାକୁ ବୁଝାଇଥାଏ ଏବଂ ଏଥିରୁ ଏକ ଗଭୀର ଅଭିପ୍ରାୟ ମଧ୍ୟ ଉଦ୍‌ଘାଟିତ ହୋଇ ଆସିବାର ସମ୍ଭାବନା ରହିଥାଏ ।

୧୨ ଜାନୁଆରି, ୧୯୬୦

**୧୫. ମନୁଷ୍ୟ ଯାହାକୁ ଦୃଷ୍ଟିଭ୍ରମ ବୋଲି କହେ ତାହା ହେଉଛି ଆମର ମନ ଓ ଇନ୍ଦ୍ରିୟାନୁଭବ ଉପରେ ତାହାରହିଁ ପ୍ରତିଫଳନ ଯାହାକି ଆମର ସାଧାରଣ ମାନସିକ ତଥା ଇନ୍ଦ୍ରିୟଗତ ପ୍ରତ୍ୟକ୍ଷର ଅତୀତ ହୋଇ ରହିଥାଏ । ଏହିସବୁ ପ୍ରତିଫଳନକୁ ମନ ଭୁଲ ଭାବରେ ବୁଝେ, ଏବଂ ସେଇଥିରୁହିଁ ଅନ୍ଧବିଶ୍ୱାସ ଜାତ ହୁଏ । ଏହା ବ୍ୟତୀତ ଆଉ ଅନ୍ୟ କୌଣସି ଦୃଷ୍ଟିଭ୍ରମ ନାହିଁ ।**

*ଦୃଷ୍ଟିଭ୍ରମଗୁଡ଼ିକୁ ଆମେ ସୂକ୍ଷ୍ମଦର୍ଶନ ସହିତ ତୁଳନା କରିପାରିବା କି ?*

ସୂକ୍ଷ୍ମ ଦର୍ଶନ ହେଉଛି ଏକ ଦର୍ଶନ, ଦେଖୁଥିବା ଇନ୍ଦ୍ରିୟଟିର ଅନୁରୂପ ହୋଇ ରହିଥିବା ଏକ ଜଗତରେ ଯାହାସବୁ ପ୍ରକୃତରେ ରହିଛି, ଦର୍ଶନେନ୍ଦ୍ରିୟ ସାହାଯ୍ୟରେ ସେହିଗୁଡ଼ିକ ବିଷୟରେ ଏକ ବୋଧର ଉପଲବ୍ଧି ।

ଉଦାହରଣ ସ୍ୱରୂପ, ବ୍ୟକ୍ତିର ପ୍ରାଣିକ ଭୂମିର ଅନୁରୂପ ହୋଇ ଏକ ବିଶ୍ୱଗତ ପ୍ରାଣିକ ଜଗତ ମଧ୍ୟ ରହିଛି । ଜଣେ ବ୍ୟକ୍ତି ଯେତେବେଳେ ଯଥେଷ୍ଟ ପରିମାଣରେ ବିକାଶ ଲାଭ କରେ, ସେତେବେଳେ ତାହାର ବ୍ୟକ୍ତିଧର୍ମବିଶିଷ୍ଟ ଏକ ପ୍ରାଣିକ ସତ୍ତା ମଧ୍ୟ ରହିଥାଏ, ଏଥିରେ ଦେଖିବାର, ଶୁଣିବାର ଓ ଘ୍ରାଣ କରିବା ଇତ୍ୟାଦିର ଇନ୍ଦ୍ରିୟମାନ ମଧ୍ୟ ଥାଆନ୍ତି । ତେଣୁ, ଯେଉଁ ବ୍ୟକ୍ତିର ଏକ ସୁବିକଶିତ ପ୍ରାଣିକ ସତ୍ତା ରହିଥାଏ, ସିଏ ଆପଣାର ପ୍ରାଣଗତ ଦୃଷ୍ଟି ଦ୍ୱାରା ସଚେତନ ଭାବରେ ଏବଂ ପୂର୍ବଦୃଷ୍ଟ ବିଷୟଗୁଡ଼ିକର ସ୍ମୃତିଗୁଡ଼ିକ ସାହାଯ୍ୟରେ ପ୍ରାଣିକ ଜଗତ ମଧ୍ୟରେ କେତେ କ'ଣ ଦେଖିବାକୁ ସମର୍ଥ ହୁଏ । ସେଇଥିରୁହିଁ ଏକ ସୂକ୍ଷ୍ମଦୃଷ୍ଟି ସମ୍ଭବ ହୁଏ ।

ପ୍ରାଣିକ, ମାନସିକ, ଅଧିମାନସ ଓ ଅତିମାନସ,— ଯାବତୀୟ ସୂକ୍ଷ୍ମ ସ୍ତରୀୟ ଜଗତରେ ଠିକ୍ ଏହିପରି ଘଟେ,— ମଧ୍ୟବର୍ତ୍ତୀ ଯାବତୀୟ ଜଗତ ଏବଂ ସତ୍ତାଗତ ଭୂମିରେ ମଧ୍ୟ ତାହା ଘଟିଥାଏ । ଏହିପରି ଭାବରେ ଜଣେ ବ୍ୟକ୍ତି ପ୍ରାଣିକ, ମନୋଗତ, ଅଧିମାନସ ଓ ଅତିମାନସ ଯାବତୀୟ ସୂକ୍ଷ୍ମଦର୍ଶନର ସାମର୍ଥ୍ୟ ଲାଭ କରିଥାଏ ।

ଅନ୍ୟ ପକ୍ଷରେ, ଶ୍ରୀଅରବିନ୍ଦ ଆମକୁ ଏହି କଥା କହୁଛନ୍ତି ଯେ, ସାଧାରଣତଃ ଯାହାକୁ ଏକ ଦୃଷ୍ଟିଭ୍ରମ ବୋଲି କୁହାଯାଇଥାଏ, ତାହା ହେଉଛି ମନ ଅଥବା ସ୍ଥୂଳେନ୍ଦ୍ରିୟଗୁଡ଼ିକର ଭୂମିରେ ହେଉଥିବା ଏକ ପ୍ରତିବିମ୍ବନ; ଆମର ମନ ଓ ସାଧାରଣ ଇନ୍ଦ୍ରିୟଗୁଡ଼ିକର ଯାହା ଅତୀତ ହୋଇ ରହିଛି, ତାହାରି ଏକ ପ୍ରତିବିମ୍ବନ । ଏଣୁ ଏହାକୁ ଆଦୌ ଏକ ଅପରୋକ୍ଷ ଦର୍ଶନ ବୋଲି କୁହାଯିବ ନାହିଁ; ଏହା ହେଉଛି ପ୍ରକୃତରେ ଏକ ପ୍ରତିବିମ୍ବିତ ରୂପ, ଯାହାକୁକି ସାଧାରଣତଃ ଆଦୌ ବୁଝିହୁଏ ନାହିଁ ଓ ଯାହାର କୌଣସି ବ୍ୟାଖ୍ୟା କରିହୁଏ ନାହିଁ । ଏଥିରେ ନିହିତ ହୋଇ ରହିଥିବା ଅନିଶ୍ଚିତତାର ଉପାଦାନ ଅବାସ୍ତବତାର ଏକ ଅବବୋଧ ଉତ୍ପନ୍ନ କରିଥାଏ, ଏବଂ ଯାବତୀୟ ଅନ୍ଧବିଶ୍ୱାସକୁ ଜନ୍ମ ଦେଇଥାଏ । ଏବଂ, ସେହି କାରଣରୁହିଁ ''ବିଚାରଶୀଳ'' ଲୋକମାନେ, ବା ଆପଣାକୁ ଯେଉଁମାନେ ବିଚାରଶୀଳ ବୋଲି ଭାବୁଥା'ନ୍ତି, ଏହି ସବୁ ବ୍ୟାପାର ଉପରେ ଆଦୌ କୌଣସି ମହତ୍ତ୍ୱ ଦିଅନ୍ତି ନାହିଁ ଓ ସେଗୁଡ଼ିକୁ ଦୃଷ୍ଟିଭ୍ରମ ବୋଲି କହିଥା'ନ୍ତି । ଏବଂ ତଥାପି, ଗୂଢ଼ବିଦ୍ୟାଗତ ଘଟଣାମାନଙ୍କରେ ଯେଉଁମାନଙ୍କର ଆଗ୍ରହ ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ପ୍ରକାରର ବୋଧ ଅନେକ ସମୟରେ ହୁଏତ ଆପଣାକୁ କ୍ରମଶଃ ଗଠିତ କରି ଆଣୁଥିବା ଏକ ଦୃଷ୍ଟିସାମର୍ଥ୍ୟର ପୂର୍ବସୂଚନା ଆଣି ଦେଇଯାଇଥାଏ । ମାତ୍ର ଏହାକୁ ଏକ ଯଥାର୍ଥ ଦର୍ଶନଲାଭ ବୋଲି ମନେ କରିବାର ଭ୍ରମରେ ନ ପଡ଼ିବା ବିଷୟରେ ତୁମକୁ ସର୍ବଦା ସତର୍କ ରହିବାକୁ ପଡ଼ିବ । କାରଣ, ମୁଁ ପୁନର୍ବାର ସେହିକଥା କହୁଛି, ପ୍ରାୟ ଏକ ସଂପୂର୍ଣ୍ଣ ଅଜ୍ଞାନର ସ୍ଥିତିଭୂମି ଉପରେହିଁ ଅଧିକାଂଶ ସମୟରେ ସେହି ଘଟଣାଗୁଡ଼ିକ ଘଟିଥାଏ,

ଅଧିକାଂଶ ସମୟରେ ଏଗୁଡ଼ିକର ଅନୁଗାମୀ ହୋଇ ଅନେକ ଭୁଲ୍ ରହିଥାଏ, ଅନେକ ଭୁଲ ବ୍ୟାଖ୍ୟା ମଧ୍ୟ ରହିଥାଏ । ଏଠାରେ ସେହିସବୁ ଅସାଧୁବ୍ୟକ୍ତିଙ୍କ ବିଷୟରେ କ'ଣ କୁହାଯିବ, ଯେଉଁମାନେ କି ଆପଣା ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରି କହୁଥିବା ସମୟରେ ପ୍ରକୃତରେ ଆଦୌ ଘଟି ନ ଥିବା ଗୁଡ଼ାଏ ଟିକିନିଖି ଯାଦୁସାଦୁକୁ ଆଣି ତା'ଭିତରେ ପୂରାଇ ଦିଅନ୍ତି; ଏବଂ, ବୁଦ୍ଧି ଦ୍ୱାରା ପରିଚାଳିତ ଓ ବିଚାରଶୀଳ ବ୍ୟକ୍ତିମାନେ ସାଧାରଣତଃ ଯେଉଁ ଅବିଶ୍ୱାସ ଓ ସଂଶୟ ସହିତ ଏହିସବୁ ବ୍ୟାପାରକୁ ଗ୍ରହଣ କରିଥା'ନ୍ତି, ସେମାନେ ତାହାକୁ ପ୍ରକୃତରେ ଉଚିତ ବୋଲି ପ୍ରମାଣ କରିଦିଅନ୍ତି ।

ତେଣୁ, ଯଥାର୍ଥ ସଜ୍ଞାନତା ଏବଂ ଆନ୍ତରିକତାର ପୃଷ୍ଠଭୂମି ଉପରେ ଯେଉଁ ଅନୁଭୂତିଗୁଡ଼ିକ ଉପଲବ୍ଧ ହୋଇଥାଏ, କେବଳ ସେହିଗୁଡ଼ିକର କ୍ଷେତ୍ରରେହିଁ ଆମେ ''ସୂକ୍ଷ୍ମଦର୍ଶନ'' ଶବ୍ଦଟିର ପ୍ରୟୋଗ କରିବା । ତଥାପି, ''ଦୃଷ୍ଟିଭ୍ରମ'' ତଥା ସୂକ୍ଷ୍ମଦର୍ଶନ ଦୁଇଟିଯାକର କ୍ଷେତ୍ରରେ ଯାହାକିଛି ପରିଦୃଷ୍ଟ ହୁଏ, ତାହାର ଅନୁରୂପ ହୋଇ ଅବଶ୍ୟ ଏକ ବାସ୍ତବ ରହିଥାଏ; ଅବଶ୍ୟ ଏକଥା ସତ ଯେ, ପ୍ରତିଲେଖନର ପ୍ରକ୍ରିୟାଟିରେ ବେଳେବେଳେ ସେଥିରେ ଅନେକ ବିକୃତି ଆସି ପଶି ଯାଇଥାଏ ।

୨୦ ଜାନୁଆରି, ୧୯୬୦

**୧୬. ଏହିସବୁ ଆଧୁନିକ ବିବାଦୀ ତାର୍କିକମାନଙ୍କ ପରି ଅନେକାକ୍ଷର ବହୁସଂଖ୍ୟକ ଶବ୍ଦ ଦେଇ ଭାବନାକୁ ଘୋଡାଇ ରଖ ନାହିଁ ଅଥବା ନାନା ସୂତ୍ର ଏବଂ ଭଣ୍ଡବାକ୍ୟର କୁହୁକ ଦ୍ୱାରା ପ୍ରୀତିକର ଜିଜ୍ଞାସାକୁ ଶୁଆଇ ପକାଅ ନାହିଁ । ନିରନ୍ତର ଅନୁସନ୍ଧାନ କର; ତରତର ହୋଇ ଆଖି ବୁଲାଇ ନେଉଥିବା ଦୃଷ୍ଟିକୁ ଯେଉଁସବୁ ବସ୍ତୁ କେବଳ ଆକସ୍ମିକତା ଅଥବା ଭ୍ରମ ବୋଲି ବୋଧ ହେଉଛି, ସେଗୁଡ଼ିକ ପଛରେ ଥିବା କାରଣଟିକୁ ଖୋଜି ବାହାର କର ।**

*ଆମେ ବସ୍ତୁଗୁଡ଼ିକର କାରଣ ଖୋଜି ବାହାର କରିପାରିବା କିପରି ? ମନ ଦ୍ୱାରା ସେକଥା କରିବାକୁ ଚେଷ୍ଟା କଲେ, ତାହା କ'ଣ ତଥାପି ଆଉ ଗୋଟାଏ ପ୍ରକାରର ଭ୍ରମ ହୋଇ ସତ୍ୟକୁ ଆଢୁଆଳ କରି ରଖିବ ନାହିଁ କି ?*

ମନର ଅନେକ ଭୂମି ରହିଛି, ଅନେକ ମଣ୍ଡଳ ରହିଛି; ଭୌତିକ ମନର ସ୍ତରଠାରୁ ଆରମ୍ଭ କରି,— ଏହି ନିମ୍ନତର ସ୍ତରରେ ସାଧାରଣ ଭାବନାଗୁଡ଼ିକ ରହିଥା'ନ୍ତି, ସେଥିରେ

କେତେ ନା କେତେ ଭୁଲ୍, ଅଜ୍ଞାନ ଓ ମିଥ୍ୟା ଭର୍ତ୍ତି ହୋଇ ରହିଥାଏ,– ଉଚ୍ଚତର ମନର ସ୍ତର ପର୍ଯ୍ୟନ୍ତ– ଅନ୍ତର୍ବୋଧ ଆକାରରେ ତାହା ଅତିମାନସ ସତ୍ୟର ରଶ୍ମିଗୁଡ଼ିକୁ ଗ୍ରହଣ କରୁଥାଏ,– ନାନା ସ୍ତର ରହିଛି । ଏହି ଦୁଇ ପ୍ରାନ୍ତୀୟ ସ୍ତରର ମଧ୍ୟବର୍ତ୍ତୀ ହୋଇ ଅଗଣିତ କେତେକେତେ ସ୍ତରର ଏକ ସୋପାନକ୍ରମ ରହିଛି, ସେହିସବୁ ସୋପାନ ଗୋଟିକ ଉପରେ ଗୋଟିଏ ଆରୂଢ଼ ହୋଇ ରହିଛି । ସେଗୁଡ଼ିକ ପ୍ରତ୍ୟେକେ ପ୍ରତ୍ୟେକକୁ ପ୍ରଭାବିତ କରୁଛନ୍ତି । ସେଥିମଧ୍ୟରୁ ନିମ୍ନତର ଗୋଟିଏ କ୍ଷେତ୍ରରେ ବ୍ୟାବହାରିକ ବୁଦ୍ଧି ଓ ବିବେକ ଅଛି;– ଯେଉଁ ସାଧାରଣ ବୋଧଶକ୍ତି ସକାଶେ ମନୁଷ୍ୟ କେତେ ଗର୍ବ କରୁଥାଏ ଏବଂ, ସାଧାରଣ ମନଗୁଡ଼ିକ ସକାଶେ ଯାହା ଯଥାର୍ଥ ପ୍ରଜ୍ଞାକୁ ଅଭିବ୍ୟକ୍ତ କରିଆଣିବା ପରି ମନେ ହେଉଥାଏ, ସେଇଟି ରହିଛି । ଅବଶ୍ୟ ଏକଥା ସତ ଯେ ତାହା ତଥାପି ସଂପୂର୍ଣ୍ଣ ଭାବରେ ଅଜ୍ଞାନର କ୍ଷେତ୍ରରେହିଁ କାର୍ଯ୍ୟ କରୁଛି । ଶ୍ରୀଅରବିନ୍ଦ ଯେଉଁ ''ଅନେକାକ୍ଷର ଶବ୍ଦ''ଗୁଡ଼ିକ କଥା କହିଛନ୍ତି, ସେଗୁଡ଼ିକ ହେଉଛନ୍ତି ଏହି ବ୍ୟାବହାରିକ ବୁଦ୍ଧିମତ୍ତା କ୍ଷେତ୍ରର । ଆମର ଯାବତୀୟ ଅଭ୍ୟସ୍ତ କଥା ଓ ପିଷ୍ଟୋକ୍ତି ଠିକ୍ ଏହି ସ୍ତରର । ମନୋମୟ ବାୟୁମଣ୍ଡଳଟି ଭିତରେ ଗୋଟିଏ ମସ୍ତିଷ୍କରୁ ଯାହାସବୁ ଧାଇଁ ବୁଲିବାରେ ଲାଗିଥା'ନ୍ତି ଏବଂ ଆପଣା ଜ୍ଞାନସାମର୍ଥ୍ୟ ବିଷୟରେ ଏକ ପ୍ରତୀତି ଆଣି ଦେବା ଲାଗି କିଂବା ଆପଣାକୁ ବିଜ୍ଞ ବୋଲି ଭାବୁଥିବା ସମୟରେ ଲୋକମାନେ ଯାହାସବୁ ବାରଂବାର କହି ହେଉଥା'ନ୍ତି, ସେଗୁଡ଼ିକ ମଧ୍ୟ ଠିକ୍ ଏହି ସ୍ତରର ।

ଯେତେବେଳେ ଆମେ ଏକ ନୂତନ ଓ ଅପ୍ରତ୍ୟାଶିତ ବ୍ୟାପାରର ସମ୍ମୁଖରେ ଦଣ୍ଡାୟମାନ ହୋଇଥାଉ ଓ ତାହାର ଏକ ବ୍ୟାଖ୍ୟା ଦେବାକୁ ଚେଷ୍ଟା କରୁଥାଉ, ସେତେବେଳେ ଏହି ମାମୁଲି ଓ ନିମ୍ନସ୍ତରୀୟ ଭାବନା ପଦ୍ଧତି ଭିତରେ ପଶି ନ ଯିବାକୁ ଶ୍ରୀଅରବିନ୍ଦ ଆମକୁ ସତର୍କ କରାଇ ଦେଉଛନ୍ତି । ସିଏ ଆମକୁ ଅକ୍ଳାନ୍ତ ଭାବରେ ନିରନ୍ତର ଅନୁସନ୍ଧାନ କରିବାକୁ କହୁଛନ୍ତି; ଆମର ସର୍ବୋଚ୍ଚ ବୁଦ୍ଧିମତ୍ତା, ଅର୍ଥାତ୍ ବସ୍ତୁଗୁଡ଼ିକର ଯଥାର୍ଥ କାରଣ ଜାଣିବା ଲାଗି ତୃଷିତ ହୋଇ ରହିଥିବା ବୁଦ୍ଧିମତ୍ତାକୁ କାର୍ଯ୍ୟରେ ଲଗାଇ ଏବଂ ଅତି ସାଧାରଣ ଓ ଲୋକପ୍ରିୟ ସହଜ ବ୍ୟାଖ୍ୟାଗୁଡ଼ିକ ଦ୍ୱାରା ସନ୍ତୁଷ୍ଟ ହୋଇ ନ ଯାଇ ଅଧିକ ସୂକ୍ଷ୍ମ ଓ ଅଧିକ ଯଥାର୍ଥ ଏକ ସତ୍ୟର ଅବିଷ୍କାର କରିବା ପାଇଁ ସେ ଆମକୁ ଅନୁସନ୍ଧାନ କରିବା ଲାଗି କହିଛନ୍ତି । ସେତେବେଳେ ଯାଇ ଆମେ ଦେଖିବାକୁ ପାଇବା ଯେ, ଯାବତୀୟ ବସ୍ତୁର ପଶ୍ଚାତରେ, ଏପରିକି, ଯାହା ଏକ ଆକସ୍ମିକତା ଏବଂ ମାୟା ବୋଲି ବୋଧ ହେଉଛି, ତାହାର ପଶ୍ଚାତରେ ମଧ୍ୟ ସେହି ସର୍ବୋଚ୍ଚ ପରମ ଦୃଷ୍ଟିକୁ ଅଭିବ୍ୟକ୍ତ କରି ଆଣିବା ପାଇଁ ଏକ ଚେତନ ଇଚ୍ଛା କାର୍ଯ୍ୟକାରୀ ହୋଇ ରହିଛି ।

୨୭ ଜାନୁଆରି, ୧୯୬୦

**୧୭. ଭଗବାନ୍ ଏହା ବା ତାହା ନିଶ୍ଚୟ ହୋଇଥିବେ, ଅନ୍ୟଥା ସେ ଭଗବାନ୍ ହୋଇ ନ ଥିବେ ବୋଲି କେହିଜଣେ ଧରାବନ୍ଧା ସୂତ୍ର ଗଢ଼ିଦେଇଥିଲେ । କିନ୍ତୁ ମୋର ମନେହେଲା ଯେ, ଭଗବାନ୍ ଯଥାର୍ଥରେ ଯାହା, ମୁଁ କେବଳ ତାହାହିଁ ଜାଣିପାରିବି, ମୁଁ ତାହା ଆଦୌ ବୁଝିପାରୁ ନାହିଁ । କାରଣ ମୁଁ ତାଙ୍କୁ ପ୍ରକୃତରେ କେଉଁ ମାନଦଣ୍ଡ ଦ୍ୱାରା ବିଚାର କରି ପାରିବି ? ଏହିପରି ଯାବତୀୟ ବିଚାର ହେଉଛି କେବଳ ଆମ ଅହଂକାରିତାର ପ୍ରମାଦ ।**

*ଥରେ ଏକାତ୍ମକତାର ଅନୁଭୂତି ସମ୍ଭବ ହୋଇଗଲେ ଏହି ସ୍ଥୂଳ ମନର ସାହାଯ୍ୟରେ ବି ଭଗବାନଙ୍କୁ ଜାଣିବା ସମ୍ଭବ ହୋଇପାରିବ କି ?*

ଆପଣାକୁ ସଚେତନ ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ କରାଇ ପାରିଲେ ଆମର ସଂପୂର୍ଣ୍ଣ ସତ୍ତା,– ଏପରିକି ତାହାର ମାନସିକ, ପ୍ରାଣିକ ଓ ଭୌତିକ ଆଦି ବାହ୍ୟ ଆୟତନରେ ମଧ୍ୟ– ଏହି ଏକାତ୍ମକତାର ପରିଣାମଗୁଡ଼ିକ ଦ୍ୱାରା ଅବଶ୍ୟ ପ୍ରଭାବିତ ହେବ, ଏବଂ ତଦ୍ଦ୍ୱାରା ଏପରି ଏକ ପରିବର୍ତ୍ତନ ସଂଘଟିତ ହେବ, ଯାହାକି ବେଳେବେଳେ ସ୍ଥୂଳ ରୂପାକୃତିର ସ୍ତରରେ ମଧ୍ୟ ଦୃଶ୍ୟମାନ ହୋଇପାରିବ । ଆମର ଭାବନା, ଅନୁଭବ, ଇନ୍ଦ୍ରିୟବୋଧ ଓ ଏପରିକି କାର୍ଯ୍ୟଗୁଡ଼ିକ ଉପରେ ମଧ୍ୟ ଏକ ପ୍ରଭାବ କ୍ରିୟାଶୀଳ ହୋଇ ରହିଥିବ । ଏପରି ସମୟ ବି ଅଛି, ଯେତେବେଳେ କି, ଆପଣାର ଯାବତୀୟ ଗତିସ୍ପନ୍ଦନରେ ସତ୍ତା ଉପରେ ବାହ୍ୟ ସାଧନଟିର ମାଧ୍ୟମରେ ସେହି ଦିବ୍ୟ ପରମସାନ୍ନିଧ୍ୟଙ୍କର ଏକ ମୂର୍ତ୍ତ ଏବଂ ସତତ ଛାପ ଉପସ୍ଥିତ ରହିଥାଏ । ତଥାପି ଆମର ସ୍ଥୂଳ ଓ ଭୌତିକ ମନ ଈଶ୍ୱରଙ୍କୁ **ଜାଣେ** ବୋଲି ଆଦୌ କୁହାଯାଇ ପାରିବ ନାହିଁ; କାରଣ ମନ ସ୍ୱଭାବତଃ ଜାଣିବାର ଯେଉଁ ରୀତିଟି ସହିତ ପରିଚିତ ଥାଏ, ତାହା ଦିବ୍ୟ ପରମସତ୍ତାଙ୍କ ପାଖରେ ଅତ୍ୟନ୍ତ ଅସ୍ଫଳ ହୋଇ ରହିଥାଏ । ହୁଏତ ଏପରି କୁହାଯାଇ ପାରିବ ଯେ, ତାହା ଏହାର ଠିକ୍ ବିପରୀତ ହୋଇ ରହିଥାଏ । ଏହି ଭୌତିକ ମନ ଅବଶ୍ୟ ସ୍ୱୟଂ ଦିବ୍ୟ ପ୍ରଭାବକୁ ଗ୍ରହଣ କରି ତାହାଦ୍ୱାରା ରୂପାନ୍ତରିତ ହୋଇ ପାରିବ; ମାତ୍ର ଯେପର୍ଯ୍ୟନ୍ତ ତାହା ସେହି ଭୌତିକ ମନ ହୋଇହିଁ ରହିଥିବ, ସେତେବେଳ ଯାଏ ତାହା ଈଶ୍ୱରଙ୍କୁ ବୁଝିପାରିବ ନାହିଁ ଅଥବା ବୁଝାଇ ଦେଇ ବି ପାରିବ ନାହିଁ, ତାଙ୍କୁ ଜାଣିବା ତ ଆହୁରି ଦୂରର କଥା ହୋଇ ରହିଥିବ । କାରଣ, ପରମେଶ୍ୱରଙ୍କୁ ଜାଣିବାକୁ ହେଲେ ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବାକୁ ହେବ ଏବଂ ସେଥିଲାଗି, ଭୌତିକ ମନ ବର୍ତ୍ତମାନ ଯାହା ହୋଇ ରହିଛି, ତାକୁ ତାହା

ବର୍ଜନ କରି ଆଉ କିଛି ହେବାକୁ ପଡ଼ିବ ଏବଂ ପରିଣାମତଃ ତାହା ଆଉ ମୋଟେ ଭୌତିକ ମନ ହୋଇ ରହିବ ନାହିଁ ।

କେବଳ ଅତିମାନସ ରୂପାନ୍ତର ସମ୍ଭବ ହେଲେ ଯାଇ ମନ, ପ୍ରାଣ ଓ ଭୌତିକରୂପୀ ତ୍ରିବିଧତାର ଭୂମିରେ ପରମେଶ୍ୱରଙ୍କୁ ଜାଣିବାର ସାମର୍ଥ୍ୟ ହାସଲ କରାଯାଇ ପାରିବ; ଏବଂ, ସ୍ୱୟଂ ଏକ ଦିବ୍ୟ ସତ୍ତାରେ ପରିଣତ ହେବାର ଯେଉଁ ସର୍ବଶେଷ ଉପଲବ୍ଧିଟି ରହିଛି, ଏଇଟି କେବଳ ତା'ର ଠିକ୍ ପୂର୍ବରୁହିଁ ସମ୍ଭବ ହେବ ।

୩ ଫେବ୍ରୁଆରି, ୧୯୬୦

**୧୮. ଏହି ବିଶ୍ୱରେ ଦୈବାତ୍ ବୋଲି କିଛି ନାହିଁ । ମାୟାର ଧାରଣାଟି ସ୍ୱୟଂ ଏକ ମାୟା । ମନୁଷ୍ୟ ମନରେ ଏପର୍ଯ୍ୟନ୍ତ ଏପରି କୌଣସି ମାୟାର ଅବସ୍ଥାନ ଘଟି ନାହିଁ ଯାହା କି କୌଣସି ଏକ ସତ୍ୟର ଆଚ୍ଛାଦନ ଏବଂ ବିକୃତୀକରଣ ନୁହେଁ ।**

*''ମାୟାର ଧାରଣାଟି ସ୍ୱୟଂ ଏକ ମାୟା''ର ଅର୍ଥ କ'ଣ ?*

ଆମେ ସମସ୍ତେ ଏକ ମାୟା ଭିତରେ ବାସ କରୁଛୁ; କୌଣସି ବିଚାରଶୀଳ ବ୍ୟକ୍ତି ସେ କଥାକୁ ଅସ୍ୱୀକାର କରି ପାରିବ ନାହିଁ । ମାତ୍ର, କେତେକ ବ୍ୟକ୍ତିଙ୍କ ମତ ଅନୁଯାୟୀ, ଆମେ ଯେଉଁ ମାୟାକୁ ଦେଖୁଛୁ ଏବଂ ଯେଉଁ ମାୟା ଭିତରେ ଜୀବନଧାରଣ କରୁଛୁ, ତାହାର ପଛରେ ଆଉ ଆଦୌ କିଛିହେଲେ ନାହିଁ,– କେବଳ ଶୂନ୍ୟ ରହିଛି, ଅସତ୍ ରହିଛି । ଅନ୍ୟ ପକ୍ଷରେ ଅନ୍ୟମାନେ ମଧ୍ୟ କହୁଛନ୍ତି ଯେ, ଆମେ ଯାହା କିଛି ଦେଖୁଛୁ ଏବଂ ଅନୁଭବ କରୁଛୁ, ଆମେ ଯେଉଁ ଜୀବନଟିକୁ ବଞ୍ଚୁଛୁ, ତାହା ହେଉଛି ପ୍ରକୃତରେ ଏକ ଛଳନାକାରୀ ଏବଂ ମାୟାମୟ ବାହ୍ୟଦୃଶ୍ୟ ମାତ୍ର; ଏବଂ ତାହା ପଶ୍ଚାତରେ, ତାହାର ଅତୀତ ହୋଇ ତଥା ତାହାରି ଅନ୍ତର ଭିତରେ ଏକ ପରମ ସତ୍ୟ ବିଦ୍ୟମାନ ରହିଛି, ଏକ ଶାଶ୍ୱତ ସତ୍ୟ ରହିଛି ଯାହାକି ଆମ ଲାଗି ଆମର ଏହି ବର୍ତ୍ତମାନ ସ୍ଥିତିରେ ଆଦୌ ଦୃଶ୍ୟମାନ ହେଉ ନାହିଁ; ମାତ୍ର, ଯଦି ଆମେ ସେଥିଲାଗି ପ୍ରୟାସ କରିବା ଏବଂ ଉପଯୁକ୍ତ ପ୍ରଣାଳୀଗୁଡ଼ିକୁ ଅନୁସରଣ କରିବା, ତେବେ ଆମେ ଅବଶ୍ୟ ତାହାର ଅନୁଭୂତି ଲାଭ କରିପାରିବା ।

ଏହି ସୂତ୍ରଟିରେ ''ମାୟାର ଧାରଣା'' ବୋଲି କହି ଶ୍ରୀଅରବିନ୍ଦ ଦର୍ଶନର ସେହି ସିଦ୍ଧାନ୍ତଟିକୁ ବୁଝୁଛନ୍ତି ଯାହାକି ଏହି ଭୌତିକ ଜଗତର ଆଦୌ କୌଣସି ଯଥାର୍ଥ ଅସ୍ତିତ୍ୱ ରହିଛି ବୋଲି ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରୁଛି । ସେହି ସିଦ୍ଧାନ୍ତଟିର ମତରେ

ଏହା ହେଉଛି କେବଳ ଏକ ପ୍ରତିଭାସ ଯାହାକି ଆମ ଅହଂ ତଥା ଇନ୍ଦ୍ରିୟସମୂହର ଏକ ପଥଚ୍ୟୁତି ଦ୍ୱାରାହିଁ ନିର୍ମିତ ହୋଇଛି । ଏବଂ ଯେତେବେଳେ ଏହି ପଥଭ୍ରଷ୍ଟ ହେବା ବନ୍ଦ ହୋଇଯିବ, ସେତେବେଳେ ଯୁଗପତ୍ ଭାବରେ ଏହି ଜଗତର ମଧ୍ୟ ପରିସମାପ୍ତି ଘଟିବ ।

ଅନ୍ୟ ପକ୍ଷରେ ଶ୍ରୀଅରବିନ୍ଦ ଘୋଷଣା କରି କହୁଛନ୍ତି ଯେ, ଯାବତୀୟ ପ୍ରତିଭାସର ପଶ୍ଚାତରେ, ଏପରିକି ସର୍ବାଧିକ ପରିମାଣରେ ମାୟାଛନ୍ନ ହୋଇ ରହିଥିବା ବସ୍ତୁର ପଶ୍ଚାତରେ ଏକ ସତ୍ୟ ରହିଛି, ଏପରି ଏକ ସଚେତନ ଇଚ୍ଛା ଅବସ୍ଥିତ ରହିଛି, ଯାହାକି ଏହି ବିଶ୍ୱବିକଶନର ଅନୁମନ୍ତା ରୂପେ କାର୍ଯ୍ୟ କରୁଛି । ବିକଶନର ଏହି ପ୍ରକ୍ରିୟାରେ, ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଘଟଣା ଓ ପ୍ରତ୍ୟେକ ସ୍ଥିତି ଯୁଗପତ୍ ଭାବରେ ଯାହା ଆଗରୁ ଥିଲା ବା ଘଟିଥିଲା, ତାହାର ପରିଣାମରୂପେ, ଓ ଯାହା ଆସୁଛି ବା ଘଟିବାକୁ ଯାଉଛି, ତାହାର କାରଣରୂପେ କାର୍ଯ୍ୟ କରୁଛି । ଆକସ୍ମିକତା ଏବଂ ଅସଂବଦ୍ଧତା ଏହି କ୍ଷେତ୍ରରେ କେବଳ ଗୋଟିଏ ଗୋଟିଏ ଭ୍ରମ-ଉତ୍ପାଦନକାରୀ ପ୍ରତିଭାସ ହୋଇ ରହିଛନ୍ତି; ମନୁଷ୍ୟର ଚେତନା କଥାଟିକୁ ଏହିପରି ଭାବରେ ଦେଖୁଛି,— ମନୁଷ୍ୟର ଚେତନା, ଯାହାକି ଅତ୍ୟନ୍ତ ଖଣ୍ଡିତ ଏବଂ ସୀମିତ ହୋଇ ରହିଛି ଏବଂ ତେଣୁ ଅସଲ ସତ୍ୟଟିକୁ ଆଦୌ ଦେଖିପାରୁ ନାହିଁ । ମାତ୍ର ଏହି ପ୍ରକୃତ ଏବଂ ଯଥାର୍ଥ ସତ୍ୟଟି ଯାବତୀୟ ପ୍ରତିଭାସ ଏବଂ ସେଗୁଡ଼ିକର ମାୟାକାରୀ ଅସଂବଦ୍ଧତାର ପଶ୍ଚାତରେ ଅବଶ୍ୟ ଅବସ୍ଥିତ ରହିଛି ।

ଶ୍ରୀଅରବିନ୍ଦ ଆମକୁ ଏହି କଥା କହୁଛନ୍ତି : ଏହି ଜଗତ ମିଥ୍ୟାର ଜଗତ ନୁହେଁ; ଜଗତ ବିଷୟରେ ଆମର ବୋଧହିଁ ଭ୍ରମାତ୍ମକ ହୋଇ ରହିଛି ।

୧୦ ଫେବ୍ରୁଆରି, ୧୯୬୦

**୧୯. ଯେତେବେଳେ ମୋର ବିଭାଜନକାରୀ ବୁଦ୍ଧି ରହିଥିଲା, ସେତେବେଳେ ମୁଁ କେତେ ନା କେତେ ବସ୍ତୁରୁ ଆପଣାକୁ ସଙ୍କୁଚିତ କରି ରଖିଥିଲି; ମୋ' ଦୃଷ୍ଟି ମଧ୍ୟରୁ ତାହା ଅପସରି ଯିବା ପରେ ମୁଁ କୁତ୍ସିତ ଏବଂ ବିକର୍ଷକ କିଛି ଦେଖିବାକୁ ପାଇବି ବୋଲି ପୃଥିବୀସାରା ଦଉଡ଼ିଲି; ମାତ୍ର ଆଉ ସେଗୁଡ଼ିକର ଦର୍ଶନ ପାଇଲି ନାହିଁ ।**

*ପୃଥିବୀରେ କ'ଣ ପ୍ରକୃତରେ କୁତ୍ସିତ ଏବଂ ବିକର୍ଷକ ହୋଇ କିଛି ନାହିଁ ? କେବଳ ଆମର ଏହି ବୁଦ୍ଧି କ'ଣ ବସ୍ତୁଗୁଡ଼ିକୁ ସେହିପରି ଭାବରେ ଦେଖୁଛି ?*

ଶ୍ରୀଅରବିନ୍ଦ ଏଠାରେ ଯାହା କହିବାକୁ ଚାହୁଁଛନ୍ତି, ତାହାକୁ ଯଥାର୍ଥ ଭାବରେ ବୁଝିବାକୁ

ହେଲେ, ବୁଦ୍ଧିକୁ ଅତିକ୍ରମି ଯିବାର ଓ ଏହି ମନୋଗତ ବୁଦ୍ଧିସର୍ବସ୍ୱତା ଅପେକ୍ଷା ଆହୁରି ଉଚ୍ଚରେ ରହିଥିବା ଏକ ପୃଥିବୀରେ ଆପଣାର ଚେତନାକୁ ପ୍ରତିଷ୍ଠିତ କରି ରଖିବାର ଅଭିଜ୍ଞତାଟି ତୁମ ନିଜର ହୋଇଥିବା ଆବଶ୍ୟକ । କାରଣ, ସେହି ଊର୍ଦ୍ଧ୍ୱରୁ ଥାଇ ତୁମେ ଦେଖିପାରିବ ଯେ, ପ୍ରଥମତଃ, ଏହି ବିଶ୍ୱଭୁବନରେ ଯାହାକିଛି ରହିଛି, ତାହା ହେଉଛି କେବଳ ସେହି ସଚ୍ଚିଦାନନ୍ଦଙ୍କରହିଁ ଏକ ଅଭିବ୍ୟକ୍ତି, ଏବଂ ତେଣୁ, ପ୍ରତିଭାସଟି ଯାହା ହୋଇଥାଉ ପଛକେ, ଯଦି ତୁମେ ଯଥେଷ୍ଟ ଗଭୀରକୁ ଯାଇପାରିବ, ତେବେ ସର୍ବୋଚ୍ଚ ପରମସୌନ୍ଦର୍ଯ୍ୟର ବିଧାନ ରୂପେ ତୁମେ ସେହି ସଚ୍ଚିଦାନନ୍ଦଙ୍କର ଅବଶ୍ୟ ବୋଧ ଲାଭ କରିପାରିବ । ଦ୍ୱିତୀୟତଃ, ତୁମେ ଏହି ପ୍ରକଟିତ ଜଗତମଧ୍ୟରେ ଯାବତୀୟ ବସ୍ତୁ କେବଳ ଆପେକ୍ଷିକ ହୋଇ ରହିଥିବାର ଦେଖିବାକୁ ପାଇବ; ଏଠାରେ ସବୁକିଛି ଏତେ ଅଧିକ ପରିମାଣରେ ଆପେକ୍ଷିକ ହୋଇ ରହିଛି ଯେ, ଯେକୌଣସି ସୁନ୍ଦର ପଦାର୍ଥ ଏକ ଆହୁରି ଅଧିକ ସୁନ୍ଦର ପଦାର୍ଥର ତୁଳନାରେ ଅସୁନ୍ଦର ଓ କୁତ୍ସିତ ବୋଲି ଦେଖା ନ ଯାଉଛି, ଏଠାରେ ଏପରି କୌଣସି କୁତ୍ସିତ ପଦାର୍ଥ ନାହିଁ, ଯାହାକୁ ତା'ଠାରୁ ଅଧିକ କୁତ୍ସିତ ହୋଇ ରହିଥିବା ଆଉ ଏକ ପଦାର୍ଥର ତୁଳନାରେ ପ୍ରକୃତରେ ସୁନ୍ଦର ବୋଲି ମନେ ନ ହେଉଛି !

ଯେତେବେଳେ ତୁମେ ଏହି ଅନ୍ୟ ପ୍ରକାରେ ଦେଖିଶିଖିବ ଓ ଅନୁଭବ କରି ଶିଖିବ, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଏହିସବୁ ଯାବତୀୟ ଧାରଣାର ଆପେକ୍ଷିକତା ବିଷୟରେ ଏବଂ, ଯଥାର୍ଥ ଦୃଷ୍ଟିକୋଣଟିର ସମକ୍ଷରେ ସେଗୁଡ଼ିକର ଅସତ୍ୟତା ବିଷୟରେ ସଜ୍ଞାନ ହୋଇଯିବ । ମାତ୍ର, ଆମେ ଏହି ବୁଦ୍ଧି-ପରିଚାଳିତ ଚେତନାର ସ୍ତରରେ ଅବସ୍ଥିତ ରହିଥିବା ପର୍ଯ୍ୟନ୍ତ, ଏହା ଏକ ଦୃଷ୍ଟିରୁ ଅତ୍ୟନ୍ତ ସ୍ୱାଭାବିକ ହୋଇ ରହିଥିବ ଯେ, ଯାହାକିଛି ପରିପୂର୍ଣ୍ଣତା ଲାଗି ରହିଥିବା ଆମର ଅଭୀପ୍ସାକୁ, ଅଗ୍ରଗତି କରିବା ଲାଗି ଆମର ଇଚ୍ଛାକୁ ଏବଂ ଆମେ ଏଠାରେ ଯାହାକିଛିକୁ ଅତିକ୍ରମି ଯିବାକୁ ଏବଂ ଜୟ କରିବାକୁ ଉଦ୍ୟମ କରୁଛୁ, ସେହି ସବୁକିଛିକୁ ଯାହା ବାଧା ଦେବାକୁ ଆସିବ, ତାହା ଆମକୁ ଅବଶ୍ୟ ଅସୁନ୍ଦର ଓ ବିକର୍ଷକ ବୋଧ ହେବ; କାରଣ ଆମେ ଏକ ବୃହତ୍ତର ଆଦର୍ଶର ଅନୁସନ୍ଧାନ କରି ବାହାରିଥିବା ଏବଂ ଆହୁରି ଉଚ୍ଚକୁ ଉଠିବା ଲାଗି ଇଚ୍ଛା କରୁଥିବା ।

ଏବଂ, ଏହାକୁ ତଥାପି ଏକ ଅର୍ଦ୍ଧ-ପ୍ରଜ୍ଞା ବୋଲି କୁହାଯିବ ଓ ତାହା ଯଥାର୍ଥ ପ୍ରଜ୍ଞାଠାରୁ ବହୁଦୂର ହୋଇ ରହିଥିବ; କେବଳ ଏହି ଅଜ୍ଞାନ ଏବଂ ଅଚେତନା ମଧ୍ୟରେହିଁ ତାହା ପ୍ରଜ୍ଞା ବୋଲି ପ୍ରତୀତ ହେଉଥିବ ।

ଯଥାର୍ଥ ସତ୍ୟର କ୍ଷେତ୍ରରେ ସବୁକିଛି ଭିନ୍ନ ହୋଇଯାଏ, ସେଠାରେ ଯାବତୀୟ ବସ୍ତୁରେ କେବଳ ସେହି ଦିବ୍ୟ ପରମ ସତ୍ତାହିଁ ସବୁକିଛିକୁ ଆଲୋକିତ କରି ରଖିଥା'ନ୍ତି ।

୧୭ ଫେବ୍ରୁଆରି, ୧୯୬୦

**୨୦. ପରମେଶ୍ୱର ମୋ'ର ଚକ୍ଷୁକୁ ଉନ୍ମୀଳିତ କରିଦେଲେ; କାରଣ ମୁଁ ଅଶିଷ୍ଟ ଭିତରେ ଶିଷ୍ଟକୁ ଦେଖିଲି, ବିକର୍ଷକ ଭିତରେ ଆକର୍ଷକତାକୁ ପ୍ରତ୍ୟକ୍ଷ କଲି, କ୍ଷତବିକ୍ଷତ ମଧ୍ୟରେ ଅକ୍ଷତକୁ ଦେଖିଲି ଏବଂ ବୀଭତ୍ସ ଭିତରେ ସୁନ୍ଦରକୁ ଦେଖିପାରିଲି ।**

ଏହି ସୂତ୍ରକୁ ପୂର୍ବବର୍ତ୍ତୀ ସୂତ୍ରର ଏକ ଅନୁପୂରକ ବୋଲି ଓ ପ୍ରାୟ ଏକ ବ୍ୟାଖ୍ୟା ବୋଲି କୁହାଯିବ ।

ଶ୍ରୀଅରବିନ୍ଦ ଆମକୁ ପୁନର୍ବାର ଅତ୍ୟନ୍ତ ସ୍ୱଷ୍ଟ ଭାବରେ କହୁଛନ୍ତି ଯେ, ଏହି ଯାବତୀୟ ପ୍ରତିଭାସ ପଛରେ ଏକ ମହାନ୍ ପରମସତ୍ୟ ବିଦ୍ୟମାନ ରହିଛି; ଏବଂ ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ, ତାହା ଏହି ବାହ୍ୟ ଯାବତୀୟ ବିକୃତିର ଏକ ପ୍ରଭାସ୍ୱର ବିପରୀତ-ତତ୍ତ୍ୱ ରୂପେ ବିଦ୍ୟମାନ ରହିଛି । ତେଣୁ, ଅନ୍ତର୍ଗତ ଆଖିଗୁଡ଼ିକ ଯେତେବେଳେ ଏହି ଦିବ୍ୟ ପରମସତ୍ୟଙ୍କ ଆଡ଼କୁ ଉନ୍ମୋଚିତ ହୋଇଯାଏ, ସେତେବେଳେ ତାହାକୁ ଏପରି ଏକ ଶକ୍ତି ସହିତ ପ୍ରତ୍ୟକ୍ଷ କରାଯାଏ ଯେ, ଯାହାକିଛି ଆମର ଏହି ସାଧାରଣ ଦୃଷ୍ଟି ଲାଗି ତାହାକୁ ଅନ୍ତରାଳ କରି ରଖିଥିଲା, ତାହା ଏହି ସବୁକିଛିକୁହିଁ ବିଲୁପ୍ତ କରି ଦେଇଯାଏ ।

୨୪ ଫେବ୍ରୁଆରି, ୧୯୬୦

**୨୧. ଖ୍ରୀଷ୍ଟିଆନ୍ ଏବଂ ବୈଷ୍ଣବମାନେ କ୍ଷମାର ଖୁବ୍ ପ୍ରଶଂସା କରିଛନ୍ତି; ମାତ୍ର ମୋ' ବେଳକୁ ମୁଁ ପଚାରିବି, ''କ୍ଷମା ଦେବା ପାଇଁ ମୋର କ'ଣ ଅଛି ଓ କାହାକୁ କ୍ଷମା ଦେବି ?''**

*ଆମେ ଯେତେବେଳେ ଦିବ୍ୟ ପରମସତ୍ତାଙ୍କ ପାଖରେ କ୍ଷମାପ୍ରାର୍ଥନା କରିଥାଉ, ସେତେବେଳେ ସିଏ ଆମକୁ ସବୁବେଳେ କ୍ଷମା ଦିଅନ୍ତି କି ?*

ଶ୍ରୀଅରବିନ୍ଦ ସ୍ୱୟଂ ଆମକୁ ଦିବ୍ୟ ପରମସତ୍ତାଙ୍କର ଉତ୍ତରଟିକୁ ଦେଇଛନ୍ତି : ''ଆମେ କାହାକୁ କ୍ଷମା ଦେବା, କ'ଣ କ୍ଷମା ଦେବା ?'' ପରମେଶ୍ୱର ଜାଣନ୍ତି ଯେ କେବଳ ସେଇ ହେଉଛନ୍ତି ସବୁକିଛି, ତେଣୁ ସବୁଯାକ କାର୍ଯ୍ୟ ତାଙ୍କର କାର୍ଯ୍ୟ ଏବଂ ଯାବତୀୟ ବସ୍ତୁ କେବଳ ତାଙ୍କ ବ୍ୟତୀତ ଆଉ କିଛି ନୁହେଁ । କ୍ଷମା ଦେଇ ପାରିବାକୁ ହେଲେ, ଯାହାକୁ ଆମେ କ୍ଷମା ଦେଉଛୁ, ଆମକୁ ତା'ଠାରୁ ଭିନ୍ନ ଏକ **ଅନ୍ୟଲୋକ** ହେବାକୁ ପଡ଼ିବ;

ଏବଂ, ଯେଉଁଥିପାଇଁ ଆମେ କ୍ଷମା ଦେବାକୁ ଯାଉଛୁ, ତାହାକୁ ଆମ ନିଜଠାରୁ ଭିନ୍ନ ଆଉ ଜଣେ ମଧ୍ୟ କରିଥିବ ।

ପ୍ରକୃତ କଥା ହେଉଛି ଯେ, ଯେତେବେଳେ ତୁମେ କାହା ପାଖରେ କ୍ଷମାପ୍ରାର୍ଥନା କରୁଛ, ସେତେବେଳେ ତୁମେ ଏପରି ଆଶା କରୁଛ ଯେ, ତୁମେ ଯେଉଁ କାର୍ଯ୍ୟ କରୁଛ, ଏହାଦ୍ୱାରା ତାହାର ଭୟାନକ ପରିଣାମଗୁଡ଼ିକର ଏକ ଅପନୋଦନ ହୋଇଯିବ । ମାତ୍ର ତାହା ସମ୍ଭବ ହେବ, କେବଳ ଯେତେବେଳେ ତୁମେ କରିଥିବା ଭୁଲ୍‌ଟିର କାରଣଗୁଡ଼ିକହିଁ ଅପସାରିତ ହୋଇଯାଇପାରିବେ । ଯଦି ତୁମେ ଅଜ୍ଞାନତାବଶତଃ ଗୋଟିଏ ଭୁଲ୍ କରିଥିବ, ତେବେ ସେହି ଅଜ୍ଞାନତାକୁ ଅପସରି ଯିବାକୁ ପଡ଼ିବ । ଅସଦିଚ୍ଛା ଦ୍ୱାରା ପ୍ରେରିତ ହୋଇ ଯଦି ତୁମେ ଭୁଲ୍‌ଟିକୁ କରିଛ, ତେବେ ସେହି ଅସଦିଚ୍ଛାକୁ ଚାଲିଯିବାକୁ ପଡ଼ିବ ଏବଂ ତାହାର ସ୍ଥାନାପନ୍ନ ଭାବରେ ସଦିଚ୍ଛାର ପ୍ରତିଷ୍ଠା ହେବ । କେବଳ ଦୁଃଖ ପ୍ରକାଶ କଲେ ଆଦୌ ହେବ ନାହିଁ, ଏହା ସହିତ ଆଗକୁ ଏକ ପାଦ ପକାଇ ପାରିବା ମଧ୍ୟ ଅତ୍ୟାବଶ୍ୟକ ।

କାରଣ, ଏହି ବିଶ୍ୱଜଗତ ସଦା ବିବର୍ତ୍ତିତ ହେବାରେ ଲାଗିଛି; ଏଥିରେ କିଛିହେଲେ ଅଟକି ହୋଇ ରହି ନାହିଁ । ସବୁକିଛି ସତତ ପରିବର୍ତ୍ତିତ ହୋଇଯାଉଛି, ଆଗକୁ ଯାଉଛି କିଂବା ପଛକୁ ଯାଉଛି । ଯେଉଁସବୁ ବସ୍ତୁ ଅଥବା କାର୍ଯ୍ୟ ଆମକୁ ପଛକୁ ନେଇ ଯାଉଛନ୍ତି, ସେଗୁଡ଼ିକ ଆମକୁ ମନ୍ଦ ବୋଲି ବୋଧ ହେଉଛି, ଏବଂ ଆମ ଭିତରେ ବିଭ୍ରାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛି । ସେଗୁଡ଼ିକର ଏକମାତ୍ର ପ୍ରତିକାର ହେଉଛି ଯେ, ଆମେ ମୌଳିକ ଭାବରେ ଆଗକୁ ଏକ ପାଦ ପକାଇବା, ଅଗ୍ରଗତି କରିବା । କେବଳ ଏହି ନୂତନ ଦିଗ୍‌ବିନ୍ୟାସଟି ଦ୍ୱାରାହିଁ ଆମ ପଶ୍ଚାଦ୍‌ଗତିର ପରିଣାମଗୁଡ଼ିକ ନିରାକୃତ ହୋଇ ପାରିବ ।

ତେଣୁ ଅତ୍ୟନ୍ତ ଅସ୍ପଷ୍ଟ ଏବଂ ଅମୂର୍ତ୍ତ ଭାବରେ ଆମେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆଦୌ କୌଣସି କ୍ଷମା ମାଗିବା ନାହିଁ, ଆବଶ୍ୟକ ଅଗ୍ରଗତିଟିକୁ କରିପାରିବା ଲାଗି ଆମେ ତାଙ୍କ ପାଖରେ ଶକ୍ତିର ଭିକ୍ଷା କରିବା । କାରଣ, କେବଳ ଅନ୍ତର୍ଗତ ଭାବରେ ଏକ ରୂପାନ୍ତର-ସାଧନ ଦ୍ୱାରାହିଁ ଆମ କାର୍ଯ୍ୟଟିର ପରିଣାମଗୁଡ଼ିକ ଖଣ୍ଡିତ ଓ ନିରାକୃତ ହୋଇପାରିବ ।

୨ ମାର୍ଚ୍ଚ, ୧୯୬୦

## ୨୨. ପରମେଶ୍ୱର ମୋତେ ମନୁଷ୍ୟର ହାତରେ ଏକ ଆଘାତ କଲେ; ତାହା ବୋଲି ''ହେ ଈଶ୍ୱର, ଆପଣଙ୍କର ଉଦ୍ଧତ ସ୍ୱଭାବକୁ ମୁଁ କ୍ଷମା କରୁଛି'' ବୋଲି କହିବି ?

**୨୩. ପରମେଶ୍ୱର ମୋତେ ଆଚ୍ଛା କରି ଗୋଟିଏ ଆଘାତ ଦେଲେ । ତାହା ବୋଲି ମୁଁ କ'ଣ ତାଙ୍କୁ କହିବି, ''ହେ ସର୍ବଶକ୍ତିମାନ୍ ଈଶ୍ୱର, ମୁଁ ଆପଣଙ୍କର ଅନିଷ୍ଟକାରିତା ଏବଂ ନୃଶଂସତାକୁ କ୍ଷମା ଦେଲି, ମାତ୍ର ଆପଣ ଆଉ କେବେ ଏପରି କରିବେ ନାହିଁ ?''**

*''ପରମେଶ୍ୱର ମୋତେ ମନୁଷ୍ୟର ହାତରେ ଏକ ଆଘାତ କଲେ''ର ଅର୍ଥ କ'ଣ ?*

ଏହି ସୂତ୍ର ଦୁଇଟିକୁ ଆମେ ସକଳ ବସ୍ତୁରେ ଓ ସକଳ ସତ୍ତାରେ ଯେ ସେହି ଦିବ୍ୟ ପରମ-ଉପସ୍ଥିତି ବିଦ୍ୟମାନ ରହିଛି, ଏହି ସତ୍ୟଟିକୁ ପ୍ରତିଷ୍ଠିତ କରୁଥିବାର ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରିବା । ଏବଂ, ଆଗରୁ ଆଭାସ ଦିଆଯାଇଥିବା ଏକ ବିଚାରକୁ ମଧ୍ୟ ସେଗୁଡ଼ିକ ଅଧିକ ସ୍ପଷ୍ଟ କରି ଦେଉଛନ୍ତି,– ସେହି ବିଚାରଟି ହେଉଛି ଯେ, ପ୍ରକୃତରେ କ୍ଷମା ଦେବା ଲାଗି କେଉଁଠି କିଛି ନାହିଁ ବା କେହି ନାହାନ୍ତି; କାରଣ ଯାବତୀୟ ବିଷୟ କେବଳ ସେହି ଦିବ୍ୟ ପରମସତ୍ତାଙ୍କଠାରୁହିଁ ଜନ୍ମଲାଭ କରୁଛି ।

''ପରମେଶ୍ୱର ମୋତେ ମନୁଷ୍ୟର ହାତରେ ଏକ ଆଘାତ କଲେ'' ବାକ୍ୟଟିକୁ ଏହିପରି ଭାବରେ ପଢ଼ିବାକୁ ଓ ବୁଝିବାକୁ ହେବ । ଯଦି ତୁମେ ପ୍ରତିଭାସଗୁଡ଼ିକ ବ୍ୟତୀତ ଆଉ କିଛି ହେଲେ ଦେଖିପାରୁ ନ ଥିବ, ତେବେ ତୁମକୁ ଜଣେ ଆଉ ଜଣକୁ ଯାଇ ଆଘାତ କରୁଥିବା ପରି ଦେଖା ଯାଉଥିବ । ମାତ୍ର ଯେଉଁ ବ୍ୟକ୍ତି ପରମସତ୍ୟକୁ ଦେଖୁଛି ଏବଂ ଜାଣିଛି, ତା'ପାଇଁ ସେହି ସର୍ବୋଚ୍ଚ ପରମେଶ୍ୱରହିଁ ଏକ ମନୁଷ୍ୟ-ହାତର ରୂପ ଗ୍ରହଣ କରି ଆଘାତଟିକୁ ଦେଉଛନ୍ତି ବୋଲି ଦେଖାଯିବ; ଏବଂ, ଯାହା ଉପରେ ଆଘାତଟି ଯାଇ ବାଜୁଛି, ଆଘାତଟି ତାହାର କେବଳ ଭଲହିଁ କରିବ,– ଅର୍ଥାତ୍, ତା'ର ଚେତନାକ୍ଷେତ୍ରରେ ଅଗ୍ରଗତି ଘଟାଇବ । କାରଣ ସକଳ ସତ୍ତାଙ୍କୁ ସେହି ଦିବ୍ୟ ପରମସତ୍ତାଙ୍କର ଚେତନା ମଧ୍ୟକୁ ଜାଗ୍ରତ କରି ଆଣିବା ହେଉଛି ଏହି ସୃଷ୍ଟିର ଚରମ ଉଦ୍ଦେଶ୍ୟ ।

ତୁମେ ଥରେ ସେହି କଥାଟିକୁ ବୁଝିପାରିଲେ, ଦୁଇଟି ସୂତ୍ରରେ ରହିଥିବା ଅବଶିଷ୍ଟ ଅର୍ଥକୁ ତୁମେ ସହଜରେ ବୁଝିପାରିବ ।

ପରମ କର୍ତ୍ତା ଆମ ପାଇଁ ଯେଉଁ ମଙ୍ଗଳର ବିଧାନ କରୁଛନ୍ତି, ଆମେ ସେଥିଲାଗି ତାଙ୍କୁ କ୍ଷମା ଦେବାକୁ ଇଚ୍ଛା କରିବା କି ?– ଏବଂ, ଯୁଗପତ୍ ଭାବରେ ତାଙ୍କୁ ଆଉ ସେପରି ନ କରିବାକୁ କହିବାକୁ ଯିବା କି ?

ଏହିପରି ଏକ ରୀତି ଭିତରେ ଯେଉଁ ବିରୋଧାଭାସ ଏବଂ ନିର୍ବୋଧତା ଅନ୍ତର୍ନିହିତ ହୋଇ ରହିଛି, ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ।

୯ ମାର୍ଚ୍ଚ, ୧୯୬୦

**୨୪. ମୁଁ ଯେତେବେଳେ ଦୁର୍ଭାଗ୍ୟ ହେତୁ ମ୍ରିୟମାଣ ହୋଇ ପଡୁଛି ଏବଂ ତାହାକୁ ମନ୍ଦ ବୋଲି କହୁଛି, ବା ଈର୍ଷା କରୁଛି ଓ ନୈରାଶ୍ୟରେ ବୁଡ଼ି ଯାଉଛି, ସେତେବେଳେ ମୁଁ ଜାଣିପାରୁଛି ଯେ ମୋ' ଭିତରେ ଚିରକାଳର ସେହି ନିର୍ବୋଧଟି ପୁନର୍ବାର ଜାଗୃତ ହୋଇ ଉଠିଲାଣି ।**

*ଏହି ''ଦୁର୍ଭାଗ୍ୟ'' କ'ଣ ଓ ଏହା କାହିଁକି ଘଟେ ?*

ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ଫଳ ପାଇବା ଲାଗି କୌଣସି କାର୍ଯ୍ୟ କରୁଥାଅ, ଏବଂ ପ୍ରାପ୍ତ ଫଳଟି ତୁମର ପ୍ରତ୍ୟାଶିତ ଫଳ ପରି ନ ହୁଏ, ତେବେ ତୁମେ ତାକୁ ଏକ ଦୁର୍ଭାଗ୍ୟ ବୋଲି କହିଥାଅ । ଏକ ସାଧାରଣ ନିୟମ ହିସାବରେ, ଯାହାକିଛି ଅପ୍ରତ୍ୟାଶିତ ଭାବରେ ଘଟେ ବା ଯାହା କାଳେ ଘଟିବ ବୋଲି ଆମେ ଭୟ କରୁଥାଉ, ସାଧାରଣ ମନର ମନୁଷ୍ୟମାନେ ତାହାକୁହିଁ ଦୁର୍ଭାଗ୍ୟ ବୋଲି ବିଚାର କରନ୍ତି । ଏହି ଦୁର୍ଭାଗ୍ୟ କାହିଁକି ଘଟେ ? ପ୍ରତ୍ୟେକ କ୍ଷେତ୍ରରେ ତାହାର ଭିନ୍ନ ଭିନ୍ନ କାରଣ ଥାଏ; ବା, ବରଂ ଏପରି ହୁଏ ଯେ, ଘଟଣାଟିଏ ଘଟି ସାରିବା ପରେ ଯାଇ ବିଷୟଗୁଡ଼ିକରୁ ଏକ ବ୍ୟାଖ୍ୟା ବାହାର କରିବାର ଆବଶ୍ୟକତାରୁହିଁ ଆମେ କାରଣମାନଙ୍କୁ ଖୋଜି ବାହାରୁ । ମାତ୍ର, ଅଧିକାଂଶ ସମୟରେ ଆମେ ପରିସ୍ଥିତିଗୁଡ଼ିକର ଯେଉଁ ମୂଲ୍ୟାୟନ କରୁ, ତାହାର କୌଣସି ଔଚିତ୍ୟ ନ ଥାଏ ଓ ତାହା ପ୍ରମାଦଗ୍ରସ୍ତ ହୋଇ ରହିଥାଏ । ଆମେ ଅଜ୍ଞାନ ଭିତରେ ରହି ବିଚାର କରୁ । କେବଳ ପରେ ଯାଇ, ବେଳେ ବେଳେ ଅନେକ ପରେ, ଯେତେବେଳେ ଆମ ପାଖରେ ଯଥାର୍ଥ ପରିପ୍ରେକ୍ଷୀଟି ରହିଥାଏ ଓ ଆମେ ଘଟଣାପ୍ରବାହ ତଥା ସମଗ୍ର ପରିଣାମଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହେଉ, ସେତେବେଳେ ଯାଇ, ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି ଥିଲେ, ତାହାକୁ ଦେଖିବାକୁ ସମର୍ଥ ହେଉ । ସେତେବେଳେ ଆମେ ବୁଝିପାରୁ ଯେ, ଆମେ ଯାହାକୁ ମନ୍ଦ ବୋଲି କହୁଥିଲୁ, ତାହା ପ୍ରକୃତରେ ଅତ୍ୟନ୍ତ ଉପଯୋଗୀ ଥିଲା ଏବଂ ଆବଶ୍ୟକ ଅଗ୍ରଗତି କରିବାରେ ତାହା ଆମକୁ ଭାରି ସାହାଯ୍ୟ କଲା ।

ଯେଉଁ ବ୍ୟକ୍ତି ଅଜ୍ଞାନ ଓ ବାସନା ଭିତରେ ବୁଡ଼ି ରହିଛି, ଠିକ୍ ସେହି ''ସବୁକାଳର ନିର୍ବୋଧ''ଟି ପରି ସବୁକିଛିକୁ କେବଳ ନିଜର କ୍ଷୁଦ୍ର ଓ ସୀମିତ ଅହଂର ଦୃଷ୍ଟିକୋଣରୁହିଁ

ବିଚାର କରିବାରେ ଲାଗିଛି, ଶ୍ରୀଅରବିନ୍ଦ ଏଠାରେ ତାହାରି ଅବସ୍ଥାକୁ ବର୍ଣ୍ଣନା କରି କହିଛନ୍ତି । ସବୁ କଥାକୁ ପ୍ରମାଦଶୂନ୍ୟ ଭାବରେ ବୁଝିବାକୁ ଓ ଅନୁଭବ କରି ପାରିବାକୁ ହେଲେ ଆମ ଭିତରେ ଏକ ବିଶ୍ୱଗତ ଦୃଷ୍ଟି ରହିଥିବା ଆବଶ୍ୟକ, ଆମେ ଯାବତୀୟ ବସ୍ତୁରେ ତଥା ଯାବତୀୟ ସ୍ଥିତିରେ ସେହି ଦିବ୍ୟ ପରମ-ଉପସ୍ଥିତି ଓ ପରମ ଇଚ୍ଛାଟି ବିଷୟରେ ସଚେତନ ହୋଇ ରହିଥିବା ଅତ୍ୟାବଶ୍ୟକ ।

ଆମେ ତା'ହେଲେ ଜାଣିବାକୁ ସମର୍ଥ ହେବା ଯେ, ଆମ ଜୀବନରେ ଯାହାକିଛି ଘଟୁଛି, ତାହା ସର୍ବଦା ଆମ ଭଲ ପାଇଁ ଘଟୁଛି; ସମୟର ଭୂମି ଉପରେ ଯେଉଁ ଦିବ୍ୟସତ୍ତା ଆପଣାକୁ ଉନ୍ମୋଚିତ କରିବାରେ ଲାଗିଛି, ତାହାର ଦୃଷ୍ଟିକୋଣଟିକୁ ଗ୍ରହଣ କରିପାରିଲେ ଯାଇ ଆମେ ତାହା କରିପାରିବା ।

୧୬ ମାର୍ଚ୍ଚ, ୧୯୬୦

**୨୫. ମୁଁ ଯେତେବେଳେ ଅନ୍ୟମାନଙ୍କୁ ଦୁଃଖ ଭୋଗ କରୁଥିବାର ଦେଖେ, ସେତେବେଳେ ଆପଣାକୁ ହତଭାଗ୍ୟ ବୋଲି ଅନୁଭବ କରେ । ମାତ୍ର ଯେଉଁ ପ୍ରଜ୍ଞା ମୋ'ର ହୋଇ ରହି ନ ଥାଏ, ତାହା ଆଗତ ହୋଇ ଆସୁଥିବା ଭଲଟିକୁ ଦେଖୁଥାଏ ଓ ତାହା ପ୍ରତି ନିଜର ସମର୍ଥନ ଜଣାଏ ।**

*''ପ୍ରଜ୍ଞା'' କହିଲେ କ'ଣ ବୁଝାଉଛି ?*

ତାହା ସର୍ବୋଚ୍ଚ ପ୍ରଜ୍ଞାକୁ ବୁଝାଉଛି, ସର୍ବୋଚ୍ଚ ପରମସତ୍ତାଙ୍କର ପ୍ରଜ୍ଞାକୁ ବୁଝାଉଛି । ସେହି ପ୍ରଜ୍ଞା ବର୍ତ୍ତମାନ, ଅତୀତ ଏବଂ ଭବିଷ୍ୟତକୁ ସମାନ ଭାବରେ ଦେଖେ । ତାହା ଯାବତୀୟ ପରିଣାମର କାରଣକୁ ଜାଣିଥାଏ ଏବଂ ଯାବତୀୟ କାରଣର ପରିଣାମକୁ ଜାଣିଥାଏ । ସମଗ୍ର ଏବଂ ଯୁଗପତ୍ ଭାବରେ ପରିଦୃଷ୍ଟ ହୋଇପାରୁଥିବା ଯାବତୀୟ ପରିସ୍ଥିତିର ସମଗ୍ର ସମଷ୍ଟିଟିକୁ ତାହା ଉତ୍ତରୋତ୍ତର ଭାବରେ ସେହି ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବା ଲାଗି ପ୍ରକୃତିର ଏକ ମହାନ୍ ପ୍ରୟାସ ରୂପେ ସଂଦର୍ଶନ କରୁଥାଏ, ଦିବ୍ୟ ପରିପୂର୍ଣ୍ଣତାର ଉପଲବ୍ଧି ଲାଗି ତାହାର ଏକ ଆରୋହଣଧର୍ମୀ ଯାତ୍ରାରୂପେ ପ୍ରତ୍ୟକ୍ଷ କରୁଥାଏ । ତାହାକୁହିଁ ଆମେ ''ଆଗତ ହୋଇ ଆସୁଥିବା ଭଲ'' ବୋଲି ଜାଣିବା । ଏହି ସବୁକିଛି ତାହାରି ଅଭିମୁଖୀ ହୋଇ ରହିଛନ୍ତି ଏବଂ ସେଇଥିପାଇଁ ଯଥାର୍ଥ ପ୍ରଜ୍ଞା ତାହାଲାଗି ଆପଣାର ସମର୍ଥନ ଜ୍ଞାପନ କରୁଛି ।

କାରଣ, ଆମର ଦୃଷ୍ଟି ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ, ଆମର ବୁଝିବା ଅତ୍ୟନ୍ତ

ସୀମିତ ହୋଇଥିବାରୁ ଏବଂ ଆମର ଇନ୍ଦ୍ରିୟବୋଧ ଭୁଲ୍ ଭାବରେ ପରିଚାଳିତ ହୋଇଥିବାରୁହିଁ, ଯାହା ଆମ ଲାଗି ଏକ ସମ୍ଭାବନା ହୋଇ ରହିଥିଲା ଓ ଅଗ୍ରଗତି ଲାଗି ଏକ ସୁଯୋଗ ହୋଇ ରହିଥିଲା, ତାହା କେବଳ ଦୁଃଖଭୋଗକୁ ପରିବର୍ତ୍ତିତ ହୋଇଯାଉଛି ।

ଏବଂ, ତାହା ଏହି ପ୍ରକୃତ ଘଟଣାଟି ଦ୍ୱାରା ପ୍ରମାଣିତ ହୋଇଯାଉଛି ଯେ, ଆମେ ଯେମିତି ବୁଝିବାକୁ ସମର୍ଥ ହେଉଛୁ ଏବଂ ସହଯୋଗ କରିବାକୁ ଆରମ୍ଭ କରୁଛୁ, ଆମର ଦୁଃଖଭୋଗ ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇଯାଉଛି ।

୨୩ ମାର୍ଚ୍ଚ, ୧୯୬୦

**୨୬. ଫାଶୀ ପାଇଁ ନିଆ ଯାଉଥିବା ଅପରାଧୀଟିକୁ ଦେଖି ସାର୍ ଫିଲିପ୍ ସିଡ଼ନି କହିଥିଲେ, ''ହେଇ ଦେଖ, ପରମେଶ୍ୱରଙ୍କର କରୁଣା ବିମୁଖ ହୋଇଥିଲେ ସାର୍ ଫିଲିପ୍ ସିଡ୍‌ନି ମଧ୍ୟ ଏହିପରି ଯାଇଥାନ୍ତେ ।'' ଆହୁରି ଅଧିକ ବିଜ୍ଞତାର ପରିଚାୟକ ହୋଇଥାନ୍ତା, ଯଦି ସିଏ କହିଥାନ୍ତେ, ''ଦେଖ, ପରମେଶ୍ୱରଙ୍କର କରୁଣା ହେତୁହିଁ ସାର୍ ଫିଲିପ୍ ସିଡ୍‌ନି ସେଠାକୁ ଯାଉଛନ୍ତି ।''**

*ଏହି ସୂତ୍ରଟିର ଅର୍ଥକୁ ମୁଁ ବୁଝିପାରିଲି ନାହିଁ ।*

ସାର୍ ଫିଲିପ୍ ସିଡ୍‌ନି ଜଣେ ରାଷ୍ଟ୍ରନୀତିଜ୍ଞ ଥିଲେ, କବି ମଧ୍ୟ ଥିଲେ; ମାତ୍ର ଜୀବନରେ ଅର୍ଜିଥିବା ଏହିସବୁ ସଫଳତା ସତ୍ତ୍ୱେ ସିଏ ତଥାପି ତାଙ୍କର ବିନମ୍ର ପ୍ରକୃତିକୁ ପରିତ୍ୟାଗ କରି ନ ଥିଲେ । ଜଣେ ଅପରାଧୀକୁ ମୃତ୍ୟୁଦଣ୍ଡ ଦେବା ଲାଗି ନିଆ ଯାଉଥିବାର ଦେଖି, ସିଏ ଏହି ବିଖ୍ୟାତ ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିଥିଲେ ବୋଲି କୁହାଯାଏ । ଶ୍ରୀଅରବିନ୍ଦ ଆପଣାର ସୂତ୍ରଟିରେ ସେହି ଶବ୍ଦଗୁଡ଼ିକୁ ଉଦ୍ଧାର କରିଛନ୍ତି ଏବଂ ତାହାକୁ ଆମେ ସଂକ୍ଷେପରେ ଏହିପରି ଭାବରେ ବ୍ୟକ୍ତ କରିପାରିବା, ''ପରମେଶ୍ୱରଙ୍କର କରୁଣା **ହୋଇ** ନ ଥିଲେ ମୋର ମଧ୍ୟ ଏହି ଦଶା ହୋଇ ପାରିଥାନ୍ତା ।'' ଶ୍ରୀଅରବିନ୍ଦ ତା'ପରେ ମନ୍ତବ୍ୟ କରିଛନ୍ତି ଯେ, ସାର୍ ଫିଲିପ୍ ସିଡ୍‌ନିଙ୍କଠାରେ ଅଧିକ ପ୍ରଜ୍ଞା ରହିଥିଲେ ସିଏ କହିଥାନ୍ତେ, ''ଭଗବାନଙ୍କର କରୁଣା **ହୋଇଥିଲେ** ମୋ'ର ମଧ୍ୟ ଏହି ଦଶା ହୋଇଥାନ୍ତା ।'' କାରଣ, ଭଗବତ୍-ପରମକରୁଣା ସର୍ବତ୍ର ବିଦ୍ୟମାନ ରହିଛି, ସର୍ବଦା ବିଦ୍ୟମାନ ରହିଛି, ସକଳ ବସ୍ତୁ ଏବଂ ସକଳ ଘଟଣାର ପଶ୍ଚାତରେ ବିଦ୍ୟମାନ ରହିଛି; ସେହି ଘଟଣା ବା ବସ୍ତୁଟି ପ୍ରତି ଆମର ପ୍ରତିକ୍ରିୟା ଯାହା ହେଉନା କାହିଁକି, ତାହା ଆମକୁ ଭଲ ବା ଖରାପ ଯାହା

ବୋଲି ପ୍ରତୀତ ହେଉ ପଛକେ, ଅନିଷ୍ଟକାରୀ ଅଥବା ଉପକାରୀ ବୋଲି ଲାଗୁ ପଛକେ, ତାହା ତଥାପି ବିଦ୍ୟମାନ ରହିଛି ।

ଏବଂ, ଯଦି ସାର୍ ଫିଲିପ୍ ଜଣେ ଯୋଗୀ ହୋଇଥାନ୍ତେ, ତେବେ ସିଏ ସକଳ ମନୁଷ୍ୟଙ୍କ ମଧ୍ୟରେ ରହିଥିବା ଏକତ୍ୱଟିକୁ ମଧ୍ୟ ଅନୁଭବ କରିଥାନ୍ତେ ଏବଂ ଅତ୍ୟନ୍ତ ମୂର୍ତ୍ତ ଭାବରେ ଏହି କଥା ଅନୁଭବ କରିଥାନ୍ତେ ଯେ, ତାଙ୍କ ନିଜକୁ ଅଥବା ତାଙ୍କର ଏକ ଅଂଶକୁ ମୃତ୍ୟୁଦଣ୍ଡ ଦେବା ଲାଗି ନିଆଯାଉଛି; ଏବଂ, ସିଏ ଯୁଗପତ୍ ଭାବରେ ଏକଥା ମଧ୍ୟ ଜାଣିଥାନ୍ତେ ଯେ, ଏହି ପୃଥିବୀରେ ଯାହାକିଛି ଘୁଟୁଛି, ତାହା କେବଳ ସେହି ପରମକର୍ତ୍ତାଙ୍କର କରୁଣାବଳରେହିଁ ଘଟୁଛି ।

୩୦ ମାର୍ଚ୍ଚ, ୧୯୬୦

## ୨୭. ପରମେଶ୍ୱର ଅତ୍ୟନ୍ତ ଯାତନା ଦିଅନ୍ତି, ଅତ୍ୟନ୍ତ ନିଷ୍ଠୁର ହୋଇ ଯାତନା ଦିଅନ୍ତି, କାରଣ ସିଏ ଭଲ ପାଆନ୍ତି । ତୁମେ ଏହି କଥାଟିକୁ ମୋଟେ ବୁଝି ପାରିବ ନାହିଁ, କାରଣ ତୁମେ କୃଷ୍ଣଙ୍କୁ ଦେଖି ନାହଁ ବା ତାଙ୍କ ସହିତ କ୍ରୀଡ଼ା କରି ନାହଁ ।

କୃଷ୍ଣ ହେଉଛନ୍ତି ଅନ୍ତର୍ଭୂତ ହୋଇ ରହିଥିବା ଦିବ୍ୟ ପରମସତ୍ତା, ସିଏ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ବସ୍ତୁ ମଧ୍ୟରେ ରହିଥିବା ଦିବ୍ୟ ପରମ ଉପସ୍ଥିତି । ତାଙ୍କୁ ଆମେ ସାର୍ବଭୌମ ଭାବରେ ସର୍ବୋଚ୍ଚ ପରମସତ୍ତାଙ୍କର ଆନନ୍ଦ ଓ ପ୍ରେମରୂପୀ ବିଭାବ ବୋଲି ମଧ୍ୟ କହିପାରିବା । ସିଏ ହେଉଛନ୍ତି ସହାସ୍ୟ କୋମଳତା ଏବଂ ଲୀଳାମୟ ପୁଲକର ପ୍ରତୀକ । ସିଏ ଏକାଧାରରେ ଲୀଳାକାରୀ, ଲୀଳା ଏବଂ ଲୀଳାସଂଗୀ । ଏବଂ, ଆମେ ଯେତିକ ଅଧିକ ସମଗ୍ର ଭାବରେ ଲୀଳାକୁ ଓ ତାହାର ପରିଣାମଗୁଡ଼ିକୁ ଜାଣୁଥିବା, କଳ୍ପନା କରି ପାରୁଥିବା ଓ ସେଥିଲାଗି ଅଭିଳାଷ କରି ପାରୁଥିବା, ସଚେତନ ଭାବରେ ସେଗୁଡ଼ିକୁ ଯେତିକି ଅଧିକ ପରିମାଣରେ ସଂଗଠିତ ଏବଂ ଅଭିବ୍ୟକ୍ତ ହେଉଥିବାର ଜାଣିବାକୁ ପାଇବା, ସେତେ ଆମ ଲାଗି ସେହି ଲୀଳାଜନିତ ଆନନ୍ଦଟିହିଁ ଥିବ, ଅନ୍ୟକିଛି ନୁହେଁ । ତେଣୁ, କୃଷ୍ଣଙ୍କର ଦର୍ଶନ ଲାଭ କରିବାର ଅର୍ଥ ହେଉଛି ଅନ୍ତରସ୍ଥ ପରମଦେବତ୍ୱର ଦର୍ଶନ ପାଇବା, କୃଷ୍ଣଙ୍କ ସହିତ କ୍ରୀଡ଼ା କରିବାର ଅର୍ଥ ହେଉଛି ସେହି ଅନ୍ତରସ୍ଥ ଦେବତ୍ୱ ସହିତ ଏକାତ୍ମତା ଅର୍ଜନ କରିବା ଏବଂ ତାଙ୍କରି ଚେତନାରେ ଅଂଶ ଗ୍ରହଣ କରିବା । ଯେତେବେଳେ ତୁମେ ଏହି ସ୍ଥିତିଟିକୁ ଉପଲବ୍ଧି କରିପାରିବ, ସେତେବେଳେ ତୁମେ ତତ୍କ୍ଷଣାତ୍ ସେହି ଦିବ୍ୟ ଲୀଳାମୟତାର ଆନନ୍ଦ ମଧ୍ୟରେ ପ୍ରବେଶ କରିବ; ଏବଂ ତୁମର ଏକାତ୍ମକତା ଯେତିକି ଅଧିକ ସଂପୂର୍ଣ୍ଣ ହୋଇ ପାରିବ, ସେହି ସ୍ଥିତିଟି ମଧ୍ୟ ସେତିକି ପରିପୂର୍ଣ୍ଣତା ଲାଭ କରିବାରେ ଲାଗିଥିବ ।

ମାତ୍ର, ଯଦି ତୁମ ଚେତନାର କୌଣସି ଏକ କୋଣରେ ସେହି ସାଧାରଣ ବୋଧଟି ତଥାପି ରହିଯାଇଥିବ, ସାଧାରଣ ପ୍ରତୀତି ଓ ସାଧାରଣ ଇନ୍ଦ୍ରିୟସକ୍ରିୟତା ଅବଶିଷ୍ଟ ରହିଥିବ, ତେବେ ତୁମେ ଅନ୍ୟମାନଙ୍କର ଦୁଃଖକୁ ଦେଖିବାକୁ ପାଉଥିବ, ଏତେ ଦୁଃଖର କାରଣ ହୋଇ ରହିଥିବା ଏହି ଲୀଳାକୁ ତୁମେ ଅତ୍ୟନ୍ତ ନୃଶଂସ ବୋଲି ଅନୁଭବ କରୁଥିବ ଏବଂ ସେଥିରୁ ତୁମେ ଏହିପରି ଏକ ସିଦ୍ଧାନ୍ତ କରିବାକୁ ଆରମ୍ଭ କରିବ ଯେ, ଯେଉଁ ପରମେଶ୍ୱର ଏହିପରି ଏକ ଲୀଳାରେ ଆନନ୍ଦ ଅନୁଭବ କରୁଛନ୍ତି, ସିଏ ନିଶ୍ଚୟ ଜଣେ ଭୟଙ୍କର ଉତ୍ପୀଡ଼କ ହୋଇଥିବେ । ମାତ୍ର, ଅନ୍ୟ ପକ୍ଷରେ, ଯେତେବେଳେ ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା ଲାଭ କରିଥିବାର ଅନୁଭୂତିଟିକୁ ଲାଭ କରିଥିବ, ତେବେ, ସିଏ ଏହି ଲୀଳାଟି ମଧ୍ୟରେ ଯେଉଁ ବିପୁଳ ଓ ଅଦ୍ଭୁତ ପ୍ରେମକୁ ପ୍ରବିଷ୍ଟ କରାଇ ରଖିଛନ୍ତି, ତୁମେ ତାହାକୁ ଆଦୌ ଭୁଲି ପାରିବ ନାହିଁ । ତୁମେ ସେତେବେଳେ ବୁଝିବାକୁ ଆରମ୍ଭ କରିବ ଯେ, ଆମ ନିଜ ଦୃଷ୍ଟିର ସୀମାବଦ୍ଧତାହିଁ ଆମକୁ ଏପରି ଭାବରେ ବିଚାର କରିବାକୁ ପ୍ରବୃତ୍ତ କରୁଛି; ତୁମେ ବୁଝିବାକୁ ଆରମ୍ଭ କରିବ ଯେ, ସିଏ ପ୍ରକୃତରେ ଇଚ୍ଛାକୃତ ଭାବରେ ଆଦୌ କୌଣସି ଉତ୍ପୀଡ଼ନ କରୁ ନାହାନ୍ତି, ସିଏ ସେହି ମହାନ୍ ପରମ ଉପକାରୀ ପ୍ରେମର ମୂର୍ତ୍ତି ହୋଇ ରହିଛନ୍ତି, ଯାହାକି ଏହି ଜଗତକୁ ଏବଂ ମନୁଷ୍ୟମାନଙ୍କୁ ବାଟ ଦେଖାଇ ନେଉଛି, ସେମାନଙ୍କୁ ସତ୍ୱରତମ ମାର୍ଗରେ ପରିଚାଳିତ କରି ନେଉଛି,— ସେହି ପରିପୂର୍ଣ୍ଣତା ଆଡ଼କୁ ସେମାନଙ୍କର ଉତ୍ତରୋତ୍ତର ଯାତ୍ରାରେ ପରିଚାଳିତ କରି ନେଉଛି, ଯାହାକି, ପୁନଶ୍ଚ, ସର୍ବଦା ଆପେକ୍ଷିକ ହୋଇ ରହିଛି ଏବଂ ସର୍ବଦା ଅତିକ୍ରାନ୍ତ ହେବାରେ ଲାଗିଛି ।

ମାତ୍ର, ଏପରି ଏକ ଦିନ ଅବଶ୍ୟ ଆସିବ, ଯେତେବେଳେ କି ଅଗ୍ରଗତିକୁ ଉତ୍ସାହ ଦେଇ ରଖିବାକୁ ଏହି ଆପାତ ଦୁଃଖଭୋଗର ଆଉ ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ ଏବଂ ଯେତେବେଳେ ଉତ୍ତରୋତ୍ତର ଭାବରେ ଅଧିକରୁ ଅଧିକ ସମଞ୍ଜସତା ତଥା ଆନନ୍ଦ ସହିତ ଏହି ଅଗ୍ରଗତି ସମ୍ଭବ ହୋଇ ପାରିବ ।

*୬ ଏପ୍ରିଲ, ୧୯୬୦*

**୨୮. ନେପୋଲିଅନ୍‌ଙ୍କୁ ଜଣେ ଉତ୍ପୀଡ଼କ ଓ ହତ୍ୟାକାରୀ-ସମ୍ରାଟ ବୋଲି କୁହାଗଲା । ମାତ୍ର ମୁଁ ଦେଖିଲି, ପରମେଶ୍ୱରହିଁ ଅସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ଇଉରୋପ ବକ୍ଷରେ ଦୀର୍ଘ ପଦକ୍ଷେପରେ ଗତିକରିବାରେ ଲାଗିଛନ୍ତି ।**

*ପୃଥିବୀର ବିବର୍ତ୍ତନ ଲାଗି ଏହି ଯାବତୀୟ ଯୁଦ୍ଧ ପ୍ରକୃତରେ ଆବଶ୍ୟକ କି ?*

ମନୁଷ୍ୟ-ବିକାଶର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଯୁଦ୍ଧ ଅନିବାର୍ଯ୍ୟ । ପ୍ରାକ୍-ଐତିହାସିକ କାଳରେ ସମଗ୍ର ଜୀବନହିଁ ଏକ ଯୁଦ୍ଧରେ ପରିଣତ ହୋଇ ରହିଥିଲା, ଏବଂ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ମଧ୍ୟ ମନୁଷ୍ୟର ଇତିହାସ କେତେକେତେ ଯୁଦ୍ଧର ଏକ ଦୀର୍ଘ ଇତିହାସ ହୋଇ ରହିଛି । ଜୀବନ ସକାଶେ ସଂଗ୍ରାମ ଓ ଅହଂପ୍ରେରିତ ଆକ୍ରମଣାଭିଳାଷ ଦ୍ୱାରା ଶାସିତ ହେଉଥିବା ଏକ ଚେତନାର ସ୍ଥିତି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଯାବତୀୟ ଯୁଦ୍ଧର କାରଣ ହୋଇଥାଏ । ଏବଂ, ଆମର ଏହି ବର୍ତ୍ତମାନ କାଳରେ ମନୁଷ୍ୟ ଶାନ୍ତିର ଉଦ୍ଦେଶ୍ୟରେ କେତେକ ପ୍ରୟାସ କରିଥିଲେ ମଧ୍ୟ, ଆମକୁ କଦାପି ଅନିବାର୍ଯ୍ୟ ଭାବରେ ଆଉ ଯୁଦ୍ଧର ଦୁର୍ବିପାକ ଭୋଗ କରିବାକୁ ପଡ଼ିବ ନାହିଁ ବୋଲି ଏକ ପୂର୍ଣ୍ଣ ନିର୍ଭର ଦେଇପାରିବା ଭଳି ତଥାପି ପୃଥିବୀରେ କିଛି ଘଟି ନାହିଁ । ବସ୍ତୁତଃ, ଏହି ମୁହୂର୍ତ୍ତରେ ମଧ୍ୟ ପୃଥିବୀର ଏକାଧିକ ଭାଗରେ, ପ୍ରକାଶ୍ୟ ହେଉ ଅଥବା ଅନ୍ୟ ଯେକୌଣସି ପ୍ରକାରର ହେଉ, ଯୁଦ୍ଧର ଏକ ସ୍ଥିତି ବର୍ତ୍ତମାନ ରହି ନାହିଁ କି ?

ପୁନଶ୍ଚ, ଏହି ପୃଥିବୀରେ ଯାହାକିଛି ଘଟଣା ଘଟୁଛି, ତାହା ଅବଶ୍ୟମ୍ଭାବୀ ଭାବରେ ତାକୁ ଅଗ୍ରଗତି ପଥରେ ପରିଚାଳିତ କରି ନେଉଛି । ଏହିପରି ଭାବରେ ଆମେ ଯୁଦ୍ଧରୁ ସାହସ ଶିଖୁଛୁ, ସହିଷ୍ଣୁତା ଶିକ୍ଷା କରୁଛୁ, ନିର୍ଭୟତା ବି ଶିଖୁଛୁ । ଯେଉଁ ଅତୀତର ସମୟ ଅତିବାହିତ ହୋଇ ଗଲାଣି, ମାତ୍ର ତଥାପି ଚାଲିଯିବାକୁ ଅସମ୍ମତି ପ୍ରକାଶ କରୁଥିବା ଏକ ଅତୀତକୁ ଧ୍ୱଂସ କରିଦେବାରେ ଏହି ଯୁଦ୍ଧମାନେ ହୁଏତ ସାହାଯ୍ୟ ବି କରିପାରନ୍ତି ଏବଂ ତାହା ଫଳରେ ନୂତନ ବସ୍ତୁଗୁଡ଼ିକ ଲାଗି ସ୍ଥାନ ଖାଲି କରି ଦେଇପାରନ୍ତି । ନ୍ୟାୟ ଏବଂ ଧର୍ମର ପ୍ରତିଷ୍ଠା ଲାଗି ଏହି ପୃଥିବୀକୁ କୌଣସି ପ୍ରତିପତ୍ତିଶାଳୀ ଓ ଧ୍ୱଂସକାରୀ ମନୁଷ୍ୟଗୋଷ୍ଠୀର କବଳରୁ ମୁକ୍ତ କରିବା ସକାଶେ, କୁରୁକ୍ଷେତ୍ର ଯୁଦ୍ଧ ଦ୍ୱାରା ଯେପରି ହୋଇଥିଲା, ଯୁଦ୍ଧ ଏକ ସାଧନ ରୂପେ କାର୍ଯ୍ୟ ମଧ୍ୟ କରିପାରେ । ସମ୍ମୁଖରେ ଏକ ବିପଦର ଉପସ୍ଥାପନା କରାଇ ଯୁଦ୍ଧଗୁଡ଼ିକ ଅତିରିକ୍ତ ପରିମାଣରେ ତାମସିକ ହୋଇ ରହିଥିବା ଚେତନାର ଉଦାସୀନତାକୁ ମଧ୍ୟ ଏକାବେଳେକେ ଦୋହଲାଇ ଦେଇ ପାରନ୍ତି ଏବଂ ତଦ୍ଦ୍ୱାରା ସୁପ୍ତ ଶକ୍ତିଗୁଡ଼ିକୁ ଜାଗ୍ରତ କରି ଆଣିପାରନ୍ତି । ପରିଶେଷରେ, ଏକ ବିପରୀତ ସଂଘଟନ ରୂପେ ଏବଂ ସେଗୁଡ଼ିକରେ ଆନୁଷଙ୍ଗିକ ତଥା ଅନୁଗାମୀ ହୋଇ ରହିଥିବା ବିଭୀଷିକାଗୁଡ଼ିକ ହେତୁ, ମନୁଷ୍ୟମାନଙ୍କୁ ରୂପାନ୍ତରର ଏପରି ଗୋଟିଏ ବର୍ବରତାମୟ

ଏବଂ ହିଂସାପୂର୍ଣ୍ଣ ମାର୍ଗକୁ ଅନାବଶ୍ୟକ କରିଦେବା ଲାଗି ଏକ ପ୍ରକୃତରେ ଫଳପ୍ରଦ ଅନ୍ୟମାର୍ଗର ଅନ୍ୱେଷଣ କରିବାକୁ ମଧ୍ୟ ପ୍ରବୃତ୍ତ କରାଇ ପାରନ୍ତି ।

କାରଣ, ପୃଥିବୀର ବିବର୍ତ୍ତନ ଲାଗି ଯାହାକିଛି ଅନାବଶ୍ୟକ ପ୍ରମାଣିତ ହୁଏ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ତାହାର ବିଲୁପ୍ତି ଘଟେ ।

୧୩ ଏପ୍ରିଲ, ୧୯୬୦

*ଆପଣ ଲେଖିଛନ୍ତି : ''ଯେଉଁ ଅତୀତର ସମୟ ଅତିବାହିତ ହୋଇଗଲାଣି, ମାତ୍ର ତଥାପି ଚାଲିଯିବାକୁ ଅସମ୍ମତି ପ୍ରକାଶ କରୁଥିବା ଏକ ଅତୀତକୁ ଧ୍ୱଂସ କରିଦେବାରେ ଏହି ଯୁଦ୍ଧମାନେ ହୁଏତ  ସାହାଯ୍ୟ ବି କରିପାରନ୍ତି ଏବଂ ତାହା ଫଳରେ ନୂତନ ବସ୍ତୁଗୁଡ଼ିକ ଲାଗି ସ୍ଥାନ ଖାଲି କରିଦେଇ ପାରନ୍ତି ।'' ବର୍ତ୍ତମାନ ଯେତେବେଳେ ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ଘଟିଛି, ସେତେବେଳେ ବର୍ତ୍ତମାନ ଜଗତର ସ୍ଥିତିରେ ଏକ ପରିବର୍ତ୍ତନ ସମ୍ଭବ କରିବା ଲାଗି ତଥାପି ଯୁଦ୍ଧର ଆବଶ୍ୟକତା ରହିବ କି ?*

ଜାତିଗୁଡ଼ିକର ଗ୍ରହଣଶୀଳତା ଉପରେ ତାହା ନିର୍ଭର କରିବ । ଯଦି ସେମାନେ ସତ୍ୱର ଓ ପ୍ରଶସ୍ତ ଭାବରେ ନୂତନ ଶକ୍ତିଗୁଡ଼ିକର ପ୍ରଭାବ ଆଡ଼କୁ ଆପଣାକୁ ଉନ୍ମୋଚିତ କରି ଆଣିବେ ଏବଂ ଯଦି ସେମାନେ ଆପଣାର ଧାରଣା ତଥା କ୍ରିୟାଗୁଡ଼ିକର କ୍ଷେତ୍ରରେ ଯଥେଷ୍ଟ ସତ୍ୱରତା ସହିତ ବଦଳି ଯାଇପାରିବେ, ତେବେ ହୁଏତ ଯୁଦ୍ଧକୁ ଏଡ଼ି ଦିଆଯାଇପାରିବ । ମାତ୍ର, ତାହା ତ ନିରନ୍ତର ଭୟ ଦେଖାଉଛି, ନିରନ୍ତର ପ୍ରସୁପ୍ତାବସ୍ଥାରେ ରହିଛି; ଏବଂ, ପ୍ରତ୍ୟେକଟି ଭୁଲ୍ ଏବଂ ଚେତନାକ୍ଷେତ୍ରରେ ପ୍ରତ୍ୟେକଟି ତମସାଚ୍ଛନ୍ନତା ଏହି ଭୟକୁ କେବଳ ବଢ଼ାଇ ଦେବାରେ ଲାଗିଛି ।

ଏବଂ ତଥାପି, ସବା ଶେଷ କଥା କହିବାକୁ ଗଲେ, ସବୁକିଛି ପ୍ରକୃତରେ ସେହି ଦିବ୍ୟ କରୁଣା ଉପରେହିଁ ନିର୍ଭର କରୁଛି; ଏବଂ ଆମକୁ ପ୍ରତ୍ୟୟ ଏବଂ ସ୍ଥିରତା ସହିତ ଭବିଷ୍ୟତ ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ, ଏବଂ ଏଣେ ଯୁଗପତ୍ ଭାବରେ ଯଥାସମ୍ଭବ ଅଧିକ ବେଗରେ ଆଗକୁ ଯିବାକୁ ପଡ଼ିବ ।

୧୫ ଏପ୍ରିଲ, ୧୯୬୦

## ୨୯. ପାପ କ'ଣ, ପୁଣ୍ୟ କ'ଣ, ମୁଁ ସବୁ ପାସୋରି ଦେଲିଣି; ମୁଁ କେବଳ ପରମେଶ୍ୱରଙ୍କୁ ଦେଖୁଛି, କେବଳ ତାଙ୍କରି ଲୀଳାକୁ ଦର୍ଶନ କରୁଛି ଏବଂ ମନୁଷ୍ୟ ଜାତି ମଧ୍ୟରେ ତାଙ୍କରି ଇଚ୍ଛା କାର୍ଯ୍ୟକାରୀ ହେଉଥିବାର ଦେଖିପାରୁଛି ।

*ଯଦି ସବୁକିଛିହିଁ ପରମେଶ୍ୱରଙ୍କର ଇଚ୍ଛା ହୁଏ, ତେବେ ବ୍ୟକ୍ତି-ଇଚ୍ଛାର ଆଉ ଆବଶ୍ୟକତା ରହିଲା କେଉଁଠି ?*

ଏହି ବିଶ୍ୱଭୁବନରେ, ଏବଂ ବିଶେଷ ଭାବରେ ଏହି ପୃଥିବୀପୃଷ୍ଠରେ ସବୁକିଛି ସେହି ଦିବ୍ୟ ଯୋଜନାର ଅନ୍ତର୍ଗତ ହୋଇରହିଛି । ପ୍ରକୃତି ସେହି ଯୋଜନାକୁ କାର୍ଯ୍ୟକାରୀ କରୁଛି, ଏବଂ ତାହାର ପରିପୂରଣ ଲାଗି ସବୁକିଛି ଆବଶ୍ୟକ ହେଉଛି । ବ୍ୟକ୍ତି ଇଚ୍ଛା ମଧ୍ୟ ଏପରି ଏକ ମାଧ୍ୟମ, ଯାହା ସାହାଯ୍ୟରେ କି ପ୍ରକୃତି ଆପଣାର କାର୍ଯ୍ୟ କରୁଛି, ଏହା ପ୍ରକୃତିର କାର୍ଯ୍ୟ ଲାଗି ଏକ ଅପରିହାର୍ଯ୍ୟ ମାଧ୍ୟମ । ତେଣୁ ବ୍ୟକ୍ତି-ଇଚ୍ଛାକୁ ଗୋଟିଏ ଅର୍ଥରେ ଈଶ୍ୱରଙ୍କ ଇଚ୍ଛାର ଗୋଟିଏ ଅଂଶ ବୋଲି କୁହାଯାଇପାରିବ ।

ମାତ୍ର, ଯଥାର୍ଥ ଭାବରେ ବୁଝିପାରିବାକୁ ହେଲେ, ''ଇଚ୍ଛା'' ଶବ୍ଦଟିର ଅର୍ଥ ବିଷୟରେ ଆମକୁ ପ୍ରଥମେ ସହମତି ହେବାକୁ ପଡ଼ିବ ।

ଇଚ୍ଛା କହିଲେ ଆମେ ସାଧାରଣତଃ ସେପରି କଳ୍ପନା କରିଥାଉ, ସେହି ଅର୍ଥରେ ତାହା ହେଉଛି କୌଣସି ଏକ ଭାବନାର ସବିସ୍ତର ପ୍ରତିପାଦନ; ତାହା ସହିତ ଏକ ଶକ୍ତିକୁ ଆଣି ଯୋଡ଼ି ଦିଆଯାଏ, ପରିପୂରଣ କରିବାର ସେହି ଶକ୍ତି ପଛରେ ତାହାକୁ କାର୍ଯ୍ୟରେ ପରିଣତ କରିବାର ଏକ ପ୍ରେରଣା ବିଦ୍ୟମାନ ରହିଥାଏ । ଆମେ ଏହିପରି ଭାବରେ ମନୁଷ୍ୟର ଇଚ୍ଛାକୁ ବର୍ଣ୍ଣନା କରି କହିପାରିବା । ମାତ୍ର ଦିବ୍ୟ-ଇଚ୍ଛା ସଂପୂର୍ଣ୍ଣ ଭାବରେ ଏକ ଅଲଗା ବସ୍ତୁ । ଏହା ହେଉଛି ଏକ ପ୍ରତ୍ୟକ୍ଷ ଦର୍ଶନ ଏବଂ ତା' ସହିତ ତାହାକୁ ଉପଲବ୍ଧି କରିବାର ସାମର୍ଥ୍ୟ ମଧ୍ୟ ସଂଯୁକ୍ତ ହୋଇ ରହିଥାଏ । ଦିବ୍ୟପରମ ଇଚ୍ଛା ଏକ ସର୍ବଜ୍ଞାନସମ୍ପନ୍ନ ଇଚ୍ଛା, ଏକ ସର୍ବଶକ୍ତିଶାଳୀ ଇଚ୍ଛା । ଏହା ଏକ ଅପ୍ରତିରୋଧ ଇଚ୍ଛା ଏବଂ ଏହା ଆପଣାକୁ ତତ୍କ୍ଷଣାତ୍ କାର୍ଯ୍ୟକାରୀ କରିପାରେ ।

ମନୁଷ୍ୟର ଇଚ୍ଛା ବଡ଼ ଅନିଶ୍ଚିତ, ତାହା ଅନେକ ସମୟରେ ଇତସ୍ତତଃ ହେବାରେ ଲାଗିଥାଏ, ନାନା ବିରୋଧକାରୀ ଇଚ୍ଛା ସହିତ ତାହାର ସର୍ବଦା ସଂଘାତ ହେଉଥାଏ । କୌଣସି ନା କୌଣସି କାରଣରୁ ତାହା ପ୍ରକୃତିର ଇଚ୍ଛା ସହିତ ଅନୁରୂପ ହୋଇ ରହିପାରିଲେ ଯାଇ ତାହା ପ୍ରକୃତରେ ଫଳଦାୟକ ହୋଇଥାଏ,— ସ୍ୱୟଂ ପ୍ରକୃତିର ଇଚ୍ଛାକୁ ତ ଦିବ୍ୟ

ଇଚ୍ଛାର ଏକ ପ୍ରତିଲେଖନ ବୋଲି କୁହାଯିବ । ଅଥବା, ସ୍ୱୟଂ ଦିବ୍ୟ ଇଚ୍ଛା ସହିତ,— କେବଳ ପରମକରୁଣା ଏବଂ ଯୋଗ ହେତୁ ତାହା ସମ୍ଭବ ହୁଏ,— ଅନୁରୂପ ହୋଇ କାର୍ଯ୍ୟ କରିପାରିଲେ ମଧ୍ୟ ତାହା ଫଳଦାୟକ ହୁଏ ।

ତେଣୁ, ଏପରି କୁହାଯାଇ ପାରିବ ଯେ, ପରମେଶ୍ୱର ଆମକୁ ତାଙ୍କ ପାଖକୁ ଲେଉଟାଇ ଆଣିବା ଲାଗି ବ୍ୟକ୍ତି-ଇଚ୍ଛା ହେଉଛି ଗୋଟିଏ ଅନ୍ୟତମ ମାଧ୍ୟମ ।

୨୦ ଏପ୍ରିଲ, ୧୯୬୦

**୩୦. ମଇଳା ଭିତରେ ଘାଣ୍ଟି ହେଉଥିବାର ଗୋଟିଏ ପିଲାକୁ ମୁଁ ଦେଖିଲି; ପୁଣି ସେହି ପିଲାଟିକୁ ଯେତେବେଳେ ତା'ର ମାଆ ପରିଷ୍କାର କରିଦେଲେ ଓ ସିଏ ତାହା ଫଳରେ ଚକ୍‌ଚକ୍ ହୋଇ ଦିଶିଲା, ମୁଁ ସେତେବେଳେ ମଧ୍ୟ ତାକୁ ଦେଖିଲି । ମାତ୍ର, ପ୍ରତ୍ୟେକଥର ତା'ର ପରିପୂର୍ଣ୍ଣ ଶୁଦ୍ଧତାକୁ ଦର୍ଶନ କରିହିଁ ମୁଁ ଥରଥର ହୋଇ ଥରୁଥିଲି ।**

*ବୟସରେ ବଡ଼ ହୋଇଯିବା ପରେ ପିଲାଟି ଏହି ଶୁଦ୍ଧତାକୁ ଅକ୍ଷୁଣ୍ଣ ରଖି ପାରିବ କି ?*

ସିଦ୍ଧାନ୍ତ ଦୃଷ୍ଟିରୁ କହିଲେ ଏହା ଅସମ୍ଭବ ନୁହେଁ; ଏବଂ କେତେକ ବ୍ୟକ୍ତି, ଯେଉଁମାନେ ଏହିସବୁ ସହର, ସଭ୍ୟତା ଏବଂ ସଂସ୍କୃତିଠାରୁ ବହୁ ଦୂରରେ ଜନ୍ମଗ୍ରହଣ କରିଥା'ନ୍ତି, ସେମାନେ ସେମାନଙ୍କର ଇହ ଶରୀରଧାରଣର ସଂପୂର୍ଣ୍ଣ ଅବଧି ଯାବତ୍ ଏହି ସ୍ୱତଃସ୍ଫୂର୍ତ୍ତ ଶୁଦ୍ଧତାକୁ ହୁଏତ ଅକ୍ଷୁଣ୍ଣ କରି ରଖିପାରିବେ; ଆତ୍ମାର ଏହି ଶୁଦ୍ଧତା ମନର କ୍ରିୟାତ୍ମକତା ଦ୍ୱାରା ଆଦୌ କୌଣସି ପ୍ରକାରେ ଢାଙ୍କି ହୋଇ ପଡ଼ି ନ ଥିବ ।

କାରଣ, ଶ୍ରୀଅରବିନ୍ଦ ଏଠାରେ ଯେଉଁ ଶୁଦ୍ଧତା ବିଷୟରେ କହିଛନ୍ତି, ତାହା ହେଉଛି ଏକ ସ୍ୱଭାବପ୍ରେରିତ ଶୁଦ୍ଧତା, ତାହା ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ପ୍ରକୃତିର ଆବେଗ ଓ ଇଙ୍ଗିତଗୁଡ଼ିକୁ ଅନୁସରଣ କରେ, କେବେହେଲେ କୌଣସି ହିସାବ କରେ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ; ଏହା ଭଲ କି ମନ୍ଦ, ଆମେ କରୁଥିବା କାମଟି ଠିକ୍ ବା ଭୁଲ୍, ଏହା ପୁଣ୍ୟ ନା ପାପ, ଏହାର ଫଳ ପ୍ରକୃତରେ ଅନୁକୂଳ ହେବ କି ନାହିଁ, ତାହା ଆଦୌ ସେପରି କୌଣସି ପ୍ରଶ୍ନ କରେ ନାହିଁ । ଆମର ମନୋଗତ ଅହଂର ଆବିର୍ଭାବ ଘଟିଲେ ଓ ଚେତନାର କ୍ଷେତ୍ରରେ ତାହା ଏକ ପ୍ରଧାନ ଭୂମିକା ଗ୍ରହଣ କରି ଆତ୍ମାର ସ୍ୱତଃସ୍ଫୂର୍ତ୍ତତାକୁ ଢାଙ୍କି ପକାଇବାକୁ ବସିଲେ ଯାଇ ଏହିସବୁ ଯାବତୀୟ ଧାରଣାର କ୍ରିୟା ଆରମ୍ଭ ହୋଇଯାଏ ।

ଆଧୁନିକ ''ସଭ୍ୟ'' ଜୀବନରେ ବାପମାଆ ଏବଂ ଶିକ୍ଷକମାନେ ଆପଣାର ବ୍ୟାବହାରିକ ଏବଂ ବୁଦ୍ଧିନିଃସୃତ ''ସୁପରାମର୍ଶ'' ଦ୍ୱାରା କେଡ଼େ ଯତ୍ନଶୀଳ ଭାବରେ ଏହି ସ୍ୱତଃସ୍ଫୂର୍ତ୍ତତାକୁ ଘୋଡ଼ାଇ ପକାନ୍ତି; ତାହାକୁ ସେମାନେ ଅଚେତନା ବୋଲି କହନ୍ତି ଏବଂ ତାହାର ସ୍ଥାନାପନ୍ନ ଭାବରେ ସେମାନେ ଏକ ଅତ୍ୟନ୍ତ କ୍ଷୁଦ୍ର, ଅତ୍ୟନ୍ତ ସଂକୀର୍ଣ୍ଣ ଓ ସୀମାବଦ୍ଧ ମାନସିକ ଅହଂକୁ ନେଇ ରଖିଦିଅନ୍ତି । ସେହି ଅହଂ ଆପଣା ଭିତରେ କିଳି ହୋଇ ରହିଥାଏ, କୁ-ବ୍ୟବହାର, ଅପରାଧ ଏବଂ ଦଣ୍ଡର କେତେ ଧାରଣା ତା'ଭିତରେ ଖୁନ୍ଦି ହୋଇ ରହିଥାଏ, ଅଥବା, ବ୍ୟକ୍ତିଗତ ସ୍ୱାର୍ଥ, ହିସାବ କରିବାର ବୁଦ୍ଧି ଏବଂ ଲାଭର ବିଚାରଗୁଡ଼ାକ ମଧ ଭାରି ଭର୍ତ୍ତି ହୋଇ ରହିଥାଏ । ଏହି ସବୁକିଛିର ଅନିବାର୍ଯ୍ୟ ପରିଣାମ ସ୍ୱରୂପ, ଅବଦମନ, ଭୟ ତଥା ଆତ୍ମ-ଔଚିତ୍ୟ-ପ୍ରତିପାଦନ ମାଧମରେ କେବଳ ପ୍ରାଣିକ ବାସନାମାନହିଁ ବୃଦ୍ଧି ପାଇବାରେ ଲାଗିଥାଏ ।

ଏବଂ ତଥାପି, ଏହି କଥାଟିକୁ ସଂପୂର୍ଣ୍ଣ କରିବାକୁ ଯାଇ ଏକଥା ମଧ କୁହାଯିବ ଯେ, ମନୁଷ୍ୟ ଗୋଟିଏ ମନୋମୟ ସତ୍ତା ହୋଇଥିବାରୁ ତାକୁ ଅବଶ୍ୟମ୍ଭାବୀ ଭାବରେ ଆପଣା ବିବର୍ତ୍ତନର ଗତିପଥରେ ଏହି ଅଚେତନ ଏବଂ ସ୍ୱତଃସ୍ଫୂର୍ତ୍ତ ଶୁଦ୍ଧତାକୁ ପଛରେ ପକାଇଦେଇ ଆଗକୁ ଯିବାକୁ ହୋଇଥାଏ । ସେହି ଶୁଦ୍ଧତା ସହିତ ପଶୁସ୍ତରୀୟ ଶୁଦ୍ଧତାର ଅନେକ ସାଦୃଶ୍ୟ ରହିଛି । ଏବଂ, ଏହିପରି ଭାବରେ ମାନସିକ ବିକୃତି ଓ ଅଶୁଦ୍ଧତାର ଏକ ଅନିବାର୍ଯ୍ୟ ପର୍ଯ୍ୟାୟକୁ ଅତିକ୍ରମ କରି ତାକୁ ମନଃସ୍ତରର ସେପାଖକୁ ଯିବାକୁ ହେବ ଏବଂ ଦିବ୍ୟ ଚେତନାର ସେହି ଉଚ୍ଚତର ଏବଂ ଜ୍ୟୋତିର୍ମୟ ଶୁଦ୍ଧତା ମଧକୁ ଜାଗ୍ରତ ହେବାକୁ ପଡ଼ିବ ।

୨୭ ଏପ୍ରିଲ, ୧୯୬୦

**୩୧. ମୁଁ ଯାହା ଉଚିତ କଥା ବୋଲି ଇଚ୍ଛା କଲି ଅଥବା ବିଚାର କଲି, ତାହା ଆଦୌ ଘଟିଲା ନାହିଁ; ତେଣୁ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହି ପୃଥିବୀକୁ ବାଟ ଦେଖାଇ ନେଉଥିବା ଆଦୌ କୌଣସି ସର୍ବପ୍ରଜ୍ଞାସମ୍ପନ୍ନ କର୍ତ୍ତୃତ୍ୱ ନାହିଁ,– କେବଳ ଅନ୍ଧ ଆକସ୍ମିକ ଯୋଗାଯୋଗ ରହିଛି ବା ଏକ ନିର୍ମମ କାର୍ଯ୍ୟକାରଣବାଦର ବିଧାନ ରହିଛି ।**

*ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କ ଲାଗି ଘଟଣାଗୁଡ଼ିକ, ସେମାନେ ଯାହା ଇଚ୍ଛା କରନ୍ତି, ଆକାଙ୍କ୍ଷା କରନ୍ତି ବା ନିଜ ପାଇଁ ଭଲ ହେବ ବୋଲି ବିଶ୍ୱାସ କରନ୍ତି, ସର୍ବଦା ଠିକ୍ ତାହାର ବିପରୀତ ହୋଇହିଁ*

*ଘଟିଥାଏ । ଏଥିଲାଗି ସେମାନେ ଅନେକ ସମୟରେ ନିରାଶ ହୋଇ ପଡ଼ନ୍ତି । ସେମାନଙ୍କର ଅଗ୍ରଗତି ଲାଗି ଏହାର ଏକ ଆବଶ୍ୟକତା ଥାଏ କି ?*

ଅଗ୍ରଗତି ଲାଗି ନୈରାଶ୍ୟ କଦାପି ଏକ ଆବଶ୍ୟକତା ହୋଇ ନ ପାରେ; ଏହା ସର୍ବଦା ଦୁର୍ବଳତା ଏବଂ ତାମସିକତାର ଏକ ନିଦର୍ଶନ ହୋଇ ରହିଥାଏ । ଆମ ଭିତରେ ଯେ ଏକ ପ୍ରତିକୂଳ ଶକ୍ତି ବିଦ୍ୟମାନ ରହିଛି, ଅର୍ଥାତ୍; ସୁ-ଅଭିପ୍ରେତ ଭାବରେ ଆମ ସାଧନା ବିରୋଧରେ କାର୍ଯ୍ୟ କରୁଥିବା ଏକ ଶକ୍ତି ଯେ ବିଦ୍ୟମାନ ରହିଛି, ସେଥିରୁ ଅନେକ ସମୟରେ ତାହାରି ସୂଚନାହିଁ ମିଳିଥାଏ ।

ତେଣୁ, ଜୀବନର ଯାବତୀୟ ପରିସ୍ଥିତିରେ ତୁମେ ଏହି ନୈରାଶ୍ୟର କବଳରୁ ନିଜକୁ ଦୂରରେ ରଖିବା ଲାଗି ସର୍ବଦା ଭାରି ସାବଧାନ ହୋଇ ରହିଥିବ । ଏବଂ, ଏହି ଯେଉଁ ମ୍ରିୟମାଣ ଓ ଉଦାସୀନ ହୋଇ ପଡ଼ିବାର ଅଭ୍ୟାସଟି, ନିରାଶ ହୋଇ ପଡ଼ିବାର ଏହି ଅଭ୍ୟାସଟି, ଏହା ପ୍ରକୃତରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଆଦୌ ନିର୍ଭର କରେ ନାହିଁ, ତାହା ନିଜର ସ୍ୱଭାବ ଉପରେ ଆମ ବିଶ୍ୱାସର ଅଭାବ ହେତୁ ଘଟେ । ଯାହା ଭିତରେ ବିଶ୍ୱାସ ରହିଛି, ଏପରିକି ତାହା କେବଳ ତା' ନିଜ ଉପରେ ରହିଥିବା ଏକ ବିଶ୍ୱାସ ହୋଇଥିଲେ ମଧ୍ୟ, ସିଏ ନିଶ୍ଚିତ ଭାବରେ ଯାବତୀୟ ବାଧାର ସମ୍ମୁଖୀନ ହୋଇପାରିବ, ଯାବତୀୟ ପରିସ୍ଥିତିର, ଏପରିକି ସବୁଠାରୁ ଅଧିକ ପ୍ରତିକୂଳ ହୋଇ ରହିଥିବା ପରିସ୍ଥିତିର ସମ୍ମୁଖୀନ ହୋଇ ପାରିବ,– ସିଏ କୌଣସି ପ୍ରକାରେ ହତୋତ୍ସାହିତ କିଂବା ନିରାଶ ହୋଇ ପଡ଼ିବ ନାହିଁ । ଯେଉଁମାନେ ସ୍ୱପ୍ରକୃତିରେ ବିଶ୍ୱାସକ୍ଷେତ୍ରରେ ଦରିଦ୍ର ହୋଇ ରହିଥା'ନ୍ତି, ସେମାନଙ୍କ ଭିତରେ ସହିଷ୍ଣୁତା ଏବଂ ସାହସର ମଧ୍ୟ ଭାରି ଅଭାବ ରହିଥାଏ ।

ଶ୍ରୀଅରବିନ୍ଦ ଆମକୁ କହୁଛନ୍ତି ଯେ, ମନୁଷ୍ୟମାନଙ୍କର ଜୀବନକ୍ଷେତ୍ରରେ, ବ୍ୟକ୍ତିଗତ ଏବଂ ବିଶ୍ୱଗତ ଭୌତିକ ପ୍ରକୃତି ମଧ୍ୟରେ ଯେତିକି ସମଞ୍ଜସତା ସମ୍ଭବ ହୋଇଥାଏ, ସେମାନଙ୍କ ଭୌତିକ ଜୀବନରେ ହାସଲ କରାଯାଇ ପାରୁଥିବା ସଫଳତାର ମାତ୍ରା ମଧ୍ୟ ତାହାରି ଉପରେ ନିର୍ଭର କରେ । କେତେକ ଲୋକଙ୍କର ଏପରି ଏକ ଇଚ୍ଛାଶକ୍ତି ଥାଏ, ଯାହାକି ପ୍ରକୃତିର ଇଚ୍ଛା ସହିତ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସମତାଳ ହୋଇ ରହିଥାଏ; ଏବଂ ସେମାନେ ଯାହାକିଛି କାର୍ଯ୍ୟ ହାତକୁ ନିଅନ୍ତି, ସବୁଥିରେହିଁ ସଫଳତା ଲାଭ କରନ୍ତି । ଅନ୍ୟ ପକ୍ଷରେ ଆହୁରି ଅନ୍ୟମାନେ ଥାଆନ୍ତି, ଯେଉଁମାନଙ୍କର ନିଜ ଇଚ୍ଛା ଅଳ୍ପବହୁତ ସମ୍ପୂର୍ଣ୍ଣ ଭାବରେ ବିଶ୍ୱ ପ୍ରକୃତିର ଇଚ୍ଛା ସହିତ ବେମେଳ ହୋଇ ରହିଥାଏ; ଏବଂ, ସେମାନେ ଯାହାକିଛି କରନ୍ତି ଅଥବା କରିବାକୁ ଚେଷ୍ଟା କରନ୍ତି, ସେଥିରେ ବିଫଳହିଁ ହେଉଥା'ନ୍ତି ।

ଅଗ୍ରଗତି ଲାଗି ପ୍ରକୃତରେ କ'ଣ ଆବଶ୍ୟକ, ଏହି ପ୍ରଶ୍ନର ଉତ୍ତର ଦେଇ ଏତିକି କୁହାଯିବ ଯେ, ଏକ ବିବର୍ତ୍ତନଶୀଳ ପୃଥିବୀରେ ପ୍ରତ୍ୟେକ ବସ୍ତୁହିଁ ଅବଶ୍ୟମ୍ଭାବୀ ଭାବରେ ଅଗ୍ରଗତିର ସହାୟକ ହୋଇ ରହିଥାଏ । ମାତ୍ର, ବ୍ୟକ୍ତିର ଅଗ୍ରଗତି କହିଲେ ବହୁସଂଖ୍ୟକ ଜୀବନକାଳ ଏବଂ ଅଗଣିତ ଅନୁଭୂମି ଦେଇ ବ୍ୟାପ୍ତ ହୋଇ ରହିଥିବା ଏକ ଅଗ୍ରଗତିକୁ ବୁଝାଏ । ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ରହିଥିବା ଗୋଟିଏ ଜୀବନକୁ ଭିତ୍ତି କରି ଏହାର କଦାପି ବିଚାର କରାଯାଇପାରିବ ନାହିଁ । ସମଗ୍ରତଃ, ଏହି କଥାଟି ସୁନିଶ୍ଚିତ ହୋଇ ରହିଥାଏ ଯେ, ବିଫଳତା ଏବଂ ପରାଜୟ ଭୋଗ କରିଥିବା ଏକ ଜୀବନର ଅଭିଜ୍ଞତା ସଫଳତା ଏବଂ ବିଜୟ ଅର୍ଜନ କରିଥିବା ଆଉ ଏକ ଜୀବନର ଅଭିଜ୍ଞତା ପରି ଆତ୍ମାର ଅଭିବୃଦ୍ଧି ଲାଗି ସମାନ ଭାବରେ ଉପଯୋଗୀ ହୋଇଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏକ ଘଟଣାବିହୀନ ଜୀବନର ଅଭିଜ୍ଞତା ଅପେକ୍ଷା,— ମନୁଷ୍ୟର ଜୀବନ ସାଧାରଣତଃ ଯେଉଁପରି ହୋଇ ରହିଥାଏ,— ତାହା ଅବଶ୍ୟ ଅଧିକ ଉପଯୋଗୀ ହୋଇଥାଏ, ଏହି ସାଧାରଣ ଜୀବନରେ ତ ସଫଳତା ଓ ବିଫଳତା, ସନ୍ତୋଷ ଏବଂ ଅସନ୍ତୋଷ ଏବଂ ସୁଖ ଓ ଦୁଃଖ ପରସ୍ପର ସହିତ ଭାରି ଗୋଳିଆମିଶା ହୋଇ ରହିଥା'ନ୍ତି ଏବଂ ଗୋଟିକ ପରେ ଗୋଟିଏ ଆସିବାରେ ଲାଗିଥା'ନ୍ତି,— ଏହିପରି ଏକ ଜୀବନ ଭାରି ''ସ୍ୱାଭାବିକ'' ବୋଲି ମନେ ହେଉଥାଏ ଏବଂ ତାହାକୁ ବଞ୍ଚିବା ଲାଗି ସେପରି କୌଣସି ବୃହତ୍ ପ୍ରୟାସ ଆଦୌ ଆବଶ୍ୟକ ହୁଏ ନାହିଁ ।

୪ ମଇ, ୧୯୬୦

**୩୨. ଜଣେ ନାସ୍ତିକ ହେଉଛି ନିଜେ ନିଜ ସହିତ ଲୁଚକାଳି ଖେଳୁଥିବା ସ୍ୱୟଂ ପରମେଶ୍ୱର; ମାତ୍ର ଜଣେ ଆସ୍ତିକ ତା'ଠାରୁ କୌଣସି ହିସାବରେ ଭିନ୍ନ କି ? ହୁଏତ ହୋଇଥିବ; କାରଣ ସିଏ ପରମେଶ୍ୱରଙ୍କର ଛାୟାଟିକୁ ଦେଖିବାକୁ ପାଇଛି ଓ ତାକୁ ହାତରେ ଜାବୁଡ଼ି ଧରିବାକୁ ଭାରି ଚେଷ୍ଟା କରିଛି ।**

*''ସ୍ୱୟଂ ପରମେଶ୍ୱର ନିଜ ସହିତ ଲୁଚକାଳି ଖେଳୁଥିବା''ର ଅର୍ଥ କ'ଣ ?*

ଲୁଚକାଳି ଖେଳରେ ଜଣେ ଲୁଚେ ଓ ଆଉ ଜଣେ ତାକୁ ଖୋଜେ । ତେଣୁ, ଯେଉଁ ନାସ୍ତିକ ''ଈଶ୍ୱର ? ମୁଁ ତ କୌଣସି ଈଶ୍ୱରଙ୍କୁ ଦେଖିପାରୁ ନାହିଁ, ସିଏ କେଉଁଠାରେ ଅଛନ୍ତି ସେକଥା ମୁଁ ଜାଣି ନାହିଁ; ତେଣୁ ଈଶ୍ୱର ପ୍ରକୃତରେ ନାହାନ୍ତି'' ବୋଲି କହୁଛି, ପରମେଶ୍ୱର

ତା'ଠାରୁ ଲୁଚିକରି ରହିଛନ୍ତି । ମାତ୍ର ପରମେଶ୍ୱର ଯେ ତା' ନିଜ ଭିତରେ ରହିଛନ୍ତି, ନାସ୍ତିକ ସେକଥାଟିକୁ ଆଦୌ ଜାଣି ନ ଥାଏ । ତେଣୁ କହିବାକୁ ହେବ ଯେ ଭଗବାନ୍ ସ୍ୱୟଂ ନିଜର ଅସ୍ତିତ୍ୱକୁ ଖଣ୍ଡନ କରିବାରେ ଲାଗିଥା'ନ୍ତି । ଏଇଟା ପ୍ରକୃତରେ ଗୋଟିଏ ଖେଳ ନୁହେଁ କି ? ମାତ୍ର ତଥାପି, ଏପରି ଗୋଟିଏ ଦିନ ଅବଶ୍ୟ ଆସିବ, ଯେତେବେଳେ କି ସିଏ ଆପଣାର ସମ୍ମୁଖୀନ ହେବାକୁ ବାଧ୍ୟ ହେବ ଏବଂ ସିଏ ଯେ ପ୍ରକୃତରେ ଅଛନ୍ତି, ସେକଥା ସ୍ୱୀକାର କରିବାକୁ ବାଧ୍ୟ ହେବ ।

ଈଶ୍ୱର ଅଛନ୍ତି ବୋଲି ବିଶ୍ୱାସ କରୁଥିବା ଆସ୍ତିକ ନିଜକୁ ଜଣେ ନାସ୍ତିକଠାରୁ ଭାରି ଅଧିକ ଓ ଉଚ୍ଚ ସ୍ତରର ବୋଲି ଭାବୁଥାଏ; ମାତ୍ର ସେ ଈଶ୍ୱରଙ୍କର କେବଳ ଛାୟାଟିକୁହିଁ ଧରିପାରିବାକୁ ସମର୍ଥ ହୋଇଥାଏ ଏବଂ ତାହାହିଁ ସ୍ୱୟଂ ଈଶ୍ୱର ବୋଲି କଳ୍ପନା କରି ଏହି ଛାଇଟିକୁହିଁ ଜାବୁଡ଼ି ଧରିରହିଥାଏ । କାରଣ, ଯଦି ସିଏ ପ୍ରକୃତରେ ଈଶ୍ୱରଙ୍କର ପରିଚୟ ପାଇଥା'ନ୍ତା, ତେବେ ଏହି କଥାଟିକୁ ଅବଶ୍ୟ ଜାଣନ୍ତା ଯେ ଈଶ୍ୱର କହିଲେ ଯାବତୀୟ ସକଳ ବସ୍ତୁକୁ ବୁଝାଏ ଏବଂ ସେହି ଈଶ୍ୱର ସକଳ ବସ୍ତୁରେ ବିଦ୍ୟମାନ ଅଛନ୍ତି । ତେବେ ସିଏ ନିଜକୁ ଆଉ କାହାଠାରୁ କଦାପି ଅଧିକ ଅଥବା ଉଚ୍ଚସ୍ତରର ବୋଲି ଭାବନ୍ତା ନାହିଁ ।

୧୧ ମଇ, ୧୯୬୦

**୩୩. ହେ, ତୁମେ, ଯିଏ ମୋତେ ଭଲ ପାଅ, ମୋତେ ଆଘାତ କର ! ଯଦି ତୁମେ ମୋତେ ବର୍ତ୍ତମାନ ଆଘାତ ନ କରିବ, ତେବେ ମୁଁ ଜାଣିବି ଯେ, ତୁମେ ମୋତେ ପ୍ରକୃତରେ ଭଲ ପାଉ ନାହଁ ।**

*ଏହି ସୂତ୍ରଟିକୁ ମୁଁ ଆଦୌ ଖୁବ୍ ଭଲଭାବରେ ବୁଝି ପାରିଲି ନାହିଁ ।*

ଯେଉଁମାନେ ଦିବ୍ୟ ପରିପୂର୍ଣ୍ଣତା ପାଇଁ ଅଭୀପ୍ସା ରଖିଛନ୍ତି, ସେମାନେ ଜାଣିଛନ୍ତି ଯେ ଆପଣାର ଅନନ୍ତ ପ୍ରେମ ଏବଂ କୃପା ହେତୁ ପରମପ୍ରଭୁ ଆମକୁ ଯେଉଁସବୁ ଆଘାତ ଦିଅନ୍ତି, ତାହା ଆମକୁ ସବୁଠାରୁ ଅଧିକ ନିଶ୍ଚିତ ଏବଂ ସତ୍ୱର ଭାବରେ ଅଗ୍ରଗତି କରିବା ଲାଗି ସାହାଯ୍ୟ କରିଥାଏ । ଏବଂ, ସେହି ଆଘାତସବୁ ଯେତିକି କଠିନ ହୋଇଥାଏ, ସେମାନେ ଦିବ୍ୟ ପରମପ୍ରେମର ମହାନତାକୁ ସେତିକି ଅଧିକ ପରିମାଣରେ ଅନୁଭବ କରିଥା'ନ୍ତି ।

ଅନ୍ୟ ପକ୍ଷରେ, ସାଧାରଣ ଲୋକମାନେ ସେମାନଙ୍କୁ ଏକ ସହଜ, ସୁଖମୟ ଏବଂ ସଫଳ ଜୀବନ ପ୍ରଦାନ କରିବା ଲାଗି ଈଶ୍ୱରଙ୍କ ପାଖରେ ସର୍ବଦା ପ୍ରାର୍ଥନା କରିଥା'ନ୍ତି ।

ଯାବତୀୟ ବ୍ୟକ୍ତିଗତ ତୃପ୍ତିବିଧାନରେ ସେମାନେ ଦିବ୍ୟ କୃପାର ଏକ ନିଦର୍ଶନ ଦେଖିଥାଆନ୍ତି । ମାତ୍ର, ଯଦି ଅପର ପକ୍ଷରେ ସେମାନେ ଜୀବନରେ ଦୁଃଖ ଏବଂ ଦୁର୍ଗତିର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଅଭିଯୋଗ କରିବାକୁ ଆରମ୍ଭ କରନ୍ତି ଏବଂ ଈଶ୍ୱରଙ୍କୁ ''ଆପଣ ମୋତେ ଆଉ ଭଲ ପାଉ ନାହାନ୍ତି'' ବୋଲି କହିଥାନ୍ତି ।

ଏହି ଅଶୋଧିତ ଏବଂ ଅଜ୍ଞାନତାପୂର୍ଣ୍ଣ ଦୃଷ୍ଟିକୋଣର ବଦଳରେ ଶ୍ରୀଅରବିନ୍ଦ ଦିବ୍ୟ ପରମ-ପ୍ରେମାସ୍ପଦଙ୍କୁ କହିଛନ୍ତି, ''ଆପଣ ଆଘାତ କରନ୍ତୁ, ଆହୁରି କଠିନ ଭାବରେ ଆଘାତ କରନ୍ତୁ, ଯେପରିକି, ଆପଣ ଯେ ମୋତେ କେଡ଼େ ପ୍ରଗାଢ଼ ଭାବରେ ଭଲ ପାଆନ୍ତି, ମୁଁ ତାହା ଅନୁଭବ କରିବାକୁ ସମର୍ଥ ହେବି ।''

୧୮ ମଇ, ୧୯୬୦

## ୩୪. ହେ ଦୁର୍ଭାଗ୍ୟ, ତୁମେ ଧନ୍ୟ; କାରଣ ତୁମରି ସକାଶେହିଁ ମୁଁ ମୋର ପରମ ପ୍ରେମିକଙ୍କର ମୁଖ ଦର୍ଶନ କରିପାରିଛି ।

*ଯଦି ଦୁଃଖ ଓ ଦୁର୍ଭାଗ୍ୟ ମଧ୍ୟଦେଇ ପରମେଶ୍ୱରଙ୍କର ମୁଖଦର୍ଶନ ସମ୍ଭବ ହୁଏ, ତେବେ ତାକୁ ଆଉ ଦୁଃଖ ବା ଦୁର୍ଭାଗ୍ୟ ବୋଲି କୁହାଯିବ କାହିଁକି ?— କୁହାଯିବ କି ?*

ସଂପୂର୍ଣ୍ଣ ସତ କଥା । ତାହାକୁ ଆଉ ଦୁର୍ଭାଗ୍ୟ ବୋଲି କୁହାଯିବ ନାହିଁ । ଏକ ଆଶୀର୍ବାଦ ବୋଲି କୁହାଯିବ । ଏବଂ, ଠିକ୍ ସେହି ଅର୍ଥରେହିଁ ଶ୍ରୀଅରବିନ୍ଦ କଥାଟିକୁ କହିଛନ୍ତି ।

ଯେତେବେଳେ ଆମର ଅପ୍ରତ୍ୟାଶିତ ହୋଇ ଘଟଣାମାନ ଘଟେ, ଆମେ ଯାହା ଆଶା କରିଥାଉ, ଯାହା ଇଚ୍ଛା କରିଥାଉ, ଯେତେବେଳେ ତାହା ନ ଘଟି ଆମ ଅଭିଳାଷର ବିରୋଧୀ ହୋଇ ଘଟଣାମାନ ଘଟେ, ସେତେବେଳେ ଅଜ୍ଞାନର ବଶବର୍ତ୍ତୀ ହୋଇ ଆମେ ସେଗୁଡ଼ିକୁ ବିପତ୍ତି ବୋଲି କହୁ ଓ ଶୋଚନା କରିବାରେ ଲାଗୁ । ମାତ୍ର, ଯଦି ଆମେ କିଞ୍ଚିତ୍ ଅଧିକ ପ୍ରଜ୍ଞାର ସମର୍ଥ ହୋଇପାରନ୍ତୁ ଏବଂ ଠିକ୍ ଏହି ଘଟଣାଗୁଡ଼ିକର ଗଭୀରତର ପରିଣାମଗୁଡ଼ିକୁ ଅବଲୋକନ କରିପାରନ୍ତୁ, ତେବେ ଅବଶ୍ୟ ଦେଖିବାକୁ ପାଆନ୍ତୁ ଯେ, ସେହି ବିପତ୍ତିଗୁଡ଼ିକ ଆମକୁ ପ୍ରକୃତରେ ଆହୁରି ଅଧିକ ସତ୍ୱର ଭାବରେ ଦିବ୍ୟ ପରମସତ୍ତା ଓ ପରମପ୍ରେମିକଙ୍କ ଆଡ଼କୁ ପରିଚାଳିତ କରି ନେଉଛନ୍ତି । ମାତ୍ର ଅନ୍ୟପକ୍ଷରେ, ଆମ ଜୀବନର ସହଜ ଏବଂ ସୁଖକର ପରିସ୍ଥିତିଗୁଡ଼ିକ ଆମକୁ ବାଟରେ ସମୟ ନଷ୍ଟ କରିବାକୁହିଁ ଅଧିକ ଉତ୍ସାହ ଦେଉଛନ୍ତି, ସୁଖର ନାନା କୁସୁମଚୟନର ପ୍ରଲୋଭନରେ ପଡ଼ି, ବାଟରେ

ଅଟକିଯିବାକୁ ପ୍ରବର୍ତ୍ତାଉଛନ୍ତି । ସେଗୁଡ଼ିକ ଆମ ଆଖି ଆଗରେ ପଡ଼ିବାମାତ୍ରକେ ସେଗୁଡ଼ିକୁ ଦୃଢ଼ଭାବରେ ପ୍ରତ୍ୟାଖ୍ୟାନ କରିବା ସକାଶେ ଆମ ଭିତରେ ଯଥେଷ୍ଟ ବଳ ଓ ଯଥେଷ୍ଟ ନିଷ୍ଠା ନାହିଁ ବୋଲି ସେପରି ହେଉଛି । ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ପାରୁଥିଲେ ସିନା ଆମର ଅଗ୍ରଗତିରେ ଆଉ କୌଣସି ବିଳମ୍ବ ହେଉ ନ ଥାନ୍ତା !

ସେଗୁଡ଼ିକ ପାଖରେ ଆଦୌ ନତମସ୍ତକ ନ ହୋଇ ତଥାପି ସଫଳତା ଓ ତଜ୍ଜନିତ କ୍ଷୁଦ୍ର ଆନନ୍ଦଗୁଡ଼ିକର ସମ୍ମୁଖୀନ ହୋଇ ପାରିବା ଲାଗି ଆମ ଭିତରେ ଅନେକ ବଳ ରହିଥିବା ଦରକାର, ମାର୍ଗଟିରେ ଆମେ ଅନେକ ଦୂର ଅଗ୍ରସର ହୋଇ ପାରିଥିବା ଦରକାର । ଯେଉଁମାନେ ଏକଥା କରିପାରିବେ, ଯେଉଁମାନଙ୍କର ବଳ ଅଛି, ସେମାନେ କଦାପି ସଫଳତା ପଛରେ ଦଉଡ଼ନ୍ତି ନାହିଁ; ସେମାନେ ସଫଳତା ଲୋଡ଼ନ୍ତି ନାହିଁ, ଏବଂ ସଫଳତା ଆସିଲେ ତାହାକୁ ଉପେକ୍ଷା ଭାବ ସହିତ ଗ୍ରହଣ କରନ୍ତି । କାରଣ, ଦୁଃଖ ଏବଂ ବିପତ୍ତି ଆମକୁ ଯେଉଁ ପ୍ରହାରମାନ ଦିଅନ୍ତି, ସେମାନେ ତାହାର ମୂଲ୍ୟକୁ ଜାଣିଥାଆନ୍ତି, ବୁଝିଥାଆନ୍ତି ।

ମାତ୍ର, ସର୍ବଶେଷ କଥା କହିବାକୁ ଗଲେ, ଏକ ପରିପୂର୍ଣ୍ଣ ସମତାଭାବକୁହିଁ ଯଥାର୍ଥ ଦୃଷ୍ଟିକୋଣ ବୋଲି କୁହାଯିବ; ଆମେ ଯେ ଲକ୍ଷ୍ୟର ନିକଟବର୍ତ୍ତୀ ହୋଇ ରହିଛୁ, ତାହାର ଏକ ସଙ୍କେତ ଏବଂ ପ୍ରମାଣ ବୋଲି କୁହାଯିବ । ସେହି ସମତାଭାବ ଦ୍ୱାରା ଆମେ ସଫଳତା ଓ ବ୍ୟର୍ଥତା, ସୌଭାଗ୍ୟ ଏବଂ ବିପତ୍ତି ତଥା ସୁଖ ଏବଂ ଦୁଃଖକୁ ସେହି ଗୋଟିଏ ଶାନ୍ତ ପ୍ରସନ୍ନତା ସହିତ ଗ୍ରହଣ କରିବାକୁ ସମର୍ଥ ହୋଇଥାଉ । କାରଣ ଏହି ଯାବତୀୟ ବସ୍ତୁହିଁ ସେତେବେଳେ ପରମ ପ୍ରଭୁଙ୍କ ଦ୍ୱାରା ପ୍ରଦତ୍ତ ଗୋଟିଏ ଗୋଟିଏ ଚମତ୍କାର ଦାନରେ ପରିଣତ ହୋଇଯାଏ, ସେହି ପରମପ୍ରଭୁହିଁ ଆପଣାର ଅନନ୍ତ ମମତାବଳରେ ଆମ ଲାଗି ସେଗୁଡ଼ିକୁ ଅଜାଡ଼ି ଦେଇଥା'ନ୍ତି ।

୨୫ ମଇ, ୧୯୬୦

**୩୫. ମନୁଷ୍ୟମାନେ ତଥାପି ଦୁଃଖର ମୋହରେ ହିଁ ପଡ଼ିଛନ୍ତି; ସେମାନେ ଯେତେବେଳେ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ପାଆନ୍ତି, ଯିଏ କି ଦୁଃଖ ଅଥବା ଆନନ୍ଦର ଅନେକ ଊର୍ଦ୍ଧ୍ୱରେ ଯାଇ ରହିଥାଏ, ସେତେବେଳେ ସେମାନେ ତାହାକୁ ଅଭିଶାପ ଦିଅନ୍ତି ଓ ଚିତ୍କାର କରି କହନ୍ତି, ''ତୁ ପ୍ରକୃତରେ କେଡ଼େ ସଂବେଦନଶୂନ୍ୟ !'' ଏହି କାରଣରୁହିଁ ଯିଶୁଖ୍ରୀଷ୍ଟ ଏବେ ମଧ୍ୟ ଜେରୁଜେଲମ୍‌ରେ କ୍ରସ୍ ଉପରେ ଝୁଲି ରହିଛନ୍ତି ।**

**୩୬. ମନୁଷ୍ୟମାନେ ପାପର ପ୍ରେମରେ ପଡ଼ି ଯାଇଛନ୍ତି । ଯେତେବେଳେ ସେମାନେ ଏପରି ଜଣେ ବ୍ୟକ୍ତିକୁ ଦେଖନ୍ତି, ଯିଏକି ପାପ ଏବଂ ପୁଣ୍ୟର ଅନେକ ଊର୍ଦ୍ଧ୍ୱରେ, ସେତେବେଳେ ସେମାନେ ତାକୁ ଅଭିଶାପ ଦିଅନ୍ତି ଓ ଚିତ୍କାର କରି କହନ୍ତି, ''ହେ ଲଗାମଛଡ଼ା ବ୍ୟକ୍ତି, ତୁ ଦୁଷ୍ଟ ଓ ନୀତିହୀନ !'' ଏହି କାରଣରୁହିଁ ଶ୍ରୀକୃଷ୍ଣ ଏବେ ମଧ୍ୟ ବୃନ୍ଦାବନରେ ଯାଇ ବାସ କରି ନାହାନ୍ତି ।**

*ଆପଣ ମୋତେ ଏହି ଦୁଇଟି ସୂତ୍ରକୁ ବ୍ୟାଖ୍ୟା କରି କହି ଦିଅନ୍ତୁ ।*

ପୃଥିବୀକୁ ଆସିବା ସମୟରେ ଯିଶୁଖ୍ରୀଷ୍ଟ ଭ୍ରାତୃତ୍ୱ, ପ୍ରେମ ଓ ଶାନ୍ତିର ବାର୍ତ୍ତା ନେଇ ଆସିଥିଲେ । ମାତ୍ର ତାଙ୍କୁ କ୍ରୁସବିଦ୍ଧ ହୋଇ କେତେ ଯନ୍ତ୍ରଣା ଭିତରେ ମରିବାକୁ ପଡ଼ିଲା; ତାଙ୍କର ସନ୍ଦେଶକୁ ଜଗତବାସୀ ଶୁଣିବେ ବୋଲି ତାଙ୍କୁ ଏପରି କରିବାକୁ ପଡ଼ିଲା । କାରଣ, ମନୁଷ୍ୟମାନେ ଦୁଃଖକୁ ଭଲ ପାଆନ୍ତି, ଘୃଣାକୁ ଭଲ ପାଆନ୍ତି, ଏବଂ ସେମାନଙ୍କର ପ୍ରଭୁ ମଧ୍ୟ ସେମାନଙ୍କ ସହିତ ଦୁଃଖ ଭୋଗ କରନ୍ତୁ ବୋଲି ଇଚ୍ଛା କରୁଥା'ନ୍ତି । ଯିଶୁଖ୍ରୀଷ୍ଟ ଆସିଥିବା ସମୟରେ ସେମାନେ ତାହାହିଁ ଇଚ୍ଛା କରିଥିଲେ, ଏବଂ ତାଙ୍କର ଯାବତୀୟ ଶିକ୍ଷା ଓ ଆତ୍ମତ୍ୟାଗ ସତ୍ତ୍ୱେ ସେମାନେ ଆଜି ମଧ୍ୟ ତାହାହିଁ ଇଚ୍ଛା କରୁଛନ୍ତି । ଏବଂ, ଆପଣାର ଦୁଃଖ ସହିତ ସେମାନେ ଏତେ ଅଧିକ ପରିମାଣରେ ଆସକ୍ତ ହୋଇ ରହିଛନ୍ତି ଯେ, ପ୍ରତୀକାତ୍ମକ ଭାବରେ ଯିଶୁଖ୍ରୀଷ୍ଟ ଏବେ ମଧ୍ୟ କ୍ରୁସଖୁଣ୍ଟରେ ଝୁଲିକରି ରହିଛନ୍ତି, ମନୁଷ୍ୟମାନଙ୍କର ମୁକ୍ତି ଲାଗି ଚିରନ୍ତନ ଭାବରେ କଷ୍ଟ ପାଇବାରେ ଲାଗିଛନ୍ତି ।

କୃଷ୍ଣ ମଧ୍ୟ ମୁକ୍ତି ଏବଂ ଆନନ୍ଦର ସନ୍ଦେଶ ବହନ କରି ପୃଥିବୀକୁ ଆସିଥିଲେ; ଆପଣା ପ୍ରକୃତିର, ଆପଣାର ନାନା କାମାବେଗ ଏବଂ ଭ୍ରମର ଦାସ ହୋଇ ରହିଥିବା ମନୁଷ୍ୟମାନଙ୍କ ପାଇଁ ଏହି ଘୋଷଣା କରିବା ସକାଶେ ଆସିଥିଲେ ଯେ, ଯଦି ସେମାନେ ସର୍ବୋଚ୍ଚ ପରମପ୍ରଭୁଙ୍କର ଶରଣାଶ୍ରୟୀ ହୋଇ ପାରିବେ, ତେବେ ସକଳ ବନ୍ଧନ ତଥା ପାପରୁ ମୁକ୍ତ ହୋଇ ବାହାରି ଆସି ପାରିବେ । ମାତ୍ର ମନୁଷ୍ୟମାନେ ଆପଣାର ପାପ ଓ ପୁଣ୍ୟଗୁଡ଼ାକ ସହିତ ଭାରି ଲିପ୍ତ ହୋଇ ରହିଥା'ନ୍ତି (କାରଣ, ପାପ ନ ଥିଲେ ପୁଣ୍ୟ ମଧ୍ୟ କୁଆଡୁ ଆସିବ ?); ସେମାନେ ଆପଣାର ପାପଗୁଡ଼ାକୁ ଭଲ ପାଉଥା'ନ୍ତି, ଏବଂ, କେହି ବ୍ୟକ୍ତି ମୁକ୍ତ ହୋଇ ଯାବତୀୟ ଭ୍ରମର ଊର୍ଦ୍ଧ୍ୱରେ ରହୁ ବୋଲି ସେମାନେ କଦାପି ସହ୍ୟ କରି ପାରନ୍ତି ନାହିଁ ।

ସେହି କାରଣରୁହିଁ, ଅମରତ୍ୱର ଅଧିକାରୀ ହୋଇଥିଲେ ମଧ୍ୟ, କୃଷ୍ଣ ବର୍ତ୍ତମାନ ବୃନ୍ଦାବନରେ ସଶରୀରରେ ବାସ କରୁ ନାହାନ୍ତି ।

୩ ଜୁନ୍, ୧୯୬୦

**୩୭. କେହି କେହି କହନ୍ତି କୃଷ୍ଣ ପ୍ରକୃତରେ ପୃଥିବୀକୁ ଆସି ନ ଥିଲେ । ସିଏ କେବଳ ଏକ କଳ୍ପନା ମାତ୍ର । ମାତ୍ର, ଯଦି ବୃନ୍ଦାବନ ପ୍ରକୃତରେ କେଉଁଠିହେଲେ ନ ଥିଲା, ତେବେ ଭାଗବତ ରଚିତ ହେଲା କିପରି ?**

*ଏହି ପୃଥିବୀ ବ୍ୟତୀତ ଆଉ କୌଣସିଠାରେ ବୃନ୍ଦାବନ ରହିଛି କି ?*

ଏହି ସମଗ୍ର ପୃଥିବୀ ଏବଂ ଏଥିରେ ଯାହାକିଛି ରହିଛି, ଆମେ ତାହାକୁ ଆମ ଜଡ଼ ଆଖିଗୁଡ଼ିକୁ ଅଦୃଶ୍ୟ ହୋଇ ରହିଥିବା ଅନ୍ୟ ଅନେକ ପୃଥିବୀରେ ରହିଥିବା କୌଣସି ନା କୌଣସି ବସ୍ତୁର ଏକପ୍ରକାରର ସଂକେନ୍ଦ୍ରଣ ଅଥବା ସଂଘନନ ବୋଲି କହିପାରିବା । ଏଠାରେ ଯେତେ ବସ୍ତୁ ଅଭିବ୍ୟକ୍ତି ଲାଭ କରୁଛି, ସୂକ୍ଷ୍ମତର ମଣ୍ଡଳଗୁଡ଼ିକରେ କୌଣସି ନା କୌଣସିଠାରେ ସେଗୁଡ଼ିକର ପ୍ରତ୍ୟେକର ମୂଳ ସତ୍ୟ, ଧାରଣା ଅର୍ଥାତ୍ ଆଧାରଗତ ମର୍ମଟି ଅବସ୍ଥିତ ରହିଛି । ଏହା ହେଉଛି ଅଭିବ୍ୟକ୍ତି ସକାଶେ ଏକ ଅପରିହାର୍ଯ୍ୟ ସର୍ତ୍ତ । ଏବଂ, ଅଭିବ୍ୟକ୍ତ ବସ୍ତୁଟିର ମୂଳ ଉତ୍ସଟି ଉପରେହିଁ ଅଭିବ୍ୟକ୍ତିର ମହତ୍ତ୍ୱ ଅବଶ୍ୟ ନିର୍ଭରଶୀଳ ହୋଇ ରହିଥିବ ।

ଦେବତାମାନେ ବାସ କରୁଥିବା ଲୋକରେ ଏକ ଆଦର୍ଶ ଏବଂ ସୌଷମ୍ୟଯୁକ୍ତ ବୃନ୍ଦାବନ ଅବସ୍ଥିତ ରହିଛି, ଏବଂ ଏହି ପୃଥିବୀସ୍ଥ ବୃନ୍ଦାବନକୁ ତାହାର ଏକ ବିକୃତ ରୂପ ଓ ବିଦ୍ରୂପ ବୋଲି କୁହାଯିବ ।

ଯେଉଁମାନେ ଆପଣାର ଅନ୍ତଃକ୍ଷେତ୍ରରେ ବିକାଶ ଲାଭ କରିପାରିଛନ୍ତି, ଅଥବା ଆପଣାର ଇନ୍ଦ୍ରିୟବୋଧ ଏବଂ ମାନସିକ କ୍ଷେତ୍ରରେ ବିକାଶଲାଭ କରିଛନ୍ତି, ସେମାନେ ଏହି ଅଦୃଶ୍ୟ (ସାଧାରଣ ମଣିଷକୁ ଅଦୃଶ୍ୟ) ସତ୍ୟଗୁଡ଼ିକର ଅସ୍ତିତ୍ୱକୁ ଅନୁଭବ କରିଥା'ନ୍ତି ଏବଂ ସେହିଗୁଡ଼ିକରୁହିଁ ଆପଣାର ପ୍ରେରଣା ପାଉଥା'ନ୍ତି ।

ତେଣୁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଭାଗବତର ଲେଖକ ଅଥବା ଲେଖକମାନେ ଏପରି ଏକ ସମଗ୍ର ଅନ୍ତରସ୍ଥ ଜଗତର ସଂସ୍ପର୍ଶରେ ଆସିଥିଲେ, ଯାହାରକି ଯଥାର୍ଥରେ ଏକ ଅସ୍ତିତ୍ୱ ରହିଥିଲା; ସେମାନେ ଗ୍ରନ୍ଥଟିରେ ଯାହାସବୁ ବର୍ଣ୍ଣନା ବା ପ୍ରକାଶିତ କରିଛନ୍ତି, ସେଠାରେ ସେମାନେ ସେଗୁଡ଼ିକୁ ପ୍ରକୃତରେ ପ୍ରତ୍ୟକ୍ଷହିଁ କରିଥିଲେ ।

କୃଷ୍ଣ ପ୍ରକୃତରେ ଏକ ମନୁଷ୍ୟଶରୀରରେ ପୃଥିବୀରେ ବାସ କରୁଥିଲେ କି ନାହିଁ, ସେହି କଥାଟିର କେବଳ ଏକ ଗୌଣ ମହତ୍ତ୍ୱ ରହିଛି (ସଂପୂର୍ଣ୍ଣ ଭାବରେ ଏକ ଐତିହାସିକ ଦୃଷ୍ଟିକୋଣରୁ ଅବଶ୍ୟ ଏପରି କୁହାଯାଇପାରିବ ନାହିଁ), କାରଣ କୃଷ୍ଣ ହେଉଛନ୍ତି ଏକ ପ୍ରକୃତ, ଜୀବନ୍ତ ଏବଂ ସକ୍ରିୟ ସତ୍ତା; ଏବଂ, ପୃଥିବୀର ଅଗ୍ରଗତି ତଥା ରୂପାନ୍ତରୀକରଣର ଇତିହାସରେ ତାଙ୍କର ପ୍ରଭାବ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ନିୟାମକରୂପେ କାର୍ଯ୍ୟ କରିଆସିଛି ।

୮ ଜୁନ୍, ୧୯୬୦

**୩୮. କି ଆଶ୍ଚର୍ଯ୍ୟ ! ଯିଶୁଖ୍ରୀଷ୍ଟଙ୍କର ଅସ୍ତିତ୍ୱକୁ ଜର୍ମାନ୍‌ମାନେ ପ୍ରମାଣ ଦେଇ ଖଣ୍ଡନ କରିଛନ୍ତି; ମାତ୍ର ତାଙ୍କର କ୍ରୁସବିଦ୍ଧ ହେବା ଘଟଣାଟି ସିଜର୍‌ଙ୍କର ମୃତ୍ୟୁଠାରୁ ଏକ ବୃହତ୍ତର ଐତିହାସିକ ସତ୍ୟରୂପେ ପ୍ରତିଷ୍ଠିତ ରହିଛି ।**

*ଯିଶୁଖ୍ରୀଷ୍ଟଙ୍କୁ ଚେତନାର କେଉଁ ଭୂମିର ବୋଲି କୁହାଯିବ ?*

**ଗୀତା-ନିବନ୍ଧମାଳା**ରେ ଶ୍ରୀଅରବିନ୍ଦ ତିନୋଟି ଅବତାରଙ୍କର ନାମ ଉଲ୍ଲେଖ କରିଛନ୍ତି । ଏବଂ, ଯିଶୁଖ୍ରୀଷ୍ଟ ହେଉଛନ୍ତି ସେଥିମଧ୍ୟରେ ଅନ୍ୟତମ । ଅବତାରମାନଙ୍କୁ ସର୍ବୋଚ୍ଚ ପରମସତ୍ତାଙ୍କର ଗୋଟିଏ ଗୋଟିଏ ପ୍ରସର୍ଜନ ବୋଲି କୁହାଯିବ । ପୃଥିବୀପୃଷ୍ଠରେ ଦେହଧାରଣ କରିବା ସମୟରେ ପରମସତ୍ତା ଅବତାର ଗ୍ରହଣ କରନ୍ତି । ଯିଶୁଖ୍ରୀଷ୍ଟ ଯେ ପରମସତ୍ତାଙ୍କର ପ୍ରେମ-ବିଭାବର ପ୍ରତିନିଧିତ୍ୱ କରୁଥିବା ଏକ ପ୍ରସର୍ଜନ ରୂପେ ପୃଥିବୀକୁ ଆସିଥିଲେ, ଏକଥା ମୁଁ ଶ୍ରୀଅରବିନ୍ଦ ସ୍ୱୟଂ କହିଥିବାର ଶୁଣିଛି ।

ସିଜରଙ୍କର ମୃତ୍ୟୁ ରୋମ୍ ଏବଂ ତା'ଉପରେ ନିର୍ଭରଶୀଳ ହୋଇ ରହିଥିବା ଦେଶଗୁଡ଼ିକର ଇତିହାସରେ ଏକ ମୀମାଂସକ ପରିବର୍ତ୍ତନର ସୂତ୍ରପାତ କରିଥିଲା । ତେଣୁ ତାହାକୁ ଇଉରୋପର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି କୁହାଯାଇପାରିବ ।

ମାତ୍ର, ମନୁଷ୍ୟ-ସଭ୍ୟତାର ବିବର୍ତ୍ତନକ୍ରମରେ ଯିଶୁଖ୍ରୀଷ୍ଟଙ୍କର ମୃତ୍ୟୁ ହେଉଛି ଏକ ନୂତନ ଯୁଗପର୍ଯ୍ୟାୟ ଆରମ୍ଭ ହେବାର ସୂଚନା । ଶ୍ରୀଅରବିନ୍ଦ ଆମକୁ ସେହି କାରଣରୁ କହିଛନ୍ତି ଯେ, ଇତିହାସରେ ସିଜର୍‌ଙ୍କର ମୃତ୍ୟୁ ତୁଳନାରେ ଯିଶୁଖ୍ରୀଷ୍ଟଙ୍କର ମୃତ୍ୟୁର ଅଧିକତର ଐତିହାସିକ ମହତ୍ତ୍ୱ ରହିଛି, ଅର୍ଥାତ୍ ତାହା ଫଳରେ ଇତିହାସରେ ଅଧିକ ସୁଦୂରପ୍ରସାରୀ ପରିଣାମମାନ ଘଟିଛି । ଯିଶୁଖ୍ରୀଷ୍ଟଙ୍କର କାହାଣୀଟି ଯେଉଁପରି ଭାବରେ ଉକ୍ତ ହୋଇଛି, ତାହାକୁ ଦିବ୍ୟ ଆତ୍ମନିବେଦନର ଏକ ମୂର୍ତ୍ତ ଏବଂ ନାଟକୀୟ ନିଦର୍ଶନ ବୋଲି କହିବାକୁ ହେବ : ଏହାଦ୍ୱାରା ସର୍ବାଲୋକମୟ, ସର୍ବଜ୍ଞାନମୟ, ସର୍ବଶକ୍ତିମାନ୍, ସର୍ବସୌନ୍ଦର୍ଯ୍ୟମୟ

ତଥା ସକଳ ପ୍ରେମ ଏବଂ ସକଳ ଆନନ୍ଦର ଆଧାର ସର୍ବୋଚ୍ଚ ପରମସତ୍ତା ଜଡ଼ର ଭୂମିରେ ମାନବଜୀବନର ଅଜ୍ଞାନ ତଥା ମାନବଜୀବନର ଦୁଃଖଭୋଗକୁ ବରଣ କରି ନେଇଛନ୍ତି; ଲୋକମାନେ ମିଥ୍ୟା ମଧ୍ୟରେ ବାସ କରୁଛନ୍ତି ଓ ଯାହା ସକାଶେ ସେମାନେ ମୃତ୍ୟୁମୁଖରେ ପତିତ ହେଉଛନ୍ତି, ସେଥିରୁ ନିଷ୍କୃତି ଲାଭ କରିବାରେ ସେମାନଙ୍କୁ ସାହାଯ୍ୟ କରିବା ଲାଗିହିଁ ସିଏ ସେଗୁଡ଼ିକୁ ବରଣ କରି ନେଇଛନ୍ତି ।

୧୬ ଜୁନ୍, ୧୯୬୦

**୩୯. ଅନେକ ସମୟରେ ଏପରି ଏକ ଭାବନା ଆସି ଉପସ୍ଥିତ ହୁଏ ଯେ, ଯେଉଁସବୁ ଘଟଣା ଏହି ଜଗତରେ କେବେହେଲେ ଘଟି ନାହିଁ, ସେହିଗୁଡ଼ିକରହିଁ ସମ୍ଭବତଃ ପ୍ରକୃତରେ କିଛି ମହତ୍ତ୍ୱ ରହିଛି । କାରଣ, ସେଗୁଡ଼ିକର ସମକ୍ଷରେ ଇତିହାସର ଅଧିକାଂଶ କୃତି ଓ କୃତିତ୍ୱ ପ୍ରାୟ ବର୍ଣ୍ଣହୀନ ଏବଂ ନିଷ୍ପ୍ରଭାବ ବୋଲି ମନେ ହୋଇଥାଏ ।**

*ଆପଣ ମୋତେ ଏହି ସୂତ୍ରଟିକୁ ଭଲ କରି ବୁଝାଇ ଦିଅନ୍ତୁ ।*

ଶ୍ରୀଅରବିନ୍ଦ ଇତିହାସର ସମ୍ୟକ୍ ଅଧ୍ୟୟନ କରିଥିଲେ; ତେଣୁ, ଇତିହାସ ଲେଖିବାରେ ଯେଉଁ ତଥ୍ୟଗୁଡ଼ିକର ବ୍ୟବହାର କରାଯାଇଛି, ତାହା ଯେ ପ୍ରକୃତରେ କେତେ ଅନିଶ୍ଚୟତାପୂର୍ଣ୍ଣ ସେକଥା ସେ ଉତ୍ତମରୂପେ ଜାଣିଥିଲେ । ଅଧିକାଂଶ ସମୟରେ ଲିଖିତ ତଥ୍ୟଗୁଡ଼ିକର ଯଥାର୍ଥତା ବିଷୟରେ ନାନା ସନ୍ଦେହ ରହିଥାଏ ଏବଂ ସେମାନେ ଯୋଗାଇ ଦେଉଥିବା ସଂବାଦଗୁଡ଼ିକ ମଧ୍ୟ ଅତ୍ୟନ୍ତ ଦରିଦ୍ର, ଅସଂପୂର୍ଣ୍ଣ, ଉପରିସ୍ତରୀୟ ଏବଂ ପ୍ରାୟ ବିକୃତ ହୋଇ ରହିଥା'ନ୍ତି । ସମଗ୍ରତଃ, ମାନବ-ଇତିହାସର ଯେଉଁ ସ୍ୱୀକୃତିପ୍ରାପ୍ତ ସଂସ୍କରଣଟି ଆମକୁ ମିଳିଥାଏ, ସେଥିରେ ପ୍ରଚଣ୍ଡ ଆକ୍ରମଣ,— ଯୁଦ୍ଧ, ବିପ୍ଳବ, ହତ୍ୟାକାଣ୍ଡ ବା ଉପନିବେଶ-ସ୍ଥାପନ ପ୍ରଭୃତି ଘଟଣାର ଏକ ଦୀର୍ଘ ଓ ପ୍ରାୟ ଅବିଚ୍ଛିନ୍ନ ହୋଇ ରହିଥିବା ଗୁଡ଼ାଏ ବିବରଣ ବ୍ୟତୀତ ଆଉ ପ୍ରାୟ କିଛିହେଲେ ନ ଥାଏ । ଅବଶ୍ୟ ଏକଥା ସତ୍ୟ ଯେ ସେହି ଆକ୍ରମଣ ଓ ହତ୍ୟାକାଣ୍ଡଗୁଡ଼ିକୁ କେତେପ୍ରକାର ଚାଟୁକାରୀ ଆଳଙ୍କାରିକତା ଦ୍ୱାରା ସଜ୍ଜିତ କରି ବର୍ଣ୍ଣନା କରାଯାଇଛି । ସେଗୁଡ଼ିକୁ ଧର୍ମଯୁଦ୍ଧ ବୋଲି କୁହାଯାଇଛି, ପବିତ୍ର ସମର ବୋଲି କୁହାଯାଇଛି, ସଭ୍ୟତାର ପ୍ରସାର ସକାଶେ କରାଯାଇଥିବା ଅଭିଯାନ ବୋଲି କୁହାଯାଇଛି; ତଥାପି ସେଗୁଡ଼ିକ କେବଳ ଲୋଭ ଅଥବା ପ୍ରତିଶୋଧରହିଁ ଗୋଟିଏ ଗୋଟିଏ କୃତି ହୋଇ ରହିଛନ୍ତି ।

ମାତ୍ର, କୌଣସି ଏକ ସାଂସ୍କୃତିକ, କଳାଗତ ବା ଦର୍ଶନକ୍ଷେତ୍ରୀୟ କୁସୁମନପର୍ବର ବର୍ଣ୍ଣନା,— ଇତିହାସରେ ଆମେ ଖୁବ୍ କ୍ୱଚିତ୍ ତାହା ଦେଖିବାକୁ ପାଇଥାଉ ।

ତେଣୁ, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଏହି ସବୁକିଛି ମିଶି ଆମ ଆଗରେ ଏପରି ଏକ ନୈରାଶ୍ୟପୂର୍ଣ୍ଣ ଚିତ୍ରଟିଏ ଆଣି ଉପସ୍ଥାପିତ କରିଦେଉଛି, ଯାହାର କି କୌଣସି ଗଭୀର ତାତ୍ପର୍ଯ୍ୟ ମଧ୍ୟ ନାହିଁ । ଅନ୍ୟ ପକ୍ଷରେ, ପ୍ରାଚୀନ କାଳର ଆଖ୍ୟାୟିକାଗୁଡ଼ିକରେ ରହିଥିବା କପୋଳକଳ୍ପିତ ବର୍ଣ୍ଣନାଗୁଡ଼ିକରେ, ଯେଉଁଗୁଡ଼ିକ କି ଏହି ପୃଥିବୀପୃଷ୍ଠରେ ହୁଏତ ପ୍ରକୃତରେ କେବେହେଲେ ନ ଥିଲା ଏବଂ ''ସ୍ୱୀକୃତିପ୍ରାପ୍ତ'' ଜ୍ଞାନ କ୍ଷେତ୍ରରେ ଯେଉଁଗୁଡ଼ିକ ଆଦୌ ପ୍ରାମାଣିକ ବୋଲି ଘୋଷିତ ହୋଇ ନାହାନ୍ତି;— ସେଗୁଡ଼ିକରେ କେତେ କେତେ ଅଦ୍ଭୁତ ବ୍ୟକ୍ତିମାନଙ୍କର ବର୍ଣ୍ଣନା ରହିଛି, ଯେଉଁମାନଙ୍କର ଅସ୍ତିତ୍ୱକୁ କି ଆପଣାର ଶୁଷ୍କ ମେଧାବିତା ଦ୍ୱାରା ପରିଚାଳିତ ହୋଇ ପଣ୍ଡିତମାନେ ସନ୍ଦେହହିଁ କରି ଆସିଛନ୍ତି;— ଆମକୁ ସେହିଗୁଡ଼ିକରେହିଁ ମନୁଷ୍ୟର ଯାବତୀୟ ଆଶା ତଥା ଅଭୀପ୍ସା ମୂର୍ତ୍ତିମନ୍ତ ହୋଇ ରହିଥିବାର ଦେଖିବାକୁ ମିଳିବ; ଅଦ୍ଭୁତ, ଅଲୌକିକ, ବୀରୋଚିତ ଏବଂ ଉଦାତ୍ତ ଲାଗି ମନୁଷ୍ୟର ଯେଉଁ ପ୍ରୀତି ରହିଛି, ମନୁଷ୍ୟ ପ୍ରକୃତରେ ଯାହା ହେବ ବୋଲି ଆଗ୍ରହ ଓ ଆକାଙ୍କ୍ଷା ରଖିଛି ଏବଂ ଯାହା ହେବା ଲାଗି ଉଦ୍ୟମ କରିବାରେ ଲାଗିଛି, ଆମେ ସେଗୁଡ଼ିକରେ ସେହିଗୁଡ଼ିକର ବର୍ଣ୍ଣନା ଦେଖିବାକୁ ପାଇବା ।

ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ମୋଟାମୋଟି ତାହାହିଁ କହିବାକୁ ଇଚ୍ଛା କରିଛନ୍ତି ।

୨୨ ଜୁନ୍, ୧୯୬୦

**୪୦. ଇତିହାସର ଚାରୋଟି ଘଟଣାକୁ ଆମେ ଅତ୍ୟନ୍ତ ବୃହତ୍ ବୋଲି କହିବା,— ଟ୍ରୟ୍‌ର ଅବରୋଧ, ଯିଶୁଖ୍ରୀଷ୍ଟଙ୍କର ଜୀବନଲୀଳା ଓ କ୍ରୁସବରଣ, ବୃନ୍ଦାବନକୁ ଶ୍ରୀକୃଷ୍ଣଙ୍କର ନିର୍ବାସନ ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସହିତ ତାଙ୍କର କଥୋପକଥନ । ଟ୍ରୟ୍‌ର ଅବରୋଧରୁ ହେଲାସ୍‌ର ସୃଷ୍ଟି ହୋଇଥିଲା, ବୃନ୍ଦାବନକୁ କୃଷ୍ଣଙ୍କର ନିର୍ବାସନରୁ* ଭକ୍ତି-ଧର୍ମର ଉତ୍ପତ୍ତି ହେଲା (ଆଗରୁ କେବଳ ଧ୍ୟାନ ଥିଲା, ଉପାସନା ଥିଲା), ଯିଶୁଖ୍ରୀଷ୍ଟ କ୍ରୁସବିଦ୍ଧ ହୋଇ ଇଉରୋପକୁ ମାନବତାଧର୍ମ ପ୍ରଦାନ କଲେ; ଏବଂ, କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା କୃଷ୍ଣ-**

*ମଥୁରାର ଉତ୍ପୀଡ଼କ ରାଜା ତାଙ୍କର ମାମୁ କଂସର ହାତରୁ ରକ୍ଷା ପାଇବା ଲାଗି ବାଳକ କୃଷ୍ଣଙ୍କୁ ବୃନ୍ଦାବନରେ ଆଶ୍ରୟ ନେବାକୁ ହୋଇଥିଲା ।

**ଅର୍ଜୁନ-ସମ୍ବାଦ ଦ୍ୱାରା ମାନବସମାଜର ମୁକ୍ତିଲାଭ,— ଏଇଟି ହେବାକୁ ବାକି ରହିଛି । ତଥାପି, ଏପରି କୁହାଯାଇଥାଏ ଯେ, ଏହି ଚାରୋଟି ଘଟଣା ମଧ୍ୟରୁ ଗୋଟିଏ ମଧ୍ୟ ପ୍ରକୃତରେ ଘଟି ନ ଥିଲା ।**

*(୧) ଧ୍ୟାନ ଓ ଉପାସନାର ରୀତି ବର୍ତ୍ତମାନ ଯେପରି ଅଛି, ପୂର୍ବକାଳରେ କ'ଣ ଠିକ୍ ସେହିପରି ଥିଲା ?*

*(୨) ''କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା କୃଷ୍ଣ-ଅର୍ଜୁନ-ସମ୍ବାଦ ଦ୍ୱାରା ମାନବସମାଜର ମୁକ୍ତିଲାଭ— ଏଇଟି ହେବାକୁ ବାକି ରହିଛି'' ଏହି ଉକ୍ତିଟିର ଅର୍ଥ କ'ଣ ?*

(୧) ଆମର ଏବକାଳ ପରି ଆଗକାଳରେ ମଧ୍ୟ ପ୍ରତ୍ୟେକ ଧର୍ମର ଆପଣାର ଧ୍ୟାନ ଓ ଉପାସନାର ନିର୍ଦ୍ଦିଷ୍ଟ ଅଲଗା ଅଲଗା ପ୍ରକାରମାନ ରହିଥିଲା । ମାତ୍ର ତଥାପି, ସର୍ବତ୍ର ଏବଂ ସର୍ବଦା, ଧ୍ୟାନ ମାନସିକ କ୍ରିୟାଶୀଳତା ଏବଂ ମାନସିକ ଅଭିନିବେଶରହିଁ ଏକ ବିଶେଷ ମାର୍ଗ ହୋଇ ରହିଆସିଛି; ଏଗୁଡ଼ିକର ଟିକିନିଖି ଆଚରଣ-ରୀତିରେ ଯାହା କୌଣସି ପାର୍ଥକ୍ୟ ରହିଛି । ଉପାସନା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ରମରେ କେତେଗୁଡ଼ିଏ ଅନୁଷ୍ଠାନ ଓ ବିଧିସଂସ୍କାର ଅନ୍ତର୍ଭୁକ୍ତ ହୋଇ ରହିଥାଏ, ଦେବତାଙ୍କର ପୂଜା ଓ ପ୍ରୀତି ଉଦ୍ଦେଶ୍ୟରେ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଅତ୍ୟନ୍ତ ନିଷ୍ଠାର ସହିତ କରାଯାଇଥାଏ ।

ଏଠାରେ ଶ୍ରୀଅରବିନ୍ଦ ପ୍ରାଚୀନ ଭାରତର, ଅର୍ଥାତ୍ ବୈଦିକ ତଥା ବେଦାନ୍ତ-କାଳର ଉପାସନା ଓ ଧ୍ୟାନମାର୍ଗ ବିଷୟରେ କହିଛନ୍ତି ।

(୨) କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା ସମ୍ବାଦଟି ହେଉଛି ଭଗବଦ୍‌ଗୀତାର ସମ୍ବାଦ ।

ଶ୍ରୀଅରବିନ୍ଦ ଗୀତାର ସନ୍ଦେଶକୁହିଁ ମନୁଷ୍ୟସମାଜକୁ ତା'ର ମୁକ୍ତି ଆଡ଼କୁ ଅଧିକରୁ ଅଧିକ ପରିମାଣରେ ପରିଚାଳିତ କରି ଆଣିଥିବା ଏବଂ ଭବିଷ୍ୟତରେ ମଧ୍ୟ ପରିଚାଳିତ କରିନେବାକୁ ରହିଥିବା ସେହି ମହାନ୍ ଆଧ୍ୟାତ୍ମିକ ଉଦ୍‌ବେଳନ-ଧାରାର ଭିତ୍ତିରୂପେ ବିଚାର କରିଛନ୍ତି; ଅର୍ଥାତ୍, ମନୁଷ୍ୟଜାତି ଯେପରି ମିଥ୍ୟା ଏବଂ ଅଜ୍ଞାନରୁ ନିଷ୍କୃତି ଲାଭ କରି ସତ୍ୟ ଆଡ଼କୁ ଅଗ୍ରସର ହୋଇପାରିବ, ଶ୍ରୀଅରବିନ୍ଦ ଗୀତାକୁ ତାହାର ଆଧାର ବୋଲି ବିଚାରିଛନ୍ତି ।

ଆପଣାର ପ୍ରଥମାବିର୍ଭାବ-କାଳରୁହିଁ ଗୀତା ଦ୍ୱାରା ଏକ ବିପୁଳ ଆଧ୍ୟାତ୍ମିକ କୃତି ସାଧିତ ହୋଇଛି; ମାତ୍ର, ଶ୍ରୀଅରବିନ୍ଦ ତାହାର ଯେଉଁ ନୂତନ ଭାଷ୍ୟ ପ୍ରଦାନ କରିଛନ୍ତି, ତଦ୍ୱାରା ତାହାର ପ୍ରଭାବ ପ୍ରଭୂତ ପରିମାଣରେ ବୃଦ୍ଧି ପାଇଛି ଓ ତାହା ଆପଣାକୁ ଏକ ମୀମାଂସାକାରୀ ପ୍ରଭାବରୂପେ ଆଣି ଉପସ୍ଥାପିତ କରିପାରିଛି ।

୨୯ ଜୁନ୍, ୧୯୬୦

**୪୧. ସେମାନେ କହନ୍ତି ଯେ, ବାଇବେଲ୍‌ର ବାଣୀଗୁଡ଼ିକ ଜାଲ୍‌କରି ଏବଂ କୃଷ୍ଣ ହେଉଛନ୍ତି କବିଙ୍କର ଏକ ସୃଷ୍ଟି । ଯଦି ତାହାହିଁ ହୁଏ ତେବେ ଏହି ଜାଲ୍‌କରି ଲାଗି ଭଗବାନଙ୍କୁ ଅଶେଷ ଧନ୍ୟବାଦ ଏବଂ ଏହି ଉଦ୍‌ଭାବନକାରୀ କବିମାନଙ୍କୁ ପ୍ରଣାମ ।**

*ମନୁଷ୍ୟର ଜୀବନରେ ବାଇବେଲ୍ ବାକ୍ୟଗୁଡ଼ିକର କେଉଁ ଭୂମିକା ରହିଛି ?*

ଏହି ଧର୍ମ ବାକ୍ୟ ଗୁଡ଼ିକରୁହିଁ ଖ୍ରୀଷ୍ଟିଆନ୍ ଧର୍ମର ଆରମ୍ଭ ହୋଇଥିଲା । ସେଗୁଡ଼ିକର ଜଗତ ଲାଗି କି ଅବଦାନ ରହିଛି ବୋଲି କହିବାକୁ ଗଲେ ପୃଥିବୀରେ ଖ୍ରୀଷ୍ଟିଆନ୍ ଧର୍ମର କାହାଣୀ ଓ ତାହାର କାର୍ଯ୍ୟ ବିଷୟରେ ଇତିହାସ ତଥା ମନସ୍ତତ୍ତ୍ୱ ଦୃଷ୍ଟିରୁ ଏକ ବିକାଶମୂଳକ ବିବରଣୀ ଦେବା ଆବଶ୍ୟକ ହେବ । ମାତ୍ର ସେଥିଲାଗି ଅନେକ ସମୟ ଲାଗିବ ଏବଂ ଏଠାରେ ତାହା ଅପ୍ରାସଙ୍ଗିକ ପରି ବୋଧ ହେବ ।

ମୁଁ କେବଳ ଏତିକି କହିପାରିବି ଯେ, ସେହି ଯିଶୁଙ୍କ ଧର୍ମ ବାକ୍ୟ ଗୁଡ଼ିକର ଲେଖକମାନେ ଯିଶୁଖ୍ରୀଷ୍ଟ ଯାହାକିଛି ଶିକ୍ଷା ଦେଇଥିଲେ, ତାହାକୁ ନିର୍ଭୁଲ ଭାବରେ ପୁନରୁପସ୍ଥାପିତ କରିବାକୁ ଚେଷ୍ଟା କରିଛନ୍ତି ଏବଂ ତାଙ୍କର ସନ୍ଦେଶକୁ ପ୍ରସାରିତ କରିବାରେ ସେମାନେ କେତେକ ପରିମାଣରେ ସଫଳ ମଧ୍ୟ ହୋଇଛନ୍ତି । ଏହି ସନ୍ଦେଶ ହେଉଛି ଶାନ୍ତିର ସନ୍ଦେଶ, ଭ୍ରାତୃତ୍ୱ ଏବଂ ପ୍ରେମର ସନ୍ଦେଶ ।

ମାତ୍ର ସେହି ସନ୍ଦେଶଗୁଡ଼ିକୁ ନେଇ ଲୋକମାନେ କ'ଣସବୁ କରିଛନ୍ତି, ସେହି ବିଷୟରେ ନୀରବ ରହିବାହିଁ ଶ୍ରେୟସ୍କର ।

୬ ଜୁଲାଇ, ୧୯୬୦

**୪୨. ଯଦି ପରମେଶ୍ୱର ମୋପାଇଁ ନର୍କରେ ଏକ ସ୍ଥାନ ନିରୂପଣ କରିଦେବେ, ତେବେ ମୁଁ ସ୍ୱର୍ଗ ଲାଗି କାହିଁକି ଯେ ଅଭୀପ୍ସା ରଖିବି, ତାହାର କୌଣସି କାରଣ ନାହିଁ । କେଉଁଥିରେ ମୋର କଲ୍ୟାଣ ନିହିତ, ସିଏ ସେହି କଥା ସବୁଠାରୁ ଅଧିକ ଭଲ ଭାବରେ ଜାଣନ୍ତି ।**

*ସ୍ୱର୍ଗ ଓ ନର୍କ ପ୍ରକୃତରେ ରହିଛି କି ?*

ସ୍ୱର୍ଗ ଓ ନର୍କକୁ ଆମେ ଏକାଧାରରେ ବାସ୍ତବ ଓ ଅବାସ୍ତବ ବୋଲି କହିପାରିବା । ଏଗୁଡ଼ିକର ଅସ୍ତିତ୍ୱ ରହିଛି, ପୁଣି ଅସ୍ତିତ୍ୱ ନାହିଁ ବି ।

ମଣିଷର ଭାବନା କେତେ କ'ଣ ସୃଷ୍ଟି କରିବାରେ ଲାଗିଥାଏ । ଯାବତୀୟ ମାନସିକ, ପ୍ରାଣିକ ଓ ଏପରିକି ସୂକ୍ଷ୍ମଭୌତିକ ଉପାଦାନକୁ ମଧ୍ୟ ତାହା ଅଳ୍ପବହୁତ ପରିମାଣରେ ସ୍ଥାୟୀ ଆକାରମାନ ଆଣି ଯୋଗାଇ ଦେଇଥାଏ । ଏହି ଆକାରଗୁଡ଼ିକୁ ଗୋଟିଏ ଗୋଟିଏ ବାସ୍ତବ ଅସ୍ତିତ୍ୱ ବୋଲି ନ କହି ବରଂ ପ୍ରତିଭାସ ବୋଲି କୁହାଯାଇପାରିବ । ମାତ୍ର, ସେଗୁଡ଼ିକ ଯେଉଁମାନଙ୍କର ଭାବନାରୁ ନିଃସୃତ ହୋଇଥା'ନ୍ତି, ଏବଂ ଆହୁରି ଅଧିକ ପରିମାଣରେ ଯେଉଁମାନେ ସେଗୁଡ଼ିକୁ ବିଶ୍ୱାସ କରୁଥା'ନ୍ତି, ସେମାନଙ୍କ ଲାଗି ସେଗୁଡ଼ିକର ଯଥେଷ୍ଟ ପରିମାଣରେ ଏକ ସାକାର ଅସ୍ତିତ୍ୱ ରହିଥାଏ ଏବଂ ତେଣୁ ତାହା ସେମାନଙ୍କୁ ବାସ୍ତବ ବୋଲି ବୋଧ ହେଉଥାଏ । ଏହିପରି ଭାବରେ, ଯେଉଁ ଧର୍ମମାନେ ଗୋଟାଏ ନର୍କ, ଗୋଟାଏ ସ୍ୱର୍ଗ ଅଥବା ଭିନ୍ନ ଭିନ୍ନ ଅନେକ ସ୍ୱର୍ଗ ରହିଛି ବୋଲି ଘୋଷଣା କରୁଥା'ନ୍ତି, ସେହି ଧର୍ମଗୁଡ଼ିକରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ଲାଗି ଏହିସବୁ ସ୍ଥାନ ପ୍ରକୃତରେ ରହିଥାଏ । ଏବଂ, ମୃତ୍ୟୁ ପରେ ସେମାନେ ଏହିସବୁ ସ୍ଥାନକୁ ଅଳ୍ପ ଅଥବା ବହୁତ କାଳ ଲାଗି ଯିବାକୁ ସମର୍ଥ ବି ହୁଅନ୍ତି । ମାତ୍ର ତଥାପି ଏହିସବୁ ବସ୍ତୁ କେବଳ ଗୋଟିଏ ଗୋଟିଏ ଅଳ୍ପକ୍ଷଣସ୍ଥାୟୀ ମାନସିକ ସଂରଚନା ହୋଇହିଁ ରହିଥାଆନ୍ତି; ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ଚିରନ୍ତନ ସତ୍ୟ ବିଧୃତ ହୋଇ ରହି ନ ଥାଏ ।

ମୁଁ ଏପରି କେତେକ ସ୍ୱର୍ଗ ଏବଂ ନର୍କକୁ ଦେଖିଛି, ଯେଉଁଠାକୁ କି କେତେକ ବ୍ୟକ୍ତି ମୃତ୍ୟୁ ପରେ ଯାଇଛନ୍ତି; ଏବଂ, ସେଗୁଡ଼ିକରେ ଯେ ଆଦୌ କୌଣସି ସତ୍ୟ ନିହିତ ହୋଇ ରହି ନାହିଁ, ସେହି କଥାଟି ବିଷୟରେ ସେମାନଙ୍କର ହୃଦ୍‌ବୋଧ କରାଇବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଏହି ତଥାକଥିତ ନର୍କ ଯେ ପ୍ରକୃତରେ ନର୍କ ନୁହେଁ, ସେହି ବିଷୟରେ ଜଣେ ବ୍ୟକ୍ତିଙ୍କର ହୃଦ୍‌ବୋଧ କରାଇ ତାଙ୍କୁ ସେଥିରୁ ବାହାର କରି ଆଣିବା ଲାଗି ଥରେ ମୋତେ ବର୍ଷକରୁ ଅଧିକ ସମୟ ଲାଗିଥିଲା ।

ଏଠାରେ ଶ୍ରୀଅରବିନ୍ଦ ଯେଉଁ ନର୍କର କଥା କହିଛନ୍ତି, ତାହାକୁ ଏକ ସ୍ଥାନ ନ କହି ବରଂ ଚେତନାର ଗୋଟିଏ ସ୍ଥିତି ବୋଲି କୁହାଯାଇପାରିବ; ଏହା ହେଉଛି ଏକ ମନୋଭୂମିଗତ ଅବସ୍ଥା, ଏହା ତାହାକୁ ଆମେ ନିଜେହିଁ ନିଜ ଲାଗି ତିଆରି କରିଥାଉ ।

ତୁମେ ଯେପରି ଦିବ୍ୟ ପରମସତ୍ତାଙ୍କ ସହିତ ଆନନ୍ଦମୟ ଭାବରେ ସମ୍ମିଳିତ ହୋଇ ରହିବାର ଏକ ସ୍ୱର୍ଗକୁ ଆପଣା ଭିତରେ ବହନ କରି ଜୀବନଧାରଣ କରିପାରିବ, ଠିକ୍ ସେହିପରି, ଯଦି ତୁମେ ନିଜ ପ୍ରକୃତି ମଧ୍ୟରେ ରହିଥିବା ଆସୁରିକ (ମନୋଗତ ପ୍ରାଣିକ ଭୂମିର ପ୍ରତିକୂଳ ସତ୍ତାଗୁଡ଼ିକର ରାଜ୍ୟର) ପ୍ରବୃତ୍ତିଗୁଡ଼ିକୁ ନିଜ ଆୟତ୍ତରେ ରଖିବାକୁ

ଯଥେଷ୍ଟ ସାବଧାନ ହୋଇ ନ ଥିବ, ତୁମକୁ ଆପଣାର ଚେତନା ମଧ୍ୟରେ ଦୁଃଖ ଏବଂ ଅବସାଦର ଏକ ନର୍କକୁ ମଧ୍ୟ ବହନ କରି ରହିବାକୁ ପଡ଼ିବ ।

ଜୀବନରେ ଏଭଳି ଗୋଟିଏ ଗୋଟିଏ ମୁହୂର୍ତ୍ତ ରହିଥାଏ, ଯେତେବେଳେ କି ତୁମର ଚତୁର୍ଦିଗରେ ରହିଥିବା ସବୁକିଛି, ଯାବତୀୟ ମଣିଷ ଓ ଯାବତୀୟ ପରସ୍ଥିତି ଏତେବେଶୀ ଅସ୍ୱଚ୍ଛତାମୟ, ପ୍ରତିକୂଳ ଏବଂ କୁତ୍ସିତ ହୋଇପଡ଼େ ଯେ, ସେତେବେଳେ ଏକ ଉଚ୍ଚତର ଉପଲବ୍ଧିର ଯାବତୀୟ ଆଶା ସତେଅବା କୁଆଡ଼େ ମିଳାଇ ଯାଇଥିବା ପରି ବୋଧ ହେଉଥାଏ । ସଂସାରଟାଯାକ ଏକାବେଳେକେ ଅସାଧ୍ୟ ଭାବରେ ନିର୍ମମ ଘୃଣା, ଅଚେତନ ତଥା ଅନମନୀୟ ଅଜ୍ଞାନ ଏବଂ ଦୁର୍ଦ୍ଧର୍ଷ ଅସଦିଚ୍ଛାର ରାତ୍ରି ମଧ୍ୟରେ ଅଭିଶପ୍ତ ହୋଇ ପଡ଼ିଥିବା ପରି ବୋଧ ହେଉଥାଏ । ଆମେ ସେତେବେଳେ ଶ୍ରୀଅରବିନ୍ଦଙ୍କ ସହିତ ହୁଏତ ଏହିପରି କହିପାରିବା, ''ଈଶ୍ୱର ମୋ' ପାଇଁ ନର୍କ ମଧ୍ୟରେ ଏକ ସ୍ଥାନ ନିରୂପିତ କରି ଦେଇଛନ୍ତି''; ଏବଂ, ଠିକ୍ ତାଙ୍କରି କହିଥିବା ଅନୁସାରେ ମଧ୍ୟ, ଯାବତୀୟ ପରିସ୍ଥିତିରେ, ସେହି ପରିସ୍ଥିତିଗୁଡ଼ିକ ଯେଡ଼େ ଭୟଙ୍କର ବୋଲି ମନେ ହେଉଥା'ନ୍ତୁ ପଛକେ, ସେତେବେଳେ ଆମକୁ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ପୂର୍ଣ୍ଣସମର୍ପଣର ଶାନ୍ତିମୟ ପ୍ରସନ୍ନତା ସହିତ ଯାଇ ବାସ କରିବାକୁ ପଡ଼ିବ ଏବଂ ସକଳ ଆନ୍ତରିକତା ସହିତ ସେହି ପରମପ୍ରଭୁଙ୍କୁ ''ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ'' ବୋଲି କହିଦେବାକୁ ହେବ ।

୧୩ ଜୁଲାଇ, ୧୯୬୦

**୪୩. ଯଦି ଈଶ୍ୱର ମୋତେ ସ୍ୱର୍ଗ ଆଡ଼କୁ ଆକର୍ଷିତ କରି ନେଉଥା'ନ୍ତି, ତେବେ, ତାଙ୍କର ଅନ୍ୟ ହାତଟି ମୋତେ ନର୍କ ଭିତରେ ରଖିବା ଲାଗି ଚେଷ୍ଟା କରୁଥିଲେ ମଧ୍ୟ, ମୋତେ ତଥାପି ଊର୍ଦ୍ଧ୍ୱଆଡ଼କୁହିଁ ଯିବା ସକାଶେ ଉଦ୍ୟମ କରିବାକୁ ହେବ ।**

*ଈଶ୍ୱର ଆମଲାଗି କ'ଣ ଇଚ୍ଛା କରୁଛନ୍ତି, ସିଏ କ'ଣ ନିଜେ ଜାଣନ୍ତି ନାହିଁ ? ତେବେ ସିଏ ଆମକୁ କାହିଁକି ଦୁଇ ବିପରୀତ ଆଡ଼କୁ ଟାଣି ନେବାପାଇଁ ଇଚ୍ଛା କରିବେ ?*

ଈଶ୍ୱର ଆମମାନଙ୍କ ସକାଶେ କ'ଣ ଇଚ୍ଛା କରନ୍ତି, ସେହି କଥାଟିକୁ ସିଏ ସଂପୂର୍ଣ୍ଣ ଭାବରେ ଜାଣିଥା'ନ୍ତି । ସିଏ ଆମ ସମସ୍ତଙ୍କୁ ଏକ ପରିପୂର୍ଣ୍ଣ ସମ୍ମିଳନରେ ତାଙ୍କରି ପାଖକୁହିଁ ନେଇ ଆସିବାକୁ ଇଚ୍ଛା କରୁଥା'ନ୍ତି । ତେଣୁ ଉଦ୍ଦେଶ୍ୟ ସେହି ଗୋଟିଏ, ସମସ୍ତଙ୍କ ପାଇଁ ସେହି

ଗୋଟିଏ ଲକ୍ଷ୍ୟ । ମାତ୍ର ସେଠାରେ ଉପନୀତ ହେବାର ଉପାୟ, ପଦ୍ଧତି ଏବଂ କ୍ରିୟାବିଧିଗୁଡ଼ିକ ଅଗଣିତ ଭିନ୍ନ ଭିନ୍ନ ପ୍ରକାରର । ପୃଥିବୀରେ ଯେତେ ସତ୍ତା ଅଛନ୍ତି, ଏହି ମାର୍ଗଗୁଡ଼ିକ ଠିକ୍ ସେତିକି ସଂଖ୍ୟାରେ ରହିଛନ୍ତି । ଏବଂ, ଏହି ପ୍ରତ୍ୟେକଟି ଉପାୟ ମଧ୍ୟ ଅମିଶ୍ରିତ ଭାବରେ ସେହି ସର୍ବୋଚ୍ଚ ପରମକର୍ତ୍ତାଙ୍କର ଇଚ୍ଛାଟିକୁହିଁ ବ୍ୟକ୍ତ କରିବାରେ ଲାଗିଛି । ସର୍ବୋଚ୍ଚ ପରମକର୍ତ୍ତା ତାଙ୍କର ସଂପୂର୍ଣ୍ଣ ଦୃଷ୍ଟି ଏବଂ ପରିପୂର୍ଣ୍ଣ ପ୍ରଜ୍ଞା ମଧ୍ୟରେ ଅବସ୍ଥିତ ରହି ପ୍ରତ୍ୟେକ ବ୍ୟକ୍ତି ଲାଗି ଯାହା ଆବଶ୍ୟକ, ତାହା ଅବଶ୍ୟ କରୁଛନ୍ତି ।

ଯଦି ଆପଣାର ଅଭୀପ୍ସା ଏବଂ ଉଦ୍ୟମକୁ ପ୍ରଗାଢ଼ କରିବା ପାଇଁ କୌଣସି ବ୍ୟକ୍ତି ଏକ ବ୍ୟାଘାତ ଏବଂ ଅନ୍ତର୍ଗତ ବିରୋଧ ଆବଶ୍ୟକ କରୁଥାଏ, ତେବେ ପରମପ୍ରଭୁ ଆପଣାର ଅନନ୍ତ କରୁଣା ଦ୍ୱାରା ପ୍ରେରିତ ହୋଇ, ଏହି ସତ୍ତାଟିକୁ ଉପରକୁ ଉଠାଇ ନେଉଥିବା ଏବଂ ଉପରକୁ ଉଠିବା ସକାଶେ ତାକୁ ଆବଶ୍ୟକ ଶକ୍ତି ପ୍ରଦାନ କରୁଥିବା ସଙ୍ଗେ ସଙ୍ଗେ ଯୁଗପତ୍ ଭାବରେ ତାକୁ ତଳ ଆଡ଼କୁ ମଧ୍ୟ ଭିଡ଼ି ରଖିବାରେ ଲାଗିଥିବେ, ଯେପରିକି ଆପଣାର ଅଭୀପ୍ସା ଏବଂ ଉଦ୍ୟମକୁ ଅଧିକ ପ୍ରଗାଢ଼ କରିବା ଲାଗି ଆବଶ୍ୟକ ହେଉଥିବା ପ୍ରତିରୋଧ-ଶକ୍ତିଟି ତା' ଭିତରେ ସୃଷ୍ଟ ହେବା ସମ୍ଭବ ହୋଇପାରିବ ।

ଏବଂ ଯଦି ଶ୍ରୀଅରବିନ୍ଦଙ୍କ ଭଳି ତୁମେ ଦୁଇଟିଯାକ କ୍ରିୟାର ଗୋଟିଏ ଦିବ୍ୟ ଉତ୍ପତ୍ତିସ୍ଥଳ ରହିଛି ବୋଲି ଦେଖିବାକୁ ସମର୍ଥ ହେବ, ତେବେ ଆଦୌ କୌଣସି ରୋଦନ ନ କରି ଅଥବା ଆତଙ୍କିତ ହୋଇ ନ ଉଠି ତୁମେ ପ୍ରକୃତରେ ଆନନ୍ଦିତହିଁ ହେବ ଏବଂ ଏକ ଦୃଢ଼ ଓ ଆଲୋକମୟ ବିଶ୍ୱାସକୁ ପୋଷଣ କରି ରହିଥିବ ।

୧୯ ଜୁଲାଇ, ୧୯୬୦

**୪୪. ଯେଉଁ ଚିନ୍ତାଗୁଡ଼ିକର ବିପରୀତଟା ମଧ୍ୟ ସ୍ୱକାଳ ଏବଂ ସ୍ୱପ୍ରୟୋଗର କ୍ଷେତ୍ରରେ ସତ୍ୟ ହୋଇ ରହିଥାଏ, କେବଳ ସେହି ଚିନ୍ତାଗୁଡ଼ିକହିଁ ସତ୍ୟ । ଯେଉଁ ସିଦ୍ଧାନ୍ତଗୁଡ଼ିକ ଆପଣାକୁ ଅବିବାଦ୍ୟ ବୋଲି ଘୋଷଣା କରନ୍ତି, ସେହିଗୁଡ଼ିକହିଁ ସବୁଠାରୁ ଅଧିକ ବିପଜ୍ଜନକ କିସମର ମିଥ୍ୟା ।**

*ଅବିବାଦ୍ୟ ସିଦ୍ଧାନ୍ତଗୁଡ଼ିକ ସବୁଠାରୁ ଅଧିକ ବିପଜ୍ଜନକ କାହିଁକି ?*

ନିର୍ବିଶେଷ, ଅନନ୍ତ ଓ ଚିରନ୍ତନ ପରମସତ୍ୟକୁ ମନ ଆପଣାର ଭାବନା ଦ୍ୱାରା କଦାପି ଠାବ କରିପାରିବ ନାହିଁ । ଯାହା ଦେଶ ଓ କାଳ ଭିତରେ ଅବସ୍ଥିତ ରହିଛି, ଯାହା ଖଣ୍ଡିତ ଏବଂ ସୀମିତ ହୋଇରହିଛି, ମନ କେବଳ ତାହାରହିଁ କୌଣସି ଅବଧାରଣା କରିପାରିବ ।

ଏହିପରି ଭାବରେ ମନର ଭୂମି ଉପରେ ନିର୍ବିଶେଷ ପରମସତ୍ୟ ଅସୁମାରି ନାନା ଖଣ୍ଡିତ ଏବଂ ପରସ୍ପର ବିରୋଧୀ ସତ୍ୟରୂପେ ବିଭକ୍ତ ହୋଇ ରହିଥାଏ ଏବଂ ସେହି ସତ୍ୟଗୁଡ଼ିକ ସମଗ୍ର ଭାବରେ ସେହି ମୂଳ ପରମସତ୍ୟକୁ ଯଥାସମ୍ଭବ ଅଧିକ ଯଥାର୍ଥରୂପେ ପୁନରୁପସ୍ଥାପିତ କରିବା ଲାଗି ପ୍ରୟାସ କରୁଥା'ନ୍ତି ।

ଏହି ସମଗ୍ରଟି ମଧ୍ୟରୁ ଯଦି ଏହାର କୌଣସି ଗୋଟିଏ ଉପାଦାନକୁ ଅଲଗା କରି କାଢ଼ି ନିଆଯାଏ ଏବଂ କେବଳ ସେହି ଗୋଟିକହିଁ ସତ୍ୟ ବୋଲି ଦାବି କରାଯାଏ, ତେବେ, ତାହା ହୁଏତ ଯେତେ ଅଧିକ ପରିମାଣରେ କେନ୍ଦ୍ରସ୍ଥ ଏବଂ ବ୍ୟାପକ ହୋଇଥିଲେ ମଧ୍ୟ ତଥାପି ଅବଶ୍ୟମ୍ଭାବୀ ଭାବରେ ଏକ ମିଥ୍ୟାରେ ପରିଣତ ହୋଇଯାଏ, କାରଣ ତାହା ସମଗ୍ର ପରମସତ୍ୟର ଅବଶିଷ୍ଟ ସଂପୂର୍ଣ୍ଣ ଅଂଶଟିକୁ ଅସ୍ୱୀକାର କରୁଥାଏ ।

ଠିକ୍ ଏହିପରି ଭାବରେହିଁ ଅବିବାଦ୍ୟ ସିଦ୍ଧାନ୍ତଗୁଡ଼ିକର ଉଦ୍ଭବ ହୋଇଥାଏ ଏବଂ ଏହି କାରଣରୁହିଁ ସେଗୁଡ଼ିକ ସବୁଠାରୁ ଅଧିକ ବିପଜ୍ଜନକ ଗୋଟିଏ ଗୋଟିଏ ମିଥ୍ୟାରେ ପରିଣତ ହୋଇ ରହିଥା'ନ୍ତି;— କାରଣ, ପ୍ରତ୍ୟେକ ସିଦ୍ଧାନ୍ତ ଅପର ସକଳ ସତ୍ୟକୁ ଅସ୍ୱୀକାର କରି କେବଳ ଆପଣାକୁହିଁ ଏକମାତ୍ର ସତ୍ୟ ବୋଲି ଦାବି କରୁଥାଏ । ଏହି ସତ୍ୟଗୁଡ଼ିକ ଆପଣାର ଅଗଣନ ଏବଂ ପରସ୍ପରାନୁପୂରକ ସମଗ୍ରତା ଦ୍ୱାରାହିଁ ଆପଣାର ସମ୍ଭୂତିକ୍ଷେତ୍ରରେ କ୍ରମୋତ୍ତର ଅଧିକ ପରିମାଣରେ ସେହି ଅନନ୍ତ, ଚିରନ୍ତନ ଓ ନିର୍ବିଶେଷ ପରମସତ୍ୟକୁ ବ୍ୟକ୍ତ କରୁଥା'ନ୍ତି ।

୨୭ ଅଗଷ୍ଟ, ୧୯୬୦

## ୪୫. ଯୁକ୍ତି ହେଉଛି ପରମସତ୍ୟର ସର୍ବଗର୍ହିତ ଶତ୍ରୁ; ଆପଣାକୁ ସର୍ବଗୁଣସମ୍ପନ୍ନ ବୋଲି ମନେ କରିବା ଯେପରି ଯଥାର୍ଥ ଗୁଣର ଶତ୍ରୁ, ଠିକ୍ ସେହିପରି । କାରଣ, ଦ୍ୱିତୀୟଟି ଆପଣାର ନିଜ ଭୁଲ୍‌ଟିକୁ ମୋଟେ ଦେଖିପାରୁ ନ ଥାଏ ଏବଂ ପ୍ରଥମଟି ଆପଣାର ଅପୂର୍ଣ୍ଣତାଗୁଡ଼ିକୁ ମଧ୍ୟ ଆଦୌ ଦେଖିପାରେ ନାହିଁ ।

*ଆମ ଜୀବନରେ ଯୁକ୍ତି ଏବଂ ବୁଦ୍ଧିର କି ଭୂମିକା ରହିଛି ?*

ଶ୍ରୀଅରବିନ୍ଦଙ୍କର ''ଯୋଗ-ସମନ୍ୱୟ'' ଗ୍ରନ୍ଥରୁ ନିମ୍ନଲିଖିତ ଉଦ୍ଧୃତିଟି ଦ୍ୱାରାହିଁ ମୁଁ ତୁମ ପ୍ରଶ୍ନର ସର୍ବୋତ୍ତମ ଉତ୍ତର ଦେଇପାରିବି : ''ଆପଣାର ପୂର୍ଣ୍ଣାବସ୍ଥାରେ ବୁଦ୍ଧିର ବିଶିଷ୍ଟ ସାମର୍ଥ୍ୟଟିକୁ ଆମେ ଏକ ତାର୍କିକ ପ୍ରକ୍ରିୟା ବୋଲି କହିପାରିବା; ନିରୀକ୍ଷଣ ତଥା ସଂଯୋଜନ

ଦ୍ୱାରା ତାହା ପ୍ରଥମେ ଉପଲବ୍ଧ ଯାବତୀୟ ସାମଗ୍ରୀ ଓ ତଥ୍ୟ ସମ୍ବନ୍ଧରେ ପୂର୍ଣ୍ଣନିଶ୍ଚିତ ହୋଇଯାଏ, ତା'ପରେ ସେଇଥିରୁ ନିଷ୍ପନ୍ନ ଏକ ଜ୍ଞାନ ଲାଭ କରିବ ବୋଲି ସେଗୁଡ଼ିକ ଉପରେ କ୍ରିୟା କରେ, ଚିନ୍ତନଶକ୍ତିଗୁଡ଼ିକର ଏକ ପ୍ରଥମ ଉପଯୋଗ ଦ୍ୱାରା ପରିତୁଷ୍ଟ ହୁଏ ଓ ଆପଣାକୁ ପରିବର୍ଦ୍ଧିତ ହୋଇଗଲା ପରି ଅନୁଭବ କରେ; ଏବଂ ସର୍ବଶେଷରେ ଆପଣାର ଏହି ଉପଲବ୍ଧ ପରିଣାମଗୁଡ଼ିକର ଯଥାର୍ଥତା ବିଷୟରେ ଆପଣାର ହୃଦ୍‌ବୋଧ କରାଇନିଏ । ସେଥିଲାଗି ତାହା ଏକ ଅଧିକ ସତର୍କ, ଔପଚାରିକ, ଜାଗରୂକ, ସୁଚିନ୍ତିତ ଏବଂ କଠୋର ତର୍କଣାଯୁକ୍ତ କ୍ରିୟାର ପ୍ରୟୋଗ କରିଥାଏ, ଯାହାକି ବିଚାର ଓ ଅନୁଭୂତି ଦ୍ୱାରା ବିକଶିତ ହୋଇଥିବା କେତେକ ବିଶ୍ୱାସଯୋଗ୍ୟ ମାନଦଣ୍ଡ ତଥା ପ୍ରକ୍ରିୟାଗୁଡ଼ିକ ଅନୁସାରେ ଏହି ପରିଣାମଗୁଡ଼ିକୁ ପରୀକ୍ଷା କରି ଦେଖେ, ସେଗୁଡ଼ିକର ଖଣ୍ଡନ ଅଥବା ସ୍ଥାୟୀ ସମର୍ଥନ କରିଥାଏ । ତେଣୁ, ଆପଣାର ସର୍ବପ୍ରଥମ କର୍ତ୍ତବ୍ୟରୂପେ ତର୍କବୁଦ୍ଧିକୁ ଆପଣା ସମ୍ମୁଖରେ ଉପଲବ୍ଧ ସାମଗ୍ରୀ ଓ ତଥ୍ୟଗୁଡ଼ିକୁ ଯଥାର୍ଥ ଭାବରେ ଯତ୍ନର ସହିତ ଓ ସଂପୂର୍ଣ୍ଣ ଭାବରେ ନିରୀକ୍ଷଣ କରିବାକୁ ପଡ଼ିଥାଏ'' ।*

ମାତ୍ର ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ସେହି ତର୍କବୁଦ୍ଧି ବିଷୟରେ କହି ନାହାନ୍ତି । ସିଏ ନ୍ୟାୟଯୁକ୍ତିର କଥା କହିଛନ୍ତି, ନ୍ୟାୟଯୁକ୍ତି ହେଉଛି ତର୍କବୁଦ୍ଧିର ସଙ୍ଗୀ ଓ ସାଧନ ।

ଗୋଟିଏ ବିଚାରରୁ ଆଉ ଗୋଟିଏ ବିଚାରର ନିର୍ଗମନ କରାଇ ଆଣିବା ଓ କୌଣସି ଏକ ଘଟଣାରୁ ତାହାର ସକଳ ପରିଣାମକୁ ଅନୁମାନ କରିବା,— ଆମେ ସେହି କଳାଟିକୁ ନ୍ୟାୟଯୁକ୍ତି ବୋଲି କହିବା । ମାତ୍ର ଖାସ୍ ସେହି ନ୍ୟାୟଯୁକ୍ତି ଭିତରେହିଁ ସତ୍ୟ-ବିବେଚନର ସାମର୍ଥ୍ୟଟି ଆଦୌ ନିହିତ ହୋଇ ରହି ନ ଥାଏ । ତେଣୁ ତୁମର ନ୍ୟାୟଯୁକ୍ତି ହୁଏତ କୌଣସି କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପାରେ, ମାତ୍ର ତୁମର ପ୍ରଥମ ବିନ୍ଦୁଟିହିଁ ଭୁଲ୍ ହୋଇଥାଏ, ତେବେ ସେଥିରୁ ନିଷ୍ପନ୍ନ ହେଉଥିବା ତୁମର ସିଦ୍ଧାନ୍ତଗୁଡ଼ିକ ମଧ୍ୟ ନିଶ୍ଚୟ ଭୁଲ୍ ହେବ; ତୁମର ନ୍ୟାୟଯୁକ୍ତି ଯେତେ ଭ୍ରମଶୂନ୍ୟ ହୋଇଥିଲେ ମଧ୍ୟ ତାହା ଭୁଲ୍ ହେବ । ବରଂ ଏପରି କୁହାଯାଇପାରିବ ଯେ, ତୁମର ସେହି ନ୍ୟାୟଯୁକ୍ତି ସକାଶେହିଁ ତାହା ଭୁଲ ହେବ । ଆପଣାର ଗୁଣବତ୍ତାକୁ ନେଇ ଦମ୍ଭ କରିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା, ଏହି ଦମ୍ଭଟି ହେଉଛି ଗୁଣର କ୍ଷେତ୍ରରେ ଆପଣାକୁ ଅନ୍ୟମାନଙ୍କଠାରୁ ଅଧିକ ଓ ଉଚ୍ଚ ମନେ କରିବାର ଦମ୍ଭ । ଆପଣାର ଗୁଣ ବିଷୟରେ ଦମ୍ଭ ପ୍ରକାଶ କରି ତୁମେ ଅନ୍ୟମାନଙ୍କୁ ତୁଚ୍ଛ ଓ ଘୃଣ୍ୟ ବୋଲି ଭାବିବାକୁ ଆରମ୍ଭ କର ଏବଂ ତୁମର ଏହି ଗର୍ବ— ତୁମେ ଯେଉଁମାନଙ୍କୁ

---

*ଯୋଗ-ସମନ୍ୱୟ (ଓଡ଼ିଆ) ଉତ୍ତରାର୍ଦ୍ଧ, ନବଜ୍ୟୋତି କାର୍ଯ୍ୟାଳୟ, ପଣ୍ଡିଚେରୀ, ୧୯୭୬, ପୃଷ୍ଠା. ୪୮୭

କମ୍ ଗୁଣସମ୍ପନ୍ନ ବୋଲି ଭାବୁଥାଅ, ଏହି ଗର୍ବ ସେମାନଙ୍କ ପ୍ରତି ଏକ ଘୃଣାଭାବ ଦ୍ୱାରା ତୁମକୁ ପୂର୍ଣ୍ଣ କରି ଦେଇଥାଏ— ସେହି ଗର୍ବ ତୁମର ଗୁଣଟିକୁ ସଂପୂର୍ଣ୍ଣ ଭାବରେ ମୂଲ୍ୟହୀନ କରି ପକାଇଥାଏ ।

ସେହି କାରଣରୁ ଶ୍ରୀଅରବିନ୍ଦ ଏହି ସୂତ୍ରଟିରେ ଆମକୁ କହିଛନ୍ତି ଯେ, ନ୍ୟାୟଯୁକ୍ତି ହେଉଛି ଯଥାର୍ଥ ସତ୍ୟର ସବୁଠାରୁ ବଡ଼ ଶତ୍ରୁ; ଆପଣାର ଗୁଣବତ୍ତାକୁ ଅନ୍ୟମାନଙ୍କଠାରୁ ଅଧିକ ବୋଲି ଅନୁଭବ କରିବା ଯେପରି ଯଥାର୍ଥ ଗୁଣର ସବୁଠାରୁ ବଡ଼ ଶତ୍ରୁ, ଏକଥା ମଧ୍ୟ ଠିକ୍ ସେହିପରି ।

୨୪ ଅଗଷ୍ଟ, ୧୯୬୦

**୪୬. ଯେତେବେଳେ ମୁଁ ପରମ ଅଜ୍ଞାନ ମଧ୍ୟରେ ନିଦ୍ରାମଗ୍ନ ହୋଇ ରହିଥିଲି, ସେତେବେଳେ ମୁଁ ସାଧୁସନ୍ଥପୂର୍ଣ୍ଣ ଏକ ଧ୍ୟାନସ୍ଥଳୀକୁ ଆସିଲି । ସେମାନଙ୍କ ସାହଚର୍ଯ୍ୟ ମୋତେ କ୍ଳାନ୍ତିକର ଓ ବନ୍ଦିଶାଳା ଭଳି ବୋଧ ହେଲା । ଯେତେବେଳେ ମୋର ନିଦ ଭାଙ୍ଗିଗଲା, ସେତେବେଳେ ଭଗବାନ୍ ମୋତେ ଏକ ବନ୍ଦିଶାଳାକୁ ଡାକି ନେଇଗଲେ ଏବଂ ସିଏ ତାକୁ ଏକଧ୍ୟାନସ୍ଥଳୀ ଏବଂ ତାଙ୍କୁ ସାକ୍ଷାତ କରିବାର ଏକ କ୍ଷେତ୍ରରେ ପରିଣତ କରିଦେଲେ ।**

*ଆପଣା ରାଜନୈତିକ ଜୀବନ କାଳରେ ଶ୍ରୀଅରବିନ୍ଦ ବନ୍ଦିଶାଳାରେ ହୋଇଥିବା ତାଙ୍କର ନିଜ ଅନୁଭୂତିକୁ ଏଠାରେ ବର୍ଣ୍ଣନା କରୁଛନ୍ତି କି ?*

ହଁ । ଏଠାରେ ଶ୍ରୀଅରବିନ୍ଦ ଆଲିପୁର ଜେଲ୍‌ରେ ହୋଇଥିବା ତାଙ୍କର ଅନୁଭୂତିକୁ ବର୍ଣ୍ଣନା କରି କହିଛନ୍ତି ।

ମାତ୍ର, ଏହି ସୂତ୍ରଟିରେ ଅସଲ ଆଗ୍ରହୋଦ୍ଦୀପକ ବିଷୟଟି ହେଉଛି ଯେ, ବାହାରର ବନ୍ଦିଶାଳାଟିରେ କେବଳ ତାଙ୍କର ଶରୀରଟାହିଁ ବନ୍ଦୀ ହୋଇ ରହିଥିଲା, ମାତ୍ର ତାଙ୍କର ଅନ୍ତର୍ଚ୍ଚେତନା ଯାବତୀୟ ସାମାଜିକ ସଂସ୍କାର ଓ ବଦ୍ଧମୂଳତାରୁ ମୁକ୍ତ ହୋଇ, ଯାବତୀୟ ପୂର୍ବଗ୍ରାହୀ ଧାରଣା ଏବଂ ସ୍ୱୀକୃତ ସୂତ୍ରଗତ ବନ୍ଧନରୁ ମୁକ୍ତ ରହି ପ୍ରତ୍ୟକ୍ଷ ଏବଂ ସଚେତନ ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ସଂସ୍ପର୍ଶ ସ୍ଥାପନ କରି ରହିଥିଲା; ପୂର୍ଣ୍ଣଯୋଗର ସତ୍ୟଟି ସେତିକିବେଳେ ତାଙ୍କ ସମ୍ମୁଖରେ ଉଦ୍‌ଘାଟିତ ହୋଇ ଯାଇଥିଲା । ଅନ୍ୟ ପକ୍ଷରେ, ସଂକୀର୍ଣ୍ଣ ନାନା ବିଧାନ ଓ ନିୟମର ସେହି ମାନସିକ ବନ୍ଦିଶାଳାଟି ମଧ୍ୟ ରହିଛି, ଯାହା

ଭିତରେ କି ଲୋକମାନେ ପାରମ୍ପରିକ ସିଦ୍ଧାନ୍ତ ଓ ଧାରଣା ଦ୍ୱାରା ପ୍ରେରିତ ହୋଇ ଆପଣାକୁ ଏକ ଆଧ୍ୟାତ୍ମିକ ଜୀବନ ଲାଗି ତତ୍ପରକରି ରଖିବାକୁ ସାଧାରଣ ଜୀବନମାର୍ଗଟିକୁ ପ୍ରତ୍ୟାଖ୍ୟାନ କରି ନିଜକୁ ଆବଦ୍ଧ କରି ରଖିଥା'ନ୍ତି । ଶ୍ରୀଅରବିନ୍ଦ ଦୁଇଟି ମଧ୍ୟରେ ରହିଥିବା ବୈଷମ୍ୟଟିକୁ ଦେଖାଇ ଦେବାକୁ ଇଚ୍ଛା କରିଛନ୍ତି ।

ତେଣୁ, ଆମେ ସବୁଠାରେ ଯେପରି ଦେଖିବାକୁ ପାଉ, ଏଠାରେ ମଧ୍ୟ ଶ୍ରୀଅରବିନ୍ଦ ଯାବତୀୟ ନିୟମ ଓ ସୀମାର ଆହୁରି ସେପାଖରେ ରହିଥିବା ସେହି ଯଥାର୍ଥ ମୁକ୍ତାବସ୍ଥାର ଘୋଷଣା କରିଛନ୍ତି, ସର୍ବୋଚ୍ଚ ଏବଂ ଶାଶ୍ୱତ ପରମସତ୍ୟ ସହିତ ପରିପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ରହିବାର ସେହି ସଂପୂର୍ଣ୍ଣ ସ୍ୱତନ୍ତ୍ରତାର ଘୋଷଣା କରିଛନ୍ତି ।

୨୪ ଅକ୍ଟୋବର, ୧୯୬୦

**୪୭. ଯେତେବେଳେ କୌଣସି ଏକ କ୍ଳାନ୍ତିକର ପୁସ୍ତକକୁ ମୁଁ ଖୁସୀ ହୋଇ ପଢ଼ି ଶେଷ କରିଦେଇ ପାରିଲି ଏବଂ ତଥାପି ତାହାର କ୍ଳାନ୍ତିକରତାର ଯାବତୀୟ ପରାକାଷ୍ଠାକୁ ପୂର୍ଣ୍ଣରୂପେ ହୃଦୟଙ୍ଗମ କରିପାରୁଥିଲି, ସେତେବେଳେ ମୁଁ ଜାଣିବାକୁ ପାଇଲି ଯେ, ମୋର ମନକୁ ଜୟ କରି ନିଆଯାଇଛି ।**

*ଗୋଟାଏ କ୍ଳାନ୍ତିକର ପୁସ୍ତକକୁ ଖୁସୀ ହୋଇ ପଢ଼ିହେବ କିପରି ?*

ତୁମେ କ'ଣ କରୁଛ ଅଥବା ତୁମ ଜୀବନରେ କ'ଣ ଘଟୁଛି, ଯେତେବେଳେ ତୁମର ସୁଖବୋଧ ତାହା ଉପରେ ଆଉ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହେ ନାହିଁ, ତୁମ ଭିତରେ ଅନୁଭୂତ ହେଉଥିବା ଦିବ୍ୟ ପରମ ଉପସ୍ଥିତି ସକାଶେହିଁ ତୁମେ ବହନ କରି ରହିଥିବା ପରିବର୍ତ୍ତନରହିତ ଆନନ୍ଦଟିହିଁ ଯେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ବାହାରକୁ ବ୍ୟକ୍ତ ହୋଇ ତୁମ ଖୁସୀରେ ପରିଣତ ହୋଇ ରହିଥାଏ, ସେତେବେଳେ ତାହା ନିଶ୍ଚୟ ସମ୍ଭବ ହୋଇପାରେ । ସେତେବେଳେ ତୁମର ଯାବତୀୟ କ୍ରିୟାଶୀଳତା ଏବଂ ଯାବତୀୟ ପରିସ୍ଥିତିରେ ତାହାହିଁ ତୁମ ଚେତନାର ସ୍ଥାୟୀ ସ୍ଥିତି ହୋଇ ରହିଥାଏ । ଏବଂ, ଯାବତୀୟ କ୍ଳାନ୍ତିକର ବସ୍ତୁ ମଧ୍ୟରେ ଏକ କ୍ଳାନ୍ତିକର ପୁସ୍ତକହିଁ ଗୋଟିଏ ସବୁଠାରୁ ଅଧିକ କ୍ଳାନ୍ତିକର ବସ୍ତୁ ହୋଇଥିବାରୁ, ଶ୍ରୀଅରବିନ୍ଦ ଆମ ମନ ଉପରେ ବିଜୟ ହାସଲ କରିବାର ଓ ତାହାକୁ ରୂପାନ୍ତରିତ କରିଥିବାର ଏକ ଅକାଟ୍ୟ ପ୍ରମାଣରୂପେ ଏହାକୁହିଁ ଏକ ଉଦାହରଣରୂପେ ପ୍ରଦାନ କରିଛନ୍ତି ।

୧୦ ନଭେମ୍ବର, ୧୯୬୦

**୪୮. ମୋର ମନ ଯେତେବେଳେ ଅତି କୁତ୍ସିତ ଭିତରେ ମଧ୍ୟ ସୌନ୍ଦର୍ଯ୍ୟର ସ୍ୱୀକୃତି ଦେଇପାରିଲା ଏବଂ, ଅନ୍ୟମାନେ କାହିଁକି ସେଇଟି ପାଖରୁ ଆତଙ୍କିତ ହୋଇ ପଳାଉଛନ୍ତି ଓ ଘୃଣା କରୁଛନ୍ତି, ତାହାର କାରଣଟିକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଅନୁଭବ କରିପାରିଲା, ସେତେବେଳେ ଯାଇ ମନ ଉପରେ ବିଜୟ ହାସଲ କରାଯାଇପାରିଛି ବୋଲି ମୁଁ ଜାଣିଲି ।**

*''ଅତି କୁତ୍ସିତ ଭିତରେ ଥିବା ସୌନ୍ଦର୍ଯ୍ୟ''– ଏହାର ଅର୍ଥ କ'ଣ ?*

ବିଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପିତ ହେଉଥିବା ଏବଂ ଭିନ୍ନଭିନ୍ନ ଅନୁଭୂତି ଦ୍ୱାରା ଅଭିବ୍ୟକ୍ତ ହେଉଥିବା ଏହା ସର୍ବଦା ସେହି ଗୋଟିଏ ଉପଲବ୍ଧିକୁହିଁ ବୁଝାଉଛି । ସେହି ଉପଲବ୍ଧିଟି ହେଉଛି ଯେ, ପ୍ରତ୍ୟେକ ବସ୍ତୁ ସେହି ସର୍ବୋଚ୍ଚ, ଶାଶ୍ୱତ ଓ ଅନନ୍ତ ପରମସତ୍ତାଙ୍କୁହିଁ ପ୍ରକାଶ କରୁଛି । ସେହି ପରମସତ୍ତା ଆପଣାର ସମଗ୍ର ପରିପୂର୍ଣ୍ଣତା ଏବଂ ନିର୍ବିଶେଷ ସତ୍ୟର ଭୂମିରେ ଅପରିବର୍ତ୍ତନୀୟ ହୋଇ ରହିଛନ୍ତି । ସେହି କାରଣରୁହିଁ, ଆମର ମନ ଓ ଏହାର ଅଜ୍ଞାନ ଏବଂ ମିଥ୍ୟାପୂର୍ଣ୍ଣ ବୋଧଗୁଡ଼ିକ ଉପରେ ବିଜୟ ହାସଲ କରି ଆମେ ଯାବତୀୟ ବସ୍ତୁର ମାଧ୍ୟମରେହିଁ ଆପଣାକୁ ଏହି ସର୍ବୋଚ୍ଚ ପରମସତ୍ୟର ସଂସ୍ପର୍ଶ ମଧ୍ୟରେ ଆଣି ପ୍ରବିଷ୍ଟ କରାଇ ପାରିବା । ତାହାଙ୍କୁ ଏକାଧାରରେ ସର୍ବୋଚ୍ଚ ପରମ ସୌନ୍ଦର୍ଯ୍ୟ ତଥା ପରମ ପ୍ରେମ ବୋଲି ମଧ୍ୟ କୁହାଯାଇପାରିବ । ସୁନ୍ଦର ଓ କୁତ୍ସିତ, ଭଲ ଓ ମନ୍ଦ ବିଷୟରେ ମାନସିକ ତଥା ପ୍ରାଣିକ ଭୂମିରେ ଆମର ଯେତେଯାହା ଧାରଣା ରହିଛି, ସିଏ ସେଗୁଡ଼ିକର ଅତୀତ ହୋଇ ଅବସ୍ଥିତ ରହିଛନ୍ତି ।

ଏପରିକି, ଯେତେବେଳେ ଆମେ ''ସର୍ବୋଚ୍ଚ ପରମସତ୍ୟ, ସର୍ବୋଚ୍ଚ ପରମ ସୌନ୍ଦର୍ଯ୍ୟ ଏବଂ ସର୍ବୋଚ୍ଚ ପରମ ପ୍ରେମ'' ବୋଲି କହୁଛୁ, ଆମେ ସେତେବେଳେ ମଧ୍ୟ ଏଗୁଡ଼ିକ ଏପରି ଏକ ଅର୍ଥ ଦେଇ ବୁଝିବା, ଯାହାକି ଏଗୁଡ଼ିକ ବିଷୟରେ ଆମର ବୁଦ୍ଧି ଦ୍ୱାରା ପ୍ରଦତ୍ତ ଅର୍ଥଗୁଡ଼ିକଠାରୁ ଏକାବେଳେକେ ଭିନ୍ନ ହୋଇଥିବ । ଠିକ୍ ଏହି କଥାଟି ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇ କହିବା ଲାଗି ଶ୍ରୀଅରବିନ୍ଦ ଏକ ବିରୋଧାଭାସ ସହିତ ''ଅତି କୁତ୍ସିତ ଭିତରେ ରହିଥିବା ସୌନ୍ଦର୍ଯ୍ୟ'' ବୋଲି ଲେଖିଛନ୍ତି ।

୧୪ ନଭେମ୍ବର, ୧୯୬୦

*ସେହି ଭିନ୍ନ ଅର୍ଥଟି ପ୍ରକୃତରେ କ'ଣ ?*

ସେହି କଥାଟିକୁ ମୁଁ ଏହି ଅର୍ଥରେ କହିଥିଲି ଯେ ଆମେ ବୁଦ୍ଧି ଦେଇ ଦିବ୍ୟ ପରମସତ୍ତାଙ୍କର କୌଣସି ଅନୁମାନ କରିପାରିବା ନାହିଁ । ଆମେ ଯେତେବେଳେ ଏହି ମନୋଜଗତର ବାଡ଼କୁ ଅତିକ୍ରମ କରି ଆଧ୍ୟାତ୍ମିକ ଜଗତ ମଧ୍ୟରେ ଯାଇ ପ୍ରବେଶ କରିପାରିବା ଏବଂ କେବଳ ଭାବନା ଦେଇ ବସ୍ତୁଗୁଡ଼ିକ ସହିତ ସମ୍ବନ୍ଧ ସ୍ଥାପନ କରିବା ପରିବର୍ତ୍ତେ ଆମେ ସେଗୁଡ଼ିକୁ ପ୍ରକୃତରେ ବଞ୍ଚିପାରିବା ଓ ଆପଣାକୁ ସେଗୁଡ଼ିକରେ ପରିଣତ କରିଦେଇପାରିବା କେବଳ ସେତିକିବେଳେ ଯାଇ ଆମେ ସେଗୁଡ଼ିକୁ ବୁଝିପାରିବା । ମାତ୍ର, ସେତେବେଳେ ମଧ୍ୟ, ଯେତେବେଳେ ଆମେ ଆମର ଅନୁଭୂତିଟିକୁ ବ୍ୟକ୍ତ କରିବାକୁ ଇଚ୍ଛା କରିବା, ସେତେବେଳେ ଆମ ପାଖରେ କେବଳ ସେହି ଶବ୍ଦଗୁଡ଼ିକ ମହଜୁଦ ରହିଥିବେ ଯେଉଁଗୁଡ଼ିକ କି ଆମର ମନୋଗତ ଅନୁଭୂତିଗୁଡ଼ିକୁହିଁ ବ୍ୟକ୍ତ କରିପାରୁଥିବେ; ଏବଂ ଆମର ଯାବତୀୟ ଯାହାକିଛି ପ୍ରୟାସ ସତ୍ତ୍ୱେ, ଆମେ ପ୍ରକୃତରେ ଯାହା ବ୍ୟକ୍ତ କରିବାକୁ ଇଚ୍ଛା କରୁଛୁ, ଏହି ଶବ୍ଦଗୁଡ଼ିକ ତାହା ପ୍ରକାଶ କରିବା ଲାଗି ଏକାନ୍ତ ଅସମର୍ଥ ହୋଇ ରହିଥିବେ ।

ସେହି କାରଣରୁହିଁ, ଆମ ଭାବନାରେ ସେହି ନିତ୍ୟନୈମିତ୍ତିକ ଗୁଳାଟା ଭିତରୁ ମନକୁ ଉତ୍ତୋଳିତ କରି ଆଣିବା ଲାଗି ଶ୍ରୀଅରବିନ୍ଦ ଏଭଳି ଅଧିକାଂଶ ସମୟରେ ବିରୋଧାଭାସଗୁଡ଼ିକର ବ୍ୟବହାର କରିଥା'ନ୍ତି । ଯାହାକିଛି ଉକ୍ତ ହେଲା, ତାହାର ଆପାତ ଅସମ୍ଭବତାଟିର ପଶ୍ଚାତରେ ଆମକୁ, ଯାହା ଅନୁଭୂତ ହେଉଛି ଓ ଅନ୍ତର୍ବୋଧରେ ଧରା ଦେଉଛି, ତାହାକୁ ଦେଖିପାରିବାର ସମର୍ଥ କରାଇ ଆଣିବା ଲାଗିହିଁ ସିଏ ସେଭଳି କରିଥା'ନ୍ତି ।

୨୬ ନଭେମ୍ବର, ୧୯୬୦

**୪୯. କୁତ୍ସିତ ଏବଂ ମନ୍ଦ ଭିତରେ ସୌନ୍ଦର୍ଯ୍ୟ ଏବଂ ଭଲର ଅଧିଷ୍ଠାତା ଈଶ୍ୱରଙ୍କୁ ଦେଖିପାରିବା ଏବଂ ଭଲ ପାଇପାରିବା ଏବଂ ତଥାପି ପରିପୂର୍ଣ୍ଣ ପ୍ରେମଭାବ ଦ୍ୱାରା ପ୍ରେରିତ ହୋଇ ଏହାକୁ ଏହାର କୁତ୍ସିତତା ଓ ମନ୍ଦତା ମଧ୍ୟରୁ ଆରୋଗ୍ୟ କରି ଆଣିବାର ବ୍ୟାକୁଳ ଅଭିଳାଷ ରଖିବା,– ଏହାହିଁ ଯଥାର୍ଥ ଗୁଣବତ୍ତା, ଏହାହିଁ ହେଉଛି ଯଥାର୍ଥ ନୈତିକତା ।**

*ବର୍ତ୍ତମାନ ଆମର ଚତୁର୍ଦ୍ଦିଗରେ ସର୍ବତ୍ର ଆମେ ଯେଉଁ ମନ୍ଦ ଏବଂ ଯେଉଁ କୁତ୍ସିତତାକୁ ଦେଖିବାକୁ ପାଉଛୁ, ତାହାର ଆରୋଗ୍ୟଲାଭରେ ଆମେ ପ୍ରକୃତରେ କିପରି ସାହାଯ୍ୟ କରିପାରିବା ? କ'ଣ ଭଲ ପାଇବା ଦେଇ ତାହା କରିପାରିବା ? ତେବେ, ଭଲ ପାଇବାର ଶକ୍ତି କହିଲେ ପ୍ରକୃତରେ*

*କ'ଣ ବୁଝାଏ ? ଜଣେ ବ୍ୟକ୍ତିର ଚେତନାରୂପୀ ଉପାଦାନଟି କିପରି ଅବଶିଷ୍ଟ ମନୁଷ୍ୟସମାଜ ଉପରେ କ୍ରିୟା କରିପାରିବ ?**

ଜଣେ ବ୍ୟକ୍ତି କିପରି ମନ୍ଦ ଏବଂ କୁତ୍ସିତର ଆରୋଗ୍ୟଲାଭରେ ସହାୟତା କରିପାରିବ ?... ଆମେ ହୁଏତ ଏପରି କହିପାରିବା ଯେ, ସହଯୋଗ ଅଥବା କ୍ରିୟାର କ୍ଷେତ୍ରରେ ଗୋଟାଏ ପ୍ରକାରର ସୋପାନକ୍ରମ ବିଦ୍ୟମାନ ରହିଥାଏ : ଏକ ନକାରାତ୍ମକ ସହାୟତା ରହିଥାଏ, ଏକ ସକାରାତ୍ମକ ସହାୟତା ମଧ୍ୟ ରହିଥାଏ ।

ପ୍ରଥମତଃ, ଏପରି ଏକ ବାଟ ରହିଛି, ଯାହାକୁ କି ନକାରାତ୍ମକ ବୋଲି କୁହାଯାଇପାରିବ;– ବୌଦ୍ଧଧର୍ମ ଏବଂ ତତ୍ତୁଲ୍ୟ ଧର୍ମଗୁଡ଼ିକ ଆମକୁ ସେହି ବାଟଟିକୁ ଆଣି ବତାଇ ଦେଇଥିଲେ : ଆମେ ଏଗୁଡ଼ାକୁ କିଛି ଦେଖିବା ନାହିଁ । ପ୍ରଥମତଃ, ଆମେ ଶୁଦ୍ଧତା ଏବଂ ସୌନ୍ଦର୍ଯ୍ୟର ଏପରି ଏକ ଉନ୍ନତ ସ୍ଥିତିରେ ଯାଇ ରହିଥିବା ଯେ, ଆମେ ଆଦୌ କୌଣସି କୁତ୍ସିତତା ଏବଂ ମନ୍ଦକୁ ଦେଖି ବି ପାରୁ ନ ଥିବା,– ଏହା ଏପରି ଏକ ବସ୍ତୁ ହୋଇ ରହିବ, ଯାହାକି ତୁମକୁ ସ୍ପର୍ଶ ବି କରିପାରୁ ନ ଥିବ, କାରଣ ତାହା ତୁମ ଭିତରେ ମୋଟେ ବିଦ୍ୟମାନ ନ ଥିବ ।

ନକାରାତ୍ମକ ପ୍ରଣାଳୀଟି ଆପଣାର ପରିପୂର୍ଣ୍ଣତା ଦ୍ୱାରା ଏହିପରି ଏକ ସ୍ଥିତିର କଳ୍ପନା କରିଥାଏ । ଏହା ଅତ୍ୟନ୍ତ ସାଧାରଣ କଥା : ଆମେ କେବେହେଲେ ମନ୍ଦ ଦେଖିବା ନାହିଁ, ଅନ୍ୟମାନଙ୍କ ଭିତରେ ରହିଥିବା ମନ୍ଦ ବିଷୟରେ କେବେ କିଛିହେଲେ କହିବା ନାହିଁ, ଏଗୁଡ଼ିକର ଅବଲୋକନ, ସମାଲୋଚନା ଏବଂ ଯାହା ମନ୍ଦ, ତାହା ଉପରେ ଗୁରୁତ୍ୱ-ଆରୋପଣ ଦ୍ୱାରା ଏଗୁଡ଼ିକର ସ୍ପନ୍ଦନକୁ ସ୍ଥାୟୀ କରି ରଖିବା ଲାଗି ଆମେ ଆଦୌ କିଛି କହିବା ନାହିଁ । ବୁଦ୍ଧଦେବ ସେହି ଶିକ୍ଷା ଦେଇଯାଇଥିଲେ : ତୁମେ ଯେତେଥର କୌଣସି ମନ୍ଦ ବିଷୟରେ କିଛି କହିବାକୁ ଆରମ୍ଭ କରୁଛ, ସେପରି କରିବା ଦ୍ୱାରା ତୁମେ ତାହାର ପ୍ରସାରିତ ହୋଇଯିବାରେ ସହାୟତାହିଁ କରୁଛ ।

ମାତ୍ର ଏହି ସମାଧାନଟି ସମସ୍ୟାଟିର ଅସଲ ଗାରଗୁଡ଼ିକୁ ପ୍ରାୟ ସ୍ପର୍ଶହିଁ କରୁ ନାହିଁ ।

ତଥାପି ଏଇଟି ଅବଶ୍ୟ ଏକ ସାଧାରଣ ନିୟମ ହୋଇ ରହିବା ଉଚିତ । ମାତ୍ର ଯେଉଁମାନେ ସମାଲୋଚନା କରନ୍ତି, ସେମାନେ ଉତ୍ତର ଦେଇ କହିବେ, ''ମନ୍ଦକୁ ନ ଦେଖିବା ପର୍ଯ୍ୟନ୍ତ ତୁମେ କଦାପି ତାହାର ଆରୋଗ୍ୟବିଧାନ କରାଇପାରିବ ନାହିଁ । ଯଦି ତୁମେ କୌଣସି କୁତ୍ସିତ ବ୍ୟକ୍ତିକୁ ସେହିପରି କୁତ୍ସିତ ହୋଇ ରହିବାକୁ ଛାଡ଼ିଦେବ, ତେବେ

---

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର

ସିଏ ସେଥିରୁ କଦାପି ବାହାରି ଆସିପାରିବ ନାହିଁ।'' ଏକଥା ଆଦୌ ସତ ନୁହେଁ, ତଥାପି ସେମାନେ ଏହିପରି କହିହିଁ ନିଜ ଉକ୍ତିଟିର ଔଚିତ୍ୟ ପ୍ରମାଣିତ କରିଥା'ନ୍ତି । ତେଣୁ ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଏହି ଆପତ୍ତିଗୁଡ଼ିକର ମୁହଁକୁ ପ୍ରଥମରୁ ବନ୍ଦ କରିଦେବାକୁ ଇଚ୍ଛା କରିଛନ୍ତି : କୌଣସି ଅଜ୍ଞାନତା, ଅଚେତନତା ଅଥବା ଉପେକ୍ଷାଭାବ ଦ୍ୱାରା ପରିଚାଳିତ ହୋଇ ଯେ ତୁମେ ମନ୍ଦକୁ ଦେଖୁ ନାହଁ, ସେକଥା ଆଦୌ ନୁହେଁ;— ସେହି ମନ୍ଦକୁ ଦେଖିପାରିବା ଲାଗି ତୁମ ଭିତରେ ପୂର୍ଣ୍ଣ ସାମର୍ଥ୍ୟ ରହିଛି, ଏପରିକି ତୁମେ ତାହାକୁ ଅନୁଭବ ବି କରିପାରୁଛ; ମାତ୍ର, ସେଇଟି ପ୍ରତି ଧ୍ୟାନ ଦେଇ ଓ ତାହାକୁ ଆପଣା ଚେତନାର ସମର୍ଥନ ଦେଇ ତୁମେ ତାହାକୁ ଅଧିକ ଶକ୍ତିଶାଳୀ କରିବାକୁ ଏବଂ ତଦ୍ୱାରା ତାହାର ପ୍ରସାରିତ ହେବାରେ ସାହାଯ୍ୟ କରିବାକୁ ଆଦୌ ସମ୍ମତି ପ୍ରଦାନ କରୁ ନାହଁ । ଏବଂ, ଏହି କଥାଟିକୁ କରିପାରିବାକୁ ହେଲେ ତୁମକୁ ଏହି ବୋଧ ଏବଂ ଏହି ଅନୁଭବଟିର ଊର୍ଦ୍ଧ୍ୱରେହିଁ ରହିବାକୁ ପଡ଼ିବ; ଅର୍ଥାତ୍, ତୁମେ ମନ୍ଦଟିକୁ ବା କୁତ୍ସିତତାଟିକୁ ବେଶ୍ ଦେଖିପାରୁଥିବ ସତ, ମାତ୍ର ତାହା ଦ୍ୱାରା କୌଣସି ପ୍ରକାରେ ଆକ୍ରାନ୍ତ ହୋଇପଡୁ ନ ଥିବ, ତଦ୍ୱାରା ଆତଙ୍କିତ ହୋଇଉଠୁ ନ ଥିବ ଅଥବା ତାହା କୌଣସି ପ୍ରକାରେ ତୁମର ଶାନ୍ତିଭଙ୍ଗ କରୁ ନ ଥିବ । ତୁମେ ତାହାକୁ ଏପରି ଏକ ଉଚ୍ଚତାରେ ରହି ଦେଖିପାରୁଥିବ, ଯେଉଁଠାରେ କି ସେହି ବସ୍ତୁଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନ ଥିବ; ତଥାପି ତୁମେ ସେଗୁଡ଼ିକୁ ଅତ୍ୟନ୍ତ ସଚେତନ ଭାବରେ ଦେଖିପାରୁଥିବ । ସେଗୁଡ଼ିକ ଦ୍ୱାରା ଆଦୌ ଆକ୍ରାନ୍ତ ହେଉ ନ ଥିବ, ମୁକ୍ତ ହୋଇ ରହିଥିବ । ଏଇଟି ହେଉଛି ସର୍ବପ୍ରଥମ ସୋପାନ ।

ଦ୍ୱିତୀୟ ସୋପାନଟି ହେଉଛି ଯେ ତୁମେ **ସକାରାତ୍ମକ ଭାବରେ** ଯାବତୀୟ ବସ୍ତୁର ପଶ୍ଚାତରେ ରହିଥିବା ସେହି ସର୍ବୋଚ୍ଚ ପରମମଙ୍ଗଳ ଏବଂ ସର୍ବୋଚ୍ଚ ପରମ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଏକ ସଚେତନତା ଲାଭ କରିବ; ତୁମେ ସଚେତନ ଭାବରେ ଅନୁଭବ କରିବ ଯେ କେବଳ ସେଇ ଏହି ଯାବତୀୟ ବସ୍ତୁକୁ ସମ୍ଭବ କରି ରଖିଛି ଏବଂ ସେଗୁଡ଼ିକୁ ଅସ୍ତିତ୍ୱ ଧାରଣ କରି ରହିବା ଲାଗି ସମର୍ଥ କରାଉଛି । ତୁମେ ଯେତେବେଳେ ତାଙ୍କୁ ଦେଖିବ, ସେତେବେଳେ ତାଙ୍କୁ ଏହି ବହିରାବରଣ ଓ ଏହି ବିକୃତିର ପଶ୍ଚାତରେ ମଧ୍ୟ ଦେଖିବାକୁ ସମର୍ଥ ହେବ; ସେତେବେଳେ ଅନୁଭବ କରିବ ଯେ, ଏପରିକି ଏହି କୁତ୍ସିତତା, ଏହି ଦୁଷ୍ଟତା ଓ ଏହି ମନ୍ଦ ମଧ୍ୟ ଏପରି ଏକ ପରମ ବସ୍ତୁର ଛଦ୍ମରୂପ ଧାରଣ କରି ଅବସ୍ଥିତ ରହିଛି ଯାହାକି ମର୍ମତଃ ସୁନ୍ଦର, ବା ମର୍ମତଃ ଭଲ, ଜ୍ୟୋତିର୍ମୟ ଓ ଶୁଦ୍ଧ ।

ତା'ପରେ ଯାଇ **ଯଥାର୍ଥ** ସହଯୋଗର ପର୍ଯ୍ୟାୟଟି ଆସି ପହଞ୍ଚିବ, କାରଣ, ତୁମେ ଯେତେବେଳେ ଏହିପରି ଏକ ବୋଧ ଏବଂ ଏହିପରି ଏକ ଦୃଷ୍ଟି ଲାଭ କରିବ, ଯେତେବେଳେ ତୁମେ ସେହି ଚେତନାରେ ବାସ କରୁଥିବ, ସେତେବେଳେ ତାହା ତୁମକୁ

ପୃଥିବୀରୂପୀ ଏହି ଅଭିବ୍ୟକ୍ତି ମଧ୍ୟକୁ ବି ସେହି ଶକ୍ତିକୁ **ଆକର୍ଷିତ କରି ଆଣିବା ଲାଗି** ସମର୍ଥ ହେବ; ଯାହା ବର୍ତ୍ତମାନ ସବୁକିଛିକୁ ବିକୃତ କରିରଖିଛି ଓ ଏକ ଛଦ୍ମରୂପ ଦେଇ ରଖିଛି, ତୁମେ ତାହା ସହିତ ଏହି ଶକ୍ତିର ଏକ ସଂସ୍ପର୍ଶ ଘଟାଇବାକୁ ମଧ୍ୟ ସମର୍ଥ ହେବ, ଯେପରିକି ଏହି ବିକୃତି ଏବଂ ଏହି ଛଦ୍ମତା ପଶ୍ଚାତରେ ଅବସ୍ଥିତ ସେହି ପରମ ସତ୍ୟର ପ୍ରଭାବ ଦ୍ୱାରାହିଁ କ୍ରମଶଃ ରୂପାନ୍ତରିତ ହୋଇଯିବାକୁ ଆରମ୍ଭ କରିବ ।

ସହଯୋଗର ଆରୋହଣ-କ୍ରମରେ ଆମେ ଏହିପରି ଭାବରେହିଁ ସର୍ବୋଚ୍ଚ ଶିଖର ଦେଶରେ ଆସି ଉପନୀତ ହୋଇପାରିବା ।

ଏହିପରି ଭାବରେ, ବ୍ୟାଖ୍ୟାଟି ଭିତରକୁ ଭଲ ପାଇବା ତତ୍ତ୍ୱଟିର ପ୍ରବେଶ ଘଟାଇବା ଆଦୌ ଆବଶ୍ୟକ ହେବ ନାହିଁ । ମାତ୍ର, ଯଦି ତୁମେ ଏହି ରୂପାନ୍ତରକୁ ସମ୍ଭବ ଓ ସଂଘଟିତ କରାଉଥିବା ସେହି ପରମଶକ୍ତି ଅଥବା ପରମ ସାମର୍ଥ୍ୟଟିର ସ୍ୱଭାବକୁ ଜାଣିବା କିଂବା ବୁଝିବା ଲାଗି ଇଚ୍ଛା କରୁଥିବ,— ବିଶେଷ ଭାବରେ ମନ୍ଦ ଓ କେତେକ ପରିମାଣରେ କୁତ୍ସିତତା ବି ସମ୍ବନ୍ଧିତ ହୋଇ ରହିଥିବା କ୍ଷେତ୍ରରେ,— ତେବେ ତୁମେ ଦେଖିବାକୁ ପାଇବ ଯେ, ପ୍ରେମଶକ୍ତି ହେଉଛି ସକଳ ଶକ୍ତି ମଧ୍ୟରେ ସବୁଠାରୁ ଅଧିକ ସମ୍ଭାବନାମୟ ଓ ସବୁଠାରୁ ଅଧିକ ସମଗ୍ର — ଏହି ଅର୍ଥରେ ସମଗ୍ର ଯେ, ଯାବତୀୟ କ୍ଷେତ୍ରରେ ତାହାର ପ୍ରୟୋଗ କରାଯାଇପାରିବ । ଏପରିକି ତାହା ଶୁଦ୍ଧୀକରଣର ଶକ୍ତିଠାରୁ ଅଧିକ ଶକ୍ତିଶାଳୀ; ଶୁଦ୍ଧୀକରଣ ଯାବତୀୟ ଅସଦିଚ୍ଛାକୁ ଦୂରୀଭୂତ କରିଦିଏ ଏବଂ ସକଳ ପ୍ରତିକୂଳ ଶକ୍ତି ଉପରେ ଆପଣାର କର୍ତ୍ତୃତ୍ୱ ସ୍ଥାପନ କରିପାରେ ସତ, ମାତ୍ର ତଥାପି ତା' ଭିତରେ ପ୍ରତ୍ୟକ୍ଷ ଭାବରେ ରୂପାନ୍ତରିତ କରିଦେବାର ଶକ୍ତିଟି ଆଦୌ ଉପସ୍ଥିତ ନ ଥାଏ । ପରେ ରୂପାନ୍ତରକୁ ସମ୍ଭବ କରିବା ଲାଗି ଶୁଦ୍ଧୀକରଣର ଶକ୍ତିକୁ ଆଗ ବିଲୁପ୍ତ ହୋଇଯିବାକୁ ହୁଏ; ଆଉ ଗୋଟିଏ ଅଧିକ ଭଲ ଅବସ୍ଥାକୁ ସୃଷ୍ଟି କରିବା ଲାଗି ତାହା ଗୋଟିଏ ଅବସ୍ଥାକୁ ନଷ୍ଟ କରିଦିଏ । ମାତ୍ର ଭଲ ପାଇବାର ଶକ୍ତିକୁ କୌଣସି ରୂପାନ୍ତର ସାଧନ କରିବା ପାଇଁ ଆପଣାକୁ ଆଦୌ ବିଲୁପ୍ତ କରିଦେବାକୁ ପଡ଼େ ନାହିଁ । ତାହା ଭିତରେ ଅପରୋକ୍ଷ ଭାବରେହିଁ ରୂପାନ୍ତର କରିବାର ଶକ୍ତି ମହଜୁଦ ହୋଇ ରହିଥାଏ । ପ୍ରେମକୁ ଆମେ ଏପରି ଏକ ଅଗ୍ନିଶିଖା ରୂପେ ଗ୍ରହଣ କରିପାରିବା, ଯାହାକି ଯେକୌଣସି କଠିନ ପଦାର୍ଥକୁ କୋମଳ କରିଦିଏ ଏବଂ ଏପରିକି ସେଥିରେ ଏକ ଊର୍ଦ୍ଧ୍ୱପାତନ ଘଟାଇ ତାହାକୁ ଗୋଟିଏ ପ୍ରକାରର ବିଶୁଦ୍ଧୀକୃତ ବାଷ୍ପରେ ପରିଣତ କରିଦେଇଥାଏ । ତାହା କୌଣସି ପ୍ରକାରେ ନଷ୍ଟ କରେ ନାହିଁ, ରୂପାନ୍ତରିତ କରିଦିଏ ।

ଆପଣାର ମୂଳ ସାରସତ୍ତ୍ୱର କ୍ଷେତ୍ରରେ ପ୍ରେମ ଅଗ୍ନିର ଏକ ଶିଖା ପରି ହୋଇ ରହିଥାଏ; ଏପରି ଏକ ଶୁଭ୍ର ଶିଖା ହୋଇ ରହିଥାଏ, ଯାହାକି ଯାବତୀୟ ପ୍ରତିରୋଧକୁ

ଲଙ୍ଘନ କରିଯାଏ । ତୁମେ ସ୍ୱୟଂ ଏହି କଥାଟିକୁ ଅନୁଭବ କରିପାରିବ : ତୁମର ସତ୍ତାରେ ଯାହାକିଛି ଅସୁବିଧା ରହିଥାଉ ପଛକେ, ଭ୍ରମ, ଅଜ୍ଞାନ, ଅସମର୍ଥତା ଏବଂ ଅସଦିଚ୍ଛା ଏକତ୍ର ସଂଗୃହୀତ ହୋଇ ସେଠାରେ ଯେତେବଡ଼ ବୋଝ ସୃଷ୍ଟି କରି ରଖିଥା'ନ୍ତୁ ପଛକେ ଏହି ଶୁଦ୍ଧ, ଯଥାର୍ଥ ଏବଂ ସର୍ବୋଚ୍ଚ ପ୍ରେମର ମାତ୍ର ଗୋଟିଏ କ୍ଷଣ ହିଁ ତାହାକୁ ଏକ ସର୍ବଶକ୍ତିଶାଳୀ ଅଗ୍ନିଶିଖା ପରି ପୋଡ଼ି ଭସ୍ମ କରିଦେଇପାରିବ । ଗୋଟାଏ କ୍ଷଣରେହିଁ ଏହିପରି ଭାବରେ ଏକ ସମଗ୍ର ଅତୀତ କୁଆଡ଼େ ଅନ୍ତର୍ହିତ ହୋଇଯିବ । ଏହିପରି ଗୋଟିଏ ମାତ୍ର ମୁହୂର୍ତ୍ତରେହିଁ ତୁମେ ତାହାକୁ ଯଥାର୍ଥ ସ୍ଥାନରେ ଯାଇ ସ୍ପର୍ଶ କରି ପାରିବ ଏବଂ ତଦ୍ୱାରା ଗୋଟାଏ ସମୁଦାୟ ବୋଝ କୁଆଡ଼େ ଅନ୍ତର୍ହିତ ହୋଇଯିବ ।

ଏବଂ, ଯେଉଁ ବ୍ୟକ୍ତିର ଏହି ଅନୁଭୂତିଟି ରହିଛି, ସିଏ କିପରି ତାହାକୁ ପ୍ରସାରିତ କରିଦେଇପାରିବ ଏବଂ ଅନ୍ୟମାନଙ୍କ ଉପରେ କ୍ରିୟା କରିପାରିବ, ସେକଥା ବୁଝାଇ କହିପାରିବା ବଡ଼ ସହଜ । କାରଣ, ସେହି ଅନୁଭୂତିଟିକୁ ଲାଭ କରିବାକୁ ହେଲେ, ତୁମକୁ ଏହି ସମଗ୍ର ସୃଷ୍ଟି-ରୂପାୟଣର ସେହି ଅଦ୍ୱିତୀୟ ଓ ସର୍ବୋଚ୍ଚ ପରମସାରଟିକୁ ସ୍ପର୍ଶ କରିବାକୁ ପଡ଼ିବ; ଜଗତ୍ ବୋଲି ଯାହାକିଛି ଅବସ୍ଥିତ ରହିଛି,  ତାହାର ଯଥାର୍ଥ ଉତ୍ସ, ଯଥାର୍ଥ ସାର, ଯଥାର୍ଥ ଉତ୍ପତ୍ତିସ୍ଥଳ ଓ ଯଥାର୍ଥ ସତ୍ୟକୁ ସ୍ପର୍ଶ କରିବାକୁ ହେବ;— ତା'ପରେ ଆଉ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଆଦୌ କୌଣସି ବିଚ୍ଛିନ୍ନତା  ରହିବ ନାହିଁ, କେବଳ ସେହି ଗୋଟିଏ ମାତ୍ର ସ୍ପନ୍ଦନ ରହିଥିବ ଯାହାର କି ବାହ୍ୟ ରୂପଗ୍ରହଣର ଭୂମିରେ ଅନନ୍ତ ପ୍ରକାରେ ପୁନରାବୃତ୍ତି କରି ହେଉଥିବ ।*

ଯଦି ତୁମେ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିପାରିବ, ତେବେ ତୁମେ ଯାବତୀୟ ବସ୍ତୁର ଅନ୍ତର ଭିତରେ ମଧ୍ୟ ଯାଇ ପ୍ରବେଶ କରିପାରିବ । ଏବଂ, ଏହି ହୃଦୟ ମଧ୍ୟରେ ଯାହା କିଛିର ରୂପାୟଣ ସଂଘଟିତ ହୋଇଛି, ତାହା ସକଳ ବସ୍ତୁ ମଧ୍ୟରେ ବି ରୂପାୟଣ ଲାଭ କରିପାରିବ । ତାହା ହେଉଛି ସେହି ମହାନ୍ ରହସ୍ୟ, ଏକ ବ୍ୟକ୍ତିର ଆକାରରୂପେ ଦିବ୍ୟ ଅବତାରଗ୍ରହଣର ରହସ୍ୟ । କାରଣ, ଏହି କ୍ଷେତ୍ରର ସାଧାରଣ ଧାରାଟି ଅନୁସାରେ, କେନ୍ଦ୍ରସ୍ଥଳରେ ଯାହାର ରୂପାୟଣ ଘଟୁଛି, ବ୍ୟକ୍ତିରୂପାୟଣଟିର ଇଚ୍ଛା ଜାଗ୍ରତ ହୋଇ ତାହା ପ୍ରତି ନିଜର ଅନୁସ୍ପନ୍ଦନ ଜଣାଇପାରିଲେ ଯାଇ ତାହା ବାହ୍ୟ ରୂପରେ ମଧ୍ୟ ଉପଲବ୍ଧ

---

*ପରେ ଶିଷ୍ୟଜଣକ ମାଆଙ୍କୁ ପଚାରିଥିଲେ : ''ଏହା କ'ଣ ପ୍ରକୃତରେ ସେହି ଗୋଟିଏ ମାତ୍ର ସ୍ପନ୍ଦନ ଯାହାର କି ଅନନ୍ତ ପ୍ରକାରେ ପୁନରାବୃତ୍ତି କରାଯାଇ **ପାରିବ** ନା ଯାହା ଅନନ୍ତ ପ୍ରକାରେ ସ୍ୱୟଂ ଆପଣାର **ପୁନରାବୃତ୍ତି କରିବାରେ ଲାଗିଛି ?''** ମାଆ ଉତ୍ତର ଦେଇଥିଲେ : ''ଏକାବେଳେକେ କେତୋଟି ଅର୍ଥରେ ମୁଁ କଥାଟି କହିଥିଲି । ଏହି ଗୋଟିଏ ମାତ୍ର ସ୍ପନ୍ଦନ ସର୍ବତ୍ର ସ୍ଥିର ହୋଇରହିଛି; ମାତ୍ର ଯେତେବେଳେ ଆମେ ସଚେତନ ଭାବରେ ତାହାକୁ ଉପଲବ୍ଧି କରୁଛୁ, ସେତେବେଳେ ଆମେ

ହୋଇପାରୁଛି । ମାତ୍ର, ଯଦି ସେହି କେନ୍ଦ୍ରସ୍ଥ ପରମ ଇଚ୍ଛାର କୌଣସି ବ୍ୟକ୍ତିସତ୍ତା ମଧ୍ୟରେ ସତତ ଓ ସ୍ଥାୟୀ ଭାବରେ ପ୍ରତିରୂପାୟଣ ଘଟିପାରୁଛି, ତେବେ ସେହି ବ୍ୟକ୍ତିସତ୍ତା ଏହି ପରମ ଇଚ୍ଛା ଏବଂ ଅନ୍ୟ ସକଳ ସତ୍ତା ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସଂଯୋଜକ ରୂପେ କାର୍ଯ୍ୟ କରିପାରୁଛି ଓ ସେମାନଙ୍କ ଲାଗି ଇଚ୍ଛା ମଧ୍ୟ କରିପାରୁଛି । ଏହି ବ୍ୟକ୍ତିସତ୍ତାଟି ଆପଣାର ଚେତନାରେ ଯାହାକିଛିର ବୋଧ ଲାଭ କରୁଛି ଓ ସେହି ସର୍ବୋଚ୍ଚ ପରମ ଇଚ୍ଛାଙ୍କ ନିକଟରେ ଯାହାକିଛି ଲାଗି ନିବେଦନ କରିପାରୁଛି, ସତେଅବା ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ତାହା ଉଚ୍ଚାରିତ ହୋଇ ଆସିଥିବା ପରି ତାହାର ପୂରଣ ହୋଇଯାଇ ପାରୁଛି । ଏବଂ, ଯଦି କୌଣସି କାରଣ ହେତୁ ଏହି ବ୍ୟକ୍ତି-ଉପାଦାନମାନଙ୍କର ସେହି ପ୍ରତିନିଧିସ୍ୱରୂପ ସତ୍ତାଟି ସହିତ ଅଳ୍ପବହୁତ ପରିମାଣରେ ଏକ ସଚେତନ ଏବଂ ସ୍ୱେଚ୍ଛାପ୍ରେରିତ ସମ୍ବନ୍ଧ ଅବସ୍ଥିତ ରହିଛି, ତେବେ ତଦ୍ଦ୍ୱାରା ସେହି ପ୍ରତିନିଧିସ୍ୱରୂପ ବ୍ୟକ୍ତିର କର୍ମସମର୍ଥତା ଏବଂ ଫଳଦାୟକତାରେ ମଧ୍ୟ ବୃଦ୍ଧି ସାଧିତ ହେଉଛି; ଏବଂ, ଏହିପରି ଭାବରେ ସର୍ବୋଚ୍ଚ ପରମ କ୍ରିୟା ଜଡ଼ର ଭୂମି ଉପରେ ଅନେକ ଅଧିକ ମୂର୍ତ୍ତ ଏବଂ ଦୀର୍ଘସ୍ଥାୟୀ ଭାବରେ କାର୍ଯ୍ୟ କରିପାରୁଛି । ଚେତନାର ଏହିସବୁ ଅବତରଣ ପଶ୍ଚାତରେ ଏହି କାରଣଟି ନିହିତ ହୋଇ ରହିଛି,— ଏହାକୁ ଆମେ ଗୋଟିଏ ଗୋଟିଏ ''ଧ୍ରୁବିତ'' ଅବତରଣ ବୋଲି ବେଶ୍ ବର୍ଣ୍ଣନା କରି କହିପାରିବା, କାରଣ, ସେଗୁଡ଼ିକ ସର୍ବଦା ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସହିତହିଁ ସଂସାରକୁ ଆସିଥା'ନ୍ତି, ଏକ ବିଶେଷ ଉପଲବ୍ଧିର ଅଭିପ୍ରାୟକୁ ଧାରଣ କରି ଆସିଥା'ନ୍ତି । ଅବତାର-ଗ୍ରହଣ ପୂର୍ବରୁହିଁ ସେହି ବିଶେଷ ଅଭିପ୍ରାୟ ବା ଉଦ୍ଦେଶ୍ୟଟି ବିଷୟରେ ନିଷ୍ପତ୍ତି ହୋଇ ସାରିଥାଏ । ଏଗୁଡ଼ିକ ପୃଥିବୀପୃଷ୍ଠରେ ସେହି ସର୍ବୋଚ୍ଚ ଅବତାର-ଗ୍ରହଣର ଗୋଟିଏ ଗୋଟିଏ ମହାନ୍ ପର୍ଯ୍ୟାୟରୂପେ କାର୍ଯ୍ୟ କରିଥା'ନ୍ତି ।

ଏବଂ, ଯେତେବେଳେ ସର୍ବୋଚ୍ଚ ପ୍ରେମର ପ୍ରକାଶ ହେବାର, ଅର୍ଥାତ୍ ସେହି ସର୍ବୋଚ୍ଚ ପ୍ରେମର ଆକାରୀଭୂତ ଓ ସଂକେନ୍ଦ୍ରିତ ଅବତରଣ ଦିନ ଆସି ଉପନୀତ ହେବ, ସେତେବେଳେ ତାହାକୁହିଁ ଯଥାର୍ଥରେ ରୂପାନ୍ତରର ମୁହୂର୍ତ୍ତ ବୋଲିହିଁ କୁହାଯିବ । କାରଣ ସେତେବେଳେ କେହିହେଲେ ତାହାର ପ୍ରତିରୋଧ କରିପାରିବେ ନାହିଁ ।

---

ତାହାକୁ ଯେଉଁଠାକୁ ପରିଚାଳିତ କରିନେଇପାରୁଛୁ, ଆମଠାରେ ତାହାକୁ ସେଠାରେ ମଧ୍ୟ ସକ୍ରିୟ କରାଇ ପାରିବାର ସାମର୍ଥ୍ୟ ଉପଲବ୍ଧ ହୋଇପାରୁଛି । ଅର୍ଥାତ୍, ଆମେ ପ୍ରକୃତରେ କୌଣସି ପ୍ରକାର ସ୍ଥାନାନ୍ତରଣ କରୁ ନାହୁଁ, ମାତ୍ର ଚେତନାର ଚାପ ତାହାକୁ ସକ୍ରିୟ କରିଦେଇ ପାରୁଛି; ଆମେ ଆମର ଚେତନାକୁ ଯେଉଁଠାକୁ ପରିଚାଳିତ କରିନେଇ ପାରୁଛୁ, ସେହି ଚେତନା ତାହାକୁ ସେଠାରେ ମଧ୍ୟ ସକ୍ରିୟ କରିଦେଇ ପାରୁଛି ।''

ମାତ୍ର ତାହା ସର୍ବଶକ୍ତିମାନ୍ ହୋଇଥିବାରୁ, ଯେପରିକି ତାହାର ଅବତରଣର ପରିଣାମ ଦ୍ୱାରା କୌଣସି ଧ୍ୱଂସ ସଂଘଟିତ ନ ହୁଏ, ସେଥିଲାଗି ଏହି ଧରଣୀପୃଷ୍ଠରେ କେତେ ପରିମାଣରେ ଏକ ଗ୍ରହଣଶୀଳତାକୁ ପ୍ରସ୍ତୁତ କରି ଆଣିବାକୁ ହେବ । ଆପଣାର ଗୋଟିଏ ପତ୍ରରେ ଶ୍ରୀଅରବିନ୍ଦ ସେହି କଥାଟିର ବ୍ୟାଖ୍ୟା କରି ଦେଇଛନ୍ତି । ''ସଙ୍ଗେ ସଙ୍ଗେ ତାହାର ଆଗମନ ଘଟୁ ନାହିଁ କାହିଁକି ?'' ବୋଲି ତାଙ୍କୁ କେହି ପ୍ରଶ୍ନ କରିଥିଲେ । ସିଏ ପ୍ରାୟ ଏହିପରି ଏକ ମର୍ମରେ ତାହାର ଉତ୍ତର ଦେଇଥିଲେ : ଯଦି ଆପଣାର ଯଥାର୍ଥ ସାର ସତ୍ତ୍ୱରେ ଦିବ୍ୟପ୍ରେମ ଆପଣାକୁ ଏହି ପୃଥ୍ୱୀପୃଷ୍ଠରେ ପ୍ରକାଶିତ କରିଦେବ, ତେବେ ତାହା ପ୍ରକୃତରେ ଗୋଟିଏ ବୋମାର ବିସ୍ଫୋରଣ ଘଟିଲା ପରି ହେବ । କାରଣ, ଏହି ପ୍ରେମର ପ୍ରସ୍ଥଗୁଡ଼ିକ ଲାଗି ଆପଣାକୁ ଯଥାର୍ଥ ଭାବରେ ପ୍ରଶସ୍ତକରି ରଖିବା ଲାଗି ପୃଥିବୀ ଏପର୍ଯ୍ୟନ୍ତ ଆବଶ୍ୟକ ପରିମାଣରେ ଆଦୌ ନମନୀୟ ଅଥବା ଗ୍ରହଣଶୀଳ ହୋଇପାରି ନାହିଁ । ତା'ଲାଗି ଯେ କେବଳ ଉନ୍ମୋଚିତ ହୋଇଯିବାର ଏକ ଆବଶ୍ୟକତା ରହିଛି ତା' ନୁହେଁ, ଆପଣାକୁ ପ୍ରଶସ୍ତ କରିଦେବାର ଏବଂ ଆହୁରି ଅଧିକ ନମନୀୟ ହୋଇପାରିବାର ଆବଶ୍ୟକତା ମଧ୍ୟ ରହିଛି । ଏହି ଜଡ଼ଭୂମି ଏପର୍ଯ୍ୟନ୍ତ ଅତ୍ୟନ୍ତ କଠିନ ହୋଇ ରହିଛି । ଏବଂ ଏପରିକି, ଏହି ଭୌତିକ ଚେତନାର ଉପାଦାନଟି,— କେବଳ ସବୁଠାରୁ ଅଧିକ ଜଡ଼ଧର୍ମୀ ହୋଇ ରହିଥିବା ଜଡ଼ଭୂମିଟି ନୁହେଁ, ମାତ୍ର ଜଡ଼ଗତ ଚେତନାର ଉପାଦାନଟି ମଧ୍ୟ ଅତ୍ୟନ୍ତ ପରିମାଣରେ କଠିନ ଓ ନମନୀୟତାହୀନ ହୋଇରହିଛି ।

ଜାନୁଆରି, ୧୯୬୧

**୫୦. ପାପୀକୁ ଘୃଣା କରିବା ହେଉଛି ଗର୍ହିତତମ ପାପ; କାରଣ, ତାହା ହେଉଛି ସ୍ୱୟଂ ପରମେଶ୍ୱରଙ୍କୁ ଘୃଣା କରିବା ସହ ସମାନ । ତଥାପି ଯେଉଁ ବ୍ୟକ୍ତି ସେହିପରି କରେ, ସିଏ ଏହାକୁ ତା'ର ମହତ୍ତର ପୁଣ୍ୟର ଗୌରବରୂପେ ଦେଖାଇ ହୁଏ ।**

*ଯେତେବେଳେ ଆମେ ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ପ୍ରବେଶ କରିପାରୁ, ସେତେବେଳେ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଥାଉ ଯେ, ଆମ ଭିତରେ ଯାହା ମନ ତାହା କରିବା ପାଇଁ ମଧ୍ୟ ସାମର୍ଥ୍ୟ ରହିଛି, ଏବଂ ବସ୍ତୁତଃ, ଏପରି କୌଣସି ଗୋଟିଏ ହେଲେ ''ପାପକାର୍ଯ୍ୟ'' ନାହିଁ, ଯାହାକୁ କି ଆମେ ସ୍ୱୟଂ କରିପାରି ନ ଥାନ୍ତେ । ଏହିପରି ଏକ ଧାରଣା କେତେଦୂର ଠିକ୍ ? ମାତ୍ର ତଥାପି, କେତେକ ନିର୍ଦ୍ଦିଷ୍ଟ କର୍ମ ଓ ଆଚରଣ*

*ବିରୋଧରେ ଆମେ ବିଦ୍ରୋହ ଘୋଷଣା କରୁ ଏବଂ ସେଗୁଡ଼ିକ ପ୍ରତି ଏକ ଘୃଣାଭାବ ଅନୁଭବ କରିଥାଉ । ସର୍ବତ୍ର ସର୍ବଦା ଏପରି କିଛି ଅବଶ୍ୟ ରହିଥାଏ, ଯାହାକୁ କି ଆମେ ଆଦୌ ସ୍ୱୀକାର କରିପାରୁ ନାହିଁ । ଏପରି କାହିଁକି ହୁଏ ? ପାପ ବା ଅନୁଚିତ ଆଚରଣ ପ୍ରତି ଯଥାର୍ଥ ଓ ଫଳପ୍ରଦ ଦୃଷ୍ଟିକୋଣ କ'ଣ ହେବା ଉଚିତ ?**

ଏପରି କୌଣସି ଗୋଟିଏ ପାପକାର୍ଯ୍ୟ ନାହିଁ, ଯାହାକି ଆମ ଦ୍ୱାରା ଆଦୌ ସମ୍ଭବ ହୋଇ ନ ଥାନ୍ତା ।... ତୁମର ଏପରି ଅନୁଭୂତି ନିଶ୍ଚୟ ଥିବ ଯେ, ଯେତେବେଳେ କୌଣସି ନା କୌଣସି କାରଣ ହେତୁ,– ଏହା ସେହି ନିର୍ଦ୍ଦିଷ୍ଟ ଘଟଣାଟି ଉପରେ ନିର୍ଭର କରୁଥିବ– ଯେତେବେଳେ ତୁମ ଜୀବନରେ ବିଶ୍ୱଚେତନା ସହିତ ମଧ୍ୟ ଏକ ସଂସ୍ପର୍ଶ ଘଟୁଥିବ– ତାହାର ସେହି ଅସୀମ ମର୍ମଗତ ଅର୍ଥରେ ନୁହେଁ, ମାତ୍ର ଜଡ଼ସ୍ଥ ଜୀବନର ଯେକୌଣସି ସ୍ତରରେ ଏହି ସଂସ୍ପର୍ଶଟି ହେଉଥିବ । ଏକ ଅଣୁଗତ ଚେତନା ରହିଛି; ସଂପୂର୍ଣ୍ଣ ବିଶୁଦ୍ଧ ଏକ ଜଡ଼ଚେତନା ମଧ୍ୟ ରହିଛି; ଏବଂ, ଆହୁରି ଅଧିକ ବାଟଯାଇ କହିଲେ, ଏପରିକି ଏକ ମନୋଭୂମିଗତ ଚେତନା ବି ରହିଛି । ଏବଂ ଯେତେବେଳେ, ଆପଣା ଅହଂକୁ ପ୍ରତ୍ୟାହୃତ କରିନେଇ ତୁମେ ଆପଣା ଭିତରକୁ ପ୍ରବିଷ୍ଟ ହୋଇ ରହିଥାଅ, ସେତିକିବେଳେହିଁ ତୁମେ ଚେତନାର ଏହି କ୍ଷେତ୍ରଟିର ସଂସ୍ପର୍ଶରେ ଆସିଥାଅ,– ତାହାକୁ ଆମେ ହୁଏତ ଏକ ଜାଗତିକ ଅଥବା ସାମୂହିକ ମନୁଷ୍ୟ-ମନୋଭୂମିଗତ କ୍ଷେତ୍ର ବୋଲି କହିପାରିବା । ଏଠାରେ ଦୁଇଟି ମଧ୍ୟରେ ଏକ ପାର୍ଥକ୍ୟ ବି ରହିଛି, ''ସାମୂହିକ ମନୁଷ୍ୟଭୂମି'' କହିଲେ ତାହା ମନୁଷ୍ୟର ଆୟତନ ମଧ୍ୟରେହିଁ ସୀମିତ ହୋଇ ରହୁଛି, ମାତ୍ର, ଅନ୍ୟ ପକ୍ଷରେ, ''ଜାଗତିକ'' କହିଲେ ବହୁସଂଖ୍ୟକ ଇତରପ୍ରାଣୀଗତ, ଏପରିକି ଉଦ୍ଭିଦ ଜୀବନଗତ ଅନେକ କ୍ରିୟାକଳାପ ମଧ୍ୟ ସେଥିରେ ଆସି ଅନ୍ତର୍ଭୁକ୍ତ ହୋଇଯାଉଛି । ମାତ୍ର, ବର୍ତ୍ତମାନ ଆମେ ଯେପରି କଥାଟିଏ ଆଲୋଚନା କରୁଛୁ, ସେଥିରେ ଆମେ ସହଜରେ ବୁଝିପାରିବା ଯେ, ଅପରାଧ, ପାପ ଏବଂ ଖରାପ ପ୍ରଭୃତିର ନୈତିକ ଧାରଣାଟି ସଂପୂର୍ଣ୍ଣ ଭାବରେ କେବଳ ମନୁଷ୍ୟର ଚେତନା କ୍ଷେତ୍ରରେହିଁ ସୀମାବଦ୍ଧ ହୋଇ ରହିଛି,– ଏଠାରେ ଆମେ ତାହାକୁ ସାମୂହିକ ମନୁଷ୍ୟଭୂମିଗତ ଚେତନା ବୋଲି କହିପାରିବା । ଏହିଭଳି ଏକାତ୍ମକତା ଫଳରେ ଯେତେବେଳେ ତୁମେ ସେହି ଭୂମିଟିର ସଂସ୍ପର୍ଶରେ ଆସିଥାଅ, ସେତେବେଳେ ତୁମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏଭଳି ଅନୁଭବ କରିଥାଅ ଯେ, ଯେକୌଣସି ସ୍ଥାନରେ ସମ୍ଭବ ହେଉଥିବା ମନୁଷ୍ୟର

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର

ଯେକୌଣସି ଆଚରଣ ମଧ୍ଯ ତୁମ ଦ୍ୱାରା ବେଶ୍ ସମ୍ଭବ ହୋଇପାରିବ । ଏହାକୁ କେତେକ ପରିମାଣରେ ଏକ ସତ୍ୟ-ଚେତନା ବୋଲି କୁହାଯିବ,— କେଉଁଟି ତୁମର ଓ କେଉଁଟି ତୁମର ନୁହେଁ, ତୁମେ କ'ଣସବୁ କରିପାରିବ ଓ କ'ଣସବୁ କରି ନ ପାରିବ,— ସେତେବେଳେ ଏହିସବୁ ଯାବତୀୟ ଅହଂପ୍ରଣୋଦିତ ବୋଧ ତୁମଠାରୁ ଅନ୍ତର୍ହିତ ହୋଇ ଯାଇଥାଏ । ସେତେବେଳେ ତୁମେ ସଜ୍ଞାନ ହେବାକୁ ଲାଗ ଯେ, ମନୁଷ୍ୟଚେତନାର ମୌଳିକ ଭୂମିରେ ତାହା ଏପରି ଭାବରେ ଗଠିତ ହୋଇ ରହିଛି, ଯାହାଦ୍ୱାରା କି ଯେକୌଣସି ଆଚରଣ ଦେଖାଇ ପାରିବାକୁ ମଧ୍ଯ ଯେକୌଣସି ମନୁଷ୍ୟବ୍ୟକ୍ତିର ସାମର୍ଥ୍ୟ ରହିଛି । ଏବଂ, ସେତେବେଳେ ତୁମେ ଏକ ସତ୍ୟ-ଚେତନାରେ ଅବସ୍ଥିତ ହୋଇ ରହିଥିବାରୁ, ତୁମର ଯୁଗପତ୍ ଭାବରେ ଏଭଳି ଏକ ଅନୁଭବ ମଧ୍ଯ ହୋଇଥାଏ ଯେ, କୌଣସି କଥାର ବିଚାର କରି ତାହା ବିଷୟରେ ମନ୍ତବ୍ୟ ପ୍ରକାଶ କରିବା, କୌଣସି କିଛିକୁ ଘୃଣା କରିବା, ପ୍ରତ୍ୟାଖ୍ୟାନ କରିବା,— ଏଗୁଡ଼ିକ ପଛରେ ଆଦୌ କୌଣସି ସମୀଚୀନତା ନାହିଁ । ସେହି କ୍ଷେତ୍ରରେ ଗୋଟିଏ ଗୋଟିଏ ସମ୍ଭାବନାରୂପେ **ସବୁକିଛି** ମହଜୁଦ ହୋଇ ରହିଛି । ଏବଂ, ଯଦି ଶକ୍ତିର ଏକ ନିର୍ଦ୍ଦିଷ୍ଟ ପ୍ରବାହ— ଯାହାର କି ତୁମେ କୌଣସି ସଙ୍କେତ ପାଉ ନ ଥାଅ, କେବଳ ସେଗୁଡ଼ିକୁ ଆସୁଥିବାର ଏବଂ ଚାଲି ଯାଉଥିବାର ଦେଖିବାରେ ଲାଗିଥାଅ ସତ, ସେଗୁଡ଼ିକର ଉତ୍ପତ୍ତି ଏବଂ ଗତିଦିଗ ତୁମ ପାଖରେ ନିୟମତଃ ଅଜ୍ଞାତ ହୋଇ ରହିଥାନ୍ତି— ଯଦି ଏହିପରି ଗୋଟିଏ ପ୍ରବାହ ତୁମଭିତରେ ଆସି ପ୍ରବେଶ କରେ, ତେବେ ତାହା ତୁମକୁ ଯାହାକିଛି କରିବା ଲାଗି ମଧ୍ଯ ପ୍ରବୃତ୍ତ କରିପାରେ ।

ଯଦି ତୁମେ ସବୁବେଳେ ସେହିଭଳି ଗୋଟିଏ ଚେତନାର ସ୍ଥିତିରେ ବାସ କରିପାରନ୍ତ, ତେବେ, କିୟତ୍କାଳ ପରେ,— ଯଦି ତୁମ ଭିତରେ ସେହି ଶିଖାଟି, ଶୁଦ୍ଧୀକରଣ ଏବଂ ଅଗ୍ରଗତିସାଧନର ସେହି ଅଗ୍ନିଶିଖା ପ୍ରଜ୍ୱଳିତ ହୋଇ ରହିଥାଏ,— ତେବେ ଏହି ଗତିସ୍ପନ୍ଦନଗୁଡ଼ିକୁ ତୁମ ଭିତରେ କୌଣସି ସକ୍ରିୟ ଆକାର ଗ୍ରହଣ କରିବାରୁ ଓ କୌଣସି ମୂର୍ତ୍ତ ରୂପରେ ଅଭିବ୍ୟକ୍ତ ହେବାରୁ ଯେ ତୁମେ କେବଳ ନିବୃତ୍ତ କରି ରଖିପାରିବ ତା' ନୁହେଁ, ମାତ୍ର ତୁମେ ଗତିସ୍ପନ୍ଦନଟିର ମୌଳିକ ପ୍ରକୃତି ଉପରେ ମଧ୍ଯ କାର୍ଯ୍ୟ କରିପାରିବ ଏବଂ ସେଥିରେ ଏକ ରୂପାନ୍ତର ବି ସମ୍ଭବ କରିପାରିବ । ମାତ୍ର, ଅବଶ୍ୟ ଏକଥା ମଧ୍ଯ ସତ ଯେ, ଯଦି ତୁମେ ଉପଲବ୍ଧିର ଏକ ଅତ୍ୟନ୍ତ ଉଚ୍ଚ ସୀମାକୁ ସ୍ପର୍ଶ କରି ନ ଥାଅ, ତୁମ ପକ୍ଷରେ ଚେତନାର ସେହି ସ୍ଥିତିଟିକୁ ଦୀର୍ଘକାଳ ପର୍ଯ୍ୟନ୍ତ ବଜାୟ ରଖିବା ବସ୍ତୁତଃ ମୋଟେ ସମ୍ଭବ ହେବ ନାହିଁ । ତାହାର ପ୍ରାୟ ଅବ୍ୟବହିତ ପରେହିଁ ତୁମେ ବିଚ୍ଛିନ୍ନ ଆତ୍ମସତ୍ତାର ସେହି ଅହଂପ୍ରଣୋଦିତ ଚେତନା ଭିତରକୁ ଖସି ଆସିବ । ଏବଂ ତା'ପରେ ଯାବତୀୟ ଅସୁବିଧା ଆସି ହାବୁଡ଼ି ଯିବାକୁ ଆରମ୍ଭ କରିବ : ଏକ ବିରକ୍ତିଭାବ ଆସି ଉପସ୍ଥିତ ହେବ,

କେତେକ ବିଷୟ ବିରୋଧରେ ବିଦ୍ରୋହ କରିବାକୁ ଇଚ୍ଛା ହେବ, ସେଗୁଡ଼ିକ ତୁମ ଭିତରେ ନାନା ଭୟ ନିଷ୍ପନ୍ନ କରିବାରେ ଲାଗିଥିବେ, ଇତ୍ୟାଦି, ଇତ୍ୟାଦି ।

ଏହା ସମ୍ଭବ ଯେ,— ଏହାକୁ ତୁମେ ନିଶ୍ଚିତ ବୋଲି ବି କହିପାରିବ— ତୁମ ନିଜର ଯେପର୍ଯ୍ୟନ୍ତ ଏକ ପୂର୍ଣ୍ଣ ରୂପାନ୍ତର ନ ଘଟିଛି, ସେପର୍ଯ୍ୟନ୍ତ ବିରକ୍ତି ଏବଂ ବିଦ୍ରୋହର ଏକ ଆବଶ୍ୟକତା ରହିଥିବ, ଯେପରିକି, ଦ୍ଵାରଟିକୁ ବନ୍ଦ କରିଦେବା ପାଇଁ ଯାହା କରାଯିବା ଉଚିତ, ତାହାକୁ ତୁମେ **ନିଜ ଭିତରେ**ହିଁ କରିପାରିବ । କାରଣ, ଅସଲ କଥା ହେଉଛି ଯେ, ସେଗୁଡ଼ିକୁ ଆପଣାକୁ ଅଭିବ୍ୟକ୍ତ ହେବା ଲାଗି ବାଟ ଛାଡ଼ି ନ ଦେବା, ତାହାହିଁ ପ୍ରଧାନ ସମସ୍ୟା ।

ଆଉ ଗୋଟିଏ ସୂତ୍ରରେ ଶ୍ରୀଅରବିନ୍ଦ କହିଛନ୍ତି,— ଅବିକଳ ଶବ୍ଦଗୁଡ଼ିକ ମୋ'ର ଆଉ ମନେପଡୁ ନାହିଁ— ଯେ, ପାପକୁ ଆମେ ଏପରି ଏକ ବସ୍ତୁ ବୋଲି କହିବା, ଯାହାକି, ଆପଣାର ଉପଯୁକ୍ତ ସ୍ଥାନରେ ନ ଥାଏ ବୋଲି ପାପ ପରି ଦିଶୁଥାଏ ଓ କାର୍ଯ୍ୟ କରୁଥାଏ । ଏହି ଚିରନ୍ତନ ସମ୍ଭୂତିର ପ୍ରକ୍ରିୟା ମଧ୍ୟରେ, କେବେହେଲେ କୌଣସି କଥାର ପୁନରାବୃତ୍ତି ହୁଏ ନାହିଁ, ଏବଂ, ଏପରି ବି କୁହାଯାଇପାରେ ଯେ, ଅନେକ ବସ୍ତୁ ଅତୀତ ମଧ୍ୟକୁ ଅନ୍ତର୍ହିତ ବି ହୋଇଯାଇଥାନ୍ତି । ଏବଂ, ଯେତେବେଳେ ସେଗୁଡ଼ିକର ଅନ୍ତର୍ହିତ ହୋଇଯିବାଟା ପ୍ରକୃତରେ ଆବଶ୍ୟକ ହୋଇପଡ଼ିଥାଏ, ସେତେବେଳେ ଆମର ଏହି ସୀମିତ ଚେତନାର ଦୃଷ୍ଟିରେ ଏଗୁଡ଼ିକ ମନ୍ଦ ଏବଂ ଅରୁଚିକର ବୋଲି ପ୍ରତୀତ ହୋଇଥାନ୍ତି । ସେତେବେଳେ ଆମେ ସେଗୁଡ଼ିକ ବିରୋଧରେ ବିଦ୍ରୋହ କରୁ, କାରଣ ସେଗୁଡ଼ିକର ସମୟ ଅତୀତ ହୋଇ ଯାଇଥାଏ । ମାତ୍ର, ଯଦି ଆମେ ସେଗୁଡ଼ିକୁ ସମଗ୍ର ଦୃଷ୍ଟି ଦ୍ଵାରା ଦେଖିପାରୁଥାନ୍ତୁ ଯଦି ଆମେ ନିଜ ଭିତରେ ଏକାବେଳେକେ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ମଧ୍ୟ ଏକତ୍ର କରି ଧରି ରଖିପାରୁଥାନ୍ତୁ,— ସେହି ଉର୍ଦ୍ଧ୍ୱରେ କୌଣସି ଭୂମିରେ ତାହା ଯେପରି ହୋଇ ରହିଥାଏ,— ତେବେ ଏହି ବସ୍ତୁଗୁଡ଼ିକର ପରସ୍ପର- ଆପେକ୍ଷିକତା ମଧ୍ୟ ଆମ ଆଗରେ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଆନ୍ତା ଏବଂ, ସର୍ବୋପରି ବିବର୍ତ୍ତନଧାରାର ସେହି ଉତ୍ତରୋତ୍ତର ଅଗ୍ରଗତିଶୀଳ ମହାନ୍ ଶକ୍ତିହିଁ ଆମକୁ ସେଗୁଡ଼ିକୁ ବର୍ଜନ କରିବାର ଇଚ୍ଛାଟିକୁ ଆଣି ଦେଇଥାଏ । ଯେତେବେଳେ ସେହି ବସ୍ତୁଗୁଡ଼ିକ ଆପଣାର ଯଥାର୍ଥ ସ୍ଥାନରେ ଥାଆନ୍ତି, ସେତେବେଳେ ସେମାନେ ବେଶ୍ ଗ୍ରହଣୀୟ ହୋଇ ରହିଥାନ୍ତି । କେବଳ ଏତିକି କଥା ସ୍ମରଣ ରଖିଥିବା ଉଚିତ ଯେ, ତୁମେ ସେହି ସମଗ୍ର ଦୃଷ୍ଟିଟିକୁ ଅର୍ଜନ କରି ନ ଥିବା ପର୍ଯ୍ୟନ୍ତ, ଅର୍ଥାତ୍ କେବଳ ସର୍ବୋଚ୍ଚ ପରମ ସତ୍ତା ଯେଉଁ ଦୃଷ୍ଟିର ଅଧିକାରୀ ହୋଇ ରହିଛନ୍ତି, ତୁମେ ସେଇଟିକୁ ଅର୍ଜନ ନ କରିଥିବା ପର୍ଯ୍ୟନ୍ତ, ତୁମ ଲାଗି ସେହି ଅନୁଭୂତିଟିକୁ ଲାଭ କରିବା କାର୍ଯ୍ୟତଃ କଦାପି ସମ୍ଭବ ହେବ ନାହିଁ । ତେଣୁ ତୁମକୁ ସର୍ବପ୍ରଥମେ ଆପଣାକୁ

ସେହି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକାତ୍ମକ କରି ରଖିବାକୁ ହେବ; ଏବଂ ତା'ପରେ, ଏହି ଏକାତ୍ମକତା ଲାଭ କରିସାରିବା ପରେ, ତୁମେ ଯଥେଷ୍ଟ ପରିମାଣରେ ଏକ ବାହ୍ୟ ବିଭାବ ଗ୍ରହଣ କରିଥିବା ଚେତନାଟି ପାଖକୁ ଲେଉଟି ଆସିପାରିବ ଏବଂ ବସ୍ତୁଗୁଡ଼ିକୁ ସେଗୁଡ଼ିକର ଯଥାର୍ଥ ସ୍ୱରୂପରେ ଦେଖିବା ଲାଗି ସମର୍ଥ ହୋଇପାରିବ । ମାତ୍ର, ଏକ ସିଦ୍ଧାନ୍ତ ଭାବରେହିଁ ତାହାକୁ ସେହିଭଳି ବର୍ଣ୍ଣନା କରି କୁହାଯାଇ ପାରିବ; ଏବଂ, ତୁମେ ଯେଉଁ ପରିମାଣରେ ସେଇଟିକୁ ପ୍ରକୃତରେ ଉପଲବ୍ଧି କରିପାରିବ, ତୁମେ ସେହି ଅନୁସାରେହିଁ ଏକଚେତନାସ୍ଥିତିରେ ଯାଇ ପହଞ୍ଚିଥିବ, ଯେଉଁଠାରେ କି, ପ୍ରତ୍ୟେକ ବସ୍ତୁ ଯେ ତାହାର ସମୁଚିତ ସ୍ଥାନରେ ଅବସ୍ଥିତ ରହିଛି, ପୂର୍ଣ୍ଣ ସୁନିଶ୍ଚିତ ଭାବରେ ତାହାକୁ ଉପଲବ୍ଧି କରି ପାରିଥିବାରୁ ତୁମେ ସହାସ୍ୟ ଭାବରେ ସବୁକିଛି ଉପରେ ଅବଶ୍ୟ ଦୃଷ୍ଟିପାତ କରିପାରିବ ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଥେଷ୍ଟ ଗଭୀର ଭାବରେ ଆଦୌ କିଛି ବିଚାର କରୁ ନ ଥିବା ଲୋକମାନେ କହିବେ, ''ମାତ୍ର, ତା'ହେଲେ, ଯଦି ଆମେ ସକଳ ବସ୍ତୁକୁ ସମୁଚିତ ସ୍ଥାନମାନଙ୍କରେ ଅବସ୍ଥିତ ରହିଥିବାର ଦେଖିବାକୁ ଆରମ୍ଭ କରିବା, ତେବେ ଆଉ କୌଣସି ବସ୍ତୁର ଆଦୌ କୌଣସି ଗତି ରହିବ ନାହିଁ ।'' ନାଇଁ, ସେକଥା ଆଦୌ ନୁହେଁ, କାରଣ ତୁମେ ଆଦୌ କୌଣସି ବସ୍ତୁର ଗତିକୁ ଅଟକାଇ ରଖିପାରିବ ନାହିଁ । ବସ୍ତୁଗୁଡ଼ିକ ଗୋଟିଏ ସେକେଣ୍ଡର ଏକ କ୍ଷୁଦ୍ର ଅଂଶଲାଗି ମଧ୍ୟ ସେଗୁଡ଼ିକର ଗତି କଦାପି ବନ୍ଦ ହୋଇଯାଏ ନାହିଁ । ଏକ ଅବିଚ୍ଛିନ୍ନ ଓ ସମଗ୍ର ରୂପାନ୍ତରଣର ପ୍ରକ୍ରିୟା ଲାଗି ରହିଥାଏ, ଗତି କଦାପି ବନ୍ଦ ହୋଇଯାଏ ନାହିଁ । ଏବଂ, ଏହିଭଳି ଅନୁଭବ କରିବା ଆମମାନଙ୍କ ସକାଶେ କଷ୍ଟକର ହୋଇଥିବାରୁ, ଆମେ ହୁଏତ ଏକଥାକୁ କଳ୍ପନା କରିବାରେ ଲାଗୁଛୁ ଯେ, ଆମେ ଚେତନାର କେତେକ ଅବସ୍ଥାରେ ଯାଇ ପ୍ରବିଷ୍ଟ ହୋଇଗଲେ ବସ୍ତୁଗୁଡ଼ିକର ପରିବର୍ତ୍ତିତ ହେବା ହୁଏତ ବନ୍ଦ ହୋଇଯିବ । ମାତ୍ର, ଆମେ ଏପରିକି ଏକ ଆପାତ ସଂପୂର୍ଣ୍ଣ ଜଡ଼ତା ଭିତରେ ଯାଇ ପ୍ରବେଶ କଲେ ମଧ୍ୟ ବସ୍ତୁଗୁଡ଼ିକ ତଥାପି ବଦଳିବାରେ ଲାଗିଥିବେ ଓ ଆମେ ମଧ୍ୟ ବଦଳି ବଦଳି ଯାଉଥିବା ।

ବିରକ୍ତି, ବିଦ୍ରୋହ, କ୍ରୋଧ,— ଏହି ଯାବତୀୟ ହିଂସାଯୁକ୍ତ ଗତିସ୍ପନ୍ଦନକୁ ମୂଳତଃ ଅଜ୍ଞାନ ଓ ସୀମାବଦ୍ଧତାରହିଁ ଗୋଟିଏ ଗୋଟିଏ ଗତିସ୍ପନ୍ଦନ ବୋଲି କୁହାଯିବ । ସୀମାବଦ୍ଧତା କହିଲେ ସତତ ଯାହାକିଛି ଦୁର୍ବଳତାକୁ ବୁଝାଏ, ଏଥିରେ ସେହି ସବୁକିଛି ଅନ୍ତର୍ନିହିତ ହୋଇ ରହିଥିବ । ବିଦ୍ରୋହ ଏକ ଦୁର୍ବଳତା,— ଏହା ହେଉଛି ଏକ ଶକ୍ତିହୀନ ଇଚ୍ଛାର ଅନୁଭୂତି । ତୁମେ କିଛି ହେଉ ବୋଲି ଇଚ୍ଛା କର— ଅଥବା, ସେପରି ଇଚ୍ଛା କରୁଛ ବୋଲି ଭାବିଥାଅ,— ତୁମେ ଅନୁଭବ କରୁଥାଅ, ତୁମେ ଦେଖୁଥାଅ ଯେ, ବସ୍ତୁଗୁଡ଼ିକ ସେଗୁଡ଼ିକର

ସମୁଚିତ ଅବସ୍ଥାରେ ନାହାନ୍ତି ଏବଂ ତୁମ ଦୃଷ୍ଟିର ଅନୁକୂଳ ହୋଇ ରହିଥିବା ଯାବତୀୟ ଘଟଣା ବିରୋଧରେ ତୁମେ ବିଦ୍ରୋହ କର । ମାତ୍ର, ଯଦି ତୁମେ ସର୍ବଶକ୍ତିମାନ୍ ହୋଇଥାନ୍ତ, ଯଦି ତୁମର ଇଚ୍ଛା ଏବଂ ଦୃଷ୍ଟି ସର୍ବଶକ୍ତିମନ୍ତ ହୋଇଥାନ୍ତା, ତେବେ ତୁମ ଲାଗି ଆଉ ବିଦ୍ରୋହ କରିବାର ଆଦୌ କୌଣସି ଅବକାଶ ରହନ୍ତା ନାହିଁ; ସବୁ କଥା ଯେପରି ସମୁଚିତ ସ୍ଥାନରେ ଅବସ୍ଥିତ ରହିପାରନ୍ତେ, ତୁମେ ସର୍ବଦା ସେହିଭଳି ଗୋଟିଏ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଦେଇ ପାରନ୍ତ । ଯଦି ଆମେ ସର୍ବୋଚ୍ଚ ଭୂମିକୁ ଯାଇ ସର୍ବୋଚ୍ଚ ପରମଇଚ୍ଛାଙ୍କର ଚେତନା ସହିତ ଏକଯୁକ୍ତ ହୋଇ ରହିପାରନ୍ତେ, ତେବେ ଏହି ବିଶ୍ୱର ପ୍ରତ୍ୟେକ କ୍ଷଣ ଓ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଦେଖିବାକୁ ପାଆନ୍ତେ ଯେ, ସକଳ ବସ୍ତୁ ଯେଉଁଭଳି ଅବସ୍ଥାରେ ରହିବା କଥା ଓ ସର୍ବୋଚ୍ଚ ପରମସତ୍ତା ସେଗୁଡ଼ିକ ଯେଉଁଭଳି ରହନ୍ତୁ ବୋଲି ଇଚ୍ଛା କରୁଛନ୍ତି, ସେଗୁଡ଼ିକ ପ୍ରକୃତରେ ଠିକ୍ ସେହି ଅବସ୍ଥାରେ ରହିଛନ୍ତି । ସର୍ବଶକ୍ତିମତ୍ତା କହିଲେ ତାହାହିଁ ବୁଝାଏ । ଏହି କ୍ଷେତ୍ରରେ, ହିଂସାତ୍ମକତାର ଯାବତୀୟ ଗତିକ୍ଷେପ କେବଳ ଯେ ଅନାବଶ୍ୟକ ହୋଇ ରହିଥାଏ ତା' ନୁହେଁ, ମାତ୍ର ଅତିରିକ୍ତ ପରିମାଣରେ ହାସ୍ୟାସ୍ପଦ ହୋଇ ମଧ୍ୟ ରହିଥାଏ ।

ତେଣୁ, ଏଗୁଡ଼ିକର କେବଳ ଗୋଟିଏ ସମାଧାନ ରହିଛି : ଆମେ ଅଭୀପ୍ସା ଦ୍ୱାରା, ସଂକେନ୍ଦ୍ରଣ, ଅନ୍ତରବସ୍ଥାନ ଏବଂ ଏକାତ୍ମକତା ଦ୍ୱାରା ସେହି ସର୍ବୋଚ୍ଚ ପରମଇଚ୍ଛାଙ୍କ ସହିତହିଁ ଏକଯୁକ୍ତ ହୋଇ ରହିବା । ଏବଂ, ତାହାକୁହିଁ ଯୁଗପତ୍ ଭାବରେ ସର୍ବଶକ୍ତିମତ୍ତା ଏବଂ ପୂର୍ଣ୍ଣ ସ୍ୱାଧୀନତା ବୋଲି କୁହାଯିବ । ଏବଂ ତାହାହିଁ ହେଉଛି ଏକମାତ୍ର ସର୍ବଶକ୍ତିମତ୍ତା ଓ ଏକମାତ୍ର ସ୍ୱାଧୀନତା; ଏତଦ୍‌ବ୍ୟତୀତ ଆଉ ଯାହାକିଛି ରହିଲା, ତାହାକୁ ତଥାପି ଊଣା ବୋଲି କୁହାଯିବ । ହୁଏତ ତୁମେ ଅଧାବାଟରେ ରହିଥିବ ସତ, ମାତ୍ର ତାହାକୁ କଦାପି ସଂପୂର୍ଣ୍ଣ କଥା ବୋଲି କୁହାଯିବ ନାହିଁ । ଏଣୁ, ଯଦି ତୁମେ ଏହି କଥାଟିକୁ ଅନୁଭବ କରିପାରିବ, ତେବେ ଅବଶ୍ୟ ଉପଲବ୍ଧି ମଧ୍ୟ କରିପାରିବ ଯେ ଏହି ସର୍ବୋଚ୍ଚ ସ୍ୱାଧୀନତା ଏବଂ ସର୍ବୋଚ୍ଚ ଶକ୍ତିମତ୍ତା ସହିତ ଏକ ସମଗ୍ର ଶାନ୍ତି ଏବଂ ସମଗ୍ର ପ୍ରଶାନ୍ତ ଅବସ୍ଥା ମଧ୍ୟ ରହିଛି, ଯାହାକି ତୁମକୁ କଦାପି ପରିତ୍ୟାଗ କରି ଚାଲିଯିବ ନାହିଁ । ତେଣୁ, ଯଦି ତୁମେ ଏପରି କିଛି ଅନୁଭବ କରିବ, ଯାହାକି ସେକଥା ହୋଇ ନ ଥିବ, ଯଦି ଏକ ବିଦ୍ରୋହ, ବିରକ୍ତି ବା ସେହିପରି ଆଉକିଛି ଅନୁଭବ କରୁଥିବ, ଯାହାକୁ କି ତୁମେ ମୋଟେ ସ୍ୱୀକାର କରିନେଇ ପାରୁ ନ ଥିବ, ତେବେ ତାହାର ତାତ୍ପର୍ଯ୍ୟ ଏହାହିଁ ହେବ ଯେ, **ତୁମ ଭିତରେ** ଏପରି ଏକ ଅଂଶ ତଥାପି ରହି ଯାଇଛି, ଯାହାକୁ କି ରୂପାନ୍ତରର କ୍ରିୟାଟି ଆଦୌ ସ୍ପର୍ଶ କରିପାରି ନାହିଁ, ଯାହାକି ସେହି ପୁରାତନ ଚେତନାକୁ ତଥାପି ଆବୋରି କରି ରହିଛି, ଯାହାକି ତଥାପି ଅଧାବାଟରେ ଅଛି । ବାସ୍, ସେତିକି ।

*ମାତ୍ର, ଯେଉଁମାନେ ପାପ କଲା ଲୋକଙ୍କୁ ଘୃଣା କରନ୍ତି, ଶ୍ରୀଅରବିନ୍ଦ ଏହି ସୂତ୍ରରେ ସେମାନଙ୍କ ବିଷୟରେ କହିଛନ୍ତି । ଆମେ ପାପ କଲା ଲୋକଙ୍କୁ କଦାପି ଘୃଣା କରିବା ନାହିଁ ।*

ଆଉଗୋଟିଏ ଦୃଷ୍ଟିକୋଣରୁ ସେଇଟି ମଧ୍ୟ ଏହି ଗୋଟିଏ ସମସ୍ୟା । ମାତ୍ର, ତାହାର ସମାଧାନ ସେହି ଗୋଟିଏ ।

*ପାପ କରୁଥିବା ଲୋକକୁ ଘୃଣା ନ କରିବା ଆଦୌ ଏତେ କଷ୍ଟକର ନୁହେଁ; ମାତ୍ର ଭଲ କାମ କରୁଥିବା ଲୋକକୁ ଘୃଣା ନ କରିବା ତା'ଠାରୁ ଅନେକ ଅଧିକ କଷ୍ଟକର । ପାପ କରୁଥିବା ଲୋକକୁ ତ ସହଜରେ ବୁଝିହେବ, ଏକ ଦୈନ୍ୟଗ୍ରସ୍ତ ହତଭାଗ୍ୟକୁ ବୁଝିବା ମଧ୍ୟ ସହଜ ହେବ, ମାତ୍ର ଭଲ କାମ କରୁଥିବା ଲୋକକୁ....*

ମାତ୍ର, ସେମାନଙ୍କ ଭିତରେ ରହିଥିବା ସେମାନଙ୍କର କେବଳ ସେହି ଆତ୍ମସନ୍ତୁଷ୍ଟ ହୋଇ ରହିବାର ସ୍ୱଭାବଟିକୁହିଁ ତୁମେ ଘୃଣା କରୁଥାଅ । କାରଣ, ମନ୍ଦ କାର୍ଯ୍ୟ ନ କରି ସେମାନେ ଠିକ୍ କଥାହିଁ କରୁଥାନ୍ତି ଏବଂ ତୁମେ ସେମାନଙ୍କୁ ସେଥିଲାଗି କଦାପି ଦୋଷ ଦେଇ ପାରିବ ନାହିଁ । ମାତ୍ର, ସେମାନେ ସେହି କାରଣରୁ ନିଜକୁ ଅନ୍ୟମାନଙ୍କଠାରୁ ଉଚ୍ଚତର ସ୍ତରର ବୋଲି ଭାବନ୍ତି । ଏବଂ ପ୍ରକୃତରେ ସେହି କଥାଟିକୁ ସହ୍ୟ କରିବା କଷ୍ଟକର ହୋଇଥାଏ : ସେମାନଙ୍କର ଆପଣାକୁ ଏହି ଉଚ୍ଚତର ମନେ କରିବାର ମନୋଭାବ, ଆପଣାର ଉଚ୍ଚ ସ୍ଥାନଟିରେ ରହି ସେମାନେ ଯେପରି ଏହି ଯାବତୀୟ ମନ୍ଦାତ୍ମାମାନଙ୍କୁ ଘୃଣାଦୃଷ୍ଟିରେ ଦେଖିବାରେ ଲାଗିଥାନ୍ତି— ସେହି ମନ୍ଦାତ୍ମାମାନେ ସେମାନଙ୍କଠାରୁ ଆଦୌ ଅଧିକ ମନ୍ଦ ହୋଇ ରହି ନ ଥାନ୍ତି ।

ମୁଁ ଏହାର କେଡ଼େ ଚମତ୍କାର ଉଦାହରଣମାନ ଦେଖିଛି !

ଉଦାହରଣ ସ୍ୱରୂପ, ଏପରି ଜଣେ ବ୍ୟକ୍ତିର କଥା ବିଚାର କରାଯାଉ, ଯାହାର ଅନେକବନ୍ଧୁ ଅଛନ୍ତି ଏବଂ ସେହି ବନ୍ଧୁମାନେ ତାକୁ ଭାରି ଭଲ ପାଉଛନ୍ତି, କାରଣ ସେମାନେ ତା' ଭିତରେ କେତେକ ବିଶେଷ ସାମର୍ଥ୍ୟର ନିଦର୍ଶନ ଦେଖିବାକୁ ପାଉଛନ୍ତି, କାରଣ ତା' ସହିତ ଏକାଠି ରହିବାକୁ ସେମାନଙ୍କୁ ଭାରି ଭଲ ଲାଗୁଛି, ତା'ଠାରୁ କିଛି ନା କିଛି ସର୍ବଦା ଶିକ୍ଷା କରାଯାଇ ପାରୁଛି । ତା'ପରେ ହଠାତ୍, ପରିସ୍ଥିତିର କୌଣସି ସଂଯୋଗବଶତଃ, ସେହି ବ୍ୟକ୍ତିକୁ ସମାଜ ପରିତ୍ୟାଗ କରୁଛି; ହୁଏତ କାରଣ ସିଏ ଆଉ ଜଣେ ପୁରୁଷଙ୍କ

ସହିତ ସଂସର୍ଗ ରଖିଛି ଅଥବା ସ୍ୱୀକୃତ ରୀତି ଅନୁସାରେ ବିବାହ ନ କରିଥିଲେ ମଧ୍ୟ ଆଉଜଣକ ସହିତ ଏକତ୍ର ବାସ କରୁଛି । ସଂକ୍ଷେପରେ କହିଲେ, ତାକୁ ଏପରି ନାନା ସାମାଜିକ କାରଣରୁ ସମାଜରୁ ବହିଷ୍କୃତ କରି ଦିଆଯାଉଛି, ଯାହାର କି ଯଥାର୍ଥରେ କୌଣସି ମୂଲ୍ୟ ନାହିଁ । ଏବଂ, ତା'ର ସବୁ ବନ୍ଧୁମାନେ– ଯେଉଁମାନେ ତାକୁ ପ୍ରକୃତରେ ଭଲ ପାଉଥିଲେ, ମୁଁ ସେମାନଙ୍କ କଥା କହୁ ନାହିଁ,– ତା'ର ପରିଚିତ ଲୋକମାନେ, ଯେଉଁମାନେ ଏକଦା ତାକୁ କେଡ଼େ ଆଦରର ସହିତ ଗ୍ରହଣ କରୁଥିଲେ, ତାକୁ ରାସ୍ତାରେ ଦେଖିଲେ ହସି କରି ତା'ର ସ୍ୱାଗତ କରୁଥିଲେ ଓ ତାକୁ ଅଭିନନ୍ଦନ ଜଣାଉଥିଲେ, ସେମାନେ ବର୍ତ୍ତମାନ ଅନ୍ୟ ଆଡ଼କୁ ମୁହଁ ବୁଲାଇ ଦେଉଛନ୍ତି ଏବଂ ତା' ବାଟ ଦେଇ ଚାଲି ଯାଉଥିଲେ ମଧ୍ୟ ତାକୁ ଥରେ ଅନାଇ ଦେଖୁ ନାହାନ୍ତି । ଏଭଳି ଘଟଣା ଏଠି ଆଶ୍ରମରେ ମଧ୍ୟ ଘଟିଛି ! ମୁଁ ସେବିଷୟରେ ସବିସ୍ତର କିଛି କହିବାକୁ ଇଚ୍ଛା କରୁ ନାହିଁ, ମାତ୍ର ତଥାପି, ଏପରି ଘଟଣାମାନ ଏକାଧିକ ବାର ଘଟିଛି, ଯାହାକି ସାମାଜିକ ବିଧାନଗୁଡ଼ିକର ବିରୁଦ୍ଧାଚରଣ କରିଛି, ଏବଂ ଯେଉଁ ଲୋକମାନେ ଆଗରୁ ଏତେବେଶୀ ସ୍ନେହ ଓ ସହାନୁଭୂତି ଦେଖାଇ ଆସୁଥିଲେ,– ହଁ, ସେମାନେ ହୁଏତ ବେଳେବେଳେ ଏକଥା ମଧ କହି ପକାଇଛନ୍ତି, ''ଏହି ବ୍ୟକ୍ତିଟିର ପ୍ରକୃତରେ ଆଉ କୌଣସି ଗତି ନାହିଁ ।''

ବାହାରର ବୃହତ୍ତର ପୃଥିବୀରେ ଯେତେବେଳେ ଏହିପରି ଘଟଣାମାନ ଘଟେ, ସେତେବେଳେ ମୁଁ ତାହାକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଗ୍ରହଣ କରିଥାଏ; ମାତ୍ର ଯେତେବେଳେ ଏଠାରେ ସେହି ଘଟଣା ଘଟେ, ସେତେବେଳେ ମୁଁ ପ୍ରତ୍ୟେକଥର କିଞ୍ଚିତ୍ ପରିମାଣରେ ଏକ ଆଘାତ ପାଇଥାଏ; ଏବଂ ସେତେବେଳେ ମୁଁ ମନେ ମନେ କେବଳ ଏତିକି କହି ହେଉଥାଏ, ''ଯାହାହେଉ, ଯାହାହେଉ, ସେମାନେ ଆଉକିଛି ଅଧିକ ତ କରି ନାହାନ୍ତି !''

ଏପରିକି, ଯେଉଁ ବ୍ୟକ୍ତିମାନେ ନିଜକୁ ଉଦାରମନା ବୋଲି ମନେ କରନ୍ତି ଏହିସବୁ ''ଚଳଣି''ଠାରୁ ନିଜକୁ ଉର୍ଦ୍ଧ୍ୱରେ ବୋଲି ଭାବନ୍ତି, ସେମାନେ ମଧ୍ୟ ସିଧା ଯାଇ ସେହି ଜାଲରେ ପଡ଼ିଯାଆନ୍ତି, ସଙ୍ଗେ ସଙ୍ଗେ ଜାଲରେ ପଡ଼ିଯାଆନ୍ତି । ଏବଂ ତା'ପରେ, ଆପଣାର ବିବେକକୁ ଏକ ରକ୍ଷାକବଚ ଯୋଗାଇ ଦେବାକୁ ଯାଇ ସେମାନେ ଆସି କହନ୍ତି : ''ମାଆ ଏପରି କଥାକୁ ଆଦୌ ଅନୁମତି ଦିଅନ୍ତି ନାହିଁ ।'' ସେମାନେ ଏହାଦ୍ୱାରା ଅନ୍ୟଗୁଡ଼ିକ ସହିତ ଆଉ ଅଧିକ ଗୋଟିଏ ନିର୍ବୋଧ କଥାକୁ ଆଣି ଯୋଡ଼ି ଦିଅନ୍ତି ।

ଏହି ଅବସ୍ଥାରୁ ଉଦ୍ଧାର ପାଇବା ଭାରି କଷ୍ଟକର କଥା । ଏହାକୁ ପ୍ରକୃତରେ ଦମ୍ଭ ବୋଲି କୁହାଯିବ, ମାତ୍ର ଏକ ସଂକୀର୍ଣ୍ଣତା ବୋଲି ମଧ୍ୟ କୁହାଯିବ, କାରଣ, ଯାହା ଭିତରେ କିଞ୍ଚିତ୍ ବୁଦ୍ଧିମତ୍ତା ରହିଛି, ତାକୁ ଆମେ ସେହିପରି ଭାବରେ ଆଦୌ ଧରି

ପାରିବା ନାହିଁ । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତିମାନେ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଇଛନ୍ତି ଏବଂ ଏହିସବୁ ସାମାଜିକ ନିୟମ ସଂପୂର୍ଣ୍ଣ ଭାବରେ ଜଳବାୟୁ, ପ୍ରଜାତି, ରୂଢ଼ି ଓ ଏପରିକି ଆହୁରି ଅଧିକ ପରିମାଣରେ କାଳ ଓ ସେହି ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ଉପରେ ନିର୍ଭର କରୁଥାଏ ବୋଲି ଦେଖିବାକୁ ପାଇଥାନ୍ତି, ସେମାନେ ଏଗୁଡ଼ିକୁ ଦେଖିଲେ କେବଳ ହସିହିଁ ଦେବେ । ମାତ୍ର ଉଚିତ ମନୋଭାବ ରହିଥିବା ବ୍ୟକ୍ତିମାନେ – ଫୁ !

ଏଇଟି ହେଉଛି ଏକ ପ୍ରାଥମିକ ଅବସ୍ଥା । ଏହି ଅବସ୍ଥାଟି ମଧ୍ୟରୁ ବାହାରି ନ ଆସିପାରିବା ପର୍ଯ୍ୟନ୍ତ ତୁମେ ଯୋଗମାର୍ଗ ଲାଗି କଦାପି ଯୋଗ୍ୟ ହୋଇପାରିବ ନାହିଁ । କାରଣ, ଅତ୍ୟନ୍ତ ଠିକ୍ କଥା ଯେ, ସେହି ଅବସ୍ଥାରେ ରହିଥିବା ଯାଏ ତୁମେ କଦାପି ଯୋଗସାଧନା ଲାଗି ପ୍ରସ୍ତୁତ ହୋଇ ନ ଥିବ । ସେହି ଅବସ୍ଥାଟି ହେଉଛି ଏକ ଅଳ୍ପବିକଶିତ ଅବସ୍ଥା ।

ଜାନୁଆରି, ୧୯୬୧

**୫୧. ସଦାଚାରଜନିତ କୋପ ସମ୍ପର୍କରେ ମୁଁ ଯେତେବେଳେ ଶୁଣେ ସେତେବେଳେ ଆତ୍ମପ୍ରବଞ୍ଚନା ପାଇଁ ମଣିଷର ସାମର୍ଥ୍ୟ ଦେଖି ବିସ୍ମୟ ପ୍ରକାଶ କରେ ।**

*ଜଣେ ବ୍ୟକ୍ତି ଯେତେବେଳେ ଆପଣାକୁ ପ୍ରତାରିତ କରୁଥାଏ, ସେତେବେଳେ ସକଳ ସଦିଚ୍ଛା ସହିତ ସେ ତାହା କରିଥାଏ । ଏପରି କରିବା ସମୟରେ ସେ ସର୍ବଦା ଅନ୍ୟମାନଙ୍କର ଭଲ ପାଇଁ, ମନୁଷ୍ୟସମାଜର କଲ୍ୟାଣ ପାଇଁ ଅଥବା ଆପଣଙ୍କ ସେବା କରିବା ପାଇଁ ସେପରି କରିଥାଏ । ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତେବେ ସିଏ ନିଜକୁ ପ୍ରତାରିତ କରେ କିପରି ?**

ମୋ'ର ନିଜର ତୁମକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଇଚ୍ଛା ହେଉଛି ! କାରଣ, ତୁମର ପ୍ରଶ୍ନଟିକୁ ଦୁଇ ପ୍ରକାରେ ବୁଝାଯାଇ ପାରିବ । ଯେଉଁ ବ୍ୟଙ୍ଗ ଏବଂ ବିନୋଦର ଭାବ ସହିତ ଶ୍ରୀଅରବିନ୍ଦ ତାଙ୍କର ସୂତ୍ରଟିକୁ ବୟାନ କରିଛନ୍ତି, ତୁମ ପ୍ରଶ୍ନଟିକୁ ସେପରି ଭାବରେ ଗ୍ରହଣ କରାଯାଇ ପାରିବ । ଆତ୍ମପ୍ରବଞ୍ଚନା ଲାଗି ଯେ ମନୁଷ୍ୟର କେତେ ସାମର୍ଥ୍ୟ ରହିଛି, ସିଏ ସେଥିରେ ବିସ୍ମୟ ପ୍ରକାଶ କରିଛନ୍ତି । ଅର୍ଥାତ୍, ଆପଣାକୁ ପ୍ରତାରିତ କରୁଥିବା ଜଣେ

---

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର

ବ୍ୟକ୍ତିର ସ୍ଥାନରେ ରହିଥିବା ପରି ତୁମେ କହୁଛ, ''ମାତ୍ର ମୁଁ ପୂର୍ଣ୍ଣ ସଦିଚ୍ଛାର ସହିତ କାର୍ଯ୍ୟ କରୁଛି ! ମୁଁ ସର୍ବଦା ଅନ୍ୟମାନଙ୍କର ଭଲହିଁ ଇଚ୍ଛା କରୁଛି, ଇତ୍ୟାଦି, ଇତ୍ୟାଦି— ମନୁଷ୍ୟସମାଜର ମଙ୍ଗଳ ଇଚ୍ଛା କରୁଛି, ଦିବ୍ୟ ପରମସତ୍ତାଙ୍କର ସେବକ ହୋଇ ରହିବାକୁ ଇଚ୍ଛା କରୁଛି,— ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତେବେ ମୁଁ ନିଜକୁ ପ୍ରତାରିତ କରୁଛି କିପରି ?

ମାତ୍ର, ପ୍ରକୃତରେ, ଆପଣାକୁ ପ୍ରତାରିତ କରିବାର ଦୁଇଟି ମାର୍ଗ ରହିଛି,— ଏହି ଦୁଇଟି ମାର୍ଗ ଦୁଇଟି ଭିନ୍ନ ଭିନ୍ନ ମାର୍ଗ । ଉଦାହରଣ ସ୍ୱରୂପ, ତୁମକୁ ହୁଏତ କେତେଟା ଜିନିଷ ଦେଖି ଭାରି ଆଚମ୍ବିତ ଲାଗିଲା ଓ ତୁମେ ସେଥିରେ ଭୟଚକିତ ହୋଇପଡ଼ିଲ । କୌଣସି ବ୍ୟକ୍ତିଗତ କାରଣରୁ ଯେ ତୁମେ ଏପରି ହେଲ, ସେକଥା ଆଦୌ ନୁହେଁ । ମାତ୍ର ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର କୌଣସି କାର୍ଯ୍ୟରେ ଲାଗିବା ପାଇଁ ତୁମ ଭିତରେ ରହିଥିବା ଶୁଭେଚ୍ଛା ଓ ଉତ୍ସୁକତା ହେତୁହିଁ ସେପରି ହେଲ । କାରଣ, ତୁମେ ଦେଖିବାକୁ ପାଇଲ ଯେ, ଲୋକମାନେ ଗର୍ହିତ ଆଚରଣମାନ କରୁଛନ୍ତି, ସ୍ୱାର୍ଥପର ହେଉଛନ୍ତି, ସକଳ ନିଷ୍ଠା ହରାଇ ବିଶ୍ୱାସଘାତକ ହେଉଛନ୍ତି । ତୁମେ ନିଜେ ଏପରି ଏକ ସ୍ତରରେ ଆସି ପହଞ୍ଚିଛ, ଯେଉଁଠାରେ କି ତୁମେ ସେହିସବୁ ଆଚରଣକୁ ଅତିକ୍ରମ କରିଯାଇ ପାରିଛ ଏବଂ ସେଗୁଡ଼ିକୁ ମୋଟେ ନିଜଭିତରେ ପ୍ରକାଶ ପାଇବାକୁ ଦେଉ ନାହଁ । ମାତ୍ର ତଥାପି, ତୁମେ ଯେତେଦୂର ପର୍ଯ୍ୟନ୍ତ ସାଧାରଣ ସ୍ତରର ଚେତନା, ଦୃଷ୍ଟିକୋଣ, ଜୀବନ ଏବଂ ଭାବନାପଦ୍ଧତି ସହିତ ନିଜକୁ ଯୁକ୍ତ କରି ରଖିଛ, ସେତିକି ପରିମାଣରେ ତୁମେ ନିଜେ ମଧ୍ୟ ସେହିପରି ଆଚରଣ କରିବାର ଏକ ସମ୍ଭାବନା ରହିଛି, ତୁମ ଭିତରେ ସେଗୁଡ଼ିକ ଅନ୍ତର୍ହିତ ହୋଇ ରହିଛନ୍ତି; କାରଣ, ତୁମେ ଯେଉଁସବୁ ଗୁଣର ଅର୍ଜନ ପାଇଁ ଉଦ୍ୟମ କରୁଛ, ସେଗୁଡ଼ିକ ଏସବୁର ଆରପଟ ପରି ଏଗୁଡ଼ିକର ସଙ୍ଗେ ସଙ୍ଗେ ରହିଛନ୍ତି । ଏହିପରି ଏକ ବିରୋଧ ତଥାପି ବିଦ୍ୟମାନ ରହିଛି,— ତୁମେ ଏହାର ଊର୍ଦ୍ଧ୍ୱକୁ ଉଠି ନ ଯାଇଥିବା ପର୍ଯ୍ୟନ୍ତ ଏବଂ ଗୁଣ ଅଥବା ତାହାର ବିପରୀତ ସେହି ଗୁଣର ଅଭାବ, କୌଣସିଟିର ଅଧିକାରୀ ହୋଇ ରହିଥିବା ପର୍ଯ୍ୟନ୍ତ,— ସେଗୁଡ଼ିକ ମଧ୍ୟ ସେହିପରି ତୁମର ସାଙ୍ଗେ ସାଙ୍ଗେ ରହିଥିବେ । ତୁମ ଭିତରେ ଯେପର୍ଯ୍ୟନ୍ତ ଭଲଗୁଣଟି ରହିଛି, ସେପର୍ଯ୍ୟନ୍ତ ତାହାର ବିପରୀତଟି ମଧ୍ୟ ସର୍ବଦା ତୁମ ଭିତରେ ସୁପ୍ତ ହୋଇ ରହିଛି; ତୁମେ ଗୁଣ ଓ ଗୁଣର ଅଭାବ, ଉଭୟରୁ ଊର୍ଦ୍ଧ୍ୱକୁ ଉଠିଯିବା ପରେ ଯାଇ ତାହା ତୁମଠାରୁ ଅନ୍ତର୍ହିତ ହୋଇଯାଇ ପାରୁଛି ।

ତେଣୁ, ତୁମେ ଯେ ଏପରି ଏକ କ୍ରୋଧ ଅନୁଭବ କରୁଛ, ତାହା ସମ୍ଭବ ହେଉଛି, କାରଣ ତୁମେ ଏହି ଭୂମିଟିଠାରୁ ଆଦୌ ସଂପୂର୍ଣ୍ଣ ଭାବରେ ଊର୍ଦ୍ଧ୍ୱକୁ ଉଠିଯାଇ

ପାରି ନାହଁ । ତୁମେ ଏପରି ଗୋଟିଏ ପର୍ଯ୍ୟାୟରେ ରହିଛ, ଯେଉଁଠାରେ କି ତୁମେ ଏପରି ଏକ ଆଚରଣକୁ ସଂପୂର୍ଣ୍ଣ ଭାବରେ ନିନ୍ଦା କରୁଛ ଓ ନିଜେ ତାହା କଦାପି କରୁ ନାହଁ । ଆପଣାର ନିନ୍ଦା ଓ ନାପସନ୍ଦକୁ ତୁମେ ତୀବ୍ର ଭାବରେ ବାହାରେ ପ୍ରକାଶ ନ କରୁଥିବା ପର୍ଯ୍ୟନ୍ତ ଏବିଷୟରେ ଆଦୌ କାହାରି କିଛି କହିବାର ନାହିଁ । ମଝିରେ ତୁମର କ୍ରୋଧ ଜାଗୃତ ହେଉଛି, କାରଣ, ତୁମେ ଯେଉଁଭଳି ଏକ ଅନୁଭବ ମଧ୍ୟରେ ବାସ କରିବାକୁ ଇଚ୍ଛା କରୁଛ ଏବଂ ଅନ୍ୟମାନଙ୍କର ଆଚରଣରେ ତୁମେ ଯେଉଁଭଳି ପ୍ରତିକ୍ରିୟା ଦେଖାଉଛ, ଦୁଇଟି ମଧ୍ୟରେ ଏକ ସଂପୂର୍ଣ୍ଣ ମାତ୍ରାର ବିରୋଧ ରହିଛି । କାରଣ, କ୍ରୋଧକୁ ପ୍ରାଣିକ ଶକ୍ତିର ଏକ ବିକୃତି ବୋଲି କୁହାଯିବ, ଏକ ଅନ୍ଧକାରାଚ୍ଛନ୍ନ ଓ ପୁନର୍ମୁକ୍ତି ଲାଭ କରିବାର ଆଦୌ କୌଣସି ସମ୍ଭାବନା ନ ଥିବା ପ୍ରାଣିକ ପର୍ଯ୍ୟାୟ ବୋଲି କୁହାଯିବ,– ଏପରି ଏକ ପ୍ରାଣିକ ସ୍ତର ବୋଲି କୁହାଯିବ, ଯାହାକି ଏବେ ମଧ୍ୟ ଯାବତୀୟ ନିମ୍ନ ସ୍ତରର କ୍ରିୟା ତଥା ପ୍ରତିକ୍ରିୟାର ଅଧୀନ ହୋଇ ରହିଛି । ଯେତେବେଳେ ଏକ ଅଜ୍ଞାନତାଗ୍ରସ୍ତ ଓ ଅହଂପ୍ରଣୋଦିତ ବ୍ୟକ୍ତି-ଇଚ୍ଛା ସେହି ପ୍ରାଣିକକୁ କାମରେ ଲଗାଉଥିବ ଏବଂ ଯେତେବେଳେ ସେହି ଇଚ୍ଛା ତା'ର ଚତୁର୍ଦ୍ଦିଗରେ ରହିଥିବା ଅନ୍ୟ ଏକାଧିକ ବ୍ୟକ୍ତି-ଇଚ୍ଛାମାନଙ୍କଠାରୁ ଏକ ବିରୋଧର ସମ୍ମୁଖୀନ ହେଉଥିବ, ସେତେବେଳେ ସେହି ବିରୋଧରୁ ନିଷ୍ପନ୍ନ ଚାପଟି ଦ୍ୱାରା ପ୍ରଭାବିତ ହୋଇ ଏହି ଶକ୍ତି କ୍ରୋଧରୂପେ ବ୍ୟକ୍ତ ହୋଇ ପଡୁଥିବ, ଏବଂ, ଯାହା କେବଳ ସେହି ଶକ୍ତିର ବଳରେ ହାସଲ କରାଯାଇ ନ ପାରୁଛି, ତାହାକୁ ହିଂସାତ୍ମକ ଭାବରେ ହାସଲ କରିବାକୁ ଚେଷ୍ଟା କରୁଥିବ ।

ଅଧିକନ୍ତୁ, ଯେକୌଣସି ପ୍ରକାରର ହିଂସାତ୍ମକତା ପରି କ୍ରୋଧ ମଧ୍ୟ ସର୍ବଦା ଦୁର୍ବଳତା, ଶକ୍ତିହୀନତା ଏବଂ ଅସମର୍ଥତାରହିଁ ପରିଚୟ ଦେଇଥାଏ ।

ଏବଂ, ଆମେ ଏହାକୁ ଆପଣାର ଯେଉଁ ସମର୍ଥନ ଦେଇଥାଉ ବା ଅତିରଞ୍ଜନ କରି ଏହା ସହିତ ଯେଉଁସବୁ ବିଶେଷଣ ପ୍ରୟୋଗ କରିଥାଉ, ଏହି କ୍ଷେତ୍ରରେ ସଂପୂର୍ଣ୍ଣ ଭାବରେ ସେହିଥିରୁହିଁ ଆତ୍ମ-ପ୍ରବଞ୍ଚନା ଜନ୍ମ ଲାଭ କରେ– କାରଣ, କ୍ରୋଧ କେବଳ ଅନ୍ଧ, ଅଜ୍ଞାନତାପୂର୍ଣ୍ଣ ଏବଂ ଆସୁରିକ କୌଣସି ବସ୍ତୁର ରୂପରେହିଁ ଆତ୍ମପ୍ରକାଶ କରେ, ଅର୍ଥାତ୍, ଯାବତୀୟ ଆଲୋକବିରୋଧୀ ରୂପ ଧରି ଆବିର୍ଭୂତ ହୋଇଥାଏ ।

ମାତ୍ର, ଏହାକୁ ତଥାପି ସବୁଠାରୁ ଉତ୍ତମ ଦୃଷ୍ଟାନ୍ତ ବୋଲି କୁହାଯିବ ।

ଏହା ବ୍ୟତୀତ ଆଉଗୋଟିଏ ଦୃଷ୍ଟାନ୍ତ ବି ଅଛି । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି, ଅଜାଣତରେ– କିଂବା, ସେମାନେ ଏଇଟି ଉପରେ ଦୃଷ୍ଟି ଦେବାକୁ ଇଚ୍ଛା ନ କରୁଥାନ୍ତି ବୋଲି– ସେମାନେ ଆପଣାର ବ୍ୟକ୍ତିଗତ ସ୍ୱାର୍ଥ, ବ୍ୟକ୍ତିଗତ ଅଭିରୁଚି, ଆସକ୍ତି ଅଥବା ଅବବୋଧଗୁଡ଼ିକରହିଁ ଅନୁଧାବନ କରିବାରେ ଲାଗିଥାନ୍ତି; ଏପରି ଅନେକ

ବ୍ୟକ୍ତି, ଯେଉଁମାନେ କି ଆପଣାକୁ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ଉତ୍ସର୍ଗ କରିପାରି ନ ଥାନ୍ତି ଏବଂ ଆପଣାର ବ୍ୟକ୍ତି-ଆବେଗଗୁଡ଼ାକୁ ଲୁଚାଇ ରଖିବା ପାଇଁ ନାନା ନୈତିକ ତଥା ଯୋଗସମ୍ବନ୍ଧୀୟ କଥାକୁ କାମରେ ଲଗାଉଥାନ୍ତି । ମାତ୍ର ଏହି ବ୍ୟକ୍ତିମାନେ ନିଜକୁ ଦୁଇଗୁଣ ପ୍ରତାରିତ କରି ରଖିଥାନ୍ତି । ଆପଣାର ବାହ୍ୟ କାର୍ଯ୍ୟଗୁଡ଼ିକରେ ଓ ଅନ୍ୟମାନଙ୍କ ସହିତ ନିଜର ସମ୍ବନ୍ଧରେ ଯେ ନିଜକୁ ପ୍ରତାରିତ କରୁଥାନ୍ତି ତା' ନୁହେଁ, ମାତ୍ର ଆପଣାର ବ୍ୟକ୍ତିଗତ ଗତିସ୍ପନ୍ଦନର କ୍ଷେତ୍ରରେ ମଧ୍ୟ ଆପଣାକୁ ପ୍ରତାରିତ କରିବାରେ ଲାଗିଥାନ୍ତି; ଦିବ୍ୟ ପରମସତ୍ତାଙ୍କର ପରିକର ହୋଇ ରହିବା ପରିବର୍ତ୍ତେ ସେମାନେ ନିଜ ଅହଂଟାରହିଁ ପରିଚର୍ଯ୍ୟା କରୁଥାନ୍ତି । ଏବଂ, ଏହିପରି, ସତତ, ସତତହିଁ ଘଟିବାରେ ଲାଗିଥାଏ । ସେମାନେ ନିଜ ବ୍ୟକ୍ତିତ୍ୱଟିରହିଁ ପରିଚର୍ଯ୍ୟା କରନ୍ତି, ସ୍ୱ-ଅହଂର ସେବା ଖଟନ୍ତି ଏବଂ ଈଶ୍ୱରଙ୍କର ସେବା କରୁଛନ୍ତି ବୋଲି ଛଳନା କରୁଥାନ୍ତି । ସେତେବେଳେ ତାହାକୁ କେବଳ ଆତ୍ମପ୍ରବଞ୍ଚନା କହିଲେ ଆଦୌ ଯଥେଷ୍ଟ ହେବ ନାହିଁ, ତାହାକୁ କପଟାଚରଣ ବୋଲି କୁହାଯିବ ।

ଯାବତୀୟ ବିଷୟକୁ ସର୍ବଦା ଏକ ଅନୁକୂଳ ଆବରଣ ପିନ୍ଧାଇଦେଇ ଦେଖାଇବାର ଯେଉଁ ମାନସିକ ଅଭ୍ୟାସଟି ରହିଥାଏ, ଯାବତୀୟ କଥାକୁ ଅନୁକୂଳ ଭାବରେ ବ୍ୟାଖ୍ୟା କରିବାର ଯେଉଁ ପ୍ରବୃତ୍ତି ରହିଥାଏ,— ବେଳେବେଳେ ତାହାକୁ ଭାରି ଦକ୍ଷତାର ସହିତ କରାଯାଏ, ମାତ୍ର ଆଉ ବେଳେବେଳେ ତାହା ଏତେବେଶୀ ଅମାର୍ଜିତ ହୋଇପଡ଼େ ଯେ ସେତେବେଳେ ତଦ୍ୱାରା କେବଳ ନିଜ ବ୍ୟତୀତ ଆଉ ଅନ୍ୟକେହି ମୋଟେ ପ୍ରତାରିତ ହୁଅନ୍ତି ନାହିଁ । ଏହି ଅଭ୍ୟାସଟି ହେଉଛି ଆପଣାକୁ ଯାବତୀୟ କ୍ଷେତ୍ରରେ କ୍ଷମା କରିଦେବାର ଅଭ୍ୟାସ, ମନ ଭିତରୁ ଏକ ଅନୁକୂଳ କୈଫିୟତ୍ ବାହାର କରି ଥୋଇଦେବାର ଅଭ୍ୟାସ,— ଜଣେ ଯାହା କରୁଛି, ଯାହା କହୁଛି ଏବଂ ଯାହା ଅନୁଭବ କରୁଛି, ତାହାକୁ ସମର୍ଥନ ଜଣାଉଥିବା ଏକ କୈଫିୟତ୍ ଆଣି ବାଢ଼ିଦେବାର ଅଭ୍ୟାସ । ଉଦାହରଣ ସ୍ୱରୂପ, ଯେଉଁମାନଙ୍କର ନିଜ ଉପରେ କୌଣସି ନିୟନ୍ତ୍ରଣଶକ୍ତି ନ ଥାଏ ଏବଂ କ୍ରୋଧ ଦ୍ୱାରା ପ୍ରଣୋଦିତ ହୋଇ ଯେଉଁମାନେ ଆଉଜଣକ ଗାଲରେ ଯାଇ ଚଟକଣା ବସାଇ ଦିଅନ୍ତି, ସେମାନେ ତ ହୁଏତ ତାହାକୁ ଭଗବାନଙ୍କର ଏକ କ୍ରୋଧ ବୋଲି ବର୍ଣ୍ଣନା କରି ବାହାରିବେ ।

ଏହା ପ୍ରକୃତରେ ଭାରି, ଭାରି ଆଶ୍ଚର୍ଯ୍ୟ କଥା,— ଆତ୍ମପ୍ରତାରଣାର ଏହି ଶକ୍ତି,— ଯେକୌଣସି ଅଜ୍ଞାନ ଓ ଯେକୌଣସି ନିର୍ବୋଧତା ପାଇଁ ଏକ ଚମତ୍କାର ଯୁକ୍ତି ଆଣି ବାଢ଼ିଦେବାର ମନର ଏହି ପାରଙ୍ଗମତା !

ଏପରି ଏକ ଅଭିଜ୍ଞତା ଯେ ମଝିରେ ମଝିରେ କ୍ୱଚିତ୍ ହୁଏ, ସେକଥା ଆଦୌ ନୁହେଁ । ଏହା ଏପରି ଗୋଟିଏ କଥା, ଯାହାକୁ କି ତୁମେ ପ୍ରତ୍ୟେକ ମୁହୂର୍ତ୍ତରେହିଁ ଅନୁଭବ

କରିପାରିବ । ଏବଂ, ଅନ୍ୟମାନଙ୍କ ମଧ୍ୟରେହିଁ ତୁମେ ଏହି କଥାକୁ ଅପେକ୍ଷାକୃତ ଅଧିକ ସହଜରେ ଦେଖିଥାଅ ! ମାତ୍ର ଯଦି ତୁମେ ଆପଣା ମଧ୍ୟକୁ ନିବିଡ଼ ଭାବରେ ଦେଖି ଶିଖିବ, ତେବେ ନିଜକୁ ହଜାରବାର ଏହି ଦୋଷରେ ଦୋଷୀ ହେଉଥିବାର ତୁମେ ଦେଖିବାକୁ ପାଇବ ଏବଂ କିଞ୍ଚିତ୍ ଆସକ୍ତ ଭାବରେ ଆପଣା ଆଡ଼କୁ ଅବଲୋକନ କରି, ''ମାତ୍ର ଏହା କଦାପି **ଠିକ୍ ସେହି କଥା ନୁହେଁ**'' ବୋଲି କହୁଥିବାର ଦେଖିବାକୁ ପାଇବ । ପୁନଶ୍ଚ, ତୁମର ପ୍ରତିବେଶୀ ତାହାକୁ ଯେଉଁଭଳି ଦୃଷ୍ଟିରେ ଦେଖୁଥିବ, ତୁମେ ନିଜେ କେବେହେଲେ ତାହାକୁ ସେପରି ଦେଖୁ ବି ନ ଥିବ ।

ଜାନୁଆରି, ୧୯୬୧

**୫୨. ଏହା ପ୍ରକୃତରେ ଏକ ଆଶ୍ଚର୍ଯ୍ୟର କଥା ଯେ ଲୋକମାନେ ଈଶ୍ୱରଙ୍କୁ ଭଲ ପାଇପାରୁଛନ୍ତି, ମାତ୍ର ମନୁଷ୍ୟମାନଙ୍କୁ ଭଲ ପାଇ ପାରୁ ନାହାନ୍ତି । ତେବେ ସେମାନେ ପ୍ରକୃତରେ କାହାକୁ ଭଲ ପାଉଛନ୍ତି ?**

*ମାନବହିତୈଷିତା ଦ୍ୱାରା ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିବା ସମ୍ଭବ କି ?**

ମାନବହିତୈଷିତା କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ, ଏକଥା ତାହାରି ଉପରେ ନିର୍ଭର କରିବ । ଯେଉଁମାନେ ଲୋକହିତକର କାର୍ଯ୍ୟମାନ କରନ୍ତି, ସାଧାରଣତଃ ସେହିମାନଙ୍କୁ ମାନବହିତୈଷୀ ବୋଲି କୁହାଯାଏ ।

ଏଠାରେ ଶ୍ରୀଅରବିନ୍ଦ ଲୋକହିତୈଷିତା ଶବ୍ଦଟିକୁ ବ୍ୟବହାର କରି ନାହାନ୍ତି; କାରଣ, ସାଧାରଣତଃ ଏହାକୁ ସମସ୍ତେ ଯେଉଁ ଅର୍ଥରେ ବୁଝନ୍ତି, ଲୋକହିତୈଷିତା ହେଉଛି ଏକ ସମାଜନିରୂପିତ ଓ ପରମ୍ପରାଗତ ଦୃଷ୍ଟିକୋଣ; ତାହାକୁ ଏକ ପରିବର୍ଦ୍ଧିତ ଅହଂବଶବର୍ତ୍ତିତା ବୋଲି କୁହାଯାଇ ପାରିବ, ଯାହା ଆଦୌ ପ୍ରକୃତ ଭଲ ପାଇବା ନୁହେଁ; ତାହା ହେଉଛି ଉପରୁ ଥାଇ ଏକ ଦୟାପ୍ରଦର୍ଶନ, ଯାହାକି ବାହାରକୁ ଉପକାର କରୁଥିବାର ଏକ ପରିଚ୍ଛଦ ପିନ୍ଧିକରି ରହିଥାଏ ।

ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଏଭଳି ବ୍ୟକ୍ତିମାନଙ୍କ କଥା କହୁଛନ୍ତି, ଯେଉଁମାନେ କି ଏକ ଏକାନ୍ତବାସୀ ଈଶ୍ୱରଙ୍କର ଏକା ଏକା ଅନ୍ୱେଷଣ କରିବାର ବୈରାଗ୍ୟପଥକୁ

---

* ଲିଖିତ ପ୍ରଶ୍ନ ଓ ଲିଖିତ ଉତ୍ତର ।

ଗ୍ରହଣ କରିଥାନ୍ତି ଏବଂ ନିଜକୁ ସଂପୂର୍ଣ୍ଣ ଭାବରେ ପୃଥିବୀ ଓ ପୃଥିବୀର ମଣିଷମାନଙ୍କଠାରୁ ବିଚ୍ଛିନ୍ନ କରି ରଖିବାକୁ ଚେଷ୍ଟା କରୁଥାନ୍ତି ।

ମାତ୍ର, ଶ୍ରୀଅରବିନ୍ଦଙ୍କ ପାଇଁ ମନୁଷ୍ୟମାନେ ହେଉଛନ୍ତି ଦିବ୍ୟ ପରମସତ୍ତାଙ୍କର ଗୋଟିଏ ଅଂଶ । ଏବଂ, ଯଦି ତୁମେ ସେହି ଦିବ୍ୟ ପରମସତ୍ତାଙ୍କୁ ଯଥାର୍ଥରେ ଭଲ ପାଉଥିବ, ତେବେ ମଣିଷମାନଙ୍କୁ ବି ଭଲ ନ ପାଇ ପାରିବ କପରି ? କାରଣ ମଣିଷମାନେ ହେଉଛନ୍ତି ସେହି ପରମସତ୍ତାଙ୍କରହିଁ ଗୋଟିଏ ବିଭାବ ।

୧୮ ଜାନୁଆରି, ୧୯୬୧

**୫୩. ବିଭିନ୍ନ ଧର୍ମସମ୍ପ୍ରଦାୟ ମଧ୍ୟସ୍ଥ କଳହ ପାତ୍ର ପାତ୍ର ମଧ୍ୟସ୍ଥ କଳହ ସଦୃଶ, ଯେଉଁମାନେ କି ଅମରତ୍ୱ-ପ୍ରଦାନକାରୀ ଅମୃତକୁ ଏକୁଟିଆ ଧାରଣ କରି ରଖିବାର ଅନୁମତି ପାଇବାକୁ ଇଚ୍ଛା କରୁଥାନ୍ତି । ସେମାନେ ତାଙ୍କର କଳହ କରୁଥାନ୍ତୁ, ମାତ୍ର, ଆମର କର୍ତ୍ତବ୍ୟ ହେଲା ଯେକୌଣସି ପାତ୍ରରେ ଥାଉ ପଛେ, ଆମକୁ ଅମୃତ ପାଖରେ ଯାଇ ପହଞ୍ଚିବାକୁ ହେବ ଏବଂ ଅମରତ୍ୱ ଲାଭ କରିବାକୁ ହେବ ।**

**୫୪. ତୁମେ କହୁଛ ଯେ ପାତ୍ରରେ ରହିଥିବା ବାସନା ପାତ୍ରସ୍ଥ ପାନୀୟର ବାସନାକୁ ବଦଳାଇ ଦେଇଥାଏ । ତାହା ହେଉଛି ସ୍ୱାଦର କଥା; ମାତ୍ର ତାହାର ଯେଉଁ ଅମୃତତ୍ୱ-ପ୍ରଦାନକାରୀ ସାମର୍ଥ୍ୟ ରହିଛି ସେଥିରୁ ତାକୁ କିଏ ବଞ୍ଚିତ କରି ପାରିବ ?**

*(୧) ଏଠାରେ ଶ୍ରୀଅରବିନ୍ଦ କେଉଁ ଅମରତ୍ୱପ୍ରଦାନକାରୀ ଅମୃତ କଥା କହୁଛନ୍ତି ? ଏହି ଅମୃତ ମଧ୍ୟରେ ରହିଥିବା କେଉଁ ଉପାଦାନଟି ଆମକୁ ଅମରତ୍ୱଶକ୍ତି ପ୍ରଦାନ କରିଥାଏ ? ଏହା କ'ଣ ଶାରୀରିକ ସ୍ତରର ଅମରତ୍ୱପ୍ରାପ୍ତିକୁ ବୁଝାଉଛି ?*

*(୨) ଯେତେବେଳେ ଆମକୁ ଏହି ଅମୃତ ପ୍ରାପ୍ତ ହୋଇଯିବ, ସେତେବେଳେ ଧର୍ମସମ୍ପ୍ରଦାୟଗୁଡ଼ିକର କି ଦଶା ହେବ ? ସେମାନେ କ'ଣ ସେତେବେଳେ ନିଜ ନିଜର ଲକ୍ଷ୍ୟରେ ଯାଇ ପହଞ୍ଚିଯିବେ ?**

* ଲିଖିତ ପ୍ରଶ୍ନ ଓ ଲିଖିତ ଉତ୍ତର ।

ସର୍ବୋଚ୍ଚ ପରମସତ୍ୟ ହେଉଛି ସେହି ଅମରତ୍ୱ ପ୍ରଦାନକାରୀ ଅମୃତ,— ତାହାକୁ ଆମେ ସେହି ସର୍ବୋଚ୍ଚ ପରମଜ୍ଞାନ ଏବଂ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସେହି ମହାନ୍ ସମ୍ମିଳନ ବୋଲି ଜାଣିବା, ଯାହାକି ଅମରତ୍ୱର ଚେତନା ପ୍ରଦାନ କରିଥାଏ ।

ପ୍ରତ୍ୟେକ ଧର୍ମସଂପ୍ରଦାୟର ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବାର ସ୍ୱକୀୟ ସ୍ୱତନ୍ତ୍ର ବାଟ ରହିଛି, ଏବଂ ସେଥିଲାଗି ଶ୍ରୀଅରବିନ୍ଦ ସେମାନଙ୍କୁ ଭିନ୍ନ ଭିନ୍ନ ପାତ୍ର ସହିତ ତୁଳନା କରିଛନ୍ତି । ମାତ୍ର ସିଏ କହୁଛନ୍ତି : ତୁମେ ଯେଉଁ ବାଟରେ ଯାଅ ପଛକେ, ଏହି କ୍ଷେତ୍ରରେ କେବଳ ଲକ୍ଷ୍ୟଟି ହେଉଛି ଯଥାର୍ଥରେ ମହତ୍ତ୍ୱପୂର୍ଣ୍ଣ; ଏବଂ, ତୁମେ ଯେଉଁମାର୍ଗର ଅନୁସରଣ କରୁଥାଅ ପଛକେ, ଲକ୍ଷ୍ୟ ହେଉଛି ସେହି ଗୋଟିଏ । ଯେଉଁ ପାତ୍ରରେ ତାହା ରହିଥାଉ ପଛକେ, ଅମୃତ ହେଉଛି ସେହି ଗୋଟିଏ ।

କେତେ ଲୋକ କହନ୍ତି ଯେ, ପାତ୍ରରେ ରହିଥିବା ବାସନା, ଅର୍ଥାତ୍, ତୁମେ ଯେଉଁ ମାର୍ଗଟିକୁ ଅନୁସରଣ କରୁଛ, ତାହା ଅମୃତର ସ୍ୱାଦକୁ ବଦଳାଇ ଦେଇଥାଏ; ଅର୍ଥାତ୍, ତାହା ଦିବ୍ୟ ପରମସତ୍ତାଙ୍କ ସହିତ ତୁମର ସାକ୍ଷାତ୍‌କାରକୁ ପ୍ରଭାବାନ୍ୱିତ କରେ । ଶ୍ରୀଅରବିନ୍ଦ ଉତ୍ତର ଦେଇ କହୁଛନ୍ତି : ମାର୍ଗ ଭିନ୍ନ ଭିନ୍ନ ହୋଇପାରେ, ଯାହାର ଯେଉଁଟିରେ ରୁଚି, ସିଏ ସେହି ମାର୍ଗଟିକୁ ଗ୍ରହଣ କରିପାରେ, ବା, ତାହାର ରୁଚିକୁ ଯେଉଁଟି ସବୁଠାରୁ ଅଧିକ ଯଥାର୍ଥ ମନେ ହେଉଛି, ସିଏ ତାହାର ଅନୁସରଣ କରିପାରେ, ମାତ୍ର ଉପଲବ୍ଧ ଅମୃତଟି ମଧ୍ୟରେ, ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳନ ଲାଭ କରିବାରେହିଁ ଅମରତ୍ୱ ପ୍ରଦାନ କରିବାର ଶକ୍ତି ନିହିତ ହୋଇ ରହିଥାଏ ।

ଏବଂ, ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା ଦ୍ୱାରା ଆମେ ଅମରତ୍ୱର ଚେତନା ଲାଭ କରୁ ବୋଲି କହିବା ସମୟରେ, ଆମେ ତାହାକୁ ଏହି ଅର୍ଥରେ କହିଥାଉ ଯେ ଯାହା ଅମର ଓ ଅବିନାଶୀ, ଆମର ଚେତନା ତାହାରି ସହିତ ଯାଇ ସଂଯୁକ୍ତ ହୋଇଯାଏ ଏବଂ ତେଣୁ ଆପଣାକୁ ଅମର ଓ ଅବିନାଶୀ ବୋଲି ଅନୁଭବ କରେ । ଯେଉଁସବୁ ଭୂମିରେ ଅମରତ୍ୱ ବିଦ୍ୟମାନ ରହିଛି, ଆମେ ସେହିସବୁ ଭୂମି ବିଷୟରେ ସଚେତନ ହେଉ । ମାତ୍ର ଏହାର ଆଦୌ ଏପରି ଅର୍ଥ ହେବ ନାହିଁ ଯେ, ଆମର ଭୌତିକ ଉପାଦାନଟିରେ ମଧ୍ୟ ରୂପାନ୍ତର ଘଟେ ଓ ତାହା ଅମର ହୋଇଯାଏ । କାରଣ, ସେଥିଲାଗି ସଂପୂର୍ଣ୍ଣ ଅନ୍ୟ ଏକ କ୍ରିୟାବିଧିର ଅନୁସରଣ କରବା ଆବଶ୍ୟକ ହୁଏ । ସେଥିଲାଗି କେବଳ ପ୍ରଥମେ ଏହି ଚେତନାକୁ ଲାଭ କରିବାକୁ ପଡ଼େ ନାହିଁ, ମାତ୍ର ତାହାକୁ ଏହି ଜଡ଼ସ୍ଥ ଜଗତ ମଧ୍ୟକୁ ବି ଅବତୀର୍ଣ୍ଣ କରି ଆଣିବାକୁ ହୁଏ ଏବଂ ତାହାକୁ ଯେ କେବଳ ଭୌତିକ ଚେତନାର ରୂପାନ୍ତରର କ୍ଷେତ୍ରରେ କାର୍ଯ୍ୟ କରିବାକୁ ଛାଡ଼ି ଦିଆହୁଏ ତା' ନୁହେଁ, ତାହାକୁ ଏହି ଭୌତିକ ଉପାଦାନ ଉପରେ ମଧ୍ୟ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ି ଦିଆଯାଏ । ଏହା ପ୍ରକୃତରେ ଏକ ଅତି ବୃହତ୍ କାର୍ଯ୍ୟ ।

ପରିଶେଷରେ, ତୁମେ ବ୍ୟକ୍ତିଗତ ଉପଲବ୍ଧିକୁ ଏକ ସମଗ୍ରରୂପେ ମାନବଜାତିର ଉପଲବ୍ଧି ସହିତ କଦାପି ଗୋଳିଆମିଶା କରିଦେବ ନାହିଁ । ଯେତେବେଳେ **ଆମେ** ସେହି ଅମୃତର ଅଧିକାରୀ ହେଉ, ସେତେବେଳେ ଆମେ ଯାବତୀୟ ଧର୍ମସଂପ୍ରଦାୟର ସୀମାରୁ ଉପରକୁ ଉଠିଯାଇଥାଉ; ଆମ ଲାଗି ସେଗୁଡ଼ିକର ଆଉ କୌଣସି ତାତ୍ପର୍ଯ୍ୟ ଅଥବା ଉପଯୋଗିତା ରହେ ନାହିଁ । ମାତ୍ର ଏକ ସାଧାରଣ ଭାବରେ, ଅର୍ଥାତ୍ ସାଧାରଣ ମନୁଷ୍ୟସମୂହର କ୍ଷେତ୍ରରେ, ଏକ ମାର୍ଗ ରୂପେ, ଏହିସବୁ ବିଷୟରେ ମୂଲ୍ୟ ଓ ଉପଯୋଗିତା ଅବଶ୍ୟ ରହିଥାଏ; ସେମାନେ ଅନ୍ୟ ଉପଲବ୍ଧିଟିକୁ ଲାଭ କରିବାପର୍ଯ୍ୟନ୍ତ ସେପରି ଅବଶ୍ୟ ହୋଇ ରହିଥାଏ ।

୨୮ ଜାନୁଆରି, ୧୯୬୧

**୫୫. ହେ ବରୁଣ, ମୋ ଭିତରେ ବିସ୍ତାରିତ ହୋଇ ରୁହ; ହେ ଇନ୍ଦ୍ର, ମୋ'ଭିତରେ ଶକ୍ତିମାନ୍ ହୋଇ ରୁହ; ହେ ସୂର୍ଯ୍ୟ, ତୁମେ ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ଦୀପ୍ତିମାନ୍ ହୁଅ; ହେ ଚନ୍ଦ୍ରମା, ତୁମେ ସୌମ୍ୟତା ଓ ମଧୁରତାରେ ପୂର୍ଣ୍ଣ ହୋଇ ରୁହ; ହେ ରୁଦ୍ର, ତୁମେ ପ୍ରଚଣ୍ଡ ହୁଅ, ଭୟଙ୍କର ହୁଅ; ହେ ମରୁତ, ତୁମେ କ୍ଷିପ୍ର ଓ ପ୍ରଖର ହୁଅ; ହେ ଅର୍ଯ୍ୟମା, ତୁମେ ବଳବାନ୍ ହୁଅ, ସାହସୀ ହୁଅ; ହେ ଭଗ, ତୁମେ କାମନାକୁ ଉତ୍ତେଜିତ କର, ସୁଖଦାୟକ ହୁଅ; ହେ ମିତ୍ର, ତୁମେ କୋମଳ ଓ ଦୟାବନ୍ତ ହୁଅ, ପ୍ରେମମୟ ହୁଅ, ଓ ଆବେଗପ୍ରବଣ ହୁଅ । ହେ ଉଷା, ତୁମେ ଉଜ୍ଜ୍ୱଳା ଓ ପ୍ରକାଶଶୀଳା ହୁଅ; ହେ ରାତ୍ରି, ତୁମେ ଗମ୍ଭୀରା ହୁଅ, ଗର୍ଭବତୀ ହୁଅ । ହେ ପ୍ରାଣ, ତୁମେ ପରିପୂର୍ଣ୍ଣ ଓ ଉଲ୍ଲାସମୟ ହୁଅ; ହେ ମୃତ୍ୟୁ, ତୁମେ ମୋ'ର ପଦକ୍ଷେପଗୁଡ଼ିକୁ ସଦନରୁ ସଦନ ପରିଚାଳିତ କରି ନେଇଯାଅ । ହେ ବ୍ରହ୍ମଣସ୍ପତି, ତୁମେ ଏହି ସବୁକିଛିକୁ ସୌଷାମ୍ୟଯୁକ୍ତ କରି ରଖ । ହେ କାଳି, ମୁଁ ଯେପରି ଏହି ଦେବତାମାନଙ୍କର ଅଧୀନ ହୋଇ ନ ରହେ ।**

*ଶ୍ରୀଅରବିନ୍ଦ କାଳୀଙ୍କୁ କାହିଁକି ଅପେକ୍ଷାକୃତ ଅଧିକ ମହତ୍ତ୍ୱପ୍ରଦାନ କରିଛନ୍ତି ?*

ଏହି ଦେବତାମାନେ ଯେଉଁସବୁ ଦିବ୍ୟ ଗୁଣର ପ୍ରତିନିଧିତ୍ୱ କରୁଛନ୍ତି ଓ ପ୍ରତୀକ ହୋଇ ରହିଛନ୍ତି, ସେହି ଗୁଣଗୁଡ଼ିକର ଅଧିକାରୀ ହେବା ପ୍ରକୃତରେ ଏକ ଉତ୍ତମ କଥା, ଏକ

ଆବଶ୍ୟକ କଥା । ଶ୍ରୀଅରବିନ୍ଦ ସେହି କାରଣରୁହିଁ ସେମାନଙ୍କର ଆବାହନ କରିଛନ୍ତି ଏବଂ ତାଙ୍କର ସ୍ୱଭାବ କ୍ଷେତ୍ରରେ ଅଧିଷ୍ଠାନ କରିବା ଲାଗି ସେମାନଙ୍କୁ ପ୍ରାର୍ଥନା କରିଛନ୍ତି । ମାତ୍ର, ଯିଏ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବାକୁ ଇଚ୍ଛା କରିବ, ଯଦି ସେହି ସର୍ବୋଚ୍ଚ ପରମ ଉପଲବ୍ଧି ଲାଗି ଅଭୀପ୍ସା ରଖିଥିବ, ତା'ଲାଗି ଏହା କଦାପି ଯଥେଷ୍ଟ ହେବ ନାହିଁ । ସେହି କାରଣରୁହିଁ ଶ୍ରୀଅରବିନ୍ଦ ସବାଶେଷରେ କାଳୀଙ୍କର ଆବାହନ କରିଛନ୍ତି ଏବଂ ସେମାନଙ୍କ ସମସ୍ତଙ୍କଠାରୁ ଆହୁରି ସେପାଖକୁ ଯିବା ଲାଗି ତାଙ୍କୁ ଶକ୍ତି ଦେବା ପାଇଁ ପ୍ରାର୍ଥନା କରିଛନ୍ତି ।

କାରଣ, କାଳୀ ହେଉଛନ୍ତି ବିଶ୍ୱମୟୀ ପରମାଜନନୀଙ୍କର ସବୁଠାରୁ ଅଧିକ ଶକ୍ତିଶାଳୀ ବିଭାବ ଏବଂ ତାଙ୍କର ସୃଷ୍ଟିରେ ରହିଥିବା ସକଳ ଦେବତାଙ୍କଠାରୁ ତାଙ୍କର ଶକ୍ତି ଅଧିକ । ତେଣୁ ସେହି କାଳୀଙ୍କ ସହିତ ସଂଯୁକ୍ତ ହେବାର ଅର୍ଥ ହେଉଛି ଆହୁରି ଅଧିକ ପ୍ରସାରିତ ହେବା, ସବୁ ଦେବତାମାନେ ଏକତ୍ର ଯେତିକି ପରିପୂର୍ଣ୍ଣତା ଓ ଶକ୍ତିର ଉଦ୍‌ବୋଧନ ଦେଉଛନ୍ତି, ତା'ଠାରୁ ଆହୁରି ଅଧିକ ପରିପୂର୍ଣ୍ଣ ଓ ଆହୁରି ଅଧିକ ଶକ୍ତିମନ୍ତ ହେବା । ଏବଂ, ସେହି କାରଣରୁହିଁ ଶ୍ରୀଅରବିନ୍ଦ ସେହି କାଳୀଙ୍କ ସହିତ ସଂଯୁକ୍ତ ହେବାକୁହିଁ ଅନ୍ୟ ଯାବତୀୟ ଉପଲବ୍ଧିଠାରୁ ଅଧିକ ଉର୍ଦ୍ଧ୍ୱରେ ଏବଂ ଆହୁରି ସେପାଖରେ ବୋଲି ବର୍ଣ୍ଣନା କରିଛନ୍ତି ।

୨ ଫେବ୍ରୁଆରି, ୧୯୬୧

**୫୬. ହେ ଅତ୍ୟୁତ୍ସାହୀ ତାର୍କିକ, ଯେତେବେଳେ ତୁମେ କୌଣସି ତର୍କରେ ବିଜୟ ଲାଭ କରିଛ, ସେତେବେଳେ ତୁମେ ପ୍ରକୃତରେ ଅତିଶୟ ଦୟନୀୟ ହୋଇପଡ଼ିଛ; କାରଣ ଏହାଦ୍ୱାରା ତୁମେ ଆପଣାର ଜ୍ଞାନକୁ ପ୍ରସାରିତ କରିବାର ଏକ ସୁଯୋଗକୁ ହରାଇ ବସିଛ ।**

*ଏହିସବୁ ଆଲୋଚନାର ପ୍ରକୃତ ଆବଶ୍ୟକତା କ'ଣ ? ଜଣେ ବ୍ୟକ୍ତି ନିଜେ ଯାହାକୁ ସତ୍ୟ ବୋଲି ଅନୁଭବ କରୁଛି, ତାକୁ ସିଏ କିପରି ସର୍ବୋତ୍ତମ ଭାବରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ବୁଝାଇଦେଇ ପାରିବ ?**

ଯେଉଁମାନେ ତର୍କ ଓ ଆଲୋଚନା କରିବାକୁ ଭଲ ପାଆନ୍ତି, ସେମାନେ ସାଧାରଣତଃ

---

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର

ଆପଣାର ବିଚାରଗୁଡ଼ିକରେ ଅଧିକ ସ୍ପଷ୍ଟତା ଲାଭ କରିବା ସକାଶେ ସେହି ବିଚାରର ଆଉ କେହି ବିରୋଧ କରିବା ଦ୍ୱାରା ଉପୁଜୁଥିବା ଉତ୍ତେଜକଟିକୁ ଆବଶ୍ୟକ କରୁଥାନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାକୁ କେବଳ ଏକ ପ୍ରାରମ୍ଭିକ ବୌଦ୍ଧିକ ସ୍ତର ବୋଲି କୁହାଯିବ ।

ମାତ୍ର, ଯଦି ତୁମେ ଜଣେ ନିରପେକ୍ଷ ଦର୍ଶକରୂପେ କୌଣସି ଆଲୋଚନାରେ ''ଯୋଗ ଦେଇ'' ପାରିବ,– ଏପରିକି ଯେତେବେଳେ ତୁମେ ନିଜେ ସେଥିରେ ଭାଗ ନେଉଥିବ ଏବଂ ଯେତେବେଳେ ଆଲୋଚନାର ଅନ୍ୟ ବ୍ୟକ୍ତିଜଣକ ତୁମକୁ ଉଦ୍ଦେଶ୍ୟ କରି କହୁଥିବ,– କୌଣସି ପ୍ରଶ୍ନ ଅଥବା ସମସ୍ୟାକୁ ଏକାଧିକ ଦୃଷ୍ଟିକୋଣରୁ ବିଚାର କରିବା ଲାଗି ମିଳୁଥିବା ଏହି ସୁଯୋଗରୁ ତୁମେ ସର୍ବଦା ଲାଭବାନ୍ ହୋଇପାରିବ । ଏବଂ, ବିରୁଦ୍ଧ ମତଗୁଡ଼ିକୁ ଏକତ୍ର ସନ୍ତୁଳିତ କରି ଦେଖିବାକୁ ଚେଷ୍ଟା କରିବା ଦ୍ୱାରା ତୁମେ ଆପଣାର ବିଚାରଟିକୁ ଅଧିକ ପ୍ରଶସ୍ତ କରିଦେଇ ପାରିବ ଏବଂ ନିଜକୁ ଗୋଟିଏ ଅଧିକ ପ୍ରସାରଯୁକ୍ତ ସମନ୍ୱୟସ୍ତରକୁ ଉତ୍ତୋଳିତ କରିନେଇ ପାରିବ ।

ମୁଁ ଯାହା ପ୍ରକୃତରେ ସତ ବୋଲି ଅନୁଭବ କରୁଛି, ତାହାକୁ ଅନ୍ୟମାନଙ୍କ ପାଖରେ ପ୍ରମାଣିତ କରିଦେବାର ସର୍ବୋତ୍ତମ ଉପାୟ ହେଲା ଯେ ମୁଁ ସେହି କଥାଟିକୁ **ଜୀବନରେ ବଞ୍ଚି ପାରୁଥିବି,**– ଏହା ବ୍ୟତୀତ ଆଉ ଅନ୍ୟ ବାଟ କିଛି ନାହିଁ ।

*କୌଣସି ଯୁକ୍ତିତର୍କରେ ବିଜୟ ହାସଲ କରିବା ଦ୍ୱାରା ଆମେ ନିଜ ଜ୍ଞାନକୁ ପ୍ରସାରିତ କରିବାର ଏକ ସୁଯୋଗ ହରାଇଥାଉ ବୋଲି କିପରି କୁହାଯିବ ?* *

ତର୍କଗତ ଆଲୋଚନା ସର୍ବଦା ନାନା ମତର ଏକ ଦ୍ୱନ୍ଦ୍ୱରେହିଁ ପର୍ଯ୍ୟବସିତ ହୋଇ ଯାଇଥାଏ । ଏବଂ, ଏହି ମତଗୁଡ଼ିକୁ ପ୍ରକୃତରେ ଯଥାର୍ଥ ସତ୍ୟର କେବଳ ଗୋଟିଏ ଗୋଟିଏ ଅତ୍ୟନ୍ତ ଖଣ୍ଡିତ ହୋଇ ରହିଥିବା ବିଭାବ ବ୍ୟତୀତ ଆଉ କିଛି ହେଲେ କୁହାଯିବ ନାହିଁ । କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଯେତେଗୋଟି ମତପ୍ରକାଶ ପାଇଥାଏ, ସେହି ସବୁଗୁଡ଼ିକୁ ତୁମେ ଏକାଠି କରି ସେଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରିବା ଲାଗି ସମର୍ଥ ହେଉଥିଲେ ମଧ୍ୟ, ତଦ୍ଦ୍ୱାରା ତୁମକୁ ଯଥାର୍ଥ ସତ୍ୟର କେବଳ ଏକ ଅତ୍ୟନ୍ତ ଅପୂର୍ଣ୍ଣ ଅଭିବ୍ୟକ୍ତି ଓ ବ୍ୟାଖ୍ୟା ବ୍ୟତୀତ ଆଉ ଅଧିକ କିଛିହେଲେ ମିଳିବ ନାହିଁ ।

---

* ଲିଖିତ ପ୍ରଶ୍ନ ଓ ଲିଖିତ ଉତ୍ତର ।

ଯଦି କୌଣସି ତର୍କାଲୋଚନାରେ ତୁମେ ଜୟଲାଭ କରିଛ, ତେବେ ତାହାର ଅର୍ଥ ହେଉଛି ଯେ, ଅନ୍ୟ ଜଣକର ମତ ତୁଳନାରେ ତୁମର ମତଟି ଅଧିକ ପ୍ରଭାବଶାଳୀ ବୋଲି ସାବ୍ୟସ୍ତ ହୋଇଛି । ତାହାର କଦାପି ଏପରି ଅର୍ଥ ହେବ ନାହିଁ ଯେ ତୁମର ମତ ସେହି ଅନ୍ୟ ବ୍ୟକ୍ତିର ମତଠାରୁ ଅଧିକ ସତ୍ୟ । ପ୍ରକୃତ କଥା ହେଉଛି, ତୁମେ ହୁଏତ ଅଧିକ କୁଶଳତା ସହିତ ତୁମର ଯୁକ୍ତିଗୁଡ଼ିକୁ ଉପସ୍ଥାପିତ କରିପାରିଲ ଅଥବା ଜଣେ ତର୍କକାରୀ ହିସାବରେ ତୁମର ଅଧିକ ଶକ୍ତି ଓ ଦକ୍ଷତା ରହିଥିଲା । ଏବଂ, ତୁମେ ଏହି ପ୍ରତ୍ୟୟ ନେଇ ଆଲୋଚନାରୁ ବାହାରକୁ ଆସିଲ ଯେ, ତୁମେ ଯୁକ୍ତି ଦେଇ ଯାହାସବୁ ପ୍ରତିଷ୍ଠା କରିଛ, ସେଗୁଡ଼ିକ ପ୍ରକୃତରେ ଠିକ୍; ଅର୍ଥାତ୍, ତୁମର ନିଜ ଦୃଷ୍ଟିକୋଣ ବ୍ୟତୀତ ଆଲୋଚିତ ପ୍ରଶ୍ନଟିରେ ଯେଉଁ ଅନ୍ୟ ଦୃଷ୍ଟିକୋଣଟି ନିହିତ ହୋଇ ରହିଥିଲା, ତୁମେ ତାହାକୁ ସମ୍ୟକ୍ ଭାବରେ ଅନାଇ ଦେଖିବାର ଗୋଟିଏ ସୁଯୋଗ ହରାଇଲ; ସତ୍ୟର ଯେଉଁ ବିଭାବଟି ଅଥବା ବିଭାବଗୁଡ଼ିକ ଆଗରୁ ତୁମ ପାଖରେ ଥିଲା, ସେଥିରେ ଆଉଗୋଟିଏ ଅଧିକ ବିଭାବ ଆଣି ଯୁକ୍ତ କରିବାର ଏକ ସୁଯୋଗ ହରାଇ ବସିଲ । ଅର୍ଥାତ୍, ତୁମେ ନିଜ ଭାବନାଟି ଭିତରେହିଁ ବନ୍ଦୀ ହୋଇ ରହିଗଲ ଏବଂ ତାହାକୁ ଅଧିକ ପ୍ରସାରିତ କରିବା ସକାଶେ ସମ୍ମତ ହେଲ ନାହିଁ ।

୧୭ ମାର୍ଚ୍ଚ, ୧୯୬୧

**୫୭. ବ୍ୟାଘ୍ର ତା' ନିଜର ପ୍ରକୃତି ଅନୁସାରେ ଆଚରଣ କରେ ଓ ତା'ଠାରୁ ଅଧିକ କିଛି ଜାଣେ ନାହିଁ । ତେଣୁ, ତାହାକୁ ଦିବ୍ୟ ବୋଲି କୁହାଯିବ ଏବଂ ତା'ଠାରେ ପ୍ରକୃତରେ କୌଣସି ମନ୍ଦ ରହି ନ ଥାଏ । ଯଦି ନିଜର ଏହି ଆଚରଣରେ ସେ ସଂଶୟ ପ୍ରକାଶ କରୁଥାନ୍ତା, ତେବେ ତାହାକୁ ନିଶ୍ଚୟ ଅପରାଧୀ ବୋଲି କୁହାଯାଆନ୍ତା ।**

*ମନୁଷ୍ୟର ଯଥାର୍ଥ ସ୍ୱାଭାବିକ ସ୍ଥିତିଟି ପ୍ରକୃତରେ କ'ଣ ? ମନୁଷ୍ୟ କାହିଁକି ଆପଣାର ଆଚରଣରେ ସଂଶୟ ପ୍ରକାଶ କରିଥାଏ ?* *

ପୃଥିବୀପୃଷ୍ଠରେ** ମନୁଷ୍ୟ ହେଉଛି ଏକ ମଧ୍ୟବର୍ତ୍ତୀ ସତ୍ତା । ତେଣୁ ଆପଣାର

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର ।

** ମାଆ ଆହୁରି କହିଥିଲେ : ''ମୁଁ ଯେ ଉପରଠାଉରିଆ କରି ଏଭଳି ନିର୍ଦ୍ଦିଷ୍ଟ ଭାବରେ କହିଲି,

ବିବର୍ତ୍ତନକ୍ରମରେ ସିଏ କ୍ରମାନ୍ୱୟରେ ଏକାଧିକ ସ୍ୱଭାବର ଅଧିକାରୀ ହୋଇ ଆସିଛି, ସେହି ସ୍ୱଭାବଗୁଡ଼ିକ ଏକ ଆରୋହୀ କ୍ରମରେ ପରସ୍ପରର ଅନୁସରଣ କରିଛନ୍ତି ଏବଂ ମନୁଷ୍ୟ ଅତିମାନସ ପ୍ରକୃତିର ଦ୍ୱାରଦେଶରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ଓ ଏକ ଅତିମାନବରେ ରୂପାନ୍ତରିତ ହେବା ପର୍ଯ୍ୟନ୍ତ ସେହି ସ୍ୱଭାବଗୁଡ଼ିକ ତା'ର ଅନୁସରଣ କରିବାରେ ଲାଗିଥିବେ । ଏହି ଗତିକ୍ରମଟି ହେଉଛି ମାନସିକ ବିକାଶର ଗତିକ୍ରମ ।

ଯେକୌଣସି ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି, ଯାହାକି କୌଣସି ନିର୍ବାଚନ ଅଥବା ପୂର୍ବକଳ୍ପିତ ମୀମାଂସାରୁ ନିଷ୍ପନ୍ନ ହୋଇ ନ ଥାଏ, ଆମେ ତାହାକୁ ''ସ୍ୱାଭାବିକ'' ବୋଲି କହିବାକୁ ମନ କରିଥାଉ । ଅର୍ଥାତ୍, ସେହିସବୁ ଅଭିବ୍ୟକ୍ତି କୌଣସି ପ୍ରକାରର ମାନସିକ କ୍ରିୟାଶୀଳତାର ହସ୍ତକ୍ଷେପ ବ୍ୟତୀତହିଁ ସମ୍ଭବ ହୋଇଥାଏ । ଏଥିଲାଗି ଯେତେବେଳେ ଜଣେ ବ୍ୟକ୍ତି ଏପରି ଏକ ପ୍ରାଣିକ ସ୍ୱତଃସ୍ଫୂର୍ତ୍ତତାର ପରିଚୟ ଦେଉଥାଏ, ଯାହାକି ଆଦୌ ବିଶେଷ ପରିମାଣରେ ମନର ପ୍ରଭାବରେ ପଡ଼ି ନ ଥାଏ, ସେତେବେଳେ ସେ ଆପଣାର ସରଳତାରେ ଅପେକ୍ଷାକୃତ ଅଧିକ ''ସ୍ୱାଭାବିକ'' ହୋଇ ରହିଥିବା ପରି ବୋଧ ହେଉଥାଏ । ମାତ୍ର, ଏହି ସ୍ୱାଭାବିକତାକୁ ବେଶ୍ ଅନେକ ପରିମାଣରେ ଯେକୌଣସି ଇତରପ୍ରାଣୀର ସ୍ୱାଭାବିକତା ବୋଲି କୁହାଯାଇ ପାରିବ ଏବଂ ତାହା ମନୁଷ୍ୟର ବିବର୍ତ୍ତନଗତ କ୍ରମରେ ସବାତଳେ ଯାଇ ଅବସ୍ଥିତ ରହିଥାଏ । ମନୁଷ୍ୟ ଯେତେବେଳେ ଅତିମାନସର ସୋପାନରେ ଯାଇ ପହଞ୍ଚିବ, କେବଳ ସେତିକିବେଳେହିଁ ସିଏ ଯାବତୀୟ ମନୋଗତ ହସ୍ତକ୍ଷେପରୁ ମୁକ୍ତ ହୋଇ ରହିଥିବା ଏହି ସ୍ୱତଃସ୍ଫୂର୍ତ୍ତତାକୁ ପୁନର୍ବାର ପ୍ରାପ୍ତ କରି ପାରିବ । ଅର୍ଥାତ୍, ଯେତେବେଳେ ସିଏ ମନର ସୋପାନକୁ ଅତିକ୍ରମ କରିଯିବ ଏବଂ ଉଚ୍ଚତର ସତ୍ୟମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବ, ସେକଥା ସେତେବେଳେ ଯାଇ ଘଟିବ ।

ସେପର୍ଯ୍ୟନ୍ତ, ତା'ର ଯାବତୀୟ ଆଚରଣ ସ୍ୱଭାବତଃ ସ୍ୱାଭାବିକ ହୋଇ ରହିଥିବ ! ମାତ୍ର, ମନର ସ୍ତରକୁ ଆସି, ଏହି ବିବର୍ତ୍ତନ– ଏହା ଅନ୍ୟପ୍ରକାରେ ମୋଡ଼ି ହୋଇଯାଇଛି ବୋଲି ଆମେ ଆଦୌ କହିପାରିବା ନାହିଁ,– ମାତ୍ର ଅବଶ୍ୟ ବିକୃତ ହୋଇଯାଇଛି, କାରଣ ଆପଣାର ସ୍ୱଭାବଟି ଦ୍ୱାରା ନିୟନ୍ତ୍ରିତ ହୋଇହିଁ ମନ ନାନା ବିକୃତି ଲାଗି ଉନ୍ମୁକ୍ତ ହୋଇ ରହିଥିଲା ଏବଂ ପ୍ରାୟ ଆରମ୍ଭକାଳରୁହିଁ ବିକୃତ ହୋଇପଡ଼ିଲା;

---

ସେକଥା ମୋଟେ ନୁହେଁ । ମୁଁ ଏହି ଅର୍ଥରେ 'ପୃଥିବୀପୃଷ୍ଠରେ' ବୋଲି କହିଲି ଯେ, ମନୁଷ୍ୟ କେବଳ ଏହି ପୃଥିବୀରହିଁ ଅଧିବାସୀ ନୁହେଁ : ମର୍ମତଃ ସିଏ ହେଉଛି ଏକ ବିଶ୍ୱସତ୍ତା, ମାତ୍ର ପୃଥିବୀପୃଷ୍ଠରେ ତାହାର ଏକ ବିଶେଷ ଅଭିବ୍ୟକ୍ତି ସଂଘଟିତ ହୋଇଛି ।

ଅଥବା, ଆହୁରି ଅଧିକ ନିର୍ଭୁଲ ଭାବରେ କହିବାକୁ ଗଲେ, ତାହା ଆସୁରିକ ଶକ୍ତିଗୁଡ଼ିକ ଦ୍ୱାରା ବିକୃତ ହୋଇ ପଡ଼ିଥିଲା । ଏବଂ ଏହି ବିକୃତ-ଅବସ୍ଥା ପ୍ରକୃତରେ ଅସ୍ୱାଭାବିକ ବୋଲି ଆମକୁ ଏକ ଧାରଣା ଦେଇ ଯାଇଥାଏ ।

ସିଏ କାହିଁକି ଆପଣାକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା କରେ ? କାରଣ, ତାହାହିଁ ହେଉଛି ମନର ସ୍ୱଭାବ ।

ମନର ଆବିର୍ଭାବ ସଙ୍ଗେ ସଙ୍ଗେ ବ୍ୟକ୍ତିଭାବନାର ମଧ୍ୟ ଆବିର୍ଭାବ ଘଟିଥିଲା, ବିଚ୍ଛିନ୍ନ ହୋଇ ରହିଥିବାର ଏକ ତୀବ୍ର ଅନୁଭୂତି ମଧ୍ୟ ଜନ୍ମଲାଭ କଲା ଏବଂ ଅଳ୍ପବହୁତ ସୁନିର୍ଦ୍ଦିଷ୍ଟ ଭାବରେ ନିର୍ବାଚନଗତ ଏକ ସ୍ୱାଧୀନତା ବିଷୟରେ ମଧ୍ୟ ଗୋଟାଏ ପ୍ରକାର ଧାରଣାର ଆବିର୍ଭାବ ହେଲା;— ସେହି ସବୁକିଛି, ଏହି ଯାବତୀୟ ମନୋଗତ ସ୍ଥିତି, ଏଗୁଡ଼ିକ ହେଉଛି ମାନସିକ ଜୀବନର ଗୋଟିଏ ଗୋଟିଏ ସ୍ୱାଭାବିକ ପରିଣାମ, ଏବଂ, ପଥଚ୍ୟୁତିଠାରୁ ଆରମ୍ଭ କରି କଠୋରତମ ସିଦ୍ଧାନ୍ତ ପର୍ଯ୍ୟନ୍ତ ଆମେ ବର୍ତ୍ତମାନ ଯାହାକିଛି ଦେଖିବାକୁ ପାଉଛୁ, ଏହି ପରିଣାମଗୁଡ଼ିକ ସେହିଗୁଡ଼ିକ ସକାଶେହିଁ ଦ୍ୱାର ଉନ୍ମୋଚନ କରିଦିଅନ୍ତି । ମନର ତା' ନିଜ ଭିତରେ ଏପରି ଗୋଟିଏ ଧାରଣା ରହିଥାଏ ଯେ ତାହା ଦୁଇଟି ବିଭିନ୍ନ ଦ୍ରବ୍ୟ ମଧ୍ୟରୁ ଗୋଟିକୁ ବାଛିନେଇ ପାରିବ, ମାତ୍ର ଏହି ଧାରଣାଟିକୁ ଆମେ ଯଥାର୍ଥ ସତ୍ୟଟିର କେବଳ ଏକ ବିକୃତି ବୋଲିହିଁ କହିବା । ଯେତେବେଳେ ଆମର ଚେତନା ମଧ୍ୟରେ ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତାର ଉନ୍ମେଷ ଘଟିବ ଏବଂ ଯଦି ଆତ୍ମାହିଁ ଆମ ସମୁଦାୟ ସତ୍ତାର ଶାସକରୂପେ ପ୍ରତିଷ୍ଠିତ ହେବ, ସେତିକିବେଳେ ଯାଇ ସେହି ଯଥାର୍ଥ ସତ୍ୟର ପୂର୍ଣ୍ଣ ଉପଲବ୍ଧି ସମ୍ଭବ ହେବ । ସେତେବେଳେ ମନୁଷ୍ୟର ଜୀବନ ଯଥାର୍ଥରେ ଆପଣାକୁ ସଚେତନ ଭାବରେ ଏକ ବ୍ୟକ୍ତିବୃତ୍ତ ମଧ୍ୟରେ ବ୍ୟକ୍ତ କରିଥିବା ସେହି ସର୍ବୋଚ୍ଚ ପରମ ଇଚ୍ଛାର ଅଭିବ୍ୟକ୍ତିରେ ପରିଣତ ହୋଇପାରିବ । ମାତ୍ର, ମନୁଷ୍ୟର ଏହି ନିତ୍ୟନୈମିତ୍ତିକ ସ୍ଥିତିର କ୍ଷେତ୍ରରେ ଏହା ଅତ୍ୟନ୍ତ ପରିମାଣରେ ଏକ ବ୍ୟତିକ୍ରମ ହୋଇ ରହିଥିବ; ମନୁଷ୍ୟର ସାଧାରଣ ଚେତନାକୁ ତାହା ଆଦୌ ସ୍ୱାଭାବିକ ବୋଲି ମନେ ହେଉ ନ ଥିବ, ପ୍ରାୟ ଏକ ଅତି-ପ୍ରାକୃତିକ ବ୍ୟାପାର ପରି ଲାଗୁଥିବ ।

ମନରୂପୀ ଯନ୍ତ୍ରଟି ଯାବତୀୟ ସମ୍ଭାବନାକୁ ଅନୁଭବ କରି ପାରିବ ବୋଲି ଅଭିପ୍ରେତ ହୋଇ ରହିଥିବାରୁହିଁ ମନୁଷ୍ୟ ଆପଣାକୁ ପ୍ରଶ୍ନମାନ ପଚାରୁଛି । ଏବଂ, ଏହାର ଏକ ପ୍ରତ୍ୟକ୍ଷ ପରିଣାମରୂପେ ଭଲ ଓ ମନ୍ଦ, କ'ଣ ଠିକ୍ ଓ କ'ଣ ଠିକ୍ ନୁହେଁ,— ଏହିସବୁ ଅବବୋଧ ଜନ୍ମଲାଭ କରୁଛି, ସେଥିରୁ ଉପୁଜୁଥିବା ଯାବତୀୟ ଦୁଃଖଭୋଗର ବି ଆବିର୍ଭାବ ହେଉଛି । ଏହା ଏକ ଖରାପ କଥା ବୋଲି ଆଦୌ କହିହେବ ନାହିଁ ସତ,— ମାତ୍ର ଏହା ହେଉଛି ଏକ ମଧ୍ୟବର୍ତ୍ତୀ ଅବସ୍ଥା,— ଆଦୌ ଏକ ପ୍ରୀତିକର ଅବସ୍ଥା ନୁହେଁ, ମାତ୍ର ତଥାପି...

ଏହା ଏପରି ଏକ ଅବସ୍ଥା, ଯାହାକି ମନର ପରିପୂର୍ଣ୍ଣ ବିକାଶ ଲାଗି ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଅନିବାର୍ଯ୍ୟ ହୋଇ ରହିଥିଲା ।

୧୭ ମାର୍ଚ୍ଚ, ୧୯୬୧

**୫୮. ପଶୁଟି କଳୁଷିତ ହେବା ପୂର୍ବରୁ ଭଲ ଓ ମନ୍ଦ ସମ୍ବନ୍ଧୀୟ ବୃକ୍ଷର ଫଳକୁ ଭୁଞ୍ଜି ନ ଥାଏ । ଶାଶ୍ୱତ ଜୀବନର ବୃକ୍ଷ ଲାଗି ଈଶ୍ୱର ତାହାକୁ ଛାଡ଼ି ଦେଇଥାନ୍ତି । କେବଳ ମନୁଷ୍ୟହିଁ ଉଚ୍ଚତର ସ୍ୱର୍ଗ ଏବଂ ନିମ୍ନତର ସ୍ୱଭାବର ମଧ୍ୟବର୍ତ୍ତୀ ହୋଇ ଅବସ୍ଥିତ ରହିଥାଏ ।**

*ପୃଥିବୀରେ ପ୍ରକୃତରେ କେବେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ ହୋଇଥିଲା କି ? ମନୁଷ୍ୟକୁ କାହିଁକି ସେଥିରୁ ବହିଷ୍କୃତ କରି ଦିଆଗଲା ?*

ଐତିହାସିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ— ବର୍ତ୍ତମାନ ମୁଁ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ କହୁ ନାହିଁ, ଐତିହାସିକ ଦୃଷ୍ଟିରୁହିଁ କହୁଛି— ଯଦି ଆପଣାର ମନେ ରଖିଥିବା କଥାଗୁଡ଼ିକୁ ଭିତ୍ତି କରି କିଛି କହିପାରିବି— ମାତ୍ର ମୁଁ ସେଗୁଡ଼ିକୁ କଦାପି ପ୍ରମାଣିତ କରି ଦେଖାଇ ଦେଇ ପାରିବି ନାହିଁ; ପ୍ରକୃତରେ ଏପରି କିଛି ନାହିଁ, ଯାହାକୁ କି ପ୍ରମାଣ କରି ଦେଖାଇଦେଇ ହେବ,— ଏବଂ ଯଥାର୍ଥ ଭାବରେ କୌଣସି ଐତିହାସିକ ପ୍ରମାଣ କେଉଁଠି ରହିଛି ବୋଲି ମୁଁ ମୋଟେ ଭାବୁ ନାହିଁ,— ଅର୍ଥାତ୍, କେଉଁଠି କିଛି ସଂରକ୍ଷିତ ହୋଇ ରହିଛି, ବା ଅନ୍ତତଃ, ସେପରି କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳି ନାହିଁ । ମାତ୍ର, ମୋ'ର ଯାହା ମନେଅଛି, ପୃଥିବୀର ଇତିହାସରେ ଏକଦା ଏପରି ଏକ ମୁହୂର୍ତ୍ତ ରହିଥିଲା, ଯେତେବେଳେ କି ଏଠାରେ ଗୋଟିଏ ପ୍ରକାରର ଏକ ପୃଥିବୀସ୍ୱର୍ଗ ଅବସ୍ଥିତ ରହିଥିଲା,— ଅର୍ଥାତ୍, ସେତେବେଳେ ଏହି ପୃଥିବୀପୃଷ୍ଠରେ ଜୀବନ ସଂପୂର୍ଣ୍ଣ ଭାବରେ ସୌଷାମ୍ୟଯୁକ୍ତ ଏବଂ ସ୍ୱାଭାବିକ ଥିଲା; ମନଃସତ୍ତାର ଅଭିବ୍ୟକ୍ତି ପରିପୂରକ ହୋଇ ରହିଥିଲା— ପ୍ରକୃତିର କ୍ରମାରୋହଣକାରୀ ସମ୍ମୁଖଯାତ୍ରା ସହିତ ତାହା **ତଥାପି** ସଂପୂର୍ଣ୍ଣ ଭାବରେ ପରିପୂରକ ହୋଇ ରହିଥିଲା, ସଂପୂର୍ଣ୍ଣ ଭାବରେ ସମଞ୍ଜସତା ରକ୍ଷା କରି ରହିଥିଲା, କେଉଁଠି କୌଣସି ବିକୃତି ଅଥବା ବୈକଲ୍ୟ ନ ଥିଲା । ଏହାକୁ ଆମେ ଜଡ଼ର ଆକାରରେ ମନ ଆପଣାକୁ ଅଭିବ୍ୟକ୍ତ କରିବାର ସର୍ବପ୍ରଥମ ଅଧ୍ୟାୟ ବୋଲି କହିପାରିବା ।

ସେହି ଅବସ୍ଥା କେତେ ସମୟ ରହିଥିଲା ? ତାହା କହିବା ପ୍ରକୃତରେ କଷ୍ଟକର । ମାତ୍ର ସେତେବେଳେ ମନୁଷ୍ୟର ଜୀବନ ପ୍ରାଣୀଗତ ଜୀବନର ଏକ ପ୍ରକାରର ଉତ୍‌ପ୍ରବାହ

ହୋଇ ରହିଥିଲା । ମୋ' ସ୍ମରଣ ଭିତରେ ଏପରି ଏକ ଜୀବନର ସ୍ମୃତି ରହିଛି, ଯେତେବେଳେ ଶରୀର ଆପଣାର ପ୍ରାକୃତିକ ପରିପାର୍ଶ୍ୱଟି ସହିତ ପରିପୂର୍ଣ୍ଣ ଭାବରେ ଅନୁକୂଳିତ ହୋଇ ରହିଥିଲା; ସେତେବେଳେ ଜଳବାୟୁ ଶାରୀରିକ ଆବଶ୍ୟକତାର ଅନୁକୂଳ ହୋଇ ରହିଥିଲା ଏବଂ ଶରୀର ମଧ୍ୟ ଜଳବାୟୁର ଆବଶ୍ୟକତା ସହିତ ଅନୁକୂଳ ହୋଇ ରହିଥିଲା । ଜୀବନ ସଂପୂର୍ଣ୍ଣ ଭାବରେ ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱାଭାବିକ ଥିଲା; ଏକ ଅପେକ୍ଷାକୃତ ଅଧିକ ଆଲୋକଯୁକ୍ତ ଏବଂ ଅଧିକ ସଚେତନ ଇତରପ୍ରାଣୀ ଜୀବନ ଯେପରି ହେବା କଥା, ତାହା ସେହିପରି ହୋଇ ରହିଥିଲା । ମାତ୍ର, ଆପଣାର ବିକାଶକ୍ରମରେ ମନ ଯେଉଁସବୁ ଜଟିଳତା ଏବଂ ବିକୃତିକୁ ପରେ ବହନ କରି ଆଣିଲା, ସେତେବେଳେ ସେସବୁ ମୋଟେ କିଛି ନ ଥିଲା । ସେହି ଜୀବନଟିର କଥା ମୋ'ର ବେଶ୍ ସ୍ମରଣ ଅଛି,– ତାହା ମୋ' ଭିତରେ ଥିଲା, ଏବଂ ସମଗ୍ର ଭାବରେ ଏହି ପୃଥିବୀପୃଷ୍ଠର ଜୀବନ ବିଷୟରେ ମୁଁ ସଚେତନ ହେବା ସଙ୍ଗେ ସଙ୍ଗେ ତାହା ମୋ'ଭିତରେ ପୁନର୍ବାର ଅନୁଭୂତ ହୋଇ ଆସିଥିଲା । ମାତ୍ର, ତାହା କେତେକାଳ ରହିଥିଲା ଏବଂ କେତେ ଅଞ୍ଚଳକୁ ବ୍ୟାପ୍ତ ହୋଇଥିଲା, ମୁଁ ସେକଥା ଆଦୌ କହିପାରିବି ନାହିଁ । ମୁଁ କେବଳ ସେହି ସ୍ଥିତି ଓ ସେହି ଅବସ୍ଥାଟିକୁ ମନେ ରଖିଛି; ଜଡ଼ସ୍ଥ ବିଶ୍ୱପ୍ରକୃତି ସେତେବେଳେ କିପରି ଅବସ୍ଥାରେ ଥିଲା, ମନୁଷ୍ୟର ଆକୃତି ଏବଂ ମନୁଷ୍ୟର ଚେତନା କେଉଁଭଳି ହୋଇ ରହିଥିଲା ଏବଂ ପୃଥ୍ୱୀପୃଷ୍ଠର ଅନ୍ୟ ଉପାଦାନଗୁଡ଼ିକ ସହିତ ଏହି ଯେଉଁ ସମଞ୍ଜସତାଟି ରହିଥିଲା,– ଇତରପ୍ରାଣୀଙ୍କ ଜୀବନ ଏବଂ ଆହୁରି ଅଧିକ ପରିମାଣରେ ଉଦ୍ଭିଦ-ଜୀବନ ସହିତ ଯେଉଁ ସମଞ୍ଜସତା ରହିଥିଲା, ମୋ'ର ସେକଥା ମନେ ଅଛି । ପ୍ରକୃତି ମଧ୍ୟରେ ରହିଥିବା ବସ୍ତୁଗୁଡ଼ିକୁ କିପରି ବ୍ୟବହାର କରିବାକୁ ହୁଏ, ଉଦ୍ଭିଦମାନଙ୍କର କେଉଁସବୁ ଦ୍ରବ୍ୟଗୁଣ ରହିଛି, ଉଦ୍ଭିଦସୋପାନର ପ୍ରକୃତି ଯେଉଁସବୁ ଫଳ ଏବଂ ଅନ୍ୟାନ୍ୟ ପଦାର୍ଥ ଯୋଗାଇ ଦେଉଛି, ଏସବୁ ବିଷୟରେ ଏକ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ମହଜୁଦ ରହିଥିଲା । କେହି ଆକ୍ରମଣ କରୁ ନ ଥିଲେ, କେହି ଭୟ କରୁ ନ ଥିଲେ, କୌଣସି ବିରୋଧ ନ ଥିଲା, ବିବାଦ ନ ଥିଲା, ଆଦୌ କୌଣସି ବିକୃତି ମଧ୍ୟ ନ ଥିଲା । ମଣିଷର ମନ ବିଶୁଦ୍ଧ ଥିଲା, ସରଳ ଓ ଆଲୋକିତ ହୋଇ ରହିଥିଲା, ଆଦୌ ଜଟିଳତା ଭିତରେ ପଶି ନ ଥିଲା ।

କେବଳ, ବିବର୍ତ୍ତନ କ୍ରମର ଅଗ୍ରଗତି ସଙ୍ଗେ ସଙ୍ଗେ, ଯେମିତି ମନର ଏକ ସ୍ୱତନ୍ତ୍ର ବିକାଶ, କେବଳ ଆପଣାକୁ ସକଳ କେନ୍ଦ୍ରରୂପେ ପ୍ରତିଷ୍ଠିତ କରି ଏକ ବିକାଶ ହେଲା, ସେତେବେଳେ ଯାଇ ଯାବତୀୟ ଜଟିଳତା ଏବଂ ବିକାର ପ୍ରବେଶ କରିବାକୁ ଆରମ୍ଭ କଲା । ଏହିପରି ଭାବରେ ବିଚାର କଲେ, ସୃଷ୍ଟିର ପ୍ରାରମ୍ଭ ବିଷୟରେ ବାଇବେଲ୍‌ରେ ଯେଉଁ କାହାଣୀ ରହିଛି, ଯେତେ ପିଲାକାହାଣୀ ପରି ମନେ ହେଉଥିଲେ

ମଧ୍ୟ ତା'ଭିତରେ ଅବଶ୍ୟ କିଛି ସତ୍ୟ ରହିଛି । 'ଉତ୍ପତ୍ତି-ଗ୍ରନ୍ଥ' ପରି ପ୍ରାଚୀନ ପରମ୍ପରାଗୁଡ଼ିକରେ ପ୍ରତ୍ୟେକଟି ଅକ୍ଷର (ହିବ୍ରୁ ବର୍ଣ୍ଣମାଳାର ଅକ୍ଷର) ଏକ ବିଶେଷ ଜ୍ଞାନର ପ୍ରତୀକ ହୋଇ ରହିଥିଲା, ଏହା ତତ୍କାଳୀନ ପାରମ୍ପରିକ ଜ୍ଞାନର ଏକ ଜୀବନ୍ତ ସାରାଂଶ ହୋଇ ରହିଥିଲା । ମାତ୍ର, ସେହି କଥାକୁ ବାଦ୍ ଦେଲେ ମଧ୍ୟ, ସେହି ପ୍ରତୀକାତ୍ମକ କାହାଣୀଟିର ମଧ୍ୟ ଏହି ଅର୍ଥରେ ଏକ ବାସ୍ତବତା ରହିଥିଲା ଯେ, ଅତୀତରେ ଏହି ପୃଥିବୀପୃଷ୍ଠରେ ଜୀବନର ଏକ ପର୍ଯ୍ୟାୟ ପ୍ରକୃତରେ ରହିଥିଲା— ମନଃ-ଉପାଦାନଧର୍ମ ଜଡ଼-ମନୁଷ୍ୟର ରୂପରେ ଆପଣାକୁ ଅଭିବ୍ୟକ୍ତ କରିଥିଲା,— ତାହା ତତ୍‌ପୂର୍ବ କାଳର ଯାବତୀୟ ସୃଷ୍ଟି ସହିତ ପୂର୍ଣ୍ଣ ସମଞ୍ଜସତା ରଖିଥିଲା । କେବଳ ଏକ ପରବର୍ତ୍ତୀ କାଳରେ....

ଏବଂ, ଜ୍ଞାନବୃକ୍ଷର ପ୍ରତୀକଟିର ମାଧ୍ୟମରେ ଏପରି ଏକ ପ୍ରକାର ଜ୍ଞାନର ଉପସ୍ଥାପନା କରାଯାଇଛି, ଯାହାକୁ କି ଆଉ ଦିବ୍ୟ ଜ୍ଞାନ ବୋଲି ଆଦୌ କହିହେବ ନାହିଁ; ତାହା ହେଉଛି ଏକ ଜଡ଼ଧର୍ମୀ ଜ୍ଞାନ, ଯାହାକି ବିଭାଜନ-ବୋଧରୁ ଜନ୍ମଲାଭ କରିଥିଲା ଓ ଯାହା ସବୁକିଛିକୁ ଦୂଷିତ କରିଦେବାକୁ ଆରମ୍ଭ କଲା । ଏହି ପର୍ଯ୍ୟାୟଟି କେତେ କାଳ ରହିଥିଲା ? କାଳର ମୋ' ସ୍ମୃତି ଭିତରେ ତାହା ସତେଅବା ପ୍ରାୟ ଏକ ଅମର ଜୀବନ ପରି ବିଦ୍ୟମାନ ଥିଲା, ଏବଂ ଏପରି ପ୍ରତୀତ ହେଉଛି ଯେ, ବିବର୍ତ୍ତନକ୍ରମରେ ଘଟିଥିବା କୌଣସି ଆକସ୍ମିକ ଘଟଣା ହେତୁହିଁ ଆକାରଗୁଡ଼ିକରେ ଏକ ବିଘଟନ ଘଟିବା ଲାଗି ଆବଶ୍ୟକତା ଉପସ୍ଥିତ ହେଲା । ଆହୁରି ଅଧିକ ଅଗ୍ରଗତି ଲାଗି ତାହା ଆବଶ୍ୟକ ହୋଇଥିଲା । ତେଣୁ, ତାହା କେତେ କାଳ ରହିଥିଲା, ମୁଁ ସେକଥା କହିପାରୁ ନାହିଁ । ଏବଂ, ତାହା କେଉଁଠି ଘଟିଥିଲା ? କେତୋଟି ଧାରଣା ଅନୁଯାୟୀ— ମାତ୍ର ସେଗୁଡ଼ିକୁ କେବଳ କେତେକ ଧାରଣା ବୋଲି କୁହାଯିବ,— ଏଭଳି ପ୍ରତୀତ ହେଉଛି ଯେ ତାହା... ଏହା ସିଂହଳ ଓ ଭାରତବର୍ଷର ଏପାଖରେ ଥିଲା ବା ସେପାଖରେ ଥିଲା (ମାଆ ଭାରତ ମହାସାଗରକୁ ନିର୍ଦ୍ଦେଶିତ କଲେ, ପ୍ରଥମେ ସିଂହଳ ଓ ଭାରତର ପଶ୍ଚିମ ଆଡ଼କୁ ଦେଖାଇଲେ ଏବଂ ତା'ପରେ ପୂର୍ବ ଆଡ଼କୁ, ସିଂହଳ ଓ ଜାଭାର ମଧ୍ୟବର୍ତ୍ତୀ ଅଞ୍ଚଳକୁ ସୂଚିତ କଲେ), ସେକଥା ମୁଁ ଠିକ୍ କରି କହିପାରିବି ନାହିଁ । ମାତ୍ର, ନିଶ୍ଚିତ ଭାବରେ ଏହା ଏଭଳି ଏକ ସ୍ଥାନ ଥିଲା, ଯାହାର ବର୍ତ୍ତମାନ ଆଦୌ କୌଣସି ଅସ୍ତିତ୍ୱ ନାହିଁ, ଯାହା ହୁଏତ ଏକଦା ସମୁଦ୍ରଗର୍ଭରେ ଲୀନ ହୋଇଯାଇଛି । ସେହି ସ୍ଥାନଟିକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରୁଛି ଏବଂ ଏହି ଜୀବନ ଓ ତାହାର ରୂପାୟନଗୁଡ଼ିକ ବିଷୟରେ ମଧ୍ୟ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସଜ୍ଞାନ ରହିଛି । ମାତ୍ର ମୁଁ ସେଥିରେ ରହିଥିବା ବସ୍ତୁଗୁଡ଼ିକର ଆଦୌ କୌଣସି ଟିକିନିଖି ବର୍ଣ୍ଣନା ଦେଇପାରିବି ନାହିଁ । ସତ କଥା କହିବାକୁ ଗଲେ, ଯେତେବେଳେ ଏହି ମୁହୂର୍ତ୍ତଗୁଡ଼ିକ ପୁନର୍ବାର ମୋ' ଅନୁଭବ ଭିତରକୁ ଆସିଥିଲେ, ସେତେବେଳେ ତାହାର

ଟିକିନିଖି ସବୁକଥା ଜାଣିବା ସକାଶେ ମୋ' ଭିତରେ ଆଦୌ କୌଣସି ଉତ୍କଣ୍ଠା ନ ଥିଲା । ସେତେବେଳେ ଏକ ସଂପୂର୍ଣ୍ଣ ଅଲଗା ପ୍ରକାରର ମନର ଅବସ୍ଥାରେ ରହିବାକୁ ହୁଏ ଏବଂ ବାହ୍ୟ ଦ୍ରବ୍ୟଗତ ଟିକିନିଖି ବିଷୟରେ ଜାଣିବାକୁ ସେତେବେଳେ ଆଦୌ କୌଣସି ଆଗ୍ରହ ରହେ ନାହିଁ । ସେତେବେଳେ ସବୁକିଛି ଏକ ମନୋଗତ ଉପାଦାନରେ ପରିବର୍ତ୍ତିତ ହୋଇ ଯାଇଥାଏ । ଏବଂ... ଏହା ପ୍ରକୃତରେ ଅତ୍ୟନ୍ତ ସରଳ, ଆଲୋକମୟ, ସମଞ୍ଜସତାଯୁକ୍ତ ଓ ଆମର ଯାବତୀୟ ପରିଚିତ ଆଗ୍ରହଭୂମିର ଅତୀତ ହୋଇ ରହିଥିଲା, କାଳ ଓ ଦେଶ ସହିତ ଯାବତୀୟ ପୂର୍ବଗ୍ରହର ଅତୀତ ହୋଇ ଏହା ରହିଥିଲା । ଏକ ସ୍ୱତଃସ୍ଫୂର୍ତ୍ତ, ଅତ୍ୟନ୍ତ ସୁଦୃଶ୍ୟ ଜୀବନ ରୂପେ ଆବିର୍ଭୂତ ହୋଇଥିଲା, ପ୍ରକୃତିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିଲା, ପ୍ରାଣୀ ଜୀବନର ଏକ ସ୍ୱାଭାବିକ ପ୍ରସ୍ଫୁଟନ ପ୍ରାୟ ହୋଇ ରହିଥିଲା, ଏବଂ, ତାହା ମଧ୍ୟରେ କୌଣସି ବିରୋଧ ନ ଥିଲା,– ପରିପନ୍ଥିତା କିଂବା ସେହି ପ୍ରକାରର ଆଉ କିଛି ହେଲେ ନ ଥିଲା, ସବୁକିଛି ଏକାବେଳେକେ ସର୍ବୋତ୍ତମ ଭାବରେ ଘଟିବାରେ ଲାଗିଥିଲା ।

(ମାଆ ନୀରବ ରହିଲେ)

ବାରବାର, ଭିନ୍ନ ଭିନ୍ନ ପରିସ୍ଥିତିରେ ଏକାଧିକ ଅବସରରେ ମୋ'ର ଏହି ସ୍ମରଣଟି ହୋଇଛି । ସବୁଥର ମୁଁ ସେହି ଏକା ଦୃଶ୍ୟ ଓ ଏକ ପ୍ରତିରୂପଗୁଡ଼ିକୁ ଯେ ଦେଖିଛି, ସେକଥା ଆଦୌ ନୁହେଁ; କାରଣ ସେତେବେଳେ ମୁଁ କୌଣସି ବସ୍ତୁକୁ ଦେଖିଲା ପରି ଆଦୌ କିଛି ଦେଖୁ ନ ଥିଲି, ମୁଁ ପ୍ରକୃତରେ ଏକ ଜୀବନକୁ ବଞ୍ଚୁଥିଲି । ବେଶ୍ କେତେ ଦିନ ସକାଶେ, ଦିନ ଓ ରାତି ସବୁବେଳେ, ଏକ ନିର୍ଦ୍ଦିଷ୍ଟ ଭାବାବେଶର ଅବସ୍ଥାରେ ମୁଁ ଏପରି ଏକ ଜୀବନ ମଧ୍ୟକୁ ବାହୁଡ଼ି ଯାଉଥିଲି, ଯାହାକୁ କି ମୁଁ ନିଜେ ବଞ୍ଚୁଥିଲି ଏବଂ, ମୋ' ଭିତରେ ଏକ ପୂର୍ଣ୍ଣ ସଚେତନତା ରହିଥିଲା ଯେ, ମୋ' ଆଗରେ ପୃଥିବୀପୃଷ୍ଠରେ ପ୍ରସ୍ଫୁଟିତ ହୋଇ ଉଠିଥିବା ମାନବଜୀବନହିଁ ପ୍ରତ୍ୟକ୍ଷୀଭୂତ ହୋଇ ଉଠୁଥିଲା,– ସେହି କ୍ଷେତ୍ରରେ ମନୁଷ୍ୟସତ୍ତାର ଏଭଳି ରୂପମାନ ବ୍ୟକ୍ତ ହୋଇ ରହିଥିଲେ ଯେଉଁମାନଙ୍କ ମଧ୍ୟରେ କି ଦିବ୍ୟ ପରମସତ୍ତାଙ୍କୁ ଧାରଣ କରିବାର ସାମର୍ଥ୍ୟ ନିହିତ ହୋଇ ରହିଥିଲା । ହଁ, ତାହା ପ୍ରକୃତରେ ସେହିପରି ଥିଲା । ତାହାରି ମାଧ୍ୟମରେ ମୁଁ ସର୍ବପ୍ରଥମ ଥର ପାଇଁ ଏକ ଜାଗତିକ ଆକୃତିରେ ଅଭିବ୍ୟକ୍ତ ହୋଇ ପାରିଥିଲି, ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି-ଆକାର ଧାରଣ କରି ପାରିଥିଲି,– ଏକ ''ସାଧାରଣ'' ଜୀବନାକୃତି ନୁହେଁ, ମାତ୍ର ଏକ ବ୍ୟକ୍ତି-ଆକାର ଧାରଣ କରିଥିଲି,– ଅର୍ଥାତ୍, ତଦ୍ୱାରା ସର୍ବପ୍ରଥମ ଥର ପାଇଁ ଊର୍ଦ୍ଧ୍ୱସ୍ଥ ପରମସତ୍ତା ଓ

ନିମ୍ନର ଏହି ସତ୍ତା ଏହି ଜଡ଼ୋପାଦାନ-ନିର୍ମିତ ଆକାରଟିର ମନଃକ୍ଷେତ୍ରରେ ବ୍ୟକ୍ତ ହେବାର ମାଧ୍ୟମରେ ପରସ୍ପର ସହିତ ମିଳିତ ହୋଇପାରିଥିଲେ । ଏହାକୁ ମୁଁ ଏକାଧିକ ଥର ସକାଶେ ଜୀବନରେ ପ୍ରତ୍ୟକ୍ଷ କରିଛି, ମାତ୍ର ସର୍ବଦା ସେହି ଏକାଭଳି ପାରିପାର୍ଶ୍ୱିକତା ମଧ୍ୟରେ ପ୍ରତ୍ୟକ୍ଷ କରିଛି; ଏବଂ ସବୁଥର ଏକାଭଳି ଏହିପରି ଏକ ଆନନ୍ଦଦାୟୀ ସରଳତା ମଧ୍ୟରେ ପ୍ରତ୍ୟକ୍ଷ କରିଛି, ଯାହାମଧ୍ୟରେ କି ଆଦୌ କୌଣସି ଜଟିଳତା ନାହିଁ, କୌଣସି ସମସ୍ୟା ନାହିଁ, ଏହିସବୁ ପ୍ରଶ୍ନମାନ ସେଠାରେ କିଛିହେଲେ ନାହିଁ । ଏଭଳି କୌଣସି କଥା ସେଠାରେ ଏତେ ଟିକିଏ ହେଲେ ନ ଥିଲା ! କେବଳ ବଞ୍ଚିବାର ଆନନ୍ଦହିଁ କୁସୁମିତ ହୋଇ ଉଠୁଥିଲା, ବିଶ୍ୱଗତ ପ୍ରେମ ଓ ବିଶ୍ୱଗତ ସୌଷାମ୍ୟ ମଧ୍ୟରେ ପ୍ରତିଭାତ ହୋଇ ଉଠୁଥିଲା– ଫୁଲ, ଖଣିଜ ଏବଂ ପ୍ରାଣୀ-ଜଗତ୍,– ସମସ୍ତେ ଏକ ସମଞ୍ଜସତା ମଧ୍ୟରେ ଅବସ୍ଥାନ କରୁଥିଲେ ।

କେବଳ ତାହାର ଦୀର୍ଘକାଳ ପରେ ଯାଇ,– ମାତ୍ର ଏହା ହେଉଛି କେବଳ ଏକ ବ୍ୟକ୍ତିଗତ ଅନୁଭବ,– କେବଳ ଏକ ଦୀର୍ଘକାଳ ପରେ ଯାଇ ସବୁକିଛି ବିଗିଡ଼ିବାକୁ ଆରମ୍ଭ କଲା । ସମ୍ଭବତଃ କେତେକ ମନୋଗତ ଆକୃତି ଧାରଣ ଆବଶ୍ୟକ ହେବାରୁ ସେପରି ହେଲା, ସାଧାରଣ ବିବର୍ତ୍ତନ ସକାଶେ ଅପରିହାର୍ଯ୍ୟ ବୋଧ ହେଲା; ମନ ଯେପରି ଆଗକୁ ଆହୁରି ଏକ ଭୂମିକୁ ଯିବା ଲାଗି ପ୍ରସ୍ତୁତ ହୋଇ ପାରିବ, ସେଥିଲାଗି ତାହାର ପ୍ରୟୋଜନ ହୋଇଥିଲା । ଏହା... ଓଃ, ସତେଯେପରି ତାହା ଏକ ଗାତ ଭିତରେ ଆସି ପଡ଼ିଗଲା, କୁତ୍ସିତତା ଏବଂ ଅନ୍ଧକାର ମଧ୍ୟରେ ଆସି ପଡ଼ିଗଲା । ତା'ପରେ ସବୁକିଛି ଭାରି କାଳିମ ହୋଇପଡ଼ିଲା, ଭାରି ଅସୁନ୍ଦର, କଷ୍ଟକର ଏବଂ ଦୁଃଖମୟ ହୋଇଗଲା; ଏହା ପ୍ରକୃତରେ ଏକ ପତନ ପରିହିଁ ବୋଧ ହେଉଛି ।

(ମାଆ ନୀରବ ରହିଲେ)

ମୋ'ର ପରିଚିତ ଜଣେ ଗୂଢ଼ବିଦ୍ୟାବାଦୀ ଅନେକ ସମୟରେ କହୁଥିଲେ ଯେ ଏପରି ହେବା– ଏହାକୁ ମୁଁ କିପରି ଶବ୍ଦ ଦେଇ କହିବି ?– ଏପରି ହେବା ପ୍ରକୃତରେ ଅନିବାର୍ଯ୍ୟ ନ ଥିଲା । ସୃଜନର ସମଗ୍ର ପ୍ରକ୍ରିୟାଗତ ସ୍ୱାଧୀନତା ମଧ୍ୟରେ ଇଚ୍ଛାକୃତ ଭାବରେ ପରମ ଉତ୍ସଟିଠାରୁ ବିଚ୍ଛିନ୍ନ ହୋଇ ଆସିବା ଦ୍ୱାରାହିଁ ଯାବତୀୟ ବିଶୃଙ୍ଖଳାର ସୂତ୍ରପାତ ହୋଇଥିଲା । ମାତ୍ର, ଏହି କଥାଟିକୁ ବୁଝାଇ କହିହେବ କିପରି ? ଆମେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକର ସାମର୍ଥ୍ୟ ଏତେ ଅଳ୍ପ ଯେ, ଆମେ ସେଗୁଡ଼ିକୁ ଦେଇ ଏସବୁ କଥା ମୋଟେ କହି ପାରିବା ନାହିଁ । ତେଣୁ, ଆମେ ହୁଏତ କହିପାରିବା ଯେ, ଏହା ଘଟିବା ''ଅନିବାର୍ଯ୍ୟ'' ଥିଲା, କାରଣ ଏହାହିଁ ପ୍ରକୃତରେ ଘଟିଥିଲା । ମାତ୍ର, ଯଦି ଆମେ ଏହି

ସୃଷ୍ଟିର ବାହାରକୁ ବାହାରିଯାଇ ପାରିବା, ତେବେ ଆମର ଏହି ଅବବୋଧଟି ହେବ ଯେ,— ବା, ଆମେ ଏହିପରି ଏକା ଦୃଷ୍ଟିର ଅବବୋଧ କରି ପାରିଥାନ୍ତେ, ଯେଉଁଥିରେ କି ସେହି ବିଶୃଙ୍ଖଳାଟି ଘଟି ନ ଥାନ୍ତା । ଶ୍ରୀଅରବିନ୍ଦ ମଧ୍ୟ ବସ୍ତୁତଃ ଠିକ୍ ସେହିକଥା କହିଛନ୍ତି, ସେ କହିଛନ୍ତି ଯେ ଏହା ଏକ ''ଆକସ୍ମିକ ଘଟଣା'' ରୂପେ ଘଟିଥିଲା ବୋଲି କୁହାଯାଇ ପାରିବ; ମାତ୍ର, ଏହା ଏପରି ଏକ ''ଆକସ୍ମିକ ଘଟଣା'' ରୂପେ ଘଟିଲା, ଯାହାକି, ଯଦି ତାହା ଘଟି ନ ଥାନ୍ତା, ତାହା ଅପେକ୍ଷା, ଘଟିବା ଦ୍ୱାରାହିଁ ସୃଷ୍ଟିର ପ୍ରକ୍ରିୟାଟିକୁ ଅନେକ ଅଧିକ ପରିମାଣରେ ଏକ ଅନେକ ଅଧିକ ପରିପୂର୍ଣ୍ଣତା ଆଣି ପ୍ରଦାନ କରିପାରିଛି । ମାତ୍ର, ତଥାପି, ଏସବୁ କେବଳ କଳ୍ପନା ଏବଂ ଅନୁମାନର କଥା ଏବଂ ଏହିସବୁ ଅନୁମାନର ପ୍ରକୃତରେ କୌଣସି ଅର୍ଥ ନାହିଁ । ଏହି ବିଷୟରେ ସର୍ବନିମ୍ନ ଭାବରେ ଏତିକି କୁହାଯାଇ ପାରିବ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେହି ଅନୁଭବଟି ହେଉଛି ଏହିପରି : ଏହା ହେଉଛି (ମାଆ ହଠାତ୍ କିଛି ତଳକୁ ପତିତ ହେବାର ଇଙ୍ଗିତ କଲେ)— ଏହିପରି ହଠାତ୍ ଘଟିଥିବା ଏକ ପତନ ।

ପୃଥିବୀର ଇତିହାସରେ ଏକଥା ହୁଏତ ସେହିପରି ଭାବରେହିଁ ଘଟିଥିଲା, ଅତ୍ୟନ୍ତ ହଠାତ୍ ହୋଇ ଘଟିଥିଲା : ପ୍ରଥମେ ଏକ ପ୍ରକାର ଆରୋହଣ ଘଟିଲା, ତା'ପରେ ପତନ ହେଲା । ମାତ୍ର ଆମର ଦୃଷ୍ଟିପଥାରୂଢ଼ ହୋଇ ରହିବା ଲାଗି ପୃଥିବୀ ହେଉଛି କେବଳ ଏକ କ୍ଷୁଦ୍ର ବିନ୍ଦୁ ମାତ୍ର । ବିଶ୍ୱବ୍ରହ୍ମାଣ୍ଡର କ୍ଷେତ୍ରରେ ଏସବୁ କୌଣସି ଅନ୍ୟ ପ୍ରକାରେ ହୋଇଥିଲା ।

(ମାଆ ନୀରବ ରହିଲେ)

ଏହିପରି ଭାବରେ ସେହି କାଳର ସ୍ମୃତିଟି କେଉଁଠି ନା କେଉଁଠି ସଂରକ୍ଷିତ ହୋଇ ରହିଛି; ଏହି ପୃଥିବୀର ସ୍ମୃତି ମଧ୍ୟରେ, ଯେଉଁଠାରେ ପୃଥିବୀର ଯାବତୀୟ ସ୍ମୃତି ଲିପିବଦ୍ଧ ହୋଇ ରହିଛି, ସେହିଠାରେହିଁ ସଞ୍ଚିତ ହୋଇ ରହିଛି । ଏବଂ, ଯେଉଁମାନେ ସେହି ସ୍ମୃତି ସହିତ ସଂଯୋଗ ସ୍ଥାପନ କରି ପାରୁଛନ୍ତି, ସେମାନେ କହିପାରୁଛନ୍ତି ଯେ, ଧରାସ୍ୱର୍ଗ ଅବଶ୍ୟ କେଉଁଠି ନା କେଉଁଠି ଅବଶ୍ୟ ରହିଛି । ମାତ୍ର ମୁଁ ଏହି ବିଷୟରେ କିଛି ଜାଣେ ନାହିଁ, ମୁଁ କିଛି ଦେଖିପାରୁ ନାହିଁ ।

*ସେହି ସର୍ପର କାହାଣୀଟି ବିଷୟରେ ପୁଣି କ'ଣ କୁହାଯିବ ? ସାପର ନାମରେ ଏତେ ନିନ୍ଦାକାହାଣୀ ପ୍ରଚଳିତ କାହିଁକି ରହିଛି ?*

ଖ୍ରୀଷ୍ଟିଆନ୍‌ମାନେ ସାପକୁ ଅମଙ୍ଗଳର ଆତ୍ମା ବୋଲି କହନ୍ତି ।

(ମାଆ ନୀରବ ରହିଲେ)

ମାତ୍ର କେବଳ ଭୁଲ୍ ବୁଝିହିଁ ସେସବୁ କୁହାଯାଇଥାଏ ।

ବର୍ତ୍ତମାନ ମୁଁ ଯେଉଁ ଗୂଢ଼ବିଦ୍ୟାବିତ୍‌ଙ୍କ ବିଷୟରେ କହୁଥିଲି, ସିଏ ମୋତେ କହୁଥିଲେ ଯେ, ସ୍ୱର୍ଗପୁର ଓ ସର୍ପ ସମ୍ବନ୍ଧରେ ବାଇବେଲ୍‌ରେ ଯେଉଁ କାହାଣୀ ରହିଛି, ତାହାର ପ୍ରକୃତ ଅର୍ଥ ହେଉଛି ଯେ, ମନୁଷ୍ୟ ପଶୁମାନଙ୍କ ତୁଲ୍ୟ ପ୍ରଥମେ ଏକ ପଶୁସ୍ତରୀୟ ଦିବ୍ୟତାର ସୋପାନରେ ରହିଥିଲା, ମନର ବିକାଶସାଧନ ଦ୍ୱାରା ସେ ସେହି ସ୍ତରରୁ ଉପରକୁ ଉଠି ସଚେତନ ଦିବ୍ୟତାର ଏକ ସୋପାନରେ ଉପନୀତ ହେବାକୁ ଇଚ୍ଛା କଲା । ମନୁଷ୍ୟମାନେ ଜ୍ଞାନବୃକ୍ଷର ଫଳ ଭକ୍ଷଣ କଲେ ବୋଲି ଯେଉଁ ପ୍ରତୀକାତ୍ମକ କଥାଟି କୁହାଯାଏ, ଏହାହିଁ ହେଲା ତାହାର ଅର୍ଥ । ଏବଂ ସାପଟି ବିଷୟରେ— ସିଏ ସର୍ବଦା କହିବାରେ ଲାଗିଥିଲା ଯେ, ସାପ ନାନା ବର୍ଣ୍ଣର ସମାହାରରେ ଦୀପ୍ତ ହୋଇ ରହିଥିଲା, ଅର୍ଥାତ୍, ତା'ଭିତରେ ଇନ୍ଦ୍ରଧନୁର ସବୁଯାକ ରଙ୍ଗ ରହିଥିଲା,— ତାହାକୁ ସବୁଯାକ ଅମଙ୍ଗଳର ଭାବ ବୋଲି ଆଦୌ କହିବା ଉଚିତ ନୁହେଁ,— ତାହାକୁ ପ୍ରକୃତରେ ବିବର୍ତ୍ତନଗତ ଶକ୍ତି,— ବିବର୍ତ୍ତନର ଶକ୍ତି ବୋଲି କୁହାଯିବ; ଏବଂ ପ୍ରକୃତରେ ବିବର୍ତ୍ତନର ଏହି ଶକ୍ତିହିଁ ସେମାନଙ୍କ ଲାଗି ଜ୍ଞାନଫଳର ସ୍ୱାଦ ଲାଭ କରିବାକୁ ସମ୍ଭବ କରିଥିଲା ।

ଏବଂ, ଏହିପରି ଭାବରେ, ତାଙ୍କର ବ୍ୟାଖ୍ୟା ଅନୁସାରେ, ଯାଭେ ଅସୁରମାନଙ୍କର ଅଧୀଶ୍ୱର ଥିଲେ, ସିଏ ସର୍ବୋଚ୍ଚ ଅସୁର ଥିଲେ,— ଅହଂପ୍ରେରଣା ଦ୍ୱାରା ପ୍ରେରିତ ହୋଇ ରହିଥିବା ଜଣେ ଦେବତା ଥିଲେ ଯିଏ ସବୁକିଛି ଉପରେ ଆପଣାର କର୍ତ୍ତୃତ୍ୱ ବିସ୍ତାର କରି ରଖିବାକୁ ଓ ସବୁକିଛିକୁ ନିଜର ନିୟନ୍ତ୍ରଣାଧୀନ କରି ରଖିବାକୁ ଇଚ୍ଛା କରୁଥିଲେ; ଏବଂ, ଏହି ପୃଥ୍ୱୀ-ଉପଲବ୍ଧିର ପରିପ୍ରେକ୍ଷୀ ଉପରେ ଥରେ ସର୍ବେସର୍ବା ଈଶ୍ୱର ହୋଇ ଆସୀନ ହୋଇପାରିବା ପରେ, ମଣିଷ ଏହିପରି ମନଃକ୍ଷେତ୍ରରେ ଏକ ଅଗ୍ରଗତି ପ୍ରକୃତରେ କରିବ ବୋଲି ଅବଲୋକନ କରି ସିଏ ମୋଟେ ପ୍ରସନ୍ନ ହୋଇ ରହିପାରିଲେ ନାହିଁ, କାରଣ ତଦ୍ଦ୍ୱାରା ସିଏ ଏପରି ଏକ ଜ୍ଞାନର ଅଧିକାରୀ ହୋଇଯିବ, ଯାହାଫଳରେ କି ଆଉ କୌଣସି କିଛିକୁ ନ ମାନିବା ସକାଶେ ତା'ର ଏକ ଶକ୍ତି ଆସିଯିବ ! ଏଥିରେ ସିଏ କ୍ରୋଧରେ ଜଳି ଉଠିଲେ । କାରଣ ଚେତନାରୂପୀ ବିବର୍ତ୍ତନଶକ୍ତିର ଅଧିକାରୀ ହୋଇ ମନୁଷ୍ୟ ଏକ ଦେବତାର ସୋପାନକୁ ଉଠିଯାଇ ପାରିବ । ଏବଂ, ସେହି କାରଣରୁହିଁ ସେମାନଙ୍କୁ ସ୍ୱର୍ଗରାଜ୍ୟରୁ ବାହାରକୁ ବାହାର କରି ଦିଆ ଯାଇଥିଲା ।

ଏହା ପ୍ରକୃତରେ ଅନେକ ପରିମାଣରେ ସତ୍ୟ, ଅନେକ ପରିମାଣରେ ସତ୍ୟ ।

ଶ୍ରୀଅରବିନ୍ଦ ଏହି କଥାଟିକୁ ସଂପୂର୍ଣ୍ଣ ଭାବରେ ସମର୍ଥନ କରୁଥିଲେ । ସିଏ ମଧ୍ୟ ଠିକ୍ ସେହି କଥା କହିଥିଲେ । ମନଃଶକ୍ତିରୂପୀ ଏହି ବିବର୍ତ୍ତନଗତ ଶକ୍ତିହିଁ ମନୁଷ୍ୟକୁ ଜ୍ଞାନ ଆଡ଼କୁ, ପୃଥକ୍‌କାରୀ ଜ୍ଞାନ ଆଡ଼କୁ ପ୍ରେରିତ କରି ନେଇଥିଲା । ଏବଂ, ଏକଥା ମଧ୍ୟ ସତ ଯେ ଏହା ଫଳରେ ଭଲ ଓ ମନ୍ଦକୁ ବୋଧ କରିବାର ସାମର୍ଥ୍ୟ ଲାଭ କଲା ଏବଂ ଆପଣା ବିଷୟରେ ସଚେତନ ହେଲା । ମାତ୍ର ତାହା ସବୁକିଛିକୁ ବିଗାଡ଼ି ଦେଲା ଓ ସିଏ ସେଠାରେ ଆଦୌ ରହିପାରିଲା ନାହିଁ । ନିଜର ଚେତନା ତାକୁ ସେଠାରୁ ମଧ୍ୟ ତାଡ଼ିତ କରି ପକାଇଲା । ସିଏ ଆଉ ସେଠାରେ ଆଦୌ ରହିପାରିଲା ନାହିଁ ।

> *ମାତ୍ର, ତାଙ୍କୁ ଯାଦେ ସେଠାରୁ ତଡ଼ିଲେ ନା ନିଜର ଚେତନା ଦ୍ୱାରା ତାଡ଼ିତ ହୋଇ ମନୁଷ୍ୟମାନେ ସେଠାରୁ ବହିଷ୍କୃତ ହେଲେ ? ସେହି ଗୋଟିଏ କଥାକୁ ଏହିପରି ଦୁଇପ୍ରକାରେ କୁହାଯାଇପାରିବ ।*

ମୋ' ମତରେ, ଏହି ଯାବତୀୟ ପ୍ରାଚୀନ ଗ୍ରନ୍ଥ ଏବଂ ପ୍ରାଚୀନ ପରମ୍ପରା-ଗୁଡ଼ିକର ବିଭିନ୍ନ ସ୍ତରୀୟ ଅର୍ଥମାନ ରହିଛି । (ବିଭିନ୍ନ ସ୍ତରଗୁଡ଼ିକୁ ଦେଖାଇ ଦେବା ପାଇଁ ମାଆ ଅନୁରୂପ ଇଙ୍ଗିତ କଲେ) ଏବଂ, କାଳ, ଜନଗଣ ଓ ବିଭିନ୍ନ ଆବଶ୍ୟକତା ଦ୍ୱାରା ପରିଚାଳିତ ହୋଇହିଁ ବିଭିନ୍ନ ପର୍ଯ୍ୟାୟରେ ପ୍ରତୀକଗୁଡ଼ିକ ମଧ୍ୟରୁ ଏଇଟିକୁ ବା ସେଇଟିକୁ ବାଛି ନିଆଯାଇଛି ଏବଂ ବ୍ୟବହାର କରାଯାଇଛି । ମାତ୍ର, ଏହି କ୍ରମରେ ଏପରି ଏକ ପର୍ଯ୍ୟାୟ ମଧ୍ୟ ଆସି ପହଞ୍ଚେ, ଯେତେବେଳେ କି ତୁମେ ଏହି ଯାବତୀୟ ବସ୍ତୁକୁ ଅତିକ୍ରମ କରି ଚାଲିଯାଅ, ଏବଂ ଶ୍ରୀଅରବିନ୍ଦ ଯାହାକୁ ''ପରାର୍ଦ୍ଧ'' ବୋଲି କହିଛନ୍ତି, ସେଗୁଡ଼ିକୁ ତୁମେ ସେହିଠାରେ ରହି ଦେଖିବାକୁ ଆରମ୍ଭ କର । ସେତେବେଳେ ତୁମେ ଏଭଳି ଏକ ସଜ୍ଞାନତା ମଧ୍ୟ ଲାଭ କର ଯେ, ଏକ ସଂସ୍ପର୍ଶ ସ୍ଥାପନ କରିପାରିବା ସକାଶେ ଏଗୁଡ଼ିକ ହେଉଛି କେବଳ କହିବାର ଗୋଟିଏ ଗୋଟିଏ ରୀତି; ଦେଖିବାର ନିମ୍ନତର ପଦ୍ଧତି ଏବଂ ଜାଣିବାର ଉଚ୍ଚତର ପଦ୍ଧତି ମଧ୍ୟରେ ରହିଥିବା ଗୋଟିଏ ପ୍ରକାରର ସେତୁ ଅଥବା ସଂଯୋଜକ ପରି ।

ଏବଂ, ଏଭଳି ଲୋକେ ବି ଥାଆନ୍ତି, ଯେଉଁମାନେ କି ଯୁକ୍ତି ଦେଖାଇ କହନ୍ତି, ''ନାଇଁ ନାଇଁ, ଏଇଟା ହେଉଛି ଏପରି, ଏଇଟା ସେପରି''– ବେଳ ଆସେ, ଯେତେବେଳେ କି ଏହା ହାସ୍ୟକର, ଅତ୍ୟନ୍ତ ହାସ୍ୟକର ମନେ ହୋଇଥାଏ ! ଏବଂ ପ୍ରକୃତରେ ସେହିପରି ଭାବରେ କେତେ ନା କେତେ ଲୋକ କେଡ଼େ ସହଜରେ ଅବଜ୍ଞା କଲାପରି ଆସି କହନ୍ତି,

''ନାଇଁ, ନାଇଁ– ତାହା ଏକାବେଳେକେ ଅସମ୍ଭବ''– ଏହି ଶବ୍ଦଟାହିଁ ପ୍ରକୃତରେ ଏଡ଼େ ହାସ୍ୟକର ! ଅତି ଅଳ୍ପରେ କହିବାକୁ ଗଲେ, ମୁଁ ହୁଏତ ଏପରି ବି କହିପାରିବି ଯେ, ଅତି ପ୍ରାରମ୍ଭିକ ସ୍ତରର ବୌଦ୍ଧିକ ବିକାଶ ହାସଲ କରିବା ପରେ ତୁମେ ଅବଶ୍ୟ ଏକଥା ଉପଲବ୍ଧି କରିପାରିବ ଯେ, ଯଦି ତାହା ପ୍ରକୃତରେ ଅସମ୍ଭବହିଁ ହୋଇଥାନ୍ତା, ତେବେ ତୁମେ ତା' ବିଷୟରେ ଆଦୌ କିଛିହେଲେ ଚିନ୍ତା ବି କରିପାରନ୍ତ ନାହିଁ ।

(ମାଆ ନୀରବ ରହିଲେ)

ଯଦି ଆମେ ତାହାକୁ ପୁନର୍ବାର ଲାଭ କରିପାରନ୍ତେ,– ମାତ୍ର, ଲାଭ କରିପାରିବା କିପରି ?

ସେମାନେ ପ୍ରକୃତରେ ଏହି ସଂସାରଟାକୁ ବିଗାଡ଼ି ଦେଇଛନ୍ତି, ଏକାବେଳେକେ ବିଗାଡ଼ି ଦେଇଛନ୍ତି । ଏହି ବାୟୁମଣ୍ଡଳକୁ ବିଗାଡ଼ି ଦେଇଛନ୍ତି, ସବୁକିଛିକୁ ବିଗାଡ଼ି ଦେଇଛନ୍ତି ! ଏବଂ, ବାୟୁମଣ୍ଡଳ ପ୍ରକୃତରେ ଯେପରି ହୋଇ ରହିବା ଉଚିତ, ତାହାକୁ ସେହିପରି ଭାବରେ ପୁନର୍ବାର ଫେରି ଆସିବାକୁ ହେଲେ,– ସେଥିପାଇଁ ଆମକୁ ବହୁଦୂର ଯିବାକୁ ପଡ଼ିବ, ସର୍ବୋପରି, ମନୋଗତ କ୍ଷେତ୍ରରେ ବହୁଦୂର ଯିବାକୁ ପଡ଼ିବ । ମାତ୍ର ଜଡ଼ର ଗଠନଟା ମଧ୍ୟ (ମାଆ ତାଙ୍କ ଚତୁର୍ଦ୍ଦିଗରେ ଥିବା ବାୟୁକୁ ଅନୁଭବ କରିବାକୁ ଲାଗିଲେ)– ସେଥିରେ ପୁଣି ବୋମାଗୁଡ଼ାକ ଆସି ପହଞ୍ଚିଲାଣି ଓ ଆହୁରି କେତେ କ'ଣ ପରୀକ୍ଷା ଚାଲିଛି,– ସେମାନେ ପ୍ରକୃତରେ ସବୁ ଛାରଖାର କରି ଦେଇଛନ୍ତି !... ସେମାନେ ଜଡ଼କୁ ଏକାବେଳେକେ ବିଗାଡ଼ି ଦେଇ ସାରିଲେଣି ।

ସମ୍ଭବତଃ,– ନାହିଁ, ସମ୍ଭବତଃ ଆଦୌ ନୁହେଁ,– ଏକଥା ଅତ୍ୟନ୍ତ ସୁନିଶ୍ଚିତ ଯେ, ଏହାକୁ ଏହିପରି ଭାବରେ ଦଳିବା ଓ ମନ୍ଥନ କରିବା ଏକାନ୍ତ ଆବଶ୍ୟକ ଥିଲା, ତାହା ଯେପରି ଏହାକୁ ଗ୍ରହଣ କରିପାରିବ, ସେଥିଲାଗି ତାହାକୁ ପ୍ରସ୍ତୁତ କରି ଆଣିବା ଅତ୍ୟାବଶ୍ୟକ ଥିଲା; ଯେଉଁ ନୂତନ ବସ୍ତୁଟି ଏବେସୁଦ୍ଧା ପ୍ରକଟ ହୋଇ ନାହିଁ, ତାହାରି ଲାଗି ପ୍ରସ୍ତୁତ କରି ଆଣିବା ସକାଶେ ଅତ୍ୟାବଶ୍ୟକ ଥିଲା ।

ଏହା ବଡ଼ ସରଳ ଥିଲା, ଅତ୍ୟନ୍ତ ସୁସମଞ୍ଜସ ଓ ଆଲୋକଯୁକ୍ତ ହୋଇ ରହିଥିଲା, ମାତ୍ର ମୋଟେ ଯଥେଷ୍ଟ ପରିମାଣରେ ସମ୍ମିଶ୍ରିତ ହୋଇ ପାରି ନ ଥିଲା । ଏବଂ, ଏହି ସମ୍ମିଶ୍ରଣ ଆସି ସବୁ ନଷ୍ଟ କରିଦେଲା । ମାତ୍ର, ଏହା ଏପରି ଏକ ଉପଲବ୍ଧିକୁ ସମ୍ଭବ କରି ଆଣିବ, ଯାହାକି ଅନନ୍ତଗୁଣରେ ଅଧିକ ଚେତନାଯୁକ୍ତ ହୋଇଥିବ,– ପ୍ରକୃତରେ ଅନନ୍ତ ଗୁଣରେ । ଏବଂ, ଏହିପରି ଭାବରେ, ଯେତେବେଳେ ଏହି ପୃଥିବୀ ପୁନର୍ବାର ସେହିପରି

ସମଞ୍ଜସ, ସରଳ, ଆଲୋକଯୁକ୍ତ ଏବଂ ଶୁଦ୍ଧ ହୋଇଯିବ– ସହଜ, ଶୁଦ୍ଧ ଓ ସଂପୂର୍ଣ୍ଣ ଭାବରେ ଦିବ୍ୟ, ଏବଂ ସେଥିରେ ଏହି ସୁସମ୍ମିଶ୍ରିତତା ମଧ୍ୟ ରହିଥିବ, ସେତେବେଳେ ଯାଇ ଆମେ ଯଥାର୍ଥରେ କିଛି କରିବା ପାଇଁ ସମର୍ଥ ହେବା ।

ଠିକ୍ ଚାଲିଗଲା ବେଳକୁ ମାଆ ଗୋଟିଏ ଉଜ୍ଜ୍ୱଳ ରକ୍ତ ବର୍ଣ୍ଣର
କେନା (canna) ଫୁଲ ଦେଖିବାକୁ ପାଇଲେ ।

ସେହି ପୃଥ୍ୱୀସ୍ୱର୍ଗରେ ଠିକ୍ ଏହିପରି ରକ୍ତ ବର୍ଣ୍ଣର ସୁନ୍ଦର ଅନେକ ଫୁଲ ଭର୍ତ୍ତି ହୋଇ ରହିଥିଲା ଓ ଚଉଦିଗକୁ ପୂର୍ଣ୍ଣ କରି ରଖିଥିଲା ।

୧୧ ମାର୍ଚ୍ଚ, ୧୯୬୧

**୫୯. ଧର୍ମର ଗୋଟିଏ ସବୁଠାରୁ ବଡ଼ ସାନ୍ତ୍ୱନା ହେଉଛି ଯେ, ତୁମେ ଭଗବାନଙ୍କୁ ବେଳେବେଳେ ଧରି ମନଇଚ୍ଛା ବହେ ପିଟିଦେଇ ପାରିବ । ପ୍ରାର୍ଥନା ପୂରଣ ନ ହେଲେ ଆପଣାର ଦେବତାମାନଙ୍କୁ ପ୍ରହାର କରୁଥିବା ବର୍ବରମାନଙ୍କର ନିର୍ବୋଧତାକୁ ଅନେକ ବ୍ୟକ୍ତି ବିଦ୍ରୂପ କରିଥାନ୍ତି । ମାତ୍ର, ସେହି ବିଦ୍ରୂପକାରୀମାନଙ୍କୁହିଁ ପ୍ରକୃତରେ ନିର୍ବୋଧ ବୋଲି କହିବାକୁ ହେବ, ସେହିମାନଙ୍କୁହିଁ ବର୍ବର ବୋଲି କୁହାଯିବ ।**

*ଭଗବାନଙ୍କୁ ବହେ ପିଟିବା ସମ୍ଭବ ହେବ କିପରି ?*

ଧର୍ମରେ ଈଶ୍ୱରଙ୍କୁ ସର୍ବଦାହିଁ ମନୁଷ୍ୟର ଅନୁକୃତିରେ ତିଆରି କରିବାକୁ ଚେଷ୍ଟା କରାଯାଇଥାଏ । ସେହି ଅନୁକୃତିରେ ପ୍ରତିରୂପଟିକୁ ଆହୁରି ଅଧିକ ବଡ଼ କରି ଦିଆଯାଇଥାଏ, ତାକୁ ଆହୁରି ଅଧିକ ପ୍ରଶସ୍ତି ସହିତ ଉପସ୍ଥାପିତ କରାଯାଇଥାଏ ସତ, ମାତ୍ର ଶେଷକୁ ତାହା ଏପରି ଏକ ଈଶ୍ୱରଙ୍କର ସର୍ଜନାରେ ପରିଣତ ହୁଏ, ଯାହାଙ୍କର ଗୁଣଗୁଡ଼ାକ ଠିକ୍ ମଣିଷର ନାନା ଗୁଣ ପରି ହୋଇ ରହିଥାଏ । ଏହାରି ଫଳରେ, ଜଣେ ମନୁଷ୍ୟ-ଶତ୍ରୁ ପ୍ରତି ଯେଉଁଭଳି ବ୍ୟବହାର ଦେଖାଇବା କଥା, ମନୁଷ୍ୟମାନେ ସେହି ଭଗବାନଙ୍କୁ ମଧ୍ୟ ପ୍ରାୟ ସେହିପରି ବ୍ୟବହାର ଦେଖାଇବାକୁ ପ୍ରବୃତ୍ତ ହୋଇଥାନ୍ତି । ଏପରି କେତେକ ଦେଶ ବି ରହିଛି, ଯେଉଁଠାରେ କି, ଲୋକମାନଙ୍କର ଠାକୁର ଯେତେବେଳେ ସେମାନଙ୍କର ଇଚ୍ଛା ମୁତାବକ କାର୍ଯ୍ୟ ନ କରନ୍ତି, ସେତେବେଳେ ସେମାନେ ତାଙ୍କୁ ନେଇ ନଦୀରେ ଫୋପାଡ଼ି ଦେଇ ଆସନ୍ତି !

*ମାତ୍ର ଏହି ମୂର୍ତ୍ତିଗୁଡ଼ିକୁ ତ କେବଳ ମନୁଷ୍ୟମାନେହିଁ ତିଆରି କରିଥାନ୍ତି । ସେହି ମୂର୍ତ୍ତିଗୁଡ଼ିକର କ'ଣ ପ୍ରକୃତରେ କୌଣସି ଅସ୍ତିତ୍ୱ ଥାଏ ?** *

ଗୋଟିଏ ଦେବତାମୂର୍ତ୍ତିର ବାହ୍ୟ ଆକାର ଓ ପରିଚୟ ଯାହା ହୋଇଥାଉ ପଛକେ,— ତାକୁ ଆମେ ଘୃଣାପୂର୍ଣ୍ଣ ଭାବରେ ଏକ ମଣିଷଗଢ଼ା ପ୍ରତିମା ବୋଲିହିଁ କହିଥାଉ, ଆମର ଏହି ବାହ୍ୟ ଆଖିରେ ଦେଖିବାକୁ ମଧ୍ୟ ଯଦି ତାହା କୁତ୍ସିତ ହୋଇଥାଏ, ଯଦି ତାହା ସାଧାରଣ ଯେକୌଣସି ମୂର୍ତ୍ତି ପରି ଦେଖା ଯାଉଥାଏ, ଭୟଙ୍କର ଦିଶୁଥାଏ ଅଥବା କେବଳ ଏକ ବିକୃତୀକରଣ ହୋଇ ରହିଥିବା ପରି ମନେ ହେଉଥାଏ, ତେବେ ସୁଦ୍ଧା ସେହି କ୍ଷେତ୍ରରେ ସିଏ ପ୍ରତିନିଧିତ୍ୱ କରୁଥିବା ଚିତ୍ରଟି ତା'ଭିତରେ ତଥାପି ଅବଶ୍ୟ ଉପସ୍ଥିତ ଥାଏ । ଏବଂ, ସେଠାରେ ଆଉ ଜଣେ କେହି ବ୍ୟକ୍ତି ବି ଥାଆନ୍ତି, ଜଣେ ପୂଜକ ଥାଆନ୍ତି, ଜଣେ ଦୀକ୍ଷାଧାରୀ, ସାଧୁ ଅଥବା ସନ୍ନ୍ୟାସୀ ମଧ୍ୟ ରହିଥାନ୍ତି, ଯାହାଙ୍କ ଭିତରେ କି— ଏହା ସାଧାରଣତଃ ପୂଜକମାନଙ୍କଠାରେହିଁ ରହିଥାଏ— ଏକ ଶକ୍ତି ରହିଥାଏ ଓ ସିଏ ସେହି ଶକ୍ତିଟିକୁ ଆକର୍ଷିତ କରି ଆଣିପାରନ୍ତି, ଭିତରର ଉପସ୍ଥିତିଟିକୁ ଯିଏ ବାହାରକୁ ଆକର୍ଷିତ କରିଆଣନ୍ତି । ଏବଂ, ଏହି କଥାଟି ପ୍ରକୃତରେ ଘଟେ; ବେଶ୍ ଏକ ସତ୍ୟଘଟଣା ରୂପେ ସେହି ଶକ୍ତି ବା ସେହି ଉପସ୍ଥିତି ସେଠାରେ ଅବଶ୍ୟ ବିଦ୍ୟମାନ ଥାଏ । ଏବଂ, ସେହି ଶକ୍ତିଟିକୁ, କାଷ୍ଠ, ପାଷାଣ ଅଥବା ଧାତୁର ଆକୃତିଟି ଆଦୌ ନୁହେଁ, ସେହି ଶକ୍ତିଟିକୁହିଁ ମନୁଷ୍ୟମାନେ ପୂଜା କରନ୍ତି, ସେହି ଉପସ୍ଥିତିଟିକୁ ପୂଜା କରନ୍ତି ।

ମାତ୍ର ଇଉରୋପର ଲୋକମାନଙ୍କ ଭିତରେ ସେହି ଅନ୍ତର୍ଗତ ବୋଧଟି ମହଜୁଦ ନ ଥାଏ, ଏତେ ଟିକିଏ ହେଲେ ନ ଥାଏ । ସେମାନଙ୍କ ଲାଗି ସବୁକିଛି କେବଳ ଉପରିଭାଗୀୟ ପରି ହୋଇ ରହିଥାଏ,— ଏପରିକି, ସେତିକି ମଧ୍ୟ ନୁହେଁ, ତାହା କେବଳ ବାହାରର ପାତଳା ପରସ୍ତଟିଏ ହୋଇ ରହିଥାଏ, ତାହା ପଛରେ ସେମାନଙ୍କ ଆଖିକୁ ଆଉ କିଛି ହେଲେ ଅବସ୍ଥିତ ନ ଥାଏ । ତେଣୁ ସେମାନେ ତାହାକୁ ଆଦୌ ଅନୁଭବ କରିପାରନ୍ତି ନାହିଁ । ମାତ୍ର ଏକଥା ତଥାପି ସତ୍ୟ ଯେ, ଉପସ୍ଥିତିଟି ଅବଶ୍ୟ ରହିଥାଏ । ମୁଁ ଦୃଢ଼ ନିଶ୍ଚୟତାର ସହିତ କହିପାରିବି ଯେ, ଏହା ସଂପୂର୍ଣ୍ଣ ଭାବରେ ଏକ ସତ୍ୟ କଥା ।

---

* ମାଆ ମୌଖିକ ଭାବରେ ଏହି ଦ୍ୱିତୀୟ ପ୍ରଶ୍ନଟିର ଉତ୍ତର ଦେଇଥିଲେ; ପ୍ରଥମ ଓ ତୃତୀୟ ପ୍ରଶ୍ନର ଉତ୍ତର ସିଏ ଲିଖିତ ଆକାରରେ ଦେଇଥିଲେ ।

*ଅନେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କର ଶିକ୍ଷାକୁ ଏକ ନୂତନ ଧର୍ମ ବୋଲି ଅଭିହିତ କରିଥାନ୍ତି । ଆପଣ ବି ତାହାକୁ ଧର୍ମ ବୋଲି କହିବେ କି ?*

ଯେଉଁ ବ୍ୟକ୍ତିମାନେ ସେଭଳି କହନ୍ତି, ସେମାନେ ଅତ୍ୟନ୍ତ ନିର୍ବୋଧ; ସେମାନେ ଯାହା କହୁଛନ୍ତି, ତାହାର ଅର୍ଥଟିକୁ ମଧ୍ୟ ଜାଣି ନ ଥାନ୍ତି । ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି, ତୁମେ ସେଗୁଡ଼ିକୁ ଅଧ୍ୟୟନ କର; ତେବେ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣିବାକୁ ପାଇବ ଯେ ତାଙ୍କର ଗ୍ରନ୍ଥଗୁଡ଼ିକୁ ଭିତ୍ତି କରି ଏକ ଧର୍ମଗଠନକୁ ଆଣି ଠିଆ କରିବା ଆଦୌ ସମ୍ଭବ ନୁହେଁ । କାରଣ, ସେ ପ୍ରତ୍ୟେକ ସମସ୍ୟା ଓ ପ୍ରତ୍ୟେକ ପ୍ରଶ୍ନକୁ ତାହାର ସକଳ ବିଭାବ ସହିତ ଆଣି ଉପସ୍ଥାପିତ କରିଛନ୍ତି, ବସ୍ତୁଗୁଡ଼ିକୁ ବିଚାର କରିବାର ପ୍ରତ୍ୟେକଟି ଧାରା ମଧ୍ୟରେ ଯେଉଁ ସତ୍ୟ ନିହିତ ହୋଇ ରହିଛି, ସିଏ ତାହାକୁ ଦେଖାଇ ଦେଇଛନ୍ତି । ସିଏ ବ୍ୟାଖ୍ୟା କରି କହିଛନ୍ତି ଯେ, ଯଥାର୍ଥ ସତ୍ୟରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଯାବତୀୟ ମନଃପ୍ରସୂତ ଧାରଣାର ସେପାଖକୁ ନିର୍ଦ୍ଦେଶିତ କରି ଦେଉଥିବା ଏକ ସମନ୍ୱୟର ଉପଲବ୍ଧି କରିବାକୁ ହେବ ଏବଂ ଭାବନାର ଅତୀତ ହୋଇ ରହିଥିବା ଏକ ତୁରୀୟ ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ ।

ତେଣୁ, ତୁମେ ପଚାରିଥିବା ପ୍ରଶ୍ନଟିର ଦ୍ୱିତୀୟ ଭାଗର ଆଦୌ କୌଣସି ଅର୍ଥ ନାହିଁ । ଏବଂ, ଗତ ସଂଖ୍ୟା ବୁଲେଟିନ୍‌ରେ* ଯାହା ପ୍ରକାଶ ପାଇଛି, ଯଦି ତୁମେ ତାହା ପଢ଼ିଥାନ୍ତ, ତେବେ ଏହି ପ୍ରଶ୍ନଟିକୁ ଆଦୌ ପଚାରି ନ ଥାନ୍ତ ।

ମୁଁ ପୁନରାବୃତ୍ତି କରି କହିବି ଯେ, ଯେତେବେଳେ ଆମେ ଶ୍ରୀଅରବିନ୍ଦଙ୍କ ବିଷୟରେ କିଛି କହୁଛୁ, ସେତେବେଳେ ଆମେ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷା କିଂବା ସତ୍ୟପ୍ରକଟନକୁ ଆଦୌ ବୁଝାଉ ନାହୁଁ, ଆମେ ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆଗତ ଏକ ପ୍ରତ୍ୟକ୍ଷ କର୍ମକୁହିଁ ବୁଝାଉଛୁ; ତାହାକୁ ଭିତ୍ତି କରି କୌଣସି ଧର୍ମର ରଚନା କରାଯାଇ ପାରିବ ନାହିଁ ।

ମାତ୍ର, ମନୁଷ୍ୟମାନେ ଏପରି ନିର୍ବୋଧ ଯେ, ସେମାନେ ଯେକୌଣସି ବସ୍ତୁକୁ ମଧ୍ୟ ଏକ ଧର୍ମରେ ପରିଣତ କରିଦେଇଥାନ୍ତି; ସେମାନଙ୍କର ସଂକୀର୍ଣ୍ଣ ଭାବନା ଏବଂ କ୍ଷୁଦ୍ର

---

* ''ପୃଥିବୀର ଇତିହାସରେ ଶ୍ରୀଅରବିନ୍ଦ କୌଣସି ବିଶେଷ ଶିକ୍ଷାର ପ୍ରତିନିଧିତ୍ୱ କରୁ ନାହାନ୍ତି, ତାହାକୁ ଆମେ କୌଣସି ସତ୍ୟପ୍ରକଟନ ଅର୍ଥରେ ମଧ୍ୟ ଗ୍ରହଣ କରିବା ନାହିଁ । ତାହା ହେଉଛି ସିଧା ସେହି ପରମ ସର୍ବୋଚ୍ଚ ସତ୍ତାଙ୍କଠାରୁ ଆଗତ ଏକ ମୀମାଂସକ ପଦକ୍ଷେପ ।''

(ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍, ଏପ୍ରିଲ, ୧୯୬୧, ପୃଷ୍ଠା-୧୬୯)

କର୍ମସୀମା ଲାଗି ଏକ ନିର୍ଦ୍ଦିଷ୍ଟ ଛାଞ୍ଚ ଓ ବାଡ଼ର ପ୍ରକୃତରେ ଏତେବେଶୀ ଆବଶ୍ୟକତା ରହିଥାଏ । ଏଇଟା ହେଉଛି ସତ୍ୟ ଓ ସେଇଟା ଆଦୌ ସତ୍ୟ ନୁହେଁ, ଏହିପରି ଏକ ଘୋଷଣା କରି ନ ପାରୁଥିବା ପର୍ଯ୍ୟନ୍ତ ସେମାନେ ଆଦୌ ସୁରକ୍ଷିତ ଅନୁଭବ କରି ପାରନ୍ତି ନାହିଁ । ମାତ୍ର, ଯେଉଁ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକୁ ପଢ଼ିଛନ୍ତି ଓ ବୁଝିଛନ୍ତି, ସିଏ ଆଦୌ ଏପରି କୌଣସି ଘୋଷଣା କରି ପାରିବେ ନାହିଁ । ଧର୍ମ ଏବଂ ଯୋଗକୁ ଆମେ କଦାପି ଜୀବନ-ଅନୁଭବର ସେହି ଗୋଟିଏ ସ୍ତରକୁ ଆଣି ବିଚାର କରି ପାରିବା ନାହିଁ; ଏବଂ, ଯାବତୀୟ ମନୋଗତ ସୈଦ୍ଧାନ୍ତିକତାରୁ ମୁକ୍ତ ହୋଇପାରିଲେ ଯାଇ ଶୁଦ୍ଧ ଆଧ୍ୟାତ୍ମିକ ଜୀବନ ସମ୍ଭବ ହୋଇପାରିବ ।

୨୬ ଏପ୍ରିଲ, ୧୯୬୧

**୬୦. ମରଣଶୀଳତା ବୋଲି କେଉଁଠି କିଛି ନାହିଁ । କେବଳ ଯାହା ଅମର, ତାହାହିଁ ମରିବାକୁ ସମର୍ଥ ହୁଏ । ଯାହା ମରଣର ଅଧୀନ, ତାହାର ଜନ୍ମ ନାହିଁ କି ବିନାଶ ନାହିଁ ।**

*ଗୋଟିଏ ସତ୍ତା ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ତା'ର ମାନସିକ, ପ୍ରାଣିକ ତଥା ଦେହଗତ ଅନୁଭବଗୁଡ଼ିକୁ ସାଙ୍ଗରେ ନେଇ ଯାଇଥାଏ କି ?*

ଏହା ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ । ଆପଣାର ବିଭିନ୍ନ ଭାଗରେ ଜଣେ ବ୍ୟକ୍ତି କେତେ ଅଧିକ ପରିମାଣରେ ବିକାଶଲାଭ କରିଛି ଏବଂ ଏହିସବୁ ଭାଗଗୁଡ଼ିକ ତା'ର ଚୈତ୍ୟସତ୍ତାକୁ କେନ୍ଦ୍ର କରି କେତେ ଉତ୍ତମ ଭାବରେ ସଂଗଠିତ ହୋଇ ରହିଛନ୍ତି, ଏସବୁ ତାହାରି ଉପରେ ନିର୍ଭର କରେ । ସତ୍ତା ଯେତିକି ଅଧିକ ପରିମାଣରେ ସଂଗଠିତ ହୋଇ ପାରିଥାଏ, ତାହା ସେତିକି ଅଧିକ ସ୍ଥାୟୀ ଭାବରେ ସଚେତନ ହୋଇପାରେ । ଆମେ ସାଧାରଣ ଭାବରେ ଏପରି କହିପାରିବା ଯେ, ପ୍ରତ୍ୟେକ ବ୍ୟକ୍ତି ତା'ର ପୂର୍ବବର୍ତ୍ତୀ ଜନ୍ମଗୁଡ଼ିକର ପରିଣାମଗୁଡ଼ିକୁ ସାଙ୍ଗରେ ଧରି ବର୍ତ୍ତମାନର ଜନ୍ମଟି ମଧ୍ୟରେ ପ୍ରବେଶ କରିଥାଏ; ଅବଶ୍ୟ ଏକଥା ସତ ଯେ, ସେହିସବୁ ଜନ୍ମବିଷୟରେ ତା'ର ଆଦୌ କିଛିହେଲେ ସ୍ମରଣ ନ ଥାଏ । ଅତ୍ୟନ୍ତ ବିରଳ ଅଳ୍ପ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ, ଯେତେବେଳେ ତୁମେ ଆପଣାର ଚୈତ୍ୟସତ୍ତା ସହିତ ସଂଯୁକ୍ତ ହୋଇ ରହିଥାଅ ଏବଂ ସେଇଟି ବିଷୟରେ ସଂପୂର୍ଣ୍ଣ ଭାବରେ ସଚେତନ ଥାଅ, କେବଳ ସେତିକିବେଳେ ଯାଇ ତୁମେ ଯୁଗପତ୍

ଭାବରେ ପୂର୍ବଜନ୍ମଗୁଡ଼ିକର ଘଟଣାଗୁଡ଼ିକୁ ମଧ୍ୟ ସ୍ମରଣ ରଖିପାର,– ସେଗୁଡ଼ିକୁ ତୁମର ଚୈତ୍ୟସତ୍ତାହିଁ ଆପଣାର ଚେତନା ମଧ୍ୟରେ ସାଇତି ରଖିଥାଏ ।

ତା' ନ ହେଲେ, ଅତ୍ୟନ୍ତ ଗ୍ରହଣ-ସଚେତନ ବ୍ୟକ୍ତିମାନଙ୍କର କ୍ଷେତ୍ରରେ ମଧ୍ୟ ଏହିସବୁ ସ୍ମୃତି ଅତ୍ୟନ୍ତ ବିଭକ୍ତ ଏବଂ ବିଖଣ୍ଡିତ ହୋଇ ରହିଥାଏ, ବଡ଼ ଅନିଶ୍ଚିତ ଏବଂ ଅସଂଲଗ୍ନ ଭାବରେ ରହିଥାଏ । ଅଧିକାଂଶ ସମୟରେ ସେଗୁଡ଼ିକୁ ମୋଟେ ଚିହ୍ନି ମଧ୍ୟ ହୁଏ ନାହିଁ, ସେଗୁଡ଼ିକ କେବଳ ଏପରି ଗୋଟିଏ ଗୋଟିଏ ଧାରଣାରୂପେ ଅବସ୍ଥିତ ହୋଇ ଥାଆନ୍ତି, ଯେଉଁଗୁଡ଼ିକର କି ଆଦୌ କୌଣସି ସଂଜ୍ଞା ନିରୂପଣ କରି ହୁଏ ନାହିଁ । ତଥାପି, ଯେଉଁ ବ୍ୟକ୍ତି ପ୍ରତିଭାସଗୁଡ଼ିକୁ ଭେଦ କରି ଭିତରକୁ ଦେଖି ଜାଣେ, ସିଏ ନିଜ ଜୀବନର ଘଟଣା-ପ୍ରବାହରେ ଏକ ପ୍ରକାରର ସାଦୃଶ୍ୟ ଠଉରାଇ ପାରିବାରେ ଅବଶ୍ୟ ସମର୍ଥ ହୋଇଥାଏ ।

୪ ମଇ, ୧୯୬୧

**୬୧. ସୀମା ବୋଲି କେଉଁଠି କିଛି ନାହିଁ । କେବଳ ସେହି ସୀମାହୀନ ପରମ ଅନନ୍ତହିଁ ଆପଣା ସକାଶେ ସୀମାଗୁଡ଼ିକୁ ସୃଷ୍ଟି କରିପାରନ୍ତି । ଯାହା ସୀମା ଦ୍ୱାରା ଆବଦ୍ଧ ହୋଇ ରହିଥିବା ପରି ଦେଖାଯାଉଛି, ତାହାର ପ୍ରକୃତରେ କୌଣସି ଆରମ୍ଭ ନାହିଁ କି କୌଣସି ଶେଷ ନାହିଁ । ଆମେ ଯେ ସେଗୁଡ଼ିକର ଆରମ୍ଭ ଏବଂ ଶେଷ ବିଷୟରେ ଏକ ଅବବୋଧ ଲାଭ କରିବାକୁ ବାହାରୁ, ତାହାହିଁ ତାହାର ଅସୀମତାକୁ ପ୍ରତିପାଦିତ କରି ଦେଇଥାଏ ।**

*ଆମେ କିପରି ଭାବରେ ପରମ ଅନନ୍ତଙ୍କର ଅନୁଭୂତି ଲାଭ କରି ପାରିବା ?*

ସୀମିତର ଚେତନା ଭିତରୁ ବାହାରକୁ ବାହାରି ଆସିବା, ସେଥିଲାଗି ଏହାହିଁ ଏକମାତ୍ର ଉପାୟ ।

ସେହି ସାମର୍ଥ୍ୟଟିକୁ ଲାଭ କରିବାର ଆଶାରେହିଁ ଆବହମାନ କାଳରୁ ଆମର ଏହି ଯୁଗ ପର୍ଯ୍ୟନ୍ତ ଯାବତୀୟ ଯୋଗସାଧନାର ବିକାଶ ଏବଂ ଅନୁଶୀଳନ କରାଯାଇଛି । ଏହି ବିଷୟରେ କେତେକେତେ କଥା ଲେଖାଯାଇଛି, ମାତ୍ର ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଅତି କମ୍ ସମ୍ଭବ ହୋଇଛି । ଅତି କମ୍‌ସଂଖ୍ୟକ ବ୍ୟକ୍ତି ସୀମା ଭିତରୁ ବାହାରି ଅସୀମ ମଧ୍ୟରେ ପ୍ରବିଷ୍ଟ ହେବାକୁ ସମର୍ଥ ହୋଇଛନ୍ତି ।

ମାତ୍ର ତଥାପି, ଶ୍ରୀଅରବିନ୍ଦ ଏଠାରେ ଯେପରି ଲେଖିଛନ୍ତି, କେବଳ ପରମ ଅନନ୍ତହିଁ ଅବସ୍ଥିତ ରହିଛନ୍ତି; କେବଳ ଆମର ଏହି ସ୍ଥୂଳ ଅବବୋଧର ମିଥ୍ୟା ଆମକୁ ସୀମାର ଅସ୍ତିତ୍ୱରେ ବିଶ୍ୱାସ କରିବାରେ ପ୍ରରୋଚିତ କରାଉଛି ।

୨୦ ମଇ, ୧୯୬୧

**୬୨. ଜଣେ ନିର୍ବୋଧ ବ୍ୟକ୍ତି ଚରମ ନିର୍ବୋଧତା କଥାଗୁଡ଼ିଏ ଆଲୋଚନା କରୁଥିବାର ମୁଁ ଶୁଣିଲି । ପରମେଶ୍ୱର ଏଇଟି ସମ୍ବନ୍ଧରେ କ'ଣ ଭାବୁଥିବେ, ମୁଁ ସେହି କଥା ଚିନ୍ତା କରି ବିସ୍ମିତ ହେଲି । ତା'ପରେ ମୁଁ ବିଚାର କରି ଦେଖିଲି ଏବଂ ସତ୍ୟ ତଥା ପ୍ରଜ୍ଞାର ଏକ ବିକୃତ ମୁଖାକୃତିକୁ ପ୍ରତ୍ୟକ୍ଷ କରିଥିଲି ।**

*ନିର୍ବୋଧତାକୁ କିପରି ସତ୍ୟର ଏକ ବିକୃତ ମୁଖାକୃତି ବୋଲି କୁହାଯିବ ?*

ଶ୍ରୀଅରବିନ୍ଦ ଏଠାରେ ନିର୍ବୋଧତାର ଯଥାର୍ଥ ସଂଜ୍ଞାଟିକୁହିଁ ପ୍ରଦାନ କରିଛନ୍ତି । ଆମେ ପିନ୍ଧିଥିବା ମୁଖା ଆମର ମୁହଁଟିକୁ ଘୋଡ଼ାଇ ରଖିଥାଏ; ଯାହାକୁ ଘୋଡ଼ାଇ ରଖେ, ତାହାକୁ ଅଦୃଶ୍ୟ କରି ରଖିଥାଏ । ଏବଂ, ଯଦି ସେହି ମୁଖାଟି ବିକୃତ ହୋଇଥାଏ, ତେବେ ତାହା ଯେ ଘୋଡ଼ାଇ ପକାଇଥିବା ବସ୍ତୁଟିକୁ କେବଳ ଅଦୃଶ୍ୟ କରି ରଖିଥାଏ ତା' ନୁହେଁ, ମାତ୍ର ତା'ର ସ୍ୱଭାବଟିକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇଥାଏ । ତେଣୁ, ଏହି ସଂଜ୍ଞାଟି ଅନୁସାରେ, ଯାବତୀୟ ବସ୍ତୁର ମୂଳରେ ଯେଉଁ ପରମ ସତ୍ୟ ବିଦ୍ୟମାନ ରହିଥାଏ, ନିର୍ବୋଧତା ତାହାକୁ ଏପରି ଭାବରେ ଘୋଡ଼ାଇ ରଖେ ଏବଂ ବିକୃତ କରିପକାଏ ଯେ ତାକୁ ଆଉ ଆଦୌ ଚିହ୍ନି ହୁଏ ନାହିଁ ।

୨୩ ଜୁନ୍, ୧୯୬୧

*ପ୍ରକୃତରେ ପରମ ମିଥ୍ୟା ବା ପରମ ଅସତ୍ୟ ବୋଲି କିଛି ନାହିଁ, ଶ୍ରୀଅରବିନ୍ଦ କ'ଣ ସେହିକଥା କହିବାକୁ ଚାହୁଁଛନ୍ତି ?** 

ପରମ ଅସତ୍ୟ ବୋଲି କୌଣସି ବସ୍ତୁ କଦାପି ସମ୍ଭବ ନୁହେଁ । ବସ୍ତୁତଃ, ତାହା ଆଦୌ

---

* ମାଆ ମୌଖିକ ଭାବରେ ଏହି ପ୍ରଶ୍ନଟିର ଉତ୍ତର ଦେଇଥିଲେ ।

ସମ୍ଭବ ନୁହେଁ; କାରଣ, ସକଳ ବସ୍ତୁର ପଶ୍ଚାତରେ ସେହି ଦିବ୍ୟ ପରମସତ୍ତାହିଁ ବିଦ୍ୟମାନ ରହିଛନ୍ତି ।

କେତେକ ନିର୍ଦ୍ଦିଷ୍ଟ ଉପାଦାନ ଏହି ବିଶ୍ୱଜଗତରୁ ଅନ୍ତର୍ହିତ ହୋଇଯିବ କି ଯେଉଁମାନେ ପଚାରନ୍ତି, ଏହା ଠିକ୍ ସେହିଭଳି ଲୋକଙ୍କର କଥାଭଳି । ''ଏହି ବିଶ୍ୱଜଗତ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ''– ପ୍ରକୃତରେ ଏହି କଥାଟିର ଅର୍ଥ କ'ଣ ? ଆପଣାର ନିର୍ବୋଧତା ମଧ୍ୟରୁ ବାହାରି ଆସି ପାରିଲେ, ଆମେ ତା'ପରେ ଏହି 'ଧ୍ୱଂସ' ଶବ୍ଦଟିକୁ କିପରି ଅର୍ଥରେ ବୁଝିବା ? କେବଳ ବାହ୍ୟ ଆକୃତିଟି ନଷ୍ଟ ହୁଏ, ପ୍ରତିଭାସଟାହିଁ ନଷ୍ଟ ହୁଏ– ଏବଂ ବସ୍ତୁତଃ, ଯାବତୀୟ ପ୍ରତିଭାସର ବିନାଶ ହୁଏ, ଗୋଟିକ ପରେ ଗୋଟିଏ ନଷ୍ଟ ହୋଇଯାଏ । ଏକଥା ମଧ୍ୟ କୁହାଯାଏ,– ଏହା ସର୍ବତ୍ର ଲିଖିତ ହୋଇ ରହିଛି, ଏହିପରି ଅନେକ କଥା କୁହାହୋଇଛି– କୁହାଯାଇଛି ଯେ, ପ୍ରତିକୂଳ ଶକ୍ତିଗୁଡ଼ିକୁ ଦୀକ୍ଷାନ୍ତରିତ କରି ଦିଆଯିବ, ଅର୍ଥାତ୍, ସେମାନେ ନିଜ ଭିତରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହୋଇଯିବେ ଓ ଦିବ୍ୟ ହେବେ, ନଚେତ୍ ବିନାଶପ୍ରାପ୍ତ ହେବେ । ମାତ୍ର, 'ବିନାଶପ୍ରାପ୍ତ ହେବେ', ଏହି କଥାଟିର ଅର୍ଥ କ'ଣ ? ସେଗୁଡ଼ିକର ବାହ୍ୟ ରୂପ ନଷ୍ଟ ହୋଇଯିବ ? ସେଗୁଡ଼ିକର ଚେତନାର ଆକୃତିଟି ହୁଏତ ଲୁପ୍ତ ହୋଇଯିବ, ମାତ୍ର ଯେଉଁ ଅସଲ ''ପଦାର୍ଥ''ଟି ସେଗୁଡ଼ିକୁ ଅସ୍ତିତ୍ୱ ପ୍ରଦାନ କରି ରଖିଛି, ଯାହାକି ସକଳ ବସ୍ତୁକୁ ତାହାର ଅସ୍ତିତ୍ୱ ପ୍ରଦାନ କରିଛି,– ସେଇଟି ଧ୍ୱଂସ ହୋଇଯାଇପାରିବ କିପରି ? ଏହି ବିଶ୍ୱଜଗତ ହେଉଛି ଏକ ମୂର୍ତ୍ତୀକୃତ ପରିପ୍ରକାଶ, ଶାଶ୍ୱତ କାଳରୁ **ଅବସ୍ଥିତ ରହିଥିବା** ସେହି ପରମ ତତ୍‌ଙ୍କରହିଁ ଏକ ମୂର୍ତ୍ତ ଆତ୍ମ-ଆବିଷ୍କାର । ତେବେ ? ସେହି ପରମ ସମଗ୍ରର ବିଲୋପ ହୋଇଯିବ କିପରି ? ଅର୍ଥାତ୍, ସେହି ଅନନ୍ତ ଏବଂ ଚିରନ୍ତନ ସମଗ୍ର, ଯାହାର କି କୌଣସି ପ୍ରକାରର କୌଣସି ଅନ୍ତ ନାହିଁ,– ତାହାକୁ ଛାଡ଼ି ଆଉ କୌଣସି ବସ୍ତୁ କିପରି ବାହାରକୁ ଯାଇ ପାରିବ ? କେଉଁଠାକୁ ଯିବା ପାଇଁ ଆଉ ସ୍ଥାନ ବା କେଉଁଠାରେ ରହିବ ? ପ୍ରକୃତରେ କେଉଁଠାକୁ ଯିବ ? କେବଳ ସେହି **ପରମତତ୍‌ଙ୍କ** ବ୍ୟତୀତ ଆଉ ତ କେଉଁଠି କିଛିହେଲେ ନାହିଁ ।

ପୁନଶ୍ଚ, ଯେତେବେଳେ ଆମେ ''ସେହି ପରମତତ୍‌ହିଁ ରହିଛନ୍ତି'' ବୋଲି କହୁ, ସେତେବେଳେ ଆମେ ସତେଅବା ତାଙ୍କ ଲାଗି ଏକ ସ୍ଥାନ ନିରୂପିତ କରି ଦେଇଥାଉ । ଏହା ସଂପୂର୍ଣ୍ଣ ଭାବରେ ଏକ ନିର୍ବୋଧ କଥା । ତେବେ, ତାଙ୍କ ଭିତରୁ କୌଣସି ବସ୍ତୁକୁ କାଢ଼ି ବାହାରକୁ ନିଆଯାଇ ପାରିବ କିପରି ?

ବର୍ତ୍ତମାନର ଏହି ଅଭିବ୍ୟକ୍ତ ଜଗତର ବାହାରେ ଆମେ ହୁଏତ ପ୍ରକ୍ଷେପିତ ହୋଇ ରହିଥିବା ଆଉ ଏକ ବିଶ୍ୱଜଗତର କଳ୍ପନା କରି ପାରିବା । ଆମେ କଳ୍ପନା

କରିପାରିବା ଯେ ଏହିପରି ଏକାଧିକ ବିଶ୍ୱଜଗତ ପରସ୍ପରକୁ ଅନୁସରଣ କରି ଆସିଛନ୍ତି, ଏବଂ ପୂର୍ବବର୍ତ୍ତୀ ଜଗତଗୁଡ଼ିକରେ ଯାହା ରହିଥିଲା, ପରକାଳୀନ ଜଗତଗୁଡ଼ିକରେ ତାହା ହୁଏତ ଆଉ ସମ୍ଭବ ହେବ ନାହିଁ । ଏହି କଥାଟିକୁ ଆମେ ହୁଏତ ଅତ୍ୟନ୍ତ ନିଶ୍ଚିତ ଏବଂ ସ୍ପଷ୍ଟ ବୋଲି ଧରିନେଇ ପାରିବା । ଆମେ କଳ୍ପନା କରିପାରିବା ଯେ, ମିଥ୍ୟା ଏବଂ ଅସତ୍ୟର ଏକ ସଂପୂର୍ଣ୍ଣ ପିଣ୍ଡ– **ବର୍ତ୍ତମାନ** ଆମକୁ ଯାହାସବୁ ମିଥ୍ୟା ଏବଂ ଅସତ୍ୟ ବୋଲି ବୋଧ ହେଉଛି, ପ୍ରକଟ ହେବାକୁ ଯାଉଥିବା ଜଗତଟି ମଧ୍ୟରେ ତାହା ଆଉ ଏଠାରେ ଆଦୌ ଅବସ୍ଥିତ ହୋଇ ରହିବ ନାହିଁ; ଏସବୁ କଥା ବେଶ୍ ବୁଝିହେଉଛି,– ମାତ୍ର ‘‘ବିଲୁପ୍ତ ହୋଇଯିବା’’ ? ବିଲୁପ୍ତ ହେବା ଲାଗି ଏହା ପୁଣି ଆଉ କେଉଁଠାକୁ ଯାଇପାରିବ ? ଆମେ ଯେତେବେଳେ ବିନଷ୍ଟ ଓ ବିଲୁପ୍ତ ହୋଇଯିବା କଥା କହୁଛୁ, ସେତେବେଳେ ଆମେ କେବଳ ବାହ୍ୟ ରୂପଟିର ବିନାଶ କଥା ଭାବୁଛୁ– ଏହା ଚେତନାର ରୂପ ହୋଇପାରେ କିଂବା ଏକ ଭୌତିକ ରୂପ ବି ହୋଇପାରେ, ମାତ୍ର ସର୍ବଦା କେବଳ ସେହି ରୂପହିଁ ହେବ । ମାତ୍ର, ଯାହାର ରୂପ ନାହିଁ, ତାହାର ବିନାଶ କିପରି ସମ୍ଭବ ହେବ ?

ତେଣୁ, ଏପରି ଏକ ପରମ ମିଥ୍ୟା ବିଷୟରେ କହିବା, ଯାହାକି ଦିନେ ବିଲୁପ୍ତ ହୋଇଯିବ ବୋଲି କହିବା,– ତାହାର କେବଳ ଏହି ଅର୍ଥ ହେବ ଯେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବସ୍ତୁ ଚିରନ୍ତନ ଭାବରେ ଅତୀତ ମଧ୍ୟରେହିଁ ବାସ କରୁଥିବ, ମାତ୍ର ଭବିଷ୍ୟତର ଜଗତ୍‌ସୃଷ୍ଟି ମଧ୍ୟରେ ତାହା ବିଦ୍ୟମାନ ରହିବ ନାହିଁ,– ନୁହେଁ ?

ଆମେ କଦାପି ସେହି **ପରମତତ୍ତ୍ୱର** ବାହାରକୁ ଯାଇ ପାରିବା ନାହିଁ ।

*ମାତ୍ର, ସେଗୁଡ଼ିକ ଅତୀତ ମଧ୍ୟରେ ଅବସ୍ଥାନ କରୁଥିବେ ।*

ଏପରି କୁହାଯାଇଥାଏ ଯେ, ଚେତନାର ଏଭଳି ଏକ ସ୍ଥିତି ରହିଛି, ଯେତେବେଳେ କି ଅସତ୍ ବା ନିର୍ବାଣ ତଥା ସତ୍ ଉଭୟକୁହିଁ ଅତିକ୍ରମ କରି ଆହୁରି ଊର୍ଦ୍ଧ୍ୱକୁ ଚାଲି ଯାଇପାରୁ,– ଗୋଟିଏ ବିଭାବ ହେଉଛି ନିର୍ବାଣର ବିଭାବ, ଆଉ ଗୋଟିଏ ସତ୍‌ର ବିଭାବ, ଏହି ଦୁଇଟିଯାକ ବିଭାବ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ପରିପୂରକ ତଥା ଯୁଗପତ୍ ଭାବରେ ଅବସ୍ଥିତ ରହିଛନ୍ତି,– ସେଠାରେ ଯାବତୀୟ ବସ୍ତୁ ଶାଶ୍ୱତ ତଥା ଯୁଗପତ୍ ଭାବରେ ବିଦ୍ୟମାନ ଥାଆନ୍ତି ବୋଲି ଆମେ କଳ୍ପନା କରି ପାରିବା । କଳ୍ପନା କରିପାରିବା କି ନାହିଁ କେଜାଣି ! ଏଇଟି ମଧ୍ୟ ହୁଏତ ଆଉଗୋଟିଏ ନିର୍ବୋଧତା ମଧ୍ୟ ହୋଇପାରେ । ନିର୍ଦ୍ଦିଷ୍ଟ ସଂଖ୍ୟାର କେତୋଟି ବସ୍ତୁ ପରମ ଅସତ୍ ମଧ୍ୟରେ ଯାଇ ପ୍ରବିଷ୍ଟ ହେଉଛନ୍ତି ବୋଲି ମଧ୍ୟ

ଆମେ ହୁଏତ କଳ୍ପନା କରି ପାରିବା ଏବଂ ତାହାହିଁ ଆମର ଚେତନାକୁ ଏକ ଅନ୍ତର୍ହିତ ହୋଇଯିବା ଅଥବା ବିନାଶପ୍ରାପ୍ତ ହେବା ଭଳି ପ୍ରତୀତ ହେବାରେ ଲାଗିଥିବ ।

ମାତ୍ର ତାହା ପ୍ରକୃତରେ ସମ୍ଭବ  କି ? ମୁଁ ତାହା କହିପାରିବି ନାହିଁ । ତୁମକୁ ସେହି ପ୍ରଶ୍ନଟିକୁ ପରମ ଜଗଦୀଶ୍ୱରଙ୍କ ପାଖରେ ଯାଇ କରିବାକୁ ପଡ଼ିବ । ମାତ୍ର ସାଧାରଣତଃ ସିଏ ଏଭଳି ପ୍ରଶ୍ନଗୁଡ଼ିକର ଆଦୌ କୌଣସି ଉତ୍ତର ଦିଅନ୍ତି ନାହିଁ । ସିଏ କେବଳ ମୁରୁକି ମୁରୁକି ହସୁଥାନ୍ତି ।

ଏପରି ଗୋଟିଏ ସମୟ ଆସି ପହଞ୍ଚେ, ଯେତେବେଳେ କି ଆଉ କିଛି କହି ହୁଏ ନାହିଁ : ସେତେବେଳେ ଏହିପରି ମନେହୁଏ ଯେ, ଆମେ ଯାହାକିଛି କହିବା ପଛକେ, ଏପରିକି ତାହା ଅତ୍ୟନ୍ତ ପରିମାଣରେ ନିରର୍ଥକ ନ ହୋଇଥିଲେ ମଧ, ତାହା ତା'ଠାରୁ ଖୁବ୍‌ବେଶୀ ଦୂରବର୍ତ୍ତୀ ହୋଇ ରହି ନ ଥାଏ ଏବଂ ତେଣୁ ନୀରବ ରହିବାହିଁ ପ୍ରକୃତରେ ତାହାଠାରୁ ନିଶ୍ଚୟ ଅଧିକ ଭଲ କଥା ହେବ । ତାହାହିଁ ଆମର ଅସଲ ଅସୁବିଧା । ଏହି ସୂତ୍ରାବଳୀରୁ କେତୋଟି ପାଠ କଲାବେଳେ ତୁମେ ଅନୁଭବ କରିବାକୁ ଆରମ୍ଭ କରିବ ଯେ, ସିଏ, ଆମେ ଏଠି ଥାଇ ଯାହାକିଛି ଭାବି ପାରିବା, ହଠାତ୍ ତାହାର ଉପରକୁ ଅତିକ୍ରମ କରି ଯାଇଛନ୍ତି ଓ ଆଉ କୌଣସିର ସନ୍ଧାନ ପାଇଛନ୍ତି;— ତେଣୁ, ସେହି କ୍ଷେତ୍ରରେ ଆମେ ଆଉ କ'ଣ କହିପାରିବା ?

(ମାଆ ନୀରବ ରହିଲେ)

ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ପୁଣି ଏହି ଭୂମିକୁ ଓହ୍ଲାଇ ଆସିବା ପରେ, ଆମେ — ଆମେ ନିଶ୍ଚୟ କେତେ ନା କେତେ କହିବାକୁ ସମର୍ଥ ହୋଇଯିବା ।

ପରିହାସ ଛଳରେ— ଆମେ ଇଚ୍ଛା କଲେ ପରିହାସ କରି କେତେ କ'ଣ କହିପାରିବା, ମାତ୍ର ସେଥିଲାଗି ଭାରି ସଙ୍କୋଚ ବି ଲାଗିବ, କାରଣ, ତୁମ ପରିହାସ-ଗୁଡ଼ାକୁ ମଧ ଲୋକେ ଭାରି ଗମ୍ଭୀର ଭାବରେ ଗ୍ରହଣ କରନ୍ତି— ଆମେ ପରିହାସ କରି କହିପାରିବା ଯେ, ଜଣେ ବୁଦ୍ଧିମାନ୍ ମଣିଷର ବୁଦ୍ଧିସମର୍ଥିତ କଥାକୁ ଶୁଣିବା ଅପେକ୍ଷା ଜଣେ ପାଗଳ ଲୋକ ଅଥବା ବୋକା ମଣିଷ ପାଖରୁ ଶୁଣୁଥିବା କଥାରୁ ଅନେକ ସମୟରେ ଅନେକ ଅଧିକ ବିଷୟ ଶିଖିବାକୁ ମିଳିଥାଏ । ଏହି କଥାକୁ ମୋଟେ ସଂପୂର୍ଣ୍ଣ ଭୁଲ୍ ବୋଲି କହି ହେବ ନାହିଁ । ଏହି ବିଷୟରେ ମୋ'ର ଏତେ ଟିକିଏ ହେଲେ ସନ୍ଦେହ ନାହିଁ । ବୁଦ୍ଧିର ବୋଲ ମାନୁଥିବା ବ୍ୟକ୍ତିମାନଙ୍କ ତୁଳନାରେ ଆଉ କେହିହେଲେ ବା କିଛି ବି ଏତେ ଅଧିକ ପରିମାଣରେ ନିସ୍ତେଜ କରିଦେଇ ପାରିବ ନାହିଁ ।

୨୭ ଜୁନ୍, ୧୯୬୧

**୬୩. ମୁସଲମାନ ଭାଇମାନେ କହନ୍ତି, ଆଲ୍ଲା ହେଉଛନ୍ତି ଅତ୍ୟନ୍ତ ବଡ଼, ଅତ୍ୟନ୍ତ ମହାନ୍ । ହଁ, ସିଏ ପ୍ରକୃତରେ ଏଡ଼େ ବଡ଼ ଓ ଏଡ଼େ ମହାନ୍ ଯେ, ଆବଶ୍ୟକ ହେଲେ ସେ ଦୁର୍ବଳ ବି ହୋଇ ପାରନ୍ତି ।**

**୬୪. ଆପଣାର କର୍ମକୃତିରେ ପରମେଶ୍ୱର ଅନେକ ସମୟରେ ବିଫଳ ହୋଇଥାନ୍ତି । ଏହା ହେଉଛି ତାଙ୍କର ଅସୀମ ଈଶ୍ୱରତ୍ୱର ସଙ୍କେତ ।**

**୬୫. ଯେହେତୁ ପରମେଶ୍ୱର ଦୁର୍ବାର ଦୁର୍ଜେୟ, ସେଇଥି ଯୋଗୁଁ ତାଙ୍କର ଦୁର୍ବଳହେବାର ମଧ୍ୟ ସାମର୍ଥ୍ୟ ରହିଛି । ସେ ଅଖଣ୍ଡ ଶୁଦ୍ଧତାର ଅଧିକାରୀ ହୋଇଥିବାରୁ ପାପ ସହମଧ୍ୟ ସଂଶ୍ଳିଷ୍ଟ ହୋଇପାରନ୍ତି । ଶାଶ୍ୱତ ଭାବରେ ସକଳ ଆନନ୍ଦ ତାଙ୍କର ଜ୍ଞାତ ହୋଇ ରହିଥାଏ, ତେଣୁ ସିଏ ଦୁଃଖଜନିତ ଆନନ୍ଦର ସ୍ୱାଦକୁ ମଧ୍ୟ ଉପଭୋଗ କରୁଥାନ୍ତି । ତାଙ୍କର ପ୍ରଜ୍ଞା ତାଙ୍କୁ କଦାପି ଛାଡ଼ି ଯାଏ ନାହିଁ, ତେଣୁ ସିଏ ଆପଣାକୁ କଦାପି ପ୍ରମାଦରୁ ଅସଂଲଗ୍ନ କରି ରଖି ନାହାନ୍ତି ।**

*ଦୁର୍ବଳ ହେବା ଲାଗି ପରମେଶ୍ୱରଙ୍କର କି ପ୍ରୟୋଜନ ରହିଛି ?*

ପରମେଶ୍ୱରଙ୍କର ଦୁର୍ବଳ ହେବା ଲାଗି କୌଣସି ପ୍ରୟୋଜନ ରହିଛି ବୋଲି ଶ୍ରୀଅରବିନ୍ଦ ଆଦୌ କହି ନାହାନ୍ତି । ସିଏ କହିଛନ୍ତି ଯେ, ଯେକୌଣସି ସମଗ୍ର ପ୍ରକ୍ରିୟା ମଧ୍ୟରେ, ଶକ୍ତିଗୁଡ଼ିକର ଲୀଳା ଯେପରି ପରିପୂର୍ଣ୍ଣ ହୋଇପାରିବ, ବଳର ପ୍ରଦର୍ଶନ ପରି ଦୁର୍ବଳତାର ଏକ ମୁହୂର୍ତ୍ତ ଲାଗି ମଧ୍ୟ ସମାନ ଭାବରେ ଏକ ପ୍ରୟୋଜନ ଥାଇପାରେ । ଏବଂ ସେ ପୁନଶ୍ଚ କହିଛନ୍ତି, କିଞ୍ଚିତ୍ ବିଦ୍ରୂପାତ୍ମକ ଭାବରେ କହିଛନ୍ତି, ପରମେଶ୍ୱର ଆପଣା ସାମର୍ଥ୍ୟରେ ସର୍ବଶକ୍ତିମାନ୍ ହୋଇଥିବାରୁ, ପ୍ରୟୋଜନ ହେଲେ ସିଏ ଯୁଗପତ୍ ଭାବରେ ଦୁର୍ବଳତାର ପ୍ରଦର୍ଶନ ମଧ୍ୟ କରିପାରିବେ ।

ଯେଉଁ ନୀତିବାଦୀମାନେ, ଈଶ୍ୱରଙ୍କଠାରେ କେତେକ ନିର୍ଦ୍ଦିଷ୍ଟ ଗୁଣର ଆରୋପ କରିଥାନ୍ତି ଏବଂ ତାଙ୍କୁ ଅନ୍ୟପ୍ରକାର ହେବା ଲାଗି ବାଟ ଛାଡ଼ି ଦିଅନ୍ତି ନାହିଁ, ସେହିମାନଙ୍କର ଦୃଷ୍ଟିକୋଣକୁ ଅଧିକ ପ୍ରଶସ୍ତ କରାଇବା ଉଦ୍ଦେଶ୍ୟରେ ସେକଥା କୁହାଯାଇଛି ।

ଆମେ ସଚରାଚର ବଳର ତଥା ଦୁର୍ବଳତାର ଯେଉଁ ପରି ଭାବରେ ବିଚାର କରିଥାଉ, ଏହି ଦୁଇଟିଯାକହିଁ କେବଳ ବିକୃତ ଭାବରେ ଦିବ୍ୟ ପରମସତ୍ୟକୁ ବ୍ୟକ୍ତ

କରିବାର ପ୍ରୟାସ କରୁଥାନ୍ତି; ଆମର ଏହି ଯାବତୀୟ ଜାଗତିକ ପରିପ୍ରକାଶର ପଶ୍ଚାତରେହିଁ ସେହି ସତ୍ୟ ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଥାଏ । ୩୦ ଜୁନ୍, ୧୯୬୧

*ପରମେଶ୍ୱର କେବେ ପ୍ରକୃତରେ ବିଫଳ ହୁଅନ୍ତି କି ? ସିଏ କେବେ ପ୍ରକୃତରେ ଦୁର୍ବଳ ହୋଇପଡ଼ନ୍ତି କି ? ନା, ଆମେ ଏହାକୁ ତାଙ୍କର କେବଳ ଏକ ଲୀଳା ବୋଲି ଜାଣିବା ?**

କଥାଟି ମୋଟେ ସେପରି ନୁହେଁ । ଗୀତାର ଦୃଷ୍ଟିକୋଣଠାରୁ ବିପରୀତ ହୋଇ ରହିଥିବା ପାଶ୍ଚାତ୍ୟ ଦୃଷ୍ଟିକୋଣଟିରେହିଁ ସେହି ବିକୃତି ସମ୍ଭବ ହୋଇଛି । **ପ୍ରତ୍ୟେକ ବସ୍ତୁ**ରେ ଯେ ଦିବ୍ୟତା ନିହିତ ହୋଇ ରହିଛି, ତାହାକୁ ଏକ ଜୀବନ୍ତ ଏବଂ ମୂର୍ତ୍ତ ଭାବରେ ବୁଝିପାରିବା ପାଶ୍ଚାତ୍ୟ ମନୋଭୂମି ଲାଗି ପ୍ରକୃତରେ ଅତ୍ୟନ୍ତ କଷ୍ଟକର ।

ପାଶ୍ଚାତ୍ୟ ଜଗତର ବ୍ୟକ୍ତିମାନେ ''ସୃଷ୍ଟିକର୍ତ୍ତା ଭଗବାନ''ର ଖ୍ରୀଷ୍ଟିଆନ୍ ଧାରଣାଟି ଦ୍ୱାରା ଅତ୍ୟନ୍ତ ଅଧିକ ନିବିଡ଼ ଭାବରେ ଅନୁପ୍ରାଣିତ ହୋଇ ରହିଛନ୍ତି,— ଗୋଟାଏ ପାଖରେ ସୃଷ୍ଟି ରହିଛି ଓ ଆଉ ଗୋଟାଏ ପାଖରେ ଈଶ୍ୱର ରହିଛନ୍ତି । ଏହି କଥାଟିକୁ ଚିନ୍ତା କଲାବେଳେ ଏହାକୁ ସହଜରେ ଭୁଲ୍ ବୋଲି କହି ବର୍ଜନ କରିହେଉଛି ସତ, ମାତ୍ର ତାହା ତଥାପି ଅବବୋଧ ଓ ଅନୁଭୂତି ଭିତରକୁ କେତେ ନା କେତେ ଭିତରଯାଏ ଭେଦିକରି ରହିଛି; ଏବଂ, ସେହି କାରଣରୁ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱତଃପ୍ରବୃତ୍ତ ଭାବରେ, ପ୍ରାୟ ଏକ ଅବଚେତନ ଆକାଙ୍‌କ୍ଷା ଦ୍ୱାରା ପ୍ରବୃତ୍ତ ହୋଇ, ଏଠାରେ ଯାହାକିଛିକୁ ତୁମେ ସର୍ବୋତ୍ତମ ଓ ସବୁଠାରୁ ଅଧିକ ସୁନ୍ଦର ବୋଲି ମନେକରୁଛ, ସର୍ବୋପରି, ତୁମେ ଯାହାକିଛି ଅର୍ଜନ ଏବଂ ଉପଲବ୍ଧି କରିବାକୁ ଇଚ୍ଛା କରୁଛ, ତୁମେ ସେହି ସବୁକିଛିକୁ ଈଶ୍ୱରଙ୍କଠାରେ ନେଇ ଆରୋପିତ କରିଦେଉଛ । ଏବଂ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଆପଣାର ଚେତନା ଅନୁସାରେହିଁ ପ୍ରତ୍ୟେକ ବ୍ୟକ୍ତି ସ୍ୱକଳ୍ପିତ ଈଶ୍ୱରଙ୍କର ଧାରଣାରେ ଆବଶ୍ୟକ ପରିବର୍ତ୍ତନମାନ କରିବାରେ ଲାଗିଛି; ମାତ୍ର ତାହାକୁହିଁ ସିଏ ସର୍ବୋତ୍ତମ ବୋଲି ବିଚାର କରିନେଉଛି । ତେଣୁ, ତୁମେ ଯେଉଁସବୁ ବସ୍ତୁକୁ ଭଲ ପାଉ ନାହଁ, ଯେଉଁଗୁଡ଼ିକୁ କାମ୍ୟ ବୋଲି କହିପାରୁ ନାହଁ ଅଥବା ସର୍ବୋତ୍ତମ ବୋଲି ଚିନ୍ତା କରୁ ନାହଁ, ଈଶ୍ୱର ଯେ ପ୍ରକୃତରେ ସେହିସବୁ ବସ୍ତୁ ହୋଇଥିବେ, ଏକଥା ଭାବିବା ମାତ୍ରକେହିଁ ତୁମେ ଅତ୍ୟନ୍ତ ସ୍ୱତଃପ୍ରବୃତ୍ତ, ସ୍ୱତଃସ୍ଫୂର୍ତ୍ତ ଏବଂ ଅବଚେତନ ଭାବରେ ଆଶ୍ଚର୍ଯ୍ୟଚକିତ ହୋଇଉଠୁଛ ।

* ମାଆ ମୌଖିକ ଭାବରେ ଏହି ପ୍ରଶ୍ନଟିର ଉତ୍ତର ଦେଇଥିଲେ ।

ଏହି କଥାଟିକୁ ମୁଁ ଜାଣିଶୁଣି ଏକ ପିଲାଳିଆ ଢଙ୍ଗରେ କହିଲି, ଯେପରିକି ଏହା ତୁମର ଯଥାର୍ଥ ଭାବରେ ବୋଧଗମ୍ୟ ହୋଇପାରିବ । ମାତ୍ର, ଏହି କଥାଟି ପ୍ରକୃତରେ ସେହିପରି,— ଏଥିରେ ମୋ' ମନରେ ଆଦୌ କୌଣସି ସନ୍ଦେହ ନାହିଁ; କାରଣ ମୁଁ ନିଜ କ୍ଷେତ୍ରରେ ମଧ୍ୟ ଦୀର୍ଘକାଳ ଯାଏ ଏହି କଥାଟିକୁ ଲକ୍ଷ୍ୟ କରିଛି, କାରଣ ବାଲ୍ୟକାଳ, ପରିବେଶ ଓ ଶିକ୍ଷା ପ୍ରଭୃତି ଦ୍ୱାରା ସବୁକିଛି ଅବଚେତନ ମଧ୍ୟରେ ସେହିପରି ଭାବରେ ଗଠିତ ହୋଇ ରହିଯାଇଛି । ମାତ୍ର, ତୁମକୁ ସେହି ପରମ ଏକତ୍ୱର ଚେତନାକୁ ଶରୀର ମଧ୍ୟରେ ଆଣି ଭରିଦେଇ ପାରିବାରେ ସମର୍ଥ ହେବାକୁ ପଡ଼ିବ,— ଦିବ୍ୟ ପରମସତ୍ତାଙ୍କର ଏହି ନିର୍ବିଶେଷ ପରମ ଏକତ୍ୱର ଭାବନାକୁ ନିଜ ଭିତରେ ସଂଚାରିତ କରି ରଖିବାକୁ ପଡ଼ିବ;— ଏଠାରେ ମୁଁ ନିର୍ବିଶେଷ ଶବ୍ଦଟିକୁ ଏହିପରି ଅର୍ଥରେ ବ୍ୟବହାର କରିଛି ଯେ, କେବଳ ଏହି ଏକତ୍ୱ ବ୍ୟତୀତ ଆଉ କେଉଁଠି କିଛି ନାହିଁ, ଏପରିକି ଯେଉଁ ବସ୍ତୁଗୁଡ଼ିକୁ ଆମେ ଅତ୍ୟନ୍ତ ଘୃଣାସ୍ପଦ ଓ ପ୍ରତିକର୍ଷକ ବୋଲି ମନେ କରୁଛୁ, ସେଗୁଡ଼ିକ ମଧ୍ୟରେ ମଧ୍ୟ ଆମେ ସେହି ଏକତ୍ୱକୁ  ଅନୁଭବ କରି ପାରୁଥିବା ।

ଏବଂ, ଶ୍ରୀଅରବିନ୍ଦ ମଧ୍ୟ ଠିକ୍ ସେହି ଧାରଣାଟି ସହିତ ସଂଗ୍ରାମ କରୁଛନ୍ତି; କାରଣ ସିଏ ମଧ୍ୟ ଏହି ଖ୍ରୀଷ୍ଟିଆନ୍ ଶିକ୍ଷାକୁ ଲାଭ କରିଥିଲେ ଏବଂ ତେଣୁ ତାଙ୍କୁ ମଧ୍ୟ ସଂଗ୍ରାମ କରିବାକୁ ପଡ଼ିଥିଲା । ଏବଂ, ତାହାରି ପରିଣାମ ସ୍ୱରୂପ, ସତେଅବା ଏକ ଅବଚେତନ ପୂର୍ବଗଠନ ସହିତ ସଂଗ୍ରାମ କରିବାର ଆବଶ୍ୟକତାରୁ ବିକଶିତ ହୋଇ ଆସିବା ପରି ଏହି ସୂତ୍ରଗୁଡ଼ିକର ଉଦ୍‌ଭବ ହୋଇଥିଲା । କାରଣ, ଠିକ୍ ସେହି ସକାଶେହିଁ ତୁମେ ମଧ୍ୟ ଏହିସବୁ ପ୍ରଶ୍ନ ପଚାରିବାକୁ ମନ କରୁଛ : ''ପରମେଶ୍ୱର ଦୁର୍ବଳ ହୋଇପାରିବେ କିପରି ? ସିଏ ନିର୍ବୋଧ ହୋଇ ପାରିବେ ବା କିପରି ? ସିଏ...'' ମାତ୍ର, କେବଳ ପରମେଶ୍ୱରହିଁ ରହିଛନ୍ତି, ତାଙ୍କ ବ୍ୟତୀତ ଆଉ କେଉଁଠି କିଛିହେଲେ ନାହିଁ; କେବଳ ସେଇ ଅଛନ୍ତି, ତାଙ୍କ ବାହାରେ କେଉଁଠି କିଛିହେଲେ ନାହିଁ । ଏବଂ, ଯଦି କୌଣସି ବସ୍ତୁ ଆମ ଆଖିକୁ କୁତ୍ସିତ ବୋଲି ପ୍ରତୀତ ହେଉଛି, ତାହାର କାରଣ ହେଉଛି ଯେ, ସେହି ବସ୍ତୁଟି ଅବସ୍ଥିତ ରହୁ ବୋଲି ସିଏ ଆଉ ମୋଟେ ଇଚ୍ଛା କରୁ ନାହାନ୍ତି । ସିଏ ଏହି ଜଗତକୁ ଏପରି ଭାବରେ ପ୍ରସ୍ତୁତ କରି ନେଉଛନ୍ତି, ଯେପରିକି ଏହି ବସ୍ତୁଟିର ଆଉ କୌଣସି ଅଭିବ୍ୟକ୍ତି ନ ଘଟିବ, ଯେପରିକି ଅଭିବ୍ୟକ୍ତିଟି ସେହି ସ୍ଥିତିରୁ ଆଉ ଅନ୍ୟ ଏକ ସ୍ଥିତିକୁ ସ୍ଥାନାନ୍ତରିତ ହୋଇଯାଇପାରିବ । ତେଣୁ, ଆମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ନିଜ ଭିତରେ, ଯାହାକିଛି ସକ୍ରିୟ ପରିପ୍ରକାଶର କ୍ଷେତ୍ରରୁ ବିଦାୟ ନେବାକୁ ବସିଛି, ତାହା ସମ୍ବନ୍ଧରେ ତୀବ୍ର ଅଶ୍ରଦ୍ଧା ବ୍ୟକ୍ତ କରିବାକୁ ପ୍ରବୃତ୍ତ ହେଉଛୁ । ଆମେ ତାହାକୁ ବର୍ଜନ କରିବା ଲାଗି ପ୍ରବୃତ୍ତ ହେଉଛୁ ।

ମାତ୍ର, ସେଠାରେ ମଧ୍ୟ ସେଇ ଅଛନ୍ତି । କେବଳ ତାଙ୍କରି ବ୍ୟତୀତ ଆଉ କିଛି ନାହିଁ । ସକାଳୁ ସଞ୍ଜଯାଏ ଏବଂ ସଞ୍ଜରୁ ସକାଳଯାଏ ଆମେ କେବଳ ଏହି କଥାଟିର ଜପ କରିବା, କାରଣ ଆମେ ପ୍ରତି ମୁହୂର୍ତ୍ତରେହିଁ ସେହି କଥାଟିକୁ ପାସୋରି ପକାଉ ।

କେବଳ ସେଇ ଅଛନ୍ତି । ତାଙ୍କ ବ୍ୟତୀତ ଆଉ କିଛି କେଉଁଠାରେ ନାହିଁ । କେବଳ ସେଇ ଅବସ୍ଥିତ ଅଛନ୍ତି, ତାଙ୍କ ବାହାରେ ଆଉ କିଛିହେଲେ ନାହିଁ । କେବଳ ସେଇ ପରମସତ୍ତାହିଁ ଅଛନ୍ତି ।

ତେଣୁ, ଏପରି ଏକ ପ୍ରଶ୍ନ ପଚାରିବାର ଅର୍ଥ ହେଉଛି, ପରମ ଦିବ୍ୟସତ୍ତା କ'ଣ ଅଟନ୍ତି ଓ କ'ଣ ନୁହନ୍ତି, ବା, ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ଈଶ୍ୱର ବୋଲି କେଉଁ ବସ୍ତୁକୁ ବୁଝାଇବ ଓ କେଉଁ ବସ୍ତୁକୁ ବୁଝାଇବ ନାହିଁ,— ଯେଉଁମାନେ ଏହି ଦୁଇଟି ମଧ୍ୟରେ ଏକ ତାରତମ୍ୟ ବାହାର କରନ୍ତି, ଠିକ୍ ସେହିମାନଙ୍କ ଭଳି ଏକ ପ୍ରତିକ୍ରିୟା ବ୍ୟକ୍ତ କରିବା । ''ପରମେଶ୍ୱର ଦୁର୍ବଳ ହୋଇପାରିବେ କିପରି ?''— ମୁଁ କଦାପି ଏହିପରି ଏକ ପ୍ରଶ୍ନ ପଚାରି ପାରନ୍ତି ନାହିଁ ।

> *ବୁଝିଲି, ମାତ୍ର ଅନେକ ସମୟରେ ଲୀଳାର କଥା କୁହାଯାଇଥାଏ; ତେଣୁ, କଳ୍ପନା କରିବାକୁ ହେବ, ସତେଯେପରି ସିଏ ପଛରେ କେଉଁଠି ଲୁଚି ରହିଛନ୍ତି ଓ ସେହି ଲୀଳାକୁ ଦେଖୁଛନ୍ତି । ସିଏ ପ୍ରକୃତରେ କଦାପି ସଂପୂର୍ଣ୍ଣ ଭାବରେ ''ସଂଶ୍ଲିଷ୍ଟ'' ହୋଇ ପଡ଼ି ନାହାନ୍ତି, ସଂପୂର୍ଣ୍ଣ ଭାବରେ ଏହି ଲୀଳା ମଧ୍ୟରେ ଆଦୌ ବିଦ୍ୟମାନ୍ ନାହାନ୍ତି ।*

ହଁ, ହଁ, ବିଦ୍ୟମାନ ରହିଛନ୍ତି । ସଂପୂର୍ଣ୍ଣ ଭାବରେ ବିଦ୍ୟମାନ ଅଛନ୍ତି । ସିଏ ସ୍ୱୟଂ ଲୀଳାରୂପ ଧାରଣ କରିଛନ୍ତି ।

ଆମେ ପରମେଶ୍ୱରଙ୍କ ବିଷୟରେ କେତେ କ'ଣ କହିଥାଉ, ମାତ୍ର, ଆମର ସ୍ମରଣ ରଖିବା ଉଚିତ ଯେ, ଏହି କ୍ଷେତ୍ରରେ ଚେତନାର ବିଭିନ୍ନ ଭୂମିମାନ ରହିଛି; ଏବଂ, ଯେତେବେଳେ ଆମେ ଈଶ୍ୱର ଏବଂ ତାଙ୍କର ଲୀଳା ବିଷୟରେ ଆଲୋଚନା କରୁଛୁ, ସେତେବେଳେ ଆମେ ତାଙ୍କୁ ତାଙ୍କର ବିଶ୍ୱାତୀତ ସ୍ଥିତିରେହିଁ କଳ୍ପନା କରୁଛୁ, ଜଡ଼ର ଏହି ଯାବତୀୟ ଭୂମିର ବାହାରେ ରହିଥିବା ପରି କଳ୍ପନା କରୁଛୁ । ଏବଂ, ଯେତେବେଳେ ଆମେ ଏହି ଜଗତ୍‌ରୂପୀ ଲୀଳାଟି ବିଷୟରେ ଆଲୋଚନା କରୁଛୁ, ସେତେବେଳେ ଆମେ ଈଶ୍ୱରଙ୍କର ଏହି ଜଡ଼ମୟ ସ୍ଥିତିରେହିଁ ତାଙ୍କର କଳ୍ପନା କରୁଛୁ । ତେଣୁ ଆମେ କହିବାରେ ଲାଗିଛୁ : ବିଶ୍ୱାତୀତ ଈଶ୍ୱର ଏହି ସବୁକିଛିକୁ ଅନାଇ ଦେଖୁଛନ୍ତି ଓ ଲୀଳା କରୁଛନ୍ତି— ସିଏ

ଆପଣା ଭିତରେ, ଆପଣାକୁ ନେଇ ଆପଣା ସହିତ ଲୀଳା କରିବାରେ ଲାଗିଛନ୍ତି— ତାଙ୍କର ଏହି ଜଡ଼ସ୍ଥ ଲୀଳାଟିକୁ କରିବାରେ ଲାଗିଛନ୍ତି ।

ମାତ୍ର, ଆମେ ବ୍ୟବହାର କରୁଥିବା ଭାଷା ହେଉଛି ଅଜ୍ଞାନରୁ ପ୍ରସୂତ ହେଉଥିବା ଭାଷା । ଆପଣାକୁ ବ୍ୟକ୍ତ କରିବା ଲାଗି ଆମପାଖରେ ଯେତେ ଯାହା ଉପାୟ ରହିଛି, ଆମେ ଯାହାକିଛି ବ୍ୟକ୍ତ କରୁଛୁ ଓ ତାହାକୁ ଯେଉଁଭଳି ମାର୍ଗରେ ବ୍ୟକ୍ତ କରୁଛୁ, ତାହା କେବଳ ଅଜ୍ଞାନରେହିଁ ପରିଣତ ହୋଇ ରହିଯାଉଛି । ଏବଂ, ସେହି କାରଣରୁହିଁ, ଯାହା ପ୍ରକୃତରେ ସତ୍ୟ, ତାହାକୁ ବ୍ୟକ୍ତ କରିବା ସବୁବେଳେ ଏତେ କଷ୍ଟକର ହୋଇ ପଡୁଛି । ସେଥିଲାଗି ହୁଏତ ନାନାପ୍ରକାର ବ୍ୟାଖ୍ୟା ଆବଶ୍ୟକ ହେଉଛି, ଏବଂ ସେହି ବ୍ୟାଖ୍ୟାଗୁଡ଼ିକୁ କରିବସିଲେ ସେଗୁଡ଼ିକ ମଧ୍ୟ କେବଳ ମିଥ୍ୟା ଦ୍ୱାରା ପୂର୍ଣ୍ଣ ହୋଇ ରହି ଯାଇପାରେ ବା ସେଗୁଡ଼ିକ ଅତିରିକ୍ତ ପରିମାଣରେ ଦୀର୍ଘ ହୋଇଯିବ । ସେହି କାରଣରୁ ଶ୍ରୀଅରବିନ୍ଦଙ୍କର ବ୍ୟବହୃତ ବାକ୍ୟଗୁଡ଼ିକ ମଧ୍ୟ ବେଳେବେଳେ ଭାରି ଦୀର୍ଘ ହୋଇଯାଏ; ଏହାର ଏକ ସୁନିଶ୍ଚିତ କରଣ ହେଉଛି ଯେ, ସିଏ ସବୁବେଳେ ଏହି ଅଜ୍ଞାନମିଶ୍ରିତ ଭାଷାକୁ ଏଡ଼ିବା ଲାଗି ଯଥାସାଧ୍ୟ ପ୍ରୟାସ କରିଛନ୍ତି ।

ଆମ ଭାବିବାର ପଦ୍ଧତି ମଧ୍ୟରେହିଁ ଭୁଲ ରହିଯାଇଛି । ଯେଉଁମାନେ ଆସ୍ତିକ, ଯେଉଁମାନେ ଧର୍ମରେ ବିଶ୍ୱାସ ରଖିଛନ୍ତି,— ପାଶ୍ଚାତ୍ୟ ଦେଶମାନଙ୍କରେ ଏହି କଥାଟି ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ— ଏମାନେ ସମସ୍ତେ ଯେତେବେଳେ ଈଶ୍ୱରଙ୍କ ବିଷୟରେ କୌଣସି କଥା କହନ୍ତି, ସେତେବେଳେ ତାଙ୍କୁ ସତେଅବା ଏକ ''ଅନ୍ୟ କୌଣସି ବସ୍ତୁ'' ବୋଲି ଅନୁମାନ କରୁଥାନ୍ତି, ସେମାନେ ଭାବନ୍ତି ଯେ ସେହି ଈଶ୍ୱର କଦାପି ଦୁର୍ବଳ ହୋଇପାରିବେ ନାହିଁ, କୁତ୍ସିତ ବା ଅପୂର୍ଣ୍ଣ ବି ହୋଇପାରିବେ ନାହିଁ । ସେମାନେ ଭ୍ରମରେ ପଡ଼ି ସେହିଭଳି ଭାବିଥାନ୍ତି, ସେମାନେ ଭାଗ ଭାଗ କରିପକାନ୍ତି, ଅଲଗା କରି ଦିଅନ୍ତି । ନିଜ ଅବଚେତନ ଦ୍ୱାରା ବଡ଼ ଅବିବେଚିତ ଭାବରେ ସେମାନେ ସେପରି ଭାବନ୍ତି, ପ୍ରାୟ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇହିଁ ବଡ଼ ଅଭ୍ୟସ୍ତ ଭାବରେ ସେମାନେ ଏପରି ଭାବନ୍ତି । ଆପଣାର ଭାବନାଉପରେ ଆଦୌ କୌଣସି ଅବଲୋକନ କରନ୍ତି ନାହିଁ । ଉଦାହରଣ ସ୍ୱରୂପ, ଯେତେବେଳେ ସେମାନେ ଏକ ସାଧାରଣ ଭାବରେ ''ପରିପୂର୍ଣ୍ଣତା''ର କଥା କହନ୍ତି, ସେତେବେଳେ ସେମାନେ, ଯାହାକିଛିକୁ ସେମାନେ ଗୁଣସମ୍ପନ୍ନ ଦିବ୍ୟ ସୁନ୍ଦର ଓ ପ୍ରଶଂସନୀୟ ବୋଲି ବିଚାର କରୁଥାନ୍ତି, କେବଳ ସେହିଗୁଡ଼ିକରହିଁ ଏକ ସମଷ୍ଟିକୁ ଦେଖିବାକୁ, ଅନୁଭବ ଅଥବା ଅନୁମାନ କରିବାକୁ ଆରମ୍ଭ କରନ୍ତି । ମାତ୍ର ପରିପୂର୍ଣ୍ଣତା କହିଲେ ମୋଟେ ସେକଥାକୁ ବୁଝାଇବ ନାହିଁ । ପରିପୂର୍ଣ୍ଣତା ହେଉଛି ଏପରି ଏକ ବିଷୟ, ଯେଉଁଥିରେ କି କୌଣସି ବସ୍ତୁର ଅଭାବ ନ ଥାଏ । ଦିବ୍ୟ ପରିପୂର୍ଣ୍ଣତା

କହିଲେ ଦିବ୍ୟ ପରମସତ୍ତାଙ୍କର ସମଗ୍ର କ୍ଷେତ୍ରଟିକୁହିଁ ବୁଝାଏ, ଯେଉଁଥିରେ କି ଆଦୌ କୌଣସି କିଛିର ଅଭାବ ନ ଥାଏ । ଦିବ୍ୟ ପରିପୂର୍ଣ୍ଣତା କହିଲେ ଦିବ୍ୟ ପରମସତ୍ତାଙ୍କର ସଂପୂର୍ଣ୍ଣ ଆୟତନଟିକୁ ବୁଝାଏ, ଯେଉଁଥିରୁ କି କୌଣସି ଗୋଟିଏ କଥାକୁ ମଧ୍ୟ ବାଦ୍ ଦିଆଯାଇ ନାହିଁ । ତେଣୁ, ଏହା ପୂର୍ବ ବ୍ୟାଖ୍ୟାଟିର ସଂପୂର୍ଣ୍ଣ ବିପରୀତ ! ନୀତିବାଦୀମାନେ ଯେଉଁସବୁ ସୁ-ଆଚରଣ ଓ ଗୁଣର ପ୍ରତିନିଧିତ୍ୱ କରୁଥାନ୍ତି, ଦିବ୍ୟ ପରିପୂର୍ଣ୍ଣତା କହିଲେ ସେମାନେ କେବଳ ସେହିସବୁ ଗୁଣକୁହିଁ ବୁଝନ୍ତି ।

ଯଥାର୍ଥ ଦୃଷ୍ଟିକୋଣଟିରୁ ବିଚାର କରି କହିଲେ, ପରିପୂର୍ଣ୍ଣତା କହିଲେ ସମଗ୍ର ସବୁଟିକୁହିଁ (ମାଆ ହାତରେ ମୁଣ୍ଡଳାଟିଏ କାଟି ଦେଖାଇ ଦେଲେ) ବୁଝାଇବ; ଏବଂ, ସେଥିରେ ଏହି ସତ୍ୟଟିକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, କୌଣସି ଗୋଟିଏ ବସ୍ତୁ ମଧ୍ୟ ସେହି ସମଗ୍ରଟି ମଧ୍ୟରୁ କଦାପି ବାହାରେ ରହିପାରିବ ନାହିଁ । ସେଥିରୁ କିଛି ବି ବାହାରେ ରହିଯିବା ଆଦୌ ସମ୍ଭବ ହେବ ନାହିଁ; କାରଣ, ତାହା ଯାହାକିଛି ହୋଇଥାଉ ପଛକେ, ତାହାକୁ ସମଗ୍ରର ଅନ୍ତର୍ଗତ ହୋଇହିଁ ରହିବାକୁ ପଡ଼ିବ । ସମଗ୍ର ଭିତରେ ନୁହେଁ, ଏପରି କୌଣସି ବସ୍ତୁର କଳ୍ପନା କରାଯାଇପାରିବ ନାହିଁ । ମୁଁ ଏହି କଥାଟିକୁ ଟିକିଏ ବୁଝାଇ କରି କହିଦେଉଛି । କୌଣସି ଏକ ନିର୍ଦ୍ଦିଷ୍ଟ ବିଶ୍ୱଜଗତ ମଧ୍ୟରେ ହୁଏତ ସକଳ ବସ୍ତୁ ଆଦୌ ବିଦ୍ୟମାନ ନ ଥାଇପାରେ, କାରଣ, ଯେକୌଣସି ବିଶ୍ୱଜଗତ ଅଭିବ୍ୟକ୍ତିର କେବଳ ଗୋଟିଏ ରୂପର ପ୍ରକାର । ମାତ୍ର ଏହି ବିଶ୍ୱଜଗତର ମଧ୍ୟ ସମ୍ଭାବ୍ୟ ଯାବତୀୟ ପ୍ରକାରମାନ ରହିଛି । ତେଣୁ ମୁଁ ସର୍ବଦା ସେହି ଗୋଟିଏ କଥା ପାଖକୁହିଁ ବାରବାର ଫେରି ଆସିଥାଏ : ଏପରି କୌଣସି ବସ୍ତୁ ନାହିଁ, ଯାହା କି ସମଗ୍ରଟିର ଏକ ଅଂଶ ହୋଇ ନ ରହିଛି ।

ତେଣୁ ଆମେ ଏପରି କହିପାରିବା ଯେ, ପ୍ରତ୍ୟେକ ବସ୍ତୁ ତାହାର ସ୍ଥାନରେ ରହିଛି, ତାହାର ସମୁଚିତ ସ୍ଥାନରେ ରହିଛି; ଏବଂ, ବସ୍ତୁ ବସ୍ତୁ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ମଧ୍ୟ ସମୁଚିତ ଭାବରେ ନିରୂପିତ ହୋଇ ରହିଛି ।

ମାତ୍ର, ପରିପୂର୍ଣ୍ଣତା ହେଉଛି ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବାର ଗୋଟିଏ ବାଟ, ଏକ ବିଶେଷ ବାଟ । ଏହା ହେଉଛି କେବଳ ଗୋଟିଏ ପାଖ, ଏହାର ଅଗଣିତ ଅନ୍ୟ ପାଖମାନ ମଧ୍ୟ ରହିଛି, ଅନ୍ୟ କୋଣ ଓ ଅନ୍ୟ ବିଭାବମାନ ରହିଛି, ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବାର ଅଗଣିତ ନାନା ମାର୍ଗ ରହିଛି । ଉଦାହରଣ ସ୍ୱରୂପ : ଇଚ୍ଛାଶକ୍ତି, ସତ୍ୟ, ଶୁଦ୍ଧତା, ପରିପୂର୍ଣ୍ଣତା, ଏକାତ୍ମତା, ଅମରତ୍ୱ, ଚିରନ୍ତନତା, ଅନନ୍ତତା, ନୀରବତା, ଶାନ୍ତି, ଅସ୍ତିତ୍ୱ ଓ ଚେତନା ପ୍ରଭୃତି ନାନା ମାର୍ଗ ରହିଛି । ନିକଟବର୍ତ୍ତୀ ହୋଇ ପାରିବାର ମାର୍ଗଗୁଡ଼ିକର ସଂଖ୍ୟାକୁ ପ୍ରକୃତରେ ଅସୀମ ବୋଲି କୁହାଯିବ । ତୁମେ ଯେଉଁ ମାର୍ଗଟିର ଅନୁସରଣ କରିବ, ତଦ୍ୱାରା ତୁମେ କେବଳ କୌଣସି ଗୋଟିଏ ମାର୍ଗରେହିଁ

ଦିବ୍ୟ ପରମସତ୍ତାଙ୍କର ସମୀପକୁ ଆସୁଥିବ, ତାଙ୍କର ନିକଟବର୍ତ୍ତୀ ହେଉଥିବ ବା ତାଙ୍କର ସଂସ୍ପର୍ଶ ଲାଭ କରି ପାରୁଥିବ । ଏବଂ, ଯଦି ତୁମେ ସେହି ସଂସ୍ପର୍ଶଟିକୁ ପ୍ରକୃତରେ ଲାଭ କରିବ, ତେବେ ଏହି କଥାଟିକୁ ଅବଶ୍ୟ ଆବିଷ୍କାର କରିପାରିବ ଯେ, ଏହି କ୍ଷେତ୍ରରେ କେବଳ ବାହ୍ୟ ଛାଞ୍ଚଗୁଡ଼ିକରେହିଁ ଯାହାକିଛି ପାର୍ଥକ୍ୟ ରହିଛି,– ମାତ୍ର ସଂସ୍ପର୍ଶଲାଭର କ୍ଷେତ୍ରରେ ଆଦୌ କୌଣସି ପାର୍ଥକ୍ୟ ନାହିଁ । ତୁମେ ଉପଲବ୍ଧି କରିବ, ସତେଯେପରି ତୁମେ ସେହି ଗୋଟିଏ କେନ୍ଦ୍ରର ଚତୁଷ୍ପାର୍ଶ୍ୱରେହିଁ ବିଚରଣ କରିବାରେ ଲାଗିଛ, ଏବଂ ସେହି କେନ୍ଦ୍ର ବା ଗୋଲାକୃତି ବସ୍ତୁଟିକୁ ସତେଅବା ଏକ ବହୁମୂର୍ତ୍ତିଦର୍ଶୀ ଯନ୍ତ୍ର ମଧ୍ୟଦେଇ ଦେଖିବା ପରି ଭିନ୍ନ ଭିନ୍ନ ନାନା ଅବସ୍ଥିତିରୁ ଦେଖିବାରେ ଲାଗିଛ । ମାତ୍ର, ସେହି ସଂସ୍ପର୍ଶଟି ଥରେ ମାତ୍ର ଉପଲବ୍ଧ ହୋଇଯିବା ପରେ ଏହି ପାର୍ଥକ୍ୟମାନ ଆଦୌ ପାର୍ଥକ୍ୟ ବୋଲି ବୋଧ ହୁଏ ନାହିଁ ।

ତେଣୁ, ପରିପୂର୍ଣ୍ଣତାର ଅର୍ଥ ହେଉଛି ଏକ ବିଶ୍ୱଜାଗତିକ ସଂପୂର୍ଣ୍ଣ ମାର୍ଗରେ ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବା । ଅର୍ଥାତ୍, ସେଠାରେ ସବୁକିଛି ଅବସ୍ଥିତ ରହିଛି ଓ ଯେପରି ଅବସ୍ଥିତ ରହିବା ଉଚିତ, ଠିକ୍ ସେହିପରି ଭାବରେ ଅବସ୍ଥିତ ରହିଛି । ''ଯେପରି ରହିବା ଉଚିତ''– ଅର୍ଥାତ୍ ସେହି ଦିବ୍ୟ ପରମସତ୍ତାଙ୍କର ପରିପୂର୍ଣ୍ଣ ଅଭିବ୍ୟକ୍ତି ରୂପେ ଅବସ୍ଥିତ ରହିଛି । ଏପରିକି ଆମେ ''ତାଙ୍କର ଇଚ୍ଛା'' ବୋଲି ବି କହିପାରିବା ନାହିଁ; କାରଣ, ଯଦି ''ତାଙ୍କର ଇଚ୍ଛା'' ବୋଲି କହିବା, ତେବେ ତାହା କୌଣସି ବସ୍ତୁ ତଥାପି ତାଙ୍କଠାରୁ ବାହାରେ ଅବସ୍ଥିତ ହୋଇ ରହିଛି ବୋଲି ବୁଝାଇବ ।

ଆମେ ହୁଏତ ଏପରି ବି କହିପାରିବା– ମାତ୍ର, ଏହା ହେଉଛି ଏହାର ଅନେକ ଅନେକ ନିମ୍ନରେ– ଆମେ କହିପାରିବା ଯେ, ସେହି ପରମସତ୍ତା ପ୍ରକୃତରେ ଯେପରି ଓ ସେ ଯାହା ହେବାକୁ ଇଚ୍ଛା କରୁଛନ୍ତି, ସିଏ ଠିକ୍ ସେହିପରି ହୋଇ ରହିଛନ୍ତି । ''ସିଏ ଠିକ୍ ଯାହା ହେବାକୁ ଇଚ୍ଛା କରୁଛନ୍ତି''– ଏପରି କହିବା ଦ୍ୱାରା ଆମେ ବେଶ୍ କେତେ ନା କେତେ ପାହାଚ ତଳକୁ ଖସି ଆସିଲୁଣି ! ମାତ୍ର, ତୁମମାନଙ୍କୁ ପରିପୂର୍ଣ୍ଣତାର ଦୃଷ୍ଟିକୋଣଟି ବିଷୟରେ ଯଥାର୍ଥ ଧାରଣା ଦେବା ଲାଗି ମୁଁ ଏପରି କହୁଛି ।

ପୁନଶ୍ଚ, ଦିବ୍ୟ ପରିପୂର୍ଣ୍ଣତା କହିଲେ ଅନନ୍ତତାକୁ ବୁଝାଏ, ଚିରନ୍ତନତାକୁ ବୁଝାଏ । ଅର୍ଥାତ୍, ସେହି କ୍ଷେତ୍ରରେ ଯାବତୀୟ ସବୁକିଛି ଦେଶ ଓ କାଳର ଅତୀତ ହୋଇ ପରସ୍ପରର ସହାବସ୍ଥିତ ଭାବରେ ବିଦ୍ୟମାନ ଥାଆନ୍ତି ।

ଠିକ୍ ''ଶୁଦ୍ଧତା'' ପରି ଏହା ଗୋଟିଏ ଶବ୍ଦ । ଦିବ୍ୟ ବିଶୁଦ୍ଧତା ଓ ଲୋକମାନେ ଯାହାକୁ ଶୁଦ୍ଧତା ବୋଲି କହିଥାନ୍ତି, ଆମେ ଅସରନ୍ତି ଭାବରେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟି ବିଷୟରେ ଆଲୋଚନା କରିପାରିବା । ଆପଣାର ନିମ୍ନତମ ସ୍ତରରେ ମଧ୍ୟ

ଦିବ୍ୟ ବିଶୁଦ୍ଧତା କେବଳ ସେହି ଦିବ୍ୟ ପ୍ରଭାବ ବ୍ୟତୀତ ଆଉ କୌଣସି ପ୍ରଭାବକୁ ଆସିବାକୁ ଦିଏ ନାହିଁ । ମାତ୍ର, ସେହି ନିମ୍ନତମ ସ୍ତରରେ ମଧ୍ୟ ଅତ୍ୟନ୍ତ ପରିମାଣରେ ଏକ ବିକୃତି ପ୍ରବେଶ କରି ସାରିଥାଏ; ଦିବ୍ୟ ବିଶୁଦ୍ଧତାର ଅର୍ଥ ହେଉଛି ଯେ, ସେହି କ୍ଷେତ୍ରରେ କେବଳ ଦିବ୍ୟ ପରମସତ୍ତାହିଁ ଅଛନ୍ତି, ତାଙ୍କ ବ୍ୟତୀତ ଆଉ ଆଦୌ କିଛି ନାହିଁ । — ତାହା ପରିପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ରହିଛି, ସେହି କ୍ଷେତ୍ରରେ କେବଳ ଦିବ୍ୟ ପରମସତ୍ତାହିଁ ରହିଛନ୍ତି,— ତାଙ୍କ ବ୍ୟତୀତ ଆଉ ଆଦୌ କିଛିହେଲେ ନାହିଁ ।

ଏହିପରି ଭାବରେ ଅନ୍ୟଗୁଡ଼ିକ ବିଷୟରେ ମଧ୍ୟ କୁହାଯାଇପାରିବ ।

୭ ଜୁଲାଇ, ୧୯୬୧

**୬୬. ପାପ ଏପରି ଏକ ବସ୍ତୁ, ଯାହାକି ଏକଦା ଆପଣାର ସ୍ଥାନରେ ଅବସ୍ଥିତ ଥିଲା; ସେହିଠାରେ ସ୍ଥାୟୀ ହୋଇ ରହିବାକୁ ଇଚ୍ଛା କରିବାରୁ ତାହା ବର୍ତ୍ତମାନ ଆପଣାର ସକଳ ଔଚିତ୍ୟକୁ ହରାଇ ବସିଲା । ଏହା ବ୍ୟତୀତ ଆଉ ଅନ୍ୟ ପାପାତ୍ମକତା ବୋଲି କିଛି ନାହିଁ ।**

*ଉଦାହରଣ ସ୍ୱରୂପ, ନୃଶଂସତା ମଧ୍ୟ ଏକଦା ଆପଣା ସ୍ଥାନରେ ରହିଥିଲା କି ?**

ତୁମର ଏହି ପ୍ରଶ୍ନଟି ପୂର୍ବରୁ ମୋତେ ଦୃଷ୍ଟିଗୋଚର ହୋଇ ସାରିଥିଲା, କାରଣ, ଲୋକମାନେ ମୋତେ ଯେଉଁସବୁ ପ୍ରଶ୍ନ ପଚାରନ୍ତି, ସେହି ସବୁଗୁଡ଼ିକୁ ମୁଁ ମୋ' ଚେତନାରେ ଗ୍ରହଣ କରି ନେଇଥାଏ ।

ନୃଶଂସତା ଦ୍ୱାରା ପ୍ରେରିତ ହୋଇ ହତ୍ୟା କରିବା ? ନୃଶଂସ ହୋଇ ଅନ୍ୟମାନଙ୍କର କଷ୍ଟଭୋଗର କାରଣ ହେବା ? ଏବଂ ତଥାପି ଏହାକୁ ମଧ୍ୟ ସେହି ଦିବ୍ୟ ପରମସତ୍ତାଙ୍କର ଏକ ଅଭିବ୍ୟକ୍ତି ବୋଲି କୁହାଯିବ । ଆମେ ସବୁବେଳେହିଁ ସେହି ଗୋଟିଏ ପ୍ରସଙ୍ଗକୁ ବାହୁଡ଼ି ଆସୁଥିବା,— ମାତ୍ର, ତାହାକୁ ଏପରି ଏକ ଅଭିବ୍ୟକ୍ତି ବୋଲି କୁହାଯିବ, ଯାହାକି ବାହାରୁ ଦେଖିବାକୁ ବିକୃତ ହୋଇ ଯାଇଥାଏ । ତାହାର ପଶ୍ଚାତରେ କ'ଣ ଥାଏ, ତୁମେ ମୋତେ ସେକଥା କହିପାରିବ କି ?

ନୃଶଂସତା ଏପରି ଗୋଟିଏ ବିଷୟ ଥିଲା, ଯାହାଲାଗି କି ଶ୍ରୀଅରବିନ୍ଦ ଅତ୍ୟନ୍ତ

---

* ମୌଖିକ ପ୍ରଶ୍ନ ଓ ମୌଖିକ ଉତ୍ତର ।

ଘୃଣାଭାବ ବ୍ୟକ୍ତ କରୁଥିଲେ; ମାତ୍ର ସିଏ ସବୁବେଳେ କହୁଥିଲେ ଯେ ପ୍ରଗାଢ଼ତାହିଁ ବିକୃତ ହୋଇ ନୃଶଂସତାରେ ପରିଣତ ହୁଏ । ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ, ପ୍ରୀତିଜନିତ ପ୍ରଗାଢ଼ତା ବିକାରପ୍ରାପ୍ତ ହୋଇ ନୃଶଂସତା ରୂପେ ପ୍ରକଟ ହୋଇଥାଏ । ସେହି ପ୍ରଗାଢ଼ତା କୌଣସି ପ୍ରକାର ମଧ୍ୟମ ମାର୍ଗରେ ଆଦୌ ସନ୍ତୁଷ୍ଟ ହୋଇପାରେ ନାହିଁ ଏବଂ କେବଳ ନାନା ଆତ୍ୟନ୍ତିକତାରହିଁ କାମନା ରଖିଥାଏ,— ଏବଂ ତାହାକୁ ଏକ ଉଚିତ କଥା ବୋଲି ବେଶ୍ କୁହାଯାଇ ପାରିବ ।

ମୋତେ ଏକଥାଟି ସବୁବେଳେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜ୍ଞାତ ହୋଇ ରହିଥିଲା ଯେ, ପରପୀଡ଼ନରତି ପରି ନୃଶଂସତା ମଧ୍ୟ ଏକ ଅତ୍ୟନ୍ତ ତୀବ୍ର ଇନ୍ଦ୍ରିୟବୋଧର ଆବଶ୍ୟକତାକୁ ପ୍ରକଟ କରିଥାଏ, ଆଦୌ କିଛି ଅନୁଭବ କରିପାରୁ ନ ଥିବା ତମଃର ଏକ ମୋଟା ପରସ୍ତକୁ ଭେଦ କରିବା ଲାଗି ସେହି ଆବଶ୍ୟକତା ଉପସ୍ଥିତ ହୋଇଥାଏ; ଅନୁଭବ କରିବାର ସାମର୍ଥ୍ୟ ଲାଭ କରିବା ଲାଗି ତମଃ ଏହିପରି କୌଣସି ଅତ୍ୟନ୍ତ ତୀବ୍ର ବସ୍ତୁ ଆବଶ୍ୟକ କରୁଥାଏ । ହୁଏତ ଏହିପରି ଭାବରେହିଁ ବିଷୟଟିର ବ୍ୟାଖ୍ୟା କରାଯାଇ ପାରିବ ।

ମାତ୍ର ତଥାପି ମୂଳରେ ଯେଉଁ ସମସ୍ୟାଟି ରହିଛି, ଏବେ ମଧ୍ୟ ତାହାର ସମାଧାନ ହୋଇପାରି ନାହିଁ : ''ଏହା କାହିଁକି ଏଭଳି ହୋଇଛି ? ଏପରି ବିକୃତି କାହିଁକି ଘଟିଛି ? ଏହି ସବୁଗୁଡ଼ାକ କାହିଁକି ଏପରି ବିକୃତ ହୋଇ ପଡ଼ିଛି ?'' ପଶ୍ଚାତରେ ସୁନ୍ଦର ବସ୍ତୁମାନ ବିଦ୍ୟମାନ ରହିଛି; ଆମେ ଯେତେଦୂର ପର୍ଯ୍ୟନ୍ତ ସହ୍ୟ କରିପାରିବା, ତାହାଠାରୁ ଅନେକ ଗୁଣରେ ଅଧିକ ଶକ୍ତିଶାଳୀ, ଅତ୍ୟନ୍ତ ପ୍ରଗାଢ଼ ଓ ଅତ୍ୟନ୍ତ ଚମତ୍କାର ବିଷୟମାନ ବିଦ୍ୟମାନ ରହିଛି;— ମାତ୍ର ସେସବୁ ଏହି କ୍ଷେତ୍ରକୁ ଆସି ଏପରି ଭୟାନକ କାହିଁକି ହୋଇପଡ଼ିଛି ? ଏହି ସୂତ୍ରଟିକୁ ପାଠ କରିବା ମାତ୍ରକେ ମୁଁ ସେହି କଥା ଚିନ୍ତା କରିଥିଲି ।

ପାପର ଏହି ବିଚାରଟି ଏପରି ଏକ ବସ୍ତୁ, ଯାହାକୁ କି ମୁଁ ଆଦୌ ବୁଝିପାରେ ନାହିଁ, ସେକଥାଟିକୁ ମୁଁ କେବେହେଲେ ବୁଝିପାରି ନାହିଁ; ମୂଳସ୍ଥ ପାପର ସିଦ୍ଧାନ୍ତଟି ମୋତେ ମନୁଷ୍ୟ ସକାଶେ ଏକ ଅତ୍ୟନ୍ତ ବିକଟ ବିଷୟ ପରି ବୋଧ ହୋଇଥାଏ । ପାପ ଆଉ ମୁଁ,— ଆମେ ପରସ୍ପର ସହିତ ଆଦୌ ଖାପ ଖାଇପାରୁ ନାହିଁ । ତେଣୁ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ପାପ ବୋଲି ଯେ ଆଦୌ କେଉଁଠି କିଛି ନାହିଁ, ଶ୍ରୀଅରବିନ୍ଦଙ୍କର ଏହି ଉକ୍ତିଟି ସହିତ ମୁଁ ସଂପୂର୍ଣ୍ଣ ଭାବରେ ଏକମତ ହୋଇଯାଏ । ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ, ମାତ୍ର...

ନୃଶଂସତା ପରି କେତେକ ଆଚରଣକୁ ହୁଏତ ''ପାପ'' ବୋଲି କୁହାଯାଇ ପାରନ୍ତା, ମାତ୍ର ମୁଁ କେବଳ ତାହାର ଏହି ଗୋଟିଏ ବ୍ୟାଖ୍ୟାକୁ ଦେଖିପାରୁଛି,— ଅର୍ଥାତ୍ ମୁଁ ଏହାକୁ ଏକ ଅତ୍ୟନ୍ତ ତୀବ୍ର ଇନ୍ଦ୍ରିୟବୋଧ ଲାଗି ରହିଥିବା ଏକ ବାସନା ଅଥବା

ଆବଶ୍ୟକତାର ଏକ ବିକୃତ ରୂପ ବୋଲି ବେଶ୍ ବୁଝିପାରୁଛି । ନୃଶଂସ ବ୍ୟକ୍ତିମାନଙ୍କ ଭିତରେ ମୁଁ ଏହି କଥାଟିକୁ ଲକ୍ଷ୍ୟ କରିପାରିଛି ଯେ, ସେମାନେ ସେହି ମୁହୂର୍ତ୍ତରେ ପ୍ରକୃତରେ ଆନନ୍ଦହିଁ ଅନୁଭବ କରିଥାନ୍ତି । ଏଥିରୁ ସେମାନେ ଏକ ପ୍ରଗାଢ଼ ଆନନ୍ଦ ପାଆନ୍ତି । ତେଣୁ, ତାହାକୁହିଁ ଏହାର ଔଚିତ୍ୟ ବୋଲି ଜାଣିବାକୁ ହେବ, ମାତ୍ର, ଏହି କ୍ଷେତ୍ରରେ ତାହା ଏତେ ଅଧିକ ପରିମାଣରେ ବିକୃତ ହୋଇ ପଡ଼ିଥାଏ ଯେ, ତାହା ପ୍ରକୃତରେ ଅତ୍ୟନ୍ତ ଘୃଣାକର ବୋଲି ବୋଧ ହୋଇଥାଏ ।

ବସ୍ତୁଗୁଡ଼ିକ ସେମାନଙ୍କର ସମୁଚିତ ସ୍ଥାନରେ ରହି ନାହାନ୍ତି, ଏହି ବିଚାରଟି ବିଷୟରେ କହିବାକୁ ଯାଇ ମୁଁ କହିବି ଯେ, ସାନ ପିଲାଟିଏ ଥିଲାବେଳେ ମଧ୍ୟ ମୁଁ ଏହାର ମର୍ମ ବୁଝିପାରୁଥିଲି । ତାହାର ଅନେକ ପରେ, ଯେଉଁ ବ୍ୟକ୍ତି ମୋତେ ଗୂଢ଼ବିଦ୍ୟା ବିଷୟରେ ଶିକ୍ଷା ଦେଇଥିଲେ, ମୁଁ ତାଙ୍କରିଠାରୁ ତାହାର ବିଶଦ ବ୍ୟାଖ୍ୟା ଜାଣିବାକୁ ପାଇଲି । କାରଣ, ସୃଷ୍ଟିଶାସ୍ତ୍ର ସମ୍ବନ୍ଧରେ ତାଙ୍କର ବ୍ୟାଖ୍ୟାରେ ଏକାଧିକ ବିଶ୍ୱବ୍ରହ୍ମାଣ୍ଡର କ୍ରମାନ୍ତରଯୁକ୍ତ ପ୍ରଳୟ ବିଷୟରେ ମୋତେ ବୁଝାଇ ଦେଇଥିଲେ ଏବଂ କହିଥିଲେ ଯେ, ପ୍ରତ୍ୟେକ ବିଶ୍ୱସୃଷ୍ଟି ସହିତ ସର୍ବୋଚ୍ଚ ପରମସତ୍ତାଙ୍କର କୌଣସି ନା କୌଣସି ବିଭାବଟିଏ ଆପଣାକୁ ଅଭିବ୍ୟକ୍ତ କରିଥାଏ; ଅର୍ଥାତ୍, ପ୍ରତ୍ୟେକଟି ବିଶ୍ୱବ୍ରହ୍ମାଣ୍ଡ ସର୍ବୋଚ୍ଚ ପରମସତ୍ତାଙ୍କର କୌଣସି ନା କୌଣସି ଗୋଟିଏ ବିଭାବକୁ ଭିତ୍ତି କରି ନିର୍ମିତ ହୋଇଥାଏ । ଏବଂ, ସେଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟକୁହିଁ ବାହୁଡ଼ି ଯାଇଛନ୍ତି । ଏହିପରି କ୍ରମାନ୍ୱୟରେ ଯେଉଁ ସବୁ ବିଭାବ ସୃଷ୍ଟିରେ ରୂପାୟିତ ହୋଇଛି, ସିଏ ଏକ ଅପୂର୍ବ ନ୍ୟାୟଯୁକ୍ତି ସହିତ ମୋ'ଆଗରେ ଗୋଟି ଗୋଟି କରି ଗଣି କହିଦେଇଥିଲେ । ତାହା ପ୍ରକୃତରେ ଏକ ଅସାଧାରଣ ବ୍ୟାଖ୍ୟା, ଏବଂ ମୁଁ ସେହି ଟିପାକୁ କେଉଁଠି ନା କେଉଁଠି ଏବେ ମଧ୍ୟ ସାଇତି ରଖିଛି; ଠିକ୍ କେଉଁଠାରେ ରଖିଛି, ସେକଥା ମୋ'ର ମନେ ପଡୁ ନାହିଁ । ଏବଂ, ସିଏ ମୋତେ କହିଥିଲେ ଯେ ଏଥର,– ସୃଷ୍ଟିର କ୍ରମରେ ଏଥରଟିର କ୍ରମିକ ନମ୍ବରଟି ପ୍ରକୃତରେ କ'ଣ, ମୋ'ର ସେକଥା ବି ମନେ ନାହିଁ,– ମାତ୍ର ଏଥରର ଏହି ସୃଷ୍ଟିଟି ଆଦୌ ପ୍ରତ୍ୟାହୃତ ହୋଇଯିବ ନାହିଁ ବୋଲି ମୋତେ ସିଏ କହିଥିଲେ । ତାଙ୍କର ବ୍ୟାଖ୍ୟା ଅନୁସାରେ, ଏହି ସୃଷ୍ଟି ସମ୍ପ୍ରତିର ଏକ ଉତ୍ତରୋତ୍ତର ବିବର୍ତ୍ତନର ମାର୍ଗ ଅନୁସରଣ କରିବ ଏବଂ ସେହିପରି ଅଶେଷ ଭାବରେ ଅଗ୍ରସର ହେବାରେ ଲାଗିଥିବ । ଏବଂ, ସମତାବସ୍ଥା ହେଉଛି ଏଥର ସୃଷ୍ଟ ହୋଇଥିବା ବିଶ୍ୱବ୍ରହ୍ମାଣ୍ଡର ସର୍ବପ୍ରଧାନ ସନ୍ତକ; ଏହି ସମତାବସ୍ଥା ଆଦୌ କୌଣସି ପ୍ରକାରେ ଏକ ସ୍ଥାଣୁ ଅବସ୍ଥା ନୁହେଁ, ଏହା ହେଉଛି ଏକ ଗତିଶୀଳ ସମତାବସ୍ଥା । ଅର୍ଥାତ୍, ଏଥିରେ ପ୍ରତ୍ୟେକ ବସ୍ତୁ ଆପଣାର ଉଚିତ ସ୍ଥାନରେହିଁ ଅବସ୍ଥିତ ହୋଇ ରହିଛି, ଅତ୍ୟନ୍ତ ନିର୍ଭୁଲ ଭାବରେ ଅବସ୍ଥିତ ରହିଛି; ଏଥିରେ ପ୍ରତ୍ୟେକ

ସ୍ପନ୍ଦନ ଓ ପ୍ରତ୍ୟେକ ଗତିକ୍ରିୟା ଆପଣାର ସମୁଚିତ ସ୍ଥାନରେ ରହିଛି । ଆମେ ଏହାର ଯେତେ ଅଧିକ ଗଭୀରକୁ ଭେଦ କରିଯାଇପାରିବା, ସେତିକି ଦେଖିବାକୁ ପାଇବା ଯେ ସମଗ୍ରଟି ସହିତ ରହିଥିବା ସମ୍ବନ୍ଧର ପରିପ୍ରେକ୍ଷୀରେ ପ୍ରତ୍ୟେକ ବସ୍ତୁ ଅତ୍ୟନ୍ତ ନିର୍ଭୁଲ ଭାବରେହିଁ ଆପଣାର ସମୁଚିତ ସ୍ଥାନରେ ରହିଛି ।

ଏହି ବିଷୟରେ ମୋ' ଭିତରେ ପ୍ରକୃତରେ ଅତ୍ୟନ୍ତ ଆଗ୍ରହର ଉଦ୍ରେକ ହୋଇଥିଲା, କାରଣ ଶ୍ରୀଅରବିନ୍ଦ ମଧ୍ୟ ଠିକ୍ ସେହିକଥା କହିଥିଲେ । ସେ କହିଲେ ଯେ କୌଣସି ବସ୍ତୁ ମନ୍ଦ ନୁହେଁ : କେବଳ ଏତିକି କଥା ଠିକ୍ ଯେ ବସ୍ତୁଗୁଡ଼ିକ ଆପଣାର ସମୁଚିତ ସ୍ଥାନରେ ନାହାନ୍ତି– ସେମାନଙ୍କର ସମୁଚିତ ସ୍ଥାନରେ, କେବଳ ଦେଶର ପରିପ୍ରେକ୍ଷୀରେ ନୁହେଁ, କାଳର ପରିପ୍ରେକ୍ଷୀରେ ମଧ୍ୟ ଆପଣାର ସମୁଚିତ ସ୍ଥାନରେ ନାହାନ୍ତି । ଏହି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ସେଗୁଡ଼ିକ ନିଜର ସମୁଚିତ ସ୍ଥାନରେ ରହିଛନ୍ତି,– ଜଗତଗୁଡ଼ିକ ସମୁଚିତ ସ୍ଥାନରେ ରହିଛନ୍ତି, ତାରାମାନେ ସମୁଚିତ ସ୍ଥାନରେ ରହିଛନ୍ତି, ଇତ୍ୟାଦି, ଇତ୍ୟାଦି । ଏହିପରି ଭାବରେ ପ୍ରତ୍ୟେକ ବସ୍ତୁ ଆପଣାର ସମୁଚିତ ସ୍ଥାନରେ ରହିଛି । ଏବଂ ତେଣୁ, ଯେତେବେଳେ ପ୍ରତ୍ୟେକ ବସ୍ତୁ ନିର୍ଭୁଲ ଭାବରେ ଆପଣାର ସମୁଚିତ ସ୍ଥାନରେ ରହିଛି, ବିରାଟରୁ ବିରାଟତମଠାରୁ ଆରମ୍ଭ କରି କ୍ଷୁଦ୍ରରୁ କ୍ଷୁଦ୍ରତମ ପର୍ଯ୍ୟନ୍ତ ଯେତେବେଳେ ସବୁକିଛି ସମୁଚିତ ସ୍ଥାନରେ ରହିଛି, ସେତେବେଳେ ସଂପୂର୍ଣ୍ଣ ସମଗ୍ରଟି ମଧ୍ୟ ଉତ୍ତରୋତ୍ତର ଭାବରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କୁହିଁ ଅଭିବ୍ୟକ୍ତ କରୁଛି ବୋଲି କହିବାକୁ ପଡ଼ିବ,– ସେହି କ୍ଷେତ୍ରରେ ପ୍ରତ୍ୟାହୃତ ହେବାର, ପୁନଃପ୍ରସର୍ଜନ ଲାଗି ପ୍ରତ୍ୟାହୃତ ହେବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଏହିପରି ଏକ ଭୂମି ଉପରେ ଶ୍ରୀଅରବିନ୍ଦ ଘୋଷଣା କଲେ ଯେ, ବର୍ତ୍ତମାନର ଏହି ସୃଷ୍ଟିଟି ମଧ୍ୟରେ, ଏହି ବ୍ରହ୍ମାଣ୍ଡଟିରେହିଁ ଏକ ଦିବ୍ୟ ଜାଗତିକ ପରିପୂର୍ଣ୍ଣତା,– ଶ୍ରୀଅରବିନ୍ଦ ତାହାକୁ ଅତିମାନସ ବୋଲି କହିଛନ୍ତି– ଆପଣାକୁ ବ୍ୟକ୍ତ କରିବା ଲାଗି ସମର୍ଥ ହେବ । ସମତାବସ୍ଥାହିଁ ଏହି ସୃଷ୍ଟିର ମର୍ମଗତ ବିଧାନ ହୋଇ ରହିଛି ଏବଂ ସେହି କାରଣରୁ ଏହି ଅଭିବ୍ୟକ୍ତିଟି ମଧ୍ୟରେହିଁ ପରିପୂର୍ଣ୍ଣତାର ଉପଲବ୍ଧି ନିଶ୍ଚୟ ସମ୍ଭବ ହେବ ।

*ଏହି ସଂକ୍ରାନ୍ତରେ ଆଉ ଗୋଟିଏ ପ୍ରଶ୍ନ ହେଉଛି, ଅତିମାନସ ପରମଶକ୍ତି ସର୍ବପ୍ରଥମେ ପ୍ରକୃତରେ କେଉଁସବୁ ବସ୍ତୁକୁ ବିତାଡ଼ିତ କରିଦେବାକୁ ଇଚ୍ଛା କରୁଛି, ଯେପରିକି, ଉଭୟ ବ୍ୟକ୍ତିଗତ ତଥା ବ୍ରହ୍ମାଣ୍ଡଗତ ଦୃଷ୍ଟିରୁ ବିଚାର କଲେ, ପ୍ରତ୍ୟେକ ବସ୍ତୁ ଆପଣାର ସମୁଚିତ ସ୍ଥାନରେ ପ୍ରତିଷ୍ଠିତ ହୋଇ ରହିପାରିବ ?*

ବିତାଡ଼ିତ କରିଦେବାକୁ ? ମାତ୍ର, ତାହା ପ୍ରକୃତରେ କୌଣସି ବସ୍ତୁକୁ ବିତାଡ଼ିତ କରିବ କି ? ଯଦି ଆମେ ଶ୍ରୀଅରବିନ୍ଦଙ୍କର ବିଚାରକୁ ଗ୍ରହଣ କରୁଥିବା, ତେବେ କେବଳ ଏତିକି କହିବାକୁ ହେବ ଯେ, ଏହା ପ୍ରତ୍ୟେକ ବସ୍ତୁକୁ ତାହାର ସମୁଚିତ ସ୍ଥାନରେ ଆଣି ରଖିଦେବ ।

ମାତ୍ର, ଗୋଟିଏ କଥାକୁ ଅବଶ୍ୟ ଚାଲିଯିବାକୁ ପଡ଼ିବ,— ସେଇଟି ହେଉଛି ବିକୃତି ଅର୍ଥାତ୍ ପରମସତ୍ୟକୁ ଘୋଡ଼ାଇ ରହିଥିବା ମିଥ୍ୟାର ଏହି ଆବରଣଟି; କାରଣ, ବର୍ତ୍ତମାନ ଆମେ ଏଠାରେ ଯାହାକିଛି ଦେଖୁଛୁ, ତାହା ଲାଗି କେବଳ ଏହାହିଁ ଦାୟୀ । ଏଇଟିକୁ ଅପସାରିତ କରି ଦିଆଗଲେ, ସକଳ ବସ୍ତୁ ସଂପୂର୍ଣ୍ଣ ଭାବରେ ଅନ୍ୟପ୍ରକାର ହୋଇଯିବ, ଏକାବେଳେକେ ସଂପୂର୍ଣ୍ଣ ଭାବରେ । ଏହି ଚେତନାଟି ମଧ୍ୟରୁ ବାହାରି ଆସିଲେ ଆମେ ସେଗୁଡ଼ିକୁ ଯେପରି ହୋଇଥିବା ପରି ଅନୁଭବ କରିଥାଉ, ସେତେବେଳେ ସେଗୁଡ଼ିକ ଠିକ୍ ସେହିପରି ହୋଇପାରିବ । ଯେତେବେଳେ କୌଣସି ବ୍ୟକ୍ତି ଏହି ଚେତନା ମଧ୍ୟରୁ ବାହାରକୁ ବାହାରି ଆସି ପରମ ସତ୍ୟଚେତନା ମଧ୍ୟରେ ପ୍ରବିଷ୍ଟ ହୋଇପାରିବ;— ସେତେବେଳେ ସେ ଏତେବେଶୀ ପାର୍ଥକ୍ୟ ଦେଖିବାକୁ ପାଇବ ଯେ, ଏହି ସଂସାରରେ ଆଦୌ ଦୁଃଖ, କଷ୍ଟ, ମୃତ୍ୟୁ ଏବଂ ତତ୍ତୁଲ୍ୟ ଯାବତୀୟ ବସ୍ତୁ କାହିଁକି ରହିବ, ସେହି ବିଷୟରେ ସିଏ ପ୍ରକୃତରେ ଆଶ୍ଚର୍ଯ୍ୟ ହେବାକୁ ଆରମ୍ଭ କରିବ । ଏହି ଅର୍ଥରେ ସିଏ ଆଶ୍ଚର୍ଯ୍ୟ ପ୍ରକାଶ କରିବ ଯେ, ଏସବୁ ପ୍ରକୃତରେ କିପରି ଘଟୁଛି, ସେକଥା ସେ ଆଦୌ ବୁଝିପାରିବ ନାହିଁ । ଏହି ପାଖଟିକୁ ଅତିକ୍ରମ କରି ସେପାଖକୁ ପ୍ରକୃତରେ ଚାଲିଗଲେ ସେପରି ହେବ । ମାତ୍ର, ଏହି ଅନୁଭୂତିଟି ସାଧାରଣତଃ ଆମର ଏହି ପୃଥିବୀକୁ ଅସତ୍ୟ ବୋଲି ଅନୁଭବ କରିବା ସହିତ ଯୋଡ଼ି ହୋଇ ରହିଥାଏ । ମାତ୍ର, ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଅତିମାନସ ଚେତନା ମଧ୍ୟରେ ବାସ କରିବା ସକାଶେ ଏହି ପୃଥିବୀକୁ ଅସତ୍ୟ ବୋଲି ଅନୁଭବ କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଅସଲ ଅସତ୍ୟ ହେଉଛି ଅସତ୍ୟରୂପୀ ଅସତ୍ୟ, ପୃଥିବୀର ଅସତ୍ୟ ଆଦୌ ନୁହେଁ । ଅର୍ଥାତ୍, ପୃଥିବୀର ଏକ ସ୍ୱକୀୟ ସତ୍ୟ ରହିଛି ଏବଂ ଅସତ୍ୟ ଉପରେ ତାହା ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ ।

ମୁଁ ଭାବୁଛି, ତାହାହିଁ ହେଉଛି ଅତିମାନସର ସର୍ବପ୍ରଥମ ପରିଣାମ, ବ୍ୟକ୍ତିଜୀବନ ଉପରେ ତାହାର ସର୍ବପ୍ରଥମ ପରିଣାମ,— କାରଣ ଏହି ବ୍ୟକ୍ତିଠାରୁହିଁ ତାହା ଆପଣାର କାର୍ଯ୍ୟ ଆରମ୍ଭ କରିବ ।

୧୮ ଜୁଲାଇ, ୧୯୬୧

## ୬୭. ମନୁଷ୍ୟ ଭିତରେ କୌଣସି ପାପ ନାହିଁ, ମାତ୍ର ବହୁ ପରିମାଣରେ ବ୍ୟାଧି, ଅଜ୍ଞାନ ଏବଂ ଦୁରୁପଯୋଗ ଭର୍ତ୍ତି ହୋଇ ରହିଛି ।

**୬୮. ଆପଣାର ଅପୂର୍ଣ୍ଣତାଗୁଡ଼ିକ ପ୍ରତି ମନୁଷ୍ୟର ଯେପରି ଏକ ବିରକ୍ତିଭାବ ଆସିବ, ସେଇଥିଲାଗି ଏହି ପାପବୋଧର ଏକ ଆବଶ୍ୟକତା ରହିଥିଲା । ପରମେଶ୍ୱର ମନୁଷ୍ୟର ଅହଂକାରକୁ ଦୂର କରିବା ଲାଗି ସେହି ଔଷଧଟିକୁ ପ୍ରୟୋଗ କରିଥିଲେ । ମାତ୍ର ମନୁଷ୍ୟର ଅହଂକାରିତା ଅତ୍ୟନ୍ତ ଅନାଗ୍ରହ ସହିତହିଁ ଆପଣାକୃତ ପାପଗୁଡ଼ିକ ବିଷୟରେ ସଚେତନ ହେଲା ଓ ଅନ୍ୟପକ୍ଷରେ ଅନ୍ୟମାନଙ୍କ କୃତ ପାପ ବିଷୟରେ ପରମୋତ୍ସାହ ପ୍ରକାଶ କଲା । ସିଏ ଏହିପରି ଭାବରେହିଁ ପରମେଶ୍ୱରଙ୍କର କୌଶଳଟିର ମୁକାବିଲା କରିଥିଲା ।**

*ଆପଣା ବିକାଶର କେଉଁ ପର୍ଯ୍ୟାୟରେ ମନୁଷ୍ୟ ସକଳ ଅହଂକାରିତାରୁ ମୁକ୍ତ ହୋଇପାରିବ ?*

ମନୁଷ୍ୟକୁ ଏକ ସଚେତନ ବ୍ୟକ୍ତିତ୍ୱ କରି ଗଢ଼ିବାକୁ ଯେତେବେଳେ ଅହଂକାରିତାର ଆଦୌ କୌଣସି ଆବଶ୍ୟକତା ନ ରହିବ ।

୨୭ ଜୁଲାଇ, ୧୯୬୧

# ଜ୍ଞାନ

## ଟିପ୍ପଣୀଗୁଡ଼ିକର ତୃତୀୟ ପର୍ଯ୍ୟାୟ
## (୧୯୬୨-୧୯୬୬)

**୬୯. ଆମକୁ ପରିପୂର୍ଣ୍ଣତା ଆଡ଼କୁ ନେଇ ଯିବା ଲାଗି ପରମେଶ୍ୱର ଯେଉଁସବୁ ପ୍ରୟାସ କରୁଥାନ୍ତି, ତାଙ୍କ ସହିତ ପାପ ଓ ପୁଣ୍ୟର ଖେଳ ଖେଳି ଆମେ ସେହି ପ୍ରୟାସର ପ୍ରତିରୋଧ କରିବାରେ ଲାଗିଥାଉ । ଆମର ପୁଣ୍ୟଭାବନା ଆମକୁ ଗୁପ୍ତ ଭାବରେ ଆମ ପାପଗୁଡ଼ିକୁ ସଂଜୀବିତ କରି ରଖିବାରେହିଁ ସହାୟତା କରିଥାନ୍ତି ।**

*ଏହି ସୂତ୍ରଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପାପ ଓ ପୁଣ୍ୟ ବିଷୟରେ ରହିଥିବା ଆମର ଧାରଣାର ନିରର୍ଥକତାକୁ ବ୍ୟକ୍ତ କରି ଦେଉଛନ୍ତି । ୧୯୫୮ ମସିହା ଫେବ୍ରୁଆରି ୩ ତାରିଖର ଅଭିଜ୍ଞତାଟି* ଲାଭ କରିବା ପରେ ଆପଣ ମଧ୍ୟ କହିଥିଲେ, "ମୁଁ ଦେଖିବାକୁ ପାଇଲି ଯେ, ଅତିମାନସ ହେବା ଲାଗି ଯାହା ଲୋକମାନଙ୍କୁ ସାହାଯ୍ୟ କରେ ଓ ତାହା ହେବାରେ ଯାହାକିଛି ଅନ୍ତରାୟ ସୃଷ୍ଟି କରେ, ଆମ ନୀତିଗତ ଧାରଣାଗୁଡ଼ିକର ଯାବତୀୟ କଳ୍ପନାଠାରୁ ତାହା ଏକାନ୍ତ ଭିନ୍ନ । ଆପଣ ପୁନର୍ବାର କହିଥିଲେ, 'ସବୁଠାରୁ ଅଧିକ ସ୍ପଷ୍ଟକଥା ହେଉଛି ଯେ, କ'ଣ ଦିବ୍ୟ ଓ କ'ଣ ଅଦିବ୍ୟ, ସେହି ବିଷୟରେ ଆମେ ଯାହାକିଛି ମୂଲ୍ୟନିରୂପଣ କରିଥାଉ, ତାହା ଆଦୌ ଠିକ୍ ନୁହେଁ.... ସେତେବେଳେ ମୋର ଏହି ଧାରଣାଟି ହୋଇଥିଲା ଯେ, ଏହି ପୃଥିବୀ ଏବଂ ସେହି ଅନ୍ୟ ପୃଥିବୀ ମଧ୍ୟରେ ଯେଉଁ ସମ୍ବନ୍ଧଟି ରହିଛି, ତାହାହିଁ, ବିଭିନ୍ନ ବସ୍ତୁଗୁଡ଼ିକ ବିଷୟରେ ଆମେ କିଭଳି ମୂଲ୍ୟନିର୍ଦ୍ଧାରଣ କରିବା, ସେହି ଦୃଷ୍ଟିକୋଣଟିକୁ ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇଯାଉଛି । ଏହି ଦୃଷ୍ଟିକୋଣଟିକୁ କୌଣସି ମାନସିକ ବ୍ୟାଖ୍ୟା ଦ୍ୱାରା ବୁଝାଇ କହି ହେବ ନାହିଁ ଏବଂ ଏହା ମୋତେ ଏପରି ଏକ ବିଚିତ୍ର ଅନ୍ତର୍ଗତ ଅନୁଭୂତି ଆଣି ଦେଇଗଲା ଯେ, ଯେଉଁସବୁ ବହୁସଂଖ୍ୟକ ପ୍ରସଙ୍ଗରେ ଆମେ ଗୋଟିଏ କଥାକୁ ଭଲ ବା ମନ୍ଦ ବୋଲି ବିଚାର କରିଥାଉ, ତାହା ପ୍ରକୃତରେ ସେପରି ମୋଟେ ନୁହେଁ । ଏହି କଥାଟି ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଇଥିଲା ଯେ, ବସ୍ତୁଗୁଡ଼ିକର ସାମର୍ଥ୍ୟ ଉପରେହିଁ ସବୁକିଛି ନିର୍ଭରଶୀଳ ହୋଇ ରହିଥାଏ; ଅତିମାନସ ଜଗତକୁ ବ୍ୟକ୍ତ କରି ଆଣିବା ଲାଗି ଏବଂ ତାହା ସହିତ*

---

* ସେହି ଅଭିଜ୍ଞତା ବିଷୟରେ ମାଆଙ୍କର ଟିପ୍ପଣୀ ଦ୍ରଷ୍ଟବ୍ୟ :
ପ୍ରଶ୍ନ ଓ ଉତ୍ତର, ୧୯୫୭-୫୮, (ଫେବ୍ରୁଆରି ୧୯, ୧୯୫୮)

*ଆପଣାକୁ ସମ୍ବନ୍ଧିତ କରି ରଖିବା ଲାଗି ସେଗୁଡ଼ିକ ମଧ୍ୟରେ ଯେତିକି ସାମର୍ଥ୍ୟ ରହିଥାଏ, ତାହାରି ଉପରେହିଁ ନିର୍ଭରଶୀଳ ହୋଇ ରହିଥାଏ ।''*

*ଏହି ଅତିମାନସ ଦୃଷ୍ଟିକୋଣଟି ପ୍ରକୃତରେ କ'ଣ ? ଅତିମାନସ ଜଗତକୁ ବ୍ୟକ୍ତ କରି ଆଣିବା ଏବଂ ତାହା ସହିତ ଆପଣାକୁ ସମ୍ବନ୍ଧିତ କରି ରଖିବାର ଏହି ସାମର୍ଥ୍ୟ ବା ଏହି ପ୍ରବୃତ୍ତି ପ୍ରକୃତରେ କ'ଣ ?*

ଅରଣ୍ୟ ଭିତରେ ଯାଉଥିବା ହରିଣଟିର ଗପରେ* ମୁଁ ଆଗରୁ ଏହି ବିଷୟରେ କିଛି କହି ସାରିଛି । ସେହି ଗଳ୍ପରେ ଏହି କଥାଟିର ଏକ ସୂଚନା ରହିଥିଲା ।

ତା'ପରେ ମୁଁ ପୁନର୍ବାର ଅତିମାନସ ନୌକା ବିଷୟରେ ହୋଇଥିବା ଏହି ଅନୁଭୂତିଟି ସହିତ ସଂପର୍କ ସ୍ଥାପନ କରିଥିଲି । ବସ୍ତୁଗୁଡ଼ିକ ବିଷୟରେ ରହିଥିବା ମୋ'ର ଦୃଷ୍ଟିରେ ଇତିମଧ୍ୟରେ ଆଉ କୌଣସି ପରିବର୍ତ୍ତନ ହୋଇ ନାହିଁ । ଏବଂ, ମୁଁ ଏକଥା ମଧ୍ୟ ଉପଲବ୍ଧି କରିଥିଲି ଯେ, ସେହି ଅନୁଭୂତିଟିର ସ୍ଥିତିଟି ଉପରେ ବି ଏକ ମୀମାଂସକ ପ୍ରଭାବ ପଡ଼ିଥିଲା । ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆବଶ୍ୟକ ପରିବେଶଗୁଡ଼ିକୁ ପ୍ରତିଷ୍ଠା କରି ପାରିଥିଲା; ଅତ୍ୟନ୍ତ ନିର୍ଭୁଲ ଭାବରେ, ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠା କରି ଦେଇଥିଲା ।

ନୈତିକତା ସମ୍ବନ୍ଧରେ ରହିଥିବା ଯାବତୀୟ ନିତ୍ୟନୈମିତ୍ତିକ ଧାରଣାକୁ ତାହା ଯେ ଏକାବେଳେକେ ବିଦୂରିତ କରି ଦେଇଥିଲା ତା' ନୁହେଁ, ମାତ୍ର, ଏଠାରେ ଭାରତବର୍ଷରେ ଯାହାକିଛିକୁ ଆଧ୍ୟାତ୍ମିକ ଜୀବନ ଲାଗି ଆବଶ୍ୟକ ବୋଲି ବିଚାର କରା ଯାଇଥାଏ, ତାହା ସେହି ସବୁକିଛିକୁ ମଧ୍ୟ ଅପସାରିତ କରି ନେଇଥିଲା । ଏହି ଦୃଷ୍ଟିରୁ ଅନୁଭୂତିଟିକୁ ପ୍ରକୃତରେ ଅତ୍ୟନ୍ତ ଶିକ୍ଷାପ୍ରଦ ବୋଲି କୁହାଯିବ । ସର୍ବପ୍ରଥମେ ଏଠାରେ ଆମେ ସେହି ତଥାକଥିତ ବୈରାଗ୍ୟମୟ ଶୁଦ୍ଧିସାଧନାର ଆଲୋଚନା କରିବା । ଏହି ବୈରାଗ୍ୟପ୍ରଧାନ ଶୁଦ୍ଧି ସାଧନାରେ ପ୍ରାଣିକ ସ୍ତରର ଯାବତୀୟ ଅନୁଶୀଳନକୁ ପ୍ରତ୍ୟାଖ୍ୟାନ କରା ଯାଇଥାଏ; ଏହି ପ୍ରାଣିକ ବୃତ୍ତିଗୁଡ଼ିକୁ ସ୍ୱୀକାର ଓ ଗ୍ରହଣ କରିନେଇ ସେଗୁଡ଼ିକୁ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୁଖ କରି ରଖିବା ପରିବର୍ତ୍ତେ, ଅର୍ଥାତ୍, ସେଗୁଡ଼ିକ ମଧ୍ୟରେ ସେହି ସର୍ବୋଚ୍ଚ ଭଗବତ୍-ଉପସ୍ଥିତିର ପ୍ରତ୍ୟକ୍ଷ କରି ସେଗୁଡ଼ିକ ଉପରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କୁ ମୁକ୍ତ ଭାବରେ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ିଦେବା ପରିବର୍ତ୍ତେ, ତୁମେ ତାଙ୍କୁ କହିବାରେ ଲାଗିଥାଅ, ''ନାଇଁ,

---

* ଦେଖନ୍ତୁ : ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍, ୧୩ଶ ଭାଗ, ଦ୍ୱିତୀୟ ଖଣ୍ଡ (ଏପ୍ରିଲ, ୧୯୬୧), ପୃଷ୍ଠା-୨୩

ନାଇଁ, ସେଗୁଡ଼ିକ ଆପଣଙ୍କର କାର୍ଯ୍ୟ ନୁହେଁ, ଆପଣ ସେଗୁଡ଼ିକ ବିଷୟରେ କୌଣସି ଚିନ୍ତା କରିବେ ନାହିଁ ।'' ଏହିପରି ଭାବରେ ଆମେ ତାଙ୍କୁ ସେଗୁଡ଼ିକର କ୍ଷେତ୍ରରେ କୌଣସି ହସ୍ତକ୍ଷେପ କରିବାକୁ ଦେଇ ନ ଥାଉ ।

ଦେହର ସ୍ତରଟି ବିଷୟରେ ମଧ୍ୟ ସେହି ପୁରାତନ କାହାଣୀଟି ବଳବତ୍ତର ରହି ଆସିଛି ଏବଂ ତାହା ସମସ୍ତଙ୍କୁ ବିଦିତ ଅଛି : ବୈରାଗୀମାନେ ସର୍ବଦା ଦେହର ପ୍ରତ୍ୟାଖ୍ୟାନ କରି ଆସିଛନ୍ତି ଏବଂ ତା'ପରେ ପ୍ରାଣିକଟିକୁ ନେଇ ସେମାନେ ତା' ସହିତ ମିଶାଇ ଦେଇଛନ୍ତି । କେବଳ ଶାସ୍ତ୍ରରେ ଯେଉଁଗୁଡ଼ିକୁ ପବିତ୍ର ବୋଲି ସ୍ୱୀକାର କରାଯାଇଛି ଅଥବା ଧର୍ମଗତ ପରମ୍ପରା ଯେତିକି ସକାଶେ ଅନୁମତି ଦେଇଛି, ଉଦାହରଣ ସ୍ୱରୂପ, ବିବାହବନ୍ଧନର ପବିତ୍ରତା ଓ ସେହିପରି ଆହୁରି କେତେ କଥା,— କେବଳ ସେହିଗୁଡ଼ିକୁହିଁ ସ୍ୱୀକାର କରାଯାଇଛି । ମାତ୍ର ମୁକ୍ତ ଭାବରେ ନିଜର ଜୀବନଟିକୁ ବଞ୍ଚିବା,— ନାଇଁ, ନାଇଁ, ଯେକୌଣସି ପ୍ରକାରର ଧର୍ମାନୁପ୍ରେରିତ ଜୀବନ ଲାଗି ତାହାକୁ ଆଦୌ ସଙ୍ଗତିପୂର୍ଣ୍ଣ ବୋଲି ମନେ କରାଯାଇ ନାହିଁ ।

ତେଣୁ, ସେହି ସବୁକିଛି ଚିରକାଳ ସକାଶେ ଅପସାରିତ ହୋଇ ଯାଇଥିଲା ।

ମାତ୍ର, ତଦ୍ୱାରା ଆଦୌ ଏପରି କଥା କୁହାଯାଉ ନାହିଁ ଯେ, ଯାହା ପ୍ରକୃତରେ ଆବଶ୍ୟକ, ତାହା ହେଉଛି ପୂର୍ବଟିର ତୁଳନାରେ ଅଧିକ ସହଜ । ତାହା ସମ୍ଭବତଃ ଅନେକ ଅଧିକ କଷ୍ଟକର ।

ସର୍ବପ୍ରଥମେ, ମନୋଗତ ଭୂମିରୁ ବିଚାର କରି ଦେଖିଲେ, ହରିଣର ଗପଟିରେ ମୁଁ ଯେଉଁ ପରିବେଶ ବିଷୟରେ କହିଥିଲି, ଏହି କ୍ଷେତ୍ରରେ ସେହି ପରିବେଶଟି ଅବଶ୍ୟ ରହିବା ଉଚିତ । ଅର୍ଥାତ୍, ଏକ ପରିପୂର୍ଣ୍ଣ ସମତା ଭାବ ରହିଥିବା ଉଚିତ ଏହି କଥାଟିକୁ ବାଦ୍ ଦେଲେ ଆଦୌ ଚଳିବ ନାହିଁ । ଗତ ଅନେକ ବର୍ଷ ଧରି, ୧୯୫୬ ମସିହାରୁ ମୁଁ ଲକ୍ଷ୍ୟ କରି ଆସୁଛି ଯେ, ଏହି ପରିପୂର୍ଣ୍ଣ ସମତା ଭାବର ଅଭାବ ରହିଥିବା ଯାଏ କୌଣସି ଅତିମାନସ ସ୍ପନ୍ଦନର ସଂଚାର କେବେହେଲେ ସମ୍ଭବ ହେବ ନାହିଁ । ଯଦି ଭିତରେ ରହିଥିବା ଆଉକିଛି ସେହି ସମତାଭାବର ଏତେ ଟିକିଏ ମଧ୍ୟ ବିରୋଧ କରୁଥିବ,— ବସ୍ତୁତଃ, ଯଦି ଆମର ଅହଂ ଯଦି ଏତେ ଟିକିଏ ପରିମାଣରେ ମଧ୍ୟ କ୍ରିୟାଶୀଳ ହୋଇ ରହିଥିବ, ତେବେ ସେହି ଅନୁଭୂତିଟି କଦାପି ତାହାକୁ ଭେଦ କରି ଆସି ପାରିବ ନାହିଁ, ତାହାର ଆଦୌ କୌଣସି ସଂଚାର ସମ୍ଭବ ହେବ ନାହିଁ । ଏତିକି ସମ୍ଭବ କରିବା ମଧ୍ୟ ଏକ ବେଶ୍ କଷ୍ଟକର କାର୍ଯ୍ୟ ।

ଉପଲବ୍ଧିଟି ପରିପୂର୍ଣ୍ଣ ହେବା ଲାଗି ଏତଦ୍‌ବ୍ୟତୀତ ଆଉ ଦୁଇଟି କଥାର ଆବଶ୍ୟକତା ରହିଛି, ଏବଂ ସେଗୁଡ଼ିକୁ ଆଦୌ ସହଜରେ ପୂରଣ କରି ହୁଏ ନାହିଁ ।

ବୌଦ୍ଧିକ ଭୂମି ଉପରେ ବିଚାର କରି ଦେଖିଲେ ତାହା ଖୁବ୍ ବେଶୀ କଷ୍ଟକର ବୋଲି ମୋଟେ ଲାଗିବ ନାହିଁ,– ଏଠାରେ ମୁଁ ଯେକୌଣସି ବ୍ୟକ୍ତି ବିଷୟରେ ଆଦୌ କୌଣସି କଥା କହୁ ନାହିଁ; ମାତ୍ର, ଯେଉଁମାନେ ଯୋଗସାଧନା କରିଛନ୍ତି ଏବଂ ତଦନୁରୂପ ଏକ ଶୃଙ୍ଖଳାର ମାର୍ଗ ଅନୁସରଣ କରିଛନ୍ତି, ସେମାନଙ୍କ ଲାଗି ଏହା ଅପେକ୍ଷାକୃତ ଅଧିକ ସହଜ ହୋଇଯିବ । ଆମର ମନୋଗତ ଭୂମି ଉପରେ ମଧ୍ୟ, ଏହି ସମତାଭାବ ସମ୍ଭବ କରିବା ଆଦୌ କଷ୍ଟକର ହୁଏ ନାହିଁ । ମାତ୍ର, ତୁମେ ଯେଉଁ ମୁହୂର୍ତ୍ତରେ ଏହି ଜଡ଼ସ୍ଥ ଭୂମିରେ ଆସି ପହଞ୍ଚିଯିବ, ଅର୍ଥାତ୍, ଯେମିତି ଏହି ଭୌତିକ ଓ ତା'ପରେ ଏହି ଦେହଗତ ଭୂମିରେ ଆସି ପ୍ରବେଶ କରିବ, ସେତେବେଳେ ତାହା ଆଉ ଆଦୌ ସହଜ ହୋଇ ରହିବ ନାହିଁ । ଏଥିଲାଗି ଆବଶ୍ୟକ ଦୁଇଟି ସର୍ତ୍ତ ହେଲା : ପ୍ରଥମତଃ, ସଂପ୍ରସାରିତ ଓ ପ୍ରଶସ୍ତ ହୋଇଯିବାର ଏକ ଶକ୍ତି, ଏଥିଲାଗି ଏକ ଅମିତ ଓ ଅଜସ୍ର ଶକ୍ତି, ଯେପରିକି ତୁମେ ନିଜକୁ ଏକ ସମଗ୍ର ଅତିମାନସ ଚେତନାର ପ୍ରସ୍ଥଟି ପର୍ଯ୍ୟନ୍ତ ଆପଣାକୁ ସଂପ୍ରସାରିତ କରି ନେଇପାରିବ । ଅତିମାନସ ଚେତନା ହେଉଛି ତାଙ୍କର ସମଗ୍ରତାର ଭୂମି ଉପରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଚେତନା;– ଯେତେବେଳେ ମୁଁ ''ତାଙ୍କର ସମଗ୍ରତାର ଭୂମି ଉପରେ'' ବୋଲି କହୁଛି, ସେତେବେଳେ ମୁଁ ତାଙ୍କର ଅଭିବ୍ୟକ୍ତିର ଭୂମିଟି ଉପରେ ତାଙ୍କର ସର୍ବୋଚ୍ଚ ସତ୍ତାଗତ ଅବସ୍ଥିତିର ଅର୍ଥରେହିଁ ତାହା କହୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ଉଚ୍ଚତର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଅର୍ଥାତ୍ ମର୍ମଗତ ଉପାଦାନଟି ଦୃଷ୍ଟିରୁ ବିଚାର କଲେ,– ଅଭିବ୍ୟକ୍ତିର ଭୂମିରେ ଅତିମାନସ ରୂପେ ଯାହାର ଆବିର୍ଭାବ ହୁଏ, ତାଙ୍କର ମର୍ମୋପାଦାନଟିର ଦୃଷ୍ଟିକୋଣରୁ– ସେହି କ୍ଷେତ୍ରରେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସଂପୂର୍ଣ୍ଣ ଭାବରେ ଏକାତ୍ମକ ହୋଇଯିବା ଲାଗି ଏକ ସାମର୍ଥ୍ୟ ଅବଶ୍ୟ ରହିଥିବା ଉଚିତ,– କେବଳ ତାଙ୍କର ଅଭିବ୍ୟକ୍ତିର ଭୂମି ଉପରେ ନୁହେଁ, ମାତ୍ର, ଅଭିବ୍ୟକ୍ତିର ଆହୁରି ସେପାଖରେ ଅବସ୍ଥିତ ରହିଥିବା ତାଙ୍କର ସେହି ପରିବର୍ତ୍ତନରହିତ ଅର୍ଥାତ୍ ନିର୍ବାଣର ଭୂମି ଉପରେ, ସେହି ପରମ ଅସତ୍‌ର ଭୂମି ଉପରେ ମଧ୍ୟ ଏକାତ୍ମକତା ଅର୍ଜନ କରିବାର ସାମର୍ଥ୍ୟ ରହିଥିବା ଉଚିତ । ମାତ୍ର, ଏତଦ୍‌ବ୍ୟତୀତ, ତାଙ୍କର ପରମ ସମ୍ଭୂତିର ଭୂମି ଉପରେ ମଧ୍ୟ ସେହି ସର୍ବୋଚ୍ଚ ସତ୍ତାଙ୍କ ସହିତ ଏକାତ୍ମକତା ସମ୍ଭବ ହୋଇପାରିବା ଉଚିତ । ଏଥିରେ ଦୁଇଟି ତାତ୍ପର୍ଯ୍ୟ ରହିଛି : ପ୍ରଥମତଃ, ଏକ ସଂପ୍ରସାରଣ, ଯାହାର କି, ମୁଁ ଯେପରି କହିଲି, ଅନ୍ତତଃ ଆଦୌ କୌଣସି ସୀମା ରହି ନ ଥିବ; ଏବଂ, ଯୁଗପତ୍ ଭାବରେ, ସଂପୂର୍ଣ୍ଣ ଭାବରେ ଏକ ନମନୀୟତା, ଯେପରିକି ଆମେ ସର୍ବୋଚ୍ଚ ପରମସତ୍ତାଙ୍କୁ ତାଙ୍କର ସେହି ସମ୍ଭୂତିର ଭୂମି ଉପରେ ପ୍ରକୃତରେ ଅନୁସରଣ କରିବାକୁ ସମର୍ଥ ହୋଇପାରିବା । କେବଳ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଆମକୁ

ଏହି ବିସ୍ତୃତ ବିଶ୍ୱ ପରି ପ୍ରସାରିତ ହୋଇଯିବାକୁ ପଡ଼ିବ ତା' ନୁହେଁ; ମାତ୍ର ସମ୍ପୃତିର ଭୂମି ଉପରେ ଅନନ୍ତ ଭାବରେ ପ୍ରସାରିତ ହୋଇ ରହିବାକୁ ପଡ଼ିବ । ଏଥିରେ ଏହି ସର୍ତ୍ତ ଦୁଇଟି ରହିଛି; ସର୍ତ୍ତ ଦୁଇଟିକୁ ଏହି କ୍ଷେତ୍ରରେ ଅନ୍ତର୍ନିହିତ ହୋଇ ଅବଶ୍ୟ ରହିବାକୁ ପଡ଼ିବ ।

ଯେପର୍ଯ୍ୟନ୍ତ ଏହି ଭୌତିକ ସ୍ତରରେ କୌଣସି ରୂପାନ୍ତର ସାଧନ କରିବାର ପ୍ରଶ୍ନ ଉତ୍‌ଥିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ କେବଳ ଏକ ମନୋଗତ ଓ ସ୍ଥୂଳ ଭାବରେ କେବଳ ଏକ ଆତ୍ମକୈନ୍ଦ୍ରିକ ଦୃଷ୍ଟିକୋଣ ପୋଷଣ କରି ରହିବା ଅବଶ୍ୟ ଯଥେଷ୍ଟ ବୋଲି ଅନୁଭୂତ ହୁଏ । ଏବଂ, ତାହା କରିବା ଅପେକ୍ଷାକୃତ ଅନେକ ସହଜ । ମାତ୍ର, ଯେତେବେଳେ ଏହି କର୍ମଧାରାଟି ମଧ୍ୟରେ ଜଡ଼କୁ ମଧ୍ୟ ଆଣି ଅନ୍ତର୍ଭୁକ୍ତ କରି ରଖିବାର କଥା ହୁଏ,— ଏହି ପୃଥିବୀରେ ଜଡ଼ ବର୍ତ୍ତମାନ ପ୍ରକୃତରେ ଯେପରି ରହିଛି, ଯେଉଁ କ୍ଷେତ୍ରରେ ଆରମ୍ଭବିନ୍ଦୁରେହିଁ ଅଶୁଦ୍ଧି ଓ ପ୍ରମାଦ ରହିଯାଇଛି— ଆମେ ପରମ ଅଚେତନା ଏବଂ ପରମ ଅଜ୍ଞାନରୁହିଁ ସବୁକିଛି ଆରମ୍ଭ କରୁଛୁ,— ସେତେବେଳେ ତାହା ପ୍ରକୃତରେ ଏକ କଷ୍ଟସାଧ୍ୟ କାର୍ଯ୍ୟରେ ପରିଣତ ହୋଇଯାଏ । କାରଣ, ଆପଣାର ହୃତ ଚେତନାଟିକୁ ଫେରି ପାଇବା ଲାଗି ଜଡ଼ ଯେପରିକି ଏଥିଲାଗି ଆବଶ୍ୟକ ମୂର୍ତ୍ତ ବ୍ୟକ୍ତିରୂପର ଭୂମିରେ ଯାଇ ଉପନୀତ ହୋଇପାରିବ, ସେଥିଲାଗି ତାହାକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ସ୍ଥାଣୁତା ସହିତ ତିଆରି କରାଯାଇଥିଲା,— କାରଣ ମୂର୍ତ୍ତ ଆକାରଗୁଡ଼ିକ ଯେପରି ଦୀର୍ଘସ୍ଥାୟୀ ହୋଇପାରିବ ଓ ଆପଣାର ମୂର୍ତ୍ତ ବ୍ୟକ୍ତିରୂପଟିର ସମ୍ଭାବନାକୁ ବଜାୟ ରଖିପାରିବ, ସେଇଥିଲାଗି ସେହି ସ୍ଥାଣୁତା ଏବଂ ଦୃଢ଼ତା ଅପରିହାର୍ଯ୍ୟ ବୋଲି ଅନୁଭୂତ ହୋଇଥିଲା । ମାତ୍ର, ଅତିମାନସକୁ ଗ୍ରହଣ କରିନେଇ ପାରିବା ଲାଗି ଯେଉଁ ବିସ୍ତୃତି, ନମନୀୟତା ଓ ଗ୍ରହଣଶୀଳତା ଆବଶ୍ୟକ, ସେହି ସ୍ଥାଣୁତାହିଁ ଏହାର ଏକ ପ୍ରଧାନପ୍ରତିବନ୍ଧକ ରୂପେ କାର୍ଯ୍ୟ କଲା । ମୁଁ ସର୍ବଦା ଠିକ୍ ଏହି ସମସ୍ୟାଟିର ସମ୍ମୁଖୀନ ହେବାରେ ଲାଗିଛି,— ଏହି ସମସ୍ୟା ହେଉଛି ଏକ ସ୍ଥୂଳ ଓ ପ୍ରକୃତ ସମସ୍ୟା, ସଂପୂର୍ଣ୍ଣ ଭାବରେ ଏକ ଭୌତିକ ସମସ୍ୟା । କାରଣ, ଏହି କ୍ଷେତ୍ରରେ, ଏହି ଯେଉଁସବୁ କୋଷକୁ ନେଇ କାର୍ଯ୍ୟ କରିବାକୁ ପଡୁଛି, ସେଗୁଡ଼ିକୁ ଅବଶ୍ୟ ସେହି କୋଷର ରୂପ ଧାରଣ କରି ରହିବାକୁ ପଡ଼ିବ ଏବଂ, ଆଦୌ ଏପରି ଏକ ବସ୍ତୁସ୍ଥିତିକୁ ବାଷ୍ପାୟିତ ହୋଇଯିବାକୁ ଆଦୌ ପଡ଼ିବ ନାହିଁ, ଯାହାକୁ କି ଆଉ ଏକ ଭୌତିକ ବସ୍ତୁସ୍ଥିତି ବୋଲି କୁହାଯାଇପାରୁ ନ ଥିବ । ଏବଂ, ସେଗୁଡ଼ିକ ଭିତରେ ଯୁଗପତ୍ ଭାବରେ ଏହି ନମନୀୟତା ଓ ଗ୍ରହଣଶୀଳତା ମଧ୍ୟ ରହିଥିବ,— ସେଗୁଡ଼ିକ ଆପଣାର ସ୍ଥାଣୁତା ଓ ଦୃଢ଼ତାକୁ ବର୍ଜନ କରିପାରୁଥିବେ, ଯେପରିକି ସେମାନେ ଆପଣାକୁ ଅଶେଷ ଭାବରେ ବିସ୍ତାରିତ କରିଦେବା ପାଇଁ ସମର୍ଥ ହେଉଥିବେ ।

(ମାଆ ନୀରବ ରହିଲେ)

ନୌକାସମ୍ବନ୍ଧୀୟ ସେହି ଅନୁଭୂତିଟି ସୂକ୍ଷ୍ମ ଭୌତିକର ସ୍ତରରେ ସଂଘଟିତ ହୋଇଥିଲା । ଏବଂ, ସେଠାରେ ଯେଉଁ ବ୍ୟକ୍ତିମାନଙ୍କଠାରେ କଳା କଳା ଚିହ୍ନ ରହିଥିଲା ଓ ଯେଉଁମାନଙ୍କୁ ଲେଉଟାଇ ନେଇଯିବାକୁ ହେଲା, ସେମାନଙ୍କଠାରେ ସତତ ଏହି ଦୁଇଟିଯାକ କ୍ରିୟାଶୀଳତା ଲାଗି ଆବଶ୍ୟକ ନମନୀୟତାରହିଁ ଅଭାବ ରହିଥିଲା; ମାତ୍ର ସେଗୁଡ଼ିକ ବିଶେଷ ଭାବରେ ବିସ୍ତୃତ ହୋଇଯିବା ଲାଗି ଏକାନ୍ତ ଅସମର୍ଥ ହୋଇ ରହିଥିଲେ, ପରମ ସମ୍ଭୂତିର ପ୍ରକ୍ରିୟାକୁ ଅନୁସରଣ କରିବା ଓ ସେଥିଲାଗି ଅଗ୍ରସର ହୋଇପାରିବାର ଅସାମର୍ଥ୍ୟ ଅପେକ୍ଷା ବିସ୍ତୃତ ହୋଇପାରିବାର ଏହି ଅସାମର୍ଥ୍ୟ ଅଧିକ ପରିମାଣରେ ରହିଥିଲା । ପରେ ତାହାହିଁ ଏକ ମୁଖ୍ୟ କାର୍ଯ୍ୟରେ ପରିଣତ ହୋଇ ରହିଲା; ଯେଉଁମାନେ କୂଳକୁ ଓହ୍ଲାଇ ସାରିଥିଲେ, ଓହ୍ଲାଇ ସାରିବା ପରେ ସେହିମାନଙ୍କ ଲାଗି । ମାତ୍ର, ନୌକା ଉପରେ ଯେଉଁ ପ୍ରସ୍ତୁତିର କାର୍ଯ୍ୟ ଚାଲିଥିଲା, ତାହା ବିସ୍ତୃତି ଲାଭ କରିବାର ଏହି ସାମର୍ଥ୍ୟ ଅର୍ଜନ କରିବା ସକାଶେହିଁ ଚାଲିଥିଲା ।

ଆଉଗୋଟିଏ କଥା ବି ଥିଲା, ଯାହାକୁ କି ମୁଁ ସେହି ଅନୁଭୂତିଟିକୁ ବର୍ଣ୍ଣନା କରିବା ସମୟରେ ଆଦୌ ବର୍ଣ୍ଣନା କରି କହି ନ ଥିଲି । ସେହି କଥାଟି ହେଉଛି ଯେ, ସେହି ନୌକାରେ କୌଣସି ଯନ୍ତ୍ର ଲାଗି ନ ଥିଲା । କେବଳ ଏକ ଇଚ୍ଛାଶକ୍ତି ଦ୍ୱାରାହିଁ ସବୁକିଛି ଗତିଶୀଳ ହୋଇ ରହିଥିଲା,— ବ୍ୟକ୍ତିମାନଙ୍କର ଓ ବସ୍ତୁଗୁଡ଼ିକର ଇଚ୍ଛାଶକ୍ତି ଦ୍ୱାରା ଗତିଶୀଳ ହୋଇ ରହିଥିଲା; ଏପରିକି, ଲୋକମାନେ ଯେଉଁ ପରିଚ୍ଛଦ ପିନ୍ଧିଥିଲେ, ତାହା ମଧ୍ୟ ସେମାନଙ୍କ ଇଚ୍ଛାଶକ୍ତିର ଏକ ପରିଣାମ ହୋଇ ରହିଥିଲା । ଏବଂ ଏହାଦ୍ୱାରା ଏହି ଯାବତୀୟ ବସ୍ତୁରେ ପ୍ରଭୂତ ନମନୀୟତା ସମ୍ଭବ ହୋଇ ପାରୁଥିଲା, ବ୍ୟକ୍ତିମାନଙ୍କର ଆକାରରେ ମଧ୍ୟ ତାହା ପ୍ରଭୂତ ନମନୀୟତା ଆଣି ଦେଇପାରୁଥିଲା । କାରଣ, ସେମାନେ ପ୍ରତ୍ୟେକେ ସେହି ଇଚ୍ଛାଶକ୍ତି ବିଷୟରେ ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିଲେ, ତାହାକୁ ଆଦୌ ଏକ ମନୋଭୂମିସ୍ଥ ଇଚ୍ଛା ବୋଲି କୁହାଯିବ ନାହିଁ, ତାହାକୁ କେନ୍ଦ୍ରସ୍ଥ ଆତ୍ମାରହିଁ ଇଚ୍ଛାଶକ୍ତି ବୋଲି କହିବାକୁ ହେବ,— ବା ଏକ ଆଧ୍ୟାତ୍ମିକ ଇଚ୍ଛା ବୋଲି କୁହାଯିବ ବା ସେହି ଅନ୍ତର୍ଗତ ଆତ୍ମସତ୍ତାର ଇଚ୍ଛା ବୋଲି କୁହାଯାଇପାରିବ,— 'ଆତ୍ମା' ଶବ୍ଦଟିରେ ସେହି ଅର୍ଥର ଆରୋପ କରିପାରିଲେ ସେପରି ଅବଶ୍ୟ କୁହାଯିବ । ମାତ୍ର, ଯେତେବେଳେ ଆମେ ସଂପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜକୁ କ୍ରିୟାଶୀଳ କରି ରଖି ପାରୁଥିବା, ଅର୍ଥାତ୍, ଯେତେବେଳେ କୌଣସି ଏକ କ୍ରିୟା,— ଉଦାହରଣ ସ୍ୱରୂପ ଏକ ଉକ୍ତି ଅଥବା ଏକ ଗତିସ୍ପନ୍ଦନ ଆଦୌ ମନ ଦ୍ୱାରା ନିରୂପିତ ହେଉ ନ ଥିବ— ଏଠାରେ ମୁଁ ଭାବନା ବା ବୁଦ୍ଧି

ବିଷୟରେ କିଛି କହୁ ନାହିଁ,— ଯେଉଁ ମନ ଦ୍ୱାରା ପ୍ରେରିତ ହୋଇ ଆମେ ସାଧାରଣତଃ ଯାବତୀୟ କାର୍ଯ୍ୟ କରୁ, ତାହାଦ୍ୱାରା ଆଦୌ ନିରୂପିତ ହେଉ ନ ଥିବ, ସେତେବେଳେ ଏଠାରେ ମଧ୍ୟ ସେହି ଅନୁଭୂତିଟିକୁ ଲାଭ କରାଯାଇପାରିବ । ସାଧାରଣତଃ, ଆମେ ଯେତେବେଳେ କୌଣସି କାର୍ଯ୍ୟ କରୁଥାଉ, ସେତେବେଳେ ଆମ ଭିତରେ ଏହି କାର୍ଯ୍ୟଟିକୁ କରିବାକୁ ଯାଉଥିବାର ଏକ ଇଚ୍ଛାଶକ୍ତିର ବୋଧ ରହିଥାଏ;— ଯେତେବେଳେ ଆମେ ସଚେତନ ରହିଥାଉ ଏବଂ ଆପଣାକୁ ଏହି କାର୍ଯ୍ୟଟିକୁ କରୁଥିବାର ଅବଲୋକନ କରୁଥାଉ, ସେତେବେଳେ ଆମେ ଅବଶ୍ୟ ସେକଥାଟିକୁ ଦେଖିପାରୁ । ସେତେବେଳେ ନିରନ୍ତରହିଁ,— ଏହା ହୁଏତ ଆସିପାରେ ଓ ପୁଣି ଚାଲି ଯାଉଥାଇପାରେ— ସେହି କାର୍ଯ୍ୟକୁ କରିବାର ଇଚ୍ଛାଶକ୍ତିଟି ବିଦ୍ୟମାନ ରହିଥାଏ । ସେତେବେଳେ ମନହିଁ ହସ୍ତକ୍ଷେପ କରିବାରେ ଲାଗିଥାଏ, ମନ ଆପଣାର ଚିର ଅଭ୍ୟାସ ପରି ତାହା କରେ,— ଏବଂ ଠିକ୍ ସେହି ଧାରାରେହିଁ ଘଟଣାବଳୀ ଘଟିବାରେ ଲାଗିଥାନ୍ତି । ମାତ୍ର, ଅନ୍ୟ ପକ୍ଷରେ, ମନକୁ ଡେଇଁଯିବା ପରେ ଯାଇ ଅତିମାନସ କ୍ରିୟା ସମ୍ଭବ ହୁଏ । ସେଥିପାଇଁ ଯେ ମନ ଭିତରେ ପଶି ଆଗ ସଂପୂର୍ଣ୍ଣ ରାସ୍ତାଟିକୁ ଅତିକ୍ରମ କରିବାକୁ ହୁଏ, ସେକଥା ଆଦୌ ନୁହେଁ, ମନକୁ ସିଧା ଡେଇଁଯିବାକୁ ପଡ଼େ । ପ୍ରାଣିକ କେନ୍ଦ୍ରଗୁଡ଼ିକ ସହିତ କୌଣସି ଏକ ବସ୍ତୁର ପ୍ରତ୍ୟକ୍ଷ ସଂସ୍ପର୍ଶ ଘଟେ ଏବଂ ସେଗୁଡ଼ିକ କ୍ରିୟାଶୀଳ ହୁଅନ୍ତି,— ସେଥିଲାଗି ଭାବନା ଭିତରେ ପଶି ତାହାକୁ ଅତିକ୍ରମ କରିବା ଦରକାର ହୁଏ ନାହିଁ, ମାତ୍ର ପୂର୍ଣ୍ଣ ସଚେତନ ଭାବରେ ତାହା ସମ୍ଭବ ହୋଇଥାଏ । ଏହି କ୍ଷେତ୍ରରେ ଚେତନା ପୂର୍ବର ସେହି ନିତ୍ୟନୈମିତ୍ତିକ ଧାରାରେ ଆଦୌ କାର୍ଯ୍ୟ କରେ ନାହିଁ, ଆଧ୍ୟାତ୍ମିକ ଇଚ୍ଛାର କେନ୍ଦ୍ରରୁ କ୍ରିୟାଶୀଳ ହୋଇ ତାହା ସିଧା ଆପଣାକୁ ନେଇ ଜଡ଼ ମଧ୍ୟରେ ସଂଚାରିତ କରିଦିଏ ।

ଆମେ ଯେପର୍ଯ୍ୟନ୍ତ ମନକୁ ଏହିପରି ଭାବରେ ନିଷ୍ପନ୍ଦ କରି ରଖିପାରିବା, ସେପର୍ଯ୍ୟନ୍ତ ଆମର ଅଭୀପ୍ସା ସଂପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ରହିଥିବ, ତାହା ଶୁଦ୍ଧ ଭାବରେ ଉତ୍ସାରିତ ହୋଇ ଆସୁଥିବ । ଯଦି ଆମେ ତାହାକୁ ଧରିପାରିବା ଏବଂ କଥା କହିବା ବେଳେ ମଧ୍ୟ ତାହାକୁ ଧରି ରଖିପାରିବା, ତେବେ ତାହାର ମଧ୍ୟଦେଇ ଯାହାକିଛି ନିଷ୍ପନ୍ନ ହୋଇ ଆସୁଥିବ, ତାହାବି ଅବଶ୍ୟ ଅମିଶ୍ରିତ ହୋଇ ରହିଥିବ, ଶୁଦ୍ଧ ହୋଇ ରହିଥିବ ।

ଏହି କାର୍ଯ୍ୟଟି ଅତ୍ୟନ୍ତ ସୂକ୍ଷ୍ମ ଭାବରେ ସମ୍ପାଦିତ ହୋଇଥାଏ, ସମ୍ଭବତଃ ତାହାର କାରଣ ହେଉଛି ଯେ ଆମେ ଏହା ସହିତ ଆଦୌ ସୁପରିଚିତ ହୋଇ ନ ଥାଉ । କେଉଁଠାରେ ଏତେ ଟିକିଏ କ'ଣ ଗତିଶୀଳ ହେବାକୁ ଆରମ୍ଭ କଲେ, ଏକ କ୍ଷୁଦ୍ରତମ ଆକାରରେ ମଧ୍ୟ ମନ ଭିତରେ କୌଣସି ସ୍ପନ୍ଦନ ଉପସ୍ଥିତ ହେଲେ ତଦ୍ୱାରା ସବୁକିଛି ବାଧାପ୍ରାପ୍ତ ହୋଇଯାଏ । ମାତ୍ର, ତାହା ଯେତିକି ସମୟ ବଳବତ୍ତର ରହେ, ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ଶୁଦ୍ଧ ହୋଇ

ରହିଥାଏ । ଏବଂ ତାହାହିଁ ଅବଶ୍ୟ ଏକ ଅତିମାନସୀକୃତ ଜୀବନର **ନିରନ୍ତର** ସ୍ଥିତି ହୋଇ ରହିବ । ସେତେବେଳେ ମନର ଭୂମି ଭିତରେ ବାନ୍ଧି ହୋଇ ରହିଥିବା ଆଧ୍ୟାତ୍ମିକ ଇଚ୍ଛା ଆଦୌ କୌଣସି ହସ୍ତକ୍ଷେପ କରୁ ନ ଥିବ; କାରଣ, ଜଣେ ବ୍ୟକ୍ତି ଭିତରେ ହୁଏତ ଆଧ୍ୟାତ୍ମିକ ଇଚ୍ଛାଟି ବେଶ୍ ବିଦ୍ୟମାନ ଥିବ, ସିଏ ହୁଏତ ସେହି ଆଧ୍ୟାତ୍ମିକ ଇଚ୍ଛାକୁ ଅଭିବ୍ୟକ୍ତ କରିବାରେହିଁ ସତତ ଜୀବନ ଯାପନ କରୁଥିବ– ନିଜ ଭିତରେ ଅବସ୍ଥିତ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ଯେଉଁମାନେ ଅନୁଭବ କରୁଥାନ୍ତି, ସେହିମାନଙ୍କର ଜୀବନରେ ଠିକ୍ ଏହିପରି ଘଟିଥାଏ– ମାତ୍ର ଏକ ମନୋଗତ ପ୍ରତିଲେଖନ ଦ୍ୱାରାହିଁ ତାହା ସଂଘଟିତ ହୁଏ । ଏବଂ, ସେହି ପ୍ରକାରର ହୋଇ ରହିଥିବା ପର୍ଯ୍ୟନ୍ତ ତାହାକୁ କଦାପି ଅତିମାନସ ଜୀବନ ବୋଲି କହିହେବ ନାହିଁ । ଅତିମାନସ ଜୀବନ ଲାଗି ମନର ମାଧ୍ୟମରେ ଗତି କରିବା ସକାଶେ **ଆଉ** କୌଣସି ଆବଶ୍ୟକତା ନ ଥାଏ । ସଂଚରଣ ଲାଗି ମନକୁ ଏକ ଅଚଳ ଅଂଚଳ ବୋଲି କୁହାଯାଇ ପାରିବ । କେଉଁଠି ଏତେଟିକିଏ ଟାଣି ଦେଉଥିଲା ପରି ଲାଗିଲେ ଏହା ତଦ୍ଦ୍ୱାରା ବାଧାଗ୍ରସ୍ତ ହୋଇ ପଡ଼ିଥାଏ ।

(ମାଆ ନୀରବ ରହିଲେ)

ଅତିମାନସ ଯେପରି ଆପଣାକୁ ଏକ ପୃଥ୍ୱୀଚେତନାର ମାଧ୍ୟମରେ ବ୍ୟକ୍ତ କରିବାରେ ସମର୍ଥ ହେବ, ସେଥିଲାଗି ଯେଉଁ ନିରନ୍ତର ସ୍ଥିତି ଏକାନ୍ତ ଆବଶ୍ୟକ, ତାହାକୁ ଆମେ ଏକ ପରିପୂର୍ଣ୍ଣ ସମତାର ସ୍ଥିତି ବୋଲି କହିବା । ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକ ଆଧ୍ୟାତ୍ମିକ ଏକାତ୍ମକତା ଅର୍ଜନ କରିପାରିଲେ ଯାଇ ସେହି ସମତା ସମ୍ଭବ ହୁଏ । ଏକ ପରିପୂର୍ଣ୍ଣ ସମତାର ଅବସ୍ଥାରେ ସବୁ କିଛି ସେହି ସର୍ବୋଚ୍ଚ ପରମସତ୍ତାରେହିଁ ପରିଣତ ହୋଇଯାଏ । ଏବଂ, ଏହି କଥାଟି ସ୍ୱତଃ ଘଟିଥାଏ,– ସେହି ସ୍ଥିତିଟିକୁ ଲାଭ କରିବା ପୂର୍ବରୁ ଆଗ ଏକ ବୌଦ୍ଧିକ ପ୍ରୟାସ ଦ୍ୱାରା ତାହାକୁ ବୁଝି ଅଥବା ଏକ ସଚେତନ ଇଚ୍ଛାକୁ କାମରେ ଲଗାଇ ପ୍ରଥମେ ଏହି ସମତାଭାବକୁ ଅର୍ଜନ କରାଯାଏ ନାହିଁ । ଏଭଳି ଆଦୌ ହୁଏ ନାହିଁ । ଏହାକୁ ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱତଃପ୍ରେରିତ ହେବାକୁ ପଡ଼େ । ସତେଯେପରି ଜଣେ ବାହାରୁ ଆସୁଥିବା କୌଣସି ବସ୍ତୁକୁ ଆପଣାର ଅନୁସ୍ପନ୍ଦନ ଜଣାଉଛି, ଏହି ସ୍ଥିତିରେ ବାହାରୁ ଆସୁଥିବା କୌଣସି ବସ୍ତୁ ପ୍ରତି ଆଉ ସେପରି ଅନୁସ୍ପନ୍ଦନ ଜଣାଇବାକୁ ଆଦୌ ପଡ଼େ ନାହିଁ । ଏହି ପ୍ରକାରର ମନନ ଏବଂ ଅନୁସ୍ପନ୍ଦନର ସ୍ଥାନରେ ଏକ ସତତ ଅବବୋଧର ଅବସ୍ଥାକୁ ଆଣି ପ୍ରତିଷ୍ଠିତ କରିବାକୁ ହୁଏ– ଏହି ଅବବୋଧକୁ ମୁଁ ସେହି ଅନ୍ୟଟିର ଅନୁରୂପ ବୋଲି ଆଦୌ କହିପାରିବି ନାହିଁ, କାରଣ ପ୍ରତ୍ୟେକ ବସ୍ତୁହିଁ ପ୍ରୟୋଜନତଃ ଏକ ବିଶେଷ ଅନୁସ୍ପନ୍ଦନ ଦାବି କରୁଥାଏ,– ମାତ୍ର ହୁଏତ ଏପରି କୁହାଯାଇପାରିବ ଯେ, ତାହା ଯାବତୀୟ

ପ୍ରତିକ୍ଷେପରୁ ମୁକ୍ତ ହୋଇ ରହିଥାଏ । ଗୋଟିଏ ବସ୍ତୁ ବାହାରୁ ତୁମପାଖକୁ ଆସୁଛି, ବାହାରୁ ଆସି ତୁମକୁ ଆଘାତ କରୁଛି ଏବଂ ତୁମେ ସେଇଟି ପ୍ରତି ନିଜର ଅନୁସ୍ପନ୍ଦନ ଜ୍ଞାପନ କରୁଛ; ଏବଂ, ଆଉଗୋଟିଏ ବସ୍ତୁ ଆପଣାକୁ ପରିସଂଚାଳିତ କରି ରଖିଛି ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣା ସହିତ ସାଧାରଣ କ୍ରିୟାଶୀଳତା ଲାଗି ଆବଶ୍ୟକ ଅନୁସ୍ପନ୍ଦନଗୁଡ଼ିକୁ ବହନ କରି ନେଇ ଆସୁଛି,— ଏଠାରେ ମୁଁ ଦୁଇ ପ୍ରକ୍ରିୟା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁହିଁ ସୂଚାଇ ଦେବାକୁ ଇଚ୍ଛା କରୁଛି । ମୋ'କଥାକୁ ପ୍ରକୃତରେ ସ୍ପଷ୍ଟ ଭାବରେ ବୁଝିହେଉଛି କି ନାହିଁ, ମୁଁ ସେକଥା କହିପାରୁ ନାହିଁ... ଗୋଟିଏ ସ୍ପନ୍ଦନକ୍ରିୟା କ୍ରିୟାଶୀଳତାର ଏକ **ଏକାତ୍ମକ** କ୍ଷେତ୍ରରେ ପରିସଂଚାଳିତ ହୋଇ ରହିଛି ଓ ଆଉଗୋଟିଏ କ୍ରିୟା ବାହାରୁ କୌଣସି ଅନ୍ୟ ବସ୍ତୁରୁ ତୁମ ପାଖକୁ ଆସୁଛି, ବାହାରୁ ଆସି ଆଘାତ କରୁଛି ଏବଂ ଏକ ଅନୁସ୍ପନ୍ଦନ ଲାଭ କରୁଛି,— ଏଠାରେ ମୁଁ ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିର ଆଲୋଚନା କରୁଛି । ମନୁଷ୍ୟର ଚେତନା ସାଧାରଣତଃ ଏହି ଦ୍ୱିତୀୟ ଅବସ୍ଥାଟିରେ ରହିଥାଏ । ମାତ୍ର, ଅନ୍ୟ ପକ୍ଷରେ, ଯେତେବେଳେ ଚେତନା ଆପଣାକୁ ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଅଭେଦ କରି ରଖିଥାଏ, ସେତେବେଳେ ଯାବତୀୟ କ୍ରିୟାଶୀଳତା ମଧ୍ୟ ଅନ୍ତର୍ଗତ ହୋଇ ରହିଥାଏ, ଅର୍ଥାତ୍, ସେତେବେଳେ ଆଦୌ କିଛିହେଲେ ବାହାରୁ ଆସୁ ନ ଥାଏ; ସେତେବେଳେ ସେହି ବସ୍ତୁଗୁଡ଼ିକ କେବଳ ପରିସଞ୍ଚାଳିତ ହୋଇ ରହି ଥା'ନ୍ତି, ଏବଂ ସେହି ପରିସଞ୍ଚାଳନର ପ୍ରକ୍ରିୟାରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସାଦୃଶ୍ୟ ଏବଂ ଅବଶ୍ୟମ୍ଭାବିତା ହେତୁ କେତେକ ନିର୍ଦ୍ଦିଷ୍ଟ ସ୍ପନ୍ଦନକୁ ଘଟାଇବାରେ ଲାଗିଥାନ୍ତି,— ଅଥବା, ଏଭଳି କୁହାଯାଇ ପାରିବ ଯେ, ପରିସଞ୍ଚାଳନର ମାଧ୍ୟମରେହିଁ ସେଗୁଡ଼ିକ ସ୍ପନ୍ଦନଗୁଡ଼ିକୁ ବଦଳାଇ ଦେଉଥାନ୍ତି ।

ମୁଁ ଏହି ପ୍ରକ୍ରିୟାଟି ସହିତ ଅତ୍ୟନ୍ତ ପରିଚିତ,— କାରଣ ବର୍ତ୍ତମାନ ମୁଁ ଅନୁକ୍ଷଣ ଠିକ୍ ସେହିଭଳି ଏକ ସ୍ଥିତିରେ ରହିଛି— କୌଣସି ବସ୍ତୁ ବାହାରୁ ମୋ'ପାଖକୁ ଆସୁଛି, ବାହାରୁ ଆସି ମୋତେ ଆଘାତ କରୁଛି, ମୋ'ର ଏପରି ଅନୁଭୂତି କେବେହେଲେ ହୋଇ ନାହିଁ । ମୋ'ର ଯାହା ଅନୁଭବ ହୋଇଛି, ତାହା ଅନ୍ତର୍ଗତ ଭାବରେ ହୋଇଛି, ବହୁବିଧ ଭାବରେ ହୋଇଛି, ବେଳେବେଳେ ସେହି କ୍ରିୟାତ୍ମକତାରେ ଅନେକ ବିରୋଧିତା ମଧ୍ୟ ଏକତ୍ର ସମାବିଷ୍ଟ ହୋଇ ରହିଛି । କ୍ରିୟାତ୍ମକଟି ଲାଗି ଯେଉଁସବୁ ପରିବର୍ତ୍ତନ ଆବଶ୍ୟକ, ତାହାକୁ ଘଟାଉଥିବା ଏକ ପରିସଞ୍ଚାଳନ ମଧ୍ୟ ସତତ ବଳବତ୍ତର ହୋଇ ରହିଛି ।

ସେହିଟିକୁହିଁ ଏକ ଅପରିହାର୍ଯ୍ୟ ଭୂମି ବୋଲି କୁହାଯିବ ।

ପ୍ରଶସ୍ତୀକରଣ ପ୍ରକ୍ରିୟାଟି ପ୍ରାୟ ସ୍ୱତଃପ୍ରେରିତ ଭାବରେହିଁ ତାହାର ଅନୁସରଣ କରୁଛି, ତାହା ଶରୀର ମଧ୍ୟରେ ଏପରି ନାନା ଅନୁକୂଳନ ସଂଘଟିତ କରିବା ଲାଗି ଦାବି

କରୁଛି, ଯାହାର ନିରାକରଣ କରିବା ପ୍ରକୃତରେ କଷ୍ଟକର ହୋଇପଡୁଛି, ଏବଂ ବର୍ତ୍ତମାନ ମଧ୍ୟ ମୁଁ ଠିକ୍ ସେହି ସମସ୍ୟାଟି ମଧ୍ୟରେହିଁ ସଂପୂର୍ଣ୍ଣ ଭାବରେ ବୁଡ଼ିରହିଛି ।

ଏବଂ, ତା'ପରେ, ସମ୍ପୃତିର କ୍ରିୟାଶୀଳତାକୁ ଅନୁସରଣ କରିବା ସକାଶେ ଆବଶ୍ୟକ ହେଉଥିବା ନମନୀୟତା; ନମନୀୟତା, ଅର୍ଥାତ୍ ଆପଣାକୁ ବିଘଟିତ କରିଦେବାର ସାମର୍ଥ୍ୟ– ଆପଣାକୁ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିରୂପ ଦେବାରେ ଜୀବନର ଯେଉଁ ସମଗ୍ର ପର୍ଯ୍ୟାୟଟି ବ୍ୟୟିତ ହୋଇ ଯାଇଥାଏ, ତାହାକୁ ଏକ ସଚେତନ ଓ ଇଚ୍ଛାକୃତ ଆକାରଧାରଣରହିଁ ଏକ ପର୍ଯ୍ୟାୟ ବୋଲି କୁହାଯିବ, ଯାହାକୁ କି ପରବର୍ତ୍ତୀ ପର୍ଯ୍ୟାୟରେ ବିଘଟିତ କରିଦେବାକୁ ପଡ଼ିଥାଏ । ଆପଣାକୁ ଏକ ସଚେତନ ଏବଂ ବ୍ୟକ୍ତିପରିଚୟଯୁକ୍ତ ସତ୍ତାରେ ପରିଣତ କରିବା, ତାହା ହେଉଛି ସତତ ଯାବତୀୟ ବସ୍ତୁକୁ ଗୋଟିଏ ଗୋଟିଏ ଆକାର ପ୍ରଦାନ କରିବାର ଏକ ପ୍ରକ୍ରିୟା, ଏକ ସତତ ଓ ଇଚ୍ଛାକୃତ ପ୍ରକ୍ରିୟା । ଏବଂ, ପରବର୍ତ୍ତୀ ପର୍ଯ୍ୟାୟରେ ଆମକୁ ତାହାର ବିପରୀତ କ୍ରିୟାଟିକୁ ମଧ୍ୟ କରିବାକୁ ପଡ଼ିବ, ଅନୁକ୍ଷଣ କରିବାକୁ ପଡ଼ିବ ଏବଂ, ଆହୁରି ଅଧିକ ପରିମାଣରେ ଇଚ୍ଛାକୃତ ଭାବରେ କରିବାକୁ ହେବ । ଏବଂ, ଯୁଗପତ୍ ଭାବରେ, ବ୍ୟକ୍ତିରୂପ ଧାରଣ କରିବା ଦ୍ୱାରା ଚେତନାର କ୍ଷେତ୍ରରେ ଯେଉଁସବୁ ସାମର୍ଥ୍ୟ ଓ ଲାଭର ଉପଲବ୍ଧି ହୋଇଥିଲା, ସେଗୁଡ଼ିକୁ ମଧ୍ୟ କୌଣସି ପ୍ରକାରେ ଆଦୌ ହରାଇ ଦେବାକୁ ପଡ଼ିବ ନାହିଁ ।

ଏପରି କରିପାରିବା ଯେ ଅତ୍ୟନ୍ତ କଷ୍ଟକର, ସେଥିରେ କୌଣସି ସନ୍ଦେହ ନାହିଁ ।

ଭାବନାର କ୍ଷେତ୍ରରେ ଥାଇ ବିଚାରିଲା ବେଳକୁ ଏହା ଅତ୍ୟନ୍ତ ମାମୁଲି ଓ ଅତ୍ୟନ୍ତ, ଅତ୍ୟନ୍ତ ସହଜ ବୋଲି ମନେହେବ । ଏବଂ, ଏପରି କି ଅନୁଭବର ଭୂମିରୁ ବିଚାର କଲାବେଳେ ମଧ୍ୟ ଏହା ଆଦୌ କଷ୍ଟକର ବୋଲି ମନେ ହେବ ନାହିଁ । ହୃଦୟ ଲାଗି, ଅର୍ଥାତ୍ ଆମ ଭିତରେ ରହିଥିବା ଆମର ସଂବେଗମୟ ସତ୍ତାଟି ଲାଗି, ସର୍ବୋଚ୍ଚ ପରମସତ୍ତାଙ୍କର ଅନୁପ୍ରଷ୍ଟ ହୋଇ ଆପଣାକୁ ପ୍ରଶସ୍ତ ଓ ବିସ୍ତାରିତ କରିଦେବା ମଧ୍ୟ ଅପେକ୍ଷାକୃତ ବେଶ୍ ସହଜ ହୋଇଯିବ । ମାତ୍ର, ଶରୀରର କ୍ଷେତ୍ରରେ ଏହା ପ୍ରକୃତରେ ଅତ୍ୟନ୍ତ, ଅତ୍ୟନ୍ତ କଷ୍ଟକର ହେବ– ଏହି କଥାଟିକୁ ଶବ୍ଦ ଦେଇ କିପରି କହିହେବ ?– ଶରୀର ଏହି କ୍ରିୟାଟିକୁ ସାଧ କରିବ, ଅଥଚ ସେଥିଲାଗି ତାକୁ ଆପଣା ସଘନତା-ଧାରଣର କେନ୍ଦ୍ରଟିକୁ ଆଦୌ ହରାଇବାକୁ ପଡ଼ିବ ନାହିଁ, ଏହାର ଚତୁର୍ଦ୍ଦିଗରେ ରହିଥିବା ପିଣ୍ଡଟି ମଧ୍ୟରେ ତାହାକୁ ଆଦୌ ବିଗଳିତ ହୋଇଯିବାକୁ ପଡ଼ିବ ନାହିଁ,– ଏହା ଅତ୍ୟନ୍ତ କଷ୍ଟସାଧ । ଏବଂ, ସେତେବେଳେ ମଧ୍ୟ, ଯଦି ସେତେବେଳେ ତୁମେ ପ୍ରକୃତିର ସନ୍ନିଧାନ ମଧ୍ୟରେ ରହିଥିବ, ଯଦି ତୁମ ଚାରିପାଖରେ ପର୍ବତ, ଅରଣ୍ୟ ଓ ନଦୀ ଘେରି ରହିଥିବେ, ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଥିବ, ପ୍ରଶସ୍ତ ସ୍ଥାନ ରହିଥିବ, ତେବେ ତାହା ପ୍ରକୃତରେ

ଅତ୍ୟନ୍ତ ସୁଖକର ହେବ । ମାତ୍ର, ଦୁଃଖମୟ ବସ୍ତୁଗୁଡ଼ିକ ମଧ୍ୟରେ ପ୍ରବେଶ ନ କରି ଆମେ କଦାପି ଜଡ଼ର ଭୂମିରେ ଆମ ଶରୀରର ବାହାରେ ଗୋଟିଏ ପହୁଣ୍ଡ ମଧ୍ୟ ଗତି କରିପାରିବା ନାହିଁ । ଏପରି ଅନେକ ସମୟରେ ଘଟିଥାଏ ଯେ, ଆମେ ଏପରି ଏକ ଉପାଦାନର ସଂସ୍ପର୍ଶରେ ଆସୁ, ଯାହାକି ଆମକୁ ସୁଖକର, ସୌଷମ୍ୟଯୁକ୍ତ ଏବଂ ଉଷ୍ମବୋଧ ହୋଇଥାଏ, ଯାହା ଏକ ଉଚ୍ଚତର ଆଲୋକରେ ସ୍ପନ୍ଦିତ ହେବାରେ ଲାଗିଥାଏ । ମାତ୍ର, ସେପରି ଅତ୍ୟନ୍ତ କ୍ୱଚିତ୍ ହୁଏ । ହଁ, ଫୁଲମାନେ, ଅନେକ ସମୟରେ ଫୁଲମାନେ,– ହଁ, ବେଳେବେଳେ,– ସବୁବେଳେ ନୁହେଁ । ମାତ୍ର ଏହି ଜଡ଼ସ୍ଥ ପୃଥିବୀ,... ନାଇଁ,– ଏଠାରେ ତୁମକୁ ସର୍ବତ୍ର ଖାଲି ଆଘାତ ପାଇ ଝୁଣ୍ଟି ପଡ଼ିଯିବାକୁ ହୁଏ,– ତୁମେ କ୍ଷତବିକ୍ଷତ ହୋଇଯାଅ, ତୁମର ଅଙ୍ଗପ୍ରତ୍ୟଙ୍ଗ ଆଞ୍ଚୁଡ଼ି ହୋଇଯାଏ, ଯାହା ମୋଟେ **ଉନ୍ମୋଚିତ ହେବେ ନାହିଁ ବୋଲି ଜିଦ୍ ଧରି ବସିଥାନ୍ତି,** ସେହିପରି ଯାବତୀୟ ବସ୍ତୁ ଦେହରେ ଆସି ଧକ୍କା ଖାଇ ପଡ଼ିବାକୁ ହୋଇଥାଏ । ହଁ, ସତରେ ତାହା ଅତ୍ୟନ୍ତ କଷ୍ଟକର ହୋଇପଡ଼େ ! ଏହି କ୍ଷୁଦ୍ର ମାନବଜୀବନକୁ ପ୍ରକୃତରେ କିଭଳି ପ୍ରସ୍ଫୁଟିତ ହେବାକୁ ପଡ଼ିଛି ! ଝାଉଁଳି ପଡ଼ି ଏହାର ପାଖୁଡ଼ାସବୁ ମୋଡ଼ି ମୋଡ଼ି ହୋଇଯାଇଛି, ତାହା ଭାରି କଠିନ ହୋଇ ପଡ଼ିଛି, ଆଲୋକ ବୋଲି କେଉଁଠି କିଛି ନାହିଁ, କୌଣସି ଉଷ୍ମତା ବି ନାହିଁ– ଆନନ୍ଦର ଲେଶ ମାତ୍ର ନାହିଁ ।

ମାତ୍ର ବେଳେବେଳେ, ଯେତେବେଳେ ବହି ଯାଉଥିବା କୌଣସି ଜଳସ୍ରୋତ କିଂବା ବୃକ୍ଷରାଜି ମଧ୍ୟରେ ଚକ୍‌ଚକ୍ କରୁଥିବା ସୂର୍ଯ୍ୟକିରଣ ଆମର ଦୃଷ୍ଟିପଥରେ ଆସି ପଡ଼ିଯାଉଛି,– ସେତେବେଳେ ସବୁକିଛି ଗୀତ ଗାଇ ଉଠୁଛି, କୋଷଗୁଡ଼ିକ ଗୀତ ଗାଇ ଉଠୁଛନ୍ତି, ସେମାନେ କେଡ଼େ ହର୍ଷୋଦ୍‌ଫୁଲ୍ଲ ହୋଇ ଉଠୁଛନ୍ତି ।

*ମାତ୍ର, ଶରୀରସ୍ତରର ରୂପାନ୍ତର ଯଦି ପ୍ରକୃତରେ ଏଡ଼େ କଷ୍ଟସାଧ୍ୟ ହୋଇଥାଏ, ତେବେ ଏହି କ୍ଷେତ୍ରରେ ଗୂଢ଼ବିଦ୍ୟାର ଧାରା ଅନୁସରଣ କରି କୌଣସି କ୍ରିୟାନୁଷ୍ଠାନ କରିବା ବରଂ ଅଧିକ ଉଚିତ ହେବ ନାହିଁ କି,– ହୁଏତ ତେବେଯାଇ ତାହାରି ପ୍ରକ୍ରିୟା ଦ୍ୱାରା କିଛି ପ୍ରକୃତରେ ସମ୍ଭବ ହେବ, ଏକ ନୂତନ ଶରୀରର ସୃଷ୍ଟି ହୋଇ ପାରିବ ?*

ପ୍ରକୃତ ପରିକଳ୍ପନାଟି ହେଉଛି ଯେ, ସର୍ବପ୍ରଥମେ କେତେଜଣ ବ୍ୟକ୍ତିଙ୍କୁ ଏହି ଭୌତିକ ଜଗତରେ କେତେକ ପରିମାଣରେ ଏକ ନିର୍ଦ୍ଦିଷ୍ଟ ଉପଲବ୍ଧିରେ ଯାଇ ଉପନୀତ ହେବାକୁ ପଡ଼ିବ,– ତାହାହିଁ ଏକ ଅତିମାନସ ସତ୍ତା ସମ୍ଭବ କରିବା ଲାଗି, ସେମାନଙ୍କୁ ଆବଶ୍ୟକ ଶକ୍ତି ଯୋଗାଇ ଦେବ ।

ମୁଁ ତୁମମାନଙ୍କୁ ଆଗରୁ କହିଛି ଯେ ମୁଁ ଥରେ ଏକ ପ୍ରାଣିକ ସତ୍ତାକୁ ଶରୀର ପ୍ରଦାନ କରିଥିଲି, ମାତ୍ର ମୁଁ କଦାପି... ସେହି ସତ୍ତାକୁ ଏକ ଭୌତିକ ସତ୍ତା ପ୍ରଦାନ କରିବା ମୋ'ପକ୍ଷରେ କେବେହେଲେ ସମ୍ଭବ ହୋଇ ନ ଥାନ୍ତା : କାରଣ, ସେହି କ୍ଷେତ୍ରରେ ଏକ ଉପାଦାନର ଅଭାବ ରହିଥାଏ,— ହଁ, ଅଭାବ ରହିଥାଏ । ଏପରିକି, ତାହା ଦୃଶ୍ୟମାନ ହୋଇ ପାରୁଥିଲେ ମଧ୍ୟ, ତାହାକୁ ସମ୍ଭବତଃ ଆଦୌ ସ୍ଥାୟୀ କରାଯାଇ ପାରି ନ ଥାନ୍ତା, ସୁଯୋଗ ପାଇବା ମାତ୍ରକେହିଁ ତାହା ପୁନର୍ବାର ଅଭୌତିକ ଅବସ୍ଥାକୁ ଫେରି ଯାଇଥାନ୍ତା । ଏହି କ୍ଷେତ୍ରରେ ଆମକୁ ଆଦୌ କୌଣସି ସ୍ଥାୟିତ୍ୱ ଉପଲବ୍ଧ ହୋଇପାରେ ନାହିଁ ।

ମୁଁ ଏହି ବିଷୟରେ ଶ୍ରୀଅରବିନ୍ଦଙ୍କ ସହିତ ମଧ୍ୟ ଆଲୋଚନା କରିଛି,— କହିବାର କଥାରେ ଏହାକୁ ''ଆଲୋଚନା କରିଛି'' ବୋଲି କୁହାଯିବ;— ଆମେ ଏହି ବିଷୟରେ କଥା ହୋଇଥିଲୁ ଏବଂ ସିଏ ମଧ୍ୟ ଠିକ୍ ମୋ'ରି ପରି ସମାନ ଭାବରେ କଥାଟି ଉପରେ ଦୃଷ୍ଟିପାତ କରୁଥିଲେ; ଅର୍ଥାତ୍, ଏପରି ଏକ ଶକ୍ତି ରହିଛି, ଯାହାକି ଆମ ପାଖରେ ପ୍ରକୃତରେ ନାହିଁ, ଏଠାରେ ଏହି ପୃଥିବୀ ଉପରେ ଏକ ନିର୍ଦ୍ଦିଷ୍ଟ ଆକାର ଗଢ଼ି ଥୋଇଦେଇ ପାରିବାକୁ ଆମର ଶକ୍ତି ନାହିଁ । ଏପରିକି, ଯେଉଁମାନେ ବସ୍ତୁଗୁଡ଼ିକୁ ଏକ ଭୌତିକ ଅସ୍ତିତ୍ୱ ଆଣି ଦେବାର ସାମର୍ଥ୍ୟ ଅର୍ଜନ କରିଛନ୍ତି, ସେହି କ୍ଷେତ୍ରରେ ମଧ୍ୟ ସେଗୁଡ଼ିକ ଆଦୌ ସ୍ଥାୟୀ ହୋଇ ରହନ୍ତି ନାହିଁ, ସ୍ଥାୟୀ ହୋଇ ରହିପାରନ୍ତି ନାହିଁ, ସେଗୁଡ଼ିକ ଭିତରେ ଭୌତିକ ବସ୍ତୁଗୁଡ଼ିକର ଗୁଣଧର୍ମ ଆଦୌ ସମ୍ଭବ ହୁଏ ନାହିଁ ।

ତେଣୁ, ଯେଉଁଠାରେ ପ୍ରକୃତରେ ସେହି ଗୁଣଟି ରହିଛି, ତାହା ବ୍ୟତୀତ ଆମେ ନିଶ୍ଚିତ ଭାବରେ କୌଣସି ସ୍ଥାୟୀ ସୃଷ୍ଟିର ପ୍ରତିଶ୍ରୁତି ଦେଇ ପାରିବା ନାହିଁ ।

ଗୂଢ଼ବିଦ୍ୟାର ସମଗ୍ର ପ୍ରକ୍ରିୟାଟିକୁ ମୁଁ ଟିକିନିଖି ଭାବରେ ଜାଣିଥିଲି, ମାତ୍ର, ତଥାପି, ସେଭଳି ଚେଷ୍ଟା କରିଥିଲେ ମଧ୍ୟ ମୁଁ ବସ୍ତୁଟିକୁ କଦାପି ଅଧିକ ଭୌତିକ ଗୁଣବିଶିଷ୍ଟ କରିପାରି ନ ଥାନ୍ତି । ହଁ, ତାହାକୁ ଦୃଶ୍ୟମାନ କରିପାରିଥାନ୍ତି, ମାତ୍ର ତାହାକୁ ସ୍ଥାୟିତ୍ୱ ଦେଇପାରି ନ ଥାନ୍ତି, ତାହାକୁ ଅଗ୍ରଗତି ଲାଗି କୌଣସି ସାମର୍ଥ୍ୟ ଦେଇପାରି ନ ଥାନ୍ତି ।

୧୨ ଜାନୁଆରି, ୧୯୬୨

**୭୦. ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ଆପଣାର ସମୀକ୍ଷା ଓ ପରୀକ୍ଷା କର; ତେବେଯାଇ ତୁମେ ଅନ୍ୟମାନଙ୍କ ପ୍ରତି ଅଧିକ ବଦାନ୍ୟ ଓ ଅଧିକ ଦୟାଶୀଳ ହୋଇପାରିବ ।**

ଭାରି ଭଲ ସୂତ୍ରଟିଏ ।

ଭାରି ଭଲ ସୂତ୍ରଟିଏ, ସମସ୍ତଙ୍କ ପାଇଁ ଭଲ ସୂତ୍ରଟିଏ । ଯେଉଁ ବ୍ୟକ୍ତିମାନେ ନିଜକୁ ଅନ୍ୟମାନଙ୍କଠାରୁ ଭାରି ବଡ଼ ବୋଲି ମନେ କରନ୍ତି, ସେମାନଙ୍କ ଲାଗି ବିଶେଷ ଭାବରେ ଭଲ ସୂତ୍ରଟିଏ ।

ମାତ୍ର, ଏଥିରେ ବସ୍ତୁତଃ ଆଉ ଏକ ଅତ୍ୟନ୍ତ ଗଭୀର ସତ୍ୟ ନିହିତ ହୋଇରହିଛି ।

ବିଗତ କେତେ ଦିନ ଧରି ମୋର ପ୍ରକୃତରେ ଠିକ୍ ଏହିପରି ଅନୁଭୂତିମାନ ହୋଇଆସିଛି । ଏହାକୁ ଦୃଷ୍ଟିକୋଣର କ୍ଷେତ୍ରରେ ପ୍ରାୟ ଏକ ଉତ୍କ୍ରାନ୍ତି ବୋଲି କୁହାଯାଇପାରିବ ।

ଲୋକମାନେ ବସ୍ତୁତଃ ସର୍ବଦାହିଁ ଆପଣାକୁ ପ୍ରତିକୂଳ ଶକ୍ତିମାନଙ୍କର କବଳରେ ପଡ଼ି ଉତ୍ପୀଡ଼ିତ ହେଉଥିବା ପରି ବିଚାର କରି ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସାହସ ଅଛି, ସେମାନେ ପ୍ରତିକୂଳ ଶକ୍ତିଗୁଡ଼ିକ ସହିତ ସଂଗ୍ରାମ କରିଛନ୍ତି, ଅନ୍ୟମାନେ ଅଭିଯୋଗ କରିଛନ୍ତି । ମାତ୍ର, ସୃଷ୍ଟିର ପ୍ରକ୍ରିୟାଟି ମଧ୍ୟରେ ପ୍ରତିକୂଳ ଶକ୍ତିମାନେ ଯେଉଁ ଭୂମିକାଟିକୁ ଗ୍ରହଣ କରି ଆସିଛନ୍ତି, ସେହି ବିଷୟରେ ମୁଁ ଏକ ଅଧିକରୁ ଅଧିକ ମୂର୍ତ୍ତ ଚିତ୍ର ଲାଭ କରିପାରିଛି; ଯେପରିକି ସୃଷ୍ଟିରେ ଅଗ୍ରଗତି ସମ୍ଭବ ହୋଇପାରିବ ଏବଂ ଏହି ସୃଷ୍ଟି ଯେପରି ସେହି ଅଗ୍ରଗତିର ଅସଲ ଉତ୍ସରୂପେ କାର୍ଯ୍ୟ କରିପାରିବ, ସେଇଥିଲାଗିହିଁ ସେହି ପ୍ରତିକୂଳ ଶକ୍ତିଗୁଡ଼ିକର ଯେ ଏକାନ୍ତ ପ୍ରୟୋଜନ ରହିଛି, ମୁଁ ସେକଥା ଉପଲବ୍ଧି କରିପାରିଛି । ଏବଂ, ମୁଁ ଏହି କଥାଟିକୁ ଏଡ଼େ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଛି ଯେ, ପ୍ରତିକୂଳ ଶକ୍ତିଗୁଡ଼ିକୁ ଅନୁକୂଳ ଶକ୍ତିରେ ପରିଣତ କରିବା କିଂବା ସେଗୁଡ଼ିକର ବିଲୋପସାଧନ କରିବା ପରିବର୍ତ୍ତେ ଆମକୁ ପ୍ରକୃତରେ ନିଜ ରୂପାନ୍ତରର ସାଧନ କରିବାକୁ ହେବ, ସେଥିଲାଗି ପ୍ରାର୍ଥନା କରିବାକୁ ପଡ଼ିବ ଏବଂ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ପଡ଼ିବ । ଏଠାରେ ମୁଁ ସମଗ୍ର ପୃଥିବୀର ଦୃଷ୍ଟିକୁ ସମକ୍ଷରେ ରଖି ଏକଥା କହୁଛି, ବ୍ୟକ୍ତିର ଦୃଷ୍ଟିକୋଣକୁ ମୋଟେ ଆଗରେ ରଖି କହୁ ନାହିଁ । ବ୍ୟକ୍ତିର ଦୃଷ୍ଟିକୋଣଟି ତ ଆମର ଆଗରୁ ଜଣା ଅଛି, ଏଠାରେ ମୁଁ ସମଗ୍ର ପୃଥିବୀକୁ ଦୃଷ୍ଟି ସମକ୍ଷରେ ରଖି ଏକଥା କହୁଛି । ପୃଥ୍ୱୀ-ଚେତନା ମଧ୍ୟରେ ଯାହାକିଛି ପ୍ରମାଦ ଓ ଭୁଲ୍ ବୁଝାମଣା ରହିଛି, ଯାହାକିଛି ଅଜ୍ଞାନ ଏବଂ ଅସ୍ପଷ୍ଟତା ରହିଛି, ଏବଂ ଆହୁରି ଅଧିକ ଶୋଚନୀୟ ସ୍ଥିତିଟି ବିଷୟରେ କହିଲେ, ଏଥିରେ ଯାହାକିଛି ଅସତ୍-ଇଚ୍ଛା ରହିଛି ଏବଂ ଯାହାକିଛି ଏହିସବୁ ଯାବତୀୟ ପ୍ରତିକୂଳ ସତ୍ତା ଓ ଶକ୍ତିକୁ ସ୍ଥାୟୀ କରି ରଖିବା ଲାଗି ଦାୟୀ ବୋଲି ଅନୁଭୂତ ହେଉଛି,— ମୁଁ ଯୁଗପତ୍ ଭାବରେ ଏକାବେଳେକେ ସେହିଗୁଡ଼ିକୁହିଁ ଦେଖିବାକୁ ପାଇଥିଲି । ସେହି ଚେତନା ଏଗୁଡ଼ିକୁ ସତେଅବା ଏକ ବୃହତ୍ ଅଭୀପ୍ସା ମଧ୍ୟରେ ନିବେଦନ କରିଦେବାରେ ଲାଗିଥିଲା,— ଏହାକୁ ଏକ ଅଭୀପ୍ସାଠାରୁ ଅଧିକ ବୋଲି କୁହାଯିବ, ଏକ ପ୍ରକାରର ସଂପୂର୍ଣ୍ଣ ଆହୁତି

ବୋଲିହିଁ କୁହାଯିବ,— ଯେପରିକି ଏହି ପ୍ରତିକୂଳ ଶକ୍ତିମାନେ ଅନ୍ତର୍ହିତ ହୋଇଯାଇପାରିବେ, ଯେପରିକି ସେମାନଙ୍କର ତିଷ୍ଠି ରହିବା ଲାଗି ଆଉ ଆଦୌ କୌଣସି କାରଣ ନ ଥିବ, ଏବଂ, ଯେଉଁଗୁଡ଼ିକୁ ବଦଳାଇ ଦେବାକୁ ପଡ଼ିବ, ସେହି ଯାବତୀୟ ବସ୍ତୁଗୁଡ଼ିକ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେବାକୁ ଯେପରିକି ସେମାନେ ସେହି କ୍ଷେତ୍ରରେ ଆଦୌ ଉପସ୍ଥିତ ନ ଥିବେ ।

ଏହି ଯେଉଁସବୁ ବସ୍ତୁ ଦିବ୍ୟ ଜୀବନର ଏକ ଖଣ୍ଡନପ୍ରାୟ ହୋଇ ରହିଥିଲା, ସେହିଗୁଡ଼ିକହିଁ ପ୍ରତିକୂଳ ବସ୍ତୁଗୁଡ଼ିକର ଉପସ୍ଥିତିକୁ ଅବଶ୍ୟମ୍ଭାବୀ କରି ରଖିଥିଲେ । ଏବଂ, ଏକ ଅସାଧାରଣ ପ୍ରଗାଢ଼ତା ସହିତ ପୃଥିବୀର ଚେତନା ଆପଣାକୁ ସର୍ବୋଚ୍ଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ନେଇ ଯେପରି ନିବେଦନ କରିଦେଲା, ପ୍ରତିକୂଳ ଶକ୍ତିଗୁଡ଼ିକ ଅନ୍ତର୍ହିତ ହୋଇଯିବା ପାଇଁ ତାହା ପ୍ରକୃତରେ ଏକ ବିମୋଚନ ପରି କାର୍ଯ୍ୟ କରିଥିଲା ।

ଅତୀବ ପ୍ରଗାଢ଼ ଏହି ଅନୁଭୂତିଟି ଆପଣାକୁ ଏହିପରି ଭାବରେ ବ୍ୟକ୍ତ କରିଥିଲା : ''ମୁଁ ଯେତେ ଯାହା ଭୁଲ୍ କରିଛି, ତୁମେ ସେହି ସବୁକିଛିକୁ ନେଇଯାଅ, ସେହି ସବୁଗୁଡ଼ିକୁ ନେଇଯାଅ, ସେଗୁଡ଼ିକୁ ଗ୍ରହଣ କରିନିଅ,— ଏଗୁଡ଼ିକ ଯେପରି ଏକାବେଳେକେ ଅନ୍ତର୍ହିତ ହୋଇଯିବ, ତୁମେ ସେହି ଉଦ୍ଦେଶ୍ୟରେ ସେଗୁଡ଼ିକୁ ନିଶ୍ଚିହ୍ନ କରିଦିଅ ।''

ଅନ୍ୟ ତରଫରୁ ଦେଖିଲେ ଏହି ସୂତ୍ରଟିରେ ଠିକ୍ ସେହି କଥାଟି ବ୍ୟକ୍ତ ହୋଇଛି,— ମର୍ମତଃ ତାହା ଠିକ୍ ସେହି କଥାଟିକୁ ପ୍ରକାଶ କରୁଛି । ଯେପର୍ଯ୍ୟନ୍ତ ଏକ ମନୁଷ୍ୟ-ଚେତନା ପକ୍ଷରେ ସେହି ବୃହତ୍ ଦିବ୍ୟ ସମ୍ଭୂତିର ପ୍ରତିକୂଳ ହୋଇ ଅନୁଭବ କରିବା, କାର୍ଯ୍ୟ କରିବା, ଭାବିବା ଓ ତାହାର ପ୍ରତିକୂଳ ହେବା ସମ୍ଭବ ହେଉଛି, ସେପର୍ଯ୍ୟନ୍ତ ଆମେ ସେଥିଲାଗି କଦାପି ଆଉ ଅନ୍ୟ କାହାରିକୁ ହେଲେ ଦୋଷ ଦେଇ ପାରିବା ନାହିଁ । ସେଥିଲାଗି ପ୍ରତିକୂଳ ଶକ୍ତିଗୁଡ଼ିକୁ ମଧ୍ୟ ଦୋଷ ଦେଇହେବ ନାହିଁ । ଯାହାକିଛି ଅଗ୍ରଗତି କରିବାକୁ ଏବେ ମଧ୍ୟ ବାକି ରହିଛି, ତୁମେ ଯେପରି ତାହାକୁ ଦେଖିପାରିବ ଓ ଅନୁଭବ କରି ପାରିବ, ତାହାରି ସାଧନରୂପେ ତ ସୃଷ୍ଟିମଧ୍ୟରେ ସେହି ପ୍ରତିକୂଳ ଶକ୍ତିଗୁଡ଼ିକ ଲାଗି ଏକ ସ୍ଥାନ ନିରୂପଣ କରି ଦିଆଯାଇଛି ।

(ମାଆ ନୀରବ ରହିଲେ)

ମୁଁ ସେତେବେଳେ ଯେଉଁ ସ୍ଥିତିରେ ଯାଇ ଅବସ୍ଥାନ କରୁଥିଲି, ତାହାକୁ ସେହି ସର୍ବୋଚ୍ଚ ପ୍ରେମର ଚେତନାର ଏକ ସ୍ମୃତି ସଦୃଶ ବୋଲି କୁହାଯାଇ ପାରିବ— ସେହି ସ୍ମୃତି ଚିରନ୍ତନ ଭାବରେ ବିଦ୍ୟମାନ ହୋଇ ରହିଥାଏ; ଏହି ପୃଥିବୀକୁ ଆପଣା ପାଖକୁ

ଆକର୍ଷିତ କରି ଆଣିବାଲାଗିହିଁ ସର୍ବୋଚ୍ଚ ପରମପ୍ରଭୁ ସେହି ପ୍ରେମକୁ ପୃଥିବୀ ଉପରେ ପ୍ରସର୍ଜିତ କରି ରଖିଥିଲେ, ପୃଥିବୀପୃଷ୍ଠରେ– ଏହି ପୃଥିବୀ **ମଧ୍ୟରେ**ହିଁ ପ୍ରସର୍ଜିତ କରି ରଖିଥିଲେ । କାରଣ, ତାହାକୁ ଦିବ୍ୟ ପରମସତ୍ତାଙ୍କର ଏକ ସମଗ୍ରତମ ଖଣ୍ଡନ ମଧ୍ୟକୁ, ଦିବ୍ୟ ପ୍ରକୃତିର ଯଥାର୍ଥ ମର୍ମଟିରହିଁ ଏକ ଖଣ୍ଡନ ମଧ୍ୟକୁ ଏକ ଅବତରଣ ବୋଲି କୁହାଯିବ; ଏବଂ ସେହି କାରଣରୁ, ପୃଥିବୀର ତମସାଚ୍ଛନ୍ନତାକୁ ସ୍ୱୀକାର କରିନେଇ ତାହାକୁ ପୁନର୍ବାର ଦିବ୍ୟ ଅବସ୍ଥା ମଧ୍ୟକୁ ଫେରାଇ ଆଣିବା ଲାଗି ଦିବ୍ୟତାକୁ ପରିତ୍ୟାଗ କରିଥିବା ବୋଲି କୁହାଯାଇପାରିବ । ଏବଂ ଏହି ସର୍ବୋଚ୍ଚ ପରମପ୍ରେମ ଏହି ପୃଥିବୀପୃଷ୍ଠରେ ସକଳ ଶକ୍ତି ସହିତ ସଚେତନ ହୋଇ ନ ପାରିବା ପର୍ଯ୍ୟନ୍ତ ସେହି ପ୍ରତ୍ୟାବର୍ତ୍ତନ ମଧ୍ୟ କଦାପି ସଂପୂର୍ଣ୍ଣ ହେବ ନାହିଁ ।

ସେହି ବୃହତ୍ ଦିବ୍ୟ ସମ୍ପୃତିର* ଦୃଷ୍ଟିଲାଭ କରିସାରିବା ପରେ ମୁଁ ଏହି ଅନୁଭୂତିଟିକୁ ଲାଭ କରିଥିଲି । ଏବଂ, ମୁଁ ତା'ପରେ ନିଜକୁ ପଚାରିଥିଲି, ''ଏହି ପୃଥିବୀ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ଅଧିକରୁ ଅଧିକ ଦିବ୍ୟତାପ୍ରାପ୍ତି ଦିଗରେ ଅଗ୍ରସର ହେଉଥିବାରୁ, ଯେଉଁ ଅବସ୍ଥାଟି ଏହାପରେ ଆସୁଛି, ତାହାର ତୁଳନାରେ ଅଦିବ୍ୟ ବୋଲି ଅନୁଭୂତ ହେଉଥିବା ଏହି ଅବସ୍ଥାଟି ପ୍ରକୃତରେ ଆମକୁ ଏକ ତୀବ୍ର ଦୁଃଖର ବୋଧ ଦେଇ ଯାଉ ନ ଥିବ କି ? ତେଣୁ, ଯାହାକୁ ଆମେ 'ପ୍ରତିକୂଳ ଶକ୍ତି' ବୋଲି କହୁଛୁ, ତାହା ପ୍ରକୃତରେ ସର୍ବଦାହିଁ ରହି ନ ଥିବ କି,– ଅର୍ଥାତ୍, ଯଥାର୍ଥ ଗତିସ୍ପନ୍ଦନଟିକୁ ସମଞ୍ଜସତାର ସହିତ ଅନୁସରଣ କରୁ ନ ଥିବା ଏକ ବସ୍ତୁ ସର୍ବଦା ଉପସ୍ଥିତ ରହି ନ ଥିବ କି ?'' ଏହାପରେ ସେହି ଉତ୍ତରଟି ଆସି ପହଞ୍ଚିଥିଲା, ସେହି ଦୃଷ୍ଟିଟି ଉପଲବ୍ଧି ହେଲା : ନାଇଁ , ଏହି ସମ୍ଭାବନାର ସମୟ ପ୍ରକୃତରେ ନିକଟବର୍ତ୍ତୀ ହୋଇ ଆସୁଛି, ସେହି ପରିପୂର୍ଣ୍ଣ ପ୍ରେମର ଯଥାର୍ଥ ମର୍ମସତ୍ୟଟି ଅଭିବ୍ୟକ୍ତ ହେବାର ସମୟ ନିକଟ ହୋଇଆସୁଛି; ତାହାହିଁ ଏହି ଅଚେତନା, ଏହି ଅଜ୍ଞାନ ଓ ଏହି ମନ୍ଦ ଇଚ୍ଛାରେ ଏକ ରୂପାନ୍ତର ସମ୍ଭବ କରିପାରିବ; ତାହାରିଠାରୁ ନିଷ୍ପନ୍ନ ହୋଇ ଆସିଥିବା ସେଗୁଡ଼ିକୁ ତାହା ଏକ ଜ୍ୟୋତିର୍ମୟ, ଆନନ୍ଦପୂର୍ଣ୍ଣ, ପରିପୂର୍ଣ୍ଣତାକାଙ୍କ୍ଷୀ ଓ ସର୍ବସ୍ୱୀକାରୀ କ୍ରମାଗ୍ରସରତାରେ ପରିଣତ କରି ଦେଇପାରିବ ।

ମୁଁ ଏହାକୁ ଅତ୍ୟନ୍ତ ମୂର୍ତ୍ତ ଭାବରେ ଦେଖିପାରିଥିଲି ।

ଏବଂ ଏହା ଏପରି ଏକ ଅବସ୍ଥାକୁ ସମ୍ଭବ କରାଇ ଆଣିପାରୁଛି, ଯେଉଁଥିରେ କି ଜଣେ ବ୍ୟକ୍ତି, ଏଠାରେ ଯାହାକିଛି ରହିଛି, ସେହି ସବୁକିଛି ସହିତ ସଂପୂର୍ଣ୍ଣ ଭାବରେ ଏକାତ୍ମକ ହୋଇ ରହିଥିବ; ଯାହାକିଛି ଅଦିବ୍ୟ, ସିଏ ଅତ୍ୟନ୍ତ ମୂର୍ତ୍ତ ଭାବରେ ସ୍ୱୟଂ ତାହା

---

* ଏହାର ପୂର୍ବ ସୂତ୍ରଟି ଉପରେ ମା'ଙ୍କର ଟିପ୍ପଣୀ ଦେଖନ୍ତୁ ।

ହୋଇପାରିବ,— ତାହାକୁ ନିବେଦନ କରିଦେଇପାରିବ ଏବଂ ଏହି ନିବେଦନ କରିବା ଦ୍ୱାରା ତାହାକୁ ଯଥାର୍ଥ ଭାବରେ ରୂପାନ୍ତରିତ କରିଦେଇପାରିବ ।

ବସ୍ତୁତଃ, ମନୁଷ୍ୟମାନଙ୍କ ଭିତରେ ଶୁଦ୍ଧତା ପାଇଁ, ଭଲ ପାଇଁ ଏହି ପ୍ରକାରର ଯେଉଁ ଇଚ୍ଛାଟିଏ ରହିଛି,— ସେହି ଇଚ୍ଛା ସାଧାରଣ ମନଃଭୂମିରେ ନାନା ଉତ୍ତମ ଗୁଣର ଅଧିକାରୀ ହେବାର ଆବଶ୍ୟକତା ରୂପେ ଆପଣାକୁ ଅଭିବ୍ୟକ୍ତ କରିଥାଏ, ତାହାହିଁ ଯଥାର୍ଥ ଆତ୍ମନିବେଦନର ପଥରେ ବୃହତ୍ ପ୍ରତିବନ୍ଧକ ହୋଇ କାର୍ଯ୍ୟ କରୁଥାଏ । ଏହିଥିରୁହିଁ ମିଥ୍ୟାର ଜନ୍ମ ହୁଏ ଏବଂ ଏପରିକି ତାହା କପଟାଚରଣର ବି ଉତ୍ସ ପରି କାର୍ଯ୍ୟକରେ; ଅର୍ଥାତ୍, ଯାବତୀୟ ବାଧାର ବୋଝଟିରୁ ଆପଣାର ପ୍ରକୃତ ଅଂଶଟିକୁ ଆପଣା ଉପରକୁ ସ୍ୱୀକାର କରିନେବା ବିଷୟରେ ଏକ ଅସମ୍ମତି ଜନ୍ମଲାଭ କରିଥାଏ । ଏବଂ, ଆଲୋଚିତ ସୂତ୍ରଟିରେ ଅତ୍ୟନ୍ତ ସରଳ ଭାବରେ ଶ୍ରୀଅରବିନ୍ଦ ସିଧା ଠିକ୍ ସେହି କଥାଟିକୁହିଁ ନିର୍ଦ୍ଦେଶିତ କରି ଦେଇଛନ୍ତି ।

ଉପରକୁ ଗୁଣ ବା ପୁଣ୍ୟର ଅଧିକାରୀ ପରି ଦିଶିବା ଲାଗି କେବେହେଲେ ଚେଷ୍ଟା କରିବ ନାହିଁ । ତୁମେ, ଏଠାରେ ଅଦିବ୍ୟ ହୋଇ ରହିଥିବା ଯାବତୀୟ ବସ୍ତୁ ସହିତ କେତେଦୂର ଏକତ୍ୱବଦ୍ଧ ହୋଇ ରହିଛ, ସର୍ବଦା ତାହାହିଁ ଦେଖୁଥିବ । ବୋଝଟି ମଧ୍ୟରେ ରହିଥିବା ନିଜର ଅଂଶଟିକୁ ସ୍ୱୀକାର କରିବ, ସ୍ୱୟଂ ଅଶୁଦ୍ଧ ଏବଂ ଅସତ୍ୟ ହୋଇରହିଥିବାକୁ ସ୍ୱୀକାର କରିନେବ ଏବଂ ସେହିପରି ଭାବରେହିଁ ତୁମେ ଯଥାର୍ଥ ଅନ୍ଧକାରଟିକୁ ଗ୍ରହଣ କରିନେଇପାରିବ ଓ ତାହାକୁ ନିବେଦନ କରିଦେଇପାରିବ । ଏବଂ, ଏହିପରି ଭାବରେ ତୁମେ ଯେତିକି ପରିମାଣରେ ତାହାକୁ ସ୍ୱୀକାର କରିନେଇ ପାରୁଥିବ ଓ ନିବେଦନ କରିଦେଇପାରୁଥିବ, ଠିକ୍ ସେହି ପରିମାଣରେହିଁ ବସ୍ତୁଗୁଡ଼ିକର ପରିବର୍ତ୍ତନ ସମ୍ଭବ ହେବ ।

ଶୁଦ୍ଧମାନଙ୍କର ଗୋଷ୍ଠୀରେ ଗଣା ହେବାକୁ କୌଣସି ଚେଷ୍ଟା କରିବ ନାହିଁ । ଯେଉଁମାନେ ଅନ୍ଧକାର ଭିତରେ ରହିଛନ୍ତି, ନିଜେ ମଧ୍ୟ ସେହିମାନଙ୍କ ସହିତ ରହିବାକୁ ସ୍ୱୀକାର କରିନେବ ଏବଂ ତାହାରି ପାଖରେହିଁ ସମଗ୍ର ପ୍ରେମ ସହିତ ଆପଣାର ସବୁକିଛି ଦାନ କରିଦେବ ।

୨୧ ଜାନୁଆରି, ୧୯୬୨

**୭୧. ଭାବନା ହେଉଛି ସତ୍ୟକୁ ଲକ୍ଷ୍ୟ କରି ପ୍ରେରିତ ହୋଇଥିବା ଏକ ତୀର । ଏହା କୌଣସି ଏକ ବିନ୍ଦୁରେ ଯାଇ ବାଜିପାରିବ ସତ, ମାତ୍ର ସମଗ୍ର ଲକ୍ଷ୍ୟସ୍ଥଳଟିକୁ କଦାପି ଭେଦିପାରିବ ନାହିଁ । ମାତ୍ର ତୀରନିକ୍ଷେପକାରୀ ତାହାର ସେହି ସଫଳତାରେ ଏତେବେଶୀ ସନ୍ତୁଷ୍ଟ ହୋଇ ରହିଯାଏ**

**ଯେ, ସିଏ ଆଉ ଅଧିକ କିଛି ଲାଗି ଆଦୌ କୌଣସି ଅଭିଳାଷ ରଖେ ନାହିଁ ।**

ମାତ୍ର ଏହି କଥାଟି ଏକ ଅତ୍ୟନ୍ତ ସ୍ପଷ୍ଟ କଥା ! ଆମମାନଙ୍କ ଲାଗି ପ୍ରକୃତରେ ଏକ ସୁସ୍ପଷ୍ଟ କଥା ।

*ମାତ୍ର, ସମଗ୍ର ଲକ୍ଷ୍ୟସ୍ଥଳଟିକୁ ଭେଦ କରିପାରିବା ଲାଗି ଆମକୁ କ'ଣ କରିବାକୁ ହେବ ?*

ସେଥିଲାଗି ତୀରମରାଳିର ଭୂମିକାଟିକୁ ତ୍ୟାଗ କରିବାକୁ ପଡ଼ିବ ।

ଏଠାରେ ତୁଳନାଟି ବଡ଼ ଚମତ୍କାର ହୋଇଛି । ଯେଉଁ ବ୍ୟକ୍ତିମାନେ ଯଥାର୍ଥ ସତ୍ୟଟିକୁ ଆବିଷ୍କାର କରିଛନ୍ତି ବୋଲି କଳ୍ପନା କରିବାର ପର୍ଯ୍ୟାୟରେ ଯାଇ ରହିଥା'ନ୍ତି, ସେମାନଙ୍କ ଲାଗି ଏହା ଅତ୍ୟନ୍ତ ଉପାଦେୟ ।

ସତ୍ୟର କେବଳ ଗୋଟିଏ ବିନ୍ଦୁକୁ ସ୍ପର୍ଶ କରିପାରିଛନ୍ତି ବୋଲି ଯଥାର୍ଥ ସତ୍ୟର ଆବିଷ୍କାର କରିଛନ୍ତି ବୋଲି ମନରେ କଳ୍ପନା କରୁଥା'ନ୍ତି, ସେମାନଙ୍କୁ ଯାଇ କହିବା ଲାଗି ଏହା ଗୋଟିଏ ଭାରି ଭଲ କଥା ହୋଇଛି ।

ମାତ୍ର ଅନେକ ସମୟରେ ଆମେ ଅନ୍ୟ କିଛି କଥା ସେମାନଙ୍କୁ କହିଆସିଛୁ ।

*ଥରେ ସମସ୍ତ ଲକ୍ଷ୍ୟସ୍ଥଳଟି ଦୃଷ୍ଟିର ଅନ୍ତର୍ଗତ ହୋଇଗଲେ, ଅର୍ଥାତ୍, ସକଳ ଦୃଷ୍ଟିକୋଣ ବିଷୟରେ ଏବଂ ପ୍ରତ୍ୟେକ ବସ୍ତୁର ଉପଯୋଗିତା ବିଷୟରେ ଅବଗତ ହୋଇଗଲେ, ତା'ପରେ କୌଣସି କାର୍ଯ୍ୟ କରିବା କିପରି ସମ୍ଭବ, ଏଠାରେ ସେହି ପ୍ରଶ୍ନଟି ଉଠୁଛି । କାରଣ, ସେତେବେଳେ ଆମେ ଦେଖିପାରୁଥିବା ଯେ ପ୍ରତ୍ୟେକ ବସ୍ତୁର ଏକ ଉପଯୋଗିତା ରହିଛି ଓ ପ୍ରତ୍ୟେକ ବସ୍ତୁ ତାହାର ଉଚିତ ସ୍ଥାନରେ ଅବସ୍ଥିତ ଅଛି । ପ୍ରକୃତରେ କୌଣସି କାର୍ଯ୍ୟ କରିବାକୁ ହେଲେ, କୌଣସି ନା କୌଣସି ପ୍ରକାରେ ଅନ୍ୟଗୁଡ଼ିକୁ ବାଦ୍ ଦେଇ ଗୋଟିକୁ ଲକ୍ଷ୍ୟରୂପେ ଗ୍ରହଣ କରିବା ଏବଂ ତାହାକୁହିଁ ହାସଲ କରିବା ଲାଗି ଯୁଦ୍ଧ କରିବାର ଏକ ପ୍ରୟୋଜନ ନ ଥାଏ କି ?*

ଦକ୍ଷିଣ ଫ୍ରାନ୍ସରେ ଏକଦା ବାସ କରୁଥିବା ଦାର୍ଶନିକଙ୍କୁ ତୁମେ ନିଶ୍ଚୟ ଜାଣିଥିବ,— ମୋର ତାଙ୍କର ନାମଟି ମନେ ପଡୁ ନାହିଁ, ମାତ୍ର ସିଏ ହେଉଛନ୍ତି ଜଣେ ଅତ୍ୟନ୍ତ ସୁବିଜ୍ଞାତ ବ୍ୟକ୍ତି

ଯିଏକି ମଁପେଇୟେ ବିଶ୍ୱବିଦ୍ୟାଳୟରେ ଜଣେ ଅଧ୍ୟାପକ ଥିଲେ ଏବଂ ସହରର ଉପକଣ୍ଠରେ ବାସ କରୁଥିଲେ । ତାଙ୍କ ଘରକୁ ଯିବା ଲାଗି ଅନେକଗୁଡ଼ିଏ ରାସ୍ତା ରହିଥିଲା । ସିଏ ପ୍ରତ୍ୟହ ବିଶ୍ୱବିଦ୍ୟାଳୟରୁ ବାହାରି ଏପରି ଏକ ଛକଜାଗାରେ ପହଞ୍ଚୁଥିଲେ ଯେଉଁଠାରେ କି ସେହି ରାସ୍ତାଗୁଡ଼ିକ ବିଭିନ୍ନ ଆଡ଼କୁ ଚାଲିଯାଇଥିଲେ । ଗୋଟିଏ ଇଆଡ଼େ ଚାଲିଯାଇଥିଲା, ଗୋଟିଏ ସିଆଡ଼େ ଓ ଆଉଗୋଟିଏ ଏକ ଅନ୍ୟଆଡ଼େ ମଧ୍ୟ ଚାଲିଯାଇଥିଲା । ଏବଂ ପ୍ରତିଦିନ ସିଏ ସେହି ଛକଜାଗାଟିରେ ପହଞ୍ଚି ଅଟକୁଥିଲେ ଓ ଆପଣା ମନେ ମନେ ପଚାରୁଥିଲେ, ''ବର୍ତ୍ତମାନ ମୋତେ କେଉଁ ରାସ୍ତାଟିରେ ଯିବାକୁ ହେବ ?'' ପ୍ରତ୍ୟେକ ରାସ୍ତାରେ ଯିବାର କିଛି ସୁବିଧା ଥିଲା, କିଛି ଅସୁବିଧା ମଧ୍ୟ ରହିଥିଲା । ଏବଂ ସିଏ ଏହି ସୁବିଧା ଓ ଅସୁବିଧାଗୁଡ଼ିକୁ ଆପଣାର ମୁଣ୍ଡ ଭିତରେ ପୂରାଇ ଚିନ୍ତା କରିବାରେ ଲାଗିଥିଲେ, ଏଇଟିରେ ଯିବେ କି ସେଇଟିରେ ଯିବେ ବୋଲି ଚିନ୍ତା କରୁଥିଲେ ଓ ଏହିପରି ଭାବରେ ଘରକୁ ଯିବାର ରାସ୍ତାଟିକୁ ଠିକ୍ କରିବାରେ ତାଙ୍କର ଅଧଘଣ୍ଟାଏ ସମୟ ନଷ୍ଟ ହେଉଥିଲା ।

କୌଣସି କାର୍ଯ୍ୟ କରିବା ଲାଗି ଭାବନା ଯେ ପ୍ରକୃତରେ କେତେ ଅସମର୍ଥ, ଏହି କଥାଟିକୁ ସିଏ ତାହାର ଏକ ଦୃଷ୍ଟାନ୍ତରୂପେ ବ୍ୟବହାର କରୁଥିଲେ । କହୁଥିଲେ, ଯଦି ଭାବିବାକୁ ଆରମ୍ଭ କରିବ, ତେବେ ତୁମେ ଆଦୌ କିଛିହେଲେ କରିପାରିବ ନାହିଁ ।

ଏହି ଭୂମିରେ ଏହି କଥାଟି ବେଶ୍ ଏକ ଉଚିତ ପନ୍ଥାରୂପେ କାର୍ଯ୍ୟ କରିବ,— ନିଜେ ତୀରମରାଳିର ଭୂମିକା ଗ୍ରହଣ କରୁଥିବା ପର୍ଯ୍ୟନ୍ତ ଏବଂ କେବଳ ଗୋଟିଏ ବିନ୍ଦୁରେ ଆଘାତ କରୁଥିବା ପର୍ଯ୍ୟନ୍ତ ଏହା ଅବଶ୍ୟ ଏକ ଉଚିତ ପନ୍ଥାରୂପେ କାର୍ଯ୍ୟ କରୁଥିବ । ମାତ୍ର, ଉର୍ଦ୍ଧ୍ୱତର ଭୂମିରେ ତାହା ମୋଟେ ସତ ହେବ ନାହିଁ, ଠିକ୍ ବିପରୀତ ପନ୍ଥା ପରି କାର୍ଯ୍ୟ କରିବ ! ଏହି ନିମ୍ନସ୍ତରର ଯାବତୀୟ ବୁଦ୍ଧିମତ୍ତା ଠିକ୍ ସେହିପରି କାର୍ଯ୍ୟ କରିଥାଏ; ତାହା ଯାବତୀୟ ପ୍ରକାରର ବସ୍ତୁକୁ ଦେଖେ, ଏବଂ ଯାବତୀୟ ବସ୍ତୁକୁ ଦେଖୁଥିବାରୁ, କାର୍ଯ୍ୟ କରିପାରିବା ଲାଗି ସେଗୁଡ଼ିକ ମଧ୍ୟରୁ ଆଦୌ କୌଣସି ଗୋଟିକୁ ବାଛିନେଇ ପାରେ ନାହିଁ । ମାତ୍ର, ସମଗ୍ର ଲକ୍ଷ୍ୟଟିକୁ ଦେଖିପାରିବାର ସମର୍ଥ ହେବାକୁ ହେଲେ, ଯଥାର୍ଥ ସତ୍ୟଟିକୁ ତାହାର ସଂପୂର୍ଣ୍ଣ ଭୂମିଉପରେ ପ୍ରତ୍ୟକ୍ଷ କରିବାକୁ ହେଲେ, ତୁମକୁ ଏହି ଭୂମିଟିକୁ ଅତିକ୍ରମ କରି ଆର ପାଖକୁ ଚାଲିଯିବାକୁ ପଡ଼ିବ । ଏବଂ, ଆର ପାଖକୁ ଅତିକ୍ରମ କରିଯିବା ପରେ, ତୁମକୁ ଆଉ ଅନେକ ସତ୍ୟର ଏକ ସମଷ୍ଟି ଆଦୌ ଦୃଷ୍ଟିଗୋଚର ହେବ ନାହିଁ, ଅଗଣିତ ବହୁ ସତ୍ୟ ଗୋଟିଏ ସହିତ ଆଉ ଗୋଟିଏ ମିଶ୍ରିତ ହୋଇ ରହିଥିବାର ଆଦୌ ଦେଖାଯିବ ନାହିଁ; ତୁମେ ସେଗୁଡ଼ିକୁ ଗୋଟିକ ପରେ ଗୋଟିଏ କରି ମଧ୍ୟ ଆଦୌ ଦେଖୁ ନ ଥିବ ଯେପରିକି ସମଗ୍ରଟି ଯୁଗପତ୍ ଭାବରେ ଆଦୌ ତୁମର ବୋଧଗମ୍ୟ

ହେଉ ନ ଥିବ । ଅନ୍ୟ ପକ୍ଷରେ ତୁମେ ଯେତେବେଳେ ଊର୍ଦ୍ଧ୍ୱକୁ ଉଠିଯାଇପାରିବ, ସେତେବେଳେ ସମଗ୍ରଟିହିଁ ସର୍ବପ୍ରଥମେ ତୁମର ଦୃଷ୍ଟିଗୋଚର ହେବ, ସମଗ୍ରଟିହିଁ ଯୁଗପତ୍ ଭାବରେ ତୁମ ସମକ୍ଷରେ ଆସି ଉପସ୍ଥିତ ହୋଇ ଯାଉଥିବ,– ସମଗ୍ର ଓ ସଂପୂର୍ଣ୍ଣ ଭାବରେ ଆପଣାକୁ ଉପସ୍ଥାପିତ କରିପାରୁଥିବ, ଏବଂ ସେଥିରେ ଆଦୌ କୌଣସି ବିଭାଜନ ନ ଥିବ । ଏବଂ ସେତେବେଳେ ତୁମ ଲାଗି ଅନେକ ମଧ୍ୟରୁ ଗୋଟିଏକୁ ବାଛି ନେବା ଲାଗି ମଧ୍ୟ କୌଣସି ଆବଶ୍ୟକତା ନ ଥିବ, ତୁମେ କ'ଣ କରିବ, ତାହା ଆପେ ଆପେ ତୁମର ଦୃଷ୍ଟିଗୋଚର ହୋଇଯିବ । ମୋ'ର **ଏହିଟି**ହିଁ କର୍ତ୍ତବ୍ୟ ବୋଲି ତୁମେ ଦେଖିବାକୁ ପାଇବ । ଏଇଟି ଏବଂ ସେଇଟି ଭିତରେ ଗୋଟିକୁ ବାଛିବାର ପ୍ରୟୋଜନ ନ ଥିବ, ଏଇଟି ଅଥବା ସେଇଟି ବୋଲି ସଂଶୟରେ ବି ପଡ଼ିବାର କୌଣସି ଅବକାଶ ନ ଥିବ,– କାରଣ, ବର୍ତ୍ତମାନ ସ୍ଥିତି ଆଦୌ ସେହିପରି ହୋଇରହି ନ ଥିବ । ବର୍ତ୍ତମାନ ତୁମେ ବସ୍ତୁଗୁଡ଼ିକୁ ଆଦୌ ପୂର୍ବାପର ଭାବରେ ଗୋଟିଏ ପରେ ଆଉ ଗୋଟିଏ କରି ଦେଖୁ ନ ଥିବ; ତୁମେ ଯୁଗପତ୍ ଭାବରେ ଏକ ସମଗ୍ରରହିଁ ପ୍ରତ୍ୟକ୍ଷ କରୁଥିବ, ଏବଂ ସେହି ସମଗ୍ର ଏକ ଏକତ୍ୱରୂପେହିଁ ଅବସ୍ଥିତ ରହିଥିବ । ସେତେବେଳେ ତୁମକୁ ଯାହା ଦୃଷ୍ଟିଗୋଚର ହେବ, ତୁମେ କେବଳ ତାହାକୁହିଁ ବାଛିନେବ ।

ମାତ୍ର, ତୁମେ ଯେତେବେଳ ପର୍ଯ୍ୟନ୍ତ ଏକ ତୀରମରାଳିର ଭୂମିକା ଗ୍ରହଣ କରୁଥିବ, ସେପର୍ଯ୍ୟନ୍ତ ତୁମେ ସମଗ୍ରଟିକୁ ମୋଟେ ଦେଖିପାରିବ ନାହିଁ– କାରଣ ତୁମେ ପୂର୍ବାପର ରୀତିରେ ଦେଖି କଦାପି ସମଗ୍ରକୁ ଦେଖିପାରିବ ନାହିଁ, ଗୋଟିଏ ସତ୍ୟ ସହିତ ଆଉ ଗୋଟିଏ ସତ୍ୟକୁ ଯୁକ୍ତ କରି ଏକ ମୋଟ ଯୋଗଫଳ ରୂପେ ତୁମେ କଦାପି ସମଗ୍ର ସତ୍ୟଟିକୁ ପାଇପାରିବ ନାହିଁ । ଏହିଠାରେହିଁ ମନର ପ୍ରକୃତ ଅସମର୍ଥତାଟି ନିହିତ ହୋଇରହିଛି । ମନ କଦାପି ସେହି କଥାଟିକୁ କରିପାରିବ ନାହିଁ । ମନ ସବୁବେଳେ ଗୋଟିକ ପରେ ଆଉ ଗୋଟିକୁ ଦେଖୁଥିବ, ସର୍ବଦା ବସ୍ତୁଗୁଡ଼ିକର ଏକ ସମଷ୍ଟିକୁ ଦେଖୁଥିବ; ଏବଂ ଅସଲ କଥାଟି ମୋଟେ ତାହା ନୁହେଁ,– ତେଣୁ ତାହା ଭିତରୁ କିଛି ନା କିଛି ଅବଶ୍ୟ ବାହାର ହୋଇ ରହୁଥିବ, ସତ୍ୟର ଯଥାର୍ଥ ତାତ୍ପର୍ଯ୍ୟଟି ଆଦୌ ଧରା ଦେଉ ନ ଥିବ ।

ଆମେ ଯେତେବେଳେ ପୂର୍ଣ୍ଣବ୍ୟାପକ ଏବଂ ଯୁଗପତ୍ ଭାବରେ ସଂପୂର୍ଣ୍ଣ ସମଗ୍ରଟିକୁ ଅବିଭକ୍ତ ରୂପେ ପ୍ରତ୍ୟକ୍ଷ କରିପାରିବା, କେବଳ ସେତିକିବେଳେ ଯାଇ ସଂପୂର୍ଣ୍ଣ ସତ୍ୟର ଅଧିକାରୀ ହୋଇପାରିବା ।

ସେତେବେଳେ ଆମର କାର୍ଯ୍ୟ ମଧ୍ୟ ଆଉ କୌଣସି ପ୍ରକାରେ ପ୍ରମାଦଗ୍ରସ୍ତ ହେବ ନାହିଁ,– ସେଥିରେ ସଂଶୋଧନ ଲାଗି କୌଣସି ଅବକାଶ ନ ଥିବ, ଆଲୋଚନା

ଲାଗି ମଧ୍ୟ ଅବକାଶ ନ ଥିବ । ଯାହା ଯଥାର୍ଥରେ କର୍ତ୍ତବ୍ୟ, ସେତେବେଳେ ତୁମେ ଅତ୍ୟନ୍ତ ଅଭ୍ରାନ୍ତ ଏବଂ ସ୍ପଷ୍ଟ ଭାବରେ ତାହାକୁ ଦେଖିପାରୁଥିବ ।

୩ ଫେବ୍ରୁଆରି ୧୯୬୨

**୭୨. ମୁଁ ଏପର୍ଯ୍ୟନ୍ତ ଅତି ଅଳ୍ପ ଜାଣିଛି ବା ଆଦୌ କିଛି ଜାଣି ନାହିଁ,– ଏହିପରି ଅନୁଭବ କରିବା ହେଉଛି ଯଥାର୍ଥ ଜ୍ଞାନ ଆବିର୍ଭୂତ ହୋଇ ଆସୁଥିବାର ସଙ୍କେତ । ମାତ୍ର ତଥାପି, ଯଦି ମୁଁ କେବଳ ମୋ' ନିଜର ଜ୍ଞାନଟିକୁ ଜାଣିପାରିଲି, ତେବେ ମୁଁ ପ୍ରକୃତରେ ସକଳ ଜ୍ଞାନର ଅଧିକାରୀ ହୋଇପାରିଛି ବୋଲି କହିବାକୁ ହେବ ।**

*ଭବିଷ୍ୟତରେ ଯାହା ଘଟିବାକୁ ଯାଉଛି, ବେଳେବେଳେ ତାହା ନିର୍ଭୁଲ ଭାବରେ ଆମର ସ୍ୱପ୍ନ ଭିତରେ ଦୃଷ୍ଟିଗୋଚର ହୋଇଯାଇଥାଏ; ଘଟିବାକୁ ଯାଉଥିବା ଘଟଣାବସ୍ତୁ ଅତ୍ୟନ୍ତ ଟିକିନିଖି ଭାବରେ ଏକ ଅସାଧାରଣ ସୁସ୍ପଷ୍ଟତା ସହିତ ଦୃଶ୍ୟ ହୋଇଯାଏ, ସତେଯେପରି ସକଳ ବସ୍ତୁ ତାହାର କ୍ଷୁଦ୍ରତମ ଟିକିନିଖି ସହିତ ପରିପୂର୍ଣ୍ଣ ଭାବରେ ଖଞ୍ଜା ହୋଇରହିଛି, ଏକ ଗୂଢ଼ ଭୂମିରେ ସୁ-ଅବସ୍ଥାପିତ ହୋଇରହିଛି । ଏହା ପ୍ରକୃତରେ ସତ କି ? ଜ୍ଞାନର ଏହି ଭୂମିଟିକୁ କେଉଁ ଭୂମି ବୋଲି କୁହାଯିବ ? ଏପରି ଗୋଟିଏ ଭୂମି ରହିଛି ନା ଏକାଧିକ ଭୂମି ରହିଛି ? ଆମ ଜାଗ୍ରତ ଅବସ୍ଥାରେ ମଧ୍ୟ ସଚେତନ ଭାବରେ ଏହି ଭୂମିରେ ପ୍ରବିଷ୍ଟ ହୋଇପାରିବା ଲାଗି କ'ଣ କରିବାକୁ ହେବ ? ତେବେ, ଏପରି ବି କିପରି ହୁଏ ଯେ, ଯେଉଁ ବ୍ୟକ୍ତିମାନଙ୍କର ପ୍ରକୃତି ଗମ୍ଭୀର, ଯେଉଁମାନଙ୍କର ଏକ ଦିବ୍ୟ ଉପଲବ୍ଧି ହୋଇସାରିଛି, ସେମାନେ ମଧ୍ୟ ବେଳେବେଳେ ଆପଣାର ଭବିଷ୍ୟାନୁମାନରେ ଅତ୍ୟନ୍ତ ସ୍ଥୂଳ ଭୁଲ୍‌ମାନ କରିଥା'ନ୍ତି ?*

ମାତ୍ର ଏହି ଜଗତଟି ହେଉଛି ଏକ ସ୍ୱତନ୍ତ୍ର ଜଗତ । ଏଠାରେ ତ ଗୋଟିଏ ପ୍ରଶ୍ନ ପଚରାଯାଉ ନାହିଁ, ଏକାବେଳେକେ କୋଡ଼ିଏଟି ପ୍ରଶ୍ନରହିଁ ଉତ୍‌ଥାପନ କରାଯାଉଛି ।

ଯାବତୀୟ ପ୍ରକାରର ଭବିଷ୍ୟସୂଚକ ସ୍ୱପ୍ନମାନ ରହିଛି । କେତେକ ଭବିଷ୍ୟସୂଚକ ସ୍ୱପ୍ନର ତତ୍‌କ୍ଷଣାତ୍ ଫଳ ଫଳିଥାଏ, ଅର୍ଥାତ୍, ଆରଦିନ କ'ଣସବୁ ଘଟିବ, ତୁମେ ରାତିରେ ସେସବୁ ବିଷୟରେ ସ୍ୱପ୍ନ ଦେଖ; ଏବଂ ଆହୁରି କେତେକ ଭବିଷ୍ୟସୂଚକ ସ୍ୱପ୍ନ ବି ଥାଆନ୍ତି,

ଯେଉଁଗୁଡ଼ିକର ପୂରଣ ହେବା ଲାଗି ଭିନ୍ନ ଭିନ୍ନ ଅବଧିର ସମୟ ବି ଲାଗିଥାଏ । ଏବଂ, ସମୟର ଭୂମିରେ ଆପଣାର ଅବସ୍ଥିତିଟି ଅନୁସାରେ ଏହି ସ୍ୱପ୍ନଗୁଡ଼ିକ ବିଭିନ୍ନ ଭୂମିରେ ଦୃଷ୍ଟିଗୋଚର ହୋଇଥା'ନ୍ତି ।

ପରମ ନିଶ୍ଚୟତା ଆଡ଼କୁ ଆମେ ଯେତିକି ଅଧିକ ଉପରକୁ ଉଠିବା ଲାଗି ସମର୍ଥ ହେଉ, ଦୂରତା ସେତିକି ପରିମାଣରେ ଅଧିକ ହୋଇଥାଏ, କାରଣ ଏହିସବୁ ଦୃଷ୍ଟିବସ୍ତୁ ଯେଉଁ କ୍ଷେତ୍ରର ସାମଗ୍ରୀ, ସେହି କ୍ଷେତ୍ରଟି ଅସଲ ଉତ୍ସଟିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ ଏବଂ, ଯାହାକି ଘଟିବାକୁ ଯାଉଛି, ତାହାର ରହସ୍ୟ ପ୍ରକାଶନ ଏବଂ ତାହାର ପ୍ରକୃତ ସଂଘଟନ ମଧ୍ୟରେ ରହିଥିବା ସମୟର ଅବଧିଟି ହୁଏତ ଅତ୍ୟନ୍ତ ଦୀର୍ଘ ହୋଇପାରେ । ମାତ୍ର, ସେହି ରହସ୍ୟର ସଙ୍କେତ-ପ୍ରକଟନଟି ଅବଶ୍ୟ ସତ୍ୟ ହୁଏ, କାରଣ ତାହା ଉତ୍ସଟିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ । ଏପରି ଏକ ସ୍ଥାନ ଅଛି,— ଯେତେବେଳେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ପୂର୍ଣ୍ଣ ଏକାତ୍ମତା ସମ୍ଭବ ହୋଇଯାଏ,— ଯେତେବେଳେ କି ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସର୍ବତ୍ର ସବୁକିଛି କଥାକୁ ସଂପୂର୍ଣ୍ଣ ଭାବରେ ଜାଣି ହୁଏ । ମାତ୍ର ଯେଉଁ ବ୍ୟକ୍ତିମାନେ ସେଠାରେ ଯାଇ ପହଞ୍ଚିଥା'ନ୍ତି, ସେମାନେ ସେଠାରେ ଯାହାକିଛି ଦେଖିଥା'ନ୍ତି, ଫେରିବାବେଳେ ତାହାକୁ ସାଧାରଣତଃ ଭୁଲି ଯାଇଥା'ନ୍ତି । ସ୍ମରଣରେ ରଖିବାକୁ ହେଲେ ଏହି କ୍ଷେତ୍ରରେ ଏକ ଅତ୍ୟନ୍ତ କଠୋର ଶୃଙ୍ଖଳା ଆବଶ୍ୟକ ହୋଇଥାଏ । ଏବଂ, ଠିକ୍ ସେହି ସ୍ଥାନରେହିଁ ଆଉ ଆଦୌ କୌଣସି ଭୁଲ୍ କରିବାର ଆଶଙ୍କା ନ ଥାଏ ।

ମାତ୍ର, ସଂଯୋଗସ୍ଥାପନର ସୂତ୍ରଗୁଡ଼ିକ ସେହି କ୍ଷେତ୍ରରେ ସର୍ବଦା ପରିପୂର୍ଣ୍ଣ ଭାବରେ ଆଦୌ ମହଜୁଦ ନ ଥାଏ ଏବଂ ତେଣୁ ଖୁବ୍ କ୍ୱଚିତ୍ ଭାବରେହିଁ ସବୁକିଛି ସ୍ମରଣ ରହେ ।

ମୁଁ ବର୍ତ୍ତମାନ ଯେଉଁ କଥା କହୁଥିଲି, ଯେଉଁ ଭୂମିରେ ଆମେ ସେଗୁଡ଼ିକୁ ଦେଖୁଛୁ, ତାହାରି ଅନୁସାରେହିଁ, ସେହି ସଙ୍କେତଟି ପ୍ରକୃତରେ ଫଳିବାକୁ କେତେ ସମୟ ଲାଗିବ, ଆମେ ଅଳ୍ପବହୁତ ପରିମାଣରେ ସେହି ବିଷୟରେ ବିଚାର କରିବାକୁ ସମର୍ଥ ହେଉ । ଏବଂ, ତାତ୍କାଳିକ ବସ୍ତୁଗୁଡ଼ିକ ତତ୍କ୍ଷଣାତ୍ ଉପଲବ୍ଧ ହୋଇଥା'ନ୍ତି, ସେଗୁଡ଼ିକ ସୂକ୍ଷ୍ମଭୌତିକର ଭୂମିରେ ଅବସ୍ଥିତ ରହିଥା'ନ୍ତି ଏବଂ ସେହି ଭୂମିରେ ଦୃଷ୍ଟିଗୋଚର ବି ହୋଇପାରନ୍ତି— ସେସବୁ କେବଳ ସେହିଠାରେହିଁ ଥାଆନ୍ତି, ସେଇଠି ଅବସ୍ଥିତ ରହିଥା'ନ୍ତି; ଆଗାମୀ କାଲି ବା ମାତ୍ର କେତେ ଘଣ୍ଟା ପରେ ଯେଉଁ ବସ୍ତୁଗତ ଜଗତ ଆବିର୍ଭୂତ ହେବ, ସେଗୁଡ଼ିକ ତାହାରି ପ୍ରତିରୂପଟିର କେବଳ ଏକ ପ୍ରତିବିମ୍ବନ ଅଥବା ପ୍ରକ୍ଷେପଣ ରୂପେ ଅବସ୍ଥାନ କରୁଥା'ନ୍ତି,— ଏପରିକି ସେଗୁଡ଼ିକୁ ଏକ ପ୍ରତିଲିପି ବୋଲି ବି କହି ହେବ ନାହିଁ । ସେଠାରେ

ତୁମେ ନିର୍ଭୁଲ ଭାବରେ ବସ୍ତୁଟିକୁ ତାହାର ଯାବତୀୟ ଟିକିନିଖି ସହିତ ପ୍ରତ୍ୟକ୍ଷ କରିଥାଅ, କାରଣ ତାହା ସେଠାରେ ପୂର୍ବରୁହିଁ ଅବସ୍ଥିତ ରହିଥାଏ। ତେଣୁ ସବୁକିଛି ତୁମ ଦୃଷ୍ଟିର ପରିଶୁଦ୍ଧି ଓ ଦୃଷ୍ଟିଲାଭର ସାମର୍ଥ୍ୟ ଉପରେ ନିର୍ଭର କରୁଥାଏ। ସେହି ସାମର୍ଥ୍ୟ ଯଦି ବିଷୟନିଷ୍ଠ ଏବଂ କପଟରହିତ ହୋଇଥାଏ, ତୁମେ ତୁମ ବସ୍ତୁଟିକୁ ନିର୍ଭୁଲ ଭାବରେ ଦେଖିପାର। ମାତ୍ର, ତାହା ସହିତ ନିଜର ଅନୁଭବ ଏବଂ ଧାରଣାଗୁଡ଼ିକୁ ନେଇ ଗୋଳାଇମିଶାଇ ପକାଉଥିଲେ, ତାହା ସେଗୁଡ଼ିକର ବର୍ଣ୍ଣ ଦ୍ୱାରା ବିକୃତ ହୋଇଯାଏ। ତେଣୁ, ସୂକ୍ଷ୍ମଭୌତିକର ଭୂମିରେ ଆମେ କେତେ ନିର୍ଭୁଲ ଭାବରେ ଦେଖିବାକୁ ସମର୍ଥ ହେବା, ତାହା ଯନ୍ତ୍ରଟି ଉପରେହିଁ ନିର୍ଭର କରେ,— ଅର୍ଥାତ୍, ଦେଖୁଥିବା ବ୍ୟକ୍ତି ଉପରେ ନିର୍ଭର କରୁଥାଏ।

ମାତ୍ର, ଏକ ସୂକ୍ଷ୍ମତର ଭୂମିରେ ଯାଇ ପ୍ରବେଶ କରିବା ସଙ୍ଗେ ସଙ୍ଗେ,— ଉଦାହରଣସ୍ୱରୂପ, ପ୍ରାଣର ଭୂମିରେ— ଆହୁରି ଅଧିକ ପରିମାଣରେ ମନର ଭୂମିରେ ପ୍ରବେଶ କରିବା ଦ୍ୱାରା ତାହା ଘଟିଥାଏ,— ମାତ୍ର, ପ୍ରାଣର ସ୍ତରରେ ମଧ୍ୟ ସମ୍ଭାବନାର ଏକ କ୍ଷୀଣ ସୂଚନା ମିଳିବାକୁ ଆରମ୍ଭ କରିଥାଏ,— ଯାହା ଘଟିବାକୁ ଯାଉଛି, ତୁମେ ତାହାକୁ ସେଠାରେ ମୋଟାମୋଟି ଭାବରେ ଦେଖିବାକୁ ସମର୍ଥ ହୋଇଥାଅ,— ଟିକିନିଖି ଭାବରେ ଦେଖିଲାବେଳକୁ ତାହା ହୁଏତ ଏପରି କିଂବା ସେପରି ହୋଇପାରେ; ସେହି କ୍ଷେତ୍ରରେ ନାନାବିଧ ଇଚ୍ଛା ଓ ନାନା ପ୍ରଭାବ ହୁଏତ ଆସି ହସ୍ତକ୍ଷେପ କରିପାରନ୍ତି ଏବଂ ତେଣୁ ଏକ ପାର୍ଥକ୍ୟ ଘଟାଇ ପାରନ୍ତି।

ଏପରି ହୁଏ, କାରଣ ଏହି ବିଭିନ୍ନ କ୍ଷେତ୍ରରେ ମୂଳ ପରମ ଇଚ୍ଛାଟିହିଁ ପ୍ରତିଫଳିତ ହୋଇ ରହିଥାଏ ଏବଂ ପ୍ରତ୍ୟେକ କ୍ଷେତ୍ରଟି ପ୍ରତିରୂପଗୁଡ଼ିକର ସଂଗଠନ ଏବଂ ସମ୍ବନ୍ଧକୁ ପରିବର୍ତ୍ତିତ କରିଦିଏ। ଆମେ ବାସ କରୁଥିବା ଏହି ଜଗତ ନାନା ପ୍ରତିରୂପରେ ପୂର୍ଣ୍ଣ ହୋଇରହିଛି। ଗୋଟିଏ ବସ୍ତୁ ପ୍ରକୃତରେ ଯାହା, ଏଠାରେ ତାହାର କଥା କୁହାଯାଉ ନାହିଁ, ଏଠାରେ ବସ୍ତୁଟିର ପ୍ରତିଫଳନ ବିଷୟରେହିଁ କୁହାଯାଉଛି। ହୁଏତ ଏପରି କୁହାଯାଇପାରିବ ଯେ, ଆମର ଏହି ଜଡ଼ଗତ ଅସ୍ତିତ୍ୱର ଭୂମିରେ କେବଳ ଗୋଟିଏ ଗୋଟିଏ ପ୍ରତିଫଳନ ରୂପେହିଁ ଅବସ୍ଥିତ ରହିଛୁ;— ଆମର ମର୍ମଗତ ସତ୍ୟର ଭୂମିରେ ଆମେ ପ୍ରକୃତରେ ଯାହା, ତାହାରି ଏକ ପ୍ରତିରୂପ ହୋଇରହିଛୁ। ଏବଂ, ଏହି ପ୍ରତିଫଳନଟିରେ ଯେଉଁସବୁ ରୂପାତ୍ମକତା ସଂଘଟିତ ହେଉଛି, ତାହାରି ସକାଶେ ପ୍ରମାଦ ଜନ୍ମୁଛି, ମିଥ୍ୟା ଉପସ୍ଥିତ ହେଉଛି। ମର୍ମସତ୍ୟର ଭୂମିରେ ତୁମେ ଯାହା ଦେଖୁଛ, ତାହା ସଂପୂର୍ଣ୍ଣ ଭାବରେ ସତ୍ୟ ଏବଂ ଅବିକୃତ ହୋଇରହିଛି, ତାହା ଶାଶ୍ୱତ କାଳରୁ ସେହିପରି ଭାବରେ ରହିଛି; କେବଳ ପ୍ରତିରୂପଗୁଡ଼ିକରେହିଁ ବସ୍ତୁତଃ ପରିବର୍ତ୍ତନ ହେଉଛି। ଏବଂ,

ସ୍ପନ୍ଦନଗୁଡ଼ିକ ମଧ୍ୟରେ ଯେଉଁ ପରିମାଣରେ ମିଥ୍ୟା ଆସି ପ୍ରବେଶ କରୁଛି, ସେହି ପରିମାଣରେ ତାହା ଅଧିକରୁ ଅଧିକ ବିକୃତ ଏବଂ ପରିବର୍ତ୍ତିତ ହୋଇଯାଉଛି । ଏପରି ବି କୁହାଯାଇପାରିବ ଯେ, ପ୍ରତ୍ୟେକ ପରିସ୍ଥିତି, ଘଟଣା ଓ ବସ୍ତୁର ଏକ ଅଦୂଷିତ, ଅବିକୃତ ଅସ୍ତିତ୍ୱ ଅବଶ୍ୟ ରହିଛି,— ଆମେ ତାହାକୁହିଁ ତାହାର ଯଥାର୍ଥ ଅସ୍ତିତ୍ୱ ବୋଲି କହିବା; ଏବଂ ସେଗୁଡ଼ିକର ପ୍ରଭୂତ ସଂଖ୍ୟାରେ ଦୂଷିତ ଅର୍ଥାତ୍ ବିକୃତ ଅସ୍ତିତ୍ୱମାନ ମଧ୍ୟ ରହିଛି, ସତ୍ତାର ବିଭିନ୍ନ ଭୂମିରେ ସେହିଗୁଡ଼ିକୁହିଁ ସେହି ବସ୍ତୁଟିର ଅସ୍ତିତ୍ୱ ବୋଲି ବି କୁହାଯାଇ ପାରିବ । ଉଦାହରଣସ୍ୱରୂପ, ବୁଦ୍ଧିର ଭୂମିରେ, ଏହିପରି ଭାବରେ ବେଶ୍ ଅନେକ ବିକୃତି ପ୍ରବିଷ୍ଟ ହୋଇସାରିଛି; ମନର ଭୂମିରେ ମଧ୍ୟ ପ୍ରଭୂତ ପରିମାଣରେ ବିକୃତି ଘଟିଛି ଏବଂ ସଂବେଗଗତ ତଥା ଇନ୍ଦ୍ରିୟବୋଧଗତ ଭୂମିଗୁଡ଼ିକର ପ୍ରବେଶ ଘଟିବା ସଙ୍ଗେ ସଙ୍ଗେ ଏହି ବିକୃତିଗୁଡ଼ିକ ଅଧିକ ହୋଇଯାଉଛି । ଏବଂ, ତୁମେ ଥରେ ମନର ଭୂମିରେ ଆସି ପ୍ରବେଶ କରିବା ପରେ ଏହାକୁ ଆଉ ପ୍ରାୟ ଚିହ୍ନି ବି ହେଉ ନାହିଁ । ଏଠାରେ ଏକ ସଂପୂର୍ଣ୍ଣ ବିକୃତି ଘଟୁଛି; ଏତେ ଅଧିକ ପରିମାଣରେ ସବୁ ବିକୃତ ହୋଇଯାଉଛି ଯେ, ଏହା ଯେ ପ୍ରକୃତରେ ତାହାରି ଏକ ଜଡ଼ସ୍ତରୀୟ ଅଭିବ୍ୟକ୍ତି, ବେଳେବେଳେ ତାହା ଜାଣିବା ମଧ୍ୟ ଅତୀବ କଷ୍ଟସାଧ୍ୟ ହୋଇପଡୁଛି ।— ସେମାନଙ୍କ ଭିତରେ ଆଉ ମୋଟେ କୌଣସି ସାଦୃଶ୍ୟ ରହୁ ନାହିଁ ।

ସମସ୍ୟାଟିର ଅନୁଶୀଳନ ଦିଗରେ ଏହାକୁ ଏକ ନୂତନ ପଦ୍ଧତି ବୋଲି ହୁଏତ କୁହାଯାଇପାରିବ, ଏବଂ ଏଥିରୁ ଆମକୁ ହୁଏତ ଆହୁରି ଅନେକ ବସ୍ତୁ ଲାଗି ଏକ ଚାବିକାଠି ପ୍ରାପ୍ତ ହୋଇଯିବ ।

ଏହିପରି ଭାବରେ, ଯେତେବେଳେ ତୁମେ କୌଣସି ବ୍ୟକ୍ତିକୁ ଭଲ ଭାବରେ ଜାଣିଛ ଏବଂ ଶାରୀରିକ ଭାବରେ ତା' ସହିତ ତୁମର ଅଧିକାଂଶ ସମୟରେ ସାକ୍ଷାତ ମଧ୍ୟ ହେଉଛି, ଯଦି ତୁମେ ସୂକ୍ଷ୍ମଭୌତିକ ସ୍ତରରେ ତାହାର ସାକ୍ଷାତ୍‌ଲାଭ କରୁଛ, ତେବେ ସେହି କ୍ଷେତ୍ରରେ ଅନେକ ବସ୍ତୁ ଅଧିକ ସୁସ୍ପଷ୍ଟ, ଅଧିକ ଦୃଶ୍ୟମାନ ଓ ଅଧିକ ସ୍ୱତନ୍ତ୍ରତାଯୁକ୍ତ ହୋଇ ଦୃଷ୍ଟିଗୋଚର ହୋଇଯାଉଛି; ଶାରୀରିକ ସାକ୍ଷାତ ସମୟରେ ସେସବୁ ହୁଏତ ତୁମର ଆଦୌ ଦୃଷ୍ଟିଗୋଚର ହୋଇ ନ ଥିଲା;— କାରଣ, ଜଡ଼ସ୍ଥ ଜଗତଟିର ଧୂସରତା ମଧ୍ୟରେ ସେଗୁଡ଼ିକ ସେହି ଭୂମିରେ ଆହୁରି ଅନେକ ଅନ୍ୟ ବସ୍ତୁ ସହିତ ଏକତ୍ର ସମ୍ମିଶ୍ରିତ ହୋଇ ରହିଥା'ନ୍ତି । କେତୋଟି ଲକ୍ଷଣ ବା ସ୍ୱଭାବଗତ ଅଭିବ୍ୟକ୍ତି ଏତେ ସ୍ୱତନ୍ତ୍ରତାବିଶିଷ୍ଟ ହୋଇ ରହିଥାଏ ଯେ, ସେଗୁଡ଼ିକ ବେଶ୍ ଦୃଷ୍ଟିଗୋଚର ହୋଇପାରୁଥା'ନ୍ତି,— ଆଗରୁ ଭୌତିକ ଭାବରେ ଦୃଶ୍ୟ ହୋଇ ନ ଥିଲେ ମଧ୍ୟ ଦୃଷ୍ଟିଗୋଚର ହେଉଥା'ନ୍ତି । ଯେତେବେଳେ ତୁମେ ଜଣେ ବ୍ୟକ୍ତିର ଭୌତିକ ଅସ୍ତିତ୍ୱଟି ଉପରେ ଅବଲୋକନ କରୁଥାଅ, ସେତେବେଳେ ତୁମେ ତାହାର ଦେହର ରଙ୍ଗକୁ ଦେଖ, ଶାରୀରିକ ରୂପରେଖଗୁଡ଼ିକୁ ଦେଖ, ତାହାର

ଅଭିବ୍ୟକ୍ତିଟିକୁ ଦେଖ; ମାତ୍ର, ଠିକ୍ ସେହି ସମୟରେ ଯଦି ତୁମେ ସୂକ୍ଷ୍ମଭୌତିକ ଭୂମିରେ ତାହାର ମୁହଁ ଉପରେ ଦୃଷ୍ଟିପାତ କର, ତେବେ ସଙ୍ଗେ ସଙ୍ଗେ ଦେଖିବାକୁ ପାଅ ଯେ, ସେହି ମୁହଁର ଗୋଟିଏ ଅଂଶ ଗୋଟିଏ ରଙ୍ଗ ଦିଶୁଛି ଓ ଆଉଗୋଟିଏ ଅଂଶ ଆଉ ଗୋଟିଏ ରଙ୍ଗର ଦେଖାଯାଉଛି; ତୁମେ ଦେଖିବ ଯେ, ତା'ର ଆଖିଗୁଡ଼ିକରେ ଗୋଟିଏ ଭାବ ବ୍ୟକ୍ତ ହୋଇ ଉଠୁଛି ଏବଂ, ଏପରି ଗୋଟିଏ ପ୍ରକାରର ଆଲୋକ ଦୃଷ୍ଟିଗୋଚର ହେଉଛି, ଯାହାକି ଆଗରୁ ଆଦୌ ଦୃଶ୍ୟ ହେଉ ନ ଥିଲା । ଏହିପରି ଭାବରେ ସମଗ୍ର ରୂପାକୃତିଟି ଏକାବେଳେକେ ଅନ୍ୟପ୍ରକାର ପରି ଦେଖାଯାଉଛି ଏବଂ, ସର୍ବୋପରି, ତୁମଠାରେ ଏକ ଅନ୍ୟପ୍ରକାର ଅନୁଭୂତି ଆଣିଦେଉଛି । ଆମର ବାହ୍ୟ ଆଖିଗୁଡ଼ିକୁ ତାହା ହୁଏତ ଅତ୍ୟନ୍ତ ଅସ୍ୱାଭାବିକ ମନେ ହେବ ସତ, ମାତ୍ର, ସୂକ୍ଷ୍ମ ଦୃଷ୍ଟି ଆଗରେ ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିବ ଏବଂ, ଏହି ବ୍ୟକ୍ତିଟି ଉପରେ କ୍ରିୟା କରୁଥିବା ପ୍ରଭାବଗୁଡ଼ିକୁ ଓ ତାହାର ସ୍ୱଭାବଟିକୁ ପ୍ରତିଭାତ କରାଇ ଦେଉଥିବ । ଅଳ୍ପ କେତେଦିନ ପୂର୍ବେ ବି ମୋ'ର ଯେଉଁ ଅନୁଭବ ହୋଇଥିଲା, ଏକଥା କହି ମୁଁ ତାହାରି ଏକ ବିବରଣୀ ପ୍ରଦାନ କରୁଛି ।

ତେଣୁ, ତୁମେ ଯେଉଁ ମାତ୍ରାରେ ସଚେତନ ହୋଇ ରହିଥାଅ ଓ ଯେତିକି ମାତ୍ରାରେ ଦୃଷ୍ଟିର ସାମର୍ଥ୍ୟ ରଖିଥାଅ, ତୁମେ ସେହି ମାତ୍ରାରେହିଁ ଅଳ୍ପବହୁତ ନିକଟବର୍ତ୍ତୀ ହୋଇ ରହିଥିବା ପ୍ରତିରୂପ ଓ ଘଟଣାଗୁଡ଼ିକୁ ଦେଖିବାକୁ ସମର୍ଥ ହୁଅ, ତୁମେ ସେଗୁଡ଼ିକୁ ଅଳ୍ପବହୁତ ନିର୍ଭୁଲ ଭାବରେ ଦେଖିପାର । କେବଳ ଦିବ୍ୟପରମଚେତନାର ଦୃଷ୍ଟି ହେଉଛି ଏକମାତ୍ର ଯଥାର୍ଥ ଓ ଶୁଦ୍ଧ ଦୃଷ୍ଟି । ତେଣୁ, ସେହି ଦିବ୍ୟ ପରମଚେତନା ବିଷୟରେ ସଜ୍ଞାନ ହେବା ଏବଂ ଏହି ଚେତନାଟିକୁ ନିରନ୍ତର ଯାବତୀୟ ଟିକିନିଖିର କ୍ଷେତ୍ରରେ ମଧ୍ୟ ଧାରଣ କରି ରଖିବା, ତାହାହିଁ ହେଉଛି ଅସଲ ସମସ୍ୟା ।

ସେହି ସ୍ଥିତିଟି ସମ୍ଭବ ହେବା ପର୍ଯ୍ୟନ୍ତ ସେହି ବିଷୟରେ କିଞ୍ଚିତ୍ ସଙ୍କେତ ଲାଭ କରିପାରିବା ଲାଗି ବିଭିନ୍ନ ପ୍ରକାରର ବାଟ ରହିଛି । ଏହି କ୍ଷେତ୍ରରେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଯେଉଁ ଯଥାର୍ଥ ଓ ସୁସ୍ପଷ୍ଟ ଦୃଷ୍ଟି ଲାଭ କରିଥା'ନ୍ତି, ତାହାର ହୁଏତ ବିଭିନ୍ନ ଉତ୍ସ ଥାଇପାରେ । ପରିବେଶ ଏବଂ ବସ୍ତୁଗୁଡ଼ିକ ସହିତ ଏକାତ୍ମକତା ଲାଭ କରିବା ଦ୍ୱାରା ଏହି ଦୃଷ୍ଟିଲାଭ ସମ୍ଭବ ହୋଇପାରେ, ସେତେବେଳେ ତୁମେ ଆପଣାର ଚେତନାକୁ ଆପଣାର ଚତୁର୍ଦ୍ଦିଗକୁ ପ୍ରସାରିତ କରିଦେଇ ପାରିବାରେ ଅଭ୍ୟସ୍ତ ହୋଇଯାଇଥାଅ । ଅଧିକ କଥା କହିବାକୁ ଭଲ ପାଉଥିବା କୌଣସି ସତ୍ତା ଅଦୃଶ୍ୟ ଜଗତ ମଧ୍ୟରେ ଥାଇ ତୁମକୁ ସେହି ସଙ୍କେତଟି ଦେଇପାରେ, ଆଗକୁ କ'ଣ ଘଟଣା ଘଟିବାକୁ ଯାଉଛି, ତୁମକୁ ସେହି ସମ୍ବାଦଟିକୁ ଆଣିଦେବାରେ ସିଏ ହୁଏତ ଆନନ୍ଦ ଲାଭ କରୁଥାଇପାରେ । ଅଧିକାଂଶ ସମୟରେ ଏହିପରି ଘଟିଥାଏ । ସେହି କ୍ଷେତ୍ରରେ ସବୁକିଛି ତୁମର ଏହି ''ସମ୍ବାଦଦାତା''ର ନୈତିକ

ଚରିତ୍ର ଉପରେହିଁ ନିର୍ଭର କରେ । ଯଦି ତୁମକୁ ଧୋକା ଦେଇ ସିଏ ଆନନ୍ଦ ଲାଭ କରିବାକୁ ଇଚ୍ଛା କରୁଥାଏ, ତେବେ ସିଏ ତୁମକୁ ଯାବତୀୟ ପ୍ରକାରର କାହାଣୀ କହିବାରେ ଲାଗିଥାଏ,— ଏବଂ, ଯେଉଁ ବ୍ୟକ୍ତିମାନେ ଏହିପରି ସତ୍ତାମାନଙ୍କଠାରୁ ସମ୍ବାଦ ପାଆନ୍ତି, ସେମାନଙ୍କ କ୍ଷେତ୍ରରେ ସେହି କଥାଟି ଅଧିକାଂଶ ସମୟରେ ଘଟେ । ଲୋକମାନଙ୍କୁ ପ୍ରଲୁବ୍ଧ କରିଦେବା ଲାଗି ଏହି ସତ୍ତାମାନେ ଅନେକ ସମୟରେ, ଘଟଣାଗୁଡ଼ିକ ପ୍ରକୃତରେ ଯେପରି ଘଟିବ, ସେମାନଙ୍କୁ ହୁଏତ ଠିକ୍ ସେହିପରି ନିର୍ଭୁଲ କରି ଆସି କହିପାରନ୍ତି; କାରଣ ପ୍ରାଣ ଅଥବା ମନର କେତେକ କ୍ଷେତ୍ରରେ ସେମାନଙ୍କର ଏକ ବିଶ୍ୱତୋଦୃଷ୍ଟି ରହିଥାଏ । ଏବଂ ତା'ପରେ, ତୁମେ ସେମାନଙ୍କ କଥାକୁ ଏଣିକି ନିଶ୍ଚୟ ବିଶ୍ୱାସ କରିବ ବୋଲି ବେଶ୍ ଭଲ ଭାବରେ ଜାଣିଯିବା ପରେ ସେମାନେ ତୁମ ଆଗରେ ଆସି କାହାଣୀମାନ କହିବାକୁ ଆରମ୍ଭ କରନ୍ତି ଏବଂ ଏହିପରି ଭାବରେ ତୁମେ ନିଜ ପାଖରେ ବୋକା ହୋଇ ରହିଯାଅ । ଅଧିକାଂଶ ସମୟରେ ଏପରି ଘଟେ । ଏହି ବ୍ୟକ୍ତିସତ୍ତା, ଏହି ଅସ୍ତିତ୍ୱ ଅଥବା ଏହି ସାନସାନ ଦେବତାମାନଙ୍କଠାରୁ ତୁମର ଏକ ଉଚ୍ଚତର ଚେତନାସ୍ଥିତିରେ ଯାଇ ରହିପାରିବା ଉଚିତ,— ଅନେକ ଲୋକ ସେମାନଙ୍କୁ ଦେବତା ବୋଲି ବି କହିଥା'ନ୍ତି,— ଏବଂ, ସେମାନଙ୍କର ବିବରଣୀଗୁଡ଼ିକରେ ପ୍ରକୃତରେ କେତେ ମୂଲ୍ୟ ରହିଛି, ଊର୍ଦ୍ଧ୍ୱରେ ଥାଇ ତୁମର ସେହି କଥାଟିର ଅବଧାରଣା କରିପାରୁଥିବା ମଧ୍ୟ ଉଚିତ ।

ଯଦି ତୁମଠାରେ ଏକ ବିଶ୍ୱଦର୍ଶୀ ମାନସିକ ଦୃଷ୍ଟିସାମର୍ଥ୍ୟ ରହିଥାଏ, ତେବେ ତାହାରି ବଳରେ ତୁମେ ଯାବତୀୟ ମାନସିକ ରଚନାକୁ ଦେଖିବାରେ ଅବଶ୍ୟ ସମର୍ଥ ହେବ । ତା'ପରେ,— ଏହି କଥାଟି ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ,— ଭୌତିକ ଭୂମିରେ ଆପଣାର ଉଦ୍ଦେଶ୍ୟସାଧନ କରିବା ଲାଗି ମନର ଜଗତଟି ଯେ ନିଜକୁ କିପରି ସଂଗଠିତ କରି ରଖିଛି, ସେକଥା ତୁମେ ଦେଖିବାକୁ ସମର୍ଥ ହୋଇଯାଅ । ତୁମେ ସେହି ଭିନ୍ନ ଭିନ୍ନ ବିରଚନାଗୁଡ଼ିକୁ ଦେଖିପାର,— ସେଗୁଡ଼ିକ କିପରି ପରସ୍ପରର ସମ୍ମୁଖୀନ ହୋଇ ପରସ୍ପର ସହିତ ସଂଗ୍ରାମ କରିବାରେ ଲାଗିଥା'ନ୍ତି, ପରସ୍ପର ସହିତ ମେଣ୍ଟ ବାନ୍ଧନ୍ତି ଓ ସଂଗଠିତ ହୁଅନ୍ତି, ସେମାନଙ୍କ ଭିତରୁ ଯେଉଁମାନେ ଜୟଲାଭ କରନ୍ତି, ଅଧିକ ପ୍ରଭାବ ହାସଲ କରନ୍ତି ଓ ଏକ ପରିପୂର୍ଣ୍ଣତର ଉପଲବ୍ଧି ଲାଗି ସମର୍ଥ ହୁଅନ୍ତି, ତୁମେ ସେକଥା ସବୁ ଦେଖିପାର । ଏହି କ୍ଷେତ୍ରରେ, ଯଦି ତୁମେ ପ୍ରକୃତରେ ଏକ ଉଚ୍ଚତର ଦୃଷ୍ଟିର ସମର୍ଥ ହେବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସେହି ମାନସିକ ଜଗତର ଊର୍ଦ୍ଧ୍ୱକୁ ଉଠିଯିବାକୁ ହୁଏ ଏବଂ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଓହ୍ଲାଇ ଆସୁଥିବା ମୂଳ ଇଚ୍ଛାଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ହୋଇଥାଏ । ଏହି କ୍ଷେତ୍ରରେ ତୁମେ ହୁଏତ ସମଗ୍ର ଟିକିନିଖିଟିକୁ ଆଦୌ ଜାଣି ପାରିବ ନାହିଁ, ମାତ୍ର କେନ୍ଦ୍ରସ୍ଥ **ପ୍ରକୃତ ସତ୍ୟଟି**, କେନ୍ଦ୍ରସ୍ଥ ସତ୍ୟ-ସ୍ଥାନରେ

ରହିଥିବା ଅସଲ କଥାଟିକୁ ତୁମେ ସଂପୂର୍ଣ୍ଣ ନିର୍ଭୁଲ ଭାବରେ ଜାଣିପାରୁଥିବ; ସେଥିରେ କୌଣସି ସଂଶୟ ନ ଥିବ ଓ ତାହାକୁ କଦାପି ଖଣ୍ଡନ କରିହେଉ ନ ଥିବ ।

ଯେଉଁସବୁ ବସ୍ତୁ ଏହି ପୃଥିବୀରେ ଆଗରୁ ଅସ୍ତିତ୍ୱ ଧାରଣ କରି ରହିଛି, ସେଗୁଡ଼ିକ ବିଷୟରେ ଭବିଷ୍ୟ କଥାମାନ କହିବା ଲାଗି ମଧ୍ୟ କେତେ ଲୋକଙ୍କର ଏକ ଶକ୍ତି ରହିଥାଏ । ସେହି ବସ୍ତୁଗୁଡ଼ିକ ଦୂରରେ, ବହୁଦୂରରେ ଥାଆନ୍ତି, ଆମର ଏହି ବାହ୍ୟ ଚକ୍ଷୁର ଦୃଷ୍ଟିସୀମାଠାରୁ ଅନେକ ଦୂରରେ ରହିଥା'ନ୍ତି । ଏହି ବ୍ୟକ୍ତିମାନେ ସାଧାରଣତଃ ଆପଣାର ଚେତନାକୁ ପ୍ରଶସ୍ତ ଓ ପ୍ରସାରିତ କରିଦେଇପାରିବାର କ୍ଷମତା ଅର୍ଜନ କରିଥା'ନ୍ତି । ଭୌତିକ ସ୍ତରରେ ହେଲେ ମଧ୍ୟ ସେମାନେ ଅପେକ୍ଷାକୃତ ଟିକିଏ ଅଧିକ ସୂକ୍ଷ୍ମ ଭାବରେ ଦେଖିପାରନ୍ତି, ସେମାନଙ୍କର ସେହି ଶକ୍ତିଟି ସଂପୂର୍ଣ୍ଣ ଭୌତିକ ସ୍ତରର ଇନ୍ଦ୍ରିୟଠାରୁ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ହୋଇ ରହିଥିବା ଏକ ଇନ୍ଦ୍ରିୟ ଉପରେ ନିର୍ଭର କରୁଥାଏ । ଆମେ ଯାହାକୁ ଏହି ଇନ୍ଦ୍ରିୟର ପ୍ରାଣ ବୋଲି କହିପାରିବା, ତାହାରି ଉପରେ ନିର୍ଭର କରୁଥାଏ । ଏବଂ ଏହିପରି ଭାବରେ, ଦୃଷ୍ଟିଲାଭର ଏକ ଅଭିଳାଷ ପୋଷଣ କରି ସେମାନେ ନିଜର ଚେତନା କ୍ଷେତ୍ରରେ ଏକ ପ୍ରକ୍ଷେପଣ ଘଟାନ୍ତି ଓ ଆହୁରି ଭଲ ଭାବରେ ଦେଖିପାରନ୍ତି, ସେମାନେ ବସ୍ତୁଗୁଡ଼ିକୁ ଦେଖିପାରନ୍ତି । ସେହି ବସ୍ତୁଗୁଡ଼ିକ ଆଗରୁ ରହିଥା'ନ୍ତି, କେବଳ ଆମର ଏହି ସାଧାରଣ ଦୃଷ୍ଟିସାମର୍ଥ୍ୟର ସୀମା ବାହାରେ ଥାଆନ୍ତି । ଯେଉଁ ବ୍ୟକ୍ତିମାନଙ୍କଠାରେ ଏହି ସାମର୍ଥ୍ୟ ରହିଥାଏ ଓ ଯେଉଁମାନେ ଆପଣା ଦେଖିଥିବା କଥାଗୁଡ଼ିକୁ ପ୍ରକାଶ କରି କହନ୍ତି, ଯେଉଁମାନେ ନିଷ୍ଠାପର ଓ ଆଦୌ କୌଣସି ମିଥ୍ୟା- ଆସ୍ଫାଳନ କରନ୍ତି ନାହିଁ, ସେମାନେ ପ୍ରକୃତରେ ସଂପୂର୍ଣ୍ଣ ନିର୍ଭୁଲ ଭାବରେ ସବୁ ଦେଖିପାରନ୍ତି, ସୁସ୍ପଷ୍ଟ ଭାବରେ ଦେଖିପାରନ୍ତି ।

ବସ୍ତୁତଃ, ଯେଉଁମାନେ ଏହିପରି ଭବିଷ୍ୟବାଣୀ କରନ୍ତି ଏବଂ ଅନାଗତ କଥାଗୁଡ଼ିକୁ ଦେଖି ପାରୁଥା'ନ୍ତି, ସେମାନଙ୍କ ମଧ୍ୟରେ ରହିଥିବା ପରିପୂର୍ଣ୍ଣ ଆନ୍ତରିକତାକୁହିଁ ଏହି କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ କାରଣ ବୋଲି କୁହାଯିବ । ମାତ୍ର ଦୁର୍ଭାଗ୍ୟବଶତଃ, ଏହିସବୁ ବିଷୟରେ ଲୋକମାନେ ଯେପରି ଅତ୍ୟଧିକ ଉତ୍କଣ୍ଠା ପ୍ରଦର୍ଶନ କରନ୍ତି, ଦୁରାଗ୍ରହୀ ହୋଇପଡ଼ନ୍ତି ଓ ନାନା ଚାପ ଆଣି ପକାନ୍ତି,— ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେକି ଏଥିରୁ ନିଜକୁ କ୍ଷାନ୍ତ କରି ରଖିପାରିବେ,— ତାହାରି ଫଳରେ ଅନେକତଃ ଏହିପରି ଘଟିଥାଏ ଯେ, ଏହି ଅନାଗତ ଦ୍ରଷ୍ଟାମାନେ, ଯେତେବେଳେ ସେମାନେ କୌଣସି କଥାକୁ ସୁସ୍ପଷ୍ଟ ଓ ନିର୍ଭୁଲ ଭାବରେ ଦେଖିପାରୁ ନ ଥାନ୍ତି; ସେତେବେଳେ, ସେମାନଙ୍କର ଅନ୍ତଃକଳ୍ପନାର ରାଜ୍ୟରେ ପ୍ରାୟ ଅନଭିପ୍ରେତ ଭାବରେ ରହିଥିବା ଏକ ସାମର୍ଥ୍ୟର ସାହାଯ୍ୟରେ ମଝିରେ ବାଦ୍ ପଡ଼ି ଯାଇଥିବା ଉପାଦାନଟିକୁ ଆଣି ଯୋଡ଼ି ଦେଇଥା'ନ୍ତି । ଏହା ଫଳରେ ସେମାନଙ୍କର ଭବିଷ୍ୟବାଣୀରେ ପ୍ରମାଦ ସୃଷ୍ଟି ହୋଇଥାଏ । ସେମାନଙ୍କ ମଧ୍ୟରୁ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି

ସାହସ କରି ''ନାଇଁ, ମୋତେ ସେ ବିଷୟରେ କିଛି ଜଣା ନାହିଁ, ସେକଥା ମୋ' ପାଖରେ ମୋଟେ ଧରା ଦେଉ ନାହିଁ'' କହିପାରନ୍ତି । ଏପରିକି ନିଜ ପାଖରେ ମଧ୍ୟ ସେମାନଙ୍କର ଏତିକି କହିବାର ସାହସ ନ ଥାଏ । ଏବଂ ତା'ପରେ, ଆପଣା କଳ୍ପନାଶକ୍ତିର କିଞ୍ଚିତ୍ ପରଖ ଦେଇ, ପ୍ରାୟ ଅବଚେତନ ଭାବରେ ସେହିପରି କରି ସେମାନେ ଆପଣାକୁ ଦିଶୁଥିବା କଥାଗୁଡ଼ିକୁ, ସମ୍ବାଦଟିକୁ ପୂର୍ଣ୍ଣ କରି ଦିଅନ୍ତି– ତା'ପରେ କ'ଣ ଯେ ଘଟେ, ସେଥିରେ ଆଉ କୌଣସି ବାସ୍ତବତା ନ ଥାଏ । ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏପରି କରିବାରୁ ନିଜକୁ ନିବୃତ୍ତ କରି ରଖିପାରନ୍ତି । ମୋ'ର ଅନେକ ଅତୀନ୍ଦ୍ରିୟଦର୍ଶୀଙ୍କ ସହିତ ପରିଚୟ ଘଟିଛି; ମୁଁ ଏପରି ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନଙ୍କ ଠାରେ ଏସବୁ କରିବାର ଅଦ୍ଭୁତ ସାମର୍ଥ୍ୟ ରହିଥିଲା । ମାତ୍ର, ସେମାନଙ୍କ ମଧ୍ୟରୁ ଅତ୍ୟନ୍ତ କମ୍‌ସଂଖ୍ୟକ ଏପରି ଥିଲେ, ଯେଉଁମାନେ କି ଆପଣା ଜ୍ଞାନର ଶେଷ ଗାରଟି ପାଖରେ ପହଞ୍ଚି ଆଉ ଅଧିକ ଅଗ୍ରସର ନ ହେବା ଲାଗି ସମର୍ଥ ହେଉଥିଲେ । ଅଥବା, ସେମାନେ ଟିକିନିଖି ଗୁଡ଼ିକର କ୍ଷେତ୍ରରେ ଏତେଟିକିଏ କେଉଁଠୁ କ'ଣ ଆଣି ଯୋଡ଼ିଦେବାକୁ ଇଚ୍ଛା କରୁଥିଲେ । ଏହି କାରଣରୁହିଁ ଏହିସବୁ ସାମର୍ଥ୍ୟ ଭିତରେ ପ୍ରାୟ ଏକ ସଂଶୟାଚ୍ଛନ୍ନତା ଆସି ପଶି ଯାଇଥାଏ । ଏସବୁକୁ ଏଡ଼ିପାରିବା ଲାଗି ଜଣେ ସନ୍ଥ ହୋଇଥିବା ଦରକାର, ଜଣେ ବଡ଼ ସନ୍ଥ ଓ ବଡ଼ ମୁନି ହୋଇଥିବା ଦରକାର,– ଏବଂ ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥିବା ଦରକାର, ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଆଦୌ କୌଣସି ପ୍ରକାରେ ପ୍ରଭାବିତ ନ ହେବା ଲାଗି ଶକ୍ତି ରହିଥିବା ଦରକାର । ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏଠାରେ ମୁଁ ଖ୍ୟାତିର ଅନ୍ୱେଷଣ କରୁଥିବା ବ୍ୟକ୍ତିମାନଙ୍କର କଥା ମୋଟେ କହୁ ନାହିଁ; କାରଣ, ଖ୍ୟାତି ଖୋଜୁଥିବା ଲୋକମାନେହିଁ ସବୁଠାରୁ ଅଧିକ ଅଶୋଧିତ ଜାଲଭିତରେ ଆସି ପଡ଼ିଯାଆନ୍ତି । ମାତ୍ର ଏପରିକି ସକଳ ସଦିଚ୍ଛା ରହିଥିଲେ ମଧ୍ୟ, ଲୋକମାନଙ୍କୁ ସୁଖୀ କରିବାକୁ ଓ ସେମାନଙ୍କ ମନରେ ପ୍ରସନ୍ନତା ଆଣି ଦେବାକୁ ଓ ସେମାନଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରିବାକୁ ଇଚ୍ଛା ରହିଥିବା କ୍ଷେତ୍ରଗୁଡ଼ିକରେ ମଧ୍ୟ ତାହାହିଁ ସବୁକିଛିକୁ ବିକୃତ କରିଦେବା ଲାଗି ଯଥେଷ୍ଟ ହୋଇଥାଏ ।

*ଯେତେବେଳେ ସୂକ୍ଷ୍ମଭୌତିକ ସ୍ତରରେ ଘଟଣାଗୁଡ଼ିକର ସଂରଚନା ହୋଇ ସାରିଥାଏ ଓ ଆପଣ ସେଗୁଡ଼ିକୁ ଦେଖି ପାରୁଥା'ନ୍ତି, ସେତେବେଳେ ବସ୍ତୁଗୁଡ଼ିକରେ ଏକ ପରିବର୍ତ୍ତନ ଘଟାଇ ପାରିବା ଲାଗି ପ୍ରକୃତରେ ବେଳ ନ ଥାଏ କି ? ସେତେବେଳେ ତଥାପି କୌଣସି କ୍ରିୟା ଲାଗି ଅବକାଶ ରହିଥାଏ କି ?*

ଏହି ବିଷୟରେ ମୋତେ ଗୋଟିଏ ଭାରି ଆଗ୍ରହୋଦ୍ଦୀପକ ଦୃଷ୍ଟାନ୍ତ ଜଣାଅଛି । ଏକଥା ଅନେକ ବର୍ଷ ପୂର୍ବର, ତୁମେ ସେତେବେଳେ ଭାରି ସାନ ହୋଇଥିବ । ପ୍ରତିଦିନ କୌଣସି ଏକ ବସ୍ତୁ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଉଥିବା ଗୋଟିଏ ବାଳକର ସାନ କାର୍ଟୁନ୍ ବାହାରୁଥିଲା । ବାଳକଟି ଗୋଟିଏ ପରିଚାର ବାଳକ ପରି ଦିଶୁଥିଲା, ସେହିପରି ପୋଷାକ ମଧ୍ୟ ପିନ୍ଧିଥିଲା— ସେହି ସାନ କାର୍ଟୁନ୍‌ଟିରେ ସର୍ବଦା ତାରିଖ ଅଥବା ସେହିପରି ଆଉକିଛି ଲେଖାହୋଇ ରହିଥିଲା । ଏବଂ, ଗପଟିରେ ଥିବା ଭଦ୍ରଲୋକ ଦେଶଭ୍ରମଣ କରୁଥିଲେ ଓ ଏକ ବଡ଼ ହୋଟେଲ୍‌ରେ ରହୁଥିଲେ ! କେଉଁ ସହରରେ ରହୁଥିଲେ ସେକଥା ମୋ'ର ମନେ ନାହିଁ । ଦିନେ ରାତିରେ, ବା ବୋଧହୁଏ ବଡ଼ି ସକାଳୁ, ସିଏ ଗୋଟିଏ ସ୍ୱପ୍ନ ଦେଖିଥିଲେ । ସିଏ ସେଥିରେ ଦେଖିଲେ ଯେ ପରିଚାର-ବାଳକଟି ତାଙ୍କର କୋକେଇ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଉଛି— ଇଉରୋପରେ ଏହିପରି ଶବାଧାର ମାନଙ୍କରେ ମୃତ ବ୍ୟକ୍ତିମାନଙ୍କୁ ଶ୍ମଶାନକୁ ବହନ କରି ନିଆ ଯାଇଥାଏ— ପିଲାଟି ତାଙ୍କୁ ସେହି ଶବାଧାର ମଧ୍ୟରେ ପ୍ରବେଶ କରିବାଲାଗି ଆବାହନ କରୁଥାଏ ! ଭଦ୍ରଲୋକ ସ୍ୱପ୍ନରେ ସେକଥା ଦେଖିଲେ, ଏବଂ ସକାଳେ ଯେତେବେଳେ ଆପଣାର ନିତ୍ୟକର୍ମ ଶେଷ କଲେ, ସେତେବେଳେ ସବାଉପର ମହଲାରେ ଥିବା ନିଜର କୋଠରିରୁ ବାହାରି ଲିଫ୍‌ଟ୍ ପାଖକୁ ଆସି ସିଏ ଠିକ୍ ସେହି ପିଲାଟିକୁ ଦେଖିଲେ । ପିଲାଟି ଠିକ୍ ସେହିପରି ପୋଷାକ ପିନ୍ଧିଥାଏ ଓ ସିଏ ତଳକୁ ଯିବେ ବୋଲି ଲିଫ୍‌ଟ୍ ଭିତରକୁ ଯିବାପାଇଁ ତାଙ୍କୁ ସଙ୍କେତ ଦେଉଥାଏ । ଏଥିରେ ସିଏ ପ୍ରକୃତରେ ଚକିତ ହୋଇ ପଡ଼ିଥିଲେ । ମନା କରିଦେଇ କହିଲେ, ''ନାଇଁ, ମୁଁ ଯିବି ନାହିଁ ।'' ଲିଫ୍‌ଟ୍‌ଟି ତଳକୁ ଖସିପଡ଼ି ଚୂନା ହୋଇଗଲା ଓ ସେଥିରେ ଥିବା ବ୍ୟକ୍ତିମାନଙ୍କର ମୃତ୍ୟୁ ଘଟିଲା ।

ସିଏ ମୋତେ କହିଥିଲେ ଯେ, ଏହି ଘଟଣାଟି ପରେ ସ୍ୱପ୍ନରେ ତାଙ୍କର ପୂରା ବିଶ୍ୱାସ ଆସିଗଲା ।

ସିଏ ନିଜର ସୂକ୍ଷ୍ମଦୃଷ୍ଟିରେ ଏପରି ଦେଖିଥିଲେ । ବାଳକଟିକୁ ଦେଖିଥିଲେ; ମାତ୍ର, ବାଳକଟି ଲିଫ୍‌ଟ୍ ପରିବର୍ତ୍ତେ ତାଙ୍କୁ ତାଙ୍କର ଶବାଧାର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଉଥିଲା । ତେଣୁ, ଏହାପରେ ସେତେବେଳେ ସେ ସେହି ସୂଚନାଟିକୁ ଓ ସେହି ବାଳକଟିକୁ ପ୍ରତ୍ୟକ୍ଷ କଲେ, – କାର୍ଟୁନ୍‌ରେ ଯେପରି ବାହାରୁଥିଲା, ଠିକ୍ ସେହିପରି, – ସିଏ ସେତେବେଳେ ''ନାଇଁ, ଥାଉ, ମୁଁ ଚାଲିକରି ଓହ୍ଲାଇଯିବି'' ବୋଲି କହିଥିଲେ । ଏବଂ ବାହକ ଯନ୍ତ୍ରଟି,— ଏହା ସେକାଳର ସେହି ହାଇଡ୍ରଲିକ୍ ଲିଫ୍‌ଟ୍‌ରୁ ଗୋଟିଏ ଥିଲା,— ଭାଙ୍ଗିଗଲା ଓ ତଳେ ଆସି ପଡ଼ିଲା । ଉପରେ ଠିକ୍ ଥିଲା । ମାତ୍ର, ବାଟରେ ଏକାବେଳେକେ ଧୂଳି ହୋଇଗଲା ।

ମୁଁ ଘଟଣାଟିର ଏହିପରି ଅର୍ଥ କରିବି ଯେ, କୌଣସି ଏକ ସତ୍ତା ତାଙ୍କୁ ଆଗରୁ ସତର୍କ କରି ଦେଇଥିଲା । ଏକ ପରିଚାର-ବାଳକର ରୂପାକୃତିଟି ଏହି କଥା ସୂଚାଇ ଦେଉଥିବା ପରି ବୋଧ ହେଉଛି ଯେ, ସେହି କ୍ଷେତ୍ରରେ ଏକ ବୁଦ୍ଧିମତ୍ତା, ଏକ ଚେତନା ମଝିରେ ହସ୍ତକ୍ଷେପ କରିବାଲାଗି ଆସି ଉପସ୍ଥିତ ହୋଇଥିଲା । ତାଙ୍କ ନିଜ ଅବଚେତନ ତାହା କରିଥିଲା ବୋଲି ଆଦୌ ମନେ ହେଉ ନାହିଁ । ଅଥବା, ଏକଥା ମଧ୍ୟ ହୋଇପାରେ ଯେ, ତାଙ୍କର ଅବଚେତନ ଏହି ବିଷୟରେ ସଜ୍ଞାନ ଥିଲା ଏବଂ ଏପରି ଗୋଟିଏ ଘଟଣା ଘଟିବାକୁ ଯାଉଛି ବୋଲି ସୂକ୍ଷ୍ମଭୌତିକର ସ୍ତରରେ ଦେଖିପାରିଥିଲା । ମାତ୍ର, ତାଙ୍କର ଅବଚେତନ ଏପରି ଏକ ପ୍ରତିରୂପର ମାଧ୍ୟମରେ ତାଙ୍କୁ ସେହି କଥା କହିବାଲାଗି ମନ କଲା କାହିଁକି ? ମୁଁ କିଛି କହି ପାରୁ ନାହିଁ । ଖୁବ୍ ସମ୍ଭବ ଅବଚେତନରେ ଥିବା କୌଣସି ଏକ ଉପାଦାନକୁ ତାହା ଜଣାଥିଲା, କାରଣ ତାହା ପୂର୍ବରୁହିଁ ସୂକ୍ଷ୍ମଭୌତିକର ଭୂମିରେ ଅବସ୍ଥିତ ରହିଥିଲା । ଘଟିବା ପୂର୍ବରୁ ଦୁର୍ଘଟଣାଟି ଅବସ୍ଥିତ ରହିଥିଲା— ଦୁର୍ଘଟଣାର ନିୟତିଟି ଅବସ୍ଥିତ ରହିଥିଲା ।

ଏହି କ୍ଷେତ୍ରରେ ସୁନିଶ୍ଚିତ ଭାବରେ ସର୍ବଦା, ଯାବତୀୟ ଦୃଷ୍ଟାନ୍ତର ଏକ ବ୍ୟବଧାନ ରହିଥାଏ, ବେଳେବେଳେ କେତେ ଘଣ୍ଟାର ବ୍ୟବଧାନ ରହିଥାଏ,— ମାତ୍ର ତାହା ହେଉଛି ଦୀର୍ଘତମ ବ୍ୟବଧାନ,— ବେଳେବେଳେ ମାତ୍ର କେତୋଟି ସେକେଣ୍ଡ଼ର ବ୍ୟବଧାନ ରହିଥାଏ । ଏବଂ, ଅନେକ ସମୟରେ ଏପରି ହୁଏ ଯେ, ସେଗୁଡ଼ିକ ସେଠାରେ ଅବସ୍ଥିତ ରହିଛନ୍ତି ବୋଲି ବସ୍ତୁଗୁଡ଼ିକ ତୁମକୁ ସୂଚାଇ ଦେଉଥାନ୍ତି, ମାତ୍ର ତୁମ ଚେତନାର ସଂସ୍ପର୍ଶରେ ଆସିବା ସକାଶେ ସେମାନଙ୍କୁ ବେଳେବେଳେ କେତେ ମିନିଟ୍ ଓ ଆଉ ବେଳେବେଳେ କେତେ ସେକେଣ୍ଡ୍ ସମୟ ଲାଗିଥାଏ । କ'ଣ ଘଟିବାକୁ ଯାଉଥାଏ, ମୁଁ ସତତ ସେକଥା ଜାଣିବାକୁ ପାଏ,— ଏବଂ, ଆଦୌ କୌଣସି ପ୍ରୟୋଜନ ନ ଥିବା ବସ୍ତୁଗୁଡ଼ିକର କ୍ଷେତ୍ରରେ,— ତାହାକୁ ଆଗରୁ ଜାଣିବାରେ ଆଦୌ କୌଣସି ଲାଭ ହୁଏ ନାହିଁ, ତଦ୍ଦ୍ୱାରା ଆଦୌ କୌଣସି ପ୍ରଭେଦ ହୋଇ ଯାଏ ନାହିଁ; ମାତ୍ର ତାହା ତଥାପି ଅବସ୍ଥିତ ରହିଥାଏ, ତୁମ ଚତୁଷ୍ପାର୍ଶ୍ୱକୁ ଘେରି ରହିଥାଏ । ତୁମର ଚେତନା ଯଥେଷ୍ଟ ପରିମାଣରେ ପ୍ରଶସ୍ତ ହୋଇ ପାରିଥିଲେ, ତୁମେ ସେହି ସବୁକିଛିକୁ ଜାଣିବାରେ ସମର୍ଥ ହୋଇଯାଅ; ଉଦାହରଣ ସ୍ୱରୂପ, କୌଣସି ବ୍ୟକ୍ତି ତୁମ ପାଖକୁ ଗୋଟିଏ ପାର୍ସଲ୍ ନେଇ ଆସିବ, ଏହିପରି ନାନା କଥା ଜାଣିପାର । ଏବଂ, ପ୍ରତିଦିନ ଏହିପରି କଥାମାନ ଘଟିଥାଏ । ବା, କୌଣସି ଜଣେ ବ୍ୟକ୍ତି ଅଳ୍ପ ସମୟରେ ତୁମପାଖରେ ଆସି ପହଞ୍ଚିବ,— ଇତ୍ୟାଦି । ଚେତନାରେ ଏକ ସଂପ୍ରସାରଣ ଘଟୁଥିବାରୁ ତାହା ବସ୍ତୁଗୁଡ଼ିକ ସହିତ ସଂସ୍ପର୍ଶ ସ୍ଥାପନ କରିପାରେ ।

ମାତ୍ର, ଆମେ ସେହି କ୍ଷେତ୍ରରେ ତାହାକୁ ଆଦୌ ଏକ ପୂର୍ବଜ୍ଞାନ ବୋଲି କହିବା ନାହିଁ; କାରଣ ତାହା ପୂର୍ବରୁହିଁ ଅବସ୍ଥିତ ରହିଥାଏ, କେବଳ, ଆମ ଚେତନା ସହିତ ସଂସ୍ପର୍ଶ ଘଟାଇବା ପାଇଁ ତାକୁ କେତେ ସେକେଣ୍ଡ୍ ସମୟ ଲାଗିଥାଏ; କାରଣ, ମଝିରେ ଗୋଟିଏ କବାଟ, ଗୋଟିଏ ପାଚେରି କିଂବା ସେହିପରି କିଛି ରହିଥାଏ, ଯାହାକି ଆମକୁ ଦେଖିବାରୁ ନିବୃତ୍ତ କରି ରଖୁଥାଏ ।

ମାତ୍ର ମୋ'ର ଏକାଧିକ ବାର ଏହିଭଳି ଅଭିଜ୍ଞତାମାନ ହୋଇଛି । ଉଦାହରଣ ସ୍ୱରୂପ, ଥରେ ମୁଁ ପର୍ବତାଞ୍ଚଳରେ ପାଦରେ ଚାଲିକରି ଯାଉଥିବା ସମୟରେ ମୁଁ ଏପରି ଗୋଟିଏ ସାନ ବାଟରେ ଯାଉଥିଲି ଯେଉଁଠାରେ କି କେବଳ ଜଣେ ବ୍ୟକ୍ତି ଲାଗି ଯଥେଷ୍ଟ ସ୍ଥାନ ରହିଥିଲା । ଗୋଟିଏ ପାଖରେ ତିଖ ଅତଡ଼ା, ଓ ଆଉ ଗୋଟାଏ ପାଖରେ କାନ୍ଥ ପରି ଛିଡ଼ା ହୋଇଥିବା ପଥର । ମୋ' ପଛରେ ତିନୋଟି ପିଲା ମଧ୍ୟ ଥିଲେ ଏବଂ ସବାପଛରେ ଜଣେ ଚତୁର୍ଥ ବ୍ୟକ୍ତି ମଧ୍ୟ ଆସୁଥିଲା । ମୁଁ ସବା ଆଗରେ ଯାଉଥିଲି । ରାସ୍ତାଟି ପାହାଡ଼ର ଧାରେଧାରେ ଯାଇଥିଲା,— ଆମେ ଯେ କେଉଁଠାକୁ ଯାଉଛୁ, ଆମେ ସେକଥା ମଧ୍ୟ ଦେଖିପାରୁ ନ ଥିଲୁ । ଏବଂ ତା'ପରେ, ଏହା ଅତ୍ୟନ୍ତ ବିପଜ୍ଜନକ ହୋଇ ରହିଥିଲା । ଯଦି କାହାର ଗୋଡ଼ ଖସି ଯାଇଥା'ନ୍ତା, ତେବେ ସିଏ ଦାଢ଼ରୁ ତଳକୁ ଖସି ପଡ଼ିଥା'ନ୍ତା । ଆଗେ ଆଗେ ଯାଉଥିବା ସମୟରେ ମୁଁ ହଠାତ୍ ଦେଖିବାକୁ ପାଇଲି,— ଏହି ଆଖିରେ ନୁହେଁ, ଏକ ଅନ୍ୟ ପ୍ରକାରର ଆଖିରେ,— ମୁଁ କେଉଁଠି କେତେବେଳେ ଗୋଡ଼ ପକାଉଛି, ସେକଥାକୁ ଭାରି ସାବଧାନ ହୋଇ ଲକ୍ଷ୍ୟ କରୁଥିଲେ ମଧ୍ୟ,— ତା'ପରେ ମୁଁ ଗୋଟିଏ ସାପ ଦେଖିବାକୁ ପାଇଲି, ସେହି ପଥର ଉପରେ ସାପଟିଏ ଦେଖିଲି,— ସାପଟି ଅନ୍ୟ ପାଖରେ ଅପେକ୍ଷା କରି ରହିଥିଲା । ତା'ପରେ ମୁଁ ଥିରିକରି ଆଉ ପାଦେ ପକାଇଲି, ଏବଂ ଏକଥା ସତ ଯେ, ଅନ୍ୟ ପାଖରେ ଗୋଟିଏ ସାପ ଅବସ୍ଥିତ ରହିଥିଲା । ଏହାଫଳରେ ମୁଁ ଆଦୌ ଚକିତ ବା ଆତଙ୍କିତ ହୋଇ ପଡ଼ି ନ ଥିଲି, କାରଣ ମୁଁ ସାପଟିକୁ ଦେଖିସାରିଥିଲି ଓ ସାବଧାନ ହୋଇ ଆଗକୁ ପାଦ ପକାଉଥିଲି । ଏବଂ, କୌଣସି ପ୍ରକାରେ ଚକିତ ବା ଆତଙ୍କିତ ହୋଇ ନ ଥିବାରୁ ମୁଁ କୌଣସି ଆତଙ୍କର ସୃଷ୍ଟି ନ କରି ପିଲାମାନଙ୍କୁ ''ରହିଯା', ନୀରବ ହୋଇଯାଅ; ଯେଉଁଠି ଅଛ, ସେଇଠି ଠିଆ ହୋଇରହ'' ବୋଲି କହି ପାରିଥିଲି । ଆମେ ଆତଙ୍କିତ ହୋଇ ପଡ଼ିଥିଲେ ହୁଏତ କୌଣସି ଘଟଣା ମଧ୍ୟ ଅବଶ୍ୟ ଘଟିଥା'ନ୍ତା । ସାପଟି ଏକ ଶବ୍ଦ ଶୁଣି ପାରିଥିଲା, ସେତେବେଳକୁ ସିଏ କୁଣ୍ଡଳାକୃତି ହୋଇଯାଇଥିଲା, ଆପଣାର ଗର୍ତ୍ତ ସମ୍ମୁଖରେ ରହି ଆପଣାକୁ ରକ୍ଷା କରିବାକୁ ଚେଷ୍ଟା କରୁଥିଲା ଏବଂ ଫଣାକୁ ଲହଲହ କରିବାରେ ଲାଗିଥିଲା । ତାହା ଏକ ନାଗ ସାପ ଥିଲା । ଏକଥା ଫ୍ରାନ୍ସରେ ଘଟିଥିଲା । ସେଦିନ କିଛି ଘଟି ନ ଥିଲା; ଅଥଚ, ଯଦି ଆମେ କୌଣସି

ପ୍ରକାରେ ଅସ୍ଥିରତା ବା ଉଦ୍‌ବିଗ୍ନତା ପ୍ରଦର୍ଶନ କରିଥା'ନ୍ତୁ, ତେବେ ହୁଏତ ଯେକୌଣସି ଘଟଣା ବି ଘଟିପାରିଥା'ନ୍ତା ।

ମୋ' ଜୀବନରେ ଅନେକ, ଅନେକ ଥର ଏହିପରି କଥାମାନ ଘଟିଛି । ସାପମାନଙ୍କର ଘଟଣା ଚାରିଥର ଘଟିଛି । ଥରେ ଭାରି ଅନ୍ଧାର ହୋଇଥାଏ, ଏହି ଆରିଅନ୍‌କୁପ୍ପମ୍ କେଉଟଗାଆଁରେ ଘଟଣାଟି ଘଟିଥିଲା । ସେଠାରେ ଗୋଟିଏ ନଈ ଅଛି ଏବଂ, ନଈଟି ଯେଉଁଠି ସମୁଦ୍ରରେ ଯାଇ ମିଶିଛି, ଏହି ଘଟଣା ସେହିଠାରେ ଘଟିଲା । ଅନ୍ଧାର ହୋଇଥାଏ, ସେଦିନ ଭାରି ଚଞ୍ଚଳ ରାତି ହୋଇ ଯାଇଥାଏ, ଆମେ କେତେଜଣ ସେଠାରେ ଥିବା ରାସ୍ତାରେ ଯାଉଥିଲୁ ଏବଂ ମୁଁ ପାଦକୁ ନେଇ ତଳେ ପକାଇବାକୁ ଯାଉଛି,– ପାଦଟାକୁ ମୁଁ ଆଗରୁ ଉଠାଇ ସାରିଥିଲି ଏବଂ ତଳେ ପକାଇବାକୁ ଯାଉଥିଲି– ସେତେବେଳେ ଅତି ସ୍ପଷ୍ଟ ଭାବରେ କେହି ଯେପରି ମୋ' କାନରେ ଆସି କହିଦେଇ ଗଲା : ''ସାବଧାନ !'' ମାତ୍ର ସେଠାରେ ଆମ ସାଙ୍ଗରେ ଥିବା କେହି ମୋତେ କିଛି କହି ନ ଥିଲେ । ଏକଥା ଶୁଣି ମୁଁ ଅନାଇ ଦେଖିଲି, ଏବଂ ମୋ'ର ପାଦ ଠିକ୍ ଭୂଇଁରେ ପଡ଼ିବାକୁ ଯାଉଛି, ସେଇଠି ଏକ ବିରାଟ ନାଗସାପ ଦେଖିବାକୁ ପାଇଲି,– ଆଗରୁ ଦେଖି ନ ଥିଲେ ମୋର ପାଦ ଯାଇ ଆରାମରେ ତା'ଉପରେ ପଡ଼ି ଯାଇଥା'ନ୍ତା,– କାହାର ପାଦ ଯାଇ ସେମାନଙ୍କ ଉପରେ ଏହିପରି ଭାବରେ ପଡ଼ିଯାଉ, ସାପମାନଙ୍କୁ ଏକଥା ଆଦୌ ଭଲ ଲାଗେ ନାହିଁ । ସାପଟି ସର୍ କରି ଚାଲିଗଲା ଓ ପାଣି ଭିତରେ ପଶିଗଲା । ଦେଖିବାକୁ ପ୍ରକୃତରେ କେଡ଼େ ସୁନ୍ଦର ! ଫଣା ଉପରକୁ ଉଠାଇ ପାଣିରେ ଠିଆ ହୋଇ ରହିଥାଏ,– ସତେ ଯେପରି ଗୋଟିଏ ରାଜା ପରି ପାଣିକୁ ପାର ହୋଇ ସେପାଖକୁ ଚାଲିଗଲା । ଯଦି ମୁଁ ଉଦ୍ଧତ ହୋଇ ତା' ଉପରେ ଗୋଡ଼ ପକାଇ ଦେଇଥା'ନ୍ତି, ତେବେ ମୋତେ ନିଶ୍ଚିତ ଭାବରେ ତାହାର ଉଚିତ ଶାସ୍ତି ମିଳିଥା'ନ୍ତା ।

ମୋ'ର ଏହିପରି ଶହଶହ ଅଭିଜ୍ଞତା ହୋଇଛି । ପ୍ରାୟ ଶେଷ ମୁହୂର୍ତ୍ତରେ, ଆଦୌ ଗୋଟିଏ ସେକେଣ୍ଡ୍ ପୂର୍ବରୁ ନୁହେଁ, ମୋତେ ସମ୍ବାଦଟି ମିଳି ଯାଉଥିଲା । ଏବଂ, ବହୁବିଧ ପରିସ୍ଥିତିରେ ଏହିଭଳି ଘଟଣା ଘଟିଛି । ଥରେ ପାରିସ୍‌ରେ ମୁଁ ବୁଲର୍ଭାର୍ଡ୍ ସାଁ ମିଶେଲ୍ ରାସ୍ତାଟିକୁ ପାରିହୋଇ ସେପାଖକୁ ଯାଉଥିଲି । ସର୍ବଶେଷ ସପ୍ତାହଗୁଡ଼ିକରେ ସେହି କଥାଟି ଘଟିଥିଲା । ମୁଁ ନିଷ୍ପତ୍ତି କରି ସାରିଥିଲି ଯେ, ଆଉ ନିର୍ଦ୍ଦିଷ୍ଟ କେତେ ମାସ ଭିତରେ ଚୈତ୍ୟ ସତ୍ୟଟି ସହିତ, ସେହି ଅନ୍ତର୍ଗତ ଦିବ୍ୟ ପରମସତ୍ତାଙ୍କ ସହିତ ମୁଁ ସଂଯୁକ୍ତ ହୋଇଯିବି । ତେଣୁ ସେତେବେଳେ ମୋ ଭିତରେ ଆଉ ଅନ୍ୟ କୌଣସି ଭାବନା ନ ଥିଲା, ମୁଁ ଆଉ ଅନ୍ୟ କୌଣସି ବିଷୟରେ ଉଦ୍‌ବେଗ ପ୍ରକାଶ କରୁ ନ ଥିଲି । ସେତେବେଳେ ମୁଁ ଲକ୍ସମବର୍ଗ ଉଦ୍ୟାନର ନିକଟବର୍ତ୍ତୀ ଏକ ସ୍ଥାନରେ ବାସ କରୁଥିଲି ଏବଂ ପ୍ରତିଦିନ

ସନ୍ଧ୍ୟାରେ ସେଠାକୁ ବୁଲି ଯାଉଥିଲି । ସେଠାରେ ଦୁଇଟି ରାସ୍ତା ପରସ୍ପରକୁ ଛେଦ କଲା ପରି ହୋଇଥିଲା ଏବଂ ଅନ୍ତର୍ଗତ ଭାବରେ ନିମଗ୍ନ ହୋଇ ରହିଥିବା ସମୟରେ ସେଠାରେ ରାସ୍ତା ପାର ହେବା ଆଦୌ ସମୀଚୀନ ନ ଥିଲା । ତାହା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନ ଥିଲା । ଏବଂ, ମୁଁ ସେହିପରି ଚାଲି ଯାଉଥିଲି, ହଠାତ୍ ବାଧା ପାଇଲି, ସତେଯେପରି ଗୋଟାଏ ଆଘାତ ପାଇଲି, ସତେଯେପରି ଗୋଟାଏ କ'ଣ ଆସି ମୋ'ଦେହରେ ବାଜିଲା; ଏବଂ ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ପଛଆଡ଼କୁ ଡେଇଁ ପଡ଼ିଲି ଏବଂ, ମୁଁ ପଛକୁ ଡେଇଁପଡ଼ିବା ସଙ୍ଗେସଙ୍ଗେ ଗୋଟିଏ ଟ୍ରାମ୍ ସେହି ବାଟ ଦେଇ ଚାଲିଗଲା । ପ୍ରାୟ ହାତକରୁ କିଞ୍ଚିତ୍ ଅଧିକ ଦୂରରେ ମୁଁ ସେହି ଟ୍ରାମ୍‌ଗାଡ଼ିଟିକୁ ଅନୁଭବ କରି ପାରିଥିଲି । ତାହା ମୋ'ର ରକ୍ଷାମଣ୍ଡଳକୁ ଆସି ଛୁଇଁ ସାରିଥିଲା । ସେତେବେଳେ ସେହି ମଣ୍ଡଳର ପ୍ରଭୂତ ଶକ୍ତି ଥିଲା; ମୁଁ ତ ଗୂଢ଼ବିଦ୍ୟା ମଧ୍ୟରେ ଗଭୀର ଭାବରେ ନିମଗ୍ନ ହୋଇ ରହିଥିଲି ଏବଂ ସେଇଟିକୁ ରଖି ଜାଣିଥିଲି । ସେହି ରକ୍ଷାମଣ୍ଡଳଟି ଉପରେ ଆଘାତ ବାଜିଥିଲା ଏବଂ, ଆକ୍ଷରିକ ଭାବରେ ତାହାହିଁ ମୋତେ ଉଠାଇ ପଛକୁ ଫିଙ୍ଗି ଦେଇଥିଲା; ସତେଯେପରି ମୁଁ ପ୍ରକୃତରେ କୌଣସି ଆଘାତ ପାଇଥିଲି, ସେତେବେଳେ ସେହିପରି ଘଟିଲା । ଏବଂ, ଟ୍ରମ୍‌ର ଚାଳକଠାରୁ କେଡ଼େ ଅପମାନକଥା ଶୁଣିବାକୁ ନ ହେଲା ! ମୁଁ ଏକାବେଳେକେ ଯଥାର୍ଥ ମୁହୂର୍ତ୍ତଟିରେ ପଛକୁ ଡେଇଁ ପଡ଼ିଲି ଏବଂ ଟ୍ରାମ୍ ସେହି ବାଟଦେଇ ଚାଲିଗଲା ।

ଏହିପରି କାହାଣୀ ମୁଁ କୋଡ଼ି କୋଡ଼ି କହିପାରିବି । ମନେପଡ଼ିଲେ କେତେ ନା କେତେ କହିପାରିବି ।

ବିଭିନ୍ନ ନାନା ଉତ୍ସରୁ ଏହି ରକ୍ଷାଟି ଉପଲବ୍ଧ ହୋଇପାରେ । ଅଧିକାଂଶ ସମୟରେ କେହି ଜଣେ ଆସି ମୋତେ ସମ୍ବାଦ ଦେଇ ଯାଉଥିଲା । ହୁଏତ ଏକ କ୍ଷୁଦ୍ର ସତ୍ତା, କୌଣସି ଏକ ପ୍ରକାରର ଗୋଟିଏ ସତ୍ତା; ବେଳେବେଳେ ରକ୍ଷାମଣ୍ଡଳଟିହିଁ ମୋତେ ରକ୍ଷା କରୁଥିଲା । ଏବଂ, ଯାବତୀୟ ପ୍ରକାରର କଥାରେ ସେହି ସୁରକ୍ଷା ମିଳି ଯାଉଥିଲା । ଅର୍ଥାତ୍, ମୋ' ଜୀବନ ଖୁବ୍ କ୍ୱଚିତ୍ ଏହି ଭୌତିକ ଶରୀର ମଧ୍ୟରେ ସୀମାବଦ୍ଧ ହୋଇ ରହୁଥିଲା— ଏହା ପ୍ରକୃତରେ ଭାରି ସୁବିଧାଜନକ, ଭାରି ଭଲ । ଏହା ଆବଶ୍ୟକ, ଏହା ତୁମର ଶକ୍ତିକୁ ବଢ଼ାଇଦିଏ । ମୋତେ ଗୂଢ଼ବିଦ୍ୟାର ଶିକ୍ଷା ଦେଇଥିବା ବ୍ୟକ୍ତି ମୋତେ ସିଧା ଏହି କଥାଟିକୁ କହିଥିଲେ : "**ଅତି ସାଧାରଣ ଜୀବନ ସକାଶେ ମଧ୍ୟ** ଯେଉଁସବୁ ଇନ୍ଦ୍ରିୟର ଏକାନ୍ତ ପ୍ରୟୋଜନ ରହିଛି, ତୁମେ ନିଜକୁ ସେଗୁଡ଼ିକରୁ ବଞ୍ଚିତ କରି ରଖୁଛ ।" ଏବଂ, ଏହା ଏକ ସତ କଥା, ଏକାନ୍ତ ସତ କଥା । କେବଳ ନିଜ ଇନ୍ଦ୍ରିୟଗୁଡ଼ିକୁ କାମରେ ଲଗାଇହିଁ ଆମେ ସାଧାରଣତଃ ଯେତିକି ଜାଣୁଛୁ, ତା'ଠାରୁ ଅନନ୍ତ ଗୁଣରେ ଅନେକ ଅଧିକ କଥା

ଜାଣିପାରିବା । କେବଳ ମାନସିକ ଦୃଷ୍ଟିକୋଣରୁ ନୁହେଁ, ମାତ୍ର ପ୍ରାଣଗତ ଏବଂ ଭୌତିକ ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ ଅନେକ ଅଧିକ କଥା ଜାଣିପାରିବା ।

*ମାତ୍ର ତାହାର ପ୍ରଣାଳୀ ?*

ପ୍ରଣାଳୀ ଭାରି ସହଜ । ଏଥିଲାଗି କେତୋଟି ଶୃଙ୍ଖଳା ରହିଛି । ତୁମେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛ, ଏହା ତାହାରି ଉପରେ ନିର୍ଭର କରେ ।

ହଁ, ତାହାରି ଉପରେ ନିର୍ଭର କରେ । ପ୍ରତ୍ୟେକ କଥା ଲାଗି ଗୋଟିଏ ଗୋଟିଏ ଶୃଙ୍ଖଳା ରହିଛି । ସର୍ବପ୍ରଥମ ପ୍ରଣାଳୀ ହେଉଛି ଇଚ୍ଛା କରିବା, ଆରମ୍ଭ କରିବା, ଅର୍ଥାତ୍, ଏକ ନିଷ୍ପତ୍ତି ଗ୍ରହଣ କରିବା । ତା'ପରେ ଏହି ଯାବତୀୟ ଇନ୍ଦ୍ରିୟ ଗୁଡ଼ିକ ବିଷୟରେ ଓ ସେମାନେ କିପରି କାର୍ଯ୍ୟ କରନ୍ତି, ତାହା ବିଷୟରେ ତୁମକୁ ଏକ ବର୍ଣ୍ଣନା ଦିଆଯିବ । ସେଥିଲାଗି କିଛି ସମୟ ଦରକାର ହୁଏ । ତୁମେ ଗୋଟିଏ ଅଥବା ଏକାଧିକ ଇନ୍ଦ୍ରିୟରୁ କାର୍ଯ୍ୟ ଆରମ୍ଭ କର; ବା, ତୁମ ଲାଗି ଯେଉଁଟିରୁ ଆରମ୍ଭ କରିବା ସବୁଠାରୁ ଅଧିକ ସହଜ, ସେଇଟିରୁ ଆରମ୍ଭ କରିଥାଅ । ତା'ପରେ ଶୃଙ୍ଖଳାଟିର ପାଳନ କରିବାକୁ ହୁଏ । ଏହା ହେଉଛି, ମାଂସପେଶୀ ଗୁଡ଼ିକର ବିକାଶ ସକାଶେ ବ୍ୟାୟାମ କରିବା ପରି ଏକ ଶୃଙ୍ଖଳା । ଏହାଦ୍ୱାରା ତୁମେ ନିଜ ଭିତରେ ଏକ ଇଚ୍ଛାଶକ୍ତି ସୃଷ୍ଟି କରିବାରେ ବି ସଫଳ ହୋଇଥାଅ ।

ମାତ୍ର, ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ବସ୍ତୁଗୁଡ଼ିକର କ୍ଷେତ୍ରରେ, ତୁମେ ଯାହା ଇଚ୍ଛା କରୁଛ, ଆପଣା ଲାଗି ତାହାରି ଏକ ପ୍ରତିରୂପ ତିଆରି କରିବା ହେଉଛି ଉପଯୁକ୍ତ ପ୍ରଣାଳୀ । ସେଥିରେ ତଦନୁରୂପ ସ୍ପନ୍ଦନଟିର ସଂପର୍କରେ ଆସିବାକୁ ହୋଇଥାଏ, ତା'ପରେ ଅଭିନିବେଶର ଅଭ୍ୟାସ କରିବାକୁ ହୁଏ ଏବଂ ବ୍ୟାୟାମଗୁଡ଼ିକୁ କରାଯାଏ;— ଉଦାହରଣ ସ୍ୱରୂପ କୌଣସି ଗୋଟିଏ ବସ୍ତୁର ମାଧ୍ୟମରେ ଦେଖିବାର ବା କୌଣସି ଏକ ଶବ୍ଦର ମାଧ୍ୟମରେ ଶୁଣିବାର ଅଭ୍ୟାସ କରାଯାଏ*, ବା ବହୁ ଦୂରରୁ ଦେଖିବାର ଅଭ୍ୟାସ ବି

---

* ମାଆ ପରେ ବୁଝାଇ କହିଥିଲେ : ''ଶବ୍ଦଟିର ପଛରେ ରହି ଶୁଣିବାର ଅର୍ଥ ହେଉଛି ଭୌତିକ ଘଟଣାଟିର, ଶବ୍ଦଟିର ପଛରେ ଥିବା ବା ବାହ୍ୟଶବ୍ଦଟିର ପଛରେ ଥିବା,— ଉଦାହରଣ ସ୍ୱରୂପ ସଙ୍ଗୀତର ପଛରେ ରହିଥିବା ସୂକ୍ଷ୍ମ ବସ୍ତୁସତ୍ୟଟିର ସମ୍ପର୍କରେ ଆସିବା । ଅଭିନିବେଶ ଦ୍ୱାରା ପଛରେ ରହିଥିବା ଶବ୍ଦକୁ ଶୁଣିବା ସମ୍ଭବ ହୋଇଥାଏ । ଏହାର ଅର୍ଥ ହେଉଛି, ଏହି ପ୍ରତିଭାସ ଗୁଡ଼ିକର ପଶ୍ଚାତରେ ଯେଉଁ ପ୍ରାଣଗତ ସତ୍ୟଟି ବିଦ୍ୟମାନ ରହିଛି, ଆମେ ତାହାରି ସମ୍ପର୍କରେ ଆସିଥାଉ । ଏହି କ୍ଷେତ୍ରରେ ଏକ ମନଃକ୍ଷେତ୍ରୀୟ ବସ୍ତୁସତ୍ୟ ମଧ୍ୟ ଥାଇପାରେ; ମାତ୍ର ସାଧାରଣତଃ, ଯାହା ବାହ୍ୟ ଶବ୍ଦଟିର ଠିକ୍ ପଛରେ ଅବସ୍ଥିତ ରହିଥାଏ, ତାହା ହେଉଛି ଏକ ପ୍ରାଣିକ ବସ୍ତୁସତ୍ୟ ।''

କରାଯାଏ । ଉଦାହରଣ ସ୍ୱରୂପ, ଦୀର୍ଘକାଳ ଧରି, ପ୍ରାୟ ଏକାଧିକ ମାସ ପର୍ଯ୍ୟନ୍ତ ମୁଁ ଏକଦା ଶଯ୍ୟାଶାୟୀ ହୋଇ ରହିଥିଲି ଏବଂ ତାହା ମୋତେ ଭାରି ବିରକ୍ତିକର ବୋଧ ହେଉଥିଲା । ମୁଁ ଦେଖିବାକୁ ଇଚ୍ଛା କରୁଥିଲି । ମୁଁ ଗୋଟିଏ ବଖରା ଭିତରେ ଶୋଇ ରହିଥାଏ ଓ ତା'ର ଗୋଟିଏ ପାଖକୁ ଆଉ ଗୋଟିଏ ସାନ ବଖରା ବି ଥାଏ; ସାନ ବଖରାଟିର ଶେଷକୁ ଗୋଟିଏ ସେତୁ ପରି କ'ଣ ରହିଥାଏ । ବଗିଚା ମଝି ପର୍ଯ୍ୟନ୍ତ ଯାଇ ସେତୁଟି ଏକ ଶିଡ଼ିରେ ପରିଣତ ହୋଇ ଯାଇଥାଏ, ଯେଉଁଥିରେ ଓହ୍ଲାଇ ତଳକୁ ଚାଲିଗଲେ ତୁମେ ଏକ ଅତି ବୃହତ୍ ଓ ଅତୀବ ସୁନ୍ଦର ଷ୍ଟୁଡିଓ ଭିତରେ ଯାଇ ପହଞ୍ଚିବ । ଷ୍ଟୁଡିଓଟି ଏକାବେଳେକେ ବଗିଚାର ମଝିରେହିଁ ରହିଥିଲା । ସେହି ଷ୍ଟୁଡିଓ ଭିତରେ କ'ଣସବୁ ହେଉଛି, ମୁଁ ସେଠାକୁ ଯାଇ ସେକଥା ଦେଖିବାକୁ ଇଚ୍ଛା କରୁଥିଲି, କାରଣ ମୋ' ନିଜ ବଖରାଟି ଭିତରେ ମୁଁ ବଡ଼ ବିରକ୍ତିକର ଅନୁଭବ କରୁଥିଲି । ତେଣୁ ମୁଁ ଅତ୍ୟନ୍ତ ନୀରବ ହୋଇ ରହୁଥିଲି, ଆଖି ବନ୍ଦ କରି ରଖୁଥିଲି ଏବଂ କ୍ରମଶଃ, ଅତ୍ୟନ୍ତ ଧୀରେ ଧୀରେ ମୋ'ର ଚେତନାକୁ ବାହାର ଆଡ଼କୁ ପ୍ରେରଣ କରୁଥିଲି । ଏହିପରି କେତେଦିନ ପର୍ଯ୍ୟନ୍ତ କରୁଥିଲି, ଏକ ନିର୍ଦ୍ଦିଷ୍ଟ ସମୟ ବାଛି ପ୍ରତ୍ୟହ ନିୟମିତ ଭାବରେ ତାହା କରୁଥିଲି । ଏହି କ୍ଷେତ୍ରରେ ପ୍ରଥମେ ଆପଣାର କଳ୍ପନାଶକ୍ତିକୁ କାମରେ ଲଗାଇବାକୁ ହୁଏ ଏବଂ ତା'ପରେ ତାହା ସତକୁସତ ଘଟିବାକୁ ଆରମ୍ଭ କରେ । କେତେ ସମୟ ପରେ ମୋତେ ପ୍ରକୃତରେ ବୋଧ ହେବାକୁ ଲାଗୁଥିଲା ଯେ ମୋ'ର ଦୃଷ୍ଟି ଆଗକୁ ଆଗକୁ ଯିବାରେ ଲାଗୁଛି । ମୁଁ ତାହାର ପଛେପଛେ ଯାଉଛି ଏବଂ ତଳେ ରହିଥିବା ଯେଉଁସବୁ ଜିନିଷ ବିଷୟରେ ମୁଁ ଆଦୌ କିଛି ଜାଣି ନ ଥିଲି, ମୁଁ ସେଗୁଡ଼ିକୁ ଦେଖିବାକୁ ପାଉଛି । ପରେ ସତକି ମିଛ ମିଳାଇ ଦେଖୁଥିଲି । ସନ୍ଧ୍ୟାବେଳେ ପଚାରି ବୁଝୁଥିଲି, ''ଏହା ପ୍ରକୃତରେ ସେହିପରି ଥିଲା କି ? ତାହା ପ୍ରକୃତରେ ଏହିପରି ଥିଲା କି ?''

ମାତ୍ର ଏହି ପ୍ରତ୍ୟେକଟି ବସ୍ତୁ ସକାଶେ ତୁମକୁ ଧୈର୍ଯ୍ୟର ସହିତ ମାସ ମାସ ଅଭ୍ୟାସ କରିବାକୁ ପଡ଼ିବ, ଏକପ୍ରକାରର ଅପ୍ରତିହତ ଇଚ୍ଛା ସହିତ ତାହା କରିବାକୁ ପଡ଼ିବ । ଇନ୍ଦ୍ରିୟଗୁଡ଼ିକୁ ଗୋଟିଗୋଟି କରି,— କାନ, ଆଖି, ଏହିପରି— ବ୍ୟବହାର କରିବାକୁ ପଡ଼ିବ ଏବଂ ସେହି ପ୍ରଣାଳୀରେ ତୁମେ ସ୍ୱାଦ, ଗନ୍ଧ ଓ ସ୍ପର୍ଶର କ୍ଷେତ୍ରରେ ରହିଥିବା ସୂକ୍ଷ୍ମ ସତ୍ୟଗୁଡ଼ିକରେବି ଯାଇ ଉପନୀତ ହୋଇ ପାରିବ ।

ମାନସିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ଅପେକ୍ଷାକୃତ ଅଧିକ ସହଜ, କାରଣ ସେହି କ୍ଷେତ୍ରରେ ତୁମେ ଅଭିନିବେଶ ବିଷୟରେ ସୁ-ଅଭ୍ୟସ୍ତ ହୋଇ ରହିଥାଅ । ତୁମେ ଯେତେବେଳେ ଚିନ୍ତା କରି ଏକ ସମାଧାନରେ ପହଞ୍ଚିବାକୁ ଇଚ୍ଛା କର, ସେତେବେଳେ ଭାବନାଗତ ନାନା ନିଗମନର ପନ୍ଥା ଗ୍ରହଣ ନ କରି ତୁମେ ସବୁକିଛିକୁ ସ୍ଥଗିତ କରି ରଖ, ଅଭିନିବିଷ୍ଟ ହୋଇ ରହିବାକୁ ଚେଷ୍ଟା କର, ସମସ୍ୟାର ସେହି ବିନ୍ଦୁଟିକୁ

ପ୍ରଗାଢ଼ କରିଆଣ । ଏହିପରି ଭାବରେ ତୁମକୁ ଏକ ଉତ୍ତର ମିଳିଯାଏ । ଏଥିପାଇଁ ମଧ୍ୟ କିଛି ସମୟ ଅବଶ୍ୟ ଲାଗେ । ମାତ୍ର ଯଦି ତୁମେ ଜଣେ ଉତ୍ତମ ଛାତ୍ର ପରି ଏହା କରିବାରେ ଅଭ୍ୟସ୍ତ ରହିଥାଅ, ତେବେ ବେଶ୍ ସୁପରିଚିତ ଭାବରେ ତାହା ସାଧନ କର ଏବଂ ତେଣୁ ତୁମଲାଗି ତାହା ଆଦୌ ଖୁବ୍‌ବେଶୀ କଷ୍ଟକର ହୁଏ ନାହିଁ ।

ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ଗୋଟିଏ ପ୍ରକାରେ ସଂପ୍ରସାରିତ ବି କରି ଦିଆ ଯାଇପାରେ । ଉଦାହରଣ ସ୍ୱରୂପ, ଲୋହିତ ଭାରତୀୟ ମାନଙ୍କର ଆମଠାରୁ ଅନେକ ଅଧିକ ଦୂରକୁ ପ୍ରସାରିତ ହୋଇ ପାରୁଥିବା ଏକ ପ୍ରବଣ ଏବଂ ଘ୍ରାଣଶକ୍ତି ରହିଛି । ଆଉ କୁକୁରମାନଙ୍କର ? ମୁଁ ଜଣେ ଭାରତବାସୀଙ୍କୁ ଜାଣିଥିଲି— ମୋତେ ଆଠ ଦଶବର୍ଷ ହୋଇଥିଲା ବେଳେ ସିଏ ମୋ'ର ଜଣେ ବନ୍ଧୁ ଥିଲେ । ସିଏ ସର୍କସ୍-ଯାତ୍ରା ସମୟରେ ବଫାଲୋବିଲ୍ ସଙ୍ଗରେ ଏଠାକୁ ଆସିଥିଲେ । ଏହା ଅନେକ ବର୍ଷ ପୂର୍ବର କଥା,— ସେତେବେଳେ ମୋତେ ମୋଟେ ଆଠ ବର୍ଷ । ସିଏ ମାଟିରେ ଆପଣାର କାନକୁ ଲଗାଇଦେଇ ଶବ୍ଦ ଶୁଣୁଥିଲେ ଏବଂ ଏତେ ବିଚକ୍ଷଣ ଥିଲେ ଯେ,— ସ୍ପନ୍ଦନର ପ୍ରଗାଢ଼ତା ଅନୁସାରେ, ଜଣେ ବ୍ୟକ୍ତି ପ୍ରକୃତରେ କେତେ ଦୂରରେ ପାଦ ପକାଇ କୁଆଡ଼େ ଯାଉଛି, ସେକଥା ଜାଣି ପାରୁଥିଲେ । ତା'ପରେ ସେଠାରେ ଉପସ୍ଥିତ ଥିବା ପିଲାମାନେ ସଙ୍ଗେସଙ୍ଗେ କହି ଉଠୁଥିଲେ, ''ଆମେ ସେପରି କରି ଜାଣିଥାନ୍ତୁ କି !''

ତେଣୁ, ତୁମେ ଚେଷ୍ଟା କର । ଏହିପରି ଭାବରେହିଁ ତୁମର ପ୍ରସ୍ତୁତି ଆରମ୍ଭ ହେବ । ତୁମକୁ ସତେଅବା କୌଣସି ଖେଳ ଖେଳୁଥିବା ପରି ଲାଗୁଥିବ, ମାତ୍ର ତୁମେ ପ୍ରକୃତରେ ପରବର୍ତ୍ତୀ ସୋପାନଟି ଲାଗି ନିଜକୁ ପ୍ରସ୍ତୁତ କରୁଥିବ ।

୨୭ ଫେବ୍ରୁଆରି, ୧୯୬୨

**୭୩. ଯେତେବେଳେ ଯଥାର୍ଥ ଜ୍ଞାନର ଉଦୟ ହୁଏ, ସେତେବେଳେ ତାହାର ସର୍ବପ୍ରଥମ ଶିକ୍ଷା ହେଉଛି : ''ପ୍ରକୃତରେ ଜ୍ଞାନ ବୋଲି ଆଦୌ କିଛି ନାହିଁ; ଯାହାକିଛି ଜ୍ଞାନ ବୋଲି ପ୍ରତୀତ ହୁଏ, ସେଗୁଡ଼ିକ ହେଉଛନ୍ତି ସେହି ଅନନ୍ତ ପରମଦେବତାଙ୍କର ଗୋଟିଏ ଗୋଟିଏ ପ୍ରାୟାନୁମାନ ମାତ୍ର ।''**

ଏହା ଏକ ଅତ୍ୟନ୍ତ ଉତ୍ତମ ସୂତ୍ର ।

ଏଥିରେ ଆଉ ପ୍ରଶ୍ନ କରିବାର କୌଣସି ଆବଶ୍ୟକତା ନାହିଁ ।

**୭୪. ବ୍ୟାବହାରିକ ଜ୍ଞାନ ହେଉଛି ଏକ ଭିନ୍ନ ବସ୍ତୁ; ତାହାର ବାସ୍ତବିକତା ରହିଥାଏ ଓ ତାହା ଆମର କାର୍ଯ୍ୟରେ ଲାଗେ ସତ, ମାତ୍ର ତାହାକୁ**

**କଦାପି ପରିପୂର୍ଣ୍ଣ ଜ୍ଞାନ ବୋଲି କୁହାଯିବ ନାହିଁ । ତେଣୁ, ତାହାକୁ ଏକ ନିର୍ଦ୍ଦିଷ୍ଟ ବିଧି ଅନୁସାରେ ଶ୍ରେଣୀବଦ୍ଧ କରି ରଖିବାର ପ୍ରୟୋଜନ ରହିଛି ସତ, ମାତ୍ର ତାହା ଘାତକ ପରି କାର୍ଯ୍ୟ କରିଥାଏ ।**

**୭୫. ଆମକୁ ଯାବତୀୟ କଥାକୁ ଅବଶ୍ୟ ବିଧିବଦ୍ଧ ଭାବରେ ଧାରାଭିତରେ ଆଣି ପକାଇବାକୁ ହେବ ସତ, ମାତ୍ର ସେହି ବିଧି ଓ ଧାରାକୁ ତିଆରି କରି ତାହାର ଅନୁସରଣ କରୁଥିବା ସମୟରେ ମଧ ଆମକୁ ଏହି ସତ୍ୟଟି ଉପରେ ଅତ୍ୟନ୍ତ ଦୃଢ଼ ଭାବରେ ପ୍ରତିଷ୍ଠିତ ରହିବାକୁ ପଡ଼ିବ ଯେ, ଯାବତୀୟ ବିଧି ଓ ଧାରା ସ୍ୱଭାବତଃ କେବଳ ଅସ୍ଥାୟୀ ଏବଂ ଅସଂପୂର୍ଣ୍ଣ ହେବାକୁ ହିଁ ବାଧ ହେବେ ।**

ମୁଁ ଏହି କଥାଟିକୁ ଅନେକ, ଅନେକ ସମୟରେ ଲକ୍ଷ୍ୟ କରି ଦେଖିଛି । ମୁଁ ଏକଦା ଚିନ୍ତା କରୁଥିଲି ଯେ, ଏହି ଅଜ୍ଞାନାଚ୍ଛନ୍ନ ଜଗତରେ ପ୍ରକୃତରେ ସମୁଦାୟ କ୍ରିୟାଶୀଳତା ବିଷୟରେ ଆମେ ଯାହାକିଛି ଜାଣୁଛୁ, ଯଦି ତାହାରି ବିଷୟରେ ଆମର ଏକ ସଂପୂର୍ଣ୍ଣ ଓ ନିର୍ଭୁଲ ଜ୍ଞାନ-ଲାଭ ସମ୍ଭବ ହୋଇପାରନ୍ତା, ତେବେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟର ପୁନରାବିଷ୍କାର ତଥା ପୁନରୁପଲବ୍ଧି ଲାଗି ତାହା ହୁଏତ ଏକ ମାର୍ଗ ରୂପେ କାର୍ଯ୍ୟ କରିପାରନ୍ତା । ମାତ୍ର, ଏବେ ହୋଇଥିବା ମୋର ଅନୁଭୂତିଟିକୁ* ଲାଭ କରିବା ପରେ ମୁଁ ଆଉ ସେପରି ଚିନ୍ତା କରିପାରୁ ନାହିଁ ।

ମୋ'ର କଥାଗୁଡ଼ିକୁ ମୁଁ ସ୍ପଷ୍ଟ କରି କହିପାରୁଛି କି ନାହିଁ କେଜାଣି ? ଏପରି ଏକ ସମୟ ଥିଲା,– ଦୀର୍ଘକାଳଧରି– ମୁଁ ଭାବୁଥିଲି ଯେ, ଜଡ଼ବିଜ୍ଞାନ ମଧରେ ନିହିତ ସଂପୂର୍ଣ୍ଣ ଗୁଣବତ୍ତାକୁ ଉପଲବ୍ଧି କରାହୋଇ ଥା'ନ୍ତା,– ଏକାବେଳେକେ ସଂପୂର୍ଣ୍ଣ ଭାବରେ,– ଯଦି ତାହା ସମ୍ଭବ ହୋଇଥାନ୍ତା, ତେବେ ତାହା ଅବଶ୍ୟ ଯଥାର୍ଥ ପରମଜ୍ଞାନରେ ଯାଇ ଉପନୀତ ହୋଇପାରିଥାନ୍ତା । ଉଦାହରଣ ସ୍ୱରୂପ, ବସ୍ତୁର ଗଠନ ବିଷୟରେ ବିଜ୍ଞାନ ଯେଉଁ ଅଧ୍ୟୟନ କରୁଛି, ସେହି ଅଧ୍ୟୟନର ମାର୍ଗରେ ଆପଣାର ଅନ୍ୱେଷଣ ଏବଂ ଅନୁସନ୍ଧାନଗୁଡ଼ିକୁ ଅଧିକରୁ ଅଧିକ ଆଗକୁ ଆଗକୁ ପରିଚାଳିତ କରି ନେଇ ଶେଷରେ ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କି ଉଭୟେ ପରସ୍ପର ସହିତ ଆସି ସମ୍ମିଳିତ ହୋଇଯିବେ । ମାତ୍ର, ଯେତେବେଳେ ମୁଁ ଚିରନ୍ତନ ପରମ ଋତ-ଚିତ୍‌ର ସ୍ତରରୁ ବ୍ୟକ୍ତିରୂପ ଧାରଣ କରିଥିବା ଏହି ଜଗତର ଚେତନାଭୂମିକୁ ଅତିକ୍ରମ କରିଆସିଲି,

---

*୧୩ ଏପ୍ରିଲ, ୧୯୬୨ ରେ ହୋଇଥିବା ଏକ ନିର୍ଦ୍ଦିଷ୍ଟ ଯୋଗଲବ୍ଧ ଅନୁଭୂତି ।

ସେତେବେଳେ, ଏହା ଯେ କଦାପି ସମ୍ଭବ ନୁହେଁ, ମୋ'ଆଗରେ ସେହି କଥାଟି ସ୍ପଷ୍ଟ ହୋଇଯାଇଥିଲା । ଏବଂ, ଯଦି ତୁମେ ମୋତେ ବର୍ତ୍ତମାନ ସେହି କଥାଟିକୁ ପଚାରିବ, ତେବେ ମୁଁ କହିବି ଯେ, ଏହି ଦୁଇଟିଯାକ କଥା,— ବିଜ୍ଞାନକୁ ତାହାର ସମ୍ଭାବ୍ୟ ଚୂଡ଼ାନ୍ତ ସୀମାଯାଏ ବିକଶିତ କରି ନେଇ ଏକ ସମ୍ମିଳନରେ ଉପନୀତ ହେବାର ସମ୍ଭାବନା ଏବଂ ଏହି ଭୌତିକ ଜଗତ ସହିତ କୌଣସି ପ୍ରକାର ଯଥାର୍ଥ ସଚେତନ ଯୋଗସୂତ୍ର ସ୍ଥାପନ କରିବାର ଅସମ୍ଭାବନା,— ଏହି ଦୁଇଟିଯାକ ସମାନ ଭାବରେ ଗୋଟିଏ ଗୋଟିଏ ଭୁଲ୍ କଥା । ଏହି କ୍ଷେତ୍ରରେ ଆଉଗୋଟିଏ ଅନ୍ୟ ବିଷୟ ମଧ୍ୟ ରହିଛି ।

ଏବଂ, ଏହି ବିଗତ ଅଳ୍ପ କେତେ ଦିନ ଧରି, ଅଧିକରୁ ଅଧିକ ପରିମାଣରେ, ମୁଁ ସେହି ସମଗ୍ର ସମସ୍ୟାଟିର ସମ୍ମୁଖୀନ ହେବାରେ ଲାଗିଛି, ସତେଯେପରି ମୁଁ ଆଗରୁ ସେଇଟିକୁ ଆଉ ଦେଖି ବି ପାରି ନ ଥିଲି ।

ଆମେ ସମ୍ଭବତଃ ସେହି ଉଭୟକୁ ଏପରି ଦୁଇଟି ମାର୍ଗ ବୋଲି ଅନୁମାନ କରିପାରିବା ଯାହାକି ଆମକୁ ଏକ ତୃତୀୟ ବିନ୍ଦୁକୁ ପରିଚାଳିତ କରି ନେଉଛନ୍ତି ଏବଂ, ସମ୍ଭବତଃ ଠିକ୍ ଏହି ମୁହୂର୍ତ୍ତଟିରେ ମୁଁ ସେହି ତୃତୀୟ ବିନ୍ଦୁଟି ବିଷୟରେ ଆଦୌ ଅଧ୍ୟୟନ କରୁ ନାହିଁ; ମାତ୍ର, ଏହି ଦୁଇଟିଯାକ କେଉଁଠାରେ ସେହି ତୃତୀୟ ବିନ୍ଦୁଟି ସହିତ ମିଳିତ ହୋଇଛନ୍ତି, ମୁଁ ତାହାରି ଆବିଷ୍କାର କରିବାରେ ଲାଗିଛି । ସେହି ତୃତୀୟ ବିନ୍ଦୁଟିକୁହିଁ ଯଥାର୍ଥ ପରମବସ୍ତୁ ବୋଲି କୁହାଯିବ ।

ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ବିଷୟନିଷ୍ଠ ବୈଜ୍ଞାନିକ ଜ୍ଞାନକୁ ତାହାର ଚୂଡ଼ାନ୍ତ ସୀମାଯାଏ ଅନୁଧାବନ କରାଯାଇ ପାରିବ, ଯଦି ତାହା ସଂପୂର୍ଣ୍ଣ ଭାବରେ ଏକ ସଂପୂର୍ଣ୍ଣ ଅନୁଧାବନରେ ପରିଣତ ହୋଇପାରିବ, ତେବେ ତାହା ଆମକୁ ଅନ୍ତତଃ ଦ୍ୱାରଦେଶ ପର୍ଯ୍ୟନ୍ତ ପରିଚାଳିତ କରିନେଇ ପାରିବ । ଶ୍ରୀଅରବିନ୍ଦ ସେହି କଥାଟିକୁ କହିଛନ୍ତି । ସିଏ କେବଳ ଏତିକି କହୁଛନ୍ତି ଯେ ତାହା ଘାତକ ପରି କାର୍ଯ୍ୟ କରିବ, କାରଣ ଯେଉଁ ବ୍ୟକ୍ତିମାନେ ସେହି ଜ୍ଞାନକୁ ଲାଭ କରିବାରେ ନିଜକୁ ଉତ୍ସୃଷ୍ଟ କରି ରଖିଛନ୍ତି, ସେମାନେ ସମସ୍ତେ ତାହାକୁ ଏକ ସଂପୂର୍ଣ୍ଣ ଜ୍ଞାନବତ୍ ବିଶ୍ୱାସ କରିଛନ୍ତି, ଏବଂ ତାହାହିଁ ସେମାନଙ୍କ ଲାଗି ଅନ୍ୟ ମାର୍ଗଟି ନିମନ୍ତେ ସେମାନଙ୍କର ଦ୍ୱାରଟିକୁ ବନ୍ଦ କରି ଦେଇଛି । ସେହି କାରଣରୁ ତାହା ଘାତକ ପରି କାର୍ଯ୍ୟ କରିଥାଏ ।

ମାତ୍ର, ନିଜର ବ୍ୟକ୍ତିଗତ ଅନୁଭୂତିରୁ ମୁଁ ହୁଏତ କହିବି ଯେ, ଯେଉଁ ବ୍ୟକ୍ତିମାନେ **ସଂପୂର୍ଣ୍ଣ ଭାବରେ କେବଳ** ଏକ ଆଧ୍ୟାତ୍ମିକ ମାର୍ଗରେ ବିଶ୍ୱାସ କରନ୍ତି, ଅର୍ଥାତ୍ କେବଳ ଅନ୍ତର୍ଗତ ଅନୁଭୂତିକୁ ମାଧ୍ୟମରୂପେ ବ୍ୟବହାର କରୁଥିବା ମାର୍ଗଟି ଉପରେ ବିଶ୍ୱାସ କରନ୍ତି, ଅନ୍ତତଃ ଯଦି ତାହା ସ୍ୱୟଂ ଏକମାତ୍ର ମାର୍ଗ ବୋଲି ବିଶ୍ୱାସ କରୁଥାଏ, ତେବେ ସେଇଟି

ମଧ୍ୟ ଘାତକ ପରି କାର୍ଯ୍ୟ କରେ । କାରଣ ତାହା ସେମାନଙ୍କୁ ପରମ ସମଗ୍ରଟିର କେବଳ **ଗୋଟିଏ** ବିଭାବ ଓ **ଗୋଟିଏ** ସତ୍ୟରହିଁ ପରିଚୟ ଆଣି ଦେଇଥାଏ । କଦାପି ସଂପୂର୍ଣ୍ଣ ସମଗ୍ରଟିର ପରିଚୟ ଦିଏ ନାହିଁ । ମୁଁ ଅପର ବିଭାବଟିକୁ ମଧ୍ୟ ସମାନ ଭାବରେ ଅପରିହାର୍ଯ୍ୟ ବୋଲି ମନେ କରୁଛି; ଏହି କଥାଟିକୁ ମୁଁ ଏହିପରି ଅର୍ଥରେ କହୁଛି ଯେ ଯେତେବେଳେ ମୁଁ ସେହି ସର୍ବୋଚ୍ଚ ପରମ ଉପଲବ୍ଧିଟି ମଧ୍ୟରେ ଏହିପରି ସଂପୂର୍ଣ୍ଣ ଭାବରେ ନିମଗ୍ନ ହୋଇ ରହିଥିଲି, ସେତେବେଳେ ଏହି କଥାଟି ମୋ' ଆଗରେ ସଂପୂର୍ଣ୍ଣ ନିର୍ବିବାଦ ଭାବରେ ସ୍ପଷ୍ଟ ହୋଇ ଯାଇଥିଲା ଯେ, ସେହି ଅନ୍ୟ ଉପଲବ୍ଧିଟି ମଧ୍ୟ,— ଯାହାକୁ ଆମେ ବାହ୍ୟ ଓ ମାୟାମୟ ବୋଲି କହିଥାଉ, ତାହା ହେଉଛି କେବଳ ଏକ ବିକୃତି ମାତ୍ର,— ହୁଏତ ଅତି ଆକସ୍ମିକ ଭାବରେ ତାହା ଏପରି ବିକୃତ ହୋଇ ରହିଛି,— ସେହି ଅନ୍ୟଟି ପରି ଏଇଟି ମଧ୍ୟ **ସମାନ ଭାବରେ** ସତ୍ୟ ହୋଇ ରହିଥିଲା ଓ ବର୍ତ୍ତମାନ ବିକୃତ ହୋଇ ଯାଇଛି ।

ଆମେ ବର୍ତ୍ତମାନ ଏହି ''ଏଇଟି''ରହିଁ ଅନ୍ୱେଷଣ କରିବାରେ ଲାଗିଛୁ— କେବଳ ଯେ ଅନ୍ୱେଷଣ କରୁଛୁ ତା' ନୁହେଁ, ଆମେ ସେଇଟିକୁ **ନିର୍ମାଣ କରି** ଆଣୁଛୁ ।

''ତାହାରି'' ରୂପାୟଣରେ ଆମେ ଯେପରି ଅଂଶଗ୍ରହଣ କରି ପାରିବୁ, ବର୍ତ୍ତମାନ ଆମକୁ ସେଇଥି ସକାଶେହିଁ ବ୍ୟବହାର କରାଯାଉଛି । ''ତାହା'' ବର୍ତ୍ତମାନ ପ୍ରତ୍ୟେକଙ୍କ ପାଖରେ ତଥାପି ଅବୋଧ୍ୟ ଓ ଅକଳ୍ପ୍ୟ ହୋଇ ରହିଛି, କାରଣ ଏପର୍ଯ୍ୟନ୍ତ ତାହାର ଅବସ୍ଥାପନ ହୋଇ ନାହିଁ । ଏହି ଅଭିବ୍ୟକ୍ତିଟି ଆସିବାକୁ ତଥାପି ବାକି ରହିଛି ।

ଏହି ବିଷୟରେ ମୁଁ କେବଳ ଏତିକି କହିପାରିବି ।

(ମାଆ ନୀରବ ରହିଲେ)

ମୁଁ ବର୍ତ୍ତମାନ ପ୍ରକୃତରେ ଚେତନାର ଏହି ସ୍ଥିତିଟିରେହିଁ ବାସ କରୁଛି । ସତେଯେପରି ମୁଁ ଏହି ଚିରନ୍ତନ ସମସ୍ୟାଟିର ସମ୍ମୁଖୀନ ହୋଇ ରହିଛି । ଅବଶ୍ୟ **ଏକ ଅନ୍ୟ ଦୃଷ୍ଟିକୋଣରୁ** ଏହାର ସମ୍ମୁଖୀନ ହେଉଛି ।

ଏହିସବୁ ଦୃଷ୍ଟିକୋଣ,— ତାହାକୁ ହୁଏତ ଆଧ୍ୟାତ୍ମିକ ଏବଂ ''ଜଡ଼ବାଦୀ'' ଏହିପରି ଦୁଇଟି ଦୃଷ୍ଟିକୋଣ ବୋଲି କୁହାଯାଇ ପାରିବ । ଅନେକ ବ୍ୟକ୍ତି ଏହି ଦୁଇ ଦୃଷ୍ଟିକୋଣକୁ ପରସ୍ପରଠାରୁ ସଂପୂର୍ଣ୍ଣ ପୃଥକ୍ ହୋଇ ରହିଥିବା ପରି ଭାବନ୍ତି, ଏମାନେ ଅନନ୍ୟ ଭାବରେ ପରସ୍ପରଠାରୁ ଅଲଗା ହୋଇ ରହିଛନ୍ତି ବୋଲି ଭାବନ୍ତି— ସେମାନେ ଭାବନ୍ତି, ଗୋଟିକୁ ସ୍ୱୀକାର କଲେ ଅନ୍ୟଟିର ମୂଲ୍ୟକୁ ଅସ୍ୱୀକାର କରିବାକୁହିଁ ପଡ଼ିବ । ମାତ୍ର, ପରମସତ୍ୟର ଦୃଷ୍ଟିକୋଣରୁ ବିଚାରକରି ଦେଖିଲେ ଏହି ଦୃଷ୍ଟିକୋଣ ଦୁଇଟି ଆଦୌ ଯଥେଷ୍ଟ ନୁହନ୍ତି । ସେମାନେ ପରସ୍ପରକୁ ସ୍ୱୀକାର କରୁ ନାହାନ୍ତି ବୋଲି ଯେ ସେମାନେ ଯଥେଷ୍ଟ ନୁହନ୍ତି

ତା' ନୁହେଁ, ମାତ୍ର ଦୁଇଟିଯାକକୁ ସ୍ୱୀକାର କରିନେଲେ ଓ ଦୁଇଟିଯାକକୁ ଏକାଠି ଯୋଡ଼ିଦେଲେ ତାହା ଯେ ସମସ୍ୟାଟିର ସମାଧାନ କରିବାକୁ ଆଦୌ ଯଥେଷ୍ଟ ହେବ ନାହିଁ, ସେହି କାରଣରୁ ମଧ୍ୟ ସେମାନେ ଯଥେଷ୍ଟ ନୁହନ୍ତି । ଅସଲ ବସ୍ତୁଟି ଏକ ଅନ୍ୟ ବସ୍ତୁ— ଏହା ଏକ ତୃତୀୟ ବସ୍ତୁ, ଯାହାକୁ କି ଏହି ପ୍ରଥମ ଦୁଇଟିର ପରିଣାମ ବୋଲି କୁହାଯାଇ ପାରିବ ନାହିଁ; ମାତ୍ର ତାହା ଏପରି ଗୋଟିଏ ବସ୍ତୁ, ଯାହାକୁ କି ନୂତନ କରି ଆବିଷ୍କାର କରିବାକୁ ପଡ଼ିବ, ଯାହାକି ସମ୍ଭବତଃ ଯଥାର୍ଥ ସମଗ୍ର ପରମଜ୍ଞାନଟି ଲାଗି ମଧ୍ୟ ଦ୍ୱାର ଉନ୍ମୋଚନ କରିଦେଇ ପାରିବ ।

ମୁଁ ବର୍ତ୍ତମାନ ଏହି ପର୍ଯ୍ୟନ୍ତ ଆସି ପାରିଛି ।

ମୁଁ ଏହାଠାରୁ ଅଧିକ କିଛି କହିପାରିବି ନାହିଁ, କାରଣ ମୁଁ ବର୍ତ୍ତମାନ ସେହିଠାରେହିଁ ଅବସ୍ଥିତ ରହିଛି ।

*ପ୍ରକୃତ କ୍ଷେତ୍ରରେ ଆମେ ଏଥିରେ କିପରି ଅଂଶଗ୍ରହଣ କରିପାରିବା ?...*

ଏହି ଆବିଷ୍କାରଟିରେ ?

ହଁ,— ମୂଳତଃ ଏହା ହେଉଛି ସର୍ବଦା ସେହି ଗୋଟିଏ କଥା । ସବୁବେଳେ ସେହି ଗୋଟିଏ କଥା : ସ୍ୱ-ସତ୍ତାର ଉପଲବ୍ଧି କରିବା, ଆପଣା ସତ୍ତାର ସର୍ବୋଚ୍ଚ ପରମସତ୍ୟ ସହିତ ଏକ ସଚେତନ ସମ୍ବନ୍ଧସ୍ଥାପନ ମଧ୍ୟରେ ପ୍ରବିଷ୍ଟ ହେବା,— **ଯେକୌଣସି** ରୂପରେ ଓ **ଯେକୌଣସି** ମାର୍ଗରେ ମଧ୍ୟ ତୁମେ ସେହି ସମ୍ବନ୍ଧସ୍ଥାପନ କରିପାରିବ,— ସେଥିରେ ଆଦୌ କିଛିହେଲେ ଯାଏଆସେ ନାହିଁ,— ମାତ୍ର ସମ୍ବନ୍ଧସ୍ଥାପନ କରିବା ହେଉଛି ସେହି ଗୋଟିଏ ମାତ୍ର ପନ୍ଥା । ପ୍ରତ୍ୟେକ ବ୍ୟକ୍ତି, ଆମେ ସମସ୍ତେ, ତା' ନିଜମଧ୍ୟରେ ଏକ ସତ୍ୟକୁ ବହନ କରି ରହିଛି ଏବଂ ତାକୁ ସେହି ସତ୍ୟଟି ସହିତହିଁ ଏକତ୍ୱବଦ୍ଧ ହେବାକୁ ପଡ଼ିବ; ସେହି ସତ୍ୟଟିକୁହିଁ ବଞ୍ଚିବାକୁ ପଡ଼ିବ; ଏବଂ ତେଣୁ, ଏହି ସତ୍ୟରେ ଉପନୀତ ହେବା ଲାଗି ଓ ଏହି ସତ୍ୟର ଉପଲବ୍ଧି କରିବା ଲାଗି ତାକୁ ଯେଉଁ ମାର୍ଗ ଗ୍ରହଣ କରି ଅଗ୍ରସର ହେବାକୁ ପଡ଼ିବ, ସେହି ମାର୍ଗଟିହିଁ ତାକୁ ପରମଜ୍ଞାନର **ଯଥାସମ୍ଭବ ଅଧିକ ନିକଟବର୍ତ୍ତୀ** କରାଇବା ଦିଗରେ ପରିଚାଳିତ କରି ନେଉଥିବ । ଅର୍ଥାତ୍, ଦୁଇଟିଯାକ ହେଉଛନ୍ତି ସଂପୂର୍ଣ୍ଣ ଭାବରେ ସେହି ଗୋଟିଏ କଥା : ବ୍ୟକ୍ତିଗତ ଉପଲବ୍ଧି ଓ ପରମଜ୍ଞାନ ଦୁଇଟିଯାକ ସଂପୂର୍ଣ୍ଣ ଭାବରେ ସେହି ଗୋଟିଏ କଥା ।

କିଏ ଜାଣିଛି, ନିକଟବର୍ତ୍ତୀ ହେବା ଲାଗି ଏହି ଯେଉଁ ମାର୍ଗଗତ ବହୁବିଧତା ରହିଛି, ତାହାହିଁ ଦ୍ୱାର-ଉନ୍ମୋଚନକାରୀ ଅସଲ ରହସ୍ୟଟିକୁ ଉଦ୍‌ଘାଟିତ କରିଦେବ ।

ମୁଁ ମୋଟେ ବିଶ୍ୱାସ କରୁ ନାହିଁ ଯେ, ବର୍ତ୍ତମାନ ଏହି ପୃଥିବୀ ଯେଉଁ ଅବସ୍ଥାରେ ରହିଛି, ସେହି ପୃଥିବୀର କୌଣସି ଜଣେ ବ୍ୟକ୍ତି, ସିଏ ଯେଡ଼େ ବଡ଼ ହୋଇଥାଉ ଅଥବା ତା'ର ଚେତନା ଏବଂ ଉତ୍ସ ଯେତେ ଅଧିକ ପରିମାଣରେ ଚିରନ୍ତନ ହୋଇଥାଉ ପଛକେ, କୌଣସି ଜଣେ ବ୍ୟକ୍ତି କେବଳ ନିଜ ସାଧନା ବଳରେ ଏହି ପୃଥିବୀକୁ ବଦଳାଇ ଦେଇ ପାରିବ ଏବଂ ଏହି ଉଚ୍ଚତର ପରମସତ୍ୟକୁ ଉପଲବ୍ଧି କରିପାରିବ; ଏପରି ଏକ ପୃଥିବୀକୁ ସମ୍ଭବ କରିପାରିବ ଯାହାକି ଏକ ନୂତନ ପୃଥିବୀ ହୋଇଥିବ, ଯାହାକି, ସଂପୂର୍ଣ୍ଣ ସତ୍ୟ ନ ହେଲେ ମଧ୍ୟ, ଅଧିକ ପରିମାଣରେ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହିଥିବ। ଏପରି ବୋଧ ହେଉଛି ଯେ କେତେକସଂଖ୍ୟକ ଏକାଧିକ ବ୍ୟକ୍ତି,– ଏପର୍ଯ୍ୟନ୍ତ ଏହା କାଳର ପରିପ୍ରେକ୍ଷୀ ଉପରେ ଘଟିଥିବା ପରି ମନେହେଉଛି, ଏକ କାଳାନୁକ୍ରମରେ ସଂଘଟିତ ହୋଇଛି,– ମାତ୍ର, ତାହା ଦେଶର ପରିପ୍ରେକ୍ଷୀ ଉପରେ ଏକ ସମୂହରୂପେ ମଧ୍ୟ ବେଶ୍ ସଂଘଟିତ ହୋଇପାରେ;– ଏହି ପରମସତ୍ୟ ଯେପରିକି ମୂର୍ତ୍ତ ହୋଇପାରିବ ଏବଂ ଆପଣାକୁ ବାସ୍ତବସତ୍ୟରେ ପରିଣତ କରିପାରିବ, ସେଥିଲାଗି କେତେକସଂଖ୍ୟକ ଏକାଧିକ ବ୍ୟକ୍ତି ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେହେଉଛି।

ପ୍ରୟୋଗିକ ଦୃଷ୍ଟିରୁ, ମୋ'ର ଏହି ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ।

ଅର୍ଥାତ୍, ତାହା ଯେଡ଼େ ବୃହତ୍, ଯେତେ ଅଧିକ ସଚେତନ ଓ ଯେଡ଼େ ପରାକ୍ରମଶାଳୀ ହୋଇଥାଉ ପଛକେ, କୌଣସି **ଗୋଟିଏ** ଅବତାର କେବଳ ଆପଣାର ବଳରେ ପୃଥିବୀପୃଷ୍ଠରେ କଦାପି ଅତିମାନସ ଜୀବନର ଉପଲବ୍ଧିକୁ ସମ୍ଭବ କରିପାରିବ ନାହିଁ। କାଳର ପରିପ୍ରେକ୍ଷୀ ଉପରେ, କାଳର ଏକ ନିର୍ଦ୍ଦିଷ୍ଟ ଅବଧି ଉପରେ ବ୍ୟାପ୍ତ ହୋଇ ରହିଥିବା ଏକ ଗୋଷ୍ଠୀ ତାହା ସମ୍ଭବ କରିବ, ଅଥବା, ଦେଶର ଭୂମି ଉପରେ ବ୍ୟାପ୍ତ ହୋଇ ରହିଥିବା ଏକ ଗୋଷ୍ଠୀ ତାହା କରିପାରିବ– ସମ୍ଭବତଃ ଦୁଇଟିଯାକ ଏକତ୍ର ତାହାକୁ ସମ୍ଭବ କରିବେ,– ଏହି ପରମ ଉପଲବ୍ଧିଟି ଲାଗି ତାହା ଏକାନ୍ତ ଅପରିହାର୍ଯ୍ୟ। ଏଥିରେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ।

ବ୍ୟକ୍ତି ପ୍ରେରଣା ପ୍ରଦାନ କରିପାରିବ, ମାର୍ଗର ସୂଚନା ଦେଇପାରିବ, ସ୍ୱୟଂ ସେହି ମାର୍ଗରେ **ଯାତ୍ରା ବି କରିପାରିବ**– ଅର୍ଥାତ୍, ସ୍ୱୟଂ ମାର୍ଗଟିର ଉପଲବ୍ଧି କରି ମାର୍ଗଟିକୁ ଦର୍ଶାଇ ଦେଇପାରିବ,– ମାତ୍ର ସିଏ ଲକ୍ଷ୍ୟଟିର ସାଧନ କରିପାରିବ ନାହିଁ। ଲକ୍ଷ୍ୟସାଧନ ଲାଗି ଗୋଷ୍ଠୀର କେତୋଟି ବିଧାନର ପୂରଣ ହେବାକୁ ପଡ଼ିବ। ସେହି ବିଧାନଗୁଡ଼ିକ ପରମ ଶାଶ୍ୱତତା ଏବଂ ଅନନ୍ତତାର କେତୋଟି ବିଭାବକୁହିଁ ବ୍ୟକ୍ତ କରୁଥାନ୍ତି,– ଅବଶ୍ୟ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହି ଶାଶ୍ୱତତା ଏବଂ ଅନନ୍ତତା ମଧ୍ୟ ସେହି ଏକ ପରମସତ୍ତାଙ୍କୁହିଁ ବୁଝାଇବ ! ସେମାନଙ୍କୁ ଆମେ କଦାପି ଭିନ୍ନ ଭିନ୍ନ

ବ୍ୟକ୍ତି ଅଥବା ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ବୋଲି ମନେ କରିବା ନାହିଁ । ସେମାନେ ସମସ୍ତେ କେବଳ ସେହି ଗୋଟିଏ ପରମସତ୍ତାକୁହିଁ ବୁଝାଇବେ । ଏବଂ, ସେହି ଗୋଟିଏ ପରମସତ୍ତାହିଁ ଏପରି ଏକ ରୀତିରେ ଆପଣାକୁ ଅଭିବ୍ୟକ୍ତ କରନ୍ତି, ଯାହାକି ଆମ ଲାଗି ଏକ ଶରୀର, ଏକ ଗୋଷ୍ଠୀ ତଥା ଏକ ସମୂହ ରୂପେ ପରିଦୃଷ୍ଟ ହୋଇଥାଏ ।

ତୁମେ, ସେଠାରେ ଯିଏ ବସିଛ, ଏହି ବିଷୟରେ ତୁମର କୌଣସି ଅନ୍ୟ ପ୍ରଶ୍ନ ପଚାରିବାକୁ ଅଛି କି ?

*ଏହି ଅଭିଜ୍ଞତାଟିକୁ ଲାଭ କରିବା ପରେ ଆପଣଙ୍କର ଦୃଷ୍ଟିରେ କି ପାର୍ଥକ୍ୟ ଘଟିଛି ?*

ମୁଁ କଥାଟିକୁ ପୁଣିଥରେ କହୁଛି । ଦୀର୍ଘ ଅନେକ କାଳ ଧରି ମୁଁ ଏପରି ଅନୁମାନ କରୁଥିଲି ଯେ, ଯଦି ଆପଣାର ଚୂଡ଼ାନ୍ତ ସମ୍ଭାବନାର ସୀମାରେ ଯାଇ ପହଞ୍ଚିଥିବା ଜଡ଼ ବିଜ୍ଞାନର ମାର୍ଗ ଏବଂ ଆପଣାର ସର୍ବଶେଷ ଉପଲବ୍ଧିର ଗାର ପର୍ଯ୍ୟନ୍ତ ସ୍ପର୍ଶ କରିଥିବା ଆଧ୍ୟାତ୍ମିକ ମାର୍ଗ ଭିତରେ ଏକ ପରିପୂର୍ଣ୍ଣ ଏକତ୍ୱ ସମ୍ଭବ କରାଯାଇ ପାରନ୍ତା,— ଯଦି ଦୁଇଟିଯାକକୁ ଯୋଡ଼ି ଦିଆଯାଇ ପାରନ୍ତା, ତେବେ ଆମେ ବର୍ତ୍ତମାନ ଯେଉଁ ପରମସତ୍ୟର ଅନ୍ୱେଷଣ କରୁଛୁ, ସେହି ସମଗ୍ର ସତ୍ୟଟି ଆମକୁ ଅବଶ୍ୟ ପ୍ରାପ୍ତ ହୋଇ ଯାଆନ୍ତା । ମାତ୍ର, ଏବେ ମୋ'ର ଯେଉଁ ଦୁଇଟି ଅଭିଜ୍ଞତା ହେଲା,— ଗୋଟିଏ ପକ୍ଷରେ, ବାହ୍ୟ ଜୀବନର ଏହି ଅଭିଜ୍ଞତା, ଏହି ସାଧାରଣୀକରଣ, ଏହି ଅବ୍ୟକ୍ତିକୀକରଣ, ସଂକ୍ଷେପରେ କହିଲେ ଏହି ଭୌତିକ ଶରୀରରେ ଲାଭ କରାଯାଇ ପାରୁଥିବା ଏହି ଯୋଗଗତ ଯାବତୀୟ ଅନୁଭୂତି, ଏବଂ ଅନ୍ୟ ପକ୍ଷରେ, ପରମ ଉତ୍ସସ୍ଥାନଟି ସହିତ ସଂପୂର୍ଣ୍ଣ ଓ ସମଗ୍ର ଭାବରେ ଯୁକ୍ତ ହେବାର ଏହି ଅନୁଭୂତି,— ବର୍ତ୍ତମାନ ମୋ'ର ଏହି ଦୁଇଟିଯାକ ଅନୁଭୂତି ହୋଇସାରିବା ପରେ ଏବଂ, ବର୍ତ୍ତମାନ ମୁଁ ଯାହାକୁ କଦାପି ବର୍ଣ୍ଣନା କରି କହି ପାରିବି ନାହିଁ, ସେହିପରି କେତୋଟି ଘଟଣା ଘଟିସାରିବା ପରେ, ମୁଁ ଏହିକଥା ଜାଣିବାକୁ ପାଇଲି ଯେ, ଏହି ଦୁଇଟିଯାକର ଜ୍ଞାନ ଓ ଦୁଇଟିଯାକର ଏକତ୍ରସମ୍ମିଳନ ଆଦୌ ଯଥେଷ୍ଟ ନୁହେଁ । ମୁଁ ଜାଣିବାକୁ ପାଇଲି ଯେ ଏହି ଉଭୟ ଉପଲବ୍ଧି ଆମକୁ ଏକ ତୃତୀୟ ବସ୍ତୁ ଆଡ଼କୁ ପରିଚାଳିତ କରି ନେଉଛନ୍ତି ଏବଂ ସେହି ତୃତୀୟ ବସ୍ତୁଟିହିଁ ବର୍ତ୍ତମାନ ପ୍ରସ୍ତୁତ ହେବାରେ ଲାଗିଛି, ଆପଣାକୁ ଏକ ବିସ୍ତୃତି ଦେବାର ପ୍ରକ୍ରିୟାଟି ମଧ୍ୟଦେଇ ଗତି କରୁଛି । ସେହି ତୃତୀୟ ବସ୍ତୁଟିହିଁ ଆମକୁ ଯଥାର୍ଥ ଉପଲବ୍ଧି ଆଡ଼କୁ ବାଟ ଦେଖାଇ ନେଇଯିବ, ଆମେ ଖୋଜୁଥିବା ସେହି ପରମସତ୍ୟ ନିକଟକୁ ବାଟ ଦେଖାଇ ନେଇଯିବ ।

ବର୍ତ୍ତମାନ ସ୍ପଷ୍ଟ ହେଲା ?

*ମୁଁ ଏକ ଅନ୍ୟ କଥା ଭାବୁଥିଲି... ସେହି ଅଭିଜ୍ଞତା ପରେ ଏହି ଭୌତିକ ଜଗତ ବିଷୟରେ ରହିଥିବା ଆପଣଙ୍କର ଦୃଷ୍ଟିରେ କିପରି ପରିବର୍ତ୍ତନ ଘଟିଛି ?*

ସେହି ଚେତନାର କେବଳ ଏକ ପ୍ରାୟାନୁମାନ-ମୂଳକ ଧାରଣା ଦେଇହେବ ?

ଯୋଗର ସାଧନା ଫଳରେ ମୋ'ର ଏହି ଭୌତିକ ଜଗତ ସହିତ ଏପରି ଏକ ସମ୍ବନ୍ଧ ସ୍ଥାପିତ ହୋଇଥିଲା, ଯାହାକି ଚତୁର୍ଥ ଭୂମିପ୍ରସ୍ଥର ଧାରଣା ଉପରେ ଆଧାରିତ ହୋଇ ରହିଥିଲା,– ଏହି ପ୍ରସ୍ଥଗୁଡ଼ିକ ହେଉଛି ଅନ୍ତର୍ଗତ ଭାବରେ ଉପଲବ୍ଧି କରାଯାଉଥିବା ପ୍ରସ୍ଥ,– ଯୋଗମାର୍ଗରେ ଏହିପରି ଅଗଣିତ ପ୍ରସ୍ଥର ପରିଚୟ ପ୍ରାପ୍ତ ହୋଇଥାଏ । ଏବଂ ସେହି ଦୃଷ୍ଟିକୋଣଟିକୁ କାମରେ ଲଗାଇବା ଏବଂ ଚେତନାର ଏହିପରି ଏକ ସ୍ଥିତି ଉପରେ ତାହା ଆଧାରିତ ହୋଇ ରହିଥିଲା । ସେହି ଅନ୍ତର୍ଗତ ପ୍ରସ୍ଥଗୁଡ଼ିକର ବୋଧଭୂମି ଉପରେ ମୁଁ ଭୌତିକ ଜଗତ ଏବଂ ଆଧ୍ୟାତ୍ମିକ ଜଗତ ମଧ୍ୟରେ ରହିଥିବା ସମ୍ବନ୍ଧର ଅଧ୍ୟୟନ କରିଥିଲି,– ଏବଂ, ଏହି ଅନ୍ତର୍ଗତ ପ୍ରସ୍ଥଗୁଡ଼ିକର ଚେତନାକୁ ଅଧିକରୁ ଅଧିକ ସଂପୂର୍ଣ୍ଣ କରିଆଣି ମୁଁ ସେହି ଅଧ୍ୟୟନ କରିଥିଲି । ଏହି ସର୍ବଶେଷ ଅନୁଭୂତିଟି ହେବା ପର୍ଯ୍ୟନ୍ତ ମୁଁ ତାହାହିଁ ଅନୁଭବ କରୁଥିଲି ।

ଅତ୍ୟନ୍ତ ସୁନିଶ୍ଚିତ ଭାବରେ, ଦୀର୍ଘ କାଳଧରି ଏହି କ୍ଷେତ୍ରରେ ପ୍ରଥମ ତିନୋଟି ପ୍ରସ୍ଥ ବିଷୟରେ ଆଦୌ କୌଣସି ପ୍ରଶ୍ନହିଁ ନ ଥିଲା,– ଏହି ପ୍ରସ୍ଥଗୁଡ଼ିକ ହେଉଛନ୍ତି **ସଂପୂର୍ଣ୍ଣ ଭାବରେ** ମାୟା ତଥା ମିଥ୍ୟାମୟ ଜଗତର କଥା । ମାତ୍ର, ଏହି ଚତୁର୍ଥ ପ୍ରସ୍ଥଟିର ବୋଧକୁ କାମରେ ଲଗାଇବା ଓ ତା'ର ଆନୁଷଙ୍ଗିକ ସବୁକିଛି ମୋତେ ଗୋଟାସୁଦ୍ଧା କେବଳ ଭାରି ଅଗଭୀରହିଁ ବୋଧ ହେବାରେ ଲାଗିଛି । ଏହି ବୋଧଟି ଏଡ଼େ ଶକ୍ତିଶାଳୀ ଭାବରେ ମୋତେ ଅଧିକାର କରି ରହିଛି ଯେ, ମୁଁ ତାହାକୁ ପ୍ରକୃତରେ ହରାଇ ଦେଇଛି । ସେହି ଅନ୍ୟଟି, ପ୍ରଥମ ତିନି ପ୍ରସ୍ଥର ସେହି ପୃଥିବୀଟି ମୋ'ଲାଗି ସଂପୂର୍ଣ୍ଣ ଭାବରେ ଅସତ୍ୟ ବୋଲି ପ୍ରତୀତ ହେଉଛି; ଏବଂ ଏହି ପୃଥିବୀଟି ମଧ୍ୟ– ଏହାକୁ କିପରି ଶବ୍ଦ ଦେଇ କୁହାଯାଇ ପାରିବ ?– ଏଇଟି ମଧ୍ୟ ମୋତେ ଭାରି ପାରମ୍ପରିକ ବୋଧ ହେଉଛି । ମନେ ହେଉଛି, ସତେଯେପରି ଏହା କେବଳ ଅତ୍ୟନ୍ତ ପାରମ୍ପରିକ ଭାବରେ ଏକ ସଂଜ୍ଞାନିରୂପଣ କରିବାର ଚେଷ୍ଟା କରୁଛି, ଯାହାକି ତୁମକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ତାହାର ନିକଟବର୍ତ୍ତୀ ହେବା ଲାଗି ଏକ ସରଣୀ ଯୋଗାଇ ଦେଉଛି ।

ଏବଂ, ସେହି ଅନ୍ୟଟି ହେଉଛି ଯଥାର୍ଥ ସ୍ଥିତି,— ତାହା ବୁଦ୍ଧିଗତ ଯାବତୀୟ ସୋପାନଠାରୁ ଏତେ ଅଧିକ ପରିମାଣରେ ଦୂରବର୍ତ୍ତୀ ହୋଇ ରହିଛି ଯେ, ମୁଁ ତାହାକୁ ଆଦୌ କୌଣସି ସୂତ୍ର ଦେଇ ବୁଝାଇ କହିପାରୁ ନାହିଁ ।

ତଥାପି ସେହି ସୂତ୍ରାୟଣ ଅବଶ୍ୟ ସମ୍ଭବ ହେବ । ମୁଁ ଭଲକରି ଜାଣିଛି ଯେ ତାହା ସମ୍ଭବ ହେବ । ମାତ୍ର ତାହା ଏପରି ଗୁଡ଼ିଏ ଅଭିଜ୍ଞତାର ଅନୁକ୍ରମରେ ଆସିବ, ଯାହାକୁ କି ଜୀବନରେ ବଞ୍ଚି ହୋଇ ପାରୁଥିବ । ମୋ'ର ଏପର୍ଯ୍ୟନ୍ତ ସେହି ଅଭିଜ୍ଞତାଗୁଡ଼ିକ ହୋଇ ନାହିଁ ।

(ମାଆ ନୀରବ ରହିଲେ)

ଏହି ମାର୍ଗଟି ପ୍ରକୃତରେ ଭାରି କାମ ଦେଉଥିଲା, ମୋତେ ଖୁବ୍ ସାହାଯ୍ୟ କରୁଥିଲା ଏବଂ ମୁଁ ତାହାକୁ ନିଜର ଯୋଗସାଧନାରେ କାମରେ ଲଗାଉଥିଲି । ତାହା ମୋତେ ଜଡ଼ ଉପରେ ଏକ ନିୟନ୍ତ୍ରଣଶକ୍ତି ଆଣି ଦେଉଥିଲା, ମୋତେ ଏକ ପ୍ରଣାଳୀ, ଏକ ସାଧନ ଓ ଏକ ପ୍ରକ୍ରିୟା ପରି ପ୍ରତୀତ ହେଉଥିଲା । ମାତ୍ର ଏହା ପ୍ରକୃତରେ **ସେହି ଅସଲ ମାର୍ଗଟି** ଆଦୌ ନୁହେଁ ।

ବର୍ତ୍ତମାନ ମୁଁ ଠିକ୍ ଏହି ସ୍ଥିତିରେ ରହିଛି ।

ମୁଁ ଏତିକିରୁ ଆଉ ଅଧିକ କିଛି କହିପାରିବି ନାହିଁ ।

୨୪, ମଇ, ୧୯୬୨

**୭୬. ଆପଣାର ବ୍ୟାବହାରିକ ଓ ବୈଜ୍ଞାନିକ ସଂଗଠନ ଏବଂ କର୍ମଦକ୍ଷତାର କ୍ଷେତ୍ରରେ ଇଉରୋପ କେତେ ଗର୍ବ ଅନୁଭବ କରୁଛି । ତା'ର ସେହି ସଂଗଠନ ଚରମସୀମାରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିଛି, ସେତେବେଳେ ଗୋଟାଏ ପିଲା ଆସି ତାକୁ ଧ୍ୱଂସ କରିଦେବ ।***

*ଏହି ସୂତ୍ରଗୁଡ଼ିକ ଯେତେବେଳେ* **ବୁଲେଟିନ୍**‌*ରେ ପ୍ରକାଶିତ ହୋଇଥିଲା, ସେତେବେଳେ ଆପଣ କହିଥିଲେ ଯେ ସେଥିରୁ ଏଇଟିକୁ ବାଦ୍ ଦେବାକୁ*

---

* ପ୍ରଦତ୍ତ କଥୋପକଥନଟି ୧୯୭୧ ଡିସେମ୍ବର ମାସରେ ହୋଇଥିଲା; ଏହି ସୂତ୍ରାବଳୀ ବିଷୟରେ ମାଆ ନିଜର ଟିପ୍‌ପଣୀ ଲେଖିବାର ପ୍ରାୟ ଦଶବର୍ଷ ପରେ ତାହା ହୋଇଥିଲା ।

*ପଡ଼ିବ । ଏହି ସୂତ୍ରଟି ଭାରି ରହସ୍ୟମୟ ଓ ଏହାର ପ୍ରକୃତ ଅର୍ଥ ବୁଝିବା ଲାଗି ମୋ'ର ଖୁବ୍ ଇଚ୍ଛା ହେଉଛି । ମାତ୍ର, ମୋ'ର ସେକଥା ଜାଣିବାକୁ ମଧ୍ୟ ଭାରି ଆଗ୍ରହ ହେଉଛି । ବର୍ତ୍ତମାନ ତାହାକୁ ପ୍ରକାଶ କରାଯାଇ ପାରିବ କି ନାହିଁ ?*

ଶ୍ରୀଅରବିନ୍ଦ ସେଇଟିକୁ କେଉଁଠାରେ ଲେଖିଛନ୍ତି ?

*''ସୂତ୍ରାବଳୀ''ରେ ।*

ହଁ, ମାତ୍ର ସିଏ ତ ସେପରି କୌଣସି ବିଶେଷ ପୁସ୍ତକ ଲେଖି ନାହାନ୍ତି ! ଏହି ଉକ୍ତିଗୁଡ଼ିକୁ ଏଣୁତେଣୁ ସଂଗ୍ରହ କରି ଏକତ୍ର କରାଯାଇଛି ।

*ନାଇଁ ନାଇଁ, ସେପରି ହୋଇ ନାହିଁ । ଶ୍ରୀଅରବିନ୍ଦଙ୍କ ମନରେ ଯେତେବେଳେ ଯେଉଁ ସୂତ୍ରଟି ଆସି ପହଞ୍ଚି ଯାଉଥିଲା, ସିଏ ତାହାକୁ ଏକ ସ୍ୱତନ୍ତ୍ର ଟିପାଖାତାରେ ଲେଖି ରଖୁଥିଲେ ।* ଏବଂ, ଏହି ସୂତ୍ରଟି ହେଉଛି ସେହିଗୁଡ଼ିକ ମଧ୍ୟରୁ ଗୋଟିଏ ।*

(ମାଆ ନୀରବ ରହିଲେ)

''ଗୋଟାଏ ପିଲା''... ପ୍ରଥମେ ସେ ଇଂରାଜୀ ଭାଷାରେ କ'ଣ ଲେଖିଛନ୍ତି ?

*''ଗର୍ବ ଅନୁଭବ କରୁଛି ।''*

ତେବେ ସେଇଟିକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଁ ଭାବୁଛି ।

*ମାତ୍ର ସିଏ ସେଇଟି ଦ୍ୱାରା କ'ଣ କହିବାକୁ ଚାହିଁଥିଲେ ?*

---

* ବସ୍ତୁତଃ, ଏପରି ଏକ ଟିପାଖାତା ଅଛି, ଯେଉଁଥିରେ କି ସବୁଯାକ ସୂତ୍ର ଲେଖା ହୋଇଛି; ମାତ୍ର, ଯେତେଦୂର ବୋଧ ହେଉଛି, ତାହା ଆଉ କେଉଁଠାରୁ ଟିପା ହୋଇ ଆସିଛି । ତେଣୁ, ପ୍ରଥମ ଥର ଲାଗି ସୂତ୍ରଗୁଡ଼ିକ ସେଥିରେ ଲେଖାହୋଇଛି ବୋଲି ମୋଟେ କୁହାଯାଇ ପାରିବ ନାହିଁ ।

ସେକଥା ମୁଁ କହିପାରିବି ନାହିଁ ।

ହଁ, କେବଳ ସେହି ଶକ୍ତିଟିକୁ ନଷ୍ଟ କରିହେବ । ଭୂମିଟିକୁ କଦାପି ନଷ୍ଟ କରାଯାଇ ପାରିବ ନାହିଁ ।

*ହଁ, ଭୂମିଟିକୁ ନଷ୍ଟ କରି ହେବ ନାହିଁ, ମାତ୍ର ଗୋଟିଏ ସଭ୍ୟତାକୁ ନଷ୍ଟ କରି ଦେଇହେବ ।*

ହଁ ।

*ସିଏ କହିଛନ୍ତି : ଇଉରୋପକୁ ଧ୍ୱଂସ କରିହେବ ।*

ହଁ... ମାତ୍ର ସେହି ପିଲାଟି କିଏ ?

ମୋ'ର ଅନୁଭବ ହେଉଛି ଯେ, ଏହି କଥାଟି ଏକ ସଂପୂର୍ଣ୍ଣ ସତ ଘଟଣାରୂପେ ଘଟିଲା, ଏହି ଭବିଷ୍ୟବାଣୀଟି ସଂପୂର୍ଣ୍ଣ ଭାବରେ ସତ ହେଲା ।– ମାତ୍ର ମୁଁ କିଛି କହିପାରୁ ନାହିଁ ।

*ଆପଣ କହିଥିଲେ ଯେ ଏହି ସୂତ୍ରଟିକୁ ବରଂ ବାଦ୍ ଦେବାହିଁ ଉଚିତ ହେବ ।*

ମାତ୍ର, ବର୍ତ୍ତମାନ ତ ମୁଁ ଠିକ୍ ଓଲଟା ଭାବୁଛି । ମୁଁ ଭାବୁଛି ଯେ ଏଇଟିକୁ କହିବାକୁ **ହିଁ** ପଡ଼ିବ ।

ମାତ୍ର, ସେହି ସମୟଟି ପ୍ରକୃତରେ ଆସି ପହଞ୍ଚିଛି ବୋଲି ମୁଁ ତଥାପି ଭାବୁ ନାହିଁ, ''ଆସି ପହଞ୍ଚିବା'' ଅର୍ଥ : ସେହି କାର୍ଯ୍ୟଟି ସମ୍ପାଦିତ ହେବାର ସମୟ; ତାହା କହିବାର ସମୟ ଆସିଛି, ମାତ୍ର ସେଇଟି ସମ୍ପାଦିତ ହେବାର ସମୟ ଆସି ନାହିଁ ।

*''ସେଇ ପିଲାଟି''... ସମ୍ଭବତଃ ଏହାଦ୍ୱାରା ପରବର୍ତ୍ତୀ ନୂତନ ଜଗତର ପିଲାଟିକୁ ଉଦ୍ଦେଶ୍ୟ କରି ସେପରି କୁହାଯାଇଛି । ସେହି ପିଲାଟି ଥରେ ମୁରୁକି ହସିଦେବ ଓ ସମଗ୍ର ଗଠନଟିକୁ ଧୂଳିସାତ୍ କରିଦେବ ।*

ହଁ, ତାହା ବେଶ୍ ସମ୍ଭବ ହୋଇପାରେ– ବେଶ୍ ସମ୍ଭବ ହୋଇପାରେ ।

(ମାଆ ନୀରବ ରହିଲେ)

ଏହାଭିତରେ ଏକ ଭୟଙ୍କର ଶକ୍ତି ନିହିତ ହୋଇ ରହିଛି... ଏକ ଅଦ୍ଭୁତ ଶକ୍ତି ରହିଛି । ସେହି ଶକ୍ତିଟିର ତୁମେ କଳ୍ପନା ବି କରି ପାରିବ ନାହିଁ । ପ୍ରକୃତରେ ସତେଯେପରି ସ୍ୱୟଂ ଦିବ୍ୟ ପରମସତ୍ତାହିଁ ଏଠାରେ କହୁଛନ୍ତି : ''ମୁଁ ଅପେକ୍ଷା କରି ରହିଛି''... ମୁଁ ଅପେକ୍ଷା କରି ରହିଛି...

୧୧ ଡିସେମ୍ବର, ୧୯୬୧

**୭୭. ମନୁଷ୍ୟର ପ୍ରତିଭା ଏକ ସୈଦ୍ଧାନ୍ତିକ ପଦ୍ଧତିର ଆବିଷ୍କାର କରେ; ସାଧାରଣ ଯୋଗ୍ୟତା ତାହାକୁ ଏକ ଛାଞ୍ଚରେ ନେଇ ପକାଇଦିଏ ଏବଂ ତାହା ପୁନର୍ବାର ଏକ ନୂତନ ପ୍ରତିଭାର ହାତରେ ବିଲୟ ଲଭେ । ଅବସର ଗ୍ରହଣ କରିଥିବା ସୈନ୍ୟମାନଙ୍କ ଦ୍ୱାରା ପରିଚାଳିତ ଏକ ସେନାବାହିନୀ ପ୍ରକୃତରେ ଅନେକ ବିପଦର ସମ୍ମୁଖୀନ ହୁଏ; କାରଣ ସ୍ୱୟଂ ଈଶ୍ୱର ହୁଏତ ଅପରପକ୍ଷରେ ନେପୋଲିଅନ୍‌ଙ୍କୁ ନିଯୁକ୍ତ କରି ପଠାଇଥାନ୍ତି ।**

**୭୮. ଜ୍ଞାନ ଆମ ଭିତରେ ସଦ୍ୟ ହୋଇ ରହିଥିବା ପର୍ଯ୍ୟନ୍ତ ପ୍ରକୃତରେ ଅଜେୟ ହୋଇ ରହିଥାଏ । ଜ୍ଞାନ ପୁରାତନ ହୋଇଗଲେ ତାହାର ଗୁଣଟି ମଧ୍ୟ ଲୁପ୍ତ ହୋଇଯାଏ । କାରଣ ଈଶ୍ୱର ସର୍ବଦାହିଁ ଅଗ୍ରଗତି କରିବାରେ ଲାଗିଥାନ୍ତି ।**

ଏଠାରେ ଶ୍ରୀଅରବିନ୍ଦ ପ୍ରେରଣା ବା ସତ୍ୟୋଦ୍‌ଘାଟନ ଦ୍ୱାରା ଲବ୍ଧ ହେଉଥିବା ଜ୍ଞାନର କଥା କହିଛନ୍ତି; ସେତେବେଳେ ତାହା ଊର୍ଦ୍ଧ୍ୱରୁ ଅବତରଣ କରିଆସେ ଏବଂ ଆମର ବୋଧଭୂମିକୁ ଉଦ୍‌ଭାସିତ କରିଦିଏ । ତୁମେ ସଙ୍ଗେ ସଙ୍ଗେ ଅନୁଭବ କରିବାକୁ ଲାଗ, ସତେଯେପରି ତୁମେ ପ୍ରଥମଥର ସକାଶେହିଁ ଗୋଟିଏ ବସ୍ତୁକୁ ଜାଣିବାକୁ ପାଇଲ, କାରଣ ତାହା ସେତେବେଳେ ସିଧା ସେହି ପରମ ଆଲୋକ ଏବଂ ଯଥାର୍ଥ ପରମ ଜ୍ଞାନର ରାଜ୍ୟରୁ ତୁମ ପାଖରେ ଆସି ଉପଗତ ହୋଇଥାଏ । ଏବଂ, ତାହା ଅନ୍ତର୍ନିହିତ ସମସ୍ତ ସତ୍ୟଶକ୍ତି ନେଇ ତୁମ ପାଖକୁ ଆସିଥାଏ,– ତୁମକୁ ଦେଦୀପ୍ୟମାନ କରେ । ଏବଂ, ତୁମେ ଯେତେବେଳେ ସଦ୍ୟ ତାହାକୁ ଲାଭ କରିଥାଅ, ସେତେବେଳେ ବୋଧ ହୁଏ,

ସତେଯେପରି ବସ୍ତୁତଃ କୌଣସି ବସ୍ତୁ ବି ଆଉ ସେହି ଆଲୋକର ପ୍ରତିରୋଧ କରି ପାରିବ ନାହିଁ । ଏବଂ ଯଦି ତୁମେ ତାହାକୁ ତୁମ ଭିତରେ କାର୍ଯ୍ୟ କରିବା ଲାଗି ଅନୁମତି ଦେବା ବିଷୟରେ ମନୋଯୋଗୀ ହୋଇପାର, ତେବେ, ଆପଣାର ରାଜ୍ୟରେ ଯେତେ ଯାହା ରୂପାନ୍ତର ହାସଲ କରିବା ସକାଶେ ତାହାର ସାମର୍ଥ୍ୟ ରହିଥିବ, ତାହା ସେହି ସବୁଗୁଡ଼ିକୁ ହାସଲ କରିନିଏ ।

ଆମର ଏହି ଅନୁଭୂତିଟି ଅଧିକାଂଶ ସମୟରେ ହୋଇପାରେ । ଯେତେବେଳେ ତାହାର ଆଗମନ ହୁଏ,— ଅଳ୍ପ ସମୟ ସକାଶେ, ଖୁବ୍ ବେଶୀ ଦୀର୍ଘ କାଳ ଲାଗି ନୁହେଁ,— ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେହି ଆଲୋକକୁ କେନ୍ଦ୍ର କରି ସବୁକିଛି ଆପଣାକୁ ସଂଗଠିତ କରି ଆଣୁଥିବା ପରି ବୋଧ ହୁଏ । ଏବଂ ତା'ପରେ ତାହା କ୍ରମଶଃ ଅବଶିଷ୍ଟ ସବୁଟି ସହିତ ଆପଣାକୁ ସଂଯୁକ୍ତ କରିଦିଏ । ସେତେବେଳେ ବୁଦ୍ଧି ଦ୍ୱାରା ଲବ୍ଧ ଜ୍ଞାନ ମହଜୁଦ ରହିଥାଏ ସତ,— କୌଣସି ନା କୌଣସି ପ୍ରକାରେ ତାହା ଆପଣାକୁ ଏକ ସୂତ୍ରର ରୂପ ଦେଇ ରଖିଥାଏ,— ମାତ୍ର ତଥାପି ତାହା ସତେଅବା ସଂପୂର୍ଣ୍ଣ ଭାବରେ ଖାଲିହିଁ ପଡ଼ିଥାଏ । ସେତେବେଳେ ତାହା ପାଖରେ ଆଦୌ ସେହି ପ୍ରେରକଶକ୍ତିଟି ମହଜୁଦ ନ ଥାଏ, ଯାହାକି ସତ୍ତାର ଯାବତୀୟ ଗତିସ୍ପନ୍ଦନକୁ ଏହି ଆଲୋକଟିର ପ୍ରତିରୂପରେ ରୂପାନ୍ତରିତ କରିଦେଇ ପାରିବ । ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଏହାହିଁ କହିବାକୁ ଇଚ୍ଛା କରିଛନ୍ତି : ଏହି ପୃଥିବୀ କ୍ଷିପ୍ର ଗତିରେ ଚାଲିବାରେ ଲାଗିଛି, ପରମେଶ୍ୱର ମଧ୍ୟ ସତତ ଆଗକୁ ଆଗକୁ ଚାଲିଛନ୍ତି; ଏବଂ, ଏସବୁ ଆମେ ଯାହାକିଛି ଦେଖିବାକୁ ପାଉଛୁ, ତାହା ସିଏ ପଛରେ ପକାଇଦେଇ ଚାଲି ଯାଉଥିବା କେବଳ ତାଙ୍କର ପଦଚିହ୍ନ ବ୍ୟତୀତ ଆଉ କିଛି ନୁହେଁ । ମାତ୍ର, ଏହାକୁ ପୃଥିବୀ ମଧ୍ୟକୁ ପ୍ରକ୍ଷେପିତ କରୁଥିବା ସମୟରେ ତାହା ମଧ୍ୟରେ ଯେଉଁ ତାତ୍କାଳିକ ଏବଂ ଅତୁଳ ଶକ୍ତିମତ୍ତା ରହିଥିଲା, ବର୍ତ୍ତମାନ ତାହାକୁ ସେଥିରେ ଆଦୌ ଦେଖିବାକୁ ମିଳିବ ନାହିଁ ।

ସେତେବେଳେ ମନେହୁଏ, ସତେଯେପରି ସତ୍ୟର ବୃଷ୍ଟିପାତହିଁ ହେବାରେ ଲାଗିଛି; ସେଥିରୁ ଯଦି କାହାକୁ ଗୋଟିଏ ବିନ୍ଦୁ ମଧ୍ୟ ଉପଲବ୍ଧ ହୋଇପାରିଲା, ସିଏ ତଦ୍ଦ୍ୱାରା ଅବଶ୍ୟ ଏକ ସତ୍ୟୋଦ୍‌ଘାଟନର ଅଧିକାରୀ ହୋଇପାରେ । ମାତ୍ର ସେମାନେ ସ୍ୱୟଂ ଏକ ଅଦ୍ଭୁତ ବେଗରେ ଗତି କରିବାରେ ଲାଗି ନ ଥିଲେ, ପରମ ପ୍ରଭୁ ଆପଣାର ସେହି ସତ୍ୟବର୍ଷଣ ସହିତ ହୁଏତ କେତେ ନା କେତେ ଆଗକୁ ଚାଲି ଯାଇଥାନ୍ତି ଏବଂ, ପୁନର୍ବାର ପାଖରେ ଯାଇ ପହଞ୍ଚିବାକୁ ହେଲେ, ସେତେବେଳେ ଆହୁରି ଅଧିକ ବେଗରେହିଁ ଧାଇଁବାକୁ ହୋଇଥାଏ । ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହୁଁଛନ୍ତି ।

*ହଁ, ମାତ୍ର ଏହି ଜ୍ଞାନର ପ୍ରକୃତ ରୂପାନ୍ତର-ଶକ୍ତି ଥିବା ଦରକାର...*

ହଁ, ସେହି ଜ୍ଞାନ ହେଉଛି ସେହି ଉଚ୍ଚତର ଜ୍ଞାନ, ସେହି ଜ୍ଞାନଟି ଦେଇ ପରମସତ୍ୟ ନିଜକୁ ଅଭିବ୍ୟକ୍ତ କରିଥାଏ । ଶ୍ରୀଅରବିନ୍ଦ ତାହାକୁ ଯଥାର୍ଥ ଜ୍ଞାନ ବୋଲି କହିଛନ୍ତି ଏବଂ ସେହି ଜ୍ଞାନହିଁ ଏହି ଯାବତୀୟ ସୃଷ୍ଟିର ରୂପାନ୍ତର ସାଧନ କରେ । ମାତ୍ର, ସିଏ ସତେଯେପରି ତାହାକୁ ସତତ ଅଜାଡ଼ି ଦେବାରେ ଲାଗିଛନ୍ତି ଏବଂ ତେଣୁ ତୁମକୁ ଅତ୍ୟନ୍ତ ତ୍ୱରାର ସହିତ ସେଥିଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ, ନଚେତ୍ ହୁଏତ ବହୁତ ବିଳମ୍ବ ହୋଇଯିବ ।

ମାତ୍ର, ତୁମର କ'ଣ କେବେହେଲେ ବି ଏପରି ଏକ ଅନୁଭୂତି ହୋଇ ନାହିଁ, ଯେତେବେଳେ କି ତୁମର ମୁଣ୍ଡ ଭିତରେ ଏକ ଆଲୋକ ଦପ ଦପ ହୋଇ ଜଳୁଥାଏ ଓ ତୁମର ଆଖିକୁ ଝଲସାଇ ଦେଉଥାଏ ? ଏବଂ ତା'ପରେ ତୁମେ ତାହାର ଏକ ତର୍ଜମା କରିଦିଅ ଏବଂ ''ହଁ, ମାତ୍ର ତଥାପି...'' ବୋଲି କହ । ବେଳେବେଳେ ତୁମେ ନିଜର ବୁଦ୍ଧିଦେଇ ତାହାର କୌଣସି ଏକ ଧାରଣା କରିଥାଅ, ମାତ୍ର ସେଥିରେ କୌଣସି ଦୀପ୍ତି ନ ଥାଏ, ଜୀବନ ନ ଥାଏ । ଏବଂ, ତାହା ଏକ ପ୍ରଚଣ୍ଡ ଶକ୍ତି ରୂପେ ହଠାତ୍ ଆସି ପହଞ୍ଚିଯାଏ ଏବଂ ଚେତନା ମଧ୍ୟରେ ରହିଥିବା ସବୁକିଛିକୁ ସେହି ଆଲୋକର ଚତୁର୍ଦିଗରେ ସଂଗଠିତ କରିଦେଇ ଯାଏ । ତାହା ଆଦୌ ଦୀର୍ଘ କାଳ ସ୍ଥାୟୀ ହୁଏ ନାହିଁ । ବେଳେବେଳେ ମାତ୍ର କେତେ ଘଣ୍ଟା ପାଇଁ ରହେ, ଆଉ ବେଳେବେଳେ କେତେ ଦିନଯାଏଁ ରହେ,– ମାତ୍ର ତା'ଠାରୁ ଅଧିକ ସମୟ ଲାଗି କେବେହେଲେ ରହେ ନାହିଁ । ଅବଶ୍ୟ, ଆପଣାର ଗତିବେଗରେ ତୁମେ ଅତ୍ୟନ୍ତ ଧୀର ହୋଇଥିଲେ ତାହା ଅନ୍ୟପ୍ରକାର ବି ହୋଇଥାଏ । ଏବଂ, ଇତ୍ୟବସରରେ ସତ୍ୟର ଉତ୍ସଟି ମଧ୍ୟ ଗତି କରିବାରେ ଲାଗିଥାଏ, ଦୂରକୁ ଦୂରକୁ ଚାଲି ଯାଉଥାଏ...

*ଏହିସବୁ ରୂପାନ୍ତର ତ ମନର ଭୂମିରେ ଘଟିଥାଏ; ମାତ୍ର ଜଡ଼ ଏବଂ ଏହି ଶରୀରର କ୍ଷେତ୍ରରେ,– ସେଥିପାଇଁ କେଉଁପ୍ରକାରର ଜ୍ଞାନ ଆବଶ୍ୟକ ହୁଏ ?*

ବର୍ତ୍ତମାନ ମୁଁ ସେବିଷୟରେ କିଛି କହିପାରିବି ନାହିଁ । କାରଣ ମୋତେ ସେବିଷୟରେ କିଛି ଜଣା ନାହିଁ ।

*ଏହା କ'ଣ ଆଉ ଏକ ପ୍ରକାରର ଜ୍ଞାନ ?*

ନାଇଁ, ମୁଁ ସେପରି ଭାବୁ ନାହିଁ ।

(ମାଆ ନୀରବ ରହିଲେ)

ଏହା ଆଉ ଏକ ପ୍ରକାରର କ୍ରିୟା ହୋଇପାରେ, ମାତ୍ର ଆଉ ଏକ ପ୍ରକାରର ଜ୍ଞାନ ନୁହେଁ ।

(ମାଆ ନୀରବ ରହିଲେ)

ପ୍ରକୃତ କଥା ହେଉଛି, ଯେତେବେଳେ ଏହି ଜଡ଼ ଅନ୍ତତଃ କିଛି ପରିମାଣରେ ରୂପାନ୍ତରିତ ହୋଇଯାଇ ପାରିବ, ଯେତେବେଳେ ରୂପାନ୍ତର-ପ୍ରକ୍ରିୟାର ଆରମ୍ଭ ହୋଇଯିବ, କେବଳ ସେତିକିବେଳେ ଯାଇ ଆମେ ଜଡ଼କୁ ପ୍ରକୃତରେ କିଏ ରୂପାନ୍ତର କରିପାରିବ, ସେବିଷୟରେ କିଛି କହିବାକୁ ସମର୍ଥ ହେବା । ସେତେବେଳେ ଯାଇ ଆମେ ସେହି ପ୍ରକ୍ରିୟାଟି ବିଷୟରେ କିଛି କହିପାରିବା । ମାତ୍ର ବର୍ତ୍ତମାନ...

(ମାଆ ନୀରବ ରହିଲେ)

ମାତ୍ର, ଯେକୌଣସି ଭୂମିରେ ହେଉ ପଛକେ, ସତ୍ତାରେ ଯେତେବେଳେ ଯାହା ରୂପାନ୍ତର ଘଟିବ, ସବୁବେଳେ ନିମ୍ନତର ଭୂମିଗୁଡ଼ିକରେ ମଧ୍ୟ ତାହାର ଏକ ପ୍ରତିକ୍ରିୟା ଅବଶ୍ୟ ହେବ । ସତ ଏକ ପ୍ରଭାବ ଅବଶ୍ୟ ପଡ଼ିବ । ଏପରିକି, ଯେଉଁ ବସ୍ତୁଗୁଡ଼ିକ ସଂପୂର୍ଣ୍ଣ ଭାବରେ ବୁଦ୍ଧିସ୍ତରର ବୋଲି ମନେ ହୋଇଥା'ନ୍ତି, ମସ୍ତିଷ୍କର ସଂଗଠନ ଉପରେ ସେଗୁଡ଼ିକର ମଧ୍ୟ ଏକ ସୁନିଶ୍ଚିତ ପ୍ରଭାବ ପଡ଼ିଥାଏ ।

କେବଳ ଏକ ନୀରବ ମନର ଭୂମିରେହିଁ ଏହି ପ୍ରକାରର ଏକ ସତ୍ୟୋଦ୍‌ଘାଟନ ସମ୍ଭବ ହୋଇପାରିବ– ଅନ୍ତତଃ ଏପରି ଏକ ମନରେ, ଯାହାଭିତରେ ଆଦୌ କୌଣସି ଚାଞ୍ଚଲ୍ୟ ନ ଥିବ, ଯାହାକି ସଂପୂର୍ଣ୍ଣ ଭାବରେ ଶାନ୍ତ ଓ ସ୍ଥିର ହୋଇ ରହିଥିବ, ତା' ନ ହେଲେ ସେଗୁଡ଼ିକର କୌଣସି ଆଗମନ ଘଟିବ ନାହିଁ । ବା, ଯଦିବା ଘଟିବ, ତେବେ ତୁମେ ସେଗୁଡ଼ିକୁ ଆଦୌ ଦେଖିପାରିବ ନାହିଁ; ତୁମ ଭିତରେ ହେଉଥିବା ନାନା କୋଳାହଳ ହେତୁ ତୁମେ ସେଗୁଡ଼ିକୁ ଜାଣିପାରିବ ନାହିଁ । ଅବଶ୍ୟ, ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏହି ଶାନ୍ତି, ଏହି ସ୍ଥିର ଅବସ୍ଥା ଓ ଏହି ଗ୍ରହଣଶୀଳତାକୁ ଆହୁରି ଅଧିକ ଉପଯୁକ୍ତ ଏବଂ ଦୃଢ଼ପ୍ରତିଷ୍ଠିତ ହେବାରେ ସେମାନେ ଅବଶ୍ୟ ସାହାଯ୍ୟ କରିବେ । ଭିତରେ କ'ଣ ଗୋଟିଏ ସଂପୂର୍ଣ୍ଣ ସ୍ଥିର ହୋଇ ରହିଥିବାର ଏହି ଯେଉଁ ଅନୁଭୂତି,– ମାତ୍ର ତାହା କଦାପି ବନ୍ଦ ହୋଇ ରହି ନ ଥିବ, ସ୍ଥିର ହୋଇ ରହିଥିବ, ଅଥଚ ଖୋଲା ହୋଇ ରହିଥିବ, ସ୍ଥିର ଅଥଚ

ଗ୍ରହଣଶୀଳ,– ବାରବାର ସେହି ଅନୁଭବଟି ହେବା ଦ୍ୱାରା ତାହା କ୍ରମେ ସୁପ୍ରତିଷ୍ଠିତ ହୋଇଯାଏ । ଗୋଟିଏ ପ୍ରକାର ନୀରବତା ରହିଛି, ଯାହା ଭିତରେ କି କୌଣସି ଜୀବନ ନ ଥାଏ, ଯାହା କୌଣସି ପ୍ରେରଣା ଦିଏ ନାହିଁ କିଂବା କୌଣସି ଅନୁସ୍ପନ୍ଦନ ଜଣାଏ ନାହିଁ; ଏବଂ ଆଉ ଗୋଟିଏ ପ୍ରକାରର ନୀରବତା ଯାହାକି ମନକୁ ନୀରବ କରି ରଖିଥାଏ ଓ ଗ୍ରହଣଶୀଳ ହୋଇ ରହିଥାଏ,– ଏହି ଦୁଇ ପ୍ରକାରର ନୀରବତା ମଧ୍ୟରେ ଏକ ବଡ଼ ଭେଦ ରହିଛି । ଏହାର ଫଳରେ ମଧ୍ୟ ଅନେକ ପାର୍ଥକ୍ୟ ରହିଥାଏ । ମାତ୍ର ତାହା ଏହିସବୁ ଅନୁଭୂତିର ପରିଣାମ ସ୍ୱରୂପହିଁ ଘଟିଥାଏ । ଆମ ଜୀବନରେ ଯାହାକିଛି ଅଗ୍ରଗତି ସମ୍ଭବ ହୁଏ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ସତତ ସେହି ଊର୍ଦ୍ଧ୍ୱରୁ ଆସୁଥିବା ସତ୍ୟଗୁଡ଼ିକ ଦ୍ୱାରାହିଁ ସମ୍ଭବ ହୋଇଥାଏ ।

ସେଗୁଡ଼ିକର ଅବଶ୍ୟ ଏକ ପରିଣାମ, ଶରୀରର କ୍ରିୟା ଉପରେ ସେଗୁଡ଼ିକର ଅବଶ୍ୟ ଏକ ପରିଣାମ ଘଟିଥାଏ,– ଶରୀରାଙ୍ଗ ଗୁଡ଼ିକର, ମସ୍ତିଷ୍କ ଓ ସ୍ନାୟୁ ପ୍ରଭୃତିର କ୍ରିୟା ଉପରେ ଏକ ପରିଣାମ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ପୂର୍ବରୁ– ବହୁ ପୂର୍ବରୁ ଘଟିବ,– ବାହ୍ୟ ଗଠନଟି ଉପରେ କୌଣସି ପରିଣାମ ସମ୍ଭବ ହେବାର ବହୁ ପୂର୍ବରୁହିଁ ଘଟିବ ।

ପ୍ରକୃତ କଥା ହେଉଛି, ଲୋକେ ଯେତେବେଳେ ରୂପାନ୍ତର ବିଷୟରେ କିଛି କହନ୍ତି, ସେତେବେଳେ ସେମାନଙ୍କ ମନରେ ପ୍ରଧାନତଃ ରୂପାନ୍ତରର ଏକ ସମ୍ମୋହନକାରୀ ଧାରଣା ରହିଥାଏ । ନୁହେଁ ? ତାହା କେଡ଼େ ସୁନ୍ଦର ହୋଇ ଦିଶୁଥାଏ ! ଆଲୋକମୟ, କୋମଳତାଯୁକ୍ତ, ନମନୀୟ– ଯାହାକୁ କି ଇଚ୍ଛା ଅନୁସାରେ ବଦଳାଇ ଦିଆଯାଇ ପାରୁଥିବ । ମାତ୍ର, ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକରେ ରୂପାନ୍ତର ଆଣିବାର ଏହି ଯେଉଁ ଅସୁନ୍ଦର କାର୍ଯ୍ୟଟି– ଏଇଟି ବିଷୟରେ ସେମାନେ ମୋଟେ ଅଧିକ କିଛି ଚିନ୍ତା କରି ନ ଥାନ୍ତି । ମାତ୍ର, ସୁନିଶ୍ଚିତ ଭାବରେ ସର୍ବପ୍ରଥମେ ତାହାହିଁ ଘଟିବ,– ବାହ୍ୟ ରୂପଟିର କୌଣସି ରୂପାନ୍ତର ହେବା ଆଗରୁ ସେକଥା ପ୍ରଥମେ ଘଟିବ ।

*ଶ୍ରୀଅରବିନ୍ଦ ଶାରୀରିକ ଅଙ୍ଗଗୁଡ଼ିକର ସ୍ଥାନରେ ଚକ୍ରଗୁଡ଼ିକର* * *କ୍ରିୟାର ପ୍ରବର୍ତ୍ତନ ଘଟାଇବା ବିଷୟରେ କହିଥିଲେ ।*

ହଁ, ହଁ, ସିଏ ଏଥିଲାଗି ତିନିଶହ ବର୍ଷ ଲାଗିବ ବୋଲି କହିଥିଲେ ! (ମାଆ ହସିଲେ)

---

* ସୂକ୍ଷ୍ମ ଶରୀରରେ ରହିଥିବା ଚେତନାର ବିଭିନ୍ନ କେନ୍ଦ୍ର ।

(ମାଆ ନୀରବ ରହିଲେ)

କାରଣ, ଏହି ବିଷୟରେ ସଂପୂର୍ଣ୍ଣ ଭାବରେ ଚିନ୍ତା କଲେ ତୁମେ ଏହାକୁ ବେଶ୍ ସ୍ୱଷ୍ଟ ଭାବରେ ବୁଝିପାରିବ । ଯଦି ଏହା କେବଳ ଗୋଟିଏ କଥାକୁ ବନ୍ଦ କରି ଅନ୍ୟ ଆଉ ଗୋଟିଏ କଥା ଆରମ୍ଭ କରିବାରହିଁ ଏକ ବ୍ୟାପାର ହୋଇଥାନ୍ତା ତେବେ ତାହାକୁ ବେଶ୍ କ୍ଷିପ୍ର ଗତିରେ ସମ୍ପାଦନ କରାଯାଇ ପାରନ୍ତା । ମାତ୍ର, ଗୋଟିଏ ଶରୀର ଯେପରି ତା'ର କ୍ରିୟାଗୁଡ଼ିକୁ କରି ଯାଉଥିବ, ସେଥିଲାଗି ତାହାକୁ ଜୀବିତ ରଖିବା ଏବଂ **ଯୁଗପଦ୍ ଭାବରେ** ସେଥିରେ ଏକ ନୂତନ କ୍ରିୟାତ୍ମକତାର ସଞ୍ଚାରଣ ଘଟାଇବା, ଯାହାକି ଶରୀର ବଞ୍ଚିରହିବା ଲାଗି ଯଥେଷ୍ଟ ହୋଇ ପାରୁଥିବ,– ଏବଂ ତା'ସହିତ ଏକ ରୂପାନ୍ତର ବି ଘଟାଇବା,– ଏହି ସବୁଯାକ ମିଶି ଏପରି ଜଟିଳ ହୋଇଯିବ, ଯାହାକୁ ଉପଲବ୍ଧି କରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ । ମୁଁ ଏବିଷୟରେ ଖୁବ୍ ସଜ୍ଞାନ,– ପ୍ରକୃତରେ ଖୁବ୍ ସଜ୍ଞାନ... କୌଣସି ପ୍ରକାରେ ବିପତ୍ତି ନ ଘଟାଇ ଏହି କାର୍ଯ୍ୟଟିକୁ କରିବାକୁ ହେଲେ ଯେଉଁ ବିପୁଳ ପରିମାଣର ସମୟ ଦରକାର ହୁଏ, ମୁଁ ସେବିଷୟରେ ଅତ୍ୟନ୍ତ ସଜ୍ଞାନ ।

ବିଶେଷତଃ, ଯେତେବେଳେ ଆମେ ହୃଦ୍‌ଯନ୍ତ୍ର ପାଖରେ ଆସି ପହଞ୍ଚିବା : ସେତେବେଳେ ସେହି ହୃଦ୍‌ଯନ୍ତ୍ରର ବିକଳ୍ପରୂପେ ଏକ ଶକ୍ତିକେନ୍ଦ୍ରର, ଏକ ପ୍ରଚଣ୍ଡ ଗତିଶୀଳ ଶକ୍ତିର କେନ୍ଦ୍ରକୁ ପ୍ରତିଷ୍ଠିତ କରି ଆଣିବାକୁ ହେବ ! (ମାଆ ହସିଲେ) ଠିକ୍ କେଉଁ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ରକ୍ତସଞ୍ଚାଳନର ପ୍ରକ୍ରିୟାଟିକୁ କାଟିଦେଇ ସେହି ଶକ୍ତିଟିକୁ ତାହାର କାର୍ଯ୍ୟ କରିବା ଲାଗି ବାଟ ଛାଡ଼ିଦେଇ ପାରିବା ?

ଏହା ପ୍ରକୃତରେ କଷ୍ଟକର ।

(ମାଆ ନୀରବ ରହିଲେ)

ସାଧାରଣ ଜୀବନରେ ଆମେ ପ୍ରଥମେ ସବୁକଥାକୁ ଭଲଭାବରେ ଭାବୁ ଓ ତା'ପରେ ଯାଇ କାର୍ଯ୍ୟଟିକୁ କରୁ !– ମାତ୍ର ଏହି କ୍ଷେତ୍ରରେ ତାହାର ଠିକ୍ ବିପରୀତ କଥାଟିକୁହିଁ କରିବାକୁ ହୁଏ ! ଏହି ଜୀବନରେ, ଆଗ ତୁମକୁ ଗୋଟିଏ କଥା କରିବାକୁ ହୁଏ, ଓ ପରେ, ଅନେକ ପରେ ଯାଇ ତୁମେ ସେହି କଥାଟିକୁ ବୁଝିପାର । ସର୍ବପ୍ରଥମେ ତାହାକୁ କରିବାକୁହିଁ ପଡ଼େ– ଆଦୌ କିଛିହେଲେ ନ ଭାବି କରିବାକୁ ପଡ଼େ । ଭାବିବାକୁ ଆରମ୍ଭ କଲେ କରିବା ଭଳି ଆଦୌ କିଛି କରି ହୁଏ ନାହିଁ । ଅର୍ଥାତ୍, ତୁମକୁ ପୁନର୍ବାର ସେହି ପୁରୁଣା ଗୁଳାରେ ଯାଇ ପଡ଼ି ରହିବାକୁ ହୁଏ ।

୬ ଅକ୍ଟୋବର, ୧୯୬୨

**୭୯. ଭଗବାନ୍ ହେଉଛନ୍ତି ଅନନ୍ତ ସମ୍ଭାବନା । ତେଣୁ ସତ୍ୟ କଦାପି ବିଶ୍ରାମ ନେଇପାରେ ନାହିଁ । ତେଣୁ, ପ୍ରମାଦର ମଧ୍ୟ ସନ୍ତାନମାନେ ଯୁକ୍ତିଯୁକ୍ତ ବୋଲି ପ୍ରତିପାଦିତ ହୋଇଥାନ୍ତି ।**

**୮୦. ଏପରି କେତେକ ଭକ୍ତ ଓ ଧର୍ମପରାୟଣ ବ୍ୟକ୍ତି ଥାଆନ୍ତି, ଯେଉଁମାନଙ୍କର କଥା ଶୁଣିବା ସମୟରେ ମନେହୁଏ ଯେ ଭଗବାନ୍ ମୋଟେ କେତେବେଳେ ହେଲେ ହସୁ ନ ଥିବେ । ଭଗବାନ୍‌ଙ୍କ ଭିତରେ ହାଇନେ ଯେତେବେଳେ ଦିବ୍ୟକଳାଯୁକ୍ତ ଆରିଷ୍ଟୋଫାନିସ୍‌ଙ୍କର ଦର୍ଶନ କଲେ, ସେତେବେଳେ ସିଏ ପ୍ରକୃତରେ ଅସଲ ସତ୍ୟର ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ହୋଇଥିଲେ ।**

ହଁ, ସିଏ କହୁଛନ୍ତି ଯେ, ଗୋଟିଏ ସମୟରେ ଯାହା ସତ୍ୟ, ତାହା ଆଉ ଏକ ସମୟରେ ଆଦୌ ସତ୍ୟ ହୋଇ ରହେ ନାହିଁ । ଏବଂ ସେଇଥିଲାଗି, ''ପ୍ରମାଦର ଯେ ସନ୍ତାନମାନେ ଜାତ ହୁଅନ୍ତି,'' ସେଥିପାଇଁ ତାହାକୁ ମୋଟେ ଦୋଷ ଦେଇ ହୁଏ ନାହିଁ ।

*ସମ୍ଭବତଃ ସିଏ କହିବାକୁ ଚାହୁଁଛନ୍ତି ଯେ ପ୍ରମାଦ ବୋଲି ଆଦୌ କିଛି ନାହିଁ ।*

ହଁ, ତାହା ସେହି ଏକା କଥା, ସେହି ଗୋଟିଏ କଥାକୁହିଁ ଆଉ ଗୋଟିଏ ପ୍ରକାରେ କୁହାଯାଇଛି । ଅର୍ଥାତ୍, ଆମେ ବର୍ତ୍ତମାନ ଯାହାକୁ ଏକ ପ୍ରମାଦ ବା ଭୁଲ୍ ବୋଲି କହୁଛୁ, ଏକଦା ତାହା ସତ୍ୟ ହୋଇ ରହିଥିଲା ।

ପ୍ରମାଦ ହେଉଛି ଏକ କାଳାନୁପେକ୍ଷିକ ଧାରଣା ।

*ଏପରି କେତେକ ବସ୍ତୁ ଥାଏ, ଯାହାକି ପ୍ରକୃତରେ ଭୁଲ୍ ବୋଲି ପ୍ରତୀତ ହେଉଥାଏ ।*

ସାମୟିକ ଭାବରେ ।

କଥାଟି ହେଉଛି ଏହିପରି : ଆମର ଯାବତୀୟ ବିଚାର ହେଉଛି ଗୋଟିଏ ଗୋଟିଏ ତାତ୍କାଳିକ ବିଚାର । ସେଗୁଡ଼ିକ ହେଉଛନ୍ତି : ଗୋଟିଏ ମୁହୂର୍ତ୍ତରେ ଏପରି, ଏବଂ

ତାହାର ପରବର୍ତ୍ତୀ ମୁହୂର୍ତ୍ତରେ ତାହା ଆଉ ମୋଟେ ଏପରି ହୋଇ ରହେ ନାହିଁ । ଏବଂ ଆମେ ସେଗୁଡ଼ାକୁ ଭୁଲ୍ ବୋଲି ଭାବୁ, କାରଣ ଆମେ ସବୁକଥାକୁ ଏକ ପୂର୍ବାପର ସମ୍ବନ୍ଧରେ ସଜାଇ କରି ଦେଖୁ । ମାତ୍ର, ଦିବ୍ୟ ପରମସତ୍ତାଙ୍କ ଆଖିରେ ତାହା ଆଦୌ ସେପରି ଦେଖାଯାଇ ପାରିବ ନାହିଁ,— କାରଣ ତାଙ୍କର ଭିତରେ ତ ସବୁକିଛି ରହିଛି ।

ବର୍ତ୍ତମାନ ତୁମେ ଗୋଟାଏ ମୁହୂର୍ତ୍ତ ପାଇଁ ନିଜକୁ ସେହି ଦିବ୍ୟ ପରମସତ୍ତା ବୋଲି କଳ୍ପନା କରିବାକୁ ଚେଷ୍ଟା କର ! ସବୁକିଛି ତୁମ ଭିତରେ ରହିଛି, ତୁମେ ସେଗୁଡ଼ିକୁ କେବଳ ଏକ ନିର୍ଦ୍ଦିଷ୍ଟ ପୂର୍ବାପର ସମ୍ବନ୍ଧରେ ବାହାରକୁ ଆଣୁଛ ଓ ସେଥିରୁ ଆନନ୍ଦ ପାଉଛ । ମାତ୍ର ତୁମ ଲାଗି, ତୁମର ଚେତନା ଭିତରେ, ସବୁକିଛି ଯୁଗପତ୍ ଭାବରେ ସେହିଠାରେହିଁ ଅବସ୍ଥିତ ରହିଛି । ପ୍ରକୃତରେ ସେହି କ୍ଷେତ୍ରରେ କୌଣସି କାଳାନୁକ୍ରମକତା ଆଦୌ ନାହିଁ— ଅତୀତ ନାହିଁ, ଭବିଷ୍ୟତ ନାହିଁ, ବର୍ତ୍ତମାନ ମଧ୍ୟ ନାହିଁ,— ସବୁକିଛି ଏକତ୍ର ହୋଇ ରହିଛି । ଏବଂ ସମ୍ଭାବ୍ୟ ଯାବତୀୟ ପୁଞ୍ଜରେ ନାନା ଆକାରରେ ରହିଛି । ସିଏ, ଆପଣାର ଆନନ୍ଦ ଲାଗିହିଁ, ପ୍ରଥମେ ଗୋଟିଏ ବସ୍ତୁକୁ ବାହାର କରି ଆଣୁଛନ୍ତି, ଏବଂ ତା'ପରେ ଆଉ ଗୋଟିଏ ବସ୍ତୁକୁ ବାହାରକୁ ଆଣୁଛନ୍ତି ଓ ଏହିପରି କରିବାରେ ଲାଗିଛନ୍ତି । ବିଚରା ତଳେ ରହିଥିବା ବ୍ୟକ୍ତିମାନେ ତାହାର କେବଳ ଏକ କ୍ଷୁଦ୍ର ଅଂଶକୁହିଁ ଦେଖିବାକୁ ପାଉଛନ୍ତି— ସେମାନେ ତାହାର କେବଳ ସେତିକି ଦେଖିବାକୁହିଁ ସମର୍ଥ— ଓ କହୁଛନ୍ତି, ''ଆରେ, ସେଠାରେ ଗୋଟାଏ ଭୁଲ ହୋଇଗଲା !'' କୋଉ ଦୃଷ୍ଟିରୁ ସେମାନେ ତାହାକୁ ଏକ ଭୁଲ୍ ବୋଲି କହୁଛନ୍ତି ? କେବଳ ଏହି କାରଣରୁ ଯେ, ସେମାନେ ତାହାର ଗୋଟିଏ କ୍ଷୁଦ୍ର ଅଂଶକୁହିଁ ଦେଖି ପାରୁଛନ୍ତି ।

ଏହି କଥାଟି ସହଜରେ ବୁଝିହେଉଛି, ନୁହେଁ ? ଏହାକୁ ବୁଝିବା ଭାରି ସହଜ । ଭୁଲ୍ ବିଷୟରେ ଏହି ଯେଉଁ ଧାରଣାଟି ରହିଛି, ତାହା ହେଉଛି କାଳ ଓ ଦେଶର ଅଧୀନ ହୋଇ ରହିଥିବା ଏକ ଧାରଣା ।

ଏହି ଅନୁଭବଟି ସତେଅବା ଏପରି ଲାଗୁଛି ଯେପରିକି ଜଣେ ଯୁଗପତ୍ ଭାବରେ କଦାପି **ହଁ ଓ ନାହିଁ** ଦୁଇଟାଯାକ ହୋଇ ପାରିବ ନାହିଁ । ମାତ୍ର ତଥାପି ଏହାହିଁ ପ୍ରକୃତରେ ହେଉଛି, ଏହା ହଁ ଓ ନାହିଁ ଏକାବେଳେକେ ହୋଇପାରୁଛି । ଏହି କ୍ଷେତ୍ରରେ କାଳର ଧାରଣାଟାହିଁ ଭୁଲ୍‌ର ଧାରଣାଟିକୁ ଆଣି ପ୍ରବିଷ୍ଟ କରାଇ ଦେଉଛି । କାଳ ଓ ଦେଶର ଧାରଣା ତାହା କରୁଛି ।

*କୌଣସି ବସ୍ତୁ ଅଛି ଓ ନାହିଁ,— ଏହା ଏକାବେଳେକେ ହେଉଛି ବୋଲି ଆପଣ ଭାବୁଛନ୍ତି କି ? ତେବେ ତାହା କିପରି ?*

ବସ୍ତୁଟି ଅଛି, ଏବଂ ଯୁଗପତ୍ ଭାବରେ ତାହାର ବିପରୀତଟି ମଧ୍ୟ ରହିଛି । ତେଣୁ, ଆମର ବୁଝିବାକୁ ହଁ ଆଉ ନାହିଁ କଦାପି ଏକାବେଳେକେ ସମ୍ଭବ ହୋଇପାରୁ ନାହାନ୍ତି । ମାତ୍ର, ପରମ ପ୍ରଭୁଙ୍କ ଲାଗି **ସବୁବେଳେ**ହିଁ ହଁ ଓ ନାହିଁ ଦୁଇଟାଯାକ ଯୁଗପତ୍ ଭାବରେ ସମ୍ଭବ ହେଉଛି ।

ଦେଶ ବିଷୟରେ ଆମର ଯେଉଁ ଧାରଣା ରହିଛି, ଏହା ଠିକ୍ ତାହାରି ଭଳି; ଆମେ କହୁ, ''ମୁଁ ଏଠାରେ ଅଛି, ତେଣୁ ତୁମେ କଦାପି ଏଠାରେ ରହି ପାରିବ ନାହିଁ ।'' ମାତ୍ର, ପ୍ରକୃତ କଥା ହେଉଛି, ମୁଁ ଏଠାରେ ଅଛି, ତୁମେ ଏଠାରେ ଅଛ, ସକଳ ବସ୍ତୁ ବି ଏଠାରେ ଅଛି ! (ମାଆ ହସିଲେ) ଏହି କଥାଟିକୁ ବୁଝିବାକୁ ହେଲେ ତୁମକୁ କେବଳ ଦେଶ ଓ କାଳର ଧାରଣାଟିକୁ ପଛରେ ଛାଡ଼ିଦେଇ ଆସିବାକୁ ପଡ଼ିବ ।

ଏହି କଥାଟିକୁ ଅତ୍ୟନ୍ତ ମୂର୍ତ୍ତ ଭାବରେ ଅନୁଭବ କରିହେବ, ମାତ୍ର, ଆମେ ବର୍ତ୍ତମାନ ଯେଉଁପରି ଭାବରେ ଦେଖୁଛୁ, ସେପରି ଭାବରେ ଆଦୌ ସମ୍ଭବ ହେବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ସ୍ଥିତିରେ ରହି ଏହି ସୂତ୍ରଗୁଡ଼ିକ ଲିଖିତ ହୋଇଥିଲା, ସେଠାରେ ଉଚ୍ଚତର ମନ ଗୋଟିଏ ନିମିଷରେହିଁ ଗାର ଡେଇଁ ଅତିମାନସ ଭିତରକୁ ଚାଲିଯାଏ । ଅର୍ଥାତ୍, ସାଧାରଣ ରୀତିରେ ତାହା ଯେପରି ଭାବରେ ରହିଥାଏ, ସେଇଟିକୁ ସିଏ ଭୁଲିଯାଇ ନ ଥାଏ, ମାତ୍ର, ଅତିମାନସର ରୀତିରେ ତାହା କିପରି ହେବ, ସେଇଟିକୁ ମଧ୍ୟ ଦେଖି ପାରୁଥାଏ । ତାହାର ଫଳରେ ଏହିପରି ପରିଣାମହିଁ ଘଟେ, ଏହି ପରସ୍ପର ବିରୋଧ ଆସି ଉପସ୍ଥିତ ହୁଏ । କାରଣ, ଗୋଟିଏ ପାସୋରି ଯାଇ ନ ଥାଏ ଏବଂ ଅନ୍ୟଟି ମଧ୍ୟ ଅବବୋଧ ଭିତରକୁ ଆସିଯାଇଥାଏ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଏବଂ ତଥାପି ଆମେ ଯଦି ଯଥାର୍ଥ ମନୋଯୋଗ ସହିତ ଅବଲୋକନ କରିପାରିବା, ତେବେ ଆମକୁ ଭାବିବାକୁ ପଡ଼ିବ ଯେ ପରମପ୍ରଭୁ ଆପଣା ଲାଗି ନିଶ୍ଚୟ ଏକ ଅଦ୍ଭୁତ ନାଟକ ରଚନା କରିବାରେ ଲାଗିଛନ୍ତି ! ଆମେ ବୁଝିପାରିବା ଯେ ଏହି ସମଗ୍ର ଅଭିବ୍ୟକ୍ତି ହେଉଛି ପ୍ରକୃତରେ ଗୋଟିଏ ନାଟକ, ଯେଉଁଥିରେ କି ସିଏ ସ୍ୱୟଂ ନିଜ ପାଇଁ ଓ ନିଜ ସହିତ ଅଭିନୟ କରିବାରେ ଲାଗିଛନ୍ତି ।

ଆପଣା ଲାଗି ସେ ସାକ୍ଷୀର ଭୂମିକା ଗ୍ରହଣ କରିଛନ୍ତି ଏବଂ ଆପଣା ଉପରେ ଅବଲୋକନ କରୁଛନ୍ତି । ଏବଂ ତେଣୁ, ଆପଣା ଉପରେ ଅବଲୋକନ କରିପାରିବା ଲାଗି ତାଙ୍କୁ କାଳ ଓ ଦେଶର ଧାରଣାଟିକୁ ସ୍ୱୀକାର କରିନେବାକୁ ପଡୁଛି, ସେପରି ନ କରୁଥିଲେ ସିଏ ଆଦୌ ଅବଲୋକନ କରି ପାରନ୍ତେ ନାହିଁ । ଏବଂ ତା'ପରେ ସଙ୍ଗେ

ସଙ୍ଗେହିଁ ନାଟକଟି ଆରମ୍ଭ ହୋଇଯାଉଛି । ମାତ୍ର, ଏହା କେବଳ ଏକ ନାଟକମାତ୍ର, ନାଟକ ବ୍ୟତୀତ ଆଉ କିଛି ନୁହେଁ ।

ମାତ୍ର ସେହି ନାଟକଟିକୁ ଆମେ ଗମ୍ଭୀର ଭାବରେ ଗ୍ରହଣ କରୁଛୁ, କାରଣ ଆମେ ସବୁ ସେଥିରେ ଗୋଟିଏ ଗୋଟିଏ ପିତୁଳା ହୋଇ ରହିଛୁ । ମାତ୍ର ପିତୁଳାର ଭ୍ରମ ତୁଟିଯିବା ପରେ, ଏହା ଯେ ପ୍ରକୃତରେ ଏକ ନାଟକ, ଆମର ସେବିଷୟରେ ଆଉ ଆଦୌ କୌଣସି ସନ୍ଦେହ ରହୁ ନାହିଁ ।

*କେତେ ଲୋକ ଏହାକୁ ପ୍ରକୃତରେ ଏକ ଦୁଃଖାନ୍ତ ନାଟକ ବୋଲି ଭାବିଥାନ୍ତି ।*

ହଁ, ଆମେ ନିଜେ ନାଟକଟିକୁ ଭାରି ଦୁଃଖପୂର୍ଣ୍ଣ କରିପକାଉ । **ଆମେ ନିଜେ** ସେଇଟିକୁ ଦୁଃଖମୟ କରିଦେଇଥାଉ ।

ଏବେ ମୁଁ ଏହି ବିଷୟରେ ଭାରି ମନୋଯୋଗ ସହକାରେ ଚିନ୍ତା କରୁଥିଲି । କେତେଗୁଡ଼ିଏ ଘଟଣା, ଯେଉଁଗୁଡ଼ିକ ମନୁଷ୍ୟର ଜୀବନରେ ଘଟିଥାଏ ଓ ଇତରପ୍ରାଣୀମାନଙ୍କର ଜୀବନରେ ବି ଘଟିଥାଏ, ମୁଁ ସେହି ସଦୃଶ ଘଟଣାଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ପରୀକ୍ଷା କରି ଦେଖୁଥିଲି । ଯଦି ତୁମେ ଇତରପ୍ରାଣୀମାନଙ୍କ ସହିତ ନିଜକୁ ଏକାତ୍ମକ କରି ରଖିପାରିବ, ତେବେ ବେଶ୍ ସ୍ପଷ୍ଟ ଭାବରେ ଦେଖିବାକୁ ପାଇବ ଯେ, ଇତର ପ୍ରାଣୀମାନେ ତାହାକୁ କେବେହେଲେ ଗାମ୍ଭୀର୍ଯ୍ୟର ସହିତ ଗ୍ରହଣ କରନ୍ତି ନାହିଁ । ଯେଉଁ ଇତର ପ୍ରାଣୀମାନେ ମନୁଷ୍ୟର ସଂସ୍ପର୍ଶରେ ଆସିଥାନ୍ତି, କେବଳ ସେହିମାନେହିଁ ସେପରି କରିଥାନ୍ତି । ମାତ୍ର ତାହାକୁ ସେମାନଙ୍କର ସ୍ୱାଭାବିକ ସ୍ଥିତି ବୋଲି କଦାପି କୁହାଯିବ ନାହିଁ, ଏକ ଅନ୍ତଃବର୍ତ୍ତୀ ଅବସ୍ଥା ବୋଲି କୁହାଯିବ । ସେତେବେଳେ ସେମାନେ ଇତରପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଏକ ଅନ୍ତଃବର୍ତ୍ତୀ ସତ୍ତା ହୋଇ ରହିଥାନ୍ତି... ଏବଂ, ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ସେମାନେ ମନୁଷ୍ୟର ଦୋଷଗୁଡ଼ିକୁହିଁ ପ୍ରଥମେ ଶିକ୍ଷା କରି ନିଅନ୍ତି— ଦୋଷଗୁଡ଼ିକୁହିଁ ସର୍ବଦା ସବୁଠାରୁ ଅଧିକ ସହଜରେ ଶିକ୍ଷା କରି ହୁଏ ! ଏବଂ ତେଣୁ ସେମାନେ ନିଜକୁ ଭାରି ଅସୁଖୀ କରିପକାନ୍ତି,— ମିଛଟାରେ ଅସୁଖୀ କରି ରଖିଥାନ୍ତି ।

ଏହିପରି ଅନେକ ଅନେକ କଥା...ମନୁଷ୍ୟ ମୃତ୍ୟୁକୁ ନେଇ ମଧ୍ୟ ଏକ ଭୟଙ୍କର ଦୁଃଖଦତା ସୃଷ୍ଟି କରି ରଖିଛି । ବିଗତ କେତେ ଦିନ ଧରି ମୁଁ ସେହି କଥା ଦେଖିବାକୁ ପାଇଛି; କାରଣ, କାଲି ବା ପଅରିଦିନ ରାତିରେ ମୁଁ ଏପରି ଏକ ଜଗତରେ ଦୁଇଟି ଘଣ୍ଟା ଅତିବାହିତ କଲି, ଯାହାକୁ କି ଏକ ସୂକ୍ଷ୍ମଭୌତିକ ଜଗତ ବୋଲି କୁହାଯିବ, ଯେଉଁଠାରେ

କି ଆଦୌ କୌଣସି ପାର୍ଥକ୍ୟ ଅନୁଭବ ନ କରି ଜୀବିତ ଏବଂ ମୃତମାନେ ପରସ୍ପର ସହିତ ଏକାଠି ମିଶି ରହିଥାନ୍ତି,– ପ୍ରକୃତରେ ଆଦୌ କୌଣସି ପାର୍ଥକ୍ୟ ନ ଥାଏ । ହଁ, କୌଣସି ପାର୍ଥକ୍ୟ ନ ଥାଏ । ମୁଁ ଜୀବିତମାନଙ୍କୁ ଦେଖିପାରୁଥିଲି– ଯେଉଁମାନଙ୍କୁ ଆମେ ''ଜୀବିତ'' ବୋଲି କହୁ ଓ ଯେଉଁମାନଙ୍କୁ ''ମୃତ'' ବୋଲି ବି କହୁ । ସେଠାରେ ସେମାନେ ଏକାଠି ରହିଥିଲେ, ଏକାଠି ଭୋଜନ କରୁଥିଲେ, ଏକାଠି ଯା'ଆସ କରୁଥିଲେ ଓ ଏକାଠି ଖେଳୁଥିଲେ । ଏବଂ ଏକ ମଧୁର ଆଲୋକନ ମଧ୍ୟରେ– ସ୍ଥିର ଏବଂ ଅତ୍ୟନ୍ତ ସୁଖକର ଆଲୋକନ ମଧ୍ୟରେ ତାହା ଘଟୁଥିଲା । ଭାରି ସୁଖକର ଲାଗୁଥିଲା । ମୁଁ ମନେମନେ କହିଲି, ''ସେଠାରେ ମନୁଷ୍ୟମାନେ ବିଶ୍ରାମ ଗ୍ରହଣ କରୁଛନ୍ତି ଏବଂ ତା'ପରେ ସେମାନେ 'ବର୍ତ୍ତମାନ ସେମାନେ ମୃତ' ବୋଲି କହୁଛନ୍ତି ।'' ଏବଂ ''ମୃତ''– ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ କଥା ହେଉଛି ଯେ, ସେମାନେ କୌଣସି ଅଚେତନ ବସ୍ତୁ ପ୍ରତି ଯେଉଁପରି ବ୍ୟବହାର ଦେଖାନ୍ତେ, ଏମାନଙ୍କ ପ୍ରତି ମଧ୍ୟ ସେହିପରି ବ୍ୟବହାର ଦେଖାଉଛନ୍ତି ।– ତଥାପି ଶରୀର ଏବେ ସୁଦ୍ଧା ସଚେତନ ହୋଇ ରହିଛି ।

(ମାଆ ନୀରବ ରହିଲେ)

ତେବେ, ଭୁଲ୍ କେଉଁଠି ରହିଛି, ଭୁଲ୍ ପ୍ରକୃତରେ କେଉଁଠି ରହିଛି ?

ଅର୍ଥାତ୍, ଭୁଲ୍ ଆଦୌ କେଉଁଠି ହେଲେ ନାହିଁ । ବସ୍ତୁଗୁଡ଼ିକ କେବଳ ଅସମ୍ଭବ ବୋଲି ବୋଧ ହୋଇଥାନ୍ତି, କାରଣ ପରମପ୍ରଭୁ ପ୍ରକୃତରେ ସକଳ ସମ୍ଭାବନାର ଆକର ବୋଲି ଆମକୁ ମୋଟେ ଜଣା ନ ଥାଏ । ତାଙ୍କୁ ଯେପରି ଯେତେବେଳେ ଭଲ ଲାଗିବ, ସିଏ ସେତେବେଳେ ସେପରି ଅବଶ୍ୟ କରିପାରିବେ । ସେକଥା ଆମର ମୁଣ୍ଡ ଭିତରେ ଆଦୌ ପଶିପାରେ ନାହିଁ ଏବଂ ତେଣୁ ଆମେ ସର୍ବଦା କହୁଥାଉ, ''ଏଇଟା ସମ୍ଭବ, ମାତ୍ର ସେଇଟା ଅସମ୍ଭବ ।'' ମାତ୍ର ସେକଥା ଠିକ୍ ନୁହେଁ ! ଆମ ପରି ଅଳ୍ପବୁଦ୍ଧିମାନଙ୍କ ସକାଶେ ତାହା ସମ୍ଭବ ନୁହେଁ, ମାତ୍ର ପ୍ରକୃତରେ ସବୁକିଛି ସମ୍ଭବ ।

(ମାଆ ନୀରବ ରହିଲେ)

ବୁଝିଲ, ଯିଏ ସାକ୍ଷୀ ପରି ରହି ନାଟକଟିକୁ ଦେଖୁଛି, କେବଳ ସେଇ ଆଦୌ କୌଣସି ପ୍ରକାରେ ଉଦ୍‌ବିଗ୍ନ ହୋଇ ପଡ଼େ ନାହିଁ,– କାରଣ, ଯାହାକିଛି ଘଟିବାକୁ ଯାଉଛି, ତାକୁ ସେହି ଯାବତୀୟ ବିଷୟ ଜ୍ଞାତ ଥାଏ । ପ୍ରତ୍ୟେକ ବିଷୟରେ ତା'ର ପରିପୂର୍ଣ୍ଣ ଜ୍ଞାନ ରହିଥାଏ,– ଯାହାକିଛି ଘଟୁଛି, ଘଟିସାରିଛି ଓ ଘଟିବାକୁ ଯାଉଛି, ସିଏ ସବୁକିଛି ଜାଣିଥାଏ । ଏବଂ ଏହା ଏକ ସମଗ୍ରର ଆକାରରେ **ଗୋଟିଏ** ଉପସ୍ଥିତି ରୂପେ ତା' ଆଗରେ ବିଦ୍ୟମାନ

ରହିଥାଏ । ଏବଂ ସେହି ଅନ୍ୟମାନେ, ନାଟକଟିର ଅଭିନେତାମାନେ କିଛି ଜାଣି ନ ଥାନ୍ତି, ନିଜର ଭୂମିକାଟି ବିଷୟରେ ମଧ୍ୟ ଆଦୌ କିଛି ଜାଣି ନ ଥାନ୍ତି ! ଏବଂ ସେମାନେ ଭାରି ଉଦ୍‌ବେଗ ପ୍ରକାଶ କରିବାରେ ଲାଗିଥାନ୍ତି, କାରଣ ସେମାନଙ୍କୁ କୌଣସି ଏକ ବିଷୟ ଅଭିନୟ କରିବା ଲାଗି ଉଦ୍ଦିଷ୍ଟ କରି ରଖା ଯାଇଥାଏ ଏବଂ ସେମାନେ ସେଇଟି ବିଷୟରେ କିଛି ଜାଣି ନ ଥାନ୍ତି । ଏହି କଥାଟିକୁ ମୁଁ ଏବେ ଭାରି ତୀବ୍ର ଭାବରେ ଅନୁଭବ କରିବାକୁ ଆରମ୍ଭ କରିଛି : ଆମେ ସମସ୍ତେ ଗୋଟିଏ ନାଟକରହିଁ ଅଭିନୟ କରୁଛୁ, ମାତ୍ର, କେଉଁ ନାଟକଟିରେ ଅଭିନୟ କରୁଛୁ, ସେବିଷୟରେ ଆଦୌ କିଛି ଜାଣି ନାହୁଁ । ଏହି ନାଟକର ପରିଣତି କ'ଣ ହେବ, ଏହା ପ୍ରକୃତରେ କେଉଁଠାରୁ ଆରମ୍ଭ ହୋଇଛି ଏବଂ ସମଗ୍ରତଃ ଏଥିରେ କେଉଁ ବିଷୟର ଅଭିନୟ ଚାଲିଛି, ସେବିଷୟରେ ଆମକୁ ଆଦୌ କିଛି ଜଣା ନାହିଁ । ଆମକୁ ସେଥିରେ ବିଭିନ୍ନ ମୁହୂର୍ତ୍ତରେ କ'ଣ କରିବାକୁ ହେବ, ସେବିଷୟରେ ଆମେ ପ୍ରକୃତରେ କେଡ଼େ ଅପୂର୍ଣ୍ଣ ଭାବରେ କେତେ ଟିକିଏ ଜାଣିଛୁ ! ଏବିଷୟରେ ଆମର ଜ୍ଞାନ ଅତ୍ୟନ୍ତ ଅସଂପୂର୍ଣ୍ଣ ହୋଇ ରହିଛି । ଏବଂ ତେଣୁ ଆମେ ଉଦ୍‌ବିଗ୍ନ ହୋଇପଡୁଛୁ ! ମାତ୍ର ଯେତେବେଳେ ସେହି ସଂପୂର୍ଣ୍ଣ କଥାଟିକୁ ଜାଣି ପାରୁଛି, ସେତେବେଳେ ସିଏ ଆଉ ମୋଟେ ଉଦ୍‌ବିଗ୍ନ ହେଉ ନାହିଁ, ସିଏ କେବଳ ମୁରୁକି ହସି ଦେଉଛି । ପରମ ପ୍ରଭୁଙ୍କର ପ୍ରକୃତରେ ଭାରି ମଜା ହେଉଥିବ, କିନ୍ତୁ ଆମେ... ଏବଂ ତଥାପି, ଠିକ୍ ସେହି ପରମ ପ୍ରଭୁଙ୍କ ପରି ସେହି ଆନନ୍ଦଟିକୁ ଅନୁଭବ କରିବା ଲାଗି ଆମକୁ ମଧ୍ୟ **ପୂର୍ଣ୍ଣଶକ୍ତି** ପ୍ରଦତ୍ତ ହୋଇଛି ।

ମାତ୍ର ଆମେ ତେଣେ ମଥା ପୂରାଇବାକୁ ମୋଟେ ରାଜି ନୋହୁ ।

*ଏହା ସହଜ ବି ନୁହେଁ !*

ହଁ, ଯଦି ସହଜ ହୋଇଥାନ୍ତା,... ଯଦି ସହଜ ହୋଇଥାନ୍ତା, ତେବେ ଆମକୁ ତାହା ଭାରି ଚିଟା ଲାଗନ୍ତା !

ଏଇ ଜୀବନ କାହିଁକି ଏପରି ଦୁଃଖଦ ହୋଇ ରହିଚି, ବେଳେବେଳେ ମନରେ ସେହି ପ୍ରଶ୍ନଟି ଉଦିତ ହୋଇଥାଏ । ମାତ୍ର, ଯଦି ତାହା କୌଣସି ଏକ ନିରନ୍ତର ଆକର୍ଷଣ ପରି ହୋଇ ରହିଥାନ୍ତା, ତେବେ ଆମେ ହୁଏତ ତାହାର ମହତ୍ତ୍ୱଟିକୁ ହୃଦୟଙ୍ଗମ ବି କରି ପାରନ୍ତୁ ନାହିଁ, କାରଣ ତାହା ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ମନେ ହେଉଥାନ୍ତା । ପ୍ରଧାନତଃ ସେହିପରି ହୁଅନ୍ତା, ଆମେ ତାହାର ମହତ୍ତ୍ୱଟିକୁ ହୃଦୟଙ୍ଗମ ବି କରି ପାରନ୍ତେ ନାହିଁ, କାରଣ ତାହା ସଂପୂର୍ଣ୍ଣ ଭାବରେ ସ୍ୱାଭାବିକ ହୋଇ ରହିଥାନ୍ତା । ଏବଂ, ହୁଏତ ଏକ

ପରିବର୍ତ୍ତନ ସକାଶେ ଆମକୁ ଯେ ଏହିପରି କିଞ୍ଚିତ୍ ବିମୂଢ଼ତା ପ୍ରକୃତରେ ଭଲ ଲାଗୁ ନାହିଁ, ସେକଥା କିଏ ଦୃଢ଼ ଭାବରେ କହିପାରିବ ? ସେବିଷୟରେ ମୋଟେ ନିଶ୍ଚିତ ହୋଇ ହେବ ନାହିଁ ।

ସମ୍ଭବତଃ ଏହାହିଁ ହେଉଛି ଆମର ଏହି ପୃଥିବୀରୂପୀ ସୁଖମୟ ସ୍ୱର୍ଗପୁରର କାହାଣୀ... ସ୍ୱର୍ଗପୁରରେ ସମସ୍ତେ ସ୍ୱତଃସ୍ଫୂର୍ତ୍ତ ଭାବରେ ଜ୍ଞାନଲାଭ କରୁଥିଲେ, ଅର୍ଥାତ୍, ଇତରପ୍ରାଣୀଙ୍କ ପରି ସେହି ଗୋଟିଏ ଚେତନାକୁ ବହନ କରି ସେମାନେ ଜୀବନ ବଞ୍ଚୁଥିଲେ; ଜୀବନକୁ କିଞ୍ଚିତ୍ ଉପଭୋଗ କରିହେବା ଭଳି ଓ ଜୀବନର ଆନନ୍ଦ ଅନୁଭବ କରିବା ଭଳି ଯେତିକି ସଚେତନତା ଆବଶ୍ୟକ, ସେମାନଙ୍କର ସେତିକି ଚେତନା ରହିଥିଲା । ମାତ୍ର ସେମାନେ କାହିଁକି ଓ କିପରିଗୁଡ଼ିକୁ ମଧ୍ୟ ଜାଣିବାକୁ ଆରମ୍ଭ କଲେ; ସେମାନଙ୍କର ଜୀବନର ଗତି କୁଆଡ଼େ, ସେମାନଙ୍କର କର୍ତ୍ତବ୍ୟ କ'ଣ, ପ୍ରଭୃତି ବିଷୟରେ ଜାଣିବାକୁ ଇଚ୍ଛା କଲେ । ଏବଂ ସେତିକିବେଳେହିଁ ସବୁଯାକ ଚିନ୍ତା ଆସି ପହଞ୍ଚିଗଲା । —ଏପରି ଭାବରେ ନିଶ୍ଚିନ୍ତ ହୋଇ ସୁଖ ଭୋଗ କରିବାକୁ ସେମାନଙ୍କୁ ଆଉ ଭଲ ଲାଗିଲା ନାହିଁ ।

(ମାଆ ନୀରବ ରହିଲେ)

ମୁଁ ଭାବୁଛି, ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହିଁଛନ୍ତି ଯେ, ଆଉ ଯାବତୀୟ ସବୁକିଛି ପରି ଭୁଲ୍ ମଧ୍ୟ ଏକ ଭ୍ରମଧାରଣା— ଭୁଲ୍ ବୋଲି ପ୍ରକୃତରେ କେଉଁଠି କିଛି ହେଲେ ନାହିଁ,— ମାତ୍ର ଯାବତୀୟ ସମ୍ଭାବନା ମହଜୁଦ ହୋଇ ରହିଛି, ଏବଂ ସେଗୁଡ଼ିକ ଅନେକ ସମୟରେ— ଏବଂ **ପ୍ରୟୋଜନତଃ** — ଏକତ୍ର ହୋଇ ରହିଥିବା ସମୟରେ ପରସ୍ପରର ବିରୋଧୀ ହୋଇ ମଧ୍ୟ ରହିଥାନ୍ତି । ସେଗୁଡ଼ିକ ଆପାତତଃ ପରସ୍ପରର ବିରୋଧୀ ବୋଲି ପ୍ରତୀତ ହୁଅନ୍ତି । ମାତ୍ର ସେତେବେଳେ ନିଜ ଆଡ଼କୁ ଦୃଷ୍ଟିପାତ କରି କେବଳ ଏହି ଗୋଟିଏ କଥା କହିବାକୁ ହୋଇଥାଏ, ''ଭୁଲ୍ କହିଲେ ମୁଁ ପ୍ରକୃତରେ କ'ଣ ବୁଝୁଛି ?'' ଯଦି ତୁମେ ସିଧା ଭାବରେ ପ୍ରସଙ୍ଗଟି ଉପରେ ଦୃଷ୍ଟିପାତ କରିପାରିବ, ତେବେ ତୁମେ ତତ୍କ୍ଷଣାତ୍ ଏହା ସଂପୂର୍ଣ୍ଣ ଭାବରେ କେବଳ ଏକ ନିର୍ବୋଧତା ବୋଲି ଆବିଷ୍କାର କରିବ,— ଭୁଲ୍ ବୋଲି କେଉଁଠି କିଛିହେଲେ ନାହିଁ । କୌଣସି କଥା ତୁମ ହାତ ଉପରୁ ଖସିଗଲେ ତୁମକୁ ଭୁଲ୍ ବୋଲି ଲାଗୁଛି ।

(ମାଆ ନୀରବ ରହିଲେ)

ମୁଁ ଅନୁଭବ କରୁଛି ଯେ ଶ୍ରୀଅରବିନ୍ଦ ସେତେବେଳେ ଆପଣାର ଉତ୍କ୍ରାନ୍ତି— ପର୍ଯ୍ୟାୟରେ ରହିଥିଲେ; ସଂବୋଧି-ମନ ଗୋଟିଏ ଗର୍ତ୍ତକୁ ଭେଦ କରି ଅତିମାନସର

ସଂସ୍ପର୍ଶ ଲାଭ କରିବାକୁ ଆରମ୍ଭ କରୁଥିଲା, ଏବଂ ତେଣୁ କଥାଟି ତାଙ୍କୁ ସେହିପରି ଭାବରେ ଦୃଷ୍ଟିଗୋଚର ହେଲା । ସତେଅବା ତାଙ୍କର ଭାବନାରେ ଏକ ବିସ୍ଫୋରଣ ଘଟିଲା ଏବଂ ସେତେବେଳେ ସିଏ ଏହି ବିଷୟଗୁଡ଼ିକୁ ଲେଖିଥିଲେ । ଏବଂ, ଉଚିତ ଗତିପଥଟିକୁ ଅନୁସରଣ କରିପାରିଲେ ତୁମେ ନିଶ୍ଚୟ ଏକାବେଳେକେ ମୂଳ ପାଖରେ ପହଞ୍ଚିଯାଇ ପାରିବ ।

ସ୍ପଷ୍ଟତଃ, ସିଏ ଏହି କଥା କହିବାକୁ ଚାହୁଁଥିଲେ ଯେ, ଆମେ ଯାହାକୁ ଭୁଲ୍ ବୋଲି କହୁଛୁ, ତାହା ହେଉଛି ଅଗଣିତ ଓ ଅନନ୍ତ ସକଳ ସମ୍ଭାବନା ମଧ୍ୟରୁହିଁ ଗୋଟିଏ ସମ୍ଭାବନା । ''ଅନନ୍ତ'' କଥାଟିର ତାତ୍ପର୍ଯ୍ୟ ହେଉଛି ଯେ, ସମ୍ଭାବନାର ବାହାରେ କେଉଁଠି ହେଲେ ଆଦୌ କିଛି ନାହିଁ । ତେବେ, ଏହି ଭୁଲ୍ ପାଇଁ ଆମେ ପୁଣି କେଉଁଠାରେ ଏକ ସ୍ଥାନ ବାହାର କରିପାରିବା ? ଆମେ ତାହାକୁ ଭୁଲ୍ ବୋଲି କହୁଛୁ, ମାତ୍ର ତାହା ପଛରେ ଆଦୌ କୌଣସି ଯୁକ୍ତି ନାହିଁ । ଆମେ ''ଏଇଟା ଗୋଟାଏ ଭୁଲ୍'' ବୋଲି କହୁଛୁ ? ମାତ୍ର କାହାର ସମ୍ବନ୍ଧରେ ବିଚାର କରି ଆମକୁ ତାହା ଭୁଲ୍ ବୋଲି ଲାଗୁଛି ? ''ଏଇଟି ସତ୍ୟ'' ବୋଲି ଆମ ଭିତରେ ଯେଉଁ ଅନ୍ୟ ମୀମାଂସାଟି ରହିଛି, ତାହାରି ପରିପ୍ରେକ୍ଷୀରେହିଁ ଆମେ ଅନ୍ୟଟିକୁ ଭୁଲ୍ ବୋଲି କହୁଛୁ । ମାତ୍ର ପରମପ୍ରଭୁଙ୍କ ସହିତ ରହିଥିବା ତାହାର ସମ୍ବନ୍ଧଟିର ପରିପ୍ରେକ୍ଷୀରେ ତାହା କଦାପି ଭୁଲ୍ ନୁହେଁ, କାରଣ ଏଇଟି ମଧ୍ୟ ସେହି ପ୍ରଭୁଙ୍କର ଏକ ଅଂଶ ହୋଇ ରହିଛି, ତାଙ୍କରି ଭିତରେ ଅନ୍ତର୍ଗତ ହୋଇ ରହିଛି ।

ଖୁବ୍ କମ୍‌ସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ବୋଧକ୍ଷେତ୍ରରେ ଏହି ସୀମାପ୍ରସାରଣକୁ ପ୍ରକୃତରେ ସହ୍ୟ କରିପାରିବେ ।

ଏବଂ, ଯେତେବେଳେ ମୁଁ ଏହିପରି ଦୃଷ୍ଟିପାତ କରିବାକୁ ଆରମ୍ଭ କରେ (ମାଆ ଆପଣାର ଆଖି ଦିଓଟିକୁ ବନ୍ଦ କରିଦେଲେ), ସେତେବେଳେ ମୁଁ ଯୁଗପତ୍ ଭାବରେ ଦୁଇଟି କଥା ଦେଖିବାକୁ ପାଏ : ସେଠି କେବଳ ଏହି ଦରସ୍ମିତଟି ରହିଥାଏ, ଏହି ଆନନ୍ଦ ରହିଥାଏ ଓ ଏହି ସହାସ୍ୟତା ରହିଥାଏ;— ଏବଂ ତା'ସହିତ କେଡ଼େ ଶାନ୍ତି ବି ରହିଥାଏ ! ଏହିପରି ଏକ **ପରିପୂର୍ଣ୍ଣ**, ପ୍ରଭାସ୍ୱର ଏବଂ ସମଗ୍ର ଶାନ୍ତି, ଯେଉଁଥିରେ କି ଆଉ କୌଣସି ଦ୍ୱନ୍ଦ୍ୱ ନ ଥାଏ, ଆଦୌ କୌଣସି ବିରୋଧ ନ ଥାଏ । ଆଦୌ କୌଣସି ଦ୍ୱନ୍ଦ୍ୱ ନ ଥାଏ । କେବଳ ସେହି **ଗୋଟିଏ ମାତ୍ର** ଆଲୋକମୟ ସମଞ୍ଜସତା ବିରାଜମାନ କରୁଥାଏ,— ଏବଂ ତଥାପି, ଆମେ ଯେଉଁସବୁ କଥାକୁ ଭୁଲ୍ ବୋଲି କହୁ, କଷଣ ବା ଦୁଃଖ ବୋଲି କହୁ, ସେହି ସବୁକିଛି ସେଠାରେ ବିଦ୍ୟମାନ ଥାଏ । **ସେଥିରୁ ଆଦୌ କୌଣସିଟି ବାଦ୍ ଯାଇ ନ ଥାଏ,** ସେହି ଦେଖିବା ହେଉଛି ଏକ ଅନ୍ୟ ପ୍ରକାରର ଦୃଷ୍ଟିପାତ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଏଥିରେ ଆଦୌ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଯଦି ତୁମେ ଏହି ଭ୍ରାନ୍ତି ଭିତରୁ ବାହାରି ଯିବାକୁ ଇଚ୍ଛା କରୁଥାଅ, ତେବେ ସେଥିଲାଗି ତୁମକୁ ଆଦୌ ଏତେବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ : ତୁମ ନିଜକୁ ମୋଟେ କିଛିହେଲେ କରିବାକୁ ପଡ଼ିବ ନାହିଁ, କେବଳ ସବୁକିଛି କରିବା ଲାଗି ସେହି ପରମପ୍ରଭୁଙ୍କୁ ବାଟ ଛାଡ଼ିଦେବାକୁ ପଡ଼ିବ । ଏବଂ ସେଇ ସବୁକିଛି କରିବେ । ସବୁକିଛି କରିବେ । ଏହା ପ୍ରକୃତରେ ବଡ଼ ଅଦ୍ଭୁତ, ବଡ଼ ଅଦ୍ଭୁତ !

ସିଏ ସବୁକିଛିକୁ ଗ୍ରହଣ କରିନିଅନ୍ତି, ଏପରିକି, ଆମେ ଯାହାକୁ ଅତି ସାଧାରଣ ସ୍ତରର ବୁଦ୍ଧି ବୋଲି କହିଥାଉ, ସିଏ ସେଇଟିକୁ ମଧ୍ୟ ଗ୍ରହଣ କରିନିଅନ୍ତି ଏବଂ ତୁମକୁ କେବଳ ସେହି ବୁଦ୍ଧିଟିକୁ ଗୋଟାଏ ପାଖକୁ ଆଡ଼େଇ ଦେଇ ରଖିବାର, ତାହାକୁ ପୂର୍ଣ୍ଣ ବିଶ୍ରାମ ପ୍ରଦାନ କରିବାର ବାଟଟିକୁ ବତାଇ ଦିଅନ୍ତି । ତୁମକୁ କହି ଶିଖାନ୍ତି : ''ହଁ, ସେଇଠି, ତୁ ସେଇଠି ଥିର ହୋଇ ରହିଥିବୁ, ଏତେଟିକିଏ ମଧ୍ୟ ହଲ୍‌ଚଲ୍ ହେବୁ ନାହିଁ, ମୋତେ ଆଉ ବିରକ୍ତ କରିବୁ ନାହିଁ, ତୋ'ଲାଗି ମୋ'ର ଆଉ କୌଣସି ଆବଶ୍ୟକତା ନାହିଁ ।'' ତା'ପରେ ଦ୍ୱାରଟିଏ ଖୋଲିବାକୁ ଆରମ୍ଭ କରେ,– ତୁମକୁ ଯେ ସେହି ଦୁଆରଟିକୁ ଖୋଲିବାକୁ ହେବ, ତୁମେ ସେହି କଥାଟି ମଧ୍ୟ ମୋଟେ ଅନୁଭବ କରିପାର ନାହିଁ; ଦୁଆରଟି ପୂରା ଖୋଲିଯାଏ ଏବଂ ତୁମକୁ ଅନ୍ୟ ପାଖକୁ ଅତିକ୍ରମ କରାଇ ନେଇ ନିଆଯାଏ । ଏହି ସବୁକିଛି ଆଉ ଜଣକ ଦ୍ୱାରା ହୁଏ, ତୁମକୁ କିଛି କରିବାକୁ ପଡ଼େ ନାହିଁ । ଏବଂ ତା'ପରେ ସେହି ଅନ୍ୟ ରୀତିଟି ପ୍ରକୃତରେ ଅସମ୍ଭବ ହୋଇପଡ଼େ ।

ଏହି ସବୁକିଛି... ବୁଝିବ ବୋଲି ଚେଷ୍ଟା କରି ମଣିଷର ମନ କେଡ଼େ ପ୍ରଚଣ୍ଡ ଭାବରେ କେତେ ଶ୍ରମ କରିବାରେ ଲାଗି ନ ଥାଏ, କେତେ କଷଣ କରୁ ନ ଥାଏ ଓ ଆପଣା ଲାଗି ନାନା ମୁଣ୍ଡବ୍ୟଥା ସୃଷ୍ଟି କରୁ ନ ଥାଏ !... ଏହା ସଂପୂର୍ଣ୍ଣ ଭାବରେ ନିରର୍ଥକ, ଏକାବେଳେକେ ନିରର୍ଥକ,– ଏଥିରେ ମୋଟେ କୌଣସି ଲାଭ ହୁଏ ନାହିଁ, କେବଳ ଗୋଳମାଳଟା ଅଧିକ ହେବାହିଁ ସାର ହୁଏ ।

ତୁମକୁ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ : ତୁମର କ'ଣ କହିବା ଉଚିତ, କ'ଣ କରିବା ଉଚିତ, କିପରି କରିବା ଉଚିତ ? ମାତ୍ର ପ୍ରକୃତରେ ଆଦୌ କିଛି କରିବାର ନ ଥାଏ, ମୋଟେ କିଛି ନ ଥାଏ, ପରମପ୍ରଭୁଙ୍କ ପାଖରେ କେବଳ ଏତିକି ଯାଇ କହିବାକୁ ହୁଏ, ''ହଁ, ହଁ, ଆପଣ ତ ନିଶ୍ଚୟ ଦେଖୁଥିବେ, ଏକଥା ପ୍ରକୃତରେ ସେହିପରିହିଁ ହୋଇଛି ।''– ବାସ୍ ସେତିକି । ଏବଂ ତା'ପରେ ତୁମେ ଅତ୍ୟନ୍ତ ସ୍ଥିର ହୋଇ

ରହିବ । ଏବଂ ତା'ପରେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ଆଦୌ କିଛି ବିଚାର ନ କରି ଓ କୌଣସି ପ୍ରକାର ହିସାବ ନ କରି, ଆଦୌ ଏତେଟିକିଏ ବି ପ୍ରୟାସ ନ କରି– ଯାହା କରିବାକୁ ଥିବ, ତୁମେ ସେହି କାର୍ଯ୍ୟଟିକୁ କରିବ । ଅର୍ଥାତ୍, ସେହି ପରମପ୍ରଭୁ ତାହାକୁ କରୁଥିବେ, ତୁମେ ପ୍ରକୃତରେ କିଛି କରୁ ନ ଥିବ । ସିଏ କରୁଥିବେ, ପରିସ୍ଥିତିଗୁଡ଼ିକୁ ସଂଗଠିତ କରି ଆଣୁଥିବେ, ବ୍ୟକ୍ତିମାନଙ୍କୁ ସଂଗଠିତ କରି ଆଣୁଥିବେ, ତୁମ ମୁଖରେ ବା ତୁମ କଲମମୁନରେ କଥାଗୁଡ଼ିକୁ ଆଣି ଯୋଗାଇ ଦେଉଥିବେ– ସିଏ ସବୁକିଛି କରୁଥିବେ,– ସବୁ, ସବୁ କରୁଥିବେ । ତୁମକୁ ଆଉ କିଛି କରିବାକୁ ହେଉ ନ ଥିବ,– ତୁମେ ନିଜକୁ କେବଳ ଏହି ଆନନ୍ଦମୟତା ମଧ୍ୟରେହିଁ ନିଜକୁ ବଞ୍ଚିବାକୁ ଛାଡ଼ିଦେଇଥିବ ।

ଲୋକମାନେ ଯେ ଏପରି ହେବାପାଇଁ ପ୍ରକୃତରେ ଆଦୌ ଇଚ୍ଛା କରନ୍ତି ନାହିଁ, ସେହି ବିଷୟରେ ମୋ'ର ଦିନକୁ ଦିନ ଅଧିକ ହୃଦ୍‌ବୋଧ ହୋଇଯାଉଛି ।

*ମାତ୍ର ସେଥିଲାଗି କ୍ଷେତ୍ରଟିକୁ ପରିଷ୍କାର କରି ରଖିବା ହେଉଛି ପ୍ରକୃତରେ ଏକ କଷ୍ଟକର କାର୍ଯ୍ୟ,– କ୍ଷେତ୍ରଟିକୁ ପରିଷ୍କାର କରି ରଖିବାର କାର୍ଯ୍ୟଟି ଆଗେ ।*

ମାତ୍ର ସେଇଟିକୁ ମଧ୍ୟ ତୁମକୁ ମୋଟେ କରିବାକୁ ପଡ଼ିବ ନାହିଁ । ତୁମ ପାଇଁ ସେ ସେହି କାର୍ଯ୍ୟଟିକୁ କରିଦେବେ ।

*ମାତ୍ର, ସେହି ପୁରାତନ ଚେତନା, ପୁରାତନ ଯାବତୀୟ ଭାବନା,– ସେମାନେ ତ ସତତ ବାଡ଼ ଭାଙ୍ଗି ଭିତରକୁ ପଶି ଆସିବାକୁ ଚେଷ୍ଟା କରୁଥିବେ ।...*

ହଁ, ସେମାନେ ପୁନର୍ବାର ଭିତରକୁ ପ୍ରବେଶ କରିବା ଲାଗି ଚେଷ୍ଟା କରୁଥିବେ । ଏପରି ଅଭ୍ୟାସବଶତଃ ହେବାରେ ଲାଗିଥିବ । ମାତ୍ର, ତୁମେ କେବଳ ସେହି ଗୋଟିଏ କଥା କହିବ, ''ହେ ପରମପ୍ରଭୁ, ଆପଣ ସ୍ୱୟଂ ଆସି ଦେଖନ୍ତୁ, ପରିସ୍ଥିତିଟି ସେହିପରି ହୋଇ ରହିଛି''– ବାସ୍ ସେତିକି କଥା । ''ହେ ପରମପ୍ରଭୁ, ଆପଣହିଁ ଦେଖନ୍ତୁ, ଆପଣହିଁ ଦେଖନ୍ତୁ, ଆପଣହିଁ ଏହି ନିର୍ବୋଧଟିକୁ ଦେଖନ୍ତୁ ।''– ଏବଂ ସବୁକଥା ନିମିଷମାତ୍ରକେ କୁଆଡ଼େ ଦୂର ହୋଇଯିବ । ଏବଂ, ଏହା ଆପଣାଛାଏଁ ବଦଳିଯିବ,– ସେଥିଲାଗି ଆଦୌ ଏତେ ଟିକିଏ ମଧ୍ୟ ଚେଷ୍ଟା କରିବାକୁ ପଡ଼ିବ ନାହିଁ । ତୁମେ କେବଳ ନିଷ୍ଠାଯୁକ୍ତ ହେବ,

ଅର୍ଥାତ୍, ସବୁକଥା ଠିକ୍ ହୋଇଯାଉ ବୋଲି **ପ୍ରକୃତରେ** ଇଚ୍ଛା କରୁଥିବ । ତୁମେ ଯେ ଏହି ବିଷୟରେ କିଛି କରି ପାରିବ ନାହିଁ ଓ କିଛି କରିବା ଲାଗି ଯେ ତୁମର ଆଦୌ କୌଣସି ସାମର୍ଥ୍ୟ ନାହିଁ, ସେହି ବିଷୟରେ ତୁମେ ସଂପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିବ । ମୁଁ ଅଧିକରୁ ଅଧିକ ପରିମାଣରେ ଏହି କଥାଟିକୁ ଅନୁଭବ କରୁଛି ଯେ ଜଡ଼ର, କୋଷଗୁଡ଼ିକର ଏହି ଯେଉଁ ସମ୍ମିଶ୍ରଣ,— ତାହା ପ୍ରକୃତରେ ଏକ ଅତ୍ୟନ୍ତ ଦୟନୀୟ ବ୍ୟାପାର । ଏହା ଏକ ଅତ୍ୟନ୍ତ ଦୟନୀୟ ବ୍ୟାପାର । ଏପରି କେତେକ ନିର୍ଦ୍ଦିଷ୍ଟ ସ୍ଥିତି ରହିଛି, ଯେତେବେଳେ କି ବ୍ୟକ୍ତିମାନେ ନିଜକୁ ପ୍ରକୃତରେ ଶକ୍ତିମନ୍ତ, ଅଦ୍ଭୁତ, ଆଲୋକପ୍ରାପ୍ତ ଓ ସମର୍ଥ ବୋଲି ଅନୁଭବ କରନ୍ତି,— ଏପରି କୌଣସି ସ୍ଥିତି ରହିଛି ବୋଲି ମୋତେ ଜଣା ନାହିଁ । ମାତ୍ର, ମୁଁ ଭାବୁଛି ଯେ, ସେମାନେ ନିଜେ ପ୍ରକୃତରେ ଯେ କ'ଣ, ସେକଥା ନିଜେ ଜାଣି ନ ଥାନ୍ତି ବୋଲିହିଁ ସେହିପରି ଅନୁଭବ କରନ୍ତି ! ଯେତେବେଳେ ତୁମେ ନିଜର ପ୍ରକୃତ ଗଠନଟି ବିଷୟରେ ଅବଗତ ହୋଇଯାଅ,— ତେବେ ଜାଣିବାକୁ ଆରମ୍ଭ କର ଯେ ଏହା ପ୍ରକୃତରେ ଆଦୌ କିଛି ନୁହେଁ, ଆଦୌ କିଛି ନୁହେଁ । ମାତ୍ର, ତାହା ସବୁକିଛି କରିବା ଲାଗି ସମର୍ଥ ହୁଅନ୍ତା, ଯଦି ...ଯଦି ତୁମେ କେବଳ ସେହି ପରମପ୍ରଭୁଙ୍କୁହିଁ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ି **ଦିଅନ୍ତ** । ମାତ୍ର, ଅସଲ ଅଡୁଆଟା ହେଉଛି ଯେ, ତୁମ ଭିତରେ ସବୁବେଳେ ଏପରି ଏକ ଉପାଦାନ ରହିଥାଏ, ଯାହାକି ନିଜେ ସବୁକିଛି କରିବ ବୋଲି ମନ କରିଥାଏ; ତା' ନ ହେଲେ...

ନାଇଁ, ତୁମ ଭିତରେ ହୁଏତ କେଡ଼େ ଚମତ୍କାର ଶୁଭେଚ୍ଛା ପୂର୍ଣ୍ଣ ହୋଇ ରହିଥିବ, ଏବଂ ତା'ପରେ ତୁମେ ତାହାକୁ ନିଜେ କରିବ ବୋଲି **ଇଚ୍ଛା** କରୁଥିବ । ତାହାହିଁ ସବୁକଥାକୁ ଜଟିଳ କରିପକାଏ । କିଂବା, ତୁମର ବିଶ୍ୱାସ ନ ଥାଏ, ତୁମେ ହୁଏତ ଭାବୁଥାଅ ଯେ ପ୍ରଭୁ ଏକଥା ମୋଟେ କରିପାରିବେ ନାହିଁ ଓ ତେଣୁ ତୁମକୁ ନିଜକୁହିଁ ସେକଥା କରିବାକୁ ହେବ; କାରଣ, ତାଙ୍କୁ ହୁଏତ କିଛି ଜଣା ନ ଥିବ ! (ମାଆ ହସିଲେ) ଏହି ନିର୍ବୋଧତାଟି ସାଧାରଣତଃ ସବୁଠାରେ ଦୃଷ୍ଟିଗୋଚର ହୋଇଥାଏ । ''ସିଏ କିପରି ବସ୍ତୁଗୁଡ଼ିକୁ ଦେଖିପାରିବେ ? ଆମେ ତ କେବଳ ମିଥ୍ୟାରହିଁ ଏକ ପୃଥିବୀରେ ବାସ କରୁଛୁ, ମାତ୍ର ସିଏ କିପରି ମିଥ୍ୟାକୁ ଦେଖିପାରିବେ ଏବଂ... ମାତ୍ର, କୌଣସି ବସ୍ତୁ ପ୍ରକୃତରେ ଯାହା, ସିଏ ତାହାକୁ ଠିକ୍ ସେହିପରି ଭାବରେହିଁ ଦେଖିଥାଆନ୍ତି ! ଠିକ୍ ସେହିପରି ଦେଖିଥାନ୍ତି !

ଯେଉଁମାନଙ୍କର କୌଣସି ବୁଦ୍ଧି ନାହିଁ, ମୁଁ ସେମାନଙ୍କର କଥା ମୋଟେ କହୁ ନାହିଁ । ମୁଁ ସେହିମାନଙ୍କର କଥା କହୁଛି, ଯେଉଁମାନଙ୍କର ପ୍ରକୃତରେ ବୁଦ୍ଧି ରହିଥାଏ ଓ ଯେଉଁମାନେ... ଏପରିକି, ଆମେ ମହା ଅଜ୍ଞାନ ଓ ମହା ମିଥ୍ୟାର ଏକ ପୃଥିବୀରେ ବାସ କରୁଛୁ ଏବଂ ପରମପ୍ରଭୁ ବୋଲି ଏପରି ଜଣେ ରହିଛନ୍ତି, ଯାହାଙ୍କ ମଧ୍ୟରେ ପୂର୍ଣ୍ଣ ସତ୍ୟ

ବିରାଜମାନ ରହିଛି,– ଏକଥା ଜାଣିଥିବା ବ୍ୟକ୍ତିମାନଙ୍କ ଭିତରେ ମଧ୍ୟ ସେହିପରି ପ୍ରତ୍ୟୟଟିଏ ଭାରି ଦୃଢ଼ ହୋଇ ରହିଥାଏ । ସେମାନେ କହନ୍ତି, ''ପରମପ୍ରଭୁ ହେଉଛନ୍ତି ପୂର୍ଣ୍ଣ ସତ୍ୟର ଅଧିକାରୀ, ଠିକ୍ ସେହି କାରଣରୁହିଁ ସିଏ ଏକଥା ବୁଝିପାରିବେ ନାହିଁ । (ମାଆ ହସିଲେ) ସିଏ ଆମର ମିଥ୍ୟାଗୁଡ଼ାକୁ ମୋଟେ ବୁଝିପାରିବେ ନାହିଁ, ତେଣୁ ମୋତେ ନିଜକୁହିଁ ଏଗୁଡ଼ାକ ବିଷୟରେ କିଛି କରିବାକୁ ପଡ଼ିବ ।'' ଏହି କଥାଟି ଭାରି ସାଧାରଣ ଭାବରେ ଦୃଷ୍ଟିଗୋଚର ହୋଇଥାଏ ।

ହଁ, ଆମେ ଏହିପରି ମିଛଟାରେହିଁ ବିଷୟଟିକୁ ଭାରି ଜଟିଳ କରି ପକାଉ ।

*ଗୋଟିଏ କଥା ମୋତେ ଅନେକ ସମୟରେ ଭାରି ଆଶ୍ଚର୍ଯ୍ୟ ଲାଗିଛି : ଆମେ ଯେତେବେଳେ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ, କେଉଁଠାରେ କିଛି ବିଗିଡ଼ିଯାଇଛି ବୋଲି ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛୁ, ସେହି କ୍ଷେତ୍ରରେ ମୋ'ର ସର୍ବଦା ଏହିପରି ଏକ ଧାରଣା ହୋଇଥାଏ ଯେ, ଆମକୁ ସେଥିଲାଗି ଅତ୍ୟନ୍ତ କଠୋର ଅଭିନିବେଶ ମଧ୍ୟକୁ ଆସିବାକୁ ହେବ ଏବଂ ପ୍ରକୃତରେ, ଯିଏ ଆମଠାରୁ ବହୁ ଦୂରରେ ଯାଇ ଅବସ୍ଥିତ ରହିଛନ୍ତି, ଆମେ ସେହିପରି ଏକ ଶକ୍ତିର ଆବାହନ କରୁଛୁ । ଏହା ପ୍ରକୃତରେ ଠିକ୍ କି ? ଅଥବା ଏହା ପ୍ରକୃତରେ...*

ତାହା ଆମରି ଉପରେହିଁ ନିର୍ଭର କରୁଛି !

ବର୍ତ୍ତମାନ ମୁଁ ତାଙ୍କୁ ସର୍ବତ୍ର ଅନୁଭବ କରିପାରୁଛି,– ସର୍ବଦା, ଅନୁକ୍ଷଣ ସେହିପରି ଅନୁଭବ କରୁଛି... ଏପରିକି ଏକ ଶାରୀରିକ ସଂପର୍କ– ଏହା ସୂକ୍ଷ୍ମଭୌତିକ ସ୍ତରର, ତଥାପି ଏକ ଭୌତିକ ସଂପର୍କ– ବସ୍ତୁଗୁଡ଼ିକ ଭିତରେ, ବାୟୁରେ, ବ୍ୟକ୍ତିମାନଙ୍କ ମଧ୍ୟରେ, ଠିକ୍ ଏହିପରି (ମାଆ ଆପଣାର ହାତ ଦୁଇଟିକୁ ନିଜ ମୁହଁ ଉପରେ ଆଣି ଚାପି ଧରିଲେ) ଏବଂ ସେଥିଲାଗି ଆଦୌ ଦୂରକୁ ଯିବା ଦରକାର ନାହିଁ । ମୋତେ କେବଳ ଏତିକି କରିବାକୁ ପଡୁଛି (ମାଆ ଆପଣାର ହାତ ଦୁଇଟିକୁ କିଞ୍ଚିତ୍ ପରମାଣରେ ଭିତର ଆଡ଼କୁ ବୁଲାଇ ଦେଖାଇ ଦେଲେ) କେବଳ ଗୋଟାଏ ସେକେଣ୍ଡ୍‌ର ଅଭିନିବେଶ– ତା'ପରେ ସିଏ ଏଇଠି ଆସି ଅନୁଭୂତ ହେଉଛନ୍ତି ! ସିଏ ସେହିଠାରେ ରହିଛନ୍ତି, ସର୍ବତ୍ର ରହିଛନ୍ତି । ଆମେ ଯେତେବେଳେ ସେ ଦୂରରେ ଅଛନ୍ତି ବୋଲି ଭାବୁଛୁ, କେବଳ ସେତିକିବେଳେହିଁ ସିଏ ଦୂରବର୍ତ୍ତୀ ହୋଇ ଯାଉଛନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମେ ଯେତେବେଳେ ଏହି ଯାବତୀୟ

ଲୋକଗୁଡ଼ିକର କଥା ଭାବିବାକୁ ଆରମ୍ଭ କରୁଛୁ,ବିଶ୍ୱଚେତନାର ଯାବତୀୟ ଭୂମିଗୁଡ଼ିକ ବିଷୟରେ ଚିନ୍ତା କରୁଛୁ, ଏବଂ, ସିଏ ଏହି ସବୁକିଛିର ଶେଷରେ, ଏକାବେଳେକେ ସେପାଖରେ ଯାଇ ରହିଛନ୍ତି ବୋଲି ଭାବିବାକୁ ଲାଗୁଛୁ, ସେତିକିବେଳେହିଁ ସିଏ ଆମଠାରୁ ବହୁତ, ବହୁତ ଦୂରକୁ ଚାଲି ଯାଉଛନ୍ତି ! (ମାଆ ହସିଲେ) ମାତ୍ର, ସିଏ ସର୍ବତ୍ର ରହିଛନ୍ତି ବୋଲି ଯେତେବେଳେ ଭାବୁଛୁ, ସିଏ ସକଳ ବସ୍ତୁରେ ପରିଣତ ହୋଇ ରହିଛନ୍ତି ଓ କେବଳ ଆମ ନିଜର ଅବବୋଧ ସକାଶେହିଁ ଆମେ ତାଙ୍କୁ ଦେଖିବାରୁ ଏବଂ ଅନୁଭବ କରିବାରୁ ବଞ୍ଚିତ ହୋଇ ରହିଛୁ ବୋଲି ଜାଣୁଛୁ, ସେତେବେଳେ ଆମକୁ କେବଳ ଏତିକି ମାତ୍ର କରିବାକୁ ପଡ଼ିବ (ମାଆ ନିଜ ହାତଦୁଇଟିକୁ ଭିତର ଆଡ଼କୁ ନିର୍ଦ୍ଦେଶିତ କରି ଦେଖାଇଦେଲେ); ଏପରି କରିବାକୁ ପଡ଼ିବ ଓ ପୁଣି ଏପରି କରିବାକୁ ପଡ଼ିବ (ମାଆ ଥରେ ହାତଦୁଇଟିକୁ ଭିତର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ ଓ ପୁଣି ବାହାର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ– ଏହିପରି ଏକାଧିକ ଥର ପାଇଁ କଲେ), ତାହା ଅତ୍ୟନ୍ତ ମୂର୍ତ୍ତ ହୋଇ ଆସିବ : ତୁମେ ଏପରି କରିବ (ବାହାର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ), ସେତେବେଳେ ସବୁକିଛି କୃତ୍ରିମ, କଠିନ, ଶୁଷ୍କ, ମିଥ୍ୟାମୟ, ଅସତ୍ୟ ଓ ଅବାସ୍ତବ ହୋଇଯିବ; ମାତ୍ର , ତୁମେ ଏପରି କରିବ (ଭିତର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ), ଏବଂ ତେବେ ସବୁକିଛି ପ୍ରସାରିତ ହୋଇଯିବ, ଶାନ୍ତ, ଦୀପ୍ତ, ସ୍ଥିର, ପରିବ୍ୟାପ୍ତ ଏବଂ ଆନନ୍ଦମୟ ହୋଇ ଆସିବ ଏବଂ, କେବଳ ଏହିପରି କରିବାକୁ ପଡ଼ିବ (ମାଆ ଏକାଧିକ ଥର ପାଇଁ ହାତଦୁଇଟିକୁ ଭିତର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ ଓ ତା'ପରେ ପୁଣି ବାହାର ଆଡ଼କୁ ନିର୍ଦ୍ଦେଶିତ କରିଦେଲେ) ! ଏପରି କିପରି ହେଲା, ଏକଥା କେଉଁଠାରେ ଘଟିଲା ? ସେହି କଥାକୁ ବର୍ଣ୍ଣନା କରି କହିହେବ ନାହିଁ । ଏହା କେବଳ ଚେତନାର ଏକ ଗତିସ୍ପନ୍ଦନ ବ୍ୟତୀତ ଆଦୌ ଅନ୍ୟ କିଛି ନୁହେଁ । କେବଳ ଚେତନାରହିଁ ଏକ ଗତିସ୍ପନ୍ଦନ । ଏବଂ, ସେହି ପ୍ରକ୍ରିୟାରେ ଯଥାର୍ଥ ଚେତନା ଏବଂ ଅପ୍ରକୃତ ଚେତନା ମଧ୍ୟରେ ରହିଥିବା ପାର୍ଥକ୍ୟଟି ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ହୋଇ ଆସୁଥିବ, ଏବଂ, ଯୁଗପତ୍ ଭାବରେ **କୃଶ** ବି ହୋଇ ଆସୁଥିବ । –ଏଇଟି ମଧ୍ୟରୁ ବାହାରକୁ ବାହାରି ଆସିବା ଲାଗି ତୁମକୁ ମୋଟେ କୌଣସି ''ବଡ଼ ବଡ଼ କଥା'' କରିବାକୁ ପଡ଼ିବ ନାହିଁ । ତାହା ପୂର୍ବରୁ ଏପରି ଏକ ଅନୁଭବ ହେଉଥିବ ଯେ, ସତେଯେପରି ଆମେ କୌଣସି ଏକ ବସ୍ତୁ ଭିତରେ ବନ୍ଦ ହୋଇ ରହିଛୁ ଏବଂ ସେଥିରୁ ବାହାରକୁ ବାହାରି ଆସି ପାରିବାକୁ ହେଲେ କୌଣସି ବଡ଼ ଧରଣର ଅନ୍ତର୍ଗତୀକରଣ, ଅଭିନିବେଶ ଓ ସମାବେଶନ ଆବଶ୍ୟକ ହେବ । ମାତ୍ର ବର୍ତ୍ତମାନ, ତୁମେ ଯେପରି କୌଣସି ବସ୍ତୁକୁ ସ୍ୱୀକାର କରି ନେଉଛ, ଠିକ୍ ସେହିପରି ଏକ ଅନୁଭୂତି ହେବ (ମାଆ ନିଜର ହାତ ଦେଇ ମୁହଁଟିକୁ ଘୋଡ଼ାଇ ରଖିଲେ), ଏପରି ଏକ କୃଶ ଓ

କ୍ଷୁଦ୍ର ଖୋଳପା ପରି କ'ଣ ଅନୁଭବ ହେବ, ଯାହାକି ଭାରି କଠିନ ହୋଇ ରହିଛି– ଭାରି କଠିନ, ଅଥଚ ଭାରି ନମନୀୟ ହୋଇ ରହିଛି ଅର୍ଥାତ୍ ଯାହାକୁ ପିଟି ନିଶ୍ଚୟ କୌଣସି ଆକାର ପ୍ରଦାନ କରାଯାଇ ପାରିବ– ଅତ୍ୟନ୍ତ, ଅତ୍ୟନ୍ତ କଠିନ, ଅତ୍ୟନ୍ତ କୃଶ । ସତେଯେପରି ଉପରେ ଏକ ମୁଖା ପରି ହୋଇ ରହିଛି । ଏବଂ ତା'ପରେ ତୁମେ ଏହିପରି କରିବ (ମାଆ ସଙ୍କେତ ଦେଇ ଦେଖାଇଦେଲେ), ଏବଂ ତାହା କୁଆଡ଼େ ଅନ୍ତର୍ହିତ ହୋଇଯିବ ।

ଯେଉଁ ସମୟରେ ସେହି ମୁଖାଟି ବିଷୟରେ ସଚେତନ ହୋଇ ରହିବା ଲାଗି ଆଉ କୌଣସି ପ୍ରୟୋଜନ ହେବ ନାହିଁ, ସେହି ସମୟଟି ମଧ୍ୟ ଆଗରୁ ବେଶ୍ ଦୃଷ୍ଟିଗୋଚର ହୋଇପାରିବ; ତାହା ସେତେବେଳେ ଏତେବେଶୀ ପତଳା ହୋଇଯିବ ଯେ, ତୁମେ ତାକୁ ଦେଖି ପାରିବ, ଅନୁଭବ କରିପାରିବ ଏବଂ ତାହା ମଧ୍ୟଦେଇ କାର୍ଯ୍ୟ କରିପାରୁଥିବ, ମାତ୍ର ଆଉ ମୁଖାଟିକୁ ପରିଧାନ କରିବା ଲାଗି କୌଣସି ପ୍ରୟୋଜନ ନ ଥିବ । ସେହି ପ୍ରକ୍ରିୟାଟି ବର୍ତ୍ତମାନ ଠିକ୍ ଆରମ୍ଭ ହୋଇଛି ।

ମାତ୍ର ସକଳ ବସ୍ତୁରେ ସେହି ପରମ ଉପସ୍ଥିତିକୁ ଅନୁଭବ କରିବା... ଏହା ପ୍ରକୃତରେ ଏକ ସ୍ପନ୍ଦନରୂପେ ସଂଘଟିତ ହୁଏ, ମାତ୍ର ଏପରି ଏକ ସ୍ପନ୍ଦନରୂପେ ସଂଘଟିତ ହୁଏ, ଯାହାଭିତରେ କି ସବୁକିଛି ରହିଥାଏ– ସେହି ସ୍ପନ୍ଦନ ଭିତରେ ଗୋଟିଏ ପ୍ରକାରର ଅନନ୍ତ ଶକ୍ତିଶାଳିତା, ଅନନ୍ତ ଆନନ୍ଦମୟତା, ଅନନ୍ତ ପ୍ରଶାନ୍ତି, ପରିବ୍ୟାପ୍ତି ବିଦ୍ୟମାନ ରହିଥାଏ,– ସେଗୁଡ଼ିକର ଆଦୌ କୌଣସି ଅନ୍ତ ନ ଥାଏ । ମାତ୍ର ଏହା କେବଳ ଏକ ସ୍ପନ୍ଦନ, ଏହା... ମାତ୍ର, ଏହାକୁ ଆମେ ଭାବି ବି ପାରିବା ନାହିଁ, ତେଣୁ ସେବିଷୟରେ କିଛି କହି ମଧ୍ୟ ପାରିବା ନାହିଁ । ଯଦି ଭାବି ବସିବ, ତେବେ, ଭାବିବାକୁ ଆରମ୍ଭ କରିବା ମାତ୍ରକେ, ପୁନର୍ବାର ସମସ୍ତ ଗଡ଼ବଡ଼ଟି ଆରମ୍ଭ ହୋଇଯିବ । ସେହି କାରଣରୁହିଁ ତାହା ବିଷୟରେ କିଛି କୁହାଯାଇ ପାରିବ ନାହିଁ ।

ନାଇଁ,– ସିଏ ଅନେକ ଦୂରରେ ଅଛନ୍ତି, ତୁମେ ସେହିପରି ଭାବୁଛ ବୋଲି ସିଏ ପ୍ରକୃତରେ ଅନେକ ଦୂରରେ ରହିଛନ୍ତି । ଏପରିକି, ତୁମେ ଜାଣିଥିବ, ସିଏ ସେହିଠାରେ ଅଛନ୍ତି ବୋଲି,– ଏହିପରି ଭାବରେ (ମାଆ ନିଜ ମୁହଁଟିକୁ ଘୋଡ଼ାଇ ରଖିବାର ଇଙ୍ଗିତ କଲେ) ତୁମକୁ ସ୍ପର୍ଶ କରି ରହିଛନ୍ତି... ଯଦି ତୁମେ ଅନୁଭବ କରିପାରିବ,– ଏହି ସ୍ପର୍ଶ ଜଣେ ବ୍ୟକ୍ତି ସ୍ପର୍ଶ କରିବାର ଅନୁଭବ ପରି ଆଦୌ ନୁହେଁ, ଏହା ମୋଟେ ସେପରି ନୁହେଁ । ଏହା ତୁମ ବାହାରୁ ପ୍ରାପ୍ତ ହେଉଥିବା କୌଣସି ବାହ୍ୟ ସ୍ପର୍ଶ ନୁହେଁ । ତାହା ଆଦୌ ବାହାରୁ ତୁମ ପାଖକୁ ଆସେ ନାହିଁ । ନା– ମୋଟେ ସେପରି ନୁହେଁ... ତାହା ସର୍ବତ୍ର ବିଦ୍ୟମାନ ରହିଥାଏ ।

ତୁମେ ସେତେବେଳେ ଅନୁଭବ କର— ସର୍ବତ୍ର, ସର୍ବତ୍ର, ସର୍ବତ୍ର : ଭିତରେ, ବାହାରେ, ସବୁଠାରେ, ଏକାବେଳେକେ ସବୁଠାରେ— କେବଳ ତାଙ୍କୁହିଁ ଅନୁଭବ କରିବାକୁ ଲାଗ, ତାଙ୍କ ବ୍ୟତୀତ ଆଉ କିଛିହେଲେ ଅନୁଭବ କରିପାର ନାହିଁ— କେବଳ ତାହାଙ୍କୁହିଁ,— ତାଙ୍କର ସ୍ପନ୍ଦନକୁହିଁ ଅନୁଭବ କରିପାର ।

ନାଇଁ, ତୁମକୁ ସେଇଟାକୁ (ମୁଣ୍ଡରେ ଭାବିବାଟା) ଏକାବେଳେକେ ବନ୍ଦ କରିଦେବାକୁ ପଡ଼ିବ । ସେଇଟାକୁ ବନ୍ଦ ନ କରିଥିବା ପର୍ଯ୍ୟନ୍ତ ତୁମେ ସେହି ଅସଲ ପରମବସ୍ତୁଟିକୁ କଦାପି ଦେଖି ପାରିବ ନାହିଁ— ତୁମେ ଖାଲି ତୁଳନା ଖୋଜି ବୁଲୁଥିବ, ''ଏଇଟା ଏପରି, ଏଇଟା ସେପରି'' ବୋଲି କହୁଥିବ ।

(ମାଆ ନୀରବ ରହିଲେ)

ଏବଂ, ଏପରି କେତେ କେତେ ଥର ହୋଇଥାଏ ଯେ ଏକ ଅନୁଭୂତି... ଏହାର କୌଣସି ସାକାରତା ନ ଥାଏ— ହୁଏତ ଆକାର ଥାଏ, ତଥାପି ଆକାର ନ ଥାଏ,— ତାହାକୁ ଶବ୍ଦ ଦେଇ ଆଦୌ କହିହେବ ନାହିଁ । କେହି ଅନାଇ ରହିଥିବା ପରି ଅନୁଭବ ହେଉଥିବ, ମାତ୍ର ତୁମେ କୌଣସି ଆଖି ଦେଖିପାରୁ ନ ଥିବ— କୌଣସି ଆଖି ନ ଥିବ, ତଥାପି ଏକ ଦୃଷ୍ଟିପାତ ରହିଥିବ— ଏକ ଦୃଷ୍ଟିପାତ ରହିଥିବ, ଏକ ଦରହାସ୍ୟ ବି ଥିବ,— ମାତ୍ର, ପାଟି ନ ଥିବ କି ମୁହଁ ନ ଥିବ । ତଥାପି କେହି ମୁରୁକି ମୁରୁକି ହସୁଥିବ, କେହି ଅନାଇ ଦେଖୁଥିବ ଏବଂ (ମାଆ ହସିଲେ) ସେତେବେଳେ ତୁମେ ଏହି କଥା ଅବଶ୍ୟ କହିବ, ''ପ୍ରଭୁ, ପ୍ରକୃତରେ ମୁଁ ଅତ୍ୟନ୍ତ ନିର୍ବୋଧ ।'' ମାତ୍ର ସିଏ ହସୁଥିବ, ତୁମେ ହସୁଥିବ, ତୁମକୁ ଖୁସି ଲାଗୁ ଥିବ ।

ନା— ସେକଥାକୁ ମୋଟେ କହିହେବ ନାହିଁ, ମୋଟେ ବୁଝାଇ ଦେଇ ହେବ ନାହିଁ । ତୁମେ ଯାହାକିଛି କହିବ ପଛକେ, ତଦ୍ଦ୍ୱାରା ଆଦୌ କିଛି କୁହାହୋଇ ପାରିବ ନାହିଁ, କିଛି କୁହାହେବ ନାହିଁ ।

୧୨ ଅକ୍ଟୋବର, ୧୯୬୨

**୮୧. ଭଗବାନଙ୍କର ହସ ବେଳେବେଳେ ଭାରି ରୁକ୍ଷ ହୋଇଥାଏ ଏବଂ ବିନୟୀଙ୍କ ଶ୍ରବଣ ପ୍ରତି ତାହା ମୋଟେ ଉପଯୁକ୍ତ ହୋଇ ନ ଥାଏ । ସେ କେବଳ ମଲିଏର୍ ହୋଇ ମୋଟେ ସନ୍ତୁଷ୍ଟ ରହି ପାରନ୍ତି ନାହିଁ, ପ୍ରୟୋଜନବଶତଃ ଆରିଷ୍ଟୋଫାନିସ୍ ଏବଂ ରାବେଲେ ମଧ୍ୟ ହୋଇଥା'ନ୍ତି ।**

**୮୨. ମନୁଷ୍ୟମାନେ ଜୀବନକୁ ଯଦି କମ୍ ଗମ୍ଭୀରଭାବେ ନେଇଥାନ୍ତେ ତେବେ ବହୁ ଶୀଘ୍ର ତାକୁ ପୂର୍ଣ୍ଣକରି ଗଢ଼ିପାରିଥା'ନ୍ତେ । ଭଗବାନ୍ ତାଙ୍କର କର୍ମକୁ ଗମ୍ଭୀରଭାବେ ନିଅନ୍ତି ନାହିଁ; ସେହି କାରଣରୁ ଆମେ ଏହି ବିସ୍ମୟକର ବିଶ୍ୱକୁ ଦର୍ଶନ କରିପାରୁଛୁ ।**

**୮୩. ଲଜ୍ଜାରୁ ପ୍ରଶଂସନୀୟ ଫଳମାନ ପ୍ରାପ୍ତ ହୋଇଥାଏ ଏବଂ, ସୌନ୍ଦର୍ଯ୍ୟବୋଧ ତଥା ନୈତିକତା ଉଭୟ କ୍ଷେତ୍ରରେ ଆମେ ତାହାକୁ କଦାପି ବାଦ୍ ଦେଇ ପାରିବା ନାହିଁ । ମାତ୍ର, ସେକଥା ଯାହା ହୋଇଥାଉ ନା କାହିଁକି, ତାହା ହେଉଛି ଦୁର୍ବଳତାର ଏକ ନିଦର୍ଶନ ଓ ଅଜ୍ଞାନତାରହିଁ ପ୍ରମାଣ ।**

*ଜୀବନକୁ ଗାମ୍ଭୀର୍ଯ୍ୟ ସହିତ ଗ୍ରହଣ କରିବା ଦ୍ୱାରା ତାହା କିପରି ଅଧିକ ପରିପୂର୍ଣ୍ଣତା ପ୍ରାପ୍ତ ହୋଇପାରି ନାହିଁ, ଏଠାରେ ଏହିପରି ଏକ ପ୍ରଶ୍ନ ପଚରା ଯାଇପାରେ ।*

ତା' ଆଖିକୁ ଜୀବନରେ ଯାହା ଖରାପ ବୋଲି ଦେଖାଗଲା, ତାହାରି ଉନ୍ମୂଳନ କରିବାରେହିଁ ସଦ୍‌ଗୁଣ ସର୍ବଦା ଆପଣାର ସମୟ ଅତିବାହିତ କରିଆସିଛି; ଏବଂ ଏହି ପୃଥିବୀର ବିଭିନ୍ନ ଦେଶର ସବୁଯାକ ସଦ୍‌ଗୁଣକୁ ଯଦି ଏକାଠି ଠୁଳ କରି ରଖା ଯାଇଥାନ୍ତା, ତେବେ ଖୁବ୍ କମ୍‌ସଂଖ୍ୟକ ବସ୍ତୁରହିଁ ଆଦୌ କୌଣସି ଅସ୍ତିତ୍ୱ ରହିଥାନ୍ତା ।

ସଦ୍‌ଗୁଣ ପରିପୂର୍ଣ୍ଣତା-ପ୍ରାପ୍ତିର ଦାବି କରିଥାଏ, ମାତ୍ର ପରିପୂର୍ଣ୍ଣତା ହେଉଛି ଏକ ସମଗ୍ର ବସ୍ତୁ । ତେଣୁ ଦୁଇଟିଯାକ କ୍ରିୟାତ୍ମକତା ପରସ୍ପରର ବିରୋଧୀ ହୋଇହିଁ ରହିଥାନ୍ତି । ଯେଉଁ ସଦ୍‌ଗୁଣ ଉନ୍ମୂଳିତ କରେ, ହ୍ରାସ କରିଆଣେ, ସୀମାଗୁଡ଼ିକୁ ନିର୍ଦ୍ଧାରିତ କରିଦିଏ ଏବଂ ଯେଉଁ ପରିପୂର୍ଣ୍ଣତା ସବୁକିଛିକୁ ସ୍ୱୀକାର କରେ, କିଛିହେଲେ ବର୍ଜନ କରେ ନାହିଁ ଏବଂ ପ୍ରତ୍ୟେକ ବସ୍ତୁକୁ ତା' ନିଜ ସ୍ଥାନରେ ରଖି ଦେଖେ,— ଏ ଦୁହିଁଙ୍କ ମଧ୍ୟରେ ସ୍ୱଷ୍ଟତଃ ଅମେଳ ରହିବହିଁ ରହିବ ।

ଜୀବନକୁ ଗମ୍ଭୀର ଭାବରେ ଗ୍ରହଣ କରିବାରେ ସାଧାରଣତଃ ଦୁଇ ପ୍ରକାରର କ୍ରିୟା ଅନ୍ତର୍ଭୁକ୍ତ ହୋଇ ରହିଥାଏ : ପ୍ରଥମତଃ, ଏଥିରେ ଏପରି ନାନା ବସ୍ତୁ ଉପରେ ଗୁରୁତ୍ୱ ଦିଆଯାଏ, ଯେଉଁଗୁଡ଼ିକର କି ସମ୍ଭବତଃ ଆଦୌ କୌଣସି ଗୁରୁତ୍ୱ ନ ଥାଏ; ଏବଂ ଦ୍ୱିତୀୟରେ, ଏଥିରେ ଜୀବନକୁ କେତୋଟି ନିର୍ଦ୍ଦିଷ୍ଟ ଗୁଣର ଆୟତନ ଭିତରକୁ ସଙ୍କୁଚିତ

କରି ଅଣାଯାଏ, ଯେଉଁଗୁଡ଼ିକୁ କି ପବିତ୍ର ଓ ଅର୍ଜନଯୋଗ୍ୟ ବୋଲି ବିଚାର କରାଯାଉଥାଏ । କେତେକ ବ୍ୟକ୍ତିଙ୍କର କ୍ଷେତ୍ରରେ – ଉଦାହରଣ ସ୍ୱରୂପ, ଶ୍ରୀଅରବିନ୍ଦ ଏଠାରେ ଯେଉଁମାନଙ୍କ ବିଷୟରେ କହିଛନ୍ତି, ସେହି ''ଭଦ୍ର'' ଅର୍ଥାତ୍ ବିଶୁଦ୍ଧମାନଙ୍କର କ୍ଷେତ୍ରରେ– ଏହି ଗୁଣ ଅତ୍ୟନ୍ତ ଶୁଷ୍କ, ନୀରସ, ଧୂସର ଏବଂ ଔଦ୍ଧତ୍ୟଯୁକ୍ତ ହୋଇ ରହିଥାଏ । ତାହା ସର୍ବତ୍ର ଦୋଷଗୁଡ଼ାକୁହିଁ ଦେଖୁଥାଏ; ଯାହାକିଛି ଆନନ୍ଦମୟ, ମୁକ୍ତ ଏବଂ ହର୍ଷଯୁକ୍ତ ହୋଇ ରହିଛି, ସେହି ସବୁକିଛି ଭିତରେ ଦୋଷଗୁଡ଼ିକୁ ଯାଇ ଦେଖୁଥାଏ ।

ଜୀବନକୁ ପରିପୂର୍ଣ୍ଣତାଯୁକ୍ତ କରିବାର ଏକମାତ୍ର ଉପାୟ ହେଉଛି,– ଏଠାରେ ମୁଁ ଅବଶ୍ୟ ଏହି ପୃଥ୍ୱୀ ଉପରର ଜୀବନ କଥା କହୁଛି– ତାହାକୁ ଆମେ ଏପରି ଯଥେଷ୍ଟ ଊର୍ଦ୍ଧ୍ୱରୁ ଦେଖିବାକୁ ସମର୍ଥ ହେବା, ଯେପରିକି ଆମେ ତାହାକୁ ଏକ ସମଗ୍ରରୂପେ ଦେଖିପାରିବା; କେବଳ ବର୍ତ୍ତମାନର ଭୂମି ଉପରେ ଏକ ସମଗ୍ର ରୂପେ ନୁହେଁ, ମାତ୍ର, ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର ସମୁଦାୟ ଭୂମିଟି ଉପରେ ଏକ ସମଗ୍ରରୂପେ ଦେଖି ପାରୁଥିବା : ଜୀବନ ଆଗରୁ କ'ଣ ଥିଲା, ବର୍ତ୍ତମାନ କ'ଣ ଅଛି ଏବଂ ଭବିଷ୍ୟତରେ କ'ଣ ହେବ,– ଏହି ସବୁକିଛିକୁ ଯୁଗପତ୍ ଭାବରେ ଦେଖିପାରିବାକୁ ହେବ । କାରଣ, କେବଳ ତାହାରି ଦ୍ୱାରାହିଁ ଆମେ ପ୍ରତ୍ୟେକ ବସ୍ତୁକୁ ତାହାର ଯଥାସ୍ଥାନରେ ରଖି ଦେଖିବାକୁ ସମର୍ଥ ହେବା । ସେଥିରୁ କୌଣସିଟିକୁ ବାହାର କରିଦେଇ ପାରିବା ନାହିଁ, କୌଣସିଟିକୁ ବାହାର କରିଦେବା **ଉଚିତ** ବି ହେବ ନାହିଁ, ମାତ୍ର ପ୍ରତ୍ୟେକ ବସ୍ତୁ ତାହାର ସ୍ୱସ୍ଥାନରେ ଅବଶ୍ୟ ରହିଥିବ ଏବଂ ଅବଶିଷ୍ଟ ସବୁଟି ସହିତ ଏକ ସମଗ୍ର ସୌଷମ୍ୟ ରକ୍ଷା କରି ରହିଥିବ । ତେବେ, ଏହି ଯେଉଁସବୁ ପଦାର୍ଥ ଆମର ପବିତ୍ର ମନକୁ ଏଡ଼େ ''ଖରାପ'', ଏଡ଼େ ''ନିନ୍ଦାର ଯୋଗ୍ୟ'' ଓ ଏଡ଼େ ''ଗର୍ହିତ'' ବୋଲି ମନେ ହେଉଛି, ସେଗୁଡ଼ିକ ସେତେବେଳେ ଏକ ସମଗ୍ର ଦିବ୍ୟ ଜୀବନର ବ୍ୟାପ୍ତି ମଧ୍ୟରେ ଆନନ୍ଦ ଏବଂ ମୁକ୍ତିରହିଁ ଗୋଟିଏ ଗୋଟିଏ କ୍ରିୟାତ୍ମକତା ବୋଲି ମନେହେବ । ଏବଂ, ସେତେବେଳେ ଆଉ କୌଣସି ବସ୍ତୁ ଆମକୁ ଆପଣାର ଅନନ୍ତ ଜୀବନଲୀଳାର ସନ୍ଦର୍ଶନରେ ଅନନ୍ତ ଆନନ୍ଦ ଲାଭ କରୁଥିବା ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଏହି ଅପୂର୍ବ ହାସ୍ୟମୟତାକୁ ଜାଣିବାରୁ, ବୁଝିବାରୁ, ଅନୁଭବ କରିବାରୁ ଓ ବଞ୍ଚିବାରୁ କଦାପି ବଞ୍ଚିତ କରି ରଖିପାରିବ ନାହିଁ ।

ଏହି ଆନନ୍ଦ, ଯାବତୀୟ ଛାୟା, ଯାବତୀୟ ଦୁଃଖ ଓ ଯାବତୀୟ ଯନ୍ତ୍ରଣାବୋଧକୁ କୁଆଡ଼େ ଅନ୍ତର୍ହିତ କରି ନେଉଥିବା ଏହି ଅପୂର୍ବ ହସ ! ସେହି ଅନ୍ତର ଭିତରର ସୂର୍ଯ୍ୟଙ୍କୁ ଦର୍ଶନ କରିବା ଲାଗି ଏବଂ ସେହି ହାସ୍ୟ ଦ୍ୱାରା ନିଜକୁ ପ୍ଲାବିତ କରି ପାରିବା ଲାଗି ତୁମକୁ କେବଳ ନିଜ ଭିତରେ ଯଥେଷ୍ଟ ଗଭୀର ମଧ୍ୟକୁ ଯିବାକୁ ପଡ଼ିବ; ଏବଂ ତା'ପରେ କେବଳ ସୌଷମ୍ୟଯୁକ୍ତ, ସନ୍ଦୀପିତ ଏବଂ ସୂର୍ଯ୍ୟଧୌତ ହାସ୍ୟର ଏକ ପ୍ରପତିତ ହେଉଥିବା

ଜଳଧାରା ବ୍ୟତୀତ ତୁମେ ଆଉ କିଛି ହେଲେ ଦେଖିବାକୁ ପାଇବ ନାହିଁ । ଏବଂ ସେତେବେଳେ କୌଣସି ଛାୟା ଅଥବା କୌଣସି ଦୁଃଖ ଲାଗି କୌଣସି ଅବକାଶହିଁ ନ ଥିବ ।

ବସ୍ତୁତଃ, ଏପରିକି ସବୁଠାରୁ ବଡ଼ ବାଧା, ସବୁଠାରୁ ବଡ଼ ଦୁଃଖ ଓ ସବୁଠାରୁ ବଡ଼ ଶାରୀରିକ ଯନ୍ତ୍ରଣାମାନ,— ଯଦି ତୁମେ ସେହିପରି ଏକ ଦୃଷ୍ଟିକୋଣ ସହିତ ସେଠାରୁ ଥାଇ ସେଗୁଡ଼ିକୁ ଦେଖି ପାରିବ, ତେବେ ତୁମର ସେହି ବାଧା, ସେହି ଦୁଃଖ ଓ ସେହି ଯନ୍ତ୍ରଣା ପ୍ରକୃତରେ ନିତାନ୍ତ ଅବାସ୍ତବ ବୋଲି ଦୃଷ୍ଟିଗୋଚର ହେବ;— ଏବଂ କେବଳ ଏକ ଆନନ୍ଦମୟ ଓ ଆଲୋକଯୁକ୍ତ ସ୍ପନ୍ଦନ ବ୍ୟତୀତ ସେହି କ୍ଷେତ୍ରରେ ଆଉ ଆଦୌ କିଛିହେଲେ ନ ଥିବ ।

ବସ୍ତୁତଃ, ବାଧାଗୁଡ଼ିକୁ ବିଲୁପ୍ତ କରି ଦେବା ପାଇଁ, ଦୁଃଖମାନଙ୍କୁ ଅତିକ୍ରମ କରିବା ପାଇଁ ଓ ଯନ୍ତ୍ରଣାକୁ ଦୂର କରିବା ପାଇଁ ଏଇଟି ହେଉଛି ସବୁଠାରୁ ଅଧିକ ଶକ୍ତିଶାଳୀ ଉପାୟ । ପ୍ରଥମ ଦୁଇଟି ଅପେକ୍ଷାକୃତ ଅଧିକ ସହଜ,— ମୁଁ ଏଠାରେ ଅପେକ୍ଷାକୃତ ବୋଲିହିଁ କହିଛି— ଏବଂ ଶେଷଟି ଅଧିକ କଷ୍ଟକର, କାରଣ ଏହି ଶରୀର ଏବଂ ତାହାର ଅନୁଭୂତିଗୁଡ଼ିକୁ ଆମେ ପ୍ରାୟ ଅଭ୍ୟସ୍ତ ଭାବରେ ଅତ୍ୟନ୍ତ ପରିମାଣରେ ସାକାର ଓ ସକାରାତ୍ମକ ବୋଲି ବିଚାର କରିଥାଉ । ମାତ୍ର ଏହି କ୍ଷେତ୍ରରେ ମଧ୍ୟ ସେହି ଗୋଟିଏ କଥା, ଏପରି ହେବାର ସ୍ପଷ୍ଟ କାରଣଟି ହେଉଛି ଯେ ଆମେ ପ୍ରକୃତ କଥାଟିକୁ ଆଦୌ ଶିକ୍ଷା କରି ନ ଥାଉ, ଆମ ଶରୀରକୁ ଏକ ତରଳ, ନମନୀୟ, ଅନିଶ୍ଚିତ ପୁନର୍ଗଠନଯୋଗ୍ୟ ଏକ ବସ୍ତୁ ବୋଲି ଆଦୌ ବିଚାର କରି ନ ଥାଉ । ଏହି ଯେଉଁ ଆଲୋକନଯୁକ୍ତ ହାସ୍ୟଟି ଯାବତୀୟ ଅନ୍ଧକାର, ଯାବତୀୟ ବାଧା, ଦ୍ୱନ୍ଦ୍ୱ, ଅସମଞ୍ଜସତା ତଥା ଯାହାକିଛି ଆଘାତ ଦେଉଛି ଏବଂ କ୍ରନ୍ଦନ ଓ ରୋଦନ କରିବାରେ ଲାଗିଛି, ତାହାକୁ ଦୂରୀଭୂତ କରି ଦେଇଥାଏ, ଆମେ ଆମ ଶରୀର ମଧ୍ୟରେ ସେହି ହାସ୍ୟର କୌଣସି ପ୍ରବେଶ ଘଟାଇବାକୁ ଆଦୌ ଶିକ୍ଷା କରି ନାହୁଁ । ଏବଂ ଏହି ସୂର୍ଯ୍ୟ, ଦିବ୍ୟ ହାସ୍ୟମୟତାର ଏହି ସୂର୍ଯ୍ୟ ପ୍ରତ୍ୟେକ ବସ୍ତୁର କେନ୍ଦ୍ରରେ ଅବସ୍ଥିତ ରହିଛି । ତାହା ସକଳ ସତ୍ୟରୂପେ ଅବସ୍ଥିତ ରହିଛି : ଆମେ ସେହି ସୂର୍ଯ୍ୟକୁ ଦେଖିବାକୁ ସମର୍ଥ ହେବା ତାହାକୁ ଅନୁଭବ କରିଶିଖିବା, ବଞ୍ଚି ଶିଖିବା ।

ଏବଂ ସେଥିଲାଗି, ଯେଉଁ ବ୍ୟକ୍ତିମାନେ ଭାରି ଗମ୍ଭୀର ଭାବରେ ଜୀବନକୁ ଗ୍ରହଣ କରନ୍ତି, ଆମେ ସେମାନଙ୍କଠାରୁ ଦୂରରେ ରହିବା । ସେମାନେ ପ୍ରକୃତରେ ଭାରି ବିରକ୍ତିକରତାର କାରଣ ହୁଅନ୍ତି ।

ପରିବେଶଟି ଗମ୍ଭୀର ହୋଇ ଆସିବା ସଙ୍ଗେ ସଙ୍ଗେ ତୁମେ ବେଶ୍ ନିଶ୍ଚିତ ହୋଇଯାଇ ପାରିବ ଯେ, କେଉଁଠି କିଛି ଅବଶ୍ୟ ବିଗିଡ଼ି ଯାଇଛି, କେଉଁଠି କୌଣସି ବ୍ୟାଘାତସୃଷ୍ଟିକାରକ ପ୍ରଭାବ ଆସି ଦେଖାଦେଲାଣି,— ହୁଏତ କୌଣସି ପୁରାତନ ଅଭ୍ୟାସ ଆପଣାକୁ ପୁନଃପ୍ରତିଷ୍ଠିତ କରିବା ଲାଗି ଚେଷ୍ଟା କରୁଛି,— ଏବଂ ତାହାକୁ ସ୍ୱୀକାର କରିନେବା

ଆଦୌ ଉଚିତ ହେବ ନାହିଁ । ଏହି ଯାବତୀୟ ଦୁଃଖପ୍ରକାଶ, ଯାବତୀୟ ଅନୁଶୋଚନା, ଅଯୋଗ୍ୟ ହୋଇ ପଡ଼ିବାର ବା ଦୋଷ କରି ପକାଇ ଥିବାର ଏହି ବୋଧଟି– ଏବଂ ତା'ପରେ ଆଗକୁ ଆଉ ଗୋଟିଏ ପହୁଣ୍ଡ ପକାଇଲେ ତୁମ ଭିତରେ ଏକ ପାପ କରିଥିବାର ସଚେତନତା ଆସି ଉପସ୍ଥିତ ହୋଇଯିବ । ମୁଁ ଭାବେ, ଏସବୁ ସତେଯେପରି ଆଉ କେଉଁ ଅନ୍ୟ ଯୁଗର କଥା, କୌଣସି ଅନ୍ଧକାର-ଯୁଗର କଥା ।

ମାତ୍ର ଏହିସବୁ ଯାହାକିଛି ମୋଟେ ଛାଡ଼ିଯିବାକୁ ଇଚ୍ଛା କରେ ନାହିଁ, ଯାହା କାମୁଡ଼ି ଧରିଥାଏ ଓ ସ୍ଥାୟୀ ହୋଇ ରହିବାକୁ ଚେଷ୍ଟା କରୁଥାଏ, ଏହି ଯାବତୀୟ ନିଷେଧ ଏବଂ ଜୀବନକୁ କାଟି ଦୁଇ ଭାଗ କରି ରଖିବାର– କ୍ଷୁଦ୍ର ଆଉ ବୃହତ୍, ପବିତ୍ର ଓ ପାର୍ଥିବ– ଏହିପରି ଦୁଇ ଭାଗ କରି ରଖିବାର ଏକ ଅଭ୍ୟାସ... ଏକ ଆଧ୍ୟାତ୍ମିକ ଜୀବନ ଯାପନ କରୁଛନ୍ତି ବୋଲି କହୁଥିବା ବ୍ୟକ୍ତିମାନେ କହନ୍ତି, ''କ'ଣ ହେଲା ? ଏହିସବୁ କ୍ଷୁଦ୍ର ଓ ତୁଚ୍ଛ ବସ୍ତୁଗୁଡ଼ିକୁ ତୁମେ କିପରି ନିଜ ଆଧ୍ୟାତ୍ମିକ ଅନୁଭୂତିର ଲକ୍ଷ୍ୟ କରି ରଖିପାରିବ ?'' ମାତ୍ର ତଥାପି, ଏହା ଏପରି ଏକ ଅନୁଭୂତି, ଯାହାକି ଏହି ଭୌତିକ ସ୍ତରରେ ମଧ୍ୟ ଅଧିକରୁ ଅଧିକ ସାକାର ଏବଂ ବାସ୍ତବ ହେବାରେ ଲାଗିଥାଏ । ଏକଥା ଆଦୌ ସତ ନୁହେଁ ଯେ ଏପରି ''କେତେକ ବସ୍ତୁ'' ରହିଛି, ଯହିଁରେ ପ୍ରଭୁ ଅବସ୍ଥିତ ରହିଛନ୍ତି ଓ ଆହୁରି ଏପରି ''କେତେକ ବସ୍ତୁ'' ଅଛି, ଯହିଁରେ କି ତାଙ୍କର କୌଣସି ଉପସ୍ଥିତି ନାହିଁ । ପ୍ରଭୁ ସେଠାରେ **ସର୍ବଦା**ହିଁ ଅବସ୍ଥିତ ରହିଛନ୍ତି । ସିଏ ଆଦୌ କୌଣସି କଥାକୁ ଗମ୍ଭୀର ଭାବରେ ଗ୍ରହଣ କରୁ ନାହାନ୍ତି, ସବୁକିଛି ତାଙ୍କୁ ଆମୋଦ ଦେଉଛି; ଏବଂ, ଯଦି କିପରି ଖେଳିବାକୁ ହୁଏ, ସେକଥା ତୁମକୁ ଜଣାଥାଏ, ତେବେ ସେ ତୁମ ସହିତ ଖେଳିବାରେ ଲାଗିଛନ୍ତି । ମାତ୍ର ତାଙ୍କୁ ସେହି ଖେଳଟି ପ୍ରକୃତରେ କେଡ଼େ ଭଲ ଭାବରେ ଖେଳି ନ ଆସେ ! ସିଏ ପ୍ରକୃତରେ କେଡ଼େ ବିଚକ୍ଷଣ ଭାବରେ ନ ଖେଳନ୍ତି ! ଏହି ସବୁକିଛି ବସ୍ତୁ ସହିତ, ଏପରିକି କ୍ଷୁଦ୍ରତମ ବସ୍ତୁଗୁଡ଼ିକ ସହିତ ମଧ୍ୟ ଖେଳୁଥାନ୍ତି : ତୁମେ ସେହି ଖେଳ ପାଇଁ କିଛି ବାହାରକୁ ବାହାର କରି ପାଲି ଉପରେ ନେଇ ରଖିବ କି ? ଏଥିପାଇଁ ତୁମକୁ ଭାବିବାକୁ ପଡ଼ିବ ଏବଂ, ସବୁ ସଜାଇ ରଖିବାକୁ ପଡ଼ିବ ବୋଲି ଆଦୌ ଭାବ ନାହିଁ; ଚାଲ, ଖେଳିବା ଚାଲ; ଏଇଟିକୁ ଏଠାରେ ରଖିବା ଓ ସେଇଟିକୁ ସେଠାରେ ରଖିବା, ଏବଂ ଏହି ଅନ୍ୟଟିକୁ ଏପରି ରଖିବା । ଏବଂ, ଆଉ ଥରକୁ ତାହା ପୁଣି ଆଉ ପ୍ରକାରର ହୋଇଯିବ... କେଡ଼େ ବଢ଼ିଆ ଖେଳ କହିଲ ? କେତେ ମଜା ନ ଲାଗୁଛି !

ତେବେ, ଆମେ ସମସ୍ତେ ରାଜି ହେଲେ ଯେ ଆମେ ପ୍ରଭୁଙ୍କ ସହିତ ହସି ଶିଖିବାକୁ ନିଶ୍ଚୟ ଶିକ୍ଷା କରିବା ।

୧୪ ଜାନୁଆରି, ୧୯୬୩

**୮୪. ତାହାହିଁ ଅତିପ୍ରାକୃତ, ଯାହାର ସ୍ୱଭାବଟିକୁ ଆମେ ଉପଲବ୍ଧି କରି ନାହୁଁ ଅଥବା ଏବେବି ଜାଣି ନାହୁଁ ଓ ତାହାର ସାଧନଗୁଡ଼ିକ ଉପରେ ଆମେ ଏବେବି ବିଜୟହାସଲ କରିପାରି ନାହୁଁ । ଅଲୌକିକ ଘଟଣା ଲାଗି ସାଧାରଣଙ୍କ ଚିତ୍ତରେ ଯେଉଁ ଆଗ୍ରହ ରହିଛି, ତାହାହିଁ ଏହି କଥାଟିର ଇଙ୍ଗିତ ଦେଇ ଯାଉଛି ଯେ ମନୁଷ୍ୟର ଆରୋହଣଯାତ୍ରା ଏବେ ମଧ୍ୟ ଶେଷ ହୋଇ ନାହିଁ ।**

**୮୫. ଅତିପ୍ରାକୃତ ବିଷୟରେ ସନ୍ଦେହ ପ୍ରକାଶ କରିବା ହେଉଛି ବୁଦ୍ଧିମତ୍ତା ଏବଂ ବିବେକର କାର୍ଯ୍ୟ । ମାତ୍ର ସେଥିରେ ବିଶ୍ୱାସ ସ୍ଥାପନ କରିବାକୁ ମଧ୍ୟ ଗୋଟିଏ ପ୍ରକାରର ପ୍ରଜ୍ଞା ବୋଲି କୁହାଯିବ ।**

**୮୬. ମହାନ ସନ୍ଥମାନେ କେତେ ଅଲୌକିକ ଘଟଣାମାନ ଘଟାଇଛନ୍ତି; ମହତ୍ତର ସନ୍ଥମାନେ ସେହି ଘଟଣାଗୁଡ଼ିକ ପ୍ରତି ବିଦ୍ରୂପ ପ୍ରକାଶ କରିଛନ୍ତି; ଏବଂ, ମହତ୍ତମ ସନ୍ଥମାନେ ପୁଣି ସେଗୁଡ଼ିକୁ କରି ଦେଖାଇଛନ୍ତି । ସେଗୁଡ଼ିକୁ ବିଦ୍ରୂପ କରିଛନ୍ତି ।**

**୮୭. ଆଖି ଖୋଲ ଏବଂ ଦେଖ, ଜଗତ ପ୍ରକୃତରେ କ'ଣ ଏବଂ ଭଗବାନ ପ୍ରକୃତରେ କ'ଣ ଆମୋଦଦାୟକ । ବୃଥା ତଥା କଳ୍ପନାଗୁଡ଼ିକୁ ପରିତ୍ୟାଗ କର ।**

ମନୁଷ୍ୟର ବାହ୍ୟ ଚେତନାରେ ଯେଉଁ ପ୍ରତିରୋଧ ରହିଛି, ତାହାକୁ ଅତିକ୍ରମ କରିବାର ଏକ ଉପାୟ ରୂପେ ଆପଣ ବା ଶ୍ରୀଅରବିନ୍ଦ କାହିଁକି ଏହି ଅଲୌକିକ ଘଟଣାମାନ ଘଟାଇବାର ଅଧିକତର ବିନିଯୋଗ କରି ନାହାନ୍ତି ? ବାହାରର ବସ୍ତୁଗୁଡ଼ିକର କ୍ଷେତ୍ରରେ ଆପଣମାନେ କାହିଁକି ଏପରି ଆତ୍ମ-ଅପସାରଣର ଉଦାହରଣ ଦେଖାଇଲେ, କାହିଁକି କୌଣସି ହସ୍ତକ୍ଷେପ କଲେ ନାହିଁ ଅଥବା ବିଶେଷ କ୍ଷମତାର ପ୍ରୟୋଗ କଲେ ନାହିଁ ?

ଶ୍ରୀଅରବିନ୍ଦ ଏକାଧିକ ଅବସରରେ ମୋତେ ଯାହା କହିଥିଲେ, ତାଙ୍କ ସମ୍ବନ୍ଧରେ ମୁଁ କେବଳ ସେତିକି କହିପାରିବି । ଭୌତିକ ଅଥବା ପ୍ରାଣିକ ଜଗତରେ ବ୍ୟତିକ୍ରମ ଘଟାଇ

ଯେଉଁସବୁ ହସ୍ତକ୍ଷେପ କରାଯାଇଥାଏ, ଲୋକମାନେ କେବଳ ସେହିଗୁଡ଼ିକୁହିଁ ''ଅଲୌକିକ ଘଟଣା'' ବୋଲି ଅଭିହିତ କରିଥା'ନ୍ତି । ଏବଂ, ଏହିସବୁ ହସ୍ତକ୍ଷେପ ସହିତ ସର୍ବଦା ନାନା ଅଜ୍ଞାନମୟ ଓ ବିବେକହୀନ ଗତିସ୍ପନ୍ଦନ ବିମିଶ୍ରିତ ହୋଇ ରହିଥାଏ ।

ମାତ୍ର, ମନର କ୍ଷେତ୍ରରେ ଶ୍ରୀଅରବିନ୍ଦ ଯେଉଁସବୁ ଅଲୌକିକ ଘଟଣା ଘଟାଇ ଯାଇଛନ୍ତି, ତାହାର ସଂଖ୍ୟା ପ୍ରକୃତରେ ଅସୁମାରି । ମାତ୍ର ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତୁମର ଦୃଷ୍ଟି ଯଦି ଅତ୍ୟନ୍ତ ସିଧା ହୋଇଥାନ୍ତା, ନିଷ୍ଠାଯୁକ୍ତ ଏବଂ ଶୁଦ୍ଧ ହୋଇପାରିଥାନ୍ତା, ତେବେଯାଇ ତୁମେ ସେଗୁଡ଼ିକୁ ଦେଖିଥାଆନ୍ତ । ଅଳ୍ପ କେତେସଂଖ୍ୟକ ବ୍ୟକ୍ତି ତାହାକୁ ଅବଶ୍ୟ ଦେଖିଛନ୍ତି । ମାତ୍ର, ମୁଁ ଭଲ କରି ଜାଣିଛି ଯେ ସିଏ କୌଣସି ଭୌତିକ ଅଥବା ପ୍ରାଣିକ ସ୍ତରର ଅଲୌକିକ ଘଟଣା ଘଟାଇବାକୁ ସବୁବେଳେ ମନା କରୁଥିଲେ,— ସେଗୁଡ଼ିକ ମଧ୍ୟରେ ରହିଥିବା ବିମିଶ୍ରଣ ହେତୁ ସେ ତାହା କରିବାକୁ ମନା କରି ଦେଉଥିଲେ ।

ମୁଁ ଅନୁଭବ କରେ ଯେ, ପୃଥିବୀର ଏହି ବର୍ତ୍ତମାନ ପରିସ୍ଥିତିରେ, ଭୌତିକ ବା ପ୍ରାଣିକ ଯେକୌଣସି ଭୂମିରେ ହେଉ ପଛକେ, ଏକ ପ୍ରତ୍ୟକ୍ଷ ଅଲୌକିକ-ସାଧନକୁ ଆଦୌ ଗ୍ରହଣଯୋଗ୍ୟ ହେଉ ନ ଥିବା ଅନେକ ଅସତ୍ୟୋପାଦାନକୁ ମଧ୍ୟ ନିଜ ସହିତ ଗ୍ରହଣ କରିନେବାକୁ ପଡ଼ିବ, ସେଗୁଡ଼ିକ ସ୍ପଷ୍ଟତଃ ମିଥ୍ୟାସ୍ତରରହିଁ ଅଲୌକିକ-ସାଧନ ହୋଇ ରହିବେ । ଏବଂ ସେଗୁଡ଼ିକୁ ମୋଟେ ସ୍ୱୀକାର କରି ନିଆଯାଇ ପାରିବ ନାହିଁ । ଯେଉଁସବୁ ଘଟଣାକୁ ଲୋକେ ଅଲୌକିକ ଘଟଣା ବୋଲି କହନ୍ତି, ମୁଁ ସେଗୁଡ଼ିକୁ ଭଲ କରି ଦେଖିଛି । ଏକଦା ସେଗୁଡ଼ିକୁ ମୁଁ ବହୁସଂଖ୍ୟାରେ ଦେଖିଥିଲି, ମାତ୍ର ଏହାଦ୍ୱାରା ତାହା ଆହୁରି ଏପରି ଅନେକ ବିଷୟକୁ ମଧ୍ୟ ବାଟ ଛାଡ଼ିଦେବାକୁ ବାଧ୍ୟ ହେଉଥିଲା, ଯାହାକୁ କି ମୁଁ ଆଦୌ ଗ୍ରହଣ କରିପାରୁ ନ ଥିଲି ।

ଲୋକମାନେ ଆଜିକାଲି ଯେଉଁସବୁ ଘଟଣାକୁ ''ଅଲୌକିକ ଘଟଣା'' ବୋଲି କହୁଛନ୍ତି, ସେଗୁଡ଼ିକ ପ୍ରାୟ ସର୍ବଦା ପ୍ରାଣିକ ସତ୍ତା ଦ୍ୱାରା ସାଧିତ ହେଉଛି, ଅଥବା, ପ୍ରାଣିକ ସତ୍ତାମାନଙ୍କ ସହିତ ଯେଉଁମାନଙ୍କର ସଂପର୍କ ରହିଛି, ସେହିମାନଙ୍କ ଦ୍ୱାରା ସାଧିତ ହେଉଛି । ଏବଂ ଏଥିରେ ଏକ ବିମିଶ୍ରଣ ସଂଘଟିତ ହେଉଛି;— ଏହା ଏପରି କେତେକ ନିର୍ଦ୍ଦିଷ୍ଟ ବସ୍ତୁକୁ ବାସ୍ତବ ଓ ସତ୍ୟ ବୋଲି ସ୍ୱୀକାର କରି ନେଉଛି, ଯାହାକି ପ୍ରକୃତରେ ଆଦୌ ସତ୍ୟ ନୁହେଁ । ଏବଂ ତାହା ସେହିପରି ଏକ ଭିତ୍ତି ଉପରେ ଅବସ୍ଥିତ ରହି ଆପଣାକୁ କାର୍ଯ୍ୟକାରୀ କରୁଛି । ତେଣୁ ତାହାକୁ ଆଦୌ ଗ୍ରହଣୀୟ ବୋଲି କୁହାହେବ ନାହିଁ ।

*ମନର କ୍ଷେତ୍ରରେ ଶ୍ରୀଅରବିନ୍ଦ ଅଲୌକିକ ଘଟଣାମାନ ଘଟାଇଥିଲେ ବୋଲି ଆପଣ ଯାହା କହିଲେ, ମୁଁ ତାହାର ଅର୍ଥକୁ ଠିକ୍ ଭାବରେ ବୁଝିପାରିଲି ନାହିଁ ।*

ମୁଁ ଏହି ଅର୍ଥରେ ସେକଥା କହିଲି ଯେ ଶ୍ରୀଅରବିନ୍ଦ ମନର ଚେତନା ମଧ୍ୟରେ ଅତିମାନସ ଶକ୍ତିର ପ୍ରବେଶ ଘଟାଉଥିଲେ । ଯେଉଁ ମାନସ ଚେତନା ଭୌତିକ ସ୍ତରର ଯାବତୀୟ କ୍ରିୟାତ୍ମକତାକୁ ନିୟନ୍ତ୍ରଣ କରୁଛି, ତାହାରି ମଧ୍ୟକୁ ସିଏ ଏପରି ଏକ ଅତିମାନସ ରଚନା, ଶକ୍ତି ବା ସାମର୍ଥ୍ୟର ପ୍ରବେଶ ଘଟାଇବାକୁ ଇଚ୍ଛା କରୁଥିଲେ, ଯାହାକି ସମସ୍ତ ସଂଗଠନଟିକୁ ସଙ୍ଗେ ସଙ୍ଗେ ବଦଳାଇ ଦେଇପାରିବ । ଏଥିରୁ ସଙ୍ଗେ ସଙ୍ଗେ ଯେଉଁସବୁ ପରିଣାମ ଘଟିବ, ତାହା ଆଦୌ ନିୟମ ଦ୍ୱାରା ଚାଳିତ ବୋଲି ବୋଧ ହେବ ନାହିଁ, କାରଣ ସେଗୁଡ଼ିକ ମନୋଗତ ନ୍ୟାୟବୋଧ ଦ୍ୱାରା ଚାଳିତ ଆମ ସାଧାରଣ କ୍ରିୟାବିଧିର ପଥଟିକୁ ଆଦୌ ଅନୁସରଣ କରୁ ନ ଥିବେ ।

ଶ୍ରୀଅରବିନ୍ଦ ନିଜେ ଅନେକ ସମୟରେ କହୁଥିଲେ ଯେ, ଯେତେବେଳେ ସିଏ ଅତିମାନସ ଶକ୍ତିର ଅଧିକାରୀ ହୋଇଯିବେ, ଯେତେବେଳେ ସିଏ ଇଚ୍ଛା ଅନୁସାରେ ତାହାର ପ୍ରୟୋଗ କରିପାରିବେ ଏବଂ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟସାଧନ ନିମିତ୍ତ ତାହାକୁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ନେଇ ପ୍ରତିଫଳିତ କରିପାରିବେ, ସେତେବେଳେ ତାହା ଅପରିବର୍ତ୍ତନୀୟ ଏବଂ ଅନିବାର୍ଯ୍ୟ ଭାବରେ କାର୍ଯ୍ୟ କରିବ : ତାହାର ଫଳ ଅବଶ୍ୟମ୍ଭାବୀ ହେବ । ତାହାକୁହିଁ ଏକ ଅଲୌକିକ ସାଧନ ବୋଲି କୁହାଯିବ ।

ଉଦାହରଣ ସ୍ୱରୂପ, ପୀଡ଼ିତ ଥିବା କିଂବା କଷ୍ଟ ପାଉଥିବା ଜଣେ ବ୍ୟକ୍ତିଙ୍କ କଥା ବିଚାର କରାଯାଉ; ଯେତେବେଳେ ଶ୍ରୀଅରବିନ୍ଦ ଏହି ଅତିମାନସ ଶକ୍ତିର ଅଧିକାରୀ ହୋଇ ରହିଥିଲେ,— ସେ ଏକଦା କହୁଥିଲେ ଯେ, ସେହି ଶକ୍ତି ସଂପୂର୍ଣ୍ଣ ଭାବରେ ତାଙ୍କର ଆୟତ୍ତରେ ରହିଥିଲା, ଅର୍ଥାତ୍, ଏହି ଶକ୍ତି ଦ୍ୱାରା ସିଏ ଯାହା କରିବାକୁ ଇଚ୍ଛା କରିବେ, ତାଙ୍କଠାରେ ତାହା କରିବାର ସାମର୍ଥ୍ୟ ରହିଥିଲା, ସେ ଯେଉଁଠାରେ ମନ କରୁଥିଲେ, ତାହାର ପ୍ରୟୋଗ କରିପାରୁଥିଲେ,— ସେତେବେଳେ ସିଏ ଏହି ବୃହତ୍ ଶକ୍ତିଟିକୁ କାର୍ଯ୍ୟରେ ଲଗାଉଥିଲେ । ଉଦାହରଣ ସ୍ୱରୂପ, ଶାରୀରିକ ହେଉ ଅଥବା ପ୍ରାଣିକ ହେଉ,— ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଅବଶ୍ୟ ମନଃସ୍ତରର ହୋଇ ରହିଥିଲା,— କୌଣସି ଏକ ବିଶୃଙ୍ଖଳାର କ୍ଷେତ୍ରରେ ସିଏ ବୃହତ୍ତର ସମଞ୍ଜସତା, ବୃହତ୍ତର ଶୃଙ୍ଖଳା ରହିଥିବା ଏହି ଅତିମାନସ ଶକ୍ତିର ବିନିଯୋଗ କରୁଥିଲେ, ତାହାକୁ ସେହି ସ୍ଥାନଟି ଉପରେ ସଂକେନ୍ଦ୍ରିତ କରି ଆଣୁଥିଲେ ଏବଂ ତାହା ତତ୍କ୍ଷଣାତ୍ ଆପଣାକୁ କାର୍ଯ୍ୟକାରୀ କରୁଥିଲା । ଏବଂ ତାହା ଏକ ଶୃଙ୍ଖଳାର ପ୍ରତିଷ୍ଠା କରୁଥିଲା,— ଶୃଙ୍ଖଳା ଆଣି ଦେଉଥିଲା, ସାଧାରଣ ଏହି ପ୍ରକୃତିର ସ୍ତରରେ ରହିଥିବା ସମଞ୍ଜସତା ଅପେକ୍ଷା ଏକ ବୃହତ୍ତର ସମଞ୍ଜସତା ସମ୍ଭବ କରିପାରୁଥିଲା । ଅର୍ଥାତ୍, ଉଦାହରଣ ସ୍ୱରୂପ, ଯଦି ତାହା କୌଣସି ରୋଗକୁ ଆରୋଗ୍ୟ କରିବାର ଏକ ବ୍ୟାପାର ଥିଲା, ତେବେ, ସାଧାରଣ ସ୍ଥୂଳସ୍ତରୀୟ ଓ ମାନସିକ କୌଣସି

ପ୍ରଣାଳୀ ଦ୍ୱାରା ଯେଉଁ ଆରୋଗ୍ୟ ସମ୍ଭବ ହୁଅନ୍ତା, ଏହି କ୍ଷେତ୍ରରେ ତା'ଠାରୁ ଏକ ଅଧିକ ନିର୍ଦ୍ଦୋଷ ଏବଂ ଅଧିକ ସଂପୂର୍ଣ୍ଣ ଆରୋଗ୍ୟ ସଂଘଟିତ ହେଉଥିଲା ।

ଏହିପରି କେତେକେତେ ଘଟଣା ଘଟୁଥିଲା । ମାତ୍ର ଲୋକମାନେ ଏତେ ଅଧିକ ପରିମାଣରେ ଅନ୍ଧ ହୋଇ ରହିଥାନ୍ତି ଓ ଆପଣାର ଏହି ନିତ୍ୟନୈମିତ୍ତିକ ଚେତନାର ସ୍ତରରେ ଏପରି ଚଉକଷ ହୋଇପଡ଼ିଥାନ୍ତି ଯେ, ସେମାନେ ସର୍ବଦା ''ବ୍ୟାଖ୍ୟାମାନ'' କରି ବସନ୍ତି, କୌଣସି ନା କୌଣସି ଏକ ବ୍ୟାଖ୍ୟା ଆଣି ଯୋଗାଇ ଦେବାକୁ ସେମାନଙ୍କର ସବୁବେଳେ ସାମର୍ଥ୍ୟ ରହିଥାଏ । ମାତ୍ର, ଯେଉଁମାନଙ୍କର ବିଶ୍ୱାସ ଓ ଅଭୀପ୍ସା ରହିଥାଏ, ଯେଉଁମାନଙ୍କ ଭିତରେ ଏକାନ୍ତ ଶୁଦ୍ଧ ହୋଇ କିଛି ରହିଥାଏ, ଅର୍ଥାତ୍, ଯେଉଁମାନେ ଜାଣିବା ଲାଗି ଯଥାର୍ଥରେ ଇଚ୍ଛା କରୁଥାନ୍ତି, କେବଳ ସେହିମାନେ ତାହା ବୁଝିବା ଲାଗି ଅବଶ୍ୟ ସମର୍ଥ ହୋଇ ପାରିଥିଲେ ।

ଯେତେବେଳେ ସେହି ବୃହତ୍‌ଶକ୍ତିଟି ତାଙ୍କ ଭିତରେ ରହିଥିଲା, ସେତେବେଳେ ସେ ଏପରିକି ଏକଥା ମଧ୍ୟ କହୁଥିଲେ ଯେ ତାହାକୁ କାର୍ଯ୍ୟରେ ଲଗାଇବା ଲାଗି ତାଙ୍କୁ କୌଣସି ଚେଷ୍ଟା ମଧ୍ୟ କରିବାକୁ ପଡୁ ନ ଥିଲା । ତାଙ୍କୁ କେବଳ ଶୃଙ୍ଖଳା ଓ ସମଞ୍ଜସତାର ସେହି ଅତିମାନସ ଶକ୍ତିଟିକୁ ଆବାହନ କରି ଆଣିବାକୁ ପଡୁଥିଲା ଓ ତାଙ୍କୁ ସଙ୍ଗେ ସଙ୍ଗେ କାମ୍ୟ ଫଳଟି ମଧ୍ୟ ମିଳିଯାଉଥିଲା ।

*ଅଲୌକିକ ଘଟଣା କହିଲେ ପ୍ରକୃତରେ କ'ଣ ବୁଝାଏ ? କାରଣ, ଶ୍ରୀଅରବିନ୍ଦ ତ ଅନେକ ସମୟରେ କହୁଥିଲେ ଯେ, ଅଲୌକିକ ଘଟଣା ବୋଲି ଆଦୌ କିଛି ଘଟେ ନାହିଁ । ମାତ୍ର, ସିଏ ସାବିତ୍ରୀ ଗ୍ରନ୍ଥରେ ଉଦାହରଣ ସ୍ୱରୂପ ଏକଥା ମଧ୍ୟ କହିଛନ୍ତି : ''ଏଠାରେ ଯାହାକିଛି ଘଟେ, ତାହା ହେଉଛି ଗୋଟିଏ ଗୋଟିଏ ଅଲୌକିକ ଘଟଣା ଏବଂ କେବଳ ଏକ ଅଲୌକିକ ଘଟଣା ଦ୍ୱାରାହିଁ ତାହାକୁ ବଦଳାଇ ଦିଆଯାଇ ପାରିବ ।''*

[ସାବିତ୍ରୀ, (ଶତବାର୍ଷିକୀ ସଂସ୍କରଣ), ଇଂ. ପୃଷ୍ଠା - ୮୫]

ତୁମେ ବିଷୟଟି ଉପରେ କିପରି ଅବଲୋକନ କରିବ, ତାହାକୁ ଏପାଖରୁ ଦେଖିବ ଅଥବା ସେପାଖରୁ ଦେଖିବ, ସେକଥା ତାହାରି ଉପରେ ନିର୍ଭର କରିବ ।

ଯେଉଁ ଘଟଣାଗୁଡ଼ିକ ସ୍ପଷ୍ଟତା ସହିତ ବ୍ୟାଖ୍ୟା କରାଯାଇ ପାରିବ ନାହିଁ ଅଥବା ଯେଉଁଗୁଡ଼ିକ ଲାଗି ତୁମର ମସ୍ତିଷ୍କ କୌଣସି ବ୍ୟାଖ୍ୟା ଯୋଗାଇଦେଇ ପାରୁ ନାହିଁ, ତୁମେ କେବଳ ସେହିଗୁଡ଼ିକୁହିଁ ଅଲୌକିକ ଘଟଣା ବୋଲି ଅଭିହିତ କରୁଛ । ଏହି ଦୃଷ୍ଟିରୁ ବିଚାର

କରି ତୁମେ ଅବଶ୍ୟ କହିପାରିବ ଯେ, ଘଟୁଥିବା ଅଗଣିତ ଅନେକ ଘଟଣା ପ୍ରକୃତରେ ଗୋଟିଏ ଗୋଟିଏ ଅଲୌକିକ ଘଟଣା, କାରଣ ସେହିସବୁ ଘଟଣାର କିପରି ଓ କାହିଁକି ବିଷୟରେ ତୁମ ପାଖରେ ଆଦୌ କୌଣସି ବ୍ୟାଖ୍ୟା ନାହିଁ ।

*ତେବେ ଏକ ପ୍ରକୃତ ଅଲୌକିକ ଘଟଣା କହିଲେ କାହାକୁ ବୁଝାଇବ ?*

ପ୍ରକୃତ ଅଲୌକିକ ଘଟଣା କହିଲେ କାହାକୁ ବୁଝାଇବ, ମୁଁ ସେକଥା କହିପାରିବି ନାହିଁ; କାରଣ, ପ୍ରକୃତରେ ଏକ ଅଲୌକିକ ଘଟଣାର ଯଥାର୍ଥ ସଂଜ୍ଞା କ'ଣ ? ଏକ ପ୍ରକୃତ ଅଲୌକିକ ଘଟଣା... କେବଳ ଏହି ମନଟାହିଁ ଏକ ଅଲୌକିକ ଘଟଣାର କୌଣସି ଧାରଣା କରିପାରେ; କାରଣ, ଆପଣାର ନିଜସ୍ୱ ନ୍ୟାୟଟି ଦ୍ୱାରା ପରିଚାଳିତ ହୋଇ ମନ ନିଷ୍ପତ୍ତି କରିନିଏ ଯେ, ଏହି ବା ସେହି ଅବସ୍ଥାଟି ରହିଥିବା ପର୍ଯ୍ୟନ୍ତ ଆଉ ଗୋଟିଏ ଅନ୍ୟ ଘଟଣା ଘଟିପାରିବ ଅଥବା ଘଟିବ ନାହିଁ । ମାତ୍ର କେବଳ ମନର ଯାବତୀୟ ସୀମାବଦ୍ଧତାଗୁଡ଼ାକହିଁ ପ୍ରକାଶ ପାଉଛି । କାରଣ, ପରମପ୍ରଭୁଙ୍କ ଦୃଷ୍ଟିରୁ, ଏକ ଅଲୌକିକ ଘଟଣା ପ୍ରକୃତରେ ସମ୍ଭବ ବା କିପରି ହୋଇପାରିବ ? ଏହି ସକଳ ବସ୍ତୁ କେବଳ ତାଙ୍କ ବ୍ୟତୀତ ଆଉ କିଛି ନୁହେଁ, ସିଏ ଏହି ସକଳ ବସ୍ତୁକୁ ମୂର୍ତ୍ତ ରୂପ ପ୍ରଦାନ କରିଛନ୍ତି ।

ତେଣୁ, ଶ୍ରୀଅରବିନ୍ଦ 'ସାବିତ୍ରୀମହାକାବ୍ୟରେ ଯେପରି କହିଛନ୍ତି, ଏହିଠାରେହିଁ ଆମକୁ ଅନୁସୃତ ହେଉଥିବା ସେହି ପ୍ରଣାଳୀଟିର, ସେହି ଶାଶ୍ୱତ ପ୍ରଣାଳୀଟିର ସମ୍ମୁଖୀନ ହେବାକୁ ପଡ଼ିବ । ଅବଶ୍ୟ, ଏପରି ଅନୁମାନ କରାଯାଇପାରିବ ଯେ, ଯାହାକିଛି ମୂର୍ତ୍ତ ରୂପ ଧାରଣ କରିଛି, ପ୍ରଥମ ଅବସ୍ଥାରେ ତାହା ମଧ୍ୟରେ ମୂର୍ତ୍ତରୂପ ଧାରଣ କରିବାର ଅବଶ୍ୟ ଏକ ଅନୁକୂଳ ପ୍ରବୃତ୍ତି ରହିଥିଲା । ବିବର୍ତ୍ତନର ନିୟମଟି ସହିତ ଯେଉଁ ସର୍ବପ୍ରଥମ କଥାଟିର ସଙ୍ଗତି ରହିଥିବା ପରି ମନେ ହେଉଛି, ସେଇଟି ହେଲା ଯେ ଏହି ସାକାରୀକରଣ ହେଉଛି ଏକ ଉତ୍ତରୋତ୍ତର ଅଗ୍ରଗତି କରୁଥିବା ପଦ୍ଧତି, ଶାଶ୍ୱତ କାଳ ମଧ୍ୟରେ ବି ଏହା କଦାପି ସଂପୂର୍ଣ୍ଣ ହୋଇଯିବ ନାହିଁ... (ମାଆ ନୀରବ ରହିଲେ) ଏସବୁ କଥାକୁ ଶବ୍ଦ ଦେଇ କହିବା ବଡ଼ କଷ୍ଟକର, କାରଣ, ଏକ ନିର୍ଦ୍ଦିଷ୍ଟ ପରିମାଣାତ୍ମକତାହିଁ ଆପଣାକୁ ଯେ ଅନନ୍ତ ଧାରାରେ ବିକଶିତ କରିବାରେ ଲାଗିଛି ଏବଂ ଏକ ନିର୍ଦ୍ଦିଷ୍ଟ ପରିମାଣାତ୍ମକତାର କଳ୍ପନା କରିବାକୁ ହେଲେ ଯେ ଏକ ଆରମ୍ଭର ମଧ୍ୟ କଳ୍ପନା କରିବାକୁହିଁ ପଡ଼ିବ, ଆମେ ଏପରି ଅନୁମାନ କରିବାର ଆମର ସେହି ଅଭ୍ୟସ୍ତ ଧାରଣା ମଧ୍ୟରୁ ଆପଣାକୁ କେବେହେଲେ ମୁକ୍ତ କରିପାରିବା ନାହିଁ । ଅନ୍ତତଃ, କଥା କହିବାର ଆମ ମାର୍ଗଟି ଭିତରେ ଆମର ସର୍ବଦା ଏପରି ଏକ **ମୁହୂର୍ତ୍ତର ଧାରଣା** ଦୃଢ଼ ହୋଇ ରହିଥାଏ (ମାଆ

ହସିଲେ) ଯେତେବେଳେ କି ପରମେଶ୍ୱର ଆପଣାକୁ ସୃଷ୍ଟିରେ ପରିଣତ କରିବା ପାଇଁ ମନସ୍ଥ କରନ୍ତି । ଏପରି ଭାବରେ ବ୍ୟାଖ୍ୟାଟି ମଧ୍ୟ ଅତ୍ୟନ୍ତ ସହଜ ହୋଇଯାଏ : ପରମେଶ୍ୱର କ୍ରମଶଃ ନିଜକୁ ସାକାର କରି ଆଣନ୍ତି, ନିଜକୁ ଅଧିକରୁ ଅଧିକ ପରିମାଣରେ ସାକାର କରୁଥା'ନ୍ତି ଏବଂ ତାହାରି ଫଳରେହିଁ ଏକ କ୍ରମାଗ୍ରସର ବିବର୍ତ୍ତନ ସଂଘଟିତ ହୁଏ । ମାତ୍ର ତାହାକୁ କେବଳ କହିବାରହିଁ ଏକ ରୀତି ବୋଲି କୁହାଯିବ; କାରଣ, ଏହି କ୍ଷେତ୍ରରେ ଆରମ୍ଭ ବୋଲି ଆଦୌ କିଛି ନାହିଁ, ଶେଷ ବୋଲି ବି କିଛି ନାହିଁ, ମାତ୍ର ଏକ କ୍ରମାଗ୍ରସରତା ଅବଶ୍ୟ ରହିଛି । ପୂର୍ବାପରତା, ବିବର୍ତ୍ତନ ଏବଂ ଅଗ୍ରଗତିର ବୋଧଗୁଡ଼ିକ କେବଳ ଏହି ଅଭିବ୍ୟକ୍ତିର ପ୍ରକ୍ରିୟା ସହିତ ଜଡ଼ିତ ହୋଇ ରହିଛି । କେବଳ ଏହି ପୃଥିବୀ ସମ୍ବନ୍ଧରେ କିଛି କହୁଥିବା ସମୟରେହିଁ ଆମେ ଏପରି ଏକ ବ୍ୟାଖ୍ୟା ବାଢ଼ିଦେଇ ପାରିବା, ଯାହାକି ଅତ୍ୟନ୍ତ ବୁଦ୍ଧିସଙ୍ଗତ ହୋଇଥିବ ଏବଂ ତଥ୍ୟଗୁଡ଼ିକ ଅନୁସାରେ ମଧ୍ୟ ଯଥାର୍ଥ ହୋଇଥିବ,— କାରଣ ଏହି ପୃଥିବୀର ଏକ ଆରମ୍ଭ ରହିଛି,— ତାହାର ଅନ୍ତରାତ୍ମାର କ୍ଷେତ୍ରରେ ନୁହେଁ, ମାତ୍ର ତାହାର ଏହି ଭୌତିକ ଅସ୍ତିତ୍ୱର କ୍ଷେତ୍ରରେ ଅବଶ୍ୟ ଏକ ଆରମ୍ଭ ରହିଛି ।

ଏପରି ମଧ୍ୟ ହୋଇପାରେ ଯେ ଏକ ଭୌତିକ ବିଶ୍ୱଜଗତର ମଧ୍ୟ ଗୋଟିଏ ଆରମ୍ଭ ରହିଛି ।

(ମାଆ ନୀରବ ରହିଲେ)

ଯଦି ତୁମେ ବିଷୟଟି ଉପରେ ଏହିପରି ଭାବରେ ଦୃଷ୍ଟିପାତ କରିବ, ତେବେ ଆଉ ଗୋଟିଏ ଜଗତରୁ ଆସି କୌଣସି ବସ୍ତୁର ପ୍ରବେଶ ଘଟିବାକୁହିଁ ଗୋଟିଏ ଜଗତରେ ଏକ ଅଲୌକିକ ଘଟଣା ବୋଲି କୁହାଯିବ । ଏବଂ, ଆମର ଏହି ପୃଥିବୀର କ୍ଷେତ୍ରରେ ସମସ୍ୟାଟି ଆହୁରି ଅତ୍ୟନ୍ତ ବୋଧଗମ୍ୟ ଏକ ବିଷୟରେହିଁ ପରିଣତ ହୋଇଯିବ । ଅଲୌକିକ ଘଟଣା କହିଲେ ହଠାତ୍ ଆଉ କେଉଁଠାରୁ ଆସି ପ୍ରବେଶ କରିଥିବା ଏପରି ଏକ ବିଷୟକୁ କୁହାଯିବ, ଯାହାକି ପୂର୍ବରୁ ଏହି ପୃଥିବୀର ହୋଇ ରହି ନ ଥିଲା : ତାହା ଏପରି ଏକ ନୀତିର ପ୍ରବେଶ ଘଟାଇ ଏକ ମୌଳିକ ଏବଂ ତାତ୍କାଳିକ ପରିବର୍ତ୍ତନ ସମ୍ଭବ କରାଇଲା, ଯାହାକି ପୃଥିବୀ ରୂପୀ ଏହି ଭୌତିକ ଜଗତରେ ଆଦୌ ବିଦ୍ୟମାନ ନ ଥିଲା ।

ମାତ୍ର ଏହି କ୍ଷେତ୍ରରେ ଏପରି ମଧ୍ୟ କୁହାଯାଇଥାଏ ଯେ, ପ୍ରତ୍ୟେକ ଉପାଦାନର କେନ୍ଦ୍ରରେ ମଧ୍ୟ ସିଦ୍ଧାନ୍ତତଃ **ସକଳ ବସ୍ତୁ ଅବସ୍ଥିତ ରହିଛି** । ତେଣୁ, ଏପରି ହେଲେ, ସେହି ଅଲୌକିକ ଘଟଣାଟି ମଧ୍ୟ ସମ୍ଭବ ହେବ ନାହିଁ ।

ହୁଏତ ଏପରି କୁହାଯାଇପାରିବ ଯେ, କୌଣସି ଅଲୌକିକ ଘଟଣା ଘଟିବାର ବୋଧଟି କେବଳ ଏକ ଅନ୍ତବିଶିଷ୍ଟ ଜଗତରେହିଁ ସମ୍ଭବ ହୋଇପାରିବ, ଏକ ସୀମାଯୁକ୍ତ

ଚେତନା ଓ ସୀମାଯୁକ୍ତ ବୋଧ ମଧ୍ୟରେ ସମ୍ଭବ ହେବ । ସେତେବେଳେ ତାହା ଏପରି ଏକ ହଠାତ୍ ପ୍ରବେଶକୁ— ଏକ ଅନୁପ୍ରବେଶ, ହସ୍ତକ୍ଷେପ ଅଥବା ଅନ୍ତର୍ଭେଦନକୁ ବୁଝାଇବ, ଯେଉଁଥିରେ କି, ପୂର୍ବରୁ ଆଦୌ କୌଣସି ପ୍ରସ୍ତୁତି ନ ଥାଇ, ଏହି ଭୌତିକ ଜଗତ ଭିତରେ ପୂର୍ବରୁ ଅନୁପସ୍ଥିତ ରହିଥିବା କୌଣସି ଏକ ବସ୍ତୁ ଏହା ଭିତରେ ଆସି ପ୍ରବେଶ କଲା । ତେଣୁ ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, ଏହି ପୃଥିବୀର ତୁଳନାରେ ଅଧିକ ଅନ୍ତହୀନ ଓ ଅଧିକ ଶାଶ୍ୱତ ଆଉ କୌଣସି ଏକ ଲୋକର ଏକ ଇଚ୍ଛା ଅଥବା ଚେତନାର ଯେତେବେଳେ ଏହି ପୃଥିବୀରେ କୌଣସି ଅଭିବ୍ୟକ୍ତି ଘଟିଲା, ସେତେବେଳେ ଏହି ପୃଥିବୀରେ ତାହାକୁ ଅବଶ୍ୟ ଏକ ଅଲୌକିକ ଘଟଣା ବୋଲି କୁହାଯିବ । ମାତ୍ର ଯଦି ତୁମେ ଏହି ଅନ୍ତବିଶିଷ୍ଟ ଜଗତକୁ, ଏହି ଅନ୍ତବିଶିଷ୍ଟ ଜଗତର ବୋଧକୁ ପରିହାର କରି ବାହାରି ଆସି ପାରିବ, ତେବେ ତୁମ ଲାଗି ଅଲୌକିକ ଘଟଣା ବୋଲି ଆଉ ଆଦୌ କିଛି ରହିବ ନାହିଁ । ଯଦି ପରମେଶ୍ୱର କୌଣସି ଅଲୌକିକ ଘଟଣା ଘଟାଇ ନିଜକୁ କିଞ୍ଚିତ୍ ବିନୋଦ ଦେବା ଲାଗି ଇଚ୍ଛା କରୁଥା'ନ୍ତି, ତେବେ ସେଇ ହୁଏତ ସେଗୁଡ଼ିକୁ ଘଟାଇବେ । ମାତ୍ର, ଅଲୌକିକ ଘଟଣା ବୋଲି ଆଦୌ କୌଣସି ବସ୍ତୁ ନାହିଁ,— ସେହି ପରମେଶ୍ୱର ସମ୍ଭାବ୍ୟ ଯାବତୀୟ ପ୍ରକାରର କ୍ରୀଡ଼ା ସମ୍ଭବ କରିପାରିବେ ।

ପରମେଶ୍ୱରହିଁ ସମ୍ଭାବ୍ୟ ଏହି ଯାବତୀୟ କ୍ରୀଡ଼ାକୁ ସମ୍ଭବ କରୁଛନ୍ତି, କେବଳ ଏହିପରି ଭାବରେ କଥାଟିକୁ **ଅନୁଭବ କରିପାରିଲେ** ଯାଇ ତୁମେ ତାଙ୍କୁ ବୁଝିବାକୁ ଆରମ୍ଭ କରିବ, ଏବଂ ଏଠାରେ ସମ୍ଭାବ୍ୟ କହିଲେ, ମନୁଷ୍ୟର ବୋଧ ଅନୁସାରେ ଯାହା ସମ୍ଭବ, ତାହାକୁ ଆଦୌ ବୁଝାଉ ନାହିଁ; ତାଙ୍କର ନିଜ ବୋଧଭୂମିରେ ଯାହା ସମ୍ଭବ, ଏହା ତାହାକୁହିଁ ବୁଝାଉଛି !

ତେଣୁ, ଅଲୌକିକ ଘଟଣା ଲାଗି ପ୍ରକୃତରେ ଆଦୌ କୌଣସି ଅବକାଶ ନାହିଁ— ଏଗୁଡ଼ିକ କେବଳ ଆପାତ ଦୃଷ୍ଟିରେ ଅଲୌକିକ ଘଟଣା ପରି ଜଣାପଡୁଥାଏ ।

(ମାଆ ନୀରବ ରହିଲେ)

ଯଦି, ଏକ ଧୀରଗତି-ବିବର୍ତ୍ତନ ପରିବର୍ତ୍ତେ, ଅତିମାନସ ଜଗତର କୌଣସି ବସ୍ତୁର ହଠାତ୍ ଆବିର୍ଭାବ ହୁଅନ୍ତା, ତେବେ ଏକ ମାନସିକ ସତ୍ତାରୂପେ ମନୁଷ୍ୟ ତାକୁ ହୁଏତ ଏକ ଅଲୌକିକ ଘଟଣା ବୋଲି କହନ୍ତା, କାରଣ, ସେତେବେଳେ ତାହା ଏପରି ଏକ ବସ୍ତୁର ହସ୍ତକ୍ଷେପ ପରି ଘଟନ୍ତା ଯାହାକୁ କି ସିଏ ସଚେତନ ଭାବରେ ନିଜ ଭିତରେ ଆଦୌ ବହନ କରୁ ନାହିଁ ଏବଂ ଯାହାକି ବାହାରୁ ଆସି ତା'ର ଜୀବନରେ ହସ୍ତକ୍ଷେପ କରୁଛି । ଏବଂ ବସ୍ତୁତଃ, ଅଲୌକିକ ଘଟଣାଗୁଡ଼ିକ ପାଇଁ ରହିଥିବା ଏହି ବ୍ୟାକୁଳତା

ବିଷୟରେ ତୁମେ ବିଚାର କରିବାକୁ ଗଲେ,— ଏହି ବ୍ୟାକୁଳତା ପ୍ରକୃତରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଛି, ଅତି ଅଧିକ ପରିମାଣରେ ଆପଣାକୁ ମନର ଧର୍ମରେ ଦୀକ୍ଷିତ କରି ନେଇଥିବା ବ୍ୟକ୍ତିମାନଙ୍କ ତୁଳନାରେ ପିଲାମାନଙ୍କ ଭିତରେ ଏବଂ ଯେଉଁମାନେ ହୃଦୟ ଭିତରେ ପିଲାଙ୍କ ପରି ହୋଇ ରହିଛନ୍ତି, ସେମାନଙ୍କ ଭିତରେ ଅଧିକ ଶକ୍ତିଶାଳୀ ହୋଇ ରହିଛି, ଏହା ହେଉଛି, ଯାହାକିଛି ଅଦ୍ଭୁତ, ଏହି ନିତ୍ୟନୈମିତ୍ତିକ ଜୀବନରୁ ଆମେ ଯେତିକି ଘଟଣାର ଆଶା କରିପାରୁଛୁ, ତାହାଠାରୁ ଉଚ୍ଚତର କୌଣସି ବସ୍ତୁ ପ୍ରତି ରହିଥିବା ଆମର ଆକାଙ୍କ୍ଷାଟି ଯେ ଅବଶ୍ୟ ଉପଲବ୍ଧ ହେବ, ତାହାରି ଉପରେ ଏକ ବିଶ୍ୱାସ ।

ବସ୍ତୁତଃ ଆମର ଶିକ୍ଷାରେ ଯୁଗପତ୍ ଭାବରେ ଦୁଇଟିଯାକ କଥାକୁ ପ୍ରୋତ୍ସାହନ ଦିଆଯିବା ଉଚିତ : ଯାହାକିଛି ଅଦ୍ଭୁତ, ଯାହା କଦାପି ଉପଲବ୍ଧ ହୋଇ ପାରିବ ନାହିଁ ବୋଲି ବୋଧ ହେଉଛି, ତୁମକୁ ଦିବ୍ୟତାର ଏକ ଅନୁଭୂତିରେ ପୂର୍ଣ୍ଣ କରି ଦେଉଥିବା ସେହିପରି ଏକ ସଂପଦ,— ସେଥିଲାଗି ଆକାଙ୍କ୍ଷିତ ହୋଇ ରହିବାର ଏକ ପ୍ରବୃତ୍ତି; ଏବଂ ତା' ସହିତ, ଏହି ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ତାହାର ଅବବୋଧ-କ୍ଷେତ୍ରରେ ଆମେ ଯେପରି ନିର୍ଦୋଷ, ଯଥାର୍ଥ ଓ ମୋହରହିତ ଭାବରେ ତାହାକୁ ଅବଲୋକନ କରିପାରିବା, ତାହା ଉପରେ ମଧ୍ୟ ଉତ୍ସାହ ଦିଆଯିବ; ଯାବତୀୟ କଳ୍ପନାପ୍ରବଣତାକୁ ଆୟତ୍ତରେ ରଖାଯାଇ ପାରୁଥିବ, ସର୍ବଦା ଏହି ନିୟନ୍ତ୍ରଣଟି ସମ୍ଭବ ହେଉଥିବ, ଏବଂ ନିର୍ଭୁଲ ଯାବତୀୟ ତଥ୍ୟପାଇଁ ଏକ ଅତ୍ୟନ୍ତ ବ୍ୟାବହାରିକ ଏବଂ ସୁସାବଧାନ ବୋଧ ମଧ୍ୟ ରହିଥିବ । ଯୁଗପତ୍ ଭାବରେ ଦୁଇଟିଯାକ ରହିଥିବା ଉଚିତ । ସାଧାରଣତଃ, ଗୋଟିକର ଅଭିବୃଦ୍ଧିସାଧନ ନିମନ୍ତେ ଆବଶ୍ୟକ ହେଉଛି ବୋଲି ଭାବି ତୁମେ ଆଉଗୋଟିକୁ ଏକାବେଳେକେ ମାରିପକାଅ । ଏପରି କରିବା ସଂପୂର୍ଣ୍ଣ ଭୁଲ । ଦୁଇଟିଯାକ ଯୁଗପତ୍ ହୋଇ ଅବଶ୍ୟ ରହିପାରିବେ, ଏବଂ ତା'ପରେ ଏପରି ଏକ ସମୟ ଅବଶ୍ୟ ଆସିବ, ଯେତେବେଳେ କି ଆମେ ଏହି କଥାଟିକୁ ହୃଦୟଙ୍ଗମ କରିବାକୁ ଯଥେଷ୍ଟ ଜ୍ଞାନ ହାସଲ କରିପାରିବା ଯେ, ସେଇ ଦୁଇଟିଯାକ ପ୍ରକୃତରେ ସେହି ଗୋଟିଏ କଥାରହିଁ ଦୁଇଟି ବିଭାବ ମାତ୍ର । ସେହି ଅସଲ କଥାଟି ହେଉଛି ଅନ୍ତର୍ଦୃଷ୍ଟି ବା ଏକ ଉଚ୍ଚତର ବିବେକଶକ୍ତି । ମାତ୍ର ସେହି ଅନ୍ତଃଦୃଷ୍ଟି ଏବଂ ବିବେକ ସଂକୀର୍ଣ୍ଣ ଓ ସୀମିତ ହୋଇ ରହିବା ପରିବର୍ତ୍ତେ ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୁଏ; ନିର୍ଭୁଲ ଓ ନିର୍ଦ୍ଦିଷ୍ଟ ହୋଇପାରେ, ମାତ୍ର ଅନ୍ୟ ପକ୍ଷରେ ଏଥିରେ ବ୍ୟାପ୍ତି ମଧ୍ୟ ରହିଥାଏ, ଏଥିରେ ଏପରି ଏକ ସମଗ୍ର ରାଜ୍ୟ ଅନ୍ତର୍ଭୁକ୍ତ ହୋଇ ରହିଥାଏ, ଯାହାକି ଏବେସୁଦ୍ଧା ମୂର୍ତ୍ତ ଜଗତ୍‌ରୂପାୟଣର ଅନ୍ତର୍ଗତ ହୋଇପାରି ନାହିଁ ।

ଶିକ୍ଷାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାର ପ୍ରକୃତରେ ଅନେକ ମହତ୍ତ୍ୱ ରହିଛି : ପୃଥିବୀ ଯେପରି ଅଛି, ତାହାକୁ ସେହିପରି ଦେଖିବା, ଯଥାର୍ଥ ଓ

ଅନଳଂକୃତ ଭାବରେ ଦେଖିବା, ତାହାକୁ ଏକାବେଳେକେ ବାସ୍ତବ ଓ ମୂର୍ତ୍ତ ଭାବରେ ଦେଖିବା; ଏବଂ, ଅନ୍ୟ ପକ୍ଷରେ, ଏହି ପୃଥିବୀ କ'ଣ ହୋଇପାରିବ, ମୁକ୍ତତମ ଓ ଉଚ୍ଚତମ ଦୃଷ୍ଟିରେ ସେକଥାଟିକୁ ମଧ୍ୟ ଦେଖିପାରିବା– ଯେଉଁ ଦୃଷ୍ଟି ମଧ୍ୟରେ ସବୁଠାରୁ ଅଧିକ ଆଶା, ଅଭୀପ୍ସା ଏବଂ ଅଦ୍ଭୁତ ନିଶ୍ଚୟତା ଭରି ରହିଛି, ତାହାକୁ ସେହି ଦୃଷ୍ଟିରେ ଦେଖିବାକୁ ସମର୍ଥ ହେବା;– ଏହି ଦୁଇଟିଯାକକୁହିଁ ଆମେ ବିବେକର ଦୁଇ ମେରୁ ବୋଲି କହିପାରିବା ।

ବସ୍ତୁଗୁଡ଼ିକୁ ନେଇ ଆମେ ସବୁଠାରୁ ଅଧିକ ମହିମମୟ, ସବୁଠାରୁ ଅଧିକ ଅଦ୍ଭୁତ ଓ ଶକ୍ତିଶାଳୀ ତଥା ସବୁଠାରୁ ଅଧିକ ଅଭିବ୍ୟକ୍ତିବିଶିଷ୍ଟ ଏବଂ ସଂପୂର୍ଣ୍ଣ ଭାବରେ ଯାହାକିଛି କଳ୍ପନା କରିପାରିବା, ସେଗୁଡ଼ିକ ପ୍ରକୃତରେ ଯାହା ହୋଇପାରିବେ, ତାହା ତୁଳନାରେ ଏହା ଆଦୌ କିଛି ନୁହେଁ । ଏବଂ ତେଣେ କ୍ଷୁଦ୍ରତମ ଟିକିନିଖିର କ୍ଷେତ୍ରରେ ଯେତେ ସାବଧାନତାର ସହିତ ଯେତେ ସୁନିର୍ଦ୍ଦିଷ୍ଟ ହେବାକୁ ଚେଷ୍ଟା କଲେ ମଧ୍ୟ ତାହା ତଥାପି କେବେହେଲେ ଯଥେଷ୍ଟ ପରିମାଣରେ ଯଥାର୍ଥ ଓ ନିର୍ଦ୍ଦିଷ୍ଟ ହୋଇ ପାରିବ ନାହିଁ । ତେଣୁ, ଦୁଇଟିଯାକକୁ ଯୁଗପତ୍ ହୋଇ ରହିବାକୁ ହେବ । ଯେତେବେଳେ ଆମେ ଏଇଟିକୁ (ଭୂମି ଆଡ଼କୁ ଇଙ୍ଗିତ କଲେ) ଜାଣିପାରିବା ଓ ଯେତେବେଳେ ସେଇଟିକୁ (ଉପର ଆଡ଼କୁ ଇଙ୍ଗିତ କଲେ) ଜାଣିପାରିବା, ଆମେ ସେତେବେଳେ ଯାଇ ଦୁଇଟିଯାକକୁ ଏକତ୍ର ସଂଯୁକ୍ତ କରିଦେଇ ପାରିବା ।

ଏବଂ ଏହାକୁହିଁ ଅଲୌକିକ ଘଟଣାଗୁଡ଼ିକ ଲାଗି ରହିଥିବା ଆବଶ୍ୟକତାର ସମ୍ଭାବ୍ୟ ସର୍ବୋତ୍ତମ ସଦୁପଯୋଗ ବୋଲି କୁହାଯିବ । ଅଲୌକିକ ଘଟଣାଗୁଡ଼ିକ ବିଷୟରେ ଏକ ପ୍ରୟୋଜନବୋଧ କେବଳ ଆମ ଅଜ୍ଞାନରହିଁ ସଙ୍କେତ ଦେଇଥାଏ : ''ବସ୍ତୁଗୁଡ଼ିକ ଏପରି ହେଲେ ପ୍ରକୃତରେ କେଡ଼େ ବଢ଼ିଆ ହୁଅନ୍ତା !'' ଏହା କେବଳ ଅଜ୍ଞାନ ଏବଂ ଅସମର୍ଥତାର ସଙ୍କେତ ଦେଇଥାଏ । ଏବଂ, ଆଉ ଯେଉଁମାନେ ''ଆପଣ ଏକ ଅଲୌକିକ ଘଟଣାର ପରିବେଶ ମଧ୍ୟରେ ବାସ କରୁଛନ୍ତି'' ବୋଲି କହନ୍ତି, ସେମାନେ କେବଳ ନିମ୍ନ ପ୍ରାନ୍ତଟିକୁହିଁ ଜାଣିଥା'ନ୍ତି– ସେଇଟିକୁ ମଧ୍ୟ ସେମାନେ ଭାରି ଅପୂର୍ଣ୍ଣ ଭାବରେ ଜାଣିଥା'ନ୍ତି– ଏବଂ ଆଉ ଅନ୍ୟ କୌଣସି କିଛି ସହିତ ସେମାନଙ୍କର ଆଦୌ କୌଣସି ସଂସ୍ପର୍ଶ ନ ଥାଏ ।

ଅଲୌକିକ ଘଟଣାଗୁଡ଼ିକ ବିଷୟରେ ଆମର ଯେଉଁ ଆବଶ୍ୟକତା ରହିଥାଏ, ତାହା ବଦଳରେ କୌଣସି ଏକ ବସ୍ତୁ ଲାଗି ଏକ ସଚେତନ ଅଭୀପ୍ସା ରହିପାରିବା ଉଚିତ,– ଏପରି ଏକ ବସ୍ତୁ, ଯାହା ପୂର୍ବରୁ ଅବସ୍ଥିତ ରହିଛି, ଯାହାର ଏକ ଅସ୍ତିତ୍ୱ ଅଛି– ଏବଂ ଯାହାକି ଏହି ଯାବତୀୟ ଅଭୀପ୍ସାର **ସହାୟତାରେ** ଅଭିବ୍ୟକ୍ତି ଲାଭ କରିବ । ସେଥିଲାଗି

ଏହି ଯାବତୀୟ ଅଭୀପ୍ସା ଆବଶ୍ୟକ ହେବ, ବା, ଯଦି ଆମେ ଅଧିକ ଯଥାର୍ଥ ଭାବରେ ଏହି କଥାଟି ଉପରେ ଦୃଷ୍ଟିପାତ କରିପାରିବା, ତେବେ ଶାଶ୍ୱତ ଅଭିବ୍ୟକ୍ତି ଲାଭର ପ୍ରକ୍ରିୟାରେ ସେଗୁଡ଼ିକୁ ଗୋଟିଏ ଗୋଟିଏ ଆନୁଷଙ୍ଗିକ–ଅନୁକୂଳ ଆନୁଷଙ୍ଗିକ ବୋଲି ଗ୍ରହଣ କରାଯାଇ ପାରିବ ।

ଯେଉଁମାନେ କଠୋର ନ୍ୟାୟଯୁକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି, ସେମାନେ ଅବଶ୍ୟ ତୁମକୁ ଆସି କହିବେ, ''ପ୍ରାର୍ଥନା କାହିଁକି କରିବା ? କାହିଁକି ଅଭୀପ୍ସା କରିବା ? କାହିଁକି ମାଗିବାକୁ ଯିବା ? ପରମେଶ୍ୱର ଯେତେବେଳେ ଯାହା ଇଚ୍ଛା କରନ୍ତି, ସେତେବେଳେ କେବଳ ତାହାହିଁ କରନ୍ତି ।'' ସ୍ପଷ୍ଟତଃ ଏପରି କହିବାର ଆଦୌ କୌଣସି ପ୍ରୟୋଜନ ନାହିଁ; ମାତ୍ର, ''ହେ ପରମେଶ୍ୱର, ପ୍ରକାଶିତ ହୁଅ !'' ରୂପେ ଉଚ୍ଚାରିତ ହେଉଥିବା ତାଙ୍କର ପ୍ରକାଶିତ ହେବା ଲାଗି ସୁନିଶ୍ଚିତ ଭାବରେ ଏକ ଅଧିକ ପ୍ରଗାଢ଼ ସ୍ପନ୍ଦନ ଆଣି ଯୋଗାଇ ଦେଇଥାଏ ।

ତା' ନ ହେଲେ, ଏହି ପୃଥିବୀ ବର୍ତ୍ତମାନ ଯେପରି ଅଛି, ତାହାକୁ ସେ କଦାପି ସେପରି କରି ତିଆରି କରି ନ ଥାନ୍ତେ । ଏହା ଯଥାର୍ଥରେ ଯାହା, ପୁନର୍ବାର ତାହାହିଁ ହେବା ଲାଗି ପୃଥିବୀର ଯେଉଁ ଅଭୀପ୍ସା ରହିଛି, ତାହାର ପ୍ରଗାଢ଼ତା ମଧ୍ୟରେ ଏକ ବିଶେଷ ଶକ୍ତି ରହିଛି, ଏକ ବିଶେଷ ଆନନ୍ଦ ଏବଂ ଏକ ବିଶେଷ ସ୍ପନ୍ଦନ ମଧ୍ୟ ରହିଛି ।

ଏବଂ ସେହି କାରଣରୁ– ଆଂଶିକ ଓ ଖଣ୍ଡିତ ଭାବରେ– ଏକ ବିବର୍ତ୍ତନର ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ରହିଛି ।

ଯଦି ବିଶ୍ୱଜଗତ ଶାଶ୍ୱତ ଭାବରେ ପରିପୂର୍ଣ୍ଣତାଯୁକ୍ତ ହୋଇ ରହିଥାନ୍ତା, ଯଦି ତାହା କେବଳ ଶାଶ୍ୱତ ଭାବରେ ଶାଶ୍ୱତ ପରିପୂର୍ଣ୍ଣତାକୁହିଁ ପ୍ରକାଶିତ କରିବାରେ ଲାଗିଥାନ୍ତା, ତେବେ ସେଥିରେ ଏହି ଅଗ୍ରଗତିଜନିତ ଆନନ୍ଦଟିର ଅତ୍ୟନ୍ତ ଅଭାବ ରହିଥାନ୍ତା ।

*୬ ମାର୍ଚ୍ଚ, ୧୯୬୩*

**୮୮. ନିଜେ ଯେପରି ଜୀବିତ ରହି ପାରିବ, ଠିକ୍ ସେହିପରି ଭାବରେ ମୃତ୍ୟୁ ଏହି ଜଗତକୁ ସୃଷ୍ଟି କରିଥିଲା । ତୁମେ କ'ଣ ମୃତ୍ୟୁର ବିଲୋପସାଧନ କରିବାକୁ ଇଚ୍ଛା କରୁଛ ? ତେବେ ଜୀବନ ମଧ୍ୟ ବିଲୁପ୍ତ ହୋଇଯିବ । ତୁମେ କଦାପି ମୃତ୍ୟୁର ବିଲୋପସାଧନ କରିପାରିବ ନାହିଁ, ମାତ୍ର ଏକ ବୃହତ୍ତର ଜୀବନ ମଧ୍ୟକୁ ଏକ ରୂପାନ୍ତର ଘଟାଇ ପାରିବ ।**

୮୯. ନୃଶଂସତା ଯେପରି ଭଲ ପାଇପାରିବ, ସିଏ ସେହି ଉଦ୍ଦେଶ୍ୟରେହିଁ ଏହି ଜଗତକୁ ତିଆରି କରିଥିଲା । ତୁମେ କ'ଣ ନୃଶଂସତାକୁ ଲୋପ କରିଦେବ ବୋଲି ଇଚ୍ଛା କରୁଛ ? ତେବେ ଏଠୁ ଭଲ ପାଇବାର ବି ଅନ୍ତ ହୋଇଯିବ । ତୁମେ କଦାପି ନୃଶଂସତାର ବିଲୋପସାଧନ କରି ପାରିବ ନାହିଁ, ମାତ୍ର ତୁମେ ଇଚ୍ଛା କଲେ ତାହାକୁ ତାହାର ବିପରୀତ ପ୍ରଚଣ୍ଡ ପ୍ରେମ ଏବଂ ଆନନ୍ଦମୟତାରେ ରୂପାନ୍ତରିତ କରିଦେଇ ପାରିବ ।

୯୦. ଅଜ୍ଞାନ ଏବଂ ଭୁଲ୍ ଯେପରି ଜ୍ଞାନର ସମର୍ଥ ହେବ, ସେହି ଉଦ୍ଦେଶ୍ୟରେହିଁ ସେମାନେ ଏହି ଜଗତର ରଚନା କରିଥିଲେ । ତୁମେ କ'ଣ ଅଜ୍ଞାନ ଏବଂ ଭୁଲକୁ ବିଲୋପ କରିଦେବାକୁ ଇଚ୍ଛା କରୁଛ ? ତେବେ ତଦ୍ୱାରା ଜ୍ଞାନର ମଧ୍ୟ ବିଲୁପ୍ତି ଘଟିବ । ତୁମେ କଦାପି ଅଜ୍ଞାନ ଏବଂ ଭୁଲ୍‌ର ବିଲୋପସାଧନ କରି ପାରିବ ନାହିଁ, ମାତ୍ର ତୁମେ ଇଚ୍ଛା କଲେ ସେଗୁଡ଼ିକୁ ବୁଦ୍ଧିର ଏକ ଚୂଡ଼ାନ୍ତ ଏବଂ ଉଜ୍ଜ୍ୱଳ ଅତିକ୍ରମଣକୁ ରୂପାନ୍ତରିତ କରିଦେଇ ପାରିବ ।

୯୧. ଯଦି କେବଳ ଜୀବନହିଁ ରହିଥାନ୍ତା ଓ ମୃତ୍ୟୁ ନ ଥାନ୍ତା, ତେବେ ଆଦୌ କୌଣସି ଅମରତ୍ୱ ସମ୍ଭବ ହୁଅନ୍ତା ନାହିଁ; ଯଦି କେବଳ ପ୍ରେମ ରହିଥାନ୍ତା ଓ ନୃଶଂସତା ନ ଥାନ୍ତା, ତେବେ ଆନନ୍ଦ କେବଳ ଏକ ଶିଥିଳ ଏବଂ କ୍ଷଣକାଳିକ ହର୍ଷାନୁଭବରେହିଁ ପରିଣତ ହୋଇ ରହିଥାନ୍ତା; ଯଦି କେବଳ ବୁଦ୍ଧିହିଁ ରହିଥାନ୍ତା ଓ ଅଜ୍ଞାନ ନ ଥାନ୍ତା, ତେବେ ଆମର ସର୍ବୋଚ୍ଚ ଉପଲବ୍ଧି ମଧ୍ୟ କେବଳ ଏକ ସୀମିତ ବୁଦ୍ଧିଯୁକ୍ତତା ଏବଂ ଜାଗତିକ ପ୍ରଜ୍ଞାକୁ କଦାପି ଅତିକ୍ରମ କରିପାରନ୍ତା ନାହିଁ ।

୯୨. ମୃତ୍ୟୁ ରୂପାନ୍ତରିତ ହୋଇ ଅମରତ୍ୱରୂପୀ ଜୀବନରେ ପରିଣତ ହୁଏ; ନୃଶଂସତା ରୂପାନ୍ତରିତ ହୋଇ ଏକ ଅସହନୀୟ ଉଲ୍ଲାସରୂପୀ ପ୍ରେମରେ ପରିଣତ ହୁଏ; ଅଜ୍ଞାନ ରୂପାନ୍ତରିତ ହୋଇ ଏପରି ଏକ ଆଲୋକରେ ପରିଣତ ହୁଏ, ଯାହାକି ପ୍ରଜ୍ଞା ଓ ଜ୍ଞାନର ସୀମାତିକ୍ରମ କରି ଆହୁରି ସେପାଖକୁ ଡେଇଁଯାଏ ।

ଏଇଟି ମଧ୍ୟ ସେହି ଗୋଟିଏ ବିଚାରର କଥା,— ଅର୍ଥାତ୍, ବିରୋଧ ଏବଂ ବୈପରୀତ୍ୟ ଅଗ୍ରଗତି ଲାଗି ଅନେକ ପ୍ରେରଣା ଆଣି ଯୋଗାଇ ଦେଇଥା'ନ୍ତି । କାରଣ, ନୃଶଂସତା ବ୍ୟତୀତ ପ୍ରେମ ଉତ୍ସାହରହିତ ହୋଇପଡ଼ିବ ବୋଲି କହିବା... ବ୍ୟକ୍ତ ତଥା ଅବ୍ୟକ୍ତ ଉଭୟର ଅତୀତ ହୋଇ ପ୍ରେମର ଯେଉଁ ମୂଳ ସିଦ୍ଧାନ୍ତଟି ଅବସ୍ଥିତ ରହିଛି, ତାହାର ଉତ୍ସାହରହିତତା କିଂବା ନୃଶଂସତା ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ତେଣୁ ଶ୍ରୀଅରବିନ୍ଦ ଆମକୁ ବୋଧହୁଏ ଯେଉଁ କଥାଟି କହିବାକୁ ଇଚ୍ଛା କରୁଛନ୍ତି, ସେଇଟି ହେଉଛି ଯେ, ବିରୋଧଗୁଡ଼ିକହିଁ ସବୁଠାରୁ ଅଧିକ ବେଗଯୁକ୍ତ ଏବଂ ଫଳଦାୟକ ଭାବରେ ଜଡ଼କୁ ଯଥାର୍ଥ ଭାବରେ ତିଆରି କରିଆଣେ, ଯେପରିକି ତାହାର ଅଭିବ୍ୟକ୍ତି-ପ୍ରକ୍ରିୟାଟି ଅଧିକ ସଘନତା ଲାଭ କରିବାକୁ ସମର୍ଥ ହୋଇଯାଏ ।

ଏକ ଅନୁଭୂତି ରୂପେ, ଏହାକୁ ଏହି ଅର୍ଥରେ ସଂପୂର୍ଣ୍ଣ ଭାବରେ ସତ୍ୟ ବୋଲି କୁହାଯିବ ଯେ, ପ୍ରଥମତଃ, ଯେତେବେଳେ ଜଣେ ବ୍ୟକ୍ତି ସେହି ଶାଶ୍ୱତ ଓ ସର୍ବୋଚ୍ଚ ପ୍ରେମର ସଂସ୍ପର୍ଶରେ ଆସେ, ସେତେବେଳେ ସିଏ ସଙ୍ଗେ ସଙ୍ଗେ— ଶବ୍ଦ ଦେଇ କିପରି କହିହେବ ? — ତାହାର ଏକ ବୋଧ ଲାଭ କରିଥାଏ,— ଏହାକୁ କେବଳ ଏକ ବୁଝିବା ବୋଲି ଆଦୌ କୁହାଯିବ ନାହିଁ, ଏହା ଅତ୍ୟନ୍ତ ମୂର୍ତ୍ତ ଭାବରେ ଆପଣାକୁ ଅନୁଭୂତ କରାଇଥାଏ : ସବୁଠାରୁ ଅଧିକ ପରିମାଣରେ ଉଦ୍‌ଭାସିତ ଜଡ଼ଚେତନା, ତାହାକୁ ଯେତେ ଅଧିକ ପରିମାଣରେ ଗଠିତ ଓ ପ୍ରସ୍ତୁତ କରାଯାଇଥାଉ ପଛକେ, ତାହା କଦାପି ସେହି ପରମତତ୍ତ୍ୱଙ୍କର ଅଭିବ୍ୟକ୍ତି ଘଟାଇ **ପାରିବ ନାହିଁ** । ସର୍ବପ୍ରଥମେ ଏହିଭଳି ଏକ ଅସମର୍ଥତାର ଅନୁଭୂତି ପ୍ରାପ୍ତ ହୋଇଥାଏ । ତା'ପରେ ଆଉଗୋଟିଏ ଅଭିଜ୍ଞତା ହୁଏ : ଏପରି ଏକ ବସ୍ତୁର ଅଭିଜ୍ଞତା ହୁଏ, ଯାହାକି ଏକ ପ୍ରକାରର— ତାହାକୁ ପ୍ରକୃତରେ "ନୃଶଂସତା" ବୋଲି କହିହେବ ନାହିଁ, କାରଣ ଆମେ ଯାହାକୁ ନୃଶଂସତା ବୋଲି ଜାଣୁ, ଏହା ସେହି ନୃଶଂସତା ଆଦୌ ନୁହେଁ— ମାତ୍ର ସମଗ୍ର ପରିସ୍ଥିତିରୁ ଏକ ସ୍ପନ୍ଦନ ଜନ୍ମଲାଭ କରିଥାଏ ଏବଂ, ଏକ ନିର୍ଦ୍ଦିଷ୍ଟ ସଘନତା ସହିତ ତାହା ଏହି ପୃଥିବୀରେ ପ୍ରକାଶିତ ହୋଇଥିବା ପ୍ରେମକୁ ବାରିତ କରି ରଖିବାକୁ ଚେଷ୍ଟା କରେ । ଯଥାର୍ଥରେ ତାହାକୁ ଏହିପରି ବର୍ଣ୍ଣନା କରି କୁହାଯିବ : ଜଡ଼ ପୃଥିବୀ ମଧ୍ୟରେ ଏପରି ଏକ ଉପାଦାନର ଆବିର୍ଭାବ ହୁଏ, ଯାହାକି, ବର୍ତ୍ତମାନ ପୃଥିବୀରେ ପ୍ରେମ ଯେଉଁଭଳି ହୋଇ ରହିଛି, ତାହାର ଅଭିବ୍ୟକ୍ତି ଲାଗି ଆଦୌ ଅନୁମତି ଦିଏ ନାହିଁ । ଏଠାରେ ମୁଁ ଏହି ସାଧାରଣ ଜଗତଟିର କଥା କହୁ ନାହିଁ, ବର୍ତ୍ତମାନ ଚେତନା ଯେଉଁ ସର୍ବୋଚ୍ଚ ବିନ୍ଦୁଯାଏ ପହଞ୍ଚି ପାରିଛି, ମୁଁ ଏଠାରେ ତାହାରି କଥା କହୁଛି । ଏହା ପ୍ରକୃତରେ ଏକ ଅନୁଭବ, ମୁଁ ପ୍ରକୃତରେ ଘଟିଥିବା ଏକ ପ୍ରସଙ୍ଗ ବିଷୟରେ କହୁଛି । ତେଣୁ, ଚେତନାର ଯେଉଁ ଭାଗଟି ଏହି ବିରୋଧ ଦ୍ୱାରା

ଆଘାତପ୍ରାପ୍ତ ହୋଇଥାଏ, ତାହା ପ୍ରେମର ସେହି ପରମ ଉତ୍ସଟି ପାଖରେ ଯାଇ ଗୁହାରି କରିବାକୁ ଲାଗେ,— **ଏପରି ଏକ ଘନତା ସହିତ କରେ, ଯାହାକି ଏହି ଅସ୍ୱୀକୃତିର ଅନୁଭୂତି ବ୍ୟତୀତ କଦାପି ସମ୍ଭବ ହୋଇ ନ ଥାନ୍ତା ।** ଏହା ଫଳରେ ଯାବତୀୟ ସୀମା ଭାଙ୍ଗିଯିବାକୁ ଲାଗେ ଏବଂ ଏପରି ଏକ ବନ୍ୟାର ପ୍ଲାବନ ଘଟେ, ଯାହାକି ଆଗରୁ କଦାପି **ସମ୍ଭବ ହୋଇ ନ ଥାନ୍ତା ।** ଏବଂ, ତା'ପରେ ଏପରି ଏକ ଉପାଦାନ ଆପଣାକୁ ବ୍ୟକ୍ତ କରିଆଣେ, ଯାହାକି ପୂର୍ବରୁ କେବେହେଲେ ବ୍ୟକ୍ତ ହୋଇ ନ ଥିଲା ।

ଯେତେବେଳେ ଏହି କଥାଟି ଦୃଷ୍ଟିଗୋଚର ହୁଏ, ସେତେବେଳେ, ଆମେ ଯାହାକୁ ଜୀବନ ଓ ମୃତ୍ୟୁ ବୋଲି କହିଥାଉ, ତାହାରି ଦୃଷ୍ଟିକୋଣରୁ ଏକ ସଦୃଶ ଅନୁଭୂତି ମଧ୍ୟ ଉପଲବ୍ଧ ହୋଇଥାଏ । ସେତେବେଳେ ଏହିପରି ଏକ ସତତ ''ବିଚାରମଗ୍ନତା'' ଆରମ୍ଭ ହୋଇଯାଏ, ମୃତ୍ୟୁର ଉପସ୍ଥିତି ଏବଂ ମୃତ୍ୟୁର ସମ୍ଭାବନା ସତତ ଧାରି ରଖିଥିବା ପରି ମନେହୁଏ,— 'ସାବିତ୍ରୀ'ରେ ଯେଉଁଭଳି ବର୍ଣ୍ଣନା କରାଯାଇଛି, ଠିକ୍ ସେହିପରି : ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ସମୁଦାୟ ଯାତ୍ରାପଥରେ ଆମ ସାଙ୍ଗକୁ ନିରନ୍ତର ଜଣେ ସାଥୀ ମଧ୍ୟ ରହିଥାଏ; ମୃତ୍ୟୁର ଏହି ଭୟ ପ୍ରଦର୍ଶନ ଅଥବା ତା'ର ଉପସ୍ଥିତି ସତତ ଆମ ସାଙ୍ଗେ ସାଙ୍ଗେ ଯିବାରେ ଲାଗିଥାଏ । ଏବଂ ତା'ସହିତ, କୋଷଗୁଡ଼ିକ ମଧ୍ୟରେ ଶାଶ୍ୱତତାର ଏକ ଶକ୍ତି ଲାଗି ଏକ ଆବାହନ ମଧ୍ୟ ଲାଗି ରହିଥାଏ; ତାହା ଏପରି ଏକ ସଘନତା ସହିତ ସମ୍ଭବ ହୁଏ, ସତତ ଏହି ଭୟଟି ଉପସ୍ଥିତ ନ ଥିଲେ ଯାହାକି ହୁଏତ ଆଦୌ ସମ୍ଭବ ହୋଇ ପାରନ୍ତା ନାହିଁ । ସେତେବେଳେ ବୁଝିହୁଏ, ସେତେବେଳେ ଅତ୍ୟନ୍ତ ମୂର୍ତ୍ତଭାବରେ ଅନୁଭବ କରିହୁଏ ଯେ, କେବଳ ଅଭିବ୍ୟକ୍ତିଟିକୁ ସଘନ କରିଦେବା ଲାଗି, ତାହାକୁ ଅଗ୍ରସର କରାଇ ଆଣିବା ଲାଗି ଓ ଅଧିକରୁ ଅଧିକ ପୂର୍ଣ୍ଣତା ଦେବା ଲାଗିହିଁ ଏହି ଯାବତୀୟ ସବୁକିଛି କେବଳ ଗୋଟିଏ ଗୋଟିଏ ସାଧନ ପରି କାର୍ଯ୍ୟ କରୁଛନ୍ତି । ଏବଂ, ସ୍ୱୟଂ ଅଭିବ୍ୟକ୍ତିହିଁ ଅତ୍ୟନ୍ତ ଅଶୋଧିତ ହୋଇ ରହିଥିବାରୁ ତାହାର ସାଧନଗୁଡ଼ିକ ମଧ୍ୟ ସେହିପରି ଅଶୋଧିତ ହୋଇ ରହିଥାନ୍ତି । ଏବଂ, ଏହା ଅଧିକ ପୂର୍ଣ୍ଣତା ଲାଭ କରିବା ସଙ୍ଗେ ସଙ୍ଗେ ଏବଂ ଯାହା **ଶାଶ୍ୱତ କାଳରୁ ଉତ୍ତରୋତ୍ତର ଭାବରେ ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି**, ତାହାକୁ ଅଭିବ୍ୟକ୍ତ କରି ଆଣିବା ଲାଗି ଅଧିକ ଯୋଗ୍ୟ ହୋଇଆସିବା ସାଙ୍ଗେ ସାଙ୍ଗେ ଅଶୋଧିତ ସାଧନମାନେ ଅପେକ୍ଷାକୃତ ଅଧିକ ସୂକ୍ଷ୍ମଗୁଡ଼ିକ ଲାଗି ବାଟ ଛାଡ଼ିଦେବେ ଏବଂ ଏହିଭଳି ନୃଶଂସ ବିରୋଧଗୁଡ଼ିକ ଉପରେ ଆଦୌ କୌଣସି ଅପେକ୍ଷା ନ ରଖି ପୃଥିବୀ ମଧ୍ୟ ଅଗ୍ରଗତି କରିପାରିବ । ବର୍ତ୍ତମାନ ଏପରି ହେଉଛି, କାରଣ ଏହି ପୃଥିବୀ ତଥାପି ଆପଣାର ଶୈଶବାବସ୍ଥା ମଧ୍ୟଦେଇ ଗତି କରୁଛି ଏବଂ ମନୁଷ୍ୟର ଚେତନା ମଧ୍ୟ ଗୋଟାସୁଦ୍ଧା ଆପଣାର ଶୈଶବ ମଧ୍ୟରେ ରହିଛି ।

ଏହି କଥାଟିକୁ ମୁଁ ଅତ୍ୟନ୍ତ ମୂର୍ତ୍ତ ଭାବରେ ଅନୁଭବ କରିଛି ।

ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ, ଯେତେବେଳେ ଅଗ୍ରଗତି କରିବା ଲାଗି ଏହି ପୃଥିବୀର ମୃତ୍ୟୁବରଣ କରିବା ପାଇଁ ଆଉ କୌଣସି ପ୍ରୟୋଜନ ରହିବ ନାହିଁ, ସେତେବେଳେ ମୃତ୍ୟୁ ଲାଗିହିଁ କୌଣସି ସ୍ଥାନ ନ ଥିବ । ଯେତେବେଳେ ଅଗ୍ରଗତି କରିବା ଲାଗି ଯନ୍ତ୍ରଣା ଭୋଗ କରିବା ସକାଶେ ପୃଥିବୀର କୌଣସି ପ୍ରୟୋଜନ ନ ରହିବ, ସେତେବେଳେ ସେହି ଯନ୍ତ୍ରଣା ମଧ୍ୟ ଆଉ କଦାପି ରହିବ ନାହିଁ । ଏବଂ, ଯେତେବେଳେ ଭଲ ପାଇ ପାରିବା ଲାଗି ଘୃଣା କରିବାର ବି କୌଣସି ଆବଶ୍ୟକତା ନ ରହିବ, ସେତେବେଳେ ଘୃଣାର ମଧ୍ୟ ଅବସାନ ଘଟିବ ।

(ମାଆ ନୀରବ ରହିଲେ)

ସୃଷ୍ଟିକୁ ତା'ର ଜଡ଼ତା ମଧ୍ୟରୁ ମୁକ୍ତ କରି ଆଣି ତାହାର ପରିପୂର୍ଣ୍ଣତା ଆଡ଼କୁ ପରିଚାଳିତ କରି ନେଇ ଯିବା ପାଇଁ ଏହାହିଁ ହେଉଛି ସବୁଠାରୁ ଅଧିକ ବେଗଯୁକ୍ତ ଓ ଫଳପ୍ରଦ ଉପାୟ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଏହା ହେଉଛି ସୃଷ୍ଟିର ଗୋଟିଏ ନିର୍ଦ୍ଦିଷ୍ଟ ଦିଗ,— ଏହାକୁ ହୁଏତ ଏହାର ଏକ ଆଧୁନିକ ବିଭାବ ବୋଲି କୁହାଯାଇ ପାରିବ— ଏଇଟି ହେଉଛି ବିଶୃଙ୍ଖଳା ଓ ବିଭ୍ରାନ୍ତି ଭିତରୁ, ଅସମଞ୍ଜସତା ଓ ବିଭ୍ରାନ୍ତି ଭିତରୁ ବାହାରି ଆସି ପାରିବାର ଆବଶ୍ୟକତା : ଏପରି ଏକ ବିଭ୍ରାନ୍ତି ଓ ବିଶୃଙ୍ଖଳା, ଯାହାକି ସମ୍ଭାବ୍ୟ ଯେକୌଣସି ଆକାର ଧାରଣ କରୁଛି,— ଯାହାକି ଏକ ସଂଗ୍ରାମରେ ପରିଣତ ହେଉଛି, ନିରର୍ଥକ ପ୍ରୟାସ ଏବଂ ଅପବ୍ୟୟରେ ପରିଣତ ହୋଇଯାଉଛି । ତୁମେ ପ୍ରକୃତରେ ଯେଉଁ ରାଜ୍ୟାୟତନରେ ବାସ କରୁଛ, ଏହା ତାହାରି ଉପରେ ନିର୍ଭର କରୁଛି; ମାତ୍ର ଏହି ଜଡ଼ଜଗତର ଭୂମିରେ କାର୍ଯ୍ୟତଃ ଏହା ନାନା ଅନାବଶ୍ୟକ ଜଟିଳତା, ଶକ୍ତିକ୍ଷୟ ଓ ସାମଗ୍ରୀ କ୍ଷୟ, ସମୟର ଅପଚୟ, ଅବୋଧତା, ଭୁଲ୍ ବୁଝାମଣା, ବିଭ୍ରାନ୍ତି ଏବଂ ବିଶୃଙ୍ଖଳାକୁହିଁ ବୁଝାଉଛି । ବେଦରେ ଏହି ଅବସ୍ଥାଟିକୁହିଁ ଏକ କୁଟିଳ ଅବସ୍ଥା ବୋଲି କୁହା ଯାଉଥିଲା— ଏହାର ଅନୁରୂପ ମୂଳ ଶବ୍ଦଟି ମୋଟେ ଜଣା ନାହିଁ; ତାହା ବକ୍ର ହୋଇ ଯାଇଥିବା ଏକ ସ୍ଥିତିକୁ ବୁଝାଉଥିଲା, ଯାହାକି ଲକ୍ଷ୍ୟସ୍ଥଳକୁ ସିଧା ବାଟରେ ଯିବା ପରିବର୍ତ୍ତରେ ଅତି ଅନାବଶ୍ୟକ ଭାବରେ ତିଖ ବଙ୍କା ରାସ୍ତାମାନ ଅନୁସରଣ କରୁଥିଲା । ଏହାକୁ ଆମେ ବିଶୁଦ୍ଧ ଭାବରେ ଦିବ୍ୟ ଧାରାର ହୋଇ ରହିଥିବା ଏକ କ୍ରିୟାର ସୌଷାମ୍ୟ ତୁଳନାରେ ତାହାର ସବୁଠାରୁ ଅଧିକ ବିପରୀତ

ଏକ ଧାରା ବୋଲି କହିପାରିବା । ଦିବ୍ୟ ଧାରାର ସର୍ବଦା ଏକ ସରଳତା ରହିଥାଏ, ଏକ ଶିଶୁସୁଲଭତା ରହିଥାଏ । ତାହା ସିଧା ମାର୍ଗରେ ଯାଏ ଏବଂ ଅନାବଶ୍ୟକ ଭାବରେ ଅସମ୍ଭବ ଘୂର୍ଣ୍ଣନ ଦ୍ୱାରା ଗତି କରିବା ଲାଗି ସେଥିରେ କୌଣସି ଆବଶ୍ୟକତା ନ ଥାଏ । ହଁ, ଏହା ସ୍ପଷ୍ଟତଃ ସେହି ଏକା କଥା : ଶୁଦ୍ଧ ଓ ଦିବ୍ୟ ସହଜତାର ଆବଶ୍ୟକତା ଲାଗି ପ୍ରେରଣା ଯୋଗାଇ ଦେବାକୁ ବିଶୃଙ୍ଖଳା ଏକ ସାଧନ ରୂପେ କାର୍ଯ୍ୟ କରିଥାଏ ।

ଶରୀର ଅତ୍ୟନ୍ତ, ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଅନୁଭବ କରୁଛି ଯେ, ପ୍ରତ୍ୟେକ ବିଷୟ ପ୍ରକୃତରେ ଭାରି ସହଜ ଓ ସରଳ, ଏକାବେଳେକେ ସହଜ ଓ ସରଳ ହୋଇଯାଇ ପାରନ୍ତା !

ଏବଂ, ଯାହାଫଳରେ କି ସତ୍ତାର— ଗୋଟିଏ ପ୍ରକାରର ବ୍ୟକ୍ତି ରୂପ ଧାରଣ କରି ରହିଥିବା ଏହି ସମ୍ମିଶ୍ରଣଟିର— ରୂପାନ୍ତର ସମ୍ଭବ ହୋଇ ପାରନ୍ତା । ଏଥିପାଇଁ କେବଳ ଅଧିକରୁ ଅଧିକ ସରଳ ହେବାରହିଁ ଆବଶ୍ୟକତା ରହିଛି । ପ୍ରକୃତି ଭିତରେ ରହିଥିବା ଏହି ଯାବତୀୟ ଜଟିଳତା,— ଏବେ ଏଗୁଡ଼ିକୁ ବୁଝିବା ପାଇଁ ଓ ଅଧ୍ୟୟନ କରିବା ପାଇଁ ଉଦ୍ୟମମାନ ଆରମ୍ଭ ହେଉଛି— ଟିକିଏ ଟିକିଏ ବିଷୟକୁ ତାହା କେତେ ଜଟିଳ କରି ପକାଉଛି— ଆମର କ୍ଷୁଦ୍ରତମ କ୍ରିୟାତ୍ମକତାଗୁଡ଼ିକ ମଧ୍ୟ ପ୍ରାୟ ଏକ ଅଭାବନୀୟ ଜଟିଳତାର ପରିଣାମ ହୋଇ ରହିଛି, ମନୁଷ୍ୟର ଭାବନା ଏହି ଯାବତୀୟ ବସ୍ତୁକୁ କଦାପି ଏକତ୍ର ସଂଗଠିତ ଓ ଏକତ୍ର କରି ଆଣିପାରିବ ନାହିଁ— ଏବେ ବିଜ୍ଞାନ ସେଗୁଡ଼ିକର ଆବିଷ୍କାର କରୁଛି, ଏହା ସ୍ପଷ୍ଟ ଭାବରେ ଆମର ଦୃଷ୍ଟିଗୋଚର ହୋଇଯାଇ ପାରୁଛି ଯେ, ଯଦି ସେହି କ୍ରିୟାତ୍ମକତାକୁ ଏକ ଦିବ୍ୟ କ୍ରିୟାତ୍ମକତାରେ ପରିଣତ କରିବାକୁ ହୁଏ, ଅର୍ଥାତ୍, ଯଦି ଏହି ବିଶୃଙ୍ଖଳା ଓ ବିଭ୍ରାନ୍ତିରୁ ମୁକ୍ତ ହୋଇ ଆସିବାକୁ ହୁଏ, ତେବେ ଏହାକୁ ଅତ୍ୟନ୍ତ, ଅତ୍ୟନ୍ତ, ଅତ୍ୟନ୍ତ ସରଳ କରି ଆଣିବାକୁ ପଡ଼ିବ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଅର୍ଥାତ୍, ଏହି ପ୍ରକୃତି, ଏହାକୁ ବରଂ ଆପଣାକୁ ଅଭିବ୍ୟକ୍ତ କରି ଆଣିବାକୁ ଚେଷ୍ଟା କରୁଥିବା ପ୍ରକୃତି ବୋଲି କୁହାଯିବ,— ସେହି ପ୍ରକୃତି ସେହି ମୂଳଭୂତ ଅସଲ ସହଜତାଟିକୁ ପୁନର୍ବାର ସମ୍ଭବ କରି ପାରିବା ଲାଗିହିଁ ଏହିପରି ଏକ ବିଶ୍ୱାସାତୀତ ଏବଂ ପ୍ରାୟ ଅନ୍ତହୀନ ଜଟିଳତାର ମାର୍ଗରେ ଗତି କରିବା ଲାଗି ବାଧ୍ୟ ହୋଇଥିଲା ।

ଏବଂ, ଆମେ ପୁଣି ସେହି ଏକା କଥାରେ ଆସି ପହଞ୍ଚି ଯାଉଛୁ । ଜଟିଳତା ଅତିରିକ୍ତ ହୋଇଯିବା ସଙ୍ଗେ ସଙ୍ଗେ ଏପରି ଏକ ସରଳତାର ସମ୍ଭାବନା ମଧ୍ୟ ଆସି ପହଞ୍ଚି ଯାଉଛି, ଯାହା କଦାପି ଶୂନ୍ୟଗର୍ଭ ନ ହୋଇ ପୂର୍ଣ୍ଣଗର୍ଭହିଁ ହୋଇଥିବ— ଏକ ପୂର୍ଣ୍ଣ

ସରଳତା, ଏପରି ଏକ ସରଳତା, ଯେଉଁଥିରେ କି ସବୁକିଛି ଅନ୍ତର୍ଗତ ହୋଇ ରହିଛି; ମାତ୍ର, ଏସବୁ ଜଟିଳତା ବ୍ୟତୀତ ସେହି ସରଳତା ହୁଏତ ଶୂନ୍ୟଗର୍ଭ ହୋଇ ରହିଥାନ୍ତା ।

ଏବେ ସେମାନେ ସେହିପରି ଆବିଷ୍କାରମାନ କଲେଣି । ଉଦାହରଣ ସ୍ୱରୂପ, ଶରୀରରଚନା-ବିଜ୍ଞାନରେ ସେମାନେ ଏପରି ସବୁ ଶଲ୍ୟଚିକିତ୍ସାର ଆବିଷ୍କାର କରୁଛନ୍ତି, ଯେଉଁଗୁଡ଼ିକ କି ଅବିଶ୍ୱସନୀୟ ଭାବରେ ଅତ୍ୟନ୍ତ ଜଟିଳ ହୋଇ ରହିଛି । ଏହା ଠିକ୍ ସେମାନଙ୍କର ଜଡ଼ୋପାଦାନଗୁଡ଼ିକୁ ଏକ ଶ୍ରେଣୀବିଭାଜନ ମଧ୍ୟରେ ଆଣି ପକାଇବାର କାର୍ଯ୍ୟଟି ପରି– ଏହା ପ୍ରକୃତରେ କେଡ଼େ ଭୟଙ୍କର ଭାବରେ ଜଟିଳ ! ଏବଂ, ଏହି ସବୁକିଛି କରାଯାଉଛି, କାହିଁକି ନା– ସେହି ପରମ ଏକତ୍ୱ, ସେହି ଅଦ୍ୱିତୀୟ ପରମ-ସରଳତା– ଅର୍ଥାତ୍ ସେହି ଦିବ୍ୟ ଅବସ୍ଥାଟିକୁ ଅଭିବ୍ୟକ୍ତ କରିବା ଲାଗିହିଁ ଏହିସବୁ ପ୍ରୟାସ କରାଯାଉଛି ।

(ମାଆ ନୀରବ ରହିଲେ)

ଏହାଦ୍ୱାରା ଅଗ୍ରଗତିର ବେଗ ହୁଏତ ତ୍ୱରାନ୍ୱିତ ହେବ... ମାତ୍ର ଏଠାରେ ପ୍ରଶ୍ନ ଉଠିବ– ଏପରି ଏକ ଅଭୀପ୍ସାର ପ୍ରୟୋଜନ ରହିଛି, ଯାହାକି **ଯଥେଷ୍ଟ** ହୋଇଥିବ, ଯଥେଷ୍ଟ ପରିମାଣରେ ପ୍ରଗାଢ଼ ଏବଂ ଫଳପ୍ରଦ ହୋଇଥିବ, ଯାହାକି ଯାବତୀୟ ଜଟିଳତାକୁ ସରଳତାରେ ରୂପାନ୍ତର କରି ପାରୁଥିବା ସେହି ପରମତତ୍ତ୍ୱଙ୍କୁ ଆବାହନ କରି ଆଣିବା ଲାଗି ଯଥେଷ୍ଟ ହୋଇଥିବ, ନୃଶଂସତାକୁ ପ୍ରେମରେ ରୂପାନ୍ତରିତ କରି ପାରୁଥିବ, ଇତ୍ୟାଦି, ଇତ୍ୟାଦି ।

ଏବଂ, ଏପରି ହେବା ଦ୍ୱାରା ଏକ ଦୁର୍ଭାଗ୍ୟର କଥା ହୋଇଛି ବୋଲି କହି ଅଭିଯୋଗ କରିବା ଦ୍ୱାରା ଏହି କ୍ଷେତ୍ରରେ ଆଦୌ କୌଣସି ଲାଭ ହେବ ନାହିଁ । ସେପରି କାହିଁକି ହୋଇଛି ?... ହୁଏତ ଏକଥା ସମ୍ଭବ ଯେ, ଯେତେବେଳେ ଏହା ଆଉ ସେପରି ହୋଇ ନ ରହିବ, ଆମେ ସେତେବେଳେ ଯାଇ ତାହାର କାରଣଟିକୁ ଜାଣିବାକୁ ପାଇବା । ଆମେ ଏହାକୁ ଆଉ ଗୋଟିଏ ପ୍ରକାରେ ବି କହିପାରିବା : ଏହା ଏପରି କାହିଁକି ହେଉଛି ବୋଲି ଯଦି ଆମେ ଜାଣିଥାନ୍ତୁ, ତେବେ ଏହା କଦାପି ଏପରି ହୁଅନ୍ତା ନାହିଁ ।

ତେଣୁ, ''ସେପରି ନ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା,'' – ଏହିପରି କଳ୍ପନାସବୁ କରିବା ଦ୍ୱାରା ଆଦୌ କୌଣସି ବ୍ୟାବହାରିକ ଫଳ ହେବ ନାହିଁ, ଏହାର ଆଦୌ କୌଣସି ମୂଲ୍ୟ ନାହିଁ । ଏହା ସଂପୂର୍ଣ୍ଣ ନିରର୍ଥକ ।

ଏହାର ଅବସାନ ଘଟାଇବା ଲାଗି ଯାହା କରିବା ଉଚିତ, ଶୀଘ୍ର ସେହି ଦିଗରେ କିଛି କରିବା,– ତାହାହିଁ ଆମର କର୍ତ୍ତବ୍ୟ । ତାହାହିଁ ଏକମାତ୍ର ବ୍ୟାବହାରିକ ବାଟ ।

ଶରୀର ପାଇଁ ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ରହିଛି । ମାତ୍ର, ଅତ୍ୟନ୍ତ କ୍ଷୁଦ୍ର ବୋଲି ବୋଧ ହେଉଥିବା ନାନା ଅଭିଜ୍ଞତା ସତେଅବା ଏକ ପର୍ବତ ପରି ହୋଇ ଠିଆ ହୋଇଛି । ମାତ୍ର, ସେଗୁଡ଼ିକର ଏହି ବହୁଳତା ସକାଶେ ସେଗୁଡ଼ିକର ଅବଶ୍ୟ ଏକ ସ୍ୱକୀୟ ମୂଲ୍ୟ ରହିଛି ।*

୧୫ ମଇ, ୧୯୬୩

## ୯୩. ଯନ୍ତ୍ରଣା ହେଉଛି ଆମ ଦିବ୍ୟଜନନୀଙ୍କର ଏକ ସ୍ପର୍ଶ ଯାହା ଆମମାନଙ୍କୁ ସହ୍ୟ କରିବାଲାଗି ଓ ଉଲ୍ଲାସମଧରେ ଅଭିବୃଦ୍ଧି ସାଧନଲାଗି ଶିକ୍ଷା ଦେଇଥାଏ । ତାଙ୍କର ଏହି ଶିକ୍ଷାଦାନର ତିନୋଟି ସୋପାନ ରହିଛି : ପ୍ରଥମେ ସହିଷ୍ଣୁତା, ତା'ପରେ ଆତ୍ମାର ସମତା ଓ ସବାଶେଷରେ ତଲ୍ଲୀନତା ।

ନୈତିକ ପ୍ରସଙ୍ଗଗୁଡ଼ିକର କ୍ଷେତ୍ରରେ ଏହାର ପ୍ରାସଙ୍ଗିକତାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି,— ସେବିଷୟରେ ଆଦୌ କୌଣସି ବିବାଦ ନାହିଁ । ନୈତିକ କ୍ଷେତ୍ରର ଯାବତୀୟ ଦୁଃଖଭୋଗ ତୁମର ଚରିତ୍ରକୁ ଗଠନ କରିବାରେ ଲାଗିଥାଏ ଏବଂ ତୁମକୁ ସିଧା ତଲ୍ଲୀନତା ଆଡ଼କୁ ପରିଚାଳିତ କରି ନେଇଯାଏ । ସେହି ମାର୍ଗରେ ଗତି କରିବାର ଉପାୟଟି ତୁମେ ଜାଣିଗଲେ ଏପରି ଅବଶ୍ୟ ହୁଏ । ମାତ୍ର, ଯେତେବେଳେ ଆମେ ଶରୀରର ପ୍ରସଙ୍ଗକୁ ଆସିବା...

ଏହା ସତ ଯେ ଡାକ୍ତରମାନେ କହିଛନ୍ତି, ଯଦି ଆମେ ନିଜ ଶରୀରକୁ କଷ୍ଟ ସହିବା ଶିକ୍ଷା ଦେଇ ପାରିବା, ତେବେ ତଦ୍ଦ୍ୱାରା ତାହା ଅଧିକରୁ ଅଧିକ ନମନୀୟ ହୋଇଯିବ ଏବଂ ତା'ପରେ ଆଉ ସେତେ ସହଜରେ ତାହାର ସମତାବସ୍ଥାଟିକୁ ଭାଙ୍ଗି ଦେଇ ହେବ ନାହିଁ । — ଏକ ସ୍ଥୂଳ ପରିଣାମ ରୂପେ ଏପରି ନିଶ୍ଚୟ ଘଟିବ । କୌଣସି ଜାଗାରେ ଏକ ଯନ୍ତ୍ରଣା ଉପସ୍ଥିତ ହେବାମାତ୍ରକେ ଯେଉଁମାନେ ସେଥିରେ ସଂପୂର୍ଣ୍ଣ ଭାବରେ କାତର ନ ହୋଇ ପଡ଼ିବାର ଉପାୟଟିକୁ ଜାଣିଛନ୍ତି, ଯେଉଁମାନେ ତାକୁ ସ୍ଥିର ଭାବରେ ସହ୍ୟ କରି ଓ ନିଜର ଭାରସାମ୍ୟ ରକ୍ଷା କରି ଜାଣିଛନ୍ତି, ସେମାନଙ୍କ କ୍ଷେତ୍ରରେ ଏପରି ଘଟୁଥିବା ପରି ମନେହୋଇଛି ଯେ, ସେହି ଯନ୍ତ୍ରଣାରେ ଏକାବେଳେକେ ପେଷି ହୋଇ ନ ଯାଇ ତାହାକୁ ସହ୍ୟ କରିବା ଲାଗି ସେମାନଙ୍କର ଶରୀରର ସାମର୍ଥ୍ୟ ବୃଦ୍ଧିପ୍ରାପ୍ତ ହୋଇଛି । ଏହାକୁ ପ୍ରକୃତରେ ଏକ ବଡ଼ କୃତିତ୍ୱ ବୋଲି କୁହାଯାଇ ପାରିବ । ମୁଁ ନିଜକୁ ସଂପୂର୍ଣ୍ଣ

---

*ଏହା ପ୍ରଥମଥର ପାଇଁ ପ୍ରକାଶିତ ହେଲାବେଳେ ମାଆ ମନ୍ତବ୍ୟ କରି କହିଥିଲେ, ''ବୈଜ୍ଞାନିକମାନେ

ବ୍ୟାବହାରିକ ତଥା ବାହ୍ୟ ଦୃଷ୍ଟିକୋଣରୁ ଏହି ପ୍ରଶ୍ନଟିକୁ ପଚାରିଥିଲି ଏବଂ କଥାଟି ଏହିପରି ହୋଇଥିବା ପରି ମନେହେଉଛି । ମୋ' ଭିତରୁ ମୋତେ ବହୁବାର ଏହି ଉତ୍ତରଟି ମିଳିଥିଲା ଯେ,– ନାନା କ୍ଷୁଦ୍ର ଅନୁଭୂତି ଦ୍ୱାରା ମୋତେ ତାହା କହିଦିଆଯାଇଥିଲା ଏବଂ ଦେଖାଇ ଦିଆ ଯାଇଥିଲା– ଯେ, ଯଦି ଯନ୍ତ୍ରଣାଟି ସହିତ କୌଣସି ପ୍ରକାର ଭୟ ବା ଉଦ୍‌ବେଗକୁ ଆଣି ଯୋଡ଼ି ଦିଆଯାଇ ନ ଥିବ, ତେବେ, ଆମେ ସାଧାରଣତଃ ଯାହା ଭାବିଥାଉ, ଆମର ଶରୀର ପ୍ରକୃତରେ ତା'ଠାରୁ ଅନେକ ଅଧିକ ସହ୍ୟ କରିପାରିବ । ଯଦି ଏହି କ୍ଷେତ୍ରରୁ ଏହାର ମାନସିକ ଦିଗଟିକୁ ଅନ୍ତର କରି ରଖା ଯାଇପାରେ ଏବଂ ଯଦି ଶରୀରକୁ ଏକୁଟିଆ ଛାଡ଼ି ଦିଆଯାଏ, ତେବେ, ଭବିଷ୍ୟତରେ କ'ଣ ଘଟିବାକୁ ଯାଉଛି, ଶରୀରର ସେହି ବିଷୟରେ ଆଦୌ କୌଣସି ଭୟ, ଶଙ୍କା ଅଥବା ଉଦ୍‌ବେଗ ନ ଥାଏ, କୌଣସି ବେଦନା ମଧ୍ୟ ନ ଥାଏ, ଏବଂ ତାହା ଅନେକ ପରିମାଣରେ ସେହି କଷ୍ଟକୁ ସହ୍ୟ କରିପାରେ ।

ଯନ୍ତ୍ରଣାଟିକୁ ସହ୍ୟ କରିନେବା ଲାଗି ଶରୀର ଯେତେବେଳେ ଏକ ନିଷ୍ପତ୍ତି ଗ୍ରହଣ କରିଥାଏ, ସେଇଟି ହେଉଛି ଦ୍ୱିତୀୟ ସୋପାନ । –ଯନ୍ତ୍ରଣାକୁ ସହ୍ୟ କରିବା ଲାଗି ଶରୀର ଏକ ନିଷ୍ପତ୍ତି ଗ୍ରହଣ କରେ; ଏବଂ ସଙ୍ଗେ ସଙ୍ଗେ ଉତ୍କଟତାଟି, ଯନ୍ତ୍ରଣା ଭିତରେ ଯାହା ଉତ୍କଟ ହୋଇ ରହିଥାଏ, ତାହା ଅନ୍ତର୍ହିତ ହୋଇଯାଏ । ମୁଁ ଏକାବେଳେକେ ଭୌତିକ ଅର୍ଥରେହିଁ ଏହି କଥାଟିକୁ କହୁଛି ।

ଏବଂ, ଯଦି ତୁମେ ସ୍ଥିର ହୋଇ ରହିପାରିବ,– ଏଠାରେ ଆଉ ଗୋଟିଏ କଥା ଆସି ପହଞ୍ଚୁଛି, ତାହା ହେଉଛି ଏକ ଅନ୍ତର୍ଗତ ସ୍ଥିରତାର ଆବଶ୍ୟକତା– ଯଦି ତୁମର ସେହି ଅନ୍ତର୍ଗତ ସ୍ଥିରତା ରହିଥାଏ, ତେବେ ତୁମର ଯନ୍ତ୍ରଣାପ୍ରାପ୍ତ ଏକ ସୁଖକର ଅନୁଭବକୁ ପରିବର୍ତ୍ତିତ ହୋଇଯାଏ,– ଏଠାରେ ''ସୁଖକର କହିଲେ ସାଧାରଣ ଅର୍ଥରେ ଯେପରି ବୁଝାଯାଏ'', ସେପରି ଆଦୌ ନୁହେଁ, ମାତ୍ର ପ୍ରାୟ ଏକ ବେଶ୍ ଆରାମଦାୟକ ଅନୁଭୂତି ଉପଲବ୍ଧ ହୋଇଥାଏ । ମୁଁ ଏହି କଥାଟିକୁ ମଧ୍ୟ ନିତାନ୍ତ ଭୌତିକ ଓ ଶାରୀରିକ ସ୍ତରରୁହିଁ କହୁଛି ।

ଏବଂ, ସର୍ବଶେଷ ସୋପାନଟିରେ, ଯେତେବେଳେ କୋଷଗୁଡ଼ିକର ସେହି ଦିବ୍ୟ ପରମ-ଉପସ୍ଥିତି ଉପରେ ଆସ୍ଥା ରହିଥାଏ ଏବଂ ସେହି ଦିବ୍ୟ ଇଚ୍ଛା ଯେ ଏକମାତ୍ର

---

ସେକଥାକୁ ଅସ୍ୱୀକାର କରିବେ, ମୋ' କଥାର ଆଦୌ କୌଣସି ଅର୍ଥ ନାହିଁ ବୋଲି କହିବେ; ମାତ୍ର ସେମାନେ ଏଇଥିପାଇଁ ସେପରି କହିବେ ଯେ, ମୁଁ ସେମାନଙ୍କର ପାରିଭାଷିକ ଶବ୍ଦଗୁଡ଼ିକୁ ବ୍ୟବହାର କରି ଏହା କହି ନାହିଁ, ତେଣୁ ଏହା ହେଉଛି କେବଳ ଶବ୍ଦାବଳୀର ଏକ ସମସ୍ୟା ।''

ସବୁକିଛିର ମୀମାଂସା କରୁଥିବା ଇଚ୍ଛା, ଏହି ବିଶ୍ୱାସଟି ପ୍ରକୃତରେ ରହିଥାଏ,– ଯାହାକିଛି ଘଟୁଛି, ତାହା କେବଳ କଲ୍ୟାଣ ଲାଗିହିଁ ଘଟୁଛି ବୋଲି ଏହିପରି ଏକ ପ୍ରତ୍ୟୟ ରହିଥାଏ, ତେବେ ସେତେବେଳେ ତଲ୍ଲୀନତାର ଉପଲବ୍ଧି ହୋଇଥାଏ । କୋଷଗୁଡ଼ିକ ଉନ୍ମୋଚିତ ହୋଇଯାନ୍ତି, ଠିକ୍ ଏହିପରି ଉନ୍ମୋଚିତ ହୋଇ ଯାଆନ୍ତି ଏବଂ ପ୍ରଭାସ୍ୱର ହୋଇଉଠନ୍ତି, ତଲ୍ଲୀନ ହୋଇ ରହନ୍ତି ।

ସର୍ବମୋଟ ଚାରୋଟି ସୋପାନ– ଏଠାରେ କେବଳ ତିନୋଟିର ଉଲ୍ଲେଖ କରାଯାଇଛି ।

ସର୍ବଶେଷ ସୋପାନଟି ସମ୍ଭବତଃ ସମସ୍ତଙ୍କର ପହୁଞ୍ଚ ଭିତରେ ନ ଥାଏ, ମାତ୍ର ପ୍ରଥମ ତିନୋଟି ବିଷୟରେ ଆଦୌ କୌଣସି ସଂଶୟର ଅବକାଶ ନାହିଁ । ଏଗୁଡ଼ିକ ସେହିପରି ବୋଲି ମୁଁ **ପ୍ରକୃତରେ** ଜାଣିଛି । କେବଳ ଗୋଟିଏ କଥା ମୋତେ ଚିନ୍ତାରେ ପକାଇ ଦେଉଥିଲା ଯେ, ଏହା ପ୍ରକୃତରେ ସଂପୂର୍ଣ୍ଣ ଭାବରେ ଏକ ମାନସିକ ଅଭିଜ୍ଞତା ହୋଇ ରହି ନ ଥିଲା ଏବଂ ଯନ୍ତ୍ରଣାକୁ ସହ୍ୟ କରୁଥିବା ଫଳରେ ଶରୀରରେ ତାହାର କୌଣସି ନା କୌଣସି ଅବଶେଷ ରହି ଯାଉଥିଲା । ମାତ୍ର, ମୁଁ ଏକଥା ଡାକ୍ତରମାନଙ୍କୁ ମଧ୍ୟ ପଚାରିଥିଲି ଓ ସେମାନେ ମୋତେ କହିଲେ ଯେ, ପିଲାଟି ସମୟରୁ ଶରୀରକୁ କଷ୍ଟ ସହ୍ୟ କରିବାକୁ ଶିକ୍ଷା ଦେଇ ପାରିଲେ, ତାହାର ସହ୍ୟ କରିବାର ଶକ୍ତି ଏତେ ଅଧିକ ପରିମାଣରେ ବୃଦ୍ଧି ପାଇଯାଏ ଯେ ତା'ପରେ ତାହା ପ୍ରକୃତରେ ରୋଗର ମଧ୍ୟ ପ୍ରତିରୋଧ କରିପାରେ । ଅର୍ଥାତ୍, ଏହି କ୍ଷେତ୍ରରେ ରୋଗ ଆଦୌ ତା'ର ସାଧାରଣ ଗତିପଥଟିକୁ ଅନୁସରଣ କରେ ନାହିଁ, ତାହାର ସେହି ଗତିପଥ ବନ୍ଦ ହୋଇଯାଏ । ଏହା ପ୍ରକୃତରେ ଏକ ମୂଲ୍ୟବାନ୍ କଥା ।

୧୦ ଅଗଷ୍ଟ, ୧୯୬୩

**୯୪. ଯାବତୀୟ ତ୍ୟାଗ ହେଉଛି ଏପର୍ଯ୍ୟନ୍ତ ଆମର ଅନୁପଲବ୍ଧ ଏକ ବୃହତ୍ତର ଆନନ୍ଦ ନିମନ୍ତେ । କେତେ ବ୍ୟକ୍ତି କୃତ-କର୍ତ୍ତବ୍ୟଜନିତ ଆନନ୍ଦ ପାଇଁ ତ୍ୟାଗ କରନ୍ତି, କେତେକେ ଶାନ୍ତିଜନିତ ଆନନ୍ଦ ପାଇବା ଲାଗି ତ୍ୟାଗ କରନ୍ତି । ଆଉ କେତେ ଭଗବତ୍-ସାନ୍ନିଧ୍ୟର ଆନନ୍ଦ ଲାଗି ତ୍ୟାଗ କରନ୍ତି ଓ କେତେ ଲୋକ ଆତ୍ମପୀଡ଼ାଜନିତ ଆନନ୍ଦ ସକାଶେ ତ୍ୟାଗ କରନ୍ତି । ମାତ୍ର, ଆମେ ବରଂ ବର୍ତ୍ତମାନ ଆମର ଅତୀତ ହୋଇ ରହିଥିବା ସେହି ମୁକ୍ତି ଏବଂ ଅବ୍ୟାହତ ଆନନ୍ଦର ପ୍ରାପ୍ତି ନିମନ୍ତେହିଁ ଯାହାକିଛି ତ୍ୟାଗ କରିବା ।**

ତ୍ୟାଗ ବିଷୟରେ ଏହି ଅନୁଭୂତିଟି ମୋ'ର କ୍ୱଚିତ୍ ହୋଇଛି । କାରଣ, ଆଦୌ କୌଣସି ତ୍ୟାଗ କରିବା ସମ୍ଭବ ହେବାକୁ ହେଲେ, ପ୍ରଥମେ ବସ୍ତୁଗୁଡ଼ିକ ପ୍ରତି ଆସକ୍ତ ହୋଇ ରହିଥିବା ଆବଶ୍ୟକ; ଏବଂ ମୋ'ଭିତରେ ନିରନ୍ତର ଅଧିକ ଆଗକୁ ଯିବା ଲାଗି ଏହି ପିପାସା ଓ ଏହି ପ୍ରୟୋଜନ ରହି ଆସିଛି, ଆହୁରି ଉଚ୍ଚକୁ ଯିବା ଲାଗି, ଆହୁରି ଅଧିକ ଉତ୍ତମ ରୂପେ ଅନୁଭବ କରିବା ଲାଗି ଓ କର୍ମ କରିବା ଲାଗି, ଆହୁରି ଅଧିକ ଉତ୍ତମ କିଛିର ଅଧିକାରୀ ହେବାର ଏକ ପିପାସା ରହିଆସିଛି । ଏବଂ, କିଛି ତ୍ୟାଗ କରୁଥିବାର ଏକ ଅନୁଭୂତି ଲାଭ କରିବା ଅପେକ୍ଷା ବରଂ ଗୋଟିଏ ଭଲ ନିଷ୍କୃତି ମିଳିବାରହିଁ ଅନୁଭୂତି ଉପଲବ୍ଧ ହୋଇଛି – ସତେଯେପରି କୌଣସି ଏକ ଦୁର୍ବହ ବସ୍ତୁ ତୁମ ବେକରେ ବନ୍ଧା ହୋଇ ତୁମକୁ ତଳକୁ ଟାଣି ରଖିଥିଲା ଏବଂ ତୁମର ଅଗ୍ରଗତିରେ ବାଧା ସୃଷ୍ଟି କରୁଥିଲା ଓ ତୁମେ ତାହାର କବଳରୁ ମୁକ୍ତ ହୋଇ ବାହାରି ଆସିଲ ! ସେଦିନ ମଧ୍ୟ ମୁଁ ଠିକ୍ ଏହି କଥା କହୁଥିଲି : ଆମେ ଆଉ ଯାହାକିଛି ହୋଇ ରହିବାକୁ ମୋଟେ ଇଚ୍ଛା କରୁ ନାହୁଁ, ଆମେ ତଥାପି ତାହାହିଁ ହୋଇ ରହିଛୁ,– ଏବଂ ଆମେ ଯାହାକିଛି ହେବାକୁ ଇଚ୍ଛା କରୁଛୁ, ସିଏ ତାହା ସବୁକିଛି ହୋଇ ରହିଛନ୍ତି,– ଆମ ନିଜର ଅହଂପ୍ରେରିତ ନିର୍ବୋଧତାର ବଶବର୍ତ୍ତୀ ହୋଇ ଆମେ ଯାହାକୁ ''ଆମେ'' ବୋଲି କହିବାରେ ଲାଗିଛୁ, ଆମେ ଠିକ୍ ସେହି କଥାଟିହିଁ ଆଉ ମୋଟେ ହେବାକୁ ଇଚ୍ଛା କରୁ ନାହୁଁ;– ଏବଂ, ସେଗୁଡ଼ାକୁ କାଢ଼ି ବାହାରକୁ ଫିଙ୍ଗିଦେଇ ପାରିଲେ ଆମେ ପ୍ରକୃତରେ କେଡ଼େ ଖୁସି ହୁଅନ୍ତୁ– କାରଣ ତା'ହେଲେ, ଆମେ ଯାହା ହେବାକୁ ଇଚ୍ଛା କରୁଛୁ, ସେତେବେଳେ ଆମେ ତାହାହିଁ ହୋଇ ପାରନ୍ତୁ ।

ଏହା ହେଉଛି ଜୀବନର ଏକ ପ୍ରକୃତ ଅନୁଭୂତି ।

ମୋତେ କେବଳ ଯେଉଁ ଗୋଟିଏ ପ୍ରକ୍ରିୟା ଜଣାଅଛି ଓ ମୋ' ଜୀବନରେ ଏକାଧିକ ବାର ଯେଉଁଟିର ପୁନରାବୃତ୍ତି ହୋଇଛି, ତାହା ହେଉଛି କୌଣସି ଏକ ଭୁଲ୍‌ର ତ୍ୟାଗ : ଏପରି କୌଣସି ବସ୍ତୁ, ଯାହାକୁ ତୁମେ ଠିକ୍ ବୋଲି ବିଶ୍ୱାସ କରୁଥିଲ– ହୁଏତ ତାହା କିଛି ସମୟ ସକାଶେ ଠିକ୍ ବି ଥିଲା– ତାହାରି ଉପରେ ଭିତ୍ତି କରି ତୁମେ ଆପଣା କାର୍ଯ୍ୟର କେତେକାଂଶକୁ କରି ଆସୁଥିଲ,– ମାତ୍ର ତାହା ପ୍ରକୃତରେ କେବଳ ଏକ ମତ ବ୍ୟତୀତ ଆଉ ଅଧିକ କିଛିହିଁ ନ ଥିଲା । ତୁମେ ଭାବିଥିଲ ଯେ, ତାହାର ଯାବତୀୟ ନ୍ୟାୟସଙ୍ଗତ ପରିଣାମଗୁଡ଼ିକ ସହିତ ତୁମେ ତାହାର ପ୍ରକୃତରେ ଏକ ଉଚିତ ମୂଲ୍ୟାୟନ କରିଥିଲ, ଏବଂ ତୁମର କର୍ମ– ତୁମ କର୍ମର କେତେକ ଅଂଶ– ତାହାକୁ ଭିତ୍ତି କରି ରହିଥିଲା,– ଏବଂ ଏହି ସବୁକିଛି ସତେଅବା ଅତ୍ୟନ୍ତ ସ୍ୱାଭାବିକ ଧାରାରେ ସମାହିତ ହେବାରେ ଲାଗିଥିଲା; ଏବଂ ତା'ପରେ ଏକଦା ହଠାତ୍, ତୁମର ଆଉଗୋଟିଏ ଅନୁଭୂତି, ଏକ ପରିସ୍ଥିତି କିଂବା ଏକ ଅନ୍ତର୍ବୋଧ ତୁମକୁ ଆସି ସତର୍କ କରିଦେଲା ଯେ, ତୁମର ସେହି

ମୂଲ୍ୟାୟନଟି ଯେପରି ଏକାବେଳେକେ ଠିକ୍ ବୋଲି ଦେଖା ଯାଉଥିଲା, ତାହା ପ୍ରକୃତରେ ଆଦୌ ସେପରି ନୁହେଁ । ତା'ପରେ ତୁମେ ଏକ ପୂର୍ଣ୍ଣ ଅବଧି ଯାବତ୍ ସବୁକଥାକୁ ନିରୀକ୍ଷଣ କରି ଦେଖିଲ, ତୁମେ ତାହାର ଅଧ୍ୟୟନ କଲ– ଅଥବା, ତାହା ବେଳେବେଳେ ଏକ ସତ୍ୟୋଦ୍‌ଘାଟନ ପରି ତୁମ ପାଖକୁ ଆସିଥାଏ, ଏକ ବିରାଟ ପ୍ରମାଣରୂପେ ତୁମ ଆଗରେ ଆସି ଉନ୍ମୋଚିତ ହୋଇଯାଏ,– ଏବଂ ସେତେବେଳେ କେବଳ ସେହି ଧାରଣା ଅଥବା ମିଛ ଜ୍ଞାନଟିକୁ ନୁହେଁ, ମାତ୍ର ତାହାର ଯାବତୀୟ ପରିଣାମକୁ ମଧ୍ୟ ବଦଳାଇବା ଅନିବାର୍ଯ୍ୟ ହୋଇଉଠେ,– ସମ୍ଭବତଃ କୌଣସି ଏକ କ୍ଷେତ୍ରରେ କାର୍ଯ୍ୟର ସମଗ୍ର ଧାରାଟିକୁ ବଦଳାଇବା ଆବଶ୍ୟକ ହୁଏ । ଏବଂ ସେହି ସମୟରେ ଏପରି ଏକ ଅବବୋଧ ହୋଇଥାଏ,– ଯାହାକୁ କି କିଛି ତ୍ୟାଗ କରୁଥିବା ପରି ଏକ ଅବବୋଧ,– ଯାହା ତୁମକୁ କହିବାକୁ ଚାହୁଁଥାଏ ଯେ ତୁମକୁ ପୂର୍ବରୁ ଗଠିତ ହୋଇ ରହିଥିବା ବସ୍ତୁଗୁଡ଼ିକର ସମୁଦାୟ ଧାରାଟିକୁହିଁ ଭାଙ୍ଗିଦେବାକୁ ପଡ଼ିବ,– ବେଳେବେଳେ ତାହାର ପରିସର ଖୁବ୍ ବ୍ୟାପକ ହୋଇପାରେ, ବେଳେବେଳେ ତାହା ଅତିକ୍ଷୁଦ୍ର କୌଣସି କଥା ମଧ୍ୟ ହୋଇପାରେ,– ମାତ୍ର ଉଭୟ କ୍ଷେତ୍ରରେ ସେହି ଏକାଭଳି ଅନୁଭୂତି ହୋଇଥାଏ । ସେତେବେଳେ ଏକ ଶକ୍ତିର ଗତିକ୍ରିୟା ଅନୁଭୂତ ହୁଏ ଓ ତାହା ସବୁଟିକୁ ଭାଙ୍ଗି ଦେଉଥାଏ । ଏବଂ ଯାହାକିଛି ଭାଙ୍ଗିଯିବେ ଗୋଟି ଗୋଟି କରି ସବୁଟିରୁ ପ୍ରତିରୋଧ ଆସେ । ଅତୀତର ଯାବତୀୟ ଅଭ୍ୟାସ ତାହାର ପ୍ରତିରୋଧ କରୁଥା'ନ୍ତି । ଏବଂ, ଏହି ଭାଙ୍ଗି ପକାଉଥିବାର ଗତିକ୍ରିୟା ଓ ତାହା ବିରୋଧରେ କରାଯାଉଥିବା ପ୍ରତିରୋଧ,– ସମ୍ଭବତଃ ସାଧାରଣ ମନୁଷ୍ୟଚେତନାରେ ତାହାକୁହିଁ କିଛି ତ୍ୟାଗ କରୁଥିବାର ଏକ ବୋଧରୂପେ ବ୍ୟକ୍ତ କରାଯାଇଥାଏ ।

ଏବେ ମଧ୍ୟ ମୁଁ ଏହି କଥାଟିକୁ ଦେଖିଥିଲି– ଏହା ପ୍ରକୃତରେ ବଡ଼ ନଗଣ୍ୟ, ଏହି ପରିସ୍ଥିତିଗୁଡ଼ିକର ଆପଣାର ଆଦୌ କୌଣସି ମହତ୍ତ୍ୱ ନାହିଁ,– କେବଳ ଏକ ଅଧ୍ୟୟନର ଭୂମି ଉପରେହିଁ ତାହାର ଏକ ଆଗ୍ରହୋଦ୍ଦୀପକତା ରହିଛି । ଏହି ଗୋଟିଏ ଘଟଣା ସହିତହିଁ ମୋ'ର ଯାହାକିଛି ପରିଚୟ ରହିଛି, କାରଣ ଏକାଧିକ ଥର ପାଇଁ ମୋ'ଜୀବନରେ ତାହାର ପୁନରାବୃତ୍ତି ଘଟିଛି । ସତ୍ତାର ଅଗ୍ରଗତି ସହିତ, ଭାଙ୍ଗିଦେବାର ଏହି ଶକ୍ତିଟି ମଧ୍ୟ ବୃଦ୍ଧିପ୍ରାପ୍ତ ହେଉଥାଏ; ତାହା ଅଧିକରୁ ଅଧିକ ଅପରୋକ୍ଷ ହେବାରେ ଲାଗିଥାଏ ଏବଂ ପ୍ରତିରୋଧ ବି କମି ଯାଉଥାଏ । ମାତ୍ର, ସର୍ବାଧିକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିବା ଗୋଟିଏ ପର୍ଯ୍ୟାୟ ବିଷୟରେ ବି ମୋ'ର ସ୍ମରଣ ଅଛି,– ଏହା ପଚାଶ ବର୍ଷରୁ ଅଧିକ ପୂର୍ବେ ଘଟିଥିଲା,– ଏବଂ, ଏହା ପ୍ରକୃତରେ କେବଳ ତାହାହିଁ ଥିଲା,– ଏହା ସର୍ବଦା ମୋ'ର ବାହାରେ ଥିବା କୌଣସି ବସ୍ତୁ ହୋଇ ରହିଥିଲା,– ମୋ' ଚେତନାର ବାହାରେ ଆଦୌ ନୁହେଁ, ମାତ୍ର ମୋ'ର ଇଚ୍ଛାର ବାହାରେ, ଏପରି ଏକ ବସ୍ତୁ, ଯାହାକି

ମୋ' ଇଚ୍ଛାର ପ୍ରତିରୋଧ କରୁଥିଲା । କେବେ କିଛି ତ୍ୟାଗ କରିବାକୁ ପଡ଼ିଥିବାର ଅନୁଭବ ମୋ'ର କେବେହେଲେ ହୋଇ ନାହିଁ, ମାତ୍ର, ବସ୍ତୁଗୁଡ଼ିକୁ ଭାଙ୍ଗି ଦେବା ଲାଗି ସେଗୁଡ଼ିକ ଉପରେ ଚାପ ପକାଇବାକୁ ପଡ଼ିଥିବାର ଅନୁଭୂତି ଅବଶ୍ୟ ହୋଇଛି । ମାତ୍ର ବର୍ତ୍ତମାନ ଅଧିକରୁ ଅଧିକ ପରିମାଣରେ ସେହି ଚାପ ଅନନୁଭୂତ ଭାବରେ ପଡୁଛି, ତାହା ଅତ୍ୟନ୍ତ ଅପରୋକ୍ଷ ଭାବରେ ଆପଣାକୁ କାର୍ଯ୍ୟକାରୀ କରୁଛି । କେତେଗୁଡ଼ିଏ ବସ୍ତୁର ଏକ ସମଗ୍ର ସମୂହକୁ ଭାଙ୍ଗିଦେବା ଲାଗି ଯେତେବେଳେ ଏକ ଶକ୍ତି ଆପଣାକୁ ବ୍ୟକ୍ତ କରି ଆଣୁଛି, ସେତେବେଳେ ଆଉ କୌଣସି ପ୍ରତିରୋଧ ହେଉ ନାହିଁ, ସବୁକିଛି ସତେଅବା ମନକୁ ମନ ଭାଙ୍ଗି ଯାଉଛି । ମାତ୍ର, ଗୋଟିଏ କୌଣସି ବସ୍ତୁର କବଳରୁ ମୁକ୍ତ ହୋଇ ଆସିବାର ପ୍ରାୟ କୌଣସି ଅନୁଭୂତି ହେଉ ନାହିଁ,– ସତେଯେପରି କେହି କିଞ୍ଚିତ୍ ଆମୋଦିତ ହୋଇ କହୁଛି : ''ଆଚ୍ଛା, ପୁଣିଥରେ ସେହିପରି ହେଲା ! ଏହିପରି କେତେଥର ଲାଗି ଆପଣାକୁ ବାନ୍ଧି ପକାଇବାକୁ ପଡ଼େ କେଜାଣି....'' ଏପରି କେତେଥର ତୁମେ ଭାବୁଥାଅ ଯେ ତୁମେ ଆଗକୁ ଆଗକୁ ଯାଉଛ, ବାଟରେ ଆଦୌ କୌଣସି ବାଧା ବା ପ୍ରତିବନ୍ଧକ କିଛି ନାହିଁ, କେବଳ ଅବିଚ୍ଛିନ୍ନ ଭାବରେ ଅଗ୍ରଗତିହିଁ ହେଉଛି, ମାତ୍ର ତଥାପି ତୁମେ ନିଜ ଆଗରେ ପ୍ରକୃତରେ କେତେଥର କୌଣସି ନା କୌଣସି ସାନ ପ୍ରତିବନ୍ଧକଟିଏ ଆଣି ଥୋଇ ନ ଦିଅ ! ଏହା ସେପରି କିଛି ବୃହତ୍ ପ୍ରତିବନ୍ଧକ ନୁହେଁ, କାରଣ, ଏକ ବିରାଟ ସମୁଦାୟଟି ମଧ୍ୟରେ ତାହା ପ୍ରକୃତରେ ଏକ ଅତ୍ୟନ୍ତ ଛୋଟ କଥାଟିଏ ହୋଇ ରହିଥାଏ, ମାତ୍ର ତୁମର କ୍ରିୟାଲାଗି ତାହା ଏକ କ୍ଷୁଦ୍ର ପ୍ରତିବନ୍ଧକ ରୂପେ ଆସି ଠିଆ ହୁଏ । ଏବଂ, ସେହି ବାଧାଟିକୁ ପ୍ରତିହତ କରି ଦେବା ଲାଗି ଯେତେବେଳେ ବିରାଟ ଶକ୍ତିଟିର କ୍ରିୟା ଆରମ୍ଭ ହୋଇଯାଏ, ପ୍ରଥମେ ତୁମକୁ ସେଥିରୁ ଏକ ମୁକ୍ତିର ବୋଧ ପ୍ରାପ୍ତ ହୋଇଥାଏ, ତୁମେ ବେଶ୍ ଖୁସୀ ହୋଇଯାଅ; ମାତ୍ର ବର୍ତ୍ତମାନ ଆଉ ସେତିକି ମଧ୍ୟ ହେଉ ନାହିଁ, କେବଳ ଟିକିଏ ମୁରୁକି ହସିଦେବା ବ୍ୟତୀତ ଆଉ କିଛି ହେଲେ ଘଟୁ ନାହିଁ । କାରଣ, ଏହା ପ୍ରକୃତରେ କୌଣସି ମୁକ୍ତି ଲାଭ କରିଥିବାର ଅନୁଭୂତି ନୁହେଁ; ତୁମେ ଯେପରି ଅପ୍ରତିହତ ଭାବରେ ଯାତ୍ରା କରିପାରିବ, ସେଥିଲାଗି ତୁମେ ସତେଯେପରି ନିଜ ବାଟ ଉପରୁ ପଥରଟିଏ କାଢ଼ି ଫିଙ୍ଗିଦେଲ, ଏହା ହେଉଛି ସେହିପରି ଏକ ବୋଧ ।

କେବଳ ଏକ ଆତ୍ମକୈନ୍ଦ୍ରିକ ଚେତନାରେହିଁ ତ୍ୟାଗର କୌଣସି ବୋଧ ସମ୍ଭବ ହୋଇପାରେ । ସାଧାରଣତଃ ଲୋକମାନେ– ଏହିପରି ଲୋକମାନଙ୍କୁ ମୁଁ ସଂପୂର୍ଣ୍ଣ ଆଦିମ ବୋଲି କହିଥାଏ– ଏମାନେ ବସ୍ତୁଗୁଡ଼ାକ ପ୍ରତି ଭାରି ଆସକ୍ତ ହୋଇ ରହିଥା'ନ୍ତି । ଯେତେବେଳେ ସେମାନଙ୍କ ପାଖରେ କୌଣସି ବସ୍ତୁ ରହିଥାଏ, ସେତେବେଳେ ସେମାନେ ତାହାକୁ ମୋଟେ ହାତଛଡ଼ା କରିବାକୁ ଇଚ୍ଛା କରୁ ନ ଥାନ୍ତି । ଏହି କଥାଟି ମୋତେ ଭାରି

ପିଲାଳିଆ ମନେ ହୋଇଥାଏ ! ଯେତେବେଳେ କୌଣସି ବସ୍ତୁକୁ ଛାଡ଼ିବାକୁ ପଡ଼େ, ସେତେବେଳେ ସେମାନେ ସେଥିଲାଗି ଭାରି ଆଘାତ ପାଆନ୍ତି । କାରଣ, ନିଜ ପାଖରେ ରହିଥିବା ବସ୍ତୁଗୁଡ଼ିକ ସହିତହିଁ ସେମାନେ ଗୋଟାସୁଦ୍ଧା ଏକାତ୍ମକ ହୋଇ ରହିଥା'ନ୍ତି । ମାତ୍ର ଏଇଟା ଏକ ପିଲାଳିଆ ସ୍ୱଭାବ । ଜ୍ଞାନର ଏକ ନିର୍ଦ୍ଦିଷ୍ଟ ଭିତ୍ତି ଉପରେ ବସ୍ତୁଗୁଡ଼ିକ ମଧ୍ୟରେ ଯେଉଁ ପରିମାଣରେ ଏକ ପ୍ରତିରୋଧଭାବ ସମ୍ଭବ ହୋଇଥିଲା, ତାହାକୁହିଁ ଏହି ଯାବତୀୟ ବିଷୟର ପଛରେ ରହିଥିବା ପ୍ରକ୍ରିୟା ବୋଲି ଜାଣିବାକୁ ହେବ ।– ସେହି ଜ୍ଞାନ ଏକ ନିର୍ଦ୍ଦିଷ୍ଟ ସମୟରେ ରହିଥିଲା ଏବଂ ହୁଏତ ଆଉ ଏକ ସମୟରେ ତାହା ଆଦୌ ଠିକ୍ ତାହାହିଁ ହୋଇ ରହି ନ ଥିବ,– ଏହା ହେଉଛି ଏକ ଆଂଶିକ ଜ୍ଞାନ, ଏହା ଏକ କ୍ଷଣିକ ଜ୍ଞାନ ନୁହେଁ ସତ, ମାତ୍ର ତାହା ଆଦୌ ଚିରସ୍ଥାୟୀ ହୋଇ ରହେ ନାହିଁ । ଏହି ଜ୍ଞାନ ଉପରେ ନାନା ବିଷୟର ଏକ ସମୁଦାୟ ବୋଧ ନିର୍ମିତ ହୋଇ ରହିଥାଏ ଏବଂ, ଯେତେବେଳେ କୌଣସି ଶକ୍ତି ଆସି ଏହି କ୍ଷେତ୍ରରେ ''ନାଇଁ, ଏହା ଆଦୌ ସତ୍ୟ ନୁହେଁ, (ମାଆ ହସିଲେ) ତୁମର ଭୂମିଟିକୁ ଆଉ ସତ୍ୟର ଭୂମି ବୋଲି କୁହାଯିବ ନାହିଁ, ତେଣୁ ଆମେ ତାହାକୁ ନେଇଯିବାକୁ ଆସିଛୁ'' ବୋଲି କହେ, ତେବେ ସେମାନେ ତାହାର ପ୍ରତିରୋଧ କରିବାକୁ ଆରମ୍ଭ କରନ୍ତି । ଏବଂ ତା'ପରେ– ତା'ପରେ ତାହା ଭାରି ଆଘାତ କରିବାକୁ ଲାଗେ– ଏହିଟିକୁହିଁ ଲୋକମାନେ ତ୍ୟାଗ ବୋଲି ଅନୁଭବ କରିଥା'ନ୍ତି ।

> *ପ୍ରକୃତରେ ତ୍ୟାଗ କରିବା ମୋଟେ କଷ୍ଟକର ନୁହେଁ, ମାତ୍ର, ଆମେ ବର୍ତ୍ତମାନ ଜୀବନକୁ ଯେପରି ହୋଇ ରହିଥିବାର ଦେଖୁଛୁ, ସେହି କ୍ଷେତ୍ରରେ ତାହାକୁ ଗ୍ରହଣ କରିପାରିବା ହେଉଛି କଷ୍ଟକର । (ମାଆ ସ୍ମିତହାସ୍ୟକଲେ) ....ମାତ୍ର ତା'ହେଲେ, ଆମେ ଯଦି ତାହାକୁ ଗ୍ରହଣ କରିନେଉ, ଆମେ ଏହି ଯାବତୀୟ ସବୁକିଛି ଭିତରେ ତଥାପି କିପରି ଜୀବନ ବଞ୍ଚିପାରିବା ଏବଂ ଏହି ''ଅବ୍ୟାହତ ଆନନ୍ଦ''କୁ ଅନୁଭବ କରିପାରିବା ? – ସେଠାରେ କୌଣସି ଅନ୍ୟ ଲୋକରେ ନୁହେଁ, ଆମେ ତାହାକୁ ଏଠାରେ କିପରି ଅନୁଭବ କରିପାରିବା ?*

ଗତ ଅନେକ ସପ୍ତାହ ହେଲା ଏହାହିଁ ମୋ'ର ସମସ୍ୟା ହୋଇ ରହିଛି ।

ମୁଁ ଶେଷରେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି : ନୀତିଗତ ଦୃଷ୍ଟିରୁ ଦେଖିଲେ ଆମର ଚେତନା ଏବଂ ଦିବ୍ୟ ପରମସତ୍ତାଙ୍କ ସହିତ ଆମର ମିଳନହିଁ ଏହି ଆନନ୍ଦର

ପ୍ରକୃତ କାରଣ— ଏଇଟି ହେଉଛି ମୂଳ ସିଦ୍ଧାନ୍ତ— ତେଣୁ, ସେହି ଚେତନା ଓ ଦିବ୍ୟ ପରମସତ୍ତାଙ୍କ ସହିତ ମିଳିତ ହୋଇ ରହିବା— ପୃଥିବୀ ବର୍ତ୍ତମାନ ଯେପରି ଅଛି, ସେଥିରେ ହେଉ, ଅଥବା , ଏକ ଭବିଷ୍ୟତ ପୃଥିବୀର ରଚନା ମଧ୍ୟରେ ହେଉ ପଛକେ— ତାହା ଅବଶ୍ୟ ସେହି ଗୋଟିଏ ପ୍ରକାରର ହୋଇ ରହିବ । ସଂପୂର୍ଣ୍ଣ ଭାବରେ ସିଦ୍ଧାନ୍ତର ଦୃଷ୍ଟିରୁ ତାହାହିଁ ହେବ । ମୁଁ ନିଜ ଭିତରେ ସେହି କଥାଟିକୁହିଁ ବାରବାର କହିବାରେ ଲାଗିଛି : ''ତୁ କିପରି ସେହି ଆନନ୍ଦଟିକୁ ଅନୁଭବ କରୁ ନାହୁଁ କହିଲୁ ?''

ମୋ'ର ଏହି ଅନୁଭବଟି ହୋଇଛି— ଯେତେବେଳେ ସମସ୍ତ ଚେତନା ସେହି ସମ୍ମେଳନ ମଧ୍ୟରେହିଁ ଆପଣାକୁ କେନ୍ଦ୍ରିତ କରି ରଖିଛି; ଯେକୌଣସି ସମୟରେ, ଯେକୌଣସି ଅବସ୍ଥା ମଧ୍ୟରେ, ମିଳିତ ହୋଇ ରହିବା ଉପରେ ଚେତନା ଆପଣାକୁ ସଂକେନ୍ଦ୍ରିତ କରି ରଖିବା ସଙ୍ଗେ ସଙ୍ଗେ ସେହି ଆନନ୍ଦର ଅନୁଭୂତି ଅବଶ୍ୟ ହୋଇଛି । ମାତ୍ର, ମୋତେ କହିବାକୁ ପଡ଼ିବ ଯେ, କାର୍ଯ୍ୟ କରୁଥିବା ସମୟରେ ତାହା ପୁଣି ଅନ୍ତର୍ହିତ ହୋଇ ଯାଇଛି... କର୍ମର ଏହି ଜଗତଟି,— ଏହା ପ୍ରକୃତରେ ଭାରି ଅରାଜକତାପୂର୍ଣ୍ଣ ଏକ ଜଗତ,— ଯେତେବେଳେ କି ମୋତେ ମୋ' ଚାରିପାଖରେ ରହିଥିବା ସବୁକିଛି ଉପରେ କ୍ରିୟା କରିବାକୁ ପଡ଼େ; ଏବଂ ତେଣୁ, ପ୍ରୟୋଜନବଶତଃ, ଯେପରିକି ମୁଁ ସେଗୁଡ଼ିକ ଉପରେ କ୍ରିୟା କରିପାରିବି, ସେଥିଲାଗି, ମୋ' ଚାରିପାଖରେ ମୋତେ ଯେତେଯାହା ବେଢ଼ିକରି ରହିଛି, ମୁଁ ସେଗୁଡ଼ିକୁ ଗ୍ରହଣ କରିବା ଲାଗି ବାଧ୍ୟ ହୋଇଥାଏ । ମୁଁ ଏପରି ଏକ ଅବସ୍ଥାରେ ଆସି ପହଞ୍ଚି ପାରିଛି, ଯେଉଁଠାରେ କି, ମୁଁ ଯାହାକିଛି ଗ୍ରହଣ କରୁଛି, ଏପରିକି ଅତ୍ୟନ୍ତ ଦୁଃଖଦାୟକ ବୋଲି ବିଚାର କରାଯାଉଥିବା ବସ୍ତୁଗୁଡ଼ିକ ସମକ୍ଷରେ ମଧ୍ୟ ମୁଁ ତଥାପି ସ୍ଥିର ଓ ଉଦାସୀନ ହୋଇ ରହିପାରୁଛି— ''ଅନାସକ୍ତ'' ହୋଇ, ଏହା ଆଦୌ କୌଣସି ନିଷ୍କ୍ରିୟ ଉଦାସୀନତା ମୋଟେ ନୁହେଁ : ମାତ୍ର ସେସବୁ ସକାଶେ ମୋ' ଭିତରେ କୌଣସି ଦୁଃଖଦାୟକ ପ୍ରତିକ୍ରିୟା ଜାତ ହେଉ ନାହିଁ— ମୁଁ ସଂପୂର୍ଣ୍ଣ ଭାବରେ ନିରପେକ୍ଷ ହୋଇ ରହିପାରୁଛି (ମାଆ ପରମ ଶାଶ୍ୱତଙ୍କ ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଦେଲେ), ପୂର୍ଣ୍ଣ ସମତାଭାବ ସହିତ ସେପରି ହୋଇ ରହିପାରୁଛି । ମାତ୍ର, ଏହି ସମତାଭାବ ମଧ୍ୟରେ, ମୋତେ କ'ଣ କରିବାକୁ ହେବ, କ'ଣସବୁ କହିବାକୁ ହେବ, କ'ଣ ଲେଖିବାକୁ ହେବ ବା ନିଷ୍ପତ୍ତି କରିବାକୁ ହେବ, ସଂକ୍ଷେପରେ କହିଲେ, ସେହି କାର୍ଯ୍ୟଟି କହିଲେ ଯାହାକିଛିକୁ ବୁଝାଉଛି, ତାହା ଭିତରେ ସେଗୁଡ଼ିକର ଏକ ନିର୍ଭୁଲ ଜ୍ଞାନ ସବୁବେଳେହିଁ ରହିଛି । ଏକ ପୂର୍ଣ୍ଣ ନିରପେକ୍ଷତାର ଅବସ୍ଥା ମଧ୍ୟରେ ସେହି ସବୁକିଛି ଘଟୁଛି, ଯୁଗପତ୍ ଭାବରେ ସେହି ମହାନ୍ ଶକ୍ତିମତ୍ତାର ବୋଧଟି ମଧ୍ୟ ବଳବତ୍ତର ରହିଛି : ସେହି ଶକ୍ତି ସେହିପରି ବହି ଚାଲିଛି, ତାହାହିଁ କ୍ରିୟା କରୁଛି । ଏବଂ ନିରପେକ୍ଷତାଟି ମଧ୍ୟ ବିଦ୍ୟମାନ ରହିଛି,— ମାତ୍ର

କୌଣସି ଆନନ୍ଦମୟତା ଉପଲବ୍ଧ ହେଉ ନାହିଁ । ମୁଁ କର୍ମଜନିତ ସେହି ଉତ୍ସାହ, ଆନନ୍ଦ ତଥା ପୂର୍ଣ୍ଣତାକୁ ଉପଲବ୍ଧି କରିପାରୁ ନାହିଁ ।

ଏବଂ, ମୁଁ ଏକଥା ମଧ୍ୟ ଅବଶ୍ୟ କହିବି ଯେ, ପୃଥିବୀର ଏହି ବର୍ତ୍ତମାନ ଅବସ୍ଥାର ପରିପ୍ରେକ୍ଷୀରେ ଚେତନାର ଏହି ଆନନ୍ଦମୟ ସ୍ଥିତିରେ ରହିବା ମଧ୍ୟରେ ହୁଏତ ଅନେକ ବିପଦ ବି ରହିଛି । କାରଣ, ତାହା ଯେଉଁ ପ୍ରତିକ୍ରିୟାଗୁଡ଼ିକୁ ଉତ୍ପନ୍ନ କରେ, ସେଗୁଡ଼ିକ ପ୍ରାୟ ନିରଙ୍କୁଶ ହୋଇ ରହିଥାନ୍ତି । ମୁଁ ଭାବୁଛି ଯେ ଏହି ଆନନ୍ଦମୟ ସ୍ଥିତି ଭିତରେ **ଭୟାନକ** ଶକ୍ତି ରହିଛି । ମାତ୍ର, 'ଭୟାନକ' ଶବ୍ଦଟି ଉପରେ ମୁଁ ଏଠାରେ ବିଶେଷ ଜୋର୍ ଦେଇ କହିବି, ଏହି ଅର୍ଥରେ ଅଧିକ ଜୋର୍ ଦେବି ଯେ, ଯାହାକିଛି ତାହାର ସଦୃଶ ହୋଇ ରହି ନ ଥାଏ, ଏହି ଶକ୍ତି ତାହା ପ୍ରତି ଭାରି ଅସହିଷ୍ଣୁତା ବା ଅସହନୀୟତା– ହୁଏତ ଅଧିକତର ଅର୍ଥରେ ଅସହନୀୟତା ପ୍ରଦର୍ଶନ କରିଥାଏ । ଏହା ଅବିକଳ ବା ପ୍ରାୟ ସେହି ସର୍ବୋଚ୍ଚ ଦିବ୍ୟ ପ୍ରେମ ପରି,– ଠିକ୍ ଅବିକଳ ନୁହେଁ, ମାତ୍ର ପ୍ରାୟ ତାହାରି ଭଳି । ଏହି ଆନନ୍ଦ ବା ଉଲ୍ଲାସମୟତାର ସ୍ପନ୍ଦନ ହେଉଛି ଦିବ୍ୟ ପରମପ୍ରେମର ସ୍ପନ୍ଦନ ଘଟିବାର ଏକ ଆରମ୍ଭ ମାତ୍ର, ଏବଂ ତାହା ସଂପୂର୍ଣ୍ଣ ଭାବରେହିଁ, ଏହାଲାଗି ମୁଁ ତଥାପି ଏକ ଅନୁକୂଳ ଶବ୍ଦ ପାଉ ନାହିଁ– ଅସହିଷ୍ଣୁ ହୋଇ ରହିଥାଏ,– ଏହି ଅର୍ଥରେ ଅସହିଷ୍ଣୁ ହୋଇ ରହିଥାଏ ଯେ, ତାହା ତାହାର ବିପରୀତ ହୋଇ ରହିଥିବା କୌଣସି ବସ୍ତୁର ଉପସ୍ଥିତିକୁ ଆଦୌ ଅନୁମୋଦନ କରେ ନାହିଁ ।

ତେଣୁ, ସାଧାରଣ ଚେତନାର କ୍ଷେତ୍ରରେ ଏଥିରୁ ଭୟାବହ ପରିଣାମମାନ ଘଟିବାର ଏକ ଆଶଙ୍କା ରହିଥାଏ । ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି କଥାଟିକୁ ଦେଖିପାରୁଛି, କାରଣ ସେହି ଶକ୍ତିଟି ସମୟ ସମୟରେ ଆସେ,– ସେହି ଶକ୍ତିଟି ଆସି ପହଞ୍ଚିଯାଏ ଓ ସେତେବେଳେ ଏପରି ବୋଧହୁଏ, ସତେଅବା ସବୁକିଛିର କ୍ଷେତ୍ରରେ ବର୍ତ୍ତମାନ ଏକ ବିସ୍ଫୋରଣ ଘଟିବ । କାରଣ, କେବଳ ଏକ ସମ୍ମିଳନ ବ୍ୟତୀତ ତାହା ଆଉ ଅନ୍ୟ କିଛିକୁ ସହ୍ୟ କରିପାରିବ ନାହିଁ, କେବଳ ସ୍ୱୀକାର କରିନେଇ ପାରୁଥିବା, ଗ୍ରହଣ କରୁଥିବା ଓ ସ୍ୱୀକାର କରି ନେଉଥିବା ଅନୁସ୍ପନ୍ଦନ ବ୍ୟତୀତ ତାହା ଅନ୍ୟ କିଛିହେଲେ ସହ୍ୟ କରିପାରିବ ନାହିଁ । ଏବଂ, ତାହା ଯେକୌଣସି ଖିଆଲର ବଶବର୍ତ୍ତୀ ହୋଇ ତାହା କରିଥାଏ, ସେକଥା ଆଦୌ ନୁହେଁ, ତା'ର **ଅସ୍ତିତ୍ୱଧର୍ମଟି ଦ୍ୱାରା ପରିଚାଳିତ ହୋଇହିଁ** ତାହା ସେପରି କରେ । ସେହି ଅସ୍ତିତ୍ୱ ହେଉଛି ସର୍ବଶକ୍ତିମତ୍ତାର ଅସ୍ତିତ୍ୱ,– "ସର୍ବଶକ୍ତିମତ୍ତା" କହିଲେ ଆମେ ଯାହା ବୁଝୁ, ଏହା ଆଦୌ ସେକଥା ନୁହେଁ । ତାହା ଯଥାର୍ଥରେ ସର୍ବଶକ୍ତିମତ୍ତା । ଅର୍ଥାତ୍, ତାହା ସଂପୂର୍ଣ୍ଣ ଭାବରେ, ସମଗ୍ର ଓ ଐକାନ୍ତିକ ଭାବରେହିଁ ବିଦ୍ୟମାନ ରହିଥାଏ । ତାହା ଭିତରେ ସବୁକିଛି ଅନ୍ତର୍ଗତ ହୋଇ ରହିଥାଏ; ମାତ୍ର ଯାହା ତାହାର ସ୍ପନ୍ଦନଟିର

ବିପରୀତ ଆଚରଣ କରୁଥାଏ, ତାହା ବଦଳି ଯିବାକୁ ବାଧ୍ୟହିଁ ହୁଏ, କାରଣ ତା'ଭିତରୁ କିଛି ଅନ୍ତର୍ହିତ ହୋଇଯିବାର ଆଦୌ କୌଣସି ପ୍ରଶ୍ନହିଁ ନ ଥାଏ । ତେଣୁ, ଏହି ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ସେଥିରେ ଏହିପରି ଅପରୋକ୍ଷ, ପ୍ରାୟ ନୃଶଂସ ଓ ନିରଙ୍କୁଶ ଏକ ପରିବର୍ତ୍ତନ ପ୍ରକୃତରେ ଏକ ଦୁର୍ବିପାକ ପରି ଅନୁଭୂତ ହୋଇଥାଏ ।

ମୋ' ସମସ୍ୟାଟି ଲାଗି ମୋତେ ଏହିଭଳି ଏକ ଉତ୍ତର ମିଳିଛି ।

ତାହା ଏହିପରି ହୋଇଥିବାରୁ ମୁଁ ଆଶ୍ଚର୍ଯ୍ୟ ହୋଇ ''କାହିଁକି ? ମୁଁ ଯିଏକି...'' ବୋଲି ପ୍ରଶ୍ନ କରିବାରେ ଲାଗିଥିଲି । ଯେକୌଣସି ମୁହୂର୍ତ୍ତରେ ମଧ୍ୟ ମୋତେ କେବଳ ଏତିକି (ଊର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ କରି ଦେଖାଇଦେଲେ) କରିବାକୁ ପଡୁଛି ଏବଂ ତା'ପରେ... ତା'ପରେ କେବଳ ସେହି ପ୍ରଭୁଙ୍କ ବ୍ୟତୀତ, କେବଳ ସେହି ପରମତତ୍ ବ୍ୟତୀତ ଆଉ କିଛିହେଲେ ଦୃଷ୍ଟିଗୋଚର ହେଉ ନାହିଁ । ମାତ୍ର, ଏହି ଅନୁଭୂତିଟି ଏଡ଼େ ସଂପୂର୍ଣ୍ଣ ଭାବରେ ହେଉଛି ଯେ, ଯାହାକିଛି ସିଏ ନୁହନ୍ତି, ତାହା ସଙ୍ଗେ ସଙ୍ଗେ ଅନ୍ତର୍ହିତ ହୋଇ ଯାଉଛି ! ମାତ୍ର, ବର୍ତ୍ତମାନ ଅନୁପାତଟି ଏପରି ହୋଇ ରହିଛି ଯେ, (ମାଆ ହସିଲେ) ପ୍ରକୃତରେ ବହୁସଂଖ୍ୟକ ବସ୍ତୁକୁ ଅନ୍ତର୍ହିତ ହୋଇଯିବାକୁ ପଡୁଛି !

ମୁଁ ତାହା ଭଲଭାବରେ ବୁଝିପାରିଛି ।

୧୭ ଓ ୨୪ ଅଗଷ୍ଟ, ୧୯୬୩

**୯୫. କେବଳ ବାସନାର ସମ୍ପୂର୍ଣ୍ଣ ପରିତ୍ୟାଗ ଅଥବା ବାସନାର ସମ୍ପୂର୍ଣ୍ଣ ପରିତର୍ପଣ ଦ୍ୱାରା ଭଗବାନଙ୍କର ସଂପୂର୍ଣ୍ଣ ଆଲିଙ୍ଗନକୁ ଅନୁଭବ କରିହେବ । କାରଣ ଦୁଇଟିଯାକ କ୍ଷେତ୍ରରେହିଁ ତାହାର ଅସଲ ପୂର୍ବସର୍ତ୍ତଟିର ପୂରଣ ହୋଇପାରୁଛି,– ଅର୍ଥାତ୍ ବାସନାର ବିଲୋପ ଘଟୁଛି ।**

ବାସନାର ସଂପୂର୍ଣ୍ଣ ପରିତର୍ପଣ କଦାପି ସମ୍ଭବ ନୁହେଁ– ଆଦୌ ସମ୍ଭବ ନୁହେଁ । ବାସନାର ପୂର୍ଣ୍ଣ ପରିତ୍ୟାଗ ମଧ୍ୟ ସମ୍ଭବ ନୁହେଁ । ତୁମେ ଗୋଟିଏ ବାସନାକୁ ତ୍ୟାଗ କର ଓ ପୁଣି ଆଉଗୋଟିଏ ବାସନା ଆସି ପହଞ୍ଚିଯାଏ । ତେଣୁ, ଆପେକ୍ଷିକ ଦୃଷ୍ଟିରୁ ଦୁଇଟିଯାକ ଅସମ୍ଭବ; ଏକମାତ୍ର ସମ୍ଭବ କଥା ହେଉଛି ଯେ, ଆମେ ଏପରି ଏକ ସ୍ଥିତିରେ ପ୍ରବିଷ୍ଟ ହୋଇ ରହିବା, ଯେଉଁଠାରେ କି ଆଦୌ କୌଣସି ବାସନା ନ ଥିବ ।

(ମା' ଦୀର୍ଘ ସମୟ ନୀରବ ରହିଲେ)

ଭାରି ଦୁଃଖର କଥା ଯେ, ମୋ’ ପାଖକୁ ଏହି ଯେତେ ଯାହାସବୁ ଅନୁଭୂତି ଆସୁଛି, ସେଗୁଡ଼ିକୁ ମୁଁ ଟିପି କରି ରଖି ପାରୁ ନାହିଁ । କାରଣ, ଏହି ଗତ କେତେ ଦିନ ହେଲା ଏବଂ ଏକ ପୂର୍ଣ୍ଣ ଅବଧି ଯାବତ୍, ବ୍ୟକ୍ତିରୂପୀ ଯନ୍ତ୍ରଟି ଦେଇ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ ଏବଂ ସ୍ୱୟଂକ୍ରିୟ ଭାବରେ ଆପଣାକୁ ଉକୁଟାଇ ଆଣୁଥିବା ସେହି ସର୍ବୋଚ୍ଚ ପରମ ଇଚ୍ଛାର ଅଭିବ୍ୟକ୍ତି ଲାଭ କରୁଥିବାର ସେହି ଅସଲ କ୍ରିୟାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ମୋ’ର ବୋଧଗମ୍ୟ ହୋଇଯାଇ ପାରୁଛି । ହୁଏତ ଏପରି ମଧ୍ୟ କୁହାଯାଇ ପାରିବ ଯେ— କାରଣ ମନ ସଂପୂର୍ଣ୍ଣ ଭାବରେ ସ୍ଥିର ରହିଛି, ଏକାବେଳେକେ ସ୍ଥିର ଅଛି— ତାହା ଶରୀରର ମଧ୍ୟଦେଇ ବି ବୋଧଗମ୍ୟ ହୋଇପାରୁଛି । ଏବଂ, ସେହି ଅନ୍ୟ ମୁହୂର୍ତ୍ତଟିର ମଧ୍ୟ ଏକ ସ୍ପଷ୍ଟ ଅବବୋଧ ହୋଇପାରୁଛି, ଯେତେବେଳେ କି ଦିବ୍ୟ ପରମ ଇଚ୍ଛାର ଏହି ଅଭିବ୍ୟକ୍ତି ମେଘାଚ୍ଛାଦିତ ହୋଇ ରହିଯାଉଛି— ବିକୃତ ହୋଇପଡୁଛି— କାରଣ, ସେହି କ୍ଷେତ୍ରରେ ବାସନା, ବାସନାର ସେହି ବିଶେଷ ସ୍ପନ୍ଦନଟି ଆସି ପ୍ରବିଷ୍ଟ ହୋଇଯାଉଛି, ଯାହାରକି ଆପଣାର ଏକ ସ୍ୱକୀୟ ଧର୍ମ ରହିଛି ଏବଂ ଯାହାପଛରେ ଆପାତତଃ ଏକାଧିକ କାରଣ ରହିଛି । ଏହାକୁ ଯେ ସବୁକ୍ଷେତ୍ରରେ କୌଣସି ବସ୍ତୁ ଲାଗି ଏକ ପିପାସା ବା ଏକ ପ୍ରୟୋଜନ ବୋଲି ଅଥବା କୌଣସି ବସ୍ତୁ ପ୍ରତି ଏକ ଆସକ୍ତି ବୋଲି କୁହାଯିବ, ସେକଥା ଆଦୌ ନୁହେଁ; ମାତ୍ର ଆହୁରି ଅନ୍ୟ କେତେ କାରଣରୁ ମଧ୍ୟ ଠିକ୍ ସେହି ସ୍ପନ୍ଦନଟି ଗତିଶୀଳ ହୋଇ ପାରୁଛି,— ଉଦାହରଣ ସ୍ୱରୂପ, ଅଭିବ୍ୟକ୍ତ ହେଉଥିବା ଇଚ୍ଛାଟି ବେଳେବେଳେ ସେହି ସର୍ବୋଚ୍ଚ ପରମ ଇଚ୍ଛାର ଅଭିବ୍ୟକ୍ତି ପରି ବୋଧ ହେଉଛି ଅଥବା ଅନ୍ତତଃ ଭୁଲ୍ କରି ତାହାକୁ ସେହିପରି ବିଚାର କରା ଯାଉଛି । ମାତ୍ର, ସ୍ପଷ୍ଟତଃ ସର୍ବୋଚ୍ଚ ପରମ ଇଚ୍ଛାର ଅଭିବ୍ୟକ୍ତି ରୂପେ ଘଟୁଥିବା ସେହି ଅପରୋକ୍ଷ କ୍ରିୟା ଏବଂ ସେଥିରୁ ଯେଉଁ ପରିଣାମଟି ଉପୁଜିବା ଉଚିତ ଥିଲା ବୋଲି ଆମେ ଭାବିଥିଲୁ,— ଦୁଇଟି ମଧ୍ୟରେ ବି ଗୋଳମାଳ ଉପସ୍ଥିତ ହେଉଛି;— ଆମେ ଅଧିକାଂଶ ସମୟରେହିଁ ଏହି ଭୁଲଟିକୁ କରିଥାଉ । ଆମର ଏପରି ଭାବିବା ଗୋଟିଏ ଅଭ୍ୟାସ ହୋଇଯାଇଛି ଯେ, ଆମେ ଯେତେବେଳେ ଯାହା ପାଇବା ପାଇଁ ଇଚ୍ଛା କରୁଛୁ, ତାହା ଅବଶ୍ୟ ଆମପାଖକୁ ଆସିବା ଉଚିତ, କାରଣ ଆମର ଦୃଷ୍ଟିର ବ୍ୟାସଟି ସର୍ବଦା ଅତ୍ୟନ୍ତ କ୍ଷୁଦ୍ର ହୋଇ ରହିଛି — ଅତ୍ୟନ୍ତ କ୍ଷୁଦ୍ର ଓ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି; ତା’ ବଦଳରେ ଆମର ଏପରି ଏକ ସମଗ୍ର ଦୃଷ୍ଟି ଥାଆନ୍ତା, ଯାହାକି ଆମକୁ ଦେଖାଇଦେଇ ପାରିଥାନ୍ତା ଯେ, ଆଉ କେତେକ ଅନ୍ୟ ସ୍ପନ୍ଦନକୁ କ୍ରିୟାଶୀଳ କରିବା ଲାଗିହିଁ ଏହି ବିଶେଷ ସ୍ପନ୍ଦନଟିର ଏକ ଆବଶ୍ୟକତା ରହିଥିଲା ଏବଂ ଏଗୁଡ଼ିକର **ସମଗ୍ର** ସମାହାରଟି ଦ୍ୱାରାହିଁ ଯାହାକିଛି ଫଳ ଫଳିବାର ଫଳିବ । ତେଣୁ, ଯାହା ଫଳ ଫଳିବ, ତାହା କଦାପି ନିର୍ଗତ ଏହି ଗୋଟିଏ ସ୍ପନ୍ଦନର ପରିଣାମରୂପେ ଘଟିବ ନାହିଁ ।

ମୋ'ର ଏହି କଥାଟି ସ୍ପଷ୍ଟ ହୋଇ ପାରିଲା କି ନାହିଁ କେଜାଣି, ମାତ୍ର ମୋ'ର ସତତ ଠିକ୍ ଏହିପରି ଅନୁଭୂତି ହୋଇଛି ।

ବସ୍ତୁତଃ, ଏହି ଅବଧିଟି ମଧ୍ୟରେ, ମୁଁ ଏହି ବ୍ୟାପାରଟିକୁ ଅଧ୍ୟୟନ କରିଛି, ତାହାକୁ ନିରୀକ୍ଷଣ କରି ଦେଖିଛି । ଆମର ଏହି କ୍ଷୁଦ୍ର ନିତ୍ୟପ୍ରାତ୍ୟହିକ କ୍ରିୟାଗୁଡ଼ିକ ମଧ୍ୟରେ କିପରି ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ନିର୍ଗତ ହୋଇ ଆସୁଥିବା ଇଚ୍ଛାଟିର ସ୍ପନ୍ଦନ ସହିତ କିପରି ବାସନାଜାତ ସ୍ପନ୍ଦନଟି ଆସି ଏକାଠି ମିଶିଯାଉଛି,— ମୁଁ ସେହି କଥାଟିକୁ ନିରୀକ୍ଷଣ କରି ଦେଖିଛି । ଏବଂ, ଯଦି ଆମେ ଊର୍ଦ୍ଧ୍ୱରୁ ଆସୁଥିବା ଏହି ଦୃଷ୍ଟିଟି ବିଷୟରେ ସଚେତନ ହୋଇ ରହିବାକୁ ଯତ୍ନଶୀଳ ହୋଇଥିବା, ଊର୍ଦ୍ଧ୍ୱର ସେହି ଦୃଷ୍ଟିର ସାହାଯ୍ୟରେ ଆମେ ଅବଶ୍ୟ ଦେଖିପାରିବା କିପରି ନିର୍ଗତ ହୋଇ ଆସିଥିବା ସେହି ସ୍ପନ୍ଦନଟି ପ୍ରକୃତରେ ସର୍ବୋଚ୍ଚ ପରମସତ୍ତାଙ୍କଠାରୁହିଁ ଉତ୍ସାରିତ ହୋଇ ଆସିଛି । ମାତ୍ର, ଉପରିଭାଗର ଚେତନା ଦ୍ୱାରା ପ୍ରତ୍ୟାଶିତ ସେହି ଅପରୋକ୍ଷ ଫଳଟିକୁ ଲାଭ କରିବା ପରିବର୍ତ୍ତେ ଆହୁରି ନାନା ସ୍ପନ୍ଦନକୁ ଏକ ସମଗ୍ର କ୍ରମରେ ପ୍ରକୃତରେ କ୍ରିୟାଶୀଳ କରିବା ଲାଗିହିଁ ଏହି କ୍ଷେତ୍ରରେ ଅଭିପ୍ରାୟ ରହିଥିଲା, ଯେପରିକି ଅଧିକ ଦୂରବର୍ତ୍ତୀ ଓ ଅଧିକ ସଂପୂର୍ଣ୍ଣ ଆଉଗୋଟିଏ ଫଳ ଉପଲବ୍ଧ ହୋଇ ପାରିବ । ଏଠାରେ ମୁଁ ବିଶ୍ୱସ୍ତରରେ ରହିଥିବା କୌଣସି ବୃହତ୍ ବସ୍ତୁ ବା ବୃହତ୍ କାର୍ଯ୍ୟଗୁଡ଼ିକର କଥା କହୁ ନାହିଁ । ମୁଁ ଜୀବନରେ ଘଟୁଥିବା ଅତି ସାନ ସାନ କଥା ବିଷୟରେ କହୁଛି । ଉଦାହରଣ ସ୍ୱରୂପ, ଯେତେବେଳେ ତୁମେ କାହାକୁ ''ମୋତେ ଅମୁକ ଜିନିଷଟି ଦିଅନ୍ତୁ'' ବୋଲି କହୁଛ, ସିଏ ହୁଏତ ସେତେବେଳେ ସେହି ଜିନିଷଟିକୁ ଦେବା ପରିବର୍ତ୍ତେ, ତୁମ କଥାଟିକୁ ବୁଝିପାରୁ ନାହାନ୍ତି ଓ ଆଉଗୋଟିଏ କିଛି ଆଣି ଦେଉଛନ୍ତି; ତେଣୁ, ଯଦି ଆମେ ଏକ ବ୍ୟାପକ ଦୃଷ୍ଟି ରଖିବାକୁ ଯତ୍ନବାନ୍ ନ ହେବା, ତେବେ ହୁଏତ ତା'ଫଳରେ ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନ ସଂଘଟିତ ହେବ, ଉଦାହରଣ ସ୍ୱରୂପ ଧୈର୍ଯ୍ୟହୀନତା ଅଥବା ଅସନ୍ତୋଷର ସ୍ପନ୍ଦନ ଜାତ ହେବ ଏବଂ ତା'ସହିତ ଏପରି ଏକ ଧାରଣା ମଧ୍ୟ ହେବ ଯେ, ପରମେଶ୍ୱରଙ୍କଠାରୁ ଆସୁଥିବା ସ୍ପନ୍ଦନଟିକୁ ମୋତେ ବୁଝି ହେଉ ନାହିଁ ଏବଂ ଗ୍ରହଣ କରି ହେଉ ନାହିଁ; ଏବଂ, ଧୈର୍ଯ୍ୟହୀନତାର ଏହି ଯେଉଁ ଅଧିକା କ୍ଷୁଦ୍ର ସ୍ପନ୍ଦନଟି ହେବ, ଅଥବା ବସ୍ତୁତଃ, ଯାହା ଘଟୁଛି, ତାହାକୁ ନ ବୁଝୁଥିବାର ସ୍ପନ୍ଦନଟି, ଅର୍ଥାତ୍ ଗ୍ରହଣଶୀଳତା ବା ଅନୁସ୍ପନ୍ଦନର ଅଭାବ ରହିଛି ବୋଲି ଏହି ଯେଉଁ ଧାରଣା, — ତାହାକୁ ଗୁଣଗତ ଦୃଷ୍ଟିରୁ ଏକ ବାସନାର ସମଜାତୀୟ ବୋଲି କୁହାଯାଇ ପାରିବ — ଏହାକୁ ଗୋଟାସୁଦ୍ଧା ବାସନା ବୋଲି କୁହାଯିବ ନାହିଁ ସତ, ମାତ୍ର ତଥାପି ଏହି କ୍ଷେତ୍ରରେ ସ୍ପନ୍ଦନଟି ତାହାର ସମଜାତୀୟ ହୋଇ ରହିଥିବ, — ଏହିପରି ଏକ ବସ୍ତୁ ଆସି ସବୁକିଛିକୁ ଭାରି ଜଟିଳ କରି ପକାଇଥାଏ । ଯଦି ଆମର ସେହି ସଂପୂର୍ଣ୍ଣ ଓ ଯଥାର୍ଥ ଦୃଷ୍ଟିଟି ରହିଥାଏ,

ତେବେ ଆମେ ଅବଶ୍ୟ ଜାଣିପାରୁ ଯେ, ''ମୋତେ ଅମୁକ କଥାଟି ଦିଅନ୍ତୁ'' କହିଲେ ତଦ୍ଦ୍ୱାରା ଅପରୋକ୍ଷ ଫଳଟି ଉତ୍ପନ୍ନ ନ ହୋଇ ଆଉକିଛି ଉତ୍ପନ୍ନ ହେବ ଏବଂ ଏହି ଅନ୍ୟ କଥାଟି ଏପରି ଆଉକିଛିକୁ ନିଷ୍ପନ୍ନ କରି ଆଣିବ, ଯାହାକୁ କି, ଯଥାର୍ଥରେ ଯାହା ଉଚିତ, ତାହାହିଁ ବୋଲି କୁହାଯିବ । ମୋ' କଥାକୁ ମୁଁ ସ୍ପଷ୍ଟଭାବରେ ବୁଝାଇ ପାରୁଛି କି ନାହିଁ ମୁଁ ଜାଣେ ନାହିଁ, – ଏହା ବରଂ ଭାରି ଜଟିଳ ହୋଇଗଲା ପରି ମନେ ହେଉଛି । ମାତ୍ର, ଯଥାର୍ଥ ପରମ ଇଚ୍ଛାର ସ୍ପନ୍ଦନ ଓ ବାସନାର ସ୍ପନ୍ଦନ ମଧ୍ୟରେ ଯେଉଁ ଫରକଟି ରହିଛି, ମୁଁ ଏହାରି ଦ୍ୱାରାହିଁ ତାହାକୁ ବୁଝି-ପାରିଲି; ଏବଂ, ଏକ ଅଧିକ ପ୍ରଶସ୍ତ ଏବଂ ଅଧିକ ସମଗ୍ର ଦୃଷ୍ଟି ଦ୍ୱାରା ବାସନାର ଏହି ସ୍ପନ୍ଦନଟିକୁ ଦୂର କରିପାରିବାର ଯେଉଁ ସମ୍ଭାବନା ରହିଛି, ମୁଁ ସେଇଟିକୁ ମଧ୍ୟ ବୁଝିପାରିଲି । ଅଧିକ ପ୍ରଶସ୍ତ, ଅଧିକ ସମଗ୍ର ଓ ଅଧିକ ଦୂରକୁ ଦେଖି ପାରୁଥିବା ଏକ ଦୃଷ୍ଟି, – ଅର୍ଥାତ୍, ବୃହତ୍ତର ସମଗ୍ରର ଏକ ଦୃଷ୍ଟି ଦ୍ୱାରା ତାହା ସମ୍ଭବ ହୋଇ ପାରିବ ।

ମୁଁ ଏହି କଥାଟି ଉପରେ ଅଧିକ ଜୋର୍ ଦେଇ କହୁଛି, କାରଣ ଏହାରି ଦ୍ୱାରାହିଁ ଯାବତୀୟ ନୈତିକ ବିଷୟର ଦୂରୀକରଣ ହୋଇପାରୁଛି । ଏହାଦ୍ୱାରା ବାସନାର ଏହି ନିନ୍ଦନୀୟ ଧାରଣାର ମଧ୍ୟ ଦୂରୀକରଣ ସମ୍ଭବ ହେଉଛି । ସେହି ଦୃଷ୍ଟି ଫଳରେ ଭଲ ଓ ମନ୍ଦ, ଠିକ୍ ଓ ଭୁଲ୍, ଉଚ୍ଚ ମାନ ଓ ନୀଚ ମାନ ପ୍ରଭୃତି ଯାବତୀୟ ଧାରଣା ଅଧିକରୁ ଅଧିକ ପରିମାଣରେ ଦୂର ହୋଇ ଯାଉଛି । ଯାହାକୁ ହୁଏତ ଏକ ସ୍ପନ୍ଦନଗତ ଗୁଣ ବୋଲି କୁହାଯାଇ ପାରିବ, ଏହି କ୍ଷେତ୍ରରେ ତାହାରି ଏକ ପାର୍ଥକ୍ୟ ରହିଛି, – ''ଗୁଣ'' ବୋଲି କହିଲେ ମଧ୍ୟ ଉଚ୍ଚମାନତା ଏବଂ ନୀଚମାନତାର ଏକ ଧାରଣା ଆସି ପହଞ୍ଚି ଯାଉଛି । ଏହା ପ୍ରକୃତରେ ଗୁଣ ନୁହେଁ, ସଘନତା ମଧ୍ୟ ନୁହେଁ । ଗୋଟିଏ ସ୍ପନ୍ଦନକୁ ଆଉ ଗୋଟିଏ ସ୍ପନ୍ଦନରୁ ଅଲଗା କରି ଦେଖାଇବା ବେଳେ କେଉଁ ବୈଜ୍ଞାନିକ ଶବ୍ଦର ବ୍ୟବହାର ହୁଏ ମୁଁ ଜାଣେ ନାହିଁ; ମାତ୍ର ମୁଁ ପ୍ରକୃତରେ ସେତିକି କହିବାକୁ ଚାହୁଁଛି ।

ତେଣୁ, ଏଠାରେ ଉଲ୍ଲେଖଯୋଗ୍ୟ ହେଉଛି ଯେ, ପରମେଶ୍ୱରଙ୍କ ପାଖରୁ ଯେଉଁ ସ୍ପନ୍ଦନଟି ଆସୁଛି, – ତାହାକୁ ସେହି ସ୍ପନ୍ଦନର ଗୁଣାତ୍ମକତା ବୋଲି ହୁଏତ କୁହାଯାଇ ପାରିବ,– ତାହା ହେଉଛି ଏକ ଗଠନଧର୍ମୀ ସ୍ପନ୍ଦନ – ଏହା ଗଠନ କରେ, ଶାନ୍ତ ଓ ଆଲୋକନଯୁକ୍ତ ହୋଇ ରହିଥାଏ । ମାତ୍ର, ଅନ୍ୟ ପକ୍ଷରେ, ବାସନାର ସ୍ପନ୍ଦନ ବା ସେହି ଜାତୀୟ ଅନ୍ୟ ଯାବତୀୟ ସ୍ପନ୍ଦନ ସବୁକିଛିକୁ ଜଟିଳ କରିପକାଏ, ନଷ୍ଟ କରିଦିଏ, ଗୋଳମାଳ କରିଦିଏ ଓ ବିକୃତ କରିଦିଏ – ସେଗୁଡ଼ିକୁ ବିକୃତ ଓ ଗୋଳମାଳ କରିଦିଏ, ଭାରି କୁଟିଳ କରିପକାଏ । ଏବଂ, ତାହାରି ଫଳରେ ଆଲୋକଟି ମଧ୍ୟ ଅପସରିଯାଏ; ଏକ ଧୂସରତାର ସୃଷ୍ଟି ହୁଏ, ଏବଂ ଅନ୍ୟ ନାନାବିଧ ପ୍ରଚଣ୍ଡ କ୍ରିୟାତ୍ମକତାମାନ ତାହାକୁ

ଆହୁରି ସଘନ କରି ଅତ୍ୟନ୍ତ କୃଷ୍ଣବର୍ଣ୍ଣ ଛାଇରେ ପରିଣତ କରିଦେବାର ମଧ୍ୟ ଆଶଙ୍କା ରହିଥାଏ । ମାତ୍ର ଏପରିକି, ଯେତେବେଳେ ସେହି କ୍ଷେତ୍ରରେ କୌଣସି ଆବେଗପ୍ରବଳତା ନ ଥାଏ, ଯେତେବେଳେ ତାହା ପକ୍ଷରୁ ଆଦୌ କୌଣସି ହସ୍ତକ୍ଷେପ ହୁଏ ନାହିଁ, ସେତେବେଳେ ମଧ୍ୟ ତାହା ସେହିପରି ହୋଇ ରହିଥାଏ । ସେତେବେଳେ ଭୌତିକ ସତ୍ୟଭୂମିଟି କେବଳ ଏପରି ନାନା ସ୍ପନ୍ଦନର ଏକ କ୍ଷେତ୍ରରେ ପରିଣତ ହୋଇ ଯାଇଥାଏ, ଯେଉଁମାନେ କି ପରସ୍ପର ସହିତ ଆସି ମିଶି ଯାଉଥା'ନ୍ତି ଓ ଆହୁରି ଦୁର୍ଭାଗ୍ୟର କଥା ଯେ, ସେମାନେ ପରସ୍ପର ସହିତ ଧକ୍କା ଖାଇ ସଂଘାତର ବି ସୃଷ୍ଟି କରୁଥା'ନ୍ତି । ଏବଂ, ଯେଉଁ ସ୍ପନ୍ଦନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଅଜ୍ଞାନର ସ୍ପନ୍ଦନ ବୋଲି କୁହାଯିବ, ସେହିଗୁଡ଼ିକ ଦ୍ୱାରା ସୃଷ୍ଟ ହେଉଥିବା ବିକ୍ଷୋଭ, ବିଶୃଙ୍ଖଳା ଏବଂ ଦ୍ୱନ୍ଦ୍ୱଗୁଡ଼ାକର ଚରମ ପ୍ରତିକ୍ରିୟା ରୂପେହିଁ ସେହି ସଂଘାତ ଓ ଦ୍ୱନ୍ଦ୍ୱ ଜନ୍ମଲାଭ କରିଥାଏ । ଆମେ ଯଥାର୍ଥ ଜ୍ଞାନଟିକୁ ଲାଭ କରି ନ ଥାଉ ବୋଲି ସେପରି ହୁଏ । ସେହି ସ୍ପନ୍ଦନଗୁଡ଼ିକ ଅଜ୍ଞାନରୁହିଁ ନିଷ୍ପନ୍ନ ହୋଇଥା'ନ୍ତି— ଏବଂ ଅତ୍ୟନ୍ତ କ୍ଷୁଦ୍ର, ଅତ୍ୟନ୍ତ ସୀମିତ ଓ ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ରହିଥା'ନ୍ତି । ସେତେବେଳେ ସମସ୍ୟାଟିର କୌଣସି ମନୋଭୂମିଗତ ଅବବୋଧ ସମ୍ଭବ ହୁଏ ନାହିଁ : ସେହି କ୍ଷେତ୍ରରେ କେବଳ ସ୍ପନ୍ଦନଗୁଡ଼ିକହିଁ ଉପସ୍ଥିତ ଥାଆନ୍ତି ।

ଯଦି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ତାହାର ବିଚାର କରାଯାଏ,... ମନର ଭୂମି ଉପରେ ବିଚାର କଲେ ଏହାକୁ ବୁଝିବା ଅତ୍ୟନ୍ତ ସହଜ । ପ୍ରାଣିକ ଭୂମିରେ ମଧ୍ୟ ତାହା କରିବା କଷ୍ଟକର ହୁଏ ନାହିଁ । ଦୈହିକ ଭୂମିରେ ଅପେକ୍ଷାକୃତ ଅଧିକ ଆୟାସ କରିବାକୁ ହୁଏ, କାରଣ ସେଠାରେ ତାହା ନାନା ''ଆବଶ୍ୟକତା''ର ଆକାର ଗ୍ରହଣ କରିଥାଏ । ମାତ୍ର, ଗତ କେତେ ଦିନରେ ଏହି କ୍ଷେତ୍ରରେ ମଧ୍ୟ କେତେକ ଅନୁଭୂତି ସମ୍ଭବ ହୋଇଛି : ଶରୀରର ଗଠନ, ତାହାର ନାନା ଆବଶ୍ୟକତା, ତା'ଲାଗି କ'ଣ ଭଲ ଓ କ'ଣ ମନ୍ଦ, ଏହିସବୁ ବିଷୟରେ ଚିକିତ୍ସାଶାସ୍ତ୍ର ଓ ବିଜ୍ଞାନରେ ରହିଥିବା ଧାରଣାଗୁଡ଼ିକର ଏକ ଅଧ୍ୟୟନ ସମ୍ଭବ ହୋଇଛି; — ଏବଂ ସେଥିରୁ ଉପଲବ୍ଧ ହେଉଥିବା ନିଷ୍କର୍ଷ ମଧ୍ୟ ଆମକୁ ସ୍ପନ୍ଦନସମ୍ବନ୍ଧୀ ସେହି ସମାନ ପ୍ରଶ୍ନଟିର କ୍ଷେତ୍ରରେ ଆଣି ପହଞ୍ଚାଇ ଦେଇଛି । ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇଥିଲା : ଏକ ଆକୃତି ଥିଲା— ସାଧାରଣ ଚେତନାରେ ଯେପରି ସବୁବସ୍ତୁକୁ ଦେଖାଯାଏ ସେହିପରି ଏକ ନିଛକ ଆକୃତି ଥିଲା— ଖାଦ୍ୟ ବିଷାକ୍ତୀକରଣର ଏକ ଆକୃତି ଥିଲା ଏବଂ ପ୍ରକୃତରେ ଏହାହିଁ କାରଣ ଥିଲା ନା ବିଷାକ୍ତୀକରଣ ଏକ ଉପଲକ୍ଷ୍ୟ ମାତ୍ର ଏହି ବିଷୟରେ ସ୍ଥିର କରିବା ପାଇଁ ଚାଲିଲା ଏକ ବିଶେଷ ଅଧ୍ୟୟନ, ଅର୍ଥାତ୍ ଅଜ୍ଞାନତା ଓ କୌଣସି ମନ୍ଦ ପ୍ରତିକ୍ରିୟା ଉପରେ ଓ ଯଥାର୍ଥ ସ୍ପନ୍ଦନର ଅଭାବରୁ ସେପରି ଘଟିଲା କି ନାହିଁ ଏହି ଆଧାର ଉପରେ ଗବେଷଣା ଚାଲିଥିଲା । ଶେଷରେ ଏହି

ସିଦ୍ଧାନ୍ତଟି ମିଳିଲା ଯେ, ଏହା ହେଉଛି ପରିମାଣଗତ ଆନୁପାତିକତାର ଏକ ସମସ୍ୟା;— ପରମେଶ୍ୱରଙ୍କଠାରୁ ନିଷ୍ପନ୍ନ ହୋଇ ଆସୁଥିବା ସ୍ପନ୍ଦନଗୁଡ଼ିକର ମୋଟ ପରିମାଣ ଏବଂ ତଥାପି ଅସ୍ପଷ୍ଟତା ଭିତରେ ରହିଥିବା ସ୍ପନ୍ଦନଗୁଡ଼ିକର ପରିମାଣ,— ଏବଂ ଉଭୟ ମଧ୍ୟରେ ରହିଥିବା ଆନୁପାତିକତା । ଏବଂ, ସେହି ଆନୁପାତିକତା ଅନୁସାରେ ତାହା କୌଣସି ଏକ ମୂର୍ତ୍ତ ବା ବାସ୍ତବ ଆକାର ଧାରଣ କରିଥାଏ କିଂବା ଏପରି କିଛି ହୋଇ ରହେ, ଯାହାକୁ କି ଦୂର କରିହେବ, ଅର୍ଥାତ୍, ଯାହାକି ପରମସତ୍ୟର ସ୍ପନ୍ଦନଗତ ପ୍ରଭାବ ପ୍ରତି ଆଦୌ କୌଣସି ପ୍ରତିରୋଧ ବ୍ୟକ୍ତ କରୁ ନାହିଁ । ଏବଂ, ଏହା ପ୍ରକୃତରେ ଖୁବ୍ ଆଗ୍ରହୋଦ୍ଦୀପକ ହୋଇ ରହିଥିଲା, କାରଣ, ଶରୀରର କ୍ରିୟାକ୍ଷେତ୍ରରେ ଉପୁଜିଥିବା ବ୍ୟାଘାତଟିର କାରଣ ଯେମିତି ଚେତନାକୁ ଜଣାଇ ଦିଆଗଲା,— ତାହା କେଉଁଠୁ ଆସୁଛି ଓ ତାହାର ପ୍ରକୃତ ସ୍ୱଭାବଟି କ'ଣ, ଚେତନା ତାହା ସ୍ୱୟଂ ଦେଖିପାରିଲା,— ସଙ୍ଗେସଙ୍ଗେ ଯାବତୀୟ ଅବଲୋକନ ''ଦେଖାଯାଉ, କ'ଣ ଘଟୁଛି'',— ଏହିପରି ଏକ ଧାରଣାରୁ ଆରମ୍ଭ ହୋଇଗଲା । ପ୍ରଭୁଙ୍କର ଇଚ୍ଛା ବ୍ୟତୀତ କଦାପି କିଛି ଘଟିବ ନାହିଁ, ଫଳଟି ମଧ୍ୟ ସେହି ପ୍ରଭୁଙ୍କର ଇଚ୍ଛା ଅନୁସାରେହିଁ ପ୍ରାପ୍ତ ହେବ, ଏବଂ ତେଣୁ ଆମେ କେବଳ ସଂପୂର୍ଣ୍ଣ ଭାବରେ ସ୍ଥିର ହୋଇ ରହିବା,— ଏହିପରି ଏକ ଦୃଢ଼ ନିଶ୍ଚୟତା ସହିତ,— ତାହା ସର୍ବଦା ବର୍ତ୍ତମାନ ରହିଥାଏ— ସର୍ବପ୍ରଥମେ ଶରୀରକୁ ଏକ ପୂର୍ଣ୍ଣ ବିଶ୍ରାମର ସ୍ଥିତିରେ ନେଇ ରଖିବାକୁ ହେବ । ଏହିପରି ଭାବରେ ଶରୀର ସମ୍ପୂର୍ଣ୍ଣ ଭାବରେ ଶାନ୍ତ ଓ ବିକ୍ଷୋଭମୁକ୍ତ ହୋଇ ରହିବ, ଆଦୌ ଚାଞ୍ଚଲ୍ୟ ପ୍ରକାଶ କରୁ ନ ଥିବ, କୌଣସି ପ୍ରକାର ସ୍ପନ୍ଦନ ବ୍ୟକ୍ତ କରୁ ନ ଥିବ— ସଂପୂର୍ଣ୍ଣ ଭାବରେ ସ୍ଥିର ହୋଇ ରହିଥିବ । ଏବଂ ତା'ପରେ, ପରିଣାମଗୁଡ଼ିକୁ ପ୍ରକୃତରେ କେତେ ଦୂର ଅନିବାର୍ଯ୍ୟ ବୋଲି କୁହାଯିବ ? ଦେହ ପାଇଁ ଓ ଦେହଗତ ପ୍ରାଣ ପାଇଁ ପ୍ରତିକୂଳ ଉପାଦାନକୁ ବହନ କରୁଥିବା କିଛି ପରିମାଣର ବସ୍ତୁ ଯଦି ମିଶିଯାଇଥାଏ, ତେବେ ଅନୁକୂଳ ଓ ପ୍ରତିକୂଳ ଉପାଦାନ ଗୁଡ଼ିକର ବା ଅନୁକୂଳ ଓ ପ୍ରତିକୂଳ ସ୍ପନ୍ଦନଗୁଡ଼ିକର ଅନୁପାତ କେତେ ? ଏହା ନିର୍ଣ୍ଣୟ କରିବାକୁ ହେବ । ତା'ପରେ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିଥିଲି ଯେ, ଶରୀରର କୋଷଗୁଡ଼ିକ କେତେ ସଂଖ୍ୟାରେ ତାଙ୍କର ପ୍ରତ୍ୟକ୍ଷ ପ୍ରଭାବ ମଧ୍ୟରେ ରହିଥିଲେ, ତାହାରି ଅନୁସାରେହିଁ ସେହି ଅନୁପାତରେ ତାରତମ୍ୟ ଦେଖାଯାଉଛି । କେବଳ ସେହି କୋଷଗୁଡ଼ିକହିଁ ସର୍ବୋଚ୍ଚ ସ୍ପନ୍ଦନଟି ଲାଗି ଅନୁସ୍ପନ୍ଦନ ଜ୍ଞାପନ କରୁଛନ୍ତି, ଏବଂ ଅନ୍ୟଗୁଡ଼ିକ ଏବେସୁଦ୍ଧା ସ୍ପନ୍ଦନର ସେହି ସାଧାରଣ ଧାରାର ବୃତ୍ତଟି ଭିତରେ ରହିଛନ୍ତି । ଏହା ପ୍ରକୃତରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥିଲା, କାରଣ ସେହି କ୍ଷେତ୍ରରେ ଯାବତୀୟ ସମ୍ଭାବନା ମଧ୍ୟ ଦୃଷ୍ଟିଗୋଚର ହୋଇ ପାରୁଥିଲା; — ଏକ ପକ୍ଷରେ ଏହି ସାଧାରଣ ପିଣ୍ଡଟି, ଯାହାକି ଏହି ଅନୁପ୍ରବେଶ ଦ୍ୱାରା

ଏକାବେଳେକେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା ଏବଂ ଯାହାର କ୍ଷେତ୍ରରେ କି ଅବାଞ୍ଛିତ ଉପାଦାନଟିରୁ ମୁକ୍ତିଲାଭ କରିବାକୁ ସାଧାରଣ ଯାବତୀୟ ପ୍ରଣାଳୀରେ ସଂଗ୍ରାମ କରିବାକୁ ପଡୁଥିଲା; ଏବଂ ଅନ୍ୟ ପକ୍ଷରେ, କୋଷଗୁଡ଼ିକ ସେହି ସର୍ବୋଚ୍ଚ ପରମଶକ୍ତିଙ୍କ ଲାଗି ସଂପୂର୍ଣ୍ଣ ଭାବରେ ଅନୁସ୍ପନ୍ଦନ ଜଣାଇବାରେ ଲାଗିଥିଲେ,— ଯାହାର ଫଳସ୍ୱରୂପ ଉକ୍ତ ଅନୁପ୍ରବେଶର ଆଦୌ କୌଣସି ପରିଣାମ ଘଟିବା ସମ୍ଭବ ହେଉ ନ ଥିଲା । ମାତ୍ର ଏହା ତଥାପି ସେହି ଆଗାମୀ କାଲିରହିଁ ସ୍ୱପ୍ନ ହୋଇ ରହିଛି,— ଆମେ କେବଳ ତାହାରି ଉଦ୍ଦେଶ୍ୟରେ ଅଧବାଟରେହିଁ ଅଛୁ । ଏବଂ ଅନୁପାତଟି ମଧ୍ୟ ବେଶ୍ ଅନୁକୂଳ ହୋଇଯାଇଛି,— ଏହାକୁ ମୁଁ ସର୍ବଶକ୍ତିଶାଳୀ ବୋଲି ଆଦୌ କହୁ ନାହିଁ, ତାହା ହେବାକୁ ଅନେକ ବାଟ ବାକି ଅଛି,— ତଥାପି ବେଶ୍ ଅନୁକୂଳ ହୋଇଗଲାଣି, ଯାହାର ଅର୍ଥ ହେଉଛି ଯେ, ଅଶାନ୍ତିର ପରିଣାମଗୁଡ଼ିକ ଆଦୌ ଅଧିକ କାଳ ସ୍ଥାୟୀ ହୋଇ ନ ଥିଲେ, ଏବଂ ତଜ୍ଜନିତ କ୍ଷତି ମଧ୍ୟ ପ୍ରକୃତରେ ଅତ୍ୟନ୍ତ ଅଳ୍ପ ହୋଇଥିଲା ।

ମାତ୍ର, ବର୍ତ୍ତମାନ ହେଉଥିବା ଏହି ଯାବତୀୟ ଅନୁଭୂତି, ଗୋଟିଗୋଟି କରି— ଶରୀରର ଏହି ଯାବତୀୟ ଭୌତିକ ଅନୁଭୂତି,— ଏହି ସବୁଯାକ ସେହି ଗୋଟିଏ ସତ୍ୟୋପଲବ୍ଧିରେ ଯାଇ ଶେଷ ହେଉଛି : ଉପାଦାନଗୁଡ଼ିକ କେଉଁ ଅନୁପାତରେ ସଂପୂର୍ଣ୍ଣ ଭାବରେ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ପ୍ରଭାବ ପ୍ରତି ଅନୁସ୍ପନ୍ଦନ ଜଣାଉଛନ୍ତି, କେତେ ଅନୁପାତର ଉପାଦାନ ଅଧା-ଅଧା ଅବସ୍ଥାରେ ରହିଛନ୍ତି, ରୂପାନ୍ତର ଆଡ଼କୁ ଗତି କରିବାରେ ଲାଗିଛନ୍ତି; ଏବଂ, କେତେ ଉପାଦାନ ତଥାପି ଜଡ଼ସ୍ତରର ସେହି ପୁରାତନ ସ୍ପନ୍ଦନ ପ୍ରକ୍ରିୟାଟି ମଧ୍ୟରେ ରହିଛନ୍ତି,— ସବୁକିଛି ତାହାରି ଉପରେ ନିର୍ଭର କରୁଛି । ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ହେବା ପରି ଲାଗୁଛି, ଅତି ବେଗରେ ହ୍ରାସ ହୋଇଯାଉଥିବା ପରି ବୋଧ ହେଉଛି,— ମାତ୍ର ତଥାପି ଅସୁଖକର ପରିଣାମ ବା ପ୍ରତିକ୍ରିୟା ଘଟାଇବା ଲାଗି ସେମାନେ ବେଶ୍ ଯଥେଷ୍ଟ ସଂଖ୍ୟାରେ ରହିଛନ୍ତି,— ସେଗୁଡ଼ିକର ରୂପାନ୍ତରୀକରଣ ହୋଇ ନାହିଁ । ସେଗୁଡ଼ିକ ତଥାପି ଏହି ସାଧାରଣ ଜୀବନର ଅନ୍ତର୍ଗତ ହୋଇ ରହିଛନ୍ତି । ମାତ୍ର ପ୍ରତ୍ୟେକ ସମସ୍ୟା— ତାହା ମନୋଭୂମିର ହୋଇଥାଉ, ସମ୍ପୂର୍ଣ୍ଣ ଜଡ଼ସ୍ତରର ଅଥବା ରାସାୟନିକ କ୍ଷେତ୍ରର ହୋଇଥାଉ ପଛକେ, ସମସ୍ତ ସମସ୍ୟାଟି ବସ୍ତୁତଃ ଏହିଠାରେ ଆସି ପହଞ୍ଚୁଛି : ସେଗୁଡ଼ିକ କେବଳ ସ୍ପନ୍ଦନ, ସ୍ପନ୍ଦନ ବ୍ୟତୀତ ପ୍ରକୃତରେ ଆଉ କିଛି ନୁହନ୍ତି । ଏହି କ୍ଷେତ୍ରରେ ସ୍ପନ୍ଦନଗୁଡ଼ିକର ଏହି ସମଗ୍ରତା ବିଷୟରେ ଏକ ଅବବୋଧ ଅର୍ଜନ କରିବାର ସମସ୍ୟା ରହିଛି, ଏବଂ, ଅତ୍ୟନ୍ତ ସ୍ଥୂଳ ଏବଂ ଅନୁମାନସାପେକ୍ଷ ଭାବରେ ଆମେ ଯାହାକୁ ଗଠନାତ୍ମକ ଏବଂ ଧ୍ୱଂସାତ୍ମକ ସ୍ପନ୍ଦନଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟ ବୋଲି କହିପାରିବା, ତାହାକୁ ଅବବୋଧ କରିବାର ସମସ୍ୟାଟି ମଧ୍ୟ ରହିଛି ।

ଆମେ କହିପାରିବା ଯେ– ଏହା କେବଳ କହିବାର ଏକ ପ୍ରଣାଳୀ ମାତ୍ର,– ଯେଉଁ ସ୍ପନ୍ଦନଗୁଡ଼ିକ ସେହି ପରମ ଅଦ୍ୱିତୀୟଙ୍କଠାରୁ ନିଷ୍ପନ୍ନ ହୋଇ ଆସୁଛନ୍ତି ଓ କେବଳ ସେହି ପରମ ଏକତ୍ୱକୁହିଁ ବ୍ୟକ୍ତ କରୁଛନ୍ତି, ସେଗୁଡ଼ିକ ହେଉଛନ୍ତି ଗଠନାତ୍ମକ; ଏବଂ, ଆମର ଏହି ବିଭେଦଧର୍ମୀ ସାଧାରଣ ଚେତନାର ଯାବତୀୟ ଜଟିଳତାମାନ ଆମକୁ ଧ୍ୱଂସ ଆଡ଼କୁ ପରିଚାଳିତ କରି ନେଇଯାଉଛି ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏକଥା ସର୍ବଦା କୁହା ଯାଇଥାଏ ଯେ, ବାସନାରୁହିଁ ଅନର୍ଥଗୁଡ଼ିକର ସୃଷ୍ଟି ହୋଇଥାଏ ଏବଂ ବସ୍ତୁତଃ ତାହାହିଁ ହୁଏ । ଇଚ୍ଛାଶକ୍ତିର ସ୍ପନ୍ଦନ ସହିତ ଯୁକ୍ତ ହେବାକୁ ଆସୁଥିବା ଏକ ଉପାଦାନକୁ ଆମେ ବାସନା ବୋଲି କହି ପାରିବା । ସେହି ଇଚ୍ଛାଶକ୍ତି– ଯେତେବେଳେ ତାହା ଆପଣାକୁ ଅଭିବ୍ୟକ୍ତ କରୁଥିବା ସେହି ଏକମାତ୍ର ପରମ ଇଚ୍ଛା ଅର୍ଥାତ୍ ସେହି ସର୍ବୋଚ୍ଚ ପରମ ଇଚ୍ଛା ହୋଇ ରହିଥାଏ, ସେତେବେଳେ ତାହା ଅପରୋକ୍ଷ ଭାବରେ ଆପଣାକୁ ବ୍ୟକ୍ତ କରେ– ସେହି କ୍ଷେତ୍ରରେ ସମ୍ଭାବ୍ୟ ଆଦୌ କୌଣସି ଅନର୍ଥ ରହି ନ ଥାଏ; ଏବଂ ତେଣୁ, ଯାହାକିଛି ବିଳମ୍ବ ଘଟାଏ, ବାଧା ଦିଏ, ଜଟିଳତା ସୃଷ୍ଟି କରେ ବା ଏପରିକି ବିଫଳତା ଘଟାଏ, ସେଥିରେ **ଅବଶ୍ୟମ୍ଭାବୀ ଭାବରେ** ବାସନାହିଁ ମିଶ୍ରିତ ହୋଇ ରହିଥାଏ ।

ଏହି କଥାଟିକୁ ଆମେ ପ୍ରତ୍ୟେକ ବସ୍ତୁରେ ଦେଖିବାକୁ ପାଇବା । ଉଦାହରଣ ସ୍ୱରୂପ, କୌଣସି ବାହ୍ୟ କ୍ଷେତ୍ରର, ବାହ୍ୟ ଜଗତର ଓ ବାହ୍ୟ ବସ୍ତୁଗୁଡ଼ିକର ସଂକ୍ରାନ୍ତରେ କରା ଯାଉଥିବା ଏକ କାର୍ଯ୍ୟର କଥା ବିଚାର କରାଯାଉ । ଅବଶ୍ୟ ଏକଥା ସତ ଯେ, ତାହାକୁ ''ବାହ୍ୟ'' ବୋଲି କହିବାର ଅର୍ଥ ହେଉଛି କେବଳ ଆପଣାକୁ ଏକ ଭ୍ରମାତ୍ମକ ଅବସ୍ଥାରେ ଆଣି ପକାଇଦେବା; ମାତ୍ର, ଉଦାହରଣ ସ୍ୱରୂପ, ଏକ ଉଚ୍ଚତର ଚେତନା, ପରମ ସତ୍ୟଚେତନାରେ ଥାଇ ତୁମେ ଜଣେ ବ୍ୟକ୍ତିକୁ ''ଯାଅ'' ବୋଲି କହିଲ,– ଲକ୍ଷ ଲକ୍ଷ ଏହିପରି ଦୃଷ୍ଟାନ୍ତରୁ ଏଠାରେ ମୁଁ କେବଳ ଗୋଟିଏ ମାତ୍ର ଦେଉଛି– ତୁମେ କହିଲ : ''ଯାଅ ଓ ଅମୁକ ବ୍ୟକ୍ତି ସହିତ ସାକ୍ଷାତ କର ଏବଂ ସମୁକ ପଦାର୍ଥଟିକୁ ପାଇବା ଲାଗି ତାକୁ ଅମୁକ କଥାଟି କହ ।'' ଯଦି ସେହି ବ୍ୟକ୍ତି ଯଥାର୍ଥରେ ଗ୍ରହଣଶୀଳ ହୋଇଥାନ୍ତି, ଆପଣା ଭିତରେ ସ୍ଥିର ଓ ସମର୍ପିତ ହୋଇ ରହିଥା'ନ୍ତି, ତେବେ ସିଏ ନିଶ୍ଚୟ ଯିବେ, ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବେ, ତାଙ୍କୁ ଯାହା କହିବାର କଥା କହିବେ ଓ ତେଣୁ ଉଦ୍ଦିଷ୍ଟ କାର୍ଯ୍ୟଟି ମଧ୍ୟ ସାଧିତ ହୋଇଯିବ । ଏବଂ, ସେଥିରେ ଆଦୌ **କୌଣସି** ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ମାତ୍ର, ଯଦି ଏହି ବ୍ୟକ୍ତିଙ୍କର ଏକ ସକ୍ରିୟ ମାନସିକ

ଚେତନା ରହିଥିବ, ଯଦି ପୂର୍ଣ୍ଣ ବିଶ୍ୱାସ ନ ଥିବ, ଯଦି ସେ ଅହଂ ଏବଂ ଅଜ୍ଞାନ ଦ୍ୱାରା ଆହୃତ ଆହୁରି କେତେକ'ଣ ଉପାଦାନର ଏକ ସମ୍ମିଶ୍ରଣ ହୋଇ ରହିଥିବେ, ତେବେ ସେ ନାନା ଅସୁବିଧା ପାଇବେ, ସମାଧାନ କରିବାକୁ ରହିଥିବା ନାନା ସମସ୍ୟା ଦେଖିବାକୁ ପାଇବେ, ଯାବତୀୟ ଜଟିଳତାକୁ ମଧ୍ୟ ଦେଖିବାକୁ ପାଇବେ,– ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନେକ ସମୟରେ ଏହିସବୁ କଥା ଘଟିଥାଏ । ଏବଂ, ଠିକ୍ ସେହି ଅନୁପାତରେ– ସବୁକିଛି ସର୍ବଦା ଅନୁପାତରହିଁ ଏକ ପ୍ରଶ୍ନ ହୋଇ ରହିଥାଏ– ଏବଂ ସେଇ ଅନୁପାତରେ ସେହି କ୍ଷେତ୍ରରେ ଜଟିଳତାମାନ ଆସି ପହଞ୍ଚିବ, ଅଧିକ ସମୟ ଯିବ, କାର୍ଯ୍ୟରେ ବିଳମ୍ବ ଘଟିବ, ଅଥବା, ଆହୁରି ଅଧିକ ଖରାପ ବି ହୋଇ ସେଥିରେ ନାନା ବିକୃତି ଆସି ପହଞ୍ଚିବ, ଯେପରି ଘଟିବା ଉଚିତ ଥିଲା, ସେପରି ଆଦୌ ଘଟିବ ନାହିଁ, ବଦଳିଯିବ, ସ୍ଖଳନ ଘଟିବ, ବିକୃତ ହୋଇଯିବ ବା ଶେଷରେ କାର୍ଯ୍ୟଟି ହୁଏତ ସମ୍ପାଦିତ ମଧ୍ୟ ହୋଇ ପାରିବ ନାହିଁ । ଏହି କ୍ଷେତ୍ରରେ ଏହିପରି ଅନେକ ମାତ୍ରା ରହିଛି, ମାତ୍ର ସେଗୁଡ଼ିକୁ ସେହି ଜଟିଳତାର ପକ୍ଷଟି ମଧ୍ୟରେହିଁ ଅନ୍ତର୍ଭୁକ୍ତ କରାଯାଇ ପାରିବ– ସବୁଗୁଡ଼ାକ ମାନସିକ ନାନା ଜଟିଳତା ଏବଂ ବାସନାକୁହିଁ ପ୍ରକଟ କରୁଥିବ । ମାତ୍ର ଅନ୍ୟ କ୍ଷେତ୍ରଟିରେ ସବୁକିଛି ସିଧା ସିଧା ହୋଇଯିବ । ଏହିଭଳି ଘଟଣାର ଅଗଣିତ ଉଦାହରଣମାନ ରହିଛି– ଏହିଭଳି ଯାବତୀୟ ଘଟଣାର– ଏବଂ, ଆଦୌ କୌଣସି ଜଟିଳତା ନ ଘଟି ସିଧା କାର୍ଯ୍ୟସମ୍ପାଦନ ହୋଇ ପାରୁଥିବା ଘଟଣାଗୁଡ଼ିକର ଉଦାହରଣ ମଧ୍ୟ ରହିଛି । ସେତେବେଳେ ଲୋକେ ତୁମକୁ କହିବାକୁ ଆସିବେ : ''ଆପଣ ପ୍ରକୃତରେ ଏକ ଅଦ୍ଭୁତ ସାଧନ ସମ୍ଭବ କଲେ !'' ପ୍ରକୃତରେ ତାହା କୌଣସି ଅଦ୍ଭୁତ ସାଧନ ହୋଇ ନ ଥାଏ : ସର୍ବଦା କେବଳ ସେହିପରିହିଁ ହେବା ଉଚିତ । ଏହା ସମ୍ଭବ ହେଲା, କାରଣ ମଧ୍ୟବର୍ତ୍ତୀ ଉପାଦାନଟି ବାଧା ହୋଇ କାର୍ଯ୍ୟଟି ସହିତ ନିଜକୁ ଆଦୌ ଯୋଡ଼ିକରି ରଖି ନ ଥିଲା ।

କଥାଟି ସ୍ପଷ୍ଟ ହୋଇ ପାରିଲା କି ନାହିଁ କେଜାଣି ? ତଥାପି...

ତେଣୁ କ୍ଷୁଦ୍ରତମ ବସ୍ତୁଗୁଡ଼ିକର କ୍ଷେତ୍ରରୁ ଆରମ୍ଭ କରି ସମସ୍ତ ବିଶ୍ୱସ୍ତରୀୟ କୌଣସି କାର୍ଯ୍ୟ ପର୍ଯ୍ୟନ୍ତ ମଧ୍ୟ ଏହାର ପରିସର ପ୍ରସାରିତ ହୋଇ ରହିଛି । ଜାଗତିକ କ୍ରିୟାର କ୍ଷେତ୍ରରେ ମଧ୍ୟ ଏପରି ଦୃଷ୍ଟାନ୍ତମାନ ରହିଛି, ଯେତେବେଳେ କି କୌଣସି ଭଲ ମାଧ୍ୟମ ଥାଏ ତେବେ କାର୍ଯ୍ୟଗୁଡ଼ିକ ଏହି ରୀତିରେ ସାଧିତ । ଏହି କଥାଟି କିପରି ହେଲା, କାହିଁକି ହେଲା, କେହି ସେକଥା ବୁଝିପାରି ନାହାନ୍ତି । ମାତ୍ର ସବୁକିଛି ସମୁଚିତ ଏବଂ ଉତ୍ତମ ଭାବରେ ଘଟିଛି । ମାତ୍ର ଅନ୍ୟ କ୍ଷେତ୍ର ଗୁଡ଼ିକରେ, ସାମାନ୍ୟ ଅନୁମତିପତ୍ରଟିଏ ପାଇବା ସକାଶେ ମଧ୍ୟ ପର୍ବତ ଟାଳିବା ଆବଶ୍ୟକ ହୋଇଛି । ତେଣୁ, କ୍ଷୁଦ୍ରତମ ବସ୍ତୁ, ସାମାନ୍ୟତମ ଶାରୀରିକ ଅସୁସ୍ଥତାଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ବୃହତ୍ କ୍ରିୟାଗୁଡ଼ିକ

ପର୍ଯ୍ୟନ୍ତ ସେହି ଗୋଟିଏ ନିୟମହିଁ କାର୍ଯ୍ୟକାରୀ ହୋଇ ରହିଛି, ସବୁକିଛି ସେହି ଗୋଟିଏ ନିୟମରେ ପରିଚାଳିତ ହେଉଛି ।

(୪ ନଭେମ୍ବର, ୧୯୬୩)

**୯୬. ଶାସ୍ତ୍ରର ସତ୍ୟକୁ ତୁମେ ନିଜ ଆତ୍ମାରେ ଅନୁଭବ କର; ଏବଂ ପରେ, ଯଦି ତୁମେ ସେପରି ମନେକର, ତେବେ ବୁଦ୍ଧିର ବିଶ୍ଳେଷଣ ଦ୍ୱାରା ନିଜର ସେହି ଅନୁଭୂତିକୁ ତୁମେ ବୌଦ୍ଧିକ ମାର୍ଗରେ କହି ମଧ୍ୟ ଦିଅ ଏବଂ ଏପରିକି ତା'ପରେ ନିଜର ସେହି ବିବୃତିଟିକୁ ଅବିଶ୍ୱାସ ମଧ୍ୟ କର । ମାତ୍ର ନିଜର ଅନୁଭୂତିଟିକୁ କଦାପି ଅବିଶ୍ୱାସ କର ନାହିଁ ।**

ଏହି ସୂତ୍ରଟି ଲାଗି ଆଦୌ କୌଣସି ବ୍ୟାଖ୍ୟା ଆବଶ୍ୟକ ହେବ ନାହିଁ ।

ଅର୍ଥାତ୍, ପିଲାମାନଙ୍କୁ ଏହିପରି ବୁଝାଇ ଦିଆଯିବା ଉଚିତ ଯେ, ସେହି ବିବୃତି, **ତାହା ଯାହା ହୋଇଥାଉ ପଛକେ**, ଏବଂ ସେହି ଶାସ୍ତ୍ରବାକ୍ୟଗୁଡ଼ିକ, **ସେସବୁ ଯାହା ହୋଇଥାଆନ୍ତୁ ପଛକେ**, ସେଗୁଡ଼ିକୁ ସର୍ବଦା ସଂପୃକ୍ତ ଏକ ଅନୁଭୂତିରହିଁ ଅକ୍ଷମାକୃତି ବ୍ୟାଖ୍ୟା ବୋଲି ଗ୍ରହଣ କରିବାକୁ ପଡ଼ିବ । ସେଗୁଡ଼ିକ ସର୍ବଦା ପ୍ରକୃତ ଅନୁଭବରୁ ଅନେକ ଅଳପ ହୋଇହିଁ ରହିଥା'ନ୍ତି ।

ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ହୁଏତ ଏହି କଥାଟିକୁ ଜାଣିବା ଦରକାର ।

**୯୭. ଯେତେବେଳେ ତୁମେ ନିଜର ଆତ୍ମୋପଲବ୍ଧିକୁ ଠିକ୍ ବୋଲି ଜାହିର କରି ଆଉଜଣକର ଅନ୍ୟପ୍ରକାରର ଆତ୍ମୋପଲବ୍ଧିକୁ ଅସ୍ୱୀକାର କରୁଛ, ସେତେବେଳେ ତୁମର ଜାଣି ରଖିବା ଉଚିତ ଯେ ପରମେଶ୍ୱର ତୁମକୁ ବୋକା ବନାଇବାରେ ଲାଗିଛନ୍ତି । ତୁମ ଆତ୍ମାର ପର୍ଦାଗୁଡ଼ିକ ପଛରୁ ତୁମେ କ'ଣ ତାଙ୍କର ଆତ୍ମବିନୋଦନପୂର୍ଣ୍ଣ ହାସ୍ୟଧ୍ୱନିକୁ ଶୁଣି ପାରୁ ନାହିଁ ?**

ଭାରି ବଢ଼ିଆ ସୂତ୍ରଟିଏ । ଶୁଣିବା ବେଳକୁ ମନ ଖୁସୀ ହୋଇଯାଉଛି । ଆମେ ସ୍ମିତ ହାସ୍ୟର ସହ କେବଳ ଏତିକି କହିପାରିବା, ''ନିଜର ଅନୁଭବଟିକୁ କଦାପି ସନ୍ଦେହ କରିବ ନାହିଁ, କାରଣ ତୁମର ଅନୁଭବ ତୁମ ସତ୍ତାର ଏକ ସତ୍ୟ ବ୍ୟତୀତ ଆଉ କିଛି

ନୁହେଁ । ମାତ୍ର ତାହାକୁ ଏକ ବିଶ୍ୱଜନୀନ ସତ୍ୟ ବୋଲି ଭାବିବାର ଭୁଲ ତୁମେ କେବେ କରିବ ନାହିଁ । ଏବଂ ସେହି ସତ୍ୟଟିର ଆଧାର ଉପରେ ତୁମେ କେବେହେଲେ ଅନ୍ୟମାନଙ୍କର ସତ୍ୟକୁ ଅସ୍ୱୀକାର କରିବ ନାହିଁ, କାରଣ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ, ତାହାର ଅନୁଭବ ତା' ସତ୍ତାରେ ରହିଥିବା ସତ୍ୟଟିକୁହିଁ ବ୍ୟକ୍ତ କରୁଥାଏ । ଏବଂ, ଏହିସବୁ ବ୍ୟକ୍ତି-ସତ୍ୟକୁ ଏକତ୍ର କରି ଯେଉଁ ସମଗ୍ରତାର ଉପଲବ୍ଧି ହେବ, ତାହାହିଁ ସଂପୂର୍ଣ୍ଣ ସତ୍ୟ... ଅବଶ୍ୟ ତା' ସହିତ ସ୍ୱୟଂ ପରମେଶ୍ୱରଙ୍କର ଅନୁଭବଟିକୁ ମଧ୍ୟ ସଂଯୁକ୍ତ କରି ରଖିବାକୁ ପଡ଼ିବ ।''

**୯୮. ସତ୍ୟୋଦ୍‌ଘାଟନ ହେଉଛି : ସତ୍ୟର ପ୍ରତ୍ୟକ୍ଷ ଦର୍ଶନ, ଶ୍ରବଣ ଓ ଅନ୍ତଃପ୍ରେରିତ ଶ୍ରବଣ– ଦୃଷ୍ଟି, ଶ୍ରୁତି, ସ୍ମୃତି; ଏହାହିଁ ସର୍ବୋଚ୍ଚ ଅନୁଭୂତି ଏବଂ ତାହା ସର୍ବଦା ନବୀକୃତ ଯାବତୀୟ ଅନୁଭବ ଲାଗି ଅଭିଗମ୍ୟ ହୋଇ ରହିଥାଏ । ଭଗବାନଙ୍କ ମୁଖନିଃସୃତ ବାଣୀ ବୋଲି ନୁହେଁ, ଆତ୍ମା ତାହାକୁ ପ୍ରତ୍ୟକ୍ଷ କରିଥିବା ହେତୁହିଁ ଏହା ସତ୍ୟ ଏବଂ ଆମର ସର୍ବୋଚ୍ଚ ପ୍ରାମାଣିକ ଆପ୍ତବାକ୍ୟ ।**

ମୁଁ ଭାବୁଛି, ମୋଜେସ୍ ଭଗବାନଙ୍କଠାରୁ ଯେଉଁ ''ଅନୁଜ୍ଞାମାନ'' ଲାଭ କରିଥିଲେ ଓ ସେସବୁ ସ୍ୱୟଂ ଭଗବାନଙ୍କ ମୁଖରୁ ଉଚ୍ଚାରିତ ହୋଇଥିଲା ଓ ମୋଜେସ୍ ତାହା ଶ୍ରବଣ କରିଥିଲେ ବୋଲି ବାଇବେଲ୍‌ରେ ଯେଉଁ ବିଶ୍ୱାସାନୁମାନ ରହିଛି, ଏହି ସୂତ୍ରରେ ତାହାରି ଏକ ଉତ୍ତର ଦିଆଯାଇଛି । ଏହାଦ୍ୱାରା ପରୋକ୍ଷ ଭାବରେ କୁହାଯାଇଛି ଯେ, (ମାଆ ହସିଲେ) ଏହା କଦାପି ସମ୍ଭବ ନୁହେଁ ।

''ଆମର ସର୍ବୋଚ୍ଚ ପ୍ରାମାଣିକ ଆପ୍ତବାକ୍ୟ''... ''କାରଣ ଆତ୍ମାହିଁ ତାହାକୁ ପ୍ରତ୍ୟକ୍ଷ କରିଥିବା ହେତୁ''– ମାତ୍ର ଯେଉଁ ଆତ୍ମା ତାହାକୁ ପ୍ରତ୍ୟକ୍ଷ କରିଥିଲା, କେବଳ ସେହି ଆତ୍ମା ଲାଗିହିଁ ତାହା ଏକ ସର୍ବୋଚ୍ଚ ପ୍ରାମାଣିକ ଆପ୍ତବାକ୍ୟ ହୋଇ ପାରିବ, ସମସ୍ତଙ୍କର ଆତ୍ମାଲାଗି କଦାପି ହେବ ନାହିଁ । କାରଣ, ଯେଉଁ ଆତ୍ମାର ଏହି ଅନୁଭବ ହୋଇଥିଲା ଏବଂ ଯିଏ ତାହାର ପ୍ରତ୍ୟକ୍ଷ କରିଥିଲା, ତାହାରି ପାଇଁ ଏହା ସର୍ବୋଚ୍ଚ ପ୍ରମାଣ, ଅନ୍ୟମାନଙ୍କ ଲାଗି ନୁହେଁ ।

ସାନ ପିଲାଟିଏ ହୋଇଥିବା ସମୟରେ ମୁଁ ଯେତେଯେତେ ବିଷୟରେ ଭାବୁଥିଲି, ଏଇଟି ହେଉଛି ସେଥିମଧ୍ୟରୁ ଗୋଟିଏ : ମୁଁ ଏହି ଦଶଗୋଟି ''ଅନୁଜ୍ଞା'' ବିଷୟରେ ଭାବୁଥିଲି । ପ୍ରକୃତରେ ଦେଖିଲେ ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ନିତାନ୍ତ ସାଧାରଣ କଥା । ତୁମେ ତୁମ ବାପାଙ୍କୁ ଓ ମାଆଙ୍କୁ ଭଲ ପାଇବ... କାହାର ପ୍ରାଣ ନେବ ନାହିଁ...

ଏଗୁଡ଼ାକ ଏଡ଼େ ସାଧାରଣ କଥା ଯେ, କାହିଁକି ଏଗୁଡ଼ାକୁ ଏପରି ଅସାଧାରଣ ଭାବରେ ଉଲ୍ଲେଖ କରାଯାଇଛି, ସେଥିପାଇଁ ମନ ଭିତରେ କେହି ସତେଅବା ବିଦ୍ରୋହ କରିଉଠେ । ଏବଂ, ସେହି କଥାଗୁଡ଼ିକୁ ଶୁଣିବା ଲାଗି ମୋଜେସ୍‌ଙ୍କୁ ସିନାଇ ପର୍ବତ ଉପରକୁ ଯିବାକୁ ପଡ଼ିଥିଲା !

ଏହି ସୂତ୍ରଟିକୁ କହିଲାବେଳେ ଶ୍ରୀଅରବିନ୍ଦ ଭାରତୀୟ ଶାସ୍ତ୍ରଗୁଡ଼ିକ ବିଷୟରେହିଁ ଭାବୁଥିଲେ କି ନାହିଁ, ମୁଁ ସେକଥା ଜାଣି ନାହିଁ । ...କାରଣ ଚୀନ୍‌ରେ ମଧ୍ୟ ପ୍ରାଚୀନ ଧର୍ମଗ୍ରନ୍ଥମାନ ରହିଛି ।...

(ମାଆ ନୀରବ ରହିଲେ)

ମୋ'ର ଅଧିକରୁ ଅଧିକ ପରିମାଣରେ ଏହି ଅଭିଜ୍ଞତାଟି ହେବାରେ ଲାଗିଛି ଯେ, ଏକ ସତ୍ୟୋଦ୍‌ଘାଟନ ଦ୍ୱାରା ଯାହା ଆମର ଗୋଚରକୁ ଆସିଥାଏ,– ଏପରି ପ୍ରକୃତରେ ସମ୍ଭବ ହୁଏ– ତାହାକୁ ଆମେ ହୁଏତ ସମସ୍ତ ପୃଥିବୀ ଲାଗି ପ୍ରଯୁଜ୍ୟ ବୋଲି ଗ୍ରହଣ କରି ପାରିବା, – ମାତ୍ର ଏହାର ଆକାରଟି ସର୍ବଦା ବ୍ୟକ୍ତିଗତ ହୋଇ ରହିଥାଏ, ସର୍ବଦାହିଁ ବ୍ୟକ୍ତିଗତ ହୋଇ ରହିଥାଏ ।

ସତେଯେପରି ଏହି ଉଦ୍‌ଘାଟନ ଦ୍ୱାରା ପରମସତ୍ୟର ଗୋଟିଏ କୋଣ ଆମର ଦୃଷ୍ଟିଗୋଚର ହୋଇଯାଏ । ଏହାକୁ ଅଖଣ୍ଡନୀୟ ଭାବରେ କେବଳ ଗୋଟିଏ କୋଣ ବୋଲିହିଁ କହିବାକୁ ହେବ; ଯେଉଁ ମୁହୂର୍ତ୍ତରୁ ତାହାକୁ ଶବ୍ଦ ଦ୍ୱାରା ଅଭିବ୍ୟକ୍ତି କରାଯାଉଛି ସେହି ମୁହୂର୍ତ୍ତରୁ ତାହାକୁ କେବଳ ଗୋଟିଏ କୋଣ ବୋଲିହିଁ କୁହାଯିବ ।

ତୁମେ କୌଣସି ଗୋଟିଏ ପ୍ରକାରର ସ୍ପନ୍ଦନକୁ ଏକ ଶବ୍ଦାତୀତ ଓ ଭାବନାତୀତ ଅନୁଭୂତି ରୂପେ ଅନୁଭବ କଲ ଏବଂ ତାହା ତୁମକୁ ଏକ ସଂପୂର୍ଣ୍ଣ ସତ୍ୟର ଅନୁଭୂତି ଆଣି ଦେଇଗଲା; ଏବଂ ତା'ପରେ, ଯଦି ତୁମେ ଅତ୍ୟନ୍ତ ସ୍ଥିର ହୋଇ ରହିପାରିବ, ଆଦୌ କିଛି ହେଲେ ଜାଣିବା ଲାଗି କୌଣସି ଚେଷ୍ଟା କରିବ ନାହିଁ, ତେବେ କିଛି ସମୟ ପରେ ମନେହେବ, ସତେଯେପରି ସେହି ସ୍ପନ୍ଦନଟି ଗୋଟିଏ ଫିଲ୍‌ଟର୍ ମଧ୍ୟଦେଇ ଗତି କରି ଯାଉଛି ଏବଂ ଗୋଟିଏ ପ୍ରକାରର ଧାରଣାରୂପେ ତାହାର ଏକ ତର୍ଜମା ମଧ୍ୟ ହୋଇଯାଉଛି । ତା'ପରେ ଏହି ଧାରଣାଟି– ତାହା ତଥାପି ବଡ଼ ଅସ୍ପଷ୍ଟ ହୋଇ ରହିଥାଏ, ଅର୍ଥାତ୍ ଅତ୍ୟନ୍ତ ସ୍ଥୂଳାର୍ଥକ ହୋଇ ରହିଥାଏ,– ଯଦି ତୁମେ ତଥାପି ସେହିପରି ସ୍ଥିର ହୋଇ ରହିପାରିବ, ପୂର୍ଣ୍ଣ ମନୋଯୋଗ ରଖି ପାରିବ ଓ ନୀରବ ରହିପାରିବ, ତେବେ ସେହି ଧାରଣାଟି ଆଉଗୋଟିଏ ଫିଲ୍‌ଟର୍ ଦେଇ ଅତିକ୍ରମ କରିଯିବ ଏବଂ ତା'ପରେ ଗୋଟିଏ ପ୍ରକାରର ପ୍ରଗାଢ଼ୀକରଣ ଆରମ୍ଭ ହେବ, ସତେଯେପରି ତାହା ବିନ୍ଦୁବିନ୍ଦୁ ହୋଇ ଆକାର

ଧାରଣ କରୁଥିବା ପରି ମନେହେବ ଏବଂ ତା'ପରେ ତାହା ଶବ୍ଦରେ ରୂପାନ୍ତରିତ ହୋଇଯିବ ।

ମାତ୍ର ତା'ପରେ, ଯେତେବେଳେ ଅତ୍ୟନ୍ତ ଆନ୍ତରିକ ଭାବରେ ତୁମର ଏହି ଅନୁଭବଟି ହୋଇଯିବ,— ଅର୍ଥାତ୍, ଯେତେବେଳେ ତୁମେ ନିଜକୁ ଆଉ ମୋଟେ ବୋକା ବନାଉ ନ ଥିବ,— ସେତେବେଳେ ତାହା ସତ୍ୟାନୁଭବର କେବଳ ଗୋଟିଏ ବିନ୍ଦୁ ହୋଇହିଁ ରହିଥିବ, ବିଷୟଟିକୁ ବ୍ୟକ୍ତ କରିବାର କେବଳ **ଗୋଟିଏ ରୀତି** ହୋଇ ରହିଥିବ । ବାସ୍, ସେତିକି । ଏହା କଦାପି ତା'ଠାରୁ ଅଧିକ କିଛି ହେବ ନାହିଁ । ପୁନଶ୍ଚ, ଏହି କଥାଟିକୁ ମଧ୍ୟ ଅତି ସହଜରେ ଲକ୍ଷ୍ୟ କରିହେବ ଯେ, ଯେତେବେଳେ ତୁମେ ଏକ ବିଶେଷ ଭାଷା ପ୍ରୟୋଗ କରିବାରେ ଅଭ୍ୟସ୍ତ ହୋଇଯିବ, ସେତେବେଳେ ଅନୁଭବଟି ମଧ୍ୟ ଠିକ୍ ସେହି ଭାଷାରେ ଆସିବ । ମୋ' କ୍ଷେତ୍ରରେ ତାହା ସର୍ବଦା ଇଂରାଜୀରେ ଅଥବା ଫରାସୀରେ ଆସିଥାଏ । ଚୀନା ବା ଜାପାନୀ ଭାଷାରେ କେବେହେଲେ ଆସେ ନାହିଁ । ହଁ, ବେଳେବେଳେ ସେଥିରେ ହୁଏତ ଏକ ସଂସ୍କୃତ ଶବ୍ଦ ରହି ଯାଇଥାଏ, ମାତ୍ର ସେପରି ହୁଏ, କାରଣ ମୁଁ ପ୍ରକୃତରେ ସଂସ୍କୃତ ଭାଷା ଶିକ୍ଷା କରିଥିଲି । ମୁଁ ବେଳେବେଳେ — ପ୍ରକୃତ ଭୌତିକ ଭାବରେ ନୁହେଁ,— ଆଉଜଣେ ବ୍ୟକ୍ତି ସଂସ୍କୃତ ଶବ୍ଦ ଉଚ୍ଚାରଣ କରୁଥିବାର ଶୁଣିଛି । ମାତ୍ର ତାହା କେବେହେଲେ ସାକାର ହୁଏ ନାହିଁ, କେବଳ ଅସ୍ପଷ୍ଟ ହୋଇ ରହିଥାଏ । ଏବଂ ଯେତେବେଳେ ମୁଁ ଏକ ସମ୍ପୂର୍ଣ୍ଣ ଜଡ଼ଚେତନାର ଭୂମିକୁ ଚାଲିଆସେ, ସେତେବେଳେ କେବଳ ଏକ ଅସ୍ପଷ୍ଟ ଧ୍ୱନିହିଁ ମନେଥାଏ, କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଆଦୌ ମନେ ନ ଥାଏ । ତେଣୁ, ସୂତ୍ରବଦ୍ଧ ହେବାର ମୁହୂର୍ତ୍ତରୁହିଁ ଏହା **ସର୍ବଦା** ଏକ ବ୍ୟକ୍ତିର ଦୃଷ୍ଟିକୋଣରେହିଁ ପରିଣତ ହୋଇଯାଏ ।

ମାତ୍ର ଏଥିଲାଗି ଏକ **ଅତ୍ୟନ୍ତ କଠୋର** ନିଷ୍ଠା ରହିଥିବା ଉଚିତ । ଏହା ତୁମକୁ ଏକ ଉତ୍ସାହର ବଶବର୍ତ୍ତୀ କରି ରଖିଥାଏ, କାରଣ ଏହି ଅନୁଭବ ତୁମକୁ ଏକ ଅସାଧାରଣ ଶକ୍ତି ଆଣିଦିଏ : ସେହି ଶକ୍ତି ତାହାରି ଭିତରେହିଁ ରହିଥାଏ— ତାହାରି ଭିତରେ ରହିଥାଏ, ଶବ୍ଦରେ ବ୍ୟକ୍ତ ହେବା ପୂର୍ବରୁ ଅବଶ୍ୟ ରହିଥାଏ ଏବଂ ଶବ୍ଦର ପରିଚ୍ଛଦ ପିନ୍ଧିବା ସହିତହିଁ କ୍ରମେ କ୍ଷୀଣ ହୋଇଯାଏ— ମାତ୍ର ସେହି ଶକ୍ତି ଅବଶ୍ୟ ବିଦ୍ୟମାନ ଥାଏ ଏବଂ ସେହି ଶକ୍ତିର ବଳରେ ତୁମେ ଆପଣାକୁ ଅତ୍ୟନ୍ତ ବିଶ୍ୱଜନୀନ ହୋଇ ଯାଇଥିବା ପରି ଅନୁଭବ କରିଥାଅ, ତୁମେ ଅନୁଭବ କରୁଥାଅ : ''ଏକ ବିଶ୍ୱସତ୍ୟର ଉଦ୍‌ଘାଟନ ହୋଇଛି ।''— ହଁ, ପ୍ରକୃତରେ ଏକ ବିଶ୍ୱସତ୍ୟର ଉଦ୍‌ଘାଟନ ଘଟିଛି; ମାତ୍ର ତୁମେ ତାହାକୁ ଶବ୍ଦ ଦେଇ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ତାହା ଆଉ ମୋଟେ ବିଶ୍ୱଜନୀନ ହୋଇ ରହୁ ନାହିଁ; ଯେଉଁ ମୁଣ୍ଡଗୁଡ଼ିକ କେବଳ ଏହି ରୀତିରେ କୁହା ଯାଉଥିବା କଥାକୁ ବୁଝିବାକୁ ତିଆରି ହୋଇଛନ୍ତି,

କେବଳ ସେହି ମୁଣ୍ଡଗୁଡ଼ିକ ଲାଗି ତାହା ପ୍ରାସଙ୍ଗିକ ହୋଇ ରହୁଛି । ସେହି ଶକ୍ତିଟି ପଶ୍ଚାଦ୍‌ଭାଗରେ ରହିଛି, ମାତ୍ର ତୁମକୁ ଶବ୍ଦଗୁଡ଼ିକୁ ଅତିକ୍ରମ କରି ସେପାଖକୁ ଯିବାକୁ ପଡ଼ିବ ଓ ତେବେଯାଇ ହେବ ।

(ମାଆ ନୀରବ ରହିଲେ)

ଏହିଭଳି ବିଷୟମାନ ମୋ'ପାଖକୁ ଅଧିକରୁ ଅଧିକ ବାରଂବାର ଆସୁଛନ୍ତି ଓ ମୁଁ ସେଗୁଡ଼ିକୁ ଖଣ୍ଡେ କାଗଜ ଉପରେ ସର୍ବଦା ଟିପି ରଖୁଛି । ସର୍ବଦା କେବଳ ସେହି ଗୋଟିଏ ପ୍ରକ୍ରିୟାରେହିଁ ଏହି କଥାଟି ହେଉଛି । ସର୍ବପ୍ରଥମେ ସତେଅବା ଏକ ବିସ୍ଫୋରଣ ଘଟୁଛି— ସତ୍ୟ-ଶକ୍ତିର ଏକ ବିସ୍ଫୋରଣ ଘଟୁଛି— ସତେଯେପରି ଧଳାରଙ୍ଗର ଏକ ବୃହତ୍ ଆତସବାଜି ହୋଇ ବିସ୍ଫୋରଣଗୁଡ଼ାକ ଆସି ଅଜାଡ଼ି ହୋଇ ପଡୁଛି (ମାଆ ସ୍ମିତ ହସିଲେ); ଆମେ ସାଧାରଣତଃ ଯେଉଁସବୁ ଆତସବାଜିର ପ୍ରଦର୍ଶନ ଦେଖିଥାଉ, ଏହା ତାହାଠାରୁ ଅନେକ ବୃହତ୍ ! ଏବଂ ଏହା ଚକ୍ରି ବୁଲିବାରେହିଁ ଲାଗିଥାଏ (ମାଆ ମୁଣ୍ଡଉପରକୁ ଇଙ୍ଗିତ କଲେ), କେବଳ ମନ୍ଥନ କରିବାରେ ଲାଗିଥାଏ; ତା'ପରେ ଏକ ଧାରଣା ଦାନା ବାନ୍ଧି ଆସୁଥିବା ପରି ଅନୁଭବ ହୁଏ— ମାତ୍ର ସେହି ଧାରଣା ଅପେକ୍ଷାକୃତ ନିମ୍ନତର ହୋଇ ରହିଥାଏ, ସତେଅବା ଏକ ଢାଙ୍କୁଣୀ ପରି ହୋଇ ରହିଥାଏ;— ଧାରଣାଟି ମଧ୍ୟରେ ତା'ର ଆପଣାର ଏକ ଅବବୋଧ ରହିଥାଏ;— ଆଗରୁ ଅବବୋଧଟି ଅବଶ୍ୟ ରହିଥିଲା ସତ, ମାତ୍ର ତା'ସହିତ ଧାରଣାଟି ଆଦୌ ନ ଥିଲା, ଏବଂ ତେଣୁ ଅବବୋଧଟିର ଆଦୌ କୌଣସି ସଂଜ୍ଞା ନିରୂପଣ କରି ହେଉ ନ ଥିଲା । ଏହି କ୍ଷେତ୍ରରେ ସବୁବେଳେ ଗୋଟିଏ କଥା ନିଶ୍ଚୟ ରହୁଛି, ସତେଅବା ଏକ ପ୍ରଭାସ୍ୱର ମହାନ୍ ଶକ୍ତିର ବିସ୍ଫୋରଣ ଘଟିବାରେ ଲାଗିଛି । ଏବଂ, ତା'ପରେ, ଏହାର ଏକ ପରବର୍ତ୍ତୀ ପର୍ଯ୍ୟାୟରେ, ଯଦି ତୁମେ ତା' ଆଡ଼କୁ ଅନାଇ ଦେଖିବ ଏବଂ ଅତ୍ୟନ୍ତ ସ୍ଥିର ହୋଇ ରହିଥିବ,— ବିଶେଷ ଭାବରେ ତୁମର ମସ୍ତିଷ୍କ ସମ୍ପୂର୍ଣ୍ଣ ସ୍ଥିର ହୋଇ ରହିଥିବ— ସବୁକିଛି ନୀରବ ହୋଇ ଆସିବ (ମାଆ ଉପର ଆଡ଼କୁ ନିର୍ଦ୍ଦେଶ କରି ଗତିହୀନତାର ଇଙ୍ଗିତ କଲେ); ସେତେବେଳେ ହଠାତ୍ କେହି ଯେପରି ମୁଣ୍ଡ ଭିତରେ ତୁମକୁ କିଛି କହିବାକୁ ଆରମ୍ଭ କରିବ— କେହିଜଣେ ତୁମକୁ କ'ଣ କହୁଥିବ । ପ୍ରକୃତରେ ସେହି ବିସ୍ଫୋରଣହିଁ କହୁଥିବ । ସେତେବେଳେ ମୁଁ ହାତରେ କାଗଜ ପେନ୍‌ସିଲ୍ ଧରି ବସେ ଓ ଲେଖିବାକୁ ଆରମ୍ଭ କରେ । ମାତ୍ର, ଯିଏ କହୁଛି ଏବଂ ଯିଏ ଲେଖୁଛି, ତା'ଭିତରେ ଅତିକ୍ରମ କରିବା ଭଳି ତଥାପି ଏକ ବ୍ୟବଧାନ ରହିଥାଏ, ଯେପରିକି, ଯେତେବେଳେ ତାହା ଲେଖା ହୋଇଯାଏ, ସେତେବେଳେ ଉପରେ ଥିବା

କେହି ସତେଯେପରି ଆଦୌ ସନ୍ତୁଷ୍ଟ ହୋଇପାରୁ ନ ଥାଏ । ତେଣୁ, ମୁଁ ଆଉ କିଛି ସମୟ ସେହିପରି ନୀରବ ହୋଇ ରହେ– ''ନାଇଁ ନାଇଁ, ସେହି ଶବ୍ଦଟି ମୋଟେ ନୁହେଁ, ଏହି ଶବ୍ଦଟି ଠିକ୍''– ବେଳେବେଳେ ଏକ ଚୂଡ଼ାନ୍ତ ନିର୍ଣ୍ଣୟରେ ପହଞ୍ଚିବା ଲାଗି ଦୁଇ ଦୁଇ ଦିନ ସମୟ ଲାଗିଯାଏ । ମାତ୍ର, ଯେଉଁମାନେ ପ୍ରାପ୍ତ ଅନୁଭବଟିର ଶକ୍ତି ବିଷୟରେ ସନ୍ତୁଷ୍ଟ ହୋଇ ରହିଯାଆନ୍ତି, ସେମାନେ ଏହାକୁ ନେଇ ଅନ୍ଧକରେ କ'ଣ ଗୋଟାଏ ନିର୍ଣ୍ଣୟ କରିପକାନ୍ତି ଏବଂ ସଂସାର ମଧ୍ୟକୁ ଏପରି ନାନା ଉତ୍ତେଜନାଦାୟକ ସତ୍ୟପରିଚୟର ପ୍ରେରଣ କରିବାରେ ଲାଗିଥା'ନ୍ତି, ଯାହାକି ପରମସତ୍ୟର କେବଳ ଏକ ବିକୃତ ରୂପକୁହିଁ ପ୍ରକାଶ କରୁଥାଏ ।

ତେଣୁ ତୁମକୁ ଅତ୍ୟନ୍ତ ଅଟଳ ଓ ସ୍ଥିର ହୋଇ ରହିବାକୁ ପଡ଼ିବ, ଆପଣାର ଦୃଷ୍ଟିକୁ ଅତ୍ୟନ୍ତ ସମୀକ୍ଷାତ୍ମକ କରି ରଖିବାକୁ ହେବ– ବିଶେଷ ଭାବରେ ଅତ୍ୟନ୍ତ ଶାନ୍ତ, ସ୍ଥିର ଏବଂ ନୀରବ ହୋଇ ରହିବାକୁ ପଡ଼ିବ । ଅନୁଭବଟିଏ ହେବାମାତ୍ରକେ ତାକୁ ଦଉଡ଼ିଯାଇ ମାଡ଼ିବସିବାର ସକଳ ପ୍ରବୃତ୍ତିକୁ ତ୍ୟାଗ କରିବାକୁ ପଡ଼ିବ – ''ଓଃ, ଏ ଅନୁଭୂତିଟି ପୁଣି କ'ଣ, ଏଇ ଅନ୍ୟଟି ବି କ'ଣ ?''– ଏପରି ହେଲେ ଆଦୌ ହେବ ନାହିଁ । ତାହା ସବୁକିଛିକୁ ବିଗାଡ଼ିଦେବ । ମାତ୍ର, ନଜର ରଖିବାକୁ ପଡ଼ିବ, ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ନଜର ରଖିବାକୁ ପଡ଼ିବ । ଶବ୍ଦଗୁଡ଼ିକ ମଧ୍ୟରେ ମୂଳ ସ୍ପନ୍ଦନଟିର କିଛି ଅଂଶ ଅବଶ୍ୟ ଥିବ,– ସାମାନ୍ୟ ପରିମାଣରେ ଥିବ, ତଥାପି ଥିବ । ନିଶ୍ଚୟ କିଛି ନା କିଛି ଥିବ, ଯାହାକି ତୁମର ମୁଖ ଉପରେ ହସ ଫୁଟାଇ ଆଣୁଥିବ,– ଅତ୍ୟନ୍ତ ସୁଖକର ବୋଧ ହେଉଥିବ, ଉଜ୍ଜ୍ୱଳ ବର୍ଣ୍ଣ ସୁରା ପରି ଉଦ୍‌ଭାସିତ ଦେଖା ଦେଉଥିବ, ଏବଂ ଏଠାରେ (ଏକ କାଳ୍ପନିକ ଟିପାଖାତାରେ ରହିଥିବା ଗୋଟିଏ ଶବ୍ଦ ବା ଏକ ଲିଖିତାଂଶ ଆଡ଼କୁ ମାଆ ସୂଚିତ କରିଦେଲେ), ଏଠାରେ ସବୁ ନୀରସ ହୋଇ ରହିଥିବ । ତା'ପରେ ତୁମେ ନିଜର ଭାଷାଜ୍ଞାନର ସାହାଯ୍ୟରେ ସେଇଟିକୁ ଅନାଇ ଦେଖିବ, ଅଥବା, ଶବ୍ଦଗତ ଛନ୍ଦ ବିଷୟରେ ତୁମର ଯେଉଁ ବୋଧ ରହିଛି, ତାହାରି ସାହାଯ୍ୟରେ ତେଣେ ଅନାଇ ଦେଖିବ : ''ଦେଖ, ଦେଖ, ଏଠି ପଥରଟିଏ ପଡ଼ିଛି ।'' ତୁମକୁ ସେହି ପଥରଟିକୁ କାଢ଼ି ଫିଙ୍ଗିଦେବାକୁ ପଡ଼ିବ । ତା'ପରେ ଅପେକ୍ଷା କରିବ ଏବଂ ତା'ପରେ ତାହା ହଠାତ୍ ଆସି ପହଞ୍ଚିଯିବ । ଠିକ୍ ଥାନରେ ଆସି ଦୁଲ୍ କରି ପଡ଼ିବ : ତୁମକୁ ଯଥାର୍ଥ ଶବ୍ଦଟି ମିଳିଯିବ । ଯଦି ତୁମ ଭିତରେ ଧୈର୍ଯ୍ୟ ରହିଥିବ, ତେବେ ଦିନେ ବା ଦୁଇଦିନ ଭିତରେ ତୁମେ ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ ଶବ୍ଦଟିକୁ ପାଇ ଯାଇଥିବ ।

୫ ଫେବ୍ରୁଆରି, ୧୯୬୪

**୯୯. ଶାସ୍ତ୍ରବାକ୍ୟ କଦାପି ଭୁଲ୍ ନୁହେଁ; ମାତ୍ର, ଆମର ହୃଦୟ ଏବଂ ବୁଦ୍ଧି ସେହି ଶାସ୍ତ୍ରବାକ୍ୟର ଯେଉଁ ବ୍ୟାଖ୍ୟାମାନ କରିଥା'ନ୍ତି, ସେଇଥିରୁହିଁ ତାହାର ପ୍ରମାଦଭାଗଟି ଜନ୍ମଲାଭ କରିଥାଏ ।**

ଏଥିରେ ଯେ କିଞ୍ଚିତ୍ ବିଦ୍ରୂପର ଏକ ଉପାଦାନ ପ୍ରକୃତରେ ନାହିଁ, ମୁଁ ତାହା ନିଶ୍ଚିତ ଭାବରେ କହି ପାରୁ ନାହିଁ... ''ଗ୍ରନ୍ଥର ବାକ୍ୟ କଦାପି ଭୁଲ୍ ହୋଇ ନ ପାରେ'' ବୋଲି ଯେଉଁମାନେ କହନ୍ତି, ସେମାନଙ୍କୁ ଜବାବ ଦେଇ ସେ କହିଛନ୍ତି : ''ହଁ, ହଁ, ସମ୍ପୂର୍ଣ୍ଣ ଠିକ୍ କଥା । ଗ୍ରନ୍ଥବାକ୍ୟରେ କଦାପି କୌଣସି ଭୁଲ୍ ନାହିଁ । ମାତ୍ର, ତୁମେ ସେଗୁଡ଼ିକୁ ଯେପରି ଭାବରେ ବୁଝୁଛ, ସେ ବିଷୟରେ ତୁମକୁ ସାବଧାନ ରହିବାକୁ ହେବ ।''

ମାତ୍ର ଯଥାର୍ଥ ସତ୍ୟର କଥା ଏଇଟିରେ କୁହାଯାଇଛି :

**୧୦୦. ଧର୍ମସମ୍ବନ୍ଧୀ ଭାବନା ଏବଂ ଅନୁଭୂତିରେ ତୁମେ ସକଳ ନୀଚତା, ସଂକୀର୍ଣ୍ଣତା ଏବଂ ଅଗଭୀରତାକୁ ବର୍ଜନ କର । ପ୍ରଶସ୍ତତମ ଦିଗ୍‌ବଳୟଠାରୁ ବି ତୁମେ ଅଧିକ ପ୍ରଶସ୍ତ ହୁଅ, କାଞ୍ଚନଜଂଘାର ଉଚ୍ଚତମ ଶୃଙ୍ଗଠାରୁ ଅଧିକ ଉଚ୍ଚ ହୁଅ, ଗଭୀରତମ ମହାସାଗରଠାରୁ ଅଧିକ ଗଭୀର ହୁଅ ।** ୫ ଫେବ୍ରୁଆରି, ୧୯୬୪

**୧୦୧. ପରମେଶ୍ୱରଙ୍କର ଦୃଷ୍ଟିରେ କିଛି ନିକଟ ବା ଦୂର ନାହିଁ, ବର୍ତ୍ତମାନ ନାହିଁ, ଅତୀତ ନାହିଁ ଅଥବା ଭବିଷ୍ୟତ ନାହିଁ । ତାଙ୍କରି ବିଶ୍ୱର ଏକ ଚିତ୍ର ପାଇପାରିବାକୁ ଏଗୁଡ଼ିକୁ କେବଳ ଏକ ସୁବିଧାଜନକ ଆମୁଖରୂପେ ଗ୍ରହଣ କରା ଯାଇଥାଏ ।**

**୧୦୨. ଇନ୍ଦ୍ରିୟଗୁଡ଼ିକ ଲାଗି ଏକଥା ସର୍ବଦା ସତ୍ୟ ଯେ, ସୂର୍ଯ୍ୟ ପୃଥିବୀ ଚାରିପାଖରେ ବୁଲୁଛି; ମାତ୍ର ବୁଦ୍ଧି ଲାଗି ଏହା ଏକ ମିଥ୍ୟା ଅନୁମାନ । ବୁଦ୍ଧି ଲାଗି ଏହା ସର୍ବଦା ଏକ ସତ୍ୟକଥା ଯେ ପୃଥିବୀ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବୁଲିବାରେ ଲାଗିଛି; ସର୍ବୋଚ୍ଚ ଦୃଷ୍ଟି ପାଇଁ ଏଇଟି ମଧ୍ୟ ମିଥ୍ୟା-ଅନୁମାନ । ପୃଥିବୀ ବା ସୂର୍ଯ୍ୟ କେହି ବୁଲୁ ନାହାନ୍ତି । କେବଳ ସୂର୍ଯ୍ୟ-ଚେତନା ଏବଂ ପୃଥ୍ୱୀଚେତନାର ସମ୍ବନ୍ଧଟିରେ ଯାହା ଏକ ପରିବର୍ତ୍ତନ ଘଟିବାରେ ଲାଗିଛି ।**

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଅସମ୍ଭବ, ମୁଁ ଆଦୌ କିଛି କହି ପାରିବି ନାହିଁ।

*ତେବେ ଏହାର ଅର୍ଥ ହେବ ଯେ, ଏହି ଭୌତିକ ଜଗତ ବିଷୟରେ ଆମର ଯେଉଁ ବୋଧ ରହିଛି, ତାହା ଆଦୌ ଠିକ୍ ନୁହେଁ।*

ହଁ, ସମ୍ପୂର୍ଣ୍ଣ ଠିକ୍ କଥା।

*ତେବେ ଏହି ବିଷୟରେ ଯଥାର୍ଥ ବୋଧଟି କ'ଣ ?*

ହଁ, ଯଥାର୍ଥ ବୋଧଟିଏ ଅବଶ୍ୟ ଅଛି !

*ଭୌତିକ ଜଗତ ବିଷୟରେ ପ୍ରକୃତ ବୋଧ– ଗଛ, ମଣିଷ, ପଥର– ଏକ ଅତିମାନସ ଦୃଷ୍ଟିକୁ ଏଗୁଡ଼ିକ କିପରି ଦେଖାଯାଆନ୍ତି ?*

ଠିକ୍ ଏହି କଥାଟିକୁ ହିଁ ମୋଟେ କହିହୁଏ ନାହିଁ। ଯେତେବେଳେ ପରମ ସତ୍ୟର ବିଧାନଟି ବିଷୟରେ ତୁମର ଯଥୋଚିତ ଦୃଷ୍ଟି ଏବଂ ଚେତନା ରହିଥିବ, ସେହି ସତ୍ୟର ଅପରୋକ୍ଷ ଅଭିବ୍ୟକ୍ତି ବିଷୟରେ ଯଦି ତୁମେ ଅବଗତ ରହିଥିବ, ତୁମେ ସଙ୍ଗେସଙ୍ଗେ ଏପରି କିଛି ଅନୁଭବ କରିବାକୁ ଆରମ୍ଭ କରିବ, ଯାହାକୁ କି ଆଦୌ କଥାରେ କହି ହେବ ନାହିଁ, କାରଣ ଯାବତୀୟ ଶବ୍ଦ ହେଉଛି ଏକ ଭିନ୍ନ ରାଜ୍ୟର ବ୍ୟାପାର; ଯାବତୀୟ ପ୍ରତିରୂପ, ଯାବତୀୟ ତୁଳନା ଓ ଯାବତୀୟ ଅଭିବ୍ୟକ୍ତି — ସବୁକିଛି ସେହି ଅନ୍ୟ ରାଜ୍ୟଟିର ବ୍ୟାପାର।

ମୋତେ ଠିକ୍ ଏହି ଅସୁବିଧାଟିକୁ ଭୋଗ କରିବାକୁ ପଡ଼ିଥିଲା– ସେଦିନ ସେହି ଫେବ୍ରୁଆରି ୨୯ ତାରିଖ ଦିନ। ପରମସତ୍ୟର **ପ୍ରତ୍ୟକ୍ଷ** ଅଭିବ୍ୟକ୍ତିର ଏହି ଚେତନାଟି ମଧ୍ୟରେ ମୁଁ ଯେଉଁ ସମଗ୍ର ସମୟଟି ଲାଗି ବାସ କରିଥିଲି, ସେତେବେଳେ ମୁଁ ଅନୁଭବ କରୁଥିବା ଓ ଦେଖୁଥିବା ଯାବତୀୟ ବିଷୟକୁ ମୁଁ ସୂତ୍ରବଦ୍ଧ କରି ରଖିବାକୁ ଚେଷ୍ଟା କଲି। ମାତ୍ର ତାହା ଆଦୌ ସମ୍ଭବ ହେଲା ନାହିଁ। ମୁଁ ଆଦୌ କୌଣସି ଶବ୍ଦ ପାଇଲି ନାହିଁ। ଏବଂ, ଯେମିତି ସେହିଭଳି କିଛି କରିବାକୁ ବାହାରୁଥିଲି, ସୂତ୍ରବଦ୍ଧତାର ସେହି ଉଦ୍ୟମ ମୋତେ ସଙ୍ଗେସଙ୍ଗେ ପଛକୁ ଭିଡ଼ିଆଣି ସେହି ଅନ୍ୟ ଚେତନାଟି ମଧ୍ୟରେ ପକାଇ ଦେବାରେ ଲାଗିଥିଲା।

ସେହି ଅବସରରେ, ସୂର୍ଯ୍ୟ ଏବଂ ପୃଥିବୀ ବିଷୟରେ ଲେଖା ହୋଇଥିବା ଏହି ସୂତ୍ରଟି ମୋ'ର ସ୍ମରଣକୁ ଫେରି ଆସିଲା... ଏପରିକି, ତାହାକୁ ''ଚେତନାର ଏକ ପରିବର୍ତ୍ତନ'' ବୋଲି କହିଲେ ମଧ୍ୟ ତଥାପି ତାହା ଏକ କ୍ରିୟାଶୀଳତାର ପ୍ରବର୍ତ୍ତନ କରିବ ।

ଏହି ବିଷୟରେ ଆଦୌ କିଛି କୁହାଯାଇ ପାରିବ ବୋଲି ମୁଁ ଭାବି ପାରୁ ନାହିଁ । ମୋ'ର କୌଣସି କଥା କହିବାର ସାମର୍ଥ୍ୟ ନାହିଁ, କାରଣ, ଆମେ ପ୍ରକୃତରେ ଯାହାକିଛି କହୁ ନା କାହିଁକି, ତାହା କେବଳ ଏକ ନୀରସ ପ୍ରାୟାନୁମାନ ହୋଇହିଁ ରହିବ ।

*ମାତ୍ର, ଯେତେବେଳେ ଆପଣ ସେହି ପରମ ସତ୍ୟଚେତନାରେ ଅବସ୍ଥାନ କରୁଛନ୍ତି, ତାହାକୁ କେବଳ ଆପଣଙ୍କର ଏକ ''ଅନ୍ତର୍ଗତ ସତ୍ୟର'' ଅନୁଭୂତି ବୋଲି କୁହାଯିବ ନା ସେହି କ୍ଷେତ୍ରରେ ଜଡ଼ ମଧ୍ୟ ଆପଣାର ରୂପରେ କିଛି ନା କିଛି ପରିବର୍ତ୍ତନ ଘଟାଇଥାଏ ?*

ହଁ, ସବୁକିଛି— ସବୁକିଛି ଅନ୍ୟ ପ୍ରକାରର ହୋଇଯାଏ । ସବୁ ଅନ୍ୟ ପ୍ରକାରର ହୋଇଯାଏ । ଏବଂ, ସେହି ଅନୁଭୂତି ଗୋଟିଏ ବିଷୟରେ ମୋତେ ଏକ ଦୃଢ଼ ପ୍ରତ୍ୟୟ ଦେଇଯାଇଛି, ଯାହାକୁ କି ମୁଁ ପ୍ରାୟ ଅବିଚ୍ଛିନ୍ନ ଭାବରେ ଅନୁଭବ କରିବାରେ ଲାଗିଛି । ସେହି ଅନୁଭୂତିଟି ହେଉଛି ଯେ, ଏହି ଦୁଇଟିଯାକ ସ୍ଥିତି— ସତ୍ୟର ସ୍ଥିତି ଓ ମିଥ୍ୟାର ସ୍ଥିତି— ଯୁଗପତ୍ ଭାବରେ ପରସ୍ପରର ସହବର୍ତ୍ତୀ ହୋଇ ରହିଥାନ୍ତି । ଏବଂ କେବଳ, ସିଏ ଯାହାକୁ ''ଚେତନାର ଏକ ପରିବର୍ତ୍ତନ'' ବୋଲି କହିଛନ୍ତି, କେବଳ ତାହାହିଁ ବିଦ୍ୟମାନ ଥାଏ । ଅର୍ଥାତ୍, ବ୍ୟକ୍ତି ସେତେବେଳେ ଏହି ଚେତନାରେ ରହିଥାଏ କିଂବା ସେହି ଚେତନାରେ ରହିଥାଏ, ମାତ୍ର ତଥାପି ଆଦୌ ଗତିଶୀଳ ହେଉ ନ ଥାଏ ।

ଆମେ କେବଳ ଗତିସମର୍ଥ ଶବ୍ଦଗୁଡ଼ିକର ବ୍ୟବହାର କରିବାକୁ ବାଧ୍ୟ ହୋଇଥାଉ, କାରଣ ଆମ ପାଇଁ ସବୁକିଛି ଗତିଶୀଳ ହୋଇ ରହିଥାଏ । ମାତ୍ର, ଚେତନାର ଏହି ପରିବର୍ତ୍ତନରେ କୌଣସି ସ୍ଥାନାନ୍ତରଣ ଆଦୌ ନ ଥାଏ— ଏହା ଆଦୌ ଏକ ଗତିଶୀଳତାର ପ୍ରତିନିଧିତ୍ୱ କରୁ ନ ଥାଏ । ତେଣୁ, ଆମେ ତାହା ବିଷୟରେ କିଛି କହିପାରିବା କିପରି, ତାହାକୁ ବର୍ଣ୍ଣନା କରିପାରିବା କିପରି ?...

ଏପରିକି, ଯଦି ଆମେ ''ଗୋଟିଏ ସ୍ଥିତି ଆଉ ଗୋଟିକର ସ୍ଥାନ ଗ୍ରହଣ କରୁଛି'' ବୋଲି ବି କହୁ, ''ସ୍ଥାନ ଗ୍ରହଣ କଲା'' କହିବା ମାତ୍ରକେ ଆମେ ସଙ୍ଗେସଙ୍ଗେ ଗତିଶୀଳତାର ଏକ ଅବତାରଣା କରାଇଥାଉ ।... ଆମର ଯାବତୀୟ ଶବ୍ଦ ପ୍ରକୃତରେ ସେହିପରି, ତେବେ ଆମେ ଆଉ କ'ଣ କହିପାରିବା ?...

ପୁନର୍ବାର ଗତକାଲି, ଏହି ଅନୁଭୂତିଟି ସଂପୂର୍ଣ୍ଣ ଭାବରେ ସାକାର ଏବଂ ଶକ୍ତିଶାଳୀ ହୋଇ ଉଠିଲା ଯେ, ପରମ ସତ୍ୟଚେତନା ବିକୃତି ବା ବିରୂପଣ ଘଟାଉଥିବା ଚେତନାର ସ୍ଥାନାପନ୍ନ ହୋଇ ପ୍ରତିଷ୍ଠିତ ହୋଇ ପାରିବା ଲାଗି ନିଜକୁ ବା କୌଣସି ବସ୍ତୁକୁ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେଇଯିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଅର୍ଥାତ୍, ଏହି ପ୍ରକୃତ– ମୂଳଭୂତ ଓ ପ୍ରକୃତ– ସ୍ପନ୍ଦନଟିକୁ ବଞ୍ଚିବାକୁ ହେଲେ ବା ସେଇଥିରେ ପରିଣତ ହୋଇଯିବାକୁ ହେଲେ ଯେଉଁ ସାମର୍ଥ୍ୟ ଆବଶ୍ୟକ ହୁଏ, ସେଥିରେ ଏହି ସ୍ପନ୍ଦନଟିର **ସ୍ଥାନାପନ୍ନ** ଭାବରେ ମିଥ୍ୟା ଏବଂ ବିରୂପଣର ସ୍ପନ୍ଦନଟିକୁ ପ୍ରତିଷ୍ଠିତ କରି ପାରିବାର ଶକ୍ତି ଏତେ ଅଧିକ ପରିମାଣରେ ରହିଛି ଯେ... ଉଦାହରଣ ସ୍ୱରୂପ, ବିରୂପଣ ଅଥବା ବିରୂପଣଗତ ସ୍ପନ୍ଦନର ସ୍ୱାଭାବିକ ପରିଣାମଟି ନିଶ୍ଚୟ ଏକ ଦୁର୍ଘଟଣା ଅଥବା ଦୁର୍ବିପାକ ରୂପେହିଁ ସଂଘଟିତ ହେବ; ମାତ୍ର, ଯଦି ଏହି ସ୍ପନ୍ଦନଗୁଡ଼ିକ ମଧ୍ୟରେ, ପରମ ସତ୍ୟର ସ୍ପନ୍ଦନଟି ବିଷୟରେ ସଚେତନ ହେବାର ଏବଂ ତେଣୁ ସତ୍ୟର ସ୍ପନ୍ଦନକୁ ଅଭିବ୍ୟକ୍ତ କରି ପାରିବାର ଶକ୍ତି ରହିଥିବା ଏକ ଚେତନା ରହିଥାଏ, ତେବେ ଏହା ଅନ୍ୟଟିକୁ ନିରାକୃତ କରିଦେଇ ପାରିବ, ତାହା ଅନ୍ୟଟିକୁ ନିଶ୍ଚୟ ନିରାକୃତ କରିଦେବ, ଏବଂ ତାହା ଏହି ବାହ୍ୟ ଜଗତରେ ଏପରି ଏକ ହସ୍ତକ୍ଷେପ ରୂପେ ପ୍ରକଟିତ ହେବ, ଯାହାକି ଦୁର୍ବିପାକଟିକୁ ନିଶ୍ଚୟ ଏଡ଼ିଦେଇ ପାରିବ ।

ଏହିପରି ଏକ ଧାରଣା କ୍ରମେ ବୃଦ୍ଧି ପାଇବାରେ ଲାଗିଛି ଯେ, ସେହି ପରମସତ୍ୟହିଁ ଏକମାତ୍ର ଉପାୟ, ଯାହାକି ଏହି ଜଗତରେ ପରିବର୍ତ୍ତନ ଆଣିବ; ଏବଂ, ଧୀରଗତି ରୂପାନ୍ତରର ଆଉ ଯେତେଯାହା ପ୍ରକ୍ରିୟା ରହିଛି, ତାହା କେବଳ ପଥଚ୍ୟୁତ କରାଇ ନେଉଥିବ– ଆମେ ତାହାର ଅଧିକରୁ ଅଧିକ ନିକଟବର୍ତ୍ତୀ ହେଉଥିବା, କିନ୍ତୁ ମୋଟେ ସେଠାରେ ଯାଇ ପହଞ୍ଚି ପାରୁ ନ ଥିବା । ଏବଂ, ସର୍ବଶେଷ ପଦକ୍ଷେପଟି ଠିକ୍ ଏହିପରି ହେବ : ଅସଲ ସ୍ପନ୍ଦନଟିହିଁ ସ୍ଥାନାପନ୍ନ ରୂପେ ପ୍ରତିଷ୍ଠିତ ହେବ ।

ଆମ ପାଖରେ ଆଂଶିକ ପ୍ରମାଣମାନ ଅବଶ୍ୟ ରହିଛି । ମାତ୍ର, ସେଗୁଡ଼ିକ ଆଂଶିକ ହୋଇଥିବାରୁ, ସେଗୁଡ଼ିକ ଆଦୌ ଚୂଡ଼ାନ୍ତ ନୁହନ୍ତି, କାରଣ, ଆମ ସାଧାରଣ ଦେଖିବା ଏବଂ ବୁଝିବା ସକାଶେ ସର୍ବଦାହିଁ କେତେ କେତେ ବ୍ୟାଖ୍ୟା ମିଳିଯିବ : ଉଦାହରଣ ସ୍ୱରୂପ, ଜଣେ ହୁଏତ କହିପାରିବ ଯେ, ଏହି ଦୁର୍ଘଟଣାଟି ଏଡ଼ି ହୋଇଯିବ ବୋଲି ପୂର୍ବରୁ ''ଅଭିପ୍ରେତ'' ଓ ''ନିୟତିନିର୍ଦ୍ଦିଷ୍ଟ'' ହୋଇ ରହିଥିଲା; ଏହି ହସ୍ତକ୍ଷେପଟି ଦ୍ୱାରା ତାହାକୁ ଯେ ଏଡ଼ିହେଲା, ସେକଥା ଆଦୌ ନୁହେଁ, ମାତ୍ର ଯେଉଁ ''ନିୟତିବାଦ'' ସେପରି ହେବ ବୋଲି ନିଷ୍ପତ୍ତି କଲା, ତାହାରିଦ୍ୱାରାହିଁ ଏଇଟି ଏଡ଼ିହୋଇ ପାରିଲା । ମାତ୍ର ଏହାକୁ ପ୍ରମାଣ କରି ଦେଖାଇ ଦେଇହେବ କିପରି ? ଏହା ଯେ ଏପରି ମୋଟେ ନୁହେଁ, ନିଜ

ପାଖରେ ମଧ୍ୟ ସେହି କଥାଟିକୁ ପ୍ରମାଣ କରିହେବ କିପରି ? ଏହା ଆଦୌ ସମ୍ଭବ ନୁହେଁ ।

କଥାଟିକୁ ବ୍ୟକ୍ତ କରିବା ମାତ୍ରକେହିଁ ତୁମକୁ ମନ ଭିତରେ ଯାଇ ପ୍ରବେଶ କରିବାକୁ ହୁଏ ଏବଂ ସେହିଠାରେହିଁ ଏହି ପ୍ରକାରର ନ୍ୟାୟଯୁକ୍ତି ଉପସ୍ଥିତ ରହିଥାଏ । ତାହା ପ୍ରକୃତରେ ଭାରି ଭୟାନକ, କାରଣ ତାହା ସର୍ବଶକ୍ତିଶାଳୀ : ଯଦି ସବୁକିଛି ପୂର୍ବରୁହିଁ ଅଛି, ଶାଶ୍ୱତ କାଳରୁ ପରସ୍ପରର ସହାବସ୍ଥିତ ହୋଇ ରହିଛି, ତେବେ ଗୋଟିଏ ପଦାର୍ଥକୁ ଆଉଗୋଟାଏ ପଦାର୍ଥରୂପେ ପରିବର୍ତ୍ତିତ କିପରି କରିହେବ ?... ପ୍ରକୃତରେ ଆଦୌ କିଛି ''ପରିବର୍ତ୍ତିତ ହୋଇ ପାରିବ'' କିପରି ?

ତୁମକୁ କୁହାଯାଇଛି— ଶ୍ରୀଅରବିନ୍ଦ ଏଠାରେ ମଧ୍ୟ ଠିକ୍ ସେହି କଥା କହିଛନ୍ତି— ଯେ, ପରମପ୍ରଭୁଙ୍କର ଚେତନା ଲାଗି କୌଣସି ଅତୀତ ନାହିଁ, କାଳ ବୋଲି କିଛି ନାହିଁ, କୌଣସି ଗତିଶୀଳତା ନାହିଁ କି କିଛି ନାହିଁ । କେବଳ ସତ୍‌ହିଁ ରହିଛି । ଏହାର ତର୍ଜମା କରିବାକୁ ଯାଇ ଆମେ ''ଶାଶ୍ୱତ କାଳରୁ'' ବୋଲି କହୁଛୁ, ମାତ୍ର ତାହାର ଆଦୌ କୌଣସି ଅର୍ଥ ନାହିଁ । ତଥାପି, କେବଳ ସବୁକିଛି ରହିଛି । ତେଣୁ ସବୁକିଛି **ବିଦ୍ୟମାନ ରହିଛି** (ମାଆ ବାହୁ ଦୁଇଟିକୁ ଏକାଠି କରି ଆଣିଲେ), ଏବଂ ତାହା ବିଷୟରେ କେବଳ ସେତିକିହିଁ ସତ୍ୟ କଥା,— ଏହା ବ୍ୟତୀତ ଆଉ କିଛିହେଲେ କହିବାର କିଂବା କରିବାର ନାହିଁ । ଏହି ବୋଧଟି, ବା ବରଂ କୁହାଯିବ ଯେ କହିବାର ଏହି ପ୍ରଣାଳୀଟି— କାରଣ ଏହା କହିବାର ଏକ ପ୍ରଣାଳୀ ବ୍ୟତୀତ ଆଉ କିଛି ନୁହେଁ,— ଏହି ବୋଧଟି ଅଗ୍ରଗତିର ଯାବତୀୟ ବୋଧର ଖଣ୍ଡନ କରିଦେଉଛି, ବିବର୍ତ୍ତନକୁ ଖଣ୍ଡନ କରିଦେଉଛି ଏବଂ... ତୁମକୁ କୁହାଯାଉଛି ଯେ, ତୁମର ଯେ ଅଗ୍ରଗତି ଲାଗି ପ୍ରୟାସ କରିବା ଉଚିତ, ତାହା ମଧ୍ୟ ସେହି ନିୟତିବାଦର ଗୋଟିଏ ଅଂଶ । ହଁ, ମାତ୍ର ଏହି ଯାବତୀୟ କଥା କେବଳ ଏକ ଫମ୍ପା କଥା ।

ଏବଂ, ସ୍ମରଣ ରଖିବା ଉଚିତ ଯେ କେବଳ ଗୋଟାଏ ମିନିଟ୍ ପାଇଁ ଗୋଟାଏ କିଛି ଅନୁଭବ କରି ଲୋକେ ଏହିପରି ଭାବରେ କହିଥାନ୍ତି, କୌଣସି ସମୁଦାୟ ଅନୁଭବକୁ ଭିତ୍ତି କରି ଏପରି ଆଦୌ କହି ନ ଥା'ନ୍ତି । ଗୋଟାଏ ଗୋଟାଏ ମୁହୂର୍ତ୍ତରେ ହୁଏତ ସେହିପରି ଅନୁଭବ ହୋଇଥାଏ, ମାତ୍ର ତାହା ସମୁଦାୟ ଅନୁଭୂତି ଆଦୌ ନୁହେଁ । ଏହା ଏକ ଆଂଶିକ ଅନୁଭୂତି । ତାହା ହେଉଛି ଅନୁଭବ କରିବାର କେବଳ ଗୋଟିଏ ପ୍ରଣାଳୀ, ସମୁଦାୟ ଧାରାଟି ଆଦୌ ନୁହେଁ । ଶାଶ୍ୱତ ଚେତନା ମଧ୍ୟରେ ଏପରି କିଛି ରହିଛି, ଯାହାକି ତାହାଠାରୁ ଅନେକ ଅଧିକ ଗଭୀର ଏବଂ ଅନେକ କମ୍ ପରିମାଣରେ ତାହାକୁ ଅଭିବ୍ୟକ୍ତ କରାଯାଇ ପାରିବ, ତାହା ପ୍ରକୃତରେ ଏହାଠାରୁ ଅନେକ ଅଧିକ ଅନିର୍ବଚନୀୟ । ସାଧାରଣ ଚେତନାକୁ ଛାଡ଼ିଯିବା ସମୟରେ କେବଳ ଏକ ସର୍ବପ୍ରଥମ ଅସମର୍ଥତା ରୂପେ

ଏହି ଅନୁଭୂତିଟି ହୋଇଥାଏ, ମାତ୍ର ତାହା କଦାପି ସମୁଦାୟ ଅନୁଭୂତି ନୁହେଁ । ଆଦୌ ସମୁଦାୟ ଅନୁଭୂତି ନୁହେଁ । ଏବେ ଯେତେବେଳେ ଏହି ସୂତ୍ରଟି ମୋ'ର ପୁନର୍ବାର ମନେପଡ଼ି ଯାଇଥିଲା, ସେତେବେଳେ ମୋ'ର ଏପରି ଧାରଣା ହେଲା ଯେ ଏହା ହେଉଛି କେବଳ ହଠାତ୍ ଉପଲବ୍ଧ ହେଉଥିବା ଏକ ଝଲକମାତ୍ର, ଦୁଇଟି ଅବସ୍ଥା ମଧ୍ୟରେ ରହିଥିବା ପରି ମନେ ହେଉଥିବା ଏକ ଆପାତ ବିରୋଧର ଅନୁଭୂତି, ମାତ୍ର ତାହା କଦାପି ସବୁକଥା ନୁହେଁ । ଆଦୌ ସବୁକଥା ନୁହେଁ । ଏହା ବ୍ୟତୀତ ମଧ୍ୟ ଆହୁରି କିଛି ରହିଛି ।

ଏହା ବ୍ୟତୀତ ମଧ୍ୟ ଆହୁରି କିଛି ରହିଛି, ଯାହାକି, ଆମେ ଯାହା ବୁଝିଛୁ, ତାହାଠାରୁ ସଂପୂର୍ଣ୍ଣ ଭିନ୍ନ, ମାତ୍ର **ଆମେ ଯେପରି ଭାବରେ ବୁଝିଥାଉ, କେବଳ ତାହାରି ଅନୁସାରେହିଁ ତାହାର** ତର୍ଜମା ହୋଇଯାଇଥାଏ ।

ଏବଂ, ଏହି କଥାଟିକୁ କଦାପି କଥାରେ କହିହେବ ନାହିଁ । ତାହାକୁ କହିହେବ ନାହିଁ, କାରଣ ତାହା ଅନିର୍ବଚନୀୟ– ସମ୍ପୂର୍ଣ୍ଣ ଭାବରେ ଅନିର୍ବଚନୀୟ ।

ଏଥିରୁ ଏହିପରି ଏକ ଅନୁଭବ ହୋଇଥାଏ ଯେ, ଆମର ଏହି ସାଧାରଣ ଚେତନାରେ ଯାହାକିଛି ମିଥ୍ୟା ହୋଇଯାଉଛି, ଅସତ୍ୟ, ବିକୃତ ଓ ବକ୍ର ହୋଇ ରହିଛି, ପରମ ସତ୍ୟଚେତନା ଲାଗି ତାହା ସବୁକିଛି **ମୂଳତଃ ସତ୍ୟ** । ମାତ୍ର କିପରି ଭାବରେ ସତ୍ୟ ? ଠିକ୍ ସେହି କଥାଟିକୁହିଁ ଶବ୍ଦରେ କୁହାଯାଇ ପାରିବ ନାହିଁ । କାରଣ, ଶବ୍ଦଗୁଡ଼ିକ ହେଉଛି ମିଥ୍ୟାର ସମ୍ପତ୍ତି ।

> *ଅର୍ଥାତ୍, ଏହି ପରମଚେତନା ଦ୍ୱାରା ଜଗତର ଜଡ଼ମୟତା ଆଦୌ ଖଣ୍ଡିତ ହୋଇଯିବ ନାହିଁ, ତାହା କେବଳ ରୂପାନ୍ତରିତହିଁ ହେବ । ...ଅଥବା, ତାହା ସଂପୂର୍ଣ୍ଣ ଅନ୍ୟ ଏକ ପ୍ରକାରର ଜଗତ ହେବ ?*

(ମାଆ ନୀରବ ରହିଲେ)

ଆଉଟିକିଏ ସ୍ୱଷ୍ଟ ହେବା ଉଚିତ... ମୋ'ର ଆଶଙ୍କା ହେଉଛି ଯେ, ଆମେ ଯାହାକୁ ''ଜଡ଼'' ବୋଲି କହୁଛୁ, ତାହା ହେଉଛି ଜଗତର କେବଳ ଏକ ମିଥ୍ୟା ପ୍ରତିଭାସ ।

ତାହାର ଅନୁରୂପ ହୋଇ ଆଉକିଛି ରହିଛି, ମାତ୍ର...

ଏହି ସୂତ୍ରଟି ଆମକୁ ହୁଏତ ଏକ ନିରପେକ୍ଷ ଆଶୟପ୍ରଧାନତା ମଧ୍ୟକୁ ନେଇଯିବ ଏବଂ ସେତେବେଳେ କେବଳ ସେହି ଆଶୟପ୍ରଧାନତା ଏକମାତ୍ର ସତ୍ୟ ବୋଲି ସାବ୍ୟସ୍ତ ହେବ । ମାତ୍ର, ପ୍ରକୃତରେ ଆଦୌ ସେପରି ନୁହେଁ । କାରଣ, ସେହି ଅବସ୍ଥା ହେଉଛି ପ୍ରଳୟର ଅବସ୍ଥା, ନିର୍ବାଣର ଅବସ୍ଥା । ମାତ୍ର ନିର୍ବାଣହିଁ ଏକମାତ୍ର ବସ୍ତୁ ନୁହେଁ, ଏକ ବିଷୟୟତା

ରହିଛି, ଯାହାର ମଧ୍ୟ ଅବଶ୍ୟ ସତ୍ୟତା ଅଛି, ଯାହାକି ଆଦୌ ମିଥ୍ୟା ନୁହେଁ– ମାତ୍ର ଏହି କଥାଟିକୁ କିପରି ଶବ୍ଦ ଦ୍ୱାରା କହିହେବ ?... ଏହି କଥାଟିକୁ ମୁଁ ଏକାଧିକ ବାର ଅନୁଭବ କରିଛି– ଏକାଧିକ ବାର, କେବଳ ଏକ ସାମୟିକ ଝଲକ ରୂପେ ଆଦୌ ନୁହେଁ– ତାହାର ସତ୍ୟତା... କିପରି ସେହି କଥାଟିକୁ ବ୍ୟକ୍ତ କରାଯାଇ ପାରିବ ? ନିଜର ଶବ୍ଦଗୁଡ଼ାକହିଁ ଆମକୁ ଠିକ୍ ଏହିପରି ଭାବରେ ଧୋକା ଦିଅନ୍ତି... ପରମ ଏକତ୍ୱର ସେହି ପରିପୂର୍ଣ୍ଣ ବୋଧ ଏବଂ ଚେତନାର ଭୂମି ଉପରେ ବିଷୟସ୍ଥତା ସକାଶେ ମଧ୍ୟ ଏକ ସ୍ଥାନ ରହିଛି– ବିଷୟଗତତା ଲାଗି ଅବଶ୍ୟ ସ୍ଥାନ ରହିଛି– ଗୋଟିଏ ଅପରଟିକୁ ଆଦୌ ନିରାକୃତ କରି ପକାଉ ନାହିଁ, ଆଦୌ ନିରାକୃତ କରୁ ନାହିଁ । ଆମେ ଇଚ୍ଛା କଲେ ବିଭେଦୀକରଣର ଏକ ଅନୁଭୂତି ଅବଶ୍ୟ ଲାଭ କରି ପାରିବା : ତଦ୍ୱାରା ଯେ ସ୍ୱ-ଅସ୍ତିତ୍ୱର କୌଣସି ବୋଧ ରହିବ ନାହିଁ, ସେକଥା ଆଦୌ ନୁହେଁ, ମାତ୍ର ଏହା ହେଉଛି ଏକ ଭିନ୍ନ ପ୍ରକାରର ଦୃଷ୍ଟି । ମୁଁ ତୁମମାନଙ୍କୁ ଆଗରୁ କହିଛି, ଆମେ ଯେତେ ଯାହା କହିବାକୁ ସମର୍ଥ ହେଲେ ମଧ୍ୟ ତାହାର କୌଣସି ମୂଲ୍ୟ ନାହିଁ, ତାହାର ଆଦୌ କୌଣସି ଅର୍ଥ ନାହିଁ । କାରଣ, କେବଳ ଅସତ୍ୟର ଜଗତଟିକୁ ବ୍ୟକ୍ତ କରିବା ପାଇଁହିଁ ଶବ୍ଦମାନେ ଅଭିପ୍ରେତ ହୋଇ ରହିଥାନ୍ତି, ମାତ୍ର... ହଁ, ସମ୍ଭବତଃ ଶ୍ରୀଅରବିନ୍ଦ ଏହାକୁହିଁ ଏକତା ମଧ୍ୟରେ ଅନେକତାର ବୋଧ ବୋଲି କହିଛନ୍ତି, ଏହା କିଞ୍ଚିତ୍ ପରିମାଣରେ ତାହାରି ପରି ଗୋଟିଏ କଥା ହୋଇପାରେ; ଠିକ୍ ଆମେ ଯେପରି ଆମ ସତ୍ତାର ଅନେକତାକୁ ଅନୁଭବ କରିଥାଉ, ଠିକ୍ ସେହିପରି ଗୋଟାଏ କିଛି... ଏକ ପୃଥକ୍ ଆତ୍ମସତ୍ତା ବୋଲି ମୋ'ର ଆଦୌ କୌଣସି ଅନୁଭବ ହୁଏ ନାହିଁ, ଆଦୌ କେବେହେଲେ ହୁଏ ନାହିଁ, ଏହି ଶରୀରର କ୍ଷେତ୍ରରେ ମଧ୍ୟ ହୁଏ ନାହିଁ; ମାତ୍ର, ତାହାର ଅର୍ଥ ନୁହେଁ ଯେ, ମୁଁ ଏକ ବିଷୟଧର୍ମୀ ସମ୍ବନ୍ଧର ଏକ ନିର୍ଦ୍ଦିଷ୍ଟ ବୋଧରୁ ବଞ୍ଚିତ ହୋଇ ରହିଥାଏ– ହଁ, ଦେଖ– ସିଏ ଜଗତ ଏବଂ ସୂର୍ଯ୍ୟ ଭିତରେ ରହିଥିବା ''ଚେତନାଗତ ସମ୍ବନ୍ଧ'' ବୋଲି ଯାହା କହିଛନ୍ତି, ଏହା ହେଉଛି ଠିକ୍ ସେହିପରି ଗୋଟିଏ କଥା, ଏବଂ ସେହି ସମ୍ବନ୍ଧଟି ପରିବର୍ତ୍ତିତ ହେବାରେ ଲାଗିଛି (ମାଆ ହସିଲେ) । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସର୍ବୋତ୍ତମ ଭାବରେ ଏ ବିଷୟରେ ପ୍ରକୃତରେ ତାହାହିଁ କୁହାଯାଇ ପାରିବ ! ଏହା ହେଉଛି ଚେତନାର ଏକ ସମ୍ବନ୍ଧ । ଏହାକୁ କଦାପି ନିଜ ସହିତ ''ଅନ୍ୟମାନଙ୍କର'' ଏକ ସମ୍ବନ୍ଧ ବୋଲି କୁହାଯିବ ନାହିଁ– ଆଦୌ କୁହାଯିବ ନାହିଁ, ସେହି କଥାଟିର ସଂପୂର୍ଣ୍ଣ ଖଣ୍ଡନ ହୋଇଯାଉଛି– ମାତ୍ର ସତ୍ତାର ବିଭିନ୍ନ ଭାଗ ମଧ୍ୟରେ ଯେଉଁ ଚେତନାଗତ ସମ୍ବନ୍ଧ ରହିଥାଏ, ଏହାବି ତାହାରି ପରି ଏକ ସମ୍ବନ୍ଧ ବୋଲି କୁହାଯାଇ ପାରିବ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହାହିଁ ଅଂଶଗୁଡ଼ିକୁ ଏକ ବିଷୟଧର୍ମିତା ଅବଶ୍ୟ ପ୍ରଦାନ କରିବ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ବର୍ତ୍ତମାନ ଆମେ ଦୃଷ୍ଟାନ୍ତଟି ପାଖକୁ ଫେରି ଆସିବା, ସେଇଟି ବୁଝିବା ଅତ୍ୟନ୍ତ ସହଜ । ସେଥିରେ ଦୁର୍ଘଟଣାଟିକୁ ଅଟକାଇ ରଖିବା ବିଷୟରେ କୁହାଯାଇଛି । ଆମେ ବେଶ୍ କଳ୍ପନା କରି ପାରିବା ଯେ, ''ଚରମ ଚିରନ୍ତନ କାଳରୁ''ହିଁ ପରମ ସତ୍ୟଚେତନାର ହସ୍ତକ୍ଷେପ ମୀମାଂସିତ ହୋଇ ରହିଥିଲା ଏବଂ ସେଥିରେ ଆମକୁ ଆଦୌ କୌଣସି **ନୂତନ** ଉପାଦାନ ଦେଖିବାକୁ ମିଳିବ ନାହିଁ । ମାତ୍ର ତଥାପି, ଏହି ହସ୍ତକ୍ଷେପ ଫଳରେହିଁ ଦୁର୍ଘଟଣାଟିକୁ ରୋକିବା ସମ୍ଭବ ହେଲା– ଆମକୁ ଏହିଥିରୁହିଁ ସେହି ଅନ୍ୟ ଚେତନାଟିର ତୁଳନାରେ ଏହି ଯଥାର୍ଥ ଚେତନାର ଶକ୍ତି ବିଷୟରେ ଏକ ନିର୍ଭୁଲ ଚିତ୍ର ଉପଲବ୍ଧ ହୋଇଯାଉଛି । ଏବଂ, ଯଦି ତୁମେ ନିଜ ସତ୍ତାର ରୀତିଟିକୁ ସର୍ବୋଚ୍ଚ ପରମସତ୍ତାଙ୍କ ଉପରକୁ ପ୍ରକ୍ଷେପିତ କରି ପାରିବ, ତେବେ ତୁମେ ନିଶ୍ଚୟ କଳ୍ପନା କରିପାରିବ ଯେ, ଏହିସବୁ ଯାବତୀୟ ପ୍ରୟୋଗ ଓ ପରୀକ୍ଷା କରିବାଟା ତାଙ୍କୁ ଭାରି ଆମୋଦଦାୟକ ମନେହେଉଛି, ବସ୍ତୁଗୁଡ଼ିକ କିପରି ଆସି ଆପଣାର ଭୂମିକାଗୁଡ଼ିକୁ ଗ୍ରହଣ କରି ଚାଲି ଯାଉଛନ୍ତି, ତାହାକୁ ଦେଖି ସିଏ ବେଶ୍ ଆନନ୍ଦ ପାଉଛନ୍ତି । ତାହା ହେଉଛି ଅନ୍ୟଏକ ବିଷୟ । ତଥାପି ଏକ ସର୍ବଚେତନାମୟ ସତ୍ତା ରହିଛନ୍ତି, ଯିଏକି ଶାଶ୍ୱତ କାଳରୁ ସବୁକିଛି ଜାଣୁଛନ୍ତି– ଏହି ସବୁକିଛିକୁ ଶବ୍ଦ ଦେଇ କହିବାକୁ ପଡୁଛି, ଯେଉଁଗୁଡ଼ିକ ଭିତରେ କି ଯଥେଷ୍ଟ ସାମର୍ଥ୍ୟ ଆଦୌ ନାହିଁ । ମାତ୍ର ତଥାପି, ଯେତେବେଳେ ତୁମେ ପ୍ରକ୍ରିୟାଟି ଉପରେ ଦୃଷ୍ଟି ପକାଉଛ, ତୁମେ ସେତେବେଳେ ଜାଣିବାକୁ ପାଉଛ ଯେ ଏହି ହସ୍ତକ୍ଷେପ ଫଳରେହିଁ ଦୁର୍ଘଟଣାଟିକୁ ଅଟକାଇ ରଖାଯାଇ ପାରିଲା : ଏକ ମିଥ୍ୟା ଚେତନାର ସ୍ଥାନାପନ୍ନ ଭାବରେ ଏକ ଯଥାର୍ଥ ଚେତନାର ଉପସ୍ଥାପନା କରାଯିବାରୁ ମିଥ୍ୟା ଚେତନାର ପ୍ରକ୍ରିୟାଟିକୁ ଅଟକାଇ ରଖିହେଲା ।

ମୁଁ ଭାବୁଛି, ବେଶ୍ ଅନେକ ସମୟରେ ଏହିପରି ଘଟିଥାଏ– ଆମେ ହୁଏତ ଯେତିକି ଭାବୁଥିବା, ତାହାଠାରୁ ଅନେକ ଅଧିକ ସମୟରେ ଘଟେ । ଉଦାହରଣ ସ୍ୱରୂପ, ଯେତେଥର ଆମର କୌଣସି ଅସୁସ୍ଥତା ଭଲ ହୋଇଯାଏ, କୌଣସି ଦୁର୍ଘଟଣାରୁ ରକ୍ଷା ମିଳିଯାଏ, ଯେତେଥର କୌଣସି ଏକ ଦୁର୍ବିପାକ, ଏପରିକି ଏକ ଜାଗତିକ ଦୁର୍ବିପାକରୁ ନିଷ୍କୃତି ମିଳିଥାଏ, ଏହିସବୁ ଯାବତୀୟ କ୍ଷେତ୍ରରେ, ବିଶୃଙ୍ଖଳାର ସ୍ପନ୍ଦନ ଉପରେ ସମଞ୍ଜସତାର ସ୍ପନ୍ଦନ ଆସି ହସ୍ତକ୍ଷେପ କରିବା ଫଳରେହିଁ ସେହି ବିଶୃଙ୍ଖଳାର ନିରାକରଣ ସମ୍ଭବ ହୋଇଥାଏ ।

ତେଣୁ ଧର୍ମଭୀରୁ ଲୋକମାନେ ସର୍ବଦା କହିଥା'ନ୍ତି, ''ପରମେଶ୍ୱରଙ୍କର କୃପାରୁହିଁ ଏହା ଘଟିଲା ।'' ସେମାନେ ଆଦୌ ଏତେ ଦୂର ଭୁଲ କଥା କହି ନାହାନ୍ତି ।

ମୁଁ କେବଳ ଏହି ଗୋଟିଏ କଥାକୁ ଲକ୍ଷ୍ୟ କରୁଛି ଯେ, ଶୃଙ୍ଖଳା ଏବଂ

ସମଞ୍ଜସତାର ଏହି ସ୍ପନ୍ଦନ ଆସି ଏହି କ୍ଷେତ୍ରରେ ହସ୍ତକ୍ଷେପ କରିଥାଏ– ଏହି ହସ୍ତକ୍ଷେପର କାରଣଗୁଡ଼ିକ ସହିତ ତାହାର କୌଣସି ସମ୍ପର୍କ ନ ଥାଏ । ଏହାକୁ କେବଳ ଏକ ବୈଜ୍ଞାନିକ ଅବଲୋକନ ବୋଲି କୁହାଯିବ– ଏବଂ ମୋ'ର ଏହି ଅଭିଜ୍ଞତା ବେଶ୍ ଅନେକଥର ହୋଇଛି ।

*ପୃଥିବୀ- ରୂପାନ୍ତରର ପ୍ରକ୍ରିୟାଟି ମଧ୍ୟ କ'ଣ ଠିକ୍ ସେହିପରି ହେବ କି ?*

ହଁ ।

*ସମଞ୍ଜସତାର ଏହି ସ୍ପନ୍ଦନ ଅଧିକରୁ ଅଧିକ ନିରନ୍ତର ଅବତରଣ କରିବ ?*

ହଁ, ହଁ, ଠିକ୍ ସେହିପରି ହେବ ।

ଏବଂ, ଏହି ଦୃଷ୍ଟିକୋଣରୁ, ମୁଁ ଏପରି ମଧ୍ୟ ଦେଖିଛି ଯେ,... ପରମଚେତନା ଆପଣାକୁ ଅପେକ୍ଷାକୃତ ଅଧିକ ପରିମାଣରେ ବ୍ୟକ୍ତ କରୁଥିବା ଶରୀରର ଭୂମିରେହିଁ ସର୍ବପ୍ରଥମେ ଏହି ଘଟଣାଟି ଅବଶ୍ୟ ଘଟିବ ବୋଲି ଯେଉଁ ସାଧାରଣ ଧାରଣାଟି ରହିଛି, ତାହା ସମ୍ପୂର୍ଣ୍ଣ ଭାବରେ ଏକ ନିରର୍ଥକ ଏବଂ ଗୌଣ ଧାରଣା ପରି ମନେ ହେଉଛି । ବରଂ ଅନ୍ୟ ପକ୍ଷରେ, ଏହା ଯୁଗପତ୍ ଭାବରେ ସବୁଠାରେ ଘଟୁଛି; ଯେଉଁଠାରେ ତାହା ସବୁଠାରୁ ଅଧିକ ସହଜ ଏବଂ ସଂପୂର୍ଣ୍ଣ ଭାବରେ ଘଟିବାର ସମ୍ଭାବନା ରହିଛି, ତାହା ସେଠାରେ ଘଟିପାରୁଛି; ଏବଂ ଏହି କ୍ରିୟାଟି ସକାଶେ କୋଷଗୁଡ଼ିକର ଏହି ସମଷ୍ଟିଟି (ମାଆ ତାଙ୍କ ନିଜ ଶରୀର ଆଡ଼କୁ ନିର୍ଦ୍ଦେଶ କଲେ) ଯେ ସର୍ବୋତ୍ତମ ଭାବରେ ପ୍ରସ୍ତୁତ ହୋଇ ସାରିଛି, ସେକଥା ମଧ୍ୟ କଦାପି ନୁହେଁ । ତେଣୁ, ଏହା ବାହାରକୁ ଯେପରି ଦିଶୁଛି, ଆହୁରି ଅନେକ ଦୀର୍ଘ କାଳ ଲାଗି ତାହା ହୁଏତ ଠିକ୍ ସେହିପରି ରହିଥିବ,– ତାହାର ବୋଧଶକ୍ତି ଏବଂ ଗ୍ରହଣଶୀଳତା ଅତ୍ୟନ୍ତ ଅସାଧାରଣ ହୋଇଥିଲେ ମଧ୍ୟ ତାହା ସେହିପରି ରହିଥିବ । ମୋ'ର କହିବାର ଅର୍ଥ ହେଉଛି, ଅନ୍ୟ ଯେତେଗୁଡ଼ିଏ ବସ୍ତୁ ସହିତ ଶରୀରର ସମ୍ପର୍କ ରହିଛି, ସେଗୁଡ଼ିକର ସଜ୍ଞାନତା ତୁଳନାରେ ଏହି ଶରୀରର ସଚେତନ ଅବବୋଧ ଅନନ୍ତ ଗୁଣରେ ଅଧିକ ଉଚ୍ଚସ୍ତରୀୟ ହୋଇ ରହିଛି; କେବଳ ଯେଉଁସବୁ ମୁହୂର୍ତ୍ତରେ ସତେଅବା କେଉଁ ପରମ କରୁଣାର ବଳରେ ଅନ୍ୟ ଶରୀରଗୁଡ଼ିକ ମଧ୍ୟ ଠିକ୍ ଏହି ଅବବୋଧଟିକୁ ଲାଭ କରୁଛନ୍ତି, ସେତେବେଳେ ଅବଶ୍ୟ ତାହା ଅନ୍ୟପ୍ରକାର ହେଉଛି । ମାତ୍ର, ଏହି ଶରୀର ଲାଗି ତାହା ଏକ ସ୍ୱାଭାବିକ ଓ ସତତ ସ୍ଥିତି ହୋଇ ରହିଛି । ଏହି ପରମ ରତ-ଚିତ୍ ଅନ୍ୟଗୁଡ଼ିକର ତୁଳନାରେ କୋଷଗୁଡ଼ିକର ଏହି ପୁଞ୍ଜିଟି ଉପରେ ଅପେକ୍ଷାକୃତ ଅଧିକ ସତତ ଭାବରେ ସଂକେନ୍ଦ୍ରିତ ହୋଇ ରହିଛି ବୋଲି ତାହାର ଅକାଟ୍ୟ ପରିଣାମ ସ୍ୱରୂପ

ସେହିପରି ହେଉଛି । ତାହା ଅଧିକ ପ୍ରତ୍ୟକ୍ଷ ଭାବରେ ମଧ୍ୟ ସଂକେନ୍ଦ୍ରିତ ହୋଇ ରହିଛି । ମାତ୍ର, ଆଉଗୋଟିଏ ସ୍ପନ୍ଦନର ସ୍ଥାନାପନ୍ନ ଭାବରେ ଗୋଟିଏ ସ୍ପନ୍ଦନର ଉପସ୍ଥାପନା କରାଇବା ପରିସ୍ଥିତିର ଭୂମିରେ, କ୍ରିୟାର ଏବଂ ବସ୍ତୁଗୁଡ଼ିକର ଭୂମିରେ,– ଯେଉଁଠାରେ ଏଥିରୁ ସବୁଠାରୁ ଅଧିକ ପ୍ରଭାବଶାଳୀ ଏବଂ ଫଳଦାୟକ ପରିଣାମ ସମ୍ଭବ ହେଉଛି, କେବଳ ସେହି ବିନ୍ଦୁରେହିଁ ତାହା ଘଟିପାରୁଛି ।

ଏହି କଥାଟିକୁ ମୁଁ ଅତ୍ୟନ୍ତ, ଅତ୍ୟନ୍ତ ସ୍ପଷ୍ଟଭାବରେ ଅନୁଭବ କରିଛି; ଏବଂ ଆମର ସ୍ଥୂଳ ଅହଂଟି ଭିତରେ ତାହାର ନିଜ ମହତ୍ତ୍ୱ ବିଷୟରେ ଏକ ଉଗ୍ର ବୋଧ ରହିଥିବା ପର୍ଯ୍ୟନ୍ତ ଆମେ କଦାପି ସେହି ଅନୁଭୂତିଟିକୁ ଲାଭ କରି ପାରିବା ନାହିଁ । ଏବଂ, ସ୍ଥୂଳ ଅହଂଟି ଚାଲିଯିବା ସଙ୍ଗେ ସଙ୍ଗେ ସେହି ମହତ୍ତ୍ୱବୋଧଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯାଇଥାଏ । ଏବଂ, ତାହା ଅନ୍ତର୍ହିତ ହୋଇଗଲେ ଆମର ଅତ୍ୟନ୍ତ ନିର୍ଭୁଲ ଭାବରେ ଏହିପରି ଏକ ଅବବୋଧ ହୋଇଥାଏ ଯେ, ସେହି ଯଥାର୍ଥ ସ୍ପନ୍ଦନଟିର ହସ୍ତକ୍ଷେପ ଅଥବା ଆବିର୍ଭାବ ଏହି ଅହଂଗୁଡ଼ାକ ଉପରେ ଅଥବା ବିଚ୍ଛିନ୍ନ ବ୍ୟକ୍ତିଭାବଗୁଡ଼ାକ ଉପରେ ମୋଟେ ନିର୍ଭର କରେ ନାହିଁ । ମନୁଷ୍ୟର କିଂବା କୌଣସି ଜାତିର ବ୍ୟକ୍ତିଭାବ ଉପରେ ନିର୍ଭର କରେ ନାହିଁ, ଏପରିକି ପ୍ରକୃତିର,– ପଶୁ ଓ ଉଦ୍ଭିଦ ପ୍ରଭୃତିର– ବ୍ୟକ୍ତିଭାବ ଗୁଡ଼ିକ ଉପରେ ମଧ୍ୟ ନିର୍ଭର କରେ ନାହିଁ । ତାହା କୋଷଗୁଡ଼ିକର ତଥା ଜଡ଼ର ଏକ ନିର୍ଦ୍ଦିଷ୍ଟ ପାରସ୍ପରିକ କ୍ରିୟାବିକ୍ରିୟା ଉପରେ ନିର୍ଭର କରେ, ଯେଉଁଥିରେ କି କେତେକ ସମଷ୍ଟି ରୂପାନ୍ତର ଲାଗି ବିଶେଷ ଭାବରେ ଅନୁକୂଳ ହୋଇ ରହିଥାନ୍ତି;– ଅଧିକ ନିର୍ଭୁଲ ଭାବରେ କହିଲେ, ''ରୂପାନ୍ତର'' ଲାଗି ନୁହେଁ, ମାତ୍ର ଏକ ସ୍ଥାନାପନ୍ନ ସମ୍ଭବ କରିବାଲାଗି ଅନୁକୂଳ ହୋଇ ରହିଥା'ନ୍ତି : ମିଥ୍ୟାର ସ୍ପନ୍ଦନର ସ୍ଥାନାପନ୍ନ ରୂପେ ସତ୍ୟର ସ୍ପନ୍ଦନର ପ୍ରତିଷ୍ଠା କରିବା ଲାଗି ଅନୁକୂଳ ହୋଇ ରହିଥାନ୍ତି । ଏବଂ, ଗୋଷ୍ଠୀ ଓ ବ୍ୟକ୍ତିମାନେ ଯେପରି ହୋଇଥାନ୍ତୁ ପଛକେ, ଏହି ଘଟଣାଟିର ଘଟିବା ତାହା ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନ ଥାଏ । ହୁଏତ ଏପରି ବି ହୋଇପାରେ ଯେ, ଖଣ୍ଡେ ଏଠାରେ ଥାଏ, ଆଉ ଖଣ୍ଡେ ସେଠାରେ ଥାଏ, ଗୋଟିଏ ବସ୍ତୁ ଏଠାରେ ଥାଏ ଓ ଆଉ ଗୋଟିଏ ବସ୍ତୁ ସେଠାରେ ଥାଏ– ଏବଂ ତାହା ସର୍ବଦା ଏକ ସଂପ୍ରସାରଣ ସମ୍ଭବ କରୁଥିବା ସ୍ପନ୍ଦନର ଏକ ବିଶେଷ ଗୁଣାତ୍ମକତାର ଅନୁରୂପ ହୋଇ ରହିଥାଏ,– ଏକ ଗ୍ରହଣଶୀଳ ସଂପ୍ରସାରଣ ସମ୍ଭବ କରୁଥିବା ଗୁଣାତ୍ମକତାର ଅନୁରୂପ ହୋଇ ରହିଥାଏ । ତେବେଯାଇ ଘଟଣାଟି ଘଟିବା ସମ୍ଭବ ହୁଏ ।

ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ମୁଁ ମୂଳରେ ଯେପରି କହୁଥିଲି, ବ୍ୟବହୃତ ଯାବତୀୟ ଶବ୍ଦ କେବଳ ଏକ ରୂପମୟ ଜଗତରହିଁ ସମ୍ପୃକ୍ତ ହୋଇ ରହିଥା'ନ୍ତି ।

(ମାଆ ନୀରବ ରହିଲେ)

ଏବଂ; ଏହି କେତେଦିନ ହେଲା ମୁଁ ଏହିପରି ଅନୁଭବ କରିଆସିଛି; ଏଥିରେ ମୋ'ର ଏକ ଦୃଷ୍ଟି ଲାଭ ହୋଇଛି, ଏକ ଦୃଢ଼ ପ୍ରତ୍ୟୟ ମଧ୍ୟ ଉପଲବ୍ଧ ହୋଇଛି– ଅନୁଭୂତିରୁ ଲବ୍ଧ ଏକ ଦୃଢ଼ ପ୍ରତ୍ୟୟ : ଦୁଇଟିଯାକ ସ୍ପନ୍ଦନ ସେହିପରି ଭାବରେ ଆସନ୍ତି (ଉପରୁ ଆସି ଆପଣାକୁ ପ୍ରତିଷ୍ଠିତ କରିବା ଏବଂ ଅନୁପ୍ରବିଷ୍ଟ ହେବାର ଇଙ୍ଗିତ) – ସର୍ବଦା ଠିକ୍ ସେହିପରି ଭାବରେହିଁ ଆସନ୍ତି । ସର୍ବଦା ସେହିପରି ଆସୁଥା'ନ୍ତି ।

ଅନୁପ୍ରବେଶର ପରିମାଣ କ୍ରମଶଃ ବୃଦ୍ଧି ପାଇ ଯେତେବେଳେ ଅବବୋଧର ସୀମା ଭିତରକୁ ଆସେ, ସମ୍ଭବତଃ ସେତିକିବେଳେ ଏକ ବିସ୍ମୟର ଅନୁଭୂତି ଉପଲବ୍ଧ ହୋଇଥାଏ । ମାତ୍ର, ମୋ'ର ଯାହା ଧାରଣା ହେଉଛି,– ଏବଂ ଅତ୍ୟନ୍ତ ତୀବ୍ର ଭାବରେ ଏହି ଧାରଣାଟି ହେଉଛି– ଯେ, ଏହି ଘଟଣାଟି ସର୍ବଦା, ସର୍ବତ୍ର ଘଟିବାରେ ଲାଗିଛି (ଅନୁପ୍ରବେଶର ବିନ୍ଦୁଗୁଡ଼ିକୁ ଦର୍ଶାଇ ଦେବାର ଇଙ୍ଗିତ), ଅତ୍ୟନ୍ତ ବିଶଦ ଏବଂ ସୂକ୍ଷ୍ମ ଭାବରେ ଘଟିବାରେ ଲାଗିଛି । ଏବଂ, କେତେକ ଦୃଶ୍ୟମାନ– ସେହି ଦୃଷ୍ଟି ପାଇଁ ଦୃଶ୍ୟମାନ– ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ଅବସ୍ଥାରେ– ଏହାକୁ ଏକ ଆଲୋକନଯୁକ୍ତ ସଂପ୍ରସାରଣ ବୋଲି କୁହାଯିବ, ସେକଥାକୁ ମୁଁ ବୁଝାଇ କହି ପାରିବି ନାହିଁ– ସେତେବେଳେ ଅନୁପ୍ରବେଶର ସଘନତା ଏତେ ବୃଦ୍ଧିପ୍ରାପ୍ତ ହେଉଛି ଯେ, ତାହା ସତେଅବା ଏକ ଅଲୌକିକ ଘଟଣା ଘଟୁଥିବାର ଧାରଣା ଦେଇ ଯାଉଛି । ମାତ୍ର, ତା' ନ ହେଲେ ତାହା ନିରନ୍ତର ଘଟିବାରେ ଲାଗିଛି, ଏହି ଜଗତରେ ଅବିରାମ ଭାବରେ ଘଟୁଛି (ସେହିପରି ବିନ୍ଦୁଗୁଡ଼ିକୁ ସୂଚିତ କରି ଦେଖାଇ ଦେବାର ଇଙ୍ଗିତ), ମିଥ୍ୟାର ଏକ ସୂକ୍ଷ୍ମ ପରିମାଣର ସ୍ଥାନାପନ୍ନ ଭାବରେ ଆଲୋକର ପ୍ରତିଷ୍ଠା ହେଉଥିବା ପରି, ଆଲୋକହିଁ ମିଥ୍ୟାର ସ୍ଥାନ ଗ୍ରହଣ କରୁଥିଲା ପରି ତାହା ଘଟୁଛି । ନିରନ୍ତର ଘଟୁଛି ।

ଏବଂ ଏହି ସ୍ପନ୍ଦନ– ମୁଁ ଯାହାକୁ ଅନୁଭବ କରି ପାରୁଛି ଓ ଦେଖି ପାରୁଛି– ମୋତେ ତାହା ଏକ ଅଗ୍ନିର ଅନୁଭବ ଆଣି ଦେଇଯାଉଛି । ନିଶ୍ଚିତଭାବେ ଏହାକୁହିଁ ବୈଦିକ କାଳର ଋଷିମାନେ 'ଅଗ୍ନି' ବୋଲି ଭାଷା ଦେଇଛନ୍ତି– ମନୁଷ୍ୟର ଚେତନା, ସ୍ୱୟଂ ମନୁଷ୍ୟ ଏବଂ ଜଡ଼ ପଦାର୍ଥର ବର୍ଣ୍ଣନା କଲାବେଳେ ସେମାନେ ସର୍ବଦା ଏହି ଅଗ୍ନିଶିଖାର କଥା କହିଛନ୍ତି । ବସ୍ତୁତଃ ତାହାକୁ ଏକ ସ୍ପନ୍ଦନ ବୋଲିହିଁ କୁହାଯିବ; ସେହି ସ୍ପନ୍ଦନ ମଧ୍ୟରେ ଏକ ଉଚ୍ଚତର ଅଗ୍ନିର ସଘନତା ନିହିତ ହୋଇ ରହିଛି ।

ଏହି ପ୍ରକ୍ରିୟାଟି ଯେତେବେଳେ ଅତ୍ୟନ୍ତ ସଂକେନ୍ଦ୍ରିତ ଓ ସଘନଭାବରେ ଚାଲିଥିଲା, ସେତେବେଳେ ଏକାଧିକ ଥର ଏପରି ଘଟିଲା ଯେ, ଏପରିକି ଏହି ଶରୀର

ମଧ୍ୟ ଅନୁଭବ କଲା, ସତେଯେପରି ତାହାକୁ ଏକ ଜ୍ୱରର ସମତୁଲ ବୋଲି କୁହାଯାଇ ପାରିବ ।

ଦୁଇ ତିନି ରାତି ପୂର୍ବେ ଠିକ୍ ସେହିପରି ଗୋଟିଏ ଘଟଣା ଘଟିଲା; ସେତେବେଳେ ଏହି ବିରାଟ ଶକ୍ତିର ଅବତରଣ ଘଟିଲା, ଏହି ବିରାଟ ସତ୍ୟ-ଶକ୍ତିର ଅବତରଣ ଘଟିଲା ଏବଂ ସେଥିରେ ଏକ ବିଶେଷ ସଘନତା ରହିଥିଲା... ହଁ, ବର୍ତ୍ତମାନ ପ୍ରକୃତରେ ତାହାହିଁ ଘଟୁଛି– ସକଳ ସ୍ଥାନରେ ଘଟୁଛି, ନିରନ୍ତର ଘଟିବାରେ ଲାଗିଛି । ତେଣୁ, ଯଥେଷ୍ଟ ବୃହଦାକାର କୌଣସି ଏକ ସମଷ୍ଟିରେ ତାହା ଘଟିଲେ ଏହା ସତେଅବା ଏକ ଅଲୌକିକ ଘଟଣା ପରି ଲାଗୁଛି– ମାତ୍ର ଏହା ହେଉଛି **ଏହି ସମଗ୍ର ପୃଥିବୀର** ଏକ ଅଲୌକିକ ଘଟଣା ।

ଏହି କ୍ଷେତ୍ରରେ ଅତ୍ୟନ୍ତ ଅବିଚଳିତ ହୋଇ ରହିବାକୁ ପଡ଼ିବ, କାରଣ ଏହାର ପରିଣାମମାନ ମଧ୍ୟ ରହିଛି, ଏହା ଶକ୍ତିର ଏକ ଅବବୋଧ ଆଣି ଦେଉଛି ଏବଂ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତିହିଁ ଏହାକୁ ଅନୁଭବ କରିପାରିବେ, ଅଙ୍ଗେ ନିଭାଇ ପାରିବେ ଏବଂ ତଥାପି ସେମାନଙ୍କର ଭାରସାମ୍ୟଟି କୌଣସି ପ୍ରକାରେ ଆଦୌ ବ୍ୟାହତ ହେବ ନାହିଁ । ଶାନ୍ତିର, ଏକ ବ୍ୟାପକ ଓ ଅତ୍ୟନ୍ତ, ଅତ୍ୟନ୍ତ ଚାଞ୍ଚଲ୍ୟ ରହିତ ଶାନ୍ତିର ଯଥେଷ୍ଟ ସୁଦୃଢ଼ ଭିତ୍ତିଟିଏ ନ ଥିଲେ ସେହି ଭାରସାମ୍ୟଟି ଟଳିଯିବାର ସର୍ବଦା ଆଶଙ୍କା ରହିଥିବ । ମୁଁ ଏକଥା ଅନେକ ବାର କହିଛି : ଉତ୍ତର କେବଳ **ଗୋଟିଏ** ରହିଛି, କେବଳ ଗୋଟିଏ ଉତ୍ତର ରହିଛି : ଆମକୁ ସ୍ଥିର, ଏକାନ୍ତ ସ୍ଥିର ରହିବାକୁ ପଡ଼ିବ, ଏପରିକି ତା'ଠାରୁ ଆହୁରି ଅଧିକ ସ୍ଥିର ହୋଇ ରହିବାକୁ ପଡ଼ିବ – ଅଧିକରୁ ଅଧିକ ସ୍ଥିର ହେବାକୁ ପଡ଼ିବ,– ଏବଂ ମସ୍ତିଷ୍କ ଦେଇ ଆଦୌ କୌଣସି ସମାଧାନ ବାହାର କରିବାକୁ ଯିବାର ଯାବତୀୟ ପ୍ରୟାସକୁ ବନ୍ଦ କରିଦେବାକୁ ପଡ଼ିବ । ତୁମେ କେବଳ ସ୍ଥିର ହୋଇଯିବ,– ସ୍ଥିର, ସ୍ଥିର, ଏକାନ୍ତ ଅବିଚଳ ଭାବରେ ସ୍ଥିର ହୋଇଯିବାକୁ ପଡ଼ିବ । ସ୍ଥିର ଓ ଶାନ୍ତ, ସ୍ଥିର ଓ ଶାନ୍ତ– ଏହାହିଁ **ଏକମାତ୍ର** ସମାଧାନ, ଏହାହିଁ ଏକମାତ୍ର ଉତ୍ତର ।

ଏହାହିଁ ଆରୋଗ୍ୟ ବୋଲି ମୁଁ ଆଦୌ କହୁ ନାହିଁ, ମାତ୍ର ଏହାହିଁ ଏକମାତ୍ର ଉତ୍ତର : ସ୍ଥିର ଓ ଶାନ୍ତ ଭାବରେ ସହ୍ୟ କରିବା, ଏକାନ୍ତ ସ୍ଥିର ଓ ଶାନ୍ତ ହୋଇ ସହ୍ୟ କରିବା ।

ତେବେ କିଛି ନା କିଛି ଅବଶ୍ୟ ଘଟିବ ।

୨୫ ମାର୍ଚ୍ଚ, ୧୯୬୪

୧୦୩. ସନ୍ନ୍ୟାସମାର୍ଗର ଭୂୟସୀ ପ୍ରଶଂସା କରି ବିବେକାନନ୍ଦ କହିଛନ୍ତି ଯେ ଭାରତବର୍ଷର ସମୁଦାୟ ଇତିହାସରେ କେବଳ ଜଣେ ଜନକ ସମ୍ଭବ ହୋଇଛନ୍ତି । ଏକଥା ପ୍ରକୃତରେ ସତ ନୁହେଁ, କାରଣ ଜନକ କୌଣସି ଜଣେ ବ୍ୟକ୍ତିଙ୍କ ନାମ ନୁହେଁ, ସ୍ୱୟଂ– ଶାସକ ଏକାଧିକ ନରପତିଙ୍କୁ ଏବଂ ଏକ ଆଦର୍ଶର ବିଜୟଘୋଷଣାକୁ ଏହା ବୁଝାଇଥାଏ ।

୧୦୪. ଲକ୍ଷ ଲକ୍ଷ ଗୈରିକ ବସନଧାରୀ ସନ୍ନ୍ୟାସୀଙ୍କ ମଧ୍ୟରେ ପ୍ରକୃତରେ କେତେଜଣ ସିଦ୍ଧ ? ମାତ୍ର ଅଳ୍ପ ସଂଖ୍ୟକ ସିଦ୍ଧି ଏବଂ ବହୁସଂଖ୍ୟକ ସମୀପବର୍ତ୍ତିତା– ତାହାହିଁ ଏକ ଆଦର୍ଶର ଔଚିତ୍ୟକୁ ପ୍ରମାଣ କରିଥାଏ ।

୧୦୫. ଯଥାର୍ଥ ସନ୍ନ୍ୟାସୀ ଶହଶହ ସଂଖ୍ୟାରେ ସମ୍ଭବ ହୋଇଛନ୍ତି, କାରଣ ସନ୍ନ୍ୟାସଧର୍ମର ବ୍ୟାପକ ପ୍ରଚାର ହୋଇଛି ଓ ବହୁ ଲୋକ ତାହାର ଅଭ୍ୟାସ କରିଛନ୍ତି । ଆଦର୍ଶ ମୁକ୍ତିକୁ ମିଶାଇ ଠିକ୍ ସେହି ପ୍ରଚାର କରାଯାଉ, ଦେଖିବ ଅମକୁ ଶହ ଶହ ଜନକ ମିଳିବେ ।

୧୦୬. ସନ୍ନ୍ୟାସମାର୍ଗର ଏକ ଔପଚାରିକ ପରିଧାନ ରହିଛି, କେତୋଟି ବାହ୍ୟ ସନ୍ତକ ମଧ୍ୟ ରହିଛି; ତେଣୁ ଲୋକେ ଭାବନ୍ତି ଯେ ସେମାନେ ସନ୍ନ୍ୟାସୀମାନଙ୍କୁ ଭାରି ସହଜରେ ଚିହ୍ନି ନେଇ ପାରିବେ । ମାତ୍ର ଜଣେ ଜନକଙ୍କର ସ୍ୱାଧୀନତା ଆଦୌ କୌଣସି ଘୋଷଣା କରି ନିଜ ଅସ୍ତିତ୍ୱର ସଙ୍କେତ ଦିଏ ନାହିଁ, ତାହା ଏହି ସଂସାରର ବସ୍ତ୍ରକୁ ପରିଧାନ କରିଥାଏ; ତାଙ୍କୁ ଚିହ୍ନିବାକୁ ଯାଇ ନାରଦ ମଧ୍ୟ ସମର୍ଥ ହୋଇ ପାରିଲେ ନାହିଁ ଓ ଭ୍ରମରେ ପଡ଼ିଗଲେ ।

୧୦୭. ସଂସାରରେ ରହିବା, ସ୍ୱାଧୀନ ଓ ମୁକ୍ତ ହୋଇ ରହିବା, ତଥାପି ଜଣେ ସାଧାରଣ ମନୁଷ୍ୟର ଜୀବନ ଯାପନ କରିବା କଠିନ; ମାତ୍ର, କଠିନ ହୋଇଥିବାରୁହିଁ ସେଥିଲାଗି ପ୍ରୟାସ କରିବାକୁ ହେବ ଏବଂ ତାହାକୁ ହାସଲ କରିବାକୁ ପଡ଼ିବ ।

ଏସବୁ ଅତ୍ୟନ୍ତ ସ୍ପଷ୍ଟ !

*ଅତ୍ୟନ୍ତ ସ୍ୱଚ୍ଛ, କିନ୍ତୁ କଷ୍ଟକର ।*

ଯାବତୀୟ ବନ୍ଧନରୁ ମୁକ୍ତ ରହିବାର ଅର୍ଥ ନୁହେଁ ଯେ ବନ୍ଧନର ସକଳ ଅବସର ମଧ୍ୟରୁ ପଳାୟନ କରିବା । ଏହି ଯେଉଁ ବ୍ୟକ୍ତିମାନେ ସ୍ୱବୈରାଗ୍ୟର ପ୍ରଚାର କରନ୍ତି, ସେମାନେ ଯେ କେବଳ ପଳାୟନ କରିଥାନ୍ତି ତା' ନୁହେଁ, ସେମାନେ ଅନ୍ୟମାନଙ୍କୁ ମଧ୍ୟ ଆଦୌ କୌଣସି ଚେଷ୍ଟା ନ କରିବା ଲାଗି ସତର୍କ କରି ଦେଉଥାନ୍ତି ।

ଏହା ମୋତେ ଅତ୍ୟନ୍ତ ସ୍ୱଚ୍ଛ ବୋଧ ହେଉଛି । କୌଣସି ବସ୍ତୁର ସମ୍ମୁଖୀନ ନ ହେବ ବୋଲି ତୁମେ ଯେତେବେଳେ ସେହି ବସ୍ତୁ ପାଖରୁ ଦଉଡ଼ି ପଳାଇ ଯିବାକୁ ଆବଶ୍ୟକ ମନେ କରୁଛ, ତାହାର ଅର୍ଥ ହେଉଛି ଯେ ତୁମେ ମୋଟେ ସେହି ବସ୍ତୁର ଊର୍ଦ୍ଧ୍ୱରେ ରହି ନାହଁ, ତୁମେ ତଥାପି ତା'ସହିତ ସେହି ଏକା ସ୍ତରରେ ରହିଛ ।

ଯାହାକିଛି ଅବଦମିତ କରି ରଖେ, ହ୍ରାସ କରିଆଣେ ଅଥବା କ୍ଷୁଦ୍ର କରିଦିଏ, ତାହା କଦାପି ମୁକ୍ତି ଆଣି ଦେଇପାରିବ ନାହିଁ । ଜୀବନର ସମଗ୍ର କ୍ଷେତ୍ରରେ ତଥା ଆମର ଯାବତୀୟ ବୋଧରେ ସେହି ମୁକ୍ତିକୁ ଅନୁଭବ କରିବାକୁ ହେବ ।

ବସ୍ତୁତଃ ମୁଁ ଏହି ବିଷୟରେ କ୍ରମାନ୍ୱୟରେ କେତେ ଅଧ୍ୟୟନ କରିଛି, ସଂପୂର୍ଣ୍ଣ ଭାବରେ ଏହି ଭୌତିକ ଭୂମିର ପରିପ୍ରେକ୍ଷୀରେହିଁ ତାହାର ଅଧ୍ୟୟନ କରିଛି... ସମ୍ଭାବ୍ୟ ଯାବତୀୟ ଭୁଲର ଊର୍ଦ୍ଧ୍ୱରେ ରହିବା ଲାଗି ଭୁଲ୍‌ର ଯାବତୀୟ ଅବସରକୁହିଁ ଅପସାରିତ କରି ରଖିବା ଲାଗି ଆମ ଭିତରେ ଏକ ପ୍ରବୃତ୍ତି ରହିଥାଏ । ଉଦାହରଣ ସ୍ୱରୂପ, ଯଦି ତୁମେ ବୃଥା କୌଣସି କଥା କହିବ ନାହିଁ ବୋଲି ଇଚ୍ଛା କରୁଛ, ତେବେ ତୁମେ ଏକାବେଳେକେ କଥା କହିବାହିଁ ବନ୍ଦ କରିଦିଅ । ଯେଉଁ ଲୋକମାନେ ଚୁପ୍ ରହିବେ ବୋଲି ଶପଥ କରନ୍ତି, ଏହାରି ଦ୍ୱାରା ସେମାନଙ୍କର ବାକ୍‌ସଂଯମ ହୋଇଯିବ ବୋଲି ସେମାନେ ଭାବିଥାନ୍ତି । ମାତ୍ର ଏକଥା ଆଦୌ ଠିକ୍ ନୁହେଁ ! ଏହାଦ୍ୱାରା କେବଳ କଥା କହିବାର ଅବସରଟିକୁହିଁ ବାରିତ କରି ରଖାଯାଏ ଏବଂ ତେଣୁ ବୃଥା କଥା କହିବାର ଅବସରକୁ ମଧ୍ୟ ବାରିତ କରି ରଖାଯାଏ । ଆହାରର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା : ଯେତିକି ଖାଇବା ଆବଶ୍ୟକ, ଆମେ କେବଳ ସେତିକି ଖାଇବା । ଆମେ ଯେଉଁ ମଧ୍ୟବର୍ତ୍ତୀ ଅବସ୍ଥାରେ ଆସି ଉପନୀତ ହୋଇଛୁ, ସେଠାରେ ଏକ ଜଡ଼ ସ୍ତରୀୟ ଆଦାନପ୍ରଦାନ ଏବଂ ଆହାର ଉପରେ ଆଧାରିତ ସଂପୂର୍ଣ୍ଣ ଭାବରେ ଏହି ପ୍ରାଣୀସ୍ତରୀୟ ଜୀବନ ଯାପନ କରିବାକୁ ଆମର ଆଉ ମୋଟେ ଇଚ୍ଛା ହେଉ ନାହିଁ । ମାତ୍ର ଏପରି ବିଶ୍ୱାସ କରିବା ମଧ୍ୟ ନିର୍ବୋଧତାର କଥା ହେବ ଯେ, ଆମେ ଏପରି ଏକ ସ୍ଥିତିରେ ଆସି ପହଞ୍ଚି ଗଲୁଣି ଯେଉଁଠାରେ କି ଆଦୌ କୌଣସି ଆହାର ଗ୍ରହଣ ନ କରି ମଧ୍ୟ ଶରୀର ଜିଇକରି

ରହିପାରିବ । ତଥାପି, ଏହି କ୍ଷେତ୍ରରେ ଏକ ବୃହତ୍ ପାର୍ଥକ୍ୟ ଅବଶ୍ୟ ଦୃଷ୍ଟିଗୋଚର ହେଲାଣି, କାରଣ ଏବେ ସେମାନେ, ଯେପରି ଖାଇବାର ପରିମାଣକୁ ଅନେକ ହ୍ରାସ କରି ଦେଇହେବ, ସେଥିଲାଗି ବିଭିନ୍ନ ବସ୍ତୁ ମଧ୍ୟରେ ରହିଥିବା ପ୍ରଧାନ ପୌଷ୍ଟିକ ସାରଗୁଡ଼ିକୁ ଅନୁସନ୍ଧାନ କରି ବାହାର କରିବାକୁ ଚେଷ୍ଟା କଲେଣି । ମାତ୍ର, ଉପବାସ କରିବା ଲାଗି ତଥାପି ଏକ ସ୍ୱାଭାବିକ ପ୍ରବୃତ୍ତି ରହିଛି । ଏହା ଏକ ଭୁଲ୍ କଥା ।

କାଳେ କାର୍ଯ୍ୟ କରୁ କରୁ ଆମେ ଭୁଲ୍ କରି ପକାଇବା, ସେଥିଲାଗି ଆମେ ଆଦୌ କିଛି କରିବାହିଁ ବନ୍ଦ କରି ଦେଉଛୁ । ଆମ କଥା କହିବାରେ କାଳେ ଭୁଲ୍ ହୋଇଯିବ, ସେଥିଲାଗି ଆମେ କଥା କହିବା ବନ୍ଦ କରି ଦେଉଛୁ । ଆହାରର ଆନନ୍ଦ ଗ୍ରହଣ କରିବା ଲାଗିହିଁ କାଳେ ଆହାରଗ୍ରହଣ କରିବାକୁ ଇଚ୍ଛା ହେବ, ସେହି ଭୟରେ ଆମେ ଏକାବେଳେକେ ଖାଇବା ଛାଡ଼ି ଦେଉଛୁ । ଏହାକୁ ଆଦୌ ସ୍ୱାଧୀନତା ବୋଲି କୁହାଯିବ ନାହିଁ, ଏହାଦ୍ୱାରା କେବଳ ଅଭିବ୍ୟକ୍ତିର ସଂଖ୍ୟାଟିକୁ ଏକ ସର୍ବନିମ୍ନ ଗାରରେ ଆଣି ରଖିବା ସମ୍ଭବ ହୋଇଥାଏ । ଏବଂ, ଏହାର ସ୍ୱାଭାବିକ ଉପସଂହାର କରି ଆମେ ଯାଇ ନିର୍ବାଣ ପାଖରେ ପହଞ୍ଚିଥାଉ । ମାତ୍ର, ଯଦି ପରମେଶ୍ୱର କେବଳ ନିର୍ବାଣହିଁ ଇଚ୍ଛା କରିଥିଲେ, ତେବେ ତ କେବଳ ନିର୍ବାଣହିଁ ରହିଥାନ୍ତା, ଏହି ଯାବତୀୟ ସବୁକିଛି ରହିବାର ଆଉ କ'ଣ ଆବଶ୍ୟକତା ଥିଲା ? ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ପରମେଶ୍ୱର ଯାବତୀୟ ବିପରୀତ ବସ୍ତୁଗୁଡ଼ିକର ଏକ ସହାବସ୍ଥାନହିଁ କଳ୍ପନା କରିଥାଆନ୍ତି, ଏବଂ ତାଙ୍କ ଲାଗି ଏହାହିଁ ଅବଶ୍ୟ ଏକ ସମଗ୍ରତାର ସର୍ବପ୍ରଥମ ସୋପାନ ବୋଲି ବିବେଚିତ ହେଉଥିବ । ତେଣୁ, ସ୍ପଷ୍ଟତଃ, ଯଦି ଆମେ ନିଜକୁ ସେଇଥିଲାଗି ଅଭିପ୍ରେତ ବୋଲି ଅନୁଭବ କରୁଥିବା, ତେବେ ଆମେ ଆପଣା ଲାଗି ତାଙ୍କର ଅଭିବ୍ୟକ୍ତିଗୁଡ଼ିକ ମଧ୍ୟରୁ କେବଳ କୌଣସି ଗୋଟିକୁ ବାଛିନେଇ ପାରିବା, ଅର୍ଥାତ୍ ଆମେ ଅଭିବ୍ୟକ୍ତିର ଅନୁପସ୍ଥିତିଟିକୁ ବାଛିନେଇ ପାରିବା ମାତ୍ର ଏହା ହେଉଛି ତଥାପି ଏକ ସୀମାବଦ୍ଧତା । ଏବଂ, ତାଙ୍କର ଲାଭ କରିବା ସକାଶେ ଏହା ଆଦୌ ଏକମାତ୍ର ମାର୍ଗ ନୁହେଁ, କଦାପି ନୁହେଁ !

ଏହି ପ୍ରବୃତ୍ତିଟି ଅତ୍ୟନ୍ତ ସଚରାଚର ଦେଖାଯାଇଥାଏ ଓ ସମ୍ଭବତଃ ଏକ ପୁରାତନ ପରାମର୍ଶ ଅଥବା କୌଣସି ଏକ ଅଭାବରୁହିଁ ଏହାର ଉତ୍ପତ୍ତି ହୋଇଛି, ହୁଏତ କୌଣସି ଅସମର୍ଥତାରୁ ଜନ୍ମଲାଭ କରିଛି– ତାହା ଆମକୁ ହ୍ରାସ କରି ଆଣିବା ଲାଗି, ଯଥାସମ୍ଭବ ଅଧିକ ହ୍ରାସ କରି ଆଣିବା ଲାଗି ପରାମର୍ଶ ଦେଇଆସିଛି– ଆମକୁ ଆମର ଆବଶ୍ୟକତାଗୁଡ଼ିକୁ ହ୍ରାସ କରି ଆଣିବାକୁ କହିଛି, ଆମ କ୍ରିୟାର ପରିସରଗୁଡ଼ିକୁ, ଆମେ ବ୍ୟବହାର କରୁଥିବା ଶବ୍ଦକୁ, ଆହାରକୁ ଓ ସକ୍ରିୟ ଜୀବନକୁ ହ୍ରାସ କରି ଆଣିବା ଲାଗି ପ୍ରବର୍ତ୍ତନା ଦେଇଛି । ଏବଂ ସେଗୁଡ଼ାକ କ୍ରମେ ଅତ୍ୟନ୍ତ ସଂକୀର୍ଣ୍ଣ ବି ହୋଇ ଯାଇଥାଏ ।

ଆଉ ମୋଟେ ଭୁଲ୍ କରିବା ନାହିଁ ବୋଲି ଏକ ଆକାଙ୍କ୍ଷା ଦ୍ୱାରା ପରିଚାଳିତ ହୋଇ ଆମେ ଭୁଲ୍ କରିବାର ଯାବତୀୟ ଅବସରକୁହିଁ ବାରିତ କରି ରଖିଥାଉ । ତଦ୍ୱାରା ଆଦୌ କୌଣସି ଆରୋଗ୍ୟଲାଭ ହୁଏ ନାହିଁ ।

ମାତ୍ର, ଅନ୍ୟ ମାର୍ଗଟି ମଧ୍ୟ ଭାରି, ଭାରି କଷ୍ଟକର ।

(ମାଆ ନୀରବ ରହିଲେ)

ନାଇଁ, ଅସଲ ସମାଧାନଟି ହେଉଛି ଯେ ଆମେ କେବଳ ଦିବ୍ୟ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କିଛି କରିବା, କେବଳ ଦିବ୍ୟ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ଯାହାକିଛି କହିବା, ଦିବ୍ୟ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ଆହାର ଗ୍ରହଣ କରିବା । ଏହା ଏକ କଷ୍ଟକର କଥା, କାରଣ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତୁମେ ସଙ୍ଗେ ସଙ୍ଗେ ଦିବ୍ୟ ପ୍ରେରଣାକୁ ନିଜର ବ୍ୟକ୍ତିଗତ ବାସନାଗୁଡ଼ିକ ସହିତ ନେଇ ଏକାଠି ଗୋଳିଆମିଶା କରି ପକାଅ ।

ମୁଁ ଭାବୁଛି, ତ୍ୟାଗର ପ୍ରଚାର କରୁଥିବା ମହାପୁରୁଷମାନେ ପ୍ରକୃତରେ ଏହାହିଁ କହିବାକୁ ଇଚ୍ଛା କରିଥିଲେ : ବାହାରୁ କିଂବା ନିମ୍ନରୁ ଆସୁଥିବା ସବୁକିଛିକୁ ଆମେ ଏକାବେଳେକେ କାଟି ପକାଇବା, ଯେପରିକି, ଯଦି ଉପରୁ କିଛି ଅଭିବ୍ୟକ୍ତ ହେବାର ମୁହୂର୍ତ୍ତ ଆସିବ, ତେବେ ଆମେ ତାହାକୁ ଗ୍ରହଣ କରି ପାରିବାର ଅନୁକୂଳ ସ୍ଥିତିରେ ରହିଥିବା । ମାତ୍ର, ସାମୂହିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି ପ୍ରକ୍ରିୟାଟି ଲାଗି ପ୍ରକୃତରେ ହଜାର ହଜାର ବର୍ଷ ଲାଗିଯିବ । ବ୍ୟକ୍ତିର ଦୃଷ୍ଟିକୋଣରୁ ବିଚାର କରୁଥିବା ପର୍ଯ୍ୟନ୍ତ ଏହା ସମ୍ଭବ ହେବ; ମାତ୍ର, ଯଦି, ଯଥାର୍ଥ ପ୍ରେରଣାଟିକୁ ଗ୍ରହଣ କରିବା ଲାଗି ଆକାଙ୍କ୍ଷାକୁ ଜାଗୃତ କରି ରଖିବାକୁ ହୁଏ,– ଏଠାରେ ''ପୂର୍ଣ୍ଣ ମୁକ୍ତି''ର ଆକାଙ୍କ୍ଷା କଥା କୁହାଯାଉ ନାହିଁ, ମାତ୍ର ସର୍ବୋଚ୍ଚ ପରମସତ୍ତାଙ୍କ ସହିତ **ସକ୍ରିୟ** ଭାବରେ ଏକ ଏକାତ୍ମକତା ଅର୍ଜନ କରିବାର ଆକାଙ୍କ୍ଷା କଥା କୁହାଯାଉଛି, ଅର୍ଥାତ୍, ସିଏ ଯାହା ଇଚ୍ଛା କରିବେ, କେବଳ ତାହାହିଁ ଇଚ୍ଛା କରିବା, ସିଏ ଯାହା ଇଚ୍ଛା କରିବେ, କେବଳ ତାହାହିଁ କରିବା : କେବଳ ତାଙ୍କରି ନିକଟବର୍ତ୍ତୀ ହୋଇ ତାଙ୍କରି ମଧ୍ୟରେ ଜୀବନ ଧାରଣ କରିବା । ତେଣୁ ଏହି କ୍ଷେତ୍ରରେ ତ୍ୟାଗର ମାର୍ଗଟିକୁ ପ୍ରୟୋଗ କରାଯାଇ ପାରିବ; ମାତ୍ର, ଯିଏ ଅନ୍ୟମାନଙ୍କଠାରୁ ସମସ୍ତ ସମ୍ବନ୍ଧ କାଟି ଯିଏ ଅଲଗା ହୋଇ ରହିବାକୁ ଇଚ୍ଛା କରୁଛି, କେବଳ ତାହାରି ପାଇଁହିଁ ଏହି ମାର୍ଗଟି ଉପଯୁକ୍ତ ହେବ । ମାତ୍ର ସେହି କ୍ଷେତ୍ରରେ କୌଣସି ସମଗ୍ରତା ଆଦୌ ସମ୍ଭବ ହେବ କି ? ମୋତେ ତ ତାହା ଅସମ୍ଭବ ପରି ଲାଗୁଛି ।

ଜଣେ ଯାହା କରିବାକୁ ଇଚ୍ଛା କରୁଛି, ତାହାକୁ ସେ ସମସ୍ତଙ୍କ ଆଗରେ ଘୋଷଣା କରିଦେବା ଦ୍ୱାରା ପ୍ରଭୂତ ସାହାଯ୍ୟ ମିଳିଥାଏ । ଏଥିରୁ ହୁଏତ ନାନା ଆପତ୍ତି, ଦ୍ୱନ୍ଦ୍ୱ ଏବଂ ଅଶ୍ରଦ୍ଧା ଜନ୍ମଲାଭ କରିପାରେ, ମାତ୍ର, ସାଧାରଣ ଲୋକେ ତୁମଠାରୁ ଯେଉଁ ପ୍ରତ୍ୟାଶା ରଖିଛନ୍ତି, ତଦ୍ଦ୍ୱାରା ତାହାର ଅନେକ ପରିମାଣରେ କ୍ଷତିପୂରଣ ହୋଇଯାଏ, ଅର୍ଥାତ୍, ତୁମେ ଯାହା ହେବ ବୋଲି ଅନ୍ୟ ଲୋକମାନେ ଆଶା କରୁଛନ୍ତି, ତାହାରି ଦ୍ୱାରା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହିସବୁ ବିଶେଷ ବସ୍ତ୍ର ପରିଧାନ କରିବା ପଛରେ ସେହି କାରଣଟିହିଁ ରହିଥିଲା । ଲୋକମାନଙ୍କୁ ଜଣାଇବା ଲାଗି ତାହା କରାଯାଉଥିଲା । ଅବଶ୍ୟ ଏକଥା ସତ ଯେ, ତାହାଦ୍ୱାରା ତୁମକୁ ହୁଏତ ନିନ୍ଦା ସହ୍ୟ କରିବାକୁ ହେବ, କେତେ ଲୋକଙ୍କର ଅସଦିଚ୍ଛାର ଶିକାର ହେବାକୁ ପଡ଼ିବ, ମାତ୍ର ତଥାପି ଆଉ ସମସ୍ତେ ବି ରହିଥିବେ, ଯେଉଁମାନେ କି ଅନୁଭବ କରୁଥିବେ ଯେ, ସେମାନଙ୍କର ଏଥିରେ ହସ୍ତକ୍ଷେପ କରିବା କିଂବା ବାଧା ଦେବାର ଆଦୌ କୌଣସି କାରଣ ନାହିଁ, କାରଣ, ସେମାନେ କାହିଁକି ଏହି ବିଷୟରେ ମୁଣ୍ଡ ଖେଳାଇବେ ?

ମୁଁ କାରଣ କ'ଣ ଜାଣି ନାହିଁ, ମାତ୍ର ମୋତେ ଏସବୁ ସର୍ବଦା କେବଳ ସତେଅବା ଦେଖାଇହେବା ପରି ମନେ ହୋଇଥିଲା— ହୁଏତ ପ୍ରକୃତରେ ଏପରି ମୋଟେ ହୋଇ ନ ଥିବ, ହୁଏତ କେତେଜଣ ସେପରି କରି ଆଦୌ ଦେଖାଇ ହେଉ ନ ଥିଲେ; ତଥାପି ଏହାକୁ ଲୋକମାନଙ୍କୁ ଏହିଭଳି ଏକ କଥା କହିବାକୁ ଇଚ୍ଛା କରୁଥିବାର ଏକ ମାର୍ଗ ବୋଲି କୁହାଯିବ, ''ଦେଖ, ମୁଁ ପ୍ରକୃତରେ କ'ଣ, ଦେଖ ।'' ଏବଂ, ମୁଁ ଯେପରି କହିଲି, ଏହାଦ୍ୱାରା ହୁଏତ କିଛି ସାହାଯ୍ୟ ମିଳିପାରିବ, ମାତ୍ର ସେଥିରେ ନାନା ଅସୁବିଧା ମଧ୍ୟ ରହିଛି ।

ତାହାକୁ ଆଉ ଗୋଟାଏ ପ୍ରକାରର ପିଲାମି ବୋଲି କୁହାଯିବ ।

ଏହି ଯାବତୀୟ କଥା ହେଉଛି କେବଳ ସାଧନ, ସୋପାନ, ଗୋଟିଏ ଗୋଟିଏ ପାହାଚ, ମାତ୍ର... ଯଥାର୍ଥ ମୁକ୍ତି ପ୍ରକୃତରେ ସବୁକିଛିରୁହିଁ ମୁକ୍ତ ହୋଇ ରହିପାରିବା ଉଚିତ— ଏହି ସାଧନଗୁଡ଼ାକରୁ ମଧ୍ୟ ମୁକ୍ତ ହୋଇ ରହିପାରିବା ଉଚିତ ।

(ମାଆ ନୀରବ ରହିଲେ)

ଏହାକୁ ଏକ ନିରୋଧ ଓ ଏକ ସଂକୋଚନ ବୋଲି କୁହାଯିବ, ମାତ୍ର ଅନ୍ୟ ପକ୍ଷରେ, ଯେଉଁ ଅସଲ ବସ୍ତୁଟି ପ୍ରକୃତରେ ଆବଶ୍ୟକ, ତାହା ହେଉଛି ଏକ ଉନ୍ମୋଚନ, ଏକ ପ୍ରସାରଣ, ସମଗ୍ରଟି ସହିତ ଏକ ଏକାତ୍ମୀକରଣ ।

ଯେତେବେଳେ ତୁମେ ନିଜକୁ ହ୍ରାସ କରି ଆଣୁଥାଅ, ଅଧିକରୁ ଅଧିକ

ପରିମାଣରେ ହ୍ରାସ କରି ଆଣୁଥାଅ, ସେତେବେଳେ ତୁମେ ଆପଣାକୁ କୌଣସି ପ୍ରକାରେ ହରାଇବାରେ ଲାଗିଛ ବୋଲି ଆଦୌ ଅନୁଭବ କର ନାହିଁ, ତାହା ନିଜକୁ ହରାଇ ବସିବା ବିଷୟରେ ରହିଥିବା ତୁମର ଭୟକୁ ମଧ୍ୟ ଅନ୍ତର୍ହିତ କରି ନେଇଯାଏ । ତୁମେ ସତେଅବା ନିଦା ଓ ଦୋରସ୍ତ ହୋଇ ତିଆରି ହେଉଥାଅ । ମାତ୍ର, ଯଦି ତୁମେ ନିଜକୁ ପ୍ରସାରିତ କରିବାର– ଯଥାସମ୍ଭବ ଅଧିକ ପରିମାଣରେ ନିଜକୁ ସଂପ୍ରସାରିତ କରିବାର ଅନ୍ୟ ବାଟଟିକୁ ବାଛିନିଅ,– ସେଥିରେ ମଧ୍ୟ ତୁମର ନିଜକୁ ହରାଇବାର ଆଦୌ କୌଣସି ଭୟ ରହିବା ଉଚିତ ନୁହେଁ ।

ମାତ୍ର, ଏଇଟି ଅପେକ୍ଷାକୃତ ଅଧିକ କଷ୍ଟକର ।

> *ମାତ୍ର ଏକ ବାହ୍ୟ ପୃଥିବୀ ତୁମକୁ ଗୋଟାସୁଦ୍ଧା ଗ୍ରାସ କରି ରହିଥିବା ସମୟରେ ଏକଥାଟିକୁ କରିବା କିପରି ସମ୍ଭବ ହେବ ? ଉଦାହରଣ ସ୍ୱରୂପ, ପାଶ୍ଚାତ୍ୟ ଜଗତର ଦେଶମାନଙ୍କରେ ବାସ କରୁଥିବା ଲୋକମାନଙ୍କର କଥା ମୁଁ ଚିନ୍ତା କରୁଛି । ସେମାନେ ସତତ ସେମାନଙ୍କର ନିଜର କାର୍ଯ୍ୟ, ନିଜର ବ୍ୟସ୍ତତା ଓ ନିଜର ଟେଲିଫୋନ୍ ଦ୍ୱାରା ଗ୍ରସ୍ତ ହୋଇ ରହିଥାନ୍ତି; ଏହିସବୁ ଯାବତୀୟ ମୁହୂର୍ତ୍ତରେ ସେମାନଙ୍କ ଉପରେ ଯାହାସବୁ ଅଜାଡ଼ି ହୋଇ ପଡୁଥାଏ, ତାହାକୁ କୌଣସି ପ୍ରକାରେ ଶୁଦ୍ଧ କରି ପାରିବାକୁ ଓ ସେଗୁଡ଼ିକର କବଳରୁ ବଞ୍ଚି ପାରିବାକୁ ସେମାନଙ୍କ ପାଖରେ କ୍ଷଣେମାତ୍ର ଫୁରୁସତ ନ ଥାଏ । ଏହିଭଳି ଏକ ଅବସ୍ଥା ମଧ୍ୟରେ ଏପରି କରିବା କିପରି ସମ୍ଭବ ହୋଇ ପାରିବ ?*

ମାତ୍ର, ତୁମେ କ'ଣ ଗ୍ରହଣ କରିବ ଓ କ'ଣ ପରିହାର କରିବ, ସେକଥା ତୁମକୁ ଅବଶ୍ୟ ଜାଣିବାକୁ ହେବ !

ଏଇଟି ହେଉଛି ଗୋଟାସୁଦ୍ଧା ସେପାଖର କଥା... ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଧୁନିକ କର୍ମାତିବ୍ୟସ୍ତତାରେ ଏକ ଭାରସାମ୍ୟ ସମ୍ଭବ କରିବା ଲାଗି ମଠ, ଏକାନ୍ତବାସ, ଅରଣ୍ୟ ଅଥବା ଗୁହାମାନଙ୍କୁ ପଳାୟନ ପ୍ରଭୃତିର ଏକ ଆବଶ୍ୟକତା ରହିଛି; ମାତ୍ର ହଜାରେ ବା ଦୁଇହଜାର ବର୍ଷ ପୂର୍ବେ ସେଗୁଡ଼ିକର ଯେତିକି ଚଳଣି ରହିଥିଲା, ବର୍ତ୍ତମାନ ତ ତାହା ତୁଳନାରେ ଅନେକ କମ୍ ଚଳଣି ରହିଛି । ମାତ୍ର ମୁଁ ଭାବୁଛି, ଅସଲ କଥାଟିକୁ ଯଥାର୍ଥ ଭାବରେ ବୁଝିପାରି ନ ଥିବାରୁ ସେସବୁ କରାଯାଉଥିଲା,– ତେଣୁ ତାହା ସ୍ଥାୟୀ ହୋଇ ରହି ପାରିଲା ନାହିଁ ।

ଅବଶ୍ୟ ଏକଥା ସତ ଯେ, ଅତିରିକ୍ତ କର୍ମବ୍ୟସ୍ତତା ଲାଗି ଅତିରିକ୍ତ କର୍ମରହିତତାର ଏକ ଆବଶ୍ୟକତା ରହିଥାଏ ।

*ମାତ୍ର, ଆମର ଯାହା ହେବା ଉଚିତ, ସାଧାରଣ ଅବସ୍ଥାରେ ମଧ ଆମେ ତାହା ହେବା ଲାଗି ଏକ ବାଟ ପାଇପାରିବା କିପରି ?*

ଅର୍ଥାତ୍, ଏହି ପ୍ରକାରର ଅଥବା ସେହି ଅନ୍ୟପ୍ରକାରର ଅତିରିକ୍ତତା ମଧରେ ଯାଇ ପଡ଼ିବାର ଦୁର୍ଦଶାକୁ କିପରି ଏଡ଼ିକରି ରହିବା ସମ୍ଭବ ହେବ ?

*ହଁ, ସାଧାରଣ ଜୀବନଟିକୁ ବଞ୍ଚିବା ଓ ତଥାପି ମୁକ୍ତ ରହିପାରିବା ।*

ହଁ, ସେଇଥିସକାଶେ ତ ଆଶ୍ରମର ସୃଷ୍ଟି ହେଲା । ଏହାପଛରେ ସେହି ବିଚାରଟିହିଁ ରହିଥିଲା । କାରଣ, ଫ୍ରାନ୍ସରେ ଥିଲାବେଳେ, ମୁଁ ସର୍ବଦା ନିଜକୁ ପ୍ରଶ୍ନ କରୁଥିଲି; ଆପଣାର ଯଥାର୍ଥ ପରିଚୟ ପାଇବାକୁ ହେଲେ ଯେଉଁ ସମୟ ଲୋଡ଼ା, ସେହି ସମୟ କିପରି ମିଳିବ ? ଏପରିକି, ଜୀବନରେ କିପରି ଏକ ମୁକ୍ତି ହାସଲ କରାଯାଇ ପାରିବ, ସେତିକି ବୁଝିପାରିବା ସକାଶେ ମଧ ସମୟ କିପରି ମିଳିବ ? ଏବଂ ମୁଁ ତା'ପରେ ଭାବିଲି : ଏପରି ଗୋଟିଏ ଜାଗା, ଯେଉଁଠାରେ କି ଜୀବନର ବାହ୍ୟ ଆବଶ୍ୟକତାଗୁଡ଼ିକ ଯଥେଷ୍ଟ ପରିମାଣରେ ପ୍ରାପ୍ତ ହେଉଥିବ, ଯେପରିକି, ଯଦି ଜଣେ ବ୍ୟକ୍ତି ପ୍ରକୃତରେ ମୁକ୍ତ ହେବାକୁ ଇଚ୍ଛା କରୁଥିବ, ତେବେ ସିଏ ତାହା ଲାଭ କରିପାରିବ । ଏବଂ, ଆଉ ଅନ୍ୟକୌଣସି ବିଚାର ଉପରେ ନୁହେଁ, ଏହି ବିଚାରଟିକୁ ଆଧାର କରିହିଁ ଆଶ୍ରମର ପ୍ରତିଷ୍ଠା ହେଲା— ଏପରି ଏକ ସ୍ଥାନର ପ୍ରତିଷ୍ଠା ହେଲା, ଯେଉଁଠାରେ କି ଜୀବନଧାରଣର ଯଥେଷ୍ଟ ସାମଗ୍ରୀ ପ୍ରାପ୍ତ ହୋଇ ଯାଉଥିବ, ଯେପରିକି ଯଥାର୍ଥ ବସ୍ତୁଟି ଉପରେ ଚିନ୍ତା କରିବା ଲାଗି ସମସ୍ତଙ୍କ ପାଖରେ ସମୟ ଥିବ ।

(*ମାଆ ସ୍ମିତ ହସିଲେ*) ମାତ୍ର, ମନୁଷ୍ୟର ସ୍ୱଭାବ ଏପରି ଭାବରେ ତିଆରି ହୋଇଛି ଯେ, ଆଳସ୍ୟହିଁ ଅଭୀପ୍ସାର ସ୍ଥାନକୁ ଆସି ଦଖଲ କରି ନେଇଛି— ଏକଥା ସମସ୍ତଙ୍କ କ୍ଷେତ୍ରରେ ହୋଇ ନାହିଁ, ମାତ୍ର ସମଗ୍ରତଃ, ସାଧାରଣ ଭାବରେ ତାହାହିଁ ଘଟିଛି— ଏଥିରୁ ସମ୍ଭବତଃ ଏପରି ପ୍ରତିପାଦିତ ହେଉଛି ଯେ, ଆପଣାର ଦାସତ୍ୱ ମଧରୁ ନିଜକୁ ମୁକ୍ତ କରି ଅଧିକ ନିଷ୍ଠାଯୁକ୍ତ ଭାବରେ କର୍ମମୟତାର ମାର୍ଗଟିକୁ ବାଛିନେବା ଲାଗି ମନୁଷ୍ୟଜାତି ଯଥାର୍ଥରେ ପ୍ରସ୍ତୁତ ହୋଇପାରିବା ପୂର୍ବରୁ ତାହାକୁ କଠୋର ଶାସନର ଏକ ପର୍ଯ୍ୟାୟ ମଧଦେଇ ଗତି କରିବାକୁ ପଡ଼ିବ ।

ବସ୍ତୁତଃ, ଏହି ଦିଗରେ ସର୍ବପ୍ରଥମ କାର୍ଯ୍ୟଟି ହେଉଛି : ''ଏପରି ଗୋଟିଏ ସ୍ଥାନ ମିଳନ୍ତା, ଯେଉଁଠାରେ କି ନିଜକୁ ଅଭିନିବିଷ୍ଟ କରି ରଖି ହୁଅନ୍ତା, ଆତ୍ମପରିଚୟ ସମ୍ଭବ ହୁଅନ୍ତା, ବାହ୍ୟ ବସ୍ତୁଜଞ୍ଜାଳ ଭିତରେ ଛନ୍ଦି ହୋଇ ନ ରହି ପ୍ରକୃତରେ ଜୀବନଟିକୁ ବଞ୍ଚି ହୁଅନ୍ତା ।''

ଏଇଟି ହେଉଛି ସର୍ବପ୍ରଥମ ଅଭୀପ୍ସା । ଏପରିକି ଏହି କଥାଟିକୁ ଭିତ୍ତି କରି, ଅନ୍ତତଃ ପ୍ରଥମ କାଳରେ, ଶିଷ୍ୟମାନଙ୍କୁ ନିର୍ବାଚିତ କରାଯାଉଥିଲା । ମାତ୍ର, ଏକଥା ଆଦୌ ସ୍ଥାୟୀ ହୋଇପାରେ ନାହିଁ ! ସବୁକଥା କ୍ରମେ ସହଜ ହୋଇଯାଏ ଏବଂ ତା'ପରେ ହାତରୁ ରଜ୍ଜୁଗୁଡ଼ାକୁ ମଧ୍ୟ ଛାଡ଼ି ଦିଆଯାଏ । ଏହି କ୍ଷେତ୍ରରେ କୌଣସି ନୈତିକ ନିୟନ୍ତ୍ରଣ ନ ଥାଏ ଏବଂ ତେଣୁ ଆମେ ନିର୍ବୋଧଙ୍କ ପରି କାର୍ଯ୍ୟ କରିବାକୁ ଆରମ୍ଭ କରିଦେଉ ।

ମାତ୍ର ଆମେ ଏପରିକି ଏକଥା ମଧ୍ୟ କହିପାରିବା ନାହିଁ ଯେ, ସେତେବେଳେ ନିର୍ବାଚନରେ କୌଣସି ଭୁଲ୍ ରହି ଯାଇଥିଲା— ସେପରି ବିଶ୍ୱାସ କରିବା ଲାଗି ଆମ ଆଗରେ ଏକ ପ୍ରଲୋଭନ ରହିଥିବ ସତ, ମାତ୍ର ତାହା ଆଦୌ ସତ ନୁହେଁ । କାରଣ ଏକ ନିର୍ଦ୍ଦିଷ୍ଟ ଏବଂ ନିର୍ଭୁଲ ଅନ୍ତର୍ଗତ ସଙ୍କେତ ଅନୁସାରେ ନିର୍ବାଚନଟି କରା ଯାଇଥିଲା... ହୁଏତ ଅନ୍ତର୍ଗତ ଦୃଷ୍ଟିକୋଣଟିକୁ ଅବିମିଶ୍ରିତ କରି ରଖିବାରେ ଅସୁବିଧା ଉପୁଜିଲା । ଶ୍ରୀଅରବିନ୍ଦ ଠିକ୍ ତାହାହିଁ ସମ୍ଭବ ହେବା ଉଚିତ ବୋଲି ଇଚ୍ଛା କରୁଥିଲେ ଏବଂ ସେଇଥିଲାଗି ଚେଷ୍ଟା ମଧ୍ୟ କରୁଥିଲେ । ସେ କହୁଥିଲେ : ''ଯଦି ମୋତେ କେବଳ ଶହେ ଜଣ ବି ମିଳିଯାଇ ପାରିବେ, ତେବେ ତାହାହିଁ ଯଥେଷ୍ଟ ହେବ ।'' ମାତ୍ର ତାହା ବେଶୀ ଦିନ ଲାଗି ଶହେରେ ମଧ୍ୟ ରହିପାରିଲା ନାହିଁ; ଏବଂ, ମୋତେ ଏକଥା ମଧ୍ୟ କହିବାକୁ ପଡ଼ିବ ଯେ, ସଂଖ୍ୟାଟି ଶହେରେ ରହିଥିବା ସମୟରେ ମଧ୍ୟ ସେଥିରେ ଅନେକ ମିଶ୍ରଣ ଆସି ପଶିଯାଇ ସାରିଥିଲା ।

ଯଥାର୍ଥ ବସ୍ତୁଟିର ଆକର୍ଷଣରେ ଅନେକ ବ୍ୟକ୍ତି ଆସିଥିଲେ, ମାତ୍ର... ତା'ପରେ ହାତରୁ ରଜ୍ଜୁଗୁଡ଼ିକ ଛାଡ଼ିହିଁ ହୋଇଯାଏ । ଅର୍ଥାତ୍, ଆପଣାର ସ୍ଥିତିରେ ଦୃଢ଼ ହୋଇ ରହିବା ଆଦୌ ସମ୍ଭବ ହୁଏ ନାହିଁ ।

*ହଁ, ମୁଁ ମଧ୍ୟ ଲକ୍ଷ୍ୟ କରିଛି ଯେ, ଜାଗତିକ ବାହ୍ୟ ଅବସ୍ଥାଗୁଡ଼ିକ ଅତ୍ୟନ୍ତ କଷ୍ଟକର ହୋଇ ରହିଥିବା ସମୟରେ ଅଭୀପ୍ସା ଅନେକ ଅଧିକ ପରିମାଣରେ ପ୍ରଗାଢ଼ ହୋଇ ରହିଥିଲା ।*

ହଁ, ସଂପୂର୍ଣ୍ଣ ଠିକ୍ କଥା !

*ହଁ, ଅତ୍ୟନ୍ତ ଅଧିକ ପରିମାଣରେ ପ୍ରଗାଢ଼ ହୋଇ; ପ୍ରାୟ ଏକ ଜୀବନମରଣର ସମସ୍ୟା ହୋଇ ରହିଥିଲା ପରି ।*

ହଁ, ସତ କଥା । ଅର୍ଥାତ୍, ମନୁଷ୍ୟ ଏବେ ମଧ୍ୟ ଏତେବେଶୀ ସ୍ଥୂଳ ହୋଇ ରହିଛି ଯେ, ତା'ଲାଗି ଏହି ଅତ୍ୟଧିକ ସାଧନଗୁଡ଼ିକରହିଁ ଏକ ପ୍ରୟୋଜନ ରହିଛି । ଶ୍ରୀଅରବିନ୍ଦ ମଧ୍ୟ ସେହି କଥା କହିଥିଲେ : ପ୍ରେମହିଁ ସତ୍ୟ ବୋଲି ପ୍ରମାଣିତ ହେବାକୁ ହେଲେ ଘୃଣାର ଆବଶ୍ୟକତା ରହିଛି; କେବଳ ଘୃଣାର ଚାପ ଦ୍ୱାରାହିଁ ଯଥାର୍ଥ ପ୍ରେମର ଜନ୍ମ ସମ୍ଭବ ହେଉଛି (ଦେଖନ୍ତୁ, ସୂତ୍ର ୮୮ ରୁ ୯୨) । ହଁ ସେହିପରି ହେଉଛି । ତେଣୁ, ବସ୍ତୁଗୁଡ଼ିକ ଯେପରି ଅଛି, ସେଗୁଡ଼ିକୁ ସେହିପରିହିଁ ଗ୍ରହଣ କରିବାକୁ ପଡ଼ିବ ଏବଂ ଆଗକୁ ଯିବାର ଉଦ୍ୟମ କରିବାକୁ ହେବ । ନୁହେଁ ?

ସମ୍ଭବତଃ ସେଇଥିସକାଶେହିଁ ଏତେଗୁଡ଼ାଏ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି— ଏଠି କେବଳ ଅସୁବିଧାଗୁଡ଼ିକହିଁ ଏକାଠି ଜମା ହେବାରେ ଲାଗିଛି,— ଚରିତ୍ର ବିଷୟକ ଅସୁବିଧା, ସ୍ୱାସ୍ଥ୍ୟସମ୍ବନ୍ଧୀ ଓ ପରିସ୍ଥିତିସମ୍ବନ୍ଧୀ କେତେ ନା କେତେ ଅସୁବିଧା । ତାହାର କାରଣ ହେଉଛି, ଏହି ଅସୁବିଧାଗୁଡ଼ିକର ଚାପ ଦ୍ୱାରାହିଁ ଚେତନାର ଜାଗୃତି ସମ୍ଭବ ହେଉଛି । ଯଦି ସବୁକିଛି ସହଜ ହୋଇଯାଉଛି, ଯଦି କେବଳ ଶାନ୍ତି ବିରାଜମାନ କରୁଛି, ତେବେ ଆମେ ପୁଣି ଶୋଇପଡୁଛୁ ।

ଠିକ୍ ସେହିପରି ଭାବରେ ଶ୍ରୀଅରବିନ୍ଦ ଯୁଦ୍ଧର ଆବଶ୍ୟକତା ବିଷୟରେ ମଧ୍ୟ ଏକ ବ୍ୟାଖ୍ୟା ଦେଇଥିଲେ । ଶାନ୍ତି ସମୟରେ ଲୋକମାନଙ୍କ ଜୀବନରେ ଅତ୍ୟନ୍ତ ଶିଥିଳତା ଆସିଥାଏ ।

ଏହା ପ୍ରକୃତରେ ଅତି ଦୁଃଖର କଥା ।

ଏଇଟା ମୋତେ ଗୋଟାଏ ଭାରି ଭଲ ରୀତି ପରି ଦିଶୁଛି ବୋଲି ମୁଁ କଦାପି କହି ପାରିବି ନାହିଁ, ମାତ୍ର ତାହା ଠିକ୍ ସେହିପରି ହୋଇ ରହିଥିଲା ପରି ମନେ ହେଉଛି ।

ଦେବମୁହୂର୍ତ୍ତରେ ମଧ୍ୟ ଶ୍ରୀଅରବିନ୍ଦ ଠିକ୍ ସେହି କଥା କହିଥିଲେ : ଯଦି ତୁମ ପାଖରେ ଯଥାର୍ଥ ଶକ୍ତି ରହିଛି, ଯଥାର୍ଥ ଜ୍ଞାନ ରହିଛି, ଏବଂ ତୁମେ ତଥାପି ମୁହୂର୍ତ୍ତଟିର ଅନୁଚିତ ବ୍ୟବହାରହିଁ କରିବାରେ ଲାଗିଛ, ତେବେ ତୁମକୁ ପ୍ରକୃତରେ ଧିକ୍ ।

ଏହାକୁ ଏକ ପ୍ରତିଶୋଧ କିଂବା ଏକ ଶାସ୍ତି ବୋଲି ଆଦୌ କୁହାଯିବ ନାହିଁ; ମାତ୍ର ଏପରି କରି ତୁମେ ଆପଣା ଉପରକୁ ଏକ ତୀବ୍ର ଆବେଗ ପ୍ରବଳତାର ପ୍ରୟୋଜନକୁ ଆବାହନ କରି ନେଇଆସ,— କୌଣସି ଏକ ତୀବ୍ର ବ୍ୟାପାର ପ୍ରତି ନିଜର ପ୍ରତିକ୍ରିୟା ବ୍ୟକ୍ତ କରିବା ଲାଗି ତୁମେ ସେହିଭଳି କରିଥାଅ ।

(ମାଆ ନୀରବ ରହିଲେ)

ମୋ'ର ଏହି ଅନୁଭବଟି ଅଧିକରୁ ଅଧିକ ହେବାରେ ଲାଗିଛି : ଏହି ଯଥାର୍ଥ ଦିବ୍ୟ ପ୍ରେମର ସଂସ୍ପର୍ଶଟିକୁ ଅଭିବ୍ୟକ୍ତି ଲାଭ କରିପାରିବାକୁ ହେଲେ, ଅର୍ଥାତ୍, ସେହି ପ୍ରେମ ଯେପରି ଆପଣାକୁ ମୁକ୍ତ ଭାବରେ ବ୍ୟକ୍ତ କରିବାକୁ ସମର୍ଥ ହେବ, ସେଥିଲାଗି ସତ୍ତାଗୁଡ଼ିକ ଭିତରେ ଏବଂ ବସ୍ତୁଗୁଡ଼ିକ ଭିତରେ ଏକ ଅସାଧାରଣ ବଳ ରହିଥିବା ଆବଶ୍ୟକ, ମାତ୍ର ତାହା ତଥାପି ପ୍ରକୃତରେ ଉପସ୍ଥିତ ଥିବାର ଦେଖାଯାଏ ନାହିଁ। ତା' ନ ହେଲେ ସବୁକିଛି କେବଳ ଖଣ୍ଡ ଖଣ୍ଡ ହୋଇଯାଏ ।

ଏହି ବିଷୟରେ ଦୃଢ଼ ପ୍ରତ୍ୟୟ ଆଣିଦେବା ଭଳି ଏହିପରି ଟିକିନିଖି ସ୍ତରର ଅନେକ ବିଷୟ ରହିଛି, ମାତ୍ର, ଏକଥା ମଧ୍ୟ ସତ ଯେ, ସେଗୁଡ଼ିକ ''ଟିକିନିଖି'' ବ୍ୟାପାର ଅର୍ଥାତ୍ ଅତ୍ୟନ୍ତ ବ୍ୟକ୍ତିଗତ କଥା ହୋଇଥିବାରୁ, ସେବିଷୟରେ ଆଦୌ କିଛି କୁହାଯାଇ ପାରିବ ନାହିଁ । ମାତ୍ର, ମୋ'ପାଖରେ ବାରଂବାର ଅଭିଜ୍ଞତାର ଯେଉଁ ପ୍ରମାଣ ରହିଛି, ତାହାରି ବଳରେ ମୋତେ ଅବଶ୍ୟ ଏକଥା କହିବାକୁ ହେବ : ଯେତେବେଳେ ଶୁଦ୍ଧ ପ୍ରେମର ଶକ୍ତି— ତାହା ଏକ ଅତ୍ୟନ୍ତ ଅଦ୍ଭୁତ ଶକ୍ତି ଓ ତାହା ଶବ୍ଦ ଦ୍ୱାରା ଯାବତୀୟ ଅଭିବ୍ୟକ୍ତିର ଅତୀତ ହୋଇ ରହିଛି, ସେହି ପ୍ରେମ ଯେମିତି ପରିପୂର୍ଣ୍ଣ ଓ ମୁକ୍ତ ଭାବରେ ପ୍ରକାଶିତ ହେବାକୁ ଆରମ୍ଭ କରେ— ସେତେବେଳେ ସତେଯେପରି କେତେ କେତେ ପରିମାଣର ବସ୍ତୁମାନ ସଙ୍ଗେ ସଙ୍ଗେ ପେଷି ହୋଇ ଚୂନା ହୋଇ ଯାଉଥାଏ— ସେମାନେ ତାହାକୁ ଆଦୌ ସହ୍ୟ କରିପାରନ୍ତି ନାହିଁ । ଆଦୌ ସହ୍ୟ କରିପାରନ୍ତି ନାହିଁ ଓ ଏକାବେଳେକେ ଚୂନା ହୋଇ ଯାଆନ୍ତି । ତା'ପରେ... ତା'ପରେ ସବୁକିଛି ବନ୍ଦ ହୋଇଯାଏ । ଏବଂ, ଏହି ବନ୍ଦ ହେବା ହୁଏତ ଏକ ଦୁର୍ଭାଗ୍ୟ ବୋଲି ପ୍ରତୀତ ହୋଇପାରେ, ମାତ୍ର ତାହାକୁ ଠିକ୍ ତାହାର ବିପରୀତ ବୋଲି ଜାଣି ରଖିବାକୁ ହେବ । ଏହା ପ୍ରକୃତରେ ଏକ ଅନନ୍ତ କରୁଣା ପରି କାର୍ଯ୍ୟ କରିଥାଏ ।

ଯେଉଁ ସ୍ପନ୍ଦନଟି ମଧ୍ୟରେ ଆମେ ସାଧାରଣତଃ ଓ ପ୍ରାୟ ନିରନ୍ତର ବାସ କରୁଛୁ ଓ ସେହି ଅନ୍ୟ ସ୍ପନ୍ଦନଟି,— କିଞ୍ଚିତ୍ ମୂର୍ତ୍ତ ଏବଂ ସାକାର ଭାବରେ ଦୁଇଟି ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣିବାକୁ ସମର୍ଥ ହେଲେହିଁ— କେବଳ ଏହି ଦୁର୍ବଳତାଟିକୁ, ଯାହାକୁ ମୁଁ ରୁଗ୍ଣତା ବୋଲି କହିଥାଏ,— ତାହା ତୁମକୁ ଭାରି ରୁଗ୍ଣ କରିପକାଏ,— ତାହାକୁ କେବଳ ନିରୀକ୍ଷଣ କରିପାରିବା ଦ୍ୱାରାହିଁ, ତାହାହିଁ ସବୁକିଛିକୁ ବନ୍ଦ କରିଦେବା ଲାଗି ଯଥେଷ୍ଟ ହୋଇଥାଏ ।

ଏଇ ଗତକାଲି, ଆଜି ସକାଳେ ମଧ୍ୟ, ଏହିପରି କେତେଥର ଦୀର୍ଘ ମୁହୂର୍ତ୍ତମାନ

ଆସେ, ଯେତେବେଳେ କି ଏହି ଶକ୍ତି ଆପଣାକୁ ପ୍ରକାଶିତ କରି ନେଇଆସେ; ସେତେବେଳେ ହଠାତ୍ ଗୋଟାଏ ପ୍ରକାରର ପ୍ରଜ୍ଞା, ଏକ ଅପରିମେୟ ପ୍ରଜ୍ଞାର ଉଦୟ ହୁଏ, ଯାହାକି ସବୁକିଛିକୁ ପରିପୂର୍ଣ୍ଣ ପ୍ରଶାନ୍ତତା ମଧ୍ୟରେ ନିମଜ୍ଜିତ କରି ରଖିଦିଏ : ଯାହା ଅବଶ୍ୟ ହେବ, ତାହା ହେବ, ସେଥିଲାଗି ଆବଶ୍ୟକ ସମୟଟି ଅବଶ୍ୟ ଲାଗିବ । ଏବଂ, ତା'ପରେ ସବୁକିଛି ସଂପୂର୍ଣ୍ଣ ଭାବରେ ଠିକ୍ ହୋଇଯାଏ । ଏହିପରି ଭାବରେ ସବୁକିଛି ସଙ୍ଗେ ସଙ୍ଗେ ଠିକ୍ ହୋଇଯାଏ । ମାତ୍ର ସେହି ଐଶ୍ୱର୍ଯ୍ୟର ମହିମା କ୍ରମେ ମ୍ଳାନ ହୋଇଆସେ ।

ଏଥିଲାଗି କେବଳ ଧୈର୍ଯ୍ୟ ଧରି ରହିବାକୁ ପଡ଼ିବ ।

ଶ୍ରୀଅରବିନ୍ଦ ମଧ୍ୟ ଠିକ୍ ଏହି ବିଷୟରେ ଲେଖିଛନ୍ତି : ପ୍ରଗାଢ଼ ଭାବରେ ଅଭୀପ୍ସା କର, ମାତ୍ର କୌଣସି ପ୍ରକାରେ ଧୈର୍ଯ୍ୟ ହରାଅ ନାହିଁ ।... ପ୍ରଗାଢ଼ତା ଓ ଧୈର୍ଯ୍ୟହୀନତା ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ତାହା ଅତ୍ୟନ୍ତ ସୂକ୍ଷ୍ମ– ଏହା କେବଳ ଏକ ସ୍ପନ୍ଦନଗତ ପାର୍ଥକ୍ୟ । ଏହା ଏକ ସୂକ୍ଷ୍ମ ପାର୍ଥକ୍ୟ ସତ, ମାତ୍ର ତାହାହିଁ ସବୁକିଛି ପାର୍ଥକ୍ୟର କାରଣ ହୋଇଥାଏ ।

ପ୍ରଗାଢ଼ ଭାବରେ, ମାତ୍ର ଆଦୌ କୌଣସି ପ୍ରକାରେ ଧୈର୍ଯ୍ୟଚ୍ୟୁତ ନ ହୋଇ । ତାହାହିଁ ଅସଲ କଥା । ଆମକୁ ସେହି ଅବସ୍ଥାରେ ରହିବାକୁ ପଡ଼ିବ ।

ଏବଂ, ଦୀର୍ଘ ଅନେକ ସମୟ ପର୍ଯ୍ୟନ୍ତ, ଅନେକ ସମୟ ପର୍ଯ୍ୟନ୍ତ, ଆମକୁ କେବଳ ଅନ୍ତର୍ଗତ ଭାବରେ ମିଳୁଥିବା ଫଳଗୁଡ଼ିକରେହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ, ଅର୍ଥାତ୍, ଏହି ଫଳଗୁଡ଼ିକ କେବଳ ଆମର ବ୍ୟକ୍ତିଗତ ଏବଂ ସ୍ୱଜୀବନଗତ ପ୍ରତିକ୍ରିୟାଗୁଡ଼ିକରେ ପ୍ରାପ୍ତ ହେଉଥିବ, ଅବଶିଷ୍ଟ ଜଗତ ସହିତ ରହିଥିବା ଆମ ଅନ୍ତର୍ଗତ ସଂପର୍କଟିର କ୍ଷେତ୍ରରେହିଁ ଫଳୁଥିବ; ବସ୍ତୁଗୁଡ଼ିକ ପ୍ରକୃତରେ ସାକାର ହୁଅନ୍ତୁ ବୋଲି ଆମେ ଯଥାର୍ଥ ସମୟଟି ଆସିବା ପୂର୍ବରୁ କଦାପି ପ୍ରତ୍ୟାଶା କରିବାକୁ ଯିବା ନାହିଁ । କାରଣ ଆମେ ତରବର ହେଲେ ସାଧାରଣତଃ ସବୁକଥା ଆହୁରି ଅଧିକ ବିଳମ୍ବହିଁ ହୋଇଯାଇଥାଏ ।

ଯଦି ସେହିପରି ହେବା ଲାଗି ଅଭିପ୍ରେତ ହୋଇ ରହିଥାଏ, ତେବେ ଠିକ୍ ସେହିପରିହିଁ ହେବ ।

ଆମେ– ଅର୍ଥାତ୍ ଆମେ ମନୁଷ୍ୟମାନେ– ଭାରି ଉତ୍ପୀଡ଼ିତ ଭାବରେହିଁ ଜୀବନ ଯାପନ କରିଥାଉ । ଆମ ଜୀବନର ଅବଧିଟି ଯେ କେଡ଼େ ଅଳ୍ପପରିମିତ, ସେହି ବିଷୟରେ ଗୋଟାଏ ପ୍ରକାରର ଅର୍ଦ୍ଧସଜ୍ଞାନ ଭାବରେ ଆମେ ଜୀବନ ବଞ୍ଚୁ । ମନୁଷ୍ୟମାନେ ଏହି ବିଷୟରେ କେବେହେଲେ କିଛି ଭାବନ୍ତି ନାହିଁ, ମାତ୍ର କେବଳ ଅର୍ଦ୍ଧସଚେତନ ଭାବରେ ସେହିପରି ଅନୁଭବ କରିଥା'ନ୍ତି । ତେଣୁ ସେମାନେ ଅନୁକ୍ଷଣ– ଭାରି ତରତର, କେତେ ନା କେତେ ତରତର ହୋଇ, ଯଥାସମ୍ଭବ ଅଧିକ ଚଞ୍ଚଳ ଗୋଟିଏ କାମକୁ ସାରିଦେଇ

ପରବର୍ତ୍ତୀ ଆଉଗୋଟିକୁ ଆରମ୍ଭ କରିଦେବେ ବୋଲି ଇଚ୍ଛା କରୁଥା'ନ୍ତି । ପ୍ରତ୍ୟେକ ବସ୍ତୁ ତାହାର ଶାଶ୍ୱତତା ମଧ୍ୟରେ ଅବସ୍ଥିତ ରହିବାକୁ ସେମାନେ ଆଦୌ ଛାଡ଼ି ଦିଅନ୍ତି ନାହିଁ । ସେମାନେ ସବୁବେଳେ ଖାଲି ଆଗକୁ, ଆଗକୁ ଓ ଆହୁରି ଆଗକୁ ଯିବା ଲାଗି ଇଚ୍ଛା କରୁଥାନ୍ତି... ଏବଂ ତାହାରି ଫଳରେ ସବୁକିଛି ବିଗିଡ଼ି ଯାଉଥାଏ ।

ସେହି କାରଣରୁହିଁ କେତେ ବ୍ୟକ୍ତି ପ୍ରଚାର କରିଛନ୍ତି : କେବଳ ଏହି ବର୍ତ୍ତମାନ ମୁହୂର୍ତ୍ତଟିରହିଁ କୌଣସି ନା କୌଣସି ମହତ୍ତ୍ୱ ରହିଛି । ମାତ୍ର ପ୍ରକୃତ କ୍ଷେତ୍ରରେ ତାହା ଆଦୌ ଠିକ୍ ନୁହେଁ, ହୁଏତ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ତାହା ସତ୍ୟ ହେବା ଅବଶ୍ୟ ଉଚିତ । ଅର୍ଥାତ୍, ପ୍ରତ୍ୟେକ ମିନିଟ୍‌ରେ ମଧ୍ୟ ଆପଣାର ଅଧିକରୁ ଅଧିକ ସାମର୍ଥ୍ୟ ଅନୁସାରେ ଜୀବନ ବଞ୍ଚିବା, କୌଣସି ଯୋଜନା ନ କରିବା ଅଥବା କିଛି ଇଚ୍ଛା ନ କରିବା କିଂବା ପରବର୍ତ୍ତୀ ଯେଉଁ କାର୍ଯ୍ୟଟି କରିବାର ଅଛି, ସେଥିଲାଗି କୌଣସି ପ୍ରକାରେ ପ୍ରସ୍ତୁତ ନ ହେବା । କାରଣ, ତୁମେ ତ ସର୍ବଦା କେବଳ ତରତର, ଓ ଆହୁରି ତରତରହିଁ ହେଉଛ ।... ଏବଂ ତୁମେ ଯାହାକିଛି କରୁଛ, ତାହାକୁ ଆଦୌ ଉତ୍ତମ ଭାବରେ କରିପାରୁ ନାହଁ । ତୁମ ଭିତରଟା କେବଳ ସଂଘାତରେ ପୂର୍ଣ୍ଣ ହୋଇ ରହିଛି । ମାତ୍ର ତାହା ସଂପୂର୍ଣ୍ଣ ଭାବରେ ଏକ ମିଥ୍ୟା କଥା, ସଂପୂର୍ଣ୍ଣ ମିଥ୍ୟା କଥା ।

ଯେଉଁ ବ୍ୟକ୍ତିମାନେ ବିଜ୍ଞ ହେବାକୁ ଚେଷ୍ଟା କରିଛନ୍ତି, ସେମାନେ ସର୍ବଦା ଏହିପରି କହିଛନ୍ତି– ଚୀନାମାନେ ସେହି କଥା ପ୍ରଚାର କରିଛନ୍ତି, ଭାରତୀୟମାନେ ମଧ୍ୟ କରିଛନ୍ତି– ସେମାନେ ପରମ ଶାଶ୍ୱତ କାଳର ସଜ୍ଞାନତା ମଧ୍ୟରେ ଜୀବନ ବଞ୍ଚିବା ଲାଗି କହିଛନ୍ତି । ଇଉରୋପରେ ମଧ୍ୟ ସେମାନେ ଆକାଶ ଏବଂ ନକ୍ଷତ୍ରମାନଙ୍କ ଉପରେ ଆପଣାକୁ ଅଭିନିବିଷ୍ଟ କରି ରଖି ସେଗୁଡ଼ିକର ଅନନ୍ତତା ସହିତ ଆପଣାକୁ ଏକାତ୍ମକ କରି ରଖିବା ଲାଗି ପରାମର୍ଶ ଦେଇଛନ୍ତି,– ଯାହାକିଛି ତୁମକୁ ସଂପ୍ରସାରିତ କରି ଦେଇ ପାରିବେ ଏବଂ ତୁମକୁ ଶାନ୍ତି ଆଣିଦେବେ, ସେମାନେ ତାହାରି ସହିତ ଏକାତ୍ମକ ହୋଇ ରହିବାର ପରାମର୍ଶ ଦେଇଛନ୍ତି ।

ଏଗୁଡ଼ିକ ସାଧନ, ମାତ୍ର ଏଗୁଡ଼ିକ ଅପରିହାର୍ଯ୍ୟ ।

ଏବଂ, ଶରୀରର କୋଷଗୁଡ଼ିକରେ ମଧ୍ୟ ମୁଁ ଏହାକୁ ଲକ୍ଷ୍ୟ କରି ପାରିଛି; ସେମାନଙ୍କର ଯାହାସବୁ କରିବାର ଥାଏ, ସେମାନେ ତାହା କରିବା ଲାଗି ଭାରି ତରତର ହେବା ପରି ବୋଧ ହେଉଥାନ୍ତି । କାଳେ, ତାହା କରିବା ଲାଗି ସମୟ ନ ମିଳିବ, ସେଇଥିଲାଗି । ତେଣୁ ସେମାନେ ଯଥାର୍ଥ ଭାବରେ ଆଦୌ କିଛି ହେଲେ କରି ପାରନ୍ତି ନାହିଁ । ଏହିପରି ସବୁ ବିଗାଡ଼ି ଦେଉଥିବା ବ୍ୟକ୍ତିମାନେ– କେତେକ ଲୋକ ଏହିପରି ଭାବରେ ସବୁକିଛିକୁ ଓଲଟାଇ ଦିଅନ୍ତି, ସେମାନେ ଯାହା କିଛି କରନ୍ତି, ତାହା ସବୁବେଳେ ବଡ଼ ଖିଆଲୀ ଏବଂ ବିଭ୍ରାନ୍ତିପୂର୍ଣ୍ଣ ହୋଇ ରହିଥାଏ ।– ସେହି ବ୍ୟକ୍ତିମାନଙ୍କର ଏହି ସ୍ୱଭାବଟି

ଅତ୍ୟନ୍ତ ଅତିରିକ୍ତ ପରିମାଣରେ ରହିଥାଏ,— ଏହି ତରତର ହୋଇ ସବୁ କାମ କରିବାର ଅଭ୍ୟାସଟି— ସେମାନେ ସବୁବେଳେ ଖାଲି ତରବର ହେଉଥାନ୍ତି... କାଲି ଜଣେ କେହି ତାଙ୍କର ବାତଜନିତ ଯନ୍ତ୍ରଣା ବିଷୟରେ ଅଭିଯୋଗ କରି କହୁଥିଲେ, ''ମୋ'ର କେତେଗୁଡ଼ାଏ ସମୟ ନଷ୍ଟ ହୋଇ ନ ଯାଉଛି ! କାରଣ ମୁଁ ସବୁ କାମରେ ଭାରି ମନ୍ଥର ହୋଇ ରହିଛି !'' ମୁଁ ତାଙ୍କୁ କହିଲି *(ମାଆ ସ୍ମିତ ହସିଲେ)* ''କ'ଣ ହେଲା ସେଇଠୁ ?'' ମୋ' ଉତ୍ତର ତାଙ୍କୁ ଭଲ ଲାଗିଲା ନାହିଁ । ତୁମେ ମନେ ରଖିବ, ଯନ୍ତ୍ରଣା ପାଉଥିବା ସମୟରେ କେହି ଯଦି ସେହି ବିଷୟରେ ଅଭିଯୋଗ କରେ, ତେବେ ଜାଣିବ ଯେ ତା'ର ଭିତରଟା ଅତ୍ୟନ୍ତ ଦୁର୍ବଳ । ବାସ୍, ସେତିକି ଜାଣିବ; ମାତ୍ର ଯଦି ଯିଏ କହେ, ''ମୁଁ ଏତେଗୁଡ଼ାଏ ସମୟ ନଷ୍ଟ କରିଦେଉଛି, ମୁଁ ସବୁ କଥାକୁ ଭାରି ମନ୍ଥର ଭାବରେ କରୁଛି !'' ଲୋକେ ପ୍ରକୃତରେ କେଡ଼େ ଅସ୍ଥିର ଭାବରେ ଜୀବନ ବଞ୍ଚନ୍ତି, ଏଇଥିରୁ ତାହାର ଏକ ସ୍ପଷ୍ଟ ଚିତ୍ର ମିଳିଯାଇଥିଲା । ତୁମେ ସତେଅବା ଧାଉଁଥିବା ପରି ଜୀବନ ମଧ୍ୟରେ ଧାବମାନ ହେବାରେ ଲାଗିଥାଅ... କୁଆଡ଼କୁ ଯିବା ପାଇଁ ଧାଉଁଥାଅ ?... କେଉଁଠି ଧକ୍କା ଲଗାଇ ଚୂନା ହୋଇଯିବାକୁ !

ସେପରି କରିବା ଦ୍ୱାରା କି ଲାଭ ମିଳେ କେଜାଣି ?

(ମାଆ ନୀରବ ରହିଲେ)

ବସ୍ତୁତଃ, ଏହି ଯାବତୀୟ ସୂତ୍ରଗୁଡ଼ିକରୁ ଆମକୁ ସେହି ଗୋଟିଏ ନୀତିଶିକ୍ଷା ମିଳୁଛି ଯେ, ବଞ୍ଚୁଥିବା ଭଳି ବୋଧହେବା ଅପେକ୍ଷା ବଞ୍ଚିବାହିଁ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ— ଆମକୁ ବଞ୍ଚିବାକୁ ହେବ, ବଞ୍ଚୁଥିବାର ଛଳନା ନୁହେଁ । ତୁମେ କୌଣସି ଏକ ବସ୍ତୁର ଉପଲବ୍ଧି କରୁଛ ବୋଲି ଅନ୍ୟମାନଙ୍କୁ ଜଣାଇବାରେ ଲାଗିଥିବା ଅପେକ୍ଷା ସେହି ବସ୍ତୁଟିକୁ ସଂପୂର୍ଣ୍ଣ ଭାବରେ, ନିଷ୍କାପଟ ଭାବରେ ଓ ନିର୍ଦ୍ଦୋଷ ଭାବରେ ପ୍ରକୃତରେ ଉପଲବ୍ଧି କରିବା ହେଉଛି ଅନେକ ଅଧିକ ପରିମାଣରେ ମହତ୍ତ୍ୱପୂର୍ଣ୍ଣ !

ଏଠାରେ ମଧ୍ୟ ପୁଣି ସେହି ଗୋଟିଏ କଥା କୁହାଯାଉଛି : ତୁମେ ଯାହାକିଛି କରୁଛ, ଯେତେବେଳେ ତାହାକୁ କହିବା ସକାଶେ ତୁମକୁ ବାଧ୍ୟ କରାଯାଏ, ସେତେବେଳେ ତୁମେ ତଦ୍ୱାରା ତୁମର ଅଧେ କାର୍ଯ୍ୟକୁହିଁ ବିଗାଡ଼ି ଦେଇଥାଅ ।

ଏବଂ ତଥାପି, ତାହା ଯୁଗପତ୍ ଭାବରେ ତୁମକୁ ତୁମର ସ୍ଥିତି ବିଷୟରେ ସଚେତନ କରିଦେଇଥାଏ; ତୁମେ ପ୍ରକୃତରେ କେଉଁଠାରେ ଯାଇ ପହଞ୍ଚି ପାରିଛ, ତାହା ଆବିଷ୍କାର କରିବାରେ ତୁମକୁ ସାହାଯ୍ୟ କରେ ।

''ମଧ୍ୟମ ମାର୍ଗ'' ବିଷୟରେ କହିବା ସମୟରେ ବୁଦ୍ଧ ମଧ୍ୟ ସେହି ପ୍ରଜ୍ଞାଟିକୁ

ବ୍ୟକ୍ତ କରିଥିଲେ : ଅତିରିକ୍ତ ପରିମାଣରେ ଏଇଟା ନୁହେଁ ଅଥବା ଅତିରିକ୍ତ ପରିମାଣରେ ସେଇଟା ନୁହେଁ,— ଏକାବେଳେକେ ଏପାଖକୁ ଢଳିପଡ଼ିବା ନୁହେଁ ଅଥବା ସେପାଖକୁ ମଧ୍ୟ ଢଳିପଡ଼ିବା ନୁହେଁ— ତୁମେ ସବୁଟିରୁ କିଛିକିଛି ଗ୍ରହଣ କରି ପାରୁଥିବ ଏବଂ ଏକ ଭାରସାମ୍ୟ ସହିତ ବାଟ ଚାଲୁଥିବ । ମାତ୍ର, ସବୁବେଳେ **ଶୁଦ୍ଧ** ରହିଥିବ । ଶୁଦ୍ଧତା ଏବଂ ନିଷ୍ଠା,— ଦୁଇଟିଯାକ ସେଇ ଗୋଟିଏ କଥା ।

୧୬ ସେପ୍ଟେମ୍ବର, ୧୯୬୪

**୧୦୮. ଜନକଙ୍କ ଗତିବିଧିକୁ ଲକ୍ଷ୍ୟକରି ଦେବର୍ଷି ନାରଦ ଜାଣିନେଲେ ଯେ ସେ ଜଣେ ବିଳାସୀ, ସଂସାରୀ ଓ କାମାସକ୍ତ । ଜଣେ ମନୁଷ୍ୟର ଆତ୍ମାକୁ ଦେଖି ନ ପାରୁଥିବା ପର୍ଯ୍ୟନ୍ତ ତୁମେ କିପରି ସିଏ ମୁକ୍ତ ଅଥବା ବନ୍ଧନଗ୍ରସ୍ତ ବୋଲି କହିପାରିବ ?**

ଏଥିରୁ ନାନା ପ୍ରକାର ପ୍ରଶ୍ନର ଉତ୍ଥାପନ ହୋଇପାରିବ । ଉଦାହରଣ ସ୍ୱରୂପ, ଏପରି କିପରି ହେଲା ଯେ ନାରଦ ମଧ୍ୟ ଆତ୍ମାକୁ ଦେଖିପାରିଲେ ନାହିଁ ?

ମୁଁ ଭାବୁଛି, ଏହାର ଉତ୍ତର ଅତ୍ୟନ୍ତ ସରଳ । ନାରଦ ଜଣେ ଉପ-ଦେବତା ଥିଲେ, ତେଣୁ ସିଏ ଅଧିମାନସ ଜଗତର ଏକ ସତ୍ତା ଥିଲେ ଏବଂ ଆପଣାକୁ ସାକାର ରୂପ ଦେବା ଲାଗି ମଧ୍ୟ ତାଙ୍କର ସାମର୍ଥ୍ୟ ଥିଲା । ମାତ୍ର, ଏହି ସତ୍ତାମାନଙ୍କର ଚୈତ୍ୟ ବୋଲି କିଛି ନ ଥାଏ । ଦେବତାମାନଙ୍କ ଭିତରେ ସେହି ଦିବ୍ୟ ଅଗ୍ନିକଣାଟି ଆଦୌ ନ ଥାଏ,— ଯାହାକୁ ଆମେ ଚୈତ୍ୟ ଅଂଶର ଯଥାର୍ଥ କେନ୍ଦ୍ର ବୋଲି କହିପାରିବା; କାରଣ, କେବଳ ଏହି ପୃଥିବୀପୃଷ୍ଠରେହିଁ — ଏପରିକି ମୁଁ ଏଠାରେ ଜଡ଼ ବିଶ୍ୱଜଗତ କଥା ମଧ୍ୟ କହୁ ନାହିଁ,— କେବଳ ଏହି ପୃଥିବୀ ପୃଷ୍ଠରେହିଁ ଦିବ୍ୟ ପରମପ୍ରେମର ଅବତରଣ ସଂଘଟିତ ହୋଇଥିଲା; ସେହି ଅବତରଣ ଜଡ଼ର ଅନ୍ତର ଭିତରେ ଦିବ୍ୟ ପରମ ଉପସ୍ଥିତିର ଉତ୍ସସ୍ୱରୂପ ହୋଇ ରହିଥିଲା । ଏବଂ ତେଣୁ ସ୍ୱଭାବତଃ, ସେହି ଦେବତାମାନଙ୍କର କୌଣସି ଚୈତ୍ୟ ସତ୍ତା ନ ଥିବାରୁ, ସେମାନେ ଚୈତ୍ୟ ସତ୍ତାକୁ ଜାଣି ମଧ୍ୟ ପାରନ୍ତି ନାହିଁ । ଏପରିକି, ଚୈତ୍ୟ ସତ୍ତାର ଅନୁଭୂତି ଲାଭ କରିବା ଉଦ୍ଦେଶ୍ୟରେ ଏହି ସତ୍ତାମାନଙ୍କ ମଧ୍ୟରୁ କେତେକେ ଏକ ଜଡ଼ ଶରୀର ଗ୍ରହଣ କରିବା ଲାଗି ଇଚ୍ଛା କରିଛନ୍ତି,— ମାତ୍ର ଏପରି ସତ୍ତାର ସଂଖ୍ୟା ଆଦୌ ଅଧିକ ନୁହେଁ ।

ନିୟମତଃ, ସେମାନେ କେବଳ ଆଂଶିକ ଭାବରେହିଁ ଏକଥା କରି ପାରିଥିଲେ, କେବଳ ଏକ ପ୍ରସର୍ଜନର ମାଧ୍ୟମରେ ତାହା କରିପାରିଥିଲେ, ମାତ୍ର ଏକ ସଂପୂର୍ଣ୍ଣ ଅବତରଣ

କଦାପି ଘଟି ନ ଥିଲା । ଉଦାହରଣ ସ୍ୱରୂପ, ବିବେକାନନ୍ଦ ଶିବଙ୍କର ଏହିପରି ଏକ ଅବତାର,— ଏକ ବିଭୂତି ଥିଲେ ବୋଲି କୁହାଯାଇଥାଏ । ମାତ୍ର, ସ୍ୱୟଂ ଶିବ କେବଳ ଅତିମାନସ ଜଗତ ସମ୍ଭବ ହେବା ସଙ୍ଗେ ସଙ୍ଗେ ଯାଇ ପୃଥିବୀରେ ଅବତୀର୍ଣ୍ଣ ହେବେ ବୋଲି ଅତ୍ୟନ୍ତ ସ୍ପଷ୍ଟ ଭାବରେ ନିଜର ଇଚ୍ଛା ବ୍ୟକ୍ତ କରିଛନ୍ତି । ଯେତେବେଳେ ପୃଥିବୀ ଅତିମାନସ ଜୀବନ ଲାଗି ପ୍ରସ୍ତୁତ ହୋଇଯିବ, ସେତେବେଳେ ଯାଇ ସିଏ ପୃଥିବୀକୁ ଆସିବେ । ଏବଂ ସେତେବେଳେ ପ୍ରାୟ ଏହି ସବୁଯାକ ଦେବତାଙ୍କର ଆବିର୍ଭାବ ହେବ— ସେମାନେ ସେହି ମୁହୂର୍ତ୍ତଟି ଲାଗି ଅପେକ୍ଷା କରିଛନ୍ତି,— ସେମାନେ ବର୍ତ୍ତମାନର ସଂଘର୍ଷ ଏବଂ ଅସ୍ୱଚ୍ଛତା ମଧ୍ୟରେ ପଶିବାକୁ ଆଦୌ ଇଚ୍ଛା କରୁ ନାହାନ୍ତି ।

ଯେଉଁମାନେ ପୃଥିବୀପୃଷ୍ଠକୁ ଆସିଛନ୍ତି, ନାରଦ ସେମାନଙ୍କ ମଧ୍ୟରୁ ଅବଶ୍ୟ ଜଣେ ଥିଲେ... ବସ୍ତୁତଃ, କେବଳ ଏକ କୌତୁକ ଦ୍ୱାରା ପ୍ରେରିତ ହୋଇ ସେ ଆସିଥିଲେ ! ସେ ଏହି ପୃଥିବୀ-ପରିବେଶ ସହିତ କ୍ରୀଡ଼ା କରିବାକୁ ଆସିଥିଲେ । ମାତ୍ର, ଚୈତ୍ୟ ସତ୍ତା ବିଷୟରେ ତାଙ୍କର ଆଦୌ କୌଣସି ଜ୍ଞାନ ନ ଥିଲା, ଏବଂ ସେଇଥିଲାଗି, ଯେଉଁଠି ଯେଉଁଠି ଚୈତ୍ୟ ସତ୍ତା ଅବସ୍ଥିତ ରହିଥିଲା, ସିଏ ସେଠାରେ ତାହାକୁ ଆଦୌ ଚିହ୍ନି ପାରିଲେ ନାହିଁ ।

ମାତ୍ର ଏହିସବୁ ବ୍ୟାପାରକୁ ଆଦୌ ବ୍ୟାଖ୍ୟା କରି କହିଦେଇ ହେବ ନାହିଁ; ସେଗୁଡ଼ିକ ହେଉଛି କେବଳ ବ୍ୟକ୍ତିଗତ ଧାରଣା ଓ ବ୍ୟକ୍ତିଗତ ଅନୁଭବ; ଏହି ଜ୍ଞାନ ଆଦୌ ସେତେଦୂର ବିଷୟସ୍ଥ ନୁହେଁ, ଯଦ୍ଦ୍ୱାରା କି ତାହାକୁ ଶିଖାଇ ଦେଇହେବ । ଯେଉଁ ଘଟଣା ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭବ ଉପରେ ନିର୍ଭର କରୁଛି ଏବଂ କେବଳ ତାହାକୁ ଅନୁଭବ କରୁଥିବା ବ୍ୟକ୍ତିଲାଗିହିଁ ଯାହାର କୌଣସି ମୂଲ୍ୟ ରହିଛି, ସେହି ଘଟଣାଟି ସମ୍ବନ୍ଧରେ ଆଦୌ କିଛି କୁହାଯାଇ ପାରିବ ନାହିଁ ।

ଶ୍ରୀଅରବିନ୍ଦ ଯାହା କହିଛନ୍ତି, ତାହା ଭାରତବର୍ଷର ପାରମ୍ପରିକ ବିଦ୍ୟା ଉପରେ ଆଧାରିତ ହୋଇ ରହିଛି; ଏବଂ, ଯାହା ତାଙ୍କର ଅନୁଭବ ସହିତ ସାଦୃଶ୍ୟ ରଖିଥିଲା, ସିଏ କେବଳ ସେହି କଥା ବିଷୟରେ କହିଛନ୍ତି ।

ତେବେ, ଆତ୍ମାକୁ ଦେଖି ପାରିବାକୁ ହେଲେ ନିଜ ଆତ୍ମାଟି ସହିତ ଅବଶ୍ୟ ପରିଚୟ ହୋଇଥିବା ଉଚିତ ?

ହଁ, ଆତ୍ମା ଅର୍ଥାତ୍ ଚୈତ୍ୟ ସତ୍ତା ସହିତ ସମ୍ବନ୍ଧ ସ୍ଥାପନ କରି ପାରିବା ଲାଗି, ଆମ ନିଜର ମଧ୍ୟ ଗୋଟିଏ ଚୈତ୍ୟ ସତ୍ତା ରହିଥିବା ଆବଶ୍ୟକ; ଏବଂ କେବଳ ମନୁଷ୍ୟମାନେହିଁ— ଯେଉଁ ମନୁଷ୍ୟମାନେ ବିବର୍ତ୍ତନ-ଧାରାର ଅନ୍ତର୍ଗତ ହୋଇ ରହିଛନ୍ତି, ଯେଉଁମାନେ ଏହି ଜାଗତିକ ସର୍ଜନାର ସନ୍ତାନ ରୂପେ ଜନ୍ମଗ୍ରହଣ କରିଛନ୍ତି,— କେବଳ ସେହିମାନଙ୍କରହିଁ ଏକ ଚୈତ୍ୟସତ୍ତା ରହିଛି ।

ମାତ୍ର, ଏହି ଦେବତାମାନଙ୍କର କୌଣସି ଚୈତ୍ୟ ସତ୍ତା ନାହିଁ । କେବଳ ପୃଥିବୀକୁ ଅବତରଣ କରି ଓ କୌଣସି ମନୁଷ୍ୟର ଚୈତ୍ୟ ସତ୍ତା ସହିତ ଆପଣାକୁ ସଂଯୁକ୍ତ କରିହିଁ ସେମାନଙ୍କଠାରେ କୌଣସି ଚୈତ୍ୟ ସତ୍ତା ସମ୍ଭବ ହୋଇଥାଏ । ମାତ୍ର ସେମାନଙ୍କର ନିଜର କୌଣସି ଚୈତ୍ୟ ସତ୍ତା ନ ଥାଏ ।

୧୨ ଜାନୁଆରି, ୧୯୬୫

**୧୦୯. ଯେଉଁସବୁ ବସ୍ତୁ ମନୁଷ୍ୟର ଉପଲବ୍ଧ ସ୍ତରଟିର ଊର୍ଦ୍ଧ୍ୱରେ ରହିଛି, ସେହି ବସ୍ତୁଗୁଡ଼ିକ ତାକୁ କଠିନ ବୋଲି ମନେ ହେଇଥା'ନ୍ତି । ଏବଂ, ଆଦୌ କୌଣସି ସାହାଯ୍ୟ ପାଉ ନ ଥିବା ତା'ର ପ୍ରୟାସ ଲାଗି ସେଗୁଡ଼ିକ କଠିନ । ମାତ୍ର, ଯେତେବେଳେ ମନୁଷ୍ୟ ଭିତରେ ରହିଥିବା ପରମେଶ୍ୱରହିଁ ତାହାକୁ ସଂପନ୍ନ କରିବାର ଦାୟିତ୍ୱ ଗ୍ରହଣ କରନ୍ତି, ସେତେବେଳେ ସେଗୁଡ଼ିକ ତତ୍‌କ୍ଷଣାତ୍ ସହଜ ଏବଂ ସରଳ ହୋଇଯା'ନ୍ତି ।**

ଏକାବେଳେକେ ଠିକ୍ ।

ଏହି ପ୍ରସଙ୍ଗରେ ମୁଁ କହିବି ଯେ, ଦୁଇ ତିନିଦିନ ତଳେ ଗୋଟିଏ ପ୍ରଶ୍ନର ଉତ୍ତରରେ ମୁଁ ଏପରି କେତେକ କଥା ଲେଖିଥିଲି, ଯେଉଁଥିରେ କି ଏହିଭଳି କିଛି ରହିଥିଲା : ଶ୍ରୀଅରବିନ୍ଦ ହେଉଛନ୍ତି ପରମେଶ୍ୱର, ମାତ୍ର ପରମେଶ୍ୱରଙ୍କର କେବଳ ଗୋଟିଏ ଅଂଶ, ସିଏ ସମଗ୍ର ପରମେଶ୍ୱର ନୁହନ୍ତି,— କାରଣ ପରମେଶ୍ୱର ହେଉଛନ୍ତି ସବୁକିଛି । ଯାହା କିଛି ପ୍ରକାଶିତ ହୋଇଛି ଓ ଯାହାକିଛି ଅପ୍ରକାଶିତ ହୋଇ ରହିଛି, — ସବୁକିଛି । ତା'ପରେ ମୁଁ ତା' ସହିତ ଏତିକି ଆହୁରି ଯୋଡ଼ି ଦେଇଥିଲି : ଏପରି କିଛି ନାହିଁ ଯାହାକୁ କି ଆମେ ପରମେଶ୍ୱର ବୋଲି ନ କହିବା,— ଏପରି ଆଦୌ କିଛି ହେଲେ ନାହିଁ; ପରମେଶ୍ୱର ନୁହେଁ ଏପରି କିଛିହେଲେ ନାହିଁ; ମାତ୍ର ଏପରି ବ୍ୟକ୍ତି ଅତ୍ୟନ୍ତ ଅଳ୍ପ ସଂଖ୍ୟାରେ ଅଛନ୍ତି ଯେଉଁମାନେ କି ପରମେଶ୍ୱରଙ୍କ ବିଷୟରେ **ସଚେତନ** ରହିଥା'ନ୍ତି । ଏବଂ ସୃଷ୍ଟି ମଧ୍ୟରେ ରହିଥିବା ଏହି ଅଚେତନତାହିଁ ତାହାର ମିଥ୍ୟାକୁ ସୃଷ୍ଟି କରି ରଖିଥାଏ ।

ଏବଂ, ସବୁକିଛି ତତ୍‌କ୍ଷଣାତ୍ ଅତ୍ୟନ୍ତ ସ୍ପଷ୍ଟ ହୋଇଗଲା : ''ପ୍ରକୃତରେ ତାହାହିଁ, ପ୍ରକୃତରେ ତାହାହିଁ !'' ତେବେ ମିଥ୍ୟା କିପରି ଆସିଲା ? ମାତ୍ର ତାହା ଠିକ୍ ଏହିପରି ଆସିଲା, ସୃଷ୍ଟିର ଅଚେତନାହିଁ ସୃଷ୍ଟି ଭିତରେ ରହିଥିବା ମିଥ୍ୟାର ରଚନା କରାଇଲା ।

ଏବଂ, ସୃଷ୍ଟି **ସ୍ୱୟଂ** ପରମେଶ୍ୱର ବୋଲି ସିଏ ଯେମିତି ପୁନର୍ବାର ସଚେତନ ହୋଇଯିବ, ସେତେବେଳେ ଏହି ମିଥ୍ୟାର ମଧ୍ୟ ଅବସାନ ଘଟିବ ।

ଏବଂ, ପ୍ରକୃତ କଥାଟି ଠିକ୍ ଏହିପରି, ନୁହେଁକି ? ପରମେଶ୍ୱରଙ୍କ ଚେତନା ବାହାରେହିଁ ସବୁକିଛି କରାଯାଉଥାଏ ସବୁକିଛି କଠିନ, ଶ୍ରମସାପେକ୍ଷ, ଦୁରୂହ ଓ ଦୁଃଖଦାୟକ ହୋଇଥାଏ । ମାତ୍ର, ସିଏ ଯେତେବେଳେ ପୁନର୍ବାର ତାଙ୍କର ରାଜ୍ୟଟିକୁ ଆସି ଦଖଲ କରିନିଅନ୍ତି,— ଅଥବା, ଯେତେବେଳେ ଆମେ ତାଙ୍କୁ ତାଙ୍କର ରାଜ୍ୟଟିକୁ ପୁନର୍ବାର ଦଖଲ କରିନେବା ଲାଗି ବାଟ ଛାଡ଼ିଦେଉ,— ଏବଂ ଯେତେବେଳେ ତାଙ୍କରି ଚେତନାରେହିଁ ଯାବତୀୟ କର୍ମର ସଂପାଦନ ହୁଏ, ତାଙ୍କର ଚେତନା ସହିତ ସଂପନ୍ନ ହୁଏ, ସେତେବେଳେ ସବୁକିଛି ଯେ କେବଳ ଅତ୍ୟନ୍ତ ସହଜ ହୋଇଯିବ ତା' ନୁହେଁ, ମାତ୍ର ସବୁକିଛି ପ୍ରକୃତରେ ଅଦ୍ଭୁତ ମଧ୍ୟ ହେବ, ଗୌରବମୟ ହେବ— ଏବଂ ଏକ ଅନିର୍ବଚନୀୟ ଆନନ୍ଦମୟତାରେ ପରିଣତ ହୋଇଯିବ ।

ଏହା ଏକ ସ୍ୱୟଂସ୍ପଷ୍ଟ ସତ୍ୟରୂପେ ମୋ'ପାଖକୁ ଆସିଥିଲା । ଆମେ କହୁ, ''ଏହା ପ୍ରକୃତରେ କ'ଣ ? ଆମେ କାହାକୁ ମିଥ୍ୟା ବୋଲି କହିଥାଉ ? ଏହା କାହିଁକି ଏକ ମିଥ୍ୟା ହୋଇ ରହିଛି ?'' ଏହା ଆଦୌ ଏହି ଅର୍ଥରେ ଏକ ମାୟା ନୁହେଁ ଯେ ଏହାର କୌଣସି ଅସ୍ତିତ୍ୱ ନାହିଁ । ତାହାର ଅସ୍ତିତ୍ୱ ପ୍ରକୃତରେ ଅଛି, ମାତ୍ର... ଏହାର ଯଥାର୍ଥ ସ୍ୱରୂପଟି ବିଷୟରେ ତାହା ଆଦୌ ସଚେତନ ହୋଇ ରହି ନାହିଁ । ଏହା କେବଳ ଯେ ଆପଣାର ଉତ୍ସ ବିଷୟରେ ଅଚେତନ ହୋଇ ରହିଛି ତା' ନୁହେଁ, ମାତ୍ର ଆପଣାର ମର୍ମସାର ଓ ସତ୍ୟ ବିଷୟରେ ମଧ୍ୟ ଅଚେତନ ହୋଇ ରହିଛି— ଆପଣାର ସତ୍ୟ ବିଷୟରେ ଏହା ସଚେତନ ହୋଇ ରହି ନାହିଁ । ଏବଂ, ସେହି କାରଣରୁହିଁ ଏହା ମିଥ୍ୟା ମଧ୍ୟରେ ବାସ କରୁଛି ।

ଏହି ସୂତ୍ରଟି ଏକ ଅତି ଅଦ୍ଭୁତ ସୂତ୍ର । ଏହା ବିଷୟରେ ଆଉ କିଛିହେଲେ କହିବାର ନାହିଁ । ତାହା ଆପଣାର ସବୁ କଥାକୁ ସ୍ୱୟଂ କହିଦେଉଛି ।

୩ ମାର୍ଚ୍ଚ, ୧୯୬୫

**୧୧୦. ସୂର୍ଯ୍ୟଗ୍ରହର ଗଠନ-ଉପାଦାନକୁ ଅଥବା ମଙ୍ଗଳଗ୍ରହରେ ରହିଥିବା ରେଖାଗୁଡ଼ିକୁ ଦେଖିପାରିବା ନିଃସନ୍ଦେହରେ ଏକ ବୃହତ୍ ସଫଳତା; ମାତ୍ର, ଯେତେବେଳେ ତୋ'ପାଖରେ ଏପରି ଏକ ଯନ୍ତ୍ର ରହିଥିବ, ଯାହାକି, ତୁ ସତେଅବା କୌଣସି ଚିତ୍ରଟିଏ ଦେଖୁଥିବା ପରି ତୋତେ ଜଣେ ମନୁଷ୍ୟର ଆତ୍ମାକୁ ଦେଖାଇଦେଇ ପାରିବ, ସେତେବେଳେ**

**ଭୌତିକ ବିଜ୍ଞାନର ଏହିସବୁ ଆଶ୍ଚର୍ଯ୍ୟକର ଉଦ୍ଭାବନମାନ ତୋତେ କେବଳ ସାନ ପିଲାଙ୍କର ଖେଳନା ପରି ମନେ ହେବ, ଏବଂ ସେଗୁଡ଼ିକୁ ଦେଖି ତୁ କେବଳ ମୁରୁକି ମୁରୁକି ହସିବାରେ ଲାଗିଥିବୁ ।**

ଯେଉଁମାନେ ''ଦେଖିବାକୁ'' ବାସନା ରଖିଥା'ନ୍ତି, ସେମାନଙ୍କ ବିଷୟରେ ଆମର ଆଗରୁ ଯେଉଁ ଆଲୋଚନା ହେଉଥିଲା, ଏଇଟି ହେଉଛି ତାହାରି ସହିତ ସମ୍ବନ୍ଧ ରଖିଥିବା କଥାଟିଏ । ରାମକୃଷ୍ଣ ଥରେ ବିବେକାନନ୍ଦଙ୍କୁ କହିଥିବାର ଉଲ୍ଲେଖ ରହିଛି, ''ତୁମେ ମୋତେ ଯେପରି ଦେଖୁଛ, ପରମେଶ୍ୱରଙ୍କୁ ମଧ୍ୟ ଠିକ୍ ସେହିପରି ଭାବରେ ଦେଖିପାରିବ ଏବଂ ମୋ'କଥା ଯେପରି ଶୁଣିପାରୁଛ, ପରମେଶ୍ୱରଙ୍କର କଥାକୁ ମଧ୍ୟ ଠିକ୍ ସେହିପରି ଭାବରେ ଶୁଣିପାରିବ ।'' କେତେକ ଲୋକ ଏହି କଥାକୁ ଏହିପରି ଏକ ଉକ୍ତିରୂପେ ବୁଝିଥିଲେ ଯେ, ପରମେଶ୍ୱର ସେତେବେଳେ ପ୍ରକୃତରେ ରକ୍ତମାଂସର ଶରୀର ଧରି ପୃଥିବୀରେ ଅବସ୍ଥାନ କରୁଥିଲେ । ମୁଁ କହିଲି *(ମାଆ ହସି କହିଲେ)* : ''ନାଇଁ ନାଇଁ, ମୋଟେ ସେପରି ନୁହେଁ ! ରାମକୃଷ୍ଣ ଏହିପରି ବୁଝିଥିଲେ ଯେ, ଯଦି ତୁମେ ଯଥାର୍ଥ ଚେତନା ମଧ୍ୟରେ ପ୍ରବେଶ କରିପାରିବ, ତେବେ ତୁମେ ତାଙ୍କ କଥା ଶୁଣିପାରିବ– ମୁଁ ତ କହିବି ଯେ, ଏହି ଭୌତିକ ଜଗତରେ ଯେପରି ଶୁଣୁଛ, ତା'ଠାରୁ ଅଧିକ ସ୍ୱଷ୍ଟ ଭାବରେ ଶୁଣିପାରିବ; ଭୌତିକ ଜଗତରେ ଯେପରି ଦେଖୁଛ, ତା'ଠାରୁ ଆହୁରି ଅଧିକ ସ୍ୱଷ୍ଟ ଭାବରେ ଦେଖିପାରିବ ।'' ''ହଁ, ସତ କଥା, କିନ୍ତୁ, କିନ୍ତୁ...''– ସେମାନେ ତତ୍କ୍ଷଣାତ୍ ଏଡ଼େ ଏଡ଼େ ଆଖି କରି ଅନାଇବାକୁ ଲାଗନ୍ତି, ସେମାନେ ତାହାକୁ ଏକ ଅବାସ୍ତବ କଥା ବୋଲି ଅନୁଭବ କରନ୍ତି !

*ଭୌତିକ ବିଜ୍ଞାନର ବିସ୍ମୟକାରୀ ସଫଳତାମାନ ଦେଖି ଆପଣଙ୍କୁ ମଧ୍ୟ ହସ ମାଡ଼େ କି ?*

ଏହି ''ବିସ୍ମୟକାରୀ ସଫଳତାମାନ'' ଲାଭ କରିବା ବେଶ୍ ଭଲ କଥା । ତାହା ହେଉଛି ସେମାନଙ୍କର ଧନ୍ଦା । ମାତ୍ର ସେମାନେ ଉଦ୍ଧତ ଭାବରେ ଯେପରି ଅତିରିକ୍ତ ଭାବରେ ଆପଣାକୁ ମିଛ ନିଶ୍ଚୟତାମାନ ଦେବାରେ ଲାଗିଥା'ନ୍ତି, ମୋତେ ତାହାକୁ ଦେଖି ପ୍ରକୃତରେ ଖୁବ୍ ହସ ମାଡ଼େ । ସେମାନେ ସବୁକିଛି ଜାଣିଛନ୍ତି ବୋଲି କଳ୍ପନା କରୁଥା'ନ୍ତି । ସେହିମାନଙ୍କ ପାଖରେ ଅସଲ ଚାବିକାଠିଟି ରହିଛି ବୋଲି କଳ୍ପନା କରୁଥା'ନ୍ତି । ତାହାକୁହିଁ ଦେଖି ପ୍ରକୃତରେ ଭାରି ହସ ମାଡ଼େ । ସେମାନେ ମନେମନେ ଭାବନ୍ତି ଯେ, ସେମାନେ ଯାହାକିଛି

ଶିକ୍ଷା କରିଛନ୍ତି, ତାହାରି ସାହାଯ୍ୟରେ ସେମାନେ ଏହି ପ୍ରକୃତି ଉପରେ ଜଣେ ଜଣେ ଅଧୀଶ୍ୱର ରୂପେ ପ୍ରତିଷ୍ଠିତ ହୋଇ ବସିଛନ୍ତି– ଏଇଟା ଏକାବେଳେକେ ପିଲାଳିଆ କଥା । ସେମାନେ ଯେପର୍ଯ୍ୟନ୍ତ ସୃଜନକାରୀ ପରମା ଶକ୍ତି ଏବଂ ସୃଜନକାରୀ ପରମ ଇଚ୍ଛାର ସଂସ୍ପର୍ଶରେ ଆସି ନାହାନ୍ତି, ସେପର୍ଯ୍ୟନ୍ତ କିଛି ନା କିଛି ସେମାନଙ୍କର ଅବଶ୍ୟ ଅଗୋଚର ହୋଇ ରହିଥିବ ।

ତୁମେ ମଧ୍ୟ ଭାରି ସହଜରେ ଏହି ପ୍ରୟୋଗଟିକୁ କରିପାରିବ । ଜଣେ ବୈଜ୍ଞାନିକ ଦୃଶ୍ୟମାନ ଯାବତୀୟ ପ୍ରାକୃତିକ ଘଟଣାକୁ ବ୍ୟାଖ୍ୟା କରି କହିଦେଇ ପାରିବ, ଏପରିକି ସିଏ ଭୌତିକ ଶକ୍ତିଗୁଡ଼ିକର ବିନିଯୋଗ କରି ସେଗୁଡ଼ିକ ଦ୍ୱାରା ଯାହା ଇଚ୍ଛା କରୁଥିବ ତାହାକୁ ସମ୍ଭବ କରାଇ ପାରିବ– ଏବଂ, ଏହି ଭୌତିକ କୃତିତ୍ୱହାସଲର ଦୃଷ୍ଟିରୁ ବିଚାର କରି ଦେଖିଲେ ସେମାନେ ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଫଳମାନ ଲାଭ କରି ପାରିଛନ୍ତି– ମାତ୍ର ଯଦି ତୁମେ ସେମାନଙ୍କୁ କେବଳ ଏହି ପ୍ରଶ୍ନଟି ଯାଇ ପଚାରିବ, ''ମୃତ୍ୟୁ କହିଲେ କ'ଣ ବୁଝାଏ ?''– ଏହିପରି ଏକ ସରଳ ପ୍ରଶ୍ନଟିଏ ପଚାରିବ,– ଏବିଷୟରେ ସେମାନେ ବସ୍ତୁତଃ ଆଦୌ କିଛିହେଲେ ଜାଣି ନାହାନ୍ତି । ଭୌତିକ ଭୂମିରେ ମୃତ୍ୟୁରୂପୀ ଘଟଣାଟି ସଚରାଚର ଯେପରି ଘଟେ, ସେଇଟିକୁ ସେମାନେ ବର୍ଣ୍ଣନା କରି କହିଦେଇ ପାରିବେ ସତ, ମାତ୍ର ଯଦି ସେମାନେ ପ୍ରକୃତରେ ସାଧୁ ହୋଇଥିବେ, ତେବେ ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ ଏହାଦ୍ୱାରା ମୃତ୍ୟୁର ପ୍ରକୃତରେ ଆଦୌ କୌଣସି ବ୍ୟାଖ୍ୟା ଦିଆଯାଇପାରୁ ନାହିଁ ।

ସର୍ବଦା ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି ଆଉ କୌଣସି ବସ୍ତୁର ବ୍ୟାଖ୍ୟା ଦେଇହୁଏ ନାହିଁ । କାରଣ, ଜାଣିବାର ପ୍ରକୃତ ତାତ୍ପର୍ଯ୍ୟ ହେଉଛି... ଜାଣିବାର ଅର୍ଥ ହେଉଛି ଶକ୍ତିର ଅଧିକାରୀ ହେବା ।

(ମାଆ ନୀରବ ରହିଲେ)

ଭୌତିକ ବିଚାର, ବୈଜ୍ଞାନିକ ବିଚାର ଲାଗି ସର୍ବଶେଷରେ ଓ ସର୍ବାଧିକ ପରିମାଣରେ କେବଳ ଏତିକି ବୋଧ ହୋଇପାରେ ଯେ, ସେମାନଙ୍କ ପକ୍ଷରେ କୌଣସି ପୂର୍ବଜ୍ଞାନ ସମ୍ଭବ ହେବ ନାହିଁ । ସେମାନଙ୍କର ଅନେକାନେକ ବିଷୟରେ ପୂର୍ବଜ୍ଞାନ ହୋଇଥାଏ ସତ, ମାତ୍ର ଏହି ଜାଗତିକ ଘଟଣାମାନ ପ୍ରକୃତରେ କିପରି ପ୍ରକଟ ହେବାରେ ଲାଗିଛନ୍ତି, ସେକଥାକୁ ସେମାନେ କଦାପି ପୂର୍ବରୁ କହିଦେଇ ପାରବେ ନାହିଁ । ମୁଁ ଭାବୁଛି, ସେମାନେ କେବଳ ଏତିକି କଥା ସ୍ୱୀକାର କରି ପାରିବେ– ସେମାନେ କହିବେ ଯେ, ଏହି କ୍ଷେତ୍ରରେ ଏକ ଅନିଶ୍ଚିତ ଉପାଦାନ ରହିଛି, ଏପରି ଏକ ଆୟତନ ରହିଛି, ଯାହା ବିଷୟରେ କି

ଆଦୌ କୌଣସି ଭବିଷ୍ୟବାଣୀ କରିହେବ ନାହିଁ ଏବଂ ତାହା ସେମାନଙ୍କର କୌଣସି ଗଣନାରେ କଦାପି ଧରା ଦେବ ନାହିଁ ।

ଏକାବେଳେ ସଦ୍ୟତମ ଜ୍ଞାନର ନଜିର ଦେଇ ପାରୁଥିବା କୌଣସି ପ୍ରତିନିଧିସ୍ଥାନୀୟ ବୈଜ୍ଞାନିକଙ୍କ ସହିତ ମୁଁ କେବେ କଥାବାର୍ତ୍ତା କରି ନାହିଁ; ତେଣୁ, ଯାବତୀୟ ଭବିଷ୍ୟବାଣୀ ଏବଂ ପରିଗଣନାର ବାହାରେ ମଧ୍ୟ କୌଣସି ସତ୍ୟ ରହିଛି ବୋଲି ସେମାନେ କେତେଦୂର ସ୍ୱୀକାର କରନ୍ତି ବା କରନ୍ତି ନାହିଁ, ମୁଁ ସେକଥା କହିପାରିବି ନାହିଁ ।

ମୁଁ ଭାବୁଛି, ଶ୍ରୀଅରବିନ୍ଦ ଏହି ଅର୍ଥରେ ଏହି କଥାଟିକୁ କହିଛନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତିର ଆତ୍ମା ସହିତ ଯୋଗସୂତ୍ର ସ୍ଥାପନ ହୋଇ ସାରିଥାଏ ଏବଂ ସିଏ ଆତ୍ମା ବିଷୟରେ ଜ୍ଞାନଲାଭ କରିସାରିଥାଏ, ସେହି ଜ୍ଞାନ ଯାବତୀୟ ଭୌତିକ ଜ୍ଞାନଠାରୁ ଏତେ ଅଧିକ ପରିମାଣରେ ଅଭିଭୂତକାରୀ ହୋଇ ରହିଥାଏ ଯେ, ସେତେବେଳେ କେବଳ ପ୍ରାୟ ଏକ ଅବଜ୍ଞାପୂର୍ଣ୍ଣ ହସହିଁ ପ୍ରକଟ ହୋଇ ଆସେ । ଆତ୍ମାର ଜ୍ଞାନ ହାସଲ କରିବା ଦ୍ୱାରା ତାହା ତୁମକୁ ବିଜ୍ଞାନର ମାଧ୍ୟମରେ ହାସଲ ହୋଇପାରୁ ନ ଥିବା ଭୌତିକ ଜୀବନ ବିଷୟକ ଜ୍ଞାନଗୁଡ଼ିକର ମଧ୍ୟ ଯେ ଶିକ୍ଷା ଦେଇଯାଏ, ଶ୍ରୀଅରବିନ୍ଦ ସେହି ଅର୍ଥରେ ଏକଥା କହୁଛନ୍ତି ବୋଲି ମୁଁ ବିଚାରୁ ନାହିଁ ।

ଭବିଷ୍ୟତ ବିଷୟରେ କୌଣସି ଭବିଷ୍ୟାନୁମାନ କରିହେବ ନାହିଁ, ତାହାହିଁ ଏକମାତ୍ର ବିଚାର୍ଯ୍ୟ ବିଷୟ । ବିଜ୍ଞାନ ସେହି ସାମର୍ଥ୍ୟଟିକୁ ହାସଲ କଲାଣି କି ନାହିଁ, ସେକଥା ମୁଁ ଜାଣି ନାହିଁ । ମାତ୍ର, ସେମାନେ ସମ୍ଭବତଃ ଏହିପରି କହୁଛନ୍ତି ଯେ, ଆପଣାର ସାଧନୋପକରଣ ଏବଂ ପ୍ରଣାଳୀଗୁଡ଼ିକରେ ପରିପୂର୍ଣ୍ଣତା ହାସଲ କରିପାରି ନାହାନ୍ତି ବୋଲି ବିଜ୍ଞାନରେ ବର୍ତ୍ତମାନ ସେହି ଅସମର୍ଥତାଟି ରହିଛି । ଉଦାହରଣ ସ୍ୱରୂପ, ସେମାନେ ସମ୍ଭବତଃ ଏପରି ଭାବୁଛନ୍ତି ଯେ, ଯେତେବେଳେ ଏହି ପୃଥିବୀରେ ମନୁଷ୍ୟର ପ୍ରଥମ ଆବିର୍ଭାବ ଘଟିଲା, ବର୍ତ୍ତମାନ ମନୁଷ୍ୟମାନଙ୍କ ପାଖରେ ଯାହାସବୁ ସାଧନୋପକରଣ ରହିଛି, ଯଦି ସେତେବେଳେ ମଧ୍ୟ ସେମାନଙ୍କ ପାଖରେ ସେସବୁ ମହଜୁଦ ରହିଥାଆନ୍ତା, ତେବେ, ପରବର୍ତ୍ତୀ ଯୁଗରେ ଇତରପ୍ରାଣୀ ଯେ ମନୁଷ୍ୟକୁ ରୂପାନ୍ତରିତ ହେଲା ଅର୍ଥାତ୍ ''ଇତରପ୍ରାଣୀ'' ମଧ୍ୟରେ ରହିଥିବା କୌଣସି ଏକ ଉପାଦାନର ପରିଣାମ ରୂପେ ମନୁଷ୍ୟର ରୂପ ଧାରଣ କଲା, ସେମାନେ ସେତେବେଳେ ଏହି କଥାଟିର ଅବଶ୍ୟ ଭବିଷ୍ୟବାଣୀ କରିଦେଇ ପାରିଥାନ୍ତେ । (ମାଆ ସ୍ମିତ ହସିଲେ) ବର୍ତ୍ତମାନ ସେମାନଙ୍କର ଅନ୍ୟତମ ଦାବିଗୁଡ଼ିକ ବିଷୟରେ ମୋତେ କିଛି ଜଣା ନାହିଁ । ସେହି କ୍ଷେତ୍ରରେ, ଆଗରୁ ସେମାନଙ୍କର ଜ୍ଞାନ-ପରିସର ମଧ୍ୟକୁ ଯାହା ଆସି ନ ଥିଲା, ସେହି ନୂତନ ଏକ ବସ୍ତୁର ପ୍ରବେଶ ଘଟିବା ପରେ ସେମାନଙ୍କର ବର୍ତ୍ତମାନ ବାୟୁମଣ୍ଡଳରେ ଘଟୁଥିବା ପାର୍ଥକ୍ୟଟିକୁ ମାପିପାରିବା

ଉଚିତ, ଅଥବା ଅନୁଭବ କରିପାରିବା ଉଚିତ । କାରଣ, ସେହି ନୂତନ ଆବିଷ୍କୃତ ବସ୍ତୁଟି ମଧ୍ୟ ତଥାପି ସେହି ଭୌତିକ ଜଗତର ମଧ୍ୟ ଏକ ବସ୍ତୁ ।* ମାତ୍ର ଶ୍ରୀଅରବିନ୍ଦ ଏହି ଅର୍ଥରେ କଥାଟିକୁ କହିଥିଲେ ବୋଲି ମୁଁ ଆଦୌ ମନେ କରୁ ନାହିଁ । ମୁଁ ଭାବୁଛି, ସିଏ କଥାଟିକୁ ଏହି ଅର୍ଥରେ କହିଛନ୍ତି ଯେ, ଆତ୍ମା ଏବଂ ଅନ୍ତର୍ଗତ ସତ୍ୟଗୁଡ଼ିକର ଜଗତଟି ଜଡ଼ଜଗତର ଯାବତୀୟ ସତ୍ୟର ତୁଳନାରେ ଏତେ ଅଧିକ ପରିମାଣରେ ବିସ୍ମୟପରିପୂର୍ଣ୍ଣ ଓ ଅଦ୍ଭୁତ ହୋଇ ରହିଥାଏ ଯେ, ଏହି ସବୁକିଛି ଭୌତିକ ''ବିସ୍ମୟ'' ଆଡ଼କୁ ଦୃଷ୍ଟିପାତ କଲେ କେବଳ ହସହିଁ ମାଡ଼େ । ମୁଁ ଭାବୁଛି, ଅଧିକତର ପରିମାଣରେ ତାହାର ସେହି ଅର୍ଥ କରାଯାଇ ପାରିବ ।

*ମାତ୍ର, ଆପଣ ଯେଉଁ ଚାବିକାଠି କଥା କହିଲେ, ବୈଜ୍ଞାନିକମାନେ ଯେଉଁ ଚାବିକାଠିକୁ ହାସଲ କରିପାରି ନାହାନ୍ତି, ତାହାକୁ ଯଥାର୍ଥରେ ଏହି ଆତ୍ମା ବୋଲି କୁହାଯିବ ନାହିଁକି ? ଏହାକୁ ଜଡ଼ ଉପରେ ଆତ୍ମାର ଶକ୍ତିବୋଲି*

---

*ଏହି ''ନୂତନ ଏକ ବସ୍ତୁ'' ବସ୍ତୁତଃ ଅତିମାନସ ଶକ୍ତି କି ବୋଲି ଶିଷ୍ୟଜଣକ ପ୍ରଶ୍ନ କରିବାରୁ, ମାଆ ଉତ୍ତର ଦେଲେ : ''ମୁଁ ତାହାକୁ ବରଂ ଆଦୌ କୌଣସି ନାମ ଦେବାକୁ ଇଚ୍ଛା କରୁ ନାହିଁ, କାରଣ ତା'ହେଲେ ଲୋକମାନେ ତାହାକୁ ନେଇ ଏକ ଧର୍ମସିଦ୍ଧାନ୍ତ ଗଢ଼ି ଥୋଇଦେବାକୁ ବାହାରିବେ । ୧୯୫୬ ମସିହାରେ ଯାହାକୁ ''ଅତିମାନସର ପ୍ରଥମ ଅଭିବ୍ୟକ୍ତି'' ବୋଲି କୁହାଯାଉଛି, ସେହି ଘଟଣାଟି ଘଟିବା ସମୟରେ ସେହି କଥା ଘଟିଗଲା । ତାହାକୁ ଯେପରି ଏକ ଧର୍ମସିଦ୍ଧାନ୍ତରେ ପରିଣତ କରିଦିଆ ନ ଯାଏ, ସେତେବେଳେ ମୁଁ ସେଥିଲାଗି ପ୍ରାଣପଣେ ଚେଷ୍ଟା କରଥିଲି । ଯଦି ମୁଁ ''ଅମୁକ ତାରିଖରେ ଅମୁକ କଥାଟି ଘଟିଥିଲା'' ବୋଲି କହିବି, ତେବେ ତାହାକୁ ଏଡ଼େଏଡ଼େ ଅକ୍ଷରରେ ଲେଖି ଦିଆଯିବ ଏବଂ ଯଦି କୌଣସି ବ୍ୟକ୍ତି ତା'ଠାରୁ ଭିନ୍ନ କୌଣସି କଥା କହିବାକୁ ବାହାରେ, ତେବେ ତାକୁ ''ତୁ ଗୋଟାଏ ବିଧର୍ମୀ'' ବୋଲି କହି ଉତ୍ତର ଦିଆଯିବ । ତେଣୁ ମୁଁ କୌଣସି ନାମ ଦେବାକୁ ଚାହୁଁ ନାହିଁ । ମାତ୍ର, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବାୟୁମଣ୍ଡଳରେ ଏକ ପରିବର୍ତ୍ତନ ଘଟିଛି, ବାୟୁମଣ୍ଡଳରେ ଏକ ନୂତନ ବସ୍ତୁର ସଂଚରଣ ହୋଇଛି,— ଆମେ ତାହାକୁ ''ଅତିମାନସ ସତ୍ୟର ଅବତରଣ'' ବୋଲି କହିପାରିବା । କାରଣ, ଆମ ଲାଗି ଏହି ଶବ୍ଦଗୁଡ଼ିକର ଏକ ତାତ୍ପର୍ଯ୍ୟ ରହିଛି । ମାତ୍ର, ଏହାକୁ ନେଇ କୌଣସି ଘୋଷଣା କରିବାକୁ ମୁଁ ଆଦୌ ଇଚ୍ଛା କରୁ ନାହିଁ, କାରଣ, ସେହି ଘୋଷଣା ଘଟିଥିବା ଘଟଣାଟିକୁ ବର୍ଣ୍ଣନା କରିବାର ଏକମାତ୍ର ପ୍ରତିଷ୍ଠିତ ବା ପ୍ରକୃତ ମାର୍ଗ ହୋଇ ରହୁ ବୋଲି ମଧ୍ୟ ମୁଁ କଦାପି ଚାହୁଁ ନାହିଁ । ସେହି କାରଣରୁହିଁ ମୁଁ ଜାଣିଶୁଣି ମୋ'ର ଉକ୍ତିଟିକୁ ଏହିପରି ଅସ୍ପଷ୍ଟ ଭାବରେ ପ୍ରକାଶ କରିଛି ।''

*କୁହାଯିବ, ଜଡ଼କୁ ପରିବର୍ତ୍ତନ କରିବା ଲାଗି ଆତ୍ମାର ଶକ୍ତି ଓ ଜଡ଼ଜଗତରେ ନାନା ବିସ୍ମୟ ଘଟାଇବାର ଶକ୍ତି ବୋଲି ମଧ୍ୟ କୁହାଯିବ, ଆତ୍ମାର ପ୍ରକୃତରେ ଏହି ଶକ୍ତି ନାହିଁ କି ?*

ଏହାର ସେହି ଶକ୍ତି ଅବଶ୍ୟ ରହିଛି ଏବଂ ତାହା ସେହି ଶକ୍ତିକୁ ସତତ କାର୍ଯ୍ୟରେ ଲଗାଉଛି । ମାତ୍ର, ମନୁଷ୍ୟର ଚେତନା ଏହା ବିଷୟରେ ସଜ୍ଞାନ ହୋଇ ରହି ନାହିଁ । ଏବଂ , ଏହି କ୍ଷେତ୍ରରେ ଏହାହିଁ ଏକ ବୃହତ୍ ପାର୍ଥକ୍ୟ ଯେ, ଏହା କ୍ରମେ ସେହି ସଜ୍ଞାନତା ହାସଲ କରିବାକୁ ଆରମ୍ଭ କରୁଛି । ମାତ୍ର, ଏହା ଏପରି ଏକ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରୁଛି, ଯାହାକି **ସର୍ବଦା ବିଦ୍ୟମାନ ରହିଛି** ଏବଂ ଯାହାର ଅସ୍ତିତ୍ୱକୁ ଅନ୍ୟମାନେ ସ୍ୱୀକାର କରୁ ନାହାନ୍ତି, କାରଣ ସେମାନେ ତାହାକୁ ଦେଖିପାରୁ ନାହାନ୍ତି ।

ଉଦାହରଣ ସ୍ୱରୂପ, ଏହି ବିଷୟଟିକୁ ଅଧ୍ୟୟନ କରିବା ଲାଗି ମୋ'ର ସୁଯୋଗ ହୋଇଛି । ମୋ'ଲାଗି ଯାବତୀୟ ପରିସ୍ଥିତି, ଚରିତ୍ର, ଯାବତୀୟ ଘଟଣା ଓ ଯାବତୀୟ ସତ୍ତା କେତେକ ନିର୍ଦ୍ଦିଷ୍ଟ ''ବିଧାନ'' ଦ୍ୱାରାହିଁ ପରିଚାଳିତ ହେଉଛନ୍ତି, ଏବଂ ସେହି ବିଧାନଗୁଡ଼ିକ ଆଦୌ ଅତିକଠୋର ନୁହନ୍ତି । ମାତ୍ର, ମୁଁ ସେହି ବିଧାନଗୁଡ଼ିକୁ ଅନୁଭବ କରିପାରେ ଏବଂ ସେହିଗୁଡ଼ିକର ସାହାଯ୍ୟରେହିଁ ସବୁ ଦେଖିପାରେ : ଏଥିରୁ ଏହି କଥା ଉପୁଜିବ, ସେଥିରୁ ସେହି କଥା ଉପୁଜିବ; ଏବଂ, ସେହି ବ୍ୟକ୍ତି ଏହିପରି ହୋଇଥିବାରୁ, ତା'ଲାଗି ଏହି ଘଟଣା ଅବଶ୍ୟ ଘଟିବ । ଏହା କ୍ରମେ ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ ଘଟୁଛି । ଏହି କାରଣରୁହିଁ, ଆବଶ୍ୟକ ହେଲେ ମୁଁ ମଧ୍ୟ ଭବିଷ୍ୟବାଣୀ କରିପାରିବି । ମାତ୍ର, ସେହି ରାଜ୍ୟରେ କାରଣ ଏବଂ ପରିଣାମର ଏହି ସମ୍ବନ୍ଧଟି ମୋ'ଲାଗି ବେଶ୍ ସ୍ପଷ୍ଟ ହୋଇ ରହିଛି ଏବଂ ଘଟୁଥିବା ଘଟଣାଗୁଡ଼ିକରୁ ମଧ୍ୟ ତାହାର ସମର୍ଥନ ମିଳିଯାଉଛି । ମାତ୍ର, ଯେଉଁମାନଙ୍କର ଏହି ଦୃଷ୍ଟିସାମର୍ଥ୍ୟ ନାହିଁ, ଓ ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଯେଉଁମାନେ ଆତ୍ମା ବିଷୟରେ ସଚେତନ ନୁହନ୍ତି, ସେମାନେ ବିଶ୍ୱାସ କରନ୍ତି ଯେ ଆହୁରି ଅନ୍ୟ ନାନା ଉପରିଭାଗୀୟ ନିୟମ ଅନୁସାରେ ବିଭିନ୍ନ ପରିସ୍ଥିତିର ସୃଷ୍ଟି ହୋଇଥାଏ । ଏହି ବିଧାନଗୁଡ଼ିକୁ ସେମାନେ ବସ୍ତୁଚୟର ସ୍ୱାଭାବିକ ପରିଣାମ ବୋଲି ଭାବନ୍ତି; ସେଗୁଡ଼ିକ ଏତେ ସଂପୂର୍ଣ୍ଣ ଭାବରେ ଉପରିଭାଗୀୟ ହୋଇ ରହିଥା'ନ୍ତି ଯେ ଗଭୀର ବିଶ୍ଳେଷଣର ପରିମାପକରେ ଆଦୌ ଉତ୍ତୀର୍ଣ୍ଣ ହୋଇପାରନ୍ତି ନାହିଁ । ମାତ୍ର ସେହି ବ୍ୟକ୍ତିମାନଙ୍କର ଆବଶ୍ୟକ ଅନ୍ତର୍ଗତ ସାମର୍ଥ୍ୟଟି ନ ଥିବାରୁ ସେମାନେ ଏ ବିଷୟରେ ଆଦୌ ଚିନ୍ତିତ ହୁଅନ୍ତି ନାହିଁ, ଏହା ସେମାନଙ୍କୁ ଅତ୍ୟନ୍ତ ସ୍ୱତଃସିଦ୍ଧ ପରି ବୋଧ ହୋଇଥାଏ ।

ମୁଁ ଏହାହିଁ କହିବାକୁ ଇଚ୍ଛା କରୁଛି ଯେ, ଏହି ଅନ୍ତର୍ଗତ ଜ୍ଞାନ ସେମାନଙ୍କର

ମନରେ ପ୍ରତ୍ୟୟ ଆଣି ଦେବାକୁ ଆଦୌ ସମର୍ଥ ହୁଏ ନାହିଁ। ଏଣୁ, ଯେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା ବିଷୟରେ ମୁଁ ''ହଁ, ଏହା ଏକ ଅତ୍ୟନ୍ତ, ଅତ୍ୟନ୍ତ ସ୍ପଷ୍ଟ କଥା, ମୁଁ ଏହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରୁଛି– ଏହି କ୍ଷେତ୍ରରେ ମୁଁ ପରମେଶ୍ୱରଙ୍କର ଶକ୍ତି କାର୍ଯ୍ୟକାରୀ ହେଉଥିବାର ଦେଖିପାରୁଛି, ଏପରି ଏକ ଘଟଣା ଘଟିବାର ମୁଁ ପ୍ରକୃତରେ **ଦେଖିଛି** ଏବଂ ବସ୍ତୁତଃ ତାହାହିଁ ଘଟିବାକୁ ଯାଉଛି'' ବୋଲି ପ୍ରତ୍ୟକ୍ଷ କରୁଥାଏ,– ମୋ' ଲାଗି ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଦେଖା ଯାଉଥାଏ, ମାତ୍ର ମୁଁ ଯାହା ଜାଣେ, ତାହାକୁ ଆଦୌ ପ୍ରକାଶ କରି କହେ ନାହିଁ, କାରଣ, ସେହି ବ୍ୟକ୍ତିମାନଙ୍କର ଅନୁଭବ ସହିତ ଏଇଟିର କୌଣସି ମେଳ ନ ଥାଏ; ସେମାନଙ୍କୁ ଏହା ହୁଏତ ଏକ ଅସଂବଦ୍ଧତା କିଂବା ଛଳନା ପରି ଶୁଣାଯିବାର ଆଶଙ୍କା ରହିଥାଏ । ଅର୍ଥାତ୍, ଯେତେବେଳେ ତୁମ ନିଜର ସେହି ଅନୁଭବଟି ନ ଥାଏ, ସେତେବେଳେ ଆଉ ଜଣେ ବ୍ୟକ୍ତିର ଅନୁଭବ ତୁମକୁ କୌଣସି ପ୍ରତ୍ୟୟ ଦେଇ ପାରେ ନାହିଁ, ଏହା ତୁମ ମନରେ ଆଦୌ କୌଣସି ପ୍ରତ୍ୟୟ ଜନ୍ମାଏ ନାହିଁ ।

ଏଠାରେ ଜଡ଼ ଉପରେ କାର୍ଯ୍ୟ କରିପାରୁଥିବା ଏକ ସାମର୍ଥ୍ୟର ସେତେବେଶୀ ପ୍ରଶ୍ନ ଉଠୁ ନାହିଁ– ସେକଥା ତ ସତତ ଘଟିବାରେ ଲାଗିଛି; ମାତ୍ର ଯେପର୍ଯ୍ୟନ୍ତ ସମ୍ମୋହନକାରୀ ପଦ୍ଧତିଗୁଡ଼ିକୁ ବ୍ୟବହାର କରା ନ ଯାଇଛି,– ମାତ୍ର ସେଗୁଡ଼ିକର କୌଣସି ମୂଲ୍ୟ ନାହିଁ, ସେଗୁଡ଼ିକ ଆଦୌ କୌଣସି ବାଟ ଦେଖାଇ ପାରନ୍ତି ନାହିଁ– ଏହା ହେଉଛି ବୋଧଶକ୍ତିକୁ ଉନ୍ମୋଚିତ କରାଇ ଆଣିବାର ଏକ ସାମର୍ଥ୍ୟ (ତାଳୁ ପାଖରୁ ଭିତରକୁ ଭେଦ କରିବାର ଇଙ୍ଗିତ)– ମାତ୍ର ତାହା କରିପାରିବା ଅତ୍ୟନ୍ତ କଷ୍ଟକର... ଆମେ ଯେଉଁ ବିଷୟଟିକୁ ଅନୁଭବ କରି ନାହୁଁ, ଆମ ଲାଗି ସେହି ବିଷୟଟିର ଆଦୌ କୌଣସି ଅସ୍ତିତ୍ୱ ନାହିଁ ।

ଏପରିକି, ସେମାନଙ୍କର ଚକ୍ଷୁ ସମକ୍ଷରେ କୌଣସି ପ୍ରକାରର ଅଲୌକିକ ଘଟଣା ଘଟିଲେ ମଧ୍ୟ, ସେମାନେ ସେଇଟିର ଏକ ଜଡ଼ବାଦୀ ବ୍ୟାଖ୍ୟା କରିବାକୁ ବାହାରିବେ; ସେମାନଙ୍କ ଲାଗି ଏହି କ୍ଷେତ୍ରରେ ଆଦୌ କୌଣସି ଅଲୌକିକ ଘଟଣା ଘଟି ନ ଥିବ, ଅର୍ଥାତ୍, କେବଳ କେତୋଟି ଜଡ଼ସ୍ତରୀୟ ସାମର୍ଥ୍ୟ ବା ଶକ୍ତି ବ୍ୟତୀତ ଆଉ ଅନ୍ୟକୌଣସି ସାମର୍ଥ୍ୟ ଅଥବା ଶକ୍ତିର କୌଣସି ହସ୍ତକ୍ଷେପ ଘଟି ନ ଥିବ । ସେମାନେ ଆପଣାର ଜଡ଼ବାଦୀ ବ୍ୟାଖ୍ୟାଟିକୁହିଁ ବାଢ଼ିଦେବାରେ ଲାଗିଥିବେ । ଏବଂ, ଅନ୍ୟ ବ୍ୟାଖ୍ୟାଟି ସେମାନଙ୍କୁ ଆଦୌ କୌଣସି ପ୍ରତ୍ୟୟ ଦେଇ ପାରୁ ନ ଥିବ ।

ଆପଣା ଅନୁଭବ ମଧ୍ୟରେ ଏହି ରାଜ୍ୟଟିକୁ ସ୍ପର୍ଶ କରିପାରିଥିଲେ ଯାଇ ତୁମେ କଥାଟିକୁ ବୁଝିପାରିବ ।

ଏବଂ ତା'ହେଲେ ଯାଇ ଦେଖିହେବ, ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ହେବ : ଏକ ବସ୍ତୁର ଜାଗରଣ ଘଟିଥିଲେ ଯାଇ ବୁଝିବାର ଏକ ସମ୍ଭାବନା ରହିଥିବ । ତାହାହିଁ ଭିତ୍ତି, ତାହାହିଁ ଏହାର ଅବଲମ୍ବନ ରୂପେ କାର୍ଯ୍ୟ କରିଥାଏ ।

*ସଂକ୍ଷେପରେ କହିଲେ, ବୋଧହୁଏ ଏହାକୁ ''ଜଡ଼କୁ ରୂପାନ୍ତରିତ କରିବାର'' ଏକ ପ୍ରଶ୍ନ ବୋଲି ନ କହି ବରଂ ଅଧିକ ପରିମାଣରେ ଯଥାର୍ଥ କ୍ରିୟାଶୀଳତା ସମ୍ବନ୍ଧରେ ସଜ୍ଞାନ ହୋଇପାରିବା ବୋଲି କୁହାଯିବ ।*

ହଁ, ମୁଁ ଠିକ୍ ତାହାହିଁ କହୁଛି । ଆମେ ସେ ବିଷୟରେ ଆଦୌ ସଜ୍ଞାନ ନ ଥାଇ ମଧ୍ୟ ହୁଏତ ରୂପାନ୍ତରର ଏକ ପ୍ରକ୍ରିୟା କେତେକ ପରିମାଣରେ ସମ୍ଭବ ହୋଇପାରିବ ।

ଏହି କ୍ଷେତ୍ରରେ ଏକ ବୃହତ୍ ପାର୍ଥକ୍ୟ ରହିଛି ବୋଲି ସେମାନେ କହନ୍ତି : ଯେତେବେଳେ ମନୁଷ୍ୟର ଆବିର୍ଭାବ ହେଲା, ସେତେବେଳେ ସେହି ଘଟଣାଟିକୁ ପ୍ରତ୍ୟକ୍ଷ କରିବା ଲାଗି ଇତରପ୍ରାଣୀର କୌଣସି ସାମର୍ଥ୍ୟ ନ ଥିଲା । ହଁ, ମୁଁ ମଧ୍ୟ ଠିକ୍ ସେହିପରି ଘଟିଥିଲା ବୋଲି କହୁଛି : ମନୁଷ୍ୟ ଉପଲବ୍ଧି କରିଥିବା ଯାବତୀୟ ସବୁକିଛି ସତ୍ତ୍ୱେ ତାହାକୁ ପ୍ରତ୍ୟକ୍ଷ କରିବା ଲାଗି ତାହାର କୌଣସି ସାମର୍ଥ୍ୟ ନାହିଁ– କେତେକ ଘଟଣା ଘଟିବ ଓ କେବଳ ତାହାର ବହୁକାଳ ପରେ ଯାଇ ସିଏ ସେକଥାକୁ ଜାଣିପାରିବ; ଯେତେବେଳେ ତା'ଭିତରେ ଏକ ''ବସ୍ତୁ'' ଯଥେଷ୍ଟ ପରିମାଣରେ ବିକାଶ ଲାଭ କରିଥିବ, ସେତେବେଳେ ଯାଇ ସିଏ ତାହାର ପ୍ରତ୍ୟକ୍ଷ କରିପାରିବ ।

ଏପରିକି, ଯେତେବେଳେ ବିଜ୍ଞାନର ବିକାଶ ମଧ୍ୟ ତାହାର ପ୍ରାନ୍ତବିନ୍ଦୁରେ ଯାଇ ପହଞ୍ଚିବ, ଏପରି ଏକ ବିନ୍ଦୁରେ ପହଞ୍ଚିବ, ଯେତେବେଳେ କି ଆଉ ପ୍ରାୟ କୌଣସି ପାର୍ଥକ୍ୟ ନାହଁ ବୋଲି ପ୍ରକୃତରେ ଅନୁଭବ ହେଉଥିବ, ଉଦାହରଣ ସ୍ୱରୂପ, ଯେତେବେଳେ ସେମାନେ ଉପାଦାନର ମୂଳଭୂତ ଐକ୍ୟ ପାଖରେ ଯାଇ ପହଞ୍ଚିବେ, ଯେତେବେଳେ ଏପରି ପ୍ରତୀତ ହେବ ଯେ ଗୋଟିଏ ଅବସ୍ଥା ଏବଂ ଆଉଗୋଟିଏ ଅବସ୍ଥା ମଧ୍ୟରେ,– ଜଡ଼ ଏବଂ ଆଧ୍ୟାତ୍ମିକ ମଧ୍ୟରେ କେବଳ ପ୍ରାୟ ଏକ ଅଗୋଚର ଏବଂ ସୂକ୍ଷ୍ମ ମଧ୍ୟବର୍ତ୍ତୀ ଅବସ୍ଥାହିଁ ରହିଛି,– ନାଇଁ ନାଇଁ, ସେପରି ଆଦୌ ନୁହେଁ । ଏହି ପ୍ରକାରର ଐକ୍ୟଟିକୁ ଅନୁଭବ କରି ପାରିବାକୁ ହେଲେ, ଆମ ଭିତରେ ମଧ୍ୟ ସେହି **ଅନ୍ୟ ବସ୍ତୁଟିର** ଅନୁଭବ ବିଦ୍ୟମାନ ରହିଥିବା ଦରକାର ହେବ; ତା' ନ ହେଲେ ଆଦୌ କୌଣସି ପ୍ରତ୍ୟକ୍ଷ ଅନୁଭବ ସମ୍ଭବ ହେବ ନାହିଁ ।

ଏବଂ, ସେମାନଙ୍କ ପାଖରେ ସବୁକିଛିକୁ ବ୍ୟାଖ୍ୟା କରି କହିଦେବାର ସାମର୍ଥ୍ୟଟି

ରହିଥିବାରୁହିଁ, ସେମାନେ ଆପଣା ପାଖରେ ବାହ୍ୟ ଘଟଣାଗୁଡ଼ିକର ଏପରି ଭାବରେ ବ୍ୟାଖ୍ୟାମାନ କରିଥା'ନ୍ତି ଯେ, ସେମାନେ ତଦ୍ଦ୍ୱାରା ଅନ୍ତର୍ଗତ ବସ୍ତୁଟିର ସତ୍ୟଟିକୁ ଅସ୍ୱୀକାର କରିବାରେ ଲାଗିଥା'ନ୍ତି— ସେମାନେ କହିଥା'ନ୍ତି ଯେ, ଏଗୁଡ଼ିକ ହେଉଛନ୍ତି, ସତେଯେପରି, ସେମାନେ ଯେଉଁସବୁର ଅଧ୍ୟୟନ କରିଛନ୍ତି, କେବଳ ତାହାରି ଏକ ସଂପ୍ରସାରଣ ।

କେବଳ ଏତିକି ସ୍ମରଣ ରଖିବା ଉଚିତ ଯେ, ଆପଣାର ସ୍ୱକୀୟ ଗଠନଧର୍ମର କାରଣରୁହିଁ, କାରଣ, ଏପରି ମନୁଷ୍ୟ କ୍ୱଚିତ୍ ଅଛନ୍ତି, ଯାହାରକି ଆପଣାର ସୂକ୍ଷ୍ମ ଅନ୍ତର୍ଗତ ସତ୍ତା, ଅର୍ଥାତ୍ ଆପଣାର ଆତ୍ମା ସହିତ, ଅନ୍ତତଃ ଏକ ସମ୍ବନ୍ଧସ୍ଥାପନ ବି ଆରମ୍ଭ ହୋଇ ନାହିଁ, ଏକ ପ୍ରତିଫଳନ ଘଟି ନାହିଁ ବା ତାହାର ଏକ ଛାୟା ଆସି ତା' ଉପରେ ପଡ଼ି ନାହିଁ,— ସେହି କାରଣରୁ ସେମାନଙ୍କର ଏହି ଅସ୍ୱୀକୃତି ମଧ୍ୟରେ ସର୍ବଦା ଏକ ବ୍ୟବଧାନ ଅବଶ୍ୟ ରହିଯାଉଛି । ମାତ୍ର ସେମାନେ ତାହାକୁ ଏକ ଦୁର୍ବଳତା ବୋଲି ଭାବୁଛନ୍ତି,— ବସ୍ତୁତଃ ତାହା ହେଉଛି ସେମାନଙ୍କର ଏକମାତ୍ର ଶକ୍ତିମତ୍ତା ।

(ମାଆ ନୀରବ ରହିଲେ)

ଅନୁଭବ କରିପାରିଲେ ଯାଇ ସେକଥା ପ୍ରକୃତରେ ସମ୍ଭବ ହୁଏ— ସେହି ଉଚ୍ଚତର ଶକ୍ତିଗୁଡ଼ିକର ଅନୁଭବ, ଜ୍ଞାନ ଏବଂ ତାହା ସହିତ ଏକ ତଦାତ୍ମକତା ସମ୍ଭବ ହୁଏ— ସେତେବେଳେ ଯାଇ ଯାବତୀୟ ବାହ୍ୟ ଜ୍ଞାନଲାଭ ମଧ୍ୟରେ ରହିଥିବା ଆପେକ୍ଷିକତାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଏ । ମାତ୍ର ସେପର୍ଯ୍ୟନ୍ତ ସମ୍ଭବ ହୁଏ ନାହିଁ, ଏବଂ ଅନ୍ୟ ସତ୍ୟଗୁଡ଼ିକୁ ଅସ୍ୱୀକାର କରିବା ଲାଗି ରହିଥାଏ ।

ମୁଁ ଭାବୁଛି, ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହିଁଛନ୍ତି : କେବଳ ସେହି ଅନ୍ୟ ଚେତନାଟିର ବିକାଶ ସାଧିତ ହୋଇପାରିଲେ ଯାଇ ବୈଜ୍ଞାନିକ ଈଷତ୍ ହସି ଏକଥା କହିପାରିବ : ''ହଁ, ସେସବୁ ବେଶ୍ ବଢ଼ିଆ ଥିଲା ସତ, ମାତ୍ର...''

ବସ୍ତୁତଃ ଗୋଟିଏ ଆମକୁ ଆଉଗୋଟିଏକୁ ଆଦୌ ପରିଚାଳିତ କରି ନେଇଯିବ ନାହିଁ— କେବଳ କରୁଣା ଦ୍ୱାରାହିଁ ତାହା ସମ୍ଭବ ହେବ । ଯଦି ଅନ୍ତର୍ଗତ ଭାବରେ ଏକ ପୂର୍ଣ୍ଣ ଆନ୍ତରିକତା ରହିଥିବ ଓ ତାହା ଜଣେ ବୈଜ୍ଞାନିକକୁ, ଯେଉଁ ଗାରଟିରୁ ସିଏ ଆଉ ଆଗକୁ କିଛି ଦେଖିପାରୁ ନାହିଁ, ସେହି ଗାରଟିକୁ ଦେଖିବାର, ଅନୁଭବ କରିବାର ଓ ପ୍ରତ୍ୟକ୍ଷ କରିପାରିବାର ସମର୍ଥତା ଆଣି ଦେଇଯିବ, ସେତେବେଳେ ଯାଇ ତାହା ତାକୁ ଚେତନାର ସେହି ଅନ୍ୟ ସ୍ଥିତିକୁ ପରିଚାଳିତ କରି ନେଇଯାଇ ପାରିବ, ମାତ୍ର ତା'ର ଆପଣାର କର୍ମଧାରାଗୁଡ଼ିକ ଦ୍ୱାରା ଏହା କଦାପି **ସମ୍ଭବ ହେବ ନାହିଁ** । ଗୋଟିକୁ ଅବଶ୍ୟ ସିଂହାସନରୁ

ଓହ୍ଲାଇ ଯିବାକୁ ପଡ଼ିବ, ତାହା ନୂତନ ପଦ୍ଧତିଗୁଡ଼ିକୁ, ନୂତନ ଅବବୋଧଗୁଡ଼ିକୁ, ନୂତନ ସ୍ପନ୍ଦନଟିକୁ ଓ ଆତ୍ମାର ନୂତନ ସ୍ଥିତିଟିକୁ ସ୍ୱୀକାର କରିନେବ; ତେବେ ଯାଇ ହେବ ।

ତେଣୁ ଏହା ହେଉଛି ଏକ ବ୍ୟକ୍ତିଗତ ବ୍ୟାପାର । ଏହାକୁ ଏକ ବର୍ଗ ବା ଏକ ଗୋଷ୍ଠୀର ବ୍ୟାପାର ବୋଲି ଆଦୌ କୁହାଯିବ ନାହିଁ— ଜଣେ ବୈଜ୍ଞାନିକ ପ୍ରକୃତରେ... ଆଉ ଅନ୍ୟକିଛି ହେବାକୁ ପ୍ରସ୍ତୁତ ଅଛି କି ନାହିଁ, ଏହି ପ୍ରଶ୍ନଟି ପୂର୍ଣ୍ଣତଃ ତାହାରି ଉପରେହିଁ ନିର୍ଭର କରୁଛି ।

(ମାଆ ନୀରବ ରହିଲେ)

ଆମେ ଏବିଷୟରେ କେବଳ ଗୋଟିଏ କଥା କହିପାରିବା : ତୁମେ ଯାହାକିଛି ଜାଣିଛ, ତାହା ଯେତେ ସୁନ୍ଦର ହୋଇଥାଉ ପଛକେ,— ଯଦି ତୁମେ ଆହୁରି ଅନ୍ୟ ପ୍ରଣାଳୀଗୁଡ଼ିକୁ କାମରେ ଲଗାଇ ପାରିବ, ତେବେ ଯାହା ଜାଣିବାକୁ ସମର୍ଥ ହେବ, ତାହାର ଏଇଟି ସହିତ ଆଦୌ କୌଣସି ତୁଳନା କରାଯାଇ ପାରିବ ନାହିଁ ।

(ମାଆ ନୀରବ ରହିଲେ)

ସଂପ୍ରତି ଏହାହିଁ ମୋ' ଯାବତୀୟ କାର୍ଯ୍ୟର ଲକ୍ଷ୍ୟ ହୋଇ ରହିଛି : ଏହି ଅସମ୍ମତିକୁ ଜାଣିବା ଲାଗି ଯଥାର୍ଥ ସ୍ପର୍ଶଟି ଦିଆଯାଇ ପାରିବ କିପରି ? ଏଇଟି ଦୀର୍ଘ କାଳ ଧରି ସେଠାରେ ଅବସ୍ଥାନ କରି ଆସିଛି । ଶ୍ରୀଅରବିନ୍ଦ ଆପଣାର ଗୋଟିଏ ପତ୍ରରେ ଯାହା କହିଥିଲେ, ଏହାକୁ ଆମେ ତାହାରି ସହିତ ଅବିଚ୍ଛିନ୍ନ ହୋଇ ରହିଥିବା ଏକ କଥାରୂପେ ଗ୍ରହଣ କରିବା : ସେ ସେଥିରେ କହିଛନ୍ତି ଯେ, ଇଉରୋପ ଆପଣାର ଯାବତୀୟ ସଂଶୟ ଏବଂ ପ୍ରଶ୍ନ-ଉତ୍ଥାପନକୁ ନେଇ ଯାହାକିଛି କରିଛି, ଭାରତବର୍ଷ ତାହାର ଯାବତୀୟ ପଦ୍ଧତି ତଥା ପ୍ରଣାଳୀଗୁଡ଼ିକୁ କାର୍ଯ୍ୟରେ ଲଗାଇ ଆଧ୍ୟାତ୍ମିକ ଜୀବନ ଲାଗି ତାହାଠାରୁ ଅନେକ ଅଧିକ କରିଛି । ତାହା ପ୍ରକୃତରେ ଏହିପରି ହୋଇଛି । ଇଉରୋପର ଯାବତୀୟ ସଂଶୟକୁ ଏକ ପ୍ରକାରର ଅସମ୍ମତି ବୋଲି କୁହାଯିବ,— ଜ୍ଞାନଲାଭର ଯେଉଁ ପ୍ରଣାଳୀଟି ବିଶୁଦ୍ଧ ଭାବରେ ଏକ ଜଡ଼ସ୍ତରୀୟ ପଦ୍ଧତି ହୋଇ ନ ଥିବ, ତାହାକୁ ଏକ ପଦ୍ଧତିରୂପେ ଗ୍ରହଣ କରିବାର ଅସମ୍ମତି । ଏହାଦ୍ୱାରା ଅନୁଭୂତିକୁ, ଅନୁଭୂତି ଦ୍ୱାରା ଉପଲବ୍ଧ ସତ୍ୟକୁ ଅସ୍ୱୀକୃତ କରାଯାଇଛି । ଏହି ବିଷୟରେ କିଏ କିପରି ସେମାନଙ୍କର ହୃଦ୍‌ବୋଧ କରାଇ ପାରିବ ?... ଏବଂ ତା'ପରେ, ସେହି କ୍ଷେତ୍ରରେ କାଳୀଙ୍କର ମଧ୍ୟ କାର୍ଯ୍ୟ କରିବାର ଧାରାଟି ରହିଛି,— ସେହି ଧାରାଟି ହେଉଛି ଉତ୍ତମରୂପେ ପ୍ରହାର କରିବାର ଧାରା । ମାତ୍ର ମୁଁ ଭାବୁଛି, ତଦ୍ଦ୍ୱାରା ଅତ୍ୟନ୍ତ କ୍ଷତିଗ୍ରସ୍ତ ହେବାକୁ ପଡ଼େ ଏବଂ ଏଣେ ଖୁବ୍ ବେଶୀ ଫଳ ମଧ୍ୟ ମିଳେ ନାହିଁ ।

ଏହା ହେଉଛି ଆଉଗୋଟିଏ ବୃହତ୍ ସମସ୍ୟା ।

ଅର୍ଥାତ୍, କେବଳ ଗୋଟିଏ ମାର୍ଗରେହିଁ ଯାବତୀୟ ପ୍ରତିରୋଧକୁ ଅତିକ୍ରମ କରାଯାଇ ପାରିବ, ତାହା ହେଉଛି ପ୍ରେମର ମାର୍ଗ । ମାତ୍ର, ଏହି ମାର୍ଗରେ ଯାଇଥିବା ପୁରୋଗାମୀମାନେ ପ୍ରେମକୁ ଏପରି ଭାବରେ ବିକୃତ କରି ପକାଇଛନ୍ତି ଯେ, ବହୁସଂଖ୍ୟକ ଅତ୍ୟନ୍ତ ନିଷ୍ଠାଯୁକ୍ତ ବ୍ୟକ୍ତି, ଅତ୍ୟନ୍ତ ନିଷ୍ଠାପର ସାଧନାଷ୍ଠ ବ୍ୟକ୍ତିମାନେ ସେହି ବିକୃତିମାନ ଘଟିଥିବା ହେତୁ ଏହି ମାର୍ଗଟି ପ୍ରତି ଅତ୍ୟନ୍ତ କଠୋର ମନୋଭାବ ଦେଖାଇଛନ୍ତି । ଏହାହିଁ ପ୍ରକୃତ ଅସୁବିଧା । ସେହି କାରଣରୁହିଁ ତାହା ପ୍ରକୃତରେ ଏତେ ସମୟ ନେଉଛି । ମାତ୍ର...

୨୯ ମଇ, ୧୯୬୫

**୧୧୧. ଜ୍ଞାନ ହେଉଛି କିଛି କୃତିତ୍ୱ ହାସଲ କରିଥିବା ପିଲାଟିଏ; କାରଣ, ଯେତେବେଳେ ତାହା କିଛି ପାଇଯାଏ, ସେତେବେଳେ ସିଏ ରାସ୍ତାକୁ ବାହାରି ଏଡ଼େବଡ଼ ଚିତ୍କାର ଓ ନିନାଦ କରି ତାହାକୁ କହି କହି ଦଉଡ଼ିବାରେ ଲାଗେ । ପ୍ରଜ୍ଞା ଅର୍ଥାତ୍ ଯଥାର୍ଥ ଜ୍ଞାନ ଆପଣାର କୃତିତ୍ୱଗୁଡ଼ିକୁ ଦୀର୍ଘକାଳ ଲାଗି ଏକ ମନନମୟ ଓ ଶକ୍ତିଶାଳୀ ନୀରବତା ମଧ୍ୟରେହିଁ ଲୁକ୍କାୟିତ କରି ରଖିଥାଏ ।**

**୧୧୨. ବିଜ୍ଞାନ ଏପରି କଥା କହେ ଓ ଆଚରଣ କରୁଥାଏ, ସତେଯେପରି ତାହା ଯାବତୀୟ ଜ୍ଞାନ ଉପରେ ବିଜୟ ହାସଲ କରିଛି । ମାତ୍ର, ପ୍ରଜ୍ଞା ଆପଣାର ଗତିପଥରେ କେବଳ ଆପଣାର ନିଃସଙ୍ଗ ପଦଚାରଣାକୁହିଁ ଅପରିମେୟ ମହାସାଗରଗୁଡ଼ିକର ତଟରେ ପ୍ରତିଧ୍ୱନିତ ହେଉଥିବାର ଶୁଣିବାରେ ଲାଗିଥାଏ ।**

ନୀରବତା... ହଁ, ମାତ୍ର ନୀରବତା ବିଷୟରେ କହିବା ଅପେକ୍ଷା ତାହାକୁ ନିଜ ଜୀବନରେ ଅଭ୍ୟାସ କରିବାହିଁ ଅଧିକ ଭଲ ।

ଏହି କ୍ଷେତ୍ରରେ ଅନେକ ଦିନ ତଳେ ମୋ'ର ଏକ ଅନୁଭବ ମଧ୍ୟ ହୋଇଥିଲା : ଆମେ ଯାହା ଶିକ୍ଷା କଲୁ, ତାହାକୁ ସଙ୍ଗେ ସଙ୍ଗେ ପ୍ରଚାର କରିବା ଲାଗି ଏବଂ କାମରେ ଲଗାଇବା ଲାଗି ଇଚ୍ଛା କରିବା ଏବଂ ଅନ୍ୟ ପକ୍ଷରେ, ଏପରି ଏକ ଉଚ୍ଚତର ଜ୍ଞାନର ସଂସ୍ପର୍ଶ ଲାଭ କରିବା, ଯେଉଁଠାରେ କି ଉପନୀତ ହୋଇ ମନୁଷ୍ୟ ଯଥାସମ୍ଭବ ଅଧିକ ସ୍ଥିର ହୋଇଆସେ ଯେପରିକି ତାହା ଆପଣାକୁ ଫଳପ୍ରଦ କରି ଆମ ଜୀବନରେ କୌଣସି

ନା କୌଣସି ରୂପାନ୍ତର ଘଟାଇ ପାରିବ,— ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ମୋ'ର ଏକ ଅନୁଭବ ହୋଇଥିଲା। ପ୍ରକୃତରେ ଏକ ଜୀବନ୍ତ ଅନୁଭବ ହୋଇଥିଲା— ପୂରା ଅଧେ ଦିନ ଏହି ଜୀବନ୍ତ ଅନୁଭବ ହୋଇଥିଲା। ମାତ୍ର ବର୍ତ୍ତମାନ ତାହା ମୋତେ ଭାରି ପୁରାତନ ପରି ମନେ ହେଉଛି,— ଅନେକ ପଛରେ ରହିଥିବା ଏକ ପୁରାତନ କଥାପରି ମନେ ହେଉଛି।

*ଏହି ନୀରବତାର ପ୍ରକୃତ ଶକ୍ତି କ'ଣ ? ଊର୍ଦ୍ଧ୍ୱକୁ ଉଠିଲେ ଜଣେ ଗୋଟିଏ ପ୍ରକାରର ବୃହତ୍ ନୀରବତାର ରାଜ୍ୟରେ ଯାଇ ପ୍ରବେଶ କରିଥାଏ,— ସେହି ନୀରବତା ଏକପ୍ରକାର ଜମାଟବନ୍ଧା ନିଷ୍କ୍ରିୟ ଅବସ୍ଥା, ତାହା ସର୍ବତ୍ର ଅଛି; ମାତ୍ର ଏହି ନୀରବତାର ଯଥାର୍ଥ ଶକ୍ତିଟି କ'ଣ ? ଏହା କ'ଣ ପ୍ରକୃତରେ ସବୁକିଛି କରିବା ଲାଗି ସମର୍ଥ ହୁଏ ?*

ଲୋକମାନେ ଅତୀତରେ ତାହାହିଁ ହାସଲ କରିବାକୁ ଇଚ୍ଛା କରୁଥିଲେ। ସେତେବେଳେ ସେମାନେ ଜୀବନରୁ ପଳାୟନ କରିବା ଲାଗି ଇଚ୍ଛା କରୁଥିଲେ। ସେମାନେ ଏକ ଭାବାବିଷ୍ଟ ଅବସ୍ଥା ମଧ୍ୟରେ ଯାଇ ପ୍ରବେଶ କରିବାକୁ ମନ କରୁଥିଲେ; ଶରୀରକୁ ଏକାନ୍ତ ସ୍ଥିର କରି ରଖୁଥିଲେ, ଅନ୍ତଃପ୍ରବେଶ କରୁଥିଲେ ଏବଂ ସେଥିରୁ ପୂର୍ଣ୍ଣ ସନ୍ତୋଷ ଲାଭ କରୁଥିଲେ। ଏବଂ, ଯେଉଁ ସନ୍ନ୍ୟାସୀମାନେ ଆପଣାକୁ ନେଇ ମାଟିତଳେ ପୋତି ରଖୁଥିଲେ, ସେମାନଙ୍କ ଜୀବନରେ ମଧ୍ୟ ଠିକ୍ ତାହାହିଁ ହେଉଥିଲା। ସେମାନେ କହୁଥିଲେ, ''ବର୍ତ୍ତମାନ ମୁଁ ମୋ'ର ସମସ୍ତ କାର୍ଯ୍ୟ ଶେଷ କରିଛି''— ସେମାନେ ବ୍ୟବହାର କରୁଥିବା ଭାଷା ପ୍ରକୃତରେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା— ''ମୋ'ର କାର୍ଯ୍ୟ ସରିଲା, ବର୍ତ୍ତମାନ ମୁଁ ସମାଧିରେ ପ୍ରବେଶ କରିବି।'' ଏବଂ ସେମାନେ ସ୍ୱୟଂ ନିଜକୁ ନେଇ ମାଟିତଳେ ଜୀବନ୍ତ ପୋତି ଦେଉଥିଲେ। ସେମାନେ କୌଣସି ଏକ ପ୍ରକୋଷ୍ଠ ବା ସେହିପରି ଏକ ସ୍ଥାନରେ ଯାଇ ପ୍ରବେଶ କରୁଥିଲେ; ତା'ପରେ ତାହାକୁ ବାହାରୁ ବନ୍ଦ କରି ଦିଆ ଯାଉଥିଲା ଓ ଏହିପରି ଭାବରେ ସବୁକିଛିର ଅବସାନ ହେଉଥିଲା। ଏବଂ, ସେହି କ୍ଷେତ୍ରରେ ତାହାହିଁ ଘଟୁଥିଲା : ସେମାନେ ସମାଧିସ୍ଥ ହୋଇ ରହୁଥିଲେ, ଏବଂ, ତାହାର କିଛି ସମୟ ପରେ ପ୍ରାୟ ଅବଶ୍ୟମ୍ଭାବୀ ଭାବରେ ସେମାନଙ୍କର ଶରୀରର ବିଲୟନ ଘଟୁଥିଲା ଓ ସେମାନେ ପୂର୍ଣ୍ଣ ଶାନ୍ତି ମଧ୍ୟରେ ପ୍ରବେଶ କରୁଥିଲେ।

*ମାତ୍ର, ସେହି ନୀରବତାରେ ଏକ ଶକ୍ତି ରହିଛି ବୋଲି ଶ୍ରୀଅରବିନ୍ଦ ମଧ୍ୟ କହିଛନ୍ତି।*

ହଁ, ଏକ ଶକ୍ତି ଅବଶ୍ୟ ରହିଛି ।

*ଏହା ପ୍ରକୃତରେ କିପରି ଶକ୍ତିଶାଳୀ, ମୁଁ ସେହି କଥାଟିକୁହିଁ ଜାଣିବାକୁ ଇଚ୍ଛା କରୁଛି । କାରଣ, ସେତେବେଳେ ଏହିପରି ଏକ ଅନୁଭବ ହୋଇଥାଏ ଯେ, ଆମେ ସେହି ସ୍ଥିତିରେ ଅନନ୍ତ କାଳ ଲାଗି ମଧ୍ୟ ଅବସ୍ଥିତ ରହିପାରନ୍ତେ...*

ଅନନ୍ତ କାଳ ନୁହେଁ– ଶାଶ୍ୱତକାଳ ।

*...ସେହି ସ୍ଥିତିରେ ଆଦୌ କୌଣସି ପରିବର୍ତ୍ତନ ଘଟନ୍ତା ନାହିଁ ।*

ନା – କାରଣ ଏଥିରେ କୌଣସି ଅଭିବ୍ୟକ୍ତି ନ ଥାଏ, ତାହା ଅଭିବ୍ୟକ୍ତିର ବାହାରେ ରହିଥାଏ । ମାତ୍ର ଶ୍ରୀଅରବିନ୍ଦ ଇଚ୍ଛା କରୁଛନ୍ତି ଯେ ଆମେ ତାହାକୁ ଏଠାକୁ ମଧ୍ୟ ଅବତୀର୍ଣ୍ଣ କରାଇ ଆଣିବା । ତାହାହିଁ ବଡ଼ ଅସୁବିଧାର କଥା । ଏବଂ ସେଥିଲାଗି ଆମକୁ ଏକ ଦୁର୍ବଳତା ଏବଂ ଏକ ଆପାତ ମୂଢ଼ତାକୁ ମଧ୍ୟ ସ୍ୱୀକାର କରିନେବାକୁ ହେବ । ସବୁକିଛି ସ୍ୱୀକାର କରିନେବାକୁ ପଡ଼ିବ । ଏବଂ, ପାଞ୍ଚକୋଟିରେ ଜଣେ ମନୁଷ୍ୟର ମଧ୍ୟ ସେକଥା କରିବା ଲାଗି ସାହସ ନ ଥାଏ ।

ପଳାୟନର ଲକ୍ଷ ଲକ୍ଷ ବାଟ ରହିଛି । ମାତ୍ର, ରହିବା ସକାଶେ କେବଳ ଗୋଟିଏ ବାଟ : ସେଥିଲାଗି ଯଥାର୍ଥ ସାହସ ଓ ସହିଷ୍ଣୁତା ଆବଶ୍ୟକ; ଦୁର୍ବଳତା, ଅସହାୟତା, ଅଜ୍ଞାନ, ଏପରିକି ପରମସତ୍ୟକୁ ସତେଅବା ଅସ୍ୱୀକାର କରିବାର ଏକ ପ୍ରତୀତିର ମଧ୍ୟ ଯାବତୀୟ ଆବିର୍ଭାବକୁ ସ୍ୱୀକାର କରିନେଇ ପାରିବାର ସାହସ ଏବଂ ସହିଷ୍ଣୁତା ଆବଶ୍ୟକ । ମାତ୍ର, ଯଦି ଜଣେ ତାହାକୁ ସ୍ୱୀକାର କରି ନେଇ ନ ପାରେ, ତେବେ ତାହା କଦାପି ବଦଳିଯିବ ନାହିଁ । ଯେଉଁମାନେ ମହାନ୍, ଜ୍ଞାନୀ, ଶକ୍ତିସଂପନ୍ନ ଓ ସେହିପରି ଆଉ ଯାବତୀୟ ସବୁକିଛି ହୋଇ ରହିବାକୁ ଚାହୁଁଛନ୍ତି, ସେମାନେ ସେଇଠି ସେହି ଊର୍ଦ୍ଧ୍ୱରେ ରହିଥାନ୍ତୁ,– ସେମାନେ ଏହି ପୃଥିବୀ ସକାଶେ ଆଦୌ କିଛି କରିପାରିବେ ନାହିଁ ।

ଏବଂ, ଏହି ବୋଧହୀନ ଅବସ୍ଥା ହେଉଛି ଏକ ଅତ୍ୟନ୍ତ କ୍ଷୁଦ୍ର ବିଷୟ– ପ୍ରକୃତରେ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ଜିନିଷ, କାରଣ ଆମର ଚେତନା ଏପରି ଏକ ଉପାଦାନ ରୂପେ ତିଆରି ହୋଇଛି ଯେ, ତାହା ତଦ୍ୱାରା ଏତେ ଟିକିଏ ପରିମାଣରେ ବି ପ୍ରଭାବିତ ହୁଏ ନାହିଁ– ମାତ୍ର, ଏହା ହେଉଛି ଏକ ସମଗ୍ର ଏବଂ ସଂପୂର୍ଣ୍ଣ ବୋଧରହିତ ଅବସ୍ଥା ! ଅର୍ଥାତ୍,

ଜଣେ ବ୍ୟକ୍ତି କିଛି କରୁଛି ବୋଲି, ଅପମାନିତ ହେଉଥିବ ଏବଂ ସମସ୍ତଙ୍କର ତିରସ୍କାର ବି ପାଉଥିବ; କାରଣ, ସେମାନଙ୍କ ଦୃଷ୍ଟିରେ – ଏହି ପୃଥିବୀର ସବୁ ''ବଡ଼ ବଡ଼ ମନୀଷୀ''ଙ୍କର ଦୃଷ୍ଟିରେ– ସେହି ବ୍ୟକ୍ତି ତାହାର ଦିବ୍ୟତାକୁ ହରାଇ ବସିଛି । ସେମାନେ କଥାଟିକୁ ଆଦୌ ସେପରି ଭାବରେ କହନ୍ତି ନାହିଁ, ସେମାନେ କହନ୍ତି : ''କ'ଣ ହେଲା ? ତୁମର ଏକ ଦିବ୍ୟ ଚେତନା ରହିଛି ବୋଲି ତୁମେ ଦାବି କରୁଛ, ମାତ୍ର... ।'' ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିସ୍ଥିତିର କ୍ଷେତ୍ରରେ ଠିକ୍ ଏହି କଥାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ମଝିରେ ମଝିରେ ହୁଏତ ଜଣେ ନା ଜଣେ ବ୍ୟକ୍ତି ସାମୟିକ ଭାବରେ ଏକ ଉଦ୍‌ଭାସର ଉପଲବ୍ଧି କରିଥାଏ; ମାତ୍ର ତାହା ଅଧିକାଂଶତଃ ଏକ ବ୍ୟତିକ୍ରମ ଭାବରେହିଁ ଘଟେ । ମାତ୍ର, ଅନ୍ୟ ପକ୍ଷରେ, ''ତେବେ ଠିକ୍‌ଅଛି, ତୁମର ଯେଉଁ ଶକ୍ତି ଅଛି, ସେହି ଶକ୍ତିକୁ ଦେଖାଅ''– ଏହି କଥାଟି ସର୍ବତ୍ର ଘଟିଥାଏ ।

*ଦିବ୍ୟ ପରମସତ୍ତା ଏହି ପୃଥିବୀରେ ଯେ ସର୍ବଶକ୍ତିଶାଳୀ ହୋଇ ରହିବେ, ସେମାନେ ସ୍ପଷ୍ଟତଃ ତାହାହିଁ ବିଶ୍ୱାସ କରୁଥା'ନ୍ତି ।*

ହଁ, ଠିକ୍ ସେହିକଥା : ''ଆପଣଙ୍କର ଶକ୍ତି ଆପଣ ଦେଖାନ୍ତୁ, ଏହି ପୃଥିବୀକୁ ବଦଳାନ୍ତୁ । ଏବଂ, ସବାଆଗ, ମୁଁ ଯାହା ଚାହୁଁଛି, ଆପଣ ସେହି କଥାଟିକୁ କରନ୍ତୁ । ଅର୍ଥାତ୍, ସର୍ବପ୍ରଥମ ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ମୁଁ ଯାହା ଚାହୁଁଛି, ଆପଣ ସବାଆଗ ତାହାହିଁ କରି ଦେଖାଇ ଦିଅନ୍ତୁ– ଆପଣଙ୍କ ଶକ୍ତିର ପ୍ରମାଣ ଦିଅନ୍ତୁ !''
ସେମାନେ ନିରନ୍ତର ସେହିପରିହିଁ କହୁଥା'ନ୍ତି ।

୨୫ ସେପ୍ଟେମ୍ବର, ୧୯୬୫

**୧୧୩. ଘୃଣା ହେଉଛି ଏପରି ଏକ ଗୁପ୍ତ ଆକର୍ଷଣର ସଂକେତ ଯାହାକି ଆପଣା ପାଖରୁ ପଳାଇଯିବା ଲାଗି ବ୍ୟାକୁଳ ହେଉଥାଏ ଏବଂ ଆପଣାର ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ମଧ୍ୟ ପ୍ରଚଣ୍ଡ ହୋଇ ଉଠୁଥାଏ । ତାହାକୁ ମଧ୍ୟ ତାଙ୍କରି ଦ୍ୱାରା ସୃଷ୍ଟ ପ୍ରାଣୀ ମଧ୍ୟରେ ପରମେଶ୍ୱରଙ୍କର ଲୀଳା ବୋଲି କୁହାଯିବ ।**

**୧୧୪. ସ୍ୱାର୍ଥପରତା ହେଉଛି ଏକମାତ୍ର ପାପ, ନୀଚତା ହେଉଛି ଏକମାତ୍ର ଦୋଷ, ଘୃଣା ହେଉଛି ଏକମାତ୍ର ଅପରାଧିତା । ଏହା ବ୍ୟତୀତ ଆଉ**

**ଯାହାକିଛି ରହିଲା, ତାହାକୁ ଅତି ସହଜରେ ଭଲରେ ପରିଣତ କରି ଦିଆଯାଇ ପାରିବ । ମାତ୍ର ଏଗୁଡ଼ିକ ଦେବତାଙ୍କର ଦୁର୍ଦମନୀୟ ପ୍ରତିରୋଧୀ ।**

ଏହାର ଅନୁରୂପ ଏକ ପ୍ରକାରର ସ୍ପନ୍ଦନ ରହିଛି– ଯେଉଁମାନେ ଘୃଣା କରନ୍ତି, ସେହିମାନଙ୍କଠାରୁ ଏହି ସ୍ପନ୍ଦନର ଆଗମନ ଘଟିଥାଏ । ମାତ୍ର, ଏହା ଏପରି ଏକ ସ୍ପନ୍ଦନ, ଯାହା କି ପ୍ରକୃତରେ ପ୍ରେମର ସ୍ପନ୍ଦନରୁ ମୂଳତଃ ଆଦୌ ଅଲଗା ପ୍ରକାରର ନୁହେଁ । ଏହାର ଗଭୀର ତଳଗୁଡ଼ିକରେ ସେହି ଗୋଟିଏ ପ୍ରକାରର ଇନ୍ଦ୍ରିୟବୋଧହିଁ ରହିଥାଏ । ଉପରିଭାଗକୁ ଦେଖିବାକୁ ଗୋଟିଏ ଅନ୍ୟଟିର ଠିକ୍ ବିପରୀତ ବୋଲି ପ୍ରତୀତ ହେଉଥିଲେ ହେଁ, ମୂଳରେ ତାହା ସେହି ଗୋଟିଏ ସ୍ପନ୍ଦନକୁହିଁ ଆଶ୍ରୟ କରି ରହିଥାଏ । ଏବଂ, ହୁଏତ ଏପରି ବି କୁହାଯାଇ ପାରିବ ଯେ, ଆମେ ଭଲ ପାଉଥିବା କୌଣସି ବସ୍ତୁ ପାଖରେ ଯେପରି ଦାସ ପରି ହୋଇ ରହିଥାଉ, ଆମେ ଘୃଣା କରୁଥିବା ବସ୍ତୁ ପାଖରେ ମଧ୍ୟ ଠିକ୍ ସେତିକି ପରିମାଣରେ ଦାସ ହୋଇ ରହିଥାଉ, ସମ୍ଭବତଃ ଆହୁରି ଅଧିକ ପରିମାଣରେ ଦାସ ହୋଇ ରହିଥାଉ । ତାହା ଏପରି ଏକ ବସ୍ତୁ, ଯାହାକି ତୁମକୁ ଅଧିକାର କରି ରହିଥାଏ, ତୁମ ପଛେପଛେ ଲାଗି ରହିଥାଏ ଏବଂ ତୁମେ ମଧ୍ୟ ମନେ ମନେ ଯାହାକୁ ଲୋଡ଼ି ବୁଲୁଥାଅ; ଏହା ଏପରି ଏକ ଇନ୍ଦ୍ରିୟବୋଧ, ଯାହାକୁ କି ତୁମେ ପ୍ରକୃତରେ ଲୋଡ଼ି ବୁଲୁଥାଅ; କାରଣ ବାହାରକୁ ପ୍ରକାଶିତ ହୋଇ ରହିଥିବା ତା'ର ପ୍ରଚଣ୍ଡତା ତଳେ ଆକର୍ଷଣର ଏକ ଉଷ୍ମତା ମଧ୍ୟ ନିହିତ ହୋଇ ରହିଥାଏ, ଯାହାକି, ତୁମେ ଭଲ ପାଉଥିବା ବସ୍ତୁଟି ପ୍ରତି ତୁମେ ଯେତିକି ଉଷ୍ମତା ଅନୁଭବ କର, ତାହା ଠିକ୍ ସେତିକି ପ୍ରବଳ ହୋଇ ରହିଥାଏ । ଏବଂ, ମୋର ମନେ ହେଉଛି, ବାହ୍ୟ କ୍ଷେତ୍ରର ଏହି ପ୍ରତୀତିଟି କେବଳ ଅଭିବ୍ୟକ୍ତିଗତ କ୍ରିୟାଶୀଳତାର କ୍ଷେତ୍ରରେହିଁ ରହିଥାଏ, ଅର୍ଥାତ୍, ସଂପୂର୍ଣ୍ଣ ଭାବରେ କେବଳ ଉପରିଭାଗରେହିଁ ରହିଥାଏ ।

ଆମେ ଭଲ ପାଉଥିବା କୌଣସି ବସ୍ତୁ ଆମକୁ ଯେତିକି ପରିମାଣରେ ଗ୍ରସ୍ତ କରି ରଖିଥାଏ, ଆମେ ଘୃଣା କରୁଥିବା ବସ୍ତୁ ଆମକୁ ହୁଏତ ତା'ଠାରୁ ଅଧିକ ପରିମାଣରେ ଗ୍ରସ୍ତ କରି ରଖିଥାଏ । ଏବଂ, ଗ୍ରସ୍ତ ହୋଇ ରହିବାର ସେହି ସ୍ଥିତିଟି ଏହି ଅନ୍ତର୍ଗତ ସ୍ପନ୍ଦନଟି ମଧ୍ୟରୁହିଁ ଜନ୍ମଲାଭ କରିଥାଏ ।

ଏହିସବୁ ଯାବତୀୟ ''ସ୍ପର୍ଶାନୁଭୂତି''– ସେଗୁଡ଼ିକୁ ପ୍ରକୃତରେ କ'ଣ ବୋଲି କୁହାଯିବ ?– ଏଗୁଡ଼ିକର ସ୍ପନ୍ଦନରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଥାଏ;– ତାହାର ଅନ୍ତଃସ୍ଥଳରେ ସାରଭୂତ ହୋଇ କିଛି ରହିଥାଏ ଏବଂ ତା'ଉପରକୁ ସ୍ତର ସ୍ତର ହୋଇ

ସତେଅବା କେତୋଟି ସ୍ତର ରହିଥାଏ । ଏବଂ, ସବୁଠାରୁ ଅଧିକ କେନ୍ଦ୍ରସ୍ଥାନୀୟ ହୋଇ ଯେଉଁ ସ୍ପନ୍ଦନଟି ଥାଏ, ତାହା ପ୍ରକୃତରେ ସେହି ଏକାଭଳି ହୋଇ ରହିଥାଏ; ଏବଂ, ଯେତେବେଳେ ଆପଣାକୁ ବ୍ୟକ୍ତ କରିବା ଲାଗି ତାହା ପ୍ରସାରିତ ହେବାକୁ ଲାଗେ, ସେତେବେଳେ ସେଥିରେ ଏକ ବିକୃତି ସଂଘଟିତ ହୁଏ । ଭଲ ପାଇବାର କ୍ଷେତ୍ରରେ ସେହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଘଟେ; ଅଧିକାଂଶତମ କ୍ଷେତ୍ରରେ ତାହା ବାହ୍ୟତଃ ଏପରି ଏକ ବସ୍ତୁରେ ପରିଣତ ହୋଇଯାଏ, ଯାହାର ସ୍ୱଭାବ ଅନ୍ତରସ୍ଥ ସ୍ପନ୍ଦନଟିଠାରୁ ଏକାନ୍ତ ଭିନ୍ନ ହୋଇ ରହିଥାଏ । କାରଣ, ଅନ୍ତର୍ଗତ ସ୍ପନ୍ଦନଟି ଆପଣା ଭିତରକୁ ନିଜକୁ ପ୍ରତ୍ୟାହୃତ କରି ନେଇଯାଏ, ଅତ୍ୟନ୍ତ ନିସ୍ତେଜ ହୋଇଯାଏ ଏବଂ ଅଧିକାର କରିବାର ଏକ ଅହଂପ୍ରେରିତ କ୍ରିୟାଶୀଳତା ଦ୍ୱାରା ନାନା ବସ୍ତୁକୁ ନିଜ ଆଡ଼କୁ ଟାଣି ଆଣିବା ଲାଗି ଇଚ୍ଛା କରୁଥାଏ । ତୁମକୁ କେହି **ଭଲପାଉ**, ତୁମେ ସେତେବେଳେ ତାହାହିଁ ଇଚ୍ଛା କରୁଥାଅ । ତୁମେ କହ, ''ମୁଁ ସେହି ବ୍ୟକ୍ତିକୁ ଭଲ ପାଏ'', ମାତ୍ର, ତୁମେ ପ୍ରକୃତରେ ଯାହା ଇଚ୍ଛା କରୁଥାଅ, ସେଠାରେ ସେଇଟି ମଧ୍ୟ ଅବସ୍ଥିତ ରହିଥାଏ, ''ମୋତେ କେହି ଭଲ ପାଉ''— ଏହିପରି ଭାବରେ ସେହି ଅନୁଭୂତିଟି ତୁମ ଜୀବନରେ ପ୍ରକାଶ ଲାଭ କରିଥାଏ । ଏହିପରି ଭାବରେ ଏହି ବିକୃତି ଘୃଣାର କ୍ଷେତ୍ରରେ ସଂଘଟିତ ହେଉଥିବା ବିକୃତି ପରି ସମାନ ପରିମାଣରେ ପ୍ରବଳ ହୋଇ ରହିଥାଏ । ତୁମେ ଯାହାକୁ ଭଲ ପାଉଛ, ତୁମେ ଯେପରି ତାହା ଦ୍ୱାରା ବନ୍ଧା ହୋଇ ନ ରହିବ, ସେଥିଲାଗି ତୁମେ ତାକୁ ଧ୍ୱଂସ କରିଦେବାକୁ ଇଚ୍ଛା କରୁଥାଅ,— ତାହା ହେଉଛି ଘୃଣାରୁ ସଂଘଟିତ ହେଉଥିବା ବିକୃତି । ତୁମେ ଯାହାକୁ ଭଲ ପାଉଛ, ତାହାଠାରୁ ପାଇବାକୁ ଇଚ୍ଛା କରୁଥିବା ବସ୍ତୁଟିକୁ ପାଇ ନ ପାରୁଥିବା ହେତୁହିଁ ତୁମେ ତା'ଠାରୁ ମୁକ୍ତିଲାଭ କରିବା ଲାଗି ତାକୁ ନଷ୍ଟ କରିଦେବାକୁ ଇଚ୍ଛା କରୁଛ; ଅନ୍ୟ ପକ୍ଷରେ, ପ୍ରାୟ ଏକ ଅନ୍ତର୍ଗତ କ୍ରୋଧ ଦ୍ୱାରା ତାଡ଼ିତ ହୋଇ ତୁମେ ନିସ୍ତେଜ ହୋଇଯାଉଛ, କାରଣ, ତୁମେ ଯାହା ଭଲ ପାଉଛ, ତୁମେ ତାହାକୁ ପାଇପାରୁ ନାହଁ ଓ ଆତ୍ମସାତ୍ କରିପାରୁ ନାହଁ । ଏବଂ, ପ୍ରକୃତ କଥା କହିବାକୁ ଗଲେ, *(ମାଆ ହସି କରି କହିଲେ)* ଗଭୀରତର ସତ୍ୟର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଦୁଇଟି ମଧ୍ୟରେ ଆଦୌ ଖୁବ୍‌ବେଶୀ ପାର୍ଥକ୍ୟ ନ ଥାଏ !

କେବଳ ଯେତେବେଳେ କେନ୍ଦ୍ରସ୍ଥଳୀୟ ସ୍ପନ୍ଦନଟି ଶୁଦ୍ଧ ରହିଥାଏ ଏବଂ ଆପଣାର ମୂଳଭୂତ ଶୁଦ୍ଧତାରେ ଆପଣାକୁ ବ୍ୟକ୍ତ କରିପାରୁଥାଏ ଏହା ଏକ ଉନ୍ମୋଚନ,— ତାହାକୁ ପ୍ରକୃତରେ ଆଉ କ'ଣ ବୋଲି କୁହାଯିବ ?... ଏହା ଏପରି ଏକ ପ୍ରକ୍ରିୟା, ଯାହା ଆପଣାକୁ ବିକୀର୍ଣ୍ଣ କରି ଦେଉଥାଏ, ଏହା ଏପରି ଏକ ସ୍ପନ୍ଦନ, ଯାହା ଦୀପ୍ତିମନ୍ତ ଭାବରେ ବ୍ୟାପ୍ତ ହୋଇ ଯାଉଥାଏ; ହଁ, ତାହାକୁ ଏକ ପ୍ରସ୍ଫୁଟନ ବୋଲିହିଁ କୁହାଯିବ, ଏକ ଭାସ୍ୱରତାଯୁକ୍ତ

ପ୍ରସ୍ଫୁଟନ ବୋଲି କୁହାଯିବ,— ସେତିକିବେଳେ ଯାଇ ତାହା ଅବିକୃତ ହୋଇ ରହିପାରିବ। ଏବଂ, ସ୍ଥୂଳ ଭୂମିକୁ ଆସି, ତାହା ଆପଣାକୁ ଆତ୍ମଦାନ, ଆତ୍ମବିସ୍ମରଣ ଏବଂ ଆତ୍ମାର ଉଦାରତା ରୂପେ ପ୍ରକଟ କରିଥାଏ। ଏବଂ ତାହାକୁହିଁ ଏକମାତ୍ର ଯଥାର୍ଥ କ୍ରିୟାଶୀଳତା ବୋଲି କୁହାଯିବ। ମାତ୍ର, ଯାହାକୁ ସାଧାରଣତଃ ''ଭଲ ପାଇବା'' ବୋଲି କୁହାଯାଏ, ତାହା ଯଥାର୍ଥ ପ୍ରେମର ସେହି କେନ୍ଦ୍ରସ୍ଥ ସ୍ପନ୍ଦନଠାରୁ ଘୃଣା ପରି ଠିକ୍ ସେତିକି ଦୂରରେ ରହିଥାଏ; କେବଳ ଏତିକି ପାର୍ଥକ୍ୟ ଯେ, ଗୋଟିଏ ମଳିନ ହୋଇଯାଏ, ଆପଣାକୁ ପ୍ରତ୍ୟାହାର କରିନିଏ ଓ କଠିନ ହୋଇଯାଏ; ଏବଂ ଅନ୍ୟଟି ଆଘାତ କରେ। ଏହିଥିରୁହିଁ ଯାବତୀୟ ପାର୍ଥକ୍ୟର ଅବତାରଣା ହୋଇଥାଏ।

ଏବଂ ଏହା ବିଚାର ରୂପେ ଆଦୌ ପ୍ରତ୍ୟକ୍ଷ ହୁଏ ନାହିଁ, ନାନା ସ୍ପନ୍ଦନ ରୂପେହିଁ ପ୍ରତ୍ୟକ୍ଷ ହୋଇଥାଏ। ଏହା ପ୍ରକୃତରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବିଷୟ।

ବସ୍ତୁତଃ, ମୋତେ ଏବେ ଏହି ବିଷୟରେ ବହୁତ କିଛି ଅଧ୍ୟୟନ କରିବାକୁ ପଡ଼ିଥିଲା। ମୋତେ ଏହିସବୁ ସ୍ପନ୍ଦନକୁ ପ୍ରତ୍ୟକ୍ଷ କରିବାର ସୁଯୋଗ ମଧ୍ୟ ମିଳିଥିଲା। ତାହାର ବାହ୍ୟ ପରିଣାମଗୁଡ଼ିକୁ ହୁଏତ ଅତ୍ୟନ୍ତ ଦୁଃଖଦ ବୋଲି କୁହାଯାଇପାରେ; ବ୍ୟାବହାରିକ ଦୃଷ୍ଟିକୋଣରୁ ସେଗୁଡ଼ିକ ହୁଏତ ଅତ୍ୟନ୍ତ ଭୟଙ୍କର ହୋଇପାରେ; ଅର୍ଥାତ୍, ଏହି ପ୍ରକାରର ସ୍ପନ୍ଦନ କ୍ଷତି ଘଟାଇବାର ଏବଂ ଧ୍ୱଂସ କରିଦେବାର ବାସନାକୁ ଅତ୍ୟଧିକ ପରିମାଣରେ ଉତ୍ସାହିତ କରିଥାଏ; ମାତ୍ର, ଗଭୀରତର ସତ୍ୟର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହି ବିକୃତିକୁ ସେହି ଅନ୍ୟଟିଠାରୁ କୌଣସି ଗୁଣରେ ଆଦୌ ଅଧିକ ବଡ଼ ବୋଲି କୁହାଯିବ ନାହିଁ। କେବଳ, ଏଇଟିର ସ୍ୱଭାବରେ ଅଧିକ ପରିମାଣରେ ଏକ ଆକ୍ରମକତା ରହିଥାଏ— ଏବଂ ତଥାପି...

ଯଦି ଆମେ ଏହି ଅନୁଭୂତିଟିର ଅଧିକ ଦୂରକୁ ଏବଂ ଅଧିକ ଗଭୀରକୁ ଅନୁଧାବନ କରିପାରିବା, ଯଦି ଆମେ ଏହି ସ୍ପନ୍ଦନଟି ଉପରେ ଆପଣାକୁ ଅଭିନିବେଶିତ କରି ରଖିପାରିବା, ତେବେ ଆମେ ଉପଲବ୍ଧି କରିପାରିବା ଯେ ଏଇଟି ହେଉଛି ସୃଷ୍ଟିପ୍ରକ୍ରିୟାର ସେହି ସର୍ବମୂଳ ସ୍ପନ୍ଦନ,— ଯେଉଁ ସ୍ପନ୍ଦନଟି କି ଅସ୍ତିତ୍ୱର ସମଗ୍ର ଭୂମିଟିକୁ ଆସି ପରିବର୍ତ୍ତିତ ଓ ବିକୃତ ହୋଇ ପଡ଼ିଛି। ଏବଂ, ସେହି କ୍ଷେତ୍ରରେ ଗୋଟିଏ ପ୍ରକାରର ସର୍ବସ୍ୱୀକାରକାରୀ ଉଷ୍ମତା ମଧ୍ୟ ରହିଥାଏ— ଏହାକୁ ଠିକ୍ ଏକ ''ମଧୁରତା'' ବୋଲି ଆଦୌ କୁହାଯିବ ନାହିଁ, ମାତ୍ର ତଥାପି ଏହା ହେଉଛି ଗୋଟାଏ ପ୍ରକାରର ତୀବ୍ର ମଧୁରତା— ସେହି କ୍ଷେତ୍ରରେ ଏପରି ଏକ ସର୍ବାନ୍ତର୍ଗତକାରୀ ଉଷ୍ମତା ରହିଥାଏ, ଯେଉଁଥିରେ କି ଯେତିକି ହର୍ଷ ରହିଥାଏ, ସେତିକି ଦୁଃଖ ମଧ୍ୟ ରହିଥାଏ— ଅବଶ୍ୟ ଦୁଃଖ ଯେତିକି ରହିଥାଏ, ତା'ଠାରୁ ଅଧିକ ପରିମାଣରେ ହର୍ଷ ରହିଥାଏ।...

ଏହାଦ୍ୱାରା ସେହି ବିକୃତିର କୌଣସି ଔଚିତ୍ୟ ପ୍ରମାଣିତ ହୋଇଯାଉ ନାହିଁ; ମାତ୍ର, ମନୁଷ୍ୟର ମାନସଭୂମି– ବିଶେଷକରି ମନୁଷ୍ୟର ନୈତିକ ଭୂମି– ଗୋଟିଏ ଏବଂ ଆଉ ଗୋଟିଏ ପ୍ରକାରର ବିକୃତି ମଧ୍ୟରେ କୌଣସି ଗୋଟିକୁ ବାଛି ନେବାର ଯେଉଁ ପ୍ରବୃତ୍ତି ଦେଖାଇଛି, ଏହାକୁ ସର୍ବୋପରି ତାହାରି ଉଦ୍ଦେଶ୍ୟରେ ଏକ ପ୍ରତିକ୍ରିୟା ବୋଲିହିଁ କୁହାଯିବ । କେତେକ ବିକୃତିର ଏକ ସମଗ୍ର ସମୂହକୁହିଁ ''ମନ୍ଦ'' ବୋଲି କୁହାଯାଇଛି ଏବଂ, ଆଉ କେତେକ ବିକୃତିର ଏକ ସମଗ୍ର ସମୂହ ମଧ୍ୟ ରହିଛି ଯାହାପ୍ରତି ଲୋକମାନେ ପୂର୍ଣ୍ଣ ମାତ୍ରାରେ ଏକ ଆସକ୍ତି ପ୍ରଦର୍ଶନ କରିଛନ୍ତି, ପ୍ରାୟ ନାନାପ୍ରକାରେ ତାହାର ପ୍ରଶଂସାଗାନ କରିଛନ୍ତି । ମାତ୍ର ତଥାପି, ଅସଲ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହି ବିକୃତିଗୁଡ଼ିକୁ ସେହି ଅନ୍ୟ ବିକୃତିଗୁଡ଼ିକ ଅପେକ୍ଷା ଆଦୌ ଖୁବ୍‌ବେଶୀ ଅଧିକ ଭଲ ବୋଲି କୁହାଯିବ ନାହିଁ;– କେବଳ ବାଛିବାର କ୍ଷେତ୍ରରେ ଯାହା ସେପରି ଦେଖିବାକୁ ମିଳିଥାଏ ।

ବସ୍ତୁତଃ, ଆମକୁ ସର୍ବପ୍ରଥମେ ସେହି କେନ୍ଦ୍ରସ୍ଥ ସ୍ପନ୍ଦନଟି ବିଷୟରେହିଁ ଏକ ଅବବୋଧ ଲାଭ କରିବାକୁ ହେବ ଏବଂ ତା'ପରେ ତାହାର **ଅନନ୍ୟ** ଓ ଅଦ୍ଭୁତ ଗୁଣାତ୍ମକତାକୁ ଏପରି ଅଧିକ ପରିମାଣରେ ହୃଦୟଙ୍ଗମ କରିବାକୁ ହେବ ଯେ ଆମେ ଯେପରି ତଦ୍ୱାରା ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ଭାବରେ ଯାବତୀୟ ବିକୃତିରୁ ଦୂରରେ ରହିପାରିବା;– ସେଗୁଡ଼ିକ ଯାହା ହୋଇଥାନ୍ତୁ ପଛକେ, ଭଲ ଆଉ ମନ୍ଦ ଉଭୟ ପ୍ରକାରର ବିକୃତିରୁ ଯେପରି ଦୂରରେ ରହିପାରିବା ।

ଆମେ ସର୍ବଦା ସେହି ଗୋଟିଏ ଜାଗାକୁ ବାରବାର ଲେଉଟି ଆସୁଥିବା; ଅର୍ଥାତ୍, ସମାଧାନ କେବଳ ଗୋଟିଏ ରହିଛି : ଆମେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟକୁ ଉପଲବ୍ଧି କରିବା ଏବଂ ତାହାକୁହିଁ ଅବଲମ୍ବନ କରି ରହିଥିବା– ଏହି ସାରଭୂତ ସତ୍ୟ, ସାରଭୂତ ଯଥାର୍ଥ ପ୍ରେମର ଏହି ସତ୍ୟଟିକୁ ଉପଲବ୍ଧି କରିବା– ଏବଂ ତାହାକୁହିଁ ଅବଲମ୍ବନ କରି ରହି ପାରୁଥିବା ।

୨୫ ଡିସେମ୍ବର, ୧୯୬୫

**୧୧୫. ଜଗତ ହେଉଛି ଏକ ଦୀର୍ଘ ପୌନଃପୁନିକ ଦଶମିକ, ବ୍ରହ୍ମ ହେଉଛନ୍ତି ତା'ର ପୂର୍ଣ୍ଣାଙ୍କ । ଏହାର ଅବଧିଟି ଆରମ୍ଭ ହେଉଥିବା ପରି ଓ ଶେଷ ହେଉଥିବା ପରି ପ୍ରତୀତ ହେଉଥାଏ ସତ, ମାତ୍ର ଭଗ୍ନାଂଶଟି ଅସରନ୍ତି ହୋଇ ରହିଥାଏ । ଏହାର କେବେହେଲେ କୌଣସି ଅନ୍ତ ହେବ ନାହିଁ; ଏବଂ, ଯଥାର୍ଥରେ କହିବାକୁ ଗଲେ ଏହାର ଆଦୌ କେବେହେଲେ ଆରମ୍ଭ ମଧ୍ୟ ନ ଥିଲା ।**

**୧୧୬. ବସ୍ତୁଗୁଡ଼ିକର ଆରମ୍ଭ ଓ ସେଗୁଡ଼ିକର ଶେଷ,— ଏସବୁ ହେଉଛି ଆମ ଅଭିଜ୍ଞତାର ଗୋଟିଏ ଗୋଟିଏ ପାରମ୍ପରିକ ବିଷୟ । ଯଥାର୍ଥ ଅସ୍ତିତ୍ୱର କ୍ଷେତ୍ରରେ ସେମାନଙ୍କର ସତ୍ୟସ୍ଥିତିରେ ଏସବୁ ପଦର କୌଣସି ବାସ୍ତବତା ନାହିଁ । ଯଥାର୍ଥରେ, କୌଣସି ସମାପ୍ତି ନାହିଁ, କୌଣସି ଆରମ୍ଭ ମଧ୍ୟ ନାହିଁ ।**

ଏହି ଗତ ସପ୍ତାହରେହିଁ ମୁଁ ଏହି ଅନୁଭୂତିର ଏକ ସମଗ୍ର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିଲି ।

ବସ୍ତୁତଃ, ଜଗତଗୁଡ଼ିକର କ୍ଷେତ୍ରରେ ଯାହା, ବ୍ୟକ୍ତିମାନଙ୍କର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । କେବଳ ଅବଧିଟିରେହିଁ ଯାହାକିଛି ପାର୍ଥକ୍ୟ ରହିଛି— ବ୍ୟକ୍ତି ଅପେକ୍ଷାକୃତ ଏକ କ୍ଷୁଦ୍ର ଭୂମି, ଜଗତ ଅପେକ୍ଷାକୃତ ଏକ ବୃହତ୍ତର ଭୂମି, ଏବଂ ବିଶ୍ୱବ୍ରହ୍ମାଣ୍ଡ କହିଲେ ଏକ ଆହୁରି ଅଧିକ ବୃହତ୍ ଭୂମିକୁ ବୁଝାଉଛି । ମାତ୍ର, ଯାହାର ଆରମ୍ଭ ରହିଛି, ତାହାର ଏକ ଶେଷ ମଧ୍ୟ ରହିଛି ।

*ତଥାପି କାହିଁକି ଶ୍ରୀଅରବିନ୍ଦ ''କୌଣସି ଶେଷ ନାହିଁ କି କୌଣସି ଆରମ୍ଭ ନାହିଁ'' ବୋଲି କହିଛନ୍ତି ?*

ଆମକୁ ନାନା ଶବ୍ଦର ବ୍ୟବହାର କରିବାକୁ ହୁଏ ସତ, ମାତ୍ର ଅସଲ ବସ୍ତୁଟି ଆମ ହାତରୁ କୁଆଡ଼େ ଖସି ଚାଲିଯାଏ । ଆମେ ଯାହାକୁ ''ଶାଶ୍ୱତ ସତ୍ୟ'', ''ସର୍ବୋଚ୍ଚ ପରମ ସତ୍ତା'' ତଥା ''ଭଗବାନ'' ବୋଲି ଜାଣୁ, ତାହାର ଆରମ୍ଭ ନାହିଁ କି ଶେଷ ନାହିଁ— ଆମେ 'ଏହା ରହିଛି' ବୋଲି କହିବାକୁ ବାଧ୍ୟ ହୋଇଥାଉ ସତ, ମାତ୍ର ଅସଲ କଥାଟି ପ୍ରକୃତରେ ସେପରି ନୁହେଁ, କାରଣ ଏହା ଅନଭିବ୍ୟକ୍ତି ଏବଂ ଅଭିବ୍ୟକ୍ତି ଦୁଇଟିଯାକରହିଁ ଅତୀତ ହୋଇ ରହିଥାଏ । ଏହା ଏପରି ଏକ ବସ୍ତୁ, ଯାହାକୁ କି ଆମେ ଏହି ଅଭିବ୍ୟକ୍ତିର ଭୂମିଟି ମଧ୍ୟରେ ଆଦୌ ବୁଝିପାରୁ ନାହିଁ କିଂବା ପ୍ରତ୍ୟକ୍ଷ କରିପାରୁ ନାହିଁ । ଅର୍ଥାତ୍, ସିଏ ଏପରି ଏକ ବସ୍ତୁ, ଯାହାର କି କୌଣସି ଆରମ୍ଭ ନାହିଁ ଓ କୌଣସି ଶେଷ ମଧ୍ୟ ନାହିଁ । ମାତ୍ର, ସେହି ପରମ ବସ୍ତୁ ସତତ ତଥା ଶାଶ୍ୱତ ଭାବରେ ଏପରି ଏକ ବସ୍ତୁ ମଧ୍ୟରେ ଆପଣାକୁ ବ୍ୟକ୍ତ କରୁଥାଏ, ଯାହାର କି ଆରମ୍ଭ ଅଛି, ଶେଷ ମଧ୍ୟ ରହିଛି । ମାତ୍ର, ଦୁଇ ପ୍ରକାରର ''ଶେଷ'' ରହିଛି, ଗୋଟିଏ ଯାହା ଏକ ବିନାଶ ଏବଂ ଏକ ସମାପ୍ତି ପରି ପ୍ରତୀତ ହୁଏ; ଏବଂ ଆଉ ଗୋଟିଏ, ଯାହାକୁ ପ୍ରକୃତରେ ଏକ ରୂପାନ୍ତର ବୋଲିହିଁ କୁହାଯିବ । ଏବଂ, ହୁଏତ ଏପରି ମଧ୍ୟ ପ୍ରତୀତ ହେବ ଯେ, ଅଭିବ୍ୟକ୍ତି ଯେତିକି ଅଧିକ

ପରିମାଣରେ ପରିପୂର୍ଣ୍ଣତାଯୁକ୍ତ ହେଉଥାଏ, ସେହି କ୍ଷେତ୍ରରେ ବିନାଶର ଆବଶ୍ୟକତା ମଧ୍ୟ ସେହି ପରିମାଣରେ ହ୍ରାସ ହୋଇ ଯାଉଥାଏ । ଶେଷରେ ଏପରି ଏକ ସ୍ଥିତି ଆସି ପହଞ୍ଚେ, ଯେତେବେଳେ କି ତାହା ସଂପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବ ଏବଂ ତାହାର ସ୍ଥାନାପନ୍ନ ଭାବରେ ଏକ ରୂପାନ୍ତରର କ୍ରମୋତ୍ତର ପ୍ରକ୍ରିୟାର ପ୍ରତିଷ୍ଠା ହେବ । ମାତ୍ର ଏପରି କହିବା ଦ୍ୱାରା କଥାଟି ଅତ୍ୟନ୍ତ ମନୁଷ୍ୟସ୍ତରୀୟ ଏବଂ ବାହ୍ୟ ହୋଇପଡୁଛି ।

ଶବ୍ଦଗୁଡ଼ିକର ଅକ୍ଷମସମର୍ଥତା ବିଷୟରେ ମୁଁ ସଂପୂର୍ଣ୍ଣ ଭାବରେ ସଚେତନ, ମାତ୍ର ଏହି ଶବ୍ଦଗୁଡ଼ିକର ମାଧ୍ୟମରେହିଁ ତୁମକୁ ପ୍ରକୃତ ବସ୍ତୁଟିକୁ ଧରି ପାରିବାକୁ ପଡ଼ିବ ।... ମାନବସ୍ତରୀୟ ଭାବନା ଓ ମାନବସ୍ତରୀୟ ଅଭିବ୍ୟକ୍ତି,– ଏହାର ଗୋଟିଏ ବଡ଼ ଅସୁବିଧା ହେଉଛି ଯେ, ଶବ୍ଦର ସାହାଯ୍ୟରେ କହୁଥିବା ପର୍ଯ୍ୟନ୍ତ ତଦ୍ୱାରା ସତତ କେଉଁଠି କ'ଣ ଆରମ୍ଭ ହୋଇଥିବା ପରି ଏକ ପ୍ରତୀତି ଉପଲବ୍ଧ ହେବାରେ ଲାଗିଥାଏ ।

(ମାଆ ନୀରବ ରହିଲେ)

ମୁଁ ଏହି ଅଭିବ୍ୟକ୍ତିର ଏକ ପ୍ରତ୍ୟକ୍ଷ ବୋଧ ଲାଭ କରିଥିଲି– ଏକ ''ସ୍ପନ୍ଦନମୟ'' ଅଭିବ୍ୟକ୍ତିର, ଯାହାର କି ସତତ ଏକ ପ୍ରସାରଣ ଓ ସଙ୍କୋଚନ ଲାଗି ରହିଥିଲା... ଏବଂ, ଏହି ପ୍ରକ୍ରିୟା ମଧ୍ୟରେ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଏପରି ଏକ ସଂପ୍ରସାରଣ, ଏପରି ଏକ ତରଳତା, ନମନୀୟତା ଏବଂ ପରିବର୍ତ୍ତନର ସାମର୍ଥ୍ୟ ସମ୍ଭବ ହୋଇପାରେ ଯେ, ସେତେବେଳେ ପୁନଃ-ଅନ୍ତଃଲୀନ ହେବା ଲାଗି ଆଉ କୌଣସି ଆବଶ୍ୟକତା ନ ଥାଏ ଏବଂ ସେତେବେଳେ ତାହା ଏକ ନୂତନ ଆକୃତି ଗ୍ରହଣ କରିବାକୁ ସମର୍ଥ ମଧ୍ୟ ହୋଇପାରେ; ଏବଂ ତା'ପରେ ଏକ କ୍ରମୋତ୍ତର ରୂପାନ୍ତରର ପ୍ରକ୍ରିୟା ତା'ର ଅନୁସରଣ କରିବ ବୋଲି ଅଭିପ୍ରେତ ହୋଇ ରହିଥାଏ । ମୁଁ ଏପରି ଜଣେ ଗୂଢ଼ବିଦ୍ୟାବିତ୍‌ଙ୍କୁ ଜାଣିଥିଲି, ଯିଏ କହୁଥିଲେ ଯେ, ବିଶ୍ୱର ଏହି ବର୍ତ୍ତମାନର ସୃଷ୍ଟିଟି ହେଉଛି ସମଗ୍ର କର୍ମଟି ମଧ୍ୟରେ ସପ୍ତମ ସୃଷ୍ଟି; ଅର୍ଥାତ୍, ଏହା ପୂର୍ବରୁ ଛଅଟି ପ୍ରଳୟ ସଂଘଟିତ ହୋଇ ସାରିଛି । ଏବଂ ତା'ପରେ ଏହି ସପ୍ତମ ସୃଷ୍ଟିଟିର ସର୍ଜନା ହୋଇଛି; ମାତ୍ର ଏହି ସୃଷ୍ଟି ଆପଣାକୁ ରୂପାନ୍ତରିତ କରିବାରେ ନିଶ୍ଚୟ ସମର୍ଥ ହେବ ଓ ତାହାକୁ ଆଦୌ ପୁନରନ୍ତଃଲୀନ ହେବାକୁ ପଡ଼ିବ ନାହିଁ । ସେଥିଲାଗି ସ୍ପଷ୍ଟତଃ ତାହାର ଆଦୌ କୌଣସି ମହତ୍ତ୍ୱ ନ ଥିବ, କାରଣ, ଯେତେବେଳେ ଶାଶ୍ୱତ ଚେତନାର ଅଧିକାରୀ ହୋଇ ରହିବା ସମ୍ଭବ ହୋଇଯିବ, ସେତେବେଳେ, ତାହା ଏପରି ହେବ ଅଥବା ସେପରି ହେବ, ତାହାର ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ । କେବଳ ମନୁଷ୍ୟର ଏହି ସୀମାବଦ୍ଧ ଚେତନା କ୍ଷେତ୍ରରେହିଁ

ଆଦୌ କୌଣସି ସୀମା ଅଥବା ଶେଷ ନ ଥିବା କୌଣସି ବସ୍ତୁ ଲାଗି ଗୋଟିଏ ପ୍ରକାର ମହତ୍ତ୍ୱାକାଙ୍କ୍ଷା ବା ଆବଶ୍ୟକତା ରହିଥାଏ; କାରଣ, ସେତେବେଳେ, ଅନ୍ତଃପ୍ରଦେଶରେ, ଯାହାକୁ ''ଶାଶ୍ୱତତାର ସ୍ମୃତି'' ବୋଲି କୁହାଯାଇ ପାରିବ, ସେହିପରି ଏକ ବସ୍ତୁ ବିଦ୍ୟମାନ ରହିଥାଏ ଏବଂ ଶାଶ୍ୱତତାର ଏହି ସ୍ମୃତି ସେହି ଶାଶ୍ୱତତାରେ ଅଂଶଗ୍ରହଣ କରିବା ନିମନ୍ତେ ଅଭିବ୍ୟକ୍ତିଟି ଲାଗି ଏକ ଅଭୀପ୍ସା ରଖିଥାଏ । ମାତ୍ର, ଯଦି ଶାଶ୍ୱତତାର ଏହି ବୋଧ ସକ୍ରିୟ ଏବଂ ବିଦ୍ୟମାନ ରହିଥାଏ, ତେବେ ଆମକୁ ଆଉ କୌଣସି ପ୍ରକାର ଖେଦର ବଶବର୍ତ୍ତୀ ହେବାକୁ ପଡ଼େ ନାହିଁ; ଏକ ଜୀର୍ଣ୍ଣ ବସ୍ତ୍ର ପରିଧାନକୁ କାଢ଼ି ଫିଙ୍ଗିଦେବା ଲାଗି ଆଦୌ କୌଣସି ଶୋଚନା କରିବାକୁ ପଡ଼େ ନାହିଁ— ଏହିଟି ପ୍ରତି ଆମର ହୁଏତ ଏକ ଆସକ୍ତି ଥାଇପାରେ, ମାତ୍ର ତଥାପି ତାହାକୁ ତ୍ୟାଗ କଲାବେଳେ ଆମର ଆଦୌ କୌଣସି ଖେଦ ହୁଏ ନାହିଁ ! ଏହା ସେହି ଏକାପରି ମଧ୍ୟ ଗୋଟିଏ କଥା : ଯଦି ଗୋଟିଏ ବିଶ୍ୱ ଅନ୍ତର୍ହିତ ହୋଇ ଯାଉଥାଏ, ତେବେ ଏହାର ଅର୍ଥ ହେଉଛି ଯେ, ତାହା ଆପଣା ଲାଗି ଅଭିପ୍ରେତ ହୋଇ ରହିଥିବା କର୍ମଟିକୁ ସଂପୂର୍ଣ୍ଣ ଭାବରେ ସମ୍ପାଦନ କରି ସାରିଛି, ତାହା ଆପଣାର ଯାବତୀୟ ସମ୍ଭାବନାର ଶେଷ ଚରଣରେ ଆସି ଉପନୀତ ହୋଇଛି ଏବଂ ତେଣୁ, ଏହାର ସ୍ଥାନାପନ୍ନ ଭାବରେ ଆଉ ଏକ ବିଶ୍ୱର ଅପେକ୍ଷା ରହିଛି ।

ମୁଁ ଏହି ସମଗ୍ର ବକ୍ରଟିକୁ ଅନୁସରଣ କରିଛି । ତୁମର ବିକାଶ ଓ ଚେତନା ଯେତେବେଳେ ଅତ୍ୟନ୍ତ ଅଳ୍ପ ହୋଇ ରହିଥାଏ, ସେତେବେଳେ ତୁମେ ଏହି ପ୍ରୟୋଜନଟିକୁ ଅତ୍ୟନ୍ତ ପ୍ରବଳ ଭାବରେ ଅନୁଭବ କରୁଥାଅ ଯେ, ଏହି ପୃଥିବୀଟିର ଆଦୌ କୌଣସି ପ୍ରକାରେ ଅନ୍ତର୍ହିତ ହୋଇଯିବା ଉଚିତ ନୁହେଁ, ତାହାର ଶାଶ୍ୱତ କାଳ ଲାଗି ଏହିପରି ହୋଇ ରହିବା ଉଚିତ— ଏଥିମଧ୍ୟରେ ହୁଏତ ଆପଣାକୁ ରୂପାନ୍ତରିତ କରିବାର ଏକ ପ୍ରକ୍ରିୟା ଅବିଚ୍ଛିନ୍ନ ହୋଇ ରହିପାରେ, ମାତ୍ର ତଥାପି ଏହି ପୃଥିବୀଟି ସବୁକାଳ ଲାଗି ଠିକ୍ ଏହି ପୃଥିବୀଟି ହୋଇ ରହିଥିବା ଉଚିତ । ତା'ର କିଞ୍ଚିତ୍ ପରେ, ଯେତେବେଳେ ତୁମେ ଅପେକ୍ଷାକୃତ କିଞ୍ଚିତ୍ ଅଧିକ ପରିପକ୍ୱତାର ସମର୍ଥ ହୁଅ, ସେତେବେଳେ ତୁମେ ସେହି କଥା ଉପରେ ଅପେକ୍ଷାକୃତ ଅନେକ କମ୍ ଗୁରୁତ୍ୱ ଦେବାକୁ ଆରମ୍ଭ କର । ଏବଂ, ଯେତେବେଳେ ତୁମେ ସେହି ଶାଶ୍ୱତତାବୋଧ ସହିତ ସତତ ସଂଯୋଗସ୍ଥାପନ କରି ରହିଥାଅ, ସେତେବେଳେ ତାହା କେବଳ ନିର୍ବାଚନରହିଁ ଏକ ବିଷୟରେ ପର୍ଯ୍ୟବସିତ ହୋଇ ରହିଯାଏ, ଆଉ ମୋଟେ ଏକ ଆବଶ୍ୟକତା ହୋଇ ରହି ନ ଥାଏ । କାରଣ ତାହା ସେତେବେଳେ ସକ୍ରିୟ ଚେତନା ଉପରେ ଆଦୌ କୌଣସି ପ୍ରଭାବ ପକାଇ ପାରୁ ନ ଥାଏ । ଅଳ୍ପ କିଛିଦିନ ତଳେ— ଠିକ୍ କେବେ ମୋ'ର ମନେପଡୁ ନାହିଁ, ମାତ୍ର ଏକାବେଳେକେ ଏବେ— ଏକ ସମଗ୍ର ସକାଳ ଲାଗି ମୁଁ ଏହି ଚେତନାଟି ମଧ୍ୟରେ ଅବସ୍ଥିତ ରହିଥିଲି, ଏବଂ

ସତ୍ତାର ବିକାଶବକ୍ରଟି ମଧ୍ୟରେ ମୁଁ ଲକ୍ଷ୍ୟ କରି ପାରିଥିଲି ଯେ, ଏହି ପୃଥିବୀର ଆୟୁ ଆହୁରି ଅଧିକ ଦୀର୍ଘ କାଳ ଲାଗି ପ୍ରଲମ୍ବିତ ହୋଇ ରହୁ– ଏହି ପୃଥିବୀର ଆୟୁ ଏକ ଅନନ୍ତ କାଳ ଲାଗି ପ୍ରଲମ୍ବିତ ହୋଇ ରହୁ ବୋଲି ଅତ୍ୟନ୍ତ ଗଭୀରରେ ଆସ୍ଥାନ ମାଡ଼ିକରି ଅବସ୍ଥିତ ରହିଥିବା ପରି ମନେ ହେଉଥିବା ଏହି ପ୍ରକାରର ଆବଶ୍ୟକତାଟି ସତେଅବା ଏକ ମୂର୍ତ୍ତ ରୂପ ଧାରଣ କରିବାକୁ ଆରମ୍ଭ କରିଛି, ଅର୍ଥାତ୍, ତାହା ଆଉ ଏତେ ଅଧିକ ପରିମାଣରେ ଗଭୀର ଦେଶରେ ଯାଇ ଅବସ୍ଥିତ ହୋଇ ରହି ନ ଥାଏ; ସେତେବେଳେ ଆମେ ସତେ ଯେପରି ଆମ ଆଗରେ ଅଭିନୀତ ହେଉଥିବା କୌଣସି ଏକ ଘଟଣାକୁ ଅବଲୋକନ କରୁଥାଉ, ଏବଂ ତାହା ଏପରି ହେବ ଅଥବା ସେପରି ହେବ, ସେହି କଥାଟିର ବିଚାର କରିବାରେ ଲାଗିଥାଉ । ଏହାକୁ ଦୃଷ୍ଟିକୋଣର ଏକ ବେଶ୍ ଆଗ୍ରହୋଦ୍ଦୀପକ ପରିବର୍ତ୍ତନ ବୋଲି କୁହାଯାଇ ପାରିବ ।

ଏହା ହେଉଛି ଠିକ୍ ଜଣେ କଳାକାର ପରି; ମାତ୍ର ଏପରି ଜଣେ କଳାକାର, ଯିଏକି ନିଜକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା ଲାଗି ଚେଷ୍ଟା କରୁଛି, ଥରେ, ଦୁଇଥର ବା ତିନିଥର ପରୀକ୍ଷା କରୁଛି; ଯେତେଥର ଆବଶ୍ୟକ ବୋଧ କରୁଛି, ସେତେଥର ପରୀକ୍ଷା କରୁଛି । ଏବଂ, କିଞ୍ଚିତ୍ ସ୍ୱୟଂସଂପୂର୍ଣ୍ଣ ଏବଂ, ନୂତନ ଅଭିବ୍ୟକ୍ତିଗୁଡ଼ିକ ଅନୁସାରେ, ଏହି ନୂତନ ଅଭିବ୍ୟକ୍ତିଗୁଡ଼ିକର ପ୍ରୟୋଜନ ଅନୁସାରେ ଆପଣାକୁ ଅନୁକୂଳିତ କରି ରଖିପାରିବା ଲାଗି ତାହା ଯଥେଷ୍ଟ ଗ୍ରହଣଶୀଳ ହୋଇ ଆସୁଛି, ଯେପରିକି ଆଉ ଆପଣା ଗର୍ଭକୁ ପୁନରାକର୍ଷିତ କରି କିଛି ନେଇ ଯିବା ଲାଗି, ଏହି ସବୁକିଛିକୁ ପୁନର୍ବାର ଏକତ୍ର ମିଶାଇ ପୁଣି ସବୁକିଛିକୁ ବାହାରକୁ ଆଣିବା ଲାଗି ଆଦୌ କୌଣସି ଆବଶ୍ୟକତା ଆସି ନ ପହଞ୍ଚେ । ମାତ୍ର ଏହି କ୍ଷେତ୍ରରେ କେବଳ ଏତିକିଠାରୁ ଆଦୌ କିଛି ଅଧିକ ଘଟେ ନାହିଁ, ଓ ମୁଁ ଯେପରି କହୁଥିଲି, ଏଠାରେ ଏକ ନିର୍ବାଚନର ଅବସର ଆସି ଉପସ୍ଥିତ ହୋଇଥାଏ । ମୂର୍ତ୍ତ ରୂପରେ ପରିଣତ କରିବାର ଆନନ୍ଦ ଲାଗିହିଁ ଆଖର ଏହି ଅଭିବ୍ୟକ୍ତିର ପ୍ରକ୍ରିୟାଟି ସୃଷ୍ଟିହୋଇଛି– ଏହାକୁ ଆନନ୍ଦ ବୋଲି କୁହାଯାଇପାରେ କିଂବା ଆଗ୍ରହ ବୋଲି କୁହାଯାଇପାରେ, ବେଶ୍... । ଏବଂ, ମୂର୍ତ୍ତ ହୋଇ ଆସିଥିବା ବସ୍ତୁଟି ଅଭିବ୍ୟକ୍ତି ଲାଭ କରୁଥିବା ନୂତନ ଶକ୍ତିଗୁଡ଼ିକ ଦ୍ୱାରା ସତତ ତଦନୁରୂପେ ନିଜେ ନିର୍ମିତ ହୋଇ ପାରିବାକୁ ଥରେ ଯଥେଷ୍ଟ ପରିମାଣରେ ନମନୀୟ, ଗ୍ରହଣଶୀଳ, ପରିବର୍ତ୍ତନୀୟ ଓ ପ୍ରସାରଣଯୁକ୍ତ ହୋଇଯାଇ ପାରିଲେ, ପୁନର୍ଗଠନ କରିବା ଲାଗି ପ୍ରତ୍ୟେକ ବସ୍ତୁକୁ ନଷ୍ଟ କରିଦେବାର ଆଉ କୌଣସି ପ୍ରୟୋଜନ ନ ଥାଏ ।

ବକ୍ରଟି ଦେଇ ଗତି କରୁଥିବା ସମୟରେ ମୁଁ ଏହି ପ୍ରବଚନଟି ପାଖରେ ମଧ୍ୟ ଆସି ପହଞ୍ଚିଥିଲି,– "ଯାହାର ଆରମ୍ଭ ଅଛି, ତାହାର ଶେଷ ମଧ୍ୟ ରହିଛି"– ଏଇଟି

ହେଉଛି ମନୁଷ୍ୟ ମନର ସେହି ବିରଚନାଗୁଡ଼ିକ ମଧ୍ୟରୁ ଗୋଟିଏ, ଯେଉଁଗୁଡ଼ିକର କି ଅବଶ୍ୟମ୍ଭାବୀ ଭାବରେ ଆଦୌ କୌଣସି ସତ୍ୟତା ନାହିଁ । ମାତ୍ର, ଆଶୟଗତ ଦୃଷ୍ଟିରୁ ଦେଖିଲେ, ଏଥିରେ ଆଗ୍ରହୋଦ୍ଦୀପକ ଏହି କଥାଟି ରହିଛି ଯେ, ଅଧିକରୁ ଅଧିକ ଉର୍ଦ୍ଧ୍ୱକୁ ଯାଇ, ଅଥବା, ଆହୁରି ଅଧିକ ନିର୍ଭୁଲ ଭାବରେ କହିଲେ, ଅପେକ୍ଷାକୃତ ଅଧିକ ପରିମାଣରେ ଏକ କେନ୍ଦ୍ରବିନ୍ଦୁରେ ଅବସ୍ଥିତ ରହି ଦେଖିବାକୁ ସମର୍ଥ ହେବା ସଙ୍ଗେ ସଙ୍ଗେ ଏହି ସମସ୍ୟାଟି କ୍ରମଶଃ କମ୍ ଓ ଆହୁରି କମ୍ ଉତ୍କଟ ହୋଇ ଆସିଥାଏ ।

ଏପରି ବୋଧ ହୋଇଥାଏ ଯେ, ଏହା ହେଉଛି ସେହି ଗୋଟିଏ... ଏହାକୁ ଆମେ ''ସିଦ୍ଧାନ୍ତ'' ବୋଲି କହିବା ନାହିଁ, କାରଣ ଏହା ଆଦୌ ଏକ ସିଦ୍ଧାନ୍ତ ନୁହେଁ– ଏପରି ବୋଧ ହେଉଥାଏ ଯେ, ଏହି କ୍ଷେତ୍ରରେ ବ୍ୟକ୍ତି, ଯାବତୀୟ ପୃଥିବୀ ତଥା ବ୍ରହ୍ମାଣ୍ଡଗୁଡ଼ିକ ଲାଗି ସର୍ବଦା ସେହି ଗୋଟିଏ ନିୟମ ପ୍ରଯୁଜ୍ୟ ହୋଇ ରହିଥାଏ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏହି କଥାଟିକୁ ବ୍ୟକ୍ତ କରି କହିବାକୁ ଚେଷ୍ଟା କରିବା ମାତ୍ରକେ (ମାଆ ଉତ୍କ୍ରମଣର ସଙ୍କେତ କଲେ) ସବୁକିଛି ବିକୃତ ହୋଇଯାଏ... ଏହି ପରମଚେତନା, ଏହି ପରମ ସମଗ୍ରଟି ସହିତ ରହିଥିବା ସମ୍ବନ୍ଧଟି ବିଷୟରେ, ମନୁଷ୍ୟର ତଥା ପୃଥିବୀର ସେହି ସମଗ୍ର ସହିତ ରହିଥିବା ସମ୍ବନ୍ଧଟିର ଅନୁଭୂତିଟି ଉପରେ ମୁଁ ଦୃଷ୍ଟିପାତ କରୁଥିଲି– ଏହି ପୃଥ୍ୱୀଚେତନାର ସେହି ପରମ ସମଗ୍ର ସହିତ ରହିଥିବା ସମ୍ବନ୍ଧଟିକୁ ଅନାଇ ଦେଖୁଥିଲି । ଏହି ବ୍ୟକ୍ତ ବିଶ୍ୱର ସେହି ସମଗ୍ର ସହିତ ରହିଥିବା ସମ୍ବନ୍ଧଟିକୁ,– ଯେଉଁ ଚେତନା ଏହି ବିଶ୍ୱବ୍ରହ୍ମାଣ୍ଡ ଉପରେ– ସକଳ ବ୍ରହ୍ମାଣ୍ଡ ଉପରେ ଅଧିଷ୍ଠିତ ହୋଇ ରହିଛି, ପରମ ସମଗ୍ରଟି ସହିତ ରହିଥିବା ତା'ର ସମ୍ବନ୍ଧ ଉପରେ ଦୃଷ୍ଟିପାତ କରୁଥିଲି । ମୁଁ ଏହି ଅନିର୍ବଚନୀୟ ଅନୁଭବଟି ଉପରେ ଦୃଷ୍ଟିପାତ କରୁଥିଲି ଯେ ଏହି କ୍ଷେତ୍ରରେ ଚେତନାର ପ୍ରତ୍ୟେକ ବିନ୍ଦୁ– ଯେଉଁ ବିନ୍ଦୁ କି ଆଦୌ କୌଣସି ସ୍ଥାନ ଅଧିକାର କରି ଅବସ୍ଥିତ ରହି ନ ଥାଏ– ଏହି କ୍ଷେତ୍ରରେ ଚେତନାର ପ୍ରତ୍ୟେକ ବିନ୍ଦୁ **ଯାବତୀୟ** ଅନୁଭବ ଲାଗି ସମର୍ଥ ହୋଇ ରହିଥାଏ... ଏସବୁକୁ କଥାରେ ବ୍ୟକ୍ତ କରି କହିବା ପ୍ରକୃତରେ ଭାରି କଷ୍ଟକର ।

ଆମେ ହୁଏତ ଏପରି କହିପାରିବା ଯେ ଏହି ସୀମାଗୁଡ଼ିକହିଁ ଯାବତୀୟ ପାର୍ଥକ୍ୟର ସୃଷ୍ଟି କରନ୍ତି– କାଳ, ଦେଶ, ଆକାର ଓ ଶକ୍ତିଗତ ଯାବତୀୟ ପାର୍ଥକ୍ୟବୋଧ ଆଣି ଦେଇଥା'ନ୍ତି । କେବଳ ଏହି ସୀମାଗୁଡ଼ିକ ହେତୁ ସେପରି ହୋଇଥାଏ । ଏବଂ, ଅଭିବ୍ୟକ୍ତିର କୌଣସି ଏକ ବିନ୍ଦୁରେ ଯେତେବେଳେ ଚେତନା ଆପଣାର ସୀମାଗୁଡ଼ିକୁ ଡେଇଁ ବାହାରକୁ ଚାଲିଯାଏ,– ଏହି ଅଭିବ୍ୟକ୍ତିର ପ୍ରସ୍ଥ ସେହି କ୍ଷେତ୍ରରେ ଯାହା ହୋଇଥାଉ ପଛକେ,– ହଁ,

ଏହି ଅଭିବ୍ୟକ୍ତିର ପ୍ରସ୍ଥଟିର ସେହି କ୍ଷେତ୍ରରେ ଆଦୌ କୌଣସି ମହତ୍ତ୍ୱ ନ ଥାଏ– ଅଭିବ୍ୟକ୍ତିର ଯେକୌଣସି ବିନ୍ଦୁରେ ଯଦି ତାହା ସୀମାଗୁଡ଼ିକୁ ଡେଇଁ ବାହାରକୁ ଚାଲିଯାଏ, ତେବେ ତାହା ତତ୍କ୍ଷଣାତ୍‌ହିଁ ସେହି **ଯଥାର୍ଥ** ପରମ ଚେତନାରେ ପରିଣତ ହୋଇଯାଏ ।

ଏହି ଦୃଷ୍ଟିକୋଣରୁ ବିଚାର କରି ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ସୀମାଗୁଡ଼ିକୁ ସ୍ୱୀକାର କରି ନେଇଥିବାରୁହିଁ ଅଭିବ୍ୟକ୍ତିଟି ସମ୍ଭବ ହୋଇପାରିଛି । ସୀମାଗୁଡ଼ିକର ବୋଧକୁ ସ୍ୱୀକାର କରି ନେବାରୁହିଁ ରୂପାୟଣର ସମ୍ଭାବନା ଆସି ଉପସ୍ଥିତ ହୋଇଛି ।... ଏହି କଥାଟି ଶବ୍ଦ ଦେଇ କହିବା ଆଦୌ ସମ୍ଭବ ନୁହେଁ । ସର୍ବଦା ଏହିପରି ହୋଇଥାଏ ଯେ, କହିବାକୁ ଆରମ୍ଭ କରିବା ମାତ୍ରକେ, ଆମର ଏହିପରି ଏକ ଅନୁଭବ ହେବାକୁ ଆରମ୍ଭ କରେ (ମାଆ ଆଗ ପରି ଉତ୍‌କ୍ରମଣର ଇଙ୍ଗିତ କଲେ), ଏହିପରି ସବୁକିଛି ସତେଅବା ଓଲଟି ଯାଉଥିବା ପରି ଅନୁଭୂତ ହୁଏ ଏବଂ ତା'ପରେ ସବୁକିଛି ଶେଷ ହୋଇଯାଏ, ଅସଲ ଜିନିଷଟି କୁଆଡ଼େ ଚାଲି ଯାଇଥାଏ । ତା'ପରେ ତତ୍ତ୍ୱଗତ ବୋଧଟି ଆସି ଉପସ୍ଥିତ ହୋଇ କହିବାକୁ ଲାଗେ, ''ତୁମେ ଏହି କଥାଟିକୁ ଏହିପରି ଭାବରେ କହିପାରିବ, ସେହିପରି ଭାବରେ ମଧ୍ୟ କହିପାରିବ...'' ଶବ୍ଦ ଦେଇ ଏହିପରି କହିବା : ପ୍ରତ୍ୟେକ ବିନ୍ଦୁ ଅନନ୍ତତା ଏବଂ ଶାଶ୍ୱତତାର ପରମଚେତନାକୁ ଆପଣା ଭିତରେ ଧାରଣ କରି ରହିଛି– ଏଗୁଡ଼ିକ ହେଉଛି ଶବ୍ଦ, କେବଳ ଶବ୍ଦ । ମାତ୍ର, ଏହି ଅନୁଭବର ସମ୍ଭାବନାଟି ମଧ୍ୟ ଅବଶ୍ୟ ସେହି କ୍ଷେତ୍ରରେ ରହିଥାଏ । ସତେ ଯେପରି ଶୂନ୍ୟ ଭିତରୁ ପଛକୁ ପାଦ ପକାଇ ଚାଲି ଆସିବାକୁ ପଡ଼େ... ଏପରି କହିବାକୁ ହୁଏତ ବେଶ୍ ଆମୋଦଦାୟକ ମନେ ହୋଇପାରେ ଯେ, ଏପରିକି ପଥରର ମଧ୍ୟ ସେହି ଚିତ୍‌ଶକ୍ତି ରହିଛି– ସେହି ଆଦି ଚେତନା,– ଜଳ ଓ ଅଗ୍ନିର ତ ତାହା ନିଶ୍ଚିତ ଭାବରେ ରହିଛି– ଏହି କ୍ଷେତ୍ରରେ ଆଗେ ବ୍ୟବହାର କରିବା ଲାଗି ଯେତେଯେତେ ଶବ୍ଦର ଚୟନ କରି ଆଣିବା, ଏଗୁଡ଼ାକ ସବୁ କେବଳ ନିର୍ବୋଧତାରେ ପୂର୍ଣ୍ଣ ହୋଇ ରହିଛି, ଏଗୁଡ଼ାକର ଆଦୌ କୌଣସି ଅର୍ଥ ନାହିଁ । ମୋତେ ଲାଗୁଛି, ସତେଯେପରି ଏହାଦ୍ୱାରା, କୌଣସି ଏକ କାଚ ଯେପରି ସ୍ୱଚ୍ଛ ହୋଇ ନ ରହିବ, ସେଥିଲାଗି ତାହା ଉପରକୁ କେବଳ ଧୂଳି ଫୋପଡ଼ା ହେବାରେ ଲାଗିଛି !... ସର୍ବଶେଷରେ, ମୁଁ ଉପସଂହାର କରି ଏହି କଥା କହିବି ଯେ, ଏହି ଅନୁଭୂତିଟିକୁ ପୁନର୍ବାର ଅଙ୍ଗେ ନିଭାଇ ସାରିବା ପରେ– ଗତ ଅଳ୍ପ କେତେଦିନ ଧରି ମୋ'ର ବାରବାର ସେହି ଅନୁଭୂତି ହୋଇଛି,– ମୋ'ର ଯାବତୀୟ କାର୍ଯ୍ୟ ଓ ସକ୍ରିୟତା ସତ୍ତ୍ୱେ ତାହାହିଁ ମୋତେ ସର୍ବପ୍ରଧାନ ଭାବରେ ଅଧିକାର କରି ରହିଛି, ମୋ'ର ସବୁକିଛିଟି ଉପରେ ଶାସନ ବିସ୍ତାର କରି ରହିଛି । – ଯେକୌଣସି ସୂତ୍ରପ୍ରତି ରହିଥିବା ଯାବତୀୟ ମୋହ, ଏପରିକି ଯୁଗ ଯୁଗ ଧରି ମନୁଷ୍ୟମାନଙ୍କୁ ଉଦ୍‌ବେଳିତ

କରି ଦେଇଥିବା ସୂତ୍ରଗୁଡ଼ାକ ପ୍ରତି ରହିଥିବା ମୋହ,— ସେହି ସବୁକିଛି ଅତ୍ୟନ୍ତ ପରିମାଣରେ ସଂପୂର୍ଣ୍ଣ ପିଲାଳିଆ ପରି ମନେ ହେଉଛି । ଏବଂ ବର୍ତ୍ତମାନ ଏହା ଏହିପରି ଏକ ନିର୍ବାଚନ ଅର୍ଥାତ୍ ମୀମାଂସା ପାଖରେ ଆସି ଉପନୀତ ହୋଇଛି : ଏଇଟା ଏପରି ଅଥବା ସେପରି ଅବା ଆଉ କୌଣସି ପରି, ତୁମେ ତାହା ନିର୍ବାଚନ କରି କହିଦେଇ ପାରିବ, ତୁମେ ଏକଥା କହିପାରିବ, ସେକଥା କହିପାରିବ ଅଥବା ସେହି ଅନ୍ୟଟିକୁ ମଧ୍ୟ କହିପାରିବ— ଯଦି ତାହା ତୁମ ଲାଗି ଚିତ୍ତବିନୋଦନର ଏକ କାରଣ ହୋଇପାରେ, ତେବେ ତୁମେ ତାହାଦ୍ୱାରା ନିଜର ଚିତ୍ତବିନୋଦନ କରାଇ ପାରିବ ।

ମାତ୍ର ଏହା ଏକ ସୁନିଶ୍ଚିତ କଥା ଯେ— ସାଧାରଣ ବ୍ୟବହାରରେ ଲାଗିବା ପାଇଁ ମୁଁ ଏହି କଥାଟିକୁ କହୁଛି— ଏହା ଏକ ସୁନିଶ୍ଚିତ କଥା ଯେ, କ୍ରିୟାତ୍ମକ ହେବାର ବାସନାଟିକୁ ଜାଗୃତ କରାଇ ପାରିବାକୁ ହେଲେ ମନୁଷ୍ୟର ମନକୁ ନିଜ ଲାଗି ଏକ ବାସସ୍ଥାନ ନିର୍ମାଣ କରି ରଖିବାକୁହିଁ ପଡ଼ିବ,— ତାହା ଅଳ୍ପବହୁତ ପରିମାଣରେ ବଡ଼ ହୋଇଥିବ, ସଂପୂର୍ଣ୍ଣ ହୋଇଥିବ ଏବଂ ଅଳ୍ପବହୁତ ପରିମାଣରେ ନମନୀୟ ବି ହୋଇଥିବ— ମାତ୍ର ତାହାର ଏକ ବାସସ୍ଥାନ ଅବଶ୍ୟ ଆବଶ୍ୟକ । ମାତ୍ର (ମାଆ ହସି କହିଲେ) ସିଏ ଯାହା ନିର୍ମାଣ କରେ, ତାହା ଆଦୌ ଏକ ଯଥାର୍ଥ ବାସସ୍ଥାନ ହୋଇ ରହି ନ ଥାଏ । ତାହାହିଁ ସବୁକିଛିକୁ ବିକୃତ କରିଦିଏ ।

ଏବଂ, ଏହି କ୍ଷେତ୍ରରେ ବିଚିତ୍ର କଥାଟି ହେଉଛି ଯେ, ଜୀବନ ବଞ୍ଚିବାର କେତେକ ଶୈଳୀକୁ ଅନୁସରଣ କରି ମନୁଷ୍ୟ ବାହାରକୁ ଦେଖିବାକୁ ସତେଅବା କେଡ଼େ ସ୍ୱପ୍ରେରିତ ଭାବରେ ଜୀବନ ବଞ୍ଚିବାରେ ଲାଗିଥାଏ, ସେହି ଶୈଳୀଗୁଡ଼ିକର ତୁମ ଲାଗି ଏପରିକି ଆବଶ୍ୟକ ବୋଲି ବୋଧ ହେବାର ଯୋଗ୍ୟତା ମଧ୍ୟ ନ ଥାଏ, ସେଥିରେ ଆଉ ଏକ ଯଥାର୍ଥ ଅଭ୍ୟାସର ବି କୌଣସି ଶକ୍ତିମତ୍ତା ନ ଥାଏ, ଏବଂ ପ୍ରାୟ ଯନ୍ତ୍ରବତ୍ ସେଗୁଡ଼ିକର ପାଳନ କରାଯାଉଥାଏ ଓ ସେଗୁଡ଼ିକୁ ସ୍ୱୀକାର କରି ନିଆ ଯାଇଥାଏ । ସେହି କ୍ଷେତ୍ରରେ ଏହିପରି ଏକ ବୋଧ ରହିଥାଏ ଯେ— ଏହାକୁ ଗୋଟାଏ ପ୍ରକାରର ଅନୁଭବ ବା ଅବବୋଧ ବୋଲି କୁହାଯିବ, ମାତ୍ର ଏହା ପ୍ରକୃତରେ କୌଣସି ଯଥାର୍ଥ ଅନୁଭବ ଅଥବା ଅବବୋଧ ହୋଇ ରହି ନ ଥାଏ, କେବଳ ଏକ ପ୍ରକାରର ଅତି ସୂକ୍ଷ୍ମ ଅବବୋଧ ହୋଇ ରହିଥାଏ— ସତେଯେପରି କୌଣସି ଏକ ପରମ ବସ୍ତୁ ସେହିପରି ହେବା ଉଚିତ ବୋଲି ଚାହୁଁଛି, ତାହାକୁ ସେହିପରି ଏକ ଅନୁଭବ ବୋଲି କୁହାଯିବ । ସେହି ପରମ ବସ୍ତୁଟି ଏପରି ବିପୁଳ ବୋଧ ହେଉଥାଏ ଯେ ତାହାର କୌଣସି ସଂଜ୍ଞା ନିରୂପଣ କରିହୁଏ ନାହିଁ । ମୁଁ ତାହା ''ଚାହୁଁଥାଏ'' ଅଥବା ''ବାଛି ନେଉଥାଏ'' ବୋଲି କହୁଛି; ମାତ୍ର ଏହାକୁ ''ଇଚ୍ଛା କରୁଥାଏ'' ଅର୍ଥରେ ବୁଝିବାକୁ ହେବ । ଏହା ଏପରି ଏକ ବୃହତ୍ ଇଚ୍ଛା, ଯାହାକି କୌଣସି

ମନୁଷ୍ୟ- ଇଚ୍ଛା ପରି ଆଦୌ କାର୍ଯ୍ୟ କରେ ନାହିଁ, ମାତ୍ର ତାହାହିଁ ଏପରି ହେଉ ବୋଲି ଚାହୁଁଥାଏ— ତାହାହିଁ ଇଚ୍ଛା କରୁଥାଏ, ବା ଦେଖୁଥାଏ ଅଥବା ନିଷ୍ପତ୍ତି କରିଥାଏ । ଏବଂ, ପ୍ରତ୍ୟେକଟି ବସ୍ତୁ ମଧ୍ୟରେ ଏହି ଆଲୋକମୟ, ସ୍ୱର୍ଣ୍ଣାଭ ଏବଂ ଅବଶ୍ୟମ୍ଭାବୀ ସ୍ପନ୍ଦନଟି ବିଦ୍ୟମାନ ରହିଥାଏ ।... ତାହା ଅନିବାର୍ଯ୍ୟ ଭାବରେ ସର୍ବଶକ୍ତିମାନ୍ ହୋଇ ରହିଥାଏ । ଏବଂ ତାହା ଏକ ପୃଷ୍ଠଭୂମି ରୂପେ ସୁନିଶ୍ଚିତତାର ଏକ ପରିପୂର୍ଣ୍ଣ କଲ୍ୟାଣଭାବକୁ ଆଣି ଯୋଗାଇ ଦେଉଥାଏ । ତାହା, ଚେତନାର ଏକ ଅପେକ୍ଷାକୃତ ନିମ୍ନତର ସ୍ତରରେ ଆପଣାକୁ ଏକ ଉଦାର ଚିତ୍ତବିନୋଦନଜନିତ ସ୍ମିତହାସ୍ୟ ରୂପେ ବ୍ୟକ୍ତ କରି ଦେଉଥାଏ ।

> *ଆହୁରି ଆଗକୁ ଯାଇ ଶ୍ରୀଅରବିନ୍ଦ ଏପରି ନାନା ପୃଥିବୀ ବିଷୟରେ କହିଛନ୍ତି ଯେଉଁଗୁଡ଼ିକର କି କୌଣସି ଆରମ୍ଭ ନାହିଁ କିଂବା ଶେଷ ନାହିଁ; ଏବଂ ସିଏ କହୁଛନ୍ତି ଯେ ସେଗୁଡ଼ିକର ସର୍ଜନା ତଥା ସେଗୁଡ଼ିକର ବିଲୟ କେବଳ ''ଆମ ବାହ୍ୟ ଚେତନା ସହିତ ଖେଳା ଯାଉଥିବା ଏକ ଲୁଚକାଳି ଖେଳ ପରି ହୋଇ ରହିଥାଏ ।'' (ସୂତ୍ର- ୧୧୭)*

ମୁଁ ବର୍ତ୍ତମାନ ଯାହା କହୁଥିଲି, ଏହାକୁ ତାହାକୁହିଁ କହିବାର ଏକ ରମଣୀୟ ଶୈଳୀ ବୋଲି ଅବଶ୍ୟ କୁହାଯିବ ।

> *ମୁଁ ପଚାରୁଥିଲି, ''ଅନ୍ୟ ପାର୍ଶ୍ୱ''ରୁ ଏହି ଜଡ଼ ଜଗତର ଅବବୋଧଟି ଅବିଚ୍ଛିନ୍ନ ହୋଇ ରହିଥାଏ ନା ଏହି ସବୁକିଛି ଅନ୍ତର୍ହିତ ହୋଇଯାଏ ?*

ଗତ ଅଳ୍ପ କେତେଦିନ ମଧ୍ୟରେ ହୋଇଥିବା ଇଏ ଆଉଗୋଟିଏ ଅନୁଭୂତି । ଏକ ଅତ୍ୟନ୍ତ ଓ ଐକାନ୍ତିକ ସୁନିଶ୍ଚୟତା ସହିତ ମୋ'ର ଏହି ଅନୁଭୂତିଟି ହୋଇଥିଲା— ଅବଶ୍ୟ ତାହାକୁ ଶବ୍ଦରେ ବ୍ୟକ୍ତ କରି କହିବା ଅତ୍ୟନ୍ତ କଷ୍ଟକର । ଜଡ଼ ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ତାହାର ଏହି ତଥାକଥିତ ''ଭ୍ରାନ୍ତି''ଟି ଯେ ଅପରିହାର୍ଯ୍ୟ ଭାବରେ ଅବଶ୍ୟ ତା'ଭିତରେ ରହିଥିବ, ତାହାକୁ ମୁଁ ସଂପୂର୍ଣ୍ଣ ସୁନିଶ୍ଚିତ ଭାବରେ ଜାଣିଥିଲି । ଅର୍ଥାତ୍, ଅବବୋଧର ଜଡ଼ସ୍ତରୀୟ ରୀତି ବା ଶୈଳୀଟି, ବସ୍ତୁଗୁଡ଼ିକ ବିଷୟରେ ଜ୍ଞାନଲାଭ କରିବାର ରୀତିଟି ଏହି ସୃଷ୍ଟିର ''ଭ୍ରାନ୍ତି''ଟି ମାଧ୍ୟମରେହିଁ ଉପଲବ୍ଧ ହେଉଥିଲା ଏବଂ ଏହି ସୃଷ୍ଟି ନ ଥିଲେ ସେଇଟିର ମଧ୍ୟ ଆଦୌ କୌଣସି ଅସ୍ତିତ୍ୱ ନ ଥାନ୍ତା । ଏବଂ, ଆମେ ଯେତେବେଳେ ଯଥାର୍ଥ ଚେତନାର ଅଧିକାରୀ ହୋଇ ପାରିବା, ସେତେବେଳେ ମଧ୍ୟ ତାହା ଆଦୌ ଏକ

ଅନସ୍ତିତ୍ୱ ମଧ୍ୟକୁ ଅନ୍ତର୍ହିତ ହୋଇଯିବ ନାହିଁ— ଏହା ଏପରି ଏକ ବସ୍ତୁ, ଯାହାକୁ କି ଏକ ବିଶେଷ ମାର୍ଗରେ ଏହା ସହିତ **ଯୁକ୍ତ କରି ରଖାଯାଇଛି**— ସେତେବେଳେ ଯଥାର୍ଥ ପରମ ଚେତନାର ଆୟତନଟି ମଧ୍ୟରେ ତାହାକୁ ସେହିପରି ଭାବରେ ଅବବୋଧ ଓ ଅନୁଭବ କରା ଯାଇଥିଲା ।

ଯେଉଁ ସୃଷ୍ଟି ଦ୍ୱାରା ଅବବୋଧର ଏକ ନିର୍ଦ୍ଦିଷ୍ଟ ରୀତି ସମ୍ଭବ ହୋଇ ପାରିଛି, ଏହାକୁ ତାହାର ଔଚିତ୍ୟକୁ ପ୍ରମାଣ କରି ଦେଉଥିବା ଏକ ବ୍ୟାପାର ସଦୃଶ ବୋଲି କୁହାଯିବ— ଏହାକୁ ହୁଏତ ଶବ୍ଦ ଦେଇ ମୂର୍ତ୍ତୀକରଣର ସ୍ତରରେ ''ନିର୍ଭୁଲତା'' ବା ଯଥାର୍ଥତା ବୋଲି ବର୍ଣ୍ଣନା କରି କୁହାଯିବ— ସେହି ଯଥାର୍ଥତାର ମଧ୍ୟ ଏଇଟି ବ୍ୟତୀତ ଆଦୌ କୌଣସି ଅସ୍ତିତ୍ୱ ରହି ନ ଥାନ୍ତା । କାରଣ, ଯେତେବେଳେ ଏହି ଚେତନା, ଏହି ପରମ ଏବଂ **ଯଥାର୍ଥ** ଚେତନା ଏକମାତ୍ର ଚେତନା ରୂପେ ଅବସ୍ଥିତ ରହିଥିଲା ଓ ଆପଣାକୁ କାର୍ଯ୍ୟକାରୀ କରି ରଖିଥିଲା, ସେତେବେଳେ ଗୋଟାଏ ପ୍ରକାରର ସ୍ପନ୍ଦନର ଏକ ଶୈଳୀ ରହିଥିଲା, ଅର୍ଥାତ୍, ଏପରି ଏକ ରୀତିର ସ୍ପନ୍ଦନଟିଏ ରହିଥିଲା ଯାହାକି ଯାବତୀୟ ମୋହରୁ ମୁକ୍ତ ରହି ଯଥାର୍ଥ ଅବଲୋକନ ଏବଂ ଅବବୋଧ କରି ପାରୁଥିଲା । ସୃଷ୍ଟିର ଏହି ଜଡ଼ସ୍ଥ ଆକାରଟି ବ୍ୟତୀତ ତାହାର ଅସ୍ତିତ୍ୱ କଦାପି ସମ୍ଭବ ହୋଇ ନ ଥାନ୍ତା । ଏହି କ୍ଷେତ୍ରରେ ଏହି ବିଶାଳ ''କାହିଁକି ?''ଟି ସତତ ଅବସ୍ଥିତ ରହିଥିଲା— ''ଏହା କାହିଁକି ଏପରି ହୋଇଛି ?'' ଏହି କ୍ଷେତ୍ରରେ ଏସବୁ କାହିଁକି ରହିଛି,— ଏହି ସବୁକିଛି, ଯାହାକି ଏହି ଯାବତୀୟ ବ୍ୟାପାରର ସୃଷ୍ଟି କରିଛି, ଯାହାକୁ କି ମନୁଷ୍ୟର ଚେତନା ଦୁଃଖ, ଯାତନା, ଅସହାୟତା ଓ ସେହିପରି ସବୁକିଛି ବୋଲି ବ୍ୟାଖ୍ୟା କରିବାରେ ଲାଗିଛି— ସାଧାରଣ ଚେତନା ଲାଗି ଭୀତିପ୍ରଦ ହୋଇ ରହିଥିବା ଏଗୁଡ଼ାକର ସୃଷ୍ଟି କାହିଁକି ହୋଇଛି ? ଏବଂ ତେଣୁ, ତାହାର ଏହିପରି ଉତ୍ତର ମିଳିଥିଲା : ଯଥାର୍ଥ ଚେତନା ମଧ୍ୟରେ ସ୍ପନ୍ଦନର ଏକ ନିର୍ଦ୍ଦିଷ୍ଟ ରୀତି ରହିଛି, ମୂର୍ତ୍ତୀକରଣର କ୍ଷେତ୍ରରେ ସବୁକିଛିକୁ ନିର୍ଭୁଲ ସ୍ପଷ୍ଟ ଓ ନିର୍ଦୋଷ ଭାବରେ ଗଢ଼ି ଥୋଇଦେବାର ଏକ ରୀତି ରହିଛି, ଯାହାକି ତାହା ବ୍ୟତୀତ ମୋଟେ ତିଷ୍ଠି ରହିପାରି ନ ଥାନ୍ତା, ଆପଣାକୁ ବ୍ୟକ୍ତ କରିବା ଲାଗି ଯାହାକି ଆଦୌ କୌଣସି ସୁଯୋଗ ଲାଭ କରି ନ ଥାନ୍ତା । ଏହା ଏକ ସୁନିଶ୍ଚିତ କଥା । ତାହାକୁହିଁ ଆମେ ସେହି ''କାହିଁକି''ର ଯଥାର୍ଥ ଓ ସର୍ବଶକ୍ତିଶାଳୀ ଉତ୍ତର ବୋଲି ଜାଣିବା ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ଯାହାକୁ ଆମେ ଏକ ଅଗ୍ରଗତି, ଅର୍ଥାତ୍ ଏକ କ୍ରମୋତ୍ତର ଅଭିବ୍ୟକ୍ତି ରୂପେ ପ୍ରତ୍ୟକ୍ଷ କରିଥାଉ, ତାହା କେବଳ ଆମର ପରିଚିତ ଏହି ଜଡ଼ସ୍ଥ ଅଭିବ୍ୟକ୍ତିରହିଁ ଏକ ବିଧାନ ନୁହେଁ, ମାତ୍ର ତାହା ହେଉଛି ସେହି ଶାଶ୍ୱତ ପରମ-ରୂପାୟଣର ମୂଳଭୂତ ଏକ ବିଧାନ । ଏହି ପୃଥିବୀସ୍ତରୀୟ ଭାବନାର ସ୍ତରକୁ ଖସିଆସି

କହିବାକୁ ଗଲେ, ଆମେ ହୁଏତ ଏପରି କହିପାରିବା ଯେ, ଅଗ୍ରଗତି ବ୍ୟତୀତ ପ୍ରକୃତରେ ଆଦୌ କୌଣସି ରୂପାୟଣ ହେଉ ନାହିଁ । ମାତ୍ର, **ଆମେ** ଯାହାକୁ ଅଗ୍ରଗତି ବୋଲି କହୁଛୁ, ଯାହା ଆମର ଚେତନାରେ ''ଅଗ୍ରଗତି'' ବୋଲି ଦେଖାଯାଉଛି, ତାହା ସେହି ଊର୍ଦ୍ଧ୍ୱ ସ୍ତରରେ– ଏହା ଯାହାକିଛି ବି ହୋଇପାରେ, ଏହାକୁ ତୁମେ ଏକ ପ୍ରୟୋଜନ ବି କହିପାର– ସେହି ଊର୍ଦ୍ଧ୍ୱସ୍ତରରେ ନିରଙ୍କୁଶ ଭଳି ହୋଇ ଏକ ବସ୍ତୁ ବିଦ୍ୟମାନ ରହିଛି, ଯାହାକି ଆମର ଆଦୌ ବୋଧଗମ୍ୟ ହୋଇପାରୁ ନାହିଁ; ଏକ ସତ୍ତାଗତ ନିରଙ୍କୁଶତା ଅବସ୍ଥିତ ରହିଛି : ତାହା ସେହିଭଳି ହୋଇଥିବାରୁହିଁ ସେହିଭଳି ହୋଇ ରହିଛି,– ଏବିଷୟରେ କେବଳ ଏତିକିମାତ୍ର କୁହାଯାଇପାରିବ । ମାତ୍ର, ଆମର ଚେତନା ଲାଗି ଏହା ଅଧିକରୁ ଅଧିକ, ଉତ୍ତମରୁ ଆହୁରି ଉତ୍ତମ ହେବାରେ ଲାଗିଛି– ଏଠାରେ ଯେଉଁସବୁ ଶବ୍ଦର ବ୍ୟବହାର କରାଯାଉଛି, ସେଗୁଡ଼ିକର ପ୍ରକୃତରେ କୌଣସି ଅର୍ଥ ନାହିଁ– ତାହା ଆମକୁ ଅଧିକରୁ ଅଧିକ ପରିପୂର୍ଣ୍ଣତାଯୁକ୍ତ ଓ ଅଧିକରୁ ଅଧିକ ଉତ୍ତମ ବୋଲି ପ୍ରତୀତ ହେଉଛି । ତାହାକୁହିଁ ରୂପାୟଣର ମୂଳଭୂତ ବିଧାନଟି ବୋଲି କୁହାଯିବ ।

ଅତ୍ୟନ୍ତ ଅଳ୍ପକ୍ଷଣସ୍ଥାୟୀ ହୋଇ ମୋ'ର ଆଉଗୋଟିଏ ଅନୁଭବ ମଧ୍ୟ ହୋଇଥିଲା । ମାତ୍ର ତଥାପି, ଯେତେ ଅକୁଶଳ ଭାବରେ ହେଲେ ମଧ୍ୟ, ତାହା ଏତିକି କହିପାରିବା ଲାଗି ଯଥେଷ୍ଟ ପରିମାଣରେ ସ୍ପଷ୍ଟ ହୋଇ ରହିଥିଲା ଯେ– ମୁଁ ବର୍ତ୍ତମାନ ଏହାକୁ ପରମ ଅବ୍ୟକ୍ତଙ୍କର ବିଶିଷ୍ଟତା ବୋଲି କହିବାକୁ ଯାଉଥିଲି– ପରମ ବ୍ୟକ୍ତରେ ପରିଣତ ହେଉଥିବାରୁହିଁ ଏହି କ୍ଷେତ୍ରରେ ପରମ ଅବ୍ୟକ୍ତଙ୍କଠାରେ ଏକ ବିଶିଷ୍ଟତା ମହଜୁଦ ରହିଥାଏ ।

ଏହି ସବୁକିଛି ହେଉଛି କେବଳ ଗୁଡ଼ାଏ ଶବ୍ଦ,– ମାତ୍ର ଆମପାଖରେ ସମ୍ବଳ ବୋଲି କେବଳ ସେତିକିହିଁ ରହିଥାଏ । ସମ୍ଭବତଃ ଏପରି ଏକ ଦିନ ଆସିବ, ଯେତେବେଳେ କି ଆମକୁ ଏପରି କେତେକ ଶବ୍ଦ ଅଥବା ଏକ ଭାଷା ଉପଲବ୍ଧ ହୋଇଯିବ ଏବଂ ତାହାର ସାହାଯ୍ୟରେ ଆମେ ଏସବୁ କଥାକୁ ଯଥାର୍ଥ ଭାବରେ ପ୍ରକାଶ କରି କହିପାରିବା । ଏହା ସମ୍ଭବ ହେବ ସତ, ମାତ୍ର ତଥାପି ତାହା ସର୍ବଦା କେବଳ ଏକ ତର୍ଜମା ହୋଇହିଁ ରହିଥିବ ।

ଏହି ସ୍ଥାନରେ (ମାଆ ବକ୍ଷଦେଶକୁ ନିର୍ଦ୍ଦେଶ କରିଦେଲେ) ଏପରି ଗୋଟିଏ ସ୍ତର ରହିଛି, ଯେଉଁଠାରେ କି କୌଣସି ଏକ ବସ୍ତୁ ଶବ୍ଦଗୁଡ଼ିକୁ ନେଇ, ପ୍ରତିରୂପ ଓ ଅଂଶବାକ୍ୟଗୁଡ଼ିକୁ ନେଇ ଏହିପରି ଭାବରେ ଖେଳିବାରେ ଲାଗିଛି (ମାଆ କୌଣସି ବସ୍ତୁ ଚକ୍‌ଚକ୍ କରୁଥିବାର ଓ ତରଙ୍ଗାୟିତ ହେଉଥିବାର ଇଙ୍ଗିତ କଲେ), ଯାହାକି କେତେ ସୁନ୍ଦର ଛବିମାନ ରଚନା କରିବାରେ ଲାଗିଛି; ତୁମକୁ ଯଥାର୍ଥ ପରମ ବସ୍ତୁଟିର ସଂସ୍ପର୍ଶ ଆଣିଦେବାର ସାମର୍ଥ୍ୟ ତାହା ମଧ୍ୟରେ ରହିଛି– ଯାହା ହୁଏତ ଏହି ସ୍ଥାନଠାରୁ (ମାଆ

କପୋଳଦେଶକୁ ନିର୍ଦ୍ଦେଶିତ କରି ଦେଖାଇଲେ) ବୃହତ୍ତର ହୋଇ ରହିଛି– ଅନ୍ତତଃ ଏହାରି ଭଳି ବୃହତ୍, ମାତ୍ର ସମ୍ଭବତଃ ବୃହତ୍ତର ହୋଇ ରହିଛି, ଏହି ତତ୍ତ୍ୱଗତ ଅଭିବ୍ୟକ୍ତିଠାରୁ ବୃହତ୍ତର ହୋଇ ରହିଛି । ''ତତ୍ତ୍ୱଗତ'' କରି କହିବା ହେଉଛି କହିବାରହିଁ ଗୋଟିଏ ଶୈଳୀ । ଏଠାରେ ପ୍ରତିରୂପଗୁଡ଼ିକର, ଅର୍ଥାତ୍ କବିତାର କଥା କୁହାଯାଉଛି । ଏହି କ୍ଷେତ୍ରରେ ସେହି ଅନିର୍ବଚନୀୟ ସ୍ପନ୍ଦନଟି ମଧ୍ୟରେ ପ୍ରବେଶ କରିବା ଲାଗି ପ୍ରାୟ ଏକ ଅଧିକ ସରଳ ମାର୍ଗ ରହିଛି । ଶ୍ରୀଅରବିନ୍ଦଙ୍କର ଅଭିବ୍ୟକ୍ତିକୁ ମୁଁ ତାହାର କାବ୍ୟିକ ଆକାର ଦେଇ ଦେଖୁଛି– ତାହା ଭିତରେ ଏକ ଆକର୍ଷଣକାରିତା ଓ ଏକ ସରଳତା ରହିଛି– ଏକ ସରଳତା, ମଧୁରତା ଏବଂ ଗଭୀରକୁ ଭେଦ କରି ପାରୁଥିବା ଏକ ଆକର୍ଷକତା ରହିଛି,– ଏବଂ ତାହା, ତୁମ ମସ୍ତିଷ୍କର ଯାବତୀୟ ବସ୍ତୁ ଅପେକ୍ଷା ଅନେକ ଅଧିକ ଅନ୍ତରଙ୍ଗ ଭାବରେ ତୁମକୁ ଏକ ସିଧା ସଂସ୍ପର୍ଶ ଆଣି ଦେଇଯାଇପାରୁଛି ।

> *ଏହି ଶାଶ୍ୱତ ପରମଚେତନା ମଧ୍ୟରେ ଅବସ୍ଥିତ ରହିଥିବା ସମୟରେ, ଏହି କ୍ଷେତ୍ରରେ ଏକ ଶରୀର ରହିଥିବା ଆବଶ୍ୟକ ଅଥବା ଆବଶ୍ୟକ ନୁହେଁ, ସେଥିରେ ଆଦୌ ଖୁବ୍‌ବେଶୀ ପାର୍ଥକ୍ୟ ରହେ ନାହିଁ । ମାତ୍ର, ଆମେ ଯାହାକୁ ''ମୃତ ଅବସ୍ଥା'' ବୋଲି କହୁ, ସେହି ଅବସ୍ଥାରେ ରହିଥିବା ସମୟରେ ଏହି ଜଡ଼ସ୍ଥ ପୃଥିବୀର ଅନୁଭବଟି ସ୍ପଷ୍ଟ ଓ ଯଥାର୍ଥ ହୋଇ ରହିଥାଏ କି ବା, ଏହି ପାଖରେ ଏହି ପୃଥିବୀ ମଧ୍ୟରେ ରହିଥିଲା ବେଳେ ସେହି ଅନ୍ୟ ପୃଥିବୀଗୁଡ଼ିକର ଚେତନା ଯେପରି ଅତ୍ୟନ୍ତ ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟାକାର ହୋଇ ରହିଥାଏ, ତାହା ସେହିପରି ହୋଇଯାଏ ? ଶ୍ରୀଅରବିନ୍ଦ ଲୁଚକାଳି ଖେଳର ଉଲ୍ଲେଖ କରିଛନ୍ତି । ମାତ୍ର, ଯଦି ଗୋଟିଏ ସତ୍ତାଗତ ସ୍ଥିତି ସତ୍ତାଗତ ଅନ୍ୟାନ୍ୟ ସ୍ଥିତିର ଚେତନା ଲାଗି ଯେତେବେଳେ ଆଦୌ କୌଣସି ବାଧା ହୋଇ ରହି ନ ଥାଏ, ସେତିକିବେଳେ ସିନା ଏହି ଲୁଚକାଳି ଖେଳ ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇଥାଏ !*

କାଲି ବା ପଅରଦିନ, ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନଯାକ ଯେପରି କୌଣସି ଏକ ବସ୍ତୁ କହିବାରେ ଲାଗିଥିଲା, ''ମୁଁ– ମୁଁ ଅଥବା ମୋ' ଭିତରେ ଏହି ପୃଥିବୀର ମୃତମାନଙ୍କର ଚେତନା ଅବସ୍ଥିତ ରହିଛି ।'' ମୁଁ କହିଲାବେଳେ ଶବ୍ଦକୁ ତର୍ଜମା କରି କହୁଛି ସତ, ମାତ୍ର ସତେଯେପରି କିଏ ମୋତେ କହିବାରେ ଲାଗିଥିଲା, ''ଜଣେ ମୃତ ବ୍ୟକ୍ତିର ଚେତନା ହେଉଛି ଠିକ୍ ଏହିପରି– ଏହି ଚେତନା ପୃଥିବୀ ଏବଂ ଭୌତିକ ବସ୍ତୁର ପରିପ୍ରେକ୍ଷୀରେ

ଆପେକ୍ଷିକ ହୋଇ ରହିଥାଏ... ମୁଁ ହେଉଛି ଏହି ପୃଥିବୀରେ ବାସ କରୁଥିବା ଜଣେ ମୃତ ବ୍ୟକ୍ତି ।'' ଚେତନାର ସ୍ଥିତି ଅନୁସାରେ– କାରଣ ଚେତନାର ସ୍ଥିତିରେ ସତତ ପରିବର୍ତ୍ତନ ଘଟିବାରେ ଲାଗିଥାଏ– ଚେତନାର ସ୍ଥିତି ଅନୁସାରେ, ଏହା ଏହିପରି ଅବସ୍ଥାରେ ଥିଲା, ''ମୃତ ବ୍ୟକ୍ତିମାନେ ଠିକ୍ ଏହିପରି, ସେମାନେ ଏହି ପୃଥିବୀର ପରିପ୍ରେକ୍ଷୀରେ ଆପେକ୍ଷିକ ହୋଇ ରହିଥା'ନ୍ତି;'' ତା'ପରେ, ''ମୁଁ ସଂପୂର୍ଣ୍ଣ ଭାବରେ ଜଣେ ମୃତ ବ୍ୟକ୍ତି ପରି ପୃଥିବୀର ପରିପ୍ରେକ୍ଷୀରେ ଆପେକ୍ଷିକ ହୋଇ ରହିଛି;'' ଏବଂ ତା'ପରେ, ''ଜଣେ ମୃତ ବ୍ୟକ୍ତି ଏହି ପୃଥିବୀର ଚେତନା ମଧ୍ୟରେ ଯେଉଁପରି ବାସ କରୁଛି, ମୁଁ ମଧ୍ୟ ସେହିପରି ବାସ କରୁଛି ।'' ତା'ପରେ, ''ମୁଁ ଠିକ୍ ପୃଥିବୀରେ ବାସ କରୁଥିବା ଜଣେ ମୃତ ବ୍ୟକ୍ତି ପରି ହୋଇରହିଛି ।''... ଇତ୍ୟାଦି, ଇତ୍ୟାଦି । ମୁଁ ଠିକ୍ ସବୁଦିନ ପରି ସେତେବେଳେ ମଧ୍ୟ ଆଚରଣ କରି ଯାଉଥିଲି, କଥା କହୁଥିଲି, ଓ କାର୍ଯ୍ୟ ମଧ୍ୟ କରୁଥିଲି । ମାତ୍ର, ଏହା ଦୀର୍ଘକାଳ ଧରି ଏହିପରି ହୋଇ ରହିଥିଲା, ହଁ, ଦୀର୍ଘ କାଳ ଧରି, ଦୁଇ ବର୍ଷରୁ ଅଧିକ ହେବ । ମୁଁ ପୃଥିବୀକୁ ଠିକ୍ ଏହିପରି ଭାବରେ ଦେଖି ଆସିଛି (ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଯିବା ଭଳି ମାଆ ଏକ ଊର୍ଦ୍ଧ୍ୱାୟନର ସଙ୍କେତ କଲେ), ଏବଂ ବର୍ତ୍ତମାନ ଏହିପରି (ତଳକୁ ଆସିବାର ସଙ୍କେତ) ଦେଖୁଛି । ଏହି କଥାଟିକୁ କିପରି ବୁଝାଇ କହିଦେଇ ହେବ, ସେକଥା ମୁଁ ଜାଣିପାରୁ ନାହିଁ, କାରଣ ଏହି କ୍ଷେତ୍ରରେ ମନୋଗତ ହୋଇ ରହିଥିବା ଆଦୌ କିଛିହେଲେ ନାହିଁ, ଏବଂ, ମନୋଗତ ହୋଇ ରହି ନ ଥିବା ଅବବୋଧଗୁଡ଼ିକରେ ଅସ୍ପଷ୍ଟ ହୋଇ କିଛି ନା କିଛି ରହି ଯାଇଥାଏ, ଯାହାର ଏକ ସଂଜ୍ଞା ଦେବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ମାତ୍ର, ଶବ୍ଦଗୁଡ଼ିକ ଏବଂ ଭାବନାଟି ପରସ୍ପରଠାରୁ କିଞ୍ଚିତ୍ ଦୂରବର୍ତ୍ତୀ ହୋଇ ରହିଥିଲେ (ମାଆ ମୁଣ୍ଡ ଚାରିପାଖକୁ ସଙ୍କେତ ଦେଲେ), ସତେଯେପରି କେହି ପହରା ଦେଉଥିବା ପରି ଓ ମୂଲ୍ୟାୟନ କରୁଥିବା ପରି ହୋଇ ରହିଥିଲେ, ଅର୍ଥାତ୍, ସିଏ ଯାହା ଦେଖୁଛି, ତାହାକୁ କହି ଦେଉଥିବା ପରି ମନେ ହେଉଥିଲେ । ଚତୁର୍ଦ୍ଦିଗରେ ବେଷ୍ଟନ କରି ରହିଥିବା ପରି ରହିଥିଲେ । ଏବଂ ବର୍ତ୍ତମାନ, ଦୁଇ ବା ତିନିଥର ପାଇଁ ଏହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଅନୁଭୂତ ହେଉଥିଲା– ଅର୍ଥାତ୍, ଏହି ଅବସ୍ଥାଟିହିଁ ସମଗ୍ର ଚେତନା ଉପରେ ପ୍ରଭାବ ବିସ୍ତାର କରି ରହିଥିଲା– ଗୋଟାଏ ପ୍ରକାରର ଧାରଣା ବା ଅନୁଭବ ବା ଅବବୋଧ ପରି ହୋଇ ରହିଥିଲା– ମାତ୍ର ପ୍ରକୃତରେ ଏଥିମଧ୍ୟରୁ କୌଣସି ଗୋଟିଏ ହୋଇ ରହି ନ ଥିଲା : ମୁଁ ପୃଥିବୀରେ ବାସ କରୁଥିବା ଜଣେ ମୃତ ବ୍ୟକ୍ତି ପରି ହୋଇ ରହିଥିଲି ।

ସେହି କଥାଟିକୁ କିପରି ବୁଝାଇ କରି କହିହେବ ?

ଏବଂ ଏହିପରି, ଉଦାହରଣ ସ୍ୱରୂପ, ଦୃଷ୍ଟିର କ୍ଷେତ୍ରରେ, ମୂର୍ତ୍ତ ହୋଇ ରହିଥିବା ଆଦୌ କୌଣସି ସୁସ୍ପଷ୍ଟତା ନାହିଁ (ମାଆ ସତେଅବା ଆଖି ଦ୍ୱାରା କିଛି ଦେଖୁ ନ ଥିବାର

ଇଙ୍ଗିତ କଲେ), ମୁଁ ଚେତନାର ମଧ୍ୟଦେଇ ଦେଖୁଛି, ଚେତନା ଦ୍ୱାରାହିଁ ଦେଖୁଛି । ଶ୍ରବଣର କ୍ଷେତ୍ରରେ ମଧ୍ୟ ଏକାବେଳେକେ ଅନ୍ୟ ଭାବରେ ଶୁଣୁଛି; ଏହି କ୍ଷେତ୍ରରେ ଏକ ପ୍ରକାର ''ବିଭେଦୀକରଣ'' କାର୍ଯ୍ୟକାରୀ ହୋଇ ରହିଛି ସତ, ମାତ୍ର କୌଣସି ''ବୁଦ୍ଧି'' କାର୍ଯ୍ୟ କରୁ ନାହିଁ; ଏହା ହେଉଛି ଅବବୋଧର ଭୂମିରେ ଏପରି କିଛି ବସ୍ତୁ, ଯାହାକି ନିର୍ବାଚିତ କରିପାରୁଛି, ନିଷ୍ପତ୍ତି କରୁଛି– ନିଷ୍ପତ୍ତି କରୁଛି ସତ, ମାତ୍ର ଯନ୍ତ୍ରବତ୍ କିଛି କରୁ ନାହିଁ– କ'ଣ ଶୁଣାଯାଉଛି ଓ କ'ଣ ଶୁଣାଯାଉ ନାହିଁ, ତାହା ସେକଥା ନିଷ୍ପତ୍ତି କରି ପାରୁଛି; ଯାହା ଅବବୋଧ ମଧ୍ୟରେ ପ୍ରବିଷ୍ଟ ହେଉଛି ଓ ଯାହା ପ୍ରବିଷ୍ଟ ନ ହେଉଛି, ତାହାର ନିଷ୍ପତ୍ତି କରିପାରୁଛି । ଦୃଷ୍ଟିର କ୍ଷେତ୍ରରେ ସେହି କଥା ହେଉଛି ସତ, ମାତ୍ର ଶ୍ରବଣର କ୍ଷେତ୍ରରେ ଅଧିକ ଶକ୍ତିଶାଳୀ ଭାବରେ ହେଉଛି : କେତେକ ବସ୍ତୁର କ୍ଷେତ୍ରରେ କେବଳ ଗୁଣୁଗୁଣୁ ହୋଇ ଅବିଚ୍ଛିନ୍ନ ଭାବରେ କ'ଣ ଶୁଣାଯାଉଛି, ଏବଂ ଆଉ ଅନ୍ୟଗୁଡ଼ିକୁ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଶୁଣି ହେଉଛି । ଅନ୍ୟଗୁଡ଼ିକ ଅସ୍ୱଷ୍ଟ ହୋଇ ରହିଛି, କ୍ୱଚିତ୍ ଶୁଣି ହେଉଛି । ଦୃଷ୍ଟିର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା : ସବୁକିଛି ସତେଅବା ଏକ ଦୀପ୍ତିଯୁକ୍ତ କୁହେଳିପରସ୍ତର ପଶ୍ଚାତରେ ରହିଛି, ଅତ୍ୟନ୍ତ ଦୀପ୍ତିଯୁକ୍ତ, ତଥାପି ଏକ କୁହେଳିପରସ୍ତ; ଅର୍ଥାତ୍, ସେହି କ୍ଷେତ୍ରରେ ଆଦୌ କୌଣସି ସୁସ୍ୱଷ୍ଟତା ନାହିଁ– ଏବଂ ତା'ପରେ, ତା'ପରେ ହଠାତ୍ ଅତ୍ୟନ୍ତ ସୁସ୍ୱଷ୍ଟ ଏବଂ ପରିଷ୍କାର ହୋଇ କିଛି ଦୃଷ୍ଟିଗୋଚର ହୋଇଯାଉଛି, ଅତି ଅସାଧାରଣ ସୁସ୍ୱଷ୍ଟତା ସହିତ ଟିକିନିଖି ସବୁ ଆସି ଦୃଶ୍ୟମାନ ହୋଇଯାଉଛି । ସାଧାରଣତଃ, ଏହି ଦୃଷ୍ଟି ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଚେତନାକୁହିଁ ବ୍ୟକ୍ତ କରି ଦେଉଛି । ଅର୍ଥାତ୍, ପ୍ରତ୍ୟେକ ବସ୍ତୁ ଅଧିକରୁ ଅଧିକ ପରିମାଣରେ ଆଶୟଗତ ବୋଧ ହେଉଛି, ଅଧିକରୁ ଅଧିକ କମ୍ ବିଷୟଗତ ହୋଇ ଦିଶୁଛି । ମାତ୍ର ସେଗୁଡ଼ିକ ଆପଣାକୁ ଆଖି ଉପରେ ଆଣି ଲଦି ଦେଉଥିବା କେତେକ ଦୃଷ୍ଟି କିଂବା ଶ୍ରୁତି ଉପରେ ଆଣି ଆପଣାକୁ ଲଦି ଦେଉଥିବା କେତେକ ଶବ୍ଦ ନୁହେଁ । ସେହି କ୍ଷେତ୍ରରେ ଚେତନାର ଏକ ପ୍ରକାରର ଗତିଶୀଳତା ରହିଛି, ଯାହାଦ୍ୱାରା କି କେତେକ ବସ୍ତୁ ବୋଧଗମ୍ୟ ହେଉଛନ୍ତି ଓ ଅନ୍ୟଗୁଡ଼ିକ ଗୋଟିଏ ପ୍ରକାରର ଅତ୍ୟନ୍ତ ଅସ୍ୱଷ୍ଟ ପୃଷ୍ଠଭୂମି ହୋଇ ରହିଯାଉଛନ୍ତି ।

*ଚେତନା ଯାହା ଦେଖିବାକୁ ଇଚ୍ଛା କରେ, ତାହାକୁହିଁ ଦେଖିବା ଲାଗି ବାଛିନିଏ ।*

ଏହି କ୍ଷେତ୍ରରେ ବ୍ୟକ୍ତିଗତ ବୋଲି କିଛି ନାହିଁ – ବ୍ୟକ୍ତିଗତ ବୋଲି କିଛି ନାହିଁ । ଅବଶ୍ୟ ନିର୍ବାଚନ ଏବଂ ନିଷ୍ପତ୍ତିଗ୍ରହଣର ଏକ ଅନୁଭୂତି ସର୍ବଦା ରହିଛି । ମାତ୍ର, ବ୍ୟକ୍ତିଗତ ନିର୍ବାଚନ

ଓ ବ୍ୟକ୍ତିଗତ ନିଷ୍ପତ୍ତିଗ୍ରହଣର ଆଦୌ କୌଣସି ଅନୁଭୂତି ନାହିଁ । ପୁନଶ୍ଚ, ''ବ୍ୟକ୍ତିଗତ''ର ମଧ୍ୟ ଏହି କ୍ଷେତ୍ରରେ କେବଳ ଏତିକିର ପ୍ରବେଶ ଘଟାଇବାର ପ୍ରୟୋଜନ ଅପେକ୍ଷା ଅଧିକ କିଛି ରହିଥାଏ (ମାଆ ଆପଣାର ହାତ ଦୁଇଟିକୁ ସ୍ପର୍ଶ କଲେ) । ଉଦାହରଣ ସ୍ୱରୂପ, ଖାଇବା ଅତ୍ୟନ୍ତ ଅସ୍ୱାଭାବିକ, ଅତ୍ୟନ୍ତ ଅଦ୍ଭୁତ ଧରଣର ହୋଇଯାଏ ।... ସତେଯେପରି କେହିଜଣେ ଶରୀର ଉପରେ ଦୃଷ୍ଟିପାତ କରୁଥିବା ପରି ମନେହୁଏ– ସେହି ଦୃଷ୍ଟିପାତ କରିବାରେ ଆଦୌ କୌଣସି ସୁସ୍ପଷ୍ଟତା ଅଥବା ନିର୍ଦ୍ଦିଷ୍ଟତା ନ ଥାଏ, ମାତ୍ର ତାହା ଗୋଟାଏ ପ୍ରକାରର ସମଷ୍ଟି ହୋଇ ରହିଥାଏ, ଯାହାକି ଏକାଠି ଧରି ରଖିଥାଏ– ଏବଂ ଦୃଷ୍ଟିପାତ କରିବାରେ ଲାଗିଥାଏ... ଘଟୁଥିବା କୌଣସି ବସ୍ତୁକୁ ଅବଲୋକନ କରୁଥାଏ ! ନାଇଁ– ଏହାକୁ ପ୍ରକୃତରେ ଏକ ବିଚିତ୍ର ଅବସ୍ଥା ବୋଲି କୁହାଯିବ । ଆଜି ତାହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ରହିଥିଲା, ସମଗ୍ର ଚେତନା ଉପରେ ପ୍ରଭାବ ବିସ୍ତାର କରି ରହିଥିଲା । ଏବଂ, ବେଳେବେଳେ ଏପରି ମୁହୂର୍ତ୍ତମାନ ବି ଆସି ପହଞ୍ଚେ, ଯେତେବେଳେ କି ଏହିପରି ଏକ ଅନୁଭବ ହୁଏ ଯେ, ଏତେଟିକିଏ କ'ଣ ଘଟିଲେ ମଧ୍ୟ ତାହା ତୁମର ସଂସ୍ପର୍ଶଟିକୁ ଛିନ୍ନ କରିଦେବ (ବିଚ୍ଛିନ୍ନ ହୋଇଯିବାର ସଙ୍କେତ, ସତେଯେପରି ଶରୀର ସହିତ ରହିଥିବା ଯୋଗସୂତ୍ରଟି ଛିନ୍ନ ହୋଇଗଲା), ଏବଂ, କେବଳ ଅତ୍ୟନ୍ତ ସ୍ଥିର ଏବଂ ଉଦାସୀନ ହୋଇ ରହିପାରିଲେ ଯାଇ ସେହି ଯୋଗସୂତ୍ରଟି ତଥାପି ଲାଗି ରହିପାରିବ ।

ଏହିସବୁ ଅନୁଭୂତି ପୂର୍ବରୁ ସର୍ବଦା ସର୍ବୋଚ୍ଚ ପରମ ଉପସ୍ଥିତି ସହିତ ଏକ ପ୍ରକାରର ଅତ୍ୟନ୍ତ ଘନିଷ୍ଠ ଏବଂ ଅନ୍ତର୍ଗତ ଅନ୍ତରଙ୍ଗତା ରହିଥିବାର ଅନୁଭବ ହୋଇଥାଏ; ଭିତରୁ ଗୋଟାଏ ପ୍ରକାରର ପ୍ରଶ୍ନ ଜାଗୃତ ହୋଇ ଆସୁଥାଏ : ''ତୁ ଯେକୌଣସି କଥା ପାଇଁ ପ୍ରସ୍ତୁତ ହୋଇ ରହିଛୁ ତ ?'' କହିବା ବାହୁଲ୍ୟ, ମୁଁ ଉତ୍ତର ଦିଏ, ''ହଁ, ଯେକୌଣସି କଥା ପାଇଁ । ଏବଂ ସେହି ପରମ ଉପସ୍ଥିତି ଏଡ଼େ ଚମତ୍କାର ଭାବରେ ଅନ୍ତରଙ୍ଗ ହୋଇଆସେ ଯେ ସମଗ୍ର ସତ୍ତାରେ ଏକ ପ୍ରକାର ପିପାସା ଅନୁଭୂତ ହେବାକୁ ଆରମ୍ଭ କରେ : ସିଏ ସର୍ବଦା ସେହିପରି ହୋଇ ରହିଥିବ ବୋଲି ଏକ ପିପାସା । କେବଳ ସେଇ ଅବସ୍ଥିତ ରହିଥା'ନ୍ତି, କେବଳ ତାଙ୍କରିହିଁ ଅବସ୍ଥିତିର କୌଣସି ଔଚିତ୍ୟ ରହିଥାଏ । ଏବଂ, ତାହାରି ମଧ୍ୟରୁ ଏହି ପ୍ରଶ୍ନଟି ଉତ୍ଥିତ ହୋଇଆସେ : ''ତୁ ଯେକୌଣସି କଥା ପାଇଁ ପ୍ରସ୍ତୁତ ହୋଇ ରହିଛୁ ତ ?''

ଏଠାରେ ମୁଁ ଶରୀରର କଥା କହୁଛି, ଅନ୍ତର୍ଗତ ସତ୍ତାଗୁଡ଼ିକ ବିଷୟରେ କିଛି କହୁ ନାହିଁ । କେବଳ ଶରୀର ବିଷୟରେ କହୁଛି ।

ଏବଂ ଶରୀର ସର୍ବଦା ହଁ ବୋଲି ଉତ୍ତର ଦିଏ । ତାହା ଏହିପରି କରେ (ସମର୍ପଣର ଇଙ୍ଗିତ) : କୌଣସି ପସନ୍ଦ ନାହିଁ, ରୁଚି ନାହିଁ, ଏପରିକି କୌଣସି ଅଭୀପ୍ସା

ମଧ୍ୟ ନାହିଁ,– ଏକ ସମଗ୍ର ସମର୍ପଣ । ଏବଂ ତା'ପରେ ମୋ'ପାଖରେ ଏହିପରି ବସ୍ତୁଗୁଡ଼ିକ ଆସି ପହଞ୍ଚି ଯାଆନ୍ତି; କାଲି ଦିନସାରା ତାହା ଏହିପରି ହୋଇ ରହିଥିଲା : ''ପୃଥିବୀପୃଷ୍ଠରେ ବାସ କରୁଥିବା ଜଣେ ମୃତ ବ୍ୟକ୍ତି ।'' ବଞ୍ଚିବାର ଏହି ମାର୍ଗ ଓ ଅନ୍ୟ ବ୍ୟକ୍ତିମାନଙ୍କର, ଅନ୍ୟ ସମସ୍ତଙ୍କର, ଜୀବନ ମାର୍ଗ ମଧ୍ୟରେ ରହିଥିବା ବୃହତ୍ ପାର୍ଥକ୍ୟଟିର ଅବବୋଧ ସହିତ ତାହା ରହିଥିଲା– ଯଦିଓ ଏତେ ସ୍ପଷ୍ଟ ନୁହେଁ ତଥାପି ବେଶ୍ ପରିଷ୍କାର । ଏହା ତଥାପି ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇ ନାହିଁ, ପରିଷ୍କାର ବା ସୁନିର୍ଦ୍ଦିଷ୍ଟ ହୋଇ ନାହିଁ, ମାତ୍ର ତଥାପି ଅତି ପରିଷ୍କାର ହୋଇ ପାରିଛି । ଅତ୍ୟନ୍ତ ପରିଷ୍କାର, ଅତ୍ୟନ୍ତ ବୋଧଗମ୍ୟ । ଏହା ହେଉଛି ଜୀବନ ବଞ୍ଚିବାର ଏକ ଅନ୍ୟ ମାର୍ଗ ।

> *ଏଥିରୁ ହୁଏତ ଏପରି କହିବାକୁ ଇଚ୍ଛା ହେବ ଯେ ଚେତନାର ଦୃଷ୍ଟିକୋଣରୁ ବିଚାର କଲେ ଏହାକୁ ଏକ ଲାଭ ବୋଲି କୁହାଯାଇ ପାରିବ ନାହିଁ, କାରଣ ଏଥିରେ ତ ବସ୍ତୁଗୁଡ଼ିକ ମ୍ଳାନ ହୋଇ ଅପସୃତ ହୋଇ ରହନ୍ତି । ମୁଁ ଠିକ୍‌ଭାବରେ ଜାଣିପାରୁ ନାହିଁ, ଏହା ପ୍ରକୃତରେ ଏକ ଲାଭ କି ?*

ଏହାକୁ କେବଳ ଏକ ପରିବର୍ତ୍ତନ ବୋଲି କୁହାଯିବ, ଏକ ପରିବର୍ତ୍ତନକାଳୀନ ଅବସ୍ଥା ବୋଲି କୁହାଯିବ ।

ଚେତନାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାଦ୍ୱାରା ପ୍ରକୃତରେ ପ୍ରଭୂତ ଲାଭ ହୋଇଥାଏ । କାରଣ, ଏଥିରେ ଯାବତୀୟ ବନ୍ଧନ, ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ଯାବତୀୟ ଆସକ୍ତି– ଏହି ସବୁକିଛିର ଅନ୍ତ ହୋଇଯାଏ, ତାହାର ସଂପୂର୍ଣ୍ଣ ଭାବରେ ଅବସାନ ଘଟିଥାଏ । ସଂପୂର୍ଣ୍ଣ ଭାବରେ ଅବସାନ ଘଟିଥାଏ : ଏକ ସଂପୂର୍ଣ୍ଣ ସ୍ୱାଧୀନତା ଉପଲବ୍ଧ ହୋଇଥାଏ । ଅର୍ଥାତ୍, କେବଳ ପରମ ତତ୍, ସେହି ସର୍ବୋଚ୍ଚ ପରମପ୍ରଭୁ– ସେଇ ଅଧିଷ୍ଠିତ ହୋଇ ରହିଥା'ନ୍ତି । ଏହି ଦୃଷ୍ଟିରୁ ଏହାକୁ କେବଳ ଏକ ଲାଭ ବୋଲିହିଁ କୁହାଯାଇ ପାରିବ । ଏହାଦ୍ୱାରା ଏକ ପ୍ରଭୂତ ଭାବରେ ମୌଳିକ ଉପଲବ୍ଧି ସମ୍ଭବ ହୁଏ... ଏହା ଏକ ସଂପୂର୍ଣ୍ଣ ବିମୋଚନ ପରି ମନେ ହୋଇଥାଏ; ପୃଥିବୀରେ ଏକ ସାଧାରଣ ଜୀବନ ବଞ୍ଚୁଥିବା ସମୟରେ ତାହାର ଉପଲବ୍ଧି ସମ୍ଭବ ହୋଇପାରିବ ବୋଲି ଆଦୌ ମନେ ହୁଏ ନାହିଁ ।

ଶରୀର ଉପରେ ନିର୍ଭରଶୀଳ ହୋଇ ରହି ନ ଥିବା ସମୟରେ ସତ୍ତାର ଉଚ୍ଚତର ଭାଗଗୁଡ଼ିକରେ ଯେଉଁ ସଂପୂର୍ଣ୍ଣ ବିମୋଚନର ଅନୁଭବ ପ୍ରାପ୍ତ ହୋଇଥାଏ, ଏହାକୁ ତାହାରି ସମତୁଲ୍ୟ ବୋଲି କୁହାଯିବ । ମାତ୍ର ଏଥିରେ ଅସଲ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ଯେ,– ମୁଁ ଏହି କଥାଟି ଉପରେ ଅତ୍ୟନ୍ତ ଜୋର୍ ଦେଇ କହୁଛି– **ଶରୀରର**

ଚେତନାକ୍ଷେତ୍ରରେହିଁ ଏହିସବୁ ଅନୁଭୂତି ଉପଲବ୍ଧ ହୋଇଥା'ନ୍ତି ଏବଂ ସେହି ଶରୀର ଏହି ଭୂମିରେ ତଥାପି ଦୃଶ୍ୟମାନ ହୋଇ ରହିଥାଏ ।

ଅବଶ୍ୟ ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ମନୁଷ୍ୟମାନଙ୍କୁ ଯାହା ସେମାନଙ୍କର ''ଜୀବନ ବିଷୟରେ ଏକ ପ୍ରତ୍ୟୟ'' ଦେଇ ଯାଇଥାଏ, ଏହି କ୍ଷେତ୍ରରେ ତାହାର ଆଉ କୌଣସି ଅବଶେଷ ରହି ନ ଥାଏ । ବାହ୍ୟ ପୃଥିବୀରୁ ଆପାତତଃ ଆଉ କୌଣସି ସଂବଳନ ମିଳେ ନାହିଁ, ଆଉ କିଛି... କେବଳ ସେହି ସର୍ବୋଚ୍ଚ ପରମ ଇଚ୍ଛାହିଁ ରହିଥାଆନ୍ତି । ଏହି କଥାଟିକୁ ଆମ ସାଧାରଣ ଶବ୍ଦଗୁଡ଼ିକରେ ବ୍ୟକ୍ତ କରି କହିବାକୁ ଗଲେ... ଶରୀରର ଏହିପରି ଏକ ଅନୁଭୂତି ରହିଥାଏ ଯେ, କେବଳ ସେହି ସର୍ବୋଚ୍ଚ ପରମପ୍ରଭୁ ଇଚ୍ଛା କରୁଛନ୍ତି ବୋଲି ତାହା ବଞ୍ଚିଛି; ନଚେତ୍ ସିଏ କେବେହେଲେ ବଞ୍ଚି ରହିପାରନ୍ତା ନାହିଁ ।

*ହଁ, ମାତ୍ର ମୋ'ର ମନେହେଉଛି ଯେ, ପରିପୂର୍ଣ୍ଣତାପ୍ରାପ୍ତିର ଯେକୌଣସି ଅବସ୍ଥା ମଧ୍ୟରେ ସବୁକିଛି ଅବଶ୍ୟ ଅନ୍ତର୍ଗତ ହୋଇ ରହିଥିବା ଉଚିତ; ଅର୍ଥାତ୍, ସେତେବେଳେ ଆମେ ସର୍ବୋଚ୍ଚ ସ୍ଥିତିରେ ଯାଇ ବାସ କରୁଥିବା ସତ, ମାତ୍ର ସେଥିଲାଗି ଏହି ଜଡ଼ସ୍ଥ ସ୍ଥିତିଟି ମଧ୍ୟ କଦାପି ଉନ୍ମୂଳିତ ହୋଇଯିବ ନାହିଁ ।*

ମାତ୍ର ତାହା ଜଡ଼ସ୍ଥ ସ୍ଥିତିକୁ ମୋଟେ ଉନ୍ମୂଳିତ କରିଦିଏ ନାହିଁ !

*ମାତ୍ର ଆପଣ ତଥାପି କହୁଛନ୍ତି ଯେ ଏହା ''ଅନେକ ଦୂରବର୍ତ୍ତୀ'' ହୋଇ ରହିଥାଏ, ଏକ ''ଆବରଣର ପଶ୍ଚାତରେ'' ରହିଥାଏ, ଏହା ଆପଣାର ସୁନିର୍ଦ୍ଦିଷ୍ଟତା ଏବଂ ସୁସ୍ପଷ୍ଟତାକୁ ହରାଇ ଦେଇଥାଏ ।*

ତାହା ହେଉଛି ସଂପୂର୍ଣ୍ଣ ଭାବରେ ଏହି ମନୁଷ୍ୟସ୍ତରର ଓ ଉପରିଭାଗୀୟ ଏକ ଅବବୋଧ । ମୁଁ ଆଦୌ ଅନୁଭବ କରୁ ନାହିଁ ଯେ ମୁଁ ପ୍ରକୃତରେ କିଛି ହରାଇଛି । ବରଂ ମୁଁ ଅନୁଭବ କରୁଛି ଯେ, ଆଗରୁ ମୁଁ ଯେଉଁ ସ୍ଥିତିରେ ରହିଥିଲି, ଏହା ହେଉଛି ତା'ଠାରୁ ଅନେକ ଅଧିକ ଉଚ୍ଚରେ ରହିଥିବା ଏକ ସ୍ଥିତି ।

*ଜଡ଼ଗତ ଦୃଷ୍ଟିକୋଣରୁ ମଧ୍ୟ ?*

ପରମ ପ୍ରଭୁ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ ସଂପନ୍ନ ହେଉଛି— ବାସ୍, ତାହାହିଁ ସବୁକିଛି । ତାହା ଆରମ୍ଭ, ତାହାହିଁ ଶେଷ ।

ଯଦି ସିଏ ମୋତେ କହନ୍ତେ... ଏହି ଶରୀର ଯାହା କରୁ ବୋଲି ସେ ଇଚ୍ଛା କରୁଛନ୍ତି, ଶରୀର ତାହା କରିପାରୁଛି । ତାହା ଆଉ କୌଣସି ଭୌତିକସ୍ତରୀୟ ବିଧାନ ଉପରେ ଆଦୌ ନିର୍ଭର କରୁ ନାହିଁ ।

> *ସିଏ ଯାହା ଦେଖିବାକୁ ଇଚ୍ଛା କରନ୍ତି, ତାହାହିଁ ଦେଖନ୍ତି; ଯାହା ଶୁଣିବାକୁ ଇଚ୍ଛା କରନ୍ତି, ତାହାହିଁ ଶୁଣୁଥା'ନ୍ତି ।*

ସେଥିରେ ଆଦୌ କୌଣସି ସଂଶୟ ନାହିଁ ।

> *ଏବଂ, ଯେତେବେଳେ ସିଏ ଏହି ଭୌତିକ ସ୍ତରରେ ମଧ୍ୟ କିଛି ଦେଖିବାକୁ ଓ ଶୁଣିବାକୁ ଇଚ୍ଛା କରନ୍ତି, ସେତେବେଳେ ମଧ୍ୟ ନିର୍ଭୁଲ ଭାବରେ ଦେଖିପାରନ୍ତି ଓ ଶୁଣିପାରନ୍ତି ।*

ହଁ, ଏକାବେଳେକେ ନିର୍ଭୁଲ ଭାବରେ । ଗୋଟିଏ ଗୋଟିଏ ମୁହୂର୍ତ୍ତରେ ଦୃଷ୍ଟି ଏପରି ଅଧିକ ପରିମାଣରେ ସୁସ୍ପଷ୍ଟ ହୋଇଯାଏ, ଯାହାକି ପୂର୍ବରୁ କେବେହେଲେ ସେପରି ହୋଇ ନ ଥିଲା । ମାତ୍ର ତାହା ଅଳ୍ପ ସମୟ ସକାଶେ ରହେ, ଆସେ ଓ ଚାଲିଯାଏ; ସମ୍ଭବତଃ ଏହି କାରଣରୁ ଏପରି ହୁଏ ଯେ, ଯାହା ପ୍ରକୃତରେ ଆସିବାର ଅଛି, ଏହା ତାହାର କେବଳ ଏକ ପ୍ରତିଶ୍ରୁତି ରୂପେ ଆସିଥାଏ । ମାତ୍ର, ଉଦାହରଣ ସ୍ୱରୂପ, ଲୋକମାନଙ୍କର ଅନ୍ତର୍ଗତ ସତ୍ୟ ବିଷୟରେ ଅବବୋଧ ଅର୍ଜନ କରିବା— ସେମାନେ ଯାହା ବୋଲି ଭାବୁଛନ୍ତି ତାହା ନୁହେଁ, ଅଥବା, ଯାହା ବୋଲି ଛଳନା କରୁଛନ୍ତି କିଂବା ଉପରକୁ ପ୍ରତୀତ ହେଉଛନ୍ତି ତାହା ନୁହେଁ : ସେହି ସବୁକିଛି ଅନ୍ତର୍ହିତ ହୋଇଯାଏ— ମାତ୍ର ସେମାନଙ୍କର ଅନ୍ତର୍ଗତ ସତ୍ୟଟିର ଅବବୋଧ ପୂର୍ବ ଅପେକ୍ଷା ଅନନ୍ତ ଗୁଣରେ ଅଧିକ ସୁସ୍ପଷ୍ଟ ହୋଇ ଦୃଷ୍ଟ ହୋଇଯାଏ । ଉଦାହରଣ ସ୍ୱରୂପ, ମୁଁ କୌଣସି ଫଟୋକୁ ଅନାଇ ଦେଖୁଥିବା ବେଳେ, ମୁଁ ସେତେବେଳେ ଆଦୌ କୌଣସି ବସ୍ତୁର ମାଧ୍ୟମରେ କିଛି ଦେଖୁ ନ ଥାଏ : ସେହି ବ୍ୟକ୍ତି **ପ୍ରକୃତରେ** ଯାହା, ମୁଁ କେବଳ ସେତିକି ଦେଖିପାରେ । ''ମାଧ୍ୟମ'' ଦେଇ ଦେଖିବାର ରୀତିଟି ଏପରି ଭାବରେ ହ୍ରାସ ହୋଇଯାଏ ଯେ, ବେଳେବେଳେ ତାହାର ଆଦୌ କୌଣସି ଅସ୍ତିତ୍ୱହିଁ ନ ଥାଏ ।

ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ଏକ ମନୁଷ୍ୟ-ଇଚ୍ଛା ଏହି ଶରୀର ଉପରେ କ୍ରିୟା କରିବାକୁ ଇଚ୍ଛା କରିବ, ଯଦି କୌଣସି ମନୁଷ୍ୟର ଇଚ୍ଛା ''ମାଆଙ୍କୁ ଏକଥା ଅବଶ୍ୟ କରିବାକୁ ହେବ, ମାଆଙ୍କୁ ସେକଥା କରିବାକୁ ହେବ ଅଥବା, ତାଙ୍କର ଏକଥା କରିପାରିବା ଉଚିତ, ସେକଥା କରିପାରିବା ଉଚିତ'' ବୋଲି କହିବ, ତେବେ ତାହାକୁ ସଂପୂର୍ଣ୍ଣ ଭାବରେ ନିରାଶ ହେବାକୁ ପଡ଼ିବ । ତା'ପରେ ତାହା ହୁଏତ କହିବ, ''ମାଆ ଆଉ କୌଣସି କାମକୁ ନୁହନ୍ତି'', କାରଣ ଶରୀର ତା' ଅନୁସାରେ ଆଦୌ ପରିଚାଳିତ ହେବ ନାହିଁ... ଏବଂ ମନୁଷ୍ୟମାନେ ସତତ ଆପଣାର ଇଚ୍ଛାକୁ ପରସ୍ପର ଉପରେ ନେଇ କାର୍ଯ୍ୟକାରୀ କରିବାରେ ଲାଗିଥା'ନ୍ତି, ଅଥବା, ଏପରି ହୁଏ ଯେ, ମନୁଷ୍ୟ ସ୍ୱୟଂ କୌଣସି ନା କୌଣସି ପ୍ରବର୍ତ୍ତନା ଲାଭ କରେ ଏବଂ ତାହାକୁହିଁ ନିଜର ଇଚ୍ଛା ବୋଲି ବ୍ୟକ୍ତ କରୁଥାଏ; ସେଗୁଡ଼ାକ ଯେ କେବଳ ମିଥ୍ୟା ବ୍ୟତୀତ ଆଉ କିଛି ନୁହେଁ, ସେହି କଥାଟିକୁ ସିଏ ଆଦୌ ଦେଖିପାରେ ନାହିଁ ।

(ମାଆ ନୀରବ ରହିଲେ)

ଶରୀର ମଧ୍ୟରେ ଏହିପରି ଏକ ପ୍ରକାରର ସୁନିଶ୍ଚୟତା ରହିଛି ଯେ, ଯଦି ମୁଁ କ୍ଷଣକ ଲାଗି ମଧ୍ୟ ସର୍ବୋଚ୍ଚ ପ୍ରଭୁଙ୍କର ସେହି ସଂସ୍ପର୍ଶ ଭିତରୁ ବିଚ୍ଛିନ୍ନ ହୋଇଯିବି– ଏଠାରେ ''ମୁଁ'' କହିଲେ ଶରୀରକୁହିଁ ବୁଝାଉଛି– ତେବେ ତାହା ତତ୍‌କ୍ଷଣାତ୍ ମୃତ୍ୟୁକୁ ବରଣ କରିବ । କେବଳ ସେହି ସର୍ବୋଚ୍ଚ ପରମ ସତ୍ତାହିଁ ତାହାକୁ ଜୀବନ୍ତ ରଖିଛନ୍ତି । ହଁ, ଠିକ୍ ସେହିପରି ହେଉଛି । ତେଣୁ, ଏକଥା ଭାରି ସହଜରେ ବୁଝିହେବ ଯେ, ମନୁଷ୍ୟମାନଙ୍କର ଅଜ୍ଞାନମୟ ଓ ନିର୍ବୋଧ ଚେତନା ସକାଶେ ଏହା ପ୍ରକୃତରେ ଏକ ଶୋଚନୀୟ ସ୍ଥିତି ବୋଲି ବୋଧ ହେବ– ମାତ୍ର ମୋ' ଲାଗି ଏହାହିଁ ହେଉଛି ଯଥାର୍ଥ ସ୍ଥିତି ! କାରଣ, ସେମାନଙ୍କ ଲାଗି, ପ୍ରାୟ ଏକ ସହଜାତ ପ୍ରବୃତ୍ତିଗତ ଓ ସ୍ୱତଃପ୍ରବୃତ୍ତ ଭାବରେ ଜୀବନର, ଏହି ସାଧାରଣ ଜୀବନର ଶକ୍ତିମତ୍ତାଟାହିଁ ପ୍ରାୟ ସଂପୂର୍ଣ୍ଣ ଭାବରେ ପରିପୂର୍ଣ୍ଣତା-ପ୍ରାପ୍ତିର ସଙ୍କେତ ହୋଇ ରହିଥାଏ । ମାତ୍ର, ମୋ କ୍ଷେତ୍ରରେ ବର୍ତ୍ତମାନ ତାହାର ଆଦୌ କୌଣସି ଅସ୍ତିତ୍ୱ ନାହିଁ– ତାହା ସଂପୂର୍ଣ୍ଣ ଭାବରେ ବିଦାୟ ହୋଇ ଯାଇଛି ।

ହଁ, ଏହି ଶରୀର ଅନେକ ବାର, ଏକାଧିକ ବାର, ଏହି ପ୍ରଶ୍ନଟିକୁ ପଚାରିଛି, ''ତୁମର ଶକ୍ତି ଓ ତୁମର ବଳକୁ ମୁଁ କାହିଁକି ନିଜ ଭିତରେ ଅନୁଭବ କରିପାରୁ ନାହିଁ ?'' ଏବଂ, କେବଳ ଏକ ଦରସ୍ମିତରେହିଁ ସର୍ବଦା ସେହି ପ୍ରଶ୍ନଟିର ଉତ୍ତର ମିଳିଛି– ଆମେ ତାହାକୁ ଶବ୍ଦ ଦେଇ ପ୍ରକାଶ କରିଥାଉ ସତ, ମାତ୍ର ତାହା ଯଥାର୍ଥରେ ଯାବତୀୟ ଶବ୍ଦର

ବାହାରେହିଁ ରହିଥାଏ– ସବୁବେଳେ ସେହି ଗୋଟିଏ ଉତ୍ତର ମିଳିଛି : ‘‘ଧୈର୍ଯ୍ୟ ରଖ, ଧୈର୍ଯ୍ୟ ଧର, କାରଣ, ତାହା ଘଟିବାକୁ ହେଲେ ତୋତେ ମଧ୍ୟ **ପ୍ରସ୍ତୁତ ହେବାକୁ** ପଡ଼ିବ ।’’

୪ ଓ ୯ ମାର୍ଚ୍ଚ, ୧୯୬୬

**୧୧୭. ‘‘ଏକଥା ଆଦୌ ସତ ନୁହେଁ ଯେ, ମୁଁ ପୂର୍ବରୁ ନ ଥିଲି ବା ତୁମେ ପୂର୍ବରୁ ନ ଥିଲ ବା ଏହି ରାଜାମାନେ ପୂର୍ବରୁ ନ ଥିଲେ । ଆମେ ଯେ ଏହାପରେ ମଧ୍ୟ ନ ରହିବୁ, ସେକଥା ବି ଆଦୌ ସତ ନୁହେଁ ।’’ କେବଳ ବ୍ରହ୍ମ ଯେ ଏକମାତ୍ର ଶାଶ୍ୱତ ସତ୍ତା, ତା’ ନୁହେଁ; ମାତ୍ର, ବ୍ରହ୍ମରେ ଅବସ୍ଥିତ ରହିଥିବା ସମସ୍ତ ସତ୍ତା ଓ ସମସ୍ତ ବସ୍ତୁ ମଧ୍ୟ ଗୋଟିଏ ଗୋଟିଏ ଶାଶ୍ୱତ ସତ୍ତା; ସେମାନଙ୍କର ସର୍ଜନା ଓ ବିନାଶନ ହେଉଛି ଆମର ବାହ୍ୟ ଚେତନା ସହିତ ଲାଗି ରହିଥିବା ଏକ ଲୁଚକାଳି ଖେଳ ।**

**୧୧୮. ନିର୍ଜନତା ପ୍ରତି ରହିଥିବା ଅନୁରାଗ ହେଉଛି ଜ୍ଞାନ ପ୍ରତି ରହିଥିବା ଆମର ପ୍ରବଣତାର ଏକ ସଙ୍କେତ; ମାତ୍ର, ଯେତେବେଳେ ଆମେ ଜନଗହଳି ଭିତରେ, ଯୁଦ୍ଧକ୍ଷେତ୍ରରେ ଏବଂ ହାଟ ବଜାରରେ ମଧ୍ୟ ଏକ ସୁସ୍ଥିର ନିର୍ଜନତାବୋଧ ହାସଲ କରିପାରୁ, କେବଳ ସେତିକିବେଳେ ଯାଇ ଅସଲ ଜ୍ଞାନର ପ୍ରାପ୍ତି ହୋଇଥାଏ ।**

**୧୧୯. ବୃହତ୍ ବୃହତ୍ କର୍ମର ସାଧନ କଲାବେଳେ ଏବଂ ବିଶାଳ ପରିଣାମମାନ ଲାଭ କଲାବେଳେ ତୁମେ ଯଦି ପ୍ରକୃତରେ ଆଦୌ କିଛି କରୁ ନାହଁ ବୋଲି ତୁମର ତଥାପି ଏକ ଅବବୋଧ ହୁଏ, ତେବେ ଜାଣିରଖ ଯେ ପରମେଶ୍ୱର ତୁମର ଚକ୍ଷୁର ସମ୍ମୁଖରୁ ତାଙ୍କର ଆବରଣଟିକୁ ଅପସାରଣ କରାଇ ନେଇଛନ୍ତି ।**

**୧୨୦. କୌଣସି ଗିରିଶିଖର ଉପରେ ଏକାକୀ, ସ୍ଥିର ଏବଂ ନିର୍ବାକ୍ ହୋଇ ବସିଥିବା ସମୟରେ ତୁମେ ଯଦି ତୁମ ଦ୍ୱାରା ପରିଚାଳିତ ବିପ୍ଳବଟି ପ୍ରତ୍ୟକ୍ଷ କରିପାରୁଛ, ତେବେ କୁହାଯିବ ଯେ ତୁମେ ଦିବ୍ୟ ଦୃଷ୍ଟିର**

**ଅବଶ୍ୟ ଉପଲବ୍ଧି କରିଛ ଏବଂ ଯାବତୀୟ ପ୍ରତିଭାସରୁ ଆପଣାକୁ ମୁକ୍ତ କରି ଆଣିଛ ।**

**୧୨୧. ନୈଷ୍କର୍ମ୍ୟ ପ୍ରତି ଅନୁରାଗ ଏକ ନିର୍ବୋଧତା, ନୈଷ୍କର୍ମ୍ୟକୁ ଘୃଣା କରିବା ମଧ୍ୟ ଏକ ନିର୍ବୋଧତା; ନୈଷ୍କର୍ମ୍ୟ ବୋଲି ପ୍ରକୃତରେ ଆଦୌ କିଛି ନାହିଁ । ଯେଉଁ ପ୍ରସ୍ତରଖଣ୍ଡଟି ବାଲି ଉପରେ ଅଚଳ ହୋଇ ପଡ଼ିରହିଛି ଓ ଯାହାକୁ ଏକ ଅଳସ ମୁହୂର୍ତ୍ତରେ ଗୋଇଠା ମାରି ଦୂରକୁ ଫିଙ୍ଗି ଦିଆଯାଇ ପାରୁଛି, ସେଇଟି ମଧ୍ୟ ଗୋଲାର୍ଦ୍ଧ ଗୁଡ଼ିକ ଉପରେ ଆପଣାର ପ୍ରଭାବ ପକାଇ ଆସିଛି ।**

ବିଗତ ଅଳ୍ପ କେତେ ଦିନ ହେଲା, କାଲି ଅଥବା ତା'ର ପୂର୍ବ ଦିନ ମୋ'ର ଠିକ୍ ଏହି ଅନୁଭବଟି ହୋଇଛି । ମୁଁ ଅନୁଭବ କରିପାରୁଛି ଯେ ଏକ ଅପ୍ରତିରୋଧ ପରମଶକ୍ତି ଏହି ସବୁକିଛିର ଶାସନ କରୁଛି । ଏହି ପୃଥିବୀର ଶାସନ କରୁଛି, ଯାବତୀୟ ବସ୍ତୁ, ବ୍ୟକ୍ତି ଓ ସବୁକିଛି ଉପରେ ଶାସନ ବିସ୍ତାର କରି ରହିଛି । ସେଥିଲାଗି ତାକୁ ସ୍ଥୂଳ ସ୍ତରରୁ ଆଦୌ ଏଠୁ ସେଠାକୁ ଏତେଟିକିଏ ଘୁଞ୍ଚିବାକୁ ବି ପଡୁ ନାହିଁ । ଏବଂ, ସ୍ଥୂଳ ସ୍ତରରେ ଏହି ଯେଉଁସବୁ ପ୍ରବଳ ଓ ଅଜସ୍ର କ୍ରିୟାତ୍ମକତା ଲାଗିରହିଛି, ତାହାକୁ ଆମେ ଖର ବେଗରେ ବହି ଯାଉଥିବା ଜଳରାଶିର ଉପରିଭାଗରେ ଜାତ ହେଉଥିବା ଫେଣ ସହିତହିଁ ତୁଳନା କରିପାରିବା । ସେହି ଉପରିଭାଗର ଫେଣ ସହିତ ସମତୁଲ କରି ଦେଖିପାରିବା । ଆମେ ଅନୁଭବ କରିବା ଯେ, ସେହି ପରମଶକ୍ତିହିଁ ନିମ୍ନ ଭାଗରେ ଏକ ସର୍ବଶକ୍ତିଶାଳୀ ଜଳପ୍ରବାହ ପରି ଧାବମାନ ହେବାରେ ଲାଗିଛି ।

ବାସ୍, ଆଉ ଅଧିକ କିଛିହେଲେ କହିବାର ନାହିଁ ।

ଆମକୁ ବାରବାର ସେହି ଗୋଟିଏ କଥା ପାଖକୁହିଁ ଫେରି ଆସିବାକୁ ପଡ଼ିବ : ଜାଣିବାରେ କିଛି କ୍ଷତି ନାହିଁ, କହିବା ଅବଶ୍ୟ ଏକ ଭଲ କଥା, କରିବା ସଂପୂର୍ଣ୍ଣ ଭାବରେ ଏକ ଅତ୍ୟନ୍ତ ଭଲ କଥା,– ମାତ୍ର, **ହେବା** ହେଉଛି ଏକମାତ୍ର ବସ୍ତୁ, ଯାହାରକି ପ୍ରକୃତରେ କୌଣସି ଯଥାର୍ଥ ଶକ୍ତି ରହିଛି ।

ତୁମେ ଦେଖୁଥିବ, ଲୋକମାନେ କେଡ଼େ ଅସ୍ଥିର ହୋଇ ପଡ଼ନ୍ତି, କାରଣ ସେମାନଙ୍କ ଆଖିରେ ସବୁକିଛି ଯଥେଷ୍ଟ ତ୍ୱରା ସହିତ ଗତି କରୁଥିବା ପରି ଦେଖା ଯାଉ ନ ଥାଏ; ତେଣୁ, ଉପରେ ଲାଗି ରହିଥିବା ଏହି ଯାବତୀୟ ବିକ୍ଷୋଭ ଏବଂ ବିକ୍ଷୁବ୍ଧତା

ସତ୍ତ୍ୱେ ନିମ୍ନରେ ଅବସ୍ଥିତ ରହିଥିବା ସେହି ସର୍ବଶକ୍ତିଶାଳୀ ଓ ଅପ୍ରତିରୋଧ ଦିବ୍ୟ ସୃଷ୍ଟିର ନିର୍ମୀୟମାନ ରଚନା ବିଷୟରେ ମୁଁ ଏକ ଦର୍ଶନ ଲାଭ କରିଥିଲି ।

*ମାତ୍ର ଆପଣାକୁ ବ୍ୟକ୍ତ କରି ଆଣିବାକୁ ହେଲେ ଶକ୍ତିର ଏହି ବିପୁଳ ସ୍ରୋତ ଲାଗି କେତେକ ନିମିତ୍ତର ଅବଶ୍ୟ ପ୍ରୟୋଜନ ରହିଛି, ନୁହେଁ କି ?*

ହଁ, ଏକ ମସ୍ତିଷ୍କର ।

*ମାତ୍ର, ଯଥାର୍ଥ ଭାବରେ କହିବାକୁ ଗଲେ, କେବଳ ଏକ ମସ୍ତିଷ୍କ ବ୍ୟତୀତ ଆଉ ଅଧିକ କିଛିର ମଧ୍ୟ ପ୍ରୟୋଜନ ରହିଛି । ଅତୀତରେ ଯେପରି ହୋଇଛି, ଏହି ବୃହତ୍ ଶକ୍ତି ଆପଣାକୁ ଏକ ମାନସିକ ଅଥବା ଅଧିମାନସିକ ଧାରାରେ ବ୍ୟକ୍ତ କରି ଆଣିପାରିବ; ଶକ୍ତିର ମଧ୍ୟଦେଇ ତାହା ନିଜକୁ ଏକ ପ୍ରାଣିକ ରୀତିରେ ମଧ୍ୟ ବ୍ୟକ୍ତ କରି ପାରିବ; ମାଂସପେଶୀର ମାଧ୍ୟମରେ ମଧ୍ୟ ବ୍ୟକ୍ତ କରି ପାରିବ; ମାତ୍ର, ତାହା କିପରି ଶୁଦ୍ଧ ଏବଂ ପ୍ରତ୍ୟକ୍ଷ ଭାବରେ ଏହି ଭୌତିକ ଭୂମିରେ ମଧ୍ୟ ବ୍ୟକ୍ତ କରି ପାରିବ ?— ଆପଣ ଅନେକ ସମୟରେ ''ଭୌତିକ ଶକ୍ତି'' ବିଷୟରେ କହୁଛନ୍ତି ବୋଲି ମୁଁ ଏପରି ପଚାରୁଛି । ଊର୍ଦ୍ଧ୍ୱର ସେହି ପରମ କ୍ରିୟା ଏବଂ ଏଠାରେ ସମ୍ପନ୍ନ ହେଉଥିବା ସେହି ଯଥାର୍ଥ ପରମକ୍ରିୟା,— ଦୁହିଁଙ୍କ ମଧ୍ୟରେ ପ୍ରକୃତରେ କି ପାର୍ଥକ୍ୟ ରହିଛି ?*

ମୁଁ ଯେତେଥର ସେହି ମହାନ୍ ଶକ୍ତି ବିଷୟରେ ସଚେତନ ହୋଇଛି, ମୋ'ର ସେତେଥର ସେହି ଗୋଟିଏ ପ୍ରକାରର ଅନୁଭୂତିହିଁ ହୋଇଛି । ଊର୍ଦ୍ଧ୍ୱରୁ ଆସୁଥିବା ପରମ ଇଚ୍ଛାଶକ୍ତି ଏପରି ଏକ ସ୍ପନ୍ଦନରେ ପରିଣତ ହୋଇ ଯାଇଛି, ଯାହାକି ଆପଣା ସହିତ କେତେକ ପରିମାଣରେ ଏକ ପ୍ରାଣିକ ଶକ୍ତିକୁ ବହନ କରି ରହିଥାଏ ସତ, ମାତ୍ର ତାହା ପ୍ରକୃତରେ ଏକ ସୂକ୍ଷ୍ମଭୌତିକ ଭୂମିରେ କାର୍ଯ୍ୟ କରୁଥାଏ । ସେତେବେଳେ ଏପରି ଏକ ନିର୍ଦ୍ଦିଷ୍ଟ ପ୍ରକାରର ସ୍ପନ୍ଦନ ଅନୁଭୂତ ହୁଏ, ଯାହାକୁ ବର୍ଣ୍ଣନା କରି କହିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ, ମାତ୍ର ଯାହା ଏକ ଘନୀଭୂତ କୌଣସି ବସ୍ତୁର ଧାରଣା ଆଣି ଦେଉଥାଏ, ଯାହା ଆଦୌ ଖଣ୍ଡଖଣ୍ଡରେ ବିଭକ୍ତ ହୋଇ ରହି ନ ଥାଏ; ଯାହା ବାୟୁ ଅପେକ୍ଷା ଅଧିକ ଘନୀଭୂତ ହୋଇ ରହିଥିବା ପରି ବୋଧ ହୁଏ ସତ, ମାତ୍ର ଯାହା ଅତ୍ୟନ୍ତ ପରିମାଣରେ ସଜାତୀୟ ହୋଇ ରହିଥାଏ,— ତାହା ଏକ ସ୍ୱର୍ଣ୍ଣାଭ ଆଲୋକରେ ଉଜ୍ଜ୍ୱଳ ହୋଇ ରହିଥାଏ,

ସେଥିରେ ଏକ ପ୍ରଭୂତ ପରିମାଣର ପରିଚାଳିକା-ଶକ୍ତି ରହିଥାଏ ଏବଂ ତାହା ଏକ ନିର୍ଦ୍ଦିଷ୍ଟ ପ୍ରକାରର ଇଚ୍ଛାକୁ ବ୍ୟକ୍ତ କରୁଥାଏ,– ତାହାକୁ ମନୁଷ୍ୟମାନଙ୍କର ଇଚ୍ଛାଶକ୍ତିର ଠିକ୍ ସମସ୍ୱଭାବୀ ବୋଲି କୁହାଯିବ ନାହିଁ,– ଯାହାମଧ୍ୟରେ କି ଭାବନା ଅପେକ୍ଷା ଦୃଷ୍ଟିରହିଁ ଅଧିକ ସ୍ୱଭାବଗତ ସାମର୍ଥ୍ୟ ରହିଥାଏ; ତାହା ଏପରି ଏକ ଦୃଷ୍ଟି ସଦୃଶ ହୋଇ ରହିଥାଏ ଯାହାକି ଉପଲବ୍ଧ ହେବା ଲାଗି ଆପଣାକୁ ଆଣି ପ୍ରତିଷ୍ଠିତ କରି ରଖୁଥାଏ– ତାହା ଆପଣାର ଭୂମିରେ ଜଡ଼ଭୌତିକର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ, ମାତ୍ର, କେବଳ ଅନ୍ତଃଚକ୍ଷୁ ବ୍ୟତୀତ ଆଉ ସବୁକିଛିକୁ ଅଦୃଶ୍ୟ ହୋଇ ରହିଥାଏ । ଏବଂ ସେହି ସ୍ପନ୍ଦନ ବ୍ୟକ୍ତି, ବସ୍ତୁ ଏବଂ ପରିସ୍ଥିତିଗୁଡ଼ିକ ଉପରେ ଏକ ଚାପ ପକାଉଥାଏ, ଆପଣାର ଦୃଷ୍ଟି ଅନୁସାରେ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକାରରେ ତିଆରି କରିବା ଲାଗି ଚେଷ୍ଟା କରୁଥାଏ । ଏବଂ, ତାହା ଅପ୍ରତିରୋଧ ହୋଇ ରହିଥାଏ । ଏପରିକି, ଯେଉଁ ବ୍ୟକ୍ତିମାନେ ତାହାର ଠିକ୍ ବିପରୀତ ଭାବୁଥା'ନ୍ତି ଓ ବିପରୀତଗୁଡ଼ାକୁହିଁ ଇଚ୍ଛା କରୁଥା'ନ୍ତି, ସେମାନେ ଇଚ୍ଛା ନ କରୁଥିଲେ ମଧ୍ୟ ସେମାନଙ୍କଠାରୁ ଯାହା ଇଚ୍ଛା କରା ଯାଉଥାଏ, ତାହାହିଁ କରନ୍ତି; ଏପରିକି, ଯେଉଁ ବସ୍ତୁଗୁଡ଼ିକ ସେମାନଙ୍କର ସ୍ୱଭାବର ବିରୋଧୀ ହୋଇ ରହିଥାଏ, ସେମାନେ ସେଗୁଡ଼ିକୁ ମଧ୍ୟ ସମ୍ପନ୍ନ କରନ୍ତି ।

ଜାତୀୟ ସ୍ତରରେ ଘଟୁଥିବା ଘଟଣାଗୁଡ଼ିକର କ୍ଷେତ୍ରରେ, ଜାତିଜାତି ମଧ୍ୟରେ ରହିଥିବା ସମ୍ବନ୍ଧ ଏବଂ ବିଶ୍ୱ-ପରିସ୍ଥିତିର କ୍ଷେତ୍ରରେ ଏହା ଠିକ୍ ସେହିପରି ଭାବରେ କାର୍ଯ୍ୟ କରୁଥାଏ, ଏକ ଅମିତବଳ ଶକ୍ତି ପରି ସତତ ଠିକ୍ ସେହିପରି କାର୍ଯ୍ୟ କରୁଥାଏ । ତେଣୁ, ଦିବ୍ୟ ପରମ ଇଚ୍ଛା ସହିତ ସମ୍ମିଳିତ ହୋଇ ରହିଥିବାର ସ୍ଥିତିରେ ଯଦି ଜଣେ ବ୍ୟକ୍ତି ଯଥାର୍ଥରେ ଆତ୍ମସ୍ଥ ହୋଇ ରହିଥାଏ, ଯଦି ତା'ର ଭାବନା, ଧାରଣା ବା ବିଚାର ଏହି କ୍ଷେତ୍ରରେ ଆଦୌ କୌଣସି ହସ୍ତକ୍ଷେପ କରୁ ନ ଥାଏ, ତେବେ ସିଏ ନିଶ୍ଚୟ ତାହାର ଅନୁସରଣ କରିପାରେ; ସିଏ ଯଥାର୍ଥ ଦର୍ଶନ ଏବଂ ଜ୍ଞାନର ସମର୍ଥ ହୁଏ ।*

ପ୍ରତ୍ୟେକ ଚେତନାରେ ଏବଂ ମହାଭୂତ ମଧ୍ୟରେ ରହିଥିବା ଜାଡ୍ୟଗୁଣଟିର ତରଫରୁ ଯେଉଁ ସବୁ ପ୍ରତିରୋଧ ହେଉଥାଏ, ତା'ର ଅର୍ଥ ହେଉଛି, ଏହି ମହାନ୍ କ୍ରିୟାଟି

---

* ଭାରି ଆଗ୍ରହୋଦ୍ଦୀପକ କଥା ଯେ, ଏହି କଥୋପକଥନର ଅବ୍ୟବହିତ ପୂର୍ବରୁ, ମାଆଙ୍କୁ ଏହିପରି ପ୍ରଶ୍ନଟିଏ ମିଳିଥିଲା : ''ଭିଏତ୍‌ନାମ୍‌ରେ ଆମେରିକାର ଉପସ୍ଥିତି ଓ ହସ୍ତକ୍ଷେପକୁ ଉଚିତ ବୋଲି କୁହାଯିବ କି ?'' ମାଆ ଉତ୍ତର ଦେଇଥିଲେ, ''ତୁମେ କେଉଁ ଦୃଷ୍ଟିକୋଣରୁ ମୋତେ ଏହି ପ୍ରଶ୍ନଟିକୁ ପଚାରୁଛ ?

''ଯଦି ରାଜନୀତିର ଦୃଷ୍ଟିକୋଣରୁ ପଚାରୁଥାଅ– ରାଜନୀତି ତ ମିଥ୍ୟା ଭିତରେ

ପ୍ରତ୍ୟକ୍ଷ ଏବଂ ସଂପୂର୍ଣ୍ଣଭାବରେ ସମଞ୍ଜସତାଯୁକ୍ତ ହେବା ପରିବର୍ତ୍ତେ ହୋଇଯାଇଛି ଗୋଳମାଳିଆ ତଥା ବିରୋଧ, ସଂଘର୍ଷ ଓ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ; ଯାବତୀୟ ବସ୍ତୁ ଆପଣାକୁ ''ସ୍ୱାଭାବିକ'' ଭାବରେ ଅର୍ଥାତ୍ ନିର୍ବିଘ୍ନ ଭାବରେ ସମାହିତ କରିନେବା ପରିବର୍ତ୍ତେ,— ପ୍ରକୃତରେ ଯେପରି ହେବା ଉଚିତ,— ପ୍ରତିରୋଧ ଏବଂ ବିରୁଦ୍ଧାଚରଣ କରୁଥିବା ସେହିସବୁ ଜଡ଼ତା ଏହି କ୍ଷେତ୍ରରେ ଗତିସ୍ପନ୍ଦନ ଗୁଡ଼ିକରେ ଏକ ଜଟିଳତା ଆଣିଦେଉଛି, ଯାହା ଫଳରେ କି ବସ୍ତୁଗୁଡ଼ିକ ପରସ୍ପର ସହିତ ଆସି ଧକ୍କା ଖାଇବାରେ ଲାଗୁଛନ୍ତି । ତଦ୍ୱାରା କେବଳ ବିଶୃଙ୍ଖଳା ଓ ବିଧ୍ୱଂସହିଁ ପରିଣାମ ହୁଏ । କେବଳ ସେହି ପ୍ରତିରୋଧ ସକାଶେହିଁ ଏହିସବୁ ଆବଶ୍ୟକ ହୋଇଥାଏ; ମାତ୍ର ସେଗୁଡ଼ିକ ପ୍ରକୃତରେ **ଅପରିହାର୍ଯ୍ୟ** ହୋଇ ରହିଥିଲେ ବୋଲି କଦାପି **କୁହା ଯିବ ନାହିଁ** । ଏସବୁ ବେଶ୍ ଘଟି ପାରି ନ ଥା'ନ୍ତା— ଯଥାର୍ଥରେ କହିଲେ, ଏସବୁ ଘଟିବା ଆଦୌ ଉଚିତ ନ ଥିଲା— କାରଣ ଏହି ପରମ ଇଚ୍ଛା ଓ ପରମଶକ୍ତି ହେଉଛି ଏକ ପରିପୂର୍ଣ୍ଣ ସମଞ୍ଜସତାର ଶକ୍ତି, ଯେଉଁଥିରେ କି ପ୍ରତ୍ୟେକ ବସ୍ତୁ ନିଜନିଜର ଯଥାର୍ଥ ସ୍ଥାନରେ ଅବସ୍ଥିତ ରହିଥା'ନ୍ତି ଏବଂ ତାହା ସେହି ବସ୍ତୁଗୁଡ଼ିକୁ ଅତ୍ୟନ୍ତ ଚମତ୍କାର ଭାବରେ ସୁସଂଗଠିତ କରି ରଖିପାରେ । ସଂପୂର୍ଣ୍ଣ ଭାବରେ ଏକ ସନ୍ଦୀପ୍ତ ତଥା ପରିପୂର୍ଣ୍ଣ ସଂଗଠନ ରୂପେହିଁ ତାହାର ଆବିର୍ଭାବ ଘଟିଥାଏ; ଆମର ଯଥାର୍ଥ ଦୃଷ୍ଟି ଥିଲେ ତାହା ଆମ ଲାଗି ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଯାଏ । ମାତ୍ର, ସେହି ଶକ୍ତି ଯେତେବେଳେ ନିମ୍ନକୁ ଆସେ ଏବଂ ଜଡ଼ ଉପରେ ଚାପ ଦିଏ, ସେତେବେଳେ ସବୁକିଛି ଉତ୍ତେଜିତ ହୋଇପଡ଼େ ଏବଂ ପ୍ରତିରୋଧ କରିବାକୁ ଆରମ୍ଭ କରେ । ତେଣୁ, ଏହିସବୁ ବିଶୃଙ୍ଖଳା, ବିଭ୍ରାନ୍ତି ଓ ବିଧ୍ୱଂସକୁ ସେହି ଦିବ୍ୟ ପରମକ୍ରିୟା ଓ ପରମଶକ୍ତି ଉପରେ ନେଇ ଆରୋପ କରିବାର କୌଣସି ଚେଷ୍ଟା କରିବା,— ତାହା ମଧ୍ୟ ଆଉଏକ ମନୁଷ୍ୟସ୍ତରୀୟ ନିର୍ବୋଧତାର ନିଦର୍ଶନ ହୋଇ ରହିଥାଏ । କେବଳ ସେହି ଜଡ଼ତା— ଏଠାରେ ଅସଦିଚ୍ଛାର ଆଦୌ କୌଣସି ଉଲ୍ଲେଖ କରା ଯାଉ ନାହିଁ— ଯାବତୀୟ ବିପର୍ଯ୍ୟୟର **କାରଣ ହୋଇଥାଏ** । ବିପର୍ଯ୍ୟୟଟି ଅଭିପ୍ରେତ ହୋଇ ରହିଥିଲା ବୋଲି କଦାପି କୁହା

---

ବୁଡ଼ିକରି ରହିଛି ଏବଂ ମୋ'ର ତା' ବିଷୟରେ କିଛି କରିବାର କିଂବା କହିବାର ନାହିଁ ।

''ଯଦି ନୈତିକ ଦୃଷ୍ଟିକୋଣରୁ ପଚାରୁଥାଅ,— ସାଧାରଣ ଜଗତର ମନୁଷ୍ୟମାନେ ଯଥାର୍ଥ ସତ୍ୟର ସମ୍ମୁଖରୁ ଆପଣାକୁ ବଞ୍ଚାଇ ରଖିବାକୁ ନୈତିକତାକୁ ଏକ ଢାଲପରି ବ୍ୟବହାର କରିଥା'ନ୍ତି ।

''ଯଦି ତୁମର ପ୍ରଶ୍ନଟି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ପଚରା ହୋଇଥାଏ,— ତେବେ ମୁଁ କହିବି ଯେ, କେବଳ ଦିବ୍ୟ ପରମ ଇଚ୍ଛାରହିଁ ଯାହାକିଛି ଔଚିତ୍ୟ ରହିଛି ଏବଂ ଲୋକେ ଆପଣାର କୃତ କର୍ମଗୁଡ଼ିକ ଦ୍ୱାରା ସେହି ଇଚ୍ଛାକୁ ବିଡ଼ମ୍ବିତ ଏବଂ ବିକୃତ କରିଦେବାରେ ଲାଗିଥାନ୍ତି ।''

ଯିବ ନାହିଁ, ଏପରିକି ତାହାର କୌଣସି ପୂର୍ବାନୁମାନ ମଧ୍ୟ ହୋଇ ନ ଥିଲା । ପ୍ରତିରୋଧଟିହିଁ **କାରଣ ହୋଇ** ତାହାକୁ ଘଟାଇଲା ।

ଏବଂ ତା'ପରେ, ଏହି କ୍ଷେତ୍ରରେ ସେହି ପରମ କରୁଣାର କ୍ରିୟାଗତ ଦୃଷ୍ଟିଟି ମଧ୍ୟ ଯୁକ୍ତ ହୋଇ ରହିଥାଏ, ଯାହାକି ଯଥାସମ୍ଭବ ସେହି ପରିଣାମଗୁଡ଼ିକୁ ହାଲୁକା କରିଦେବାକୁ ଆସିଥାଏ; ଅର୍ଥାତ୍, ଯେଉଁଠାରେ ସେଥିଲାଗି ଏକ ସ୍ୱୀକୃତି ରହିଥାଏ, ତାହା ସେଠାରେ ତାହାକୁ ହାଲୁକା କରିଦିଏ । ଏବଂ, ଅଭୀପ୍ସା, ଅଟଳ ବିଶ୍ୱାସ, ଏହି ପାର୍ଥିବ ମାନବୋପାଦାନ ମଧ୍ୟରେ ରହିଥିବା ଆସ୍ଥାର ଯେଉଁ ସମଞ୍ଜସକାରିଣୀ ଶକ୍ତି ରହିଥାଏ, ଏହିଥିରୁହିଁ ଆମକୁ ତାହାର ଏକ ବ୍ୟାଖ୍ୟା ମିଳିଯାଇ ପାରିବ, କାରଣ ସେହିଗୁଡ଼ିକହିଁ ପରମକରୁଣାର ଆବିର୍ଭାବ ଲାଗି ଓ ଏହି ଅନ୍ଧ ପ୍ରତିରୋଧର ପରିଣାମଗୁଡ଼ିକୁ ପୁନର୍ବାର ସୁଧାରି ଆଣିବା ଲାଗି ବାଟ ଛାଡ଼ିଦେଇଥାନ୍ତି ।

ଏହି ଦୃଷ୍ଟିରେ ଆଦୌ କୌଣସି ଅସ୍ପଷ୍ଟତା ନାହିଁ,– ଏହା ଅତ୍ୟନ୍ତ, ଅତ୍ୟନ୍ତ, ଅତ୍ୟନ୍ତ ସ୍ପଷ୍ଟ,– ଏହାର ଯାବତୀୟ ଟିକିନିଖିର କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ।

ଯଦି ଜଣେ ସେହିପରି ଇଚ୍ଛା କରୁଥାଏ, ତେବେ ସିଏ ଯାହାସବୁ ଦେଖିଛି, ତାହାରି ଆଧାର ଉପରେ ବେଶ୍ ଭବିଷ୍ୟତବାଣୀମାନ ମଧ୍ୟ କରିପାରିବ । ମାତ୍ର, ଏହି କ୍ଷେତ୍ରରେ ଏକପ୍ରକାରର ବୃହତ୍ତର- କରୁଣା ମଧ୍ୟ ରହିଛି, ଯାହାକି ଏହି ଭବିଷ୍ୟତବାଣୀକୁ ଅଟକାଇ ରଖିଥାଏ, କାରଣ ପରମସତ୍ୟର ବାଣୀରେ ପ୍ରକଟ କରିବାର ଏକ ଶକ୍ତି ରହିଥାଏ ଏବଂ, ପ୍ରତିରୋଧର ପରିଣାମଟିକୁ ବାକ୍ୟରେ ପ୍ରକାଶ କରିଦେଲେ ତଦ୍ୱାରା ସେହି ସ୍ଥିତିଟିକୁ ଏକ ମୂର୍ତ୍ତରୂପ ପ୍ରଦାନ କରି ଦିଆଯାଏ ଏବଂ ଫଳରେ ପରମକରୁଣାର ଶକ୍ତି ହ୍ରାସ ହୋଇଯାଏ । ସେହି କାରଣରୁହିଁ, ପରିଷ୍କାର ଭାବରେ ଦେଖା ଯାଉଥିଲେ ମଧ୍ୟ ତଥାପି କହିହୁଏ ନାହିଁ, **କହିବା କଦାପି ଉଚିତ ହୁଏ ନାହିଁ ।**

ମାତ୍ର ଶ୍ରୀଅରବିନ୍ଦଙ୍କର କହିବାର ଅର୍ଥହେଲା ଏହି, ପରମଶକ୍ତି ଓ ପରମ ସାମର୍ଥ୍ୟହିଁ ସବୁକିଛି କରେ– ତାହାହିଁ ସବୁକିଛି କରେ । ଯେତେବେଳେ କୌଣସି ବ୍ୟକ୍ତି ତାହାକୁ ପ୍ରତ୍ୟକ୍ଷ କରିପାରେ ବା ତାହା ସହିତ ଏକାତ୍ମକତା ଅର୍ଜନ କରିଥାଏ, ସେତେବେଳେ ସେ ଯୁଗପତ୍ ଭାବରେ ଅବଗତ ମଧ୍ୟ ହୋଇପାରେ, ସିଏ ଅବଶ୍ୟ ଜାଣେ ଯେ ଏକମାତ୍ର ସେହି **ପରମ ତତ୍**ହିଁ କାର୍ଯ୍ୟ କରୁଛନ୍ତି ଓ ସର୍ଜନା କରୁଛନ୍ତି; ଏବଂ, ଯେଉଁ ଭୂମି, ଯେଉଁ ଜଗତ, ଯେଉଁ ଉପାଦାନ ବା ସାମଗ୍ରୀ ମଧ୍ୟରେ ସିଏ କାର୍ଯ୍ୟ କରୁଛନ୍ତି, ଆଉ ସବୁକିଛି କେବଳ ତାହାରି ପରିଣାମ ସ୍ୱରୂପ ସମ୍ଭବ ହୋଇ ପାରୁଛି,– ତାହା ସେହି ପ୍ରତିରୋଧ ଫଳରେ ସମ୍ଭବ ହେଉଛି, ମାତ୍ର ତାହାକୁ ଆମେ ଯଥାର୍ଥ କ୍ରିୟାଟି ବୋଲି ଆଦୌ କହିବା ନାହିଁ । ଏବଂ, ସେହି **ପରମ ତତ୍**ଙ୍କ ସହିତ ସଂଯୁକ୍ତ ହେବାର ଅର୍ଥ ହେଉଛି, ସେହି

ଯଥାର୍ଥ କ୍ରିୟାଟି ସହିତ ମଧ୍ୟ ସଂଯୁକ୍ତ ହେବା; ନିମ୍ନସ୍ଥ ଯାବତୀୟ ବସ୍ତୁ ସହିତ ସଂଯୁକ୍ତ ହେବାର ଅର୍ଥ ହେଉଛି ପ୍ରତିରୋଧଟି ସହିତ ସଂଯୁକ୍ତ ହେବା ।

ଏବଂ, ଏହିପରି ଭାବରେ, ଏହା କେତେ ପ୍ରକାରେ ଭାଙ୍ଗ ଭାଙ୍ଗି ଗତି କରୁଥିବାରୁ, ଡିଆଁ ମାରୁଥିବାରୁ ଓ ସେପାଖରୁ ଏପାଖକୁ ବୁଲି ପଡୁଥିବାରୁ, ଇଚ୍ଛା କରୁଥିବାରୁ, ଚିନ୍ତା କରୁଥିବାରୁ ଏବଂ କେତେ ପ୍ରକାରର ଯୋଜନା କରୁଥିବାରୁ... ଏହା ବେଶ୍ କଳ୍ପନା କରିବାରେ ଲାଗିଥାଏ ଯେ, ଏହା ନିଶ୍ଚୟ କିଛି ନା କିଛି କରୁଛି– ହଁ, ପ୍ରତିରୋଧ କରୁଛି ।

ପରେ, ତାହାର କିଞ୍ଚିତ୍ ପରେ, ମୁଁ ଅତି ସାନସାନ ବିଷୟ ଲାଗି ମଧ୍ୟ ଦୃଷ୍ଟାନ୍ତମାନ ଦେଇପାରିବି; ସେହି ପରମଶକ୍ତି କିପରି କାର୍ଯ୍ୟ କରୁଥାଏ, ସେଥିରେ କ'ଣ ଆସି ହସ୍ତକ୍ଷେପ କରେ ଓ କିପରି ବିମିଶ୍ରିତ ହୋଇଯାଏ ଅଥବା, ଏହି ପରମଶକ୍ତି ଦ୍ୱାରା ଚାଳିତ ହୋଇ ଏହାର ଗତିକୁ କିପରି ବିକୃତ କରିପକାଏ ଏବଂ ତାହାର ଫଳକୁ ଅର୍ଥାତ୍ ତାହାର ଭୌତିକ ବାହ୍ୟ ରୂପଟିକୁ ଆମେ ଯେପରି ଭାବରେ ଦେଖିଥାଉ, ସେହି ସବୁକିଛିକୁ ଦର୍ଶାଇଦେଇ ପାରିବି । ଏପରିକି ଏକ ଅତ୍ୟନ୍ତ ସାନ କଥାର ଦୃଷ୍ଟାନ୍ତ, ଯାହାର କି ପୃଥିବୀ ଲାଗି କୌଣସି ମହତ୍ତ୍ୱ ନାହିଁ,– ଏହି ଜଗଦ୍‌ଭୂମିରେ ପ୍ରତ୍ୟେକ କଥା ଯେପରି ଭାବରେ ଘଟୁଛି ଏବଂ ବିକୃତ ହୋଇଯାଉଛି, ସେଥିରୁ ତାହାର ଏକ ସ୍ପଷ୍ଟ ଧାରଣା ମିଳିଯାଇ ପାରିବ ।

ଏବଂ ଏକଥା ସର୍ବତ୍ର, ସର୍ବତ୍ର, ସବୁ କ୍ଷେତ୍ରରେ, ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ପାରିବ । ଏବଂ, ତେଣୁ ଯେତେବେଳେ କେହି କୋଷଗୁଡ଼ିକର କ୍ଷେତ୍ରରେ ଯୋଗରତ ହୋଇ ରହିଥାଏ, ସେତେବେଳେ ସିଏ ଠିକ୍ ସେହି କଥାଟିକୁହିଁ ଦେଖେ : କେବଳ ସେହି ପରମ ସାମର୍ଥ୍ୟହିଁ ଯାବତୀୟ କ୍ରିୟା କରୁଛି ଏବଂ ତା'ପରେ *(ମାଆ ହସିଲେ)* ଶରୀର ମଧ୍ୟ ଏହି କ୍ରିୟାକୁ ନେଇ କ'ଣ କରେ, ସେକଥା ମଧ୍ୟ ଦେଖିବାକୁ ପାଏ !...

(ମାଆ ନୀରବ ରହିଲେ)

ତାର ଅବ୍ୟବହିତ ପରେହିଁ କିପରି ଓ କାହିଁକିର ମଧ୍ୟ ଉତ୍ତର ମିଳିଯାଏ । ମାତ୍ର ସେଇଟି ହେଉଛି ମାନସିକ କୌତୂହଳ-ଭୂମିର ଏକ ବ୍ୟାପାର; କାରଣ, ପ୍ରତିରୋଧକୁ ବନ୍ଦ କରିବାହିଁ ସେତେବେଳେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହୋଇ ରହିଥାଏ । ପ୍ରତିରୋଧକୁ ବନ୍ଦକରିବା, ଯେପରିକି, ଏହି ବିଶ୍ୱଜଗତର ପ୍ରକୃତରେ ଯାହା ହେବା ଉଚିତ, ତାହା ଠିକ୍ ସେହିପରି ହୋଇପାରିବ,– ଏହାହିଁ ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇ

ରହିଥାଏ : ଅର୍ଥାତ୍, ଏକ ସୌଷମ୍ୟଯୁକ୍ତ, ସନ୍ଦୀପିତ ଓ ଅଦ୍‌ଭୁତ ଶକ୍ତିମତ୍ତା ଏବଂ ଏକ ପଟାନ୍ତର ନ ଥିବା ସୌନ୍ଦର୍ଯ୍ୟ ଆପଣାକୁ ଅଭିବ୍ୟକ୍ତ କରି ଆଣିବ । ତା'ପରେ, ଯେତେବେଳେ ପ୍ରତିରୋଧ ବନ୍ଦ ହୋଇଯାଏ, ଯଦି କୌତୂହଳର ବଶବର୍ତ୍ତୀ ହୋଇ ଆମେ ତାହା କାହିଁକି ଘଟିଲା ବୋଲି ଜାଣିବାକୁ ଇଚ୍ଛା କରୁ... ତେବେ ତାହାର ଆଉ କୌଣସି ମହତ୍ତ୍ୱ ନ ଥିବ । ମାତ୍ର ବର୍ତ୍ତମାନ, କାରଣର ଅନୁସନ୍ଧାନ କରି କେହି କଦାପି ତାହାର ପ୍ରତିକାର ପାଇ ପାରିବ ନାହିଁ; କେବଳ ଉଚିତ ଦୃଷ୍ଟିକୋଣଟିକୁ ପୋଷଣ କରିପାରିଲେ ଯାଇ ପ୍ରତିକାର ସମ୍ଭବ ହେବ । କେବଳ ତାହାରହିଁ ଯାହାକିଛି ମହତ୍ତ୍ୱ ରହିଛି ।

ଅସଲ କଥା ହେଉଛି, ଏକ ସଂପୂର୍ଣ୍ଣ ସମର୍ପଣ ଦ୍ୱାରା, ଏବଂ, ଯଦି ସମ୍ଭବ ହୁଏ, ଆପଣାର ପ୍ରତ୍ୟେକ କୋଷରେ ଏକ ସମ୍ପୂର୍ଣ୍ଣ ଆତ୍ମନିବେଦନ ଦ୍ୱାରାହିଁ ସେହି ପ୍ରତିରୋଧକୁ ବନ୍ଦ କରିବାକୁ ହେବ ।

ସେଗୁଡ଼ିକ ଯେ କେବଳ ସେହି ପରମପ୍ରଭୁଙ୍କ ଦ୍ୱାରା, ପ୍ରରମପ୍ରଭୁଙ୍କ ନିମିତ୍ତ ଓ ପରମପ୍ରଭୁଙ୍କ ମଧ୍ୟରେ ଅବସ୍ଥାନ କରୁଛନ୍ତି, କୋଷମାନେ ସେତେବେଳେ ତଜ୍ଜନିତ ସେହି ପ୍ରଗାଢ଼ ଆନନ୍ଦକୁ ଅନୁଭବ କରିବାକୁ ଆରମ୍ଭ କରିବେ ।

ଯେତେବେଳେ ସର୍ବତ୍ର ଏହାର ପ୍ରତିଷ୍ଠା ହୋଇଯିବ, ସେତେବେଳେ ସବୁକିଛି ଶୁଭମୟ ହୋଇ ପାରିବ ।

*୬ ଜୁଲାଇ, ୧୯୬୬*

**୧୨୨. ଯଦି ନିଜର ମତକୁ ନେଇହିଁ ତୁମେ ନିର୍ବୋଧ ହୋଇ ନ ଥାଅ, ତେବେ ତୁମର ଭାବନାଟି କେଉଁ କାରଣରୁ ସତ୍ୟ, ତୁମେ ସର୍ବପ୍ରଥମେ ତାହାକୁ ପରୀକ୍ଷା କରି ଦେଖ; ତା'ପରେ, ତା'ର ବିପରୀତ ଓ ବିରୋଧକଥାଟି କେଉଁ କାରଣରୁ ସତ୍ୟ, ତୁମେ ସେହି କଥାଟିର ଅଧ୍ୟୟନ କର; ଏବଂ ସର୍ବଶେଷରେ, ତୁମେ ଏହିସବୁ ପାର୍ଥକ୍ୟର କାରଣଟିକୁ ଆବିଷ୍କାର କର ଏବଂ, ଭଗବାନଙ୍କ ସଂଗତିର ଚାବିକାଠିଟିକୁ ମଧ୍ୟ ଆବିଷ୍କାର କର ।**

**୧୨୩. କୌଣସି ମତ ସତ୍ୟ ନୁହେଁ ବା ମିଥ୍ୟା ନୁହେଁ, କିନ୍ତୁ ତାହା କେବଳ ଜୀବନ ଲାଗି ଉପଯୋଗୀ ହୋଇପାରେ ଅଥବା ଉପଯୋଗୀ ନ ହୋଇ ବି ପାରେ । କାରଣ, ତାହା ହେଉଛି କାଳର ଏକ ସର୍ଜନା ଏବଂ କାଳର ଅନୁକ୍ରମରେ ତାହା ନିଜର ପ୍ରଭାବ ଏବଂ ମୂଲ୍ୟକୁ**

**ହରାଇବସେ । ତୁମେ ସେହି ମତର ଊର୍ଦ୍ଧ୍ୱକୁ ଉଠିଯାଅ ଏବଂ ଚିରସ୍ଥାୟୀ ପ୍ରଜ୍ଞାର ଅନ୍ୱେଷଣ କର ।**

**୧୨୪. ତୁମେ ଜୀବନ ପାଇଁ ମତକୁ ବ୍ୟବହାର କର, ମାତ୍ର ତାହା ତୁମର ଆତ୍ମାକୁ ଶୃଙ୍ଖଳରେ ଆବଦ୍ଧ କରିବାକୁ ତାକୁ ସୁଯୋଗ ଦିଅନା ।**

(କିଛି ସମୟ ନୀରବ ରହିବା ପରେ)

ମତଗୁଡ଼ିକ କିପରି ଭାବରେ କାମରେ ଲାଗେ, ବର୍ତ୍ତମାନ ମୁଁ ଠିକ୍ ସେହି କଥା ଖୋଜି ବାହାର କରିବାକୁ ଚେଷ୍ଟା କରୁଥିଲି ।... ଶ୍ରୀଅରବିନ୍ଦ କହୁଛନ୍ତି ଯେ ସେଗୁଡ଼ିକ ''କାମରେ ଲାଗିପାରନ୍ତି'' ଅଥବା ''କାମରେ ଲାଗି ନ ପାରନ୍ତି''– ଏକ ମତ କିପରି ଭାବରେ ବ୍ୟବହାର୍ଯ୍ୟ ହୋଇ ପାରିବ ?

*କାର୍ଯ୍ୟତଃ, ସେମାନେ କିଛି ସମୟ ଲାଗି ସହାୟକ ହୁଅନ୍ତି ।*

ନାଇଁ, ଠିକ୍ ଏହି କଥାଟିହିଁ ମୋତେ ଭାରି ଦୁଃଖ ଦେଇଥାଏ । ଲୋକମାନେ ଆପଣା ଆପଣାର ମତ ଅନୁସାରେହିଁ କାର୍ଯ୍ୟ କରିଥା'ନ୍ତି ଓ ତାହାର ଆଦୌ କୌଣସି ମୂଲ୍ୟ ରହେ ନାହିଁ । ମୁଁ ସର୍ବଦା ଏପରି ଅନେକ ଲୋକଙ୍କ ପାଖରୁ ଚିଠି ପାଏ, ଯେଉଁମାନେ କି କୌଣସି ଏକ କାର୍ଯ୍ୟକୁ କରିବା ଲାଗି ଅଥବା ନ କରିବା ଲାଗି ଇଚ୍ଛା କରୁଥା'ନ୍ତି; ସେମାନେ ମୋତେ କହନ୍ତି : ''ଏଇଟା ହେଉଛି ମୋ'ର ମତ, ଏବଂ ଏହା ପ୍ରକୃତରେ ସତ; ମାତ୍ର ସେହି ଅନ୍ୟ ମତଟି ସତ ନୁହେଁ । ଏବଂ ସର୍ବଦା, ଶହେରେ ଅନେଶତରୁ ଅଧିକ କ୍ଷେତ୍ରରେ ତାହା ପ୍ରକୃତରେ ଭୁଲ ହୋଇ ରହିଥାଏ, ସେଥିରେ ଆଦୌ କୌଣସି ଅର୍ଥ ନ ଥାଏ ।

ଏକଥା ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଅନୁଭୂତ ହୋଇଥାଏ– ବସ୍ତୁତଃ ଏହା ସ୍ୱଷ୍ଟଭାବରେ ଦୃଷ୍ଟିଗୋଚର ହେଉଥାଏ– ଯେ ବିରୋଧୀ ଅନ୍ୟ ମତଟିର ମଧ୍ୟ ସମାନ ଭାବରେ ଏକା ମୂଲ୍ୟ ରହିଥାଏ; ଏହା ପ୍ରକୃତରେ କେବଳ ଦୃଷ୍ଟିକୋଣରହିଁ ଏକ ପ୍ରଶ୍ନ ହୋଇ ରହିଥାଏ, ସେଥିରେ ଆଉ ଅଧିକ ଆଦୌ କିଛି ନ ଥାଏ । ଏବଂ, ସ୍ୱଷ୍ଟତଃ, ଏହି କ୍ଷେତ୍ରରେ ଆମ ଅହଂର ଅଭିରୁଚିଗୁଡ଼ାକ ସର୍ବଦା ସଂଶ୍ଳିଷ୍ଟ ହୋଇ ରହିଥା'ନ୍ତି : ସେହି ପ୍ରକାରର ହେଲେ ତାହା ତୁମକୁ ଅଧିକ ଭଲ ଲାଗେ ଏବଂ ତେଣୁ, ତାହା ପ୍ରକୃତରେ ସେହିପରି ବୋଲି ତୁମେ ଏକ ଅନୁରୂପ ମତ ମଧ୍ୟ ପୋଷଣ କରୁଥାଅ ।

*ମାତ୍ର, ଉଚ୍ଚତର ଆଲୋକ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ମତଗୁଡ଼ିକରୁହିଁ ସାହାଯ୍ୟ ଗ୍ରହଣ କରିବା ଆବଶ୍ୟକ ହୋଇଥାଏ ।*

ଏକ ମତ ଅପେକ୍ଷା ଏହି କ୍ଷେତ୍ରରେ କିଞ୍ଚିତ୍ ଯଥାର୍ଥ ପ୍ରଜ୍ଞା ରହିଥିବା ଅଧିକ ଭଲ; ଅର୍ଥାତ୍, ତୁମେ ଯାବତୀୟ ସମ୍ଭାବନାକୁ ବିଚାର କରି ଦେଖି ପାରୁଥିବ, ପ୍ରଶ୍ନଟିର ଯାବତୀୟ ବିଭାବରୁ ତାହାର ମୀମାଂସା କରି ପାରୁଥିବ; ଏବଂ ତା'ପରେ ତୁମେ ଯଥାସମ୍ଭବ ଅଧିକ ଅହଂମୁକ୍ତ ହେବା ଲାଗି ଚେଷ୍ଟା କରିବ ଏବଂ ଦେଖିବ, ଉଦାହରଣ ସ୍ୱରୂପ, କୌଣସି ଏକ କାର୍ଯ୍ୟର ପ୍ରସଙ୍ଗକ୍ଷେତ୍ରରେ ଏହି କଥା ଦେଖିବ,— କେଉଁଟି ପ୍ରକୃତରେ ଅଧିକତମ ସଂଖ୍ୟାର ଲୋକଙ୍କ ଲାଗି ହିତକର ହେବ ବା ଅନ୍ତତଃ ସବୁଠାରୁ କମ୍ କ୍ଷତିକାରକ ହେବ, ସବୁଠାରୁ ଅଧିକ ପରିମାଣରେ ଗଠନାତ୍ମକ ହୋଇଥିବ । ସେକଥା ଯାହା ହୋଇଥାଉ ପଛକେ, ଆଧ୍ୟାତ୍ମିକ ବ୍ୟତୀତ ଏକ ଅନ୍ୟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ, ଏପରିକି କେବଳ ଏକ ପ୍ରୟୋଜନବାଦୀ ଏବଂ ସ୍ୱାର୍ଥରହିତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଆପଣାର ମତ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବା ଅପେକ୍ଷା କିଞ୍ଚିତ୍ ପ୍ରଜ୍ଞାକୁ କାର୍ଯ୍ୟରେ ଲଗାଇ ସେହି ଅନୁସାରେ କାର୍ଯ୍ୟ କରିବା ଅଧିକ ଭଲ ହେବ ।

*ମାତ୍ର, ଯେତେବେଳେ ଆଦୌ କୌଣସି ଆଲୋକର ନିର୍ଦ୍ଦେଶନା ମିଳୁ ନ ଥିବ, ସେତେବେଳେ ନିଜର ମତ ବା ନିଜର ଅହଂକୁ ସଂଶ୍ଳିଷ୍ଟ କରି ନ ପକାଇ କାର୍ଯ୍ୟ କରିବାର ଯଥାର୍ଥ ମାର୍ଗଟି ପୁଣି କ'ଣ ହେବ ?*

ମୁଁ ଭାବୁଛି, ତୁମେ ସେତେବେଳେ ଉପସ୍ଥିତ ସମସ୍ୟାଟିର ଯାବତୀୟ ବିଭାବ ବିଷୟରେ ବିଚାର କରିବ, ଯଥାସମ୍ଭବ ଅଧିକ ଆସକ୍ତିମୁକ୍ତ ଭାବରେ ଆପଣାର ଚେତନା ଆଗରେ ସେଗୁଡ଼ିକୁ ପ୍ରସାରିତ କରିଦେଇ ଧରି ରଖିବ ଏବଂ, ସେଗୁଡ଼ିକ ମଧ୍ୟରୁ କେଉଁଟି ସର୍ବୋତ୍ତମ, ସେଇଟିକୁ ବାହାର କରିବ,— ଯଦି ତାହା ସମ୍ଭବ ହୁଏ, ତେବେ ସେହିପରି କରିବ, ନଚେତ୍— କେଉଁଟି ସବୁଠାରୁ କମ୍ କ୍ଷତିକାରକ, ସେକଥା ଦେଖିବାକୁ ଚେଷ୍ଟା କରିବ; ଯଦି ସେହି କ୍ଷେତ୍ରରେ ଅପ୍ରୀତିକର ପରିଣାମମାନ ଘଟିବାର ଆଶଙ୍କା ରହିଥାଏ, ତେବେ ସେହିପରି କରିବ ।

*ମୁଁ ପଚାରିବାକୁ ଚାହୁଁଥିଲି : ଏହି କ୍ଷେତ୍ରରେ ସର୍ବୋତ୍ତମ ଦୃଷ୍ଟିକୋଣଟି*

*ପ୍ରକୃତରେ କ'ଣ ? ହସ୍ତକ୍ଷେପ କରିବାର ଦୃଷ୍ଟିକୋଣ ଓ କୌଣସି ହସ୍ତକ୍ଷେପ ନ କରିବାର ଏକ ଅନ୍ୟ ଦୃଷ୍ଟିକୋଣ,— ଦୁଇଟି ମଧ୍ୟରୁ ଅଧିକ ଭଲ କେଉଁଟି ?*

ହଁ, ମୁଁ ଠିକ୍ ସେହି କଥା କହୁଥିଲି; ହସ୍ତକ୍ଷେପ କରିବାକୁ ହେଲେ ତୁମକୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ତୁମେ ପ୍ରକୃତରେ ଠିକ୍ କଥାଟିର ପ୍ରତିନିଧିତ୍ୱ କରୁଛ; ତୁମକୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ବସ୍ତୁଗୁଡ଼ିକୁ ତୁମେ ଯେଉଁ ଦୃଷ୍ଟିରେ ଦେଖୁଛ, ତାହାହିଁ ସମୁଚିତ ଏବଂ ଅଧିକ ପ୍ରଶସ୍ତ ଦୃଷ୍ଟି, ଅନ୍ୟ ବ୍ୟକ୍ତିଟି କିଂବା ଅନ୍ୟ ବ୍ୟକ୍ତିମାନଙ୍କର ଦୃଷ୍ଟି ଅପେକ୍ଷା ତୁମର ଦୃଷ୍ଟି ଅଧିକ ଗ୍ରହଣୀୟ ଓ ଅଧିକ ଯଥାର୍ଥ । ମାତ୍ର, କୌଣସି ହସ୍ତକ୍ଷେପ ନ କରିବାହିଁ ସର୍ବଦା ଅଧିକ ପ୍ରଜ୍ଞାର ପରିଚୟ ଦେଇଥାଏ— ଆଦୌ କୌଣସି କାରଣ ବା ଔଚିତ୍ୟ ନ ଥାଇ ଲୋକମାନେ ହସ୍ତକ୍ଷେପ କରିବାକୁ ଓ ସଂଶ୍ଳିଷ୍ଟ ହେବାକୁ ବାହାରି ପଡ଼ନ୍ତି; ଅନ୍ୟମାନଙ୍କ ଆଗରେ ନିଜ ମତଟାକୁ ନେଇ ଥୋଇଦେବାରେ ଅଭ୍ୟସ୍ତ ରହିଥିବାରୁହିଁ ସେମାନେ ସଚରାଚର ସେହିପରି କରିଥାନ୍ତି ।

ଏପରିକି, ତୁମର ଯଥାର୍ଥ ବସ୍ତୁଟିକୁ ଦେଖିବାର ସାମର୍ଥ୍ୟ ରହିଥିଲେ ମଧ୍ୟ, କୌଣସି ପ୍ରକାର **ଅତ୍ୟନ୍ତ କ୍ୱଚିତ୍** ହସ୍ତକ୍ଷେପ କରିବାକୁ ଏକ **ବୁଦ୍ଧିମାନର କାର୍ଯ୍ୟ** ବୋଲି କୁହାଯାଇ ପାରିବ । ଯେତେବେଳେ ଜଣେ ବ୍ୟକ୍ତି ଏପରି କିଛି କରିବାକୁ ଯାଉଥାଏ, ଯାହାଦ୍ୱାରା କି ଅବଶ୍ୟମ୍ଭାବୀ ଭାବରେ ଏକ ବିପର୍ଯ୍ୟୟ ଘଟିବାର ଆଶଙ୍କା ରହିଛି, କେବଳ ସେହି କ୍ଷେତ୍ରରେହିଁ କୌଣସି ହସ୍ତକ୍ଷେପ କରିବା ଅପରିହାର୍ଯ୍ୟ ହେବ । ଏପରିକି, ସେତେବେଳେ ମଧ୍ୟ, ହସ୍ତକ୍ଷେପ କରିବା ଦ୍ୱାରା (ମାଆ ଈଷତ୍ ହସି କହିଲେ) ଆଦୌ ସବୁବେଳେ ଖୁବ୍‌ବେଶୀ କାର୍ଯ୍ୟସାଧନ ହୁଏ ନାହିଁ ।

ତୁମ ପାଖରେହିଁ ଯଥାର୍ଥ ସତ୍ୟର ଦୃଷ୍ଟିଟି ରହିଛି, ଯେତେବେଳେ ତୁମେ ଏହି ବିଷୟରେ ଏକାନ୍ତ ସୁନିଶ୍ଚିତ ହୋଇ ରହିଥିବ, ବସ୍ତୁତଃ କେବଳ ସେତିକିବେଳେ ଯାଇ କୌଣସି ହସ୍ତକ୍ଷେପକୁ ସୁନିଶ୍ଚିତ ବୋଲି କୁହାଯିବ । କେବଳ ସେତିକି ନୁହେଁ, ପରିଣାମ-ଗୁଡ଼ିକ ସମ୍ବନ୍ଧରେ ମଧ୍ୟ ତୁମର ଏକ ସୁସ୍ପଷ୍ଟ ଦୃଷ୍ଟି ରହିଥିବ । ଅନ୍ୟ କୌଣସି ବ୍ୟକ୍ତିର କାର୍ଯ୍ୟଗୁଡ଼ିକରେ ଯାଇ ହସ୍ତକ୍ଷେପ କରିବାକୁ ହେଲେ ତୁମକୁ ଜଣେ ଭବିଷ୍ୟଦ୍ରଷ୍ଟା ହେବାକୁ ପଡ଼ିବ— ହଁ, ଜଣେ ଭବିଷ୍ୟଜ୍ଞାତାହିଁ ହେବାକୁ ପଡ଼ିବ । ଏବଂ, ଏପରି ଜଣେ ଭବିଷ୍ୟଦ୍ରଷ୍ଟା, ଯାହାଭିତରେ କି ଶୁଭେଚ୍ଛା ଓ ସହାନୁଭୂତି ପୂର୍ଣ୍ଣ ହୋଇ ରହିଥିବ । ସଂପୃକ୍ତ ଅନ୍ୟ ବ୍ୟକ୍ତିର ଜୀବନରେ ତୁମର ହସ୍ତକ୍ଷେପ ଦ୍ୱାରା ଯେଉଁ ପରିଣାମଗୁଡ଼ିକ ଘଟିବ, ସେହି ବିଷୟରେ ମଧ୍ୟ ତୁମର ସ୍ପଷ୍ଟ ଦୃଷ୍ଟି ରହିଥିବ । ଲୋକମାନେ ଅନୁକ୍ଷଣ ପରସ୍ପରକୁ ଏହିପରି

ଉପଦେଶମାନ ଦେବାରେ ଲାଗିଥା'ନ୍ତି : ''ଏଇଟା କର, ଏଇଟା ମୋଟେ କର ନାହିଁ ।'' ମୁଁ ବେଶ୍ ସେକଥା ଦେଖି ପାରୁଥାଏ : ସେମାନେ ଯେ ତଦ୍ଦ୍ୱାରା ପ୍ରକୃତରେ କେତେ ବିଭ୍ରାନ୍ତି ସୃଷ୍ଟି କରନ୍ତି, ସେ ବିଷୟରେ ସେମାନଙ୍କର ଆଦୌ କୌଣସି ଧାରଣା ନ ଥାଏ; ସେମାନେ ଯେ ବିଶୃଙ୍ଖଳା ଓ ବିଭ୍ରାନ୍ତିକୁ ବଢ଼ାଇବାରେ କେତେ ସାହାଯ୍ୟ କରନ୍ତି, ସେକଥା ଆଦୌ ବୁଝି ପାରୁ ନ ଥା'ନ୍ତି । ଏବଂ ଅନେକ ସମୟରେ ସେମାନେ ଜଣେ ବ୍ୟକ୍ତିର ସାଧାରଣ ବିକାଶଟିକୁ ମଧ୍ୟ ବିପର୍ଯ୍ୟସ୍ତ କରି ପକାନ୍ତି ।

ମୁଁ ଏହି ମତଗୁଡ଼ିକ ସର୍ବଦା ଅତ୍ୟନ୍ତ ବିପଜ୍ଜନକ ବୋଲି ବିଚାର କରିଥାଏ; ଏବଂ ଅଧିକାଂଶ ସମୟରେ ସେଗୁଡ଼ିକରେ ଆଦୌ କୌଣସି ମୂଲ୍ୟ ନ ଥାଏ ।

ଅନ୍ୟ ବ୍ୟକ୍ତିମାନଙ୍କ ଅପେକ୍ଷା ପ୍ରଥମତଃ ତୁମର ଅତ୍ୟନ୍ତ ଅଧିକ ପ୍ରଜ୍ଞାଶକ୍ତି ନ ଥିଲେ, ସେମାନଙ୍କର କୌଣସି ଘଟଣାରେ ତୁମର ଆଦୌ କୌଣସି ପ୍ରକାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଅବଶ୍ୟ ଏକଥା ସତ ଯେ ଅନ୍ୟମାନଙ୍କଠାରୁ ନିଜେ ଅଧିକ ପ୍ରଜ୍ଞାସଂପନ୍ନ ବୋଲି ଲୋକେ ନିରନ୍ତର ବିଚାର କରିବାରେ ଲାଗିଥା'ନ୍ତି ! ମାତ୍ର ଏଠାରେ ବାସ୍ତବ ଓ ନିରପେକ୍ଷ ଭାବରେ ଏକଥା ମୁଁ କହୁଛି, ଏବଂ ତୁମର ନିଜ ମତ ଅନୁସାରେ ଆଦୌ କିଛି କହୁ ନାହିଁ– ଯେପର୍ଯ୍ୟନ୍ତ ତୁମେ ନିଜେ ଅଧିକ ଆଗକୁ ଓ ଭଲ ଭାବରେ ଦେଖି ନ ପାରୁଛ ଏବଂ ନିଜେ ଯାବତୀୟ ଅତ୍ୟାଗ୍ରହ, ବାସନା ତଥା ଅହେତୁକ ପ୍ରତିକ୍ରିୟାର ଊର୍ଦ୍ଧ୍ୱରେ ରହି ନ ପାରିଛ, ସେପର୍ଯ୍ୟନ୍ତ ଅନ୍ୟମାନଙ୍କ ବିଷୟରେ ତୁମର ମତ ଠିକ୍ ବୋଲି କୁହାଯାଇ ପାରିବ ନାହିଁ । ଆଉ କାହା ଜୀବନରେ କୌଣସି ହସ୍ତକ୍ଷେପ କରିବାର ଅଧିକାର ଅର୍ଜନ କରିବାକୁ ହେଲେ ତୁମ ନିଜକୁହିଁ ଏହି ଯାବତୀୟ ବସ୍ତୁର ଊର୍ଦ୍ଧ୍ୱରେ ରହିବାକୁ ପଡ଼ିବ– ଏପରିକି, ସେହି ଅନ୍ୟ ବ୍ୟକ୍ତିଟି ଯେତେବେଳେ ତୁମେ ହସ୍ତକ୍ଷେପ କର ବୋଲି ନିଜେ ଇଚ୍ଛା କରୁଛି, ସେତେବେଳେ ମଧ୍ୟ ତୁମେ ଏହିପରି ହେବ । ଏବଂ, ଯେତେବେଳେ ସିଏ ତୁମକୁ ହସ୍ତକ୍ଷେପ କରିବା ଲାଗି କହୁ ନାହିଁ, ସେତେବେଳେ ତୁମର ହସ୍ତକ୍ଷେପ କରିବାକୁ  ସିଧା ଅନଧିକାର ଚର୍ଚ୍ଚା ବୋଲି କୁହାଯିବ ।

(ମାଆ ଦୀର୍ଘକାଳ ମନମଗ୍ନ ହୋଇ ରହିଲେ, ଏବଂ ତା'ପରେ କହିଲେ)

ବର୍ତ୍ତମାନ ମୁଁ ଗୋଟିଏ ବିଚିତ୍ର ରୂପ ଦେଖିବାକୁ ପାଇଲି ! ତାହା କୌଣସି ଏକ ଅତ୍ୟନ୍ତ ତିଖ ପର୍ବତର ଢାଲୁ ପରି ଦେଖା ଯାଉଥିଲା ଏବଂ ସେଥିରେ– ତାହା ମଣିଷର ପ୍ରତୀକଟିଏ ପରି ଦିଶୁଥିଲା, କେହି ଜଣେ ଆରୋହଣ କରୁଥିଲା । ଗୋଟିଏ ସତ୍ତା... ପ୍ରକୃତରେ ଅତି ବିଚିତ୍ର କଥା, ଏହି ଦୃଶ୍ୟଟିକୁ ମୁଁ ଏକାଧିକ ବାର ଦେଖିଛି : ସେହି ସତ୍ତାମାନେ କୌଣସି ବସ୍ତ୍ର ପରିଧାନ କରି ନାହାନ୍ତି, ମାତ୍ର ତଥାପି ଆଦୌ ଉଲଗ୍ନ ଦିଶୁ

ନାହାନ୍ତି ! ଅର୍ଥାତ୍, ଗୋଟିଏ ପ୍ରକାରର ଏକ ଆଲୋକପରିଧାନ ସେମାନଙ୍କୁ ବେଷ୍ଟନ କରି ରହିଛି । ମାତ୍ର ତାହା ଉଜ୍ଜ୍ୱଳତା ପ୍ରଦାନ କରୁଥିବା ଆଲୋକ ବା ସେହିପରି ଆଉ କିଛି ପରି ଆଦୌ ଦେଖା ଯାଉ ନାହିଁ । ଏହା ଏକ ବାୟୁମଣ୍ଡଳ ପରି ବେଷ୍ଟନ କରି ରହିଛି, ବା ସତେଅବା ଏକ ପ୍ରଭାମଣ୍ଡଳ ପରି ରହିଛି— ସେହି ପ୍ରଭାମଣ୍ଡଳଟି ଦୃଶ୍ୟମାନ ଅବସ୍ଥାରେ ରହିଛି । ଏବଂ ସେହି ପାରଦର୍ଶକତା ଆକାରଟିକୁ ମୋଟେ ଘୋଡ଼ାଇ ପକାଉ ନାହିଁ ଏବଂ ଯୁଗପତ୍ ଭାବରେ ଆକାରଟି ମଧ୍ୟ ଆଦୌ ଉଲଗ୍ନ ହୋଇଥିଲା ପରି ଦେଖାଯାଉ ନାହିଁ ।... ଏବଂ ତା'ପରେ ଆକାଶଦେଶରୁ— ଊର୍ଦ୍ଧ୍ୱରୁ ନିମ୍ନଦେଶ ପର୍ଯ୍ୟନ୍ତ ଏକ ପରିବ୍ୟାପ୍ତ ଆକାଶ କାୟାବିସ୍ତାର କରି ରହିଥିଲା— ସତେଯେପରି ଏକ ଚିତ୍ରପଟ ପରି ଦିଶୁଥିଲା,— ଏକ ଅତ୍ୟନ୍ତ ଆଲୋକମୟ, ସନ୍ଦୀପିତ ଏବଂ ଅତ୍ୟନ୍ତ ପରିଚ୍ଛନ୍ନ ଆକାଶ— ଅଗଣିତ, ହଁ, ଅଗଣିତ ଶହଶହ ପକ୍ଷୀ ସଦୃଶ ବସ୍ତୁମାନ ସେହି ବ୍ୟକ୍ତିଟି ଆଡ଼କୁ ଉଡ଼ି ଆସୁଥିବା ପରି ମନେ ହେଉଥିଲେ ଏବଂ ସିଏ ସେମାନଙ୍କୁ ନିଜ ଆଡ଼କୁ ଆସିବା ଲାଗି ସଙ୍କେତ କରିବାରେ ଲାଗିଥିଲା । ଛବିଟି ପ୍ରଧାନତଃ ଝାପ୍‌ସା ନୀଳ ଓ ଶୁଭ୍ର ରଙ୍ଗର ଦିଶୁଥିଲା; ମଝିରେ ମଝିରେ ଡେଣାର ଆଗ ବା ମସ୍ତକର ଆଗ ପରି ଟିକିଏ ଅଧିକ ଘନ ହୋଇ କ'ଣସବୁ ଦିଶି ଯାଉଥିଲା, ମାତ୍ର ତାହା କେବଳ ବେଳେବେଳେହିଁ ଘଟୁଥିଲା । ଏବଂ, ସେହି ଚଢ଼େଇମାନେ ଶହଶହ ସଂଖ୍ୟାରେ ଆସି ପହଞ୍ଚି ଯାଉଥିଲେ ଏବଂ ସିଏ ଇଙ୍ଗିତ କରି ସେମାନଙ୍କୁ ଏକତ୍ର ଆବାହନ କରିବାରେ ଲାଗିଥିଲା । ତା'ପରେ ସିଏ ସେମାନଙ୍କୁ ନିମ୍ନସ୍ଥ ପୃଥିବୀ ଆଡ଼କୁ ପ୍ରେରଣ କରିଦେଲା— ସେ ଏକ ତିଖ ଶିଖରର ଢାଲୁ ଉପରେ ଠିଆ ହୋଇଥିଲା— ସିଏ ସେହି ପକ୍ଷୀମାନଙ୍କୁ ନିମ୍ନରେ ଥିବା ଉପତ୍ୟକା ଆଡ଼କୁ ପ୍ରେରଣ କରିଦେବାକୁ ଲାଗିଲା । ଏବଂ ସେଠାରେ ସେମାନେ... *(ମାଆ ହସିଲେ)* ସେମାନେ ଗୋଟିଏ ଗୋଟିଏ ମତର ରୂପ ଧାରଣ କଲେ । ସେମାନେ ଗୋଟିଏ ଗୋଟିଏ ମତରେ ପରିଣତ ହେଲେ ! କେହି କୃଷ୍ଣବର୍ଣ୍ଣ ହୋଇ ରହିଲେ, କେହି ଧୂସର ହେଲେ, ବାଦାମୀ ରଙ୍ଗର ହେଲେ, ନୀଳ ବି ହେଲେ...

ସେମାନେ ପୃଥିବୀ ଆଡ଼କୁ ଉଡ଼ି ଆସୁଥିବା ଚଢ଼େଇମାନଙ୍କ ପରି ଦେଖା ଯାଉଥିଲେ,— ହଁ, ସେହିପରି ଦେଖା ଯାଉଥିଲେ । ମାତ୍ର ମୁଁ କେବଳ ଏକ ଚିତ୍ରରେ ସେହିପରି ଦେଖିଲି— ତଥାପି ତାହା କେବଳ ଚିତ୍ରଟିଏ ହୋଇ ଆଦୌ ନ ଥିଲା କାରଣ, ତାହା ଗତିଶୀଳ ହୋଇ ରହିଥିଲା । ଏହା ଦେଖିବାକୁ ଭାରି ମଜା ଲାଗୁଥିଲା ।

ଏବଂ ଲୋକଟି କହିଲା : ''ଦେଖ, ମତମାନେ ଠିକ୍ ଏହିପରି ଭାବରେ ତିଆରି ହୁଅନ୍ତି''... ସେମାନେ ଆକାଶରୁ, ଏକ ବିସ୍ତୃତ ଆକାଶରୁ ଆସିଥିଲେ— ଏକ ବିସ୍ତୃତ, ଆଲୋକମୟ ଏବଂ ପରିଷ୍କାର ଆକାଶରୁ ଏଠାକୁ ଆସିଥିଲେ, ସେତେବେଳେ ନୀଳ ନ ଥିଲେ କି ଧଳା ନ ଥିଲେ କି ଲାଲ୍ ବି ନ ଥିଲେ— କେବଳ ଆଲୋକମୟ ହୋଇ

ରହିଥିଲେ; ଏବଂ ତାହା ଏହି ଆକାଶରୁ... ମୁଁ ଯେପରି କହୁଥିଲି, ସେମାନେ ଶହଶହ ସଂଖ୍ୟାରେ ଆସିଥିଲେ,– ମାତ୍ର ପ୍ରକୃତରେ ସହସ୍ରସଂଖ୍ୟାରେ ଆସିଥିଲେ; ଏବଂ ଲୋକଟି ସେହିଠାରେ ଠିଆ ହୋଇଥିଲା, ସେମାନଙ୍କୁ ସ୍ୱାଗତ ଜଣାଉଥିଲା ଏବଂ ତା'ପରେ ସ୍ୱହସ୍ତ ଇଙ୍ଗିତ ଦ୍ୱାରା ସେମାନଙ୍କୁ ନିମ୍ନସ୍ଥ ପୃଥିବୀ ଆଡ଼କୁ ପ୍ରେରଣ କରିଦେଲା, ଏବଂ... ସେମାନେ ଗୋଟିଏ ଗୋଟିଏ ମତରେ ପରିଣତ ହେଲେ ! ମୁଁ ଭାବୁଛି, ଏକଥା ଦେଖି ମୁଁ ହସିବାକୁ ଆରମ୍ଭ କଲି, ମୋତେ ବଡ଼ କୌତୁକ ଲାଗିଲା ।

ଭାରି ବିଚିତ୍ର କଥା ।

ପକ୍ଷୀମାନେ ତଳକୁ, ତଳ ଆଡ଼କୁ ଉଡ଼ିଯିବାରେ ଲାଗିଥିଲେ । ତଳଟା ଆଦୌ ଦୃଷ୍ଟିଗୋଚର ହେଉ ନ ଥିଲା– ସେମାନେ ତଳ ଆଡ଼କୁ ଉଡ଼ିଯିବାରେ ଲାଗିଥିଲେ ।

ତେବେ, ହୁଏତ ଏପରି ବି ହୋଇପାରେ ଯେ, ମତଗୁଡ଼ିକ ଆଲୋକର ଏକ ଆକାଶରୁ ଉଦ୍‌ଭୂତ ହୋଇ ଆସିଥା'ନ୍ତି ! *(ମାଆ ହସିଲେ)*

ପ୍ରକୃତ କଥା ହେଉଛି, ଶବ୍ଦଗୁଡ଼ିକ ଅପେକ୍ଷା ଏହି ପ୍ରତିରୂପଗୁଡ଼ିକରହିଁ ଅଭିବ୍ୟଞ୍ଜନାର ଅଧିକତର ସାମର୍ଥ୍ୟ ରହିଥାଏ ।

୧୪ ସେପ୍ଟେମ୍ବର, ୧୯୬୬

# ଜ୍ଞାନ

## ଟିପ୍ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ
## (୧୯୬୯–୧୯୭୦)

**୧୨୫. ପ୍ରତ୍ୟେକ ନିୟମ, ତାହା ଯେତେ ଅଧିକ ପରିମାଣରେ ଆଲିଙ୍ଗନକାରୀ ଅଥବା ଉତ୍ପୀଡ଼କ ହୋଇଥାଉ ପଛକେ, ତାହାକୁ କୌଣସି ନା କୌଣସି ସ୍ଥାନରେ ଏପରି ଏକ ସଂପୂର୍ଣ୍ଣ ବିରୋଧୀ ନିୟମର ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯାହାଦ୍ୱାରା କି ତା'ର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୋଇପାରେ, ପରିବର୍ତ୍ତିତ ହୋଇପାରେ, ରଦ୍ଦ ହୋଇ ଯାଇପାରେ ଅଥବା ବ୍ୟର୍ଥ ବି ଯାଇପାରେ ।**

**୧୨୬. ସବୁଠାରୁ ଅଧିକ ଦୃଢ଼ ଭାବରେ ଲାଗୁ କରା ଯାଇଥିବା ପ୍ରାକୃତିକ ନିୟମ ହେଉଛି କେବଳ ଏକ ଧରାବନ୍ଧା ପଦ୍ଧତି ଯାହାକୁ କି ପ୍ରକୃତିର ପରମ ଅଧୀଶ୍ୱର ତିଆରି କରିଛନ୍ତି ଏବଂ ସତତ କାର୍ଯ୍ୟରେ ଲଗାଇଚାଲିଛନ୍ତି; ପରମ ଆତ୍ମା ତାହାକୁ ତିଆରି କରିଛନ୍ତି ଓ ପରମ ଆତ୍ମାହିଁ ତାହାକୁ ଅତିକ୍ରମ କରିଯାଇ ପାରିବେ; ମାତ୍ର ଆମକୁ ସର୍ବପ୍ରଥମେ ଆମ କାରାଗାରର ଦ୍ୱାରଗୁଡ଼ିକୁ ଖୋଲିଦେବାକୁ ହେବ ଏବଂ ଆପଣାର ଜୀବନକୁ ପ୍ରକୃତି ଅପେକ୍ଷା ସେହି ପରମ ଆତ୍ମା ମଧ୍ୟରେହିଁ ଅଧିକ ପରିମାଣରେ ବଞ୍ଚିଶିଖିବାକୁ ପଡ଼ିବ ।**

ଏପରି କୌଣସି ପ୍ରାକୃତିକ ନିୟମ ନାହିଁ, ଯାହାକୁ କି ଅତିକ୍ରମ କରି ଓ ପରିବର୍ତ୍ତିତ କରିଦେଇ ନ ହେବ; ଏହି ସବୁକିଛି କେବଳ ସେହି ପରମପ୍ରଭୁଙ୍କର ଶାସନ ଦ୍ୱାରା ପରିଚାଳିତ ହେଉଛି ଏବଂ ଆମେ ଅବଶ୍ୟ ତାଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ପାରିବା ବୋଲି ଯଦି ଆମଭିତରେ ବିଶ୍ୱାସ ରହିଥାଏ, ଆପଣାର ବଦ୍ଧ ଓ ପୁରାତନ ଅଭ୍ୟସ୍ତତା-ଗୁଡ଼ିକର କାରାଗାର ମଧ୍ୟରୁ ବାହାରିଯାଇ ନିଜକୁ ସଙ୍କୋଚରହିତ ଭାବରେ କେବଳ ତାଙ୍କରି ଇଚ୍ଛା ପାଖରେ ସମର୍ପିତ କରିଦେବାର ଜ୍ଞାନଟି ଯଦି ଆମର ହାସଲ ହୋଇଥାଏ, ତେବେ ତାହା ନିଶ୍ଚୟ ସମ୍ଭବ ହୋଇପାରିବ ।

ପ୍ରକୃତ କଥା ହେଉଛି, ଅପରିବର୍ତ୍ତନୀୟ ବୋଲି ଆଦୌ କିଛିହେଲେ ନାହିଁ, ସବୁକିଛି ସତତ ପରିବର୍ତ୍ତିତ ହୋଇଯିବାରେ ଲାଗିଛି; ଏବଂ ଏହି କ୍ରମାରୋହଣଧର୍ମୀ ରୂପାନ୍ତରହିଁ ଏହି ଅଚେତନାମୟ ଓ ବିନାଶଶୀଳ ସୃଷ୍ଟିକୁ ପାହାଚ ପାହାଚ କରି ପରମ ପ୍ରଭୁଙ୍କର ସେହି ଶାଶ୍ୱତ ତଥା ସର୍ବଶକ୍ତିଶାଳୀ ଚେତନା ମଧ୍ୟକୁ ପୁନର୍ବାର ପରିଚାଳିତ କରି ନେଇଯାଇ ପାରିବ ।

୩ ଅଗଷ୍ଟ, ୧୯୬୯

**୧୨୭. ନିୟମ ହେଉଛି ଏକ ପ୍ରକ୍ରିୟା ବା ଏକ ସୂତ୍ର; ମାତ୍ର ଆତ୍ମାହିଁ ସେହି ପ୍ରକ୍ରିୟାଗୁଡ଼ିକୁ କାମରେ ଲଗାଉଥାଏ ଏବଂ ସେହି ସୂତ୍ରଗୁଡ଼ିକୁ ଅତିକ୍ରମ କରି ରହିଥାଏ ।**

ଯେପର୍ଯ୍ୟନ୍ତ ଆମର ଏହି ପ୍ରକୃତି ଚୈତ୍ୟସତ୍ତା (ବା ଆତ୍ମା)ର ପ୍ରଭାବ ମଧ୍ୟକୁ ଆସି ନ ଥାଏ, ସେପର୍ଯ୍ୟନ୍ତ ପ୍ରକୃତିର ଯାବତୀୟ ନିୟମ କେବଳ ଆମ ଜଡ଼ସ୍ତରୀୟ ପ୍ରକୃତି ଲାଗି ଅବଶ୍ୟ-ନିୟାମକ ହୋଇ ରହିଥାଏ । କାରଣ, ଚୈତ୍ୟ ସତ୍ତା ସେହି ଦିବ୍ୟ ସାମର୍ଥ୍ୟର ଅଧିକାରୀ ହୋଇ ରହିଥାଏ, ଯାହାକି ଆପଣାର ଲକ୍ଷ୍ୟଗୁଡ଼ିକର ସାଧନ ଲାଗି ଯାବତୀୟ ପ୍ରକ୍ରିୟା ଏବଂ ସୂତ୍ରକୁ କାମରେ ଲଗାଉଥାଏ ଏବଂ ଇଚ୍ଛାନୁସାରେ ସେଗୁଡ଼ିକୁ ରୂପାନ୍ତରିତ କରି ଦେଉଥାଏ ।

୫ ଅଗଷ୍ଟ, ୧୯୬୯

**୧୨୮. ଆମେ ପ୍ରକୃତିକୁ ଅନୁସରଣ କରି ବଞ୍ଚିବା : ଏହା ହେଉଛି ପାଶ୍ଚାତ୍ୟର ନୀତିସୂତ୍ର; ମାତ୍ର କେଉଁ ପ୍ରକୃତିର ଅନୁସରଣ କରି ?– ଏହି ଶରୀରସ୍ତରର ପ୍ରକୃତିକୁ ନା ଶରୀରକୁ ଅତିକ୍ରମ କରି ରହିଥିବା ପ୍ରକୃତିକୁ ? ଆମକୁ ସର୍ବପ୍ରଥମେ ସେହି କଥାଟିରହିଁ ମୀମାଂସା କରିବାକୁ ପଡ଼ିବ ।**

**୧୨୯. ହେ ଅମୃତର ସନ୍ତାନ, ତୁମେ କଦାପି ପ୍ରକୃତିର ଅନୁସରଣ କରି ବଞ୍ଚ ନାହିଁ, କିନ୍ତୁ ତୁମେ ପରମେଶ୍ୱରଙ୍କର ଅନୁସରଣ କରି; ତୁମ ଭିତରେ ଯେଉଁ ଦେବତା ଅଧିଷ୍ଠିତ ହୋଇ ରହିଛନ୍ତି, ତୁମେ ତାଙ୍କରି ଅନୁସାରେ ଜୀବନ ବଞ୍ଚିବାକୁ ଆପଣାର ପ୍ରକୃତିକୁ ବାଧ୍ୟ କର ।**

*''ଯେଉଁ ପ୍ରକୃତି ଶରୀରକୁ ଅତିକ୍ରମ କରି ରହିଥାଏ'', ଏହି କଥାଟି ଦ୍ୱାରା ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି ?*

ଯେଉଁ ପ୍ରକୃତି ଶରୀରକୁ ଅତିକ୍ରମ କରି ଅବସ୍ଥିତ ରହିଥାଏ, ତାହା ଶରୀର ଅନ୍ତର୍ହିତ ହୋଇଯିବା ପରେ ମଧ୍ୟ ତଥାପି ଅବିନଷ୍ଟ ହୋଇ ରହେ; ଏହା ହେଉଛି ଆମର ଚୈତ୍ୟ ପ୍ରକୃତି,– ତାହା ହେଉଛି ମୂଳତଃ ଏକ ଅବିନାଶୀ ଏବଂ ଦିବ୍ୟ ପ୍ରକୃତି । ଚୈତ୍ୟ ସତ୍ତା

ଆପଣାର କେନ୍ଦ୍ରରେ ସେହି ପରମ ଦିବ୍ୟସତ୍ତାଙ୍କ ବିଷୟରେ ସଚେତନ ରହିପାରିବ; ତାହାକୁ ସେହିପରି ସଚେତନ ହୋଇ ରହିବାକୁହିଁ ପଡ଼ିବ ଏବଂ ସଚେତନ ଭାବରେ ତାଙ୍କରି ସହିତ ସଂଯୁକ୍ତ ହେବାକୁ ପଡ଼ିବ । ୭ ଅଗଷ୍ଟ, ୧୯୬୯

**୧୩୦. ଦେଶ ଓ କାଳର ଭୂମିରେ ଯାହାକିଛି ଘଟିବାକୁ ଯାଉଛି, ଦେଶ ଓ କାଳର ବାହାରେ ପରମେଶ୍ୱରଙ୍କର ସେହିସବୁ ବିଷୟରେ ପୂର୍ବଜ୍ଞାନକୁ ଅଦୃଷ୍ଟ କୁହାଯାଏ; ଆପଣାର ପୁରୋଦୃଷ୍ଟି ଦ୍ୱାରା ସିଏ ଯାହା ଦେଖିଛନ୍ତି, ଶକ୍ତିରାଜିର ଦ୍ୱନ୍ଦ୍ୱ ମଧ୍ୟ ଦେଇ ସାମର୍ଥ୍ୟ ଓ ଆବଶ୍ୟକତା ତାହାକୁହିଁ କାର୍ଯ୍ୟରେ ପରିଣତ କରନ୍ତି ।**

*ଯଦି ସବୁକିଛିହିଁ ପୂର୍ବଦୃଷ୍ଟ ହୋଇ ରହିଛି, ତେବେ ମନୁଷ୍ୟର ଅଭୀପ୍ସା ତଥା ଉଦ୍ୟମ ଲାଗି ଆଉ କି ଭୂମିକା ରହିଲା ?*

ପ୍ରତ୍ୟେକ ଭୂମିରେ (ଜଡ଼, ପ୍ରାଣିକ ଏବଂ ମାନସିକ) ସବୁକିଛି ପୂର୍ବଦୃଷ୍ଟ ହୋଇ ରହିଛି; ମାତ୍ର ଏକ ଉଚ୍ଚତର ଭୂମିର ଅନୁପ୍ରବେଶ (ଅଧିମାନସ ଏବଂ ତଦୂର୍ଦ୍ଧ୍ୱ ସକଳ ଭୂମି) ଏହି କ୍ଷେତ୍ରରେ ଘଟଣାବଳୀ ମଧ୍ୟରେ ଆଉଏକ ନିୟତିବାଦକୁ ମଧ୍ୟ ସଂଘଟିତ କରାଇଆଣେ, ଏବଂ ଏହିପରି ଭାବରେ ବସ୍ତୁଗୁଡ଼ିକର ଗତିପଥକୁ ବଦଳାଇ ଦେଇପାରେ । ଅଭୀପ୍ସାହିଁ ତାହାକୁ ସମ୍ଭବ କରାଏ ।

ମନୁଷ୍ୟର ଉଦ୍ୟମ ବିଷୟରେ ଏତିକି କୁହାଯିବ ଯେ, ଏହି କଥାଟି ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥିବା ବସ୍ତୁଗୁଡ଼ିକର ଅନ୍ତର୍ଗତ ହୋଇ ରହିଥାଏ ଏବଂ ଶକ୍ତିଗୁଡ଼ିକର ସମଗ୍ର ଲୀଳାଟି ମଧ୍ୟରେ ତାହାର ଭୂମିକାଟି ମଧ୍ୟ ପୂର୍ବଦୃଷ୍ଟ ହୋଇ ରହିଥାଏ ।

୯ ଅଗଷ୍ଟ, ୧୯୬୯

**୧୩୧. ଯେହେତୁ ଭଗବାନ୍ ସବୁକିଛି ଇଚ୍ଛା କରିଛନ୍ତି ଓ ସବୁକିଛିକୁ ପୂର୍ବରୁ ଦେଖିଛନ୍ତି, ତେଣୁ ତୁମେ କଦାପି ନିଷ୍କ୍ରିୟ ଭାବରେ ବସି ତାଙ୍କର ବିଧାନଲାଗିହିଁ ଅପେକ୍ଷା କରିବା ଉଚିତ ନୁହେଁ । କାରଣ ତୁମର କ୍ରିୟାଶୀଳତା ହେଉଛି ତାଙ୍କର ଏକ ଅନ୍ୟତମ ପ୍ରଧାନ ଫଳଦାୟକ ସାଧନ ଓ ଶକ୍ତି । ତେଣୁ ଉଠ ଏବଂ କର୍ମରତ ହୁଅ; ମାତ୍ର କୌଣସି ଅହଂଭାବ ଦ୍ୱାରା ପ୍ରେରିତ ହୋଇ ନୁହେଁ, ପରନ୍ତୁ ଘଟଣାର ଯେଉଁ**

**ପରିସ୍ଥିତି, ଉପକରଣ ବା ଯନ୍ତ୍ର ଓ ଆପାତ କାରଣକୁ ସେ ପୂର୍ବନିର୍ଦ୍ଦିଷ୍ଟ କରି ରଖିଛନ୍ତି ସେହି ଅନୁସାରେ ।**

**୧୩୨. ଯେତେବେଳେ ମୁଁ ଆଦୌ କିଛି ଜାଣି ନ ଥିଲି, ସେତେବେଳେ ଅପରାଧୀକୁ, ପାପୀକୁ ଓ ଅପବିତ୍ରକୁ ଘୃଣା କରୁଥିଲି । ଯଦିଓ ମୁଁ ଅପରାଧ, ପାପ ଏବଂ ଅପବିତ୍ରତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲି । ମାତ୍ର, ଯେତେବେଳେ ମୁଁ ପରିଷ୍କୃତ ହୋଇପାରିଲି ଏବଂ ମୋର ଆଖିଦୁଇଟି ସଂପୂର୍ଣ୍ଣ ଭାବରେ ଖୋଲିଗଲେ, ସେତେବେଳେ ମୁଁ ଅନ୍ତରର କ୍ଷେତ୍ରରେ ଦସ୍ୟୁ ଏବଂ ହତ୍ୟାକାରୀ ସମ୍ମୁଖରେ ଆପଣାକୁ ନତମସ୍ତକ କରି ଆଣିଲି ଏବଂ ବାରନାରୀର ପାଦପୂଜା କଲି । କାରଣ ମୁଁ ଦେଖିବାକୁ ପାଇଲି ଯେ, ଏହି ଆତ୍ମାସକଳ ମନ୍ଦ ଓ ପାପର ଭୟଙ୍କର ଭାରକୁ ଆପଣା ଉପରେ ବହନ କରି ନେଇଛନ୍ତି ଏବଂ ସଂସାରସମୁଦ୍ରର ମନ୍ଥନୋତ୍ଥିତ ହଳାହଳର ଏକ ପ୍ରଧାନତର ଅଂଶକୁହିଁ ଆମ ସମସ୍ତଙ୍କ ସକାଶେ ନିଷ୍କାସିତ କରି ନେଇଛନ୍ତି ।**

ସେହି ସର୍ବୋଚ୍ଚ ଅଦ୍ୱିତୀୟ ସତ୍ତାହିଁ ଆପଣାର ରୂପାୟଣଭୂମିରେ ଏହି ସଂସାରରୂପେ ପ୍ରକଟ ହୋଇଛନ୍ତି ବୋଲି ଯିଏ ସଂପୂର୍ଣ୍ଣ ଭାବରେ ଉପଲବ୍ଧି କରିସାରିଛି, ତା'ଲାଗି ଅତ୍ୟନ୍ତ ସୁନିଶ୍ଚିତ ଭାବରେ ମନୁଷ୍ୟ-ଜଗତର ଯାବତୀୟ ନୈତିକ ଧାରଣା କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥାଏ ଏବଂ ତାହାର ସ୍ଥାନରେ ସମଗ୍ର ସବୁକିଛିର ଏ ଭଳି ଏକ ଦୃଷ୍ଟି ପ୍ରତିଷ୍ଠିତ ହୋଇ ରହିଥାଏ, ଯାହାମଧ୍ୟରେ କି ଯାବତୀୟ ମୂଲ୍ୟ ଏକାବେଳେକେ ପରିବର୍ତ୍ତିତ ହୋଇଯାଇଥାନ୍ତି,— ହଁ, ପ୍ରକୃତରେ କେଡ଼େ ବୃହତ୍ ପରିମାଣରେ ବଦଳି ଯାଇଥାନ୍ତି !

୧୪ ଅଗଷ୍ଟ, ୧୯୬୯

**୧୩୩. ଅସୁରମାନେ ଦେବତାମାନଙ୍କଠାରୁ ଅଧିକ ବଳବାନ୍, କାରଣ ସେମାନେ ପରମେଶ୍ୱରଙ୍କର କୋପ ଏବଂ ବୈରଭାବର ବୋଝଟିର ସମ୍ମୁଖୀନ ହେବାକୁ ଓ ତାହାକୁ ନିଜେ ବହିବାକୁ ତାଙ୍କ ସହିତ ଚୁକ୍ତିବଦ୍ଧ ହୋଇ ରହିଛନ୍ତି; ଦେବତାମାନେ କେବଳ ତାଙ୍କ ପ୍ରେମ ଏବଂ କୃପାମୟ ଭାବସମାଧିର ସୁଖମୟ ବୋଝଟିକୁହିଁ ଗ୍ରହଣ କରିପାରିବାକୁ ସମର୍ଥ ହୋଇପାରିଥିଲେ ।**

ଶ୍ରୀଅରବିନ୍ଦଙ୍କ କଥାର ପ୍ରକୃତ ଅର୍ଥକୁ ଯଥାର୍ଥ ଭାବରେ ବୁଝି ପାରିବାକୁ ହେଲେ, ଆମକୁ ତାଙ୍କର ଭାବନାଶୈଳୀ ମଧ୍ୟରେ ରହିଥିବା ଅଦ୍ଭୁତ ବିନୋଦବୋଧକୁ ମଧ୍ୟ ଅବଶ୍ୟ ବୁଝିବାକୁ ପଡ଼ିବ ।

୧୬ ଅଗଷ୍ଟ, ୧୯୬୯

*ତେବେ ଦେବତାମାନେ ହେଉଛନ୍ତି ଭୀରୁ ! ତା'ହେଲେ ସେମାନଙ୍କର ବୃହତ୍ତ୍ୱ ଏବଂ ମହିମା ବୋଲି ଆଉ କ'ଣ ରହିଲା ? ତେବେ ଆମେ ଏପରି ନିମ୍ନସ୍ତରର ସତ୍ତାମାନଙ୍କୁ କାହିଁକି ପୂଜା କରିବା ? ଏବଂ, ତା'ହେଲେ, ସେହି ଅସୁରମାନଙ୍କୁହିଁ ତ ଦିବ୍ୟ ପରମସତ୍ତାଙ୍କର ସବୁଠାରୁ ଅଧିକ ପ୍ରିୟ ସନ୍ତାନ ବୋଲି କୁହାଯିବ ?*

ଏଠାରେ ଶ୍ରୀଅରବିନ୍ଦ ଏକ ବିରୋଧ-ଉକ୍ତିର ମାଧ୍ୟମରେ ଏହି କଥାଟିକୁ ଲେଖିଛନ୍ତି,– ଅଳସ ସ୍ୱଭାବର ମନମାନଙ୍କୁ ଜାଗୃତ କରାଇବା ଲାଗି ସିଏ ସେପରି କରିଛନ୍ତି । ମାତ୍ର, ଏହି ବାକ୍ୟାଂଶ ଗୁଡ଼ିକରେ ଯେଉଁସବୁ ବ୍ୟଙ୍ଗ ରହିଛି, ଏବଂ ସର୍ବୋପରି ଶବ୍ଦ ଗୁଡ଼ିକର ପଶ୍ଚାତରେ ସିଏ ଯେଉଁ ଅଭିପ୍ରାୟଟିକୁ ନିହିତ କରି ରଖିଛନ୍ତି, ଆମକୁ ତାହା ଅବଶ୍ୟ ବୁଝି ପାରିବାକୁ ହେବ । ପୁନଶ୍ଚ, ଦେବତାମାନେ ଭୀରୁ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ମୁଁ ସାନ କିଂବା ବଡ଼ କୌଣସି ଦେବତାଙ୍କର ପୂଜା ବା ଉପାସନା କରିବା ଲାଗି ଆଦୌ କୌଣସି ପ୍ରୟୋଜନ ରହିଥିବାର ଦେଖୁ ନାହିଁ । ଆମେ କେବଳ ସେହି ସର୍ବୋଚ୍ଚ ପରମପ୍ରଭୁଙ୍କରହିଁ ଉପାସନା କରିବା, ସକଳ ବସ୍ତୁ ଓ ସକଳ ସତ୍ତା ମଧ୍ୟରେ ଅଦ୍ୱିତୀୟ ହୋଇ ବିଦ୍ୟମାନ ରହିଥିବା କେବଳ ତାଙ୍କରି ଆରାଧନା କରିବା ।

୬ ନଭେମ୍ବର, ୧୯୬୧

**୧୩୪. ସର୍ବଶେଷ ଆନନ୍ଦ ଲାଗି ଦୁଃଖଭୋଗର କେତେ ପ୍ରୟୋଜନ ରହିଛି, ପୂର୍ଣ୍ଣ ଫଳପ୍ରଦତା ଲାଗି ବିଫଳତାର କେତେ ପ୍ରୟୋଜନ ରହିଛି ଏବଂ ଚୂଡ଼ାନ୍ତ ଦ୍ରୁତତା ଲାଗି ବାଧା ଓ ମନ୍ଥରତାର ଯେ କେତେ ପ୍ରୟୋଜନ ରହିଛି, ଯେତେବେଳେ ତୁମେ ଏସବୁ ଦେଖିବାକୁ ସମର୍ଥ ହେବ, ସେତେବେଳେ ଯାଇ, ତାହା ଯେତେ ଅଳ୍ପ ପରିମାଣରେ ଏବଂ କ୍ଷୀଣ ଭାବରେ ହେଉ ପଛକେ, ତୁମେ ପରମେଶ୍ୱରଙ୍କର କର୍ମଧାରାକୁ କିଞ୍ଚିତ୍ ପରିମାଣରେ ବୁଝି ପାରିବ ।**

**୧୩୫. ଯାବତୀୟ ରୁଗ୍ଣତା— ତାହା ସ୍ୱାସ୍ଥ୍ୟଲାଭଜନିତ କୌଣସି ନୂତନ ଆନନ୍ଦ ଆଡ଼କୁ ଆମକୁ ନେଇଯିବା ଲାଗି ଏକ ମାଧ୍ୟମ, ଯାବତୀୟ ମନ୍ଦ ଓ ଯନ୍ତ୍ରଣାଭୋଗ ହେଉଛି କୌଣସି ଅଧିକ ପ୍ରଗାଢ଼ ଆନନ୍ଦ ତଥା ଶୁଭ ଲାଗି ପ୍ରକୃତିର ଏକ ଅନୁରୂପ ଅନୁକୂଳନ, ଯାବତୀୟ ମୃତ୍ୟୁ ହେଉଛି ପ୍ରଶସ୍ତତମ ଅମରତ୍ୱ ଦିଗରେ ଗୋଟିଏ ଗୋଟିଏ ଉନ୍ମୀଳନ । କାହିଁକି ଏବଂ କିପରି ଏହା ଏପରି ହେବା ଉଚିତ, ତାହା ହେଉଛି ଭଗବାନଙ୍କର ଗୁପ୍ତକଥା, ଅହଂକାର-ବିବର୍ଜିତ ଆତ୍ମା କେବଳ ଏହାକୁ ଭେଦ କରିପାରିବ ।**

**୧୩୬. ତୁମ ମନ ଅଥବା ତୁମ ଶରୀର ଯନ୍ତ୍ରଣାଗ୍ରସ୍ତ କାହିଁକି ? ତାହାର କାରଣ ହେଉଛି ଯେ ଆବରଣଟିର ସେପାଖରେ ରହିଥିବା ଆତ୍ମାହିଁ ସେହି ଯନ୍ତ୍ରଣା ଲାଗି ଇଚ୍ଛା ପ୍ରକାଶ କରେ ବା ସେଥିରେ ଏକ ଆନନ୍ଦ ଅନୁଭବ କରେ; ମାତ୍ର, ଯଦି ତୁମେ ଇଚ୍ଛାକରିବ,— ଏବଂ ଆପଣାର ଏହି ଅଭିଳାଷରେ ଯଦି ଲାଗିରହିବ,— ତେବେ ଆପଣାର ଏହି ନିମ୍ନତର ସତ୍ତାଗୁଡ଼ିକ ଉପରେ ତୁମେ ଚିନ୍ମୟତାର ଅବିମିଶ୍ରିତ ଆନନ୍ଦରୂପୀ ବିଧାନଟିକୁ ଆଣି ଆରୋପ କରିଦେଇ ପାରିବ ।**

ଆମକୁ କେବଳ ସେହି ଅନୁଭୂତିଟି ଲାଗି ଉଦ୍ୟମ କରିବାକୁ ହେବ, ଆପଣାର ସେହି ଉଦ୍ୟମକୁ ଅବିଚ୍ଛିନ୍ନ ରଖିବାକୁ ହେବ । ତେବେଯାଇ ଆମେ ଅବଶ୍ୟ ଜାଣିବାକୁ ପାଇବା ଯେ ଏଠାରେ ଯାହାସବୁ ଉକ୍ତ ହୋଇଛି, ତାହା ହେଉଛି ସଂପୂର୍ଣ୍ଣ ଭାବରେ ସତ୍ୟ ।

୧୯ ଅଗଷ୍ଟ, ୧୯୬୯

**୧୩୭. ଏପରି କୌଣସି କଠୋର ଅଥବା ଅକାଟ୍ୟ ନିୟମ ନାହିଁ ଯେ, କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍ପର୍ଶ ଯନ୍ତ୍ରଣା ଅଥବା ସୁଖର ଅନୁଭୂତି ସୃଷ୍ଟି କରିବ । ଆମ ସତ୍ତାଗୁଡ଼ିକ ଉପରେ ବାହାରୁ ଆସି ପଡୁଥିବା ବ୍ରହ୍ମଙ୍କର ଚାପ ବା ପ୍ରାବଲ୍ୟକୁ ଆମର ଆତ୍ମା ଯେପରି ଭାବରେ ଗ୍ରହଣ କରୁଥାଏ, ତାହାହିଁ ଦୁଃଖ ଓ ସୁଖ ଉଭୟବିଧ ପ୍ରତିକ୍ରିୟାର ଜନକ ହୁଏ ।**

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ଗୋଟିଏ ଘଟଣା ଅଥବା ସଂସ୍ପର୍ଶ ଜଣେ

ବ୍ୟକ୍ତିକୁ ସୁଖର ଅନୁଭବ ଆଣି ଦେଇଥାଏ ଓ ଆଉଜଣେ ବ୍ୟକ୍ତିଲାଗି ଦୁଃଖର କାରଣ ହୁଏ । ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ଯେପରି ଦୃଷ୍ଟିକୋଣ ରଖିଥାନ୍ତି, ସେକଥା ତାହାରି ଉପରେ ନିର୍ଭର କରେ ।

ଏବଂ ଏହି ପର୍ଯ୍ୟବେକ୍ଷଣଟି ଆମକୁ ଏକ ମହାନ୍‌ଉପଲବ୍ଧି ପାଖରେ ନେଇ ପହଞ୍ଚାଇ ଦେଇଥାଏ; କାରଣ, ସେହି ସର୍ବୋଚ୍ଚ ସତ୍ତାହିଁ ସକଳ ବସ୍ତୁର ଆଦିମୂଳ ହୋଇ ରହିଛନ୍ତି ଏବଂ ତେଣୁ ଆମେ ସର୍ବଦା ତାଙ୍କରି ସଂସ୍ପର୍ଶରେ ଅବଶ୍ୟ ରହିଛୁ ବୋଲି ଆମେ କେବଳ ବୁଝିବା ଲାଗି ନୁହେଁ, ମାତ୍ର ଅନୁଭବ କରିବାକୁ ମଧ୍ୟ ସମର୍ଥ ହୋଇଯାଇ ପାରିଲେ, ଆମ ଲାଗି ସବୁକିଛି କେବଳ ତାଙ୍କରି ପରମ କରୁଣାର ଏକ କ୍ରିୟାରେ ପରିଣତ ହୋଇଯାଏ ଏବଂ ଏକ ସ୍ଥିର ଓ ଆଲୋକମୟ ଆନନ୍ଦକୁ ରୂପାନ୍ତରିତ ହୋଇଯାଏ ।

୨୧ ଅଗଷ୍ଟ, ୧୯୬୯

**୧୩୮. ତୁମ ଭିତର ଆତ୍ମାର ଶକ୍ତି ଯେତେବେଳେ ବାହାରର ସେହିପ୍ରକାର ଶକ୍ତିର ସଂସ୍ପର୍ଶରେ ଆସେ ସେତେବେଳେ ମନ-ଅନୁଭୂତି ଓ ଶରୀର-ଅନୁଭୂତିର ମୂଲ୍ୟମାଧ୍ୟମରେ ସେହି ସଂସ୍ପର୍ଶଜନିତ ପ୍ରଭାବ ସହ ତାହା ସାମଞ୍ଜସ୍ୟ ରକ୍ଷା କରିପାରେ ନାହିଁ । ସେହି କାରଣରୁହିଁ ତୁମକୁ ଦୁଃଖ, ଯନ୍ତ୍ରଣା ବା ଅସ୍ୱସ୍ତି ଭୋଗ କରିବାକୁ ହୋଇଥାଏ । ବିଶ୍ୱଗତ ଶକ୍ତିର ପ୍ରଶ୍ନଗୁଡ଼ିକୁ ତୁମ ଭିତରେ ରହିଥିବା ଶକ୍ତି ଦେଉଥିବା ଉତ୍ତରଗୁଡ଼ିକୁ ଯଦି ତୁମେ ସୁ-ଅନୁକୂଳିତ ଭାବରେ ରଖି ଶିଖି ପାରିଥିବ, ତେବେ ତୁମେ ଦେଖିବ ଯେ ତୁମର ଯାବତୀୟ ଯନ୍ତ୍ରଣା ଏକ ସୁଖାନୁଭୂତିରେ ପରିଣତ ହୋଇ ଯାଉଛି, ଅଥବା ତାହା ଏକ ଶୁଦ୍ଧ ଆନନ୍ଦମୟତାରେ ରୂପାନ୍ତରିତ ହୋଇଯାଉଛି । ଯଥାର୍ଥ ସମ୍ବନ୍ଧସ୍ଥାପନ ହେଉଛି ଆନନ୍ଦମୟତାର ଏକମାତ୍ର ସର୍ତ୍ତ, ଋତମ୍ ବା ଜ୍ଞାନ ତଥା କର୍ମଗତ ସତ୍ୟୋପଲବ୍ଧି ହେଉଛି ଯାବତୀୟ ଆନନ୍ଦର ଚାବିକାଠି ।**

ମନୁଷ୍ୟମାନେ ଅନ୍ୟମାନଙ୍କ ସହିତ ରହିଥିବା ସେମାନଙ୍କର ଯାବତୀୟ ସମ୍ବନ୍ଧକୁ କେବଳ ଦୈହିକ, ପ୍ରାଣିକ ଏବଂ ମାନସିକ ସଂପର୍କସ୍ଥାପନଗୁଡ଼ିକ ଉପରେ ଆଧାରିତ କରି ରଖିବାରେ ଭାରି ଅଭ୍ୟସ୍ତ ହୋଇ ପଡ଼ିଥା'ନ୍ତି । ସେହି କାରଣରୁହିଁ ସେମାନଙ୍କ ଜୀବନରେ ନିରନ୍ତର ଦ୍ୱନ୍ଦ୍ୱ ଏବଂ କଷ୍ଟଭୋଗ ଲାଗି ରହିଥାଏ । ମାତ୍ର, ଯଦି ତାହା ନ ହୋଇ, ସେମାନେ ଆପଣାର ସମ୍ବନ୍ଧଗୁଡ଼ିକୁ ଚୈତ୍ୟ ସଂପର୍କସ୍ଥାପନ (ଆତ୍ମା ଓ ଆତ୍ମା ମଧ୍ୟରେ ସମ୍ପର୍କର

ସ୍ଥାପନ) ଉପରେ ଆଧାରିତ କରି ରଖିପାରନ୍ତେ, ତେବେ ସେମାନେ ଅବଶ୍ୟ ଏକଥା ଦେଖିପାରନ୍ତେ ଯେ, ଏହିସବୁ ବିକ୍ଷୁବ୍ଧ ଉପରି ଭାଗୀୟ ପ୍ରତିଭାସର ପଶ୍ଚାତରେ ଏପରି ଏକ ଗଭୀର ଏବଂ ଦୀର୍ଘ ସ୍ଥାୟୀ ସମଞ୍ଜସତା ଅବସ୍ଥିତ ରହିଛି, ଯାହାକି ଆପଣାକୁ ଜୀବନର ଯାବତୀୟ କ୍ରିୟାତ୍ମକତା ମଧ୍ୟରେ ଅବଶ୍ୟ ବ୍ୟକ୍ତ କରି ପାରିବ ଓ ସକଳ ଦ୍ୱନ୍ଦ୍ୱ ଏବଂ କଷ୍ଟଭୋଗର ସ୍ଥାନାପନ୍ନ ଭାବରେ ଶାନ୍ତି ଏବଂ ଆନନ୍ଦର ପ୍ରତିଷ୍ଠା କରିପାରିବ ।

୨୮ ଅଗଷ୍ଟ, ୧୯୬୯

**୧୩୯. ଅତିମାନବ କିଏ ? ଯିଏ ଏହି ଜଡ଼ଧର୍ମୀ ଭଗ୍ନ-ମାନଯୁକ୍ତ ମାନବିକ-ପ୍ରସ୍ଥରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରେ ଏବଂ ଏକ ଦିବ୍ୟ ଶକ୍ତି, ଦିବ୍ୟ ପ୍ରେମ ଓ ଆନନ୍ଦ ତଥା ଏକ ଦିବ୍ୟ ଜ୍ଞାନର ଆୟତନ ମଧ୍ୟରେ ନିଜେ ଏକ ବିଶ୍ୱସତ୍ତା ଏବଂ ଦେବସତ୍ତାକୁ ଧାରଣ କରିପାରେ, ସେହି ହେଉଛି ଅତିମାନବ ।**

ବର୍ତ୍ତମାନ ସେହି ଅତିମାନବର ଗଠନ ଆରମ୍ଭ ହୋଇଯାଇଛି ଏବଂ ଏକ ନୂତନ ଚେତନା ଏହି ପ୍ରକ୍ରିୟାଟିକୁ ପରିପୂର୍ଣ୍ଣତା ଆଣି ଦେବାଲାଗି ଏକ ନୂତନ ଚେତନା ଏବେ ପୃଥିବୀ ପୃଷ୍ଠରେ ଆପଣାକୁ ଅଭିବ୍ୟକ୍ତ କରାଇଛି ।

ମାତ୍ର, ଏକଥା ଆଦୌ ସମ୍ଭବ ହେଲାପରି ମନେ ହେଉ ନାହିଁ ଯେ, କୌଣସି ମନୁଷ୍ୟସତ୍ତା ଆସି ଏହି ଉପଲବ୍ଧିରେ ପହୁଞ୍ଚି ଗଲାଣି । କାରଣ, ଏଥିସହିତ ଏହି ଅନ୍ୟ କଥାଟି ମଧ୍ୟ ବିଶେଷ ଭାବରେ ଜଡ଼ିତ ହୋଇ ରହିଛି ଯେ, ତାହା ସହିତ ତାହାର ଅନୁଗାମୀ ଭାବରେ ଏହି ଶରୀରର ମଧ୍ୟ ରୂପାନ୍ତର ଘଟିବ; ଏବଂ, ସେହି କଥାଟି ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ ।

୩୦ ଅଗଷ୍ଟ, ୧୯୬୯

**୧୪୦. ଯଦି ତୁମେ ଏହି ଅତିସୀମାବଦ୍ଧ ମନୁଷ୍ୟ-ଅହଂକୁ ଧରି ରଖିଥିବ ଏବଂ ଆପଣାକୁ ଅତିମାନବ ବୋଲି ଭାବୁଥିବ, ତେବେ ତୁମେ କେବଳ ନିଜର ଗର୍ବ ପାଖରେ ବୋକା ବନି ରହିଛ ବୋଲି କହିବାକୁ ହେବ, ତୁମେ କେବଳ ନିଜ ଶକ୍ତି ହାତରେ ଏକ ଖେଳନା ଏବଂ ଆପଣା ଭ୍ରମଗୁଡ଼ାକର ଏକ ହାତବାରିସି ବୋଲି କୁହାଯିବ ।**

ଏଥିରୁ ସ୍ୱଭାବତଃ ଏହି ତାତ୍ପର୍ଯ୍ୟ ନିଷ୍ପନ୍ନ ହେଉଛି ଯେ, ଏବେ ପୃଥିବୀରେ ଯେତେଯେତେ ମହତ୍ତ୍ୱାକାଙ୍କ୍ଷୀ ମଣିଷ ଆପଣାକୁ ଅତିମାନବ ବୋଲି ଘୋଷଣା କରୁଛନ୍ତି, ସେମାନଙ୍କୁ କେବଳ ଜଣେଜଣେ ଛଳନାକାରୀ ବୋଲି କୁହାଯିବ ବା ଗର୍ବରେ ପୂରି ରହିଥିବା ଏଭଳି ବ୍ୟକ୍ତି ବୋଲି କୁହାଯିବ, ଯେଉଁମାନେ କି ନିଜକୁ ଧୋକା ଦେବାରେ ଲାଗିଛନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଧୋକା ଦେବାକୁ ଚେଷ୍ଟା କରୁଛନ୍ତି ।

୩୦ ଅଗଷ୍ଟ, ୧୯୬୯

**୧୪୧. ଅତିମାନବକୁ ନୀତ୍‌ଶେ ଉଷ୍ଟ୍ର-ସ୍ତରରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ସିଂହ-ଆତ୍ମା ବୋଲି ପ୍ରତ୍ୟକ୍ଷ କରିଥିଲେ; ମାତ୍ର ଜଣେ ଅତିମାନବର ପ୍ରକୃତ ଉଦ୍‌ଘୋଷଣକାରୀ ପରିଚୟ ଏବଂ ନିଦର୍ଶନ ହେଉଛି ଏକ ସିଂହ, ଯିଏ କି ଓଟ ଉପରେ ଯାଇ ବସିଛି : ସେହି ଓଟ ପ୍ରାଚୁର୍ଯ୍ୟର କାମଧେନୁ ଉପରେ ଦଣ୍ଡାୟମାନ ରହିଛି । ଯଦି ତୁମେ ସମଗ୍ର ମାନବଜାତିର ଭୃତ୍ୟ ହୋଇ ନ ପାରିବ, ତେବେ ତୁମେ ତା'ର ପ୍ରଭୁ ହେବାର ମଧ୍ୟ ଯୋଗ୍ୟ ହୋଇ ପାରିବ ନାହିଁ ଏବଂ, ଯଦି ତୁମେ ଆପଣାର ପ୍ରକୃତିକୁ ବଶିଷ୍ଠମୁନିଙ୍କର କାମଧେନୁ ପରି ତିଆରି କରି ନ ପାରିବ, ଯେପରିକି ସମଗ୍ର ମାନବଜାତି ତାହାର ଚିରଗୁଡ଼ିକରୁ ଆପଣାର ଯାବତୀୟ ଇଚ୍ଛାକୁ ଦୋହନ କରିନେଇ ପାରୁଥିବେ, ତେବେ ତୁମର ସେହି ସିଂହସଦୃଶ ଅତିମାନବତ୍ୱର ଆଉ କ'ଣ ଉପଯୋଗିତା ରହିଲା ?**

ସମଗ୍ର ମାନବଜାତିର ଭୃତ୍ୟ ହୋଇ ରହିବାର ଅର୍ଥ ହେଉଛି ମନୁଷ୍ୟଜାତିର ସେବା କରିବା ଲାଗି ପ୍ରସ୍ତୁତ ହୋଇ ରହିବା; ଏବଂ, ନିଜକୁ ଗୋଟିଏ କାମଧେନୁ ପରି ତିଆରି କରିବାର ଅର୍ଥ ହେଉଛି, ଆପଣାର ଅଜ୍ଞାନ ଓ ଅସମର୍ଥତା ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ଆସିପାରିବା ଲାଗି ମନୁଷ୍ୟଜାତିର ଯେଉଁ ସକଳ ଶକ୍ତି, ଆଲୋକ ତଥା ସାମର୍ଥ୍ୟର ଆବଶ୍ୟକତା ରହିଛି, ତାହାକୁ ନିଃଶେଷିତ କରି ଅଜାଡ଼ିଦେଇ ପାରିବା । କାରଣ, ଏହା ଯଦି ଏପରି ହୋଇ ନ ଥାନ୍ତା, ତେବେ ଜଣେ ଅତିମାନବ-ସତ୍ତା ପୃଥିବୀକୁ କୌଣସି ସହାୟତା କରିପାରିବା ପରିବର୍ତ୍ତେ ପୃଥିବୀ ଲାଗି ଏକ ବୋଝ ହୋଇ ରହିଥାନ୍ତା ।

୩୧ ଅଗଷ୍ଟ, ୧୯୬୯

**୧୪୨. ଜଗତ ଲାଗି ତୁମେ ସିଂହ ପରି ନିର୍ଭୀକ ଓ ପ୍ରଭୁତ୍ୱଗୁଣସମ୍ପନ୍ନ ହେବ, ଓଟ ପରି ଧୈର୍ଯ୍ୟଶାଳୀ ଏବଂ ସେବାଶୀଳ ହୋଇ ରହିବ ଏବଂ ଧେନୁ ପରି ସ୍ଥିର, ସହିଷ୍ଣୁ ଏବଂ ମାତୃସଦୃଶ ଉଦାର ହେବ । ସିଂହ ତା'ର ଶିକାର ଖୋଜି ବୁଲିବା ପରି ତୁମେ ଯାବତୀୟ ଭଗବତ୍ ଆନନ୍ଦର ଅନ୍ୱେଷଣ କରିବ, ମାତ୍ର ସେହି ଭବ୍ୟତାମୟ ଉଲ୍ଲାସର ଅନନ୍ତ କ୍ଷେତ୍ରରେ ବିହାର ଏବଂ ଖାଦ୍ୟ ଆହରଣ ପାଇଁ ସମଗ୍ର ମାନବ ଜାତିକୁ ତାହା ମଧ୍ୟକୁ ଆମନ୍ତ୍ରିତ କରି ଆଣିବ ।**

ଦିବ୍ୟତାର ପ୍ରାପ୍ତି ହେବାଯାଏ କୌଣସି ସତ୍ତାର ଅଭିବୃଦ୍ଧି ଲାଗି ଏହିସବୁ ଗୁଣର ଆବଶ୍ୟକତା ରହିଛି; ଏହା ଆମକୁ ଏକଥା ମଧ୍ୟ ସ୍ମରଣ କରାଇଦେଇ ଯାଉଛି ଯେ, ମନୁଷ୍ୟଜାତିର ଊର୍ଦ୍ଧ୍ୱାୟଣ ବ୍ୟତୀତ କୌଣସି ରୂପାନ୍ତର କଦାପି ସଂପୂର୍ଣ୍ଣ ହେବ ନାହିଁ ।

୧ ସେପ୍ଟେମ୍ବର, ୧୯୬୯

**୧୪୩. ପ୍ରକୃତିର ଅନୁକରଣ କରିବା ଯଦି ଚିତ୍ର କଳାର ଏକମାତ୍ର ପରିଚାର ହୋଇରହେ, ତେବେ ବରଂ ସବୁଯାକ ଚିତ୍ର-ଗ୍ୟାଲେରିରେ ନିଆଁ ଲଗାଇଦେବା ଉଚିତ ଏବଂ ତା' ବଦଳରେ ଫଟୋ ଉଠାଇବାର ଷ୍ଟୁଡିଓ-ମାନଙ୍କର ସ୍ଥାପନା କରାଯିବା ଉଚିତ । ପ୍ରକୃତ କଥା ହେଉଛି ଯେ, ପ୍ରକୃତି ଯାହାକୁ ଲୁକ୍କାୟିତ କରି ରଖିଥାଏ, କଳା ତାହାକୁହିଁ ଉଦ୍‌ଘାଟିତ କରି ଦେଇଥାଏ; ଏବଂ ସେହି କାରଣରୁହିଁ ଗୋଟିଏ କ୍ଷୁଦ୍ରାକୃତି ଚିତ୍ର ମଧ୍ୟ କୋଟିପତି ମାନଙ୍କର ସବୁଯାକ ରତ୍ନ ତଥା ରାଜାମାନଙ୍କର କୋଷରେ ଥିବା ସବୁ ସମ୍ପତ୍ତି ଅପେକ୍ଷା ଅଧିକ ମୂଲ୍ୟବାନ୍ ବୋଲି ସାବ୍ୟସ୍ତ ହୋଇଥାଏ ।**

**୧୪୪. ଯଦି ତୁମେ ଦୃଶ୍ୟମାନ ପ୍ରକୃତିର କେବଳ ଅନୁକରଣ କରିବାରେହିଁ ଲାଗିଥିବ, ତେବେ ତଦ୍ୱାରା ତୁମେ ଏକ ମୃତ ଶରୀର, ଏକ ଜୀବନହୀନ ଛବି ଅଥବା ଏକ ଅତିବିରୂପତାକୁହିଁ ସୃଷ୍ଟି କରି ରଖିବାରେ ସାହାଯ୍ୟ କରୁଥିବ । ଯେତିକି ଆମର ଦୃଷ୍ଟି ଓ ବୋଧରସୀମାନ୍ତର୍ଗତ ହୋଇ ପାରୁଛି, ଯଥାର୍ଥ ସତ୍ୟ ତାହାର ଅତୀତ ହୋଇ ତାହାର ପଶ୍ଚାତରେହିଁ ଅବସ୍ଥାନ କରୁଛି ।**

*ଫଟୋଗ୍ରାଫିକୁ ଏବେ ଆଧୁନିକ କଳାର ଏକ ମାଧ୍ୟମ ରୂପେ ବିଚାର କରାଯାଉଛି । ଏ ବିଷୟରେ ଆପଣଙ୍କର ମତ କ'ଣ ?*

ଆମେ ଫଟୋଗ୍ରାଫିକୁ କିପରି ଭାବରେ ବ୍ୟବହାର କରୁଛୁ, ଏହା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେ ନିର୍ଭର କରିବ । ଏକ ବୃତ୍ତ-ଚିତ୍ରର ଆଭାସ ଦେବା ହେଉଛି ତାହାର ସ୍ୱାଭାବିକ ଲକ୍ଷ୍ୟ ଏବଂ ସାଧାରଣତଃ ସେହିଥିରେହିଁ ତାହାର ଉପଯୋଗିତା ନିହିତ ରହିଛି । ତେଣୁ ତାହା ଯେତିକି ଅଧିକ ପରିମାଣରେ ଅବିକଳ ଓ ନିର୍ଭୁଲ ହୋଇ ପାରୁଥିବ, ତାହାର ଉପଯୋଗିତା ମଧ୍ୟ ସେତିକି ପରିମାଣରେ ଅଧିକ ହେବ ।

ମାତ୍ର, ଏହି କଥାଟିକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ, ଏପରି ଅନେକ କଳାକାର ଅଛନ୍ତି, ଯେଉଁମାନେ କି ଫଟୋଗ୍ରାଫିକୁ ଅଭିବ୍ୟକ୍ତିର ଏକ ମାଧ୍ୟମରୂପେ ବ୍ୟବହାର କରିଥା'ନ୍ତି । ମାତ୍ର, ତଦ୍ଦ୍ୱାରା ସେମାନେ ଯାହା କରନ୍ତି, ତାହାକୁ ଆଉ ପ୍ରକୃତିର ଏକ ଅବିକଳ ଅନୁକୃତି ବୋଲି କୁହାଯିବ ନାହିଁ; ତାହାକୁ ପ୍ରକୃତରେ ଆକାର ଏବଂ ରଙ୍ଗଗୁଡ଼ିକର ଏପରି ଏକ ବ୍ୟବସ୍ଥାପନ ବୋଲି କୁହାଯିବ, ଯାହା କି, ଯାହା ଭୌତିକ ରୂପପ୍ରଦାନ ଦ୍ୱାରା ସାଧାରଣତଃ ଲୁକ୍କାୟିତ ହୋଇ ରହିଯାଇଥାଏ, ତାହାକୁହିଁ ବ୍ୟକ୍ତ କରି ଆଣିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ ।

୪ ସେପ୍ଟେମ୍ବର, ୧୯୬୯

**୧୪୫. ହେ କବି, ହେ କଳାକାର, ଯଦି ତୁମେ ପ୍ରକୃତି ସମକ୍ଷରେ କେବଳ ଏକ ଦର୍ପଣକୁହିଁ ଧରି ରଖିବାକୁ ମନ କରିବ, ତୁମର ଏହି କାର୍ଯ୍ୟରେ ପ୍ରକୃତି ହର୍ଷ ଅନୁଭବ କରିବ ବୋଲି ତୁମେ ବିଚାର କରୁଛ କି ? ସିଏ ଓଲଟି ଆପଣାର ମୁଖକୁ ଅନ୍ୟଆଡ଼କୁ ଫେରାଇ ନେଇଯିବ । କାରଣ, ତୁମେ କ'ଣଟିଏ ତା'ଆଗରେ ଧରି ରଖିଥାଅ କି ? ସେହି ପ୍ରକୃତିକୁ ନା– ତୁମେ ବରଂ ସେତେବେଳେ କେବଳ ଏକ ଜୀବନହୀନ ବହିଃରେଖା ଓ ପ୍ରତିବିମ୍ବକୁ, ଏକ ଛାୟାବୃତ ଅନୁକୃତିକୁହିଁ ଧରି ରଖିଥାଅ । ତୁମକୁ ପ୍ରକୃତିର ନିଗୂଢ଼ ଆତ୍ମାଟି ବିଷୟରେହିଁ ପରିଚୟ ଲାଭ କରିବାକୁ ହେବ, ବାହ୍ୟ ପ୍ରତୀକଟି ମଧ୍ୟରେ ରହିଥିବା ସତ୍ୟକୁ ଉଦ୍‌ଘାଟିତ କରାଇ ଆଣିବାଲାଗି ଚିରନ୍ତନଭାବେ ପ୍ରୟାସ କରିବାକୁ ପଡ଼ିବ; ଏବଂ ତୁମେ ଅନ୍ୱେଷଣ କରୁଥିବା ବସ୍ତୁଟିପାଇଁ, ତୁମ ଲାଗି ଅଥବା ପ୍ରକୃତି ଲାଗି କୌଣସି ଦର୍ପଣ କଦାପି ତାହାର ପ୍ରତିଫଳନ କରାଇ ପାରିବ ନାହିଁ ।**

*ଏଠାରେ ଶ୍ରୀଅରବିନ୍ଦ ଯେଉଁ ''ଶାଶ୍ୱତ ପ୍ରତୀକ''*ର କଥା କହିଛନ୍ତି, ତାହାର ପ୍ରକୃତ ଅର୍ଥ କ'ଣ ?*

ଶାଶ୍ୱତ ପ୍ରତୀକଟି ହେଉଛି ପ୍ରକୃତି ମଧ୍ୟରେ ନିଗୂଢ଼ ହୋଇ ରହିଥିବା ଆତ୍ମା ଏବଂ ସେହି ଆତ୍ମାର ଯଥାର୍ଥ ସତ୍ୟଟିକୁ ଅଭିବ୍ୟକ୍ତ କରି ଆଣିବା ଲାଗିହିଁ କବି ଓ କଳାକାର ଅବଶ୍ୟ ପ୍ରୟାସ କରିବାରେ ଲାଗିଥିବ ।

୭ ସେପ୍ଟେମ୍ବର, ୧୯୬୯

**୧୪୬. ଗ୍ରୀକ୍ ମାନଙ୍କ ଅପେକ୍ଷା ସେକ୍ସ୍‌ପିୟର୍‌ଙ୍କ ମଧ୍ୟରେହିଁ ମୁଁ ଅନେକ ଅଧିକ ପରିମାଣରେ ଓ ଅଧିକ ସଂଗତିଯୁକ୍ତ ଭାବରେ ଜଣେ ବିଶ୍ୱବାଦୀର ସାକ୍ଷାତ୍ କରିଥାଏ । ସେକ୍ସ୍‌ପିୟର୍‌ଙ୍କର ଯାବତୀୟ ସୃଷ୍ଟି,– ଲାନ୍ସଲଟ୍ ଗୋବ୍ବୋ ଏବଂ ତାଙ୍କର କୁକୁରଠାରୁ ଆରମ୍ଭ କରି ରାଜା ଲିଅର୍ ଏବଂ ହାମ୍‌ଲେଟ୍ ପର୍ଯ୍ୟନ୍ତ– କେବଳ ବିଶ୍ୱଜନୀନତାରହିଁ ଗୋଟିଏ ଗୋଟିଏ ପ୍ରରୂପ ହୋଇ ରହିଛନ୍ତି ।**

**୧୪୭. ବ୍ୟକ୍ତିଜୀବନର ଯାବତୀୟ ସୂକ୍ଷ୍ମତର ବିଭାବକୁ ବାଦ୍‌ଦେଇ ଗ୍ରୀକ୍‌ମାନେ ବିଶ୍ୱଜନୀନତାର କର୍ଷଣ କରିବାକୁ ଇଚ୍ଛା କରିଥିଲେ । ପ୍ରତ୍ୟେକ ମନୁଷ୍ୟଚରିତ୍ରର ବିରଳତମ ଟିକିନିଖିଗୁଡ଼ିକୁ ଏକ ବିଶ୍ୱଜନୀନ ପରିପ୍ରେକ୍ଷୀକୁ ଉତ୍ତୋଳିତ କରିନେଇ ସେକ୍ସ୍‌ପିଅର୍ ଅଧିକ ସଫଳ ଭାବରେ ତାହାର ଅନ୍ୱେଷଣ କରି ପାରିଥିଲେ । ଆମପାଖରୁ ପରମ ଅନନ୍ତସତ୍ତାଙ୍କୁ ଗୋପ୍ୟ କରି ରଖିବା ଲାଗି ପ୍ରକୃତି ଯେଉଁସବୁ ସାଧନକୁ କାର୍ଯ୍ୟରେ ଆଣି ଲଗାଏ, ମାନବଜାତିର ଚକ୍ଷୁସମକ୍ଷରେ ମନୁଷ୍ୟବ୍ୟକ୍ତି ମଧ୍ୟରେ ରହିଥିବା ଅନନ୍ତଗୁଣକୁ ଉଦ୍‌ଘାଟିତ କରାଇ ଦେବାକୁହିଁ ସେକ୍ସ୍‌ପିଅର୍ ସେହି ସାଧନଗୁଡ଼ିକର ବ୍ୟବହାର କରିଥିଲେ ।**

**୧୪୮. ସେକ୍ସ୍‌ପିଅର୍ ଦର୍ପଣଟିକୁ ପ୍ରକୃତି ସମକ୍ଷରେ ଉତ୍ତୋଳିତ କରି ଧରିବାର ଚିତ୍ରଟିକୁ ଉଦ୍‌ଭାବିତ କରି ଆଣିଥିଲେ । ସିଏ ଏହିପରି ଏକମାତ୍ର କବି**

---

* ଏହି ପ୍ରଶ୍ନଟିରେ ଯେଉଁ ଅନୁବାଦଟିକୁ ବ୍ୟବହାର କରା ଯାଇଥିଲା, ସେଥିରେ ''ବାହ୍ୟ ପ୍ରତୀକ'' ପରିବର୍ତ୍ତେ ''ଶାଶ୍ୱତ ପ୍ରତୀକ'' ବୋଲି ଲେଖା ହୋଇଥିଲା ।

ଥିଲେ, ଯିଏକି ଆପଣାକୁ କଦାପି କୌଣସି ଅନୁକୃତି, ଫଟୋଗ୍ରାଫ୍ କିଂବା ଛାୟାର ସ୍ତରକୁ ସ୍ଖଳିତ କରି ଆଣି ନ ଥିଲେ । ଫଲ୍‌ଷ୍ଟାଫ୍, ମ୍ୟାକ୍‌ବେଥ୍, ଲିଅର୍ ଅଥବା ହାମ୍‌ଲେଟ୍‌ର ଚରିତ୍ରରେ ଯେଉଁ ପାଠକ ପ୍ରକୃତିର ଏକ ଅନୁକରଣ କରାଯାଇଥିବା ପରି ଅନୁଭବ କରେ, ତାହାର ଆଦୌ କୌଣସି ଅନ୍ତର୍ଗତ ଆତ୍ମଦୃଷ୍ଟିର ସାମର୍ଥ୍ୟ ନାହିଁ ଅଥବା ସିଏ କୌଣସି ଏକ ସୂତ୍ର ଦ୍ୱାରା ଆପଣାକୁ ସମ୍ମୋହିତ କରି ରଖିଛି ବୋଲି କହିବାକୁ ହେବ ।

୧୪୯. ଏହି ସ୍ଥୂଳ ପ୍ରକୃତି ମଧ୍ୟରେ ତୁମେ କେଉଁଠାରେ ଫଲ୍‌ଷ୍ଟାଫ୍, ମ୍ୟାକ୍‌ବେଥ୍ ଅଥବା ଲିଅର୍‌ଙ୍କର ଭେଟ ପାଇପାରିବ ? ପ୍ରକୃତି ମଧ୍ୟରେ ସେହିସବୁ ଚରିତ୍ରର କେତେକ ଛାୟା ଏବଂ ଆଭାସ ରହିଛି ସତ, ମାତ୍ର ସେଗୁଡ଼ିକ ସ୍ୱୟଂ ପ୍ରକୃତିର ଊର୍ଦ୍ଧ୍ୱରେହିଁ ପ୍ରତିଭାତ ହୋଇ ରହିଛନ୍ତି ।

୧୫୦. କେବଳ ଦୁଇପ୍ରକାର ବ୍ୟକ୍ତିଙ୍କ ଲାଗି କୌଣସି ଆଶା ରହିଛି : ଜଣେ ହେଉଛି, ଯିଏ ପରମେଶ୍ୱରଙ୍କ ସ୍ପର୍ଶଲାଭ କରିଛି ଏବଂ ସେହି ଆଡ଼କୁ ଆକର୍ଷିତ ହୋଇ ସଂଶୟାଛନ୍ନ ଭାବେ ତାଙ୍କର ଅନ୍ୱେଷଣ କରୁଛି, ଏବଂ ଅନ୍ୟଜଣକ ହେଉଛି ଏକ ଆତ୍ମପ୍ରତ୍ୟୟଯୁକ୍ତ ନିରୀଶ୍ୱରବାଦୀ । ମାତ୍ର, ଯାବତୀୟ ଧର୍ମର ସୂତ୍ର-ବ୍ୟାଖ୍ୟାକାର ଏବଂ ମୁକ୍ତଚିନ୍ତନର ଶୁକପକ୍ଷୀମାନେ ହେଉଛନ୍ତି ମୃତ ଆତ୍ମା ଏବଂ ଯେଉଁମାନେ ଅନୁସରଣ କରିବାରେ ଲାଗିଥିବା ଏକ ମୃତ୍ୟୁକୁହିଁ ଜୀବନ ବୋଲି କହୁଛନ୍ତି ।

*ଯାବତୀୟ ଧର୍ମର ‘‘ସୂତ୍ରବ୍ୟାଖ୍ୟାକାରମାନେ’’ ସାଧାରଣ ଜନଗଣଙ୍କ ଲାଗି ପରମେଶ୍ୱରଙ୍କର ଏକ ପ୍ରତିରୂପ ଯୋଗାଇଦେଇ ସେମାନଙ୍କୁ ପ୍ରକୃତରେ ସାହାଯ୍ୟ କରୁ ନ ଆନ୍ତି କି ? ଧର୍ମ ସାଧାରଣ ଜନଗଣଙ୍କୁ ଏହିପରି ଭାବରେ ଅନେକ ସାହାଯ୍ୟ କରେ ବୋଲି ଆପଣ ଭାବୁ ନାହାନ୍ତି କି ?*

ଏହି ଜଗତରେ ଯାହାକିଛି ଘଟେ, ତାହା ଦିବ୍ୟ ସର୍ବୋଚ୍ଚ ସତ୍ତାଙ୍କର ଜ୍ଞାନ ମଧ୍ୟକୁ ସମଗ୍ର ସୃଷ୍ଟିକୁ ପରିଚାଳିତ କରି ନେଇଯିବାକୁହିଁ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଇଚ୍ଛାରେହିଁ ଘଟିଥାଏ ।

ମାତ୍ର, ଏହି କାର୍ଯ୍ୟଟିର ସର୍ବାଧିକ ଅଂଶଟି ଆପଣାକୁ ବିରୋଧ ଏବଂ ଖଣ୍ଡନ ଦ୍ୱାରାହିଁ କାର୍ଯ୍ୟକାରୀ କରାଉଥାଏ । ଠିକ୍ ଏହିପରି ଭାବରେହିଁ ଧର୍ମଗୁଡ଼ିକ ତଥାକଥିତ ଧର୍ମବିଶ୍ୱାସୀମାନଙ୍କ ଲାଗି ଏକ କାର୍ଯ୍ୟ କରିଥା'ନ୍ତି; ସେହି ଧର୍ମବିଶ୍ୱାସୀମାନେ ଆଦୌ କୌଣସି ଅନ୍ତଃସ୍ୱୀକୃତି ନ ଥାଇ ଏବଂ ତା'ଠାରୁ ଆହୁରି କମ୍ ଅନୁଭୂତି ସହିତ ଆପଣା ଆପଣାର ଧର୍ମର ଅନୁସରଣ କରୁଥାନ୍ତି ।

୧୪ ସେପ୍ଟେମ୍ବର, ୧୯୬୯

**୧୫୧.** **ଥରେ ଜନୈକ ବ୍ୟକ୍ତି ଜଣେ ବୈଜ୍ଞାନିକଙ୍କ ପାଖକୁ ଆସିଲା ଏବଂ ତାଙ୍କଠାରୁ କିଛି ଶିକ୍ଷାଲାଭ କରିବାକୁ ଇଚ୍ଛା କଲା; ତା'ର ଶିକ୍ଷାଦାତା ତାକୁ ଅଣୁବୀକ୍ଷଣ ଏବଂ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ପ୍ରାପ୍ତ ହୋଇଥିବା ତଥ୍ୟଗୁଡ଼ିକୁ ଦେଖାଇ ଦେବାକୁ ଲାଗିଲେ । ମାତ୍ର ବ୍ୟକ୍ତିଜଣକ ହସି କହିଲା, ''ଆପଣ ଯେଉଁ କାଚଟିକୁ ମାଧ୍ୟମରୂପେ ବ୍ୟବହାର କରୁଛନ୍ତି, ଏଗୁଡ଼ାକ ହେଉଛି ସ୍ପଷ୍ଟତଃ ତାହାରି ଦ୍ୱାରା ଚକ୍ଷୁ ଉପରେ ପ୍ରପତିତ ହେଉଥିବା କେତୋଟି ଭ୍ରମ; ମୋ'ର ଆଖି ଲାଗି ଆପଣ ସିଧା ଏହିସବୁ ବିସ୍ମୟକୁ ଦେଖାଇ ନ ଦେବା ପର୍ଯ୍ୟନ୍ତ ମୁଁ ଏଗୁଡ଼ିକ ଉପରେ କଦାପି ବିଶ୍ୱାସ କରିବି ନାହିଁ ।'' ତା'ପରେ ନାନା ଆନୁଷଙ୍ଗିକ ତଥ୍ୟ ଏବଂ ପ୍ରୟୋଗ ଦ୍ୱାରା ବୈଜ୍ଞାନିକ ତା'ଆଗରେ ଆପଣା ଲବ୍ଧ ଜ୍ଞାନର ବିଶ୍ୱସନୀୟତାକୁ ପ୍ରମାଣ କରି ଦେଖାଇଦେଲେ; ମାତ୍ର ଲୋକଟି ପୁନର୍ବାର ହସିହସି କହିଲା, ''ଆପଣ ଯାହାକୁ ପ୍ରମାଣ ବୋଲି କହୁଛନ୍ତି, ମୁଁ ତାକୁ କେତେଗୁଡ଼ିଏ କାକତାଳୀୟ ଘଟଣା ବୋଲିହିଁ କହିବି; କେତେଟା କାକତାଳୀୟ ଘଟଣାକୁ ଆଣି ବାଡ଼ିଦେଲେ ତାହା କଦାପି ଏକ ପ୍ରମାଣ ହେବ ନାହିଁ । ଏବଂ, ଆପଣଙ୍କ ବୈଜ୍ଞାନିକ ପରୀକ୍ଷା ସକଳ ସମ୍ପର୍କରେ କୁହାଯାଇପାରେ ଯେ ସେଗୁଡ଼ିକ ସ୍ପଷ୍ଟତଃ କେବଳ କେତେକ କୃତ୍ରିମ ପରିସ୍ଥିତିରେହିଁ ସଂଘଟିତ ହେଉଛନ୍ତି ଏବଂ ପ୍ରକୃତି ଭିତରେ ରହିଥିବା ସତେଅବା ଏକ ମୂର୍ଖତାରହିଁ ପରିଚୟ ଦେଉଛନ୍ତି ।'' ଏବଂ, ଗଣିତର ଗଣନାଗୁଡ଼ିକର ସମ୍ମୁଖୀନ ହେବା ମାତ୍ରକେ ସିଏ ରୋଷଯୁକ୍ତ ହୋଇ ଏଡ଼େବଡ଼ ପାଟିରେ କହିବାକୁ ଆରମ୍ଭ କଲା, ''ଏହା ହେଉଛି ନିଶ୍ଚିତରୂପେ ଏକ ପ୍ରତାରଣା, ନିରର୍ଥକ କଥା ଏବଂ ଅନ୍ଧବିଶ୍ୱାସ; ଆପଣ କ'ଣ ମୋ'ର ହୃଦ୍‌ବୋଧ କରାଇବାକୁ**

**ଚେଷ୍ଟା କରୁଛନ୍ତି ଯେ, ଏହିସବୁ ଅସମ୍ଭବ ଓ ଅସ୍ପଷ୍ଟତାପୂର୍ଣ୍ଣ ସଂଖ୍ୟାଗୁଡ଼ାକର ପ୍ରକୃତରେ କୌଣସି ଯଥାର୍ଥ ସାମର୍ଥ୍ୟ ଅଥବା ତାତ୍ପର୍ଯ୍ୟ ରହିଛି ?'' ତା'ପରେ ବୈଜ୍ଞାନିକ ତାକୁ ସେଠାରୁ ଜଣେ ଆଶାହୀନ ନିପଟ ଅଳ୍ପବୁଦ୍ଧି ମଣିଷ ବୋଲି କହି ବାହାର କରିଦେଲେ; କାରଣ ସିଏ ନିଜର ଖଣ୍ଡନାତ୍ମକ ରୀତି ଏବଂ ନକାରାତ୍ମକ ଯୁକ୍ତିର ପଦ୍ଧତିଟିକୁ ମୋଟେ ହୃଦୟଙ୍ଗମ କରି ପାରିଲେ ନାହିଁ । ଯଦି ଆମେ କୌଣସି ନିରପେକ୍ଷ ଏବଂ ମୁକ୍ତଚିତ୍ତ ଅନୁସନ୍ଧିତ୍ସାକୁ ଅସ୍ୱୀକାର କରିବାକୁ ଇଚ୍ଛା କରୁଥିବା, ତେବେ, ଆପଣାର ସେହି ଅସ୍ୱୀକୃତିକୁ ଢାଙ୍କି ରଖିବା ଲାଗି ଆମକୁ ସର୍ବଦା ଅତ୍ୟନ୍ତ ତାତ୍ପର୍ଯ୍ୟବିଶିଷ୍ଟ ପରି ମନେ ହେଉଥିବା ଅନେକାକ୍ଷର ଶବ୍ଦମାନ ଅବଶ୍ୟ ମିଳି ଯାଉଥିବ, ଅଥବା, ଆମେ ଏପରି ନାନା ପ୍ରୟୋଗ ଏବଂ ପରିସ୍ଥିତିକୁ ଆଣି ଲଦି ଦେଉଥିବା, ଯାହାକି ଅସଲ ଅନୁସନ୍ଧାନଟିକୁ ଏକାନ୍ତ ନିରର୍ଥକ ବୋଲି ସିଦ୍ଧ କରି ଦେଉଥିବ ।**

ବୈଜ୍ଞାନିକମାନେ, ଯେଉଁମାନେ କି ଅଧିକାଂଶ ସ୍ଥଳରେ ବସ୍ତୁବାଦୀ ହୋଇ ରହିଥାନ୍ତି, ଯାବତୀୟ ଗୂଢ଼ବିଦ୍ୟାକ୍ଷେତ୍ରୀୟ ଏବଂ ଆଧ୍ୟାତ୍ମିକ ଜ୍ଞାନକୁ ଅଜ୍ଞାନ ଅଳ୍ପବୁଦ୍ଧିମାନେ ବିଜ୍ଞାନକୁ ଖଣ୍ଡନ କଲା ପରି ଠିକ୍ ଅନୁରୂପ ପ୍ରମାଣମାନ ଖଟାଇ ଖଣ୍ଡନ କରି ଦେଇଥାନ୍ତି ।

ଜଣେ ସଦିଚ୍ଛାସମ୍ପନ୍ନ ମନୁଷ୍ୟ ଲାଗି ଯାହା ଏକ ସ୍ପଷ୍ଟ ପ୍ରମାଣ ହୋଇ ରହିଥାଏ, ତାହା ଆଦୌ କୌଣସି ଶିକ୍ଷାଲାଭ କରିବାକୁ ନାସ୍ତି କରିବାରେ ଲାଗିଥିବା ବ୍ୟକ୍ତିକୁ ଏକ ପ୍ରତାରଣା ବୋଲି ମନେ ହୋଇଥାଏ ।

୧୭ ସେପ୍ଟେମ୍ବର, ୧୯୬୯

**୧୫୨. ଆମର ମନଗୁଡ଼ିକ ଯେତେବେଳେ ବସ୍ତୁ ମଧ୍ୟରେ ଜଡ଼ିତ ହୋଇ ରହିଥା'ନ୍ତି, ସେତେବେଳେ ସେମାନେ ସେହି ବସ୍ତୁହିଁ ଏକମାତ୍ର ସତ୍ୟ ବୋଲି ଭାବନ୍ତି; ଆମେ ଯେତେବେଳେ ଅଭୌତିକ ଚେତନା ମଧ୍ୟକୁ ପ୍ରତ୍ୟାହୃତ ହୋଇ ଚାଲିଆସୁ, ସେତେବେଳେ ବସ୍ତୁକୁ ଏକ ଉପରିସ୍ଥ ଆବରଣରୂପେ ପ୍ରତ୍ୟକ୍ଷ କରୁ ଏବଂ କେବଳ ଚେତନା ମଧ୍ୟରେ ଅବସ୍ଥିତ ରହିଥିବା ଅସ୍ତିତ୍ୱହିଁ ସତ୍ୟ ସହିତ ସଂଲଗ୍ନ ହୋଇ ରହିଥିବାର ଅନୁଭବ କରୁ । ତେବେ, ଏହି ଦୁଇଟି ମଧ୍ୟରୁ ପ୍ରକୃତ ସତ୍ୟ କେଉଁଟି ? ନାଇଁ— ସେକଥା କେବଳ ସେହି ପରମେଶ୍ୱରହିଁ ଜାଣିଛନ୍ତି; ମାତ୍ର,**

**ଯେଉଁ ବ୍ୟକ୍ତିର ଏହି ଦୁଇଟିଯାକ ଅନୁଭୂତି ରହିଛି, ଜ୍ଞାନର କ୍ଷେତ୍ରରେ କେଉଁ ସ୍ଥିତିଟି ପ୍ରକୃତରେ ଅଧିକ ପ୍ରଭାବର କାରଣ ହୋଇଥାଏ, କେଉଁଟି ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆନନ୍ଦମୟ, ସେହି କଥାଟିକୁ ଅତ୍ୟନ୍ତ ସହଜରେ କହିଦେଇ ପାରିବ ।**

**୧୫୩. ଭୌତିକ ଚେତନା ଅପେକ୍ଷା ଅଭୌତିକ ଚେତନା ଅଧିକ ବାସ୍ତବ ବୋଲି ମୁଁ ବିଶ୍ୱାସ କରେ, କାରଣ ଦ୍ୱିତୀୟଟିରେ ଯାହା ମୋ'ଠାରୁ ପ୍ରଚ୍ଛନ୍ନ ହୋଇ ରହିଛି, ତାହାକୁ ମୁଁ ପ୍ରଥମଟି ମଧ୍ୟରେ ଜାଣିବାକୁ ପାଇଥାଏ ଏବଂ, ମନ ଜଡ଼ ଭିତରେ ଯାହାକିଛିକୁ ଜାଣିପାରେ, ମୁଁ ସେଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ବି ଅର୍ଜନ କରିପାରେ ।**

*ଏକ ଅଭୌତିକ ଚେତନା ମଧ୍ୟରେ ସବୁବେଳେ ରହିବା କିପରି ସମ୍ଭବ ?*

ଏହା ଆଦୌ ସମ୍ଭବ ନୁହେଁ, ଏବଂ ଭଲ ମଧ୍ୟ ନୁହେଁ ।

ଯେଉଁ ଚେତନା ଭୌତିକ ଓ ଅଭୌତିକ ଦୁଇଟିଯାକ ଚେତନାଠାରୁ ଆହୁରି ଉଚ୍ଚ ହୋଇ ଅବସ୍ଥିତ ରହିଛି, ଏଠାରେ ଶ୍ରୀଅରବିନ୍ଦ ତାହାର ଉଲ୍ଲେଖ କରି ନାହାନ୍ତି । ଏଠାରେ ମୁଁ ସେହି ଅତିମାନସ ଚେତନାର କଥା କହୁଛି, ଯାହା ଭିତରେ କି ଅନ୍ୟ ଯାବତୀୟ ଚେତନା ଅନ୍ତର୍ଗତ ହୋଇ ରହିଛି ଏବଂ ତେଣୁ ଯାହା ସତ୍ତାର ଯାବତୀୟ ସ୍ତରରେ ରହିଥିବା ସବୁକିଛିର ଜ୍ଞାନଲାଭ କରି ପାରୁଛି । ଆମେ ସେହି ଚେତନାଟି ଲାଗିହିଁ ଅଭୀପ୍ସା କରିବା, ଏହି ଚେତନାହିଁ ଆମକୁ ଯଥାର୍ଥ ସତ୍ୟଟିର ପରିଚୟ ଆଣି ଦେଇପାରିବ ।

୧୮ ସେପ୍ଟେମ୍ବର, ୧୯୬୯

**୧୫୪. କେବଳ ଆତ୍ମାର ଚେତନା ଭୂମିରେହିଁ ନର୍କ ଓ ସ୍ୱର୍ଗର ଯାହାକିଛି ଅବସ୍ଥିତି ରହିଛି । କେବଳ ସେତିକି ନୁହେଁ, ଏହି ପୃଥିବୀ ଓ ସେଥିରେ ରହିଥିବା ସ୍ଥଳଭାଗ ଓ ସମୁଦ୍ର, ପ୍ରାନ୍ତର, ମରୁଭୂମି, ପର୍ବତ ଓ ନଦୀମାନଙ୍କର ମଧ୍ୟ ସେହି ଭୂମିରେହିଁ ଅବସ୍ଥିତି ରହିଛି । ଆତ୍ମାର ସେହି ଦୃଷ୍ଟିଗତ ବିନ୍ୟାସଟି ବ୍ୟତୀତ ଏହି ସମଗ୍ର ଜଗତକୁ ଆଉ ଆଦୌ ଅନ୍ୟ କିଛି ବୋଲି କୁହାଯାଇ ପାରିବ ନାହିଁ ।**

**୧୫୫. ଆତ୍ମା କେବଳ ଗୋଟିଏ ରହିଛି, ଅସ୍ତିତ୍ୱ ମଧ୍ୟ ସେହି ଗୋଟିଏ ରହିଛି; ତେଣୁ ଆମେ ସମସ୍ତେ କେବଳ ଗୋଟିଏ ବସ୍ତୁନିଷ୍ଠତାରହିଁ ପ୍ରତ୍ୟକ୍ଷ କରୁଛୁ । ମାତ୍ର, ସେହି ଏକ ଆତ୍ମସ୍ଥିତି ମଧ୍ୟରେ ମନ ଓ ଅହଂର ଯେଉଁ ଅନେକସଂଖ୍ୟକ ଗଣ୍ଠିମାନ ରହିଛି, ସେହି କାରଣରୁହିଁ ଆମେ ସେହି ଗୋଟିଏ ବସ୍ତୁକୁହିଁ ଭିନ୍ନଭିନ୍ନ ଆଲୋକ ଏବଂ ଭିନ୍ନଭିନ୍ନ ଛାୟା ମଧ୍ୟରେ ଦେଖିବାକୁ ପାଉଛୁ ।**

**୧୫୬. ଆଦର୍ଶବାଦୀ ଭୁଲ୍ କରିପକାଏ; ମନ ଏହିସବୁ ଜଗତଗୁଡ଼ିକୁ ଆଦୌ ସୃଷ୍ଟି କରି ନାହିଁ; ମାତ୍ର ଯିଏ ମନକୁ ସୃଷ୍ଟି କରିଛି, ସେଇ ଏହି ଜଗତଗୁଡ଼ିକୁ ମଧ୍ୟ ସୃଷ୍ଟି କରିଛି । ମନ କେବଳ ଭୁଲ୍‌ଭାବରେ ଦେଖୁଛି, କାରଣ ତାହାକୁ ଖଣ୍ଡିତ କରି ଦେଖୁଛି; ଯାହା କିଛି ସୃଷ୍ଟ ହେବାରେ ଲାଗୁଛି, ତାହାକୁ ସିଏ ଅଲଗା ଅଲଗା ଟିକିନିଖି କରି ଦେଖୁଛି ।**

*ଆମର ଏହି ଜାଗତିକ ଜୀବନରେ ଆଦର୍ଶବାଦ ଆମକୁ କିପରି ସାହାଯ୍ୟ କରି ପାରିବ ?*

ଯେଉଁ ନିର୍ଦ୍ଦିଷ୍ଟ ଦର୍ଶନମତଟି ଏକ ମୂଳଭୂତ ପ୍ରତ୍ୟୟରୁହିଁ ଯାବତୀୟ ଜଗତର ସୃଷ୍ଟି ହୋଇଛି ବୋଲି ଘୋଷଣା କରିଥାଏ, ଶ୍ରୀଅରବିନ୍ଦ ଏଠାରେ ସେହି ମତଟି ବିଷୟରେ କହୁଥିବା ପରି ମନେ ହେଉଛି । ଏହା ଯେ ଏକ ଭୁଲ ମତ, ଏଥିରେ କୌଣସି ସନ୍ଦେହ ନାହିଁ ।

ଯେଉଁ ଆଦର୍ଶବାଦୀମାନେ ଜଡ଼ର ଦାସ ହୋଇ ରହିବାକୁ ଅସ୍ୱୀକାର କରନ୍ତି, ସେମାନଙ୍କ ଲାଗି ଏହି ଦର୍ଶନମତଟିର ସମର୍ଥକ ହେବାର ଆଦୌ କୌଣସି ପ୍ରୟୋଜନ ନାହିଁ; ସେମାନେ ନିଜର ଆଦର୍ଶବାଦ ଦ୍ୱାରା ମନୁଷ୍ୟମାନଙ୍କୁ ଆଉ ଜଡ଼ସ୍ତରୀୟ ବାସନା ଗୁଡ଼ିକର ଦାସ ହୋଇ ନ ରହିବା ଲାଗି ଅବଶ୍ୟ ସାହାଯ୍ୟ କରି ପାରିବେ ।

୨୨ ସେପ୍ଟେମ୍ବର, ୧୯୬୯

**୧୫୭. ରାମକୃଷ୍ଣ ଏକଥା କହିଛନ୍ତି ଓ ବିବେକାନନ୍ଦ ଏକଥା କହିଛନ୍ତି । ହଁ, କହିଛନ୍ତି; ମାତ୍ର, ଅବତାର ଯାହାକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରି ନାହାନ୍ତି ଏବଂ ଅବତାରଙ୍କର ବାର୍ତ୍ତାବହ ଯାହାକୁ ଆପଣାର ଶିକ୍ଷାଗୁଡ଼ିକରୁ ବାଦ୍ କରି ରଖିଛନ୍ତି, ମୁଁ ସେହି ସତ୍ୟଟିକୁ ମଧ୍ୟ ଜାଣିବାକୁ ଚାହେଁ ।**

**ମଣିଷର ଭାବନା ଯାହାକିଛି ଭାବିଛି ବା ମଣିଷର ଜିହ୍ୱା ଯାହାକିଛି ଉଚ୍ଚାରଣ କରିଛି, ପରମେଶ୍ୱରଙ୍କ ମଧ୍ୟରେ ସର୍ବଦା ତା'ଠାରୁ ଅନେକ ଅଧିକହିଁ ଅବସ୍ଥିତ ହୋଇ ରହିଥିବ ।**

**୧୫୮. ରାମକୃଷ୍ଣ ପ୍ରକୃତରେ କ'ଣ ଥିଲେ ? ଏକ ମନୁଷ୍ୟସତ୍ତାରେ ପରମେଶ୍ୱରଙ୍କର ଅଭିବ୍ୟକ୍ତି ହୋଇ ରହିଥିଲେ । ମାତ୍ର ତାହାର ପଶ୍ଚାତରେ ସ୍ୱୟଂ ପରମେଶ୍ୱର ଆପଣାର ଅନନ୍ତ ନୈର୍ବ୍ୟକ୍ତିକତା ଓ ବିଶ୍ୱମୟ ବ୍ୟକ୍ତିକତା ସହ ବିଦ୍ୟମାନ । ଏବଂ, ବିବେକାନନ୍ଦ ପ୍ରକୃତରେ କ'ଣ ଥିଲେ ? ସିଏ ଶିବଙ୍କର ଚକ୍ଷୁରୁ ନିର୍ଗତ ଏକ ଉଜ୍ଜ୍ୱଳ ଦୃଷ୍ଟିପାତ ସ୍ୱରୂପ ହୋଇ ରହିଥିଲେ । ମାତ୍ର, ତାଙ୍କର ପଶ୍ଚାତରେ ସେହି ଦିବ୍ୟ ଦୃଷ୍ଟିପାତ ରହିଛି, ଯାହା ମଧ୍ୟରୁ କି ସିଏ ସ୍ୱୟଂ ଉଦ୍ଭୂତ ହୋଇ ଆସିଥିଲେ; ସ୍ୱୟଂ ଶିବ, ବ୍ରହ୍ମା, ବିଷ୍ଣୁ ଏବଂ ସେହି ସର୍ବୋତ୍‌କ୍ରାନ୍ତ ଓଁ ମଧ୍ୟ ସେହିଠାରୁ ଉଦ୍ଭୂତ ହୋଇ ଆସିଥିଲେ ।**

*ଏହି ଜଗତରେ ଥରେ ଅତିମାନସ ଚେତନାର ଦୃଢ଼ପ୍ରତିଷ୍ଠା ହୋଇଯିବା ପରେ ଅବତାରମାନେ ଜନ୍ମଗ୍ରହଣ କରିବା ଲାଗି ତଥାପି ପ୍ରୟୋଜନ ରହିବ କି ?*

ଅତିମାନସ ଏହି ଜଗତରେ ପ୍ରାଣୀମାନଙ୍କ ମଧ୍ୟରେ ଅଭିବ୍ୟକ୍ତ ହୋଇ ସାରିବା ପରେ ଯାଇ ଏହି ପ୍ରଶ୍ନଟିର ଉତ୍ତର ଦେବା ଅଧିକ ସହଜ ହେବ ।

ଶ୍ରୀଅରବିନ୍ଦ ''ସର୍ବଶେଷ ଅବତାର'' ଥିଲେ ବୋଲି ମୁଁ ସର୍ବଦା ଶୁଣି ଆସିଛି; ମାତ୍ର, ତାଙ୍କୁ ସମ୍ଭବତଃ ମନୁଷ୍ୟ ଶରୀରଧାରୀ ସର୍ବଶେଷ ଅବତାର ବୋଲି କୁହାଯିବ,– ତା'ପରେ,– ତା'ପରେ କ'ଣ ହେବ କେହି ଜାଣି ନାହାନ୍ତି ।...

୨୩ ସେପ୍ଟେମ୍ବର, ୧୯୬୯

**୧୫୯. ଯିଏ ମନୁଷ୍ୟ ମଧ୍ୟରେ ପରମେଶ୍ୱରରୂପୀ କୃଷ୍ଣଙ୍କୁ ଚିହ୍ନି ନାହିଁ, ସିଏ ପରମେଶ୍ୱରଙ୍କୁ ମୋଟେ ସଂପୂର୍ଣ୍ଣ ଭାବରେ ଜାଣି ନାହିଁ । ଯିଏ କୃଷ୍ଣଙ୍କ ବ୍ୟତୀତ ଆଉ କାହାକୁ ହେଲେ ଜାଣି ନାହିଁ, ସିଏ କୃଷ୍ଣଙ୍କୁ ମଧ୍ୟ ଜାଣି ନାହିଁ । ତଥାପି, ଏହାର ବିପରୀତ କଥାଟି ମଧ୍ୟ ସମାନ ଭାବରେ**

**ପୂରା ସତ୍ୟ ଯେ, ଯଦି ତୁମେ ଏକ କ୍ଷୁଦ୍ର, ପାଣ୍ଡୁର, ଅସୁନ୍ଦର ଓ ସୁଗନ୍ଧହୀନ ଫୁଲ ଭିତରେ ମଧ୍ୟ ସର୍ବମୟ ପରମେଶ୍ୱରଙ୍କ ଦର୍ଶନ କରିପାରୁଥିବ, ତେବେ ତୁମେ ତାଙ୍କର ସର୍ବୋଚ୍ଚ ପରମସତ୍ୟଟିକୁ ଜାଣିବା ଲାଗି ଅବଶ୍ୟ ଅଧିକାରୀ ହୋଇ ପାରିଥିବ ।**

*ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦର୍ଶିତ ଯୋଗମାର୍ଗକୁ ଥରେ ଗ୍ରହଣ କରିନେବା ପରେ ଅନ୍ୟ ଦେବତା ଓ ଦେବୀମାନଙ୍କର ପୂଜା ଓ ଉପାସନା ପରିତ୍ୟାଗ କରିବା ଉଚିତ ନୁହେଁ କି ?*

ଯିଏ ଶ୍ରୀଅରବିନ୍ଦଙ୍କର ପ୍ରଦର୍ଶିତ ମାର୍ଗକୁ ପ୍ରକୃତରେ ଅନୁସରଣ କରୁଥିବ, ଏହି ମାର୍ଗର ଅନୁଭୂତି ପ୍ରାପ୍ତ ହୋଇ ଆସିବା ସଙ୍ଗେ ସଙ୍ଗେ ସିଏ କୌଣସି ନିର୍ଦ୍ଦିଷ୍ଟ ଦେବତା ଅଥବା ଦେବୀ, ବା ଏପରିକି ସେମାନଙ୍କର ସମସ୍ତଙ୍କର ପୂଜା ଓ ଉପାସନା ମଧ୍ୟରେ ଆପଣାର ଚେତନାକୁ ସୀମାବଦ୍ଧ କରି ରଖିବାକୁ ଅସମ୍ଭବ ବୋଲି ଅନୁଭବ କରିବ ।

୨୬ ସେପ୍ଟେମ୍ବର, ୧୯୬୯

**୧୬୦. ଶୂନ୍ୟ ତତ୍ତ୍ୱମୀମାଂସାର ନିଷ୍ଫଳ ଜାଲ ଏବଂ ନିଷ୍ଫଳ ବୌଦ୍ଧିକତାର ଶୁଷ୍କ ଧୂଳିକୁ ବର୍ଜନ କରି ଚାଲିଆସ । ଏକ ଜୀବନ୍ତ ଆନନ୍ଦ ଲାଭ କରିବା ପାଇଁ ଯେଉଁ ଜ୍ଞାନକୁ ବ୍ୟବହାର କରାଯାଇ ପାରିବ ଏବଂ ଆମର ସ୍ୱଭାବ, କର୍ମ, ସୃଜନ ଏବଂ ସତ୍ତାର କ୍ଷେତ୍ରରେ ଯେଉଁ ଜ୍ଞାନକୁ ପ୍ରୟୋଗ କରାଯାଇ ପାରିବ, କେବଳ ସେହି ଜ୍ଞାନର ଅର୍ଜନ କରିବାରେହିଁ କୌଣସି ସାର୍ଥକତା ରହିଛି ।**

**୧୬୧. ତୁମର ଉପାର୍ଜିତ ଜ୍ଞାନକୁ ତୁମେ ଜୀବନରେ ବଞ୍ଚ, ସେହି ଜ୍ଞାନର ଅନୁରୂପ କରି ଆପଣାକୁ ତିଆରି କର; ତେବେ ଯାଇ ତୁମର ଜ୍ଞାନ ତୁମ ଭିତରେ ରହିଥିବା ଜୀବନ୍ତ ଈଶ୍ୱର ସଦୃଶ ହୋଇ ଉଠିବ ।**

*ଆମ ମାର୍ଗରେ ‘‘ବୌଦ୍ଧିକ ଅନୁଶୀଳନର ସଂସ୍କୃତି’’ ଆମକୁ କେତେଦୂର ସାହାଯ୍ୟ କରିପାରିବ ?*

ବୌଦ୍ଧିକ ଅନୁଶୀଳନକୁ ଯଦି ତାହାର ସର୍ବଶେଷ ସୀମା ପର୍ଯ୍ୟନ୍ତ ପରିଚାଳିତ କରି ନିଆ ଯାଇପାରେ, ତେବେ ତାହା ଆମର ମନକୁ ଏହିପରି ଏକ ଅସନ୍ତୋଷଜନକ ଉପଲବ୍ଧିରେ ଆଣି ପହୁଞ୍ଚାଇ ଦେବ ଯେ, ଯଥାର୍ଥ ସତ୍ୟକୁ ଜାଣିବାରେ ତାହା କଦାପି ସମର୍ଥ ହେବ ନାହିଁ, ଏବଂ, ଯେଉଁମାନଙ୍କ ମଧ୍ୟରେ ଏକ ନିଷ୍ଠାଯୁକ୍ତ ଅଭୀପ୍ସା ରହିଛି, ସେମାନଙ୍କୁ ତାହା ସ୍ଥିର ହୋଇ ଯିବାର ଏକ ଆବଶ୍ୟକତା ପାଖକୁ ପରିଚାଳିତ କରିନେବ, ଯେଉଁ ଉଚ୍ଚତର ଆୟତନଗୁଡ଼ିକ ତୁମକୁ ଯଥାର୍ଥ ଜ୍ଞାନ ଆଣି ଦେଇପାରିବ, ସେଗୁଡ଼ିକ ମଧ୍ୟକୁ ନୀରବରେ ଉନ୍ମୋଚିତ ହୋଇଯିବାର ଆବଶ୍ୟକତା ପାଖକୁ ମଧ୍ୟ ପରିଚାଳିତ କରି ନେଇଯିବ ।

୨୭ ସେପ୍ଟେମ୍ବର, ୧୯୬୯

**୧୬୨. ବିବର୍ତ୍ତନର ଧାରା ସମାପ୍ତ ହୋଇ ନାହିଁ; ବୁଦ୍ଧିଯୁକ୍ତିହିଁ ସର୍ବଶେଷ କଥା ନୁହେଁ ଅଥବା ବୁଦ୍ଧିର ଯୁକ୍ତି ଦ୍ୱାରା ପରିଚାଳିତ ହେଉଥିବା ପ୍ରାଣୀ ଆଦୌ ପ୍ରକୃତି ଦ୍ୱାରା ବ୍ୟକ୍ତ ହୋଇଥିବା ସର୍ବଶେଷ ସ୍ୱରୂପ ନୁହେଁ । ମନୁଷ୍ୟ ଯେଉଁଭଳି ଇତରପ୍ରାଣୀ ମଧ୍ୟରୁ ଉଦ୍ଭୂତ ହୋଇ ଆସିଲା, ଠିକ୍ ସେହିପରି ମନୁଷ୍ୟ ଭିତରୁ ଅତିମାନବ ମଧ୍ୟ ଉଦ୍ଭୂତ ହୋଇ ଆସୁଛି ।**

''ଉଦ୍ଭୂତ ହେବା'' କ୍ରିୟାଟିକୁ ଶ୍ରୀଅରବିନ୍ଦ କେଉଁ କାଳରେ ବ୍ୟବହାର କରିଛନ୍ତି, ତାହା ଜାଣିବାକୁ ମୁଁ ଇଂରାଜୀ ବାକ୍ୟଟିକୁ ଦେଖିବାକୁ ଇଚ୍ଛା କରୁଛି । ତାହାକୁ ସେ ବର୍ତ୍ତମାନ କାଳରେ ବ୍ୟବହାର କରିଛନ୍ତି ନା ଭବିଷ୍ୟତ କାଳରେ ?

ଯଦି ଭବିଷ୍ୟତ କାଳରେ ବ୍ୟବହାର କରିଥା'ନ୍ତି, ତେବେ ତାହା ଏପରି ଏକ ପ୍ରତିଶ୍ରୁତିକୁ ବୁଝାଉଛି, ଯାହାକୁ ଆମେ ସମସ୍ତେ ଜାଣିଛୁ, ଏବଂ ଆମେ ଯାହାର ଉପଲବ୍ଧି ନିମିତ୍ତ କାର୍ଯ୍ୟ କରୁଛୁ । ଯଦି ବର୍ତ୍ତମାନ କାଳରେ ବ୍ୟବହାର କରିଥା'ନ୍ତି;... ତେବେ ତାହା ସହିତ ମୁଁ ଆଉ ଅଧିକ କିଛିହେଲେ ଯୋଡ଼ିବାକୁ ଇଚ୍ଛା କରୁ ନାହିଁ ।

୨୯ ସେପ୍ଟେମ୍ବର, ୧୯୬୯

**୧୬୩. କଠୋର ଭାବରେ କୌଣସି ନିୟମକୁ ପାଳନ କରିବାର ଶକ୍ତି,– ତାହା ହେଉଛି ସ୍ୱାଧୀନ ଜୀବନର ଅସଲ ଭିତ୍ତି; ତେଣୁ, ସବୁ ସାଧନାମାର୍ଗରେ ଆପଣା ଦିବ୍ୟ ସତ୍ତାର ପରିପୂର୍ଣ୍ଣ ମୁକ୍ତି ଭିତରକୁ ଉତ୍ତୋଳିତ ହୋଇଯାଇ ପାରିବା ପୂର୍ବରୁ ଆତ୍ମାକୁ ଆପଣାର ନିମ୍ନତର**

ସତ୍ତାଗୁଡ଼ିକର ସ୍ତରରେ ରହିଥିବା ବିଧାନଟିକୁ ସହ୍ୟ କରିବାକୁ ଓ ପୂରଣ କରିବାକୁ ପଡ଼ିବ । ଯେଉଁସବୁ ସାଧନାମାର୍ଗ ସ୍ୱାଧୀନତାରୁହିଁ ଆପଣାର ନିର୍ଦ୍ଦେଶନାଗୁଡ଼ିକୁ ଆରମ୍ଭ କରିଥା'ନ୍ତି, ତାହା କେବଳ ଏପରି ଶକ୍ତିମାନ୍ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହିଥାଏ, ଯେଉଁମାନେ କି ସ୍ୱଭାବତଃ ମୁକ୍ତ ରହିଥାନ୍ତି ଅଥବା ପୂର୍ବ ଜୀବନଗୁଡ଼ିକରେ ଆପଣା ମୁକ୍ତିର ଏକ ମୂଳଭିତ୍ତି ସ୍ଥାପନ କରି ସାରିଥାନ୍ତି ।

**୧୬୪.** ଯେଉଁ ବ୍ୟକ୍ତିମାନେ ସ୍ୱୟଂ ଆଦରି ନେଇଥିବା କୌଣସି ନିୟମକୁ ମୁକ୍ତ, ପୂର୍ଣ୍ଣ ଏବଂ ବୁଦ୍ଧିଯୁକ୍ତ ଭାବରେ ପାଳନ କରିବାକୁ ଅସମର୍ଥ ହୁଅନ୍ତି, ସେମାନଙ୍କୁ ଅନ୍ୟମାନଙ୍କର ଇଚ୍ଛାଧୀନ କରି ରଖିବାକୁହିଁ ପଡ଼ିଥାଏ । ଅନେକ ଜାତି ଯେ ଅନ୍ୟର ଅଧୀନସ୍ଥ ହୋଇ ରହିଥାନ୍ତି, ଏହାହିଁ ହେଉଛି ତା'ର ଗୋଟିଏ ପ୍ରଧାନ କାରଣ । କୌଣସି ଏକ କର୍ତ୍ତାର ପାଦତଳେ ସେମାନଙ୍କର ବାଧାସୃଷ୍ଟିକାରୀ ଅହଂକାରଟି ଚୂନା ହୋଇ ସାରିବା ପରେ ଯାଇ ସେମାନଙ୍କୁ ମୁକ୍ତ ଭାବରେ ମୁକ୍ତିର ଯୋଗ୍ୟ ହୋଇପାରିବା ଲାଗି ପୁନର୍ବାର ଏକ ସୁଯୋଗ ଦିଆଯାଏ, ଅଥବା, ଯଦି ସେମାନଙ୍କ ଭିତରେ ଉପଯୁକ୍ତ ଶକ୍ତି ରହିଥାଏ, ତେବେ ସେହି ମୁକ୍ତିକୁ ହାସଲ କରିବା ଲାଗି ମଧ୍ୟ ଏକ ସୁଯୋଗ ଦିଆଯାଏ ।

*କେତେକ ସାଧନାମାର୍ଗ ''ସ୍ୱାଧୀନତାରୁହିଁ ଆରମ୍ଭ କରନ୍ତି'' ବୋଲି ଏଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସେଗୁଡ଼ିକ କେଉଁ ସାଧନାମାର୍ଗ ?*

ପୁରାକାଳରେ, ଯେତେବେଳେ ବିଭିନ୍ନ ଦୀକ୍ଷା-ସଂପ୍ରଦାୟଗୁଡ଼ିକର କେତେକ ପରିମାଣରେ ମହତ୍ତ୍ୱ ଓ କର୍ତ୍ତୃତ୍ୱ ରହିଥିଲା, ଶ୍ରୀଅରବିନ୍ଦ ଏଠାରେ ସେତେବେଳେ ସେହିସବୁ ସଂପ୍ରଦାୟ ଦ୍ୱାରା ଆଚରିତ ହେଉଥିବା ଦୀକ୍ଷାଗତ ସାଧନାଗୁଡ଼ିକର କଥା କହିଛନ୍ତି ବୋଲି ମୋ'ର ମନେ ହେଉଛି ।

ଆମର ବର୍ତ୍ତମାନ ଯୁଗଟି ଅତ୍ୟନ୍ତ ବସ୍ତୁବାଦୀ ହୋଇ ଯାଇଛି, ଓ ତେଣୁ ତାହା ଏହିସବୁ ସଂପ୍ରଦାୟକୁ ଆଉ ପୂର୍ବଭଳି ସେତେ ମହତ୍ତ୍ୱ କିଂବା କର୍ତ୍ତୃତ୍ୱ ଦେଉ ନାହିଁ ।

୩୦ ସେପ୍ଟେମ୍ବର, ୧୯୬୯

**୧୬୫. ଅନ୍ୟମାନଙ୍କର ବିଧାନଗୁଡ଼ିକୁ ପାଳନ କରିବା ଅପେକ୍ଷା ଆମେ ସ୍ୱୟଂ ସ୍ୱୀକାର କରି ନେଇଥିବା ବିଧାନଗୁଡ଼ିକୁ ପାଳନ କରିବା,– ନବଜନ୍ମର କୌଣସି ସମ୍ଭାବନା ନ ଥିବା ଆମର ଏହି ଉପସ୍ଥିତ ସ୍ଥିତିରେ ତାହାକୁହିଁ ସମସ୍ତେ ମୁକ୍ତି ବୋଲି ବୁଝନ୍ତି । କେବଳ ପରମେଶ୍ୱରଙ୍କ ମଧ୍ୟରେ ଓ ଆତ୍ମାର ପ୍ରାଧାନ୍ୟକୁ ମାନିନେବା ଦ୍ୱାରାହିଁ ଆମେ ଏକ ପରିପୂର୍ଣ୍ଣ ମୁକ୍ତିର ଅଧିକାରୀ ହୋଇପାରିବା ।**

ଦିବ୍ୟ ପରମସତ୍ତାଙ୍କ ସହିତ ନିରନ୍ତର ସଂଯୁକ୍ତ ହୋଇ ରହିବା ଏବଂ, ସେହି ପରମସତ୍ତା ଆମେ ଯାହା କରୁ ବୋଲି ଇଚ୍ଛା କରୁଛନ୍ତି, କେବଳ ତାହାକୁହିଁ କରିବା,– ତାହା ହେଉଛି ଯଥାର୍ଥ ମୁକ୍ତି ।

ମାତ୍ର, ସେହି ସ୍ଥିତିରେ ଯାଇ ପହଞ୍ଚି ପାରିବା ପୂର୍ବରୁ, ଆପଣା ଉପରେ କର୍ମ ଏବଂ ଆଚରଣର ଏକ ଉଚ୍ଚତର ବିଧାନକୁ ସ୍ୱୀକାର କରାଇନେବା ଓ ଅନ୍ୟମାନଙ୍କର ନିୟମକୁ ଅଥବା କୌଣସି ନୈତିକ ତଥା ସାମାଜିକ ପରମ୍ପରାକୁ ମାନିବା ଅପେକ୍ଷା ବରଂ ବିବେକର ସହିତ ସେହି ବିଧାନର ପାଳନ କରିବା,– ଏହାକୁହିଁ ଅଧିକ ଭଲ ବୋଲି କୁହାଯାଇ ପାରିବ ।

୧ ଅକ୍ଟୋବର, ୧୯୬୯

*ଆମେ ଯେତେବେଳେ ଗୋଟିଏ ଗୋଷ୍ଠୀରେ ବାସ କରୁଥାଉ, ସେତେବେଳେ ଅନେକ ସମୟରେ, ଆମେ ନିଜ ପାଇଁ ସ୍ୱୟଂ ଯେଉଁ ଶୃଙ୍ଖଳାର ପାଳନ କରିବା ଲାଗି ଇଚ୍ଛା କରୁଛୁ, ତାହା ପରିବର୍ତ୍ତେ ଆମ ଉପରେ ଅନ୍ୟମାନଙ୍କ ଦ୍ୱାରା ଲଦା ଯାଉଥିବା ନିୟମଗୁଡ଼ିକ ପାଳନ କରିବା ଆମ ଲାଗି ଆବଶ୍ୟକ ହୋଇ ପଡ଼େ ନାହିଁ କି ?*

ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯଦି ତୁମେ କୌଣସି ଗୋଟିଏ ଗୋଷ୍ଠୀରେ ବାସ କରିବାକୁ ସ୍ୱୟଂ ପସନ୍ଦ ଅର୍ଥାତ୍ ଗ୍ରହଣ କରି ନେଇଛ, ତେବେ ତୁମକୁ ସେହି ଗୋଷ୍ଠୀର ନିୟମଗୁଡ଼ିକୁ ଅବଶ୍ୟ ମାନିବାକୁ ପଡ଼ିବ; ତା' ନ ହେଲେ ତୁମେ ସେହି ଗୋଷ୍ଠୀରେ ବିଶୃଙ୍ଖଳା ଏବଂ ବିଭ୍ରାନ୍ତି ଲାଗିହିଁ ଏକ ଉପାଦାନରୂପେ କାର୍ଯ୍ୟ କରିବାକୁ ଲାଗିବ ।

ମାତ୍ର, ଯେଉଁ ଶୃଙ୍ଖଳାକୁ ତୁମେ ନିଜ ଇଚ୍ଛାରେହିଁ ଗ୍ରହଣ କରି ନେଇଛ, ତାହା

ତୁମ ଭିତରେ ଉଚ୍ଚତର ଚେତନାର ବିକାଶ ଏବଂ ଅଭିବୃଦ୍ଧି ଲାଗି କଦାପି କ୍ଷତିକାରକ ହେବ ନାହିଁ ।

୩ ଅକ୍ଟୋବର, ୧୯୬୯

**୧୬୬. ପାପ ଓ ପୁଣ୍ୟର ଦ୍ୱିସୂତ୍ରୀୟ ବିଧାନଟିକୁ ଆମ ଉପରେ ଲଦି ଦିଆଯାଇଛି, କାରଣ, ଆମେ ସେହି ଆଦର୍ଶ ଜ୍ଞାନ ଏବଂ ଆଦର୍ଶ ଜୀବନର ଅଧିକାରୀ ହୋଇପାରି ନାହୁଁ ଯାହା ଭିତରେ କି ଆତ୍ମା ସ୍ୱତଃସ୍ଫୂର୍ତ୍ତ ତଥା ଅଭ୍ରାନ୍ତ ଭାବରେ ଆମକୁ ତାହାର ଆତ୍ମ୍-ପରିପୂର୍ଣ୍ଣତା ଆଡ଼କୁ ପରିଚାଳିତ କରି ନେଇଯାଉଥାଏ । ଯେତେବେଳେ ଆପଣାର ଅନାବୃତ ମହିମା ସହିତ ଈଶ୍ୱରରୂପୀ ସୂର୍ଯ୍ୟ ସତ୍ୟ ଏବଂ ପ୍ରେମରେ ଅବସ୍ଥାନ କରୁଥିବା ଆତ୍ମା ଉପରେ କିରଣପାତ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ପାପ ଆଉ ପୁଣ୍ୟର ବିଧାନଟିର ଆମ ଲାଗି ଆଉ କୌଣସି ତାତ୍ପର୍ଯ୍ୟ ରହେ ନାହିଁ । ସେତେବେଳେ ମୋଜେସ୍‌ଙ୍କ ସ୍ଥାନରେ ଖ୍ରୀଷ୍ଟଙ୍କର ପ୍ରତିଷ୍ଠା ହୁଏ, ଶାସ୍ତ୍ରଗୁଡ଼ିକର ସ୍ଥାନରେ ବେଦର ପ୍ରତିଷ୍ଠା ହୁଏ ।**

*ଏହି ପାପ ଓ ପୁଣ୍ୟର ବିଚାରଟି ମନୁଷ୍ୟଜାତିର ଆଦୌ କୌଣସି ମଙ୍ଗଳ କରିଛି ବୋଲି ଆପଣ ଭାବୁଛନ୍ତି କି ?*

ଏଠାରେ ଶ୍ରୀଅରବିନ୍ଦ ଯେପରି କହିଛନ୍ତି, କେତେ ହଜାର ବର୍ଷ ପୂର୍ବେ ଯେତେବେଳେ ପାପ ଏବଂ ପୁଣ୍ୟର ବିଧାନଟିକୁ ପ୍ରଦାନ କରାଯାଇଥିଲା, ସେତେବେଳେ ମନୁଷ୍ୟସମାଜର ଅଗ୍ରଗତି ଲାଗି ତାହାର ଅବଶ୍ୟ ଆବଶ୍ୟକତା ରହିଥିଲା । ମାତ୍ର ଆଜି ତାହାର ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ; ଏହାର କୌଣସି ଉପଯୋଗିତା ନାହିଁ, ଏଣୁ ଏହାକୁ ମୂଲ୍ୟ ଦେବାର ମଧ୍ୟ ଆଦୌ କୌଣସି ଆବଶ୍ୟକତା ନାହିଁ ।

ବର୍ତ୍ତମାନ ତାହା ଅତୀତରହିଁ ଏକ ସମ୍ପତ୍ତି ହୋଇ ରହିଛି, ଏବଂ ସେହି ଅତୀତର ଆଉ କୌଣସି କର୍ତ୍ତୃତ୍ୱ ନାହିଁ ।

ମାତ୍ର ଏପରି ସମ୍ଭବ କରିବାକୁ ହେଲେ, ଏହାର ସ୍ଥାନାପନ୍ନ ଭାବରେ ଏକ ଅଧିକ ଆଲୋକଯୁକ୍ତ ଏବଂ ସତ୍ୟମୟ ବିଧାନର ପ୍ରତିଷ୍ଠା ହୋଇ ପାରିବା ଉଚିତ । ବିଶୃଙ୍ଖଳା ଏବଂ ଦୁର୍ନୀତି କଦାପି ତାହାର ସ୍ଥାନ ଗ୍ରହଣ କରିବା ଉଚିତ ନୁହେଁ ।

୪ ଅକ୍ଟୋବର, ୧୯୬୯

*ଏବଂ, ଏହି ଅଧିକ ଆଲୋକଯୁକ୍ତ ବିଧାନଟି ପୁଣି କ'ଣ ?**

ଯାବତୀୟ ନିୟମର ସ୍ଥାନାପନ୍ନ ଭାବରେ ଯେଉଁ ଦିବ୍ୟ ବିଧାନର ପ୍ରତିଷ୍ଠା ହେବ, ପରିପୂର୍ଣ୍ଣ ଏବଂ ସ୍ୱତଃପ୍ରଣୋଦିତ ଭାବରେ ତାହାରି ପରିପାଳନ କରିବା ।

୨୬ ସେପ୍ଟେମ୍ବର, ୧୯୭୦

*ବର୍ତ୍ତମାନ ଏହି ନୂତନ ମନୁଷ୍ୟ-ପୁରୁଷଟି ଯେପରି କରୁଛି, ସେହିପରି ଭାବରେ ନୈତିକ ଏବଂ ସାମାଜିକ ଯାବତୀୟ ପରମ୍ପରାକୁ ଭାଙ୍ଗି ପକାଇବା କ'ଣ ପ୍ରକୃତରେ ଉଚିତ କି ? ଏସବୁ ବସ୍ତୁର କ'ଣ ଆଦୌ କୌଣସି ମୂଲ୍ୟ ନାହିଁ ?*

ଗୋଟିଏ ସମୟରେ ଯାହାର ମୂଲ୍ୟ ରହିଥିଲା, ଆଉ ଗୋଟିଏ ସମୟ ବା ଅବଧିରେ ତାହାର ଆଉ କୌଣସି ମୂଲ୍ୟ ରହୁ ନାହିଁ, କାରଣ ମନୁଷ୍ୟର ଚେତନା ସତତ ଅଗ୍ରଗତି କରିବାରେ ଲାଗିଛି । ମାତ୍ର, ଆମେ ଯେଉଁ ନିୟମଟିକୁ ଆଉ ପାଳନ କରୁ ନାହୁଁ, ତାହାର ସ୍ଥାନାପନ୍ନ ଭାବରେ ଆମକୁ ଭବିଷ୍ୟତର ଉପଲବ୍ଧିଟି ସକାଶେ ଅଗ୍ରଗତିର ପଥକୁ ଉନ୍ମୁକ୍ତ କରି ଦେଉଥିବା ଏକ ଉଚ୍ଚତର ଏବଂ ଅଧିକ ସତ୍ୟ ବିଧାନର ପ୍ରତିଷ୍ଠା ଲାଗି ଆମକୁ ଅତ୍ୟନ୍ତ ଯତ୍ନଶୀଳ ହୋଇ ରହିବାକୁ ପଡ଼ିବ ।

ଏକ ଉଚ୍ଚତର ଏବଂ ଅଧିକ ଭଲ ନିୟମକୁ ଜାଣିବା ଏବଂ ପାଳନ କରିବାକୁ ସମର୍ଥ ନ ହେବା ପର୍ଯ୍ୟନ୍ତ ପ୍ରଚଳିତ ବିଧାନଟିକୁ ପରିତ୍ୟାଗ କରିଦେବା ଲାଗି ଆମର ଆଦୌ କୌଣସି ଅଧିକାର ନାହିଁ ।

ପୁନଶ୍ଚ : ମୁଁ କାଲି ଯାହା ଲେଖି ଦେଇଥିଲି, ତାକୁ ପୁଣିଥରେ ପଢ଼ିବ । ସେଥିରେ ମଧ୍ୟ ମୁଁ ଏହି କଥାଟିର ବ୍ୟାଖ୍ୟା କରି ଦେଇଥିଲି ।

୫ ଅକ୍ଟୋବର, ୧୯୬୯

*ଆମେ ଏହି ଉଚ୍ଚତର ବିଧାନଟିକୁ କିପରି ପାଳନ କରିପାରିବା ।**

---

* ୧୯୭୦ ମସିହାରେ ଏହି ଟିପ୍ପଣୀଗୁଡ଼ିକ ପ୍ରଥମେ ପ୍ରକାଶିତ ହେବାବେଳେ ଏହି ପ୍ରଶ୍ନଗୁଡ଼ିକ ପଚରା ଯାଇଥିଲା ।

ଯାହା ପରମେଶ୍ୱର ଇଚ୍ଛା କରୁଛନ୍ତି, ପ୍ରତ୍ୟେକ ମୁହୂର୍ତ୍ତରେ ତୁମକୁ ତାହାହିଁ କରିବାକୁ ହେବ ।

୨୬ ସେପ୍ଟେମ୍ବର, ୧୯୭୦

**୧୬୭. ଆମ ଭିତରର ପରମେଶ୍ୱର ସତତ ଆମର ଯଥାର୍ଥ ମାର୍ଗଦର୍ଶନ କରାଇବାରେ ଲାଗିଛନ୍ତି; ଏପରିକି ଆମେ ଅଜ୍ଞାନର ପାଶ ଭିତରେ ରହିଥିବା ସମୟରେ ମଧ୍ୟ । ମାତ୍ର ତଥାପି, ଲକ୍ଷ୍ୟ ସୁନିଶ୍ଚିତ ହୋଇ ରହିଥିଲେ ବି ନାନା ବୃତ୍ତଗତି ଏବଂ ବିଚ୍ୟୁତି ଦ୍ୱାରାହିଁ ତାହାକୁ ହାସଲ କରାଯାଇ ପାରୁଛି ।**

ଯେଉଁ ଲକ୍ଷ୍ୟଟି ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପୂର୍ବଦୃଷ୍ଟ ହୋଇ ରହିଛି, ତାହାକୁ ସର୍ବଦା ହାସଲ କରାଯାଇ ପାରୁଛି; ମାତ୍ର, ଯେଉଁମାନଙ୍କର ଚେତନା ଦିବ୍ୟ ପରମଚେତନା ସହିତ ସଂଯୁକ୍ତ ହୋଇ ରହିଛି, କେବଳ ସେହିମାନେହିଁ ତାହାକୁ ପ୍ରତ୍ୟକ୍ଷ ଏବଂ ସଜ୍ଞାନ ଭାବରେ ହାସଲ କରିପାରୁଛନ୍ତି; ଅନ୍ୟମାନେ – ଯେଉଁ ଅଧିକତମ ସଂଖ୍ୟକ ବ୍ୟକ୍ତି କେବଳ ଆପଣାର ବାହ୍ୟ ସତ୍ତାଟି ସମ୍ବନ୍ଧରେହିଁ ସଚେତନ ରହିଛନ୍ତି– ସେମାନେ କେବଳ ବୁଲାଣିବାଟରେ ଭ୍ରମିସାରିବା ପରେହିଁ ତାହାକୁ ହାସଲ କରୁଛନ୍ତି;– ସେହି ବାଟଗୁଡ଼ିକ ଅନେକ ସମୟରେ ସଂପୂର୍ଣ୍ଣ ବିପରୀତ ଦିଗରେ ମଧ୍ୟ ଗତି କରିଥିବା ପରି ବୋଧ ହୋଇଛି ।

୬ ଅକ୍ଟୋବର, ୧୯୬୯

**୧୬୮. ଯୋଗର ମାର୍ଗରେ କ୍ରସ୍ ଚିହ୍ନ ହେଉଛି ପରସ୍ପର ସହିତ ଦୃଢ଼ ଓ ସଂପୂର୍ଣ୍ଣ ଭାବରେ ସଂଯୁକ୍ତ ହୋଇ ରହିଥିବା ଆତ୍ମା ଏବଂ ପ୍ରକୃତିର ପ୍ରତୀକ । ମାତ୍ର, ଆମେ ଅଜ୍ଞାନଜନିତ ନାନା ଅଶୁଦ୍ଧତା ମଧ୍ୟରେ ପତିତ ହୋଇ ରହିଥିବାରୁ ତାହା ଆମ ଲାଗି ଦୁଃଖଭୋଗ ଏବଂ ଶୁଦ୍ଧୀକରଣର ଏକ ପ୍ରତୀକ ହୋଇ ରହିଛି ।**

**୧୬୯. ପରିପୂର୍ଣ୍ଣ କରିବାକୁ ନୁହେଁ, ପରିଶୁଦ୍ଧ କରିବାକୁହିଁ ଯିଶୁଖ୍ରୀଷ୍ଟ ପୃଥିବୀକୁ ଆସିଥିଲେ । ତାଙ୍କର ଏହି ବ୍ରତ ଯେ ବିଫଳ ହେବ ଏବଂ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ଏହି ଜଗତକୁ ତାଙ୍କୁ ଯେ ପୁନର୍ବାର ପରମେଶ୍ୱରଙ୍କର ତରବାରିକୁ ବହନ କରି ଆସିବାକୁ ହେବ, ସିଏ ସେକଥା ପୂର୍ବରୁ ଜାଣିଥିଲେ ।**

*ଏହି ସୂତ୍ରଟିରେ ''ପରମେଶ୍ୱରଙ୍କ ତରବାରି'' କାହାର ପ୍ରତିନିଧିତ୍ୱ କରୁଛି ?*

ପରମେଶ୍ୱରଙ୍କର ତରବାରି ସେହି ଶକ୍ତିମତ୍ତାକୁହିଁ ବୁଝାଉଛି, ଯାହାର କି କେହି ପ୍ରତିରୋଧ କରି ପାରିବେ ନାହିଁ ।

୭ ଅକ୍ଟୋବର, ୧୯୬୯

**୧୭୦. ମହମ୍ମଦଙ୍କର ଆଗମନର ଏକ ପ୍ରୟୋଜନ ରହିଥିଲା, ତା' ନ ହୋଇଥିଲେ ଆମେ କେବଳ ଭାବନାରେ ରହି ଯାଇଥାନ୍ତୁ, ଆତ୍ମ-ଶୁଦ୍ଧୀକରଣ ଦିଗରେ ଆମର ପ୍ରଚେଷ୍ଟାଗୁଡ଼ିକୁ ଅତିରଞ୍ଜିତ କରି, ଯଥା : ଏହି ପୃଥିବୀ ଯେ କେବଳ ସନ୍ନ୍ୟାସୀମାନଙ୍କ ଲାଗି ଉଦ୍ଦିଷ୍ଟ ଓ ମରୁଭୂମିର ଏକ ଦ୍ୱାରମଣ୍ଡପ ରୂପେହିଁ ଯେ ନଗରଗୁଡ଼ିକର ନିର୍ମାଣ କରାଯାଇଛି, ସେହି ପର୍ଯ୍ୟନ୍ତ ଆସି ଅଟକି ଯାଇଥାନ୍ତୁ ।**

**୧୭୧. ସମଗ୍ର କଥାଟିକୁ କହିଲେ, ପ୍ରେମ ଓ ଶକ୍ତି ଉଭୟେହିଁ ଶେଷକୁ ଏହି ପୃଥିବୀର ରକ୍ଷା କରି ପାରିବେ; ମାତ୍ର କେବଳ ପ୍ରେମ ଅଥବା କେବଳ ଶକ୍ତି  କେବେହେଲେ ତାହା କରିପାରିବେ ନାହିଁ । ସେହି କାରଣରୁହିଁ ଯିଶୁଖ୍ରୀଷ୍ଟଙ୍କୁ ଏକ ଦ୍ୱିତୀୟ ଆଗମନର ଅପେକ୍ଷା ରଖିବାକୁ ପଡ଼ିଥିଲା, ଏବଂ ମହମ୍ମଦଙ୍କ ଦ୍ୱାରା ପ୍ରଚାରିତ ଧର୍ମ,– ଯେଉଁଠାରେ ତାହା ଆଦୌ କୌଣସି ପ୍ରକାରେ ରୁଦ୍ଧ ଏବଂ ଗତିହୀନ ହୋଇ ରହିଯାଇ ନାହିଁ,– ଇମାମ୍‌ମାନଙ୍କର ମାଧ୍ୟମରେ ଜଣେ ମାହ୍‌ଦୀ ଲାଗି ମଧ୍ୟ ଅପେକ୍ଷା କରି ରହିଛି ।**

ଯିଶୁଖ୍ରୀଷ୍ଟ ଯେଉଁ ପ୍ରେମର ପ୍ରଚାର କରିଥିଲେ, କେବଳ ତାହା ଏକାକୀ ମନୁଷ୍ୟର ରୂପାନ୍ତର ଘଟାଇବାରେ ବିଫଳ ହେଲା । ମହମ୍ମଦ ଯେଉଁ ଶକ୍ତିର ପ୍ରଚାର କରିଥିଲେ, କେବଳ ସେଇଟି ମଧ୍ୟ ଏକାକୀ ଆଦୌ ଉକ୍ତ ରୂପାନ୍ତରକୁ ସମ୍ଭବ କରି ନ ଥିଲା ।

ତେଣୁ, ବର୍ତ୍ତମାନ ଯେଉଁ ଚେତନା ମନୁଷ୍ୟଜାତିର ରୂପାନ୍ତର ଲାଗି କାର୍ଯ୍ୟ କରୁଛି, ତାହା ଶକ୍ତି ଓ ପ୍ରେମ ଉଭୟକୁ ସଂଯୁକ୍ତ କରି ରଖିଛି, ଏବଂ ସେହି ରୂପାନ୍ତରର ଉପଲବ୍ଧି ଯେଉଁ ପରମ ଅଦ୍ୱିତୀୟ ସତ୍ତାଙ୍କ ଦ୍ୱାରା ସମ୍ଭବ ହେବ, ସିଏ ଆପଣା ସହିତ ଦିବ୍ୟ ପରମପ୍ରେମର ଶକ୍ତିକୁ ବହନ କରିହିଁ ଏହି ପୃଥିବୀକୁ ଆସିବେ ।

୧୦ ଅକ୍ଟୋବର, ୧୯୬୯

**୧୭୨. ନିୟମ ଦ୍ୱାରା କଦାପି ପୃଥିବୀର ରକ୍ଷା ହେବ ନାହିଁ, ତେଣୁ ମୋଜେସ୍‌ଙ୍କ ଦ୍ୱାରା ଘୋଷିତ ଅଧ୍ୟାଦେଶଗୁଡ଼ିକ ମନୁଷ୍ୟଜାତି ଲାଗି ଆଜି ମୃତ ତଥା ବ୍ରାହ୍ମଣମାନଙ୍କର ଶାସ୍ତ୍ର ମଧ୍ୟ ବିକୃତ ହୋଇପଡ଼ିଛି ଓ ମରିମରି ଯାଉଛି । ସ୍ୱାଧୀନତା ପ୍ରାପ୍ତ ବିଧାନହିଁ ମୁକ୍ତି । ପଣ୍ଡିତ ଦ୍ୱାରା ନୁହେଁ, ଯୋଗୀ ଦ୍ୱାରା; ମଠରେ ବାସ କରିବାକୁ ନିର୍ଦ୍ଦେଶ ଦେଉଥିବା ବିଚାର ଅଥବା ବିଧାନଟି ଦ୍ୱାରା ନୁହେଁ, ମାତ୍ର, ଅନ୍ତରର କ୍ଷେତ୍ରରେହିଁ ସକଳ ବାସନା, ଅଜ୍ଞାନ ଏବଂ ଅହଂକାରିତାର ବର୍ଜନ ଦ୍ୱାରାହିଁ ତାହା ସମ୍ଭବ ହେବ ।**

ଏହି କଥାଟି ଅକାଟ୍ୟ ଭାବରେ ସତ୍ୟ ଏବଂ ଆମେ ଠିକ୍ ସେହି କଥାଟିକୁ କରିବାକୁହିଁ ଚେଷ୍ଟା କରୁଛୁ । ମାତ୍ର ମନୁଷ୍ୟର ସ୍ୱଭାବ ବଡ଼ ଦୁର୍ଦ୍ଦମନୀୟ ହୋଇ ରହିଛି ଏବଂ ଆପଣାର ବାସନା, ଅଜ୍ଞାନ ତଥା ଅହଂକାରକୁ ପରିତ୍ୟାଗ କରି ମୁକ୍ତି ହାସଲ କରିବାକୁ ଅତ୍ୟନ୍ତ ଆୟାସସାଧ୍ୟ ମଣୁଛି ।

ଅଧିକସଂଖ୍ୟକ ମନୁଷ୍ୟ ବାସନା, ଅଜ୍ଞାନ ଏବଂ ଅହଂକାରିତାକୁ ପରିତ୍ୟାଗ କରି ମୁକ୍ତି ହାସଲ କରିବା ଅପେକ୍ଷା ସେହିଗୁଡ଼ିକ ପାଖରେ ଦାସ ହୋଇ ରହିବାକୁହିଁ ଅଧିକ ପସନ୍ଦ କରୁଛନ୍ତି ।

୧୩ ଅକ୍ଟୋବର, ୧୯୬୯

**୧୭୩. ବିବେକାନନ୍ଦ ମଧ୍ୟ ଏକଦା ଭାବାବେଗର ଚାପରେ ପଡ଼ି ଏହି ଭୁଲ୍ କଥାଟିକୁ ସ୍ୱୀକାର କରିଥିଲେ ଯେ, ପରମେଶ୍ୱରଙ୍କୁ ନେଇ ଏକ ବ୍ୟକ୍ତିକଳ୍ପନା ଅତ୍ୟନ୍ତ ଅସହ୍ୟ ଭାବରେହିଁ ଆମକୁ ଅନୈତିକତା ମଧ୍ୟରେ ନେଇ ପକାଇଦେବ ଏବଂ ତେଣୁ ତାହାର ପ୍ରତିରୋଧ କରିବା ପ୍ରତ୍ୟେକ ଭଲ ମଣିଷଙ୍କର କର୍ତ୍ତବ୍ୟ । ଯଦି ସକଳ ନୈତିକତାର ଊର୍ଦ୍ଧ୍ୱରେ ଥିବା ଏକ ସର୍ବଶକ୍ତିମାନ୍ ପରମ ଇଚ୍ଛା ଓ ପ୍ରଜ୍ଞା ଏହି ଜଗତର ଶାସନ କରୁଥାଏ ତେବେ ତାଙ୍କର ପ୍ରତିରୋଧ କରିବା କଦାପି ସମ୍ଭବ ହେବ ନାହିଁ । ଆମର ପ୍ରତିରୋଧଗୁଡ଼ିକ ମଧ୍ୟ କେବଳ ତାଙ୍କରି ଇଚ୍ଛାର ପରିଣାମ ଗୁଡ଼ିକ ପାଇଁ ସହାୟକ ହେବ ଓ ତାଙ୍କରି ଦ୍ୱାରାହିଁ ଆଦିଷ୍ଟ ହୋଇ ରହିଥିବ । ତେବେ, ନିନ୍ଦା କରିବା କିଂବା ଅସ୍ୱୀକାର କରିବା ପରିବର୍ତ୍ତେ ତାଙ୍କର ଅଧ୍ୟୟନ କରିପାରିଲେ ଓ ତାଙ୍କୁ ବୁଝିବାକୁ ଚେଷ୍ଟା କଲେ, ତାହା ପ୍ରକୃତରେ ଅଧିକ ଭଲ ହେବ ନାହିଁ କି ?**

**୧୭୪. ଆମେ ଯଦି ପରମେଶ୍ୱରଙ୍କୁ ବୁଝିଥାନ୍ତୁ, ତେବେ ଆମର ଏହି ଅହଂକାରପ୍ରଣୋଦିତ ତଥା ଅଜ୍ଞାନପ୍ରେରିତ ମାନବିକ ମାନଦଣ୍ଡଗୁଡ଼ିକୁ ପରିତ୍ୟାଗ କରିଥାନ୍ତୁ, ନଚେତ୍ ସେଗୁଡ଼ିକୁ ଭବ୍ୟ ଏବଂ ବିଶ୍ୱଜନୀନ କରି ରଖିଥାନ୍ତୁ ।**

ଜଣେ ମନୁଷ୍ୟର ବୁଝିବା ପାଇଁ ଏହି ଜଗତ ଅତି ଭୟଙ୍କର ଭାବରେ ନୈତିକତାଶୂନ୍ୟ ହୋଇ ରହିଛି, ଦୁଃଖ ଏବଂ ଅସୁନ୍ଦରତାରେ ପୂରି ରହିଛି; ମନୁଷ୍ୟଜାତିର ଆବିର୍ଭାବ ପରେ ତାହା ବିଶେଷ ଭାବରେ ସେହିପରି ହୋଇଛି । ତେଣୁ, ଏହି ଜଗତକୁ ଯେ ଜଣେ ବ୍ୟକ୍ତିସତ୍ତାଧାରୀ ଈଶ୍ୱର ତିଆରି କରିଛନ୍ତି, ଏହି ବିଚାରଟିକୁ ଗ୍ରହଣ କିରବା ମନୁଷ୍ୟର ଚେତନା ଲାଗି ଅତ୍ୟନ୍ତ କଷ୍ଟକର ହେଉଛି; କାରଣ ମନୁଷ୍ୟ ଏହି ଜଗତକୁ ଜଣେ ସର୍ବଶକ୍ତିମାନ୍ ରାକ୍ଷସର ସୃଷ୍ଟି ବୋଲିହିଁ ଅନୁମାନ କରୁଛି ।

ମାତ୍ର, ଶ୍ରୀଅରବିନ୍ଦ ଏଥିରେ ଏହି ଅଧିକ କଥାଟି ଯୋଡ଼ି ଦେବାକୁ ଇଚ୍ଛା କରୁଛନ୍ତି ଯେ, ନିନ୍ଦା ବା ଭର୍ତ୍ସନା କରିବା ଅପେକ୍ଷା ବୁଝିବାହିଁ ଏକ ଅଧିକ ଭଲ କଥା ହେବ ।

ଏବଂ, ଏହି ବୁଝିବାର ସର୍ବୋତ୍ତମ ମାର୍ଗ ହେଉଛି ଯେ, ଆମେ ସେହି ସର୍ବୋଚ୍ଚ ପରମ ଚେତନା ସହିତ ଆପଣାକୁ ସଂଯୁକ୍ତ କରି ରଖିବା, ଯେପରିକି ଆମେ ତାହାରି ଦେଖିବା ପରି ଦେଖିପାରିବା ଓ ତାହାରି ବୁଝିବା ପରି ବୁଝିପାରିବା । ଏହାକୁହିଁ ଏକମାତ୍ର ଯଥାର୍ଥ ବୁଦ୍ଧିମତ୍ତା ବୋଲି କୁହାଯିବ ।

ଏବଂ ଯୋଗ ହେଉଛି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବାର ଯଥାର୍ଥ ମାର୍ଗ ।

୧୫ ଅକ୍ଟୋବର, ୧୯୬୯

**୧୭୫. ଜଣେ ଭଲ ମଣିଷ ମୃତ୍ୟୁମୁଖରେ ପଡୁଛି ଅଥବା ବିଫଳ ହେଉଛି ଏବଂ ଜଣେ ଖରାପ ମଣିଷ ବଞ୍ଚି ରହୁଛି ଓ ବିଜୟଲାଭ କରୁଛି;– ସେଇଥିଲାଗି କ'ଣ ପରମେଶ୍ୱରଙ୍କୁ ମନ୍ଦ ବୋଲି କୁହାଯିବ ? ଏପରି ସିଦ୍ଧାନ୍ତ ପଛରେ ଆଦୌ କୌଣସି ନ୍ୟାୟ ରହିଥିବାର ମୁଁ ଦେଖୁ ନାହିଁ । ମୃତ୍ୟୁ ଓ ବିଫଳତା ପ୍ରକୃତରେ ଯେ ମନ୍ଦ, ସର୍ବପ୍ରଥମେ ସେହି କଥାଟି ବିଷୟରେ ମୋ'ର ହୃଦ୍‌ବୋଧ ହୋଇପାରିବା ଉଚିତ । ବେଳେ ବେଳେ ମୁଁ ଭାବେ ଯେ, ସେମାନେ ଯେତେବେଳେ ଆସନ୍ତି,**

**ସେତେବେଳେ ସେହି ମୁହୂର୍ତ୍ତର ଆମର ପରମ କଲ୍ୟାଣ ରୂପେ ଆସିଥା'ନ୍ତି । ମାତ୍ର, ଆମ ହୃଦୟ ତଥା ସ୍ନାୟୁଗୁଡ଼ିକର କ୍ଷେତ୍ରରେ ଆମେ ନିର୍ବୋଧ ହୋଇ ରହିଥାଉ ଏବଂ ଯୁକ୍ତି କରିବାରେ ଲାଗିଥାଉ ଯେ, ଯେଉଁଗୁଡ଼ିକୁ ସେମାନେ ଭଲ ପାଉ ନାହାନ୍ତି ଅଥବା ଇଚ୍ଛା କରୁ ନାହାନ୍ତି, ସେଗୁଡ଼ିକ ଅବଶ୍ୟ କେବଳ ମନ୍ଦହିଁ ହୋଇଥିବେ !**

*କିନ୍ତୁ ଏପରି ମନ୍ଦଭାଗ୍ୟମାନଙ୍କ ବିଷୟରେ କ'ଣ କୁହାଯାଇ ପାରିବ, ଯେଉଁମାନେ କି ସର୍ବଦା ଯାହାକିଛି କରନ୍ତି, ସେଥିରେ କେବଳ ବିଫଳହିଁ ହେଉଥା'ନ୍ତି ?*

ପ୍ରଥମତଃ, ଏକ ଚୂଡ଼ାନ୍ତ ସତ୍ୟ ହିସାବରେ ତୁମକୁ ଜାଣିବାକୁ ପଡ଼ିବ ଯେ, ଭାଗ୍ୟ– ତାହା ଭଲ ହେଉ କି ମନ୍ଦ ହେଉ– ବୋଲି ଆଦୌ କୌଣସି ବସ୍ତୁ ନାହିଁ ।

ଆମ ଅଜ୍ଞାନର ଆଖିକୁ ଯାହା ଭାଗ୍ୟ ବୋଲି ଦେଖାଯାଉଥାଏ, ସେଗୁଡ଼ିକ କେବଳ ଏପରି ନାନା କାରଣର ପରିଣାମ ସ୍ୱରୂପହିଁ ଘଟେ, ଯାହା ବିଷୟରେ କି ଆମେ ଆଦୌ କିଛିହେଲେ ଜାଣୁ ନାହିଁ ।

ଏହା ଏକ ସୁନିଶ୍ଚିତ କଥା ଯେ, ଯେଉଁ ମନୁଷ୍ୟର ନାନା ବାସନା ରହିଥାଏ, ତାହାର ସେହି ବାସନାଗୁଡ଼ିକ ଯେତେବେଳେ ତୃପ୍ତ ହୋଇପାରନ୍ତି ନାହିଁ, ସେତେବେଳେ ସେଥିରୁ ଏହି ସଙ୍କେତଟି ମିଳୁଥାଏ ଯେ, ଦିବ୍ୟ ପରମକରୁଣା ପ୍ରକୃତରେ ତା'ର ପାଖେ ପାଖେ ରହିଛନ୍ତି ଏବଂ ତା'ର ଅଭିଜ୍ଞତାର ମାଧ୍ୟମରେ ତା' ଜୀବନରେ ତ୍ୱରାର ସହିତ ଏକ ଅଗ୍ରଗତି କରାଇବା ସକାଶେ ଇଚ୍ଛା କରୁଛନ୍ତି; ଏହି କଥାଟିକୁ ଶିକ୍ଷା ଦେଇ ସିଏ ସେହି ଅଗ୍ରଗତି କରାଇବାକୁ ଇଚ୍ଛା କରୁଛନ୍ତି ଯେ, ଇଚ୍ଛାକୃତ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ଦିବ୍ୟ ପରମ-ଇଚ୍ଛାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେଇ ପାରିଲେ, ଯାବତୀୟ ବାସନାର ପରିତର୍ପଣ ଅପେକ୍ଷା ଶାନ୍ତି ଓ ଆଲୋକ ମଧ୍ୟରେ ସୁଖଲାଭ କରିବାରେ ତାହା ଏକ ଅନେକ ଅଧିକ ନିଶ୍ଚିତ ମାର୍ଗରୂପେ ଅବଶ୍ୟ କାର୍ଯ୍ୟ କରିବ ।

୧୭ ଅକ୍ଟୋବର, ୧୯୬୯

**୧୭୬. ପଛକୁ ଅନାଇ ଆପଣା ଅତୀତ ଜୀବନ ଉପରେ ଦୃଷ୍ଟିପାତ କଲେ ମୁଁ ଦେଖିବାକୁ ପାଏ ଯେ, ଯଦି ମୁଁ ବିଫଳ ହୋଇ ନ ଥା'ନ୍ତି କିଂବା କଷ୍ଟ ପାଇ ନ ଥା'ନ୍ତି, ତେବେ ମୁଁ ଜୀବନର ସର୍ବୋଚ୍ଚ ବରଦାନଗୁଡ଼ିକରୁ**

**ଅବଶ୍ୟ ବଞ୍ଚିତ ହୋଇ ରହିଥା'ନ୍ତି । ତଥାପି, ବିଫଳ ହେବା ଓ କଷ୍ଟ ଭୋଗ କରିବା ସମୟରେ ସେହି ବିପର୍ଯ୍ୟୟର ବୋଧରେ ମୁଁ ବିକ୍ଷୁବ୍ଧ ହୋଇ ପଡ଼ିଥିଲି । ଆମେ ତ କେବଳ ଆମର ନାକତଳେ ରହିଥିବା ବିଷୟଟି ବ୍ୟତୀତ ଆଦୌ କିଛିହେଲେ ଦେଖିପାରୁ ନାହିଁ, ଏବଂ ସେଇଥିଲାଗି ଏହିସବୁ ତିରସ୍କାର ଏବଂ କୋଳାହଳ କରିବାର ହାତରେ ନିଜକୁ ଛାଡ଼ି ଦେଇଥାଉ । ହେ ନିର୍ବୋଧ ହୃଦୟମାନେ, ତୁମେମାନେ ନୀରବ ହୋଇଯାଅ ! ଅହଂକାରକୁ ସଂହାର କର, ବିସ୍ତାରଯୁକ୍ତ ଭାବରେ ଏହି ସମଗ୍ର ବିଶ୍ୱର ପରିପ୍ରେକ୍ଷୀରେ ଦେଖି ଶିଖ ଏବଂ ଅନୁଭବ କରି ଶିଖ ।**

**୧୭୭. ଏକ ପରିପୂର୍ଣ୍ଣ ବିଶ୍ୱଦୃଷ୍ଟି ଏବଂ ବିଶ୍ୱାନୁଭୂତିହିଁ ଆମକୁ ଯାବତୀୟ ପ୍ରମାଦ ଏବଂ କଷ୍ଟଭୋଗରୁ ମୁକ୍ତ କରି ନେଇ ଆସିବ । ମାତ୍ର ଅଧିକାଂଶ ମନୁଷ୍ୟ କେବଳ ଆପଣାର ଅହଂଟାକୁ ଅଧିକରୁ ଅଧିକ ବିସ୍ତାରିତ କରିବାରେହିଁ ସଫଳ ହୋଇଥା'ନ୍ତି ।**

*''ବିଶ୍ୱ ଦୃଷ୍ଟି ଏବଂ ବିଶ୍ୱାନୁଭୂତି'' କହିଲେ କ'ଣ ବୁଝାଏ, ଓ ତାହାକୁ ହାସଲ କରାଯାଇ ପାରିବ କିପରି ?*

ଏହାର କେବଳ ଏତିକି ଅର୍ଥ ହେଉଛି ଯେ, ଆମେ ଯୁଗପତ୍ ଭାବରେ ସମଗ୍ର ପୃଥିବୀକୁହିଁ ଆପଣାର ଦୃଷ୍ଟିସମକ୍ଷରେ ରଖିବା ଲାଗି ସମର୍ଥ ହେବା; ସମଗ୍ରକୁ ଅବଲୋକନ କରି-ପାରିବାରୁ ଯେଉଁ ଅନୁଭୂତି ସମ୍ଭବ ହେବ, ତାହା ହେଉଛି ବିଶ୍ୱାନୁଭୂତି । ସମଗ୍ର ମଧ୍ୟରେ ସକଳ ବସ୍ତୁହିଁ **ଯୁଗପତ୍ ଭାବରେ** ବିଦ୍ୟମାନ ରହିଛି,— ଆଲୋକ ଓ ଅନ୍ଧକାର, ଦୁଃଖ ଓ ସୁଖ, କଷ୍ଟ ଏବଂ ଆନନ୍ଦ ସବୁକିଛି ରହିଛି । ଏବଂ ଏହି ସବୁକିଛି ଏକତ୍ର ହୋଇ ଶ୍ରଦ୍ଧାଭକ୍ତିରହିଁ ଏକ ସ୍ପନ୍ଦନକୁ ଉଦ୍ଭୂତ କରାଇ ଆଣୁଛି, ଯାହାକି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୁଖ ହୋଇ ରହିଛି; ଶ୍ରୁତିଗୋଚର ହେଉଥିବା ସକଳ ଶବ୍ଦ ଏକତ୍ର ଓଁ ଶବ୍ଦ ଦ୍ୱାରା ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ସର୍ବୋଚ୍ଚ ଆବାହନଟିକୁ ବ୍ୟକ୍ତ କରିବାରେ ଲାଗିଛନ୍ତି, ଠିକ୍ ସେହିପରି ।

୧୮ ଅକ୍ଟୋବର, ୧୯୬୯

**୧୭୮.** **ମନୁଷ୍ୟମାନେ ''ମୋ ଦେଶ ସକାଶେ !'', ''ମନୁଷ୍ୟଜାତି ସକାଶେ !'' ଓ ''ପୃଥିବୀ ସକାଶେ !'' ବୋଲି କହିଥା'ନ୍ତି ଓ ଭାବିଥା'ନ୍ତି; ମାତ୍ର ସେମାନେ ନିଜ ଭିତରେ ପ୍ରକୃତରେ ''ମୋ ଦେଶରେ ଦୃଷ୍ଟ ହେଉଥିବା ମୋ ନିଜ ସକାଶେ !'', ''ମନୁଷ୍ୟ ଜାତି ମଧ୍ୟରେ ଦୃଷ୍ଟ ହେଉଥିବା ମୋ ନିଜ ସକାଶେ !'' ଏବଂ ''ମୋ'ର କଳ୍ପନା ମଧ୍ୟରେ ପୃଥିବୀର ପ୍ରତିରୂପ ଭଳି ଦେଖା ଯାଉଥିବା ମୋ ନିଜ ସକାଶେ !'' ବୋଲି ଭାବୁଥା'ନ୍ତି । ଏହିପରି କରିବା ହୁଏତ ବେଶ୍ ଏକ ସମ୍ପ୍ରସାରଣ ହୋଇପାରେ, ମାତ୍ର ଏହାକୁ କଦାପି ମୁକ୍ତି ବୋଲି କହିହେବ ନାହିଁ । ବୃହତ୍ ମଧ୍ୟରେ ବାସ କରିବା ଏବଂ ଏକ ବୃହତ୍ କାରାଗାର ମଧ୍ୟରେ ବାସ କରିବା ଏହି ଦୁଇଟି କଦାପି ମୁକ୍ତିର ଗୋଟିଏ ପ୍ରକାର ସର୍ତ୍ତ ନୁହେଁ ।**

ମୁକ୍ତ ହେବାକୁ ହେଲେ ବନ୍ଦିଶାଳା ଭିତରୁ ବାହାରକୁ ବାହାରି ଆସିବା ଉଚିତ । ଅହଂ ହେଉଛି ଏହି ବନ୍ଦିଶାଳା,— ଅହଂର ଅର୍ଥ ହେଉଛି ବିଚ୍ଛିନ୍ନ ବ୍ୟକ୍ତି-ଅସ୍ତିତ୍ୱର ଏକ ବୋଧ । ମୁକ୍ତ ହେବାକୁ ହେଲେ ସଚେତନ ଏବଂ ସଂପୂର୍ଣ୍ଣ ଭାବରେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବାକୁ ପଡ଼ିବ ଏବଂ ଏହି ଏକାତ୍ମତା— ଅର୍ଜନର ମଧ୍ୟ ଦେଇ ଅହଂର ସୀମାଗୁଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ ଏବଂ, ଆମର ଚେତନା ଏକ ବ୍ୟକ୍ତିଚେତନା ହୋଇ ରହିଥିଲେ ମଧ୍ୟ ଆପଣାକୁ ବିଶ୍ୱ ସହିତ ଯୁକ୍ତ କରି ରଖି ସେହି ଅହଂର ସକଳ ଅସ୍ତିତ୍ୱକୁହିଁ ବିଲୁପ୍ତ କରିଦେବାକୁ ପଡ଼ିବ ।

୧୯ ଅକ୍ଟୋବର, ୧୯୬୯

**୧୭୯.** **ତୁମ ପ୍ରତିବେଶୀ ମଧ୍ୟରେ ଥିବା ଭଗବାନଙ୍କ ପାଇଁ, ତୁମ ନିଜ ଭିତରେ ଥିବା ଭଗବାନଙ୍କ ପାଇଁ, ତୁମ ନିଜ ଦେଶରେ ଓ ତୁମ ଶତ୍ରୁମାନଙ୍କର ଦେଶରେ ଥିବା ଭଗବାନଙ୍କ ପାଇଁ, ସମଗ୍ର ମନୁଷ୍ୟଜାତି ମଧ୍ୟରେ ଥିବା ଭଗବାନଙ୍କ ପାଇଁ, ବୃକ୍ଷରେ, ପଥର ଭିତରେ ଏବଂ ଇତର ପ୍ରାଣୀମାନଙ୍କ ମଧ୍ୟରେ ଥିବା ଭଗବାନଙ୍କ ପାଇଁ, ଏହି ପୃଥିବୀ ଭିତରେ ତଥା ପୃଥିବୀର ବାହାରେ ଥିବା ଭଗବାନଙ୍କ ପାଇଁ ଜୀବନ ଧାରଣ କର ତେବେ ଯାଇ ତୁମେ ମୁକ୍ତିର ସରଳମାର୍ଗରେ ରହିଛ ବୋଲି କୁହାଯିବ ।**

ମୁଁ ଏଥିରେ ଆଉ ଅଧିକ କିଛି ଯୋଡ଼ି କହିବାକୁ ଚାହୁଁ ନାହିଁ । ଏହା ଏକ ସତ୍ୟବାକ୍ୟ, ଅତ୍ୟନ୍ତ ସତ୍ୟବାକ୍ୟ— ଏବଂ ଏହି ସତ୍ୟଟି ବିଷୟରେ ସୁନିଶ୍ଚିତ ହେବାକୁ ହେଲେ ତୁମକୁ ତାହାର ଅଭିଜ୍ଞତା ଅର୍ଜନ କରିବାକୁ ହେବ, କାରଣ ଅଭିଜ୍ଞତାହିଁ ତୁମ ଭିତରେ ଯଥାର୍ଥ ସଂପ୍ରତ୍ୟୟ ଆଣି ଦେଇପାରିବ ।

୨୧ ଅକ୍ଟୋବର, ୧୯୬୯

**୧୮୦. କ୍ଷୁଦ୍ରତର ଓ ବୃହତ୍ତର ଶାଶ୍ୱତତାମାନ ରହିଛି; କାରଣ, ଶାଶ୍ୱତତା ହେଉଛି ଆତ୍ମାର ଗୋଟିଏ ସଂଜ୍ଞା ଏବଂ ତେଣୁ ତାହା କାଳାଧୀନ ହୋଇ ରହିପାରିବ, କାଳକୁ ଅତିକ୍ରମ ବି କରିଯାଇ ପାରିବ । ଶାସ୍ତ୍ରରେ ଯେଉଁଠାରେ ''ଶାଶ୍ୱତୀଃ ସମାଃ'' ବୋଲି କୁହାଯାଇଛି, ସେଠାରେ ତାହା ଏକ ସୁଦୀର୍ଘ ଦେଶବିସ୍ତାର ଓ କାଳର ଚିରସ୍ଥାୟିତ୍ୱ ଅର୍ଥାତ୍ କ୍ୱଚିତ୍ ମାପି ହୋଇପାରୁଥିବା ଯୁଗଯୁଗ ବିଷୟରେ କୁହାଯାଇଛି । କେବଳ ପୂର୍ଣ୍ଣ ପରମେଶ୍ୱରଙ୍କରହିଁ ପୂର୍ଣ୍ଣ ଶାଶ୍ୱତତା ରହିଛି । ତଥାପି, ଜଣେ ଯେତେବେଳେ ନିଜ ଭିତରକୁ ଚାଲିଯାଏ, ସେଠାରେ ସେ ସକଳ ବସ୍ତୁକୁହିଁ ପ୍ରଚ୍ଛନ୍ନ ଭାବରେ ଶାଶ୍ୱତ ବୋଲି ପ୍ରତ୍ୟକ୍ଷ କରିଥାଏ; ସେଠାରେ ଆଦୌ କୌଣସି ଶେଷ ନ ଥାଏ; କେବେ କୌଣସି ଆରମ୍ଭ ମଧ୍ୟ ରହିଥିଲା ବୋଲି ଆଦୌ ଅନୁଭୂତ ହୁଏ ନାହିଁ ।**

*ଏହି ଶାଶ୍ୱତତା ଅନୁଭୂତ ହୋଇପାରିବ କିପରି ?*

ସେହି ପରମଶାଶ୍ୱତଙ୍କ ସହିତ ସଂଯୁକ୍ତ ହେବା ଦ୍ୱାରା,— ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ସଂଯୁକ୍ତ ହେବା ଦ୍ୱାରା ।

୨୩ ଅକ୍ଟୋବର, ୧୯୬୯

**୧୮୧. ତୁମେ ଯେତେବେଳେ ଆଉ ଜଣେ ବ୍ୟକ୍ତିକୁ ବୋକା ବୋଲି କହୁଛ,— ବେଳେବେଳେ ତୁମେ ଏପରି କହିବାକୁ ବାଧ୍ୟ ହୋଇଥାଅ,— ସେତେବେଳେ ତୁମେ ଏକଥା କଦାପି ଭୁଲିଯିବ ନାହିଁ ଯେ, ମନୁଷ୍ୟସମୂହ ମଧ୍ୟରେ ତୁମେହିଁ ସବୁଠାରୁ ବଡ଼ ବୋକା ବୋଲି ପ୍ରମାଣିତ ହୋଇ ସାରିଛ ।**

**୧୮୨. ପ୍ରୟୋଜନ ହେଲେ ପରମେଶ୍ୱର ମଧ୍ୟ ଜଣେ ବୋକାର ଭୂମିକା ଗ୍ରହଣ କରିବାକୁ ଭଲ ପାଆନ୍ତି; ମଣିଷ ସେକଥା ପ୍ରୟୋଜନରେ କରେ, ବିନା ପ୍ରୟୋଜନରେ ମଧ୍ୟ କରିଥାଏ । ଏତିକି ମାତ୍ର ପାର୍ଥକ୍ୟ ରହିଛି ।**

*ଗତ କେତେବର୍ଷ ହେଲା, ଆମର ସାନବଡ଼ ପ୍ରାୟ ସବୁ ପିଲା ଆପଣାର ଦୈନନ୍ଦିନ କଥାବାର୍ତ୍ତାରେ ଅଭ୍ୟସ୍ତ ଭାବରେ ସର୍ବଦା ଅଶ୍ଳୀଳ ଶବ୍ଦମାନ ବ୍ୟବହାର କରି ଆସୁଛନ୍ତି । ଉଦାହରଣ ସ୍ୱରୂପ, ସେମାନେ କହୁଥିବା ପ୍ରତ୍ୟେକ ବାକ୍ୟରେ ''ବୋକା'' ''ଗଧ'' ପ୍ରଭୃତି ଶବ୍ଦ ଅବଶ୍ୟ ରହୁଛି... ଭାରତୀୟ ଭାଷାରେ ରହିଥିବା ସେହିପରି ଆହୁରି କେତେ ଶବ୍ଦ ମଧ୍ୟ ରହୁଛି । ଏସବୁ କହିବା ସମୟରେ ସେମାନଙ୍କ ଭିତରେ ଯେ କୌଣସି ମନ୍ଦ ଅଭିପ୍ରାୟ ରହୁଛି, ସେକଥା ମୋଟେ ନୁହେଁ । ଏହିପରି ଭାବରେ ଏତେ ସାଧାରଣ ହୋଇ ଯାଇଥିବା ଏହି ମନ୍ଦ ଅଭ୍ୟାସଟିରୁ ମୁକ୍ତ ହେବାରେ ଆମେ କିପରି ସେମାନଙ୍କୁ ସାହାଯ୍ୟ କରିପାରିବା ?*

କହିବା ପୂର୍ବରୁ ତୁମେ ଆଗ ଭାବି ତା'ପରେ ଯାଇ କହିବାକୁ ଶିକ୍ଷା କରିବାରେ ଏବଂ ନିଜର ବିଚାରକୁ ବ୍ୟକ୍ତ କରିବା ଲାଗି ଯେଉଁସବୁ ଶବ୍ଦ ଏକାନ୍ତ ଅପରିହାର୍ଯ୍ୟ, କେବଳ ସେତିକି ଶବ୍ଦ ବ୍ୟବହାର କରିବାରେ ଏହାର ଏକମାତ୍ର ପ୍ରତିକାର ରହିଛି ।

**ତୁମେ ଯେତେ ଅଧିକ କମ୍ କଥା କହିବ ସେତେ ଭଲ ।** ଏବଂ, ଯଦି କାହାକୁ କିଛି କହିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେହେବ, ତେବେ ସେହି କ୍ଷେତ୍ରରେ ତୁମେ କେବଳ ଏକାନ୍ତ ଅପରିହାର୍ଯ୍ୟ ଶବ୍ଦଗୁଡ଼ିକୁହିଁ ବ୍ୟବହାର କରିବ, ଆଉ ଅଧିକ କୌଣସି ଶବ୍ଦ ବ୍ୟବହାର କରିବ ନାହିଁ ।

୨୪ ଅକ୍ଟୋବର, ୧୯୬୯

**୧୮୩. ବୌଦ୍ଧ ଧର୍ମମତ ଅନୁସାରେ ଏକ ସାମ୍ରାଜ୍ୟର ସ୍ଥାପନା କରିବା ଅପେକ୍ଷା ଗୋଟିଏ ପିମ୍ପୁଡ଼ିକୁ ବୁଡ଼ି ମରିଯିବାରୁ ରକ୍ଷା କରିବା ହେଉଛି ଏକ ମହତ୍ତର କାର୍ଯ୍ୟ । ଏହି କଥାଟି ମଧ୍ୟରେ ଏକ ସତ୍ୟ ନିହିତ ହୋଇ ରହିଛି ସତ, ମାତ୍ର, ଏହା ଏପରି ଏକ ସତ୍ୟ ଯାହାକୁ କି ଭାରି ସହଜରେ ଅତିରଞ୍ଜିତ କରି ଦିଆଯାଇପାରେ ।**

**୧୮୪. କୌଣସି ଗୋଟିଏ ଗୁଣକୁ,– ସେହି ଗୁଣ ସଂବେଦନା ବା କରୁଣା ମଧ୍ୟ ହୋଇପାରେ,– ଅତ୍ୟଧିକ ଉଚ୍ଚ ସ୍ଥାନ ଦେବାର ଅର୍ଥ ହେଉଛି ନିଜର ହାତ ଦ୍ୱାରା ପ୍ରଜ୍ଞାର ଆଖିକୁ ବନ୍ଦ କରି ରଖିବା । ପରମେଶ୍ୱର ସତତହିଁ ଏକ ସମଞ୍ଜସତା ଆଡ଼କୁ ଗତି କରିବାରେ ଲାଗିଥା'ନ୍ତି ।**

ଯେକୌଣସି ଅତିରଞ୍ଜନ ଓ ଯେକୌଣସି ଆତିରିକ୍ତ୍ୟ କେବଳ ଭାରସାମ୍ୟଗତ ଅଭାବର ସୂଚନା ଦେଇଥାଏ, ତାହା ଅସମଞ୍ଜସତାରହିଁ ସୂଚନା ଦେଇଥାଏ । ଏବଂ ତେଣୁ, ପରିପୂର୍ଣ୍ଣତାର ଅଭିଳାଷ ରଖିଥିବା ଜଣେ ବ୍ୟକ୍ତିର ଜୀବନରେ ତାହାକୁ ଏକ ଦୋଷ ବୋଲି କୁହାଯିବ । କାରଣ, କେବଳ ଏକ ସର୍ବୋଚ୍ଚ ସମଞ୍ଜସତା ମଧ୍ୟରେହିଁ ପରିପୂର୍ଣ୍ଣତା ସମ୍ଭବ ହୋଇପାରିବ ।

୨୮ ଅକ୍ଟୋବର, ୧୯୬୯

**୧୮୫. ତୁମର ଆତ୍ମା ଯେପର୍ଯ୍ୟନ୍ତ ଭେଦାଭେଦ ନିର୍ଣ୍ଣୟ କରିପାରୁଛି, ସେପର୍ଯ୍ୟନ୍ତ ତୁମେ ହୁଏତ କଷ୍ଟଭୋଗ କରୁଥିବା ଇତର ପ୍ରାଣୀମାନଙ୍କ ଲାଗି ଦୟା ପ୍ରଦର୍ଶନ କରି ପାରିବ । ମାତ୍ର, ମନୁଷ୍ୟଜାତି ତୁମଠାରୁ କେବଳ ସେତିକିରୁ କିଛି ମହତ୍ତର ପ୍ରତ୍ୟାଶା ରଖିଥାଏ; ତାହା ତୁମଠାରୁ ଭଲ ପାଇବା ଚାହେଁ, ବୁଝାମଣା ଶକ୍ତିର ଅପେକ୍ଷା ରଖିଥାଏ, ତୁମର ସଖ୍ୟ ଲୋଡ଼ୁଥାଏ, ଜଣେ ସମକକ୍ଷ ଓ ଜଣେ ଭାଇରହିଁ ସାହାଯ୍ୟ ଆଶା କରୁଥାଏ ।**

**୧୮୬. ପୃଥିବୀର କଲ୍ୟାଣ ସକାଶେ ମନ୍ଦର ଯେଉଁ ଅବଦାନମାନ ରହିଛି ଓ ପୁଣ୍ୟବାନ୍ ବ୍ୟକ୍ତିମାନେ ବେଳେବେଳେ ଯେଉଁସବୁ ଅନିଷ୍ଟ କରିଥା'ନ୍ତି, ସେଥିରେ ଭଲକୁ ନେଇ ମୋହିତ ହୋଇ ରହିଥିବା ଆତ୍ମା ବ୍ୟଥିତ ହୋଇ ପଡ଼ିଥାଏ । ତଥାପି, ଏଥିରେ ବ୍ୟଥିତ ଅଥବା ବିମୂଢ଼ ହୋଇପଡ଼ ନାହିଁ, ବରଂ, ତାହାର ଅଧ୍ୟୟନ କର ଏବଂ, ପରମେଶ୍ୱର ମନୁଷ୍ୟଜାତି ବିଷୟରେ ଯେଉଁ ମାର୍ଗଟିକୁ ଅନୁସରଣ କରିଥା'ନ୍ତି, ସ୍ଥିର ହୋଇ ତାହାକୁ ବୁଝିବାକୁ ଚେଷ୍ଟା କର ।**

ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହୁଁଛନ୍ତି ଯେ, ଚେତନାର କ୍ଷେତ୍ରରେ ଏପରି ଏକ ଉଚ୍ଚ

ଭୂମି ରହିଛି, ଯେଉଁଠାରେ କି ଭଲ ଓ ମନ୍ଦ ବିଷୟରେ ରହିଥିବା ସାଧାରଣ ଧାରଣାଗୁଡ଼ିକର ଆଦୌ କୌଣସି ମୂଲ୍ୟ ରହେ ନାହିଁ ।*

ଏବଂ, ସିଏ ଆମକୁ ଏହି ପରାମର୍ଶ ଦେଉଛନ୍ତି ଯେ, ପୃଥିବୀରେ ଘଟଣାଗୁଡ଼ିକ ଯେଉଁପରି ଭାବରେ ଘଟୁଥାଏ, ସେଥିରେ କୌଣସି ପ୍ରକାରେ ପ୍ରଭାବିତ ନ ହୋଇ ଆମେ ଚେତନାର କ୍ଷେତ୍ରରେ ଊର୍ଦ୍ଧ୍ୱକୁହିଁ ଉଠିଯିବା ଓ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବା; ତେବେଯାଇ ଆମେ ବସ୍ତୁଗୁଡ଼ିକ ଯଥାର୍ଥରେ ଯେପରି, ସେଗୁଡ଼ିକୁ ସେହିପରି ଭାବରେ ବୁଝିପାରିବା ।

୨୯ ଅକ୍ଟୋବର, ୧୯୬୯

**୧୮୭. ପରମେଶ୍ୱରଙ୍କର କଲ୍ୟାଣକାରୀ ବିଧାନରେ ମନ୍ଦ ବୋଲି କିଛି ନାହିଁ; କେବଳ ଭଲହିଁ ରହିଛି ଅଥବା ଭଲ ଲାଗି ପ୍ରସ୍ତୁତି ରହିଛି ।**

**୧୮୮. ତୁମ ଆତ୍ମାର ସଂଗ୍ରାମ ଏବଂ ଅଗ୍ରଗତି ଲାଗିହିଁ ଭଲ ଓ ମନ୍ଦର ବିଧାନ କରାଯାଇଥିଲା । ମାତ୍ର, ପରିଣାମଗୁଡ଼ିକର ଭୂମିରେ ସେମାନେ ସେହି ପରମେଶ୍ୱରଙ୍କର ବିଧାନର ଅନ୍ତର୍ଗତ ହୋଇ ରହିଥା'ନ୍ତି । ପରମେଶ୍ୱର ଭଲ ଓ ମନ୍ଦ ଉଭୟର ଅତୀତ ହୋଇ ଆପଣାକୁ ପରିପୂର୍ଣ୍ଣ କରନ୍ତି ।**

ବିବର୍ତ୍ତନ ଏବଂ ଅଗ୍ରଗତିର ପ୍ରୟୋଜନଦୃଷ୍ଟିରୁ ମନୁଷ୍ୟର ଭାବନା ଭଲ ଓ ମନ୍ଦର ଭିଆଣ କରିଛି । ମାତ୍ର ଦିବ୍ୟ ପରମଚେତନା ମଧ୍ୟରେ ଭଲ ଓ ମନ୍ଦ ଲାଗି କୌଣସି ସ୍ଥାନ ନାହିଁ ।

ଏହି ସମଗ୍ର ବିଶ୍ୱଜଗତ ଏକ ଧୀର ଆରୋହଧର୍ମୀ ବିବର୍ତ୍ତନରେ ସେହି ପରମ ତତ୍ତ୍ୱଙ୍କୁ ଅଭିବ୍ୟକ୍ତ କରି ଆଣିବା ନିମନ୍ତେ ତାଙ୍କରି ଆଡ଼କୁ ଗତି କରିଚାଲିଛି ।

୩୦ ଅକ୍ଟୋବର, ୧୯୬୯

**୧୮୯. ଅନ୍ତର ମଧ୍ୟରେ ବାସ କର; ବାହ୍ୟ ଘଟଣାବଳୀରେ ତୁମେ ଆଦୌ ବିଚଳିତ ହୁଅ ନାହିଁ ।**

**୧୯୦. ମୁକ୍ତହସ୍ତ ହେବାର କୌଣସି ପ୍ରଦର୍ଶନ କରି ତୁମେ ଆପଣା ହାତର**

---

* ଏହି ବାକ୍ୟଟିକୁ ମାଆ ଇଂରାଜୀ ଭାଷାରେ କହିଥିଲେ ।

**ଭିକ୍ଷାତଣ୍ଡୁଳକୁ ସବୁଆଡ଼କୁ ବିକ୍ଷିପ୍ତ କରି ଦିଅ ନାହିଁ । ଯେଉଁ କ୍ଷେତ୍ରରେ ତୁମେ ସାହାଯ୍ୟ କରୁଛ, ତାହାକୁ ବୁଝ ଓ ଭଲ ପାଅ । ତୁମ ଭିତରେ ତୁମ ଆତ୍ମାର ଅଭିବୃଦ୍ଧି ଲାଗି ରହିଥାଉ ।**

**୧୯୧. ଦରିଦ୍ରମାନେ ତୁମ ସହିତ ରହିଥିବା ପର୍ଯ୍ୟନ୍ତ ତୁମେ ସେମାନଙ୍କର ସହାୟତା କର; ମାତ୍ର ସର୍ବଦା ଅଧ୍ୟୟନ ମଧ୍ୟ କରୁଥାଅ ଏବଂ ଉଦ୍ୟମ କର, ଯେପରିକି ତୁମର ସାହାଯ୍ୟ ଲାଭ କରିବା ନିମନ୍ତେ ପୃଥିବୀରେ ଆଦୌ କୌଣସି ଦରିଦ୍ର ନ ରହିବେ ।**

ଦିବ୍ୟ ପରମସତ୍ତାଙ୍କ ପାଇଁ ଏକ ସତତ ଅଭୀପ୍ସା ରଖି ଅନ୍ତର୍ଗତ ଭାବରେ ଜୀବନ ବଞ୍ଚିବା ଆମକୁ ସ୍ମିତହାସ୍ୟର ଦୃଷ୍ଟିରେ ଜୀବନକୁ ଦେଖିପାରିବାର ଏବଂ ବାହ୍ୟ ପରିସ୍ଥିତିଗୁଡ଼ିକ ଯାହା ହେଉଥିଲେ ମଧ୍ୟ ତଥାପି ଶାନ୍ତ ରହିବାର ସାମର୍ଥ୍ୟ ଆଣି ଦେଇଥାଏ ।

ଦରିଦ୍ରମାନଙ୍କ ବିଷୟରେ ଶ୍ରୀଅରବିନ୍ଦ ଏହିକଥା କହୁଛନ୍ତି ଯେ, ସେମାନଙ୍କୁ ସାହାଯ୍ୟ କରିବା ଏକ ଉତ୍ତମ କାର୍ଯ୍ୟ; ମାତ୍ର ସେଥିରେ କୌଣସି ମୁକ୍ତହସ୍ତ ଦୟା ଓ ଉଦାରତାର ଆଦୌ ପ୍ରଦର୍ଶନ ହେବା ଉଚିତ ନୁହେଁ । ଏବଂ, ଯେପରିକି ପୃଥିବୀରେ ଆଦୌ କେହି ଦରିଦ୍ର ହୋଇ ନ ରହିବେ, ସେଥିଲାଗି ଦାରିଦ୍ର୍ୟର ଏକ ସମାଧାନ ନିମନ୍ତେ ଅନ୍ୱେଷଣ କରିବା ହେଉଛି ଅନେକ ଅଧିକ ଉତ୍ତମ ।

୩୧ ଅକ୍ଟୋବର, ୧୯୬୯

**୧୯୨. ପ୍ରାଚୀନ ଭାରତର ସମାଜିକ ଆଦର୍ଶ ବ୍ରାହ୍ମଣଠାରୁ ଏକ ସ୍ୱେଚ୍ଛାକୃତ ସରଳ ଜୀବନର, ଶୁଦ୍ଧତା, ବିଦ୍ୟାର୍ଜନ ଏବଂ ସମାଜ ପାଇଁ ନିଃଶୁଳ୍କ ଶିକ୍ଷାଦାନର ଦାବି କରୁଥିଲା; ରାଜ୍ୟଶାସକଠାରୁ ଯୁଦ୍ଧ, ଶାସନ, ଦୁର୍ବଳର ସୁରକ୍ଷା ଏବଂ ସମର କ୍ଷେତ୍ରରେ ପ୍ରାଣବଳି ଦେବାର ପ୍ରତ୍ୟାଶା ରଖୁଥିଲା; ବୈଶ୍ୟଠାରୁ ବାଣିଜ୍ୟ, ଲାଭ ଏବଂ ଦାନ ଦ୍ୱାରା ସେହି ଲାଭକୁ ସମାଜକୁ ପ୍ରତ୍ୟର୍ପଣ କରିବାର ଆଶା ରଖୁଥିଲା, ଶୂଦ୍ରଠାରୁ ଅନ୍ୟମାନଙ୍କ ଲାଗି ଶ୍ରମ କରିବା ଓ ଭୌତିକ ସମ୍ପନ୍ନତାର ବୃଦ୍ଧି କରାଇବା ବିଷୟରେ ପ୍ରତ୍ୟାଶା ରଖୁଥିଲା । ଆପଣା ଦାସତ୍ୱର କ୍ଷତିପୂରଣ ସ୍ୱରୂପ ଆତ୍ମ-ଅପରିଗ୍ରହ, ରକ୍ତଦାନ ଏବଂ ତା' ନିଜ ଧନଦାନ ରୂପକ ଦାୟିତ୍ୱରୁ ତାକୁ ମୁକ୍ତ କରାଯାଇଥିଲା ।**

ପ୍ରଥମେ, ପ୍ରାୟ ଛଅହଜାର ବର୍ଷ ପୂର୍ବେ, ଏହା ଏକ ସଂପୂର୍ଣ୍ଣ ସତ୍ୟରୂପେ ଗୃହୀତ ହୋଇଥିଲା ଏବଂ ପ୍ରତ୍ୟେକ ମନୁଷ୍ୟର ବର୍ଗ ତା'ର **ସ୍ୱଭାବ ଅନୁସାରେ** ନିର୍ଣ୍ଣୀତ ହୋଇ ରହିଥିଲା । ତା'ପରେ ଏହି ବ୍ୟବସ୍ଥା ଏକ ରୂଢ଼ ବ୍ୟବସ୍ଥାରେ ପରିଣତ ହୋଇଗଲା, ଅଧିକରୁ ଅଧିକ ପରିମାଣରେ ଏକ ସ୍ୱେଚ୍ଛାଚାରୀ ସାମାଜିକ ସୁବିଧାରେ (ଜନ୍ମ ଅନୁସାରେ) ପରିଣତ ହେଲା ଏବଂ ତାହା ବ୍ୟକ୍ତିର ଯଥାର୍ଥ ସ୍ୱଭାବ ବିଷୟରେ ଆଉ କୌଣସି ବିଚାର କଲା ନାହିଁ । ଫଳରେ ଏକ ମନ୍ଦ ଓ ମିଥ୍ୟା ବିଚାରରେ ପରିଣତ ହେଲା ଏବଂ ବିଲୁପ୍ତ ହୋଇଗଲା ।

ମାତ୍ର, କ୍ରମଶଃ, ମନୁଷ୍ୟ ଅଗ୍ରଗତି କରୁଥିବା ସଙ୍ଗେ ସଙ୍ଗେ ମନୁଷ୍ୟର ଯାବତୀୟ କାର୍ଯ୍ୟକଳାପକୁ ଅଧିକରୁ ଅଧିକ ପରିମାଣରେ ଏକ ସମାନଧର୍ମୀ, ଅପେକ୍ଷାକୃତ କମ୍ ଅପରିବର୍ତ୍ତନୀୟ ମାତ୍ର ଅଧିକରୁ ଅଧିକ ଯଥାର୍ଥ ରୀତିରେ (ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଏବଂ ସାମର୍ଥ୍ୟ ଅନୁସାରେ) ଶ୍ରେଣୀବିଭାଗ କରି ରଖାଯାଉଛି ।

୭ ନଭେମ୍ବର, ୧୯୬୯

**୧୯୩. ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି, ତାହା ହେଉଛି ସେହି ସମାଜରେ ରହିଥିବା ଅନ୍ୟାୟ ଏବଂ ମନ୍ଦ ସଂଗଠନର ପ୍ରମାଣ । ଏବଂ ଆମେ ଏହାର ଲାଘବ ପାଇଁ ଯେଉଁସବୁ ସାର୍ବଜନୀନ ଦୟାଦାକ୍ଷିଣ୍ୟର ବ୍ୟବସ୍ଥା କରୁଛୁ, ତାହାକୁ ଜଣେ ତସ୍କରର ବିବେକକ୍ଷେତ୍ରରେ କେବଳ ଏକ ସର୍ବପ୍ରଥମ ମନ୍ଥର ଜାଗରଣ ବୋଲି କୁହାଯାଇପାରିବ ।**

**୧୯୪. ଆମ ପ୍ରାଚୀନ ମହାକାବ୍ୟର କବି ବାଲ୍ମୀକି ଏକ ନ୍ୟାୟପୂର୍ଣ୍ଣ ଏବଂ ଜ୍ଞାନଦୀପ୍ତ ସମାଜବ୍ୟବସ୍ଥାର ବିଭିନ୍ନ ଲକ୍ଷଣ ମଧ୍ୟରେ କେବଳ ଯେ ସାର୍ବଜନୀନ ଶିକ୍ଷା, ନୈତିକତା ଏବଂ ଆଧ୍ୟାତ୍ମିକତାକୁ ଅନ୍ତର୍ଗତ କରିଛନ୍ତି ତା' ନୁହେଁ, ମାତ୍ର ସେ ଏକଥା ମଧ୍ୟ କହିଛନ୍ତି ଯେ, ''ସେହି ସମାଜରେ ଏପରି ଜଣେ କେହି ନ ଥିବ ଯିଏ କି ମୋଟା ଭାତ ଖାଇବାକୁ ବାଧ୍ୟ ହେଉଥିବ, ଜଣେ କେହି ମୁକୁଟହୀନ କିଂବା ଅନଭିଷିକ୍ତ ହୋଇ ରହି ନ ଥିବ, କିଂବା କେହି ହେଲେ ଭୋଗବିଳାସର ହୀନ ଓ ନୀଚ ଦାସ ହୋଇ ଆଦୌ ବାସ କରୁ ନ ଥିବ ।''**

**୧୯୫. କୌଣସି ଏକ ଶ୍ରେଣୀ ଭିତରେ ବା କୌଣସି ଜଣେ ବ୍ୟକ୍ତି ଭାବେ ଦାରିଦ୍ର୍ୟକୁ ବରଣ କରିନେବା ଅବଶ୍ୟ ଏକ ମହତ୍ ଓ କଲ୍ୟାଣପ୍ରଦ**

**କାର୍ଯ୍ୟ ହୋଇଥାଏ; କିନ୍ତୁ, ଏହାକୁ ଯଦି ସର୍ବସାଧାରଣର ବା ଜାତିର ଏକ ଆଦର୍ଶରୂପେ ବିକୃତଭାବେ ବ୍ୟବହାର କରାଯାଏ ତେବେ ଏହା ପ୍ରାଣଘାତୀ ହୋଇଥାଏ ତଥା ଜାତିର ସମୃଦ୍ଧ ଓ ସଂପ୍ରସାରଣର ଜୀବନକୁ ଦରିଦ୍ର କରିଦେଇଥାଏ ।**

**୧୯୬. ଯେପରି ରୋଗ ଏକ ସୁସ୍ଥ ଶରୀରର ଆବଶ୍ୟକତା ନୁହେଁ, ସେହିପରି ଦାରିଦ୍ର୍ୟ ମଧ୍ୟ ସାମାଜିକ ଜୀବନର ଆଦୌ ଏକ ଆବଶ୍ୟକତା ନୁହେଁ । ଜୀବନରେ ଆମେ ଗ୍ରହଣ କରି ନେଇଥିବା ନାନା ମିଥ୍ୟା ଅଭ୍ୟାସ ଏବଂ ଯଥାର୍ଥ ସଂଗଠନ ବିଷୟରେ ଆମର ଅଜ୍ଞାନତାହିଁ ଉଭୟ କ୍ଷେତ୍ରରେ ଆମ ଲାଗି ଏକ ପରିହାର୍ଯ୍ୟ ବିଶୃଙ୍ଖଳାର ବିକୃତ କାରଣ ହୋଇ ରହିଥା'ନ୍ତି ।**

*ଏପରି ଏକ ଦିନ କ'ଣ ପ୍ରକୃତରେ ଆସିବ, ଯେତେବେଳେ କି ପୃଥିବୀରେ ଆଉ ଦରିଦ୍ର ହୋଇ କେହି ନ ଥିବେ ଏବଂ ଦାରିଦ୍ର୍ୟଜନିତ କୌଣସି କଷ୍ଟଭୋଗ ମଧ୍ୟ ନ ଥିବ ?*

ଯେଉଁମାନେ ଶ୍ରୀଅରବିନ୍ଦଙ୍କର ସନ୍ଦେଶକୁ ବୁଝିଛନ୍ତି ଓ ତାଙ୍କଠାରେ ବିଶ୍ୱାସ ସ୍ଥାପନ କରିଛନ୍ତି, ସେମାନେ ଏହି ବିଷୟରେ ସଂପୂର୍ଣ୍ଣ ଭାବରେ ସୁନିଶ୍ଚିତ ହୋଇ ରହିଛନ୍ତି ।

ଯେଉଁଠାରେ ଏହି କଥା ସମ୍ଭବ ହୋଇପାରିବ, ସେହିପରି ଗୋଟିଏ ସ୍ଥାନ ସୃଷ୍ଟି କରିବାର ଅଭିପ୍ରାୟ ରଖିହିଁ ଆମେ ଅରୋଭିଲ୍‌ର ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛୁ ।

ମାତ୍ର, ସେହି ଉପଲବ୍ଧିକୁ ସମ୍ଭବ କରିବାକୁ ହେଲେ, ଆମ ପ୍ରତ୍ୟେକଙ୍କୁ ନିଜର ରୂପାନ୍ତର ସାଧନ କରିବା ଲାଗି ଏକ ଉଦ୍ୟମ କରିବାକୁ ପଡ଼ିବ । କାରଣ, ମନୁଷ୍ୟମାନେ ବର୍ତ୍ତମାନ ଯେଉଁସବୁ ଦୁଃଖ ଓ କଷ୍ଟ ଭୋଗ କରୁଛନ୍ତି, ସେମାନଙ୍କର ନିଜ ଦୋଷରୁ– ଦେହଗତ ଓ ନୈତିକ ଉଭୟ କ୍ଷେତ୍ରର ଦୋଷରୁହିଁ ସେଗୁଡ଼ିକର ଅଧିକାଂଶ ଉତ୍ପନ୍ନ ହେଉଛି ।

୮ ନଭେମ୍ବର, ୧୯୬୯

*ଅରୋଭିଲ୍‌କୁ ଆସୁଥିବା ବ୍ୟକ୍ତିମାନେ ଯେପର୍ଯ୍ୟନ୍ତ ସେହି ଏକା ପୃଥିବୀରୁ ଆସୁଛନ୍ତି ଓ ସେହି ସେହି ଏକା ଦୁର୍ବଳତା ଏବଂ ଦୋଷାଦି ନେଇ ଜନ୍ମଗ୍ରହଣ କରିଛନ୍ତି, ସେତେବେଳେ ତଥାପି ସେଠାରେ ଆଉ କୌଣସି ଦୁଃଖକଷ୍ଟ ରହିବ ନାହିଁ ବୋଲି ଆପଣ କିପରି ବିଶ୍ୱାସ କରୁଛନ୍ତି ?*

ମୁଁ ଏକଥା କେବେହେଲେ ଭାବି ନାହିଁ ଯେ ଅରୋଭିଲ୍‌ରେ ଆଉ କୌଣସି ଦୁଃଖ ବା କଷ୍ଟ ଭୋଗିବାକୁ ପଡ଼ିବ ନାହିଁ; କାରଣ, ଲୋକମାନେ ବର୍ତ୍ତମାନ ଯେଉଁଭଳି ଅବସ୍ଥାରେ ରହିଛନ୍ତି, ସେହି କାରଣରୁ ସେମାନେ ଦୁଃଖ ପାଇବାକୁ ଭଲ ପାଉଛନ୍ତି ଏବଂ ଦୁଃଖକଷ୍ଟକୁ ଅଭିଶାପ ଦେବାରେ ଲାଗିଥିଲେ ମଧ୍ୟ ତାହାକୁ ନିଜ ପାଖକୁ ଡାକି ଆଣୁଛନ୍ତି ।

ମାତ୍ର ସେମାନେ ଯେପରି ଶାନ୍ତିକୁ ପ୍ରକୃତରେ ଭଲ ପାଇବେ ଓ ବାସ୍ତବ ଜୀବନରେ ସମତାକୁ ବଞ୍ଚି ପାରିବେ, ଆମେ ସେମାନଙ୍କୁ ସେହି କଥା ଶିକ୍ଷା ଦେବା ଲାଗି ଚେଷ୍ଟା କରିବା ।

ମୁଁ ବାଧ୍ୟ ହୋଇ ସହ୍ୟ କରୁଥିବା ଦାରିଦ୍ର୍ୟ ଏବଂ ଭିକ୍ଷାବୃତ୍ତି ବିଷୟରେ କହୁଥିଲି ।

ଅରୋଭିଲ୍‌ର ଜୀବନକୁ ଏପରି ଭାବରେ ସଂଗଠିତ କରି ରଖାଯିବ ଯେ, ଏହି ସ୍ଥିତିଟି ସେଠାରେ ଆଦୌ ରହିବ ନାହିଁ– ଏବଂ, ଯଦି ଭିକାରିମାନେ ବାହାରୁ ସେଠାକୁ ଆସିବେ, ତେବେ ସେମାନଙ୍କୁ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ହେବ ଅଥବା ସେମାନଙ୍କୁ ସେଠାରେ ଆଶ୍ରୟ ଦିଆଯିବ ଓ କର୍ମଜନିତ ଆନନ୍ଦ ବିଷୟରେ ଶିକ୍ଷା ଦିଆଯିବ ।

୯ ନଭେମ୍ବର, ୧୯୬୯

*ଆଶ୍ରମର ଆଦର୍ଶ ଏବଂ ଅରୋଭିଲ୍‌ର ଆଦର୍ଶ, ଦୁଇଟି ମଧ୍ୟରେ କି କି ମୌଳିକ ପାର୍ଥକ୍ୟ ରହିଛି ?*

ଭବିଷ୍ୟତ ସମ୍ବନ୍ଧରେ ରହିଥିବା ଦୃଷ୍ଟି ଏବଂ ଦିବ୍ୟ ପରମସତ୍ତାଙ୍କର ସେବା,– ଏହି ଦୁଇଟି କ୍ଷେତ୍ରରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ ।

ମାତ୍ର, ଆଶ୍ରମରେ ବାସ କରୁଥିବା ବ୍ୟକ୍ତିମାନେ ଯୋଗସାଧନା ଲାଗି ଆପଣାର ଜୀବନକୁ ଉତ୍ସର୍ଗ କରିଛନ୍ତି ବୋଲି ବିଚାର କରାଯାଉଛି । (ଏଠାରେ ଅବଶ୍ୟ ଆଶ୍ରମରେ ଥିବା ଛାତ୍ରମାନଙ୍କର କଥା କୁହାଯାଉ ନାହିଁ । ସେମାନେ କେବଳ ନିଜ ଅଧ୍ୟୟନ ପାଇଁ ଏଠାରେ ଅଛନ୍ତି ଏବଂ ସେମାନେ ନିଜ ଜୀବନରେ କୌଣସି ଲକ୍ଷ୍ୟକୁ ନିର୍ବାଚିତ କରି ନେଇଛନ୍ତି ବୋଲି ଆଶା କରାଯାଉ ନାହିଁ ।)

ମାତ୍ର ଅରୋଭିଲ୍‌ରେ, ମନୁଷ୍ୟଜାତିର ଅଗ୍ରଗତି ନିମନ୍ତେ ଏକ ସାମୂହିକ ପ୍ରୟାସ କରିବାର ସଦିଚ୍ଛାକୁହିଁ ସେଠାରେ ବାସ କରିବା ଲାଗି ଯଥେଷ୍ଟ ବୋଲି ବିଚାର କରାଯାଇଛି ।

୧୦ ନଭେମ୍ବର, ୧୯୬୯

**୧୯୭. ସ୍ପାର୍ଟା ନୁହେଁ, ଏଥେନ୍ସହିଁ ମନୁଷ୍ୟ-ଜାତିର ପ୍ରଗତିଶୀଳ ଶ୍ରେଣୀ । ପ୍ରଚୁର ଧନସମ୍ପତ୍ତି ଏବଂ ପ୍ରଭୂତ ଅର୍ଥବ୍ୟୟର ଆଦର୍ଶ ଯୋଗୁଁ ପ୍ରାଚୀନ ଭାରତ**

**ଜାତିମାନଙ୍କ ଭିତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପାରିଥିଲା । ଏକ ରାଷ୍ଟ୍ରୀୟ ବୈରାଗ୍ୟବାଦ ଆଡ଼କୁ ଆଧୁନିକ ଭାରତରେ ଯେଉଁ ପ୍ରବୃତ୍ତି ଦେଖାଦେଇଛି, ତଦ୍ଦ୍ୱାରା ତାହା ଜୀବନର କ୍ଷେତ୍ରରେ ସଂପୂର୍ଣ୍ଣ ଭାବରେ ଦରିଦ୍ର ହୋଇଯାଇଛି ଏବଂ ଦୁର୍ବଳତା ତଥା ଅଧଃପତନ ମଧ୍ୟରେ ଆସି ବୁଡ଼ିରହିଛି ।**

**୧୯୮. ଏପରି ଆଦୌ ସ୍ୱପ୍ନ ଦେଖ ନାହିଁ ଯେ, ତୁମେ ଯେତେବେଳେ ଭୌତିକ ଦାରିଦ୍ର୍ୟରୁ ମୁକ୍ତି ଲାଭ କରିପାରିବ, ସେତେବେଳେ ମନୁଷ୍ୟମାନେ ଅବଶ୍ୟ ସୁଖୀ ଓ ସନ୍ତୁଷ୍ଟ ହୋଇଯିବେ ଅଥବା ସମାଜରେ ଆଉ ଆଦୌ କୌଣସି ଦୁଃଖ, ଅସୁବିଧା ଅଥବା ସମସ୍ୟା ରହିବ ନାହିଁ । ଏଇଟି ହେଉଛି କେବଳ ସର୍ବପ୍ରଥମ ଓ ସର୍ବନିମ୍ନ ଆବଶ୍ୟକତା । ଭିତରେ ରହିଥିବା ଆତ୍ମା ଯେତେଦିନ ଯାଏ ତ୍ରୁଟିଯୁକ୍ତ ଭାବରେ ସଂଗଠିତ ହୋଇ ରହିଥିବ, ସେତେଦିନ ଯାଏ ବାହାରେ ବିକ୍ଷୋଭ, ବିଶୃଙ୍ଖଳା ଏବଂ ବିପ୍ଳବ ଲାଗିରହିଥିବ ।**

ଏହା ଏକ ଅତ୍ୟନ୍ତ ସ୍ପଷ୍ଟ କଥା ଏବଂ ଆମେ ଲୋକମାନଙ୍କୁ ଠିକ୍ ସେହି କଥା ବୁଝାଇବାକୁହିଁ ଚେଷ୍ଟା କରୁଛୁ । ଏକ ନିରାପଦ ଏବଂ ଶାନ୍ତ ଜୀବନ ଲୋକମାନଙ୍କୁ ସୁଖ ଆଣି ଦେବାରେ ଯଥେଷ୍ଟ ନୁହେଁ । ଭିତରେ ମଧ୍ୟ ଏକ ବିକାଶର ଆବଶ୍ୟକତା ରହିଛି; ଦିବ୍ୟ ପରମସତ୍ତାଙ୍କର ଏକ ସଚେତନ ସଂସ୍ପର୍ଶଲାଭରୁ ଯେଉଁ ଶାନ୍ତି ଉପଲବ୍ଧ ହୋଇଥାଏ, ତାହାର ବି ଆବଶ୍ୟକତା ରହିଛି ।

୧୩ ନଭେମ୍ବର, ୧୯୬୯

**୧୯୯. ଆତ୍ମାର କ୍ଷେତ୍ରରେ ତ୍ରୁଟି ରହିଥିବା ପର୍ଯ୍ୟନ୍ତ ରୋଗ ବାରବାର ଶରୀରକୁ ଆସିବାରେ ଲାଗିଥିବ; କାରଣ ମନଃସ୍ତରର ଅପରାଧଗୁଡ଼ିକହିଁ ଶାରୀରିକ ସ୍ତରର ଅପରାଧଗୁଡ଼ିକ ଲାଗି ପ୍ରଚ୍ଛନ୍ନରୂପେ କାରଣ ହୋଇ ରହିଥାଏ । ଠିକ୍ ସେହିପରି, ମନୁଷ୍ୟଜୀବନର ସାମୂହିକ ମନଟି ଯେପର୍ଯ୍ୟନ୍ତ ଅହଂଭାବର ଅଧୀନ ହୋଇ ରହିଥିବ, ସେତେଦିନ ଯାଏ ସମାଜରେ ବାସ କରୁଥିବା ମନୁଷ୍ୟ ଲାଗି ଦାରିଦ୍ର୍ୟ ଏବଂ ଦୁଃଖକଷ୍ଟ ସର୍ବଦା ଫେରି ଆସିବାରେ ଲାଗିଥିବ ।**

**୨୦୦. ଧର୍ମ ଓ ଦର୍ଶନ ମନୁଷ୍ୟକୁ ତା'ର ଅହଂପାଖରୁ ମୁକ୍ତ କରି ନେବାକୁ ଇଚ୍ଛା କରିଥା'ନ୍ତି; ଏପରି ହୋଇ ପାରିଲେ ଭିତରେ ରହିଥିବା ସ୍ୱର୍ଗ ରାଜ୍ୟଟି ଏକ ବାହ୍ୟଦିବ୍ୟ ନଗରୀ ରୂପେହିଁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରତିଫଳିତ ହୋଇଉଠିବ ।**

ଶ୍ରୀଅରବିନ୍ଦ ଧର୍ମ ଓ ଦର୍ଶନ ଶବ୍ଦଦୁଇଟିର ବ୍ୟବହାର କରିଛନ୍ତି, ଯେପରିକି କଥାଟି ସମସ୍ତଙ୍କର ବୋଧଗମ୍ୟ ହୋଇପାରିବ । ମାତ୍ର ସେ ଏହି କଥାଟିକୁ ଅତ୍ୟନ୍ତ ଉତ୍ତମ ଭାବରେ ଜାଣିଥିଲେ ଯେ ମନୁଷ୍ୟ ଅହଂର ଯଥାର୍ଥ ପ୍ରତିକାରଟି ଦର୍ଶନ ଓ ଧର୍ମର ଆହୁରି ସେପାଖରେ ଯାଇ ରହିଛି; ତାହା ଏପରି ଏକ ଯଥାର୍ଥ ଆଧ୍ୟାତ୍ମିକ ଜୀବନରେ ନିହିତ ହୋଇ ରହିଛି, ଯାହାକୁ କି ଆମର ଭୌତିକ ଚେତନା ଗ୍ରହଣ କରିଥିବ ଓ ଏହି ପୃଥିବୀରେ ତା'ସହ ବଞ୍ଚି ପାରୁଥିବ । ଏହାହିଁ ଚିରକାଳ ସକାଶେ ଅହଂରୁ ମୁକ୍ତ ହେବା ଲାଗି ପ୍ରକୃତରେ ସମର୍ଥ କରାଇ ଥାଏ ।

୧୫ ନଭେମ୍ବର, ୧୯୬୯

**୨୦୧. ମଧ୍ୟଯୁଗର ଖ୍ରୀଷ୍ଟିଆନ୍ ଧର୍ମ ମନୁଷ୍ୟମାନଙ୍କୁ କହିଥିଲା, ''ହେ ମନୁଷ୍ୟ, ଆପଣାର ଇହଜୀବନରେ ପରମେଶ୍ୱରଙ୍କ ସମ୍ମୁଖରେ ତୁମେ ହେଉଛ ଏକ ମନ୍ଦବସ୍ତୁ ଓ କ୍ଷୁଦ୍ର ପୋକ ସଦୃଶ; ତେଣୁ ଆପଣାର ଅହଂକାରକୁ ତ୍ୟାଗ କର, ଏକ ଭବିଷ୍ୟତର ଅବସ୍ଥା ପାଇଁ ଜୀବନ ଧାରଣ କର ଏବଂ ଆପଣାକୁ ପରମେଶ୍ୱର ଏବଂ ତାଙ୍କର ଧର୍ମଯାଜକ ପାଖରେ ନେଇ ସମର୍ପଣ କରିଦିଅ ।'' ମନୁଷ୍ୟଜାତି ନିମନ୍ତେ ଏହାର ଫଳ ଆଦୌ ଖୁବ୍‌ବେଶୀ ଭଲ ହୋଇ ନ ଥିଲା । ଆଧୁନିକ ଜ୍ଞାନ ମନୁଷ୍ୟମାନଙ୍କୁ କହୁଛି, ''ହେ ମନୁଷ୍ୟ, ତୁମେ ହେଉଛ ଏକ ସ୍ୱଳ୍ପାୟୁ ପ୍ରାଣୀ ଏବଂ ପ୍ରକୃତି ଆଗରେ ତୁମେ ଗୋଟିଏ ପିମ୍ପୁଡ଼ି ଅଥବା କୌଣସି ପୋକଠାରୁ ଆଦୌ ଅଧିକ ନୁହଁ, ବିଶ୍ୱରେ ତୁମେ ହେଉଛ ଏକ କ୍ଷଣସ୍ଥାୟୀ ଅଣୁ ସଦୃଶ । ତେଣୁ ତୁମେ ରାଷ୍ଟ୍ର ଉଦ୍ଦେଶ୍ୟରେହିଁ ବଞ୍ଚିରୁହ ଏବଂ ସୁପ୍ରଶିକ୍ଷିତ ପ୍ରଶାସକ ତଥା ବିଶେଷଜ୍ଞ ବିଜ୍ଞାନବିତ୍‌ଙ୍କ ପାଖରେ ଆପଣାକୁ ପିମ୍ପୁଡ଼ିଟିଏ ପରି ଅଧୀନ କରି ରଖ ।'' ପ୍ରଥମଟିଠାରୁ ଏହି ଦ୍ୱିତୀୟ ଉପଦେଶଟି ପ୍ରକୃତରେ କୌଣସି ଅଧିକ ସଫଳତା ଲାଭ କରିବ କି ?**

**୨୦୨. ଅନ୍ୟ ପକ୍ଷରେ ବେଦାନ୍ତ କହୁଛି, ''ହେ ମନୁଷ୍ୟ, ପରମେଶ୍ୱରଙ୍କର ପ୍ରକୃତି ଏବଂ ଉପାଦାନଠାରୁ ତୁମେ ଅଭିନ୍ନ ଭାବରେ ଗଢ଼ାହୋଇଛ; ତୁମ ଭିତରେ ଯେଉଁ ଆତ୍ମା, ତୁମ ସହିତ ଅନ୍ୟ ମନୁଷ୍ୟମାନଙ୍କ ମଧ୍ୟରେ ମଧ୍ୟ ସେହି ଆତ୍ମା । ତେଣୁ, ଜାଗ୍ରତ ହୁଅ, ଆଗକୁ ଚାଲ, ତୁମର ସେହି ପରିପୂର୍ଣ୍ଣ ଦିବ୍ୟତା ଦିଗରେ । ତୁମ ଭିତରେ ତଥା ଅନ୍ୟମାନଙ୍କ ଭିତରେ ରହିଥିବା ପରମେଶ୍ୱରଙ୍କ ନିମନ୍ତେ ଆପଣାର ଜୀବନକୁ ବଞ୍ଚ ।'' ଏହି ଯେଉଁ ସନ୍ଦେଶଟି ସେତେବେଳେ କେବଳ କେତେଜଣଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥିଲା, ମନୁଷ୍ୟଜାତିର ମୁକ୍ତି ଲାଗି ତାହାକୁ ବର୍ତ୍ତମାନ ପ୍ରତ୍ୟେକ ମନୁଷ୍ୟପାଇଁ ପ୍ରଦତ୍ତ ହେବା ଉଚିତ ।**

ଏହା ସହିତ ଯୋଡ଼ି କରି ଆଉ କିଛି କହିବାର କୌଣସି ଆବଶ୍ୟକତା ନାହିଁ । ଶ୍ରୀଅରବିନ୍ଦ ଅତ୍ୟନ୍ତ ସ୍ପଷ୍ଟ ଓ ଚମତ୍କାର ଭାବରେ ପ୍ରଥମେ ମନ୍ଦଟି ବିଷୟରେ କହିଛନ୍ତି ଓ ତା'ପରେ ତାହାର ପ୍ରତିକାରଟି ମଧ୍ୟ ବତାଇ ଦେଇଛନ୍ତି । ସିଏ ଆମକୁ ଏଠାରେ ଯାହା ଶିକ୍ଷା ଦେଇଛନ୍ତି, ଆମକୁ କେବଳ ନିଜ ଜୀବନରେ ତାହାର ଅନୁଶୀଳନ କରିବାକୁ ପଡ଼ିବ ।

୧୬ ନଭେମ୍ବର, ୧୯୬୯

**୨୦୩. ଯେତେବେଳେ ମନୁଷ୍ୟଜାତି ପ୍ରକୃତି ସମ୍ମୁଖରେ ଆପଣାର ମହତ୍ତ୍ୱ, ସ୍ୱତନ୍ତ୍ରତା ତଥା ବିଶ୍ୱାତ୍ମକତାକୁ ସର୍ବାଧିକ ପରିମାଣରେ ଜାହିର କରିଥାଏ, ସର୍ବଦା ସେତିକିବେଳେହିଁ ତାହା ସବୁଠାରୁ ଅଧିକ ପରିମାଣରେ ଅଗ୍ରଗତି କରିଥାଏ ।**

**୨୦୪. ପ୍ରାଣୀସ୍ତରର ମନୁଷ୍ୟ ହେଉଛି ବଡ଼ ଅସ୍ପଷ୍ଟ ଆରମ୍ଭବିନ୍ଦୁ, ବର୍ତ୍ତମାନର ପ୍ରକୃତି-ଅଧୀନ ମନୁଷ୍ୟ ହେଉଛି ଏକ ବିଚିତ୍ର ଏବଂ ପାଶବଦ୍ଧ ମଧ୍ୟପଥ, ମାତ୍ର, ପ୍ରକୃତି ଉପରେ ବିଜୟ ହାସଲ କରିଥିବା ମନୁଷ୍ୟ ହେଉଛି ମନୁଷ୍ୟର ସମଗ୍ର ଯାତ୍ରାପଥରେ ଉପଲବ୍ଧି କରିବାକୁ ରହିଥିବା ଆଲୋକମୟ ଏବଂ ବିଶ୍ୱାତୀତ ଚୂଡ଼ାନ୍ତ ଲକ୍ଷ୍ୟ ।**

ମନୁଷ୍ୟ ଯେତେବେଳେ ପ୍ରକୃତି ପାଖରେ ଆଉ ଆଦୌ ବନ୍ଧାହୋଇ ରହିଥିବା ପରି ଅନୁଭବ କରେ ନାହିଁ ବା ପ୍ରକୃତିର ନିୟମଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ସୀମାବଦ୍ଧ ହୋଇ ରହି ନ ଥାଏ, ସେତେବେଳେ ଯାଇ ସିଏ ଅଗ୍ରଗତି ଲାଗି ଆପଣାର ସଂପୂର୍ଣ୍ଣ ଶକ୍ତିକୁ ଆବିଷ୍କାର କରିଥାଏ ।

ପ୍ରକୃତି ହେଉଛି ଦିବ୍ୟ ପରମସତ୍ତାଙ୍କର ଏକ ଅତି ସୀମିତ ଅଭିବ୍ୟକ୍ତି; ମାତ୍ର ମନୁଷ୍ୟ ଦିବ୍ୟ ପରମସତ୍ତାଙ୍କର ଏକ ସଚେତନ ଅଭିବ୍ୟକ୍ତି ହୋଇ ପାରିବାକୁ ସୃଷ୍ଟ ହୋଇଥିଲା, ଏହି ଅଭିବ୍ୟକ୍ତି ବୁଝାଉଥିବା ସକଳ ଶକ୍ତି ଓ ଆଲୋକର ସମ୍ଭାବନା ସହିତ ।

୧୮ ନଭେମ୍ବର, ୧୯୬୯

**୨୦୫. ଯେତେବେଳେ ତୁମେ ନିଜର ଯାବତୀୟ ଭାବନା ତଥା କର୍ମରେ, କଳାରେ, ସାହିତ୍ୟରେ ଏବଂ ଜୀବନରେ, ଧନ-ଉପାର୍ଜନରେ, ଧନରକ୍ଷଣରେ ଅଥବା ଧନବ୍ୟୟରେ, ଆପଣା ଗୃହରେ, ଦେଶର ଶାସନରେ ଏବଂ ସମାଜରେ କେବଳ ସେହି ପରମ ଅଦ୍ୱିତୀୟ ଓ ଅମୃତମୟ ସତ୍ତାଙ୍କର ଏହି ନିମ୍ନତର ବିନାଶଶୀଳ ଭୂମିରେ ତାଙ୍କରି ପ୍ରତୀକ ହୋଇ ରହିବାର ଏବଂ ତାଙ୍କୁହିଁ ଅଭିବ୍ୟକ୍ତ କରି ଆଣିବାର ସାମର୍ଥ୍ୟଟାକୁ ଲାଭ କରିପାର, ସେତେବେଳେ ଯାଇ ତୁମର ଜୀବନ ଓ କର୍ମ ପରିପୂର୍ଣ୍ଣତା ଲାଭ କରନ୍ତି ଏବଂ ଆପଣାର ଶାଶ୍ୱତ ଚୂଡ଼ାନ୍ତ ସିଦ୍ଧିକୁ ପ୍ରାପ୍ତ ହୋଇପାରନ୍ତି ।**

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏଠାରେ, ମନୁଷ୍ୟ ଯେତେବେଳେ ସ୍ୱସତ୍ତାର ସର୍ବୋଚ୍ଚ ଶିଖରରେ ଯାଇ ଉପନୀତ ହୁଏ, ସିଏ ସେତେବେଳେ ଉପଲବ୍ଧି କରୁଥିବା ସ୍ଥିତିଟିର ବର୍ଣ୍ଣନା ଦିଆଯାଇଛି । ମାତ୍ର, ଏହା ହେଉଛି ଅତିମାନବର କେବଳ ସର୍ବପ୍ରଥମ ସୋପାନ ।

୨୪ ନଭେମ୍ବର, ୧୯୬୯

# କର୍ମ

## ଟିପ୍ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ
## (୧୯୬୯-୧୯୭୦)

# କର୍ମ

ଆତ୍ମବିକାଶ ଏବଂ ଆଧ୍ୟାତ୍ମିକ ଅଭୀପ୍ସା ବ୍ୟକ୍ତିକୁ ତା'ର
କର୍ମ ଉପରେ କର୍ତ୍ତୃତ୍ୱ ଅର୍ଜନ କରିବାରେ ସମର୍ଥ କରିଥାଏ ।

୨୫ନଭେମ୍ବର,୧୯୬୯

ଶିକ୍ଷା କରିବା ଅବଶ୍ୟ ଭଲ । ଆପଣାକୁ ସେହିପରି ଗଢ଼ିବା
ଓ ହେବା ତା'ଠାରୁ ଆହୁରି ଭଲ ।

୨୫ ନଭେମ୍ବର,୧୯୬୯

**୨୦୬. ଭଗବାନ ମନୁଷ୍ୟକୁ ପରିଚାଳିତ କରନ୍ତି, ମାତ୍ର ମନୁଷ୍ୟ ଆପଣାକୁ ଅନୁଚିତ ପଥରେହିଁ ଚାଳିତ କରି ନେଉଥାଏ । ଊର୍ଦ୍ଧ୍ୱରେ ରହିଥିବା ପ୍ରକୃତି ତା'ର ନିମ୍ନସ୍ଥ ବିନାଶଶୀଳତାର ନାନା ସ୍ଖଳନ ଉପରେ ଉଚ୍ଚତର ପ୍ରକୃତି ଦୃଷ୍ଟିପାତ କରିବାରେ ଲାଗିଥାଏ । ଆମକୁ ଏହି ପାଶବଦ୍ଧତା ଏବଂ ବିରୋଧ ମଧ୍ୟରୁ ଆତ୍ମ-ଏକତା ମଧ୍ୟକୁ ବାହାରି ଚାଲି ଆସିବାକୁ ହେବ; ସେହି ଆତ୍ମ-ଏକତାର ସ୍ତରରେହିଁ ଏକ ସ୍ୱଚ୍ଛ ଜ୍ଞାନମୟତା ଏବଂ ନିର୍ଦ୍ଦୋଷ କର୍ମାନୁଶୀଳନ ସମ୍ଭବ ହୋଇ ପାରିବ ।**

ଯେଉଁ ଅନ୍ତର୍ଗତ ବିକାଶ ଆମକୁ ସଚେତନ ଭାବରେ ଭଗବତ୍ ଉପସ୍ଥିତିଟି ସହିତ ନେଇ ସଂଯୁକ୍ତ କରାଇଦିଏ, ଜୀବନରେ ତାହାହିଁ ହେଉଛି ଏକମାତ୍ର ନିରାପତ୍ତା, ଅତୀତର ଭୁଲ୍‌ଗୁଡ଼ିକ ମଧ୍ୟରୁ ନିଷ୍କୃତି ଲାଭ କରିବା ନିମନ୍ତେ ତାହାହିଁ ଏକମାତ୍ର ପଥ । ଏହି ଭଗବତ୍ ଉପସ୍ଥିତି ହେଉଛି ଏକମାତ୍ର ସଫଳ ମାର୍ଗଦର୍ଶକ, ଆମ ସତ୍ତାର ତଥା ସକଳସତ୍ତାର ସତ୍ୟ ।

୨୫ ନଭେମ୍ବର, ୧୯୬୯

**୨୦୭. ପ୍ରାଣୀମାନଙ୍କ ଉପରେ ତୁମର ଦୟାଭାବ ରହିଥିବା ଉଚିତ, ତାହା ଅବଶ୍ୟ ଭଲ କଥା; ମାତ୍ର ଯଦି ତୁମେ ନିଜର ସେହି ଦୟାର ଏକ ଦାସରେ ପରିଣତ କରି ରଖ, ତାହା ଆଦୌ ଭଲ କଥା ନୁହେଁ । କେବଳ ପରମେଶ୍ୱରଙ୍କ ବ୍ୟତୀତ ତୁମେ କଦାପି ଆଉ କାହାର ବି ଦାସ ହେବ ନାହିଁ, ସେହି ପରମେଶ୍ୱରଙ୍କର ସବୁଠାରୁ ଅଧିକ**

**ଆଲୋକୋଜ୍ଜ୍ୱଳ ହୋଇ ରହିଥିବା ଦୂତମାନଙ୍କର ମଧ୍ୟ ଦାସ ହେବ ନାହିଁ ।**

ଏହି ଉକ୍ତିଟି ସେଇମାନଙ୍କ ପାଇଁ ଯେଉଁମାନେ ପରମ ସତ୍ୟର ନିର୍ଦ୍ଦେଶନାରେ ଜୀବନ ବଞ୍ଚିବାକୁ ଦିବ୍ୟ ପରମ-ଉପସ୍ଥିତି ବିଷୟରେ ସଚେତନ ହେବାକୁ ଏବଂ କେବଳ ତାହାର ଇଚ୍ଛା ଅନୁସାରେହିଁ ଆପଣାର ଜୀବନ ବଞ୍ଚିବାକୁ ଚାହାନ୍ତି ।

ଅନର୍ଥ ଏବଂ କଷ୍ଟଭୋଗରୁ ରକ୍ଷା ପାଇବାକୁ ହେଲେ ଏହାହିଁ ଏକମାତ୍ର ପଥ, ନିରନ୍ତର ଶାନ୍ତି, ଆଲୋକ ଏବଂ ଆନନ୍ଦ ମଧ୍ୟରେ ବାସ କରିବାର ଏକମାତ୍ର ପଥ ।

୨୬ ନଭେମ୍ବର, ୧୯୬୯

**୨୦୮. ପରମାନନ୍ଦ-ଲାଭ ହେଉଛି ମନୁଷ୍ୟମାନଙ୍କ ଲାଗି ପରମେଶ୍ୱରଙ୍କ ଦ୍ୱାରା ସଂସ୍ଥାପିତ ଲକ୍ଷ୍ୟ । ତୁମକୁ ଏହି ପରମ ସମ୍ପଦଟିକୁ ସର୍ବପ୍ରଥମେ ଲାଭ କରିବାକୁ ହେବ, ଯେପରିକି ତୁମେ ତାହାକୁ ନିଜର ସଙ୍ଗୀ ଅନ୍ୟ ମନୁଷ୍ୟମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ଭାବରେ ବିତରଣ କରିଦେଇ ପାରିବ ।**

**୨୦୯. ଯିଏ କେବଳ ନିଜ ପାଇଁ ଅର୍ଜନ କରେ, ତାହାକୁ ସିଏ ସ୍ୱର୍ଗ ଏବଂ ପୁଣ୍ୟ ବୋଲି କହୁଥିଲେ ମଧ୍ୟ ତାହା ଦ୍ୱାରା ସିଏ କେବଳ ମନ୍ଦହିଁ ଅର୍ଜନ କରିଥାଏ ।**

ପରମାନନ୍ଦ-ଲାଭ ହେଉଛି ମନୁଷ୍ୟର ଯଥାର୍ଥ ଅଧିକାର, କାରଣ ସେଇଥି ସକାଶେହିଁ ତାହାର ସୃଷ୍ଟି ହୋଇଥିଲା । ମାତ୍ର, ଅହଂ ଦ୍ୱାରା ପ୍ରେରିତ ହୋଇ ସେ ଯାହାକିଛି କରିବାକୁ ଯିବ, ତଦ୍ୱାରା ସିଏ ସେହି ପରମାନନ୍ଦ-ଲାଭର ବିପରୀତ କାର୍ଯ୍ୟଟିକୁହିଁ କରିବ । ଉଦାହରଣ ସ୍ୱରୂପ, ଯଦି ତୁମେ କେବଳ ନିଜ ଲାଗି ସେହି ଆନନ୍ଦକୁ ଲୋଡୁଥିବ, ତଦ୍ୱାରା ତୁମେ ତାହାକୁ ଆକର୍ଷିତ କରି ଆଣିବା ପରିବର୍ତ୍ତେ ତାହାକୁ ପ୍ରକୃତ ଦୂରକୁ ଦୂରକୁ ହଟାଇ ଦେବାରେହିଁ ଲାଗିଥିବ । ଆତ୍ମବିସ୍ମରଣ ଏବଂ ଆତ୍ମଦାନ ଦ୍ୱାରା, ପ୍ରତିବଦଳରେ ଆଦୌ କିଛି ପାଇବାର ଆଶା ନ ରଖି, ଅର୍ଥାତ୍‌, ଏହି ପରମାନନ୍ଦ ମଧ୍ୟରେ ଏପରି ଭାବରେ ସଂଯୁକ୍ତ ହୋଇ ରହି, ଯେପରିକି ତାହା ଆପଣାର ଔଜ୍ଜ୍ୱଲ୍ୟକୁ ସମସ୍ତଙ୍କ ଉପରେ ବିସ୍ତାରି ଦେଇ ପାରିବ, ତୁମେ ଏହିପରି ଭାବରେହିଁ ଅସଲ ଅନ୍ତର୍ଗତ ଶାନ୍ତିଟିକୁ

ଲାଭ କରିପାରିବ; ଏପରି ଏକ ଆନନ୍ଦ ଲାଭ କରିବ, ଯାହାକି ତୁମକୁ କେବେହେଲେ ଛାଡ଼ି ଯିବ ନାହିଁ ।

୨୯ ନଭେମ୍ବର, ୧୯୬୯

*''ଆତ୍ମ-ବିସ୍ମରଣ'' ଏବଂ ''ଆତ୍ମଦାନ'' ମଧ୍ୟରେ କି ପାର୍ଥକ୍ୟ ରହିଛି ?*

ଆତ୍ମବିସ୍ମରଣ କେବଳ ଏକ ନିଷ୍କ୍ରିୟ ସ୍ଥିତି ହୋଇ ବି ରହିପାରେ, ଅହଂଭାବର ସଂପୂର୍ଣ୍ଣ ନିରାକରଣ ଦ୍ୱାରା ତାହା ସମ୍ଭବ ହୋଇପାରେ । ଆତ୍ମଦାନ, ଯାହା ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାକୁ ପ୍ରେରିତ କରି ରଖିଥିବା ସମୟରେହିଁ ତାହା ଆପଣାର ପୂର୍ଣ୍ଣ ମୂଲ୍ୟୋପଲବ୍ଧି କରିପାରେ,— ହେଉଛି ଏକ ସକ୍ରିୟ ଗତିସ୍ପନ୍ଦନ ଏବଂ ସେଥିରେ ଶୁଦ୍ଧତମ ଏବଂ ଉଚ୍ଚତର ସ୍ତରର ଏକ ପ୍ରେମ ମଧ୍ୟ ଅନ୍ତର୍ଗତ ହୋଇ ରହିଥାଏ ।

ଦିବ୍ୟ-ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ପୂର୍ଣ୍ଣ ଆତ୍ମଦାନ,— ତାହାହିଁ ହେଉଛି ଜୀବନର ଯଥାର୍ଥ ଉଦ୍ଦେଶ୍ୟ ।

୩୦ ନଭେମ୍ବର, ୧୯୬୯

**୨୧୦. ଅଜ୍ଞାନର ବଶବର୍ତ୍ତୀ ହୋଇ ମୁଁ ଭାବିଥିଲି ଯେ, କ୍ରୋଧ ହୁଏତ ଔଚିତ୍ୟଯୁକ୍ତ ହୋଇପାରିବ ଏବଂ ପ୍ରତିଶୋଧ ମଧ୍ୟ ଭବ୍ୟ ହୋଇ ପାରିବ । ମାତ୍ର, ବର୍ତ୍ତମାନ ଯେତେବେଳେ ମୁଁ ଆଚିଲେସ୍‌କୁ ତାଙ୍କର ସେହି ବିରାଟ କ୍ରୋଧାନ୍ୱିତ ଅବସ୍ଥାରେ ଦେଖିପାରୁଛି, ସେତେବେଳେ ମୁଁ ପ୍ରକୃତରେ କେଡ଼େ ସୁନ୍ଦର ଗୋଟିଏ ଶିଶୁକୁ ଏକ ଚମତ୍କାର କ୍ରୋଧଭାବ ମଧ୍ୟରେ ଦେଖିବାକୁ ପାଉଛି,— ଏବଂ ତାହା ଦେଖି ମୁଁ ବଡ଼ ପ୍ରସନ୍ନ ଓ ମୁଁ ବେଶ୍ ଆମୋଦିତ ।**

**୨୧୧. କ୍ରୋଧକୁ ନିଜର ବଶ କରି ରଖିଥିବା ସମୟରେ କ୍ଷମତା ସୁନ୍ଦର ଓ ଉଦାର ଦିଶେ; ଧ୍ୱଂସସାଧନ ମଧ୍ୟ ଭବ୍ୟ ହୋଇପାରେ, ମାତ୍ର ପ୍ରତିଶୋଧ ଦ୍ୱାରା ପ୍ରେରିତ ହୋଇଥିବା ସମୟରେ ତାହା ନିଜର ଜାତିକୁ ହରାଇ ଦେଇଥାଏ । ତୁମେ ଏସବୁକୁ ପରିତ୍ୟାଗ କର, କାରଣ ଏସବୁ ହେଉଛି ଏକ ନିମ୍ନସ୍ତରୀୟ ମନୁଷ୍ୟପଣର ସନ୍ତକ ।**

କ୍ରୋଧ ଏବଂ ପ୍ରତିଶୋଧ-ବାସନା ଏକ ନିମ୍ନସ୍ତରୀୟ ମନୁଷ୍ୟପଣର ସନ୍ତକ; ବିଗତ କାଲିର ମନୁଷ୍ୟପଣର ସନ୍ତକ, ଆଗାମୀ କାଲିର ମନୁଷ୍ୟପଣର ଆଦୌ ସନ୍ତକ ନୁହେଁ ।

୧ ଡିସେମ୍ବର, ୧୯୬୯

**୨୧୨. କବିମାନେ ମୃତ୍ୟୁ ଏବଂ ବାହ୍ୟ ଦୁଃଖଭୋଗକୁ ବଡ଼ ଅତିରଞ୍ଜିତ ଭାବରେ ବର୍ଣ୍ଣନା କରିଥାନ୍ତି । ମାତ୍ର, ଆତ୍ମାର ବିଫଳତାଗୁଡ଼ିକ ହେଉଛି ଜୀବନରେ ଅଭିନୀତ ହେଉଥିବା ଏକମାତ୍ର ଦୁଃଖାନ୍ତ ନାଟକ ଏବଂ, ଈଶ୍ୱରତ୍ୱର ପ୍ରାପ୍ତି ଉଦ୍ଦେଶ୍ୟରେ ମନୁଷ୍ୟର ବିଜୟଯୁକ୍ତ ଆରୋହଣ ହେଉଛି ତା' ଜୀବନର ଏକମାତ୍ର ମହାକାବ୍ୟ ।**

ମନୁଷ୍ୟ ପାଇଁ ଯାହା ପ୍ରକୃତରେ ଦୁଃଖାନ୍ତକ, ମନୁଷ୍ୟ ସାଧାରଣତଃ ତଦ୍ଦ୍ୱାରା ଆଦୌ ସନ୍ତାପିତ ଅନୁଭବ କରେ ନାହିଁ । ଆପଣାର ଆତ୍ମାକୁ ଲାଭ କରିବା ଓ ତାହାରି ବିଧାନ ଅନୁସାରେ ଜୀବନ ବଞ୍ଚିବାର ବିଫଳତା ହେଉଛି ଜୀବନର ଯଥାର୍ଥ ବିପର୍ଯ୍ୟୟ ।*

ସତ କଥା କହିବାକୁ ଗଲେ, ନିଜର ଆତ୍ମା ବା ଚୈତ୍ୟ ସତ୍ତାବିଷୟରେ ସଚେତନ ନ ହେବା ଏବଂ ଆପଣାର ଜୀବନରେ କେବଳ ତାହାରି ନିର୍ଦ୍ଦେଶରେହିଁ ନିଜକୁ ପରିଚାଳିତ ନ କରିବା, ଏହାହିଁ ହେଉଛି ଜୀବନର ଏକମାତ୍ର ଦୁଃଖଭୋଗ ।

ଆପଣାର ଆତ୍ମାର ପରିଚୟ ପାଇବା ପୂର୍ବରୁ ଏବଂ ତାହାରି ବିଧାନ ଅନୁସାରେ ଆପଣାର ଜୀବନକୁ ବଞ୍ଚିପାରିବା ପୂର୍ବରୁ ଏହି ସଂସାରରୁ ବିଦାୟ ନେଇ ଚାଲିଯିବା,— ତାହାହିଁ ପ୍ରକୃତ ବିଫଳତା ।

ଏବଂ, ଆପଣା ଭିତରେ ଦିବ୍ୟ ପରମସତ୍ତାଙ୍କର ପରିଚୟ ଲାଭ କରିବା ଏବଂ ତାଙ୍କରି ବିଧାନ ଅନୁସାରେ ନିଜର ଜୀବନକୁ ବଞ୍ଚିବା, ଏହାହିଁ ହେଉଛି ଯଥାର୍ଥ ମହାକାବ୍ୟ, ଏହାହିଁ ଯଥାର୍ଥ ଗୌରବ ।

୩ ଡିସେମ୍ବର, ୧୯୬୯

**୨୧୩. ହୃଦୟ ଏବଂ ଶରୀରର କ୍ଷେତ୍ରରେ ଯେଉଁସବୁ ଦୁଃଖ ଭୋଗିବାକୁ ହୋଇଥାଏ, ତାହା ହେଉଛି ସାନ ପିଲାମାନଙ୍କର ନିଜର ସାନସାନ ଦୁଃଖ ଏବଂ ଭାଙ୍ଗି ଯାଇଥିବା ଖେଳନାଗୁଡ଼ିକ ହେତୁ ରୋଦନ ସହିତ**

* ମାଆ ଏହି ବାକ୍ୟଟିକୁ ଇଂରାଜୀ ଭାଷାରେ କହିଥିଲେ ।

**ସମାନ । ତୁମେ ନିଜ ଭିତରେ ମୁରୁକି ହସୁଥିବ, ମାତ୍ର ପିଲାମାନଙ୍କୁ ସାନ୍ତ୍ୱନା ଦେଉଥିବ; ଏବଂ ଯଦି ପାରିବ, ସେମାନଙ୍କର ଖେଳରେ ମଧ୍ୟ ଯୋଗ ଦେବ ।**

ମନୁଷ୍ୟର ଚେତନା ଯେତେବେଳେ ସଂକୀର୍ଣ୍ଣ ହୋଇ ରହିଥାଏ, ସେତେବେଳେ ତାହା, ଯେଉଁସବୁ ଘଟଣା ଦିବ୍ୟ ପରମଚେତନା ଲାଗି କେବଳ ସାଧାରଣ ବିବର୍ତ୍ତନର ଧାରା ମଧ୍ୟରେହିଁ ଏକ ଗତିସ୍ପନ୍ଦନ ହୋଇ ରହିଥାଏ, ସେହିଗୁଡ଼ାକରୁହିଁ ନାନା ବିପର୍ଯ୍ୟୟର ସୃଷ୍ଟି କରିବାରେ ଲାଗିଥାଏ । ମାତ୍ର, ଏହି କଥାଟି ଦୃଷ୍ଟିଗୋଚର ହେଉଥିବା ସମୟରେ ମଧ୍ୟ, ଯେଉଁମାନେ ତଥାପି ଅଜ୍ଞାନର କବଳ ମଧ୍ୟରେ ଅବସ୍ଥାନ କରୁଛନ୍ତି, ସେମାନଙ୍କ ପ୍ରତି ଆମର ଅବଶ୍ୟ ଗଭୀର ସହାନୁଭୂତି ରହିପାରିବ, ଆମକୁ ସେହି ସହାନୁଭୂତି ଦେଖିବାକୁହିଁ ପଡ଼ିବ ।

୪ ଡିସେମ୍ବର, ୧୯୬୯

**୨୧୪. ''ପ୍ରତିଭାବାନ୍ ବ୍ୟକ୍ତିମାନଙ୍କ ଭିତରେ ସର୍ବଦା ଅସ୍ୱାଭାବିକ ଏବଂ ଉତ୍‌କୈନ୍ଦ୍ରିକ ହୋଇ ଅବଶ୍ୟ କିଛି ନା କିଛି ରହିଥାଏ ।'' ମାତ୍ର କାହିଁକି ରହିବ ନାହିଁ ? କାରଣ ସ୍ୱୟଂ ପ୍ରତିଭାହେଉଛି ଏକ ଅସ୍ୱାଭାବିକ ଜନ୍ମ ଏବଂ ମନୁଷ୍ୟଜୀବନର ସାଧାରଣ କେନ୍ଦ୍ରଟିଠାରୁ ତାହା ବାହାର ହୋଇ ରହିଥାଏ ।**

**୨୧୫. ପ୍ରତିଭା ହେଉଛି ଭଗବାନଙ୍କୁ ମୁକ୍ତ କରିଦେବା ପାଇଁ ପ୍ରକୃତିର ପ୍ରଥମ ପଦକ୍ଷେପ ଯେକି ତାହାରିଦ୍ୱାରା ସୃଷ୍ଟ ମାନବ-ଛାଞ୍ଚ ମଧ୍ୟରେ ଅବରୁଦ୍ଧ ହୋଇ ରହିଛନ୍ତି । ଏହି ମୁକ୍ତି ପ୍ରକ୍ରିୟାରେ ଛାଞ୍ଚଟିକୁ ଅବଶ୍ୟ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ । ବରଂ ଭାରି ଆଶ୍ଚର୍ଯ୍ୟ କଥା ଯେ ଏଥିରେ ବହୁତ କମ୍ ଫାଟ ପଡ଼ିଥାଏ ଓ ସେଗୁଡ଼ିକ ଏତେ ମାରାତ୍ମକ ବି ନୁହେଁ ।**

ଜଣେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ବିଷୟରେ ଥରେ ସଚେତନ ହୋଇ ପାରିଲେ ଏବଂ ତାଙ୍କ ସହିତ ସଂଯୁକ୍ତ ହୋଇ ରହିପାରିଲେ ସିଏ ନିଃସନ୍ଦେହ ଭାବରେ ସାଧାରଣ ଆଖିକୁ ଅସ୍ୱାଭାବିକ ପରି ଦେଖାଯାଏ; କାରଣ, ଯେଉଁସବୁ ଦୁର୍ବଳତା ଦ୍ୱାରା ସାଧାରଣ ମନୁଷ୍ୟପ୍ରକୃତି ଗଠିତ ହୋଇ ରହିଥାଏ, ତା'ଭିତରେ ସେଗୁଡ଼ିକ ଆଦୌ ନ ଥାଏ ।

ମାତ୍ର ତାହାର ଏକାନ୍ତ ସୌଭାଗ୍ୟ ଯେ, ଆପଣାର ଅନ୍ତର୍ଗତ ଉପଲବ୍ଧି ଫଳରେ ସିଏ ସାଧାରଣ ମଣିଷ ପରି ଆଉ କୌଣସି ଆସ୍ଫାଳନ କରେ ନାହିଁ ଏବଂ ଏହିପରି ଭାବରେ ଅନ୍ୟମାନଙ୍କର ଅସଦିଚ୍ଛାରୁ ମଧ୍ୟ ନିଜକୁ ସୁରକ୍ଷିତ କରି ରଖିପାରେ ।

୫ ଡିସେମ୍ବର, ୧୯୬୯

**୨୧୬. ପ୍ରକୃତି ବେଳେବେଳେ ଆପଣାର ପ୍ରତିରୋଧ ଉପରେ ମଧ୍ୟ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଉଠେ; ସେତେବେଳେ, ଅନ୍ତଃପ୍ରେରଣାକୁ ବନ୍ଧନମୁକ୍ତ କରିବା ଲାଗି ସିଏ ମସ୍ତିଷ୍କର ହାନି ଘଟାଇଥାଏ । କାରଣ, ପ୍ରକୃତିର ଏହି ପ୍ରଚେଷ୍ଟାରେ, ସାଧାରଣ-ସ୍ତରୀୟ ଜଡ଼ ମସ୍ତିଷ୍କଟାର ସ୍ଥିତାବସ୍ଥାଟାହିଁ ତାହାର ପ୍ରଧାନ ବିରୋଧୀ ଓ ଅନ୍ତରାୟ ହୋଇ ଛିଡ଼ା ହୋଇଥାଏ । ତୁମେ ଏହିସବୁର ପାଗଳାମିକୁ ଅତିକ୍ରମି ଯିବ ଏବଂ ସେଗୁଡ଼ିକର ଅନ୍ତଃପ୍ରେରଣା ଦ୍ୱାରା ଉପକୃତ ହେବ ।**

ପୂର୍ଣ୍ଣ ଆସ୍ଥାରୁ ଉତ୍ପନ୍ନ ହେଉଥିବା ସ୍ଥିର ମୃଦୁହାସ୍ୟ ସହିତ ପ୍ରତ୍ୟେକ ବସ୍ତୁକୁ ଦେଖିପାରିବା ହେଉଛି ପ୍ରକୃତରେ ବିଜ୍ଞତା । କାରଣ, ଆପଣାର ଏହି ବର୍ତ୍ତମାନ ଚେତନାକୁ ବହନ କରି ରହିଥିବା ପର୍ଯ୍ୟନ୍ତ ମନୁଷ୍ୟ କ୍ୱଚିତ୍ ସର୍ବୋଚ୍ଚ ପରମସତ୍ତାଙ୍କର ଅଭିପ୍ରାୟକୁ ହୃଦୟଙ୍ଗମ କରି ପାରିବ ।

୭ ଡିସେମ୍ବର, ୧୯୬୯

**୨୧୭. ଆପଣାର ଭୟଙ୍କର ଶକ୍ତି ଏବଂ ପ୍ରଜ୍ୱଳିତ ଦେବୀରୂପ ସହିତ ଏହି ସମଗ୍ର ଧାରାଟି ମଧ୍ୟକୁ ଧାଇଁ ଆସୁଥିବା କାଳୀଙ୍କୁ କିଏ ସହ୍ୟ କରିପାରିବ ? କୃଷ୍ଣ ଯାହାକୁ ଅଧିକାର କରିନେଇ ସାରିଛନ୍ତି, କେବଳ ସେଇ କରିପାରିବ ।**

ସଚେତନ ଭାବରେ ଦିବ୍ୟ ପରମ ଉପସ୍ଥିତିର ଅନୁଭବ ପ୍ରାପ୍ତ ହେଲେ ଯାଇ ସକଳ ହିଂସା ଓ ପ୍ରବଳତା ଉପରେ କର୍ତ୍ତୃତ୍ୱ ଅର୍ଜନ କରାଯାଇ ପାରିବ ଏବଂ ବିଜୟ ହାସଲ କରିବା ସମ୍ଭବ ହେବ, ଅତ୍ୟନ୍ତ ଆକର୍ଷକ ଏବଂ ଅଭିବ୍ୟକ୍ତିପୂର୍ଣ୍ଣ ଭାଷାରେ ଏଠାରେ ସେହି କଥାହିଁ କୁହାଯାଇଛି ।

୮ ଡିସେମ୍ବର, ୧୯୬୯

୨୧୮. ଉତ୍ପୀଡ଼ନକାରୀକୁ ଘୃଣା କର ନାହିଁ, କାରଣ ଯଦି ସିଏ ଶକ୍ତିଶାଳୀ ହୋଇଥିବ, ତେବେ ତୁମର ଘୃଣା ତାହାର ପ୍ରତିରୋଧଶକ୍ତିକୁ ଆହୁରି ବଢ଼ାଇଦେବ । ଏବଂ, ଯଦି ସିଏ ଦୁର୍ବଳ ହୋଇଥିବ, ତେବେ ତୁମ ଘୃଣାର ଆଦୌ କୌଣସି ଆବଶ୍ୟକତା ନ ଥିଲା ବୋଲି ପ୍ରମାଣିତ ହେବ ।

୨୧୯. ଘୃଣା ହେଉଛି କ୍ଷମତା ହାତରେ ଏକ ତରବାରି, ମାତ୍ର ତାହାର ଧାର ସର୍ବଦା ଦୁଇଆଡ଼କୁ ହୋଇ ରହିଥାଏ । ତାହା ଠିକ୍ ପ୍ରାଚୀନ ଯାଦୁକରର କୃତ୍ୟ ବା ଯାଦୁମନ୍ତ୍ର ପରି କାର୍ଯ୍ୟ କରେ; ଯଦି ତାହାକୁ ତାହାର ଶିକାର ନ ମିଳେ, ତେବେ ସିଏ କୋପାନ୍ୱିତ ହୋଇ ଫେରିଆସେ ଏବଂ ଆପଣାର ପ୍ରେରଣକାରୀକୁହିଁ ଗିଳି ପକାଏ ।

୨୨୦. ତୁମେ ତୁମ ଶତ୍ରୁ ମଧ୍ୟରେ ରହିଥିବା ଭଗବାନଙ୍କୁ ଭଲପାଅ; ଏପରିକି ଯେତେବେଳେ ତୁମେ ତାକୁ ଆଘାତ କରୁଛ । ତେବେ ଉଭୟଙ୍କ ମଧ୍ୟରୁ କାହାକୁ ହେଲେ ବି ଆଦୌ ନରକକୁ ଯିବାକୁ ପଡ଼ିବ ନାହିଁ ।

୨୨୧. ମନୁଷ୍ୟମାନେ ଶତ୍ରୁମାନଙ୍କ ବିଷୟରେ କଥାବାର୍ତ୍ତା ହୁଅନ୍ତି, ମାତ୍ର ସେହି ଶତ୍ରୁମାନେ ପ୍ରକୃତରେ କେଉଁଠାରେ ଥାଆନ୍ତି ? ମୁଁ ଏହି ବିଶ୍ୱର ବିରାଟ ଯୁଦ୍ଧ-ଭୂମିରେ କେବଳ ଗୋଟିଏ ପକ୍ଷର ଅଥବା ଅପର ପକ୍ଷର ଲଢ଼ାଳିମାନଙ୍କୁହିଁ ଦେଖିବାକୁ ପାଇଥାଏ ।

ମନୁଷ୍ୟଜାତିକୁ ତା'ର ଏକତାବୋଧ ମଧ୍ୟକୁ ଜାଗ୍ରତ କରି ଆଣିବାକୁହିଁ ଏହିସବୁ କଥା ଲେଖାଯାଇଛି । ଯେତେବେଳେ ଆମେ ଏହି ପରମ ଏକତ୍ୱ ବିଷୟରେ ସଚେତନ ହୋଇପାରିବା ଏବଂ ଯାବତୀୟ ସକଳ ସତ୍ତା ମଧ୍ୟରେ ଦିବ୍ୟ ପରମସତ୍ତାଙ୍କୁ ଦର୍ଶନ କରିପାରିବା, ତେବେଯାଇ, ଶ୍ରୀଅରବିନ୍ଦ ଏଠାରେ ଯେପରି ସୂଚନା ଦେଇଛନ୍ତି, ଆମେ ମଧ୍ୟ ସେହିପରି ଅନୁଭବ କରିପାରିବା । ୯ ଡିସେମ୍ବର, ୧୯୬୯

୨୨୨. ସନ୍ଥ ଓ ଦେବଦୂତମାନେହିଁ ଦେବତ୍ୱ ଧାରଣ କରିଥିବା ଏକମାତ୍ର ସତ୍ତା ନୁହନ୍ତି । ତୁମକୁ ଦୈତ୍ୟ ଏବଂ ଅସୁରର ମଧ୍ୟ ପ୍ରଶଂସା କରିବାକୁ ହେବ ।

**୨୨୩. ପୁରାତନ ଶାସ୍ତ୍ରରେ ଦୈତ୍ୟମାନଙ୍କୁ ଜ୍ୟେଷ୍ଠ ଦେବତା ବୋଲି କୁହାଯାଇଛି । ସେମାନେ ଆଜି ମଧ୍ୟ ତାହାହିଁ ହୋଇ ରହିଛନ୍ତି । ଯେଉଁ ଦେବତା ମଧ୍ୟରେ ଏକ ଦାନବ ମଧ୍ୟ ପ୍ରଚ୍ଛନ୍ନ ହୋଇ ରହି ନାହିଁ, ତାହାକୁ କଦାପି ଏକ ସଂପୂର୍ଣ୍ଣ ଦେବତା ବୋଲି କୁହାଯାଇ ପାରିବ ନାହିଁ ।**

**୨୨୪. ଯଦି ମୁଁ ରାମ ହୋଇ ନ ପାରୁଛି, ତେବେ ରାବଣ ହେବି । କାରଣ ସିଏ ହେଉଛି ବିଷ୍ଣୁଙ୍କର ଅନ୍ଧକାରପାର୍ଶ୍ୱ ।**

ଏହାର ଅର୍ଥ ହେଉଛି ଯେ, ବଳ ନ ଥିଲେ ମଧୁର ହେବାକୁ ବା ଶକ୍ତି ନ ଥିଲେ ଉତ୍ତମ ହେବାକୁ ମଧ୍ୟ ତଥାପି ଅସମ୍ପୂର୍ଣ୍ଣତା ବୋଲିହିଁ କୁହାଯିବ । ତାହା ଦିବ୍ୟ ପରମସତ୍ତାଙ୍କୁ କଦାପି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତ କରି ପାରିବ ନାହିଁ ।

ଶ୍ରୀଅରବିନ୍ଦ ଏଠାରେ ଯେଉଁ ପ୍ରକାରର ଉପମା ବ୍ୟବହାର କରିଛନ୍ତି, ତାହା ସହିତ ସଂଗତି ରଖି ମୁଁ ଏକଥା ମଧ୍ୟ କହିପାରିବି ଯେ, ଜଣେ ଦୀକ୍ଷାନ୍ତରିତ ଅସୁରର ଦାକ୍ଷିଣ୍ୟ ଓ ଉଦାରତା ଏକ ଦୋଷଶୂନ୍ୟ ଦେବଦୂତର ସେହିସବୁ ଗୁଣ ତୁଳନାରେ ଅନନ୍ତ ଗୁଣରେ ଅଧିକ ଫଳପ୍ରଦ ହୋଇ କାର୍ଯ୍ୟ କରିଥାଏ ।

୧୧ ଡିସେମ୍ବର, ୧୯୬୯

**୨୨୫. ତ୍ୟାଗ କର, ତ୍ୟାଗ କର, ସର୍ବଦା ତ୍ୟାଗ କର; ମାତ୍ର ତ୍ୟାଗର ଏହି ଯଜ୍ଞ ଯଜ୍ଞ ସକାଶେହିଁ ନୁହେଁ, ପରମେଶ୍ୱର ଏବଂ ମନୁଷ୍ୟସମାଜ ଲାଗି ଅନୁଷ୍ଠିତ ହେଉଥାଏ ।**

**୨୨୬. ସ୍ୱାର୍ଥପରତା ଆତ୍ମାକୁ ହତ୍ୟାକରେ; ତୁମେ ସେହି ସ୍ୱାର୍ଥପରତାକୁ ସଂହାର କର । ମାତ୍ର ତୁମର ପରାର୍ଥପରତା ଯେପରି ଅନ୍ୟମାନଙ୍କର ଆତ୍ମାକୁ ହତ୍ୟାନକରେ, ସେହି ବିଷୟରେ ସାବଧାନ ରହିଥାଅ ।**

**୨୨୭. ଖୁବ୍ ସ୍ୱାଭାବିକ ଭାବରେ ପରାର୍ଥପରତା ସ୍ୱାର୍ଥପରତାରହିଁ ଏକ ସୂକ୍ଷ୍ମତମ ରୂପସଂସ୍କରଣ ହୋଇ ରହିଥାଏ ।**

*ପରାର୍ଥପରତା ଅନ୍ୟମାନଙ୍କର ଆତ୍ମାକୁ ସଂହାର କରେ କିପରି ?*

ବସ୍ତୁ-ସହାୟତା ଦ୍ୱାରା ଅନ୍ୟମାନଙ୍କୁ ସାହାଯ୍ୟ କରି (ପରାର୍ଥପରତା) ଯଦି ତୁମେ ଯୁଗପତ୍ ଭାବରେ ନିଜର ଦୃଷ୍ଟିକୋଣଟିକୁ ସେମାନଙ୍କ ଉପରେ ଲଦି ଦେବାକୁ ଇଚ୍ଛା କରୁଥିବ, ତେବେ ତୁମେ ତଦ୍ୱାରା ସେମାନଙ୍କର ଆତ୍ମାଟିକୁ ମାରିଦେବ; କାରଣ, ଯେଉଁ ଅନ୍ତର୍ଗତ ବିଧାନଟିକୁ ପ୍ରତ୍ୟେକ ବ୍ୟକ୍ତିକୁ କେବଳ ନିଜର ଆତ୍ମାରୁହିଁ ଲାଭ କରିବାକୁ ହୋଇଥାଏ, ନୈତିକ କିଂବା ସାମାଜିକ କୌଣସି ନିୟମ ତାହାର କଦାପି ସ୍ଥାନାପନ୍ନ ହୋଇ ପାରିବ ନାହିଁ।

୧୩ ଡିସେମ୍ବର, ୧୯୬୯

**୨୨୮. ସଂହାର କରିବା ଲାଗି ଭଗବାନଙ୍କର ଆଦେଶ ରହିଥିଲା ବେଳେ ଯିଏ ତଥାପି ସଂହାର କରେ ନାହିଁ, ସିଏ ଏହି ପୃଥିବୀରେ ଅଗଣିତ ବିଧ୍ୱଂସନର କାରଣ ହୋଇଥାଏ ।**

**୨୨୯. ଯେତେବେଳ ପର୍ଯ୍ୟନ୍ତ ସମ୍ଭବ ହେଉଥିବ, ତୁମେ ମନୁଷ୍ୟର ଜୀବନକୁ ସମ୍ମାନ କରୁଥିବ; ମାତ୍ର, ତା'ଠାରୁ ଅଧିକ ପରିମାଣରେହିଁ ମନୁଷ୍ୟଜାତିର ଜୀବନ ଲାଗି ତୁମର ସମ୍ମାନ ମହଜୁଦ ରହିଥିବ ।**

**୨୩୦. ଆପଣାର କ୍ରୋଧ, ଘୃଣା କିଂବା ପ୍ରତିହିଂସାପରାୟଣତାକୁ ଆୟତ୍ତରେ ରଖି ନ ପାରିହିଁ ମନୁଷ୍ୟମାନେ ହତ୍ୟା କରିଥାନ୍ତି; ଏହି ଲୋକରେ ହେଉ, ଅଥବା ପରଲୋକରେ ହେଉ, ସେମାନେ ତାହାର ପ୍ରତିଫଳକୁ ଅବଶ୍ୟ ଭୋଗ କରିବେ । ଅଥବା, ଆପଣାର କୌଣସି ସ୍ୱାର୍ଥର ସାଧନ ଲାଗି ମଧ୍ୟ ସେମାନେ ନରହତ୍ୟା କରନ୍ତି । ଅତ୍ୟନ୍ତ ନିର୍ମମ ଭାବରେ ତାହା କରନ୍ତି । ଭଗବାନ ସେମାନଙ୍କୁ କଦାପି କ୍ଷମା ଦେବେ ନାହିଁ । ଯଦି ତୁମେ ପ୍ରକୃତରେ ହତ୍ୟା କରିବ ବୋଲି ବିଚାର କରୁଛ, ତେବେ ତାହାର ପୂର୍ବରୁହିଁ ତୁମର ଆତ୍ମା ମୃତ୍ୟୁକୁ ଏକ ସତ୍ୟବୋଲି ଜାଣିଥିବା ଉଚିତ ଏବଂ ତୁମ ଦ୍ୱାରା ଆକ୍ରାନ୍ତ ହେଉଥିବା ବ୍ୟକ୍ତି, ତୁମର ଆକ୍ରମଣ ଏବଂ ଆକ୍ରମଣକାରୀ, ଏହି ସମସ୍ତଙ୍କ ଭିତରେ ଭଗବାନଙ୍କର ଦର୍ଶନ ଲାଭ କରି ପାରିଥିବା ଉଚିତ ।**

*କେଉଁପ୍ରକାର ପରିସ୍ଥିତିରେ ଭଗବାନ ହତ୍ୟା କରିବା ଲାଗି ଆଦେଶ ଦିଅନ୍ତି ?*

ମୁଁ ଏହି ପ୍ରଶ୍ନଟିର କୌଣସି ଉତ୍ତର ଦେଇ ପାରିବି ନାହିଁ, କାରଣ ଭଗବାନ ମୋତେ କେବେହେଲେ କାହାକୁ ହତ୍ୟା କରିବାକୁ କହି ନାହାନ୍ତି ।

୧୪ ଡିସେମ୍ବର, ୧୯୬୯

**୨୩୧.** **ସାହସ ଏବଂ ଭଲ ପାଇବା,– ଏହି ଦୁଇଟିହିଁ ଏକମାତ୍ର ଗୁଣ, ଯାହାକୁ ପରିହାର କରାଯାଇ ପାରିବ ନାହିଁ । ଅନ୍ୟ ସବୁଯାକ ଗୁଣ ଅନ୍ତର୍ହିତ ହୋଇ ଯାଇଥିଲେ କିଂବା ଶୋଇ ପଡ଼ିଥିଲେ ମଧ୍ୟ ଏହି ଦୁଇଟିଯାକ ଗୁଣ ଆତ୍ମାକୁ ଅବଶ୍ୟ ଜୀବନ୍ତ କରି ରଖିଥିବେ ।**

**୨୩୨.** **ନୀଚତା ଏବଂ ସ୍ୱାର୍ଥପରତା,– ଏହି ଦୁଇଟି ହେଉଛନ୍ତି ଏପରି ଏକମାତ୍ର ପାପ, ଯାହାକୁ କ୍ଷମା ଦେବା ମୋତେ କଷ୍ଟକର ବୋଧ ହୁଏ । ତଥାପି, ସେହି ଦୁଇଟିହିଁ ପ୍ରାୟ ସର୍ବବ୍ୟାପୀ ହୋଇ ରହିଛନ୍ତି । ତେଣୁ ଅନ୍ୟମାନଙ୍କ ମଧ୍ୟରେ ରହିଥିବା ଏହି ଦୁଇଟିକୁ ଆମେ କେବେହେଲେ ଘୃଣା କରିବା ନାହିଁ, ମାତ୍ର ଆମ ନିଜ ଭିତରୁ ତାହାକୁ ସମୂଳେ ବିଲୁପ୍ତ କରିଦେବା ।**

**୨୩୩.** **ମହତ୍ତ୍ୱ ଏବଂ ଉଦାରତା,– ଏଗୁଡ଼ିକ ହେଉଛନ୍ତି ଆତ୍ମାର ଈଶ୍ୱରୀୟ ଗଗନମଣ୍ଡପ; ସେଗୁଡ଼ିକ ନ ଥିବାବେଳେ ମଣିଷ କୌଣସି ଅନ୍ଧକୂପ ଭିତରେ ହୁଏତ ଏକ କୀଟର ଅନୁସନ୍ଧାନ କରିବାରେ ଲାଗିଥାଏ ।**

**୨୩୪.** **ତୁମର ଗୁଣଗୁଡ଼ିକ ଆଦୌ ଏପରି ନ ହେଉ, ଲୋକମାନେ ଯାହାରକି ପ୍ରଶଂସା କରିବେ ଏବଂ ଯାହାକୁ ପୁରସ୍କାର ଦେଇ ପାରୁଥିବେ । ତୁମ ଗୁଣଗୁଡ଼ିକ ଏପରି ହେଉ, ଯାହାକି ତୁମକୁ ଅଧିକରୁ ଅଧିକ ପରିପୂର୍ଣ୍ଣତା ଆଣି ଦେଇ ପାରୁଥିବେ ଏବଂ ଯାହାକୁ ତୁମ ସ୍ୱଭାବ ମଧ୍ୟରେ ରହିଥିବା ଭଗବାନ୍ ତୁମଠାରୁ ପ୍ରକୃତରେ ଦାବି କରୁଥିବେ ।**

*ଆପଣ ମୋ'ଲାଗି ନିମ୍ନଲିଖିତ ଶବ୍ଦଗୁଡ଼ିକର ସଂଜ୍ଞା ନିରୂପଣ କରିଦେଇ ପାରିବେ କି ?*

*୧) ସାହସ ଓ ଭଲ ପାଇବା*
*୨) ନୀଚତା ଏବଂ ସ୍ୱାର୍ଥପରତା*
*୩) ମହତ୍ତ୍ୱ ଏବଂ ଉଦାରତା*

୧) କୌଣସି ପ୍ରକାର ଭୟ ନ ରହିବା,– ତାହାହିଁ ସାହସ ।
୨) ପ୍ରତିଦାନରେ ଆଦୌ କିଛିହେଲେ ନମାଗି ଆପଣାକୁ ଦେବା,– ତାହାହିଁ ଭଲ ପାଇବା ।
୩) ନୀଚତା ଅର୍ଥାତ୍ ଏକ ଦୁର୍ବଳତା, ଯାହା ସର୍ବଦା ହିସାବ କରିବାରେ ଲାଗିଥାଏ ଏବଂ, ସ୍ୱୟଂ ନିଜ ପାଖରେ ଯେଉଁସବୁ ଗୁଣର ଅଭାବ ରହିଥାଏ, ଅନ୍ୟମାନଙ୍କଠାରୁ ସେହିଗୁଡ଼ିକର ଦାବି କରିବାରେ ଲାଗିଥାଏ ।
୪) ନିଜକୁହିଁ ସମସ୍ତ ବିଶ୍ୱର କେନ୍ଦ୍ରରେ ଅବସ୍ଥାପିତ କରି ରଖିବା ଏବଂ ନିଜର ସନ୍ତୋଷବିଧାନ ସକାଶେ ସବୁକିଛି ମହଜୁଦ ହୋଇ ରହିଥାଉ ବୋଲି ଦାବି କରିବା– ତାହା ସ୍ୱାର୍ଥପରତା ।
୫) ଯାବତୀୟ ବ୍ୟକ୍ତିଗତ ଲାଭକ୍ଷତିର ହିସାବ ଲାଗି କୌଣସି ସ୍ଥାନ ନ ରଖିବା,– ତାହା ମହତ୍ତ୍ୱ ।
୬) ଅନ୍ୟମାନଙ୍କର ସନ୍ତୋଷବିଧାନକୁ ନିଜର ସନ୍ତୋଷବିଧାନ ବୋଲି ଜାଣିବା, ଏହାକୁ ଉଦାରତା କୁହାଯାଏ ।

୧୫ ଡିସେମ୍ବର, ୧୯୬୯

**୨୩୫. ପରୋପକାର, କର୍ତ୍ତବ୍ୟ, ପରିବାର, ଦେଶ, ମନୁଷ୍ୟଜାତି,– ଯଦି ଏଗୁଡ଼ିକୁ ଗୋଟିଏ ଗୋଟିଏ ସାଧନରୂପେ ବ୍ୟବହାର କରାଯାଇ ନ ପାରିବ, ତେବେ ସେମାନେ ଆତ୍ମା ଲାଗି ଗୋଟିଏ ଗୋଟିଏ ବନ୍ଦିଶାଳା ପରି ହୋଇ ରହିଥିବେ ।**

**୨୩୬. ଆମର ଦେଶ ହେଉଛି ଆମର ଜନନୀରୂପିଣୀ ପରମା ଦେବୀ । ଯଦି ଏକ ମମତା ଏବଂ କୋମଳତାର ଭାବ ରଖି ତୁମେ ତାହାର ଦୋଷଗୁଡ଼ିକ ବିଷୟରେ କହି ନ ପାରୁଥିବ, ତେବେ ତୁମେ ତାହାର ଆଦୌ କୌଣସି ଦୋଷ ଦେଖାଅ ନାହିଁ କିଂବା ନିନ୍ଦା କର ନାହିଁ ।**

**୨୩୭. ଆପଣାର ଉଦ୍ଦେଶ୍ୟସିଦ୍ଧି ନିମନ୍ତେହିଁ ଲୋକମାନେ ନିଜର ଦେଶ ପ୍ରତି ବିଶ୍ୱାସଘାତୀ ହୁଅନ୍ତି । ତଥାପି, ସେମାନେ ସତତ ଭାବିବାରେ ଲାଗିଥା'ନ୍ତି ଯେ, ଭୀତତ୍ରସ୍ତ ଭାବରେ ମାତୃହତ୍ୟାରୁ ନିବୃତ୍ତ ହୋଇ ରହିବା ଲାଗି ସେମାନଙ୍କର ଏକ ଅଧିକାର ରହିଛି ।**

*''ପରୋପକାର, କର୍ତ୍ତବ୍ୟ, ପରିବାର, ଦେଶ, ମନୁଷ୍ୟଜାତି''– ଏଗୁଡ଼ିକ ଆତ୍ମା ଲାଗି ଯଥାର୍ଥ ସାଧନ ହୋଇପାରିବେ କିପରି ?*

ଆତ୍ମା ହେଉଛି ଦିବ୍ୟ ପରମସତ୍ତାଙ୍କର ଏବଂ ତେଣୁ ତାହାର ସକଳ ଆନୁଗତ୍ୟ ଏବଂ ସେବାକୁ ଆତ୍ମା କେବଳ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ଅର୍ପିତ କରି ରଖିଥାଏ । ଦିବ୍ୟ ପରମସତ୍ତା ଯଦି ତାହାକୁ ପରିବାର, ଦେଶ ଅଥବା ମନୁଷ୍ୟଜାତିର ସେବା କରିବା ସକାଶେ ଆଦେଶ ଦିଅନ୍ତି, ତେବେ ସେସବୁ କରିବା ଯଥାର୍ଥ ହେବ ଏବଂ ତଦ୍ୱାରା ଆତ୍ମା ଆଦୌ କୌଣସି ପ୍ରକାରେ ବନ୍ଦୀ ହୋଇ ପଡ଼ିବ ନାହିଁ ।

ମାତ୍ର, ଯଦି ସେହି ଆଦେଶଟି ଦିବ୍ୟ ପରମସତ୍ତାଙ୍କଠାରୁ ଆସି ନ ଥାଏ, ତେବେ ଏହିସବୁର ପରିଚର୍ଯ୍ୟା କରିବାକୁ କେବଳ କେତେକ ସାମାଜିକ ତଥା ନୈତିକ ପରମ୍ପରାର ପାଳନ କରିବା ବୋଲି କୁହାଯିବ ।

୧୭ ଡିସେମ୍ବର, ୧୯୬୯

**୨୩୮. ଅତୀତର ଛାଞ୍ଚଗୁଡ଼ାକୁ ଭାଙ୍ଗିପକାଅ, ମାତ୍ର ତାହାର ଅର୍ଜନଗୁଡ଼ିକୁ ଏବଂ ଭାବଟିକୁ ସୁରକ୍ଷିତ କରି ରଖ; ନ ହେଲେ, ତୁମର ଆଉ ଭବିଷ୍ୟତ ବୋଲି ଆଦୌ କିଛି ରହିବ ନାହିଁ ।**

**୨୩୯. ବିପ୍ଳବଗୁଡ଼ିକ ଅତୀତକୁ ଖଣ୍ଡଖଣ୍ଡ କରି କାଟି ଦିଅନ୍ତି ଏବଂ ତା'ପରେ ତାହାକୁ ନେଇ ଏକ କଡ଼େଇ ଭିତରେ ପକାଇଦିଅନ୍ତି; ମାତ୍ର ଯୁଗେ ଯୁଗେ ସେଥିରୁ ଯାହା ଜନ୍ମଲାଭ କରିଛି, ତାହା ହେଉଛି ନୂତନ ମୁଖାସହ ସେହି ପୁରାତନ 'ଏସନ୍' ।**

**୨୪୦. ଏହି ପୃଥିବୀରେ ହୁଏତ ମୋଟ କେବଳ ଅଧଡ଼ଜନ ବିପ୍ଳବ ସଫଳ ହୋଇ ପାରିଛି ଏବଂ ଏହି ଅଧଡ଼ଜନରୁ ମଧ୍ୟ ଅଧିକାଂଶ ବିପ୍ଳବ ପ୍ରାୟ**

**ଗୋଟିଏ ଗୋଟିଏ ବିଫଳତା ପରି ପ୍ରତୀତ ହୋଇଛି । ତଥାପି, କେବଳ ମହାନ୍ ଏବଂ ଉଦାତ୍ତ ନାନା ବିଫଳତା ମଧ୍ୟଦେଇହିଁ ମନୁଷ୍ୟଜାତି ଆପଣାର ଅଗ୍ରଗତି ସାଧନ କରିଥାଏ ।**

*''ମହାନ୍ ଏବଂ ଉଦାତ୍ତ ବିଫଳତା'' କହିଲେ ଶ୍ରୀଅରବିନ୍ଦ କେଉଁ ଅର୍ଥରେ କହୁଛନ୍ତି ?*

କୌଣସି ଘଟଣାର ମହାନତା ଏବଂ ଉଦାତ୍ତତା ବାହ୍ୟ ଜଡ଼ସ୍ତରୀୟ ସଫଳତା ଉପରେ ଆଦୌ ନିର୍ଭର କରନ୍ତି ନାହିଁ । ଯେଉଁସବୁ ଭାବସ୍ରୋତ ସେହି ଘଟଣାଟିକୁ ପ୍ରେରିତ କରି ଆଣିଥାଏ ଏବଂ ଲୋକମାନେ ଯେଉଁ ଲକ୍ଷ୍ୟକୁ ସମ୍ମୁଖରେ ରଖି ତାହାର ପଛରେ ଯାଉଥା'ନ୍ତି, ସେଗୁଡ଼ିକ ତାହାରି ଉପରେ ନିର୍ଭର କରନ୍ତି ।

ସଫଳତା କୌଣସି ଘଟଣାକୁ ମହାନ୍ କରିଦିଏ ନାହିଁ; ମାତ୍ର, ଯାବତୀୟ କର୍ମସାଧନ ପଛରେ ଯେଉଁ ଉଦ୍ଦେଶ୍ୟ ରହିଥାଏ ଓ ଯେଉଁସବୁ ଉଦାତ୍ତ ଭାବନା ତାହାକୁ ପ୍ରେରଣା ଯୋଗାଇ ଦେଉଥା'ନ୍ତି, ତାହାରିଦ୍ୱାରାହିଁ ଗୋଟିଏ ଘଟଣାକୁ ମହାନ୍ ବୋଲି କୁହାଯାଏ ।

୧୮ ଡିସେମ୍ବର, ୧୯୬୯

**୨୪୧. ଗିର୍ଜା ଗୁଡ଼ିକରେ ଭ୍ରଷ୍ଟତା ଏବଂ ସଂପ୍ରଦାୟମାନଙ୍କର ସଂକୀର୍ଣ୍ଣତା ବିରୋଧରେ ନାସ୍ତିକତାକୁ ଏକ ଆବଶ୍ୟକ ପ୍ରତିବାଦ ବୋଲି କୁହାଯିବ । ସେହିସବୁ ବିଦୂଷିତ କାଗଜଘରକୁ ଭାଙ୍ଗି ଚୂନା କରିଦେବା ଲାଗି ଭଗବାନ ତାହାକୁ ଢେଲା ପଥର ପରି ବ୍ୟବହାର କରନ୍ତି ।**

**୨୪୨. ଲୋକମାନେ ପ୍ରକୃତରେ କେତେକେତେ ଘୃଣା ଏବଂ ନିର୍ବୋଧତାକୁ ବହୁ ଆଡ଼ମ୍ବର ସହିତ ଏକାଠି ଗୋଟିଏ ବୁଜୁଳା କରି ବାନ୍ଧିବାରେ ସଫଳତା ଲାଭ କରନ୍ତି ଓ ତାହାକୁ ''ଧର୍ମ'' ବୋଲି କହନ୍ତି !**

*ଧର୍ମ ଆଉ, ନାସ୍ତିକତା,– ଦୁଇଟି ମଧ୍ୟରୁ କେଉଁଟି ଅଧିକ ଭଲ ?*

ଯେପର୍ଯ୍ୟନ୍ତ ଧର୍ମମାନେ ରହିଛନ୍ତି, ସେପର୍ଯ୍ୟନ୍ତ ସେମାନଙ୍କର ଏକ ପ୍ରତିଭାର ରୂପେ ନାସ୍ତିକତା ଅବଶ୍ୟ ଅପରିହାର୍ଯ୍ୟ ହୋଇ ରହିଥିବ । ଏହି ଦୁଇଟିଯାକକୁହିଁ ବିଲୁପ୍ତ ହେବାକୁ

ପଡ଼ିବ, ଯେପରିକି ପରମସତ୍ୟ ଲାଗି ଏକ ନିଷ୍ଠାଯୁକ୍ତ ଏବଂ ସ୍ୱାର୍ଥରହିତ ଅନ୍ୱେଷଣ ସମ୍ଭବ ହୋଇପାରିବ, ଏବଂ, ଏହି ଅନୁସନ୍ଧାନର ବସ୍ତୁଟି ଲାଗି ଆମେ ନିଜକୁ ସମଗ୍ର ଭାବରେ ଉତ୍ସର୍ଗ କରିଦେଇ ପାରିବା ।

୨୧ ଡିସେମ୍ବର, ୧୯୬୯

**୨୪୩. ଭଗବାନ ଯେତେବେଳେ ମନ୍ଦତମ ପ୍ରଲୋଭନ ଦେଖାନ୍ତି, ସେତିକିବେଳେହିଁ ସର୍ବୋତ୍ତମ ଭାବରେ ବାଟ ଦେଖାଇ ନେଇଥାନ୍ତି; ନିର୍ମମ ହୋଇ ଶାସ୍ତି ଦେଲାବେଳେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଭଲ ପାଆନ୍ତି ଏବଂ ପ୍ରବଳ ଭାବରେ ବିରୋଧ କରୁଥିବାବେଳେହିଁ ପରିପୂର୍ଣ୍ଣ ଭାବରେ ସାହାଯ୍ୟ କରୁଥାନ୍ତି ।**

**୨୪୪. ଯଦି ଈଶ୍ୱର ମନୁଷ୍ୟମାନଙ୍କୁ ପ୍ରଲୋଭନ ଦେଖାଇବାର ଦାୟିତ୍ୱଟିକୁ ବହନ କରି ନ ଥାନ୍ତେ ତେବେ ପୃଥିବୀ ଅତିଶୀଘ୍ର ଛାରଖାର ହୋଇ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଆନ୍ତା ।**

**୨୪୫. ଆପଣା ଭିତରେ ପ୍ରଲୋଭିତ ହେବା ଲାଗି ବାଟ ଛାଡ଼ିଦିଅ, ଯେପରିକି, ତହିଁରୁ ଆବଶ୍ୟକ ହେଉଥିବା ସଂଗ୍ରାମଟି ଦ୍ୱାରା ତୁମେ ନିଜର ନିମ୍ନମୁଖୀ ପ୍ରବୃତ୍ତିଗୁଡ଼ିକୁ ନିଃଶେଷ କରିଦେଇ ପାରିବ ।**

**୨୪୬. ଯଦି ଆପଣାର ବିଶୁଦ୍ଧୀକରଣ ଲାଗି ତୁମେ ଭଗବାନଙ୍କୁ ବାଟ ଛାଡ଼ିଦେଇ ପାରିବ, ତେବେ ସିଏ ଆତ୍ମନିଷ୍ଠ ଭାବରେ ତୁମ ଭିତରେ ରହିଥିବା ମନ୍ଦକୁ କାଢ଼ି ବାହାର କରିଦେଇ ପାରିବେ; ମାତ୍ର, ଯଦି ତୁମେ ନିଜକୁ ନିଜେ ବାଟ ଦେଖାଇ ନେଇଯିବ ବୋଲି ଜିଦ୍ ଧରି ବସିବ, ତେବେ ତୁମେ ବାହାରର କେତେ ନା କେତେ ପାପ ଏବଂ କଷ୍ଟ ଭୋଗ ମଧ୍ୟରେ ଯାଇ ପତିତ ହୋଇଯିବ ।**

**୨୪୭. ଲୋକେ ଯାହାସବୁକୁ ମନ୍ଦ ବୋଲି କହୁଛନ୍ତି, ତୁମେ ସେଗୁଡ଼ିକରୁ ପ୍ରତ୍ୟେକକୁ କଦାପି ମନ୍ଦ ବୋଲି କହ ନାହିଁ । ମାତ୍ର, ଯାହାକୁ ପରମେଶ୍ୱର ବର୍ଜିତ କରି ରଖିଛନ୍ତି, ତୁମେ କେବଳ ତାହାକୁହିଁ ବର୍ଜନ**

**କର । ଲୋକେ ଯାହାସବୁକୁ ଭଲ ବୋଲି କହୁଛନ୍ତି, ତୁମେ ସେଗୁଡ଼ିକରୁ ପ୍ରତ୍ୟେକକୁ କଦାପି ଭଲ ବୋଲି କହିବ ନାହିଁ; ମାତ୍ର, ପରମେଶ୍ୱର ଯାହାକୁ ଗ୍ରହଣ କରି ନେଇଛନ୍ତି, ତୁମେ କେବଳ ତାହାକୁହିଁ ଗ୍ରହଣ କରିନେବ ।**

*ଯଦି ଆମେ ସଂପୂର୍ଣ୍ଣ ଭାବରେ ଭଗବାନଙ୍କ ପାଖରେ ନିଜକୁ ଅର୍ପିତ କରି ଦେଇଥିବା, ତେବେ ଆପଣାର ବ୍ୟକ୍ତିଗତ ଇଚ୍ଛା ଓ ପସନ୍ଦ ଅପସନ୍ଦ ନିର୍ବାଚନ କରିବାର ଶକ୍ତି ପ୍ରଭୃତିର ବିକାଶ କରାଇବା ପ୍ରକୃତରେ ଆବଶ୍ୟକ ହେବ କି ? ସେତେବେଳେ ଏହିସବୁ କଥା ପ୍ରତିବନ୍ଧକ ପରି କାର୍ଯ୍ୟ କରିବ ନାହିଁ କି ?*

ଯେଉଁ ବ୍ୟକ୍ତିମାନେ ଏହି ସାଧାରଣ ଜୀବନସ୍ତରର ଅଜ୍ଞାନ ଏବଂ ଭ୍ରାନ୍ତି ମଧ୍ୟରେ ବାସ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ବ୍ୟକ୍ତିଗତ ଇଚ୍ଛା ଏବଂ ପସନ୍ଦ ଅପସନ୍ଦର ନିର୍ବାଚନ କରିବାର ଶକ୍ତିକୁ ଗୋଟିଏ ଗୋଟିଏ ଆବଶ୍ୟକ ଗୁଣ ବୋଲିହିଁ କୁହାଯିବ ।

ଅବଶ୍ୟ, ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ଯଥାର୍ଥ ଭାବରେ ଉତ୍ସର୍ଗ କରିବାର ଅର୍ଥ ହେଉଛି ଯେ ସେମାନେ ନିଜକୁ ତାଙ୍କଠାରେ ସମର୍ପଣ କରି ରଖିଥିବେ । ମାତ୍ର ଦୁର୍ଭାଗ୍ୟବଶତଃ, ଅନେକ ବ୍ୟକ୍ତି ଏହିପରି ଏକ ଭ୍ରାନ୍ତି ମଧ୍ୟରେ ବାସ କରୁଥାନ୍ତି ଯେ, ସେମାନେ ନିଜକୁ ଦିବ୍ୟ ପରମସତ୍ତାଙ୍କ ଲାଗି ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇଛନ୍ତି, ମାତ୍ର ତଥାପି ନିଜ ଭିତରେ ସେମାନେ ଏକ ଅତ୍ୟନ୍ତ ସକ୍ରିୟ ''ଅହଂକୁ'' ସଂରକ୍ଷିତ କରି ରଖିଥାନ୍ତି ଏବଂ ସେହି ଅହଂ ସେମାନଙ୍କୁ ଦିବ୍ୟ ପରମ ଇଚ୍ଛାକୁ ଅନୁଭବ କରିବାରୁହିଁ ବଞ୍ଚିତ କରି ରଖିଥାଏ; ଏହି ବ୍ୟକ୍ତିମାନେ ଯଦି ନିଜର ବ୍ୟକ୍ତିଗତ ଇଚ୍ଛା ଏବଂ ନିର୍ବାଚନଶକ୍ତିକୁ ପରିହାର କରନ୍ତି, ତେବେ ସେମାନେ ତଦ୍ୱାରା ନାନା ଅସଙ୍ଗତି ଏବଂ ପ୍ରମାଦ ଭିତରେ ଆସି ପଡ଼ିଯିବାର ବିପଦକୁ ନିଜ ପାଖକୁ ଡାକି ଆଣନ୍ତି ।

ତୁମେ ଯେ ଆପଣାକୁ ଆଦୌ ପ୍ରତାରଣା କରୁ ନାହଁ, ସେହି ବିଷୟରେ ସୁନିଶ୍ଚିତ ରହି ପାରିବା ଲାଗି ତୁମକୁ ସର୍ବପ୍ରଥମେ ଏକ ପୂର୍ଣ୍ଣତାଯୁକ୍ତ ନିଷ୍ଠାର ଅର୍ଜନ କରିବାକୁ ପଡ଼ିବ; ଏବଂ, ତୁମପାଖରେ ଏହି କଥାଟିର ସ୍ପଷ୍ଟ ପ୍ରମାଣ ମଧ୍ୟ ରହିଥିବ ଯେ, ଯଥାର୍ଥରେ ସେହି ଦିବ୍ୟ ପରମ ଇଚ୍ଛାହିଁ ତୁମକୁ ପ୍ରେରିତ କରି ନେଉଛନ୍ତି ଓ ବାଟ ଦେଖାଇ ଦେଉଛନ୍ତି ।

୨୨ ଡିସେମ୍ବର, ୧୯୬୯

**୨୪୮. କର୍ତ୍ତବ୍ୟ ଏବଂ ନିୟମ – ପୃଥିବୀର ମନୁଷ୍ୟମାନଙ୍କ ପାଖରେ ଏହି ଦୁଇଟି ଆଲୋକ ରହିଥାଏ । ମାତ୍ର ଯେଉଁ ବ୍ୟକ୍ତି ନିଜକୁ ଭଗବାନଙ୍କ ହାତରେ ସମର୍ପି ଦେଇଥାଏ, ସିଏ ସେହି ଦୁଇଟିଯାକକୁ ଅତିକ୍ରମ କରି ଯାଇଥାଏ ଏବଂ ପରମେଶ୍ୱରଙ୍କର ଇଚ୍ଛାକୁହିଁ ତା'ର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ କରି ସାରିଥାଏ । ଯଦି ଲୋକମାନେ ତୁମକୁ ଏଥିଲାଗି ଭର୍ତ୍ସନା କରିବେ, ତେବେ ହେ ଦିବ୍ୟ ନିମିତ୍ତ, ତୁମେ ସେଥିପାଇଁ କୌଣସି ଚିନ୍ତା କରିବ ନାହିଁ; ଏବଂ, ଯେପରି ପବନ ଏବଂ ସୂର୍ଯ୍ୟ ଆପଣାର ମାର୍ଗରେ ଅଭିବୃଦ୍ଧି ତଥା ବିଧ୍ୱଂସ ଉଭୟରହିଁ ସାଧନ କରି ଚାଲିଛନ୍ତି, ତୁମେ ମଧ୍ୟ ସେହିପରି ନିଜର ମାର୍ଗରେ ଅଗ୍ରସର ହୋଇ ଯାଉଥିବ ।**

**୨୪୯. ଲୋକମାନଙ୍କର ପ୍ରଶଂସାଗୁଡ଼ାକୁ ଠୁଳ କରିବା ନିମନ୍ତେ ନୁହେଁ, ମାତ୍ର, ନିର୍ଭୟ ହୋଇ ପରମେଶ୍ୱରଙ୍କର ଆଦେଶ ପାଳନ କରିବାକୁହିଁ ସିଏ ତୁମକୁ ତାଙ୍କର ନିଜର ବୋଲି ସ୍ୱୀକାର କରି ନେଇଛନ୍ତି ।**

**୨୫୦. ଏହି ସଂସାରକୁ ତୁମେ ଈଶ୍ୱରଙ୍କର ଲୀଳାମଞ୍ଚରୂପେ ଗ୍ରହଣ କରିବ; ତୁମେ ସେହି ପରମ ଅଭିନେତାଙ୍କର ମୁଖା ହୋଇ ରହିବ ଏବଂ ତାଙ୍କୁ ତୁମରି ମାଧ୍ୟମରେ ଅଭିନୟ କରିବାକୁ ବାଟ ଛାଡ଼ିଦେବ । ସେଥିଲାଗି ଯଦି ଲୋକମାନେ ତୁମର ପ୍ରଶଂସା କରିବେ ଅଥବା ତୁମକୁ ତିରସ୍କାର କରିବେ, ତେବେ ତୁମେ ସର୍ବଦା ଜାଣି ରଖିଥିବ ଯେ, ସେମାନେ ମଧ୍ୟ ଗୋଟିଏ ଗୋଟିଏ ମୁଖାର କାର୍ଯ୍ୟ କରୁଛନ୍ତି । ଏବଂ, ତୁମେ ନିଜ ଭିତରେ ସେହି ପରମେଶ୍ୱରଙ୍କୁହିଁ ତୁମର ଏକମାତ୍ର ସମାଲୋଚକ ଏବଂ ଶ୍ରୋତାମଣ୍ଡଳୀ ରୂପେ ଗ୍ରହଣ କରିନେବ ।**

ଦିବ୍ୟ ପରମ ଇଚ୍ଛା ବିଷୟରେ ସଚେତନ ରହିବା ହେଉଛି ପ୍ରଥମ ଆବଶ୍ୟକତା; ଏବଂ ସେହି କଥାଟିକୁ କରି ପାରିବାଲାଗି, ତୁମ ପାଖରେ ବାସନା ଏବଂ ବ୍ୟକ୍ତିଗତ ଇଚ୍ଛା ବୋଲି ଆଉ ଆଦୌ କିଛି ରହିବ ନାହିଁ ।

ଏହି ଲକ୍ଷ୍ୟଟିକୁ ଉପଲବ୍ଧି କରିବାର ସର୍ବୋତ୍ତମ ବାଟ ହେଉଛି ଯେ, ତୁମେ ଆପଣାର ସମୁଦାୟ ଅଭୀପ୍ସାକୁ ସେହି ଦିବ୍ୟ ପରମ ପରିପୂର୍ଣ୍ଣତା ଲାଗି ଉଦ୍ଦିଷ୍ଟ କରି

ରଖିବ, ଅକୁଣ୍ଠିତ ଭାବରେ ନିଜକୁ ତାହାରି ପାଖରେ ସମର୍ପିତ କରିଦେବ ଏବଂ ଯାବତୀୟ ପରିତର୍ପଣ ଲାଗି କେବଳ ତାଙ୍କରି ଉପରେ ଆସ୍ଥା ରଖିଥିବ ।

ଆଉ ସବୁକିଛି ତୁମକୁ ତାହାର ପରିଣାମ ସ୍ୱରୂପ ଅବଶ୍ୟ ପ୍ରାପ୍ତ ହେବ ।

୨୩ ଡିସେମ୍ବର, ୧୯୬୯

**୨୫୧. ଯଦି କୃଷ୍ଣ ଏକାକୀ ଗୋଟିଏ ପାଖରେ ରହିବେ ଏବଂ ଅନ୍ୟପାଖରେ ଏହି ପୃଥିବୀ ଆପଣାର ସେନାବାହିନୀ, ଗୁଳିବାରୁଦ ଏବଂ ସୂତ୍ରନିୟମଗୁଡ଼ିକ ସହିତ ସଜ୍ଜିତ ଏବଂ ସଂଗଠିତ ହୋଇ ରହିଥିବ, ତେବେ ତୁମେ ଭଗବାନଙ୍କର ସେହି ନିର୍ଜନ ପକ୍ଷଟିକୁହିଁ ବାଛିନେବ । ପୃଥିବୀ ତୁମର ଶରୀର ଉପର ଦେଇ ଚାଲିଗଲେ ଏବଂ ତାହାର ଗୁଳିଗୋଳା ତୁମକୁ ଖଣ୍ଡଖଣ୍ଡ କରିଦେଲେ ଓ ତାହାର ଅଶ୍ୱାରୋହୀ ସୈନ୍ୟମାନେ ତୁମର ଅଙ୍ଗପ୍ରତ୍ୟଙ୍ଗକୁ ମାଡ଼ିଦଳି ଦେଇ ବିକଳାଙ୍ଗ ମେଞ୍ଚାଟିଏ ପରି ରାସ୍ତାକଡ଼ରେ ଫିଙ୍ଗିଦେଇ ଚାଲିଗଲେ ମଧ୍ୟ ତୁମେ ତଥାପି କୌଣସି ଶୋଚନା କରିବ ନାହିଁ । କାରଣ, ଏହି ମନ ତ ସର୍ବଦା ଏକ ଅନୁକୃତିହିଁ ହୋଇ ରହିଥିଲା ଓ ଏହି ଶରୀର ମଧ୍ୟ ଏକ ଶବରେ ପରିଣତ ହୋଇ ରହିଥିଲା । ଚିନ୍ମୟସତ୍ତାହିଁ ତାହାର ଆୟତନ ମଧ୍ୟରୁ ଏହିସବୁ ପରିସର ଏବଂ ବିଜୟଗୁଡ଼ିକୁ ଉଦ୍ଧାର କରି ଆଣିଲା ।**

ଏହା ଆମକୁ କହୁଛି ଯେ, ସବୁକିଛି ସତ୍ତ୍ୱେ ଏପରିକି ସମଗ୍ର ପୃଥିବୀ ଯଦି ବିରୋଧ କରୁଥାଏ, ତଥାପି ଦିବ୍ୟପରମସତ୍ତାଙ୍କ ସହିତ ଯୁକ୍ତ ହୋଇ ରହିବାକୁ ବାଛିନେବା । କାରଣ, ମନୋମୟ ଏବଂ ଜଡ଼ର ଭୂମିରେ ପୃଥିବୀର କେବଳ ଏକ ବାହ୍ୟ ବଳହିଁ ରହିଛି; ଅନ୍ୟ ପକ୍ଷରେ, ଦିବ୍ୟ ପରମସତ୍ତାହିଁ ପରମସତ୍ୟର ଶାଶ୍ୱତ ଶକ୍ତିକୁ ଧାରଣ କରି ରହିଛନ୍ତି ।

୨୬ ଡିସେମ୍ବର, ୧୯୬୯

**୨୫୨. ଯଦି ତୁମେ ପରାଜୟକୁହିଁ ତୁମର ଶେଷ ପରିଣତି ବୋଲି ଭାବୁଥାଅ, ତେବେ ତୁମ ପାଖରେ ଅଧିକ ବଳ ରହିଥିଲେ ମଧ୍ୟ ତୁମେ ଆଦୌ ସଂଗ୍ରାମ କରିବାକୁ ଯାଅ ନାହିଁ । କାରଣ କୌଣସି ମନୁଷ୍ୟ ନିୟତିକୁ କଦାପି କିଣିନେଇ ପାରିବ ନାହିଁ ଅଥବା ଯଥାର୍ଥ କ୍ଷମତା ମଧ୍ୟ**

**କ୍ଷମତାକୁ ଅଧିକାର କରି ରହିଥିବା ବ୍ୟକ୍ତିମାନଙ୍କ ପାଖରେ କଦାପି ବନ୍ଧା ହୋଇ ରହି ନ ଥିବ । ମାତ୍ର, ପରାଜୟ କଦାପି ସର୍ବଶେଷ ପରିଣତି ନୁହେଁ; ଏହା ହେଉଛି କେବଳ ଏକ ତୋରଣ, କିଂବା, କେବଳ ଏକ ଆରମ୍ଭ ମାତ୍ର ।**

**୨୫୩. ତୁମେ କହୁଛ, ମୁଁ ବିଫଳ ହୋଇଗଲି । ତୁମେ ବରଂ ଏପରି କୁହ ଯେ ଆପଣାର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ସକାଶେ ପରମେଶ୍ୱର ବୁଲି ବୁଲି ପଇଁତରା ମାରିବାରେ ଲାଗିଛନ୍ତି ।**

**୨୫୪. ପୃଥିବୀ ଦ୍ୱାରା ପରାଭୂତ ହୋଇ ତୁମେ ସାହାଯ୍ୟ ଲାଗି ପରମେଶ୍ୱରଙ୍କୁହିଁ ମନେପକାଅ । ଯଦି ପୃଥିବୀ ତୁମ ଅପେକ୍ଷା ଅଧିକ ବଳବାନ୍ ହୋଇଥାଏ, ତେବେ ତୁମେ କ'ଣ ଭାବୁଛ ଯେ ପରମେଶ୍ୱର ମଧ୍ୟ ପୃଥିବୀ ଆଗରେ ଦୁର୍ବଳ ପ୍ରମାଣିତ ହେବେ ? ତେଣୁ ତୁମେ ବରଂ ତାଙ୍କରି ଆଦେଶ ଲାଗି ତାଙ୍କ ପାଖକୁ ଯାଅ ଏବଂ ସେହି ଆଦେଶକୁ କାର୍ଯ୍ୟକାରୀ କରିବାଲାଗି ତାଙ୍କଠାରୁ ବଳର ପ୍ରାର୍ଥନା କର ।**

*''ବୁଲି ବୁଲି ପଇଁତରା ମାରିବାଲାଗି ଭଗବାନଙ୍କର ପୁଣି କି ଆବଶ୍ୟକତା ରହିଛି ? ଯଦି ସେ ଇଚ୍ଛା କରନ୍ତେ, ତେବେ ତ ଚାହିଁବା ମାତ୍ରକେ ସେଠାରେ ଯାଇ ପହଞ୍ଚି ପାରନ୍ତେ ଏବଂ ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟକୁ ଅଧିକ ସହଜ ଏବଂ ଅଧିକ ଫଳପ୍ରଦ ମଧ୍ୟ କରିଦେଇ ପାରନ୍ତେ ।*

ଶ୍ରୀଅରବିନ୍ଦ ନିଶ୍ଚିତ ଭାବରେ ଏକଥା କଦାପି କହି ନାହାନ୍ତି ଯେ ''ଭଗବାନଙ୍କର'' ବୁଲି ବୁଲି ପଇଁତରା ମାରିବାର କୌଣସି ପ୍ରୟୋଜନ ରହିଛି, କାରଣ ଭଗବାନ ହେଉଛନ୍ତି ସର୍ବଶକ୍ତିମାନ୍ । ମାତ୍ର, ମନୁଷ୍ୟମାନେ ଯେପରି ସାଧାରଣତଃ ବୁଝି ଥାଆନ୍ତି, ତାଙ୍କର ସେହି ଶକ୍ତି ଆଦୌ ଏକ ସ୍ୱେଚ୍ଛାଚାରୀ ଶକ୍ତି ନୁହେଁ ।

ଏହି ବିଷୟରେ ଆଦୌ କିଛି ବୁଝି ପାରିବାଲାଗି ଆରମ୍ଭ କରିବାକୁ ହେଲେ, ଆମକୁ ଏହି କଥାଟିକୁ ଜାଣି ରଖିବାକୁ ଏବଂ ବୁଝିବାକୁ ହେବ ଯେ, ଏହି ବିଶ୍ୱବ୍ରହ୍ମାଣ୍ଡରେ ଏପରି ବସ୍ତୁ **ଆଦୌ କିଛିହେଲେ ନାହିଁ**, ଯାହାକୁ କି ତାଙ୍କର ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ

ଇଚ୍ଛାଶକ୍ତିର ଅଭିବ୍ୟକ୍ତି ବୋଲି କୁହା ନ ଯିବ; ଏବଂ, କେବଳ ସଚେତନ ଭାବରେ ତାଙ୍କ ସହିତ ମିଳିତ ହୋଇ ପାରିବା ଦ୍ୱାରାହିଁ ଆମେ ସେହି କଥାଟିକୁ ବୁଝିବାଲାଗି ସମର୍ଥ ହେବା; ମାନସିକ ସ୍ତରରେ ନୁହେଁ, ମାତ୍ର ଚେତନା ତଥା ଦୃଷ୍ଟିସାମର୍ଥ୍ୟର ମାଧ୍ୟମ ଦ୍ୱାରାହିଁ ତାହାକୁ ବୁଝି ପାରିବା ।

ଆପଣାର ଏହି ସାଧାରଣ ଚେତନାର ଭୂମିରେ, ଏପରିକି ତା'ର ପ୍ରଶସ୍ତତମ ବୁଦ୍ଧିର ପ୍ରୟୋଗ କରି ମଧ୍ୟ, ମନୁଷ୍ୟ ଏହି ସୃଷ୍ଟିର କେବଳ ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶର କଳନା ପାଇପାରିବ, ଏବଂ ତେଣୁ ସେ ତାହାକୁ କଦାପି ବୁଝି ପାରିବ ନାହିଁ ଏବଂ ତାହାର ବିଚାର କରିବାଲାଗି ପ୍ରକୃତରେ ଆହୁରି କମ୍ ସମର୍ଥ ହେବ ।

ଏବଂ, ଯଦି ଆମେ ଏହି ପୃଥିବୀର ରୂପାନ୍ତରକୁ ସତକୁସତ ତ୍ୱରାନ୍ୱିତ କରିବାପାଇଁ ଇଚ୍ଛା କରୁଥିବା, ତେବେ ଆମର ସର୍ବୋତ୍ତମ କର୍ତ୍ତବ୍ୟରୂପେ ଆମେ ଆଦୌ କୌଣସି କୁଣ୍ଠା ଅଥବା ସଂଶୟ ନ ରଖି ଆପଣାକୁ ସେହି ପରମ ସକଳଜ୍ଞାନାଧାରଙ୍କ ପାଖରେ ଅର୍ପଣ କରିଦେଇ ପାରିବା ।

୨୮ ଡିସେମ୍ବର, ୧୯୬୯

**୨୫୫. ଯେପର୍ଯ୍ୟନ୍ତ କୌଣସି ଆଦର୍ଶର ପକ୍ଷରେ ଅଟଳ ବିଶ୍ୱାସ ରହିଥିବା ଗୋଟିଏ ଆତ୍ମା ବି ରହିଥିବ, ସେପର୍ଯ୍ୟନ୍ତ ସେହି ଆଦର୍ଶର କଦାପି ବିନାଶ ହେବ ନାହିଁ ।**

**୨୫୬. ତୁ ଅଭିଯୋଗ କଲାପରି କହୁଛୁ, ଏହି ବିଶ୍ୱାସ ଲାଗି ମୋ' ବୁଦ୍ଧିଯୁକ୍ତିଠାରୁ ମୁଁ କୌଣସି ସମର୍ଥନଭୂମି ପାଇପାରୁ ନାହିଁ; ରେ ନିର୍ବୋଧ, ଯଦି ବୁଦ୍ଧିଯୁକ୍ତି ପ୍ରକୃତରେ ସେପରି କିଛି ଯୋଗାଇ ପାରୁଥାନ୍ତା, ତେବେ ବିଶ୍ୱାସର ଆଦୌ କୌଣସି ଆବଶ୍ୟକତା ରହନ୍ତା ନାହିଁ, କିଂବା ତୋ'ପାଖରୁ ମଧ୍ୟ କେହି ବିଶ୍ୱାସର ଦାବି କରନ୍ତେ ନାହିଁ ।**

**୨୫୭. ହୃଦୟସ୍ଥିତ ବିଶ୍ୱାସ ଏକ ପ୍ରଚ୍ଛନ୍ନ ଜ୍ଞାନର ଅତି ଅସ୍ପଷ୍ଟ ଓ ଅନେକ ସମୟରେ ଏକ ବିକୃତ ପ୍ରତିଫଳନ ପରି ହୋଇ ରହିଥାଏ । ଜଣେ ପକ୍କା ସଂଶୟୀର ତୁଳନାରେ ଜଣେ ବିଶ୍ୱାସକାରୀକୁହିଁ ଅନେକ ସମୟରେ ଅଧିକତର ସଂଶୟ ଘାରି ରଖିଥାଏ । ତଥାପି ସିଏ ନିଜର**

**ବିଶ୍ୱାସକୁ ଛାଡ଼େ ନାହିଁ; କାରଣ, ତା'ଭିତରେ ଅବଚେତନ ହୋଇ ଏପରି କିଛି ରହିଥାଏ, ଯିଏକି ସବୁକିଛି ଜାଣିଥାଏ । ତାହାହିଁ ସେହି ବ୍ୟକ୍ତିର ଯୁକ୍ତି-ଅସମର୍ଥିତ ବିଶ୍ୱାସ ଏବଂ ଅର୍ଦ୍ଧାଲୋକିତ ସଂଶୟଗୁଡ଼ିକୁ ସହ୍ୟ କରିନିଏ ଏବଂ ସେ ଆପେ ଯାହା ଜାଣିଛି, ତାହାରି ଉଦ୍‌ଘାଟନ ଆଡ଼କୁ ତାକୁ ପରିଚାଳିତ କରି ନେଉଥାଏ ।**

*ଏପରି ଏକ ''ଯୁକ୍ତି-ଅସମର୍ଥିତ ବିଶ୍ୱାସ'' ରହିଥିବା କ'ଣ ପ୍ରକୃତରେ ଭଲ, ଯାହାକି କୌଣସି ପ୍ରଶ୍ନ କରୁ ନ ଥିବ, କୌଣସି ଯୁକ୍ତି ମଧ ବାଢୁ ନ ଥିବ ?*

ମନୁଷ୍ୟମାନେ ସାଧାରଣତଃ ବୁଦ୍ଧି-ଅସମର୍ଥିତ ବିଶ୍ୱାସ ବୋଲି କହିଥା'ନ୍ତି, ତାହାକୁ ବସ୍ତୁତଃ, ଏପରି ଲୋକମାନେ ଦିବ୍ୟ ପରମ କରୁଣାଠାରୁ ପ୍ରାପ୍ତ କରିଥା'ନ୍ତି, ଯାହାର ବୁଦ୍ଧି ଯଥାର୍ଥ ଜ୍ଞାନ ଲାଭ କରିବା ସକାଶେ ପ୍ରକୃତରେ ଯଥେଷ୍ଟ ପରିମାଣରେ ବିକାଶପ୍ରାପ୍ତ ହୋଇ ନ ଥାଏ । ତେଣୁ ଏହିପରି ବିଶ୍ୱାସକୁ ଅନେକ ସମୟରେ ଏକ ଉଚ୍ଚ ଓ ସମ୍ମାନିତ ସ୍ତରର ବିଶ୍ୱାସ ବୋଲି ବି କୁହାଯାଇପାରିବ; ଅବଶ୍ୟ ଏକଥା ମଧ ବେଶ୍ ସ୍ପଷ୍ଟ ହୋଇଯାଉଛି ଯେ, ଯାହା ପାଖରେ **ଯଥାର୍ଥ** ଜ୍ଞାନ ରହିଛି, ସିଏ ଏହାଠାରୁ ଅନେକ ଅଧିକ ଉଚ୍ଚ ସ୍ଥାନରେ ଯାଇ ରହିଛି ।

୨୯ ଡିସେମ୍ବର, ୧୯୬୯

*ଏହି ବିଶ୍ୱାସ କେଉଁ ଭୂମିର ବସ୍ତୁ, ମାନସିକ ଭୂମିର ନା ଚୈତ୍ୟ ଭୂମିର ?*

ବିଶ୍ୱାସ ହେଉଛି ସଂପୂର୍ଣ୍ଣ ଭାବରେ ଏକ ଚୈତ୍ୟ ବସ୍ତୁ ।

୩୦ ଡିସେମ୍ବର, ୧୯୬୯

**୨୫୮. ଜଗତ ଭାବୁଛି ଯେ ତାହା ବୁଦ୍ଧିର ଆଲୋକରେହିଁ ପରିଚାଳିତ ହେବାରେ ଲାଗିଛି । ମାତ୍ର ପ୍ରକୃତରେ ତାହାକୁ ତାହାର ବିଶ୍ୱାସ ଏବଂ ସହଜାତ ପ୍ରବୃତ୍ତିଗୁଡ଼ିକହିଁ ଆଗକୁ ଆଗକୁ ନେଇଯିବାରେ ଲାଗିଛନ୍ତି ।**

**୨୫୯. ବୁଦ୍ଧି ଆପଣାକୁ ବିଶ୍ୱାସ ଅନୁସାରେ ଅନୁକୂଳିତ କରିନିଏ ବା ସହଜାତ**

**ପ୍ରବୃତ୍ତିଗୁଡ଼ିକ ଲାଗି ଏକ ଔଚିତ୍ୟପ୍ରମାଣ ମଧ୍ୟ ଯୋଗାଇ ଦେଇଥାଏ; ମାତ୍ର ନିଜର ଅସଲ ଆବେଗଟି ତାହା ଅବଚେତନ ଭାବରେହିଁ ଲାଭ କରିଥାଏ ଏବଂ ମନୁଷ୍ୟମାନେ ଭାବନ୍ତି ଯେ ସେମାନେ ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଯାବତୀୟ କାର୍ଯ୍ୟ କରୁଛନ୍ତି ।**

**୨୬୦. ଅବବୋଧଗୁଡ଼ିକୁ ସଜାଇ ରଖିବା ଓ ସେଗୁଡ଼ିକର ସମୀକ୍ଷଣ କରିବା,– ଏହାହିଁ ହେଉଛି ବୁଦ୍ଧିଯୁକ୍ତିର ଏକମାତ୍ର କାର୍ଯ୍ୟ । ଏକ ସୁନିର୍ଣ୍ଣିତ ସିଦ୍ଧାନ୍ତରେ ଆସି ପହଞ୍ଚିବା ଲାଗି ଅଥବା କାର୍ଯ୍ୟାନ୍ୱୟର କ୍ଷେତ୍ରରେ ଆଦୌ କୌଣସି ମାର୍ଗଦର୍ଶନ ଦେଇ ପାରିବା ଲାଗି ବୁଦ୍ଧିର ନିଜର ହୋଇ ଆଦୌ କୌଣସି ସାଧନସାମଗ୍ରୀ ନାହିଁ । ବୁଦ୍ଧି ଯେତେବେଳେ ପ୍ରକୃତରେ କୌଣସି ଉଦ୍‌ଭାବନ ଅଥବା ପରିଚାଳନର ଛଳନା କରୁଥାଏ, ସେତେବେଳେ ତାହା ପ୍ରକୃତରେ ନିଜର ମୁଖାତଳେ ଅନ୍ୟ ପ୍ରକୃତକାରଣଗୁଡ଼ିକୁ ଘୋଡ଼ାଇ ରଖିଥାଏ ।**

**୨୬୧. ତୁମେ ଯେପର୍ଯ୍ୟନ୍ତ ପ୍ରଜ୍ଞାର ଅଧିକାରୀ ହୋଇ ନ ପାରିଛ, ସେପର୍ଯ୍ୟନ୍ତ ତୁମେ ବୁଦ୍ଧିକୁ ତାହାର ଈଶ୍ୱରଦତ୍ତ ଉଦ୍ଦେଶ୍ୟ-ସାଧନଗୁଡ଼ିକ ଲାଗି ଅବଶ୍ୟ ବ୍ୟବହାର କରିବ ଏବଂ, ବିଶ୍ୱାସ ତଥା ସହଜାତ ପ୍ରବୃତ୍ତିକୁ ମଧ୍ୟ ସେମାନଙ୍କର ଉଦ୍ଦେଶ୍ୟ ସାଧନରେ ବ୍ୟବହାର କରୁଥିବ । ଆପଣାର ଏହି ସାଧନଗୁଡ଼ିକ ମଧ୍ୟରେ ତୁମେ ଏକ ଯୁଦ୍ଧ ଲଗାଇ ରଖିବାକୁ ଯିବ କାହିଁକି ?**

*ସାଧାରଣ ଜୀବନରେ ତଥା ଆଧ୍ୟାତ୍ମିକ ଜୀବନରେ ଆମେ କେଉଁସବୁ ବିଷୟକୁ ବୁଦ୍ଧି, ବିଶ୍ୱାସ ଏବଂ ସହଜାତ ପ୍ରବୃତ୍ତିର ଉଚ୍ଚତମ ଲକ୍ଷ୍ୟ ବୋଲି ଜାଣିବା ?*

ପ୍ରତ୍ୟେକ ବ୍ୟକ୍ତିର ତା'ର ସ୍ୱ-ସ୍ୱଭାବ ଏବଂ, ସାଧାରଣ ଜୀବନରେ ସେ ଯେଉଁ ଉଦ୍ଦେଶ୍ୟଟିକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛି, ତାହାରି ଅନୁସାରେ ଆପଣାର ଭିନ୍ନ ଭିନ୍ନ ଲକ୍ଷ୍ୟ ରହିଛି ।

ଆଧ୍ୟାତ୍ମିକ ଜୀବନ ବିଷୟରେ କହିବାକୁ ଗଲେ, ତାହାର ସର୍ବଦା କେବଳ ଗୋଟିଏ ଲକ୍ଷ୍ୟ ରହିଛି : ଦିବ୍ୟ ପରମସତ୍ତାଙ୍କର ପରିଚୟ ଲାଭ କରିବା, ତାଙ୍କ ସହିତ

ମିଳିତ ହେବା; ସମ୍ଭାବ୍ୟ ଯାବତୀୟ ସାଧନର ସାହାଯ୍ୟରେ ଓ ବିଶ୍ୱାସର ସହାୟତା ଗ୍ରହଣ କରିହିଁ ତାହା କରିବାକୁ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆରମ୍ଭକାଳରେ ଏହି ବିଶ୍ୱାସହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ଉତ୍ପ୍ରେରକ ରୂପେ କାର୍ଯ୍ୟ କରେ ।

୩୧ ଡିସେମ୍ବର, ୧୯୬୯

**୨୬୨. ଆପଣାର ସତତ କ୍ରମବର୍ଦ୍ଧମାନ ଅବବୋଧର ଆଲୋକ ଦ୍ୱାରା ପରିଚାଳିତ ହୋଇହିଁ ତୁମେ ଯାହାକିଛି ଦେଖିବ ଏବଂ ଯାହାକିଛି କରିବ; ମାତ୍ର କେବଳ ଯୁକ୍ତିମାନ ବାଢ଼ିଦେଇ ପାରୁଥିବା ତୁମ ମସ୍ତିଷ୍କର ଅବବୋଧ ଦ୍ୱାରା ପରିଚାଳିତ ହୋଇ କିଛି ଦେଖିବ ନାହିଁ କିଂବା କିଛି କରିବ ନାହିଁ । ଭଗବାନ ହୃଦୟ ସହିତହିଁ କଥାବାର୍ତ୍ତା ହୁଅନ୍ତି ଯେତେବେଳେ ମସ୍ତିଷ୍କ ତାଙ୍କୁ ମୋଟେ ବୁଝିପାରେ ନାହିଁ ।**

**୨୬୩. ଏହିପରି ଭାବରେ, ଏହିସବୁ ଉପାୟରେ ଏବଂ ଅମୁକ ସମୟରେ କୌଣସି କଥା ଘଟିବ ବୋଲି ଯଦି ତୁମର ହୃଦୟ ତୁମକୁ ଆସି କହୁଥାଏ, ତେବେ ତୁମେ ତା' କଥାରେ ଆଦୌ ବିଶ୍ୱାସ କରିବ ନାହିଁ । ମାତ୍ର, ଯଦି ତାହା ତୁମକୁ ଈଶ୍ୱରାଦେଶର ଶୁଦ୍ଧତା ଏବଂ ପ୍ରଶସ୍ତତାର ପ୍ରଦାନ କରିବାକୁ ଆସେ, ତେବେ ତାହାର ଆଦେଶକୁ ଅବଶ୍ୟ ପାଳନ କରିବ ।**

**୨୬୪. ଯେତେବେଳେ ଆଦେଶ ଆସି ପହଞ୍ଚିଯାଇଛି, ସେତେବେଳେ ତୁମେ କେବଳ ସେହି ଆଦେଶର ପାଳନ କରିବ । ଆଉ ସବୁକିଛିକୁ ଭଗବାନଙ୍କର ଇଚ୍ଛା ଉପରେ ଛାଡ଼ିଦେବ, କେବଳ ତାଙ୍କରି ବରାଦ ଉପରେ ଛାଡ଼ିଦେବ । ସେହି ଇଚ୍ଛା ଓ ବରାଦକୁ ଲୋକେ ଦୈବଘଟଣା ବୋଲି କହନ୍ତି, ଭାଗ୍ୟ ଏବଂ ନିୟତି ବୋଲି ବି କହିଥା'ନ୍ତି ।**

ଏଥିରେ କୌଣସି ସନ୍ଦେହ ନାହିଁ ଯେ କେବଳ ନୀରବ ମନର କ୍ଷେତ୍ରରେହିଁ ଈଶ୍ୱରଙ୍କର ଆଦେଶକୁ ଶୁଣିପାରିବା ସମ୍ଭବ ହୋଇଥାଏ । ଜ୍ଞାନଲାଭ କରିବାର ଅସଲ ମାର୍ଗଟି,— ତାହା ଯାବତୀୟ ଶବ୍ଦ ଏବଂ ଯାବତୀୟ ଭାବନାର ଅନେକ ଊର୍ଦ୍ଧ୍ୱରେ ।

ଏହି ଘଟଣାଟି ଘଟିଲାବେଳେ ତାହା ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଦୃଷ୍ଟିଗୋଚର

ହୋଇଥାଏ, କାରଣ, **ପ୍ରଥମେ**ହିଁ ଈଶ୍ୱରଙ୍କର ଆଦେଶଟିକୁ ଜାଣିହୁଏ ଓ ତା'ପରେ ଯାଇ ତାହାକୁ ବର୍ଣ୍ଣନା କରି କହିବାର ଶବ୍ଦଗୁଡ଼ିକ ଉପଲବ୍ଧ ହୁଏ ।

୧ ଜାନୁଆରି, ୧୯୭୦

**୨୬୫. ଯଦି ତୁମର ଲକ୍ଷ୍ୟ ବୃହତ୍ ହୋଇଥାଏ, ମାତ୍ର ସାଧନଗୁଡ଼ିକ କ୍ଷୁଦ୍ର ହୋଇ ରହିଥାନ୍ତି, ତେବେ ତଥାପି କର୍ମ କର । କାରଣ, କେବଳ କର୍ମଦ୍ୱାରାହିଁ ତୁମଲାଗି ସେଗୁଡ଼ିକର ବୃଦ୍ଧି ହୋଇପାରିବ ।**

**୨୬୬. ଅନୁକୂଳ ସମୟ ଅଥବା ସଫଳତାର ଆଦୌ କୌଣସି ଅପେକ୍ଷା ରଖ ନାହିଁ । ତୁମର ନିଜ ଭୂମିକାଟିକୁ ଅବଶ୍ୟ କରିଯାଅ; ତାହା ତୁମକୁ ବିଫଳ କରାଉ ଅଥବା ସମୃଦ୍ଧି ଆଣି ଦେଉ ପଛକେ, ତଥାପି କରିଯାଅ ।**

**୨୬୭. ଈଶ୍ୱରଙ୍କର ଆଦେଶ ହୁଏତ ତିନୋଟି ଭିନ୍ନ ଭିନ୍ନ ରୂପରେ ଆସିପାରେ ତୁମର ସ୍ୱଭାବ ମଧ୍ୟରେ ରହିଥିବା ଇଚ୍ଛାଶକ୍ତି ଏବଂ ବିଶ୍ୱାସ ରୂପରେ ଆସିପାରେ, ତୁମର ହୃଦୟ ତଥା ମସ୍ତିଷ୍କ ଏକମତ ହୋଇ ପାରିଥିବା ତୁମର ଆଦର୍ଶ ରୂପରେ ଆସିପାରେ, ଏବଂ ସ୍ୱୟଂ ପରମେଶ୍ୱର ଅଥବା ତାଙ୍କର କୌଣସି ଦେବଦୂତଙ୍କର ସନ୍ଦେଶ ମାଧ୍ୟମରେ ମଧ୍ୟ ଆସିପାରେ ।**

**୨୬୮. ଏପରି ଗୋଟିଏ ଗୋଟିଏ ବେଳ ଥାଏ, ଯେତେବେଳେକି କର୍ମ କରିବା ଅନୁଚିତ କିଂବା ଅସମ୍ଭବ ହୋଇପଡ଼େ, ସେତେବେଳେ, କୌଣସି ବାହ୍ୟ ଏକାନ୍ତତା ମଧ୍ୟକୁ ଅଥବା ଆପଣା ଆତ୍ମାର କୌଣସି ନିଭୃତ ସ୍ଥାନକୁ ଯାଇ ତୁମେ ତପସ୍ୟାରେ ପ୍ରବିଷ୍ଟ ହୋଇ ରହିବ ଏବଂ, ତାପରେ ସେହି ଦିବ୍ୟ ଉତ୍ସରୁ ଯାହାକିଛି ସନ୍ଦେଶ ଅଥବା ରୂପାୟଣ ଆସିବ, ତାହାରି ଲାଗି ପ୍ରତୀକ୍ଷା କରିବ ।**

**୨୬୯. ଯାବତୀୟ ସନ୍ଦେଶକୁ ଶୁଣିବାମାତ୍ରକେ ତୁମେ କଦାପି ସଙ୍ଗେ ସଙ୍ଗେ ଲମ୍ଫପ୍ରଦାନ କରି ଉଠିବ ନାହିଁ । କାରଣ, ଏପରି ଅନେକ ମିଥ୍ୟାବାଦୀ**

**ଆତ୍ମା ବି ଥାଇପାରନ୍ତି, ଯେଉଁମାନେ କି ତୁମକୁ ଠକି ଦେବା ଲାଗି ତିଆରି ହୋଇ ଆସିଥିବେ । ପ୍ରଥମେ ନିଜର ହୃଦୟକୁ ଶୁଦ୍ଧ କରି ରଖିବ, ତା'ପରେ ଯାଇ ଶୁଣିବ ।**

ସବୁ ସନ୍ଦେଶ ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଛି ବୋଲି ଆଦୌ ସ୍ୱୀକାର ନ କରିବା,– ଏହା ହେଉଛି, ପ୍ରକୃତରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । କାରଣ ଏହି କ୍ଷେତ୍ରରେ ଜଣେ ଛଳନାକାରୀର ଆଦେଶ ପାଳନ କରିବାର ଆଶଙ୍କା ମଧ୍ୟ ସବୁବେଳେ ରହିଥାଏ । ଏହି କ୍ଷେତ୍ରରେ କେବଳ ଗୋଟିଏ ସୁନିଶ୍ଚିତ ପ୍ରମାଣ ରହିଛି ଯେ, ତୁମ ଭିତରେ ଆଦୌ କୌଣସି ବ୍ୟକ୍ତିଗତ ବାସନା ନ ଥିବ,– ଏପରିକି ଦିବ୍ୟ ପରମସତ୍ତାଙ୍କର ସେବା କରିପାରିବା ଲାଗି ମଧ୍ୟ କୌଣସି ବାସନା ନ ଥିବ ଏବଂ ତୁମେ ଏକ ସମଗ୍ର ଶାନ୍ତ ଅବସ୍ଥା ମଧ୍ୟରେ ନିମଗ୍ନ ହୋଇ ରହିଥିବ । ତେବେ ଯାଇ ତୁମର ବିବେକ ନିର୍ଭୁଲ ଭାବରେ ଶୁଣିପାରୁଛି ବୋଲି ତୁମେ ନିଶ୍ଚିତ ହୋଇପାରିବ ।

୩ ଜାନୁଆରି, ୧୯୭୦

**୨୭୦. ଏପରି ଗୋଟିଏ ଗୋଟିଏ ସମୟ ଥାଏ, ଯେତେବେଳେ ପରମେଶ୍ୱର ଅତ୍ୟନ୍ତ କଠୋର ଭାବରେ ଅତୀତର ପକ୍ଷରେହିଁ ରହିଥିବା ପରି ମନେ ହେଉଥା'ନ୍ତି ! ତା'ପରେ, ଯାହାସବୁ ଘଟିଯାଇଛି ଓ ଯାହା ଘଟୁଛି, ସିଏ ସତେଅବା ଏକ ସିଂହାସନ ଉପରେ ବସିଥିବା ପରି ତାହାରି ଉପରେ ବସି ରହିଥାନ୍ତି ଏବଂ ''ମୁଁ ହେବାକୁ ଯାଉଛି'' ରୂପକ ଏକ ଅପରିବର୍ତ୍ତନୀୟ ସଂକଳ୍ପର ପରିଧାନ କରିଥା'ନ୍ତି । ସର୍ବୋଚ୍ଚ ପରମ କର୍ତ୍ତାଙ୍କ ସହିତ ସଂଗ୍ରାମ କରୁଥିବା ପରି ବୋଧ ହେଉଥିଲେ ମଧ୍ୟ ତୁମକୁ ତଥାପି ଦୃଢ଼ପ୍ରତିଷ୍ଠ ହୋଇ ରହିବାକୁ ପଡ଼ିବ; କାରଣ ଏହାକୁହିଁ ତାଙ୍କର ତୀକ୍ଷ୍ଣତମ ପରୀକ୍ଷା ବୋଲି କୁହାଯିବ ।**

**୧୭୧. ମନୁଷ୍ୟର ସ୍ତରରେ ଗୋଟିଏ କଥା ପରାଭୂତି ଏବଂ ଆଶାଶୂନ୍ୟ ବୋଲି ମନେ ହେଉଥିଲେ ମଧ୍ୟ ତଥାପି ତାହାର କଦାପି ଚୂଡ଼ାନ୍ତ ମୀମାଂସା ହୋଇ ଯାଇ ନ ଥାଏ । ଆତ୍ମା ଆପଣାର ଉଦ୍ୟମଟିକୁ ଛାଡ଼ିଦେଲେ ଯାଇ ପ୍ରକୃତରେ ଏକ ଚୂଡ଼ାନ୍ତ ମୀମାଂସା ହୋଇଯାଏ ।**

କୌଣସି ପ୍ରକାର ପ୍ରତିଭାସ ଦ୍ୱାରା ଆମେ ଯେପରି ପ୍ରଭାବିତ ହୋଇ ପଡ଼ିବା ନାହିଁ ଏବଂ, ଆମ ଉଦ୍ୟମ ଦ୍ୱାରା ଆଦୌ କୌଣସି ଫଳ ଫଳିବ ନାହିଁ ବୋଲି ବୋଧ ହେଉଥିଲେ ମଧ୍ୟ ତଥାପି ଯେପରି ଆମେ ଉଦ୍ୟମରେ ଅବିଚଳ ରହିଥିବା, ଆମକୁ ସେଥିଲାଗି ଉତ୍ସାହିତ କରିବା ସକାଶେ ଏକଥା କୁହାଯାଇଛି ।

ଆମ ଜୀବନରେ ଆମର ଯଥାର୍ଥ କର୍ତ୍ତବ୍ୟ ବୋଲି ଆମ ଆଗରେ ଯାହା ଉଦ୍‌ଘାଟିତ ହୋଇ ଯାଉଥିବ, ଆମେ ତାହାକୁ ଅବଶ୍ୟ କରିବା; ଅନ୍ୟମାନେ ଆମକୁ ବିଦ୍ରୂପ ଏବଂ ସମାଲୋଚନା କରୁଥିଲେ ମଧ୍ୟ ତଥାପି କରିବା । କାରଣ, ଅନ୍ୟ ଲୋକମାନଙ୍କର ମତରେ ଆଦୌ କୌଣସି ମୂଲ୍ୟ ନାହିଁ; ଦିବ୍ୟ ପରମ ଇଚ୍ଛାହିଁ ଏକମାତ୍ର ସତ୍ୟ ଓ ଶେଷରେ ତାହାରି ବିଜୟ ହେବ । ୪ ଜାନୁଆରି, ୧୯୭୦

**୨୭୨. ଯିଏ ଆଧ୍ୟାତ୍ମିକତାର ଉଚ୍ଚତର ସୋପାନଗୁଡ଼ିକୁ ହାସଲ କରିବାର ଇଚ୍ଛା ରଖିଛି, ତାହାକୁ ଅଗଣିତ ଅନେକ ପରୀକ୍ଷା ମଧ୍ୟଦେଇ ଯିବାକୁ ପଡ଼ିବ । ମାତ୍ର, ଅଧିକାଂଶ ମନୁଷ୍ୟ ତ କେବଳ ପରୀକ୍ଷକଙ୍କୁ ଲାଞ୍ଚଦେଇ ପାର ହୋଇ ଯିବାକୁ ବ୍ୟାକୁଳ ହେଉଥା'ନ୍ତି ।**

**୨୭୩. ତୁମର ହାତଗୁଡ଼ିକ ମୁକ୍ତ ରହିଥିବା ପର୍ଯ୍ୟନ୍ତ ଯୁଦ୍ଧ କର; ହାତ ଦ୍ୱାରା ଯୁଦ୍ଧ କର, ମୁଖର କଥା, ମସ୍ତିଷ୍କ ଏବଂ ଯାବତୀୟ ପ୍ରକାରର ଅସ୍ତ୍ର ସାହାଯ୍ୟରେ ଯୁଦ୍ଧ କର । ଶତ୍ରୁ ତୁମକୁ ବେଡ଼ିରେ ବାନ୍ଧି ଗାତ ଭିତରେ ପକାଇ ଦେଇଛି କି ? ତୁମ ପାଟି ଭିତରେ କନା ପୂରାଇ ତୁମକୁ ଚୁପ୍ କରି ରଖିଛି କି ? ତେବେ ତୁମକୁ ଆପଣାର ସେହି ସର୍ବ-ଅବରୋଧକାରୀ ନୀରବ ଆତ୍ମା ଏବଂ ତୁମର ସୁଦୂରବ୍ୟାପୀ ଇଚ୍ଛାଶକ୍ତିର ଆୟୁଧ ଦେଇ ସଂଗ୍ରାମ କରିବାକୁ ହେବ; ଏବଂ, ଯଦି ଏହିପରି ଭାବରେ ତୁମର ପ୍ରାଣ ଚାଲିଯାଏ, ତେବେ ସମସ୍ତ ବିଶ୍ୱକୁ ବେଷ୍ଟନ କରି ରହିଥିବା ଯେଉଁ ଶକ୍ତି ଈଶ୍ୱରଙ୍କଠାରୁ ବାହାରି ତୁମ ଭିତରେ ପ୍ରବେଶ କରିଥିଲା, ତୁମେ ତଥାପି ତାହାକୁହିଁ ଅସ୍ତ୍ରରୂପେ ବ୍ୟବହାର କରି ସଂଗ୍ରାମ କର ।**

ଏକ ଆୟାସସାଧ୍ୟ ଓ ଶ୍ରମସାପେକ୍ଷ ବିଜୟ ଦ୍ୱାରାହିଁ ଯଥାର୍ଥ ସତ୍ୟ ଉପଲବ୍ଧ ହୋଇଥାଏ । ଏହି ବିଜୟଟିକୁ ହାସଲ କରିବାକୁ ହେଲେ ଆମକୁ ମଧ୍ୟ ଯଥାର୍ଥ ଯୋଦ୍ଧା ହେବାକୁ ପଡ଼ିବ;

ଏପରି ଏକ ଯୋଦ୍ଧା ହେବାକୁ ପଡ଼ିବ, ଯିଏ କି କେଉଁଥିକୁ ମଧ୍ୟ ଡରିବ ନାହିଁ,– ଶତ୍ରୁକୁ ଡରିବ ନାହିଁ, ମୃତ୍ୟୁକୁ ଡରିବ ନାହିଁ । କାରଣ, ସେହି ସଂଗ୍ରାମ ସମଗ୍ର ପୃଥିବୀ ବିରୋଧରେ, ଶରୀର ଥାଉ ଅଥବା ନ ଥାଉ ପଛକେ, ତଥାପି ଲାଗି ରହିଥିବ ଏବଂ ଶେଷରେ ବିଜୟଲାଭରେହିଁ ସମାପ୍ତ ହେବ । *୬ ଜାନୁଆରି, ୧୯୭୦*

**୨୭୪. ତୁମେ ଭାବୁଛ, ଯେଉଁ ଯୋଗୀ ନିଜର ଗୁହା ଭିତରେ ଅଥବା ନିଜର ଗିରିଶୃଙ୍ଗଟି ଉପରେ ବସି ତପସ୍ୟା କରୁଛି, ସିଏ ହେଉଛି ଠିକ୍ ପଥରଖଣ୍ଡେ ପରି ଏବଂ ତାହାଦ୍ୱାରା ଆଦୌ କୌଣସି କାର୍ଯ୍ୟ ସାଧିତ ହେଉ ନାହିଁ । ତୁମେ ପ୍ରକୃତରେ କ'ଣ ଜାଣିଛ ? ସିଏ ହୁଏତ ଆପଣା ଇଚ୍ଛାର ଶକ୍ତିପ୍ରେରିତ ତରଙ୍ଗସ୍ରୋତ ଦ୍ୱାରା ଏହି ପୃଥିବୀକୁ ପୂର୍ଣ୍ଣ କରିଦେବାରେ ଲାଗିଛି ଏବଂ ଆପଣା ଆତ୍ମସ୍ଥିତିର ଚାପ ଦ୍ୱାରା ଏହାକୁ ବଦଳାଇ ଦେଉଛି ।**

**୨୭୫. ଆପଣା ଆତ୍ମାର ଗିରିଶିଖର ଉପରେ ବସି ଜଣେ ମୁକ୍ତଯୋଗୀ ନିଜ ଆତ୍ମା ଭିତରେ ଯାହା ପ୍ରତ୍ୟକ୍ଷ କରୁଥାଏ, ତାହାକୁହିଁ ଘୋଷଣା କରିବାକୁ ଏବଂ କାର୍ଯ୍ୟରେ ପରିଣତ କରିବାକୁ ଏଠାରେ ଏହି ବାହ୍ୟ ଜଗତରେ ଯୋଦ୍ଧା ଓ ପୟଗମ୍ବରମାନେ ଲମ୍ଫପ୍ରଦାନ କରିବାରେ ଲାଗିଥା'ନ୍ତି ।**

**୨୭୬. ଥିଓସୋଫି-ମତବାଦୀମାନେ ଆପଣାର ଅବସ୍ଥାଗୁଡ଼ିକ ବିଷୟରେ ଭୁଲ କଥା କହନ୍ତି, ମାତ୍ର ଅସଲ ବସ୍ତୁଟି ବିଷୟରେ ଠିକ୍ କଥା କହିଥା'ନ୍ତି । ଭାରତର ତୁଷାରଚୂଡ଼ାଗୁଡ଼ିକ ଉପରେ କୌଣସି ବୃହତ୍ ଆତ୍ମା ପରମେଶ୍ୱରଙ୍କୁ ମୁକ୍ତି, ଭ୍ରାତୃତ୍ୱ ଏବଂ ସମତାରୂପେ ପ୍ରତ୍ୟକ୍ଷ କରିପାରିଥିଲା ବୋଲିହିଁ ଫରାସୀବିପ୍ଳବ ସଂଘଟିତ ହେଲା ।**

ଚିନ୍ମୟତାର ଶକ୍ତି ଯେ ଭୌତିକ ଜଗତର ଯାବତୀୟ ଶକ୍ତିଠାରୁ ଅନେକଗୁଣ ଅଧିକ, ଆମକୁ ସେହି କଥାଟିକୁ ଦର୍ଶାଇ ଦେବା ଲାଗି ଏପରି କୁହାଯାଇଛି । ମାତ୍ର, ଯଥାର୍ଥ ଉପଲବ୍ଧିଟି ଲାଗି ଉଭୟେ ଅପରିହାର୍ଯ୍ୟ ।

୭ ଜାନୁଆରି, ୧୯୭୦

**୨୭୭. ଯାବତୀୟ ଶବ୍ଦ ଏବଂ ଯାବତୀୟ କର୍ମ କେବଳ ସେହି ଶାଶ୍ୱତ ପରମ-ନୀରବତା ମଧ୍ୟରୁହିଁ ରୂପ ପରିଗ୍ରହ କରି ବାହାରକୁ ଆସନ୍ତି ।**

**୨୭୮. ମହାସାଗରଟିର ଗଭୀର ଗର୍ଭଗୁଡ଼ିକ ମଧ୍ୟରେ ଆଦୌ କୌଣସି ବିକ୍ଷୋଭ ନ ଥାଏ, ମାତ୍ର ଉପରିଭାଗରେ ଏକ ଆନନ୍ଦଗର୍ଜନ ସହିତ କେବଳ ସେହି ଚିତ୍କାର କରୁଥାଏ ଓ କୂଳ ଆଡ଼କୁ ମାଡ଼ି ଆସୁଥାଏ । ପ୍ରଚଣ୍ଡ କର୍ମମୁଖରତା ମଧ୍ୟରେ ମୁକ୍ତ ଆତ୍ମା ମଧ୍ୟ ଠିକ୍ ସେହିଭଳି ଅବସ୍ଥାରେ ରହିଥାଏ; ତାହା ଆପଣାର ନିଃଶ୍ୱାସ ଦେଇ ଆପଣା ମଧ୍ୟରୁ କେବଳ ଦୁର୍ଦମନୀୟ କର୍ମର ଉଦ୍‌ଗୀରଣ କରିବାରେ ଲାଗିଥାଏ ।**

ଏଥିରେ ମଧ୍ୟ ଆମକୁ ଏହି କଥା କୁହାଯାଉଛି ଯେ, ଯେଉଁ ପରମତତ୍ ସକଳ କର୍ମର କାରଣ ହୋଇ ରହିଥା'ନ୍ତି, ଯେଉଁ ପରମଚେତନା ଓ ପରମ ଶକ୍ତି କର୍ମରୂପେ ଅଭିବ୍ୟକ୍ତ ହେଉଥା'ନ୍ତି, ସେହି କାର୍ଯ୍ୟକୁ ବାହ୍ୟ କ୍ଷେତ୍ରରେ କରୁଥିବା ଓ ଆପଣାର ଅଜ୍ଞାନରେ ନିଜକୁହିଁ ତାହାର ଉନ୍ମେଷକ ବୋଲି ଭାବୁଥିବା ବ୍ୟକ୍ତିମାନଙ୍କଠାରୁ ସେମାନେ ସଂପୂର୍ଣ୍ଣ ଭିନ୍ନ ହୋଇ ରହିଥା'ନ୍ତି ।

୮ ଜାନୁଆରି, ୧୯୭୦

**୨୭୯. ହେ ପରମେଶ୍ୱରଙ୍କ ଲାଗି ବାହାରିଥିବା ବୀର ସୈନିକ, ତୁମ ଲାଗି ଦୁଃଖ, ଲଜ୍ଜା ବା କଷ୍ଟ ବୋଲି ଏକ ପଦାର୍ଥ ଆଉ କେଉଁଠି ରହିଲା ? କାରଣ ତୁମର ଜୀବନ ହେଉଛି ଏକ ଗୌରବ, ତୁମର କର୍ମ ଏକ ଉତ୍ସର୍ଗ, ବିଜୟ ତୁମର ଆରାଧନା ଏବଂ ପରାଜୟ ହେଉଛି ତୁମର ବିଜୟଲାଭ ।**

ଯେଉଁ ବ୍ୟକ୍ତି ଆପଣାକୁ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ କରି ରଖିଛି, ତା'ପାଇଁ ଆଉ ଲଜ୍ଜା କିଂବା କଷ୍ଟଭୋଗ ବୋଲି କୌଣସି ଜିନିଷ ନାହିଁ; କାରଣ, ଦିବ୍ୟ ପରମସତ୍ତା ନିରନ୍ତର ତା'ର ପାଖେପାଖେ ରହିଛନ୍ତି ଏବଂ ସେହି ଦିବ୍ୟ ପରମ ଉପସ୍ଥିତିହିଁ ସକଳ ବସ୍ତୁକୁ କେବଳ ଗୌରବରେହିଁ ପରିବର୍ତ୍ତିତ କରିଦେଇଥାଏ ।

୯ ଜାନୁଆରି, ୧୯୭୦

**୨୮୦. ତୁମର ନିମ୍ନତର ଜୀବନାଙ୍ଗଗୁଡ଼ିକ କ'ଣ ତଥାପି ପାପ ଏବଂ ଦୁଃଖର ଆଘାତରେ ଆକ୍ରାନ୍ତ ହୋଇ ରହିଛନ୍ତି ? ମାତ୍ର, ତୁମେ ଦେଖୁଥାଅ ବା ନ ଦେଖୁଥାଅ, ଉପରେ ଆତ୍ମା ଆପଣାର ରାଜମହିମାରେ ସ୍ଥିର, ମୁକ୍ତ ଏବଂ ବିଜୟୀ ହୋଇ ବସିରହିଛି । ବିଶ୍ୱାସ ରଖ ଯେ ପରମା ଜନନୀ ଅନ୍ତିମ ମୁହୂର୍ତ୍ତଟି ଆସିବା ପୂର୍ବରୁ ତାଙ୍କର କାର୍ଯ୍ୟ ସଂପନ୍ନ କରି ସାରିଥିବେ ଏବଂ ତୁମ ସତ୍ତାର ମୃତ୍ତିକାକୁ ଏକ ଆନନ୍ଦ ଏବଂ ଏକ ଶୁଦ୍ଧତାରେ ପରିଣତ କରି ଦେଇଥିବେ ।**

**୨୮୧. ଯଦି ତୁମର ହୃଦୟ ତୁମ ଭିତରେ ବିକ୍ଷୁବ୍ଧ ହୋଇପଡୁଛି, ଯଦି ଦୀର୍ଘ କାଳ ଧରି ତୁମେ ପ୍ରକୃତରେ ଆଦୌ କୌଣସି ଅଗ୍ରଗତି କରି ନ ପାରିଛ, ଯଦି ତୁମର ବଳ ପ୍ରତିହତ ହୋଇପଡୁଛି ଏବଂ ଅଭିଯୋଗ କରୁଛି, ତେବେ ତୁମେ ଆମର ସେହି ପରମ ପ୍ରେମିକ ଏବଂ ପ୍ରଭୁଙ୍କର ଚିରନ୍ତନ ବାଣୀକୁ ଅବଶ୍ୟ ସ୍ମରଣ ରଖିଥାଅ, ''ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ ।''**

ଏଠାରେ ଶ୍ରୀଅରବିନ୍ଦ ଯାହାକୁ ଆତ୍ମା ବୋଲି କହୁଛନ୍ତି, ତାହା ହେଉଛି ଆମ ପ୍ରତ୍ୟେକଙ୍କ ଭିତରର ଦିବ୍ୟ ପରମ ଉପସ୍ଥିତି । ଏବଂ, ଆମ ଭିତରର ଏହି ସତତ ପରମ ଉପସ୍ଥିତି ବିଷୟରେ ସୁନିଶ୍ଚିତ ରହିଥିଲେ ଆମେ ସେହି ସୁନିଶ୍ଚିତ ଅନ୍ତିମ ବିଜୟ ବିଷୟରେ ଆପଣାର ହୃଦ୍‌ବୋଧ କରାଇ ତାହାରି ଦ୍ୱାରାହିଁ ଆମର ଯାବତୀୟ ଦୁଃଖର ଅପନୋଦନ କରାଇ ପାରିବା ।

୧୦ ଜାନୁଆରି, ୧୯୭୦

**୨୮୨. ଶୁଦ୍ଧତା ତୁମ ଆତ୍ମା ଭିତରେହିଁ ରହିଛି । ଯଦି ତୁମେ କାର୍ଯ୍ୟ କରୁ ନ ଥାନ୍ତ, ତେବେ ସେଗୁଡ଼ିକର ଶୁଦ୍ଧତା ବା ଅଶୁଦ୍ଧତା ବିଷୟରେ ଆଦୌ କିଛି କହିହୁଅନ୍ତା କିପରି ?**

ଏଠାରେ ଶ୍ରୀଅରବିନ୍ଦ ଶୁଦ୍ଧତା ଶବ୍ଦଟିକୁ ତା'ର ସେହି ସାଧାରଣ ନୈତିକ ଅର୍ଥରେ ବ୍ୟବହାର କରି ନାହାନ୍ତି । ତାଙ୍କ ଲାଗି ''ଶୁଦ୍ଧତା''ର ଅର୍ଥ ହେଉଛି ''ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କର ପ୍ରଭାବ ମଧ୍ୟରେ ଅବସ୍ଥାନ କରିବା ।''— ଏବଂ ତାହା କେବଳ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ଅଭିବ୍ୟକ୍ତ କରୁଥିବ ।

ବର୍ତ୍ତମାନ ସ୍ଥିତିରେ ପୃଥିବୀର କୌଣସି କାର୍ଯ୍ୟ ସେହି ଶୁଦ୍ଧତାର ଯୋଗ୍ୟ ହୋଇପାରିବ ନାହିଁ ।

୧୨ ଜାନୁଆରି, ୧୯୭୦

**୨୮୩. ହେ ମୃତ୍ୟୁ, ମୁଖା ପିନ୍ଧି ରହିଥିବା ହେ ଆମର ବନ୍ଧୁ ଓ ଆମ ସୁଯୋଗଗୁଡ଼ିକର ନିର୍ମାଣକାରୀ, ଯେତେବେଳେ ତୁମେ ଦ୍ୱାରଟିକୁ ଉନ୍ମୋଚିତ କରିଦେବ, ସେତେବେଳେ ଆମକୁ ପୂର୍ବରୁ ସେହି କଥାଟି କହିବାକୁ ତୁମେ କଦାପି କୁଣ୍ଠିତ ହେବ ନାହିଁ; କାରଣ ଆମେ ସେହି ବ୍ୟକ୍ତିମାନଙ୍କ ଦଳର ନୋହୁଁ, ଯେଉଁମାନେ କି ସେହି ଲୌହକପାଟର ଖୋଲିବା ଶବ୍ଦ ଶୁଣି ଆତଙ୍କିତ ହୋଇ ଉଠନ୍ତି ।**

**୨୮୪. ଅନେକ ସମୟରେ ମୃତ୍ୟୁ ଏକ ନିର୍ମମ ପରିକର ରୂପେ ଆସି ଉପସ୍ଥିତ ହୋଇଯାଏ; ମାତ୍ର ଯେତେବେଳେ ସିଏ ପୃଥିବୀର ଏହି ପରିଚ୍ଛଦଟିକୁ ପାଲଟାଇ ଉଜ୍ଜ୍ୱଳତର ସେହି ଅନ୍ୟ ପରିଧାନଟିକୁ ପିନ୍ଧାଇଦିଏ, ସେତେବେଳେ ତାହାର ଦୁଷ୍ଟତା ଏବଂ ଅଯୋଗ୍ୟତାଗୁଡ଼ିକୁ କ୍ଷମା ନ କରିବାର ଆଉ କୌଣସି କାରଣ ନ ଥାଏ ।**

**୨୮୫. ହେ ଅମର ଆତ୍ମା, ତୋତେ ପ୍ରକୃତରେ କିଏ ହତ୍ୟା କରିପାରିବ ? ହେ ଚିରାନନ୍ଦମୟ ଈଶ୍ୱର, ତୁମକୁ କିଏ ପ୍ରକୃତରେ କଷ୍ଟ ଦେଇ ପାରିବ ?**

*ଆବହମାନ କାଳରୁ ମୃତ୍ୟୁକୁ ଦୁଃଖ ସହିତ ଏପରି ଏକାଠି ଯୋଡ଼ି ଦିଆଯାଇଛି କାହିଁକି ?*

ମନୁଷ୍ୟର ଅଜ୍ଞାନତା ଏବଂ ଅହଂକାରିତା ହେଉଛି ଦୁଃଖର କାରଣ । ମାତ୍ର, ମନୁଷ୍ୟଜାତିର ବିବର୍ତ୍ତନରେ ଏହି ଦୁଃଖର ମଧ୍ୟ ଏକ ଭୂମିକା ରହିଛି ।

୧୩ ଜାନୁଆରି, ୧୯୭୦

*ମନୁଷ୍ୟଜାତିର ବିବର୍ତ୍ତନରେ ଦୁଃଖର କି ଭୂମିକା ରହିଛି ?*

ଦୁଃଖ, ବାସନା, କଷ୍ଟଭୋଗ, ମହତ୍ତ୍ୱର ଆକାଙ୍‌କ୍ଷା ଏବଂ ସଂବେଗ ତଥା ଇନ୍ଦ୍ରିୟାନୁଭବର କ୍ଷେତ୍ରରେ ଘଟୁଥିବା ଏହିପରି ଯାବତୀୟ ପ୍ରତିକ୍ରିୟାର ଚେତନାକୁ ଅଚେତନା ମଧ୍ୟରୁ ଉଦ୍‌ଭୂତ ହୋଇ ଆସିବାରେ ଓ ଏହି ଚେତନାକୁ ଅଗ୍ରଗତି ଲାଗି ଇଚ୍ଛା କରିବାର ଏକ ସ୍ଥିତି ମଧ୍ୟକୁ ଜାଗୃତ କରି ଆଣିବାରେ ଅବଶ୍ୟ ଅବଦାନ ରହିଛି ।

୧୪ ଜାନୁଆରି, ୧୯୭୦

**୨୮୬. ଯେତେବେଳେ ତୁମର ଜୀବନାଙ୍ଗଗୁଡ଼ିକ ଭାରି ଉତ୍ସାହରେ ହତାଶା ଏବଂ ଦୁର୍ବଳତା ସହିତ ପ୍ରେମ କରିବାରେ ଲାଗିଥିବେ, ସେତେବେଳେ ତୁମେ ଏହି କଥାଟିକୁ ଭାବିବ, ''ମୁଁ ହେଉଛି ବାକରସ୍, ମୁଁ ଏରିସ୍ ଏବଂ ଆପୋଲୋ; ମୁଁ ଅଗ୍ନି-ପବିତ୍ର ଏବଂ ଅଜେୟ; ମୁଁ ହେଉଛି ସୂର୍ଯ୍ୟ, ଅନୁକ୍ଷଣ ପୂର୍ଣ୍ଣ ଶକ୍ତିରେ ପ୍ରଜ୍ୱଳିତ ହୋଇ ରହିଛି ।''**

**୨୮୭. ତୁମ ଭିତରେ ଡାଇଓନିସିଅସ୍ ପରି ଯେଉଁ ଆନନ୍ଦ ହୁଙ୍କାର ଏବଂ ଉଲ୍ଲାସ ରହିଛି, ତୁମେ ସେଥିରୁ କେବେହେଲେ ବିରତ ହେବ ନାହିଁ । ମାତ୍ର, ଏହିସବୁ ତରଙ୍ଗ ଉପରେ ତୁମେ ଯେପରି କଦାପି ଏକ କୁଟାଖଣ୍ଡରେ ପରିଣତ ହୋଇ ନ ଯାଅ, ସେହି ବିଷୟରେ ମଧ୍ୟ ଦୃଷ୍ଟି ରଖିଥିବ ।**

**୨୮୮. ତୁମ ଭିତରେ ରହିଥିବା ସକଳ ଦେବତାକୁ ତୁମେ ସହ୍ୟ କରି ଶିଖିବ ଏବଂ, ସେମାନେ ତୁମ ଭିତରକୁ ମାଡ଼ି ଆସୁଥିବା ବେଳେ କେବେହେଲେ ଟଳଟଳ ହୋଇଯିବ ନାହିଁ କିଂବା ସେମାନଙ୍କର ବୋଝରେ କେବେହେଲେ ଭାଙ୍ଗି ପଡ଼ିବ ନାହିଁ ।**

ବିଭିନ୍ନ ଧର୍ମର ଦେବତାମାନଙ୍କ ଦ୍ୱାରା ବଶୀଭୂତ ବା ଭୟଭୀତ ନ ହେବା ଲାଗି ମନୁଷ୍ୟକୁ ଶିଖାଇବା ସକାଶେ ଏପରି କୁହାଯାଇଛି । କାରଣ, ଏକ ମନୁଷ୍ୟସତ୍ତା ହିସାବରେ ମନୁଷ୍ୟ ଆପଣା ମଧ୍ୟରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଯୁକ୍ତ ହୋଇ ପାରିବାର ସମ୍ଭାବନାକୁ ସତତ ବହନ କରି ରହିଛି, ତାଙ୍କରି ବିଷୟରେ ସଚେତନ ହେବାର ସମ୍ଭାବନାଟିକୁ ମଧ୍ୟ ବହନ କରୁଛି ।

୧୫ ଜାନୁଆରି, ୧୯୭୦

୨୮୯. ମନୁଷ୍ୟମାନେ ବଳ ଓ ଆନନ୍ଦ ବିଷୟରେ ସତେଅବା କ୍ଲାନ୍ତ ହୋଇ ପଡ଼ିଛନ୍ତି ଓ ଦୁଃଖ ଏବଂ ଦୁର୍ବଳତାକୁ ଗୁଣ ବୋଲି କହିଛନ୍ତି; ଜ୍ଞାନ ଲାଭରେ କ୍ଲାନ୍ତ ହୋଇ ଅଜ୍ଞାନକୁ ପବିତ୍ରତା ବୋଲି କହିଛନ୍ତି ଏବଂ, ପ୍ରେମରେ କ୍ଲାନ୍ତ ହୋଇ ହୃଦୟହୀନତାକୁହିଁ ଆଲୋକନ ଏବଂ ପ୍ରଜ୍ଞା ବୋଲି କହିଛନ୍ତି ।

୨୯୦. ଅନେକ ପ୍ରକାରର ସହିଷ୍ଣୁତା ରହିଛି । ମୁଁ ଥରେ ଦେଖିଲି ଯେ ଜଣେ ଭୀରୁ ତାକୁ ଚାପୁଡ଼ା ମାରୁଥିବା କୌଣସି ବ୍ୟକ୍ତି ଆଡ଼କୁ ତା' ଗାଲଟିକୁ ଦେଖାଇ ଛିଡ଼ା ହୋଇଛି । ଆଉଥରେ ଦେଖିଲି, ଜଣେ ଦୁର୍ବଳଦେହ ମଣିଷ ଆଉଜଣେ ପ୍ରବଳ ଏବଂ ଆତ୍ମହୃଷ୍ଟ ଉତ୍ପୀଡ଼ନକାରୀଠାରୁ ମାଡ଼ ଖାଉଥିଲେ ମଧ୍ୟ ତାହା ଆଡ଼କୁ ସ୍ଥିର ଏବଂ ଉତ୍ସୁକ ଭାବରେ ଅନାଇ ରହିଛି । ଈଶ୍ୱରଙ୍କର ଅବତାର ତାଙ୍କ ଆଡ଼କୁ ପଥର ଫୋପାଡୁଥିବା ଲୋକମାନଙ୍କ ଦିଗରେ ପ୍ରେମପୂର୍ଣ୍ଣ ଭାବରେ ଅନାଇ ମୁରୁକି ହସୁଥିବାର ମଧ୍ୟ ଦେଖିଲି । ପ୍ରଥମ ଦୃଶ୍ୟଟି ଅତ୍ୟନ୍ତ ହାସ୍ୟାସ୍ପଦ ଥିଲା; ଦ୍ୱିତୀୟଟିକୁ ଅତ୍ୟନ୍ତ ଭୟଙ୍କର ବୋଲି କୁହାଯିବ ଏବଂ ତୃତୀୟଟିକୁ ଦିବ୍ୟ ତଥା ପବିତ୍ର ବୋଲି କହିବାକୁ ହେବ ।

ଶ୍ରୀଅରବିନ୍ଦ ଏଠାରେ ଆମକୁ କହୁଛନ୍ତି ଯେ, ସକଳ ସ୍ଥିତିରେ ପ୍ରେମରହିଁ ବିକିରଣ କରିବା ହେଉଛି ପରମ ଦିବ୍ୟସତ୍ତାଙ୍କର ଗୋଟିଏ ସଙ୍କେତ; ଯିଏ ତାଙ୍କୁ ଆଘାତ କରୁଛି ଓ ଯିଏ ତାଙ୍କର ପୂଜା କରୁଛି, ତାଙ୍କର ଉଭୟଙ୍କ ପ୍ରତି ସମାନ ପରିମାଣରେ ପ୍ରେମଭାବନା ରହିଛି । ମନୁଷ୍ୟଜାତି ଲାଗି ଏଥିରୁ ପ୍ରକୃତରେ କେଡ଼େ ବଡ଼ କଥା ଶିଖିବାକୁ ନାହିଁ ।

୧୭ ଜାନୁଆରି, ୧୯୭୦

୨୯୧. ତୁମକୁ ଯେଉଁମାନେ ଆଘାତ କରୁଛନ୍ତି, ସେମାନଙ୍କର ଦୋଷ ମାର୍ଜନା କରିବା ଅବଶ୍ୟ ତୁମର ଉଦାରଭାବର ପରିଚୟ ଦେବ; ମାତ୍ର, ଅନ୍ୟମାନଙ୍କ ପ୍ରତି ଯେଉଁ ଅନ୍ୟାୟ କରାଯାଉଛି, ସେଗୁଡ଼ିକର ମାର୍ଜନା କରିବା ଆଦୌ ସେତେ ପରିମାଣରେ ଉଦାର ନୁହେଁ । ତଥାପି ତୁମେ ଏଗୁଡ଼ିକ ମଧ୍ୟ କ୍ଷମା କରିଦେବ; ମାତ୍ର ଯେତେବେଳେ ଆବଶ୍ୟକ ହେବ, ସ୍ଥିର ଭାବରେ ଅବଶ୍ୟ ପ୍ରତିକାର କରିବ ।

**୨୯୨. ଏସୀୟମାନେ ହତ୍ୟା କଲେ ତାହାକୁ ନୃଶଂସତା ବୋଲି କୁହାଯାଏ; ଇଉରୋପୀୟମାନେ ହତ୍ୟା କଲେ ତାହା ଏକ ସାମରିକ ଆବଶ୍ୟକତା ବୋଲି ନାମିତ ହୁଏ । ତୁମକୁ ଏହି ଭେଦଟିକୁ ବୁଝିବାକୁ ହେବ, ଏବଂ ତା'ପରେ ତୁମେ ଏହି ପୃଥିବୀର ନୈତିକତା ବିଷୟରେ ଚିନ୍ତା ମଧ୍ୟ କରିବ ।**

ଏହି ଯାବତୀୟ କଥା ଆମକୁ ଆତ୍ମସ୍ୱାର୍ଥ ଏବଂ ଅହଂ ଦ୍ୱାରା ପ୍ରେରିତ ପ୍ରତିକ୍ରିୟାଗୁଡ଼ିକୁ ଭିତ୍ତିକରି ଆପଣାକୁ ପ୍ରକଟ କରୁଥିବା ମନୁଷ୍ୟର ବିଚାରଗୁଡ଼ିକର ନିର୍ବୋଧତା ବିଷୟରେ ଅତ୍ୟନ୍ତ ଗଭୀର ଭାବରେ ଚିନ୍ତା କରିବାକୁ ପ୍ରେରଣା ଦେଇଥାଏ ।

ଯେପର୍ଯ୍ୟନ୍ତ ମନୁଷ୍ୟମାନେ ସେମାନଙ୍କର ଏହି ବର୍ତ୍ତମାନର ଅଜ୍ଞାନସ୍ଥିତି ମଧ୍ୟରେ ପଡ଼ି ରହିଥିବେ, ସେପର୍ଯ୍ୟନ୍ତ ଯଥାର୍ଥ ସତ୍ୟର ସମ୍ମୁଖରେ ସେମାନଙ୍କର ଯାବତୀୟ ବିଚାର ଏବଂ ମତ କେବଳ ଏହିପରି ଭାବରେ ନିରର୍ଥକହିଁ ହୋଇ ରହିଥିବ ଏବଂ ସେଗୁଡ଼ିକ ଠିକ୍ ସେହିପରି ବୋଲି ଜାଣି ରଖିବାକୁ ହେବ ।

୨୦ ଜାନୁଆରି, ୧୯୭୦

**୨୯୩. ଯେଉଁମାନେ ଅତ୍ୟନ୍ତ କ୍ରୁଦ୍ଧ ଭାବରେ ଧର୍ମପରାୟଣ ହୋଇ ରହିଥା'ନ୍ତି, ତୁମେ ସେମାନଙ୍କୁ ନିରୀକ୍ଷଣ କରୁଥିବ । ଯେଉଁସବୁ ଅପରାଧକୁ ସେମାନେ କେଡ଼େ ପ୍ରଚଣ୍ଡ ଭାବରେ ନିନ୍ଦା କରିଆସିଥିବେ, ତୁମେ ଦେଖିବ ଯେ, ସେମାନେ ସ୍ୱୟଂ ସେହିସବୁ ଅପରାଧକୁ କରୁଛନ୍ତି ଅଥବା ସେଗୁଡ଼ିକୁ କେଡ଼େ ଚମତ୍କାର ଭାବରେ କ୍ଷମା ଦେଇ ପାରୁଛନ୍ତି ।**

**୨୯୪. ''ମନୁଷ୍ୟମାନଙ୍କଠାରେ ପ୍ରକୃତ କପଟତା ଅତି କମ୍ ପରିମାଣରେ ରହିଛି'' । ମାତ୍ର, ଅନେକ ଅଧିକ ପରିମାଣରେ ଚାଲାଖି ରହିଛି, ଏବଂ ତତୋଽଧିକ ପରିମାଣରେ ଆତ୍ମପ୍ରବଞ୍ଚନା ରହିଛି । ଏହି ଶେଷଟି ତିନି ପ୍ରକାରର : ସଚେତନ, ଅଚେତନ ଏବଂ ଅର୍ଦ୍ଧଚେତନ । ମାତ୍ର, ତୃତୀୟଟି ସବୁଠାରୁ ଅଧିକ ବିପଜ୍ଜନକ ।**

*ମୁଁ ଭାବୁଛି, ସମ୍ଭବତଃ ସଚେତନ ଆତ୍ମପ୍ରବଞ୍ଚନା ସବୁଠାରୁ ଅଧିକ ଖରାପ,— ନୁହେଁ ?*

ସଚେତନ ଆତ୍ମପ୍ରବଞ୍ଚନା ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିଥାଏ, କାରଣ ସେହି କ୍ଷେତ୍ରରେ ଚେତନା ଅନେକ ଅଧିକ ପରିମାଣରେ ବିକଶିତ ହୋଇଥିବା ଆବଶ୍ୟକ ହୁଏ, ଏବଂ ତା'ସହିତ, ପ୍ରତାରଣା କରିବାର ଏକ ବିକୃତ ଇଚ୍ଛା ମଧ୍ୟ ରହିଥାଏ । ତାହା ଏକ ଅତ୍ୟନ୍ତ ବିପଜ୍ଜନକ ଧରଣର ମିଥ୍ୟା ଆଡ଼କୁ ପରିଚାଳିତ କରି ନେଇଯାଏ । ମାତ୍ର, ସବୁଠାରୁ ସହଜ ଭାବରେ ହୁଏତ ତାହାର ଆରୋଗ୍ୟ ମଧ୍ୟ କରାଯାଇପାରେ; କାରଣ ଚେତନା ପୂର୍ବରୁ ଜାଗୃତ ହୋଇ ସାରିଥାଏ; ତାହାର ଭୁଲ୍‌ଟି ବିଷୟରେ ତାହାକୁ ସଚେତନ କରିଦେବା ଯାହା ବାକି ରହିଥାଏ; ଏବଂ ସେହି ଭୁଲ୍‌ଟିକୁ ସଂଶୋଧନ କରି ପାରିବା ଲାଗି ତାହାକୁ ସଂଶୋଧନ କରିବାର ଏକ ନିଷ୍ପତ୍ତି ଗ୍ରହଣ କରିବା ବାକି ରହିଥାଏ ।

ସେମାନେ ନିଜେ କ'ଣ କରୁଛନ୍ତି, ଅନ୍ୟମାନଙ୍କୁ ସେବିଷୟରେ ପ୍ରଥମେ ସଚେତନ ହେବାକୁ ପଡ଼ିଥାଏ; ଏବଂ ସେଥିଲାଗି ସାଧାରଣତଃ ଖୁବ୍ ଅଧିକ ସମୟ ଲାଗେ ।

୨୧ ଜାନୁଆରି, ୧୯୭୦

**୨୯୫. ମନୁଷ୍ୟମାନେ ଆପଣାର ଗୁଣଗୁଡ଼ାକୁ ଯେପରି ଭାବରେ ଦେଖାଇ ହେବାରେ ଲାଗିଥା'ନ୍ତି, ତୁମେ ସେଥିରେ ଆଦୌ ଫାନ୍ଦରେ ପଡ଼ିଯିବ ନାହିଁ । ସେମାନଙ୍କର ଦୃଶ୍ୟମାନ ଅଥବା ଗୁପ୍ତ ପାପାଚରଣରେ ମଧ୍ୟ କଦାପି ବିରକ୍ତି ପ୍ରକାଶ କରିବ ନାହିଁ । ମନୁଷ୍ୟଜାତିର ଏକ ଦୀର୍ଘ ପରିବର୍ତ୍ତନ-କାଳ ମଧ୍ୟରେ ଏହିସବୁ ବୈଚିତ୍ର୍ୟର ଅବଶ୍ୟ ଏକ ପ୍ରୟୋଜନ ରହିଛି ।**

**୨୯୬. ଏହି ଜଗତର କୁଟିଳତା ଦେଖି ତୁମେ କଦାପି ଘୃଣାର ବଶବର୍ତ୍ତୀ ହୋଇ ପଡ଼ିବ ନାହିଁ । ଏହି ପୃଥିବୀକୁ ଆମେ ଏପରି ଗୋଟିଏ ଆଘାତପ୍ରାପ୍ତ ବିଷାକ୍ତ ସର୍ପ ବୋଲି କଳ୍ପନା କରିପାରିବା ଯିଏକି ଏକ ନିୟତିନିର୍ଦ୍ଦିଷ୍ଟ ପଙ୍କୋଦ୍ଧାର ଏବଂ ପରିପୂର୍ଣ୍ଣତା ଆଡ଼କୁ ଛଟପଟ ହୋଇ ଧାଇଁବାରେ ଲାଗିଛି । ଅପେକ୍ଷା କର, କାରଣ ଏଥିରେ ଭଗବାନ୍ ମଧ୍ୟ ଏକ ବାଜି ଲଗାଇଛନ୍ତି; ଏବଂ ଏହି ନୀଚତା ମଧ୍ୟରୁ ସିଏ ଅବଶ୍ୟ ଉଜ୍ଜ୍ୱଳ ଏବଂ ବିଜୟୀ ହୋଇ ବାହାରି ଆସିବେ ।**

ଶ୍ରୀଅରବିନ୍ଦ ଆମକୁ କହୁଛନ୍ତି ଯେ, ମନୁଷ୍ୟ ହେଉଛି ଏକ ମଧ୍ୟବର୍ତ୍ତୀ ସତ୍ତା ଏବଂ ଜଗତର

ଏହି ଯାବତୀୟ ଦୁଃଖଭୋଗ ମଧ୍ୟରୁ ଏପରି ଏକ ଆଲୋକମୟ ସତ୍ତା ଜନ୍ମଲାଭ କରିବ, ଯିଏକି ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବା ଲାଗି ସମର୍ଥ ହେବ ।

ତେଣୁ, ଏହି ପୃଥିବୀ ବର୍ତ୍ତମାନ ଯେପରି ଅଛି, ଯେଉଁମାନେ ସେଥିରେ ଆଦୌ ସନ୍ତୋଷ ପ୍ରକାଶ କରିପାରୁ ନାହାନ୍ତି, ସେମାନେ ଏକଥାଟିକୁ ଅବଶ୍ୟ ଜାଣିଛନ୍ତି ଯେ, ସେମାନଙ୍କ ମଧ୍ୟରୁ ଜାଗ୍ରତ ହୋଇ ଆସୁଥିବା ଅଭୀପ୍ସା କଦାପି ବୃଥା ହୋଇଯିବ ନାହିଁ । ସେମାନେ ଜାଣିଛନ୍ତି ଯେ ଏହି ପୃଥିବୀ ଅବଶ୍ୟ ପରିବର୍ତ୍ତିତ ହେବାରେ ଲାଗିଛି ।

ଯଦି ସେହି ଅଭୀପ୍ସା ସହିତ ଆତ୍ମୋତ୍ସର୍ଗ ତଥା ଉଦ୍ୟମ ସଂଯୁକ୍ତ ହୋଇ ରହିପାରିବ, ତେବେ ସବୁକଥା ଆହୁରି ଅଧିକ ତ୍ୱରାନ୍ୱିତ ଭାବରେ ଗତି କରିବ ।

୨୨ ଜାନୁଆରି, ୧୯୭୦

**୨୯୭. ଗୋଟାଏ ମୁଖା ଦେଖି ତୁମେ ଏପରି ଭୟରେ ପଛକୁ ପଳାଇ ଆସୁଛ କାହିଁକି ? ସେହି ମୁଖାର ଘୃଣାବ୍ୟଞ୍ଜକ, ଅତିକାୟ ଏବଂ ଭୟଙ୍କର ପ୍ରତୀତିଗୁଡ଼ିକର ପଶ୍ଚାତରେ କୃଷ୍ଣହିଁ ତୁମର ଏହି ନିର୍ବୋଧ କ୍ରୋଧକୁ ଦେଖି ହସିବାରେ ଲାଗିଛନ୍ତି; ତୁମର ଆହୁରି ଅଧିକ ନିର୍ବୋଧତାପୂର୍ଣ୍ଣ ଘୃଣା ବା ଅଶ୍ରଦ୍ଧା ଓ ସବୁଠାରୁ ଅଧିକ ନିର୍ବୋଧ ତୁମର ଭୟଭାବକୁ ଦେଖି ହସିବାରେ ଲାଗିଛନ୍ତି ।**

**୨୯୮. ଯେତେବେଳେ ତୁମେ ଆଉଜଣକୁ ଅଶ୍ରଦ୍ଧାର ସହିତ ଦେଖୁଛ ବୋଲି ଜାଣିପାରୁଛ, ସେତେବେଳେ ତୁମେ ନିଜର ହୃଦୟ ଭିତରକୁ ଅନାଅ ଏବଂ ନିଜର ବୋକାମିକୁ ଦେଖି ହସ ।**

*କେବଳ ଆମର ମାନସିକ ଧାରଣାଟାହିଁ କ'ଣ ଅତିକାୟ ଏବଂ ଘୃଣାସ୍ପଦ ବସ୍ତୁଗୁଡ଼ିକୁ ଦେଖୁଥାଏ, ବା, ଆମେ ସେଗୁଡ଼ିକୁ ଯେପରି ଭାବରେ ଦେଖୁ, ସେଗୁଡ଼ିକ ପ୍ରକୃତରେ ସେହିପରି ହୋଇ ରହିଥା'ନ୍ତି ? ସୌନ୍ଦର୍ଯ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥାଟି ପ୍ରଯୁଜ୍ୟ ହୋଇପାରିବ, ନୁହେଁ କି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଭୌତିକ ଜଗତର ଏହି ଉପସ୍ଥିତ ଅବସ୍ଥାରେ, ପ୍ରତୀତିଗୁଡ଼ିକ ପ୍ରକୃତରେ ତଥାପି ଅତ୍ୟନ୍ତ ପ୍ରତାରଣାପୂର୍ଣ୍ଣ ହୋଇ ରହିଛନ୍ତି । ବାହ୍ୟ ଶାରୀରିକ ସୌନ୍ଦର୍ଯ୍ୟ ଯେ ସର୍ବଦା ଏକ ସୁନ୍ଦର ଆତ୍ମାର ସଙ୍କେତ ଦିଏ ସେକଥା ଆଦୌ ନୁହେଁ ।

ଏବଂ, ଏକ କୁତ୍ସିତ ଓ କଦାକାର ଶରୀର ଭିତରେ ମଧ୍ୟ ହୁଏତ ଏକ ପ୍ରତିଭା ଅଥବା ଦୀପ୍ତିମୟ ଆତ୍ମା ପ୍ରଚ୍ଛନ୍ନ ହୋଇ ରହିଥାଏ ।

ମାତ୍ର ଯେଉଁ ବ୍ୟକ୍ତିର ଅପେକ୍ଷାକୃତ ଅଧିକ ଅନ୍ତର୍ଗତ ଗ୍ରହଣଶୀଳତା ରହିଛି, ପ୍ରତୀତିଗୁଡ଼ିକ ତାକୁ ଆଉ କୌଣସି ପ୍ରକାରେ ଧୋକା ଦେଇପାରିବେ ନାହିଁ ଏବଂ, ଏକ ସୁନ୍ଦର ମୁହଁ ପଛରେ ଲୁକ୍କାୟିତ ହୋଇ ରହିଥିବା କୁତ୍ସିତତାକୁ ଓ କୁତ୍ସିତତାର ଏକ ଆବରଣ ପଶ୍ଚାତରେ ଲୁକ୍କାୟିତ ହୋଇ ରହିଥିବା ସୌନ୍ଦର୍ଯ୍ୟକୁ ସିଏ ଅବଶ୍ୟ ପ୍ରତ୍ୟକ୍ଷ କରିପାରିବ ।

ଏପରି କେତେକ ଦୃଷ୍ଟାନ୍ତ ମଧ୍ୟ ରହିଛି,— ଏବଂ ଏଗୁଡ଼ିକର ସଂଖ୍ୟା କ୍ରମଶଃ ଅଧିକରୁ ଅଧିକ ହେବାରେ ଲାଗିଛି,— ଯେଉଁଠାରେ କି ବାହାରର ଗଠନଟି ଅନ୍ତର୍ଗତ ସତ୍ୟଟିକୁ ସ୍ପଷ୍ଟ ଭାବରେ ପ୍ରକାଶିତ କରି ଦେଉଥାଏ, ଏବଂ ସେତେବେଳେ ତାହାକୁ ସମସ୍ତେ ମଧ୍ୟ ଦେଖିପାରନ୍ତି ।

୨୩ ଜାନୁଆରି, ୧୯୭୦

**୨୯୯. ବୃଥା ବାଦବିବାଦ କର ନାହିଁ, ପରସ୍ପର ମଧ୍ୟରେ ମୁକ୍ତ ଭାବରେ ମତର ଆଦାନପ୍ରଦାନ କର । ଯଦି ବାଦବିବାଦ କରିବାର ଏକାନ୍ତ ପ୍ରୟୋଜନ ରହିଛି ତେବେ ତୁମେ ତୁମର ବିପକ୍ଷଠାରୁ ମଧ୍ୟ ଶିକ୍ଷାଲାଭ କର । କାରଣ, ଯଦି କେବଳ କାନ ଏବଂ ଯୁକ୍ତି କରୁଥିବା ମନ ଦ୍ୱାରା ନ ଶୁଣି ତୁମେ ଆତ୍ମାର ଆଲୋକରେ କଥାଗୁଡ଼ିକୁ ଶୁଣି ପାରୁଥିବ, ତେବେ ଜଣେ ମୂର୍ଖ ଓ ନିର୍ବୋଧ ବ୍ୟକ୍ତିଠାରୁ ମଧ୍ୟ ତୁମେ ଅନେକ ଯଥାର୍ଥ ଜ୍ଞାନ ଆହରଣ କରିପାରିବ ।**

**୩୦୦. ଯାବତୀୟ ବସ୍ତୁକୁ ମଧୁରେ ପରିଣତ କରିନିଅ; ଏହାହିଁ ଦିବ୍ୟ ଜୀବନଯାପନର ନିୟମ ।**

**୩୦୧. ଯାବତୀୟ ବିଷୟରେ ବ୍ୟକ୍ତିଗତ କଳହଠାରୁ ଦୂରରେ ରହିଥିବା ଉଚିତ । ମାତ୍ର, ତୁମେ ସାଧାରଣ ଯୁଦ୍ଧକ୍ଷେତ୍ରରୁ କଦାପି ହଟିକରି ପଳାଇ ଆସିବ ନାହିଁ । ତଥାପି, ସେଠାରେ ମଧ୍ୟ ତୁମ ବିପକ୍ଷର ବଳକୁ ତୁମେ ନିଜର ବଳରେ ପରିଣତ କରିପାରୁଥିବ ।***

* ଆଉ ଏକ ପାଠ : ଯଥାର୍ଥ ସ୍ୱୀକୃତି ଦେଇ ପାରୁଥିବ ।

**୩୦୨. ଯେତେବେଳେ ତୁମେ ତୁମକୁ ଅପ୍ରସନ୍ନ କରି ଦେଉଥିବା କୌଣସି ମତକୁ ଶୁଣ, ସେତେବେଳେ ତୁମେ ତାହାକୁ ଅଧ୍ୟୟନ କର ଓ ସେଥିରେ ରହିଥିବା ସତ୍ୟକୁ ମଧ୍ୟ ଆବିଷ୍କାର କର ।**

ଯଦି ତୁମେ ଯଥାର୍ଥ ନିଷ୍ଠାର ସହିତ ପରମ ସତ୍ୟର ବିଧାନ ଅନୁସାରେ ଜୀବନ ନ ବଞ୍ଚିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ଏକଥା ଅବଶ୍ୟ ଜାଣିବାକୁ ହେବ ଯେ, ତୁମେ ପ୍ରକୃତରେ ଯାବତୀୟ ବସ୍ତୁରୁ ଶିକ୍ଷା କରିପାରିବ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଅଗ୍ରଗତି କରିବା ଲାଗି ମଧ୍ୟ ତୁମ ଆଗରେ ଅବଶ୍ୟ ଏକ ସମ୍ଭାବନା ରହିଛି । ଏକ ନିପଟ ନିର୍ବୋଧତା ମଧ୍ୟ ତୁମ ଲାଗି ଅନେକ ସମୟରେ ଏକ ବୃହତ୍ ଆଲୋକର ଉଦ୍‌ଘାଟନ ଘଟାଇପାରେ,— ତୁମେ କେବଳ ତାହାକୁ ଦେଖି ଜାଣିଲେ ହେଲା ।

୨୪ ଜାନୁଆରି, ୧୯୭୦

**୩୦୩. ମଧ୍ୟଯୁଗର ସନ୍ନ୍ୟାସୀମାନେ ନାରୀମାନଙ୍କୁ ଘୃଣା କରୁଥିଲେ ଓ ସାଧୁମାନଙ୍କୁ ପ୍ରଲୋଭନ ଦେଖାଇବା ଲାଗି ସେମାନେ ଭଗବାନଙ୍କ ଦ୍ୱାରା ତିଆରି ହୋଇଛନ୍ତି ବୋଲି ଭାବୁଥିଲେ । ଭଗବାନଙ୍କ ବିଷୟରେ ଏବଂ ନାରୀ ବିଷୟରେ ଆମେ ଆହୁରି ଟିକିଏ ଅଧିକ ଉଦାର ହୋଇ ମଧ୍ୟ ଭାବି ପାରନ୍ତେ ।**

**୩୦୪. ଯଦି କୌଣସି ନାରୀ ତୁମକୁ ପ୍ରଲୋଭିତ କରିଛି, ତେବେ ତାହା ତା'ର ଦୋଷ ନା ତୁମ ନିଜର ? ତୁମେ ଜଣେ ବୋକା ଓ ଆତ୍ମପ୍ରତାରକ ହୁଅ ନାହିଁ ।**

**୩୦୫. ନାରୀର ପାଶଭିତରୁ ମୁକ୍ତ ରହିବା ଲାଗି ଦୁଇଟି ଉପାୟ ରହିଛି; ଗୋଟିଏ ହେଉଛି ପ୍ରତ୍ୟେକ ନାରୀଠାରୁ ଦୂରରେ ରହିବା ଏବଂ ଆରଟି ହେଉଛି ପ୍ରତ୍ୟେକ ସତ୍ତାକୁ ଭଲ ପାଇବା ।**

*ସାଧାରଣ ଜୀବନରେ ଜଣେ ଆଧୁନିକ ନାରୀର ଆଦର୍ଶ କ'ଣ ହେବା ଉଚିତ ?*

ସାଧାରଣ ଜୀବନରେ, ନାରୀମାନେ ସବୁପ୍ରକାର ବିଚାରଧାରା ରଖିପାରିବେ । ଏହା ଆଦୌ ଏକ ମହତ୍ତ୍ୱପୂର୍ଣ୍ଣ କଥା ନୁହେଁ ।*

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ, ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ଲାଗି ନାରୀ ଏବଂ ପୁରୁଷର ସମାନ ସାମର୍ଥ୍ୟ ରହିଛି । ପ୍ରତ୍ୟେକେ ସେହି କ୍ଷେତ୍ରରେ ଆପଣା ଆପଣାର ନିଜ ମାର୍ଗରେ ଓ ଆପଣା ଆପଣାର ସମ୍ଭାବନା ଅନୁସାରେ ଏଥିଲାଗି ଅବଶ୍ୟ ପ୍ରୟାସ କରିପାରିବେ ।

୨୫ ଜାନୁଆରି, ୧୯୭୦

**୩୦୬. ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୈରାଗ୍ୟବାଦ ଅନେକ ଆଶ୍ୱସ୍ତି ଆଣିଦିଏ, ଗୁହା ଅନେକ ଶାନ୍ତିମୟ ଏବଂ ପାହାଡ଼ର ଶୃଙ୍ଗ ଅତ୍ୟନ୍ତ ରମଣୀୟ ହୋଇ ରହିଥାଏ । ତଥାପି, ପରମେଶ୍ୱର ତୁମ ବିଷୟରେ ଯେଉଁ ଅଭିପ୍ରାୟଟିକୁ ରଖିଛନ୍ତି, ତୁମେ ଏହି ପୃଥିବୀ ଭିତରେ ରହିହିଁ ସେହି ଅନୁସାରେ କାର୍ଯ୍ୟ କରିବ ।**

ଏଠାରେ ଶ୍ରୀଅରବିନ୍ଦ ଆମକୁ ଦର୍ଶାଇ ଦେଉଛନ୍ତି ଯେ, କୌଣସି ନକାରାତ୍ମକତା ଦ୍ୱାରା ପ୍ରେରିତ ହୋଇ ନୁହେଁ, ଅପେକ୍ଷାକୃତ ଅଧିକ ରୁଚି ଦ୍ୱାରା ପ୍ରେରିତ ହୋଇ ଜଣେ ବୈରାଗୀ ହୋଇପାରିବ । ତେଣୁ, ସେ ଆମକୁ ବୁଝାଇଦେବାକୁ ଚାହୁଁଛନ୍ତି ଯେ, ପରମ ପ୍ରଭୁଙ୍କର ପରିକର ହୋଇ ରହିବା ଏବଂ କେବଳ ତାଙ୍କରି ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ଯାବତୀୟ କାର୍ଯ୍ୟ କରିବା ଯେକୌଣସି ବ୍ୟକ୍ତିଗତ ପସନ୍ଦ-ଅପସନ୍ଦ ଠାରୁ, ତାହା ଯେତେ ସନ୍ଥଜନୋଚିତ ହୋଇଥାଉ ନା କାହିଁକି– ଏକ ଅନେକ ଅଧିକ ଉଚ୍ଚ ସୋପାନର କଥା ।

୨୬ ଜାନୁଆରି, ୧୯୭୦

**୩୦୭. ଶଙ୍କରଙ୍କୁ ଅନାଇ ଭଗବାନ୍ ତିନିଥର ହସିଥିବେ, ପ୍ରଥମେ, ଯେତେବେଳେ ସିଏ ନିଜ ମାଆଙ୍କର ଶବଦାହ କରିବାକୁ ଘରକୁ ଫେରି ଆସିଥିଲେ; ଦ୍ୱିତୀୟରେ, ଯେତେବେଳେ ସେ ଈଶୋପନିଷଦର ଟୀକା ଲେଖିଲେ ଏବଂ ତୃତୀୟଥର, ଯେତେବେଳେ ସିଏ ନୈଷ୍କର୍ମ୍ୟର ପ୍ରଚାର**

* ପରେ ମାଆ ତା'ସହିତ ଏତିକି ଯୋଡ଼ି ଦେଇଥିଲେ, ''ସାଧାରଣ ଜୀବନରେ, ସୁନ୍ଦର ସ୍ୱାସ୍ଥ୍ୟ ଏବଂ ସମଞ୍ଜସତା ନାରୀମାନଙ୍କ ଲାଗି ଆଦର୍ଶ ହୋଇ ରହିବା ଉଚିତ ।''

**କରିବା ଲାଗି ଭାରତବର୍ଷର ନାନା ସ୍ଥାନକୁ ଯାଇଥିଲେ ଓ ଦିଗ୍‌ବିଜୟ କରିଥିଲେ ।**

ଯେଉଁ ବ୍ୟକ୍ତି ଆପଣାକୁ ଏତେ ପ୍ରଜ୍ଞାବାନ୍ ବୋଲି ଭାବୁଥିଲେ, ଯେତେବେଳେ ସିଏ ପରମ୍ପରାଗୁଡ଼ିକର ଅନୁସରଣ କଲେ, ନିରର୍ଥକ କଥାମାନ ଲେଖିଲେ ଏବଂ ନୈଷ୍କର୍ମ୍ୟର ପ୍ରଚାର କରିବା ଲାଗି ଅତିକର୍ମତତ୍ପରତାର ଏକ ମାର୍ଗକୁ ଗ୍ରହଣ କଲେ, ସେତେବେଳେ ଭଗବାନ୍ ତାଙ୍କ ଆଡ଼କୁ ଅନାଇ ଅବଶ୍ୟ ହସିଥିବେ ।

୨୭ ଜାନୁଆରି, ୧୯୭୦

**୩୦୮. କେବଳ ସଫଳତା ପାଇବାର ଆକାଙ୍‌କ୍ଷା ରଖିହିଁ ମନୁଷ୍ୟମାନେ ପରିଶ୍ରମ କରନ୍ତି ଏବଂ ଯଦି ସୌଭାଗ୍ୟବଶତଃ ବିଫଳତାହିଁ ପାଆନ୍ତି, ତେବେ ତାହାର କାରଣ ହେଉଛି ଯେ, ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ପ୍ରଜ୍ଞା ଓ ଶକ୍ତି ସେମାନଙ୍କର ବୌଦ୍ଧିକ ଚତୁରତାଠାରୁ ଅଧିକ ସମର୍ଥ ବୋଲି ପ୍ରମାଣିତ ହୁଏ । କେତେବେଳେ ଓ କିପରି ଜାଣିକରି ଭୁଲ କରିବାକୁ ହୁଏ ଓ ଫଳପ୍ରଦ ଭାବରେ ବିଫଳ ହେବାକୁ ହୁଏ, କେବଳ ଭଗବାନହିଁ ସେକଥା ଜାଣିଥା'ନ୍ତି ।**

**୩୦୯. ଯେଉଁ ବ୍ୟକ୍ତି କେବେହେଲେ ବିଫଳ ହୋଇ ନାହିଁ ଓ କଷ୍ଟପାଇ ନାହିଁ ତାକୁ ତୁମେ ଆଦୌ ବିଶ୍ୱାସ କରିବ ନାହିଁ । ତା'ର ସୌଭାଗ୍ୟକୁ ଆଦୌ ଅନୁସରଣ କର ନାହିଁ ଏବଂ ତା'ର ପତାକା ତଳେ ଆଦୌ କୌଣସି ଯୁଦ୍ଧ ଲଢ଼ିବାକୁ ଯାଅ ନାହିଁ ।**

**୩୧୦. ଦୁଇ ଜଣ ଅଛନ୍ତି ଯେଉଁମାନେ କି ମହତ୍ତ୍ୱ ଏବଂ ମୁକ୍ତି ପାଇଁ ଯୋଗ୍ୟ ହୋଇ ପାରନ୍ତି ନାହିଁ : ଯିଏ କେବେହେଲେ କାହାର ଦାସ ହୋଇ ନାହିଁ; ଏବଂ ଯେଉଁ ଜାତି କେବେହେଲେ କୌଣସି ବିଦେଶୀ ଶାସନର ଅଧୀନ ହୋଇ ନାହିଁ ।**

କେବଳ ଦୁଃଖ ଏବଂ କଷ୍ଟ ସହିବା ଦ୍ୱାରାହିଁ କେତେକ ମୌଳିକ ଗୁଣର ବିକାଶ ସମ୍ଭବ ହୋଇଥାଏ । ଆପଣାର ଅଜ୍ଞାନ ହେତୁ ମନୁଷ୍ୟମାନେ ସେଗୁଡ଼ିକ ପାଖରୁ ଡରି ପଳାଇ

ଯାଆନ୍ତି ସିନା, ମାତ୍ର, ସର୍ବୋଚ୍ଚ ପରମପ୍ରଭୁ ସେମାନଙ୍କର ତ୍ୱରାନ୍ୱିତ ବିକାଶ ଉଦ୍ଦେଶ୍ୟରେ ଯେଉଁମାନଙ୍କୁ ପୃଥିବୀରେ ଆପଣାର ପ୍ରତିନିଧିତ୍ୱ କରିବା ସକାଶେ ବାଛିଥାଆନ୍ତି, ସେ ଦୁଃଖ ଓ କଷ୍ଟଗୁଡ଼ିକୁ ନେଇ ସେମାନଙ୍କ ଉପରେ ଲଦି ଦେଇଥା'ନ୍ତି; କାରଣ ପରମ ପ୍ରଜ୍ଞା କେବଳ ତାଙ୍କରି ଥାଏ । ୨୮ ଜାନୁଆରି, ୧୯୭୦

**୩୧୧. ଆଦର୍ଶ କେତେବେଳେ ଓ କେଉଁପରି ଭାବରେ ପରିପୂର୍ଣ୍ଣ ହେବ, ତୁମେ କଦାପି ତାହାର ସମୟ ଓ ମାର୍ଗକୁ ଧାର୍ଯ୍ୟ କରି ଦିଅ ନାହିଁ । ତୁମେ କର୍ମକରିଚାଲ ଓ ସର୍ବବିଦ୍ ଈଶ୍ୱରଙ୍କ ହାତରେହିଁ ସମୟ ତଥା ମାର୍ଗର ବିଚାରକୁ ଛାଡ଼ି ଦିଅ ।**

**୩୧୨. ଏପରି ଭାବରେ କାର୍ଯ୍ୟ କର, ସତେଯେପରି ଅତ୍ୟନ୍ତ ଶୀଘ୍ର ଓ ତୁମର ଜୀବଦ୍ଦଶାରେହିଁ ଆଦର୍ଶର ପରିପୂର୍ତ୍ତି ହେବାକୁ ଯାଉଛି । ଅବିରତ ଉଦ୍ୟମ କର, ସତେଯେପରି ତୁମେ ଜାଣିଛ ଯେ ଆହୁରି ହଜାରେ ବର୍ଷର ପରିଶ୍ରମ ନ ଲାଗିଲେ ତାହା କଦାପି ସମ୍ଭବ ହେବ ନାହିଁ । ତେବେ, ତୁମେ ପାଞ୍ଚ ହଜାର ବର୍ଷ ମଧ୍ୟରେ ବି ଯାହା ସମ୍ଭବ ହେବ ବୋଲି ଆଶା କରି ନ ଥିଲ, ତାହା ହୁଏତ କାଲି ପ୍ରତ୍ୟୁଷ ହେଲା ବେଳକୁ ପ୍ରସ୍ଫୁଟିତ ହୋଇଉଠିବ; ଏବଂ, ଯାହା ହେବ ବୋଲି ତୁମେ ଆଶା କରୁଛ ଓ ଯାହା ଲାଗି ବର୍ତ୍ତମାନ ବାସନା ରଖିଛ, ତାହା ହୁଏତ ତୁମ ଲାଗି ତୁମର ଶତତମ ଜନ୍ମରେହିଁ ନିର୍ଦ୍ଧାରିତ ହୋଇ ରହିଛି ।**

ରୂପାନ୍ତର ବିଷୟରେ ଆମ ସମସ୍ତଙ୍କର ଠିକ୍ ଏହି ଦୃଷ୍ଟିକୋଣ ରହିବା ଉଚିତ । ଆମର ଏହି ଜୀବନରେହିଁ ଏହା ସମ୍ଭବ ହେବ ବୋଲି ଆମେ ସୁନିଶ୍ଚିତ ହୋଇଥିବା ପରି ଆମେ ଏଥିଲାଗି ଶକ୍ତି ଦେବା ଏବଂ ଉତ୍ସାହ ରଖିବା; ଏହାକୁ ଉପଲବ୍ଧି କରିବା ଲାଗି ସତେଅବା ଶତାବ୍ଦୀ ଶତାବ୍ଦୀ ସମୟ ଲାଗିବ, ଆମର ଠିକ୍ ସେହି ଅନୁପାତରେ ଧୈର୍ଯ୍ୟ ଓ ସହିଷ୍ଣୁତା ମହଜୁଦ ରହିଥିବ । ୨୯ ଜାନୁଆରି, ୧୯୭୦

**୩୧୩. ଆମ ପ୍ରତ୍ୟେକ ବ୍ୟକ୍ତିର ଏହି ଜଗତରେ ଏକନିୟୁତ ଜୀବନ ସଂପୂର୍ଣ୍ଣ କରିବାକୁ ରହିଛି । ତେବେ, ଏପରି ତରତର ହେଉଛ କାହିଁକି, ଏପରି କୋଳାହଳ କରୁଛ କାହିଁକି ଓ ଅଧୀର ହୋଇପଡୁଛ କାହିଁକି ?**

**୩୧୪. ଶୀଘ୍ର ବାଟ ଚାଲ, କାରଣ ଲକ୍ଷ୍ୟସ୍ଥଳ ବହୁଦୂରରେ ରହିଛି; ଅକାରଣରେ ଆଦୌ କୌଣସି ବିଶ୍ରାମ ନିଅ ନାହିଁ, କାରଣ ତୁମର ପ୍ରଭୁ ତୁମର ଏହି ଯାତ୍ରାଶେଷରେ ତୁମ ଲାଗି ଅପେକ୍ଷା କରି ରହିଛନ୍ତି ।**

ସବୁଥର ପରି ଏଠାରେ ମଧ୍ୟ ଶ୍ରୀଅରବିନ୍ଦ ସମସ୍ୟାଟିର ପ୍ରତ୍ୟେକ ଦିଗ ଉପରେ ଦୃଷ୍ଟିପାତ କରିଛନ୍ତି, ଏବଂ, ଅସ୍ଥିର ହେଉଥିବା ବ୍ୟକ୍ତିମାନଙ୍କୁ ସ୍ଥୈର୍ଯ୍ୟ ଓ ଧୈର୍ଯ୍ୟ ଲାଗି ପରାମର୍ଶ ଦେଇ ସିଏ ଅଳସୁଆମାନଙ୍କୁ ଜାଗ୍ରତ କରି ଦେଉଛନ୍ତି ଏବଂ ଶକ୍ତିମାନ୍ ହେବାକୁ ପରାମର୍ଶ ଦେଉଛନ୍ତି । ଏହିପରି ବିପରୀତଗୁଡ଼ିକର ସମ୍ମିଳନରେହିଁ ଯଥାର୍ଥ ପ୍ରଜ୍ଞା ଏବଂ ସମଗ୍ର ଫଳପ୍ରଦତା ନିହିତ ହୋଇ ରହିଛି ।

୩୦ ଜାନୁଆରି, ୧୯୭୦

**୩୧୫. ଆମର ଏହି ସାନ ଦିବସଟିର ଅବସାନ ହେବା ପୂର୍ବରୁ ଅଥବା ଅଳ୍ପକେତୋଟି କ୍ଷଣସମାହୃତ ଶତାବ୍ଦୀ ମଧ୍ୟରେ ସୁନାର ପର୍ବତ ପାଖରେ ଆମେ ଯାଇ ପହଞ୍ଚିପାରିବୁ ନାହିଁ ବୋଲି ଯେଉଁ ଧୈର୍ଯ୍ୟହୀନତା ବାଳବତ୍ ଏଡ଼େ ଚିତ୍କାର କରି ଆଦର୍ଶକୁ ନିନ୍ଦିବାରେ ଓ ଅସ୍ୱୀକାର କରିବାରେ ଲାଗିଥାଏ, ଏଥିରେ ମୁଁ ବିବ୍ରତ ହୋଇପଡ଼େ ।**

**୩୧୬. ଆଦୌ କୌଣସି ବାସନା ନ ରଖି ତୁମର ଆତ୍ମାକୁ ଲକ୍ଷ୍ୟଉପରେ ଦୃଢ଼ ନିବଦ୍ଧ କରି ରଖିଥାଅ ଏବଂ ନିଜ ଭିତରେ ରହିଥିବା ଦିବ୍ୟ ଶକ୍ତିକୁ କାମରେ ଲଗାଇ ତାହାର ଅନୁଧାବନ କରୁଥାଅ । ତେବେ ତୁମର ଲକ୍ଷ୍ୟହିଁ ତୁମର ସାଧନଗୁଡ଼ିକୁ ସ୍ୱୟଂ ସୃଷ୍ଟି କରି ଆଣିବ; ନାଇଁ– ତାହା ସ୍ୱୟଂ ଆପଣାର ସାଧନରେ ପରିଣତ ହୋଇଯିବ । କାରଣ ଲକ୍ଷ୍ୟ ହେଉଛନ୍ତି ସ୍ୱୟଂ ବ୍ରହ୍ମ, ଓ ସିଏ ପୂର୍ବରୁହିଁ ପ୍ରତିଷ୍ଠିତ ହୋଇ ରହିଛନ୍ତି; ଏହାକୁ ତୁମେ ସର୍ବଦା ସେହି ବ୍ରହ୍ମ ବୋଲି ଦେଖ, ଆପଣାର ଆତ୍ମା ଭିତରେ ତୁମେ ତାହା ପୂର୍ବରୁହିଁ ପ୍ରତିଷ୍ଠିତ ହୋଇ ସର୍ବଦା ଦେଖିବାକୁ ସମର୍ଥ ହୁଅ ।**

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମେ ସମସ୍ତେ ଆମ ନିଜର ଆତ୍ମା ମଧ୍ୟରେହିଁ ସେହି ଚିରନ୍ତନ ଯାତ୍ରାର ଦିବ୍ୟ ଲକ୍ଷ୍ୟଟିକୁ ବହନ କରିବାରେ ଲାଗିଛୁ । ଏବଂ, କେବଳ

ଆମର ବ୍ୟକ୍ତିଗତ ସାମର୍ଥ୍ୟହୀନତାର କାରଣରୁହିଁ ଆମେ ସେହି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଜ୍ଞାନ ହେବାରୁ ବଞ୍ଚିତ ହୋଇ ରହିଛୁ ।

ସେହି ସର୍ବୋଚ୍ଚ ପ୍ରଭୁ (ବ୍ରହ୍ମ)ଙ୍କ ପାଖରେ ନିଜକୁ ସମଗ୍ର ଏବଂ ସର୍ତ୍ତହୀନ ଭାବରେ ନେଇ ସମର୍ପିତ କରିଦେବା,— ଏହି ସାମର୍ଥ୍ୟହୀନତାରୁ ମୁକ୍ତ ହେବା ନିମନ୍ତେ ତାହାହିଁ ଏକାମାତ୍ର ଏବଂ ଅମୋଘ ଉପାୟ ।

୧ ଫେବ୍ରୁଆରି, ୧୯୭୦

**୩୧୭. ବୁଦ୍ଧିକୁ ଖଟାଇ କୌଣସି ଯୋଜନା କର ନାହିଁ, ତୁମର ଦିବ୍ୟ ଦୃଷ୍ଟିକୁହିଁ ତୁମ ଲାଗି ତୁମର ସକଳ ଯୋଜନା କରିବା ଲାଗି ବାଟ ଛାଡ଼ିଦିଅ । ଯେତେବେଳେ ଏକ କର୍ତ୍ତବ୍ୟ ରୂପେ କୌଣସି ସାଧନ ଆସି ତୁମ ପାଖରେ ପହଞ୍ଚୁଛି, ତୁମେ ତାହାକୁହିଁ ଆପଣାର ଲକ୍ଷ୍ୟ ରୂପେ ଗ୍ରହଣ କରିନିଅ । ଲକ୍ଷ୍ୟସ୍ଥଳଟି ବିଷୟରେ ଏତିକି କୁହାଯାଇ ପାରିବ ଯେ, ଧରାପୃଷ୍ଠରେ ତାହା ବର୍ତ୍ତମାନ ଆପଣାକୁ ସମ୍ପାଦିତ କରିବାରେ ଲାଗିଛି ଏବଂ ତୁମର ଆତ୍ମାରେ ତାହା ପୂର୍ବରୁହିଁ ସମ୍ପାଦିତ ହୋଇ ରହିଛି ।**

**୩୧୮. ମନୁଷ୍ୟମାନେ ଘଟଣାଗୁଡ଼ିକୁ ଅସମ୍ପାଦିତ ରୂପରେ ଦେଖନ୍ତି; ସେଗୁଡ଼ିକ ଲାଗି ଉଦ୍ୟମ କରିବାକୁ ହେବ ଏବଂ ସମ୍ପନ୍ନ କରିବାକୁ ହେବ ବୋଲି ଅନୁଭବ କରୁଥା'ନ୍ତି । ଏହା ଏକ ଭ୍ରମାତ୍ମକ ଦୃଷ୍ଟି; ଘଟଣାଗୁଡ଼ିକ ଆଦୌ ସମ୍ପନ୍ନ ହୁଅନ୍ତି ନାହିଁ, ସେଗୁଡ଼ିକ ବିକାଶଲାଭ କରୁଥା'ନ୍ତି । ବ୍ରହ୍ମ ହେଉଛନ୍ତି ଯଥାର୍ଥ ଘଟଣା, ପୂର୍ବରୁହିଁ ସେ ପ୍ରତିଷ୍ଠିତ ହୋଇ ରହିଛନ୍ତି ଏବଂ ବର୍ତ୍ତମାନ ଆପଣାକୁ ବ୍ୟକ୍ତ କରୁଛନ୍ତି ।**

ଏହି କଥାଟିକୁ ଏପରି ଭାବରେ ମଧ୍ୟ କହିହେବ : ଶାଶ୍ୱତ କାଳରୁ ପ୍ରତ୍ୟେକ ବସ୍ତୁ ରହିଛି; ଏବଂ, ଆମେ ଯାହାକୁ ଜଡ଼ ଜଗତ ବୋଲି କହୁଛୁ, ସେଥିରେ ଆମେ ଉତ୍ତରୋତ୍ତର ଭାବରେ ଏହି ବିଷୟରେ ସଚେତନ ହେବାରେ ଲାଗିଛୁ ।

ଦେଖିବାର ଏବଂ କହିବାର ଏହି ମାର୍ଗକୁ ମନୁଷ୍ୟର ସାଧାରଣ ଚେତନାର କ୍ଷେତ୍ରରେ ଏକ ସଂପୂର୍ଣ୍ଣ ଉତ୍କ୍ରାନ୍ତି ବୋଲି କୁହାଯିବ ।

୨ ଫେବ୍ରୁଆରି, ୧୯୭୦

**୩୧୯. କୌଣସି ଜ୍ୟୋତିଷ୍କର ଆଲୋକ ଯେପରି ସେହି ଜ୍ୟୋତିଷ୍କଟି ନିଭିଯିବାର ଶହଶହ ବର୍ଷ ପରେ ପୃଥିବୀରେ ଆସି ପହଞ୍ଚିଥାଏ, ସେହିପରି ଆରମ୍ଭରୁହିଁ ବ୍ରହ୍ମ ମଧ୍ୟରେ ପ୍ରତିଷ୍ଠିତ ହୋଇ ସାରିଥିବା ଏକ ଘଟଣା ଆମର ଭୌତିକ ଅନୁଭବ ମଧ୍ୟରେ ବର୍ତ୍ତମାନ ଆପଣାକୁ ବ୍ୟକ୍ତ କରିବାରେ ଲାଗିଛି ।**

ହଁ, ମାତ୍ର, ଆମେ ଯେ ଏହି ଘଟଣାଟିରେ ଏକ ଅଂଶ ଗ୍ରହଣ କରିବା, ସେହି ବିଷୟରେ ପରମବ୍ରହ୍ମଙ୍କର ଇଚ୍ଛା ସେହି ଆଦି ମୁହୂର୍ତ୍ତଟିରୁହିଁ ସନ୍ନିବେଶିତ ହୋଇ ରହିଛି ଏବଂ ସେମାନଙ୍କର ସମ୍ବନ୍ଧଟି ମଧ୍ୟ ଠିକ୍ ସେହିପରି ରହିଛି । ତେଣୁ, ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମେ ଆଉ ବ୍ୟକ୍ତିଗତ ଆବେଗ ଦ୍ୱାରା ପରିଚାଳିତ ହୋଇ ଆଉ କୌଣସି କାର୍ଯ୍ୟ କରିବା ନାହିଁ, ମାତ୍ର ବ୍ରହ୍ମଙ୍କଠାରୁ ପ୍ରାପ୍ତ ଆଦେଶ ଦ୍ୱାରା ପ୍ରେରିତ ହୋଇ ତାହା କରିବା ।

୪ ଫେବ୍ରୁଆରି, ୧୯୭୦

**୩୨୦. ସରକାର, ନାନା ସମିତି, ରାଜା, ପୁଲିସ୍, ବିଚାରକ, ଅନୁଷ୍ଠାନ, ଗିର୍ଜା, ଆଇନ୍‌କାନୁନ୍, ରୀତି ଓ ସେନାବାହିନୀ, ଏଗୁଡ଼ିକ ଗୋଟିଏ ଗୋଟିଏ ଅସ୍ଥାୟୀ ଆବଶ୍ୟକତା ରୂପେହିଁ ମାତ୍ର କେତୋଟି ଶତାବ୍ଦୀ-ସମଷ୍ଟି ଧରି ଆମ ଉପରେ ଲଦାହୋଇ ରହିଛି, କାରଣ ପରମେଶ୍ୱର ଆମଠାରୁ ଆପଣାର ମୁଖକୁ ଗୋପନ କରି ରଖିଛନ୍ତି । ଯେତେବେଳେ ଆପଣାର ସତ୍ୟ ଓ ସୌନ୍ଦର୍ଯ୍ୟ ସହିତ ଆମ ଆଗରେ ତାହାର ପୁନରାବିର୍ଭାବ ଘଟିବ, ସେତେବେଳେ ସେହି ଆଲୋକ ମଧ୍ୟରେ ସେମାନେ ସମସ୍ତେ କୁଆଡ଼େ ଅନ୍ତର୍ହିତ ହୋଇ ଚାଲିଯିବେ ।**

**୩୨୧. ପ୍ରଥମରେ ଯେପରି ଥିଲା, ସବାଶେଷରେ ମଧ୍ୟ ମନୁଷ୍ୟର ଯଥାର୍ଥ ଦିବ୍ୟ ବ୍ୟବସ୍ଥାରୂପେ ସେହି ନୈରାଜ୍ୟହିଁ ରହିଛି । ମାତ୍ର, ମଝିରେ ଏହା ଆମକୁ ସିଧା ସଇତାନ ନିକଟକୁ ଏବଂ ତାହାର ରାଜ୍ୟ ଭିତରକୁ ମଧ୍ୟ ପରିଚାଳିତ କରି ନେଇଯିବ ।**

ନୈରାଜ୍ୟବାଦୀ ବ୍ୟବସ୍ଥା ହେଉଛି ପ୍ରତ୍ୟେକ ବ୍ୟକ୍ତିର ଆତ୍ମଶାସନମୂଳକ ବ୍ୟବସ୍ଥା । ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ଅନ୍ତରସ୍ଥ ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ

ହେବ ଏବଂ କେବଳ ତାଙ୍କରି ବୋଲହିଁ ମାନିବ, ସେତିକିବେଳେ ଯାଇ ତାହା ଏକ ଦୋଷମୁକ୍ତ ଶାସନଧାରା ରୂପେ ପ୍ରତିଷ୍ଠିତ ହୋଇ ପାରିବ ।

୫ ଫେବ୍ରୁଆରି, ୧୯୭୦

**୩୨୨. ଈର୍ଷା ଏବଂ ପାରସ୍ପରିକ ସଂହାରନୀତିଠାରୁ ଭ୍ରାତୃତ୍ୱ ଯେପରି ଏକ ଉଚ୍ଚତର ଓ ଅଧିକ ଯୋଗ୍ୟ ବ୍ୟବସ୍ଥା, ସମାଜ ବିଷୟରେ ରହିଥିବା ସାମ୍ୟବାଦୀ (କମ୍ୟୁନିଷ୍ଟ) ସିଦ୍ଧାନ୍ତଟି ତାତ୍ତ୍ୱିକ ଭାବରେ ସେହିପରି ବ୍ୟକ୍ତିବାଦୀ ସିଦ୍ଧାନ୍ତଠାରୁ ଏକ ଉଚ୍ଚତର ଓ ଯୋଗ୍ୟତର ବ୍ୟବସ୍ଥା । ମାତ୍ର, ବ୍ୟାବହାରିକ କ୍ଷେତ୍ରରେ ଇଉରୋପରେ ସମାଜବାଦର ଯେତେଯେତେ ଯୋଜନାର ଉଦ୍ଭାବନ କରାଯାଇଛି, ତାହା ମଣିଷର ବେକରେ ଗୋଟାଏ ଯୁଆଳିକୁ ଆଣି ଲଦିଦେଇଛି, ମଣିଷ ଉପରେ ଉତ୍ପୀଡ଼କ ହୋଇଛି ଓ ମଣିଷକୁ କାରାଗାର ଭିତରେ ନେଇ ପୂରାଇ ଦେଇଛି ।**

**୩୨୩. ଯଦି ଏହି ପୃଥିବୀପୃଷ୍ଠରେ ସାମ୍ୟବାଦ (କମ୍ୟୁନିଜିମ୍) କେବେ ମଧ୍ୟ ଆପଣାକୁ ସଫଳ ଭାବରେ ପୁନଃପ୍ରତିଷ୍ଠିତ କରିପାରିବ, ତେବେ ତାହା କେବଳ ଆତ୍ମାର ଭ୍ରାତୃତ୍ୱ ଏବଂ ଅହଂଭାବନାର ଅବସାନର ଭିତ୍ତି ଉପରେ ପ୍ରତିଷ୍ଠିତ ହେବ । ବଳପ୍ରୟୋଗ ଦ୍ୱାରା ସମସ୍ତଙ୍କୁ ଏକତ୍ର ରୁଣ୍ଡାଇବାର ଚେଷ୍ଟା କରାଗଲେ ଓ କେବଳ ଯାନ୍ତ୍ରିକ ଭାବରେ ସହଚାରିତାର ସ୍ଥାପନା ହେଲେ ତାହା ଶେଷକୁ ପୃଥିବୀସାରା କେବଳ ଏକ ବ୍ୟର୍ଥତାରେହିଁ ଶେଷ ହୋଇଯିବ ।**

**୩୨୪. ବେଦାନ୍ତକୁ ବାସ୍ତବରେ ପରିଣତ କରିବା— ତାହାହିଁ ହେଉଛି ଏକ ସାମ୍ୟବାଦୀ (କମ୍ୟୁନିଷ୍ଟ) ସମାଜର ଏକମାତ୍ର ବ୍ୟାବହାରିକ ଭିତ୍ତି । ଖ୍ରୀଷ୍ଟିଆନ୍ ଧର୍ମର କଳ୍ପିତ ସନ୍ଥମାନଙ୍କର ଶାସନ ମଧ୍ୟରେ ସେହି ସ୍ୱପ୍ନହିଁ ରହିଥିଲା । ଇସ୍‌ଲାମ୍ ଏବଂ ପୁରାଣସ୍ଥ ହିନ୍ଦୁଧର୍ମରେ ମଧ୍ୟ ତାହାରି କଳ୍ପନା କରାଯାଇଥିଲା ।**

ଶ୍ରୀଅରବିନ୍ଦ ଆମକୁ ଯେପରି ଏଡ଼େ ପ୍ରାଞ୍ଜଳ ଭାବରେ କହିଛନ୍ତି, ବ୍ୟକ୍ତିବାଦ ହେଉଛି ଈର୍ଷା ଉପରେ ଆଧାରିତ ଏକ ଜୀବନ, ଯାହାକି ନିଜେ ନିଜକୁ ଉଚିତ ବୋଲି କହିବାରେ ଲାଗିଥାଏ । ଏଥିରେ ପ୍ରତ୍ୟେକ ବ୍ୟକ୍ତି କେବଳ ନିଜ ଲାଗିହିଁ ରାଜତ୍ୱ କରିବାରେ ଲାଗିଥାଏ ।

ମାତ୍ର, ବିଶ୍ୱବ୍ୟାପୀ ଅବିମିଶ୍ରିତ ଭାବରେ ସକଳ ସତ୍ତାରେ ବିଦ୍ୟମାନ ଓ ସଚେତନ ରହିଥିବା କେବଳ ସେହି ସର୍ବୋଚ୍ଚ ପରମପ୍ରଭୁଙ୍କର ରାଜ୍ୟର ପ୍ରତିଷ୍ଠା,— ତାହାହିଁ ହେଉଛି ଏହାର ଏକମାତ୍ର ପ୍ରତିକାରର ଉପାୟ । ଯେଉଁମାନେ ଯଥାର୍ଥ ଭାବରେ ତାଙ୍କ ବିଷୟରେ ସଚେତନ ହୋଇଥିବେ ଏବଂ ତାଙ୍କରି ଇଚ୍ଛା ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଥିବେ, ସେତେବେଳେ ସେହି ବ୍ୟକ୍ତିମାନେହିଁ ଏକ ଅନ୍ତଃବର୍ତ୍ତୀ ଶାସନବ୍ୟବସ୍ଥାର ପ୍ରଚଳନ କରିବେ । ୭ ଫେବ୍ରୁଆରି, ୧୯୭୦

**୩୨୫. ଫରାସୀ ବିପ୍ଳବର ବିପ୍ଳବୀମାନେ ''ମୁକ୍ତି, ସମତା, ଭ୍ରାତୃତ୍ୱ'' ବୋଲି ନାଦ ଦେଇଥିଲେ, ମାତ୍ର, ବାସ୍ତବ କ୍ଷେତ୍ରରେ, ସମତାର କିଞ୍ଚିତ୍ ପରଖ ସହିତ କେବଳ ମୁକ୍ତିରହିଁ ପ୍ରୟୋଗ ସମ୍ଭବ ହୋଇପାରିଲା । ଭ୍ରାତୃତ୍ୱ ବିଷୟରେ କହିବାକୁ ଗଲେ, କେବଳ କେନ୍-ସ୍ୱଭାବରହିଁ ଏକ ଭ୍ରାତୃତ୍ୱର ପ୍ରତିଷ୍ଠା ହେଲା,— ବାରାବ୍‌ବାସ୍‌ର ଭ୍ରାତୃତ୍ୱ ମଧ୍ୟ ପ୍ରତିଷ୍ଠିତ ହେଲା । ବେଳେବେଳେ ତାହା ଆପଣାକୁ ଏକ ଟ୍ରଷ୍ଟ୍ ବା କମ୍ବାଇନ୍ ବୋଲି ଅଭିହିତ କରୁଛି, ଏବଂ ବେଳେବେଳେ ଆପଣାକୁ ଇଉରୋପର ଏକ ଗୋଷ୍ଠୀ ବୋଲି ମଧ୍ୟ କହୁଛି ।**

**୩୨୬. ଇଉରୋପର ପ୍ରଗତିଶୀଳ ବିଚାର ଚିତ୍କାର କରି କହୁଛି, ''ଯେହେତୁ ମୁକ୍ତି ବିଫଳ ବୋଲି ପ୍ରମାଣିତ ହୋଇଛି, ଚାଲ ଆମେ ମୁକ୍ତି ଆଉ ସମତାକୁ ଏକାଠି ମିଶାଇ ନୂତନ ଭାବରେ ପରୀକ୍ଷା କରିବା; ଅଥବା, ଦୁଇଟିଯାକକୁ ଏକାଠି କରି ଯୋଡ଼ିବା ଟିକିଏ କଷ୍ଟକର ହେଉଥିବାରୁ, ମୁକ୍ତି ବଦଳରେ ସମତାକୁହିଁ ଗ୍ରହଣ କରିବା । ମାତ୍ର ଭ୍ରାତୃତ୍ୱ କେବେହେଲେ ସମ୍ଭବ ହେବ ନାହିଁ । ତେଣୁ ଆମେ ଉଦ୍ୟୋଗକ୍ଷେତ୍ରରେ ସମିତିମାନ ଗଢ଼ି ତାହାର ଏକ ବିକଳ୍ପ ଯୋଗାଇ ଦେବାକୁ ଚେଷ୍ଟା କରିବା ।'' ମାତ୍ର, ମୁଁ ଭାବୁଛି, ଏଥର ମଧ୍ୟ ଭଗବାନ କଦାପି ଧୋକାରେ ପଡ଼ି ଯିବେ ନାହିଁ ।**

ମାତ୍ର ତଥାପି, ମୁକ୍ତି, ସମତା, ଭ୍ରାତୃଭାବ,— ଏଗୁଡ଼ିକ କେବଳ ଗୋଟିଏ ଗୋଟିଏ ଶବ୍ଦ ଯାହାକୁ କି ଲୋକେ ଏଡ଼େ ପାଟିକରି କହୁଛନ୍ତି ସତ, ମାତ୍ର ଆଦୌ ପ୍ରୟୋଗ ଭିତରକୁ ଆଣୁ ନାହାନ୍ତି । ଏବଂ, ମନୁଷ୍ୟମାନେ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛନ୍ତି, ସେହି ସ୍ଥିତିରେ

ରହିଥିବା ପର୍ଯ୍ୟନ୍ତ, ଏକମାତ୍ର ସେହି ସର୍ବୋଚ୍ଚ ପ୍ରଭୁ ଓ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପରିଚାଳିତ ନ ହୋଇ ନିଜର ଅହଂ ଏବଂ ଅହଂଗତ ଯାବତୀୟ ବାସନା ଦ୍ୱାରା ପରିଚାଳିତ ହେଉଥିବା ପର୍ଯ୍ୟନ୍ତ, ସେଗୁଡ଼ିକୁ କେବେହେଲେ ପ୍ରୟୋଗ ମଧ୍ୟକୁ ଅଣାଯାଇ ପାରିବ ନାହିଁ ।

୮ ଫେବ୍ରୁଆରି, ୧୯୭୦

**୩୨୭. ଗୋଷ୍ଠୀଗତ ଜୀବନ କ୍ଷେତ୍ରରେ ଭାରତବର୍ଷର ତିନିଗୋଟି ଦୁର୍ଗ ରହିଥିଲା,– ଗୋଟିଏ ହେଉଛି ଗ୍ରାମର ଗୋଷ୍ଠୀଜୀବନ, ତା'ପରେ ବୃହତ୍ତର ଯୌଥ ପରିବାର, ଏବଂ ତୃତୀୟଟି ହେଉଛି ସନ୍ନ୍ୟାସୀମାନଙ୍କର ନାନା ସମ୍ପ୍ରଦାୟ; ସାମାଜିକ ଜୀବନର ଅହଂବାଦୀ ବିଚାରଗୁଡ଼ିକ ଆସି ପ୍ରବେଶ କରିବା ପରେ ସେହି ଦୁର୍ଗଗୁଡ଼ିକ ଭାଙ୍ଗିଯାଇଛି ଅଥବା ଭାଙ୍ଗିଯିବାରେ ଲାଗିଛି । ମାତ୍ର, ଏହିସବୁ ଅପୂର୍ଣ୍ଣତାଯୁକ୍ତ ଗଢ଼ଣ ଭାଙ୍ଗିଯାଇ ଭାରତବର୍ଷରେ ଯେ ପ୍ରକୃତରେ ଏକ ବୃହତ୍ତର ଏବଂ ଦିବ୍ୟତର ସାମ୍ୟବାଦୀ ସମାଜର ସ୍ଥାପନା ଆଡ଼କୁ ବାଟ ଖୋଲିଦେଉଛି, ଏହି କ୍ଷେତ୍ରରେ ଏଭଳି ଏକ କଥା କୁହାଯାଇ ପାରିବ ନାହିଁ କି ?**

**୩୨୮. ଜଣେ ବ୍ୟକ୍ତି ବର୍ତ୍ତମାନ ଯାହାସବୁକୁ ସେ ନିଜେ ଅଥବା ନିଜର ବୋଲି କହୁଛି, ସେଗୁଡ଼ିକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ସମର୍ପଣ କରି ନ ଦେବା ପର୍ଯ୍ୟନ୍ତ ସିଏ କଦାପି ପୂର୍ଣ୍ଣତା ଲାଭ କରିପାରିବ ନାହିଁ । ଠିକ୍ ଏହିପରି ଭାବରେ, ମନୁଷ୍ୟସମାଜ ଆପଣାର ସବୁକିଛିକୁ ପରମେଶ୍ୱରଙ୍କୁ ନେଇ ଦେଇ ନ ଦେବା ପର୍ଯ୍ୟନ୍ତ ଏକ ପୂର୍ଣ୍ଣତାଯୁକ୍ତ ସମାଜ କଦାପି ସମ୍ଭବ ହେବ ନାହିଁ ।**

ମୁଁ ଆଗରୁ ଯେଉଁ କଥାଟିକୁ କହିବା ଲାଗି ଚେଷ୍ଟା କରୁଥିଲି, ଶ୍ରୀଅରବିନ୍ଦ ଏଠାରେ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଭାବରେ ଠିକ୍ ସେହି କଥା ଲେଖିଛନ୍ତି : ସର୍ବତ୍ର ଏବଂ ସକଳ ବସ୍ତୁରେ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଶାସନ ସ୍ୱୀକୃତ ହୋଇ ନ ପାରିବା ପର୍ଯ୍ୟନ୍ତ ଆଦୌ କୌଣସି ପରିପୂର୍ଣ୍ଣତାର ଉପଲବ୍ଧି ହୋଇ ପାରିବ ନାହିଁ ।

* * *

ଯେତେବେଳେ ସବୁ ମଣିଷ ସର୍ବୋଚ୍ଚ ପରମସତ୍ତାଙ୍କର ଯଥାର୍ଥ ମୁକ୍ତିକୁ ଜାଣିବେ, କେବଳ ସେତିକିବେଳେ ଯାଇ ମୁକ୍ତିର ଅଭିବ୍ୟକ୍ତି ଘଟି ପାରିବ ।

ଯେତେବେଳେ ସବୁ ମଣିଷ ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହେବେ, କେବଳ ସେତିକିବେଳେ ଯାଇ ଯଥାର୍ଥ ସମଭାବନାର ଅଭିବ୍ୟକ୍ତି ଘଟିବ ।

ସେମାନେ ଯେ ସମସ୍ତେ ସେହି ଗୋଟିଏ ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଉଦ୍ଭୂତ ହୋଇ ଆସିଛନ୍ତି ଓ ତାଙ୍କରି ପରମ ଏକତ୍ୱ ମଧ୍ୟରେ ଗୋଟିଏ ହୋଇ ରହିଛନ୍ତି, ମନୁଷ୍ୟମାନେ ସେହି କଥାଟିକୁ ଅନୁଭବ କରିପାରିଲେ ଯାଇ ଭ୍ରାତୃତ୍ୱର ଯଥାର୍ଥ ଅଭିବ୍ୟକ୍ତି ସମ୍ଭବ ହେବ ।

୯ ଫେବ୍ରୁଆରି, ୧୯୭୦

**୩୨୯. ପରମେଶ୍ୱରଙ୍କ ଆଖିରେ ଛୋଟ ବୋଲି ଆଦୌ କିଛି ନାହିଁ; ତେଣୁ ତୁମ ଆଖିରେ ମଧ୍ୟ ଆଦୌ କିଛି ଛୋଟ ହୋଇ ନ ରହୁ । ଗୋଟିଏ ସାମ୍ରାଜ୍ୟକୁ ଗଠନ କରିବାରେ ସିଏ ଯେତିକି ଦିବ୍ୟଶକ୍ତିର ଶ୍ରମ ପ୍ରଦାନ କରନ୍ତି, ଗୋଟିଏ ଶାମୁକାର ନିର୍ମାଣରେ ମଧ୍ୟ ସେତିକି ଶ୍ରମ ଆଣି ଖଟାଇଥା'ନ୍ତି । ଏବଂ ତୁମ ଲାଗି, ବିଳାସ ମଧ୍ୟରେ ରହିଥିବା ଜଣେ ଅପାରଗ ରାଜା ହେବା ଅପେକ୍ଷା ଜଣେ ଭଲ ମୋଚି ହେବାହିଁ ନିଶ୍ଚୟ ଅଧିକ ବଡ଼ କଥା ହେବ ।**

**୩୩୦. ତୁମ ଲାଗି ଯେଉଁ କାର୍ଯ୍ୟଟି ଉଦ୍ଦିଷ୍ଟ ହୋଇଛି, ସେଥିଲାଗି ତୁମର ସାମର୍ଥ୍ୟ ଯେତେ ଅପୂର୍ଣ୍ଣ ହୋଇଥିଲେ ଓ ସେଥିରୁ ତୁମକୁ ମିଳୁଥିବା ଫଳ ଯେତେ ଅପୂର୍ଣ୍ଣ ହୋଇଥିଲେ ମଧ୍ୟ ତୁମ ଲାଗି ତାହାହିଁ ଏକ କୃତ୍ରିମ କାର୍ଯ୍ୟଦକ୍ଷତା ଏବଂ ମାଗି ଆଣିଥିବା ପରିପୂର୍ଣ୍ଣତା ଅପେକ୍ଷା ନିଶ୍ଚୟ ଅଧିକ ଭଲ ହେବ ।**

**୩୩୧. ଫଳହିଁ କଦାପି କର୍ମର ଅଭୀଷ୍ଟ ନୁହେଁ; ମାତ୍ର ବିକଶିତ ହେବାରେ, ଜଣେ ଦ୍ରଷ୍ଟା ହୋଇ ଉଠିବାରେ ଏବଂ କର୍ମସମ୍ପାଦନ କରିବାରେ ସେହି ଶାଶ୍ୱତ ଭଗବତ୍-ଆନନ୍ଦର ଅନୁଭବ, ତାହାହିଁ ଅଭୀଷ୍ଟ ।**

ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଯେ, କୌଣସି କାର୍ଯ୍ୟର ମହତ୍ତ୍ୱ ତାହାର ପରିସରଟି ଉପରେ ମୋଟେ ନିର୍ଭର କରେ ନାହିଁ, ଏବଂ ତାହାର ପରିପୂର୍ଣ୍ଣତା ଆଦୌ ପରିସ୍ଥିତି ବା ବାହ୍ୟ

ଅନୁକୂଳତାଗୁଡ଼ିକ ଉପରେ ନିର୍ଭର କରେ ନାହିଁ । ମାତ୍ର, ଯେଉଁ ସମର୍ପଣଭାବ ଦ୍ୱାରା କାର୍ଯ୍ୟଟିକୁ କରାଯାଏ, ତାହା ମଧ୍ୟରେ ରହିଥିବା ଆନ୍ତରିକତା ଉପରେହିଁ ନିର୍ଭର କରେ ।

ତୁମେ ଯେଉଁ କାର୍ଯ୍ୟଟିକୁ କରିବ ବୋଲି ଦିବ୍ୟ ପରମସତ୍ତା ଇଚ୍ଛା କରୁଛନ୍ତି, ଆପଣା ସତ୍ତାର ଏକ ସମଗ୍ର ଉତ୍ସର୍ଗଭାବ ଦ୍ୱାରା ସେହି କାର୍ଯ୍ୟଟିକୁ କରିବା : କେବଳ ଏହି କଥାଟିର ଯାହାକିଛି ମହତ୍ତ୍ୱ ଅଛି; କର୍ମର ବାହ୍ୟ ପରିସର ଓ ସମ୍ଭାବନାଟିର କୌଣସି ମୂଲ୍ୟ ନାହିଁ ।

୧୦ ଫେବ୍ରୁଆରି, ୧୯୭୦

**୩୩୨.** **ପରମେଶ୍ୱରଙ୍କର ପୃଥିବୀ ସୋପାନ ସୋପାନ ହୋଇ ଅଗ୍ରଗତି କରୁଛି : ପ୍ରକୃତ ଗମ୍ଭୀରତା ସହିତ କୌଣସି ବୃହତ୍ତର ଏକକକୁ ନେଇ ପ୍ରୟାସ ଆରମ୍ଭ କରିବା ପୂର୍ବରୁହିଁ ତାହା କ୍ଷୁଦ୍ରତର ଏକକଟିକୁ ପ୍ରଥମେ ପରିପୂର୍ଣ୍ଣ କରି ଆଣୁଛି । ଯଦି ତୁମେ ସମଗ୍ର ପୃଥିବୀକୁ ଗୋଟିଏ ଜାତିରେ ପରିଣତ ହେବାକୁ ଇଚ୍ଛା କରୁଛ, ତେବେ ପ୍ରଥମେ ପ୍ରତ୍ୟେକ ଜାତିର ସ୍ତରରେହିଁ ମୁକ୍ତି ଓ ସ୍ୱାଧୀନତାର ପ୍ରତିଷ୍ଠା କର ।**

**୩୩୩.** **ଗୋଟିଏ ରକ୍ତ, ଗୋଟିଏ ଭାଷା କିଂବା ଗୋଟିଏ ଧର୍ମ ହୋଇଗଲେ ତଦ୍ଦ୍ୱାରା ଗୋଟିଏ ଜାତି ଆଦୌ ତିଆରି ହୋଇ ନାହିଁ । ଏଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ସହାୟକ ଆଧାର ଏବଂ ଶକ୍ତିଶାଳୀ ଅନୁକୂଳତା । ମାତ୍ର, ଯେଉଁଠାରେ ମନୁଷ୍ୟମାନଙ୍କର ଗୋଷ୍ଠୀଗୁଡ଼ିକ ପରିବାରର ସୀମା ଭିତରେ ବାନ୍ଧିହୋଇ ନ ରହି ଆପଣାର ପୂର୍ବଜମାନଙ୍କଠାରୁ ପ୍ରାପ୍ତ ଏକ ସାଧାରଣ ଐତିହ୍ୟର ରକ୍ଷା କରିବା ଲାଗି ଅଥବା, ଭବିଷ୍ୟତ ବଂଶଧରମାନଙ୍କ ଲାଗି ଏକ ସାଧାରଣ ଭବିଷ୍ୟକୁ ସୁନିଶ୍ଚିତ କରି ରଖିବା ସକାଶେ ଗୋଟିଏ ଭାବନା ଏବଂ ଗୋଟିଏ ଅଭୀପ୍ସାରେ ପରସ୍ପର ସହିତ ମିଳିତ ହୋଇ ରହିଥା'ନ୍ତି, ସେଠାରେ ଏକ ଜାତି ପୂର୍ବରୁହିଁ ପ୍ରତିଷ୍ଠିତ ହୋଇ ରହିଛି ।**

**୩୩୪.** **ଜାତୀୟତା ହେଉଛି ପରିବାରର ସ୍ତରଟିକୁ ଡେଇଁ ଆହୁରି ଆଗକୁ ଯାଉଥିବା ସେହି ପ୍ରଗତିକାମୀ ଈଶ୍ୱରଙ୍କର ଏକ ପଦକ୍ଷେପ । ତେଣୁ, ଗୋଟିଏ ଜାତିକୁ ଜନ୍ମ ନେବାକୁ ହେଲେ, ପ୍ରଥମେହିଁ ବଂଶ ବା ବର୍ଗ**

**ପ୍ରତି ରହିଥିବା ଆନୁଗତ୍ୟକୁ ଦୁର୍ବଳ ଅଥବା ବିଲୁପ୍ତ କରିଦେବାକୁ ପଡ଼ିଥାଏ ।**

ଏଠାରେ ଶ୍ରୀଅରବିନ୍ଦ ଆମକୁ ଏପରି ଏକ ରାଜନୈତିକ ପ୍ରଚ୍ଛନ୍ନସତ୍ୟର ପରିଚୟ ଆଣି ଦେଉଛନ୍ତି, ଯାହାର ଉପଲବ୍ଧି ଆମକୁ ସକଳ ଜାତିର ଏକତା ଏବଂ ଶେଷରେ ସମଗ୍ର ମନୁଷ୍ୟଜାତିର ଏକତା ଆଡ଼କୁ ପରିଚାଳିତ କରି ନେଇଯାଇ ପାରିବ ।

୧୧ ଫେବ୍ରୁଆରି, ୧୯୭୦

**୩୩୫. ପରିବାର, ଜାତି ଏବଂ ସମଗ୍ରମାନବତା— ଏକ ବିଚ୍ଛିନ୍ନ ଏକତ୍ୱରୁ ଏକ ସାମୂହିକ ଏକତ୍ୱ ଆଡ଼କୁ ଗତି କରିବାରେ ଏଗୁଡ଼ିକ ହେଉଛନ୍ତି ବିଷ୍ଣୁଙ୍କର ତିନୋଟି ପଦକ୍ଷେପ । ପ୍ରଥମ ପଦକ୍ଷେପଟି ପରିପୂର୍ଣ୍ଣତା ଲାଭ କରି ସାରିଛି, ବର୍ତ୍ତମାନ ଦ୍ୱିତୀୟଟିକୁ ପରିପୂର୍ଣ୍ଣ କରିବା ଲାଗି ତଥାପି ପ୍ରୟାସ ଲାଗି ରହିଛି; ଆମେ ତୃତୀୟଟି ଆଡ଼କୁ ମଧ୍ୟ ହାତ ବଢ଼ାଇବାକୁ ଆରମ୍ଭ କରିଦେଲୁଣି ଏବଂ ଏହି ଦିଗରେ ପୁରୋଗାମୀ କାର୍ଯ୍ୟାନୁଷ୍ଠାନଟି ଲାଗି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଯାଇଛି ।**

**୩୩୬. ବର୍ତ୍ତମାନ ମନୁଷ୍ୟସମାଜ ନୈତିକତାର ଯେଉଁ ସ୍ତରରେ ରହିଛି, ସେହି ଦୃଷ୍ଟିରୁ ଏକ ଦୃଢ଼ ଏବଂ ଦୀର୍ଘସ୍ଥାୟୀ ମାନବ-ଐକ୍ୟ ତଥାପି ସମ୍ଭବ ହୋଇ ନାହିଁ । ମାତ୍ର ଏକ ଦୂରନ୍ତ ଅଭୀପ୍ସା ଏବଂ ଅକ୍ଳାନ୍ତ ପ୍ରୟାସର ପୁରସ୍କାର ସ୍ୱରୂପ ଆମେ ଯେ କାହିଁକି ସାମୟିକ ଭାବରେ ସେହି ଲକ୍ଷ୍ୟର ଅଧିକରୁ ଅଧିକ ନିକଟବର୍ତ୍ତୀ ନ ହେବା, ତାହାର ଆଦୌ କୌଣସି କାରଣ ନାହିଁ । ଏହିପରି ଭାବରେ ସତତ ଅଧିକରୁ ଅଧିକ ନିକଟବର୍ତ୍ତୀ ହେବା ଦ୍ୱାରା ତଥା ଆଂଶିକ ଉପଲବ୍ଧି ଏବଂ ସାମୟିକ ସଫଳତାପ୍ରାପ୍ତି ଦ୍ୱାରାହିଁ ପ୍ରକୃତି ଆଗକୁ ଆଗକୁ ଗତି କରିବାରେ ଲାଗିଥାଏ ।**

ଶ୍ରୀଅରବିନ୍ଦ ଯେପରି ଭବିଷ୍ୟବାଣୀ କରିଛନ୍ତି, ବର୍ତ୍ତମାନ ସକଳ ବସ୍ତୁ ତ୍ୱରାନ୍ୱିତ ଭାବରେ ଗତି କରୁଛନ୍ତି ଏବଂ ସେ ସୂକ୍ଷ୍ମ ଭୌତିକର ସ୍ତରରେ କାର୍ଯ୍ୟ ଆରମ୍ଭ କରିବା ପରେ ମନୁଷ୍ୟଜାତିର ସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଛି । ମାନବ-ଏକତାର ବିଚାରଟି ପ୍ରଭୂତ

ଭାବରେ ଅଗ୍ରସର ହୋଇପାରିଛି ଏବଂ ଅଧିକରୁ ଅଧିକ ପ୍ରସାର ମଧ୍ୟରେ ଲୋକେ ତାହାକୁ ବୁଝିବାକୁ ଆରମ୍ଭ କଲେଣି ।

୧୨ ଫେବ୍ରୁଆରି, ୧୯୭୦

**୩୩୭. ଅନୁକରଣ ବେଳେବେଳେ ବେଶ୍ ଏକ ଭଲ ତାଲିମ-ଜାହାଜ ପରି କାମ ଦିଏ; ମାତ୍ର ତାହା ଜାହାଜ ଉପରେ ସେନାପତିଙ୍କର ପତାକା ଉଡ଼ାଇବାକୁ ସମର୍ଥ ହେବ ନାହିଁ ।**

**୩୩୮. ସଫଳ ଅନୁକରଣକାରୀମାନଙ୍କର ଦଳରେ ସାମିଲ ହୋଇ ରହିବା ଅପେକ୍ଷା ବରଂ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିବା ଅଧିକ ଭଲ ।**

କଳାକାର ଏବଂ ଲେଖକମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ— ସେମାନେ ପ୍ରାୟ ପ୍ରତ୍ୟେକେ ଅନୁକରଣ କରୁଛନ୍ତି, ଖାଲି ନକଲ କରିବାରେ ଲାଗିଛନ୍ତି । ମାତ୍ର ତଥାପି, ଯେଉଁମାନେ ପ୍ରକୃତରେ ସୃଜନଶୀଳ ଓ ଯେଉଁମାନଙ୍କର କିଛି ନୂତନ କଥା କହିବାକୁ ବା ଦେଖାଇବାକୁ ରହିଛି, କେବଳ ସେହିମାନଙ୍କରହିଁ କିଛି ସୃଷ୍ଟି କରିବା ଉଚିତ ।

୧୩ ଫେବ୍ରୁଆରି, ୧୯୭୦

**୩୩୯. ଏହି ପୃଥିବୀରେ କର୍ମଗୁଡ଼ିକର ଧାରା ଅତ୍ୟନ୍ତ ଜଟିଳ ହୋଇ ରହିଥାଏ । ଯେତେବେଳେ ରାମ ଅବତାରରେ ଭଗବାନ୍ ବାଳୀକୁ ବଧ କଲେ, ବା, ନିଜର ବଂଶର ଉଦ୍ଧାର କରିବା ଲାଗି ସ୍ୱୟଂ ଭଗବାନ୍ କୃଷ୍ଣ ତାଙ୍କର ଅତ୍ୟାଚାରୀ ମାମୁଁ କଂସକୁ ହତ୍ୟା କଲେ, ସେତେବେଳେ ସେମାନେ ତଦ୍ୱାରା ଭଲ କଲେ କି ମନ୍ଦ କଲେ, ସେକଥା କିଏ କହିପାରିବ ? ମାତ୍ର, ଆମେ ଗୋଟିଏ କଥା ଅବଶ୍ୟ ଅନୁଭବ କରିପାରିବା ଯେ ସେମାନେ ଗୋଟିଏ ଗୋଟିଏ ଦିବ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ ।**

ଏଠାରେ ଏକ ଅତ୍ୟନ୍ତ ଭବ୍ୟ ଭାବରେ କୁହାଯାଇଛି ଯେ, ଏହି ମନୁଷ୍ୟହିଁ ଭଲ ଓ ମନ୍ଦ ବିଷୟରେ ଯାବତୀୟ ଧାରଣାର ପୋଷଣ କରିଥାଏ ଏବଂ ଦିବ୍ୟ ପରମସତ୍ତାଙ୍କର ଆଖିରେ ତାହାର ଆଦୌ କୌଣସି ମୂଲ୍ୟ ନ ଥାଏ ।

୧୬ ଫେବ୍ରୁଆରି, ୧୯୭୦

**୩୪୦. ଅଗ୍ରଗତି ମଧ୍ୟରେ ରହିଥିବା ଶକ୍ତିକୁ ବୃଦ୍ଧିପ୍ରାପ୍ତ ଏବଂ ବିଶୋଧିତ କରି ପ୍ରତିକ୍ରିୟା ଅଗ୍ରଗତିକୁ ଦୋଷମୁକ୍ତ ଏବଂ ତ୍ୱରାନ୍ୱିତ କରିଥାଏ । ଦୁର୍ବଳ ମନୁଷ୍ୟମାନଙ୍କର ସମୂହଟି ଏକଥା ମୋଟେ ଦେଖିପାରେ ନାହିଁ; ଝଡ଼ପବନର ମୁହଁରେ ପଡ଼ି ଜାହାଜଟି ଅସହାୟ ଭାବରେ ଛୁଟି ଚାଲି ଯାଉଥିବା ସମୟରେ ଦୁର୍ବଳମାନେ ନିଜର ପୋତାଶ୍ରୟକୁ ସ୍ମରଣ କରି ହତାଶ ହୋଇ ପଡ଼ନ୍ତି; ମାତ୍ର ସେତେବେଳେ ତାହା, ବୃଷ୍ଟି ତଥା ସମୁଦ୍ର ଉପରେ କାଟିହୋଇ ଯାଉଥିବା ସିଆରାଟି ଦ୍ୱାରା ଗୁପ୍ତ ହୋଇ ରହି, ପରମେଶ୍ୱରଙ୍କର ଅଭିପ୍ରେତ ଆଶ୍ରୟସ୍ଥାନଟି ଆଡ଼କୁ ଗତି କରିବାରେ ଲାଗିଥାଏ ।**

ଆମେ କେବେହେଲେ ହତାଶ ହୋଇ ପଡ଼ିବା ନାହିଁ, ଆମକୁ ସେହି ଶିକ୍ଷା ଦେବା ଲାଗି ଆମକୁ ଏକଥାଟି କୁହାଯାଇଛି । କାରଣ, ଯେଉଁମାନଙ୍କର ହୃଦୟ ନିର୍ମଳ ଥାଏ ଓ ଯେଉଁମାନଙ୍କଠାରେ ଅଟଳ ବିଶ୍ୱାସ ରହିଥାଏ, ସେମାନଙ୍କ ଲାଗି କଠୋରତମ ବୋଲି ପ୍ରତୀତ ହେଉଥିବା ପରାଜୟ ମଧ୍ୟ ଚୂଡ଼ାନ୍ତ ବିଜୟ ଆଡ଼କୁ ନେଇ ଯାଉଥିବା ଏକମାତ୍ର ପଥରୂପେ ପ୍ରଚ୍ଛନ୍ନ ହୋଇ ରହିଥାଏ । ୧୭ ଫେବ୍ରୁଆରି, ୧୯୭୦

**୩୪୧. ସ୍ୱେଚ୍ଛାଚାରୀ ଶାସକ, ଧର୍ମଯାଜକ ଏବଂ ସାମନ୍ତର ସଂଯୁକ୍ତ ନିରଙ୍କୁଶତା ବିରୋଧରେ ମନୁଷ୍ୟାତ୍ମାର ପ୍ରତିବାଦ ରୂପେ ଗଣତନ୍ତ୍ରର ଆବିର୍ଭାବ ଘଟିଥିଲା । ଏକ ଧନିକତନ୍ତ୍ରୀ ଗଣତନ୍ତ୍ରର ନିରଙ୍କୁଶତା ବିରୋଧରେ ସେହି ମନୁଷ୍ୟାତ୍ମାର ପ୍ରତିବାଦ ରୂପେ ସାମ୍ୟବାଦ ଆସିଥିଲା । ଏକ ଅମଲାତନ୍ତ୍ର ସାମ୍ୟବାଦର ଉତ୍ପୀଡ଼କତା ବିରୋଧରେ ମନୁଷ୍ୟାତ୍ମାର ପ୍ରତିବାଦ ରୂପେ ସମ୍ଭବତଃ ନୈରାଜ୍ୟବାଦର ଆବିର୍ଭାବ ଘଟିବ । ଗୋଟିଏ ଭ୍ରମରୁ ଆଉଗୋଟିଏ ଭ୍ରମ ମଧ୍ୟକୁ ଏବଂ ଗୋଟିଏ ବିଫଳତାରୁ ଆଉ ଗୋଟିଏ ବିଫଳତାକୁ ଏହିପରି ଉଗ୍ର ଏବଂ ଅତ୍ୟାଗ୍ରହୀ ଭାବରେ ଯାତ୍ରା କରି ଚାଲିଥିବା ହେଉଛି ୟୁରୋପୀୟ ଅଗ୍ରଗତିର ଏକ ପ୍ରତିଛବି ।**

**୩୪୨. ଇଉରୋପର ଗଣତନ୍ତ୍ର କାବିନେଟ୍ ମନ୍ତ୍ରୀଙ୍କର ଏକ ଶାସନକୁ ବୁଝାଇଥାଏ; ଏକ ଅସ୍ଥିରମାନସ ଜନସମୂହର ସାମୟିକ**

**ସାର୍ବଭୌମତ୍ୱକୁ ଆବରଣ ପରି ଲଗାଇ କାବିନେଟ୍ ମନ୍ତ୍ରୀ ସେମାନଙ୍କର ଜଣେ ଦୁର୍ନୀତିଗ୍ରସ୍ତ ପ୍ରତିନିଧି ଅଥବା ଆତ୍ମାନ୍ୱେଷୀ ପୁଞ୍ଜିବାଦୀ ହୋଇ ରହିଥା'ନ୍ତି । ଇଉରୋପର ସମାଜବାଦ ମଧ୍ୟ ଖୁବ୍ ସମ୍ଭବ ଏକ ଅମୂର୍ତ୍ତ ରାଷ୍ଟ୍ରଶରୀରର ସୈଦ୍ଧାନ୍ତିକ ସାର୍ବଭୌମତ୍ୱ ତଳେ ଆପଣାକୁ ଲୁକ୍କାୟିତ କରି ରଖିଥିବା ଜଣେ ଉଚ୍ଚ ଅମଲା ଅଥବା ପୁଲିସ୍ କର୍ମଚାରୀରହିଁ ଶାସନ ହେବାକୁ ଯାଉଛି । ଦୁଇଟି ମଧ୍ୟରୁ କେଉଁଟି ଅଧିକ ଯୋଗ୍ୟ, ତାହାର ଅନୁସନ୍ଧାନ କରିବା ଏକାନ୍ତ ନିରର୍ଥକ । ଦୁଇଟି ମଧ୍ୟରୁ କେଉଁଟି ଅଧିକ ଖରାପ, ସେକଥା ମଧ୍ୟ ନିଷ୍ପତ୍ତି କରି କହିବା ଆଦୌ ସହଜ ନୁହେଁ ।**

**୩୪୩. ଜଣେ ଉତ୍ପୀଡ଼କ ଅଥବା କେତେଜଣ ଲୋଭୀଙ୍କର ଖିଆଲଗୁଡ଼ାକର କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଏବଂ ସମ୍ପତ୍ତିକୁ ନିରାପଦ କରି ରଖିବା ହେଉଛି ଗଣତନ୍ତ୍ରରୁ ପ୍ରାପ୍ତ ହୋଇଥିବା ଆମର ଲାଭ । ମନୁଷ୍ୟସମାଜରୁ ବୃହତ୍ତ୍ୱର ହ୍ରାସ ହୋଇଯିବା, ତାହା ହେଉଛି ତଜ୍ଜନିତ ଏକ ମନ୍ଦ ପରିଣାମ ।**

ମନୁଷ୍ୟବୁଦ୍ଧି ଦ୍ୱାରା ପରିଚାଳିତ ଯାବତୀୟ ଶାସନ ହେଉଛି ଏକ ମିଥ୍ୟା ଓ ଏକ ଅଳୀକ କଳ୍ପନା । ଆମେ ଅବଶ୍ୟ ଆଶା କରିପାରିବା ଯେ, ଯଦି ସର୍ବୋଚ୍ଚ ପରମସତ୍ତା ଆପଣାର ପରମସତ୍ୟକୁ ସମସ୍ତଙ୍କ ଲାଗି ଉଦ୍‌ଘାଟିତ କରିଦେବେ, ତେବେ ଦିନେ ଏହି ପୃଥିବୀ ପ୍ରକୃତରେ ତାହାରି ଦ୍ୱାରାହିଁ ଶାସିତ ହେବ ।

୧୮ ଫେବ୍ରୁଆରି, ୧୯୭୦

**୩୪୪. ଶାସନ ଏବଂ ସମାଜବ୍ୟବସ୍ଥାର ସାଧନଗୁଡ଼ିକୁ ଲଗାଇ ଆପଣାର ପରିବେଶକୁ ପୂର୍ଣ୍ଣ ଏବଂ ଦୋଷମୁକ୍ତ କରି ଗଢ଼ିବାକୁ ମନୁଷ୍ୟଗଣଙ୍କର ଭ୍ରମଗ୍ରସ୍ତ ସମୂହ ସର୍ବଦା ସ୍ୱପ୍ନ ଦେଖିବାରେ ଲାଗିଥାଏ । ମାତ୍ର, କେବଳ ଆମ ଭିତରେ ଅବସ୍ଥିତ ଆତ୍ମାର ପରିପୂର୍ଣ୍ଣତା ଦ୍ୱାରାହିଁ ବାହାରର ପରିବେଶଟି ପରିପୂର୍ଣ୍ଣତାଯୁକ୍ତ ହୋଇପାରିବ । ତୁମେ ନିଜ ଭିତରେ ଯେପରି ହୋଇ ରହିଛ, ନିଜର ବାହାରେ ମଧ୍ୟ କେବଳ ସେତିକି ପ୍ରାପ୍ତିର ଭାଜନ ହୋଇ ପାରିବ । କୌଣସି ବାହ୍ୟସାଧନର ବ୍ୟବସ୍ଥା ତୁମକୁ ତୁମ ନିଜ ସତ୍ତାର ବିଧାନଟି ହାତରୁ ମୁକ୍ତ କରିପାରିବ ନାହିଁ ।**

**୩୪୫. ପ୍ରକୃତ ବାସ୍ତବର କେବଳ ଏକ ସାଦୃଶ୍ୟ ଅଥବା ପ୍ରତୀତିକୁ ଉପାସନା କରୁଥିଲେ ମଧ୍ୟ ତାହା ଉପରେ କୌଣସି ଶାସ୍ତିବିଧାନ କରିବା କିଂବା ତାହାର ଉପେକ୍ଷା କରିବା ନିମନ୍ତେ ତୁମ ଭିତରେ ମନୁଷ୍ୟସୁଲଭ ଯେଉଁ ପ୍ରବୃତ୍ତିଟି ରହିଛି, ସେହି ବିଷୟରେ ତୁମକୁ ସର୍ବଦା ସତର୍କ ରହିବାକୁ ପଡ଼ିବ । ମନୁଷ୍ୟର ଦୁଷ୍ଟତା ନୁହେଁ, ମନୁଷ୍ୟର ଭ୍ରମଶୀଳତାହିଁ ଅପଦେବତା ହାତରେ ଏକ ସୁଯୋଗ ଆଣି ଯୋଗାଇ ଦେଇଥାଏ ।**

ଆମେ ପ୍ରକୃତରେ ଯାହା, ନିଜର ଜୀବନରେ ତାହାରି ପରିଣାମଗୁଡ଼ିକର ସମ୍ମୁଖୀନ ହେବାରୁ ଆମକୁ ରକ୍ଷା କରିବାକୁ କୌଣସି ବିଧାନ ଅଥବା କୌଣସି ଶାସନ କଦାପି ସମର୍ଥ ହେବ ନାହିଁ ।

ତେଣୁ, ଐକାନ୍ତିକ ଭାବରେ ସେହି ଦିବ୍ୟ ପରମସତ୍ୟରହିଁ ଶରଣ ନେବାକୁ ବେହ ଏବଂ ମନୁଷ୍ୟର ଯାବତୀୟ ନିୟମ ଓ ଶାସନର ବାହାରେହିଁ ତାହା ଜୀବନର ଶାସନବିଧାନ କରିପାରିବ ।

୧୯ ଫେବ୍ରୁଆରି, ୧୯୭୦

**୩୪୬. ସନ୍ନ୍ୟାସୀର ଅଙ୍ଗବସ୍ତ୍ରକୁ ତୁମେ ଅବଶ୍ୟ ସମ୍ମାନ ଦେବ, ମାତ୍ର ତଥାପି ସେହି ବସ୍ତ୍ରଧାରଣ କରିଥିବା ବ୍ୟକ୍ତିଟି ଆଡ଼କୁ ମଧ୍ୟ ଚାହିଁ ଦେଖିବ; ତା' ନ ହେଲେ କପଟତାହିଁ ପବିତ୍ର ସ୍ଥାନଗୁଡ଼ିକୁ ଯାଇ ଗିଳି ପକାଇବ ଏବଂ ଯଥାର୍ଥ ଅନ୍ତର୍ଗତ ସନ୍ତଭାବ କେବଳ ଏକ ପୁରାଣକଥା ହୋଇ ରହିଯିବ ।**

**୩୪୭. ଅଧିକାଂଶ ମନୁଷ୍ୟ ଦକ୍ଷତା ଅଥବା ଧନସମ୍ପତ୍ତି ପାଇଁ ଚେଷ୍ଟା କରୁଥା'ନ୍ତି; କେବଳ ଅଳ୍ପସଂଖ୍ୟକ ମନୁଷ୍ୟ ଆପଣାର ବଧୂ ରୂପେ ଦାରିଦ୍ର୍ୟକୁ ବରଣ କରନ୍ତି । ମାତ୍ର, ତୁମେ କେବଳ ପରମେଶ୍ୱରଙ୍କୁ ପାଇବା ଲାଗି ପ୍ରୟାସ କରିବ, କେବଳ ତାହାଙ୍କୁହିଁ ବରଣ କରିବ । ସେଇ ଇଚ୍ଛା କଲେ ତୁମ ଲାଗି ସେ ଏକ ରାଜପ୍ରାସାଦ ବାଛିଦେବେ ଅଥବା ତୁମ ହାତରେ ଆଣି ଏକ ଭିକ୍ଷୁକର ପାତ୍ରକୁ ଧରାଇଦେବେ ।**

**୩୪୮. ଅପରାଧ କହିଲେ ଏପରି ଏକ ଅଭ୍ୟାସକୁ ବୁଝାଏ, ଯାହା ତୁମକୁ ଆପଣାର ଦାସ କରି ପକାଇଛି । ପୁଣ୍ୟ ଅଥବା ଗୁଣ କହିଲେ ବି କେତେ ଲୋକଙ୍କର ଏକ ମତ ବ୍ୟତୀତ ଆଉ କ'ଣ ବୁଝାଏ ? ତୁମେ**

**ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କର ଏବଂ ତାଙ୍କରି ଇଚ୍ଛାକୁହିଁ କାର୍ଯ୍ୟକାରୀ କର । ତୁମର ଯିବା ସକାଶେ ସିଏ ଯେଉଁ ପଥଟିକୁ ବାଛି ଦେଉଛନ୍ତି, ତୁମେ ସେହି ପଥରେ ଯାଅ ।**

ଏକାବେଳେକେ ସତ କଥା ! ଦିବ୍ୟ ପରମସତ୍ତା ତୁମ ଲାଗି ଯାହା ଇଚ୍ଛା କରୁଛନ୍ତି, ନିଜେ ମଧ୍ୟ ତାହାକୁ ଇଚ୍ଛା କରିବା ଏବଂ ତାହାର ଉପଲବ୍ଧି କରିବା,— ତାହାହିଁ ସନ୍ଥର ଯଥାର୍ଥ ଗୁଣ । ସିଏ ତୁମଠାରୁ କ'ଣ ଚାହୁଁଛନ୍ତି ଓ ତୁମ ଲାଗି କ'ଣ ଇଚ୍ଛା କରୁଛନ୍ତି, ଯେପରିକି ତୁମେ ସ୍ପଷ୍ଟ ଭାବରେ ସେକଥା ଜାଣିପାରିବ, ସେଇଥିପାଇଁ ତାଙ୍କ ସହିତହିଁ ଯୁକ୍ତ ହୋଇ ରହିବା, ତାହା ହେଉଛି ଯଥାର୍ଥ ପ୍ରଜ୍ଞା । ଏହା ବାହାରେ ଆଉ ଯାହାକିଛି ରହିଲା, ତାହା ହେଉଛି ଏହି ମନୁଷ୍ୟ ଦ୍ୱାରା ତିଆରି ହୋଇଥିବା କେତୋଟି ପରମ୍ପରା ଓ ତାହାରି ଦ୍ୱାରା ପ୍ରସ୍ତୁତ କେତୋଟି ସିଦ୍ଧାନ୍ତ ।

୨୦ ଫେବ୍ରୁଆରି, ୧୯୭୦

**୩୪୯. ଏହି ପୃଥିବୀର ଦ୍ୱନ୍ଦ୍ୱଗୁଡ଼ିକର କ୍ଷେତ୍ରରେ, ଧନୀମାନଙ୍କର ଧନ ଅଛି ବୋଲି ତୁମେ ସେମାନଙ୍କର ଦଳକୁ କଦାପି ସମର୍ଥନ କରିବ ନାହିଁ ଅଥବା ଦରିଦ୍ରମାନଙ୍କର ଦାରିଦ୍ର୍ୟ ସକାଶେ ମଧ୍ୟ ସେମାନଙ୍କର ଦଳକୁ ସମର୍ଥନ ଜଣାଇବ ନାହିଁ । ରାଜାର କ୍ଷମତା କିଂବା ପ୍ରତିପତ୍ତି ସକାଶେ ରାଜାର ପକ୍ଷରେ ଯୋଗ ଦେବ ନାହିଁ କିଂବା ଲୋକମାନଙ୍କର ଉତ୍ସାହ ଏବଂ ଆଶାକୁ ଦେଖି ସେମାନଙ୍କ ଦଳରେ ଯାଇ ମିଶିଯିବ ନାହିଁ, କିନ୍ତୁ ସତତ ଭଗବାନଙ୍କର ପକ୍ଷ ସମର୍ଥନ କର । ଯଦି ପରମ କର୍ତ୍ତା ତାଙ୍କ ନିଜ ବିରୋଧରେ ଯୁଦ୍ଧ କରିବା ସକାଶେ ତୁମକୁ ନିର୍ଦ୍ଦେଶ ଦେଇଥାନ୍ତି, ତା'ହେଲେ ଅବା ଏହି କ୍ଷେତ୍ରରେ ଅନ୍ୟ କଥା ହୋଇପାରେ । ତେବେ ତୁମେ ସମସ୍ତ ହୃଦୟ ଦେଇ ତାହା କରିବ, ଆପଣାର ସକଳ ଶକ୍ତି ଏବଂ ହୃଷ୍ଟତା ସହିତ ତାହାହିଁ କରିବ ।**

**୩୫୦. ଈଶ୍ୱରଙ୍କର ଇଚ୍ଛା ମୋ ସହିତ ରହିଛି ବୋଲି ମୁଁ ଜାଣିବି କିପରି ? ସେଥିଲାଗି ମୋତେ ଆପଣାର ଅହଂକୁ ବାହାରକୁ ବାହାର କରିଦେବାକୁ ପଡ଼ିବ, ତାହାକୁ ପ୍ରତ୍ୟେକ ସ୍ତର ଏବଂ ସିଆରା ଭିତରୁ ଖୋଜି ବାହାର କରି ଆଣିବାକୁ ପଡ଼ିବ ଏବଂ ଆପଣାର ବିଶୋଧିତ**

**ଆବରଣରହିତ ଆତ୍ମାକୁ ତାଙ୍କରି ଅନନ୍ତ କ୍ରିୟାତ୍ମକତା ମଧ୍ୟରେ ନେଇ ନିମଗ୍ନ କରାଇ ଦେବାକୁ ହେବ । ତେବେ ସେ ସ୍ୱୟଂ ମୋ ଲାଗି ତାହାକୁ ଉନ୍ମୋଚିତ କରି ଦେଖାଇଦେବେ ।**

**୩୫୧. ଯେଉଁ ଆତ୍ମା ଆବରଣହୀନ ଓ ଯାହାର କୌଣସି ଲଜ୍ଜା ନାହିଁ, କେବଳ ସେଇ ଶୁଦ୍ଧ ଏବଂ ନିଷ୍କପଟ ହୋଇପାରିବ, ଏପରିକି ମାନବଜାତିର ଆଦିମ ଉପବନର ଆଦାମ୍ ସଦୃଶ ।**

ହଁ, ଶ୍ରୀଅରବିନ୍ଦ ସେହି କଥା କହିଛନ୍ତି । ଆତ୍ମା ଉପରେ ଆଦୌ କୌଣସି ପ୍ରକାରର ଛଦ୍ମ-ପରିଧାନ ନ ଥାଏ; ତାହା ପ୍ରକୃତରେ ଯାହା, ନିଜକୁ ଠିକ୍ ସେହିପରି ଭାବରେହିଁ ଦେଖାଏ ଏବଂ ମନୁଷ୍ୟମାନଙ୍କର ବିଚାରକୁ କୌଣସି ଭ୍ରୂକ୍ଷେପ ରଖି ନ ଥାଏ, କାରଣ, ଆପଣାକୁ ସେ ଯାହାର ସଦନ ସଦୃଶ କରି ରଖିଛି, ସିଏ ଅତ୍ୟନ୍ତ ବିଶ୍ୱସ୍ତ ଭାବରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କରହିଁ ପରିକର ହୋଇ ରହିଥାଏ ।

୨୩ ଫେବ୍ରୁଆରି, ୧୯୭୦

**୩୫୨. ଆପଣାର ଐଶ୍ୱର୍ଯ୍ୟକୁ ନେଇ ଗର୍ବ କର ନାହିଁ, ନିଜର ଦାରିଦ୍ର୍ୟ ଏବଂ ଅପରିଗ୍ରହ ପାଇଁ ଅନ୍ୟ ଲୋକମାନଙ୍କଠାରୁ କୌଣସି ପ୍ରଶଂସା ମଧ୍ୟ ଲୋଡ଼ିବାକୁ କଦାପି ଯାଅ ନାହିଁ; ଏହି ଦୁଇଟିଯାକ ଆଚରଣ କେବଳ ତୁମର ଅହଂକାର ଲାଗିହିଁ ଅନ୍ନ ଯୋଗାଇ ଦେଇଥାଏ; ଗୋଟିଏ ସରୁ ଓ ଅନ୍ୟଟି ମୋଟା ଅନ୍ନ ଯୋଗାଇ ଦେଇଥାଏ ।**

**୩୫୩. ପରହିତୈଷିତା ମଣିଷ ଲାଗି ଅବଶ୍ୟ ଭଲ; ମାତ୍ର ଯେତେବେଳେ ତାହା ଏକ ଚରମସ୍ତରର ଆତ୍ମ-ଆସକ୍ତିରେ ପରିଣତ ହୋଇଯାଏ ଏବଂ ଅନ୍ୟମାନଙ୍କର ସ୍ୱାର୍ଥପରତାକୁ ଅତ୍ୟଧିକ ପ୍ରୋତ୍ସାହନ ଦେଇ ବଞ୍ଚିବାକୁ ମନ କରେ, ସେତେବେଳେ ତାହାକୁ ଆଦୌ ଏତେବେଶୀ ଭଲ ବୋଲି କୁହାଯାଇ ପାରିବ ନାହିଁ ।**

**୩୫୪. ପରହିତୈଷିତା ଦ୍ୱାରା ତୁମେ ନିଜ ଆତ୍ମାର ପରିତ୍ରାଣ କରିପାରିବ ସତ, ମାତ୍ର ତୁମକୁ ଦେଖିବାକୁ ହେବ ଯେ ତୁମର ଅନ୍ୟଜଣେ ଭାଇର**

ସର୍ବନାଶ ଲାଗି ବାଟ ଫିଟାଇଦେଇ ତୁମେ ଏହି କଥାଟି ମୋଟେ କରିବାକୁ ଯାଉ ନାହଁ ।

୩୫୫. ଆପଣାର ଶୁଦ୍ଧୀକରଣ ସକାଶେ ସ୍ୱାର୍ଥତ୍ୟାଗ ଗୋଟିଏ ଅତ୍ୟନ୍ତ ଶକ୍ତିଶାଳୀ ସାଧନ; ମାତ୍ର ତାହାକୁ କଦାପି ଏକ ସାଧ୍ୟରୂପେ ବ୍ୟବହାର କରାଯାଇ ପାରିବ ନାହିଁ ବା ଜୀବନର ଏକ ଚୂଡ଼ାନ୍ତ ବିଧାନରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଆପଣାକୁ ଦମନ କରି ରଖିବାକୁ ନୁହେଁ, ମାତ୍ର ପରମେଶ୍ୱରଙ୍କର ସନ୍ତୋଷବିଧାନ କରିବାହିଁ ତୁମର ଲକ୍ଷ୍ୟ ହୋଇ ରହିବା ଉଚିତ ।

୩୫୬. ପାପ ଏବଂ ଦୁଷ୍କର୍ମ ଯେଉଁ ଅନର୍ଥ ଭିଆଉଛି, ତାହାକୁ ସ୍ପଷ୍ଟ କରି ଦେଖିପାରିବା ବଡ଼ ସହଜ; ମାତ୍ର, ଯେଉଁ ପୁଣ୍ୟକାର୍ଯ୍ୟ ଭିତରେ ଦମ୍ଭ ଓ ସ୍ୱାଭିମାନ ଭର୍ତ୍ତି ହୋଇ ରହିଥାଏ, ଯଥାର୍ଥ ଭାବରେ ନିଜକୁ ପ୍ରଶିକ୍ଷିତ କରି ପାରିଥିବା ଆଖି ତାହାଦ୍ୱାରା କୃତ ଅନିଷ୍ଟଟିକୁ ମଧ୍ୟ ଦେଖିବାରେ ସମର୍ଥ ହୁଏ ।

ସୋପାନ ସୋପାନ କରି ଏବଂ ଯାବତୀୟ ପ୍ରତ୍ୟେକ ଦୃଷ୍ଟିକୋଣରୁ ଶ୍ରୀଅରବିନ୍ଦ, ଯଥାର୍ଥ ସତ୍ୟ ଯେ ସକଳ ଦ୍ୱନ୍ଦ୍ୱ ତଥା ବିରୋଧିତାର ସକଳ ବିଭାଜନର ଊର୍ଦ୍ଧ୍ୱରେ ରହିଛି,— ଏକ ଉଜ୍ଜ୍ୱଳ ଏବଂ ସମଗ୍ର ଏକତ୍ୱ ମଧ୍ୟରେ ସେସବୁର ଅତୀତ ହୋଇ ରହିଛି, ଆମକୁ ସେହି କଥାଟି ଦର୍ଶାଇ ଦେଇଛନ୍ତି । ୨୫ ଫେବ୍ରୁଆରି, ୧୯୭୦

୩୫୭. ପ୍ରଥମେ ବ୍ରାହ୍ମଣ ଶାସ୍ତ୍ର ଏବଂ କର୍ମକାଣ୍ଡର ସାହାଯ୍ୟରେ ଶାସନ କରୁଥିଲା । ତା'ପରେ କ୍ଷତ୍ରିୟ ଆସି ତରବାରି ଓ ଢାଲ ସାହାଯ୍ୟରେ ଶାସନ କଲା । ବର୍ତ୍ତମାନ ବୈଶ୍ୟ ଆମକୁ ଯନ୍ତ୍ରସମ୍ପତ୍ତି ଓ ମୁଦ୍ରାଧନ ସାହାଯ୍ୟରେ ଶାସନ କରୁଛି । ଏବଂ, ଆପଣାର ଦାସତ୍ୱ-ଅବସ୍ଥାରୁ ମୁକ୍ତ ହୋଇଥିବା ଶୂଦ୍ର ତା'ର ସଂଘବଦ୍ଧ ଶ୍ରମିକଶକ୍ତିର ରାଜନୀତି ଦ୍ୱାରା ଚାପ ପକାଇବାରେ ଲାଗିଛି । ମାତ୍ର, ବ୍ରାହ୍ମଣ ଯାଜକ, କ୍ଷତ୍ରିୟ ରାଜା, ବୈଶ୍ୟ ବଣିକ ଅଥବା ଶୂଦ୍ର ଶ୍ରମଜୀବୀ— ଏମାନେ କେହି ମନୁଷ୍ୟ-ଜାତିର ଯଥାର୍ଥ ଶାସକ ହୋଇପାରିବେ ନାହିଁ । ପୂର୍ବର

**ଯାବତୀୟ ନିରଙ୍କୁଶ ଶାସନ ପରି ହତିଆର ଏବଂ କୋଡ଼ିର ନିରଙ୍କୁଶତା ମଧ୍ୟ ଅବଶ୍ୟ ବିଫଳ ହେବ । କେବଳ ଯେତେବେଳେ ଅହଂବାଦର ଅବସାନ ଘଟିବ ଏବଂ ମନୁଷ୍ୟ ଭିତରେ ରହିଥିବା ଭଗବାନ ନିଜ ନିଜର ମାନବୀୟ ବିଶ୍ୱଜନୀନତାର ପରିଚାଳନ କରିପାରିବ, ସେତିକିବେଳେ ଯାଇ ଏହି ପୃଥିବୀରେ ଏକ ସୁଖୀ ତଥା ସନ୍ତୁଷ୍ଟ ସମାଜ ସମ୍ଭବ ହେବ ।**

ଏହି ବିଷୟରେ ଆଦୌ କିଛି କହିବାକୁ ନାହିଁ । ଏଠାରେ ସବୁକଥାକୁ ସ୍ପଷ୍ଟ ଭାବରେ ବୁଝାଇ ଦିଆଯାଇଛି— କେବଳ ଦିବ୍ୟ ଶାସନହିଁ ଯଥାର୍ଥ ଶାସନକୁ ସମ୍ଭବ କରିପାରିବ ।

୨୬ ଫେବ୍ରୁଆରି, ୧୯୭୦

**୩୫୮. ମନୁଷ୍ୟମାନେ ସୁଖଲାଭ ପଛରେ ଧାଇଁଥା'ନ୍ତି ଓ ସତେଅବା ଜ୍ୱରଗ୍ରସ୍ତ ହୋଇ ରହିଥିଲା ପରି ସେମାନେ ସେହି ଉତ୍ତେଜିତ କରାଇ ରଖିଥିବା ବଧୂକୁ ନିଜର ସନ୍ତାପିତ ବକ୍ଷ ଉପରେ ଚାପି ରଖନ୍ତି । ସେତିକିବେଳେ ଏକ ଦିବ୍ୟ ଏବଂ ନିର୍ମଳ ଆନନ୍ଦ ସେମାନଙ୍କ ଦେଖିବାକୁ, ଦାବି କରିବାକୁ ଏବଂ ହାସଲ କରିବାକୁ ପଛରେ ଅପେକ୍ଷା କରି ଠିଆ ହୋଇ ରହିଥାଏ ।**

**୩୫୯. ମନୁଷ୍ୟମାନେ କ୍ଷୁଦ୍ର କ୍ଷୁଦ୍ର ସଫଳତା ଏବଂ ତୁଚ୍ଛ କର୍ତ୍ତୃତ୍ୱଲାଭ ସକାଶେ ଦଉଡ଼ିବାରେ ଲାଗିଥା'ନ୍ତି, ଏବଂ ତାହାକୁ ଲାଭ କରିବା ପରେ କ୍ଲାନ୍ତି ଏବଂ ଦୁର୍ବଳତା ମଧ୍ୟରେ ଆସି ପୁନଃପତିତ ହୁଅନ୍ତି । ମାତ୍ର ତେଣେ ବିଶ୍ୱରେ ଅବସ୍ଥିତ ରହିଥିବା ଈଶ୍ୱରଙ୍କର ଅନନ୍ତ ଶକ୍ତି ସକଳ ସେମାନଙ୍କର କାମରେ ଲାଗିପାରିବ ବୋଲି ବୃଥା ଅପେକ୍ଷା କରି ରହିଥାଏ ।**

**୩୬୦. ମନୁଷ୍ୟମାନେ ଆପଣା ଜ୍ଞାନର ଟିକିନିଖିଗୁଡ଼ିକୁ ଏଣୁତେଣୁ ଉଧାର କରି ଆଣିଥା'ନ୍ତି ଏବଂ ସେଗୁଡ଼ିକୁ ନାନା ପ୍ରକାର ଦଉଡ଼ିବନ୍ଧା ଏବଂ ଭୂଇଁ-ଛଡ଼ା ଭାବନାପ୍ରକୋଷ୍ଠ ମଧ୍ୟରେ ଶ୍ରେଣୀବିଭାଗ କରି ରଖିଥା'ନ୍ତି । ତେଣେ ସେମାନଙ୍କ ମୁଣ୍ଡ ଉପରେ ଅନନ୍ତ ପ୍ରଜ୍ଞା ସକଳ ହସିବାରେ**

**ଲାଗିଥାଏ ଏବଂ ଆପଣାର ବର୍ଣ୍ଣାଢ୍ୟ ପକ୍ଷଗୁଡ଼ିକର ମହିମାକୁ ବିସ୍ତାରିତଭାବେ ଝାଡ଼ିଦେବାରେ ଲାଗିଥାଏ ।**

**୩୬୧. ମୁହଁ ମାଡ଼ି ପଡ଼ିଥିବା ଏକ ନିକୃଷ୍ଟ ଅହଂର ଚାରିପାଖରେ ପୁଞ୍ଜି କରି ରଖିଥିବା କେତେଟା ମନୋଗତ ଧାରଣା ଦ୍ୱାରା ନିର୍ମିତ ଏକ କ୍ଷୁଦ୍ର ଓ ଆବଦ୍ଧ ସତ୍ତାକୁ ମନୁଷ୍ୟମାନେ ସନ୍ତୁଷ୍ଟ ଓ ପରିପୂର୍ଣ୍ଣ କରି ରଖିବାକୁ କେଡ଼େ ପରିଶ୍ରମ ସହିତ ଚେଷ୍ଟା କରୁଥା'ନ୍ତି । ତେଣେ ଦେଶ ଓ କାଳର ଅତୀତ ଆତ୍ମାଟି ଆପଣାର ଆନନ୍ଦମୟ ଓ ମହିମୋଜ୍ଜ୍ୱଳ ଅଭିବ୍ୟକ୍ତିରୁ ବଞ୍ଚିତ ହୋଇ ରହିଥାଏ ।**

ପୃଥିବୀ ଉପରେ ଅତିମାନସ ଚେତନାର ଶାସନ ସମ୍ଭବ ହେବାକୁ ହେଲେ ଏହି ବସ୍ତୁସ୍ଥିତିଟିକୁ ବଦଳି ଯିବାକୁ ପଡ଼ିବ । ମାତ୍ର, ଅତିମାନସ ଚେତନା ଏହି ଧରାପୃଷ୍ଠରେ କାର୍ଯ୍ୟ କରିବାର ଗୋଟିଏ ବର୍ଷ* ଅତିକ୍ରାନ୍ତ ହୋଇଥିଲେ ମଧ୍ୟ, ଏହି ଦୟନୀୟ ସ୍ଥିତିରେ ପ୍ରକୃତରେ କିଛି ପରିବର୍ତ୍ତନ ଘଟିଛି କି ?

୨୮ ଫେବ୍ରୁଆରି, ୧୯୭୦

*ଯେହେତୁ ଧରାପୃଷ୍ଠରେ ଅତିମାନସ ଚେତନାର କାର୍ଯ୍ୟ ଆରମ୍ଭ ହୋଇଯାଇଛି, ତେବେ, ଯାବତୀୟ ପ୍ରତିକୂଳତା ସତ୍ତ୍ୱେ ଏହିସବୁ ଦୟନୀୟ ଅବସ୍ଥାରେ ତଥାପି ପରିବର୍ତ୍ତନ ଘଟିବ ନାହିଁ କି ?*

ଅବଶ୍ୟ ଘଟିବ । ତାହାର ପ୍ରଥମ ପରିଣାମ ସ୍ୱରୂପ ଚେତନାରେ ଏକ ପରିବର୍ତ୍ତନ ହେବ । ପ୍ରଥମେ ସବୁଠାରୁ ଅଧିକ ଗ୍ରହଣଶୀଳ ହୋଇ ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଘଟିବ ଏବଂ ତା'ପରେ ଅଧିକତର ସଂଖ୍ୟାର ବ୍ୟକ୍ତିମାନଙ୍କ ଭିତରେ ମଧ୍ୟ ଘଟିବ ।

ସାମୂହିକ ଜୀବନର ସାଧାରଣ ସ୍ଥିତିଗୁଡ଼ିକରେ ଏକ ପରିବର୍ତ୍ତନ ପରେ ସମ୍ଭବ ହେବ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ବଦଳିବାର ଅନେକ ପରେ ସମ୍ଭବ ହେବ । ଏହାର ସର୍ବପ୍ରଥମ ଉଲ୍ଲେଖଯୋଗ୍ୟ ଘଟଣାରୂପେ ସାଧାରଣ ଅସ୍ଥିରତା ଓ ବିଭ୍ରାନ୍ତି

* ଏଠାରେ ମାଆ ୧୯୬୯ ଜାନୁଆରି ପହିଲା ଦିନ ଅଭିବ୍ୟକ୍ତି ଲାଭ କରିଥିବା "ନୂତନ ଚେତନା" (ବା ଅତିମାନବୀୟ ଚେତନା)ଟିର କଥା କହୁଛନ୍ତି ।

ବହୁ ପରିମାଣରେ ବୃଦ୍ଧିପ୍ରାପ୍ତ ହେବ; କାରଣ ପ୍ରଚଳିତ ପୁରାତନ ରୀତିଗୁଡ଼ିକ ଆପଣାର କର୍ତ୍ତୃତ୍ୱ ହରାଇ ସାରିଥିବେ ଏବଂ ମନୁଷ୍ୟମାନେ (କେବଳ ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ) ଦିବ୍ୟ ପରମସତ୍ତାଙ୍କର ନିର୍ଦ୍ଦେଶକୁ ମାନିବା ଲାଗି ପ୍ରସ୍ତୁତ ହେଉ ନ ଥିବେ, କାରଣ ସେହି ନିର୍ଦ୍ଦେଶକୁ ଅନୁଭବ କରିବା ଲାଗି ସେମାନଙ୍କର ସାମର୍ଥ୍ୟ ନ ଥିବ ।

୧ ମାର୍ଚ୍ଚ, ୧୯୭୦

**୩୬୨. ହେ ଭାରତର ଆତ୍ମା, ତୁମେ ଆଉ ଏହି କଳିଯୁଗର ତମସାଚ୍ଛନ୍ନ ପଣ୍ଡିତମାନଙ୍କ ସହିତ ରନ୍ଧାଘରେ ଏବଂ ଉପାସନାଘର ଭିତରେ ଆପଣାକୁ ଲୁଚାଇ ରଖ ନାହିଁ । ଯାବତୀୟ ପ୍ରାଣହୀନ କର୍ମକାଣ୍ଡବିଧି, ଅଚଳ ନିୟମ ଏବଂ ଅପବିତ୍ର ଦକ୍ଷିଣାର ଅର୍ଥ ଭିତରେ ତୁମେ ଆପଣାକୁ ଓଢ଼ଣା ଦେଇ ଲୁଚାଇ ରଖ ନାହିଁ । ତୁମେ ଆତ୍ମାର କ୍ଷେତ୍ରରେହିଁ ଅନ୍ୱେଷଣ ଆରମ୍ଭ କର, ଈଶ୍ୱରଙ୍କ ପାଖରେ ଆପଣାର ଯଥାର୍ଥ ବ୍ରାହ୍ମଣତ୍ୱ ଏବଂ କ୍ଷତ୍ରିୟତ୍ୱର ଯାଚ୍ଞା କର ଏବଂ ଚିରନ୍ତନ ବେଦ ସହିତ ତାହାର ପୁନରୁଦ୍ଧାର କର; ବେଦୋକ୍ତ ଯଜ୍ଞର ଲୁକ୍କାୟିତ ସତ୍ୟର ପୁନଃପ୍ରଚଳନ କରାଅ । ପ୍ରାଚୀନତର ଏବଂ ଅଧିକ ଶକ୍ତିଶାଳୀ ଏକ ବେଦାନ୍ତ ପାଖକୁ ପୁନର୍ବାର ଫେରିଆସ ।**

ଯେଉଁସବୁ ତଥାକଥିତ ଧର୍ମଗତ ପରମ୍ପରା ଆମକୁ କ'ଣସବୁ କରିବାକୁ ଓ କ'ଣସବୁ ନ କରିବାକୁ ହେବ ବୋଲି ବତାଇ ଦେଉଥା'ନ୍ତି, ସେଗୁଡ଼ିକ ମଧ୍ୟରୁ ଆପଣାକୁ ମୁକ୍ତ କରି ଆଣିବା ବିଷୟରେ ଏଠାରେ କୁହାଯାଇଛି । ଆମକୁ ଯଥାର୍ଥ ପ୍ରଜ୍ଞାର ପୁନରୁଦ୍ଧାର କରିବାକୁ ପଡ଼ିବ ଏବଂ ସତ୍ୟନିଷ୍ଠ ଭାବରେ ସତ୍ୟ ନିମନ୍ତେ ଜୀବନ ବଞ୍ଚିବା ଲାଗି ସିଧା ସେହି ଦିବ୍ୟ ପରମସତ୍ତାଙ୍କ ପାଖରୁହିଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶଗୁଡ଼ିକୁ ଗ୍ରହଣ କରିବାକୁ ହେବ ।

୨ ମାର୍ଚ୍ଚ, ୧୯୭୦

**୩୬୩. ତ୍ୟାଗ କହିଲେ ତୁମେ ତାହାକୁ ପାର୍ଥିବ ସମ୍ପତ୍ତିର ପରିତ୍ୟାଗ ଏବଂ ତୁମ ଭିତରେ ଥିବା କେତୋଟି ବାସନା ଏବଂ ଆକାଙ୍‌କ୍ଷାର ପରିହାର ମଧ୍ୟରେ ଆବଦ୍ଧ କରି ରଖ ନାହିଁ । ମାତ୍ର, ତୁମର ସକଳ ଭାବନା, ସକଳ କର୍ମ ଓ ସକଳ ଉପଭୋଗହିଁ ତୁମ ଭିତରେ ଅଧିଷ୍ଠିତ ହୋଇ ରହିଥିବା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ହୋଇ ରହୁ ।**

ତୁମର ପାଦଗୁଡ଼ିକ ତୁମର ପରମେଶ୍ୱରଙ୍କ ମଧ୍ୟରେହିଁ ବିଚରଣ କରନ୍ତୁ, ତୁମର ନିଦ୍ରା ତଥା ତୁମର ଜାଗରଣ କୃଷ୍ଣଙ୍କ ଲାଗିହିଁ ଏକ ଯଜ୍ଞରେ ପରିଣତ ହୋଇ ରହୁ ।

୩୬୪. ନିୟମକୁ ସାର କରି ଧରିଥିବା ରୂଢ଼ିବାଦୀମାନେ ଏଇଟା ମୋ ଶାସ୍ତ୍ର ଅନୁସାରେ ବା ମୋ' ବିଜ୍ଞାନ ଅନୁସାରେ ତିଆରି ହୋଇ ନାହିଁ ବୋଲି କହନ୍ତି । ହେ ନିର୍ବୋଧମାନେ, ପରମେଶ୍ୱର କ'ଣ କେବଳ ଖଣ୍ଡେ ବହି ହୋଇଛନ୍ତି ଯେ, କେବଳ ସେଥିରେ ଯେତିକି ଲେଖା ହୋଇ ରହିଥିବ, ସେତିକି ବ୍ୟତୀତ ଆଉ କିଛିହେଲେ ସତ୍ୟ ହେବ ନାହିଁ ବା ଭଲ ହେବ ନାହିଁ ?

୩୬୫. ପରମେଶ୍ୱର ମୋତେ କହୁଛନ୍ତି, ''ହେ ମୋ'ର ଭୃତ୍ୟ, ଏହାହିଁ ହେଉଛି ମୋ'ର ଇଚ୍ଛା'' । ସିଏ ମୋତେ କହୁଥିବା ଏହି ବାଣୀଟି ଦ୍ୱାରା ପରିଚାଳିତ ହୋଇ ବାଟ ଚାଲିବି ନା ଦୀର୍ଘକାଳରୁ ଏହି ସଂସାରରୁ ବିଦାୟ ନେଇ ଚାଲିଯାଇଥିବା ମଣିଷମାନଙ୍କ ଦ୍ୱାରା ଲିଖିତ ନିୟମଗୁଡ଼ିକ ଅନୁସାରେ ବାଟ ଚାଲିବି ? ନାଇଁ, ଯଦି ମୋତେ କାହାକୁ ଭୟ କରିବାକୁ ଓ କାହାରି ବୋଲ ମାନିବାକୁ ହୁଏ, ତେବେ ମୁଁ ବରଂ ପରମେଶ୍ୱରଙ୍କର ବୋଲ ମାନିବି ଓ ତାହାଙ୍କୁହିଁ ଭୟ କରିବି । କୌଣସି ପୁସ୍ତକର ପୃଷ୍ଠାଗୁଡ଼ାକୁ ଅଥବା କୌଣସି ପଣ୍ଡିତଙ୍କର ଭ୍ରୂକୁଟିକୁ କଦାପି ଭୟ କରିବି ନାହିଁ କିଂବା ମାନିବି ନାହିଁ ।

୩୬୬. ଯଦି ତୁମେ କେବେ ପ୍ରବଞ୍ଚନାରେ ପଡ଼ିଯାଅ, ତେବେ ତୁମକୁ ପରିଚାଳିତ କରି ନେଉଥିବା ପରମେଶ୍ୱରଙ୍କର ନିର୍ଦ୍ଦେଶହିଁ ସେପରି ଘଟାଇଲା ବୋଲି ତୁମେ କେବେ କହିବ କି ? ତଥାପି, ମୁଁ ଏହି କଥାଟିକୁ ଜାଣିଛି ଯେ, ଯେଉଁମାନେ ଅଜ୍ଞାନ ରହି ମଧ୍ୟ ତଥାପି ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥା'ନ୍ତି, ସେମାନଙ୍କୁ ସିଏ କଦାପି ଛାଡ଼ି ଚାଲିଯାଆନ୍ତି ନାହିଁ; ତଥାପି ମୁଁ ଏହି କଥାଟିକୁ ଆବିଷ୍କାର କରିଛି ଯେ ବାହାରେ ସେ ସଂପୂର୍ଣ୍ଣ ଭାବରେ ପ୍ରତାରିତ କଲା ପରି ବୋଧ ହେଉଥିଲେ ମଧ୍ୟ ସିଏ ପ୍ରଜ୍ଞାର ସହିତ ଓ ଶ୍ରଦ୍ଧାପୂର୍ଣ୍ଣ ଭାବରେ ବାଟ

ଦେଖାଇ ନେଇ ଯାଉଥା'ନ୍ତି । ଏବଂ ତଥାପି, ଏକ ଜୀବନହୀନ ସୂତ୍ରଗୁଚ୍ଛ ଉପରେ ବିଶ୍ୱାସ ସ୍ଥାପନ କରି ଉଦ୍ଧାର ପାଇବା ଅପେକ୍ଷା ମୁଁ ସେହି ଜୀବନମୟ ପରମେଶ୍ୱରଙ୍କ ପାଶଭିତରେ ଯାଇ ପଡ଼ିଯିବାକୁହିଁ ଅଧିକ ଇଚ୍ଛା କରିବି ।

୩୬୭. କୌଣସି ଆତ୍ମପ୍ରଣୋଦିତ ଇଚ୍ଛା ଓ ବାସନା ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବା ଅପେକ୍ଷା ବରଂ ଶାସ୍ତ୍ରକୁ ମାନି କାର୍ଯ୍ୟ କର । ଏହିପରି ଭାବରେହିଁ ତୁମେ ଅଧିକରୁ ଅଧିକ ବଳଯୁକ୍ତ ହୋଇ ପାରିବ ଏବଂ ନିଜ ଭିତରେ ଥିବା ମୃଗୟାଲାଳସୀକୁ ନିୟନ୍ତ୍ରଣରେ ରଖିପାରିବ । ମାତ୍ର, ଶାସ୍ତ୍ରର ବାକ୍ୟ ମାନି କର୍ମ କରିବା ଅପେକ୍ଷା ବରଂ ପରମେଶ୍ୱରଙ୍କର ନିର୍ଦ୍ଦେଶ ମାନି କାର୍ଯ୍ୟ କର । ତେବେ ଯାଇ ତୁମେ ଯାବତୀୟ ନିୟମ ଏବଂ ଗାରର ଅନେକ ଊର୍ଦ୍ଧ୍ୱରେ ରହିଥିବା ତାଙ୍କର ଉଚ୍ଚତମ କ୍ଷେତ୍ରରେ ଯାଇ ଉପନୀତ ହୋଇପାରିବ ।

୩୬୮. ଯେଉଁମାନେ ପାଶବଦ୍ଧ ହୋଇ ରହିଥା'ନ୍ତି ଓ ଯେଉଁମାନଙ୍କର ଆଖିଗୁଡ଼ିକ ମୁଦାହୋଇ ରହିଥାଏ, ନିୟମ ସେହିମାନଙ୍କ ପାଇଁ; ତାହାରି ଅନୁସାରେ ବାଟ ନ ଚାଲିଲେ ସେମାନେ ଝୁଣ୍ଟିବେ ଓ ତଳେ ପଡ଼ିଯିବେ । ମାତ୍ର, ତୁମେ, ଯିଏକି କୃଷ୍ଣଙ୍କ ମଧ୍ୟରେ ଆପଣାର ମୁକ୍ତିକୁ ଲାଭ କରିଛ ବା ତାଙ୍କର ଜୀବନୋଦ୍ଦୀପକ ଆଲୋକକୁ ଦର୍ଶନ କରିଛ, ତୁମେ ନିଜ ପରମବନ୍ଧୁଙ୍କର ହାତକୁ ଧରି ଏବଂ ତୁମେ ଶାଶ୍ୱତ ବେଦର ଆଲୋକକୁ ଅନୁସରଣ କରି ବାଟ ଚାଲିବ ।

୩୬୯. ପାଶବଦ୍ଧତା ଏବଂ ଅହଂର ରାତ୍ରି ମଧ୍ୟରୁ ତୁମକୁ ମୁକ୍ତ କରି ନେଇ ଯିବା ଲାଗି ବେଦାନ୍ତ ହେଉଛି ତୁମ ପାଇଁ ପରମେଶ୍ୱରଙ୍କର ପ୍ରଦୀପ । ମାତ୍ର, ଯେତେବେଳେ ବେଦର ଆଲୋକହିଁ ତୁମର ଆତ୍ମା ଭିତରେ ପ୍ରତିଭାତ ହେଲାଣି, ତେବେ ସେତେବେଳେ ସେହି ଦିବ୍ୟ ପ୍ରଦୀପଟି ପାଇଁ ମଧ୍ୟ ତୁମର ଆଉ କୌଣସି ଆବଶ୍ୟକତା ନାହିଁ; କାରଣ ତୁମେ ବର୍ତ୍ତମାନ ମୁକ୍ତ ଏବଂ ସୁନିଶ୍ଚିତ ଭାବରେ ଏକ ଉତ୍ତୁଙ୍ଗ ଓ ଶାଶ୍ୱତ ସୂର୍ଯ୍ୟାଲୋକ ମଧ୍ୟରେ ବିଚରଣ କରି ବାଟ ଚାଲିପାରିବ ।

ସେହି ସର୍ବୋଚ୍ଚ ପରମପ୍ରଭୁଙ୍କର ନିର୍ଦ୍ଦେଶକୁ ଶୁଣି ପାରିବାକୁ ତୁମକୁ ଅନବରତ ପ୍ରୟାସ କରିବାକୁ ହେବ । ଏବଂ, ଯଦି ତୁମ ଭିତରେ ପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ, ତୁମେ ଯେପରି ପ୍ରକୃତରେ ଶୁଣିପାରିବ ଓ ସୁନିଶ୍ଚିତ ଭାବରେ ତାଙ୍କର ଆଦେଶକୁ ଚିହ୍ନିନେଇ ପାରିବ, ସେଥିଲାଗି ମଧ୍ୟ ସିଏ କୌଣସି ନା କୌଣସି ଗୋଟିଏ ବାଟ ଅବଶ୍ୟ ବାହାର କରିବେ ।

ଯେଉଁମାନେ ସର୍ବୋଚ୍ଚ ପରମସତ୍ୟ ଅନୁସାରେ ଜୀବନ ବଞ୍ଚିବା ଲାଗି ଇଚ୍ଛା କରୁଥା'ନ୍ତି, ସେମାନଙ୍କୁ ଏହିପରି ଏକ ନିର୍ଭର ପ୍ରଦତ୍ତ ହୋଇଥାଏ ।

୩ ମାର୍ଚ୍ଚ, ୧୯୭୦

**୩୭୦.** **କେବଳ ଜାଣିକରି କି ଲାଭ ? ତେଣୁ ମୁଁ ତୋତେ କହୁଛି, କାର୍ଯ୍ୟ କର ଏବଂ ହୋଇଉଠ । କାରଣ, କେବଳ ସେଇଥି ସକାଶେହିଁ ଭଗବାନ ତୋତେ ଏହି ମନୁଷ୍ୟଶରୀର ମଧ୍ୟକୁ ପ୍ରେରଣ କରିଛନ୍ତି ।**

**୩୭୧.** **କେବଳ ହେବାରେ କି ଲାଭ ? ତେଣୁ ମୁଁ ତୋତେ କହୁଛି, ତୁ ବିକାଶ ଲାଭ କର । କାରଣ, କେବଳ ସେଇଥି ସକାଶେହିଁ ତୋତେ ଜଡ଼ର ଏହି ଜଗତରେ ଜଣେ ମନୁଷ୍ୟରୂପେ ପ୍ରତିଷ୍ଠିତ କରି ରଖାଯାଇଛି ।**

**୩୭୨.** **ଗୋଟିଏ ଦୃଷ୍ଟିରୁ ବିଚାର କଲେ, ଭଗବାନଙ୍କର ତ୍ରିବିଧ ନଦୀପଥରେ କର୍ମର ପଥ ହେଉଛି ସବୁଠାରୁ ଅଧିକ ପରିମାଣରେ ଆୟାସସାଧ୍ୟ । ମାତ୍ର, ଅନ୍ତତଃ ଏହି ଜଡ଼ ଜଗତରେ କ'ଣ ଏହାହିଁ ପ୍ରକୃତରେ ସବୁଠାରୁ ଅଧିକ ସହଜ, ଅଧିକ ପ୍ରଶସ୍ତ ଏବଂ ଅଧିକ ଆନନ୍ଦମୟ ପଥ ନୁହେଁ ? କାରଣ ଏଥିରେ ଆମକୁ ପ୍ରତି ମୁହୂର୍ତ୍ତରେ କର୍ମିରୂପୀ ଈଶ୍ୱରଙ୍କ ସହିତ ଯାଇ ଧକ୍କା ଖାଇବାକୁ ପଡ଼ିଥାଏ ଏବଂ ସହସ୍ର ଦିବ୍ୟ-ସ୍ପର୍ଶର ମଧ୍ୟଦେଇ ତାଙ୍କର ସତ୍ତା ମଧ୍ୟକୁ ବିକଶିତ ହୋଇ ଉଠିବାକୁ ହୋଇଥାଏ ।**

**୩୭୩.** **କର୍ମର ମାର୍ଗରେ ଏହା ପ୍ରକୃତରେ ଏକ ଚମତ୍କାର କଥା ହେଉଛି ଯେ, ଏଥିରେ ଈଶ୍ୱରଙ୍କ ସହିତ ରହିଥିବା ଶତ୍ରୁତାକୁ ମଧ୍ୟ ମୁକ୍ତିର ଏକ କାରଣରେ ପରିଣତ କରାଯାଇ ପାରିବ । ସମୟ ସମୟରେ ଈଶ୍ୱର ଆମର ଜଣେ ଭୟଙ୍କର, ଅଜେୟ ଏବଂ ଅନମନୀୟ ଶତ୍ରୁରୂପେ ଆମ**

**ସହିତ କୁସ୍ତି କରି ଆମକୁ ସବୁଠାରୁ ଅଧିକ ତ୍ୱରାନ୍ୱିତ ଭାବରେ ତାଙ୍କ ସହିତ ନେଇ ସଂଲଗ୍ନ କରି ରଖନ୍ତି ।**

ସଂକ୍ଷେପରେ କହିଲେ, ଦିବ୍ୟ କରୁଣା ପ୍ରକୃତରେ ଏଡ଼େ ଚମତ୍କାର ଯେ, ତୁମେ ଯାହାକିଛି କରୁଥାଅ ପଛକେ, ଏହା ତୁମକୁ ଅଳ୍ପ ବା ବହୁତ ତ୍ୱରାନ୍ୱିତ ଭାବରେ ସେହି ଦିବ୍ୟ ଲକ୍ଷ୍ୟ ଆଡ଼କୁ ଅବଶ୍ୟ ପରିଚାଳିତ କରିନେଇଯାଏ ।

୫ ମାର୍ଚ୍ଚ, ୧୯୭୦

**୩୭୪. ମୁଁ ମୃତ୍ୟୁକୁ ସ୍ୱୀକାର କରିନେବି ନା ଏପାଖକୁ ବୁଲି ତାଙ୍କ ସହିତ କୁସ୍ତି କରିବି ଓ ବିଜୟ ହାସଲ କରିବି ? ମୋ'ଭିତରେ ରହିଥିବା ଈଶ୍ୱର ଯେପରି ଇଚ୍ଛା କରିବେ, ଏହା ଠିକ୍ ସେହିପରି ହେବ । କାରଣ ମୁଁ ବଞ୍ଚିରହେ ଅଥବା ମରେ ପଛକେ, ମୁଁ ସର୍ବଦାହିଁ ଅବଶ୍ୟ ରହିଛି ।**

**୩୭୫. ତୁମେ କାହାକୁ ମୃତ୍ୟୁ ବୋଲି କହୁଛ ? ଈଶ୍ୱରଙ୍କର କେବେ ମୃତ୍ୟୁ ହୋଇପାରେ କି ? ହେ ତୁମେ ମୃତ୍ୟୁକୁ ଯିଏ ଭୟ କରୁଛ ! ସେହି ମହାନ୍ ପରମଜୀବନହିଁ ଏକ ମୃତ୍ୟୁ-ମସ୍ତକ ସହିତ ଖେଳିଖେଳି ଓ ଭୟାନକତାର ମୁଖାଟିଏ ପିନ୍ଧି ତୁମପାଖକୁ ଆସିଛି ।**

**୩୭୬. ଏହି ଜଡ଼ଭୂମିରେ ମଧ୍ୟ ଅମରତ୍ୱ ଲାଭ କରିବାର ଏକ ଉପାୟ ରହିଛି; ଏବଂ ପ୍ରକୃତି ଆମକୁ ବାଧ୍ୟ କରେ ବୋଲି ଯେ ଆମେ ମୃତ୍ୟୁର ସମ୍ମୁଖୀନ ହେଉ ସେକଥା ଆଦୌ ନୁହେଁ, ଆମେ ନିଜ ଇଚ୍ଛାରେହିଁ ମୃତ୍ୟୁକୁ ବରଣ କରିଥାଉ । ମାତ୍ର, ଶହେବର୍ଷ ଧରି ସେହି ଗୋଟିଏ ଅଙ୍ଗ-ପରିଚ୍ଛଦ ପିନ୍ଧିକରି ରହିବାକୁ ଏବଂ ଏକ ଦୀର୍ଘ ଚିରନ୍ତନ କାଳ ପର୍ଯ୍ୟନ୍ତ ସେହି ଗୋଟିଏ ସଂକୀର୍ଣ୍ଣ ଓ ପରିବର୍ତ୍ତନହୀନ ଆବାସ ମଧ୍ୟରେ ବନ୍ଦୀ ହୋଇ ରହିବାକୁ କିଏ କାହିଁକି ଇଚ୍ଛା କରିବ ?**

*ଏହି ଜୀବନରେ ଆପଣାର କାର୍ଯ୍ୟ ଶେଷ ହେଲା ଏବଂ ତା'ର ଆଉ କିଛିହେଲେ ଦେବାକୁ ନାହିଁ ବୋଲି ଯଦି ଜଣେ ବ୍ୟକ୍ତି ଅନୁଭବ କରେ, ତେବେ ତା'ଲାଗି ମୃତ୍ୟୁକୁ ଗ୍ରହଣ କରିନେବା ଏବଂ ଲକ୍ଷ୍ୟହୀନ ଭାବରେ*

*ଏହି ଜୀବନଟାକୁ ନେଇ ଘୋଷାରିହେବା ପରିବର୍ତ୍ତେ ଆଉଥରେ ଜନ୍ମଲାଭ କରିବା ପ୍ରକୃତରେ ଅଧିକ ଭଲ ହେବ ନାହିଁ କି ?*

ବସ୍ତୁଗୁଡ଼ିକ ଆପଣାର ମନୋମତ ଗତି କରୁ ନାହିଁ ବୋଲି ଦେଖିବାକୁ ପାଇବା ମାତ୍ରକେ ଅସନ୍ତୁଷ୍ଟ ଅହଂ ଆପଣାକୁ ଠିକ୍ ସେହି ପ୍ରଶ୍ନଟି କରିଥାଏ ।

ମାତ୍ର, ଯିଏ ଦିବ୍ୟ ପରମସତ୍ତାଙ୍କର ହୋଇ ରହିଥାଏ ଏବଂ ସତ୍ୟରେହିଁ ଜୀବନ ବଞ୍ଚିବାକୁ ଇଚ୍ଛା କରୁଥାଏ, ସିଏ ଭଲ କରି ଜାଣିଥାଏ ଯେ, ଏହି ପୃଥିବୀରେ ତା'ର କୌଣସି ପ୍ରୟୋଜନୀୟତା ରହିଛି ବୋଲି ଉପଲବ୍ଧି କରୁଥିବା ପର୍ଯ୍ୟନ୍ତ ସିଏ ତାକୁ ନିଶ୍ଚୟ ଏହିଠାରେହିଁ ରଖିଥିବେ ଏବଂ, ତା'ର ଏଠାରେ ଆଉ କିଛିହେଲେ କରିବାକୁ ନ ରହିଲେ ସିଏ ତାକୁ ଏଠାରୁ ଅନ୍ୟତ୍ର ନେଇଯିବେ । ତେଣୁ ତୁମର ପ୍ରଶ୍ନଟିର ଆଦୌ କୌଣସି ପ୍ରାସଙ୍ଗିକତା ନାହିଁ, ଏବଂ ସେହି ବ୍ୟକ୍ତିଟି ଯେ ଦିବ୍ୟ ପରମସତ୍ତାଙ୍କର ସର୍ବୋଚ୍ଚ ପ୍ରଜ୍ଞାର ସୁନିଶ୍ଚୟତା ମଧ୍ୟରେ ଅତ୍ୟନ୍ତ ସ୍ଥିର ହୋଇ ନିଜର ଜୀବନ ବଞ୍ଚୁଥିବ, ସେଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ।

୬ ମାର୍ଚ୍ଚ, ୧୯୭୦

*ଆପଣ କାଲି ଲେଖିଥିଲେ : ''ମାତ୍ର ଯିଏ ଦିବ୍ୟ ପରମସତ୍ତାଙ୍କର ହୋଇ ରହିଥାଏ...'' ମାତ୍ର ପ୍ରତ୍ୟେକ ବ୍ୟକ୍ତି, ସିଏ ଯେଉଁଠାରେ ଥାଉ ପଛକେ, ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ହୋଇ ରହିନଥାଏ କି ?*

''ଯିଏ ଦିବ୍ୟ ପରମସତ୍ତାଙ୍କର ହୋଇ ରହିଥାଏ'' କହିଲାବେଳେ ମୁଁ ଏପରି ଜଣେ ବ୍ୟକ୍ତିର କଥା କହୁଛି, ଯିଏକି ନିଜ ଭିତରୁ ଅହଂର ବିଲୁପ୍ତି ଘଟାଇଛି, ଯିଏ ଦିବ୍ୟ ପରମସତ୍ତାଙ୍କ ବିଷୟରେ ସତତ ସଚେତନ ହୋଇ ରହିଛି, ଯାହାର କି ନିଜର ବ୍ୟକ୍ତିଗତ ଇଚ୍ଛା ବୋଲି ଆଉ କିଛି ନାହିଁ, ଯିଏକି କେବଳ ସେହି ଦିବ୍ୟ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ସକଳ କାର୍ଯ୍ୟ କରେ ଏବଂ, ସେହି ଦିବ୍ୟ ପରମସତ୍ତା ସିଏ ଯାହା କରୁ ବୋଲି ଇଚ୍ଛା କରୁଛନ୍ତି, ତାହାକୁହିଁ କରିବା ବ୍ୟତୀତ ଯାହାର ଆଉ ଅନ୍ୟ କୌଣସି ଉଦ୍ଦେଶ୍ୟ ନ ଥାଏ ।

ଏହି ଅବସ୍ଥାରେ ବହୁସଂଖ୍ୟକ ବ୍ୟକ୍ତି ବାସ କରନ୍ତି ବୋଲି ମୁଁ ଭାବୁ ନାହିଁ । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେମାନଙ୍କର ଜୀବନ ଆଉ କୌଣସି ପ୍ରୟୋଜନରେ ଲାଗୁଛି କି ନାହିଁ, ଏହି ବ୍ୟକ୍ତିମାନେ ସେବିଷୟରେ ଆଦୌ କୌଣସି ଚିନ୍ତା କରିବେ ନାହିଁ, କାରଣ ସେମାନେ କେବଳ ସେହି ଦିବ୍ୟ ପରମସତ୍ତାଙ୍କ

ଦ୍ୱାରା ପ୍ରେରିତ ହୋଇ ତାଙ୍କରି ସକାଶେ ଜୀବନ ବଞ୍ଚୁଥିବେ ଏବଂ ତେଣୁ ସେମାନଙ୍କର ଆଉ ବ୍ୟକ୍ତିଗତ ଜୀବନ ବୋଲି ଆଦୌ କିଛି ନ ଥିବ ।

୭ ମାର୍ଚ୍ଚ, ୧୯୭୦

**୩୭୭. ଭୟ ଓ ଚିନ୍ତାଗ୍ରସ୍ତତା ଇଚ୍ଛାଶକ୍ତିର ଗୋଟିଏ ଗୋଟିଏ ବିକୃତ ରୂପ । ତୁମେ ଯେଉଁ କଥାକୁ ଭୟ କରୁଛ ଓ ଯାହା ବିଷୟରେ ଏତେ ଚିନ୍ତିତ ହୋଇ ପଡୁଛ, ଆପଣାର ମୁଣ୍ଡ ଭିତରେ ସେହି କଥାଟାକୁ ବାରବାର ନେଇ ପିଟିବାରେ ଲାଗିଛ,— ତଦ୍ୱାରା ତୁମେ ତାକୁ ଘଟିବାରେ ସାହାଯ୍ୟ କରୁଛ । କାରଣ, ତୁମ ଜାଗ୍ରତ ମନ ଉପର ଭୂମିରେ ରହିଥିବା ଇଚ୍ଛାଶକ୍ତି ତାହାକୁ ପ୍ରତ୍ୟାହତ କରି ରଖୁଥାଏ, ତଥାପି ନିମ୍ନରେ ତୁମର ମନ ତାହାକୁହିଁ ଅନୁକ୍ଷଣ ଇଚ୍ଛା କରି ଆସୁଛି; ଏବଂ, ତୁମର ଜାଗରଣ-ଶକ୍ତି ତଥା ବୁଦ୍ଧି ଅପେକ୍ଷା ତୁମର ଅବଚେତନହିଁ ସର୍ବଦା ଅଧିକ ଶକ୍ତିଶାଳୀ ଓ ପ୍ରଶସ୍ତ ହୋଇ ରହିଛି, ଯେକୌଣସି ଅଭିପ୍ରାୟକୁ ପୂର୍ଣ୍ଣ କରିବା ଲାଗି ଅଧିକ ସାଧନଯୁକ୍ତ ହୋଇ ରହିଛି । ମାତ୍ର ଚିନ୍ମୟ ଆତ୍ମା ଏହି ଦୁହିଙ୍କଠାରୁ ଆହୁରି ଅଧିକ ବଳଶାଳୀ । ତୁମେ ଭୟ ଏବଂ ଆଶାର ସ୍ତରକୁ ପରିତ୍ୟାଗ କରି ଚିନ୍ମୟ ଆତ୍ମାର ସେହି ଭବ୍ୟ ସ୍ଥୈର୍ଯ୍ୟ ଏବଂ ଚିନ୍ତାଶୂନ୍ୟ ପ୍ରଭୁତ୍ୱଶକ୍ତି ମଧ୍ୟରେହିଁ ଆଶ୍ରୟ ଗ୍ରହଣ କର ।**

୩୭୮. ପରମେଶ୍ୱର ଆତ୍ମଜ୍ଞାନ ଦ୍ୱାରାହିଁ ଏହି ଅନନ୍ତ ଜଗତ ନିର୍ମାଣ କରିଥିଲେ ଯିଏକି ନିଜର କ୍ରିୟାଶୀଳତା ମଧ୍ୟରେ ଆତ୍ମପରିପୂରଣକାରୀ ପରମ ଇଚ୍ଛାଶକ୍ତିରେ ପରିଣତ ହୋଇଛନ୍ତି । ଆପଣାର ଅନନ୍ତତାକୁ ସୀମାସୂଚିତ କରି ରଖିବା ଲାଗି ସିଏ ଅଜ୍ଞାନକୁ ବ୍ୟବହାର କରିଥିଲେ; ମାତ୍ର, ଭୟ, ଉଦ୍‌ବିଗ୍ନତା, ନୈରାଶ୍ୟ, ଆତ୍ମ-ଅବିଶ୍ୱାସ ଏବଂ ଦୁର୍ବଳତା ପ୍ରତି ସମ୍ମତି,— ଏହିସବୁ ସାଧନ ମାଧ୍ୟମରେହିଁ ସେ ଆପଣାର ସୃଷ୍ଟ ପଦାର୍ଥଗୁଡ଼ିକୁ ବିନଷ୍ଟ କରିଦିଅନ୍ତି । ଏବଂ, ତୁମ ଭିତରେ ଯାହାକିଛି ମନ୍ଦ, ଅନିଷ୍ଟକାରୀ ଓ କୁନିୟନ୍ତ୍ରିତ ହୋଇ ରହିଛି, ସେଗୁଡ଼ିକ ଯେତେବେଳେ ଏହିସବୁ କ୍ଷେତ୍ରରେ ନିଜକୁ ପ୍ରୟୋଜିତ କରି ରଖିଥା'ନ୍ତି, ସେତେବେଳେ ସବୁକିଛି ବେଶ୍ ଭଲ ଥାଏ; ମାତ୍ର ଯଦି ସେମାନେ

**ତୁମ ଜୀବନ ଏବଂ ବଳର ଉତ୍ସଗୁଡ଼ିକୁହିଁ ଯାଇ ଆକ୍ରମଣ କରିବାକୁ ଆରମ୍ଭ କରିବେ, ତେବେ ତୁମକୁ ସେମାନଙ୍କୁ ଧରି ବହିଷ୍କୃତ କରିଦେବାକୁ ପଡ଼େ, ନଚେତ୍ ସେହିମାନଙ୍କ ହେତୁ ମୃତ୍ୟୁମୁଖରେ ପଡ଼ିବାକୁ ହୋଇଥାଏ ।**

ଯେତେବେଳେ ଏହିସବୁ ବିନାଶଶକ୍ତି ଆମକୁ ଆସି ଆକ୍ରମଣ କରନ୍ତି, ସେତେବେଳେ ସେଥିରୁ ଏହାହିଁ ପ୍ରମାଣିତ ହୋଇଥାଏ ଯେ, ଆମେ ଆମ ଅହଂର କବଳରୁ ମୁକ୍ତ ହୋଇ ଆସିବାକୁ ଏବଂ ଆମ ସତ୍ତାର କେନ୍ଦ୍ରରେ ରହିଥିବା ସେହି ଦିବ୍ୟ ପରମ ଉପସ୍ଥିତି ମଧ୍ୟକୁ ସଚେତନ ଭାବରେ ପ୍ରବେଶ କରିବାକୁ ପ୍ରସ୍ତୁତ ହୋଇଗଲୁଣି; ପୂର୍ଣ୍ଣ ଆଲୋକ ଏବଂ ଶାନ୍ତିମୟତା ତଥା ଆନନ୍ଦ ମଧ୍ୟରେ ଆମେ ଆମର ଅହଂ ଆମ ଉପରେ ଆଣି ଲଦି ଦେଇଥିବା ଯାବତୀୟ ଦୁଃଖରୁ ଶେଷକୁ ମୁକ୍ତିଲାଭ କରିବା ଲାଗି ପ୍ରସ୍ତୁତ ହୋଇଗଲୁଣି । ସେହି ଅହଂହିଁ ଆମର ଯାବତୀୟ ଜୀବନ-ସଂସ୍ପର୍ଶକୁ ଦୁଃଖଭୋଗରେ ପରିଣତ କରି ଦେଉଥାଏ, ସେହି ଅହଂ ଆମଭିତରେ ରହିଥିବା ଦିବ୍ୟ ପରମ-ଉପସ୍ଥିତି ବିଷୟରେ ସଚେତନ ହୋଇ ରହିବାରୁ, ଏବଂ ତାଙ୍କରି ହାତରେ ସ୍ଥିର, ସବଳ ଓ ପ୍ରଫୁଲ୍ଲ ସାଧନରୂପେ ବ୍ୟବହୃତ ହେବାରୁ ବଞ୍ଚିତ କରି ରଖିଥାଏ । ୯ ମାର୍ଚ୍ଚ, ୧୯୭୦

**୩୭୯. ଆପଣାର ସାମର୍ଥ୍ୟଚୟ ଏବଂ ଆନନ୍ଦଭୋଗକୁ ନଷ୍ଟ କରି ଦେବା ପାଇଁ ମନୁଷ୍ୟଜାତି ଦୁଇଟି ଶକ୍ତିଶାଳୀ ଅସ୍ତ୍ରକୁ ବ୍ୟବହାର କରି ଆସିଛି : ସେହି ଦୁଇଟି ଅସ୍ତ୍ର ହେଉଛନ୍ତି ଭ୍ରାନ୍ତ ଆସକ୍ତି ଏବଂ ଭ୍ରାନ୍ତ ନିବୃତ୍ତି ।**

**୩୮୦. ଧର୍ମହୀନତାର ଦୋଷରୁ ରକ୍ଷା ପାଇବା ଲାଗି ବୈରାଗ୍ୟ ମଧ୍ୟକୁ ପଳାୟନ କରିବା ଏବଂ ବୈରାଗ୍ୟର ଦୋଷଗୁଡ଼ିକରୁ ରକ୍ଷା ପାଇବା ସକାଶେ ପୁନର୍ବାର ଧର୍ମହୀନତା ମଧ୍ୟକୁ ପଳାଇ ଆସିବା– ଏହାହିଁ ସର୍ବଦା ଆମର ଭୁଲ ହୋଇ ଆସିଛି, ବର୍ତ୍ତମାନ ମଧ୍ୟ ହେଉଛି । ଏହି ଦୁଇଟିଯାକ ମିଥ୍ୟା ବିପରୀତ-ବିନ୍ଦୁ ମଧ୍ୟରେ ଆମେ ଦୋଳାୟମାନ ହୋଇ ରହିଆସିଛୁ ।**

**୩୮୧. କ୍ରୀଡ଼ା ସମୟରେ ଏକାବେଳେକେ ଅତ୍ୟନ୍ତ ହୁଗୁଳା ଭାବରେ କ୍ରୀଡ଼ାରେ ରତ ହୋଇ ନ ରହିବା ଉଚିତ ଏବଂ ନିଜର ଜୀବନ ତଥା କର୍ମଚୟର କ୍ଷେତ୍ରରେ ଏକାବେଳେକେ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ଗମ୍ଭୀର ହୋଇ**

**ନ ରହିବା ମଧ୍ୟ ଉଚିତ । ଉଭୟଟି ମଧ୍ୟରେ ଆଗେ ଏକ କ୍ରୀଡ଼ାସୁଲଭ ସ୍ୱାଧୀନତା ଏବଂ ଗମ୍ଭୀର ଶୃଙ୍ଖଳାର ଅନ୍ୱେଷଣ କରି ପାରୁଥିବା ଉଚିତ ।**

ଯେକୌଣସି କ୍ଷେତ୍ର ବା ଦିଗରେ ହେଉ ପଛକେ, ଅତିରିକ୍ତତାକୁ ସର୍ବଦା ଏକ ତୀବ୍ର ବ୍ୟାଘାତ ବୋଲି ଜାଣିବାକୁ ହେବ । ଏବଂ, କେବଳ ଶାନ୍ତି, ସ୍ଥିରତା ତଥା ସମଞ୍ଜସତାର ବାତାବରଣ ମଧ୍ୟରେହିଁ ସତ୍ୟକୁ ଆବିଷ୍କାର କରିହେବ, ସତ୍ୟକୁ ବଞ୍ଚିହେବ ।

୧୦ ମାର୍ଚ୍ଚ, ୧୯୭୦

**୩୮୨. ଦୀର୍ଘ ଚାଳିଶି ବର୍ଷ ଧରି ସଂପୂର୍ଣ୍ଣ ଭଲର ପଶ୍ଚାତରେ ମୁଁ ଆପଣାର ଶାରୀରିକ ଗଠନକ୍ଷେତ୍ରରେ ଦୁର୍ବଳ ହୋଇ ରହିଥିଲି । ମୁଁ ସର୍ବଦା ସାନ ଓ ବଡ଼ ନାନା ଅସୁସ୍ଥତା ଭୋଗ କରୁଥିଲି ଏବଂ ଭ୍ରମବଶତଃ ଏହି ଦୁର୍ଭାଗ୍ୟକୁ ପ୍ରକୃତି ମୋ'ଉପରେ ଆଣି ଲଦି ଦେଇଥିବା ଏକ ବୋଝ ବୋଲି ମନେ କରୁଥିଲି । ତା'ପରେ, ଯେତେବେଳେ ଔଷଧର ବ୍ୟବହାର ଛାଡ଼ିଦେଲି, ସେତେବେଳେ ସେମାନେ ସତେଅବା ଭାରି ନିରାଶ ହୋଇ ଯାଇଥିବା ପରଜୀବୀମାନଙ୍କ ପରି ବିଦାୟ ହୋଇ ଯିବାକୁ ଆରମ୍ଭ କଲେ । ସେତେବେଳେ ଯାଇ ମୁଁ ବୁଝିଲି, ମୋ ଭିତରର ସ୍ୱାଭାବିକ ସ୍ୱାସ୍ଥ୍ୟଟିର ପ୍ରକୃତରେ କେତେ ଅଧିକ ବଳ ରହିଛି ଏବଂ ଏହି ଶରୀର ମଧ୍ୟରେ ଆମ ଜୀବନର ଦିବ୍ୟ ଅବଲମ୍ବନ ହୋଇ ରହିବା ଲାଗି ପରମେଶ୍ୱର ଆମ ମନକୁ ଅତିକ୍ରମ କରାଇ ଯେଉଁ ଅମିତ ଇଚ୍ଛାଶକ୍ତି ଏବଂ ବିଶ୍ୱାସକୁ ଆମ ଲାଗି ଅଭିପ୍ରେତ କରି ରଖିଛନ୍ତି, ତାହା ପ୍ରକୃତରେ ଆହୁରି କେତେ ଅଧିକ ଶକ୍ତିଶାଳୀ !**

ଆମ ଜୀବନର ଯାବତୀୟ ପରିସ୍ଥିତି ଆମକୁ ଏହି କଥାଟିକୁ ଶିକ୍ଷା ଦେବା ନିମନ୍ତେ ନିୟୋଜିତ ହୋଇ ରହିଛି ଯେ, ମନର ସୀମାକୁ ଅତିକ୍ରମ କରି, ଦିବ୍ୟ ପରମକରୁଣା ଉପରେ ଆମର ବିଶ୍ୱାସ ଆମକୁ ଯାବତୀୟ ପରୀକ୍ଷାକୁ ପାର ହୋଇ ଯିବାରେ, ଯାବତୀୟ ଦୁର୍ବଳତାକୁ ଅତିକ୍ରମ କରିବାରେ ଏବଂ, ଆମକୁ କେବଳ ଶାନ୍ତି ଓ ଆନନ୍ଦ ନୁହେଁ, ମାତ୍ର ଏକ ଶାରୀରିକ ଭାରସାମ୍ୟ ତଥା ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରୁଥିବା ସେହି ଦିବ୍ୟ ପରମଚେତନା ସହିତ ଅସଲ ସଂସ୍ପର୍ଶଟିକୁ ଖୋଜି ପାଇବାରେ ଆମକୁ ଉପଯୁକ୍ତ ବଳଟି ଆଣି ଦେଇଯାଇଥାଏ ।

୧୧ ମାର୍ଚ୍ଚ, ୧୯୭୦

୩୮୩. ଆମ ଭିତରେ ରହିଥିବା ଅସାଧ ବର୍ବରତା ହେତୁ ଆଧୁନିକ ମାନବଜାତିର ଯନ୍ତ୍ର ଲାଗି ଅବଶ୍ୟ ଏକ ଆବଶ୍ୟକତା ରହିଛି । ଯଦି ନିଜକୁ ନାନା ଆରାମ ଏବଂ ଅଧୀନତାର ଚିତ୍ତଭ୍ରମକାରୀ ଅସୁମାରି ଅନେକତା ମଧ୍ୟରେ ଆପଣାକୁ ବନ୍ଦୀକରି ରଖିବା ଲାଗି ଆମର ନିତାନ୍ତ ଆବଶ୍ୟକତା ରହିଥାଏ, ତେବେ ଆମକୁ କଳା ଓ ତାହାର ଯାବତୀୟ ପଦ୍ଧତିକୁ ବର୍ଜନ କରି ଚାଲି ଆସିବାକୁ ପଡ଼ିବ । କାରଣ ସହଜତା ଏବଂ ସ୍ୱାଧୀନତାକୁ ପରିତ୍ୟାଗ କରିବାର ଅର୍ଥ ହେଉଛି ସୌନ୍ଦର୍ଯ୍ୟକୁ ମଧ୍ୟ ପରିତ୍ୟାଗ କରିବା । ଆମ ପୂର୍ବପୁରୁଷମାନଙ୍କର ବିଳାସମୟ ଜୀବନ ଐଶ୍ୱର୍ଯ୍ୟଶାଳୀ ଓ ଆଡ଼ମ୍ବରପୂର୍ଣ୍ଣ ହୋଇ ରହିଥିଲା ସତ, ମାତ୍ର ତାହା କଦାପି ଏକ ବୋଝରେ ପରିଣତ ହୋଇ ଯାଇ ନ ଥିଲା ।

୩୮୪. ଇଉରୋପୀୟ ଜୀବନର ବର୍ବରତୁଲ୍ୟ ବିଳାସମୟତା ଏବଂ ଭାରଗ୍ରସ୍ତ ଅତ୍ୟାଡ଼ମ୍ବରକୁ ମୁଁ କଦାପି ସଭ୍ୟତା ବୋଲି ଅଭିହିତ କରିବି ନାହିଁ । ଯେଉଁ ମନୁଷ୍ୟମାନେ ଆପଣାର ଆତ୍ମାର କ୍ଷେତ୍ରରେ ସ୍ୱାଧୀନ ହୋଇ ନାହାନ୍ତି ଏବଂ ଆପଣାର କର୍ମନିୟୋଜନଗୁଡ଼ିକରେ ଯେଉଁମାନଙ୍କର କୌଣସି ଶାଳୀନତା ଅଥବା ଛନ୍ଦୋମୟତା ନାହିଁ, ସେମାନେ କଦାପି ସଭ୍ୟ ନୁହନ୍ତି ।

୩୮୫. ଆଧୁନିକ କାଳରେ ଏବଂ ଇଉରୋପର ପ୍ରଭାବରେ ପଡ଼ି କଳା ଜୀବନ ଉପରେ ସତେଅବା ଏକ ଅପବୃଦ୍ଧିମୟ ମନ୍ଦଯୁକ୍ତତା ପରି ହୋଇ ରହିଛି ବା ଏକ ଅନାବଶ୍ୟକ ଅଧମ ଭୃତ୍ୟ ହୋଇ ରହିଛି । ତାହା ପ୍ରକୃତରେ ଜୀବନର ପ୍ରମୁଖ ସେବକ ଏବଂ ଏକ ଅପରିହାର୍ଯ୍ୟ ବ୍ୟବସ୍ଥାପକ ହୋଇ ରହିପାରିଥା'ନ୍ତା ।

ଆପେ ସବୁକିଛି ଜାଣିଛି ବୋଲି ଏକ ଭ୍ରମାତ୍ମକ ଅନୁମାନ ଦ୍ୱାରା ପ୍ରେରିତ ହୋଇ ମନ ଆମର ଜୀବନ ଉପରେ ଶାସନ କରୁଥିବା ପର୍ଯ୍ୟନ୍ତ ଦିବ୍ୟ ପରମସତ୍ତାଙ୍କର ଶାସନ ପ୍ରତିଷ୍ଠିତ ହୋଇପାରିବ କିପରି ?

୧୨ ମାର୍ଚ୍ଚ, ୧୯୭୦

# ରୋଗ ଏବଂ ଚିକିତ୍ସା-ବିଜ୍ଞାନ

ଆରୋଗ୍ୟଲାଭ କରିବା ଅବଶ୍ୟ ଭଲ କଥା,

ମାତ୍ର ଅସୁସ୍ଥ ନ ହେବା ତା'ଠାରୁ ଆହୁରି ଭଲ ।

— ମାଆ

୩୮୬. ଅଧିକତର କ୍ଷେତ୍ରରେ ଆଦୌ ଅନିବାର୍ଯ୍ୟ ନ ଥିଲେ ମଧ୍ୟ ରୋଗକୁ ଅତ୍ୟନ୍ତ ଅନାବଶ୍ୟକ ଭାବରେ ଦୀର୍ଘ କରି ଦିଆଯାଏ ଓ ମୃତ୍ୟୁରେ ତାହାର ସମାପ୍ତି ଘଟିଥାଏ । କାରଣ ରୋଗୀର ମନ ତା' ଦେହର ରୋଗଟିକୁ ସମର୍ଥନ କରୁଥାଏ ଏବଂ ତାହାରି ଚିନ୍ତାରେହିଁ ନିମଗ୍ନ ହୋଇ ରହିଥାଏ ।

ଏହି କଥାଟି କେଡ଼େ ସଂପୂର୍ଣ୍ଣ ଭାବରେ ଠିକ୍ !

୩୮୭. ଚିକିତ୍ସାବିଜ୍ଞାନ ମନୁଷ୍ୟସମାଜ ଲାଗି ଏକ ଆଶୀର୍ବାଦ ହେବା ପରିବର୍ତ୍ତରେ ଏକ ଅଭିଶାପରେହିଁ ପରିଣତ ହୋଇଛି । ଏହି ବିଜ୍ଞାନ ସଂକ୍ରାମକ ରୋଗଗୁଡ଼ିକର ଶକ୍ତିକୁ ଖର୍ବ କରିଦେଇଛି ଏବଂ ଏକ ଚମତ୍କାର ଶଲ୍ୟଚିକିତ୍ସାର ଉଦ୍‌ଘାଟନ କରିଆଣିଛି ସତ, ମାତ୍ର, ଯୁଗପତ୍ ଭାବରେ, ତାହା ମନୁଷ୍ୟର ସ୍ୱାଭାବିକ ସ୍ୱାସ୍ଥ୍ୟର ଶକ୍ତିକୁ ହ୍ରାସ କରିଦେଇଛି ଏବଂ ରୋଗଗୁଡ଼ିକର ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି ଘଟାଇଛି । ମନ ଏବଂ ଶରୀରର କ୍ଷେତ୍ରରେ ଭୟ ଓ ନିର୍ଭରଶୀଳତାର ବୀଜବପନ କରିଛି; ଆମର ସ୍ୱାସ୍ଥ୍ୟକୁ ତାହା ଏକ ସ୍ୱାଭାବିକ ନିରାମୟତା ଉପରେ ନିର୍ଭର କରି ରହିବାକୁ ନୁହେଁ, ମାତ୍ର, ଧାତୁ ତଥା ଉଦ୍ଭିଦର ରାଜ୍ୟରୁ ନିର୍ବାସିତ ହୋଇ ଆସିଥିବା ଏକ ଅନିଶ୍ଚିତ ଏବଂ ଘୃଣ୍ୟ ଯଷ୍ଟି ଉପରେ ବଡ଼ ନିର୍ଭରଶୀଳ ହୋଇ ରହିବାକୁ ଶିକ୍ଷା ଦେଇଛି ।

୩୮୮. ଡାକ୍ତର ଗୋଟିଏ ରୋଗର ଚିକିତ୍ସା କରିବାକୁ ଯାଇ ଏକ ନିର୍ଦ୍ଦିଷ୍ଟ ଔଷଧର ପ୍ରୟୋଗ କରନ୍ତି । ବେଳେବେଳେ ତାହା ଠିକ୍ କାମ କରେ, ବେଳେବେଳେ ଆଦୌ କାମ କରେ ନାହିଁ । କାମ ନ କରୁଥିବା

**ଦୃଷ୍ଟାନ୍ତଗୁଡ଼ିକୁ ଧରାଯାଏ ନାହିଁ, କାମ କରିଥିବା ଦୃଷ୍ଟାନ୍ତ ଗୁଡ଼ିକୁ ସାଇତି ରଖାଯାଏ; ସେହିଗୁଡ଼ିକୁହିଁ ସ୍ୱୀକୃତି ଦିଆଯାଏ ଓ ସୂତ୍ର ବଦ୍ଧକରାଯାଇ ସେଥିରୁ ଏକ ବିଜ୍ଞାନକୁ ଗଢ଼ି ଥୋଇଦିଆଯାଏ ।**

ଭାରି ଚମତ୍କାର ଭାବରେ କଥାଟିକୁ କୁହାଯାଇଛି ।

**୩୮୯. ଜଡ଼ିବୁଟିର ବ୍ୟବହାର କରୁଥିବା ଗୁଣିଆ ଉପରେ ଆସ୍ଥା ରଖିଛି ବୋଲି ଆଦିମ ମନୁଷ୍ୟକୁ ଆମେ ଭାରି ଉପହାସ କରୁ । ମାତ୍ର, ଡାକ୍ତରମାନଙ୍କ ଉପରେ ଆସ୍ଥା ରଖିଥିବା ସଭ୍ୟମାନଙ୍କୁ କିପରି ଭାବରେ କମ୍ ଅନ୍ଧବିଶ୍ୱାସୀ ବୋଲି କୁହାଯିବ ? ଆଦିମ ମଣିଷ ଦେଖିବାକୁ ପାଏ ଯେ, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ମନ୍ତ୍ରକୁ ବାରବାର ଉଚ୍ଚାରଣ କରାଯାଉଛି, ସେତେବେଳେ ସେ ଏକ ନିର୍ଦ୍ଦିଷ୍ଟ ରୋଗରୁ ଅନେକ ସମୟରେ ଆରୋଗ୍ୟ ଲାଭ କରିପାରୁଛି । ତା'ର ବିଶ୍ୱାସ ହୋଇଯାଏ । ଜଣେ ସଭ୍ୟ ରୋଗୀ ମଧ୍ୟ ଦେଖିବାକୁ ପାଏ ଯେ, ଡାକ୍ତରଙ୍କର ବରାଦ ଅନୁସାରେ ଯେତେବେଳେ ସେ ଏକ ନିର୍ଦ୍ଦିଷ୍ଟ ଔଷଧର ସେବନ କରୁଛି, ସେତେବେଳେ ସେ ଅନେକ ସମୟରେ ଏକ ନିର୍ଦ୍ଦିଷ୍ଟ ରୋଗରୁ ଆରୋଗ୍ୟ ଲାଭ କରୁଛି । ତା'ର ମଧ୍ୟ ବିଶ୍ୱାସ ହୋଇଯାଏ । ତେବେ, ପାର୍ଥକ୍ୟ ଆଉ ରହିଲା କେଉଁଠାରେ ?**

ଉପସଂହାର କରି ଏକଥା କୁହାଯାଇପାରିବ ଯେ, ରୋଗୀ ଭିତରେ ରହିଥିବା ବିଶ୍ୱାସହିଁ ଔଷଧଟିକୁ ଆରୋଗ୍ୟ କରାଇବାର ସାମର୍ଥ୍ୟ ଆଣି ଦେଇଥାଏ ।

ଯଦି ଲୋକମାନଙ୍କର ପରମକରୁଣାର ଆରୋଗ୍ୟଶକ୍ତି ଉପରେ ପୂର୍ଣ୍ଣବିଶ୍ୱାସ ରହିଥାନ୍ତା, ତେବେ ସେମାନେ ହୁଏତ କେତେକେତେ ରୋଗରୁ ମୁକ୍ତ ହୋଇ ରହିପାରନ୍ତେ ।

୧୩ ମାର୍ଚ୍ଚ, ୧୯୭୦

**୩୯୦. ଉତ୍ତର ଭାରତର ଗ୍ରାମବାସୀ ପଶୁପାଳକକୁ ଜ୍ୱର ହେଲେ ସିଏ ଘଣ୍ଟାଏ ବା ତା'ଠାରୁ ଅଧିକ ସମୟ ଯାଏ କୌଣସି ନଦୀର ଶୀତଳ ଜଳଧାରା ଭିତରେ ଯାଇ ବସିଆସେ ଓ ଜ୍ୱରମୁକ୍ତ ହୁଏ । ତା'ର ଅସୁସ୍ଥତା ଦୂର ହୋଇଯାଏ । ଯଦି କୌଣସି ଶିକ୍ଷିତ ବ୍ୟକ୍ତି ସେକଥା କରୁଥାନ୍ତା, ତେବେ**

ତାହାର ପ୍ରାଣନାଶ ହୋଇ ଯାଉଥାନ୍ତା । ସେହି ଗୋଟିଏ ଉପଚାର ସ୍ୱଭାବତଃ ଜଣକର ପ୍ରାଣ ନେଉଛି ଓ ଆଉ ଜଣକର ଆରୋଗ୍ୟ କରାଉଛି ବୋଲି ଯେ ସେପରି ହେଉଛି, ସେକଥା ମୋଟେ ନୁହେଁ; ତାହାର କାରଣ ହେଉଛି ଯେ ମନର ପ୍ରରୋଚନା ଦ୍ୱାରା ଆମର ଶରୀରଗୁଡ଼ିକ ନାନା ଭୁଲ୍ ଅଭ୍ୟାସର ଗୁଳା ଭିତରେ ଆସି ପଡ଼ି ଯାଇଛନ୍ତି ଓ ସେଥିରୁ ନିସ୍ତାର ପାଇପାରୁ ନାହାନ୍ତି ।

୩୯୧. ଔଷଧ ଦ୍ୱାରା ରୋଗ ଭଲ ହୁଏ ନାହିଁ; ତା'ଠାରୁ ଅଧିକ ପରିମାଣରେ ଡାକ୍ତର ଏବଂ ଔଷଧ ଉପରେ ରହିଥିବା ରୋଗୀର ବିଶ୍ୱାସରୁହିଁ ରୋଗ ଭଲ ହୋଇଥାଏ । ଆପଣାର ଆତ୍ମଶକ୍ତି ଉପରେ ଆମର ରହିଥିବା ସ୍ୱାଭାବିକ ବିଶ୍ୱାସ ପାଇଁ ଏହି ଦୁଇଟିଯାକକୁ ଗୋଟିଏ ଗୋଟିଏ ଭାରି ଅମାର୍ଜିତ ସ୍ଥାନାପନ୍ନ ବୋଲି କୁହାଯିବ । ସେହି ଦୁହେଁହିଁ ସେହି ବିଶ୍ୱାସଟିକୁ ସ୍ୱୟଂ ନଷ୍ଟ କରି ଦେଇଛନ୍ତି ।

୩୯୨. ଯେଉଁସବୁ ଯୁଗରେ ସବୁଠାରୁ କମ୍ ସଂଖ୍ୟାର ବାହ୍ୟ ଆରୋଗ୍ୟ-ଉପଚାରମାନ ରହିଥିଲା, ସେହିଗୁଡ଼ିକୁହିଁ ମନୁଷ୍ୟଜାତିର ଇତିହାସରେ ସବୁଠାରୁ ଅଧିକ ସୁସ୍ଥ ଯୁଗ ବୋଲି କୁହାଯିବ ।

୩୯୩. ପୃଥିବୀପୃଷ୍ଠରେ ସବୁଠାରୁ ଅଧିକ ବଳବାନ୍ ଓ ସ୍ୱାସ୍ଥ୍ୟବାନ୍ ଜାତିରୂପେ ଆଫ୍ରିକାର ଆଦିମ ଅଧିବାସୀମାନେହିଁ ଥିଲେ । ମାତ୍ର, ସେମାନଙ୍କର ଭୌତିକ ଚେତନାକୁ ସଭ୍ୟ ମନୁଷ୍ୟର ଯାବତୀୟ ମାନସିକ ବିକୃତି ଦ୍ୱାରା ସଂକ୍ରମିତ କରି ଦିଆଯିବା ପରେ ସେମାନେ ଆଉ କେତେ କାଳ ଏହିପରି ସୁସ୍ଥ ଏବଂ ସବଳ ହୋଇ ରହିପାରିବେ ?

ସବୁବେଳେ ଯେମିତି, ଏଠାରେ ମଧ୍ୟ ଶ୍ରୀଅରବିନ୍ଦଙ୍କର ବାଣୀ ଅମୋଘ ଭାବରେ ସତ୍ୟ । କାରଣ, ମନୁଷ୍ୟଜାତି ତା'ର ମାନସିକ ବିକୃତିଗୁଡ଼ିକରୁ ଆରୋଗ୍ୟଲାଭ କରିପାରିଲେ ଯାଇ ତାହା ଅତିମାନସ ଚେତନାକୁ ବ୍ୟକ୍ତ କରି ଆଣିପାରିବ ଏବଂ ମନର ପ୍ରାଦୁର୍ଭାବ ହେତୁ ହରାଇ ଦେଇଥିବା ସ୍ୱାଭାବିକ ସ୍ୱାସ୍ଥ୍ୟକୁ ପୁନର୍ବାର ଫେରିପାଇବ ।

୧୪ ମାର୍ଚ୍ଚ, ୧୯୭୦

୩୯୪. ଯାବତୀୟ ରୋଗର ଆରୋଗ୍ୟ ଏବଂ ପ୍ରତିକାର-ବିଧାନ ପାଇଁ ଆମର ନିଜ ଭିତରେ ରହିଥିବା ଦିବ୍ୟ ସୁସ୍ଥାବସ୍ଥାଟିକୁ କାର୍ଯ୍ୟରେ ଲଗାଇପାରିବା ଉଚିତ । ମାତ୍ର ତା' ପରିବର୍ତ୍ତରେ ଗାଲେନ୍, ହିପୋକ୍ରାଟିସ୍ ଏବଂ ସେମାନଙ୍କର ସ୍ୱଜ୍ଞାତିମାନେ ଆମର ଶରୀରସ୍ତରୀୟ ଦିବ୍ୟସମାଚାର ରୂପେ ନାନା ଔଷଧର ଏକ ଅସ୍ତ୍ରାଗାର ଏବଂ ଲାଟିନ୍ ଭାଷାର ଏକ ବର୍ବର ଛଳଶାସ୍ତ୍ର ପ୍ରଦାନ କରିଛନ୍ତି ।

୩୯୫. ଚିକିତ୍ସାବିଜ୍ଞାନର ଅଭିପ୍ରାୟ ଆଦୌ ଖରାପ ନୁହେଁ ଏବଂ ସେହି ବିଦ୍ୟାର ଡାକ୍ତରମାନେ ଅଧିକାଂଶ ସମୟରେ ଅତ୍ୟନ୍ତ ଉଦାର; ସେମାନଙ୍କ ଭିତରେ ଆତ୍ମତ୍ୟାଗର ଦୃଷ୍ଟାନ୍ତ ମଧ୍ୟ ଆଦୌ ବିରଳ ନୁହେଁ । ମାତ୍ର, ଅଜ୍ଞାନ ବ୍ୟକ୍ତିମାନଙ୍କର ସୁ-ଅଭିପ୍ରାୟଯୁକ୍ତତା ଅନିଷ୍ଟ କରିବାରୁ ସେମାନଙ୍କୁ କ୍ଷାନ୍ତ କରିପାରିଛି କେଉଁଠି ?

୩୯୬. ଯଦି ଯାବତୀୟ ଔଷଧ ପ୍ରକୃତରେ ସ୍ୱଗୁଣବଳରେ ଯଥାର୍ଥ ଫଳପ୍ରଦ ହୋଇଥାନ୍ତେ ଏବଂ ଚିକିତ୍ସାବିଜ୍ଞାନର ଯାବତୀୟ ସିଦ୍ଧାନ୍ତ ପ୍ରମାଦମୁକ୍ତ ହୋଇଥାନ୍ତା, ତେବେ ଆମେ ହରାଇ ପକାଇଥିବା ସ୍ୱାଭାବିକ ସ୍ୱାସ୍ଥ୍ୟ ଓ ପ୍ରାଣଶକ୍ତିର କ୍ଷେତ୍ରରେ ତାହା ଆମକୁ ତଥାପି କି ସାନ୍ତ୍ୱନା ଦିଅନ୍ତା ? ବିଷ-ବୃକ୍ଷ ଆପଣାର ଶାଖାପ୍ରଶାଖା ସହିତ କେଡ଼େ ସୁସ୍ଥ ଓ ସୁନ୍ଦର ଦେଖାଯାଏ, ମାତ୍ର, ତାହା ତଥାପି ଏକ ବିଷବୃକ୍ଷ ।

୩୯୭. ଆମ ଭିତରେ ରହିଥିବା ଚିନ୍ମୟ ସତ୍ତାହିଁ ଏକମାତ୍ର ସର୍ବଦକ୍ଷତାଯୁକ୍ତ ଚିକିତ୍ସକ; ଏବଂ ତାହାରି ପାଖରେ ଶରୀର ଆପଣାକୁ ସମର୍ପିତ କରି ରଖିପାରିଲେ ଯାଇ ତାହା ପ୍ରକୃତରେ ଯାବତୀୟ ରୋଗରୁ ଆରୋଗ୍ୟଲାଭ କରିପାରିବ ।

୩୯୮. ଅନ୍ତରସ୍ଥ ପରମେଶ୍ୱର,– ସେଇ ହେଉଛନ୍ତି ଅନନ୍ତ ତଥା ଆପଣାକୁ ପୂର୍ଣ୍ଣ କରିବାରେ ଲାଗିଥିବା ପରମ ଇଚ୍ଛା । ମୃତ୍ୟୁଭୟ ଦ୍ୱାରା ଆଦୌ କୌଣସି ପ୍ରକାରେ ଆତଙ୍କିତ ନ ହୋଇ ତୁ ତାଙ୍କରି ହାତରେ ଆପଣାର

**ଯାବତୀୟ ରୋଗକୁ ନେଇ ଅର୍ପଣ କରିଦେଇ ପାରିବୁ କି ? କେବଳ ଗୋଟାଏ ପରୀକ୍ଷାସ୍ୱରୂପ ନୁହେଁ, ମାତ୍ର ଏକ ସ୍ଥିର ଓ ସଂପୂର୍ଣ୍ଣ ବିଶ୍ୱାସର ସହିତ ଅର୍ପଣ କରିପାରିବୁ କି ? ତେବେ ଅବଶ୍ୟ ଏକଥା ଦେଖିବାକୁ ପାଇବୁ ଯେ, ଲକ୍ଷ ଲକ୍ଷ ଡାକ୍ତରଙ୍କର ଦକ୍ଷତା ଅପେକ୍ଷା ତାଙ୍କର ଦକ୍ଷତା ବେଶୀ ।**

**୩୯୯. କୋଡ଼ିଏ ହଜାର ସତର୍କତା ଅବଲମ୍ବନ ଦ୍ୱାରା ସ୍ୱାସ୍ଥ୍ୟର ରକ୍ଷା କରିବାକୁ ହେବ ବୋଲି ଡାକ୍ତରମାନେ ଶୁଭପରାମର୍ଶ ଦେଇଥା'ନ୍ତି । ମାତ୍ର, ତାହାକୁ ଆମ ଶରୀର ଲାଗି ପରମେଶ୍ୱରଙ୍କର ଅଥବା ପ୍ରକୃତିର ସନ୍ଦେଶ ବୋଲି ମୋଟେ କୁହାଯିବ ନାହିଁ ।**

ମନର ସାର୍ବଭୌମତା ମନୁଷ୍ୟଜାତିକୁ ଡାକ୍ତର ଏବଂ ସେମାନଙ୍କର ଯାବତୀୟ ଔଷଧର ଦାସ କରି ରଖିଛି । ଫଳରେ, ଅସୁସ୍ଥତାଗୁଡ଼ିକର ସଂଖ୍ୟା ବଢ଼ିବାରେ ଲାଗିଛି, ସାଂଘାତିକତା ମଧ୍ୟ ବଢ଼ୁଛି ।

ଏକମାତ୍ର ପ୍ରକୃତ ମୁକ୍ତି-ଉପାୟ ହେଉଛି ଯେ ମନୁଷ୍ୟମାନେ ଦିବ୍ୟ ପରମପ୍ରଭାବ ଲାଗି ନିଜକୁ ଉନ୍ମୋଚିତ କରିଦେଇ ମନର ଏହି ଆଧିପତ୍ୟ ମଧ୍ୟରୁ ବାହାରକୁ ବାହାରି ଆସିବେ । ଏକ ସଂପୂର୍ଣ୍ଣ ସମର୍ପଣ ଦ୍ୱାରାହିଁ ସେମାନେ ତାହାକୁ ସମ୍ଭବ କରିପାରିବେ ।

୧୫ ମାର୍ଚ୍ଚ, ୧୯୭୦

**୪୦୦. ମନୁଷ୍ୟଜାତି ଏକଦା ସ୍ୱଭାବତଃ ସୁସ୍ଥ ହୋଇ ରହିଥିଲା, ଏବଂ ଯଦି ତାକୁ ଅବକାଶ ଦିଆଯାଆନ୍ତା, ତେବେ ସିଏ ପୁନର୍ବାର ସେହି ମୂଳ ଅବସ୍ଥାଟିକୁ ଫେରିଯାଇ ପାରନ୍ତା । ମାତ୍ର, ଚିକିତ୍ସା-ବିଜ୍ଞାନ ହାତରେ ଗୁଡ଼ାଏ ଔଷଧ ଧରି ଆମ ଶରୀର ପଛରେ ଗୋଡ଼ାଇବାରେ ଲାଗିଛି ଏବଂ ଧ୍ୱଂସକାରୀ କେତେକେତେ ଜୀବାଣୁମାନଙ୍କ ଦ୍ୱାରା ଆମର କଳ୍ପନା ଉପରେ ଆକ୍ରମଣ କରିବାରେ ଲାଗିଛି ।**

**୪୦୧. ଆପଣାକୁ ରୋଗଜୀବାଣୁମାନଙ୍କର ଏକ କାଳ୍ପନିକ ଅବରୋଧରୁ ରକ୍ଷା କରିବାରେ ନିଜ ଜୀବନଯାକ କଟାଇଦେବା ଅପେକ୍ଷା ମୁଁ ବରଂ ମରିଯିବାକୁ ଏବଂ ସେହି ଆକ୍ରମଣକୁ ସମାପ୍ତ କରିଦେବାକୁ ଶ୍ରେୟସ୍କର**

**ମଣିବି । ଯଦି ମୋ'ର ସେହି ଆଚରଣକୁ ବର୍ବର ଏବଂ ଅଜ୍ଞାନମୟ ବୋଲି କୁହାଯିବ, ତେବେ ମୁଁ ଆନନ୍ଦର ସହିତ ସେହି ସୂର୍ଯ୍ୟବର୍ଜିତ ଅନ୍ଧକାରକୁହିଁ ଆଦରି ରହିବି ।**

**୪୦୨. କଟାକଟି କରି ଓ ଅଙ୍ଗହାନି ଘଟାଇ ଶଲ୍ୟ-ଚିକିତ୍ସକମାନେ ପ୍ରାଣରକ୍ଷା କରାନ୍ତି ଓ ଆରୋଗ୍ୟ କରାଇ ଥାଆନ୍ତି । ମାତ୍ର, ତା' ନ କରି ଆମେ ବରଂ ପ୍ରକୃତିର ପ୍ରତ୍ୟକ୍ଷ ଏବଂ ସର୍ବଶକ୍ତିଶାଳୀ ପ୍ରତିକାରଗୁଡ଼ିକର ଆବିଷ୍କାର ନ କରିବା କାହିଁକି ?**

**୪୦୩. କୌଣସି ଔଷଧ-ସେବନ ନ କରି ଆପେଆପେ ଆରୋଗ୍ୟଲାଭ କରିବାକୁ ନିଶ୍ଚୟ ଦୀର୍ଘ ସମୟ ଲାଗିବ । କାରଣ, ଚିକିତ୍ସାବିଜ୍ଞାନ ଆମର ମନ ଏବଂ ଶରୀର ଭିତରେ କେତେ ଭୟ ଏବଂ ଅବିଶ୍ୱାସ ଆଣି ପୂରାଇ ଦେଇଛି, ଏବଂ ବାହ୍ୟ କ୍ଷେତ୍ରରେ କେଡ଼େ ଅସ୍ୱାଭାବିକ ଭାବରେ ଔଷଧ ଉପରେ ଅତିରିକ୍ତ ପରିମାଣରେ ଆସ୍ଥା ରଖିବା ପାଇଁ ଶିକ୍ଷା ଦେଇଛି; ସେଗୁଡ଼ାକୁ ଆମର ପ୍ରାୟ ଏକ ଦ୍ୱିତୀୟ ସ୍ୱଭାବରେ ପରିଣତ କରି ରଖିଛି ।**

କୌଣସି ବାହ୍ୟ ବିଧାନ ଦ୍ୱାରା ଆମେ ଔଷଧର ଅତ୍ୟାବଶ୍ୟକତା ବିଷୟରେ ରହିଥିବା ଆମର ମାନସିକ ଅତିବିଶ୍ୱାସଜନିତ କ୍ଷତିକୁ ବନ୍ଦ କରିପାରିବା ନାହିଁ; କେବଳ, ମନରୂପୀ ସେହି ବନ୍ଦିଶାଳା ଭିତରୁ ବାହାରି ଯାଇ ପାରିଲେ ଏବଂ ସଚେତନ ଭାବରେ ଚିନ୍ମୟତାର ଆଲୋକ ମଧ୍ୟରେ ପ୍ରବେଶ କରିପାରିଲେ, ଦିବ୍ୟ ପରମସତ୍ତାଙ୍କ ସହିତ ଏକ ସଚେତନ ସମ୍ମିଳନ ସମ୍ଭବ କରାଇ ପାରିଲେ ଯାଇ ଆମେ ଆମକୁ ପୁନର୍ବାର ସେହି ହୃତ ଭାରସାମ୍ୟ ଏବଂ ସ୍ୱାସ୍ଥ୍ୟକୁ ଫେରାଇ ଦେବା ଲାଗି ସେହି ପରମସତ୍ତାଙ୍କୁ ସମର୍ଥ କରାଇ ପାରିବା ।

ଅତିମାନସ ରୂପାନ୍ତର,— ତାହାହିଁ ଏକମାତ୍ର ପ୍ରତିକାର ।

୧୭ ମାର୍ଚ୍ଚ, ୧୯୭୦

**୪୦୪. ଔଷଧ ନ ଖାଇଲେ ଆରୋଗ୍ୟ ଲାଭ ନ କରିବାରେ ଆମ ଶରୀରଗୁଡ଼ିକ ଏକାନ୍ତ ଅଭ୍ୟସ୍ତ ହୋଇ ପଡ଼ିଛନ୍ତି ବୋଲି ଆମ ଶରୀରକୁ ରୋଗ ହେଲେ ଔଷଧ ଖାଇବାର ପ୍ରୟୋଜନ ହେଉଛି । ତଥାପି,**

ଏକଥା ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳୁଛି ଯେ, ଯେତେବେଳେ ଡାକ୍ତରମାନେ ପ୍ରାଣରକ୍ଷାର ଆଉ ଆଦୌ କୌଣସି ଆଶା ନାହିଁ ବୋଲି ହାତଛଡ଼ା ହୋଇ ବସୁଛନ୍ତି, ଠିକ୍ ସେତିକିବେଳେ ପ୍ରକୃତି ସ୍ୱୟଂ ତା'ର ଆରୋଗ୍ୟ କରିବାର ପ୍ରକ୍ରିୟାଟିକୁ ଆରମ୍ଭ କରିଦେଉଛି ।

୪୦୫. ଆମ ଭିତରେ ଯେଉଁ ଆରୋଗ୍ୟକାରିଣୀ ଶକ୍ତି ରହିଛି, ତାହା ଉପରେ ଅବିଶ୍ୱାସ କରିବାକୁ ଆରମ୍ଭ କରିବାରୁହିଁ ଆମେ ଆମର ଆଦର୍ଶ ସ୍ଥିତିରୁ ତଳକୁ ଖସି ପଡ଼ିଲୁ । ଆମେ ଯେପରି ସେହି ସ୍ଥିତିକୁ ପୁନର୍ବାର ଫେରି ଯାଇ ନ ପାରିବୁ ଓ ସେହି ସ୍ଥିତିରେ ପ୍ରବେଶ କରି ନ ପାରିବୁ, ସେଥିଲାଗି ପରମେଶ୍ୱରଙ୍କର ଦୁଇ ଦୂତ, ଚିକିତ୍ସାବିଜ୍ଞାନ ଏବଂ ବଂଶାନୁଗତ ଅଭ୍ୟାସ,– ଠିକ୍ ଦୁଆରମୁହଁରେ ଠିଆ ହୋଇ ଫେରିବାର ଓ ପୁନଃପ୍ରବେଶର ବାଟ ବନ୍ଦ କରି ରଖିଛନ୍ତି ।

୪୦୬. କୌଣସି ବୃହତ୍ ରାଷ୍ଟ୍ର ଯେପରି କୌଣସି କ୍ଷୁଦ୍ର ରାଷ୍ଟ୍ରକୁ ସୁରକ୍ଷା ଯୋଗାଇ ଦେଇ ତାହାକୁ ଦୁର୍ବଳ କରିପକାଏ ବା, ଯେପରିକି ଉଦାର ଡକାଏତ କବଳରେ ପଡ଼ିଥିବା ବ୍ୟକ୍ତିକୁ ଧରାଶାୟୀ କରି ତାହାକୁ କ୍ଷତବିକ୍ଷତ କରିଥାଏ ଯାହାଫଳରେ ସେ ତା'ର ସମଗ୍ର ଜୀବନ ତା'ର ସେହି କ୍ଷତବିକ୍ଷତ ଶରୀରର ସେବାକରିବା ଓ ଆରୋଗ୍ୟ କରିବାରେ ବିତାଇବ, ମନୁଷ୍ୟର ଶରୀର ଉପରେ ଚିକିତ୍ସାବିଜ୍ଞାନ ଠିକ୍ ସେହିପରି ଆଚରଣ କରିଥାଏ ।

୪୦୭. ଶରୀରକୁ କଷ୍ଟ ଦେଇ କିଂବା ତା'ଭିତରେ ବିଷ ଭରି ଦେଇ ଔଷଧଗୁଡ଼ିକ ଯେ ତାହାକୁ ଅଧିକାଂଶ ସମୟରେ ଆରୋଗ୍ୟ କରନ୍ତି, ସେକଥା ଆଦୌ ନୁହେଁ; ମାତ୍ର, ରୋଗ ଉପରେ ସେମାନଙ୍କର ବାହ୍ୟ ଆକ୍ରମଣ ପଛରେ ଚିନ୍ମୟତା-ଶକ୍ତିର ସମର୍ଥନ ରହିଥିଲେ ଯାଇ ତାହା ସମ୍ଭବ ହୋଇଥାଏ । ଯଦି ସେହି ଶକ୍ତିକୁ ମୁକ୍ତ ଭାବରେ କାର୍ଯ୍ୟ କରିବାର ଏକ ପରିବେଶ ସୃଷ୍ଟି କରାଯାଇପାରିବ, ତେବେ ଔଷଧଗୁଡ଼ିକ ଅନାବଶ୍ୟକ ପ୍ରମାଣିତ ହେବେ ।

ଯଥାର୍ଥ ଚେତନା ଏବଂ ଦିବ୍ୟ ପରମସତ୍ତାଙ୍କର ସର୍ବଶକ୍ତିମତ୍ତାଉପରେ ରହିଥିବା ଆମର ଐକାନ୍ତିକ ବିଶ୍ୱାସ ଦ୍ୱାରା ଆସୁଥିବା ମୁକ୍ତି ଲାଗି ଆମ ଭିତରେ ଏକ ଉଦ୍‌ବେଗହୀନ ଅଭୀପ୍ସା ଜାଗୃତ କରାଇ ଆଣିବାକୁ ଶ୍ରୀଅରବିନ୍ଦ ଏହି ଦୁଃସ୍ୱପ୍ନର ଏଇ ପ୍ରଭାବଶାଳୀ ବର୍ଣ୍ଣନା ଦେଇଛନ୍ତି ଯାହାମଧ୍ୟରେ ଆମେ ବାସ କରୁଛୁ ।

୧୮ ମାର୍ଚ୍ଚ, ୧୯୭୦

# ଭକ୍ତି

## ଟିପ୍‌ପଣୀଗୁଡ଼ିକର ଚତୁର୍ଥ ପର୍ଯ୍ୟାୟ
## (୧୯୬୯-୧୯୭୦)

# ଭକ୍ତି

ଭକ୍ତି ହେଉଛି ମୁକ୍ତିର ଦ୍ୱାରକୁ
ଉନ୍ମୋଚିତ କରିଦେଉଥିବା ଚାବିକାଠି ।

— ମାଆ

୪୦୮. ମୁଁ ଭକ୍ତ ନୁହେଁ, କାରଣ ମୁଁ ଭଗବାନଙ୍କ ଲାଗି ସଂସାରତ୍ୟାଗ କରି ନାହିଁ । ଯାହାକୁ ମୋ'ଠାରୁ ସିଏ ବଳପ୍ରୟୋଗ କରି ନେଇଗଲେ ଏବଂ ମୋ' ଇଚ୍ଛା ବିରୋଧରେ ମୋତେ ଯାହାକୁ ପୁନର୍ବାର ଫେରାଇଦେଲେ, ମୁଁ ତାହାକୁ ତ୍ୟାଗ କରିପାରିବି କିପରି ? ଏହା କରିବା ମୋ'ପାଇଁ ପ୍ରକୃତରେ ଅତ୍ୟନ୍ତ କଠିନ ହେବ ।

୪୦୯. ମୁଁ ଭକ୍ତ ନୁହେଁ, ମୁଁ ଜ୍ଞାନୀ ନୁହେଁ, ମୁଁ ପ୍ରଭୁଙ୍କର ଜଣେ କର୍ମୀ ନୁହେଁ । ତେବେ ମୁଁ ପ୍ରକୃତରେ କ'ଣ ? ମୋ' ପ୍ରଭୁଙ୍କ ହାତରେ ଏକ ସାଧନ, ସେହି ଦିବ୍ୟ ଗୋପାଳ-ବାଳକ ବଜାଇବାରେ ଲାଗିଥିବା ଗୋଟିଏ ବଂଶୀ, ସେହି ପ୍ରଭୁଙ୍କର ନିଃଶ୍ୱାସ ଉଡ଼ାଇନେଇ ଯାଉଥିବା ଗୋଟିଏ ପତ୍ର ।

୪୧୦. କର୍ମ ଏବଂ ଜ୍ଞାନରେ ପରିଣତ ନ ହୋଇଥିବା ପର୍ଯ୍ୟନ୍ତ ଭକ୍ତି ସମୁଚିତ ଭାବରେ ପରିପୂର୍ଣ୍ଣ ହୋଇପାରେ ନାହିଁ । ଯଦି ତୁ ପରମେଶ୍ୱରଙ୍କର ଅନୁଧାବନ କରୁଛୁ ଓ ତାଙ୍କୁ ଅତିକ୍ରମ କରି ଆଗକୁ ଚାଲିଯାଇ ପାରୁଛୁ, ତେବେ ତାଙ୍କରି ପରମସତ୍ୟଟିକୁ ଲାଭ ନ କରିଥିବା ପର୍ଯ୍ୟନ୍ତ ତାଙ୍କୁ ତୁ କଦାପି ଛାଡ଼ିଦେବୁ ନାହିଁ । ଯଦି ତୁ ତାଙ୍କର ପରମସତ୍ୟକୁ ଲାଭ କରିଛୁ, ତେବେ ତୋତେ ତାଙ୍କର ସମଗ୍ର ସତ୍ୟଟିକୁ ଲାଭ କରିବା ସକାଶେ ମଧ୍ୟ ଆକାଙ୍କ୍ଷା ରଖିବାକୁ ପଡ଼ିବ । ପ୍ରଥମଟି ତୋତେ ଦିବ୍ୟ ଜ୍ଞାନ ପ୍ରଦାନ କରିବ, ଦ୍ୱିତୀୟଟି ତୋ'ଲାଗି ଦିବ୍ୟ କର୍ମର ଏକ କ୍ଷେତ୍ର ଆଣିଦେବ ଏବଂ ଏହି ବିଶ୍ୱରେ ତୋତେ ମୁକ୍ତ ଏବଂ ଶୁଦ୍ଧ ଆନନ୍ଦର ଅଧିକାରୀ କରିପାରିବ ।

**୪୧୧.** **ଅନ୍ୟମାନେ ଈଶ୍ୱରଙ୍କ ପ୍ରତି ରହିଥିବା ସେମାନଙ୍କର ଭଲ ପାଇବାକୁ ନେଇ କେଡ଼େ ଗର୍ବ କରନ୍ତି । ମୋ'ର ଗର୍ବ ଯେ ମୁଁ ଈଶ୍ୱରଙ୍କୁ ଭଲ ପାଇ ନାହିଁ । ସ୍ୱୟଂ ଈଶ୍ୱରହିଁ ଆସି ମୋତେ ଭଲ ପାଇଲେ । ସିଏ ମୋତେ ଖୋଜି ବାହାର କରି ଦେଲେ ଏବଂ ମୋତେ ତାଙ୍କରି ହୋଇ ରହିବାକୁ ବାଧ୍ୟ କଲେ ।**

**୪୧୨.** **ପରମେଶ୍ୱର ଜଣେ ନାରୀ ବୋଲି ମୁଁ ଯେତେବେଳେ ଜାଣିବାକୁ ପାଇଲି, ସେତେବେଳେ ଯାଇ ଅନେକ ଦୂରରୁ ମୁଁ ଭଲପାଇବା ବିଷୟରେ କିଛି ଜାଣିବାକୁ ସମର୍ଥ ହେଲି । ମାତ୍ର, ଯେତେବେଳେ ମୁଁ ନିଜେ ଏକ ନାରୀରେ ପରିଣତ ହେଲି ଏବଂ ମୋ'ର ପ୍ରଭୁ ଏବଂ ପ୍ରେମାସ୍ପଦଙ୍କର ସେବା କରିପାରିଲି, ସେତେବେଳେ ଯାଇ ମୁଁ ପ୍ରେମର ସଂପୂର୍ଣ୍ଣ ପରିଚୟ ଲାଭ କଲି ।**

ବିନୋଦ ସୃଷ୍ଟି କରିବା ଲାଗି ଶ୍ରୀଅରବିନ୍ଦଙ୍କର ଅଦ୍ଭୁତ ପ୍ରତିଭା ରହିଥିଲା; ତାଙ୍କର ଏହି ଉକ୍ତିଗୁଡ଼ିକୁ ଜାଣି ଆମେ ତାଙ୍କୁ କେବଳ ପ୍ରଶଂସା କରିବା ଓ ନୀରବ ହୋଇ ରହିବା ।

୨୦ ମାର୍ଚ୍ଚ, ୧୯୭୦

*ଏହି କଥାଟି ଦ୍ୱାରା ଶ୍ରୀଅରବିନ୍ଦ କ'ଣ କହିବାକୁ ଇଚ୍ଛା କରୁଛନ୍ତି : ''ଯାହାକୁ ସିଏ ମୋ'ଠାରୁ ବଳପ୍ରୟୋଗ କରି ନେଇଗଲେ ଏବଂ ମୋ' ଇଚ୍ଛା ବିରୋଧରେ ମୋତେ ତାହାକୁ ପୁନର୍ବାର ଫେରାଇଦେଲେ ?'' ଏବଂ, ଏକଥାଟି ମଧ୍ୟ : ''ପରମେଶ୍ୱର ଜଣେ ନାରୀ ବୋଲି ମୁଁ ଯେତେବେଳେ ଜାଣିବାକୁ ପାଇଲି... ?''*

ମୁଁ ତାହାର ଉତ୍ତର ଦେଇ ପାରିବି ନାହିଁ, କାରଣ, ଶରୀରରେ ଥିଲାବେଳେ ସେ ଏ ବିଷୟରେ ମୋତେ କିଛି କହି ନ ଥିଲେ ।

ସିଏ ଠିକ୍ କେଉଁ ତାରିଖରେ ଏହି କଥାଟିକୁ ଲେଖିଛନ୍ତି, କେହି ତାହା କହିଦେଇ ପାରିଲେ ସେଥିରୁ ହୁଏତ ଏକ ସଙ୍କେତ ମିଳିଯିବ ।

ଏହା କେବେ ଲେଖା ହୋଇଥିଲା, ଅଥବା, ଶ୍ରୀଅରବିନ୍ଦ ତାଙ୍କୁ ଏବିଷୟରେ କିଛି କହିଥିଲେ କି ନାହିଁ, ସମ୍ଭବତଃ 'ନ' ସେକଥା କହିପାରିବେ ।*

**୪୧୩. ପରମେଶ୍ୱରଙ୍କ ସହିତ ଅବୈଧ ପ୍ରଣୟ କରିବାର ପରିପୂର୍ଣ୍ଣ ଅନୁଭୂତିଟିକୁ ଲାଭ କରିବା ସକାଶେହିଁ ପୃଥିବୀର ସୃଷ୍ଟି ହୋଇଥିଲା ।**

*ମୁଁ ଏହି ସୂତ୍ରଟିକୁ ବୁଝିପାରୁ ନାହିଁ ।*

ଏହିପରି ଏକ ପରିପୂର୍ଣ୍ଣ ମାର୍ଗରେ ଶ୍ରୀଅରବିନ୍ଦ ଆପଣାର ଅଦ୍ଭୁତ ବିନୋଦବୋଧ ଦ୍ୱାରା ମନୁଷ୍ୟ ଦ୍ୱାରା ଆଚରିତ ହେଉଥିବା ନୈତିକତାକୁ ବିଦ୍ରୂପ କରିପାରିଲେ । ଏହି ବାକ୍ୟଟିକୁ ସଂପୂର୍ଣ୍ଣ ଭାବରେ ଏକ ବ୍ୟଙ୍ଗ୍ୟ-ବାକ୍ୟ ବୋଲି କୁହାଯିବ ।

୨୧ ମାର୍ଚ୍ଚ, ୧୯୭୦

**୪୧୪. ପରମେଶ୍ୱରଙ୍କୁ ପ୍ରକୃତରେ ଭୟ କରିବାର ଅର୍ଥ ହେଉଛି ଆପଣାକୁ ତାଙ୍କଠାରୁ ଦୂରକୁ ନେଇଆସିବା, ମାତ୍ର, ଲୀଳା ମଧ୍ୟରେ ତାହାଙ୍କୁ ଭୟ କରିବା, ତାହା ଏକ ପରିପୂର୍ଣ୍ଣ ଆନନ୍ଦମୟତାର ସୁଯୋଗ ଆଣି ଦେଇଥାଏ ।**

**୪୧୫. ଇହୁଦୀମାନେ ଈଶ୍ୱରଭୀତ ମନୁଷ୍ୟର ଉଦ୍ଭାବନ କରିଥିଲେ । ଭାରତବର୍ଷ ଈଶ୍ୱରଜ୍ଞାତା ଏବଂ ଈଶ୍ୱରପ୍ରେମୀକୁ ଉଦ୍ଭାବନ କରିଛି ।**

**୪୧୬. ଈଶ୍ୱରଙ୍କର ଦାସ ଜୁଡ଼େଆରେ ଜନ୍ମଗ୍ରହଣ କରିଥିଲା, ମାତ୍ର ସିଏ ଆରବମାନଙ୍କ ମଧ୍ୟରେହିଁ ପରିପକ୍ୱତା ଲାଭ କଲା । ଭାରତବର୍ଷ ଦାସ-ପ୍ରେମୀରେହିଁ ଆନନ୍ଦ ଲାଭ କଲା ।**

**୪୧୭. ପରିପୂର୍ଣ୍ଣ ପ୍ରେମ ସକଳ ଭୟକୁ ବିଦୂରିତ କରିଦିଏ; ମାତ୍ର ତୁମେ ତଥାପି**

* ମାଆଙ୍କୁ ପ୍ରଦତ୍ତ ସଂବାଦଟି ଅନୁସାରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପହଞ୍ଚିବାର ଅଳ୍ପଦିନ ପରେହିଁ ଏହି ସୂତ୍ରାବଳୀ ରଚିତ ହୋଇଥିଲା ।

**ସେହି ନିର୍ବାସନର କିଞ୍ଚିତ୍ କୋମଳ ଛାୟା ଏବଂ ସ୍ମୃତିକୁ ଅବଶ୍ୟ ସାଇତି ରଖିଥିବ ଏବଂ ତାହା ତୁମର ପରିପୂର୍ଣ୍ଣତାକୁ ଆହୁରି ଅଧିକ ପରିପୂର୍ଣ୍ଣ କରିଦେଇ ପାରିବ ।**

**୪୧୮. ଯଦି ତୁମର ଆତ୍ମା କେବେହେଲେ ପରମେଶ୍ୱରଙ୍କର ଶତ୍ରୁ ହୋଇ ତାଙ୍କର ଯୋଜନାଗୁଡ଼ିକର ବିରୋଧ କରି ତାଙ୍କ ସହ ସଂସାରର କୌଣସି ଯୁଦ୍ଧରେ ବ୍ୟାପୃତ ହୋଇ ନାହିଁ, ତେବେ କହିବାକୁ ହେବ ଯେ ତାହା ତାଙ୍କର ସଂପୂର୍ଣ୍ଣ ଆନନ୍ଦଟିର ସ୍ୱାଦକୁ କଦାପି ଲାଭ କରିପାରି ନାହିଁ ।**

**୪୧୯. ଯଦି ତୁମେ ପରମେଶ୍ୱରଙ୍କୁ ତୁମକୁ ଭଲ ପାଇବାକୁ ସୁଯୋଗ ଦେଇ ନ ପାରୁଛ, ତେବେ ତାଙ୍କୁ ତୁମ ସହିତ ଯୁଦ୍ଧ କରିବା ଲାଗି ବାଧ କର । ତଦ୍ୱାରା, ସିଏ ତୁମକୁ ଜଣେ ପ୍ରେମିକର ଆଲିଙ୍ଗନ ପ୍ରଦାନ କରିବେ ନାହିଁ ସତ, ମାତ୍ର ତୁମ ସହିତ କୁସ୍ତି ଲଢୁଥିବା ବ୍ୟକ୍ତିର ଆଲିଙ୍ଗନଟିକୁ ଦେବାଲାଗି ସେ ଅବଶ୍ୟ ବାଧ ହେବେ ।**

**୪୨୦. ମୋ'ର ଆତ୍ମାକୁ ପରମେଶ୍ୱର ଯୁଦ୍ଧରେ ପରାସ୍ତ କରି ବନ୍ଦୀ କରି ନେଇଛନ୍ତି । ବର୍ତ୍ତମାନ ମଧ୍ୟ ସେହି ଯୁଦ୍ଧ ତା'ର ସ୍ମରଣରେ ରହିଛି; ତାହା ବର୍ତ୍ତମାନ ଅନେକ ଦୂରରେ ରହିଥିଲେ ମଧ୍ୟ ତାହାକୁ ଆନନ୍ଦ, ଆତଙ୍କ ଏବଂ ବିସ୍ମୟର ସହିତ ସ୍ମରଣ କରି ପାରୁଛି ।**

*''ତାଙ୍କର ଶତ୍ରୁ ହେବାର ଆନନ୍ଦ''– ଏହି କଥାଟି ଦ୍ୱାରା ଶ୍ରୀଅରବିନ୍ଦ କ'ଣ କହିବାକୁ ଚାହୁଁଛନ୍ତି ?*

ଏଠାରେ ମଧ୍ୟ ମୁଁ ସେଇକଥା କହିବି ଯେ, ମୁଁ ଏହାର ଠିକ୍ ଅର୍ଥଟିକୁ ଜାଣେ ନାହିଁ, କାରଣ ସେ ମୋତେ କେବେ କିଛି କହି ନାହାନ୍ତି ।

ମାତ୍ର ମୋ ' ନିଜ ଅନୁଭୂତି ବିଷୟରେ ମୁଁ ତୁମକୁ କହିପାରିବି । ମୋତେ ପ୍ରାୟ ପଚିଶି ବର୍ଷ ବୟସ ହେବା ପର୍ଯ୍ୟନ୍ତ, ମୁଁ କେବଳ ବିଭିନ୍ନ ଧର୍ମରେ ବର୍ଣ୍ଣିତ ହୋଇଥିବା ଈଶ୍ୱରଙ୍କ ବିଷୟରେ ଜାଣିଥିଲି; ମଣିଷମାନେ ଯେପରି ଭାବରେ ତାଙ୍କର ସର୍ଜନା କରିଛନ୍ତି, ମୁଁ ତାଙ୍କୁ ସେହିପରି ଭାବରେ ଚିହ୍ନିଥିଲି । ଏବଂ, ମୁଁ ଆଦୌ କୌଣସି ମୂଲ୍ୟ ଦେଇ ତାଙ୍କୁ

ପାଇବାକୁ ଇଚ୍ଛା କରୁ ନ ଥିଲି । ମୁଁ ତାଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲି ସତ; ମାତ୍ର ଏହି କଥାଟିକୁ ଅତି ନିଶ୍ଚିତ ଭାବରେ ଅନୁଭବ କରୁଥିଲି ଯେ, ଯଦି ଏଭଳି ଜଣେ ଈଶ୍ୱର ପ୍ରକୃତରେ କେଉଁଠି ଥାଆନ୍ତି, ତେବେ ମୁଁ ତାଙ୍କୁ ଅବଶ୍ୟ ଘୃଣା କରିବି ।

ପ୍ରାୟ ପଚିଶି ବର୍ଷ ବୟସ ସମୟରେ ମୁଁ ଅନ୍ତରସ୍ଥ ପରମେଶ୍ୱରଙ୍କର ଆବିଷ୍କାର କଲି ଏବଂ ତହିଁ ସଙ୍ଗେ ସଙ୍ଗେ ଏହି କଥାଟିକୁ ମଧ୍ୟ ହୃଦୟଙ୍ଗମ କରିଥିଲି ଯେ, ପାଶ୍ଚାତ୍ୟ ଜଗତର ଅଧିକାଂଶ ଧର୍ମ ଈଶ୍ୱରଙ୍କୁ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି, ସେଥିରୁ ତାଙ୍କୁ ଆମର କେବଳ ସେହି ପରମ ମହାଶତ୍ରୁ ବୋଲିହିଁ ଜାଣିବାକୁ ହେବ ।

ମୁଁ ୧୯୧୪ ମସିହାରେ ଯେତେବେଳେ ଭାରତବର୍ଷକୁ ଆସିଲି ଏବଂ ଶ୍ରୀଅରବିନ୍ଦଙ୍କର ଶିକ୍ଷା ସହିତ ପରିଚିତ ହେଲି, ସେତେବେଳେ ଯାଇ ସବୁକଥା ସ୍ପଷ୍ଟ ହୋଇଗଲା ।

୨୪ ମାର୍ଚ୍ଚ, ୧୯୭୦

**୪୨୧. ପରମେଶ୍ୱର ମୋତେ ଆଘାତ ଦେଇ ଯନ୍ତ୍ରଣାବିଦ୍ଧ କରିବା ପୂର୍ବରୁ ମୁଁ ଯନ୍ତ୍ରଣାକୁହିଁ ଏହି ପୃଥିବୀରେ ସବୁଠାରୁ ଅଧିକ ପରିମାଣରେ ଘୃଣା କରୁଥିଲି । ଏବଂ ତା'ପରେ ଏହି ସତ୍ୟଟି ମୋ ଆଗରେ ଉଦ୍‌ଘାଟିତ ହୋଇ ଯାଇଥିଲା ଯେ ଯନ୍ତ୍ରଣା ହେଉଛି ଅତିରିକ୍ତ ଆନନ୍ଦର କେବଳ ଏକ ବିକୃତ ଏବଂ ଦୁରାଗ୍ରହପୂର୍ଣ୍ଣ ଅନ୍ୟ ଆକୃତି ମାତ୍ର ।**

**୪୨୨. ଭଗବାନ ଆମକୁ ଯେଉଁ ଯନ୍ତ୍ରଣା ଦିଅନ୍ତି, ତାହାର ଚାରୋଟି ପର୍ଯ୍ୟାୟ ରହିଛି; ପ୍ରଥମେ ତାହା କେବଳ ଯନ୍ତ୍ରଣା ବୋଲି ଅନୁଭୂତ ହୁଏ, ତା'ପରେ ସୁଖକୁ ସମ୍ଭୂତ କରାଇ ଆଣୁଥିବା ଯନ୍ତ୍ରଣା ବୋଲି ଲାଗେ, ତା'ପରେ ସୁଖରୂପୀ ଯନ୍ତ୍ରଣାରେ ପରିଣତ ହୁଏ ଏବଂ ତା'ପରେ ତାହା ବିଶୁଦ୍ଧ ଭାବରେ ଆନନ୍ଦରହିଁ ଏକ ଅପେକ୍ଷାକୃତ ଅଧିକ ଭୟଙ୍କର ରୂପ ହୋଇ ରହିଥାଏ ।**

**୪୨୩. ଯେତେବେଳେ ଆମେ ସକଳ ଯନ୍ତ୍ରଣା ଅନ୍ତର୍ହିତ ହୋଇ ଯାଇଥିବା ଆନନ୍ଦର ସେହି ସ୍ତରଗୁଡ଼ିକୁ ଆରୋହଣ କରି ଯାଇଛୁ, ସେତେବେଳେ ତାହା ଛଦ୍ମବେଶ ଧରି ତଥାପି ଏକ ଅସହନୀୟ ଉଲ୍ଲାସରୂପେ ଅବସ୍ଥାନ କରୁଥାଏ ।**

**୪୨୪. ମୁଁ ଯେତେବେଳେ ତାଙ୍କର ଆନନ୍ଦର ଆହୁରି ଅଧିକ ଉଚ୍ଚ ଚୂଡ଼ାଗୁଡ଼ିକ ଉପରକୁ ଆରୋହଣ କରିବାରେ ଲାଗିଥିଲି, ସେତେବେଳେ, ଏହି ବର୍ଦ୍ଧମାନ ଆନନ୍ଦର ଆଦୌ କୌଣସି ସୀମା ରହିଛି କି ନାହିଁ, ମୁଁ ନିଜକୁ ସେହି କଥା ପଚାରିଥିଲି, ଏବଂ ସେତେବେଳେ ମୁଁ ଈଶ୍ୱରଙ୍କର ଆଲିଙ୍ଗନଗୁଡ଼ିକ ବିଷୟରେ ପ୍ରାୟ ଭୀତ ହୋଇପଡ଼ିଥିଲି ।**

*ଏଠାରେ ଶ୍ରୀଅରବିନ୍ଦ ''ଦୁଃଖର ଚାରୋଟି ପର୍ଯ୍ୟାୟ'' ବିଷୟରେ କହିଛନ୍ତି, ଆପଣ ମୋତେ ସେହି ବିଷୟରେ ବୁଝାଇ ଦିଅନ୍ତୁ ।*

ଯଦି ଶ୍ରୀଅରବିନ୍ଦ କୌଣସି ପ୍ରକାରର ନୈତିକ ସ୍ତରର ଦୁଃଖ ବିଷୟରେ କହୁଥା'ନ୍ତି, ତେବେ ମୁଁ ନିଜର ଅନୁଭୂତିରୁ କହିପାରିବି ଯେ, ସେ ଉଲ୍ଲେଖ କରିଥିବା ଚାରୋଟିଯାକ ସ୍ତର ଚେତନାର ଚାରୋଟି ସ୍ତରକୁହିଁ ସୂଚିତ କରାଉଛି । ତାହା, ଅନ୍ତର୍ଗତ ବିକାଶ ଏବଂ ବ୍ୟକ୍ତିଚେତନା ଦିବ୍ୟ ଚେତନା ସହିତ ଯେଉଁ ପରିମାଣରେ ସମ୍ମିଳିତ ହୋଇପାରିଛି, ସେହିଥିରୁହିଁ ଜନ୍ମଲାଭ କରିଥାଏ । ଯେତେବେଳେ ସେହି ସମ୍ମେଳନ ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ କେବଳ ''ଆନନ୍ଦରହିଁ ଏକ ଅପେକ୍ଷାକୃତ ଭୟଙ୍କର ରୂପ''ହିଁ ବାକି ରହିଯାଇଥାଏ ।

ଯଦି ଏଠାରେ ଶରୀର ସହ୍ୟ କରୁଥିବା ଭୌତିକସ୍ତରୀୟ ଦୁଃଖର କଥା କୁହାହେଉଥାଏ, ତେବେ ଅନୁଭୂତି ଆଦୌ ଏପରି ଏକ ସୁବ୍ୟାଖ୍ୟାତ କ୍ରମର ଅନୁସରଣ କରେ ନାହିଁ । ତାହାର ଏହି ବିଶେଷ କାରଣଟି ରହିଛି ଯେ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳନ ଘଟିବା ଦ୍ୱାରା ଅଧିକାଂଶ ସମୟରେ ସେହି ଦୁଃଖ ଅନ୍ତର୍ହିତ ହୋଇ ଯାଇଥାଏ ।

୨୫ ମାର୍ଚ୍ଚ, ୧୯୭୦

**୪୨୫. ଈଶ୍ୱରଙ୍କୁ ଭଲ ପାଇବାର ଆନନ୍ଦଟି ପରେ ପରବର୍ତ୍ତୀ ବୃହତ୍ତମ ଆନନ୍ଦଟି ହେଉଛି ମନୁଷ୍ୟମାନଙ୍କ ମଧ୍ୟରେ ଅବସ୍ଥିତ ଈଶ୍ୱରଙ୍କୁ ଭଲ ପାଇବା; ସେଠାରେ ମଧ୍ୟ ଆମକୁ ଅନେକତ୍ୱ-ଜନିତ ଏକ ଆନନ୍ଦ ଉପଲବ୍ଧ ହୋଇଥାଏ ।**

**୪୨୬. ଏକ ପତ୍ନୀଗ୍ରହଣ ଶରୀର ଲାଗି ହୁଏତ ସର୍ବଶ୍ରେଷ୍ଠ ହୋଇପାରେ, ମାତ୍ର ଯେଉଁ ଆତ୍ମା ମନୁଷ୍ୟମାନଙ୍କ ମଧ୍ୟରେ ଅବସ୍ଥିତ ଭଗବାନଙ୍କୁ ଭଲ ପାଏ, ସିଏ ଏହି ଜଗତରେ ଆଦୌ କୌଣସି ସୀମା ନିର୍ଦ୍ଧାରିତ ନ**

**କରି ଉଲ୍ଲାସର ସହିତ ଜଣେ ବହୁପତ୍ନୀ-ଗ୍ରହୀତା ହୋଇ ବାସ କରୁଥାଏ; ତଥାପି ନିରନ୍ତର— ଏବଂ ଏଇଟି ହେଉଛି ଅସଲ ରହସ୍ୟ— ସିଏ କେବଳ ଗୋଟିଏ ସତ୍ତା ସହିତ ପ୍ରଣୟସୂତ୍ରରେ ଆବଦ୍ଧ ହୋଇ ରହିଥାଏ ।**

**୪୨୭. ଏହି ସମସ୍ତ ସଂସାର ହେଉଛି ମୋର ଅନ୍ତଃପୁର ଏବଂ, ଏଠାରେ ଜୀବନଧାରୀ ପ୍ରତ୍ୟେକ ସତ୍ତା ତଥା ଜୀବନହୀନ ବସ୍ତୁ ହେଉଛନ୍ତି ମୋ'ର ପ୍ରେମକୁ ଚରିତାର୍ଥ କରିବାର ଗୋଟିଏ ଗୋଟିଏ ସାଧନ ।**

ଯେଉଁ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ପ୍ରତି ରହିଥିବା ତା'ର ପ୍ରେମକୁ ଅଙ୍ଗେ ନିଭାଇଛି, ସିଏ କେବଳ ସେହି ପରମସତ୍ତାଙ୍କ ବ୍ୟତୀତ କଦାପି ଆଉ କାହାକୁ ଭଲ ପାଇପାରିବ ନାହିଁ; ଏବଂ, ଯେଉଁମାନଙ୍କ ପ୍ରତି ସିଏ ଏକ ସ୍ନେହର ସମ୍ବନ୍ଧକୁ ଅନୁଭବ କରୁଥିବ, ସେମାନଙ୍କ ମଧ୍ୟରେ ବି ସିଏ ସେହି ପରମସତ୍ତାଙ୍କୁହିଁ ଭଲ ପାଉଥିବ; ପୁନଶ୍ଚ, ଭଲ ପାଇବାର ଏହାହିଁ ହେଉଛି ସର୍ବୋତ୍ତମ ମାର୍ଗ, କାରଣ, ସେମାନଙ୍କ ମଧ୍ୟରେ ପ୍ରକାଶିତ ହୋଇ ରହିଥିବା ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହୋଇପାରିବା ଲାଗି ଆମେ ଏହିପରି ଭାବରେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏକ ପ୍ରଭାବଶାଳୀ ସହାୟକ ରୂପେ କାର୍ଯ୍ୟ କରିପାରିବା ।

୨୭ ମାର୍ଚ୍ଚ, ୧୯୭୦

**୪୨୮. ମୁଁ ସବୁଠାରୁ ଅଧିକ ପରିମାଣରେ କୃଷ୍ଣଙ୍କୁ ଭଲ ପାଉଥିଲି କିଂବା କାଳୀଙ୍କୁ ଭଲ ପାଉଥିଲି, ବେଶ୍ କେତେକ ଅବଧି ପର୍ଯ୍ୟନ୍ତ ସେକଥାକୁ ଆଦୌ ଜାଣି ନ ଥିଲି । କାଳୀଙ୍କୁ ଭଲ ପାଉଥିବା ସମୟରେ ମୁଁ ପ୍ରକୃତରେ ନିଜକୁ ଭଲ ପାଉଥିଲି । ମାତ୍ର ଯେତେବେଳେ କୃଷ୍ଣଙ୍କୁ ଭଲ ପାଇବାକୁ ଆରମ୍ଭ କଲି, ସେତେବେଳେ ଆଉଜଣଙ୍କୁ ଭଲ ପାଇଲି ଏବଂ ତଥାପି ପ୍ରକୃତରେ ମୋ' ନିଜକୁହିଁ ଭଲ ପାଉଥିଲି । ତେଣୁ ମୁଁ କାଳୀଙ୍କ ଅପେକ୍ଷା କୃଷ୍ଣଙ୍କୁହିଁ ଅଧିକ ଭଲ ଭାବରେ ଭଲ ପାଇପାରିଲି ।**

ବିଭିନ୍ନ ବିଚାରକୁ ପ୍ରକାଶ କରିବାରେ ଶ୍ରୀଅରବିନ୍ଦଙ୍କର ସର୍ବଦା ଏକ ଆପଣା ମାର୍ଗ ରହିଥିଲା । ସେ ଏକ ଅତ୍ୟନ୍ତ ମୌଳିକ ରୀତିରେ ସବୁକଥା କହୁଥିଲେ ଏବଂ ଅତ୍ୟନ୍ତ ଅପ୍ରତ୍ୟାଶିତ କଥାଗୁଡ଼ିକ କହୁଥିଲେ ।

୨୯ ମାର୍ଚ୍ଚ, ୧୯୭୦

୪୨୯. ପ୍ରକୃତିର ପ୍ରଶଂସା କରିବା ଲାଗି ବା ତାହାକୁ ଏକ ଶକ୍ତି, ଏକ ଉପସ୍ଥିତି ଓ ଏକ ଦେବୀ ରୂପେ ପୂଜା କରିବାର ମଧ୍ୟ ପ୍ରକୃତରେ କି ପ୍ରୟୋଜନ ରହିଛି ? ସୌନ୍ଦର୍ଯ୍ୟ ଏବଂ କଳାର ଆରୋପ କରି ପ୍ରକୃତିର ଗୁଣଗାନ କରିବାର ମଧ୍ୟ କି ଆବଶ୍ୟକତା ରହିଛି ? କାରଣ, ଅସଲ କଥା ହେଉଛି, ଜଣେ ବ୍ୟକ୍ତି ଯେପରି ଆପଣାର ଶରୀର ଦ୍ୱାରା ଜଣେ ନାରୀକୁ ଉପଭୋଗ କରିଥାଏ, ଆମକୁ ସେହିପରି ନିଜର ଆତ୍ମା ଦେଇ ପ୍ରକୃତିକୁ ଉପଭୋଗ କରିବାକୁ ହେବ ।

୪୩୦. ଯେତେବେଳେ ହୃଦୟ ଭିତରେ ଯଥାର୍ଥ ଦୃଷ୍ଟିଟି ରହିଥାଏ, ସେତେବେଳେ ସବୁକିଛି– ପ୍ରକୃତି, ଭାବନା, କାର୍ଯ୍ୟ, ଯାବତୀୟ ବିଚାର, ବୃତ୍ତି, ରୁଚି ଓ ବସ୍ତୁସକଳ କେବଳ ସେହି ପରମ ପ୍ରେମାସ୍ପଦରେହିଁ ପରିଣତ ହୋଇଯାଆନ୍ତି ଏବଂ ଏକ ଅପୂର୍ବ ଉଲ୍ଲାସର ଉତ୍ସ ହୋଇ ରହିଥା'ନ୍ତି ।

ଏହା ଉପରେ ଅଧିକ କିଛି କହିବାର ନାହିଁ ।

୩୦ ମାର୍ଚ୍ଚ, ୧୯୭୦

୪୩୧. ଯେଉଁ ଦର୍ଶନବିତ୍‌ମାନେ ଜଗତକୁ ମାୟା ବୋଲି କହି ପ୍ରତ୍ୟାଖ୍ୟାନ କରନ୍ତି, ସେମାନେ ଅନେକ ପ୍ରଜ୍ଞା, ସଂଯମ ତଥା ପବିତ୍ରତାର ଅଧିକାରୀ ହୋଇ ରହିଥା'ନ୍ତି ମାତ୍ର ମୁଁ ବେଳେବେଳେ ଏକଥା ମଧ୍ୟ ନ ଭାବି ରହିପାରେ ନାହିଁ ଯେ ସେମାନେ ଏପରି କରି କିଞ୍ଚିତ୍ ନିର୍ବୋଧତାର ବି ପ୍ରମାଣ ଦିଅନ୍ତି ଏବଂ ପରମେଶ୍ୱରଙ୍କୁ ସେମାନଙ୍କୁ ଭାରି ସହଜରେ ଠକିବା ଲାଗି ବାଟ ଛାଡ଼ି ଦିଅନ୍ତି ।

୪୩୨. ମୋ' କ୍ଷେତ୍ରରେ ମୁଁ ଭାବେ ଯେ, ଭଗବାନ୍ ମୋତେ ଏହି ଜଗତ ଭିତରେ ନିଜକୁ ଦେଇ ଦିଅନ୍ତୁ ଏବଂ ସେହିପରି ଜଗତ ବାହାରେ ମଧ୍ୟ ଦେଇଦିଅନ୍ତୁ ବୋଲି ପ୍ରାର୍ଥନା କରିବାର ଅଧିକାର ମୋର ଅଛି । ଯଦି ତାଙ୍କର ଏହି କର୍ତ୍ତବ୍ୟଟିକୁ ସମ୍ପନ୍ନ ନ କରିବାର ଇଚ୍ଛା ଥିଲା, ତେବେ ସେ ଏହି ଜଗତକୁ ସୃଷ୍ଟି କଲେ ବା କାହିଁକି ?

୪୩୩. ମାୟାବାଦୀ ବ୍ୟକ୍ତିଗତ ଈଶ୍ୱରଙ୍କୁ ମୋ'ର ଏକ ସ୍ୱପ୍ନ ବୋଲି କହୁଛି ଏବଂ ଏକ ନୈର୍ବ୍ୟକ୍ତିକ ପରମସତ୍ତାଙ୍କର ସ୍ୱପ୍ନ ଦେଖିବାକୁ ଅଧିକ ଔଚିତ୍ୟଯୁକ୍ତ ବୋଲି ଭାବୁଛି । ଜଣେ ବୌଦ୍ଧ ସେଇଟାକୁ ମଧ୍ୟ କେବଳ ଏକ କଳ୍ପନା କହି ପ୍ରତ୍ୟାଖ୍ୟାନ କରୁଛି ଏବଂ ନିର୍ବାଣ ଓ ଅନାତ୍ମାର ଆନନ୍ଦକୁ ନେଇ ସ୍ୱପ୍ନ ଦେଖିବାକୁ ଅଧିକ ଔଚିତ୍ୟଯୁକ୍ତ ମନେକରୁଛି । ଏହିପରି ଭାବରେ ସବୁଯାକ ସ୍ୱପ୍ନଦେଖାଳି ପରସ୍ପରର ଦୃଷ୍ଟିକୋଣକୁ ନିନ୍ଦା କରିବାରେ ଲାଗିଛନ୍ତି ଏବଂ ଆପଣାର ଦୃଷ୍ଟିଟିକୁହିଁ ସର୍ବସମାଧାନକାରୀ ବୋଲି ପ୍ରମାଣ କରିବାକୁ ମନ କରୁଛନ୍ତି । ଯେଉଁଥିରେ ଆତ୍ମା ପରିପୂର୍ଣ୍ଣ ଆନନ୍ଦ ଲାଭ କରେ, ଭାବନା ତାହାକୁହିଁ ଚରମ ସତ୍ୟରୂପେ ସ୍ୱୀକାର କରିନେବ ।

୪୩୪. ଯାବତୀୟ ବ୍ୟକ୍ତିଭାବନାର ସେପାଖକୁ ଯାଇ ମାୟାବାଦୀ ସକଳ ସଂଜ୍ଞାର ଅତୀତ ଏକ ପରମ ଅସ୍ତିତ୍ୱକୁ ପ୍ରତ୍ୟକ୍ଷ କରେ; ମୁଁ ତା' ସହିତ ସେହି ସ୍ଥାନକୁ ମଧ୍ୟ ଯାଇଥିଲି ଏବଂ ତା'ର ଆହୁରି ସେପାଖରେ ମୋ'ର କୃଷ୍ଣଙ୍କୁ ସକଳ ସଂଜ୍ଞାର ଅତୀତ ପରମ ବ୍ୟକ୍ତିରୂପେ ପ୍ରତ୍ୟକ୍ଷ କରିଥିଲି ।

ଯାହାକୁ ସିଏ ନିଜେ ଆବିଷ୍କାର ଅଥବା ଅନୁଭବ କରି ନାହିଁ, ତାହାକୁ ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରିବାର ଉଗ୍ରତା ଦେଖାଇ ପ୍ରତ୍ୟେକ ବ୍ୟକ୍ତି ଯେପରି କେଡ଼େ ନିରର୍ଥକ ଭାବରେ କେବଳ ଏକ ଦମ୍ଭର ପରିଚୟହିଁ ଦେଇଥା'ନ୍ତି, ଶ୍ରୀଅରବିନ୍ଦ ସର୍ବତ୍ର ଯେପରି କରିଛନ୍ତି, ଏଠାରେ ମଧ୍ୟ ତାଙ୍କର ଅନନ୍ୟ ଶୈଳୀରେ ସେହି କଥାଟିକୁ ସ୍ପଷ୍ଟ କରି ଦେଇଛନ୍ତି ।

ସକଳ ସିଦ୍ଧାନ୍ତକୁ, ଏପରିକି ପରସ୍ପରର ଏକାନ୍ତ ବିରୋଧୀ ସିଦ୍ଧାନ୍ତଗୁଡ଼ିକୁ ସ୍ୱୀକାର କରିବାର ସାମର୍ଥ୍ୟରୁହିଁ ପ୍ରଜ୍ଞା ଆରମ୍ଭ ହୁଏ ।

୧ ଏପ୍ରିଲ, ୧୯୭୦

୪୩୫. ଯେତେବେଳେ ମୁଁ ପ୍ରଥମଥର ପାଇଁ କୃଷ୍ଣଙ୍କୁ ଭେଟିଲି, ସେତେବେଳେ ତାଙ୍କୁ ଜଣେ ବନ୍ଧୁ ଏବଂ କ୍ରୀଡ଼ାସଙ୍ଗୀ ରୂପେ ଭଲ ପାଇଥିଲି । ସେ ମୋତେ ଠକିଦେଲେ । ସେଥିରେ ମୋ'ର କ୍ରୋଧ ଜାତ ହେଲା ଓ ମୁଁ ତାଙ୍କୁ ଆଦୌ କ୍ଷମା କରିପାରିଲି ନାହିଁ । ପରେ ମୁଁ ତାଙ୍କୁ ଜଣେ

**ପ୍ରେମିକ ରୂପେ ଭଲ ପାଇଲି; ମାତ୍ର ତଥାପି ସେ ମୋତେ ଠକି ଦେଲେ । ମୁଁ ପୁନର୍ବାର ଆହୁରି ଅଧିକ କ୍ରୁଦ୍ଧ ହେଲି, ମାତ୍ର ଏଥର ମଧ୍ୟ ମୋତେ ସେହିପରି କ୍ଷମା କରିବାକୁ ପଡ଼ିଲା ।**

**୪୩୬. ଆଗ ମୋ'ର କ୍ରୋଧ ଜନ୍ମାଇ ସେ ତା'ପରେ ମୋତେ ତାଙ୍କୁ କ୍ଷମା କରିବାକୁ ବାଧ୍ୟ କଲେ । ନିଜର ଅପରାଧକୁ ସଂଶୋଧନ କରି ନୁହେଁ, ଆହୁରି ନୂଆ ନୂଆ ଅପରାଧ କରି ମୋତେ ବାଧ୍ୟ କଲେ ।**

**୪୩୭. ଈଶ୍ୱର ମୋ' ବିରୋଧରେ କରୁଥିବା ଅପରାଧଗୁଡ଼ିକର ଯେପର୍ଯ୍ୟନ୍ତ ସଂଶୋଧନ କରୁଥିଲେ, ସେପର୍ଯ୍ୟନ୍ତ ଆମର ମଝିରେ ମଝିରେ ଏହିପରି କଳହ ହେବାରେ ଲାଗିଥିଲା । ମାତ୍ର, ଯେତେବେଳେ ସେ ଆପଣାର ଭୁଲଟିକୁ ଆବିଷ୍କାର କରିପାରିଲେ, ସେତେବେଳେ କଳହ ବନ୍ଦ ହୋଇଗଲା, କାରଣ ସେତେବେଳେ ମୋତେ ତାଙ୍କରି ପାଖରେ ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଦେବାକୁ ପଡ଼ିଲା ।**

**୪୩୮. କୃଷ୍ଣ ଓ ମୋ' ନିଜ ବ୍ୟତୀତ ମୁଁ ଏହି ସଂସାରରେ ଯେତେବେଳେ ଅନ୍ୟମାନଙ୍କୁ ଦେଖୁଥିଲି, ସେତେବେଳେ ମୋତେ ନେଇ ସେ ଯାହାସବୁ କରୁଥିଲେ, ମୁଁ ତାହାକୁ ଗୋପନ କରି ରଖୁଥିଲି । ମାତ୍ର, ତାଙ୍କୁ ଓ ମୋତେ ସର୍ବତ୍ର ଦେଖିବାକୁ ସମର୍ଥ ହୋଇଯିବା ପରେ ମୋ'ର ସେବିଷୟରେ ସକଳ ଲଜ୍ଜା ଚାଲିଗଲା ଓ ମୋ'ର ମୁହଁ ମଧ୍ୟ ସଂପୂର୍ଣ୍ଣ ଭାବରେ ଖୋଲିଗଲା ।**

ଆପଣାର ଲେଖାଗୁଡ଼ିକରେ, ସବୁଠାରୁ ଅଧିକ ଅସାଧାରଣ ଅନୁଭୂତିଗୁଡ଼ିକୁ ସବୁଠାରୁ ଅଧିକ ସାଧାରଣ ଭାଷାରେ ବ୍ୟକ୍ତ କରିପାରିବା ଲାଗି ଶ୍ରୀଅରବିନ୍ଦଙ୍କର ଏକ ଅପୂର୍ବ ପ୍ରତିଭାନୈପୁଣ୍ୟ ରହିଥିଲା । ଏହିପରି ଭାବରେ, ତାଙ୍କର ଅନୁଭୂତିଗୁଡ଼ିକ ସତେଅବା ଅତ୍ୟନ୍ତ ସରଳ ଏବଂ ସାଧାରଣ ବୋଲି ସିଏ ଆମକୁ ବେଶ୍ ଏକ ଧାରଣା ମଧ୍ୟ ଦେଉଥିଲେ ।

୨ ଏପ୍ରିଲ, ୧୯୭୦

**୪୩୯. ମୋ'ର ପରମ-ପ୍ରେମାସ୍ପଦଙ୍କର ବୋଲି ଯାହାକିଛି ରହିଛି, ସେହି**

ସବୁକିଛି ମୋ'ର । ତାଙ୍କର ମୋତେ ପ୍ରଦତ୍ତ ଅଳଙ୍କାରଗୁଡ଼ିକୁ ମୁଁ ଏପରି ଦେଖାଇ ହେଉଛି ବୋଲି ତୁମେ ମୋତେ ଭର୍ତ୍ସନା କାହିଁକି କରୁଛ ?

୪୪୦. ପରମ-ପ୍ରେମାସ୍ପଦ ଆପଣାର ମୁଣ୍ଡରୁ ମୁକୁଟ ଓ ଗଳାରୁ ମୁକ୍ତାହାର କାଢ଼ି ମୋ' ମୁଣ୍ଡରେ ଓ ମୋ'ବେକରେ ଆଣି ପିନ୍ଧାଇ ଦେଲେ । ମାତ୍ର, ସନ୍ଥ ଓ ପୟଗମ୍ବରମାନଙ୍କର ଶିଷ୍ୟମାନେ ସେଥିଲାଗି ମୋତେ ଭର୍ତ୍ସନା କଲେ ଏବଂ କହିଲେ, ''ସିଏ ସିଦ୍ଧି ପଛରେ ଦଉଡ଼ିଲାଣି ।''

୪୪୧. ଏହି ସଂସାରରେ ମୁଁ ମୋ'ର ପରମ-ପ୍ରେମାସ୍ପଦଙ୍କର ଆଦେଶଗୁଡ଼ିକୁ ପାଳନ କରୁଥିଲି ଏବଂ ଯେଉଁ ପରମପ୍ରଭୁ ମୋତେ ବନ୍ଦୀ କରି ରଖିଛନ୍ତି, ତାଙ୍କରି ଇଚ୍ଛାଗୁଡ଼ିକର ପୂରଣ କରୁଥିଲି; ମାତ୍ର ସେମାନେ ଏଡ଼େ ବଡ଼ ପାଟି କରି ମୋତେ କହିଲେ, ''ତରୁଣମାନଙ୍କୁ ଭ୍ରଷ୍ଟ କରିଦେବାକୁ ଓ ନୈତିକ ଜୀବନରେ ବିକ୍ଷୋଭ ସୃଷ୍ଟି କରିବାକୁ ଇଏ ପୁଣି କିଏ ଆସିଲା ?''

୪୪୨. ହେ ସନ୍ଥ ପ୍ରବରମାନେ, ଯଦି ମୁଁ ତୁମ୍ଭମାନଙ୍କର ପ୍ରଶଂସାକୁ ବି ଏତେଟିକିଏ ଅପେକ୍ଷା ରଖିଥା'ନ୍ତି, ହେ ଧର୍ମବାର୍ତ୍ତାର ବାହକମାନେ, ଯଦି ମୁଁ ନିଜର ସୁନାମ ଲାଗି ଏତେଟିକିଏ ଲୋଭ ରଖିଥା'ନ୍ତି, ତେବେ ପରମପ୍ରେମାସ୍ପଦ ମୋତେ କଦାପି ତାଙ୍କର ବକ୍ଷ ଉପରକୁ ଟାଣି ନେଇ ନ ଥାନ୍ତେ ଏବଂ ମୋତେ ତାଙ୍କର ଗୁପ୍ତ କକ୍ଷଗୁଡ଼ିକର କଦାପି ଅଧିକାର ଦେଇ ନ ଥାନ୍ତେ ।

୪୪୩. ପରମ-ପ୍ରେମାସ୍ପଦଙ୍କୁ ଲାଭ କରିଥିବାର ଉଲ୍ଲାସରେ ମୁଁ ମାଦକିତ ହୋଇ ରହିଥିଲି ଏବଂ ମୋ'ର ଏହି ସାଂସାରିକ ଅଙ୍ଗବସ୍ତ୍ରଟାକୁ ଆପଣା ଅଙ୍ଗ ଉପରୁ କାଢ଼ି ମୁଁ ସେହି ସଂସାରର ସଦରରାସ୍ତାଗୁଡ଼ିକ ଉପରେହିଁ ଫିଙ୍ଗିଦେଇ ଆସିଲି । ସଂସାରର ଜୀବମାନେ ସେଥିଲାଗି ମୋତେ ବିଦ୍ରୂପ କରୁଛନ୍ତି ଓ ପାଖାଣ୍ଡିମାନେ ଯେ ମୋ'ଠାରୁ ବିମୁଖ ହୋଇ ଚାଲି ଯାଉଛନ୍ତି, ସେଥିଲାଗି ମୁଁ ଆଦୌ କୌଣସି କ୍ଷୋଭ କରିବି କାହିଁକି ?

**୪୪୪. ହେ ପରମ ପ୍ରଭୁ, ତୁମର ଏହି ପ୍ରେମିକ ସକାଶେ ସଂସାରର ଯାବତୀୟ ପରିହାସ ବଣର ମହୁ ପରି ଓ ଜନସମୂହର ପ୍ରସ୍ତର-ନିକ୍ଷେପ ଶରୀର ଉପରେ ଗ୍ରୀଷ୍ମକାଳର ବୃଷ୍ଟିପାତ ପରି । ମାତ୍ର, ପ୍ରକୃତରେ ଏହି ଯାବତୀୟ କ୍ଷେତ୍ରରେ ତୁମେହିଁ ପରିହାସ କରୁ ନାହଁ କି ଓ ତୁମେହିଁ ପ୍ରସ୍ତର ନିକ୍ଷେପ କରୁ ନାହଁ କି ? ଏବଂ, ସେହି ପ୍ରସ୍ତରଗୁଡ଼ିକ ମଧ୍ୟରେ ଥାଇ ତୁମେହିଁ ମୋ' ଦେହରେ ଆସି ବାଜୁ ନାହଁ କି ଏବଂ ମୋତେ ଆଘାତ କରୁ ନାହଁ କି ?**

ଏହା ଉପରେ ଆଦୌ କିଛି କହିବାର ନାହିଁ । ଅନୁଭୂତିର ଏହି ପରିପୂର୍ଣ୍ଣତା ପାଖରେ କେବଳ ନତମସ୍ତକ ହୋଇ ରହିବା କଥା ।

୩ ଏପ୍ରିଲ, ୧୯୭୦

**୪୪୫. ପରମେଶ୍ୱରଙ୍କ ମଧ୍ୟରେ ରହିଥିବା ଦୁଇଟି ବସ୍ତୁକୁ ଲୋକେ ମନ୍ଦ ବୋଲି କହନ୍ତି,– ଯେଉଁ କଥାକୁ ସେମାନେ ଆଦୌ ବୁଝିପାରନ୍ତି ନାହିଁ ଏବଂ, ଯେଉଁକଥାକୁ ସେମାନେ ଭୁଲ କରି ବୁଝନ୍ତି ଏବଂ ତାହାକୁ ସ୍ୱାୟତ୍ତ କରି ତାହାର କୁବ୍ୟବହାର କରନ୍ତି । ସେମାନେ ଯାହାକୁ ଅର୍ଦ୍ଧ-ବ୍ୟର୍ଥ ଭାବରେ ଲୋଡୁଥା'ନ୍ତି ଓ ଯାହାକୁ ଅତ୍ୟନ୍ତ କ୍ଷୀଣ ଭାବରେ ବୁଝନ୍ତି, କେବଳ ତାହାକୁହିଁ ଭଲ ଓ ପବିତ୍ର ବୋଲି କହନ୍ତି । ମାତ୍ର ମୋ'ଲାଗି, ପ୍ରଭୁଙ୍କ ଭିତରେ ଯାହାକିଛି ରହିଛି, ସେହି ସବୁକିଛି ହେଉଛି ପ୍ରୀତିକର ।**

**୪୪୬. ହେ ମୋ'ର ପରମ ପ୍ରଭୁ, ସେମାନେ ମୋତେ ପାଗଳ ବୋଲି କହୁଛନ୍ତି, କାରଣ ମୁଁ ତୁମ ଭିତରେ ଆଦୌ କୌଣସି ଦୋଷ ଦେଖୁ ନାହିଁ । ମାତ୍ର, ଯଦି ମୁଁ ପ୍ରକୃତରେ ତୁମର ପ୍ରେମରେ ପାଗଳ ହୋଇ ରହିଥାଏ, ତେବେ ମୋ'ର ଏହି ପାଗଳାମି ଚାଲିଯାଇ ପୁଣି ଭଲ ବୁଦ୍ଧି ଆସୁ ବୋଲି ମୁଁ ମୋଟେ ଇଚ୍ଛା କରୁ ନାହିଁ ।**

**୪୪୭. ସେମାନେ ''ଭୁଲ, ମିଥ୍ୟା, ବାଧା'' ବୋଲି କେଡ଼େ ପାଟିକରି କହୁଛନ୍ତି । ହେ ପରମପ୍ରଭୁ, ତୁମର ସେହି ଭୁଲଗୁଡ଼ିକ ମଧ୍ୟ କେଡ଼େ**

ଉଜ୍ଜ୍ୱଳ ଓ ସୁନ୍ଦର ! ତୁମର ମିଥ୍ୟାଗୁଡ଼ିକହିଁ ସତ୍ୟକୁ ଜୀବନ୍ତ କରି ରଖିଛନ୍ତି; ତୁମର ବାଧାଗୁଡ଼ିକ ଦ୍ୱାରା ପୃଥିବୀ ଅପୂର୍ଣ୍ଣତାଗୁଡ଼ିକୁ କାଟି ପୂର୍ଣ୍ଣ ହେବାରେ ଲାଗିଛି ।

**୪୪୮.** ସେମାନେ କେତେ ଆବେଗର ସହିତ ''ଜୀବନ, ଜୀବନ, ଜୀବନ'' ବୋଲି ଚିତ୍କାର କରୁଛନ୍ତି । ତା'ର ଉତ୍ତର ଦେଇ ଆତ୍ମା ''ଈଶ୍ୱର, ଈଶ୍ୱର, ଈଶ୍ୱର'' ବୋଲି କହୁଛି ତୁମେ ଯେପର୍ଯ୍ୟନ୍ତ ଜୀବନକୁ କେବଳ ସେହି ପରମେଶ୍ୱର ରୂପେହିଁ ପ୍ରତ୍ୟକ୍ଷ କରି ନ ଥିବ ଓ ଭଲ ପାଇ ନ ଥିବ, ସେପର୍ଯ୍ୟନ୍ତ ଜୀବନର ଆନନ୍ଦ ମଧ୍ୟ ତୁମ ଲାଗି ମୁଦା ସିନ୍ଦୁକ ପରି ହୋଇ ରହିଥିବ ।

**୪୪୯.** ଇନ୍ଦ୍ରିୟମାନେ ''ସିଏ ତାକୁ ଭଲ ପାଏ'' ବୋଲି କହନ୍ତି । ମାତ୍ର ଆତ୍ମା କେବଳ ''ଈଶ୍ୱର, ଈଶ୍ୱର, ଈଶ୍ୱର'' ବୋଲି କହୁଥାଏ । ତାହାହିଁ ହେଉଛି ଏହି ଅସ୍ତିତ୍ୱର ସର୍ବାନ୍ତର୍ଗତକାରୀ ସୂତ୍ର ।

ଶ୍ରୀଅରବିନ୍ଦ ଏହିପରି ଭାବରେ ଅସ୍ତିତ୍ୱର ରହସ୍ୟଟିକୁ ଉନ୍ମୋଚିତ କରି ଦେଇଛନ୍ତି ଓ ତାହାର ଏକ ସୂତ୍ରରୂପ ପ୍ରଦାନ କରିଛନ୍ତି । ବାକି ଯାହା ରହିଲା, ତାହା ହେଉଛି ତାହାକୁ ବୁଝିବା ଓ ତାହାକୁ ବଞ୍ଚିବା ।

୪ ଏପ୍ରିଲ, ୧୯୭୦

**୪୫୦.** ଯଦି ତୁ ତୁଚ୍ଛତମ କୀଟ ଏବଂ ନୀଚତମ ଅପରାଧୀକୁ ଭଲ ପାଇ ନ ପାରିବୁ, ତେବେ ଆପଣା ଚିନ୍ମୟତାର ଭୂମିରେ ତୁ ପରମେଶ୍ୱରଙ୍କୁ ଗ୍ରହଣ କରି ନେଇଛୁ ବୋଲି ଆଉ ବିଶ୍ୱାସ କରିପାରିବୁ କିପରି ?

**୪୫୧.** ସଂସାରକୁ ବାଦ୍ ଦେଇ ଭଗବାନଙ୍କୁ ଭଲ ପାଇବାର ଅର୍ଥ ହେଉଛି ତାଙ୍କ ଲାଗି ଯେଡ଼େ ପ୍ରଗାଢ଼ ହେଲେ ମଧ୍ୟ କେବଳ ଏକ ଅପୂର୍ଣ୍ଣ ଆରାଧନା ।

**୪୫୨.** ପ୍ରେମ କ'ଣ କେବଳ ଈର୍ଷାରହିଁ ଏକ କନ୍ୟା ବା ଏକ ପରିଚାରିକା ?

**ଯଦି କୃଷ୍ଣ ଚନ୍ଦ୍ରାବଳୀ*କୁ ଭଲ ପାଇଲେ, ତେବେ ମୁଁ ମଧ୍ୟ ତାକୁ ନ ପାଇ ପାରିବି କାହିଁକି ?**

**୪୫୩. ଯେହେତୁ ତୁମେ କେବଳ ପରମେଶ୍ୱରଙ୍କୁହିଁ ଭଲ ପାଉଛ, ତେବେ ତୁମେ ହୁଏତ ଖୁବ୍‌ସମ୍ଭବ ଦାବି କରି ବସିବ ଯେ ସିଏ ଆଉ ଅନ୍ୟମାନଙ୍କୁ ଭଲ ନ ପାଇ ବରଂ କେବଳ ତୁମକୁହିଁ ଭଲ ପାଇବେ । ମାତ୍ର ଏହି ଦାବି ଏକ ମିଥ୍ୟା ଦାବି; ଯାବତୀୟ ଯଥାର୍ଥ ଅଧିକାର ତଥା ବସ୍ତୁ ସ୍ୱଭାବର ବିରୋଧୀ । କାରଣ, ସିଏ ହେଉଛନ୍ତି ଏକମେବାଦ୍ୱିତୀୟମ୍, ଏବଂ ତୁମେ ହେଉଛ ଅନେକର ଏକ ଅଂଶ । ତେଣୁ, ତୁମେ ବରଂ ହୃଦୟ ତଥା ଆତ୍ମାର ଭୂମିରେ ସକଳ ସତ୍ତାଙ୍କ ସହିତ ଏକ ହୋଇ ରହିବ, ତେବେ ସେତେବେଳେ ପରମେଶ୍ୱର ଭଲ ପାଇବା ଲାଗି ଏକା ତୁମ ବ୍ୟତୀତ ଏହି ପୃଥିବୀରେ ଆଉ ଜଣେ କେହିହେଲେ ନ ଥିବେ ।**

**୪୫୪. ଯେଉଁମାନେ ପରମେଶ୍ୱରଙ୍କର ଭଲ ପାଇବାରେ ମୋତେ ମଧ୍ୟ ଅଂଶଗ୍ରହଣ କରିବାକୁ ଦିଅନ୍ତି, ମୋ'ର ସେମାନଙ୍କ ସହିତ କୌଣସି କଳହ ନାହିଁ; ମାତ୍ର, ଯେଉଁମାନେ ମୋ'ର ପ୍ରେମାସ୍ପଦଙ୍କୁ ଭଲ ନ ପାଇବାର ନିର୍ବୋଧତା କରନ୍ତି, ମୋ'ର ସେହିମାନଙ୍କ ସହିତ କଳହ ।**

**୪୫୫. ପରମେଶ୍ୱର ଯେଉଁମାନଙ୍କୁ ଭଲ ପାଆନ୍ତି, ତୁମେ ସେହିମାନଙ୍କ ମଧ୍ୟରେହିଁ ଆନନ୍ଦ ଲାଭ କର । ସିଏ ଯେଉଁମାନଙ୍କୁ ଭଲ ନ ପାଉ ଥିବାର ଛଳନା କରୁଛନ୍ତି, ତୁମେ ସେମାନଙ୍କର ଦୁର୍ଭାଗ୍ୟରେ ଦୟାହିଁ ଅନୁଭବ କର ।**

ଏହାଠାରୁ ଅଧିକ ଆକର୍ଷକ ଭାବରେ କଦାପି ଦ୍ୱେଷର ସମାଲୋଚନା କରାଯାଇ ପାରି ନ ଥାନ୍ତା । ଅହଂର ସୀମାଗୁଡ଼ିକୁ ଅତିକ୍ରମ କରି ଏବଂ ସେହି ଚିରନ୍ତନ ଓ ବିଶ୍ୱମୟ ଦିବ୍ୟ

---

* ଗୋପୀମାନଙ୍କ ମଧ୍ୟରୁ ରାଧାଙ୍କୁ ଶ୍ରୀକୃଷ୍ଣ ସବୁଠୁ ବେଶୀ ଭଲପାଉଥିଲେ; କିନ୍ତୁ ସେ ଚନ୍ଦ୍ରାବଳୀ ଓ ଅନ୍ୟ ଗୋପୀମାନଙ୍କୁ ମଧ୍ୟ ଭଲପାଉଥିଲେ ।

ପରମପ୍ରେମ ସହିତ ନିଜର ସମ୍ମିଳନ ଘଟାଇ ସେହି ଦ୍ୱେଷରୁ ମୁକ୍ତ ହେବା, ତାହା ହେଉଛି ସର୍ବୋତ୍ତମ ପନ୍ଥା ।

୬ ଏପ୍ରିଲ, ୧୯୭୦

୪୫୬. ଜଣେ ନାସ୍ତିକ ଈଶ୍ୱରଙ୍କୁ ଭଲ ପାଉ ନାହିଁ ବୋଲି ତୁମେ ନାସ୍ତିକକୁ ଘୃଣା କରୁଛ କି ? ତେବେ, ତୁମକୁ ମଧ୍ୟ ଭଲ ପାଇବା ଉଚିତ ନୁହେଁ, କାରଣ ତୁମେ ଈଶ୍ୱରଙ୍କୁ ଆଦୌ ସଂପୂର୍ଣ୍ଣ ଭାବରେ ଭଲ ପାଇ ପାରୁ ନାହଁ ।

୪୫୭. ଅନ୍ତତଃ ବିଶେଷ ଭାବରେ ଗୋଟିଏ କ୍ଷେତ୍ର ରହିଛି, ଯେଉଁଠାରେ କି ଧର୍ମମତ ଓ ଚର୍ଚ୍ଚାଗୁଡ଼ିକ ଅପଦେବତା ନିକଟରେ ନିଜକୁ ସମର୍ପଣ କରିଥା'ନ୍ତି । ଏହି କ୍ଷେତ୍ରଟି ହେଉଛି ସେମାନେ ଯେତେବେଳେ ଅଭିଶାପ ଦିଅନ୍ତି । ଯେତେବେଳେ ପୁରୋହିତ 'ମାରନାଥ ଅଭିଶାପ' ବୋଲି ମନ୍ତ୍ରୋଚ୍ଚାରଣ କରନ୍ତି, ସେତେବେଳେ ମୁଁ ସେହି କ୍ଷେତ୍ରରେ ସତେଅବା ଏକ ସଇତାନ ପ୍ରାର୍ଥନା* କରୁଥିବାର ପ୍ରତ୍ୟକ୍ଷ କରେ ।

୪୫୮. ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ପୁରୋହିତ କାହାକୁ ଅଭିଶାପ ଦିଏ, ସେତେବେଳେ ସିଏ ଭଗବାନଙ୍କ ଆଡ଼କୁ ଅନାଇହିଁ ଚିତ୍କାର କରୁଥାଏ । ମାତ୍ର, ଆପଣାର ଶତ୍ରୁ ସହିତ ସେ କେବଳ କ୍ରୋଧ ଏବଂ ଅନ୍ଧକାରର ଈଶ୍ୱରଙ୍କ ପ୍ରତି ଅନୁଗତ ହୋଇ ରହିଥାଏ । କାରଣ, ସିଏ ଯେଉଁପରି ଭାବରେ ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଏ, ଠିକ୍ ସେହିପରି ଭାବରେହିଁ ଈଶ୍ୱର ତାକୁ ଗ୍ରହଣ କରନ୍ତି ।

୪୫୯. ମୁଁ ତ ସଇତାନ ଦ୍ୱାରା ଅତ୍ୟନ୍ତ ପରିମାଣରେ ଆତଙ୍କିତ ହୋଇ ରହିଥିଲି; ଶେଷରେ ଜାଣିଲି ଯେ ପ୍ରକୃତରେ ଈଶ୍ୱରହିଁ ମୋତେ ଯାବତୀୟ ପ୍ରଲୋଭନ ଦେଖାଇବାରେ ଲାଗିଛନ୍ତି । ତା'ପରେ ସଇତାନ ଦ୍ୱାରା ମୋ' ଭିତରେ ଉପୁଜୁଥିବା ବେଦନା ଚିରକାଳ ଲାଗି ମୋ' ଆତ୍ମା ଭିତରୁ ବିଦାୟ ହୋଇ ଯାଇଥିଲା ।

---

* ବିକଳ୍ପପାଠ : ସଇତାନ-ଉପାସକ

**୪୬୦.** **ମୁଁ ସଇତାନକୁ ଘୃଣା କରୁଥିଲି ଏବଂ ତାହାର ଯାବତୀୟ ପ୍ରଲୋଭନ ଏବଂ ଉତ୍ପୀଡ଼ନ ଦ୍ୱାରା ପୀଡ଼ିତ ହୋଇ ରହିଥିଲି । ମାତ୍ର କାହିଁକି ମୁଁ କହିପାରିବି ନାହିଁ, ତା'ର ବିଦାୟ ହୋଇ ଚାଲିଯିବା ସମୟର କଥାଗୁଡ଼ିକ ଏଡ଼େ ମଧୁର ଥିଲା ଯେ, ଯେତେବେଳେ ସେ ଅନେକ ସମୟରେ ଫେରିଆସି ମୋ'ପାଖରେ ନିଜକୁ ନିବେଦନ କରିବା ଲାଗି ଇଚ୍ଛା ପ୍ରକାଶ କଲା, ସେତେବେଳେ ମୋତେ ଦୁଃଖର ସହିତହିଁ ନାହିଁ କରିବାକୁ ପଡ଼ିଥିଲା । ତା'ପରେ ମୁଁ ଆବିଷ୍କାର କଲି ଯେ ଏସବୁଥିରେ କେବଳ ସେହି କୃଷ୍ଣହିଁ ଆପଣାର କୌଶଳମାନ ପ୍ରୟୋଗ କରିବାରେ ଲାଗିଛନ୍ତି ଏବଂ ଏହା ଫଳରେ ମୋ'ର ଘୃଣା ହାସ୍ୟରୂପେ ପରିବର୍ତ୍ତିତ ହୋଇଗଲା ।**

**୪୬୧.** **ସୟତାନ ଈଶ୍ୱରଙ୍କ ଉପରେ ବିଜୟଲାଭ କରିଛି ବୋଲି କହି ସେମାନେ ମୋ ଆଗରେ ସଂସାରରେ ରହିଥିବା ମନ୍ଦର ବ୍ୟାଖ୍ୟା କରି ଦେଉଥିଲେ । ମାତ୍ର ମୁଁ ଆହୁରି ଅଧିକ ଗର୍ବର ସହିତହିଁ ମୋର ପ୍ରେମାସ୍ପଦଙ୍କର କଥା ଭାବୁଛି । ମୁଁ ବିଶ୍ୱାସ କରୁଛି ଯେ କେବଳ ତାଙ୍କରି ଇଚ୍ଛା ବ୍ୟତୀତ କେବେହେଲେ ଆଦୌ କିଛି ହୁଏ ନାହିଁ;– ସ୍ୱର୍ଗରେ ହେଉ ଅଥବା ନର୍କରେ ହେଉ, ସ୍ଥଳଭାଗରେ ହେଉ ଅଥବା ଜଳଭାଗରେ ହେଉ, ସର୍ବତ୍ର ଠିକ୍ ସେହିପରି ହୁଏ ।**

ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ଯାବତୀୟ ବିପରୀତ ତତ୍ତ୍ୱର ସମାଧାନ ହୋଇଯାଏ ଓ ସେଗୁଡ଼ିକ ପରସ୍ପରର ଅନୁପୂରକ ହୋଇ ରହିଥା'ନ୍ତି । ଅଭିବ୍ୟକ୍ତି ମଧ୍ୟରେ ସଂଘଟିତ ହୋଇଥିବା ବିଭାଜନହିଁ ସେଗୁଡ଼ିକୁ ପରସ୍ପରର ବିରୋଧୀ କରି ତିଆରି କରିଛନ୍ତି । ମାତ୍ର, ଆମର ଚେତନା ଥରେ ସେହି ପରମ ଦିବ୍ୟଚେତନା ସହିତ ସମ୍ମିଳିତ ହୋଇଯାଇ ପାରିଲେ ଯାବତୀୟ ବିପରୀତତା ଅନ୍ତର୍ହିତ ହୋଇ ଯାଇଥାଏ ।

୭ ଏପ୍ରିଲ, ୧୯୭୦

**୪୬୨.** **ଅଜ୍ଞାନର ବଶବର୍ତ୍ତୀ ହୋଇ ଆମେ ସାନ ପିଲାଙ୍କ ପରି ଆଦୌ କାହାର ସାହାଯ୍ୟ ନ ନେଇ ସିଧା ହୋଇ ଚାଲିବାରେ ଆମର ସଫଳତାକୁ ନେଇ କେଡ଼େ ଗର୍ବ ଅନୁଭବ କରୁଥାଉ ଏବଂ ଆପଣାର ଉତ୍ସାହ**

ଦ୍ୱାରା ଏତେ ଅଧିକ ପରିମାଣରେ ବିସ୍ମୃତ ହୋଇ ରହିଥାଉ ଯେ, ନିଜ ଜନନୀର ନିର୍ଭରଦାୟୀ ସ୍ପର୍ଶକୁ ନିଜର କାନ୍ଧ ଉପରେ ଆଦୌ ଅନୁଭବ କରିପାରୁ ନାହିଁ । ଯେତେବେଳେ ଅଜ୍ଞାନ ଚାଲିଯାଏ ଓ ଆମେ ଜାଗୃତ ହେଉ, ସେତେବେଳେ ଯାଇ ଆମେ ପଛକୁ ଅନାଉ ଏବଂ ଦେଖିବାକୁ ପାଉ ଯେ, ସ୍ୱୟଂ ଈଶ୍ୱରହିଁ ଆମକୁ ସର୍ବଦା ଆଗକୁ ବାଟ ଦେଖାଇ ନେଉଥିଲେ ଓ ଆମକୁ ସିଧା କରି ଧରିଥିଲେ ।

୪୬୩. ସେହି ପ୍ରଥମ ଅବସ୍ଥାରେ ମୁଁ ଯେତେଥର ପାପ ଭିତରେ ଯାଇ ପଡ଼ି ଯାଉଥିଲି, ସେତେବେଳେ ମୁଁ କ୍ରନ୍ଦନ କରୁଥିଲି ଓ ନିଜ ଉପରେ ପ୍ରକୁପିତ ହୋଇ ଉଠୁଥିଲି । ଏହି ଦୁର୍ଦ୍ଦଶା ପାଇଁ ମୁଁ ଭଗବାନଙ୍କ ବିରୋଧରେ ମଧ୍ୟ ରୁଷ୍ଟ ହୋଇ ପଡୁଥିଲି । ପରେ ମୁଁ ତାଙ୍କୁ ଏକଥା ପଚାରିବାକୁ ମଧ୍ୟ ସାହସ କଲି, ‘‘ହେ ମୋ’ର କ୍ରୀଡ଼ାସଙ୍ଗୀ, ତୁମେ ମୋତେ ପୁନର୍ବାର ଆଣି ଏହି କର୍ଦ୍ଦମ ଭିତରେ କାହିଁକି ପକାଇଦେଲ ?’’ ତା’ପରେ, ସେତିକି କହିବାଟା ମଧ୍ୟ ମୋ ମନରେ ଅତ୍ୟଧିକ ଦୁଃସାହସିକ ଏବଂ ଧୃଷ୍ଟତାପୂର୍ଣ୍ଣ ବୋଧ ହେଲା; ସେତେବେଳେ ମୁଁ କେବଳ ନୀରବ ହୋଇ ଉଠି ଠିଆ ହୋଇପାରିଲି, ମୋ ଆଖିର କୋଣ ଭିତରୁ ତାଙ୍କ ଆଡ଼କୁ ଅନାଇଲି– ଏବଂ ଆପଣାକୁ ଧୌତ କରିନେଲି ।

ଆପଣାର ଗୁଣସାମର୍ଥ୍ୟକୁ ନେଇ ମନୁଷ୍ୟ ଯେତେବେଳ ପର୍ଯ୍ୟନ୍ତ ଗର୍ବ କରିବାରେ ଲାଗିଥାଏ, ସେତେବେଳ ପର୍ଯ୍ୟନ୍ତ ତାକୁ ନମନୀୟତାର ଶିକ୍ଷା ଦେବା ଲାଗି ସର୍ବୋଚ୍ଚ ପରମ ପ୍ରଭୁ ବାରବାର ପାପ ଭିତରେ ଆଣି ପକାଇ ଦେଉଥା’ନ୍ତି ।

୮ ଏପ୍ରିଲ, ୧୯୭୦

୪୬୪. ପରମେଶ୍ୱର ଏହି ଜୀବନର ଏପରି ଏକ ଯୋଜନା କରି ରଖିଛନ୍ତି ଯେ, ଏଠାରେ ଜଗତ ଆତ୍ମାର ପତି ହୋଇ ରହିଛି; କୃଷ୍ଣ ତାହାର ଦିବ୍ୟ ଉପପତି ହୋଇ ରହିଛନ୍ତି । ଜଗତ ନିକଟରେ ଆମର ସେବାର ଋଣ ପରିଶୋଧ କରିବାର ଅଛି ଏବଂ ଏକ ବିଧାନ ଦ୍ୱାରା, ଏକ ବାଧକାରୀ ଅଭିମତ ଏବଂ ଦୁଃଖ ସୁଖର ଏକ ସାଧାରଣ ଅନୁଭୂତି

**ଦ୍ୱାରା ବନ୍ଧାହୋଇ ରହିଛୁ । ମାତ୍ର, ଆମ ହୃଦୟର ସକଳ ଆରାଧନା ଏବଂ ଆମର ମୁକ୍ତ ତଥା ଗୁପ୍ତ ଆନନ୍ଦ ଆମର ସେହି ପରମପ୍ରେମିକଙ୍କ ଲାଗି ଉଦ୍ଦିଷ୍ଟ ହୋଇ ରହିଛି ।**

**୪୬୫. ପରମେଶ୍ୱରଙ୍କର ଆନନ୍ଦ ହେଉଛି ଏକ ରହସ୍ୟ ଓ ଏକ ବିସ୍ମୟ । ଏହା ଏକ ରହସ୍ୟ ଓ ଏକ ଉଲ୍ଲାସ ହୋଇ ରହିଥାଏ ଯାହା ଉଦ୍ଦେଶ୍ୟରେ କି ସାଧାରଣ ଧାରଣା କେତେକ'ଣ ବିଦ୍ରୂପ କରିବାରେ ଲାଗିଥାଏ । ମାତ୍ର, ଯେଉଁ ଆତ୍ମା ଥରେ ମଧ୍ୟ ତାହାର ସ୍ୱାଦ ଲାଭ କରିଥାଏ, ପୃଥିବୀ ପାଖରୁ ଯେତେ ଯାହା ନିନ୍ଦା, ଉତ୍ପୀଡ଼ନ ଏବଂ ବେଦନା ସହ୍ୟ କରିବାକୁ ପଡ଼ିଲେ ମଧ୍ୟ ସିଏ କଦାପି ତାହାକୁ ପରିତ୍ୟାଗ କରି ପାରେ ନାହିଁ ।**

ବର୍ତ୍ତମାନ ଅବସ୍ଥାରେ ଜଗତ ଶୁଦ୍ଧ ଏବଂ ଦୀପ୍ତିମୟ ଦିବ୍ୟଆନନ୍ଦ ସହିତ ସତେଅବା ଏକ ବିରୋଧୀପଣ କରି ରହିଥିବା ପରି ବୋଧ ହେଉଛି; ମାତ୍ର, ଏପରି ଗୋଟିଏ ଦିନ ଆସିବ, ଯେତେବେଳେ କି ଏହି ଜଗତ ମଧ୍ୟ ସେହି ଆନନ୍ଦକୁ ବ୍ୟକ୍ତ କରି ପାରିବ । ଆମେ ପୃଥିବୀକୁ ଠିକ୍ ସେଇଥିଲାଗିହିଁ ପ୍ରସ୍ତୁତ କରିବା ।

୯ ଏପ୍ରିଲ, ୧୯୭୦

**୪୬୬. ବିଶ୍ୱଗୁରୁ ପରମେଶ୍ୱର ମୋ' ମନର ତୁଳନାରେ ଅନେକ ଅଧିକ ପ୍ରଜ୍ଞାର ଅଧିକାରୀ । ତୁମେ ତାଙ୍କରିଠାରେହିଁ ଆସ୍ଥା ରଖିବ; ନିରନ୍ତର କେବଳ ଆପଣାର ସ୍ୱାର୍ଥକୁ ଲୋଡୁଥିବା ଉଦ୍ଧତ ସଂଶୟବାଦୀ ଉପରେ କଦାପି ଆସ୍ଥା ରଖିବ ନାହିଁ ।**

**୪୬୭. ସଂଶୟବାଦୀ ମନ ନିରନ୍ତର ସନ୍ଦେହ କରିବାରେ ଲାଗିଥାଏ, କାରଣ ତାହା ଆଦୌ ଅସଲ କଥାଟିକୁ ବୁଝି ପାରେ ନାହିଁ । ମାତ୍ର, ପରମେଶ୍ୱରଙ୍କୁ ଭଲ ପାଉଥିବା ବ୍ୟକ୍ତିର ବିଶ୍ୱାସ ଆଦୌ କିଛି ବୁଝି ପାରୁ ନ ଥିଲେ ମଧ୍ୟ ତଥାପି ତାହା ଅବିଚଳ ରହିଥାଏ । ଆମର ଏହି ଅନ୍ଧକାର ପାଇଁ ଉଭୟଙ୍କର ଆବଶ୍ୟକତା ରହିଛି, ମାତ୍ର, ଦୁହିଙ୍କ ମଧ୍ୟରୁ କିଏ ଅଧିକ ଶକ୍ତିଶାଳୀ, ସେଥିରେ ଆଦୌ କୌଣସି ସନ୍ଦେହ**

ରହି ନ ପାରେ । ମୁଁ ଆଜି ଯାହା ବୁଝି ପାରୁ ନାହିଁ, ତାକୁ ମୁଁ ଦିନେ ନା ଦିନେ ଆୟତ୍ତ କରିବି; ମାତ୍ର, ଯଦି ମୁଁ ବିଶ୍ୱାସ ଏବଂ ପ୍ରେମକୁ ହରାଇବସେ, ତେବେ ପରମେଶ୍ୱର ମୋ' ସମ୍ମୁଖରେ ଯେଉଁ ଲକ୍ଷ୍ୟଟିକୁ ଉପସ୍ଥାପିତ କରି ରଖିଛନ୍ତି, ସେଥିରୁ ମୁଁ ନିଶ୍ଚୟ ସଂପୂର୍ଣ୍ଣ ଭାବରେ ତଳକୁ ଖସି ଆସିବି ।

୪୬୮. ଈଶ୍ୱରଙ୍କୁ, ଯେକି ମୋର ପଥପ୍ରଦର୍ଶକ ଓ ଗୁରୁ, ତାଙ୍କୁ ସନ୍ଦେହ କରିପାରେ ଓ ତାଙ୍କୁ ପଚାରିପାରେ, ''ମୁଁ ପ୍ରକୃତରେ ଠିକ୍ ନା ଆପଣ ଆପଣଙ୍କର ପ୍ରେମ ଏବଂ ପ୍ରଜ୍ଞା ଦ୍ୱାରା ପ୍ରେରିତ ହୋଇ ମୋତେ ପ୍ରତାରିତ କରିବାଲାଗି ମୋ'ର ମନକୁ ନିୟୋଜିତ କରିଛନ୍ତି ?'' ଯଦି ସନ୍ଦେହ କରିବ ତେବେ ନିଜ ମନକୁ ସନ୍ଦେହ କର; ମାତ୍ର ପରମେଶ୍ୱରହିଁ ତୁମକୁ ଯେ ବାଟ ଦେଖାଇ ନେଉଛନ୍ତି; ସେହି ବିଷୟରେ କଦାପି ସନ୍ଦେହ କର ନାହିଁ ।

ଆମେ ଦିବ୍ୟ ପରମସତ୍ତାଙ୍କର ପରିଚୟ ଲାଭ କରିବା ଏବଂ ତାଙ୍କରି ସହିତ ସମ୍ମିଳିତ ହେବା, ଆମ ଜୀବନ ସେହି ସକାଶେହିଁ ଆମକୁ ପ୍ରଦତ୍ତ ହୋଇଛି । ଏହା ପ୍ରକୃତରେ ଏପରି ନୁହେଁ ବୋଲି ଆମର ମନ ଆମକୁ ପ୍ରବଞ୍ଚନା ଦେବାର ଚେଷ୍ଟା କରୁଥାଏ । ଆମେ ଏହି ମିଥ୍ୟାବାଦୀକୁ ବିଶ୍ୱାସ କରିବା କି ?

୧୦ ଏପ୍ରିଲ, ୧୯୭୦

୪୬୯. ପ୍ରଥମେ ପରମେଶ୍ୱରଙ୍କ ବିଷୟରେ ତୁମକୁ କେବଳ କେତେକ ଅପୂର୍ଣ୍ଣ ଧାରଣାହିଁ ଦିଆ ଯାଇଥିଲା ବୋଲି ତୁମେ ସେଇଥିଲାଗି ତାଙ୍କୁ ବର୍ତ୍ତମାନ ତାଙ୍କ ଉପରେ ଏପରି ରୁଷ୍ଟ ହେଉଛ ଏବଂ ତାଙ୍କୁ ଅସ୍ୱୀକାର କରୁଛ । ମାତ୍ର ହେ ମନୁଷ୍ୟ, ତୁମର ଗୁରୁ ତୁମକୁ ଆରମ୍ଭରୁହିଁ ସବୁଯାକ ଜ୍ଞାନ ପ୍ରଦାନ କରି ନ ଥିଲେ ବୋଲି ତୁମେ ତାଙ୍କ ଉପରେ ସଂଶୟ ପ୍ରକାଶ କରିବ କି ? ବରଂ ତୁମର ସେହି ଅପୂର୍ଣ୍ଣ ସତ୍ୟର ଅଧ୍ୟୟନ କରିବା ଉଚିତ ଏବଂ ତାହାକୁ ତାହାର ଯଥାର୍ଥ ସ୍ଥାନରେ ନେଇ ରଖିପାରିବା ଉଚିତ, ଯେପରିକି, ତୁମର ସମକ୍ଷରେ ବର୍ତ୍ତମାନ ଯେଉଁ ପ୍ରଶସ୍ତତର ଜ୍ଞାନ ଉନ୍ମୋଚିତ ହୋଇଯିବାରେ ଲାଗିଛି, ତୁମେ

**ଆପଦଶୂନ୍ୟ ଭାବରେ ପ୍ରକୃତରେ ସେହି ଜ୍ଞାନର କ୍ଷେତ୍ରକୁ ଅତିକ୍ରମ କରିଯାଇ ପାରିବ ।**

**୪୭୦. ଆପଣାର ପ୍ରେମ ଦ୍ୱାରା ପ୍ରେରିତ ହୋଇ ପରମେଶ୍ୱର ଶିଶୁ-ଆତ୍ମା ଏବଂ ଦୁର୍ବଳ ମନୁଷ୍ୟଙ୍କୁ ସୋପାନ ସୋପାନ କରି ଓ ତାଙ୍କର ଚରମ ଓ ତଥାପି ଅନଧିଗମ୍ୟ ଗିରିଶିଖରଗୁଡ଼ିକର ଦୃଷ୍ଟିଲାଭକୁ ପ୍ରତ୍ୟାହୃତ କରି ରଖି ସେମାନଙ୍କୁ ସେହିପରି ଭାବରେହିଁ ଶିକ୍ଷା ଦେଇଥା'ନ୍ତି । ଏବଂ, ଆମ ସମସ୍ତଙ୍କର କିଛି ନା କିଛି ଦୁର୍ବଳତା ରହି ନାହିଁ କି ? ତାଙ୍କର ଚକ୍ଷୁରେ ଆମେ ସମସ୍ତେ ଗୋଟିଏ ଗୋଟିଏ ସାନ ପିଲା ନୋହୁଁ କି ?**

**୪୭୧. ମୁଁ ଏହି କଥାଟିକୁ ଦେଖିବାକୁ ପାଇଛି ଯେ, ଭଗବାନ ଯେଉଁସବୁ ବସ୍ତୁକୁ ମୋ'ଠାରୁ ପ୍ରତ୍ୟାହୃତ କରି ରଖିଛନ୍ତି, ସେ ତାହାକୁ କେବଳ ଆପଣାର ପ୍ରେମ ଏବଂ ପ୍ରଜ୍ଞା ଦ୍ୱାରା ପରିପ୍ରେରିତ ହୋଇହିଁ ପ୍ରତ୍ୟାହୃତ କରି ରଖିଛନ୍ତି । ଯଦି ମୁଁ ସେତେବେଳେ ସେହି କଥାଟିକୁ ବୁଝିଥା'ନ୍ତି, ତେବେ ମୁଁ ହୁଏତ କୌଣସି ବୃହତ୍ ଶୁଭକୁ ବୃହତ୍ ବିଷରେ ପରିଣତ କରି ଦେଇଥାନ୍ତି । ତଥାପି, ଯେତେବେଳେ ଆମେ ଅନେକ ସମୟରେ ଜିଦ୍ ଧରି ବସୁ, ସିଏ ଆମକୁ ପାନ କରିବାଲାଗି ବିଷହିଁ ଦିଅନ୍ତି, ଯେପରିକି ଆମେ ନିଜକୁ ତାହାଠାରୁ ଅପସାରିତ କରିନେଇ ପାରିବା ଏବଂ ଯଥାର୍ଥ ଜ୍ଞାନ ଦ୍ୱାରା ପ୍ରେରିତ ହୋଇ ତାଙ୍କର ସୁଧାମୃତକୁ ଆସ୍ୱାଦନ କରିପାରିବା ।**

ଯେତେବେଳେ ବ୍ୟକ୍ତି କିଞ୍ଚିତ୍ ପରିମାଣରେ ଅଧିକ ସଜ୍ଞାନ ହେବ, ସିଏ ସେତେବେଳେ ଆଦୌ କୌଣସି ବିଷୟରେ ଆପତ୍ତି କରିବ ନାହିଁ ଏବଂ, ତାଙ୍କର ସର୍ବକୃପାମୟ କରୁଣାର ଅଭିବ୍ୟକ୍ତି ରୂପେ ଦିବ୍ୟ ପରମସତ୍ତା ତା'ଲାଗି ଯାହାକିଛି ପ୍ରେରଣ କରିବେ, ସିଏ ତାକୁ ଅବଶ୍ୟ ଗ୍ରହଣ କରିନେବ ।

ଆମର ସମର୍ପଣ ଯେତିକି ଅଧିକ ହେବ, ଆମେ ଠିକ୍ ସେତିକି ପରିମାଣରେ ଅଧିକ ବୁଝିବାକୁ ମଧ୍ୟ ସମର୍ଥ ହେବା ।

ଆମେ ଯେତିକି ଅଧିକ କୃତଜ୍ଞ ରହିବା, ଆମେ ଠିକ୍ ସେତିକି ପରିମାଣରେ ଅଧିକ ସୁଖ ମଧ୍ୟ ପାଇପାରିବା ।

୧୧ ଏପ୍ରିଲ, ୧୯୭୦

**୪୭୨. ଜଣେ ନାସ୍ତିକ ମଧ୍ୟ ବର୍ତ୍ତମାନ ଏକଥା ଦେଖିବାକୁ ସମର୍ଥ ହେବା ଉଚିତ ଯେ, ବିବର୍ତ୍ତନର ଧାରା ଯେଉଁ ଅନନ୍ତ ଏବଂ ଶକ୍ତିଶାଳୀ ଉଦ୍ଦେଶ୍ୟକୁ ସ୍ୱଭାବତଃ ଆପଣା ସମ୍ମୁଖରେ କଳ୍ପନା କରୁଛି, ଏହି ସୃଷ୍ଟି ଠିକ୍ ସେହି ଉଦ୍ଦେଶ୍ୟ ଆଡ଼କୁହିଁ ଗତି କରି ଚାଲିଛି । ମାତ୍ର, ସେହି ଅନନ୍ତ ଉଦ୍ଦେଶ୍ୟ ଓ ତାହାର ପରିପୂରଣ ପଛରେ ଏକ ଅନନ୍ତ ପ୍ରଜ୍ଞା ମଧ୍ୟ ଅବଶ୍ୟ ରହିଥିବ, ଯାହାକି ଏହି ସବୁକିଛିକୁ ପ୍ରସ୍ତୁତ କରୁଛି, ବାଟ ଦେଖାଇ ନେଉଛି, ନିର୍ଦ୍ଦିଷ୍ଟ ଆକାର ପ୍ରଦାନ କରୁଛି, ସୁରକ୍ଷିତ କରି ରଖୁଛି ଓ ଔଚିତ୍ୟ ପ୍ରତିପାଦନ କରୁଛି । ତେଣୁ ତୁମେ ସେହି ପରମପ୍ରଜ୍ଞା ପ୍ରତି ଆପଣାର ଶ୍ରଦ୍ଧା ଜ୍ଞାପନ କର ଏବଂ କୌଣସି ମନ୍ଦିରରେ ଧୂପ ପ୍ରଦାନ କରି ନ ହେଲେ ମଧ୍ୟ ଆପଣାର ଆତ୍ମାରେ ତୁମେ ତାହାର ଉପାସନା କର । ତାହାକୁ ଅନନ୍ତପ୍ରେମର ହୃଦୟ ଏବଂ ଅନନ୍ତ ଆତ୍ମ-ଦୀପ୍ତିଯୁକ୍ତ ମାନସ ବୋଲି ସ୍ୱୀକାର ନ କଲେ ମଧ୍ୟ ତୁମେ ତାହାର ଉପାସନା କର । ତେବେ, ତୁମେ ତାହାକୁ ଜାଣ ବା ନ ଜାଣ ପଛକେ, ତଥାପି କୁହାଯାଇ ପାରିବ ଯେ, ତୁମେ ପ୍ରକୃତରେ ସେହି କୃଷ୍ଣଙ୍କୁହିଁ ଶ୍ରଦ୍ଧା କରୁଛ ଓ ସେହି କୃଷ୍ଣଙ୍କରହିଁ ଉପାସନା କରୁଛ ।**

ସକଳ ଶବ୍ଦର ଅତୀତ ହୋଇ ଓ ସକଳ ଭାବନାର ଅତୀତ ହୋଇ ସେହି ସର୍ବୋଚ୍ଚ ପରମ ଉପସ୍ଥିତି ଆପଣାକୁ ଅନୁଭୂତ କରାଇବାରେ ଲାଗିଛନ୍ତି ଏବଂ ଆମର ବିସ୍ମୟକୁ ଆକର୍ଷିତ କରି ନେଉଛନ୍ତି ।

ସୀମା ସୃଷ୍ଟି କରୁଥିବା ଓ ବିକୃତ କରି ପକାଉଥିବା ଯାବତୀୟ ମନସ୍ତରୀୟ ରଚନା-ବିରଚନା ବିଷୟରେ ଆମେ ସତର୍କ ରହିବା । ଆମେ ସେହି ସଂସ୍ପର୍ଶଟିକୁ ଶୁଦ୍ଧ କରି ରଖିଥିବା ।

୧୨ ଏପ୍ରିଲ, ୧୯୭୦

**୪୭୩. ପରମ ପ୍ରେମମୟ ପ୍ରଭୁ କହିଛନ୍ତି, ‘‘ଯେଉଁମାନେ ପରମ ଅଜ୍ଞେୟ**

**ଏବଂ ସଂଜ୍ଞାତୀତଙ୍କର ଅନୁଗାମୀ ହୁଅନ୍ତି, ସେମାନେ ମୋ'ର ମଧ୍ୟ ଅନୁଗାମୀ ହୁଅନ୍ତି ଏବଂ ମୁଁ ସେମାନଙ୍କୁ ଗ୍ରହଣ କରିଥାଏ ।'' ଏହିପରି କହି ସେ ମାୟାବାଦୀ ତଥା ଅଜ୍ଞେୟବାଦୀଙ୍କୁ ମଧ୍ୟ ସ୍ୱୀକୃତି ଦେଇଛନ୍ତି । ତେଣୁ ହେ ଭକ୍ତ, ତୁମର ପ୍ରଭୁ ଯାହାକୁ ସ୍ୱୀକାର କରି ନେଇଛନ୍ତି, ତୁମେ କାହିଁକି ତାହାକୁ ଭର୍ତ୍ସନା କରୁଛ ?**

ଦିବ୍ୟ ପରମଦୃଷ୍ଟିର ସମକ୍ଷରେ ନିଷ୍ଠାଯୁକ୍ତ ଯାବତୀୟ ମାନବ ଅଭୀପ୍ସାକୁ ଅବଶ୍ୟ ସ୍ୱୀକୃତି ମିଳିଥାଏ । ସେଗୁଡ଼ିକର ବାହ୍ୟାକାରରେ ଯେତେଯାହା ବିଭିନ୍ନତା ଏବଂ ଆପାତ ବିରୋଧମାନ ରହିଥିଲେ ମଧ୍ୟ ତଥାପି ସ୍ୱୀକୃତି ମିଳିଥାଏ ।

ଏବଂ ସେହି ସବୁଯାକ ଏକାଠି ମିଶିଲେ ମଧ୍ୟ ଦିବ୍ୟ ପରମସତ୍ୟକୁ ବ୍ୟକ୍ତ କରି ପାରିବାଲାଗି ତଥାପି ଯଥେଷ୍ଟ ହୁଅନ୍ତି ନାହିଁ । ୧୩ ଏପ୍ରିଲ, ୧୯୭୦

**୪୭୪. ଶାଶ୍ୱତ ନର୍କକୁ ଏକ ଔଚିତ୍ୟ ପ୍ରଦାନ କରିଥିବା କାଲ୍‌ଭିନ୍ ପରମେଶ୍ୱରଙ୍କର ପରିଚୟ ପାଇ ନ ଥିଲେ, ମାତ୍ର, ପରମେଶ୍ୱରଙ୍କର ଏକ ଭୟଙ୍କର ମୁଖାକୁହିଁ ତାଙ୍କର ଶାଶ୍ୱତ ସତ୍ୟରୂପେ ଦର୍ଶାଇଥିଲେ । ଯଦି ପ୍ରକୃତରେ ଏକ ଅସୀମ ନର୍କରାଜ୍ୟ ରହିଥାନ୍ତା, ତେବେ ତାହା କେବଳ ଏକ ଅସୀମ ଉଲ୍ଲାସର ସ୍ଥାନହିଁ ହୋଇଥାନ୍ତା; କାରଣ ପରମେଶ୍ୱର ହେଉଛନ୍ତି ଆନନ୍ଦସ୍ୱରୂପ, ଏବଂ ତାଙ୍କର ସେହି ଆନନ୍ଦର ଶାଶ୍ୱତତା ବ୍ୟତୀତ ଆଉ ଅନ୍ୟ କୌଣସି ଶାଶ୍ୱତତା ଆଦୌ କେଉଁଠିହେଲେ ନାହିଁ ।**

**୪୭୫. ପରମେଶ୍ୱରଙ୍କର ପରିପୂର୍ଣ୍ଣ ପ୍ରେମହିଁ ଶାଶ୍ୱତ ନରକର ସୃଷ୍ଟି କରିଛି ବୋଲି ଯେତେବେଳେ ଦାନ୍ତେ କହିଥିଲେ, ସେତେବେଳେ ସିଏ ପ୍ରକୃତରେ ଯେତିକି ଜାଣିଥିଲେ, ତାହାଠାରୁ ଅଧିକ ପ୍ରଜ୍ଞାପୂର୍ଣ୍ଣ ଭାବରେ ଏକଥାଟିକୁ ଲେଖିଥିଲେ । କାରଣ, ଆକସ୍ମିକ ଭାବରେ ଦୃଷ୍ଟି ପକାଇ ମୁଁ ବେଳେବେଳେ ଏପରି ଭାବିଛି ଯେ, ଏପରି ଏକ ନରକ ରହିଛି, ଯେଉଁଠାରେ କି ଆମର ଆତ୍ମା ଯୁଗଯୁଗ ଧରି ଏକ ଅସହନୀୟ ଦିବ୍ୟ ଉଲ୍ଲାସ ସହ୍ୟ କରିଛନ୍ତି ଏବଂ ସତେଅବା କାନ୍ତ ଓ ଭୀମ ରୁଦ୍ରଙ୍କର ପୂର୍ଣ୍ଣ ଆଲିଙ୍ଗନ ମଧ୍ୟରେ ଅବସ୍ଥାନ କରିଛନ୍ତି ।**

ମନୁଷ୍ୟର କ୍ଷୁଦ୍ରତା ଆଗରେ ଦିବ୍ୟ ମହିମାଗୁଡ଼ିକର ଚମତ୍କାରିତା ଏତେ ବିସ୍ମୟ ଓ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ହୋଇ ରହିଥାଏ ଯେ, ସେଗୁଡ଼ିକୁ ସହ୍ୟ କରିବା ମନୁଷ୍ୟ ଲାଗି ଅତ୍ୟନ୍ତ କଷ୍ଟକର ହୋଇଥାଏ; ଏବଂ ସେହିପରି ଏକ ଆନନ୍ଦମୟ ଶାଶ୍ୱତତା ମଧ୍ୟ ଜଣେ ମନୁଷ୍ୟ ପାଇଁ ପ୍ରକୃତରେ ଅସହନୀୟ ହୋଇଥାଏ ।

୧୪ ଏପ୍ରିଲ, ୧୯୭୦

**୪୭୬. ସେହି ପରମଗୁରୁ ପରମେଶ୍ୱରଙ୍କର ଶିଷ୍ୟତ୍ୱ, ପରମପିତା ପରମେଶ୍ୱରଙ୍କର ସନ୍ତାନତ୍ୱ, ପରମା ଜନନୀ ପରମେଶ୍ୱରଙ୍କର କୋମଳତା, ଦିବ୍ୟ ପରମବନ୍ଧୁଙ୍କର ହସ୍ତବନ୍ଧନ, ଆମର ସେହି ପରମସଙ୍ଗୀ ଓ ବାଳକ କ୍ରୀଡ଼ାସହଚରଙ୍କର ହାସ୍ୟ ଓ କ୍ରୀଡ଼ାମୟତା, ପରମପ୍ରଭୁ ପରମେଶ୍ୱରଙ୍କର ଦାସତ୍ୱ, ଆମର ସେହି ଦିବ୍ୟ ଉପପତିଙ୍କର ଉଲ୍ଲସିତ ପ୍ରେମ,– ମନୁଷ୍ୟର ଶରୀରରେ ଏଗୁଡ଼ିକ ହେଉଛି ସାତୋଟି ନିଃଶ୍ରେୟସ । ତୁମେ ଏହି ସବୁଗୁଡ଼ିକୁ ଏକାଠି ମିଶାଇ ଏକ ପରମ ଅଦ୍ୱିତୀୟ ତଥା ଇନ୍ଦ୍ରଧନୁର ରଙ୍ଗ ସହ ସମ୍ବନ୍ଧିତ କରି ପାରିବ କି ? ତେବେ ତୁମର କୌଣସି ସ୍ୱର୍ଗର ପ୍ରୟୋଜନ ରହିବ ନାହିଁ ଏବଂ ତୁମେ ଅଦ୍ୱୈତବାଦୀର ମୁକ୍ତିତତ୍ତ୍ୱକୁ ମଧ୍ୟ ଅତିକ୍ରମ କରି ଚାଲିଯିବ ।**

ଏଥି ସହିତ ଆଉ ଅଧିକ କିଛି କହିବାକୁ ନାହିଁ । ଏହା ଏକ ସଂପୂର୍ଣ୍ଣ ଯୋଜନା । ଆମର କେବଳ ଉପଲବ୍ଧି କରିବାର କଥା ।

୧୫ ଏପ୍ରିଲ, ୧୯୭୦

**୪୭୭. ଏହି ପୃଥିବୀ ସ୍ୱର୍ଗର ଏକ ଆଦର୍ଶ ଆକାରରେ କେବେ ପରିବର୍ତ୍ତିତ ହୋଇଯିବ ? ଯେତେବେଳେ ସମଗ୍ର ମାନବଜାତି କୃଷ୍ଣ ଏବଂ କାଳୀ ରୂପରେ ଆପଣାକୁ ପ୍ରକଟ କରିଥିବା ପରମେଶ୍ୱରଙ୍କ ସହିତ ବାଳକ ଏବଂ ବାଳିକା ହୋଇ ଏକାଠି ମିଶିଯିବେ, ସେହି ଯୂଥ ମଧ୍ୟରେ ସବୁଠାରୁ ଅଧିକ ସୁଖୀ ବାଳକ ଏବଂ ସବୁଠାରୁ ଅଧିକ ଶକ୍ତିମତୀ ବାଳିକା ସ୍ୱରୂପ ସେହି କୃଷ୍ଣ ଓ କାଳୀଙ୍କ ସହିତ ଏକତ୍ର ସ୍ୱର୍ଗରାଜ୍ୟର ଉଦ୍ୟାନଗୁଡ଼ିକରେ କ୍ରୀଡ଼ା କରିପାରିବେ, ସେତେବେଳେ ଯାଇ ତାହା**

**ସମ୍ଭବ ହେବ । ସେମିଟିକ୍‌ମାନେ କଳ୍ପନା କରିଥିବା ଉଦ୍ୟାନ ମନ୍ଦ ନ ଥିଲା, ମାତ୍ର ଆଡ଼ାମ୍ ଏବଂ ଇଭ୍‌ଙ୍କର ବୟସ ଅତ୍ୟନ୍ତ ବେଶୀ ହୋଇ ଯାଇଥିଲା ଓ ସେହି ଉଦ୍ୟାନର ଭଗବାନ ମଧ୍ୟ ଅତି ବୁଢ଼ା ହୋଇ ଯାଇଥିଲେ; ଏତେ କଠୋର ଏବଂ ଗମ୍ଭୀର ହୋଇ ଯାଇଥିଲେ ଯେ ସାପର ନିବେଦନକୁ ଆଦୌ ପ୍ରତିରୋଧ କରି ପାରିଲେ ନାହିଁ ।**

**୪୭୮. ସେମାଇଟ୍‌ମାନେ ମନୁଷ୍ୟଜାତି ଉପରେ ଯେଉଁ ଭଗବତ୍‌କଳ୍ପନାକୁ ଆଣି ଲଦି ଦେଇଛନ୍ତି, ଯେଉଁଥିରେ କି ଈଶ୍ୱରଙ୍କୁ ଜଣେ କଠୋର ଏବଂ ଗୌରବମଣ୍ଡିତ ରାଜା ରୂପେ ଆଣି ବସାଯାଇଛି । ସିଏ ଖାଲି ଗମ୍ଭୀର ଭାବରେ ବସି ବିଚାର କରୁଛନ୍ତି ଓ ବିନୋଦ କ'ଣ ଆଦୌ ଜାଣି ନାହାନ୍ତି । ମାତ୍ର, ଆମେ ଯେଉଁମାନେ କୃଷ୍ଣଙ୍କର ଦର୍ଶନ ଲାଭ କରିଛୁ, ଆମେ ତାଙ୍କୁ ଜଣେ କ୍ରୀଡ଼ାପ୍ରିୟ ବାଳକରୂପେ ଜାଣିଛୁ; ଏପରି ଏକ ଶିଶୁରୂପେ ଜାଣିଛୁ, ଯିଏ କି କେତେକ'ଣ ଦୁଷ୍ଟାମି କରି ଜାଣନ୍ତି ଏବଂ ଠୋ' ଠୋ' କରି ହସି ମଧ୍ୟ ପାରନ୍ତି ।**

**୪୭୯. ଯେଉଁ ଭଗବାନ ହସି ପାରନ୍ତି ନାହିଁ, ସିଏ କଦାପି ଏହି ବିନୋଦମୟ ବିଶ୍ୱର ସୃଷ୍ଟି କରି ନାହାନ୍ତି ।**

ମିଥ୍ୟାର ଶକ୍ତି ଆଗରେ ବିଦ୍ରୂପ ହେଉଛି ସବୁଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ର । କେବଳ ଗୋଟିଏ ବାକ୍ୟରେହିଁ ଶ୍ରୀଅରବିନ୍ଦ ମନୁଷ୍ୟ ଦ୍ୱାରା ସୃଷ୍ଟ ଏହିପରି ଗୋଟିଏ ଭଗବାନଙ୍କର ଶକ୍ତିକୁ ଭୂମିସାତ୍ କରି ଦେଇଛନ୍ତି ।

୧୭ ଏପ୍ରିଲ, ୧୯୭୦

**୪୮୦. ଗେଲ କରିବା ସକାଶେ ଭଗବାନ ଗୋଟିଏ ପିଲାକୁ ଆପଣାର ଆନନ୍ଦମୟ ବକ୍ଷ ଉପରକୁ ଟେକିନେଲେ; ମାତ୍ର, ପିଲାଟି ଆଉ ଜୀବନରେ ନାହିଁ ବୋଲି ତା'ର ମାଆ କାନ୍ଦିବାକୁ ଲାଗିଲା ଓ ଆଦୌ ସାନ୍ତ୍ୱନା ଲାଭ କରିବାକୁ ସମ୍ମତ ହେଲା ନାହିଁ ।**

**୪୮୧. ଯେତେବେଳେ ମୋତେ ଦୁଃଖ, କଷ୍ଟ ଅଥବା କୌଣସି ଦୁର୍ଭାଗ୍ୟ**

**ସହ୍ୟ କରିବାକୁ ହୋଇଥାଏ, ସେତେବେଳେ ମୁଁ କହେ, ''ଆଚ୍ଛା, ମୋ'ର ପରିଚିତ ପୁରାତନ ଖେଳସଙ୍ଗୀ, ତୁମେ ପୁଣି ମୋତେ କଷ୍ଟ ଦେବାକୁ ଆରମ୍ଭ କରିଛ ?'' ଏବଂ ତା'ପରେ ମୁଁ ବସିପଡ଼େ ଓ ସେହି କଷ୍ଟ ଜନିତ ଆନନ୍ଦର ସେହି ଦୁଃଖଜନିତ ହର୍ଷର ଏବଂ ସେହି ଦୁର୍ଭାଗ୍ୟରୂପୀ ସୌଭାଗ୍ୟର ଅଧିକାରୀ ହେବାକୁ ଚେଷ୍ଟା କରେ । ତା'ପରେ ସେ ସ୍ୱୟଂ ଧରା ପଡ଼ି ଯାଇଥିବାର ବେଶ୍ ଦେଖିପାରନ୍ତି ଏବଂ ତାଙ୍କର ଭୂତ ଓ କୀଟଗୁଡ଼ାକୁ ମୋ'ଠାରୁ ହଟାଇ ନେଇଯାନ୍ତି ।**

ଏହିପରି ଏକ ଉଜ୍ଜ୍ୱଳ ବିନୋଦବାକ୍ୟ ଦ୍ୱାରା ଶ୍ରୀଅରବିନ୍ଦ ଆମକୁ ସାଧାରଣ ମନୁଷ୍ୟ-ଚେତନାର ମିଥ୍ୟା ଏବଂ ଆମକୁ ଯେଉଁ ଦିବ୍ୟ ପରମଚେତନାର ସର୍ବଶକ୍ତିମାନ୍ ଆନନ୍ଦକୁ ଅର୍ଜନ କରିବାକୁ ହେବ, ତାହାକୁ ବୁଝାଇ ଦେବାଲାଗି ଚେଷ୍ଟା କରିଛନ୍ତି ।

୧୮ ଏପ୍ରିଲ, ୧୯୭୦

**୪୮୨. ଦିବ୍ୟଜ୍ଞାନର ଅନ୍ୱେଷଣ କରୁଥିବା ବ୍ୟକ୍ତି ଗୋପୀମାନଙ୍କର ବସ୍ତ୍ର ହରଣ କରୁଥିବା କୃଷ୍ଣଙ୍କର ବର୍ଣ୍ଣନା ମଧ୍ୟରେ ଆତ୍ମା ସହିତ ରଚନା କରା ଯାଇଥିବା ଭଗବାନଙ୍କର ଲୀଳାର ଗୋଟିଏ ଗଭୀରତମ ବ୍ୟଞ୍ଜନା ରହିଥିବା ଦୃଷ୍ଟାନ୍ତର ପ୍ରତ୍ୟକ୍ଷ କରିଥାଏ; ଭକ୍ତ ତାହା ମଧ୍ୟରେ ତା' ହୃଦୟର ରହସ୍ୟମୟ ଅନୁଭୂତିଗୁଡ଼ିକ ପରିପୂର୍ଣ୍ଣ ଭାବରେ ଉକୁଟି ପାରିଥିବା ଏକ ଦିବ୍ୟ କର୍ମକୁହିଁ ପ୍ରତ୍ୟକ୍ଷ କରେ; ଜଣେ କାମୁକ ଓ ଶୁଦ୍ଧବାଦୀ (ଦୁଇଟିଯାକ ହେଉଛନ୍ତି ସେହି ଗୋଟିଏ ଅନ୍ତଃସ୍ୱଭାବର ଦୁଇଟି ମୁଖ) ତାହାକୁ କେବଳ ଏକ କାମବ୍ୟଞ୍ଜକ କାହାଣୀ ବୋଲି କହିଥାଏ । ମନୁଷ୍ୟମାନେ, ସେମାନଙ୍କର ନିଜ ଭିତରେ ଯାହାକିଛି ରହିଥାଏ, ତାହାକୁହିଁ ବାହାରକୁ ଆଣନ୍ତି ଓ ତାହାହିଁ ଶାସ୍ତ୍ରଗୁଡ଼ିକରେ ପ୍ରତିଫଳିତ ହୋଇଥିବାର ଦେଖିଥାନ୍ତି ।**

**୪୮୩. ମୋ'ର ପ୍ରେମିକ ମୋ'ଦେହ ଉପରୁ ପାପର ବସନକୁ କାଢ଼ି ନେଇଗଲେ ଓ ମୁଁ ଆନନ୍ଦର ସହିତ ସେହି ବସ୍ତ୍ରକୁ ମୋ' ଅଙ୍ଗ ଉପରୁ କାଢ଼ିଦେଲି । ତା'ପରେ ସିଏ ମୋ'ର ପୁଣ୍ୟ-ବସ୍ତ୍ରକୁ ମଧ୍ୟ କାଢ଼ିବାକୁ ବାହାରିଲେ; ମାତ୍ର ମୁଁ ଅତ୍ୟନ୍ତ ଲଜ୍ଜିତ ଏବଂ ଆତଙ୍କିତ ହୋଇ ପଡ଼ିଲି**

**ଏବଂ ତାଙ୍କୁ ତାହା କରିବାକୁ ଦେଲି ନାହିଁ । ସିଏ ବଳାତ୍କାର କରି ସେଇଟିକୁ ମଧ୍ୟ ମୋ' ଉପରୁ କାଢ଼ିନେବା ପରେ ଯାଇ ମୁଁ ଜାଣିଲି ଯେ ଏପର୍ଯ୍ୟନ୍ତ ମୋ'ର ଆତ୍ମା ପ୍ରକୃତରେ କିପରି ମୋ'ଠାରୁ ଗୁପ୍ତ ହୋଇ ରହିଯାଇଥିଲା ।**

ଆମେ ମଧ୍ୟ ଆମର ଗୁଣରୂପୀ ବସନକୁ ଆମର ଅଙ୍ଗ ଉପରୁ କାଢ଼ି ଫିଙ୍ଗିଦେବା, ଯେପରିକି ଆମେ ପରମସତ୍ୟ ଲାଗି ପ୍ରସ୍ତୁତ ହୋଇ ପାରିବା ।*

୨୨ ଏପ୍ରିଲ, ୧୯୭୦

**୪୮୪. ପୁଣ୍ୟବାନ୍‌ମାନଙ୍କର ଦୃଷ୍ଟିରୁ ଆପଣାକୁ ଲୁଚାଇ ରଖିବାଲାଗି ପାପ ହେଉଛି କୃଷ୍ଣଙ୍କର ଏକ କୌଶଳ ଏବଂ ଏକ ଛଦ୍ମବେଶ । ହେ ପାଖାଣ୍ଡି, ତୁ ପରମେଶ୍ୱରଙ୍କୁ ପାପୀ ଭିତରେ ମଧ୍ୟ ଦେଖିବୁ, ନିଜ ଭିତରେ ସେହି ପାପ କିପରି ତୋ'ର ଅନ୍ତରକୁ ଶୁଦ୍ଧ କରିବାରେ ଲାଗିଛି, ତୁ ସେକଥା ମଧ୍ୟ ଦେଖିବାକୁ ସମର୍ଥ ହେବୁ ଏବଂ ନିଜର ଭାଇକୁ ଯାଇ ବାହୁପାଶରେ ଆବଦ୍ଧ କରିନେବୁ ।**

ଶ୍ରୀଅରବିନ୍ଦ ସର୍ବଦା ଯେପରି କରିଥାନ୍ତି, ଏଠାରେ ମଧ୍ୟ ନିଜର ଅସାଧାରଣ ଏବଂ ବିନୋଦପୂର୍ଣ୍ଣ ରୀତିରେ ସେ ଆମକୁ ଦିବ୍ୟ ସତ୍ୟ ପାପ ଓ ପୁଣ୍ୟ ଉଭୟର ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି ବୋଲି କହିବାକୁ ଇଚ୍ଛା କରୁଛନ୍ତି ।

୧୯ ଏପ୍ରିଲ, ୧୯୭୦

**୪୮୫. ପରମେଶ୍ୱରଙ୍କ ପ୍ରତି ପ୍ରେମ ଏବଂ ମନୁଷ୍ୟମାନଙ୍କ ପ୍ରତି ବଦାନ୍ୟତା— ଏହାହିଁ ହେଉଛି ପୂର୍ଣ୍ଣ ପ୍ରଜ୍ଞାର ଉପଲବ୍ଧି ନିମିତ୍ତ ପ୍ରଥମ ସୋପାନ ।**

**୪୮୬. ଯିଏ ବିଫଳତା ଏବଂ ଅପୂର୍ଣ୍ଣତାକୁ ନିନ୍ଦା କରୁଛି, ସିଏ ପରମେଶ୍ୱରଙ୍କର ନିନ୍ଦା କରୁଛି; ଆପଣାର ଆତ୍ମାକୁ ସିଏ ବାଡ଼ ଦେଇ କିଳି ରଖୁଛି ଏବଂ ଆପଣାର ଦୃଷ୍ଟିକୁ ମଧ୍ୟ ପ୍ରତାରିତ କରୁଛି । ତୁମେ ନିନ୍ଦା କରିବ ନାହିଁ**

* ମୌଖିକ ଉତ୍ତର

ମାତ୍ର ପ୍ରକୃତିର ନିରୀକ୍ଷଣ କରିବ, ଆପଣାର ଭାଇ ଅନ୍ୟମାନଙ୍କୁ ସାହାଯ୍ୟ କରିବ, ସେମାନଙ୍କର କ୍ଷତଗୁଡ଼ିକୁ ଆରୋଗ୍ୟ କରି ଆଣିବ ଏବଂ ନିଜର ସହାନୁଭୂତି ଦ୍ୱାରା ସେମାନଙ୍କର ସାମର୍ଥ୍ୟ ତଥା ସାହସରେ ବୃଦ୍ଧିସାଧନ କରିବ ।

୪୮୭. ପୁରୁଷକୁ ଭଲ ପାଇବା, ନାରୀକୁ ଭଲ ପାଇବା, ବସ୍ତୁଗୁଡ଼ିକୁ ଭଲ ପାଇବା, ନିଜର ପ୍ରତିବେଶୀକୁ ଭଲ ପାଇବା, ଆପଣାର ଦେଶକୁ ଭଲ ପାଇବା, ଇତର ପ୍ରାଣୀମାନଙ୍କୁ ଭଲ ପାଇବା ଏବଂ ସମଗ୍ର ମନୁଷ୍ୟଜାତିକୁ ଭଲ ପାଇବା, ଏହି ସବୁଗୁଡ଼ିକ ହେଉଛି ଏହିସବୁ ଜୀବନ୍ତ ପ୍ରତିରୂପ ଉପରେ ସେହି ଭଗବତ୍-ପ୍ରେମରହିଁ ପ୍ରତିଫଳନ । ତେଣୁ, ସବୁଟିକୁ ଉପଭୋଗ କରିବାଲାଗି, ସମସ୍ତଙ୍କୁ ସାହାଯ୍ୟ କରି ପାରିବାଲାଗି ଓ ଚିରଦିନ ପାଇଁ ଭଲ ପାଇ ପାରିବାଲାଗି ତୁମେ ମଧ୍ୟ ଭଲ ପାଅ ଏବଂ ନିଜଶକ୍ତିର ଅଭିବୃଦ୍ଧି ସାଧନକର ।

୪୮୮. ଯଦି ଏପରି କେତେକ ବସ୍ତୁ ଥାଆନ୍ତି ଯେଉଁମାନେ କି ପରମେଶ୍ୱରଙ୍କର ପୂର୍ଣ୍ଣତର ପ୍ରତିରୂପ ମଧ୍ୟକୁ ରୂପାନ୍ତରିତ ଅଥବା ସଂଶୋଧିତ ହେବାଲାଗି ଅସମ୍ମତ ହେଉଥା'ନ୍ତି, ତେବେ ହୃଦୟରେ କୋମଳତା ରଖି ସେମାନଙ୍କୁ ହୁଏତ ନଷ୍ଟ କରି ଦିଆଯାଇ ପାରିବ,– ମାତ୍ର ଆଘାତ କଲାବେଳେ ଏକାନ୍ତ ନିର୍ମମ ହେବାକୁ ପଡ଼ିବ । କିନ୍ତୁ, ସର୍ବପ୍ରଥମେ ଏହି ବିଷୟରେ ସୁନିଶ୍ଚିତ ହୋଇ ରହିବାକୁ ପଡ଼ିବ ଯେ, ତୁମର ତରବାରି ଏବଂ ତୁମର କର୍ତ୍ତବ୍ୟସମ୍ପାଦନର ଅନୁଜ୍ଞା ତୁମକୁ ସେହି ପରମେଶ୍ୱରହିଁ ପ୍ରଦାନ କରିଛନ୍ତି ।

୪୮୯. ପ୍ରତିବେଶରେ ରହିଛି ବୋଲି ମୁଁ ଯେ ମୋ'ର ପ୍ରତିବେଶୀକୁ ଭଲ ପାଇବି, ସେକଥା ଆଦୌ ନୁହେଁ । କାରଣ ପ୍ରତିବେଶ ଏବଂ ଦୂର ଦେଶରେ ପୁଣି କି ତାତ୍ପର୍ଯ୍ୟ ରହିଛି ? ଧର୍ମ ଗୁଡ଼ିକରେ ମୋତେ ସିଏ ମୋ'ର ଭାଇ ବୋଲି କୁହାଯାଇଛି ବୋଲି ମଧ୍ୟ ନୁହେଁ– କାରଣ ସେହି ଭ୍ରାତୃପଣର ଚେର ବା କେଉଁଠି ଅଛି ? ମାତ୍ର, ସିଏ ମଧ୍ୟ ମୁଁ ବୋଲି ମୁଁ ମୋର ପ୍ରତିବେଶୀକୁ ଭଲ ପାଇବି । ପ୍ରତିବେଶିତା ଏବଂ

**ଦୂରତା ଶରୀରକୁ ପ୍ରଭାବିତ କରନ୍ତି, ମାତ୍ର ହୃଦୟ ସେଗୁଡ଼ିକୁ ପାର ହୋଇ ଆହୁରି ସେପାଖକୁ ଚାଲିଯାଏ । ଭ୍ରାତୃପଣ କହିଲେ ରକ୍ତଗତ, ଦେଶଗତ, ଧର୍ମଗତ ଅଥବା ମାନବତାଗତ ଭ୍ରାତୃପଣକୁ ବୁଝାଏ; ମାତ୍ର ଯେତେବେଳେ ଆତ୍ମସ୍ୱାର୍ଥ ଏଡ଼େବଡ଼ ଚିତ୍କାର କରି ଆପଣାର ଦାବିଟିକୁ ଘୋଷଣା କରୁଥାଏ, ସେତେବେଳେ ଏହି ଭ୍ରାତୃପଣ ମଧ୍ୟ କୁଆଡ଼େ ଯାଏ ? ତେଣୁ, କେବଳ ଈଶ୍ୱରଙ୍କ ମଧ୍ୟରେ ବାସ କରି ଏବଂ ତାଙ୍କର ବିଶ୍ୱ-ଐକ୍ୟର ପ୍ରତିରୂପଟି ମଧ୍ୟକୁ ଆପଣାର ମନ, ହୃଦୟ ତଥା ଶରୀରକୁ ଆନତ କରି ରଖିହିଁ ସେହି ଯଥାର୍ଥରେ ଗଭୀର, ସ୍ୱାର୍ଥମୁକ୍ତ ଓ ଅବିଜେୟ ପ୍ରେମ ସମ୍ଭବ ହୋଇପାରିବ ।**

ସଂଘବଦ୍ଧତା ଏବଂ ପାରସ୍ପରିକ ପ୍ରେମ ଲାଗି ଆମପାଇଁ ଯେଉଁ ମାନବୀୟ କାରଣମାନ ବାଢ଼ି ଦିଆ ଯାଇଥାଏ, ସେଗୁଡ଼ିକର କୌଣସି ମୂଲ୍ୟ ନ ଥାଏ ଓ ସେଗୁଡ଼ିକରୁ କୌଣସି ଫଳ ମଧ୍ୟ ହୁଏ ନାହିଁ । କେବଳ ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହେବା ଦ୍ୱାରା ଏବଂ ତାଙ୍କରି ସହିତ ସଂଯୁକ୍ତ ହୋଇ ରହିବା ଦ୍ୱାରାହିଁ ଆମେ ଯଥାର୍ଥ ଏକତ୍ୱ ଲାଭ କରିପାରିବା, ତାହାକୁ ବାସ୍ତବରେ ପରିଣତ କରିପାରିବା ।

୨୦ ଏପ୍ରିଲ, ୧୯୭୦

**୪୯୦. କୃଷ୍ଣଙ୍କ ମଧ୍ୟରେ ଜୀବନ ବଞ୍ଚୁଥିବା ସମୟରେ ଅହଂ ଏବଂ ଆତ୍ମ-ସ୍ୱାର୍ଥ କୁଆଡ଼େ ଅନ୍ତର୍ହିତ ହୋଇଯାଆନ୍ତି; କେବଳ ପରମେଶ୍ୱରହିଁ ମୋ'ର ସେହି ଅଗାଧ ଏବଂ ସୀମାହୀନ ପ୍ରେମର ସଂଜ୍ଞା ନିରୂପଣ କରିପାରିବେ ।**

**୪୯୧. କୃଷ୍ଣଙ୍କ ମଧ୍ୟରେ ଜୀବନ ବଞ୍ଚୁଥିବା ସମୟରେ ଶତ୍ରୁତା ମଧ୍ୟ ପ୍ରେମରହିଁ ଏକ କ୍ରୀଡ଼ାରେ ପରିଣତ ହୋଇଯାଏ ଏବଂ ଭାଇ ଭାଇ ମଧ୍ୟରେ କୁସ୍ତି ଲଢୁଥିବା ପରି ବୋଧ ହୋଇଥାଏ ।**

**୪୯୨. ଯେଉଁ ଆତ୍ମା ଉଚ୍ଚତମ ନିଃଶ୍ରେୟସର ଅଧିକାର ଲାଭ କରିଛି, ତାହାଲାଗି ଜୀବନ କଦାପି ଏକ ଅଶୁଭ ଅଥବା ଏକ ଦୁଃଖପୂର୍ଣ୍ଣ ଭ୍ରାନ୍ତି ବୋଲି ଅନୁଭୂତ ହେବ ନାହିଁ । ବରଂ ସେତେବେଳେ ଜୀବନ ଏକ**

**ଦିବ୍ୟ ପରମପ୍ରେମିକ ଏବଂ କ୍ରୀଡ଼ାସହଚରର ତରଙ୍ଗାୟିତ ପ୍ରେମ ଏବଂ ହାସ୍ୟମୟତାରେ ପରିଣତ ହୋଇ ରହିଥିବ ।**

ଯାବତୀୟ ପରିସ୍ଥିତିରେ ସେହି ଦିବ୍ୟ ସଂସ୍ପର୍ଶଟିକୁ ଅବିଚ୍ଛିନ୍ନ ରଖି ଜାଣିବା,– ତାହାହିଁ ହେଉଛି ସକଳ ନିଃଶ୍ରେୟସର ଗୂଢ଼ ତତ୍ତ୍ୱ ।

୨୧ ଏପ୍ରିଲ, ୧୯୭୦

**୪୯୩. ତୁମେ ଯୁଗପତ୍ ଭାବରେ ପରମେଶ୍ୱରଙ୍କୁ ଶରୀରାତୀତ ପରମ ଅନନ୍ତ ରୂପେ ଦେଖିପାରିବ ଏବଂ ତଥାପି ଜଣେ ପୁରୁଷ ତାହାର ସ୍ତ୍ରୀକୁ ଭଲ ପାଉଥିବା ପରି ତାହାକୁ ଦେଖି ପାରିବ କି ? ତେବେଯାଇ ପରମ ଅନନ୍ତଙ୍କର ସର୍ବୋଚ୍ଚ ସତ୍ୟଟି ତୁମ ଆଗରେ ଉଦ୍‌ଘାଟିତ ହୋଇଯାଇ ପାରିବ । ତୁମେ ଯୁଗପତ୍ ଭାବରେ ଗୋଟିଏ ପ୍ରଚ୍ଛନ୍ନ ଆଲିଙ୍ଗନସମର୍ଥ ଶରୀର ମଧ୍ୟରେ ତାଙ୍କୁ ବସ୍ତ୍ରପରିହିତ କରି ରଖିପାରିବ ଏବଂ ତଥାପି ଏହି ସବୁଯାକ ଦୃଶ୍ୟମାନ ତଥା ଇନ୍ଦ୍ରିୟବୋଧ ଶରୀର ମଧ୍ୟରେ ତାଙ୍କୁ ଆସୀନ ହୋଇ ରହିଥିବାର ପ୍ରତ୍ୟକ୍ଷ କରି ପାରିବ କି ? ତେବେଯାଇ ତୁମେ ତାହାର ପ୍ରଶସ୍ତତମ ଏବଂ ଗଭୀରତମ ସତ୍ୟର ଅଧିକାରୀ ହୋଇପାରିବ ।**

**୪୯୪. ଦିବ୍ୟ ପରମପ୍ରେମର ଯୁଗପତ୍ ଭାବରେ ଏକ ଦ୍ୱିବିଧ ଲୀଳା ରହିଛି; ଗୋଟିଏ ପାଖରେ ତାହା ହେଉଛି ଏକ ବିଶ୍ୱତୋମୁଖ ଗତିସ୍ପନ୍ଦନ, ତାହା ନିମ୍ନସ୍ଥ ମହାସାଗର ପରି ଗଭୀର, ନିଶ୍ଚଳ ଏବଂ ଅତଳ, ଯାହାକି ସତେଅବା ଏକ ସମତଳ ଭୂମି ଉପରେ ଏକ ସମାନ ଚାପ ସହିତ ତାହା ମଧ୍ୟରେ ରହିଥିବା ପ୍ରତ୍ୟେକ ପଦାର୍ଥ ଏବଂ ସମଗ୍ର ଜଗତକୁ ନେଇ ଚିନ୍ତାମଗ୍ନ ହୋଇ ରହିଛି; ଏବଂ ଅନ୍ୟ ପକ୍ଷରେ ତାହା ହେଉଛି ଏକ ବ୍ୟକ୍ତିଭାବାପନ୍ନ ଗତିସ୍ପନ୍ଦନ,– ସେହି ମହାସାଗରର ନୃତ୍ୟରତ ଉପରିଭାଗଟି ପରି ଅବିକଳ ଶକ୍ତିମାନ୍, ସଘନ ଏବଂ ଉଲ୍ଲାସମୟ,– ଯାହାର ତରଙ୍ଗଗୁଡ଼ିକ ନିଜର ଉଚ୍ଚତାରେ ଏବଂ ଶକ୍ତିରେ କେତେପ୍ରକାରେ ବିଭିନ୍ନ ହେବାରେ ଲାଗିଛନ୍ତି, ଯାହାକି ଆପଣାର ନିମଗ୍ନକାରୀ ଜଳରାଶିର ଫେନ, ସ୍ରୋତୋଚ୍ଛ୍ୱାସ ଏବଂ**

**ଆଲିଙ୍ଗନ-ଚୁମ୍ବନ ଦ୍ୱାରା ଯେଉଁସବୁ ବସ୍ତୁ ଉପରେ ଯାଇ ପ୍ରପତିତ ହେବ, ତାହାକୁ ବାଛିନେବାରେ ଲାଗିଛି ।**

ଆପଣାକୁ ସହଜବୋଧ କରିବାଲାଗି ଶ୍ରୀଅରବିନ୍ଦ ସମସ୍ତେ ଅଧିଗମି ପାରିବାଭଳି ପ୍ରତିରୂପ ଗୁଡ଼ିକର ବ୍ୟବହାର କରିଛନ୍ତି; ମାତ୍ର, ଏହିସବୁ ମାନବସ୍ତରୀୟ ଉପମାଠାରୁ ସେହି ପରମସମ୍ମିଳନର ମହିମା ଅନନ୍ତ ଗୁଣରେ ଅଧିକ ହୋଇହିଁ ରହିଛି ।

୨୨ ଏପ୍ରିଲ, ୧୯୭୦

**୪୯୫. ମୁଁ ଯନ୍ତ୍ରଣାକୁ ଘୃଣା କରୁଥିଲି, ଯନ୍ତ୍ରଣାକୁ ଏଡ଼େଇ ଦେବାକୁ ସବୁବେଳେ ଚେଷ୍ଟା କରୁଥିଲି ଏବଂ ତାହାର ସନ୍ତାପକୁ ବି ପ୍ରତ୍ୟାଖ୍ୟାନ କରୁଥିଲି । ମାତ୍ର, ବର୍ତ୍ତମାନ ବୁଝି ପାରୁଛି ଯେ, ଯଦି ଏପରି ଭାବରେ ଦୁଃଖ ଓ ଯନ୍ତ୍ରଣା ଭୋଗ କରି ନ ଥାନ୍ତି, ତେବେ ମୁଁ ବର୍ତ୍ତମାନ ମୋ'ର ମନ, ହୃଦୟ ଏବଂ ଶରୀରରେ କଦାପି ଅନନ୍ତ ଓ ବହୁଧା ଭାବରେ ଗ୍ରହଣଶୀଳ ହୋଇ ରହିଥିବା ଆନନ୍ଦସାମର୍ଥ୍ୟର ଅଧିକାରୀ ହୋଇ ନ ଥାନ୍ତି, ତାହାକୁ ଗ୍ରହଣ କରିବାଲାଗି ଆପଣାକୁ ଅନୁରୂପ ଭାବରେ ଶିକ୍ଷା ଦେଇ ପାରି ନ ଥା'ନ୍ତି କିଂବା ସେହି କ୍ଷେତ୍ରରେ କୌଣସି ପରିପୂର୍ଣ୍ଣତା ଅର୍ଜନ କରି ନ ଥାନ୍ତି । ଜଣେ ଉତ୍ପୀଡ଼କ ଏବଂ ଜଣେ ଅତ୍ୟାଚାରୀର ମୁଖା ପିନ୍ଧି ଆପଣାକୁ ପରିଚିତ କରାଇବାକୁ ଆସୁଥିବା ସମୟରେ ମଧ ପରମେଶ୍ୱର ପରିଶେଷରେ ଆପଣାର ଔଚିତ୍ୟକୁ ଅବଶ୍ୟ ପ୍ରମାଣ କରିଦେଇଥାନ୍ତି ।**

**୪୯୬. ମୁଁ ଶପଥ ଗ୍ରହଣ କରିଥିଲି ଯେ ମୁଁ କଦାପି ଏହି ପୃଥିବୀର ଦୁଃଖ, ନିର୍ବୋଧତା, ନୃଶଂସତା ଏବଂ ଅନ୍ୟାୟରୁ ଆଦୌ କୌଣସି କଷ୍ଟ ଭୋଗ କରିବି ନାହିଁ; ଏବଂ ସେଥିପାଇଁ ମୁଁ ମୋ'ର ହୃଦୟକୁ ସହନଶୀଳତାରେ ନିମ୍ନସ୍ଥ ସେହି ପଥରଚକି ପରି ଟାଣ କରି ରଖିଲି ଏବଂ ମୋ'ର ମନକୁ ଇସ୍ପାତର ଉପରିଭାଗ ପରି ମସୃଣ କରି ରଖିଲି । ତା'ପରେ ଆଉ କୌଣସି ଦୁଃଖ ବା କଷ୍ଟ ଭୋଗିବାକୁ ପଡ଼ିଲା ନାହିଁ, ମାତ୍ର ମୋ'ଠାରୁ ଆନନ୍ଦର ଯାବତୀୟ ଅନୁଭୂତି ବିଦାୟ ନେଇ ଚାଲି ଯାଇଥିଲା । ତା'ପରେ ସ୍ୱୟଂ ପ୍ରଭୁହିଁ ମୋ'ର ହୃଦୟର**

ବାଡ଼କୁ ଭାଙ୍ଗିଦେଲେ ଏବଂ ମୋ' ମନକୁ ଚଷି ମାଟି ଲେଉଟାଇ ଦେଲେ । ନିଷ୍ଠୁର ଏବଂ ଅବିଚ୍ଛିନ୍ନ ବେଦନାର ମଧ୍ୟଦେଇ ମୁଁ ଏକ ଆନନ୍ଦମୟ ଦୁଃଖଶୂନ୍ୟତା ମଧ୍ୟକୁ ଜାଗ୍ରତ ହୋଇ ଉଠିଲି ଏବଂ ଦୁଃଖ, କ୍ରୋଧ ଏବଂ ବିପ୍ଳବ ମଧ୍ୟଦେଇ ଏକ ଅନନ୍ତ ଜ୍ଞାନ ଏବଂ ସୁସ୍ଥିର ଶାନ୍ତି ମଧ୍ୟକୁ ଜାଗୃତ ହୋଇ ଉଠିଥିଲି ।

ପରମପ୍ରଭୁ ବର୍ତ୍ତମାନ ଯେଉଁ ଶରୀରରେ ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଛନ୍ତି, ସେଥିଲାଗି ସେ ଶରୀରକୁ ସେହି ଶିକ୍ଷା ପ୍ରଦାନ କରିବାକୁହିଁ ଇଚ୍ଛା କରୁଛନ୍ତି ।

୨୩ ଏପ୍ରିଲ, ୧୯୭୦

୪୯୭. ଦୁଃଖ ହେଉଛି ଆନନ୍ଦର ଓଲଟା ପାଖ ଓ ତାହାଲାଗି ଏକ ତାଲିମ ବୋଲି ମୁଁ ଯେତେବେଳେ ଜାଣିବାକୁ ପାଇଲି, ସେତେବେଳେ ମୁଁ ନିଜ ଉପରେ ମାଡ଼ ପରେ ମାଡ଼ ଆଣି ଜମା କରିଦେବାକୁ ଲାଗିଲି ଏବଂ ମୋ' ସତ୍ତାର ପ୍ରତ୍ୟେକ ଅଂଶରେ ଯନ୍ତ୍ରଣାଭୋଗର ବୃଦ୍ଧି ଘଟାଇଲି । ଏପରିକି ପ୍ରଭୁଙ୍କର ଉତ୍ପୀଡ଼ନଗୁଡ଼ାକ ମଧ୍ୟ ମୋତେ ମଛର, କିଞ୍ଚିତ ଏବଂ ନିଷ୍ଫଳପ୍ରାୟ ବୋଧ ହୋଇଥିଲା । ତା'ପରେ ପରମପ୍ରେମିକ ଆସି ମୋ'ର ହାତକୁ ଅଟକାଇ ରଖିଲେ ଏବଂ ବଡ଼ ପାଟିରେ କହିଲେ, ''ଏଥର ବନ୍ଦ କର, କାରଣ ମୋ'ର ପ୍ରହାରଗୁଡ଼ିକହିଁ ତୋ'ଲାଗି ଯଥେଷ୍ଟ ହେବ ।''

୪୯୮. ପ୍ରାଚୀନ କାଳର ବୈରାଗୀ ଏବଂ ପଶ୍ଚାତ୍ତାପୀମାନଙ୍କର ଯାବତୀୟ ଆତ୍ମ-ଉତ୍ପୀଡ଼ନକୁ କେବଳ ବିକୃତ ଏବଂ ନିର୍ବୋଧତାପୂର୍ଣ୍ଣ ବୋଲି କୁହାଯିବ । ତଥାପି, ସେମାନଙ୍କର ସକଳ ବିକୃତତାର ପଶ୍ଚାତରେ ଜ୍ଞାନର ଏକ ପ୍ରଚ୍ଛନ୍ନ ଆତ୍ମା ଅବସ୍ଥିତ ହୋଇ ରହିଥିଲା ।

୪୯୯. ପ୍ରଭୁହେଉଛନ୍ତି ଆମର ପ୍ରଜ୍ଞାଶାଳୀ ଓ ପରିପୂର୍ଣ୍ଣ ବନ୍ଧୁ । କାରଣ, କେତେବେଳେ ଆଘାତ କରିବାକୁ ହେବ ଓ କେତେବେଳେ ଆଦର କରିବାକୁ ହେବ, କେତେବେଳେ ଆମକୁ ସଂହାର କରିବାକୁ ହେବ ଅଥବା ରକ୍ଷା କରିବାକୁ ହେବ ଓ ସହାୟତା ପ୍ରଦାନ କରିବାକୁ ହେବ, ସେକଥା ତାଙ୍କୁ ଅବଶ୍ୟ ଜଣାଅଛି ।

ପ୍ରଜ୍ଞା କେବଳ ଗୋଟିଏ; ତାହା ହେଉଛି ସେହି ସର୍ବୋଚ୍ଚ ପରମପ୍ରଭୁଙ୍କର ପ୍ରଜ୍ଞା । ତେଣୁ, ଯାବତୀୟ ବ୍ୟକ୍ତିଗତ ଇଚ୍ଛାକୁ ତାଙ୍କରି ପାଖରେ ନେଇ ସମର୍ପଣ କରିଦେବା ଓ ସିଏ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ କରିବା,— ଯଥାର୍ଥ ପ୍ରଜ୍ଞାର ଅଧିକାରୀ ହେବାକୁ ହେଲେ ତାହାହିଁ ଏକମାତ୍ର ଉପାୟ ।

୨୪ ଏପ୍ରିଲ, ୧୯୭୦

**୫୦୦.** **ଆମକୁ ଉଚ୍ଚତମ ଲୋକଗୁଡ଼ିକ ଲାଗି ପ୍ରସ୍ତୁତ କରି ନ ଆଣିଥିବା ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କର ଦିବ୍ୟ ପରମବନ୍ଧୁ ଶତ୍ରୁର ମୁଖା ତଳେ ଆପଣାର ବନ୍ଧୁତ୍ୱକୁ ପ୍ରଚ୍ଛନ୍ନ କରି ରଖିଥା'ନ୍ତି । ତା'ପରେ, କୁରୁକ୍ଷେତ୍ରରେ ଯେପରି ଘଟିଥିଲା, ସଂଘାତ, ଦୁଃଖଭୋଗ ଓ ବିନାଶର ପରମ ଅଧିଷ୍ଠାତାଙ୍କର ସେହି ଭୟଙ୍କର ରୂପଟିକୁ ପ୍ରତ୍ୟାହୃତ କରି ନିଆଯାଏ, ଏବଂ କୃଷ୍ଣଙ୍କର ସେହି ମଧୁର ମୁଖମଣ୍ଡଳ, ସେହି କୋମଳତା ଏବଂ ବହୁ-ଆଲିଙ୍ଗିତ ଶରୀର ତାଙ୍କର ଚିରନ୍ତନ ସାଥୀ ଓ କ୍ରୀଡ଼ାସଙ୍ଗୀର କମ୍ପିତ ଆତ୍ମା ଓ ବିଶୁଦ୍ଧୀକୃତ ଦୃଶ୍ୟପଟ ଉପରେ ପ୍ରତିଭାତ ହୁଏ ।**

**୫୦୧.** **ଦୁଃଖଭୋଗହିଁ ଆମକୁ ପରମ-ଆନନ୍ଦ-ସ୍ୱରୂପ ସେହି ବିରାଟ ପ୍ରଭୁଙ୍କର ପୂର୍ଣ୍ଣ ଶକ୍ତିକୁ ଗ୍ରହଣ କରିବା ଲାଗି ସମର୍ଥ କରାଏ । ପରମଶକ୍ତିର ସ୍ୱରୂପ ସେହି ପ୍ରଭୁଙ୍କର ଅନ୍ୟ ଲୀଳାଟିକୁ ମଧ ସହନ କରିବାଲାଗି ତାହା ଆମକୁ ଉପଯୁକ୍ତ କରିଆଣେ । ଦୁଃଖ ଯନ୍ତ୍ରଣା ଚାବିକାଠି ହୋଇ ଶକ୍ତିସାମର୍ଥ୍ୟର ତୋରଣଗୁଡ଼ିକୁ ଖୋଲିଦେଇ ଯାଆନ୍ତି । ଏହା ହେଉଛି ସେହି ପ୍ରଶସ୍ତତମ ପଥ, ଯାହାକି ଆମକୁ ନିଃଶ୍ରେୟସର ନଗରୀ ଅଭିମୁଖରେ ପରିଚାଳିତ କରି ନେଇଯାଏ ।**

**୫୦୨.** **ତଥାପି ହେ ମନୁଷ୍ୟାତ୍ମା, ତୁମେ କଦାପି ଦୁଃଖ ପାଇବାକୁହିଁ ନିଜ ଜୀବନର ଉଦ୍ଦେଶ୍ୟ କରି ରଖିବ ନାହିଁ; କାରଣ ତାହା କଦାପି ତାଙ୍କର ଅଭିପ୍ରାୟ ନୁହେଁ । ତୁମେ କେବଳ ତାଙ୍କର ଆନନ୍ଦରହିଁ ଅନ୍ୱେଷଣ କରିବ । ଏବଂ, ତାଙ୍କର ବରାଦ ଅନୁସାରେ ତୁମଲାଗି ଯେତେବାର ଓ ଯେତିକି କଷ୍ଟଭୋଗର ଆବଶ୍ୟକତା ରହିଥିବ, ତୁମପାଖକୁ ତାହା ଅବଶ୍ୟ ଆସିବ । ସେତେବେଳେ ତୁମେ ତାହାକୁ ଅବଶ୍ୟ ସହନ**

**କରିବ, କାରଣ ତାହାହିଁ ପରିଶେଷରେ ତୁମକୁ ତାହାର ଉଲ୍ଲାସମୟ ହୃଦୟଟିକୁ ଆବିଷ୍କାର କରିବ ।**

**୫୦୩. ତୁମେ ନିଜର ସହଚାରୀ ଅନ୍ୟ ମଣିଷଙ୍କ ଉପରେ ମଧ୍ଯ କୌଣସି ଦୁଃଖକୁ ଆଣି ଲଦିଦେବ ନାହିଁ । ଦୁଃଖ ଦେବାର ଅଧିକାର କେବଳ ପରମ ପ୍ରଭୁଙ୍କରହିଁ ରହିଛି । ଅଥବା, ଯେଉଁମାନଙ୍କୁ ସିଏ ସେହି ଉଦ୍ଦେଶ୍ୟରେ ପ୍ରେରିତ କରିଛନ୍ତି, ସେହିମାନେହିଁ ଦୁଃଖର ବିଧାନ କରୁଛନ୍ତି । ମାତ୍ର, କଦାପି ମତାନ୍ଧ ହୋଇ ଟର୍କମେଡ଼ା ପରି ଆଦୌ ବିଶ୍ୱାସ କରିବ ନାହିଁ ଯେ, ତୁମକୁ ମଧ୍ଯ ସେହି ପ୍ରେରିତମାନଙ୍କ ମଧ୍ୟରେ ଜଣେ କରି ଅନ୍ତର୍ଭୁକ୍ତ କରାଯାଇଛି ।**

ଏହି କଥାଟିକୁ ଆଦୌ ଭୁଲିବ ନାହିଁ ଯେ, ଜୀବନ ତଥା ମନୁଷ୍ୟସମୂହ ସହିତ ଆପଣା ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ତୁମେ କୌଣସି ପ୍ରକାରର ଅଗ୍ରରୁଚି ଦେଖାଇ ପାରୁଥିବା ପର୍ଯ୍ୟନ୍ତ ତୁମେ କଦାପି ଦିବ୍ୟ ପରମସତ୍ତାଙ୍କ ହାତରେ ଏକ ଶୁଦ୍ଧ ଏବଂ ପୂର୍ଣ୍ଣ ନିମିତ୍ତରୂପେ ବ୍ୟବହୃତ ହୋଇ ପାରିବ ନାହିଁ ।

୨୮ ଏପ୍ରିଲ, ୧୯୭୦

**୫୦୪. ପୂର୍ବ କାଳରେ କେବଳ ବଳ ଏବଂ କର୍ମସାମର୍ଥ୍ୟ ଦେଇ ତିଆରି ହୋଇଥିବା ଆତ୍ମାଗୁଡ଼ିକ ଲାଗି ପରିପ୍ରେରଣାର ଗୋଟିଏମାତ୍ର ଉଦାତ୍ତ ମାର୍ଗ ରହିଥିଲା, ''ପରମ ପ୍ରଭୁ ଯେଉଁପରି ଅଧିଷ୍ଠିତ ରହିଛନ୍ତି, ସୁନିଶ୍ଚିତ ଭାବରେ ଠିକ୍ ସେହିପରି ।'' ମାତ୍ର, ଆମର ଆଧୁନିକ ଆବଶ୍ୟକତାଗୁଡ଼ିକର ପରିପ୍ରେକ୍ଷୀରେ ପ୍ରକୃତରେ ଆଉଗୋଟିଏ ପରିପ୍ରେରଣାହିଁ ଅଧିକ ଫଳଦାୟକ ହେବ, ''ପରମପ୍ରଭୁ ଯେତିକି ସୁନିଶ୍ଚିତ ଭାବରେ ଭଲ ପାଉଛନ୍ତି, ଠିକ୍ ସେତିକି ସୁନିଶ୍ଚିତ ଭାବରେ ।''**

ଆମର ଏହି ଦୁଃଖପୂର୍ଣ୍ଣ ଯୁଗରେ, ଯେତେବେଳେ କି ବୁଦ୍ଧିର ଅତିରିକ୍ତ ଆଧିପତ୍ୟ ଦ୍ୱାରା ସବୁକିଛି ପ୍ରାୟ ଝାଉଁଳି ପଡ଼ିଲାଣି, ଦିବ୍ୟ ପରମପ୍ରେମ ବ୍ୟତୀତ ଆଉ କିଛିହେଲେ କଦାପି ଏକାଧାରରେ ଅଧିକ ଆବଶ୍ୟକ ଏବଂ ଅଧିକ ମୂଲ୍ୟବାନ୍ ବୋଲି ସିଦ୍ଧ ହେବ ନାହିଁ ।

୨୯ ଏପ୍ରିଲ, ୧୯୭୦

**୫୦୫. ପ୍ରଧାନତଃ ଜଣେ ଈଶ୍ୱର-ପ୍ରେମୀ ଏବଂ ଈଶ୍ୱର-ଜ୍ଞାତା ଲାଗି ବିଜ୍ଞାନ ଉପଯୋଗୀ ହୋଇପାରିବ, କାରଣ ବିଜ୍ଞାନ ସେହି ପରମେଶ୍ୱରଙ୍କର ଏହି ଜଡ଼ସ୍ତରୀୟ ବିଶ୍ୱକରଣଟିକୁ ଟିକିନିଖି ଭାବରେ ବୁଝିବାଲାଗି ଏବଂ ତାହାର ଜିଜ୍ଞାସା-ଉଦ୍‌ବେଳନକାରୀ ବିସ୍ମୟଗୁଡ଼ିକର ଯଥାର୍ଥ ଗୁଣକୀର୍ତ୍ତନ କରି ପାରିବାଲାଗି ତାକୁ ପ୍ରକୃତରେ ସମର୍ଥ କରାଇ ପାରିବ । ଜ୍ଞାନୀ ଜାଣିବ ଏବଂ କହିବାକୁ ଲାଗିବ, ''ଦେଖ, ପରମ ଚିନ୍ମୟତା ନିଜକୁ କିପରି ଜଡ଼ ମଧ୍ୟରେ ବ୍ୟକ୍ତ କରି ରଖିଛି !'' ଏବଂ ପ୍ରେମୀ କହୁଥିବ, ''ଦେଖ, ସେହି ପରିପୂର୍ଣ୍ଣ କଳାକାର ମୋ'ର ପ୍ରେମିକ ପରମପ୍ରଭୁଙ୍କର ସ୍ପର୍ଶକୁ ଚାହିଁଦେଖ, ସେହି ସର୍ବଶକ୍ତିବିଶିଷ୍ଟ ହାତଟି ଆଡ଼କୁ ଦୃଷ୍ଟିପାତ କର !''**

ଆମେ ତ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ବଳରେହିଁ ଜୀବନଧାରଣ କରି ରହିଛୁ, ତେବେ ଆମେ ପ୍ରକୃତରେ କିପରି ତାଙ୍କର କୌଣସି ସେବା* ବା କାର୍ଯ୍ୟ କରିପାରିବା— ଆମେ କେବଳ ଏତିକି କରି ପାରିବା ଯେ, ସିଏ ଆମକୁ ଯାହାକିଛି ପ୍ରଦାନ କରିଛନ୍ତି, ଆମେ ଅତ୍ୟନ୍ତ ଅକୁଶଳ ଭାବରେ ତାହାରି କିଞ୍ଚିତ୍ ଅଂଶକୁ ତାଙ୍କୁ ପୁନର୍ବାର ଆଣି ଦେଇ ପାରିବା । ୩୦ ଏପ୍ରିଲ, ୧୯୭୦

**୫୦୬. ଆପଣାର ଜଗତ ଆଡ଼କୁ ଅବଲୋକନ କରି ମଧୁର ଭାବରେ ହସୁଥିବା ଏହି ବିଶ୍ୱବ୍ରହ୍ମାଣ୍ଡର ହେ ଆରିଷ୍ଟୋଫାନିସ୍, ଆପଣ କ'ଣ ମୋତେ ମଧ୍ୟ ସେହିପରି ଦିବ୍ୟ ଆଖିରେ ଦେଖିବାର ଓ ଆପଣଙ୍କର ସେହି ବିଶ୍ୱମୟ ହାସ୍ୟରେ ଅଂଶଗ୍ରହଣ କରିବାର ଅନୁମତି ପ୍ରଦାନ କରିବେ ନାହିଁ ?**

ଏହି ଜଗତ ଯେପରି ରହିଛି, ତାହାକୁ ଅନାଇ ହସି ପାରିବାକୁ ହେଲେ ଆମକୁ ଯେ ସେହି ଦିବ୍ୟ ପରମଦୃଷ୍ଟି ପରି ଏକ ସମଗ୍ର ଦୃଷ୍ଟି ଅର୍ଜନ କରିବାକୁ ପଡ଼ିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ୧ ମଇ, ୧୯୭୦

---

* ଯେଉଁଥିରୁ ଏହି ଅନୁବାଦ କରାଯାଇଛି, ସେହି ମୂଳପାଠରେ ''ବିଜ୍ଞାନ'' ପରିବର୍ତ୍ତେ ''ସେବା'' ବୋଲି ଲେଖା ହୋଇଥିଲା ।

**୫୦୭. ଏକ ସାହସୀ ରୂପକକଳ୍ପନାରେ କାଳିଦାସ କହିଛନ୍ତି ଯେ, କୈଳାସର ତୁଷାରଶୃଙ୍ଗଗୁଡ଼ିକ ହେଉଛନ୍ତି ପ୍ରକୃତରେ ଶିବଙ୍କର ଉଚ୍ଚ ବିଶ୍ୱ-ହାସ୍ୟ ଏବଂ ତାହାହିଁ ଗିରିଶିଖରଗୁଡ଼ିକ ଉପରେ ପୂର୍ଣ୍ଣ ଶୁଦ୍ଧତା ଓ ପୂର୍ଣ୍ଣ ଶୁଭ୍ରତାରେ ଜମା ହୋଇ ରହିଛି । ଏହା ଏକ ସତ୍ୟ କଥା; ଏବଂ ଯେତେବେଳେ ସେଗୁଡ଼ିକ ଆସି ହୃଦୟ ମଧ୍ୟରେ ପ୍ରତିଫଳିତ ହୋଇ ଯାଉଛନ୍ତି, ସେତେବେଳେ ସମଗ୍ର ଜଗତର ସନ୍ତାପମାନ ନିମ୍ନସ୍ଥ ମେଘପୁଞ୍ଜ ପରି ସେମାନଙ୍କର ଯଥାର୍ଥ ଅସ୍ତିତ୍ୱହୀନତା ରୂପେ ବିଗଳିତ ହୋଇ ଯାଉଛନ୍ତି ।**

ମନୁଷ୍ୟର ବିଜ୍ଞାନ ନିର୍ଭୁଲ ଭାବରେ ଅବଲୋକନ କରିପାରେ; ମାତ୍ର, ଯଥାର୍ଥ କାରଣଗୁଡ଼ିକର କଳ୍ପନା ଲାଗି ମଧ୍ୟ କ୍ଷେତ୍ରଟି ଉନ୍ମୁକ୍ତ ହୋଇ ରହିଛି— ଗୂଢ଼ କାରଣଗୁଡ଼ିକର କଳ୍ପନା ଲାଗି ମଧ୍ୟ କାହିଁକି ନ ହେବ ?

୨ ମଇ, ୧୯୭୦

**୫୦୮. ଆମ୍ଭର ସବୁଠାରୁ ଅଧିକ ବିଚିତ୍ର ଅନୁଭୂତି ହେଉଛି ଏଇଟି,— ଯେତେବେଳେ ତାହା ଦୁଃଖ ଓ ସନ୍ତାପଗୁଡ଼ିକର ପ୍ରତିରୂପ ଏବଂ ଭୟପ୍ରଦର୍ଶନଗୁଡ଼ିକ ବିଷୟରେ ଆଦୌ କୌଣସି ଶୋଚନା କରିବା ବନ୍ଦ କରିଦିଏ, ସେତେବେଳେ ସେହି ଦୁଃଖ ଓ ସନ୍ତାପମାନେ ମଧ୍ୟ ଆଉ ପାଖରେ କେଉଁଠିହେଲେ ରହିଥିବା ପରି ଆଦୌ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଆମେ ସେତିକିବେଳେହିଁ ସେହି ଅବାସ୍ତବ ମେଘଗୁଡ଼ିକର ପଛରେ ରହି ପରମେଶ୍ୱର ଆମ ଆଡ଼କୁ ଅନାଇ ହସୁଥିବାର ଶୁଣିବାକୁ ପାଇଥାଉ ।**

ଏବଂ ହେ ପରମପ୍ରଭୁ, ଯେତେବେଳେ ଆପଣ ସେହି ପ୍ରତିରୂପଟି ବଦଳିଯାଇ ଆପଣଙ୍କର ସାଦୃଶ୍ୟରେ ପରିଣତ ହେଉ ବୋଲି ଇଚ୍ଛା କରନ୍ତି, ସେତେବେଳେ ଆପଣ କ'ଣ କରନ୍ତି ?

୪ ମଇ, ୧୯୭୦

*କାଲି ଆପଣ ଯାହା ଲେଖିଥିଲେ, ମୁଁ ସେଇଟିକୁ ବୁଝିପାରିଲି ନାହିଁ ।*

ଶ୍ରୀଅରବିନ୍ଦ ଏଠାରେ ଯାହାକୁ ''ପ୍ରତିରୂପ'' ବୋଲି କହିଛନ୍ତି, ତାହା ହେଉଛି ଏହି ସ୍ଥୂଳ ଶରୀର । ପରମପ୍ରଭୁ ଯେତେବେଳେ ଏହି ସ୍ଥୂଳ ଶରୀରଟିକୁ ରୂପାନ୍ତରିତ କରିଦେବାକୁ ଇଚ୍ଛା କରନ୍ତି, ସେତେବେଳେ ସେ କ'ଣ କରନ୍ତି ବୋଲି ମୁଁ ତେଣୁ ତାଙ୍କୁ ପଚାରିଥିଲି । ଏବଂ, କାଲିରାତିରେ ସିଏ ତାହାରି ଉତ୍ତର ରୂପେ ମୋତେ ଦୁଇଟି ଦୃଶ୍ୟ ଦେଖାଇଥିଲେ ।

ଗୋଟିଏ ଦୃଶ୍ୟରେ ମୃତ୍ୟୁ ସମ୍ବନ୍ଧରେ ରହିଥିବା ଯାବତୀୟ ପାରମ୍ପରିକ ଧାରଣାରୁ ଶରୀର ମୁକ୍ତି ଲାଭ କରି ବାହାରିଯିବା ସଂଦର୍ଶିତ ହୋଇ ରହିଥିଲା; ଅନ୍ୟଟିରେ ଅତିମାନସ ଶରୀର ପ୍ରକୃତରେ କିପରି ହେବ, ମୋତେ ସେ ସେହି କଥାଟିକୁ ଦେଖାଇ ଦେଇଥିଲେ । ତାଙ୍କୁ ପଚାରିବା ଦ୍ୱାରା ମୁଁ ପ୍ରକୃତରେ କେଡ଼େ ଭଲ କଲି କହିଲ !

୯ ମଇ, ୧୯୭୦

**୫୦୯. ହେ ଦାନବ, ତୁମର ଉଦ୍ୟମ ସଫଳ ହୋଇଛି କି ? ଦେବତା ଏବଂ ବିଶ୍ୱଅଧିଷ୍ଠାତାଙ୍କ ଦ୍ୱାରା ସେବିତ ହୋଇ ତୁମେ ରାବଣ ଓ ହିରଣ୍ୟକଶିପୁ ପରି ଆସୀନ ହୋଇ ପାରିଛ କି ? ମାତ୍ର, ତୁମର ଆତ୍ମା ଯାହାଲାଗି ପ୍ରକୃତରେ ବ୍ୟାକୁଳ ହୋଇ ରହିଥିଲା, ସେଇଟି ତୁମଠାରୁ ଛାଡ଼ି ଚାଲିଯାଇଛି ।**

**୫୧୦. ରାବଣର ମନ ଚିନ୍ତା କରିଥିଲା ଯେ ତାହା ବିଶ୍ୱସାର୍ବଭୌମତା ଏବଂ ରାମଙ୍କ ଉପରେ ବିଜୟ ଲାଗି ବୁଭୁକ୍ଷିତ ହୋଇ ରହିଛି । ମାତ୍ର ତାହାର ଆତ୍ମା ଯଥାସମ୍ଭବ ଅଧିକ ଶୀଘ୍ର ଆପଣାର ସ୍ୱର୍ଗକୁ ଫେରିଯାଇ ପୁନର୍ବାର ପ୍ରଭୁଙ୍କର ପରିକର ହେବା ଉପରେ ସର୍ବଦା ଦୃଷ୍ଟିନିବଦ୍ଧ କରି ରହିଥିଲା । ତେଣୁ, ସବୁଠାରୁ ଅଳପ ରାସ୍ତା ରୂପେ, ତାହା ଶତ୍ରୁତାର ଏକ ଭୟଙ୍କର ଆଲିଙ୍ଗନରେ ନିଜକୁ ପ୍ରଭୁଙ୍କ ବିରୋଧରେ ପ୍ରେଷିତ କରିଥିଲା ।**

**୫୧୧. ପ୍ରଭୁଙ୍କର ଭୃତ୍ୟ ହେବାହିଁ ସର୍ବଶ୍ରେଷ୍ଠ ଆନନ୍ଦ,– ଠିକ୍ ନାରଦ ଯେପରି ହୋଇଥିଲେ । ପୃଥିବୀର ପ୍ରଭୁ ବୋଲାଇବା ଲାଗି ପ୍ରଭୁଙ୍କଠାରୁ ପରିତ୍ୟକ୍ତ ହୋଇ ରହିବା ହେଉଛି ସବୁଠାରୁ ନିକୃଷ୍ଟ ନର୍କଭୋଗ । ପ୍ରଭୁଙ୍କ ବିଷୟରେ ଅଜ୍ଞାନପ୍ରଣୋଦିତ କଳ୍ପନା ଯାହାକୁ ସବୁଠାରୁ ଅଧିକ**

**ନିକଟବର୍ତ୍ତୀ ବୋଲି ମନେକରୁଥାଏ, ତାହାହିଁ ତାଙ୍କଠାରୁ ସବୁଠାରୁ ଅଧିକ ଦୂରବର୍ତ୍ତୀ ହୋଇ ରହିଥାଏ ।**

**୫୧୨. ପ୍ରଭୁଙ୍କର ସେବକ ହେବାରେ ନିଶ୍ଚୟ ଗୌରବ ରହିଛି; ପ୍ରଭୁଙ୍କର ଦାସ ହୋଇ ରହିବା ହେଉଛି ଆହୁରି ଅଧିକ ଗୌରବର ବିଷୟ ।**

ଶାସ୍ତ୍ରଗୁଡ଼ିକୁ ବୁଝିବା ଲାଗି ଶ୍ରୀଅରବିନ୍ଦ ଆମ ଲାଗି ଯଥାର୍ଥ ଧାରାଟିକୁ ବତାଇ ଦେଇଛନ୍ତି, ଯାହାଫଳରେ କି ସେସବୁ ଗୋଟିଏ ଗୋଟିଏ ବିଶ୍ୱପ୍ରତୀକରେ ପରିଣତ ହୋଇ ପାରୁଛନ୍ତି ।

୧୨ ମଇ, ୧୯୭୦

**୫୧୩. ପୃଥିବୀର ମାଲିକ ହୋଇପାରିବା ହେଉଛି ବସ୍ତୁତଃ ସବୁଠାରୁ ବଡ଼ ସୌଭାଗ୍ୟ;– ଯଦି ତାହାକୁ ପୃଥିବୀଯାକ ସମସ୍ତେ ଶ୍ରଦ୍ଧା କରୁଥିବେ । ମାତ୍ର ସେଥିଲାଗି ଆମକୁ ଯୁଗପତ୍ ଭାବରେ ସମଗ୍ର ମନୁଷ୍ୟଜାତିର ଦାସ ହୋଇ ରହିବାକୁ ପଡ଼ିବ ।**

**୫୧୪. ଅସଲ କଥା ହେଉଛି, ଯେତେବେଳେ ତୁମେ ଦୀର୍ଘକାଳ ଧରି କରିଥିବା ପ୍ରଭୁଙ୍କର ସେବାର ହିସାବ କରି ବସିବ, ସେତେବେଳେ ଅବଶ୍ୟ ଜାଣିବ ଯେ, ସମଗ୍ର ମନୁଷ୍ୟ ଜାତି ପ୍ରତି ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇ ତୁମେ ଅତ୍ୟନ୍ତ ଖଣ୍ଡିତ ଓ କିଞ୍ଚିତ ଭାବରେ ଯେଉଁ ଭଲ କାର୍ଯ୍ୟ କରିଥିଲ, ତାହାହିଁ ହେଉଛି ତୁମର ସବୁଠାରୁ ବଡ଼ କାର୍ଯ୍ୟ ।**

ସେଇଥିଲାଗି, ସେବା କରିବା ଅପେକ୍ଷା, ସମଗ୍ର ଓ ସଂପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କର ହୋଇଯିବାହିଁ ଅନେକ ଅଧିକ ଭଲ ।

୧୩ ମଇ, ୧୯୭୦

*ସମଗ୍ର ଓ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କରହିଁ ହୋଇଯିବାକୁ ହେଲେ, ତାଙ୍କରି ସେବାରୁହିଁ ଆରମ୍ଭ କରିବା ଆବଶ୍ୟକ ହେବ ନାହିଁ କି ?*

ନିଶ୍ଚୟ ଆବଶ୍ୟକ ହେବ; ଦିବ୍ୟ ପରମସତ୍ତାଙ୍କର ସେବାରେ ନିଜର ଯାବତୀୟ କାର୍ଯ୍ୟକୁ ନେଇ ରଖିଦେବା ତାଙ୍କର ନିକଟବର୍ତ୍ତୀ ହେବା ଲାଗି ଅବଶ୍ୟ ଏକ ଉତ୍ତମ ମାର୍ଗ, ମାତ୍ର ଶ୍ରୀଅରବିନ୍ଦ ଏହାକୁ ଯେତିକି ବୋଲି ବର୍ଣ୍ଣନା କରିଛନ୍ତି, ଏହା ଆଦୌ ତାହାଠାରୁ ଅଧିକ ବାଟ ଯାଇପାରେ ନାହିଁ, ଏବଂ, କେତେକଙ୍କ କ୍ଷେତ୍ରରେ ଏହା ଆଦୌ କୌଣସି ସନ୍ତୋଷ ଦେଇପାରେ ନାହିଁ ।

୧୪ ମଇ, ୧୯୭୦

**୫୧୫. ପରମ ପ୍ରଭୁ ନିଜ ଦାସର ଦୁଇଟି କାର୍ଯ୍ୟକୁ ସଂପୂର୍ଣ୍ଣ ଭାବରେ ଭଲ ପାଆନ୍ତି; ନୀରବ ଶ୍ରଦ୍ଧା ସହିତ ତାଙ୍କର ମନ୍ଦିର-ଚଟାଣଗୁଡ଼ିକୁ ଓଳାଇବା ଏବଂ ମନୁଷ୍ୟଜାତିର ଜୀବନରେ ତାଙ୍କର ଦିବ୍ୟ ସଂପ୍ରତିଷ୍ଠା ସକାଶେ ଏହି ପୃଥିବୀର ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରିବା ।**

**୫୧୬. ଯିଏ ମନୁଷ୍ୟମାନଙ୍କ ଉଦ୍ଦେଶ୍ୟରେ ଏତେଟିକିଏ ମଧ୍ୟ ଉତ୍ତମ କାର୍ଯ୍ୟ କରିଛି, ସିଏ ସବୁଠାରୁ ଅଧିକ ଗର୍ହିତ ପାପୀ ହୋଇଥାଉ ପଛକେ, ତାକୁ ପରମପ୍ରଭୁ ତାଙ୍କର ପ୍ରେମିକ ଏବଂ ପରିକରମାନଙ୍କର ଶ୍ରେଣୀରେ ଅବଶ୍ୟ ଗ୍ରହଣ କରିନେବେ । ସିଏ ନିଶ୍ଚୟ ପରମ ଚିରନ୍ତନଙ୍କର ମୁଖକୁ ଦର୍ଶନ କରିପାରିବ ।**

ଯାବତୀୟ ପୂର୍ବନିର୍ଦ୍ଧାରିତ ଧାରଣା ଓ ଯାବତୀୟ ପାରମ୍ପରିକ ନୈତିକତାରୁ ନିଜର ଶିଷ୍ୟମାନଙ୍କୁ ମୁକ୍ତ କରି ଆଣିବା ଲାଗିହିଁ ଶ୍ରୀଅରବିନ୍ଦ ସର୍ବଦା ନିଜର ଉଦ୍ୟମକୁ ନିୟୋଜିତ କରି ରଖିଥିଲେ ।

୧୫ ମଇ, ୧୯୭୦

**୫୧୭. ଆପଣାର ଦୁର୍ବଳତାକୁ ନେଇ ଘାରି ହେଉଥିବା ହେ ନିର୍ବୋଧ, ତୁମେ ଆପଣା ଭୟର ଆବରଣ ଦ୍ୱାରା ପ୍ରଭୁଙ୍କର ମୁଖକୁ ଆଦୌ ଆବୃତ କରି ରଖ ନାହିଁ, ଏକ ଅନୁନୟକାରୀ ଆର୍ତ୍ତତା ଦ୍ୱାରା ତୁମେ କଦାପି ପ୍ରଭୁଙ୍କର ନିକଟବର୍ତ୍ତୀ ହୁଅ ନାହିଁ । ଚାହିଁଦେଖ, ତାଙ୍କର ମୁଖମଣ୍ଡଳ ଉପରେ ତୁମେ କଦାପି କୌଣସି ନରପତି କିଂବା ବିଚାରକର ଗମ୍ଭୀର ମୁଦ୍ରା ଦେଖିବାକୁ ପାଇବ ନାହିଁ, ତୁମେ ସେଠାରେ କେବଳ ଜଣେ ଦିବ୍ୟ ପ୍ରେମିକର ହସକୁହିଁ ଦେଖିପାରିବ ।**

**୫୧୮. ଜଣେ କୁସ୍ତିକଲାବେଳେ ଆପଣାର ସହଚର ଆଉଜଣେ କୁସ୍ତିକଲାବାଲାର ସମ୍ମୁଖୀନ ହେଲା ପରି ତୁମେ ଯେପର୍ଯ୍ୟନ୍ତ ପରମ ପ୍ରଭୁଙ୍କର ସମ୍ମୁଖୀନ ହୋଇ ନ ପାରିଥିବ, ସେପର୍ଯ୍ୟନ୍ତ ତୁମ ଆତ୍ମାର ଶକ୍ତି ତୁମଠାରୁ ସର୍ବଦାହିଁ ଲୁକ୍କାୟିତ ହୋଇ ରହିଥିବ ।**

ଯଦି ଆମେ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହେବାଲାଗି ଇଚ୍ଛା କରୁଥିବା, ତେବେ ଥରେ ଏବଂ ଶେଷଥର ପାଇଁ ଆମର ଯାବତୀୟ ଦୋଷ ଓ ଦୁର୍ବଳତାରୁ ମୁକ୍ତ ହୋଇ ବାହାରି ଆସି ପାରିଲେ ତାହା ସତରେ ଏକ ଉତ୍ତମ କଥା ହେବ ନାହିଁ କି ?

୧୬ ମଇ, ୧୯୭୦

**୫୧୯. ଶୁମ୍ଭ ପ୍ରଥମେ କାଳୀଙ୍କୁ ହୃଦୟ ଏବଂ ଶରୀର ଦେଇ ଭଲ ପାଇଥିଲା; ତା'ପରେ ତାଙ୍କ ଉପରେ କୁପିତ ହୋଇ ଉଠିଲା ଓ ତାଙ୍କ ସହିତ ଯୁଦ୍ଧ କଲା; ତା'ପରେ ତାଙ୍କୁ କବଳକୁ ଆଣିଲା, ତାଙ୍କର କେଶ ଧରି ତାଙ୍କୁ ଶୂନ୍ୟରେ ନିଜ ଚାରିପାଖରେ ତିନିଥର ବୁଲାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କରି ଦ୍ୱାରା ହତ ହେଲା । ଏଗୁଡ଼ିକ ହେଉଛି ଅମରତ୍ୱ ଲାଭ କରିବା ସକାଶେ ପିଶାଚର ଚାରୋଟି ପାଦ, ଏବଂ ସେହି ସବୁଗୁଡ଼ିକ ମଧ୍ୟରେ ସର୍ବଶେଷ ପାଦଟି ହେଉଛି ଦୀର୍ଘତମ ଓ ସବୁଠାରୁ ଅଧିକ ଶକ୍ତିଶାଳୀ ।**

*''ଅମରତ୍ୱ ଲାଭ କରିବା ସକାଶେ ପିଶାଚର ଚାରିଗୋଟି ପାଦ''— କଥାଟିକୁ ମୁଁ ବୁଝିପାରିଲି ନାହିଁ ।*

ଜଣେ ବ୍ୟକ୍ତିର ସ୍ୱଭାବ ଯାହା ହୋଇଥାଉ ପଛେକେ, ଶେଷରେ, ଯେକୌଣସି ପ୍ରକାରେ ହେଉ, ସିଏ ତାଙ୍କ ସହିତ ଯୁଦ୍ଧ କରୁଥାଉ ଅଥବା ତାଙ୍କୁ ଭଲ ପାଉଥାଉ, ସର୍ବଶେଷରେ ସିଏ ଦିବ୍ୟ ପରମସତ୍ତାଙ୍କ ପାଖକୁ ଆସିବହିଁ ଆସିବ ।

୧୭ ମଇ, ୧୯୭୦

**୫୨୦. ଭୟଙ୍କର ଶକ୍ତି ଏବଂ କୋପଯୁକ୍ତ ପ୍ରେମ ରୂପେ ଉଦ୍‌ଘାଟିତ କୃଷ୍ଣଙ୍କର ରୂପ ହେଉଛି କାଳୀ । ଶରୀର, ପ୍ରାଣ ତଥା ମନ ଭିତରେ ରହିଥିବା**

**ଆତ୍ମସତ୍ତାକୁ ସେ ଆପଣାର ଭୟଙ୍କର ଆଘାତଗୁଡ଼ିକ ଦ୍ୱାରା ସଂହାର କରନ୍ତି, ଯେପରିକି ତାହା ବିମୋଚନ ଲାଭ କରି ଶାଶ୍ୱତ ଚିନ୍ମୟତାରେ ପରିଣତ ହୋଇପାରିବ ।**

ଆମେ ଯେତେବେଳେ ଏହି କ୍ଷୁଦ୍ର ''ଅହଂ''ଟି ଅନ୍ତର୍ହିତ ହୋଇ ଯାଉଥିବାର ଏବଂ ବିଶ୍ୱବୋଧର ଯଥାର୍ଥ ସାମର୍ଥ୍ୟ ଲାଭ କରିଥିବା ଏକ ଆଲୋକମୟ ସ୍ଫୁଲିଙ୍ଗ ଲାଗି ବାଟ ଛାଡ଼ି ଦେଉଥିବାର ଦେଖିଲେ, ଆମେ କ'ଣ ପ୍ରକୃତରେ କୌଣସି ଅଭିଯୋଗ କରିବା ?

୨୧ ମଇ, ୧୯୭୦

**୫୨୧. ଗଭୀର ଅର୍ଥ ରହିଥିବା ସେହି ସେମିଟିକ୍ ନୀତିକଥାଟି ଅନୁସାରେ, ଆମର ପୂର୍ବପୁରୁଷମାନଙ୍କର ପତନ ହେଲା, କାରଣ ସେମାନେ ଭଲ-ମନ୍ଦ ଗଛର ଫଳଟିକୁ ଯାଇ ଚାଖିଥିଲେ । ଯଦି ସେମାନେ ତତ୍କ୍ଷଣାତ୍ ଶାଶ୍ୱତ ଜୀବନର ବୃକ୍ଷରୁ ମଧ୍ୟ ଫଳ ଆଣି ଚାଖିଥାନ୍ତେ, ତେବେ ସେମାନଙ୍କୁ କୌଣସି ତାତ୍କାଳିକ ପରିଣାମ ଭୋଗ କରିବାକୁ ପଡ଼ି ନ ଥାନ୍ତା । ମାତ୍ର ସେପରି ହୋଇଥିଲେ ମନୁଷ୍ୟଜାତି ମଧ୍ୟରେ ନିହିତ ହୋଇ ରହିଥିବା ପରମେଶ୍ୱରଙ୍କର ଉଦ୍ଦେଶ୍ୟଟି ପ୍ରତିହତ ହୋଇ ଯାଇଥାନ୍ତା । ତାଙ୍କର କୋପ ଚିରକାଳ ଲାଗି ଆମର ଏକ ଅନୁକୂଳତା ହୋଇ ରହିଲା ।**

ଆମମାନଙ୍କର ସୀମିତ ଦୃଷ୍ଟି ଆମକୁ କିପରି ଦିବ୍ୟ ପରମସତ୍ତାଙ୍କର ଯଥାର୍ଥ ପ୍ରଜ୍ଞାକୁ ବୁଝିବାରୁ ବଞ୍ଚିତ କରି ରଖିଥାଏ, ଶ୍ରୀଅରବିନ୍ଦ ଆମକୁ ସେହି କଥା ବୁଝାଇଦେବା ପାଇଁ ଚେଷ୍ଟା କରୁଛନ୍ତି ।

୨୨ ମଇ, ୧୯୭୦

**୫୨୨. ଯଦି ନର୍କ ପ୍ରକୃତରେ ସମ୍ଭବ ହେଉଥାନ୍ତା, ତେବେ ତାହାହିଁ ସର୍ବୋଚ୍ଚ ସ୍ୱର୍ଗ ଲାଗି ସବୁଠାରୁ କମ୍ ବାଟ ହୋଇ ରହିଥାନ୍ତା । କାରଣ, ପରମପ୍ରଭୁ ପ୍ରକୃତରେ ଭଲହିଁ ପାଆନ୍ତି ।**

**୫୨୩. ଭଗବାନ ଆମକୁ ପ୍ରତ୍ୟେକ ଇଡେନ୍‌ରୁ ତଡ଼ି ବାହାର କରି ଦେଉଥା'ନ୍ତି ଯେପରିକି ଏକ ଦିବ୍ୟତର ସ୍ୱର୍ଗଲୋକରେ ପହଞ୍ଚିବା ଲାଗି ଆମେ**

**ମରୁଭୂମିର ପଥ ଅତିକ୍ରମ କରିବାକୁ ବାଧ୍ୟ ହେଉଥିବା । ସେହି ଶୁଷ୍କ ଏବଂ ଭୟଙ୍କର ପଥ-ଅତିକ୍ରାନ୍ତି କାହିଁକି ଆବଶ୍ୟକ ହେଉଛି ବୋଲି ଭାବି ଯଦି ତୁମେ ଆଶ୍ଚର୍ଯ୍ୟ ହେଉଥିବ, ତେବେ ତୁମର ମନହିଁ ତୁମକୁ ସେହି ନିର୍ବୋଧତା ମଧ୍ୟରେ ପକାଇ ରଖିଛି ବୋଲି କହିବାକୁ ହେବ । ତୁମେ ପଶ୍ଚାତରେ ରହିଥିବା ତୁମର ଆତ୍ମାକୁ ଏବଂ ତାହାର କ୍ଷୀଣ ବାସନା ତଥା ଗୁହ୍ୟ ଉଲ୍ଲାସଗୁଡ଼ିକ ବିଷୟରେ ଆଦୌ କୌଣସି ସନ୍ଧାନ ପାଇ ନାହଁ ବୋଲି କହିବାକୁ ହେବ ।**

ଯେତେବେଳେ ଦୁଃଖଭୋଗ ସହିତ ଆମର ଆଉ କୌଣସି ଆତ୍ମୀୟତା ନ ରହିବ ଏବଂ ଆମେ ଏହା ସହିତ ରହିଥିବା ଆମର ଯାବତୀୟ ଆସକ୍ତିରୁ ଆରୋଗ୍ୟ ଲାଭ କରିପାରିବା, ସେତେବେଳେ ଆମକୁ ଏହାହିଁ ଆବିଷ୍କାର କରିବାରେ ଦିବ୍ୟ ପରମସତ୍ତା ଆମକୁ ଅବଶ୍ୟ ସାହାଯ୍ୟ କରିବେ ଯେ, ସେହି ଦୁଃଖ ମଧ୍ୟରେହିଁ ସର୍ବୋଚ୍ଚ ଆନନ୍ଦ ପ୍ରଚ୍ଛନ୍ନ ହୋଇ ରହିଛି ।

୨୩ ମଇ, ୧୯୭୦

**୫୨୪. ଏକ ସୁସ୍ଥ ମନ ଦୁଃଖ ଭୋଗକୁ ଘୃଣା କରେ; କାରଣ, ଲୋକମାନଙ୍କର ମନରେ ଅନେକ ସମୟରେ ଦୁଃଖ ପାଇବାର ଯେଉଁ ବାସନାଟି ସଂଚିତ ହୋଇ ରହିଥାଏ ତାହା ହେଉଛି ଏକ ବ୍ୟାଧିତ ଏବଂ ପ୍ରକୃତିବିରୁଦ୍ଧ ବାସନା । ମାତ୍ର ଆତ୍ମା ମନ ଓ ତା'ର କଷ୍ଟଭୋଗ ଲାଗି ଆଦୌ କୌଣସି ଭୃକ୍ଷେପ କରେ ନାହିଁ; ଲୁହା-କାରଖାନାରେ ମାଲିକ ଚୁଲିରେ ଆଉଟା ହେଉଥିବା ଅଶୋଧିତ ଲୁହାଗୁଣ୍ଡର ଯନ୍ତ୍ରଣା ଲାଗି ଯେମିତି କୌଣସି ଭୃକ୍ଷେପ କରି ନ ଥାଏ । ତାହା ଆପଣାର ଯଥାର୍ଥ ପ୍ରୟୋଜନ ଏବଂ ଯଥାର୍ଥ କ୍ଷୁଧାଗୁଡ଼ିକର ଅନ୍ୱେଷଣ କରୁଥାଏ ।**

କେବଳ ସେହି ସର୍ବୋଚ୍ଚ ପରମପ୍ରଭୁହିଁ ପ୍ରକୃତ ପ୍ରଭୁ ହୋଇ ରହିବା ଉଚିତ, ଏବଂ ନିୟମତଃ ଚୈତ୍ୟ ସତ୍ତା କେବଳ ତାଙ୍କରି ବିଧାନଗୁଡ଼ିକୁହିଁ ପାଳନ କରିଥାଏ ।

୨୪ ମଇ, ୧୯୭୦

**୫୨୫. ଆଦୌ କୌଣସି ତାରତମ୍ୟ ନ ରଖି ସହାନୁଭୂତି ପ୍ରଦର୍ଶନ କରିବା ହେଉଛି ଆମ ସ୍ୱଭାବର ସବୁଠାରୁ ବଡ଼ ଓ ପ୍ରଶଂସନୀୟ ଗୁଣ;**

**ଗୋଟିଏ ପ୍ରାଣୀକୁ ମଧ୍ୟ ଏତେଟିକିଏ ହେଲେ ଆଘାତ ନ ପହଞ୍ଚାଇବା ହେଉଛି ମନୁଷ୍ୟର ଭଲଗୁଣଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ । ମାତ୍ର ପରମପ୍ରଭୁ ଏଥିମଧ୍ୟରୁ କୌଣସିଟିକୁହିଁ ମାନନ୍ତି ନାହିଁ । ତେଣୁ ମନୁଷ୍ୟଙ୍କୁ ଆମେ ସେ ପରମ ସର୍ବପ୍ରେମମୟଙ୍କଠାରୁ ଅଧିକ ଉଦାର ଓ ଅଧିକ ଭଲ ବୋଲି କହିବା କି ?**

**୫୨୬. ଜଣେ ମନୁଷ୍ୟର ଶରୀର ଅଥବା ମନକୁ କୌଣସି କଷ୍ଟଭୋଗରୁ ଉଦ୍ଧାର କରି ଆଣିବା ଦ୍ୱାରା ଯେ ସର୍ବଦା ତା'ର ଆତ୍ମା, ମନ କିଂବା ଶରୀର ଲାଗି ଆଦୌ ହିତକର ହୁଏ ନାହିଁ, ଏହି କଥାଟିକୁ ଜାଣିବା ହେଉଛି ମନୁଷ୍ୟସ୍ତରରେ ସହାନୁଭୂତିଶୀଳ ହୋଇ ରହିଥିବା ବ୍ୟକ୍ତିମାନଙ୍କ ଲାଗି ଏକ ଅତ୍ୟନ୍ତ କଟୁ ଅନୁଭୂତି ।**

ଦିବ୍ୟ ପରମଚେତନା ବିଷୟରେ ସଚେତନ ହେବାକୁହିଁ ମନୁଷ୍ୟର ଉପଲବ୍ଧି ଲାଗି ସର୍ବୋଚ୍ଚ ପରିପୂର୍ଣ୍ଣତା ରୂପେ ପ୍ରଦତ୍ତ କରାଯାଇଛି । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ସେହି ସବୁକିଛି ହେଉଛି କେବଳ ଅସାର କଥା । ୨୫ ମଇ, ୧୯୭୦

**୫୨୭. ମନୁଷ୍ୟ ଅନ୍ୟମାନଙ୍କ ପ୍ରତି ଯେଉଁ ଦୟାଭାବ ଦେଖାଇଥାଏ, ଅଜ୍ଞାନ ଏବଂ ଦୁର୍ବଳତାରୁ ତାହାର ଉଦ୍ଭବ ହୋଇଥାଏ । ତାହା ନାନା ସଂବେଗପ୍ରେରିତ ଧାରଣାର ଦାସ ହୋଇ ରହିଥାଏ । ଦିବ୍ୟ ସହାନୁଭବ ବୁଝିବାକୁ ଚେଷ୍ଟା କରେ, ବିବେକର ସହିତ ଦେଖେ ଏବଂ ପ୍ରତିକାର କରେ ।**

**୫୨୮. ଅନ୍ୟମାନଙ୍କ ପ୍ରତି ଦୟାଭାବ ରଖିବା ଅନେକ ସମୟରେ ଅନ୍ୟମାନଙ୍କୁ ଭଲ ପାଇବାର ଏକ ଉତ୍ତମ ସ୍ଥାନାପନ୍ନ ରୂପେ କାର୍ଯ୍ୟ କରେ । ମାତ୍ର, ତାହା ସର୍ବଦା ସେହିପରି କେବଳ ଏକ ସ୍ଥାନାପନ୍ନ ହୋଇହିଁ ରହିଥାଏ ।**

ଦିବ୍ୟ ଅଭିପ୍ରାୟକୁ ବୁଝିବା ଏବଂ ତାହାର ପରିପୂରଣ ଲାଗି କାର୍ଯ୍ୟ କରିବା,– ମନୁଷ୍ୟସମାଜକୁ ସାହାଯ୍ୟ କରିବା ନିମନ୍ତେ କ'ଣ ଏହାହିଁ ନିଶ୍ଚିତତମ ମାର୍ଗ ନୁହେଁ କି ?

୨୮ ମଇ, ୧୯୭୦

**୫୨୯.** **ଆପଣାକୁ ଦୟାର ଦୃଷ୍ଟିରେ ଦେଖିବାର ମନୋଭାବଟି ସର୍ବଦା ଏକ ସ୍ୱାର୍ଥପ୍ରଣୋଦିତ ଆତ୍ମପ୍ରୀତିରୁହିଁ ଜନ୍ମଲାଭ କରିଥାଏ । ମାତ୍ର, ଅନ୍ୟମାନଙ୍କ ପ୍ରତି ଯେଉଁ ଦୟାଭାବର ପ୍ରଦର୍ଶନ କରାଯାଏ, ଆପଣାର ବସ୍ତୁଟି ପ୍ରତି ରହିଥିବା ଏକ ପ୍ରେମଭାବରୁ କଦାପି ସର୍ବଦା ତାହାର ଉଦ୍ଭବ ହୋଇ ନ ଥାଏ । ବେଳେବେଳେ ଆମେ ତାହାଦ୍ୱାରା ସ୍ୱାର୍ଥପ୍ରଣୋଦିତ ଭାବରେ ଦୁଃଖକୁ ଦେଖିବାରୁ ଆପଣାକୁ ପ୍ରତ୍ୟାହୃତ କରି ରଖିବାର ଚେଷ୍ଟାହିଁ କରିଥାଉ । ବେଳେବେଳେ ତାହା ଦରିଦ୍ର ଓ ସମ୍ବଳହୀନ ଲାଗି ଧନୀବ୍ୟକ୍ତିର ଏକ ଅବମାନନାପୂର୍ଣ୍ଣ ଭିକ୍ଷାଦାନମାତ୍ର ହୋଇହିଁ ରହିଥାଏ । ମନୁଷ୍ୟସ୍ତରର ଏହି ଦୟାଭାବ ଅପେକ୍ଷା ତୁମେ ବରଂ ପରମେଶ୍ୱରଙ୍କର ଦିବ୍ୟ ସହାନୁଭବର ବିକାଶ କରାଇବାକୁ ପ୍ରୟାସ କରିବ ।**

**୫୩୦.** **ଯେଉଁ ଦୟାଭାବ ହୃଦୟକୁ ଯାଇ କାମୁଡ଼ି ପକାଏ ଏବଂ ଅନ୍ତର୍ଗତ ଜୀବନାଙ୍ଗଗୁଡ଼ିକୁ ଦୁର୍ବଳ କରିଦିଏ, ସେହି ଦୟାଭାବ ଆଦୌ ନୁହେଁ,– ମାତ୍ର ଏକ ଦିବ୍ୟ, ଅଧିକାରିତ୍ୱ-ବିଶିଷ୍ଟ ଏବଂ ଅନୁଦ୍‌ବିଗ୍ନ ସହାନୁଭବ ଏବଂ ସହାୟକତାଗୁଣଟିକୁହିଁ ଆମେ ପ୍ରୋତ୍ସାହନ ଦେବାକୁ ଚେଷ୍ଟା କରିବା ।**

ସର୍ବୋଚ୍ଚ ପରମସତ୍ତାଙ୍କ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ରହି ଜୀବନ ବଞ୍ଚିବାଠାରୁ ବୃହତ୍ତର କୌଣସି ଦୁର୍ଭାଗ୍ୟ ଅଛି କି ? ତଥାପି, ପ୍ରାୟ ସର୍ବବ୍ୟାପ୍ତ ହୋଇ ରହିଥିବା ଏହି ମନ୍ଦଟି କ୍ୱଚିତ୍ ଆମର ଦୟାଭାବକୁ ଉଦ୍ରେକ କରି ଆଣିଥାଏ । କାରଣ, ଏଇଟି ଦ୍ୱାରା ପୀଡ଼ିତ ହୋଇ ରହିଥିବା ଜଣେ ବ୍ୟକ୍ତି ଏହି କଥାଟିକୁ ମଧ୍ୟ ଜାଣିଥାଏ ଯେ ଏଥିରୁ ଆରୋଗ୍ୟଲାଭ କରିବାର ଉପାୟଟି ମଧ୍ୟ କେବଳ ତାହାରି ଉପରେହିଁ ନିର୍ଭର କରେ– କାରଣ, ପରମପ୍ରଭୁ ପ୍ରକୃତରେ ଅନନ୍ତ କରୁଣାର ଅଧିକାରୀ ହୋଇ ରହିଛନ୍ତି ।

୧ ଜୁନ୍, ୧୯୭୦

**୫୩୧.** **ମନୁଷ୍ୟକୁ ଭଲ ପାଅ ଓ ତାହାର ସେବକ ହୁଅ, ମାତ୍ର ସତର୍କ ହୋଇ ରହିଥାଅ, ଯେପରିକି ସେମାନଙ୍କର ପ୍ରଶଂସା ଲାଭ କରିବାକୁ ତୁମର କୌଣସି ଆକାଙ୍‌କ୍ଷା ନ ରହେ । ବରଂ, ଆପଣା ଭିତରେ ଅବସ୍ଥାନ କରୁଥିବା ପରମେଶ୍ୱରଙ୍କର ଆଜ୍ଞାକୁହିଁ ପାଳନ କର ।**

**୫୩୨. ପ୍ରଭୁ ଓ ତାଙ୍କର ବାର୍ତ୍ତାବହମାନଙ୍କର ମୁଖର କଥାକୁ କେବେହେଲେ ଶ୍ରବଣ କରି ନ ଥିବା,– ମାନସିକ ସୁସ୍ଥତା କହିଲେ ସଂସାର ଏହିପରି ଏକ ଧାରଣା ପୋଷଣ କରିଥାଏ ।**

**୫୩୩. ସର୍ବତ୍ର ପ୍ରଭୁଙ୍କରହିଁ ଦର୍ଶନ କର ଏବଂ ମୁଖାଗୁଡ଼ାକୁ ଦେଖି ଆଦୌ ଭୟ କର ନାହିଁ । ବିଶ୍ୱାସ ରଖିଥାଅ ଯେ, ଯାବତୀୟ ମିଥ୍ୟା ହେଉଛି ଗଢ଼ି ଉଠୁଥିବା ଏକ ସତ୍ୟ ଅଥବା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଥିବା ସତ୍ୟ; ଯାବତୀୟ ବିଫଳତା ହେଉଛି ଗୁପ୍ତ ହୋଇରହିଥିବା ଫଳଦାୟକତା, ଯାବତୀୟ ଦୁର୍ବଳତା ହେଉଛି, ସ୍ୱଦୃଷ୍ଟିରୁ ଆପଣାକୁ ଲୁକ୍କାୟିତ କରି ରଖିଥିବା ସବଳତା ଏବଂ, ଯାବତୀୟ ଦୁଃଖ ହେଉଛି ଗୁପ୍ତ ଏବଂ ପ୍ରବଳ ହୋଇ ରହିଥିବା ଏକ ଉଲ୍ଲାସ । ଯଦି ତୁମର ବିଶ୍ୱାସ ସୁଦୃଢ଼ ଏବଂ ଅନୁଶୋଚନାମୁକ୍ତ ହୋଇଥାଏ, ତେବେ ତୁମେ ଜଣେ ପରିଶେଷରେ ସେହି ପୂର୍ଣ୍ଣ-ସତ୍ୟମୟ, ସର୍ବଶକ୍ତିଶାଳୀ ଏବଂ ସର୍ବାନନ୍ଦଙ୍କୁ ଅବଶ୍ୟ ପ୍ରତ୍ୟକ୍ଷ ଏବଂ ଅନୁଭବ କରିପାରିବ ।**

ଉଦ୍ୟମ ଏବଂ ବିଶ୍ୱାସର କ୍ଷେତ୍ରରେ ଏକ ଅକ୍ଲାନ୍ତ ସାତତ୍ୟ ଦ୍ୱାରାହିଁ ଆମେ ସେହି ସାତତ୍ୟସ୍ୱରୂପ ଏବଂ ପୂର୍ଣ୍ଣ ନିଃଶ୍ରେୟସରୂପୀ ଦିବ୍ୟ ପରମ ଚେତନା ସହିତ ଆପଣାର ସମ୍ମେଳନ ଘଟାଇ ପାରିବା ।

୨ ଜୁନ୍, ୧୯୭୦

**୫୩୪. ମନୁଷ୍ୟସ୍ତରର ପ୍ରେମ ଆପଣାର ଆନନ୍ଦାତିରେକ ଦ୍ୱାରାହିଁ ବିଫଳ ହୋଇଯାଏ, ମନୁଷ୍ୟସ୍ତରର ବଳ ଆପଣାର ଉଦ୍ୟମପରତା ଦ୍ୱାରାହିଁ ନିଃଶେଷିତ ହୋଇଯାଏ, ମନୁଷ୍ୟସ୍ତରର ଜ୍ଞାନ ଏପରି ଏକ ଛାୟାପାତ ଘଟାଏ, ଯାହାକି ସତ୍ୟଗୋଲକର ଅର୍ଦ୍ଧାଂଶକୁ ଆପଣାର ସୂର୍ଯ୍ୟକିରଣ ପାଖରୁ ଲୁକ୍କାୟିତ କରି ରଖିଥାଏ । ମାତ୍ର, ଦିବ୍ୟ ଜ୍ଞାନ ବିପରୀତ ସତ୍ୟଗୁଡ଼ିକୁ ମଧ୍ୟ ଆପଣା ଭିତରେ ଅନ୍ତର୍ଗତ କରି ରଖିଥାଏ ଓ ସେଗୁଡ଼ିକୁ ଗୋଟିଏ ସମଗ୍ରତା ମଧ୍ୟରେ ସମ୍ମିଳିତ କରି ରଖେ, ଦିବ୍ୟ ବଳ ଆପଣାକୁ ଅମିତ ଭାବରେ ପ୍ରୟୋଜିତ କରିହିଁ ବୃଦ୍ଧିପାଏ, ଦିବ୍ୟ ପ୍ରେମ ଆପଣାକୁ ହୁଏତ ନିଃଶେଷିତ ଭାବରେ ବୁହାଇଦିଏ, ମାତ୍ର ତଥାପି ତାହା ନଷ୍ଟ ଅଥବା ହ୍ରାସ ହୋଇଯାଏ ନାହିଁ ।**

*ମାନୁଷିକ ପ୍ରେମ ଦିବ୍ୟପ୍ରେମରେ, ମାନୁଷିକ ସାମର୍ଥ୍ୟ ଦିବ୍ୟ ସାମର୍ଥ୍ୟରେ ଏବଂ ମାନୁଷିକଜ୍ଞାନ ଦିବ୍ୟଜ୍ଞାନରେ ପରିବର୍ତ୍ତିତ ହୋଇ ପାରିବ କି ?*

ପ୍ରେମ କେବଳ ଗୋଟିଏ ରହିଛି ।

ମନୁଷ୍ୟର ପ୍ରେମକୁ ଆମେ କେବଳ ଅଭିବ୍ୟକ୍ତିର ମାଧ୍ୟମଟି ଦ୍ୱାରା ବିକୃତ ଏବଂ ଭିନ୍ନରୂପ ହୋଇ ଯାଉଥିବା ଦିବ୍ୟ ପ୍ରେମ ବୋଲିହିଁ କହିବା । ବଳ ଓ ଜ୍ଞାନ ବେଳକୁ ମଧ୍ୟ ଠିକ୍ ସେହି କଥା । ଆପଣାର ଅସଲ ସାର ଓ ଅସଲ ମର୍ମରେ ସେଗୁଡ଼ିକ ଚିରନ୍ତନ ଏବଂ ସୀମାହୀନ ହୋଇ ରହିଥାନ୍ତି । ମନୁଷ୍ୟ-ପ୍ରକୃତିର ସୀମା ଏବଂ ଅଭାବଗୁଡ଼ିକହିଁ ସେଗୁଡ଼ିକୁ ବିକୃତ କରି ଦିଅନ୍ତି ଏବଂ ସେଗୁଡ଼ିକୁ ଏତେଦୂର ଅନ୍ୟପ୍ରକାର କରିଦିଅନ୍ତି ଯେ ତା'ପରେ ସେଗୁଡ଼ିକୁ ଆଦୌ ଚିହ୍ନି ହୁଏ ନାହିଁ ।

୩ ଜୁନ୍, ୧୯୭୦

**୫୩୫. ସତ୍ୟର ଅନ୍ୱେଷଣ କରୁଥିବା ମନର ମିଥ୍ୟାବର୍ଜନହିଁ ମନ ଯଥାର୍ଥରେ ସେହି ଅବିଚଳ, ପୂର୍ଣ୍ଣ ଏବଂ ସମଗ୍ର ସତ୍ୟକୁ ଲାଭ କରି ନ ପାରିବାରେ ଏକ ପ୍ରଧାନ କାରଣ ରୂପେ କାର୍ଯ୍ୟ କରିଥାଏ । ଦିବ୍ୟ ମନ କଦାପି ମିଥ୍ୟାଠାରୁ ପଳାଇଯାଏ ନାହିଁ । ଏପରିକି ସବୁଠାରୁ ଅତିକାୟ ଏବଂ ସୁଦୂରସଂଚାରୀ ମିଥ୍ୟାର ମୁଖାତଳେ ଲୁଚି ରହିଥିବା ସତ୍ୟକୁ ମଧ୍ୟ ତାହା ଅଧିକାର କରିବାକୁ ଅଗ୍ରସର ହେଉଥାଏ ।**

*''ଦିବ୍ୟ ମନ'' କହିଲେ କ'ଣ ବୁଝାଏ ?*

ଦିବ୍ୟ ମନ କହିଲେ ଶ୍ରୀଅରବିନ୍ଦ ମାନସିକ କ୍ରିୟାତ୍ମକତାର ଏପରି ଏକ ଭୂମିକୁ ବୁଝାଉଛନ୍ତି, ଯାହାକି ସମଗ୍ର ଏବଂ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପିତ ହୋଇ ରହିଥାଏ ଏବଂ କେବଳ ଦିବ୍ୟ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ସବୁକିଛି କରୁଥାଏ ।

ଯେତେବେଳେ ଜଣେ ମନୁଷ୍ୟ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପରିଚାଳିତ ହୁଏ ଓ କେବଳ ତାଙ୍କରି ପାଇଁ ଜୀବନ ବଞ୍ଚେ, ସେତେବେଳେ ତା'ର ମନ ମଧ୍ୟ ଅବଶ୍ୟମ୍ଭାବୀ ଭାବରେ ଏକ ଦିବ୍ୟ ମନରେ ପରିଣତ ହୁଏ ।

୪ ଜୁନ୍, ୧୯୭୦

**୫୩୬.** **ଯେକୌଣସି ବସ୍ତୁର ସମଗ୍ର ସତ୍ୟ ହେଉଛି ଏକ ସଂପୂର୍ଣ୍ଣ ଏବଂ ସର୍ବାନ୍ତର୍ଗତକାରୀ ଗୋଲକ, ଯାହାକି ସର୍ବଦା ଜ୍ଞାନରୂପୀ ଈଶ୍ୱରଙ୍କର ସେହି ଏକ ଏବଂ ଅଦ୍ୱିତୀୟ ଆଶୟ ଏବଂ ବସ୍ତୁର ଚାରିପାଖରେ ଘୂରିବାରେ ଲାଗିଛି, ମାତ୍ର ତାହାକୁ ମୋଟେ ସ୍ପର୍ଶ କରି ପାରୁ ନାହିଁ ।**

**୫୩୭.** **ଏପରି ଅନେକ ଗଭୀର ସତ୍ୟ ରହିଛି, ଯାହାକୁ କି ଜଣେ ଅନଭିଜ୍ଞ ଶରନିକ୍ଷେପକାରୀ ହାତରେ ରହିଥିବା ବିପଜ୍ଜନକ ନାନା ଅସ୍ତ୍ର ସହିତ ତୁଳନା କରାଯାଇ ପାରିବ । ଯଦି ଯଥାର୍ଥ ଭାବରେ ସେଗୁଡ଼ିକର ବ୍ୟବହାର କରାଯାଏ, ତେବେ ସେଗୁଡ଼ିକ ପରମେଶ୍ୱରଙ୍କର ଅସ୍ତ୍ରାଗାରରେ ରହିଥିବା ସବୁଠାରୁ ଅଧିକ ମୂଲ୍ୟବାନ୍ ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ରରୂପେ କାମ ଦେଇ ପାରିବେ ।**

ଯଥାର୍ଥ ଜ୍ଞାନର ଗୋଟିଏ ବିନ୍ଦୁ ମଧ୍ୟ ଅଜ୍ଞାନର ଜଗତ ମଧ୍ୟକୁ ନିକ୍ଷିପ୍ତ ହୋଇପାରିଲେ ଏକ ବିପ୍ଳବ ଘଟାଇଦେଇ ପାରିବ ।

୫ ଜୁନ୍, ୧୯୭୦

**୫୩୮.** **ଯେଉଁ ଅନମନୀୟ ଦୁରାଗ୍ରହିତା ସହିତ ଆମ ବିଶ୍ୱଗତ ଜୀବନର ଅଖଣ୍ଡ ଆନନ୍ଦ ଆମକୁ ସତତ ଆହ୍ୱାନ ଜଣାଇବାରେ ଲାଗିଥିଲେ ମଧ୍ୟ ଆମେ ନିଜର କ୍ଷୁଦ୍ର, ଖଣ୍ଡିତ, ତମସାଦ୍ୱାରା ଅବରୁଦ୍ଧ ଏବଂ ଦୁଃଖାକୁଳ ବ୍ୟକ୍ତି-ଅସ୍ତିତ୍ୱଟିକୁ ଜାବୁଡ଼ିଧରି ରହିଥାଉ, ତାହାକୁ ପରମେଶ୍ୱରଙ୍କର ନାନା ରହସ୍ୟ ମଧ୍ୟରେ ଏକ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ରହସ୍ୟ ବୋଲି କୁହାଯିବ । ଯେଉଁ ଅନ୍ତହୀନ ଅନ୍ଧତା ସହିତ ଆମେ ଏହି ସମଗ୍ର ପୃଥିବୀ ଉପରେ ଆମ ଅହଂର ଛାୟାଟାକୁ ମଡ଼ାଇକରି ରଖିଥାଉ ଏବଂ ତାହାକୁହିଁ ବିଶ୍ୱମୟ ସତ୍ତା ବୋଲି କହୁଥାଉ, ଏହାକୁ କେବଳ ତାହାରି ସମକକ୍ଷ ବୋଲି କୁହାଯାଇ ପାରିବ । ଏହି ଦୁଇଟିଯାକ ଅନ୍ଧକାରକୁହିଁ ଯଥାର୍ଥରେ ମାୟାର ଅନ୍ତର୍ମର୍ମ ଏବଂ ଶକ୍ତି ବୋଲି କୁହାଯିବ ।**

ଆମ ଅହଂର ଏହି ଅଜ୍ଞାନ ଏବଂ ମୂର୍ଖତା ଦ୍ୱାରା କ୍ଳାନ୍ତ ହୋଇ ଆମେ ଯେପର୍ଯ୍ୟନ୍ତ

ପରମପ୍ରଭୁଙ୍କର ଚରଣରେ ଆପଣାକୁ ନେଇ ଅବସ୍ଥାପିତ କରି ନ ଦେଇଥିବା ଏବଂ ତାହାଙ୍କୁହିଁ ଆମର ଏକମାତ୍ର ଅନୁମନ୍ତା ହେବାଲାଗି ପ୍ରାର୍ଥନା କରି ନ ଥିବା, ସେପର୍ଯ୍ୟନ୍ତ ଏହି ଦୁର୍ଦ୍ଦଶାଟି ଅବଶ୍ୟ ରହିଥିବ ।

୬ ଜୁନ୍, ୧୯୭୦

**୫୩୯. ନାସ୍ତିକତା ହେଉଛି ସର୍ବୋଚ୍ଚ ଈଶ୍ୱରପ୍ରତ୍ୟକ୍ଷର ଛାୟା ଅର୍ଥାତ୍ ଅନ୍ଧକାରପାର୍ଶ୍ୱ । ପରମେଶ୍ୱରଙ୍କ ସମ୍ବନ୍ଧରେ ଆମେ ଯାହାକିଛି ସୂତ୍ର ବାହାର କରୁଥାଉ ପଛକେ, ତାହା ଏକ ପ୍ରତୀକ ହିସାବରେ ସର୍ବଦା ସତ୍ୟ ହୋଇଥିଲେ ମଧ୍ୟ, ଆମେ ଯେତେବେଳେ ତାହାକୁ ଏକ ସ୍ୱୟଂସଂପୂର୍ଣ୍ଣ ସୂତ୍ରରୂପେ ଗ୍ରହଣ କରିନେଉ, ସେତେବେଳେ ତାହା ମିଥ୍ୟାରେହିଁ ପରିଣତ ହୋଇଯାଏ । ନାସ୍ତିକ ଏବଂ ଅଜ୍ଞେୟବାଦୀ ଆମକୁ ଆମର ସେହି ଭୁଲଟି ବିଷୟରେ ସ୍ମରଣ କରାଇ ଦେବାଲାଗି ଆବିର୍ଭୂତ ହୁଅନ୍ତି ।**

**୫୪୦. ପରମେଶ୍ୱରଙ୍କର ନକାରାତ୍ମକତାଗୁଡ଼ିକ ତାଙ୍କର ସକାରାତ୍ମକତାଗୁଡ଼ିକ ପରି ଆମଲାଗି ସମାନ ଭାବରେ ଉପଯୋଗୀ । ମନୁଷ୍ୟଜ୍ଞାନ ଯେପରି ଆହୁରି ଅଧିକ ଭଲ ଭାବରେ ସଂପୂର୍ଣ୍ଣତା ହାସଲ କରିପାରିବ, ସେଥିଲାଗି ସ୍ୱୟଂ ପରମେଶ୍ୱରହିଁ ନାସ୍ତିକର ରୂପ ଧରି ଆପଣାର ଅସ୍ତିତ୍ୱକୁ ଅସ୍ୱୀକାର କରିବାଲାଗି ଆସିଥାନ୍ତି । ଯିଶୁଖ୍ରୀଷ୍ଟ ଏବଂ ରାମକୃଷ୍ଣଙ୍କ ମଧ୍ୟରେ ପରମେଶ୍ୱରଙ୍କୁ ପ୍ରତ୍ୟକ୍ଷ କରି ତାଙ୍କର ବାଣୀ ଶୁଣିବା,– କେବଳ ଏତିକି ଯଥେଷ୍ଟ ନୁହେଁ, ଆମେ ତାଙ୍କୁ ହକ୍ସ୍‌ଲେ ଏବଂ ହେକେଲ୍‌ଙ୍କ ମଧ୍ୟରେ ବି ଦେଖିବାକୁ ସମର୍ଥ ହେବା ଓ ତାଙ୍କର ବାଣୀକୁ ଶୁଣିପାରିବା ।**

ଦିବ୍ୟ ପରମସତ୍ତାଙ୍କୁ ଜାଣିବାଲାଗି ଯେତେ ମାନସିକ ମାର୍ଗ ରହିଛି, ସେ ସବୁଗୁଡ଼ିକ ଅପୂର୍ଣ୍ଣ, ଆମେ ସେ ସବୁଗୁଡ଼ିକୁ ସ୍ୱୀକାର କରୁଥିଲେ ମଧ୍ୟ ଅପୂର୍ଣ୍ଣ । ଯେଉଁ ଜ୍ଞାନକୁ ଆମେ ନିଜ ଜୀବନରେ ବଞ୍ଚି ପାରିବା, କେବଳ ତାହାହିଁ ଆମକୁ ସତ୍ୟର ଦର୍ଶନ କରାଇପାରିବ ।

୭ ଜୁନ୍, ୧୯୭୦

**୫୪୧. ଆପଣା ମୃତ୍ୟୁ ଓ ଆପଣା ଉତ୍‌ପୀଡ଼ନର ମୂହୂର୍ତ୍ତରେ ମଧ୍ୟ ତୁମେ ନିଜ ଉତ୍‌ପୀଡ଼ନକାରୀ ଏବଂ ସଂହାରକାରୀ ଭିତରେ ପରମେଶ୍ୱରଙ୍କୁ ଦେଖି ପାରିବ କି ? ଯାହାକୁ ତୁମେ ସଂହାର କରୁଛ, ତା'ଭିତରେ ମଧ୍ୟ ପରମେଶ୍ୱରଙ୍କୁ ଦେଖି ପାରିବ କି ? ସଂହାର କରୁଥିବା ସମୟରେ ମଧ୍ୟ ତା'ଭିତରେ ପରମେଶ୍ୱରଙ୍କୁ ଦେଖି ପାରିବ କି ଓ ଭଲ ପାଇ ପାରିବ କି ? ତାହାହିଁ ତୁମକୁ ସର୍ବୋଚ୍ଚ ଜ୍ଞାନର ଅଧିକାରୀ କରାଇବ । ଯିଏ କେବେହେଲେ କାଳୀଙ୍କର ପୂଜା କରି ନାହିଁ, ସିଏ କୃଷ୍ଣଙ୍କୁ ପାଇପାରିବ କିପରି ?**

ସବୁକିଛି ହେଉଛି କେବଳ ସେହି ଦିବ୍ୟ ପରମସତ୍ତା । କେବଳ ସେହି ଦିବ୍ୟ ପରମସତ୍ତାହିଁ ଅବସ୍ଥିତ ରହିଛନ୍ତି ।

୮ ଜୁନ୍, ୧୯୭୦